# ଚିନ୍ତାନାୟକ ମାନସିଂହ

ଡକ୍ଟର ଶ୍ରୀଚରଣ ମହାନ୍ତି

ପ୍ରଗତି ଉତ୍କଳ ସଂଘ, ରାଉରକେଲା

# ଚିନ୍ତାନାୟକ ମାନସିଂହ

ଡକ୍ଟର ଶ୍ରୀଚରଣ ମହାନ୍ତି

ପ୍ରଗତି ଉତ୍କଳ ସଂଘ

ରାଉରକେଲା

ଚିନ୍ତାନାୟକ ମାନସିଂହ

ଲେଖକ : ଡକ୍ଟର ଶ୍ରୀଚରଣ ମହାନ୍ତି
ଓଡ଼ିଆ ବିଭାଗ
ସରକାରୀ ସାନ୍ଧ୍ୟ ମହାବିଦ୍ୟାଳୟ, ରାଉରକେଲା-୭୬୯୦୦୨

ପ୍ରକାଶକ : ପ୍ରଗତି ଉତ୍କଳ ସଂଘ
ବି-ନଅ, ଫକୀରମୋହନ ନଗର
ସେକ୍ଟର- ୭, ରାଉରକେଲା -୭୬୯୦୦୩

ମୁଦ୍ରଣ: ଜଗନ୍ନାଥ ଲାମିନେଟର୍ ଆଣ୍ଡ ଅଫ୍‌ସେଟ୍ ପ୍ରିଣ୍ଟର
ଜଗନ୍ନାଥ ଲେନ, ବାଦାମବାଡ଼ି, କଟକ - ୭୫୩୦୧୨

ପରିବେଶକ : ଜଗନ୍ନାଥ ରଥ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ, କଟକ -୭୫୩୦୦୨

ମୂଲ୍ୟ : ଏକଶହ ଟଙ୍କା ମାତ୍ର

CHINTANAYAK MANSHINGH

Writer : **DR. SRICHARANA MOHANTY**
Sr. Lecturer in Oriya
Govt. Evening College, Rourkela - 769002

Publisher : **PRAGATI UTKAL SANGH**
B-9, Fakiramohan Nagar
Sector -7. Rourkela - 769003.

Printed at : **Jagannath Laminator & offset printer**
Jagannath Lane, Badamabadi, Cuttack-753012

Distributor : **Jagannath Rath**
Publishers and Book Sellers.
Binod Bihari; Cuttack -753002

Price : Rs 100/-

## ଉତ୍ସର୍ଗ

ଶ୍ରୀ ଉମାଚରଣ ମହାନ୍ତି

ଡାକ୍ତର ଅଲେଖଚନ୍ଦ୍ର ମହାନ୍ତି

ଓ

ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ

କରକମଳରେ

ଶ୍ରୀଚରଣ

# କୃତଜ୍ଞତା ଜ୍ଞାପନ

କବି ତଥା ପ୍ରାବନ୍ଧିକ ଡକ୍ଟର ମାୟାଧର ମାନସିଂହଙ୍କ ପ୍ରତି ମୋର ଶ୍ରଦ୍ଧା ତଥା ଆକର୍ଷଣ ବହୁ ଦିନର। ବିଶ୍ୱଭାରତୀ, ଶାନ୍ତିନିକେତନ ଓଡ଼ିଆ ବିଭାଗର ଉପାଧ୍ୟୁୟର ଶ୍ରେଣୀରେ ଛାତ୍ର ଥିବାବେଳେ ମୁଁ ଡକ୍ଟର ସୂର୍ଯ୍ୟକାନ୍ତ ଦାସଙ୍କ ଦ୍ୱାରା ଆୟୋଜିତ 'ମାୟାଧର ମାନସିଂହ ସ୍ମାରକୀ ପ୍ରବନ୍ଧ ପ୍ରତିଯୋଗିତା'ରେ ଅଂଶ ଗ୍ରହଣ କରିଥିଲି ଓ ତିନିଥର ପୁରସ୍କୃତ ହୋଇଥିଲି। ପୂର୍ବରୁ ମାନସିଂହଙ୍କ ପ୍ରତି ଥିବା ଶ୍ରଦ୍ଧା, ତାଙ୍କ ସାହିତ୍ୟର ଅଧ୍ୟୟନ ପାଇଁ ମୋତେ ଅନୁପ୍ରେରିତ କରିଥିଲା ଓ ଯାହାର ପରିଣାମ ହୋଇଥିଲା, ମୋର ପୂର୍ବରୁ ପ୍ରକାଶିତ 'ମାନସିଂହ ମାନସ' ଗ୍ରନ୍ଥ।

ଦୀର୍ଘ ବାଇଶ ବର୍ଷ ଧରି ମାନସିଂହ ସାହିତ୍ୟ ଚର୍ଚ୍ଚାରେ ମୁଁ ପ୍ରବୃତ୍ତ। ମାନସିଂହ ସାହିତ୍ୟଲୋକର ବିଭିନ୍ନ ପରିସର ଏବେ ମଧ୍ୟ ଅନୁଦ୍‌ଘାଟିତ। ମାନସିଂହଙ୍କ ବିପୁଳ ଅକ୍ଷରକୀର୍ତ୍ତି ମଧ୍ୟରୁ ତାଙ୍କର କାବ୍ୟକବିତା ଅଧିକ ଭାବରେ ପାଠକ, ଆଲୋଚକ ତଥା ଗବେଷକମାନଙ୍କର ଦୃଷ୍ଟି ଆକର୍ଷଣ କରିଛି। ଗଦ୍ୟଶିଳ୍ପୀ ମାନସିଂହଙ୍କ ସଂପର୍କରେ ଯାହାକିଛି ଆଲୋଚନା ହୋଇଛି, ତାହା ମାନସିଂହଙ୍କ ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ନୁହେଁ। କବି ମାନସିଂହ ବରେଣ୍ୟ ସତ, କିନ୍ତୁ ତାଙ୍କ ଠାରୁ ଅଧିକ ଉଜ୍ଜ୍ୱଳ ମନୀଷାର ଅଧିକାରୀ ଚିନ୍ତାନାୟକ ମାନସିଂହ। ତେଣୁ ମୋର ପିଏଚ୍.ଡ଼ି. ସଂଦର୍ଭ ମାନସିଂହଙ୍କୁ ଜଣେ ଚିନ୍ତାନାୟକ ଭାବରେ ଗ୍ରହଣ କରି ପ୍ରସ୍ତୁତ କରିଥିଲି। ଏହି ପିଏଚ୍.ଡି. ପରୀକ୍ଷା ସଂଦର୍ଭର ନାମ 'ମାନସିଂହଙ୍କ ବିଚାରଧାରା' ଥିଲା। ବର୍ତ୍ତମାନର ପୁସ୍ତକରେ ସେହି ଶୀର୍ଷକର ସାମାନ୍ୟ ପରିବର୍ତ୍ତନ କରାଯାଇ ଚିନ୍ତାନାୟକ ମାନସିଂହ ରଖାଯାଇଛି।

ଗବେଷଣା ଏକ ପବିତ୍ର ସାଧନା। ଏଥିରେ ସିଦ୍ଧିଲାଭ କରିବାକୁ ହେଲେ ଅବଧୂତଙ୍କ ଭଳି ବହୁ ଗୁରୁଙ୍କର ସାହାଯ୍ୟ ନେବାକୁ ପଡ଼େ ଓ ବିଭିନ୍ନ ତୀର୍ଥରେ ବୁଡ଼ ପକାଇବାକୁ ହୁଏ। ଏହି ଦୀର୍ଘ ଦିନ ଭିତରେ ଯାହାଙ୍କର ନିରବଚ୍ଛିନ୍ନ ଶ୍ରଦ୍ଧା, ଉପଦେଶ, ପରାମର୍ଶ ତଥା ନିର୍ଦ୍ଦେଶ ମୋତେ ବାଟ କଢ଼େଇ ଆଣିଛି, ସେ ହେଲେ ମୋର ଗୁରୁଦେବ ପ୍ରଫେସର ଡକ୍ଟର ନିତ୍ୟାନନ୍ଦ ଶତପଥୀ। ତାଙ୍କର ନିର୍ଦ୍ଦେଶ ଅନୁସାରେ ମାନସିଂହଙ୍କୁ ଚିହ୍ନିବା ଓ ଜାଣିବା ପାଇଁ ତାଙ୍କର ଜନ୍ମସ୍ଥଳୀ ଓ କର୍ମସ୍ଥଳୀ ମୁଁ ପରିଭ୍ରମଣ କରିଛି ତଥା ତାଙ୍କର ସହପାଠୀ, ବନ୍ଧୁ, ସମ୍ପର୍କୀୟ ତଥା ଛାତ୍ରମାନଙ୍କ ଠାରୁ ଅକୁଣ୍ଠ ସହଯୋଗ ବି ପାଇଛି। ବିଶେଷତଃ କବିପତ୍ନୀ ଶ୍ରୀମତୀ ହେମଲତା ମାନସିଂହଙ୍କର ସାହାଯ୍ୟ ଗଭୀର କୃତଜ୍ଞତା ସହ ମୁଁ ସ୍ମରଣ କରୁଛି।

ଚିନ୍ତାନାୟକ ମାନସିଂହ

ଲେଖକ : ଡକ୍ଟର ଶ୍ରୀଚରଣ ମହାନ୍ତି
ଓଡ଼ିଆ ବିଭାଗ
ସରକାରୀ ସାନ୍ଧ୍ୟ ମହାବିଦ୍ୟାଳୟ, ରାଉରକେଲା-୭୬୯୦୦୨

ପ୍ରକାଶକ : ପ୍ରଗତି ଉତ୍କଳ ସଂଘ
ବି-ନଅ, ଫକୀରମୋହନ ନଗର
ସେକ୍ଟର- ୭, ରାଉରକେଲା -୭୬୯୦୦୩

ମୁଦ୍ରଣ: ଜଗନ୍ନାଥ ଲାମିନେଟର୍ ଆଣ୍ଡ ଅଫ୍‌ସେଟ୍ ପ୍ରିଣ୍ଟର
ଜଗନ୍ନାଥ ଲେନ, ବାଦାମବାଡ଼ି, କଟକ - ୭୫୩୦୧୨

ପରିବେଷକ : ଜଗନ୍ନାଥ ରଥ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ, କଟକ -୭୫୩୦୦୨

ମୂଲ୍ୟ : ଏକଶହ ଟଙ୍କା ମାତ୍ର

CHINTANAYAK MANSHINGH

Writer : **DR. SRICHARANA MOHANTY**
Sr. Lecturer in Oriya
Govt. Evening College, Rourkela - 769002

Publisher : **PRAGATI UTKAL SANGH**
B-9, Fakiramohan Nagar
Sector -7. Rourkela - 769003.

Printed at : **Jagannath Laminator & offset printer**
Jagannath Lane, Badamabadi, Cuttack-753012

Distributor : **Jagannath Rath**
Publishers and Book Sellers.
Binod Bihari; Cuttack -753002

Price : Rs 100/-

ଓଡ଼ିଶାର ପ୍ରତିଷ୍ଠିତ କବି ଓ ସମାଲୋଚିକା ଡକ୍ଟର ପ୍ରତିଭା ଶତପଥୀ ବିଭିନ୍ନ ସମୟରେ ଆନୁଷଙ୍ଗିକ ସୂଚନା ଦେଇ ମୋତେ ଅନୁଗୃହୀତ କରିଛନ୍ତି। ମୋର ଗୁରୁ ପ୍ରଫେସର ଡକ୍ଟର କୃଷ୍ଣଚରଣ ସାହୁ, ସ୍ୱର୍ଗତ ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶ, ସ୍ୱର୍ଗତ ଡାକ୍ତର ରାମଚନ୍ଦ୍ର ମିଶ୍ର (ଫତୁରାନନ୍ଦ), ସ୍ୱର୍ଗତ ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ସ୍ୱର୍ଗତ ଚକ୍ରଧର ମହାପାତ୍ର, ପ୍ରଫେସର ଡକ୍ଟର ଖଗେଶ୍ୱର ମହାପାତ୍ର, ପ୍ରଫେସର ଡକ୍ଟର ସୂର୍ଯ୍ୟକାନ୍ତ ଦାସ, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, କଥାଶିଳ୍ପୀ ମହାପାତ୍ର ନୀଳମଣି ସାହୁ, ଶ୍ରୀ ଚିତ୍ତରଂଜନ ଦାସ, କବି ଡକ୍ଟର ବିନୋଦ ଚନ୍ଦ୍ର ନାୟକ, ଶ୍ରୀ ରଜନୀକାନ୍ତ ଦାସ, ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି, ଡକ୍ଟର କୃଷ୍ଣଚରଣ ବେହେରା, ସ୍ୱର୍ଗତ ଡକ୍ଟର କ୍ଷେତ୍ରବାସୀ ନାୟକ, ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ, ଡକ୍ଟର ଗୌରାଙ୍ଗଚରଣ ଦାଶ, ଡକ୍ଟର କିଶୋରଚନ୍ଦ୍ର ମିଶ୍ର ପ୍ରମୁଖଙ୍କ ସାନିଧ୍ୟ ଓ ସମୟୋଚିତ ତଥ୍ୟ ପ୍ରଦାନ ଫଳରେ ମୁଁ ଉପକୃତ ହୋଇଛି।

ପୁନଶ୍ଚ ଡଃ କୁମରବର ଦାସ, ସ୍ୱର୍ଗତ ଡଃ ଶରତଚନ୍ଦ୍ର ନାୟକ, ଡଃ କୁଳମଣି ପରିଡ଼ା, ଡଃ ଜୟନ୍ତକୁମାର ପରିଡ଼ା, ଅଧ୍ୟାପକ ବିଜୟ କୁମାର ଚୌଧୁରୀ, ଶ୍ରୀ ଗଦାଧର ପୃଷ୍ଟି, ଏଡ୍‌ଭୋକେଟ ସଦାନନ୍ଦ ସାମନ୍ତସିଂହାର (ପୁରୀ), ବିଜୟ କୁମାର ହରିଚନ୍ଦନ (ନନ୍ଦଳା) ମୋତେ ବିଭିନ୍ନ ସମୟରେ ତଥ୍ୟ ସଂଗ୍ରହରେ ସହାୟତା କରିଥିବାରୁ ମୁଁ ଏହି ଅବସରରେ ସ୍ମରଣ କରୁଅଛି।

ବିଭିନ୍ନ ପାଠାଗାର ଓ ତାର କର୍ମକର୍ତ୍ତାଙ୍କୁ ଏହି ଅବସରରେ ମୁଁ କୃତଜ୍ଞତା ଜଣାଉଛି। ବିଶ୍ୱଭାରତୀ ଶାନ୍ତିନିକେତନର କେନ୍ଦ୍ରୀୟ ପାଠାଗାର ତଥା ଓଡ଼ିଆ ବିଭାଗ ପାଠାଗାର, କଲିକତାର ନ୍ୟାସନାଲ ଲାଇବ୍ରେରୀ, କେନ୍ଦ୍ରାପଡ଼ା କଲେଜ ପାଠାଗାର, କରିଲୋପାଟଣା ଦୀନବନ୍ଧୁ ପାଠାଗାର, କୁଜଙ୍ଗ ବନବିହାରୀ ହାଇସ୍କୁଲ ପାଠାଗାର, ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାର, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଶା ରାଜ୍ୟ ପାଠାଗାର, ପଞ୍ଚାୟତ କଲେଜ, ବରଗଡ଼ ପାଠାଗାର, ରାଉରକେଲା ସରକାରୀ କଲେଜ ପାଠାଗାର, ଗଂଗାଧର ମେହେର କଲେଜ, ସମ୍ବଲପୁର ପାଠାଗାର, ଯଦୁମଣି ସାହିତ୍ୟ ସଂସଦର ବାଣୀନିଧି ପାଠାଗାର (ଉଦୟପୁର) ଓ ରାଉରକେଲାର ପ୍ରଗତି ଉତ୍କଳ ସଂଘ ପାଠାଗାରରୁ ନିବନ୍ଧର ଉପାଦାନ ସଂଗୃହୀତ। କଟକ ଝୋରିଆ ସାହିର ମାନସିଂହ ପରିବାରର ବ୍ୟକ୍ତିଗତ ସଂଗ୍ରହ ମୋ ନିବନ୍ଧରେ ପ୍ରାଥମିକ ଉପାଦାନର ଉସ। ମୁଁ ଏହି ଅବସରରେ ଶ୍ରୀମତୀ ମାନସିଂହଙ୍କୁ ମୋର ଶ୍ରଦ୍ଧା ନିବେଦନ କରୁଅଛି।

ନିବନ୍ଧରେ ବ୍ୟବହୃତ ଉପାଦାନକୁ ଯଥାସମ୍ଭବ ପ୍ରାମାଣିକ କରିବା ପାଇଁ ଗୋଟିଏ ପ୍ରଶ୍ନନାମା ପ୍ରସ୍ତୁତ କରି ମୁଁ ଓଡ଼ିଶାର ଦୁଇଶହ ବ୍ୟକ୍ତିଙ୍କ ପାଖକୁ ସେମାନଙ୍କ ମତାମତ ଓ ମାନସିଂହଙ୍କ ସଂପର୍କୀୟ ଅଭିଜ୍ଞତା ଜଣାଇବା ପାଇଁ ଅନୁରୋଧ କରିଥିଲି। ସେମାନଙ୍କ ମଧ୍ୟରୁ ୪୧ ଜଣ ମୋ ପ୍ରଶ୍ନନାମାର ଉତ୍ତର ଦେଇ ମୋତେ ଅନୁଗୃହୀତ କରିଛନ୍ତି ଓ ଏହି ନିବନ୍ଧ ପାଇଁ ତଥ୍ୟ ଯୋଗାଇଛନ୍ତି। ମୁଁ ସେମାନଙ୍କ ନିକଟରେ କୃତଜ୍ଞତା ପାଶରେ ଆବଦ୍ଧ।

ବିଶ୍ୱଭାରତୀ ଅଧ୍ୟୟନ କାଳରେ ମୋର ପୂଜ୍ୟ ଅଧ୍ୟାପକବର୍ଗ ଡକ୍ଟର ନରେନ୍ଦ୍ରନାଥ ମିଶ୍ର, ଡକ୍ଟର ଗଗନେନ୍ଦ୍ରନାଥ ଦାଶ, ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ, ଡକ୍ଟର ଶ୍ୟାମସୁନ୍ଦର ମହାପାତ୍ର ଓ ମୋର ସହପାଠୀମାନେ କେବଳ ତୁଚ୍ଛା ଉତ୍ସାହ ଦେଇ ନଥିଲେ, ସେମାନଙ୍କ ପାଖରେ ବସି ମୁଁ ମାନସିଂହ ସାହିତ୍ୟର ଚର୍ଚ୍ଚା ଆରମ୍ଭ କରିଥିଲି। ସେମାନଙ୍କୁ ଏହି ଅବସରରେ ମୋର କୃତଜ୍ଞତା ଜ୍ଞାପନ ନକଲେ ମୁଁ ନିଜପ୍ରତି ନିଜେ ଅନ୍ୟାୟ କରିବସିବି। ରାଉରକେଲା ସରକାରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ଦାସଙ୍କ ପ୍ରେରଣା ଏ ସନ୍ଦର୍ଭ ସହିତ ଏହାର ପରବର୍ତ୍ତୀ କାର୍ଯ୍ୟପାଇଁ ଉତ୍ସାହିତ କରିଥିଲା।

ଶାନ୍ତିନିକେତନରେ ମୋର ଅଧ୍ୟାପକ ତଥା ବର୍ତ୍ତମାନର ବନ୍ଧୁ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ଏହି ପୁସ୍ତକ ପ୍ରସ୍ତୁତିରେ ଅକୁଣ୍ଠ ସାହାଯ୍ୟ, ପରାମର୍ଶ ପ୍ରଦାନ କରି ନିବନ୍ଧ ପରିସମାପ୍ତିରେ ତାଙ୍କର ମୂଲ୍ୟବାନ ସମୟ ବିନିଯୋଗ କରିଥିବାରୁ ମୁଁ ଗଭୀର କୃତଜ୍ଞତା ଜଣାଉଛି।

ମୋର ଛାତ୍ର ଅଧ୍ୟାପକ ସତ୍ୟ ଷଡ଼ଙ୍ଗୀ, ଅଧ୍ୟାପକ ସଞ୍ଜୟ କୁମାର ହାତୀ ଓ ଅଧ୍ୟାପକ ଅନନ୍ତ କିଶୋର ଜେନା ମୋତେ ବିଭିନ୍ନ ପ୍ରକାର ସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ମୋର ବଡ଼ଭାଇ ଶ୍ରୀ ମନମୋହନ ମହାନ୍ତି, ଶ୍ରୀ ନିତ୍ୟାନନ୍ଦ ମହାନ୍ତି ଓ ଶ୍ରୀ ହିରଣ୍ୟ ଚରଣ ମହାନ୍ତି ନିବନ୍ଧ ପ୍ରସ୍ତୁତି ପାଇଁ ପ୍ରେରଣା ପ୍ରଦାନ କରିଥିବାରୁ ମୁଁ ସେମାନଙ୍କୁ ପ୍ରଣାମ ଜଣାଉଛି ଓ ସାନଭାଇ ଶ୍ରୀମାନ୍ କ୍ଷୀରୋଦ ପ୍ରସାଦ ମହାନ୍ତି ଅନେକ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି।

୧୯୮୮ ମସିହାରେ ଏ ଚର୍ଚ୍ଚା ନିବନ୍ଧ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପିଏଚ୍.ଡ଼ି. ପାଇଁ ଅନୁମୋଦିତ ହୋଇ ଥିଲା। ମୋର ନିବନ୍ଧର ପରୀକ୍ଷକ ସ୍ୱର୍ଗତ ଡଃ ଦେବେନ୍ଦ୍ର ମହାନ୍ତି ପ୍ରଫେସର ଡଃ ଦାଶରଥି ଦାସ ମୋତେ ନାନାପ୍ରକାର ଉତ୍ସାହ ଦେଇଥିଲେ, ସେହି ଉତ୍ସାହରୁ ମୁଁ ଏହାର ଦ୍ୱିତୀୟ ଭାଗ ମଧ୍ୟ ପ୍ରସ୍ତୁତ କରିପାରିଛି। ଏ ଅବସରରେ ମୁଁ ସେମାନଙ୍କୁ ସଭକ୍ତି ନମସ୍କାର ଜଣାଉଛି।

ମୋର ଅନୁରୋଧ ରକ୍ଷାକରି ମୋର ଗୁରୁଦେବ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଏହାର ମୁଖବନ୍ଧ ଲେଖିଥିବାରୁ ମୁଁ ପ୍ରଣାମ ଜଣାଉଛି।

ବିଭିନ୍ନ କାରଣରୁ ଏ ପୁସ୍ତକ ଆଠବର୍ଷ ପରେ ପ୍ରକାଶିତ ହେବାକୁ ଯାଉଛି। ରାଉରକେଲା ପ୍ରଗତି ଉତ୍କଳ ସଂଘର ସଭ୍ୟସଭ୍ୟା, କର୍ମକର୍ତ୍ତାମାନେ ଓ ଏହି ସଂସ୍ଥାର ପ୍ରକାଶନ ବିଭାଗ ଚେଷ୍ଟା ନ କରିଥିଲେ, ଉତ୍ସାହ ଦେଖାଇ ନଥିଲେ ଏହାର ପ୍ରକାଶନ ଆହୁରି ବିଳମ୍ବିତ ହୋଇଥାନ୍ତା। ପୂର୍ବରୁ ଏହି ସଂସ୍ଥା ଆଠ ଖଣ୍ଡ ମୂଲ୍ୟବାନ ପୁସ୍ତକ ପ୍ରକାଶ କରିଅଛି। ପ୍ରଗତି ଉତ୍କଳ ସଂଘ ପ୍ରକାଶିତ ପୁସ୍ତକର ବିକ୍ରିଲବ୍ଧ ମୂଲ୍ୟ ପରବର୍ତ୍ତୀ

ପ୍ରକାଶନ କାର୍ଯ୍ୟରେ ହିଁ ବିନିଯୋଗ କରାଯାଏ। ଏହି ମହତ ଉଦ୍ଦେଶ୍ୟରେ ଯେଉଁମାନେ ପ୍ରକାଶନ କାର୍ଯ୍ୟ କରୁଛନ୍ତି, ସେହି ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଉଛି।

ମୋର ସ୍ତ୍ରୀ ଶ୍ରୀମତୀ ନମିତା ମହାନ୍ତି ଓ ଝିଅ କୁମାରୀକା, ଗଂଗୋତ୍ରୀ ମୋ ପାଣ୍ଡୁଲିପି ସବୁର ପ୍ରଥମ ପାଠକ ଓ ପ୍ରେରଣାଦାତ୍ରୀ। ସେମାନଙ୍କୁ କି ଧନ୍ୟବାଦ ଦେବି ?

ଏ ପୁସ୍ତକକୁ ରୁଚିବନ୍ତ କରାଇବାର ଦାୟିତ୍ୱ ନେଇଛନ୍ତି ଜଗନ୍ନାଥ ଲାମିନେଟର୍ ଓ ଅଫ୍‌ସେଟ୍ ପ୍ରିଣ୍ଟରର କର୍ମଚାରୀ ଓ ପରିଚାଳକ ଡକ୍ଟର ଗିରୀଶଚନ୍ଦ୍ର ମିଶ୍ର ତଥା ଶ୍ରୀମତୀ ଦୀପ୍ତିପ୍ରଭା ମିଶ୍ର। ସମସ୍ତଙ୍କୁ ଆନ୍ତରିକ ଶ୍ରଦ୍ଧା ଓ କୃତଜ୍ଞତା ଜଣାଉଛି।

ମାନସିଂହଙ୍କ ସଂପର୍କରେ ଏହା ମୋର ଦ୍ୱିତୀୟ ପୁସ୍ତକ। ପାଠକ ପାଠିକାଙ୍କର ଶ୍ରଦ୍ଧା ଲାଭ କଲେ ମାନସିଂହଙ୍କ ସଂପର୍କରେ ଲେଖିଥିବା ପରବର୍ତ୍ତୀ ପୁସ୍ତକ ଆଲୋକକୁ ଆସି ପାରିବ। ଏଥିରେ ଯଦି କିଛି ତଥ୍ୟଗତ ତ୍ରୁଟି ଅଥବା ମୁଦ୍ରଣ ପ୍ରମାଦ ରହିଯାଇଥାଏ ସହୃଦୟ ପାଠକ ମୋତେ ଅବଗତ କରାଇଲେ ମୁଁ ଶ୍ରଦ୍ଧାର ସହିତ ଗ୍ରହଣ କରିବି।

ଡକ୍ଟର ଶ୍ରୀଚରଣ ମହାନ୍ତି

ଉତ୍କଳ ଦିବସ - ୧୯୯୬
ରାଉରକେଲା

# ମୁଖବନ୍ଧ

ଅତି ଆନନ୍ଦର କଥା ଯେ ଏଇ କେତେବର୍ଷ ଭିତରେ ସ୍ୱର୍ଗତ କବି ମାନସିଂହଙ୍କ ବିଷୟରେ କେତେକ ତଥ୍ୟମୂଳକ ଚିନ୍ତାପ୍ରସୂତ ପୁସ୍ତକ ପ୍ରକାଶ ପାଇଛି। ସେ ସବୁ ମଧ୍ୟରେ 'ମାନସିଂହ ପରିକ୍ରମା', 'ମାନସିଂହ ସ୍ମରଣିକା', 'ମାନସିଂହ ମାନସ', 'ମାନସିଂହ ସୃଷ୍ଟି ସମୀକ୍ଷା', ନିଶ୍ଚିତ ଉଲ୍ଲେଖଯୋଗ୍ୟ। ତଥାପି ମାନସିଂହଙ୍କ ସଂପର୍କୀୟ ଗବେଷଣା, ଅନୁସଂଧାନ ଓ ଆକଳନ ଶେଷ ହୋଇନାହିଁ। ତା' ହୋଇଥିଲେ ନିଜେ ଶ୍ରୀଚରଣବାବୁ 'ମାନସିଂହ ମାନସ' ଲେଖିସାରି ପୁଣି 'ମାନସିଂହଙ୍କ ବିଚାରଧାରା' ଉପରେ ପିଏଚ୍.ଡ଼ି. ନିବନ୍ଧ ପ୍ରସ୍ତୁତ କରି ନଥା'ନ୍ତେ। ତେବେ ଅତି ତାତ୍ପର୍ଯ୍ୟର କଥା ଯେଉଁ ମାନସିଂହ ଜୀବଦ୍ଦଶାରେ ସମ୍ମାନିତ ହୋଇ ନଥିଲେ ଆଜି ତାଙ୍କ ଲେଖାଦ୍ୱାରା ଅଧିକରୁ ଅଧିକ ଛାତ୍ର-ଗବେଷକ-ଅଧ୍ୟାପକ-ସମାଲୋଚକ ପ୍ରଭାବିତ ହେଉଛନ୍ତି। କବିତାରେ ଏକ ଶାଶ୍ୱତ ଚେତନା 'ପ୍ରେମ'ର ବାଧାହୀନ ଅନୁବର୍ତ୍ତନ ଓ ଅକପଟ ଅଭିବ୍ୟକ୍ତି ପାଇଁ ମାନସିଂହ ଓଡ଼ିଆ ସାହିତ୍ୟରେ ଦେଦୀପ୍ୟମାନ ହୋଇ ରହିବେ। ପ୍ରେମ ଚେତନାରେ ପରଂପରାକୁ ଅନୁସରଣ କରିଥିଲେ ମଧ୍ୟ ସେ ପରଂପରାକୁ ଅତିକ୍ରମ କରି ପ୍ରେମର ଆସକ୍ତ ଓ ଉଲ୍ଲସିତ, ମାନବିକ ତଥା ମନୋଜ୍ଞ ଚିତ୍ର ପ୍ରଦାନ କରିଛନ୍ତି। ମାନସିଂହ ଏବେବି ତାଙ୍କ ପରବର୍ତ୍ତୀ କୌଣସି କବିଙ୍କ ଦ୍ୱାରା ଅନ୍ତତଃ ପ୍ରେମର ଚିତ୍ର ଦେବାରେ ଅତିକ୍ରାନ୍ତ ହୋଇ ନାହାନ୍ତି। କିନ୍ତୁ କବିତା ରାଜ୍ୟରୁ ପ୍ରବନ୍ଧ, ସମାଲୋଚନା, ଆତ୍ମଜୀବନୀ 'ଶିକ୍ଷାବିତ୍‌ର ଗାଥା' ଆଦି ତାଙ୍କ ରଚିତ ବିସ୍ତୃତ ଗଦ୍ୟରାଜ୍ୟକୁ ଦୃଷ୍ଟିଦେଲେ ଆମେ ଯେଉଁ ବିବିଧତାର ସମ୍ମୋହନରେ ବିସ୍ମିତ ହୋଇଥାଉ ତାହାହିଁ ମାନସିଂହ ଚିନ୍ତା-ମାନସର ବୈଚିତ୍ର୍ୟ। ଶ୍ରୀଚରଣ ଏଇ ପୁସ୍ତକରେ ସେଇ ବୈଚିତ୍ର୍ୟକୁ ଖୋଜିବାକୁ ଚେଷ୍ଟା କରିଛନ୍ତି। ମନେହୁଏ, ତଥାପି ମଧ୍ୟ ତାଙ୍କ ଚିନ୍ତାମାନସର କେନ୍ଦ୍ର ବିନ୍ଦୁରେ ପହଞ୍ଚି ହୋଇନାହିଁ। ମାନସିଂହଙ୍କ ହୃଦୟଥିଲା ବୈଷ୍ଣବ ବିରହ କାରୁଣ୍ୟରେ ଅଶ୍ରୁଳ, ମସ୍ତିଷ ଥିଲା ସବୁବେଳେ ବୌଦ୍ଧିକ ପ୍ରଜ୍ଞାରେ ଯୁକ୍ତିପ୍ରବଣ। ତାଙ୍କ ବ୍ୟକ୍ତିତ୍ୱରେ ବୌଦ୍ଧଧର୍ମର ନିରୀଶ୍ୱର ଭାବନା ଓ ଖ୍ରୀଷ୍ଟିୟାନ୍ ଧର୍ମର ମାନବତାବୋଧ ମିଶି ରହିଥିଲା। କାବ୍ୟ ଚେତନାରେ ସେ ଥିଲେ ରୋମାଣ୍ଟିକ୍ ଭାବ-ଶୈଳୀର ଅଭ୍ୟୁତ୍ଥାନପନ୍ଥୀ ଓ ଗଦ୍ୟରେ ଆଧୁନିକ ପାଶ୍ଚାତ୍ୟ ବିଶ୍ଳେଷଣ-ତତ୍ପର ବୁଦ୍ଧିବାଦର ପ୍ରବର୍ତ୍ତକ। ତେଣୁ ମାନସିଂହଙ୍କ ଗଦ୍ୟ ସୃଷ୍ଟି ଥିଲା ବିଚାରାତ୍ମକ, ପ୍ରୟୋଗାତ୍ମକ, ନିର୍ଦ୍ଦେଶାତ୍ମକ, ବ୍ୟଙ୍ଗାତ୍ମକ ଓ ବିଦ୍ରୂପାତ୍ମକ। ମାନସିଂହ ତାଙ୍କ ରାଶି ରାଶି ରଚନାରେ

କଳା, ସାହିତ୍ୟ, ଧର୍ମ, ଦର୍ଶନ, ମୂର୍ତ୍ତିପୂଜା, ସଂସ୍କାର, ସଂସ୍କୃତି, ପରଂପରା ପୁଣି ବିଶ୍ୱମାନବତା ବିଷୟରେ ନାନାକଥା କହିଯାଇଛନ୍ତି। ବୋଧହୁଏ କାବ୍ୟ 'କମଳାୟନ' ହେବ ସେସବୁ ଚିନ୍ତା ଓ ଚେତନାର ସଚେତନ ଉଚ୍ଚାରଣ। ମାନସିଂହଙ୍କ କାବ୍ୟ ବ୍ୟକ୍ତିତ୍ୱରେ ପ୍ରେମର ସମର୍ପଣ ଓ ଉଲ୍ଲାସ, କୃଷକର ସରଳତା, ନମନୀୟତା ଓ ସହନଶୀଳତା, ଶ୍ରମ ଓ ଅନାସକ୍ତି, ସୃଜନଶୀଳ ପବିତ୍ରତା, ବିଶ୍ୱାସ, ଆକ୍ଷେପହୀନ ସରଳତା ଓ ଅଶ୍ରୁସଜଳ ଦୀନତା ଲକ୍ଷ୍ୟ କରିହେବ। ପୁନଶ୍ଚ ତାଙ୍କ ଗଦ୍ୟ ବ୍ୟକ୍ତିତ୍ୱଟି ଖଣ୍ଡାଏତର ତରବାରୀ ପରି ଶାଣିତ, ଅନମନୀୟ, ଉଦ୍ୟତମୁଖୀ, ଯୁକ୍ତିପ୍ରବଣ, ବ୍ୟଙ୍ଗ ଓ ବିଦ୍ରୂପାତ୍ମକ, ଅହଂକାରୀ ଓ ଅଭିଜାତ— ବେଳେବେଳେ ଏକଧାର, ଏକପାଖିଆ। ତାଙ୍କର ସାମାଜିକ ବ୍ୟକ୍ତିତ୍ୱ ଥିଲା ଅଜ୍ଞାନତା ବିରୋଧୀ, ସଂସ୍କାର ପ୍ରୟାସୀ ଏକ ଅଧ୍ୟାପକର ଜୀବନ। ତହିଁରେ ମିଶିଯାଇଥିଲା ଧାର୍ମିକ ମତବାଦ ଓ ରାଜନୈତିକ ଆଦର୍ଶ। ସେ ଥିଲେ ଅପୌତ୍ତଳିକ ନିରୀଶ୍ୱରବାଦୀ ମାନବଧର୍ମୀ ଜିଜ୍ଞାସୁ, ନିରୀଶ୍ୱରବାଦୀ ବୌଦ୍ଧ ଓ ଅତିମାନବବାଦୀ ଜିଜ୍ଞାସୁ। ଗାନ୍ଧିବାଦ, ଆର୍ଥନୀତିକ ବୈଷମ୍ୟ ବିରୋଧୀ ବ୍ୟକ୍ତିବାଦୀ ଆଦର୍ଶ (ଯାହା କମ୍ୟୁନିଜମ୍ କିନ୍ତୁ ନୁହେଁ) ପ୍ରତି ତାଙ୍କର ଶ୍ରଦ୍ଧାଥିଲା ଅତୁଟ। ତାଙ୍କ ସଂପର୍କରେ ତାଙ୍କୁ ଭଲଭାବରେ ବୁଝିଥିବା ଜଣେ ସଶ୍ରଦ୍ଧ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ଆକଳନ ଅଭ୍ରାନ୍ତ ମନେହୁଏ—"ମାନସିଂହ ଥିଲେ ମଧୁବାବୁ ଓ ଉତ୍କଳମଣିଙ୍କ ମାର୍ଗରେ ଓଡ଼ିଶା, ରବୀନ୍ଦ୍ରନାଥ ଓ ଗାନ୍ଧିଙ୍କ ମାର୍ଗରେ ଭାରତୀୟ; ଟଲଷ୍ଟୟ, ରସେଲ ଓ ସୋରୋକିନ୍‌ଙ୍କ ମାର୍ଗରେ ଆନ୍ତର୍ଜାତୀୟ; ଅରବିନ୍ଦ, ବିବେକାନନ୍ଦ ଓ ଶ୍ରୀମାଙ୍କ ମାର୍ଗରେ ମହାଜାଗତିକ।" ତେଣୁ ଏପରି ଜଣେ ବ୍ୟକ୍ତିତ୍ୱ-ସଂପନ୍ନ ଲେଖକଙ୍କ ସଂପର୍କରେ ଯେ କୌଣସି ଆକଳନ ଯେ ତଥାପି ଅକୁଳାନ ହେବ—ଏଥିରେ ସନ୍ଦେହର ଅବକାଶ ନାହିଁ।

ତାଙ୍କ ସାହିତ୍ୟ ପ୍ରତି ଶ୍ରୀଚରଣ ତାଙ୍କ ଛାତ୍ରଜୀବନରୁ ହିଁ ସଶ୍ରଦ୍ଧ ଦୃଷ୍ଟିପାତ ଆରମ୍ଭ କରିଛନ୍ତି। ବିଶ୍ୱଭାରତୀ (ଶାନ୍ତିନିକେତନ) ଓଡ଼ିଆ ବିଭାଗର ଛାତ୍ରଭାବେ ସେ ମାନସିଂହଙ୍କ ସଂପର୍କରେ ପ୍ରବନ୍ଧ ଲେଖି ଏକାଧିକବାର ପୁରସ୍କୃତ ହୋଇଛନ୍ତି, କ୍ରମେ ସେ ମାନସିଂହଙ୍କ ସଂପର୍କରେ ଅଧିକ ଅନୁସନ୍ଧିତ୍ସୁ ହୋଇ ଶ୍ରୀମତୀ ହେମଲତା ମାନସିଂହଙ୍କ ସହିତ ଯୋଗାଯୋଗ ସ୍ଥାପନ କରିଛନ୍ତି। ମାନସିଂହଙ୍କ ସମସାମୟିକ ଓ ତାଙ୍କ ପରବର୍ତ୍ତୀ ବହୁ ଅନୁରାଗୀ ବ୍ୟକ୍ତିଙ୍କ ସହ ସଂପର୍କ ସ୍ଥାପନ କରି ସେମାନଙ୍କ ମତାମତ ସଂଗ୍ରହ କରିଛନ୍ତି। ମାନସିଂହଙ୍କ ଜନ୍ମଗ୍ରାମ ନନ୍ଦଳା (ଚିଲିକା ଭିତରେ) ଯାଇ ତାଙ୍କ କାବ୍ୟ କବିତାର ପରିବେଶ ଓ ଭିତ୍ତିଭୂମିକୁ ଅଶ୍ରୁସିକ୍ତ ଆଖିରେ ଅନୁଭବ କରିଛନ୍ତି। ମାନସିଂହଙ୍କ କର୍ମକ୍ଷେତ୍ରମାନଙ୍କରେ ପହଞ୍ଚି ସେଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ମୋଟ ଉପରେ ଏକାନ୍ତ ନିଷ୍ଠା ଓ ନୀରବତାରେ ସେ ଏହି ଗ୍ରନ୍ଥଟିକୁ ରଚନା କରିଛନ୍ତି।

ଏହି ପୁସ୍ତକଟିର ଅବୟବମାନଙ୍କରେ ଲେଖକ ମାନସିଂହଙ୍କ ଶିକ୍ଷା, ସାହିତ୍ୟ, ସମାଜସଂସ୍କାର, ଧର୍ମ ଓ ଭଗବାନଙ୍କ ସଂପର୍କୀୟ ବିଚାରବୋଧ, କଳା ସଂପର୍କୀୟ

ଅବଧାରଣା ସଂପର୍କରେ ବହୁପ୍ରମାଣିକ ଦୃଷ୍ଟାନ୍ତ ସହିତ ଆଲୋଚନା କରିଛନ୍ତି । ଶେଷକୁ ନିଜସ୍ୱ ମନ୍ତବ୍ୟ ଦେଇ ଲେଖକ କହିଛନ୍ତି ଯେ ମାନସିଂହ ଧର୍ମ ଓ ଶିକ୍ଷାକ୍ଷେତ୍ରରେ ସଂସ୍କାର ଓ ପରିବର୍ତ୍ତନ ପ୍ରୟାସୀ ଥିଲେ ମଧ୍ୟ ସଂସ୍କୃତି-ବିଚାରରେ ଥିଲେ ଏକାନ୍ତ ରକ୍ଷଣଶୀଳ । କିନ୍ତୁ ଭାରତୀୟ ସଭ୍ୟତାଠାରୁ ୟୁରୋପୀୟ ସଭ୍ୟତାକୁ ସେ ଅଧିକ ସମ୍ମାନ କେବେହେଲେ ଦେଇନାହାନ୍ତି ଯଦିଓ ଇଂରେଜୀ ଜାତିର କର୍ତ୍ତବ୍ୟନିଷ୍ଠା ଓ ସଂକଳ୍ପକୁ ଉଚ୍ଚ ପ୍ରଶଂସା କରିଛନ୍ତି । ତେଣୁ ତାଙ୍କୁ ରକ୍ଷଣଶୀଳ କାହିଁକି କୁହାଯିବ ? ତାଙ୍କ ପ୍ରାରମ୍ଭିକ ରଚନା 'ସାଧବଝିଅ' ମଧ୍ୟବର୍ତ୍ତୀ ରଚନା 'କୃଷ' ଓ ପରବର୍ତ୍ତୀ ରଚନା 'କମଳାୟନ' ଏଇ ତିନୋଟି ଗ୍ରନ୍ଥକୁ ସଚେତନାର ସହ ଅଧ୍ୟୟନ କଲେ ଜଣାଯିବ ଯେ ନିଜ ସଂସ୍କୃତିର ଭିତ୍ତିଭୂମିକୁ ସମ୍ମାନ ଦେଇ ଓଡ଼ିଆ କାବ୍ୟସାଧନାର ବିପୁଳ ଆଧାତ୍ମିକ ପରଂପରାକୁ ସ୍ୱୀକୃତିଦେଇ ଏକ ମହାଜାଗତିକ ଓ ମହାମାନବିକ ଚେତନାରେ ସେ ବିଶ୍ୱପରିବାରର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇଛନ୍ତି । ଏଠାରେ ଆଉ ନିଜଗ୍ରାମ, ଜାତି ବା ଧର୍ମର ମୋହ ନାହିଁ—ଅଛି ମଣିଷଜାତିର ଏକ ସାମଗ୍ରିକ ବିଚାରବୋଧ ଓ ମାନବିକ କରୁଣା ।

"ଦେଶଜାତି ଧର୍ମ ଡ଼େଇଁ ମାନବ ହୃଦୟ
ରଚିତ ନୁହେଁ କି ହେବା ତାହାରେ ସଦୟ ?
ଦେଶରୁ ମାନବ ବଡ଼; ମାନବର ଦୁଃଖ
ଡାକୁଛ ଆଶ୍ରୟ ପାଇଁ, ହୋଇ ଲକ୍ଷ ମୁଖ
ଦୁହେଁ ଚାଲ ସେବାକାର୍ଯ୍ୟେ ଦେବା ଯୋଗଦାନ
ଭୁଲିଯାଇ ଏ ମୁହୂର୍ତ୍ତେ ଦେଶର ସମ୍ମାନ ।"
(କମଳାୟନ)

ପୁଣି ସେଇ କାବ୍ୟରେ ଭାରତୀୟ ସଂସ୍କୃତିର ଓ ଜାତୀୟତାବୋଧର ଯେଉଁ ଉଚ୍ଛ୍ୱସିତ ଉଚ୍ଚାରଣ ରହିଛି ତାକୁ ଉଦ୍ଧାର କରି ଏ ମୁଖବନ୍ଧ ଶେଷ କରୁଛି

"ଯୁଗେ ଯୁଗେ ବିଶ୍ୱ ଆଗେ ବାଢ଼ିଛି ଭାରତ
ବିଶୁଦ୍ଧ ସତ୍ୟର ବାଣୀ, ପରମ ତତ୍ତ୍ୱର
ଦେଶକାଳ କ୍ଷୁଦ୍ର ସୀମାତୀତ ମନୁଷ୍ୟର
ଅନ୍ତର ଦୈବତ ତଥ୍ୟ । ସେ ସତ୍ୟ ଗ୍ରହଣେ
ଭାରତ କରିନି ପୁଣି ହେଳା କେଉଁକାଳେ

* * *

ସମଗ୍ର ଧରାର
ସଭ୍ୟତାର ଇତିହାସେ ଅଦ୍ୱିତୀୟ ପନ୍ଥୀ
ବୁଦ୍ଧ ଗାନ୍ଧି ଏ ଧରାର ପୁତ୍ର ସର୍ବଶ୍ରେଷ୍ଠ
ସକଳ ମୋହରେ ଭାଙ୍ଗି ପ୍ରଚାରିଲେ ବାଣୀ
ମୈତ୍ରୀ, ପ୍ରେମ, ଅହିଂସାର, ଜୀବେ ଓ ମାନବେ
* * *

କାହାରି ବାଣୀରେ ଏତେ ବିଦ୍ଧଚ ମଧୁର
ଫୁଟିନାହିଁ ଜୀବ ଅବା ମନୁଷ୍ୟ ମର୍ଯ୍ୟାଦା।''

ତେଣୁ ଭାରତୀୟ ସଂସ୍କୃତିର ସେ ବିରୋଧାଚରଣ କରିନାହାନ୍ତି ଯଦିଓ ହିନ୍ଦୁଧର୍ମର ସଂକୀର୍ଣ୍ଣତାକୁ ବେଳେବେଳେ ଉଖାରି ଦେଇଛନ୍ତି। ତାଙ୍କୁ ରକ୍ଷଣଶୀଳ ନ କହି ଅଭ୍ୟୁତ୍ଥାନପନ୍ଥୀ କୁହାଯିବା ଯଥାର୍ଥ ହେବ।

**ନିତ୍ୟାନନ୍ଦ ଶତପଥୀ**
ପ୍ରଫେସର, ସତ୍ୟବାଦୀ ଚେୟାର୍
ତା ୫।୩।୯୬

# ସୂଚୀପତ୍ର


୧. କୃତଜ୍ଞତା ଜ୍ଞାପନ — ଙ
୨. ମୁଖବନ୍ଧ: ଡଃ ନିତ୍ୟାନନ୍ଦ ଶତପଥୀ — ଚ
୩. ଉପୋଦ୍‌ଘାତ — ୧

**ପ୍ରଥମ ଭାଗ : ମାନସିଂହ ବିଚାରଧାରା ଆକଳନର ଉତ୍ସ**

୪. ପ୍ରଥମ ଅଧ୍ୟାୟ: — ୭
ଚିନ୍ତାନାୟକ ମାନସିଂହ: ଦେଶ, କାଳ ପାତ୍ର
୫. ଦ୍ୱିତୀୟ ଅଧ୍ୟାୟ: — ୧୯
ମାନସିଂହଙ୍କ ସୃଷ୍ଟିସମ୍ପଦ ଓ ସୃଷ୍ଟି-ବିଚାର-ବିମର୍ଶର ପୂର୍ବାଧ୍ୟାୟ
୬. ତୃତୀୟ ଅଧ୍ୟାୟ: — ୪୭
ଚିନ୍ତାନାୟକ ମାନସିଂହଙ୍କ ବିଚାରଧାରାର ପୃଷ୍ଠପୀଠିକା

**ଦ୍ୱିତୀୟ ଭାଗ : ମାନସିଂହଙ୍କ ବିଚାରରେ ସୃଷ୍ଟି ଓ ସତ୍ତା**

୭. ପ୍ରାକ୍ ସୂଚନା — ୬୯
୮. ଚତୁର୍ଥ ଅଧ୍ୟାୟ: ମଣିଷ — ୭୧
୯. ପଞ୍ଚମ ଅଧ୍ୟାୟ: ପ୍ରକୃତି — ୧୦୫
୧୦. ଷଷ୍ଠ ଅଧ୍ୟାୟ: ଭଗବାନ ଓ ଧର୍ମ — ୧୩୫

**ତୃତୀୟ ଭାଗ : ମାନସିଂହଙ୍କ ଦୃଷ୍ଟିରେ ମାନବୀୟ ସାଧନା**

୧୧. ସପ୍ତମ ଅଧ୍ୟାୟ: ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ — ୧୭୯
୧୨. ଅଷ୍ଟମ ଅଧ୍ୟାୟ: କଳା ଓ ସାହିତ୍ୟ — ୨୧୯
୧୩. ନବମ ଅଧ୍ୟାୟ: ସଂସ୍କୃତି — ୨୪୯
୧୪. ଉପସଂହାର — ୨୮୧
୧୫. ଉପାଦାନ-ପଞ୍ଜିକା — ୨୯୫

# ଚିନ୍ତାନାୟକ ମାନସିଂହ

# ଉପୋଦ୍‌ଘାତ

ଡକ୍ଟର ମାୟାଧର ମାନସିଂହ(୧୯୦୫-୧୯୭୩), ଓଡ଼ିଆ ସାହିତ୍ୟର ଇତିହାସରେ କବି, ନାଟ୍ୟକାର, ପ୍ରାବଂଧିକ ଓ ସମାଲୋଚକ ଭାବରେ ପ୍ରତିଷ୍ଠିତ। କିନ୍ତୁ ସାଧାରଣ ପାଠକଙ୍କ ହୃଦୟଭୂମିରେ କବି-ମାନସିଂହଙ୍କର ହିଁ ଅଧିଷ୍ଠାନ। ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମାନସିଂହଙ୍କର କିଛି, ସାଧାରଣ ପରିଚୟ ବି ରହିଛି। ତାଙ୍କ ପ୍ରତିଭାର ବହୁ ଖଣ୍ଡ ତା'ର ପ୍ରାସଂଗିକ ମୂଲ୍ୟ ନେଇ ଏବେ ମଧ୍ୟ ଅନୁଦ୍‌ଘାଟିତ। ଓଡ଼ିଆ ସାହିତ୍ୟର ବିଶ୍ଳେଷଣ ମୁଖ୍ୟତଃ ଐତିହାସିକ ପଦ୍ଧତିରେ କରାଯାଇଥିବାରୁ, ମାନସିଂହଙ୍କ ଭଳି ଏଇ ଶତାବ୍ଦୀର କବି ଓ ସାହିତ୍ୟିକମାନଙ୍କର ପରିପୂର୍ଣ୍ଣ ବିଶ୍ଳେଷଣ ସମ୍ଭବପର ହୋଇନାହିଁ। ଗତ ଦଶକରେ ତାଙ୍କ ସଂପର୍କରେ ଚାରୋଟି ଚର୍ଚ୍ଚା ନିବନ୍ଧ ବିଶ୍ୱବିଦ୍ୟାଳୟରେ ଉପସ୍ଥାପିତ ହୋଇଛି। ସେଗୁଡ଼ିକ ମୁଖ୍ୟତଃ ତାଙ୍କର କବିତା ତଥା ଅନ୍ୟାନ୍ୟ ସାହିତ୍ୟକୃତିର ଐତିହାସିକ ବିଶ୍ଳେଷଣ ଉପରେ ପର୍ଯ୍ୟବସିତ। ଚିନ୍ତାନାୟକ ମାନସିଂହ, ତାଙ୍କର ପୂର୍ଣ୍ଣାବୟବ ବୈଶିଷ୍ଟ୍ୟ ନେଇ ସାଧାରଣ ପାଠକତ ଦୂରର କଥା, ବୁଦ୍ଧିଜୀବୀମାନଙ୍କ ଆଗରେ ଛିଡ଼ାହୋଇ ପାରି ନାହାନ୍ତି। ସଂପୃକ୍ତ ଚର୍ଚ୍ଚା– ନିବନ୍ଧରେ ଚିନ୍ତାନାୟକ ମାନସିଂହଙ୍କୁ ପରିଚିତ କରାଇବାର ଏକ ବିନମ୍ର ଉଦ୍ୟମ କରାଯାଇଛି। ନିଜର ଲେଖକୀୟ ଜୀବନକାଳ ଭିତରେ ମାନସିଂହ ନିଜର ପ୍ରଜ୍ଞା ଓ ବିଚାରଧାରାର ଯେଉଁ ପ୍ରଜ୍ୱଳିତ ସ୍ୱାକ୍ଷର ଛାଡ଼ିଯାଇଛନ୍ତି, ତାହାକୁ ଗୋଟାଇ ଆଣି ନିଜସ୍ୱ ମହିମାରେ ତାଙ୍କୁ ଚିହ୍ନାଇବା ପାଇଁ ଚେଷ୍ଟା କରାଯାଇଛି।

ମାନସିଂହ ସାହିତ୍ୟ ସଂପର୍କରେ ମୌଳିକ ଓ ତଥ୍ୟନିଷ୍ଠ ଗବେଷଣା କରିବା ପାଇଁ ଏକ ପ୍ରଧାନ ପ୍ରତିବନ୍ଧକ ରହିଛି। ତାହା ହେଉଛି ତାଙ୍କ ରଚନାବଳୀର ଏକତ୍ର ସହାବସ୍ଥାନର ଅଭାବ। ତାଙ୍କ ଜୀବିତାବସ୍ଥାରେ ଗ୍ରନ୍ଥାବଳୀର ତିନୋଟି ଖଣ୍ଡ ପ୍ରକାଶ ପାଇଛି। କିନ୍ତୁ ସେ ତିନୋଟି ଖଣ୍ଡ ଭିତରେ ତାଙ୍କ ସାହିତ୍ୟକୃତିର ଗୋଟିଏ ଅଂଶର ହିଁ ପରିଚୟ ନିହିତ। ହୁଏତ ସେ ସବୁର ସାହାଯ୍ୟରେ ମାନସିଂହଙ୍କ କାବ୍ୟ ବା ନାଟକର ମୂଲ୍ୟାୟନ କରାଯାଇପାରେ, କିନ୍ତୁ ଚିନ୍ତାନାୟକ ମାନସିଂହଙ୍କୁ ଚିହ୍ନିବାକୁ ହେଲେ, ଗ୍ରନ୍ଥାବଳୀ ବାହାରେ ବିକ୍ଷିପ୍ତ ଆକାରରେ ଥିବା ମାନସିଂହଙ୍କର ବହୁ ପୁସ୍ତକ, କବିତା, ପ୍ରବଂଧ, ସଂପାଦକୀୟ, ମୁଖବନ୍ଧ, ଚିଠିପତ୍ର, ବିତର୍କ ଓ ଅନେକ ଅପ୍ରକାଶିତ ରଚନାର ସାହାଯ୍ୟ ନେବାକୁ ପଡ଼ିବ। ସେ ସମସ୍ତ ରଚନା ଭିତରେ ତାଙ୍କ ପ୍ରଜ୍ଞାବୋଧର ଯଥାର୍ଥ ଉତ୍ସ ଖୋଜା ଯାଇପାରେ। ଏଇ ସମସ୍ତ ରଚନାବଳୀକୁ ଯଥାସମ୍ଭବ ଅଧ୍ୟୟନ କରି ଚିନ୍ତାନାୟକ ମାନସିଂହଙ୍କ ସ୍ୱରୂପ ବିଶ୍ଳେଷଣ ଏହି ନିବନ୍ଧରେ କରାଯାଇଛି।

ମାନସିଂହ ମୁଖ୍ୟତଃ ଜଣେ ରୋମାଣ୍ଟିକ୍ କବି ଥିଲେ। କିନ୍ତୁ ତାଙ୍କର ସ୍ରଷ୍ଟା–ମାନସ ଏକ ଅମୁକ୍ତ (closed)ତଥା ସରଳ ମନ ନୁହେଁ। ଦୀର୍ଘ ଅର୍ଦ୍ଧ–ଶତାବ୍ଦୀ ଭିତରେ, ସେ ବହୁ ବାଦ, ପରିବେଶ ଓ ବ୍ୟକ୍ତିତ୍ୱର ସଂପର୍କରେ ଆସିଛନ୍ତି, ଯାହା ଫଳରେ ତାଙ୍କ ବ୍ୟକ୍ତିତ୍ୱ ପ୍ରଭାବିତ ହୋଇଛି। ସେସବୁ ତାଙ୍କ ଚେତନାକୁ ଆଲୋଡ଼ିତ କରିଛି ଓ ଚିନ୍ତାକୁ ନିୟନ୍ତିତ ମଧ୍ୟ କରିଛି। ସାଂପ୍ରତିକ କାଳର ଦର୍ପଣରେ ମାନସିଂହଙ୍କ ବ୍ୟକ୍ତିତ୍ୱକୁ ନ ଦେଖିଲେ, ବିଭିନ୍ନ କାଳପର୍ବରେ ସେ କିଭଳି ପ୍ରଭାବିତ ହୋଇଛନ୍ତି ତାହା ନ ଦେଖାଇଲେ, ଚିନ୍ତାନାୟକ ମାନସିଂହଙ୍କୁ ଚିହ୍ନାଯାଇ ପାରିବ ନାହିଁ। କୌଣସି ସ୍ରଷ୍ଟା-ମାନସ,

ଦେଶ-କାଳ ଅନାଲିଙ୍ଗିତ ଅଚଳ ସତ୍ତା ଭାବରେ ତିଷ୍ଠି ପାରେନାହିଁ। ମାନସିଂହଙ୍କର ମଧ୍ୟ ତାହା ହୋଇଛି। ସ୍ୱତନ୍ତ୍ର ଉତ୍କଳ ପୁନର୍ଗଠନର ଆବହାଓ୍ୱା, ସତ୍ୟବାଦୀ ଗୋଷ୍ଠୀର ଜାତୀୟ ଚେତନା, ମହାତ୍ମା ଗାନ୍ଧୀଙ୍କର ଅହିଂସା ଆନ୍ଦୋଳନ, ବ୍ରିଟିଶ୍ ଉଦାରତନ୍ତ୍ରୀ ରାଜନୀତି ପୁଣି ରବୀନ୍ଦ୍ରଙ୍କ ମର୍ତ୍ତ୍ୟପ୍ରୀତି ତାଙ୍କୁ ସମକାଳରେ ସ୍ପର୍ଶ କରିଛି। ତେଣୁ ସଂପୃକ୍ତ ନିବଂଧର ପ୍ରଥମ ଭାଗରେ ମାନସିଂହଙ୍କ ବିଚାର ବିମର୍ଶର ପୂର୍ବାଧ୍ୟାୟ ଓ ବିଚାରଧାରାର ପୃଷ୍ଠପୀଠିକାର ତଥ୍ୟନିଷ୍ଠ ଆଲୋଚନା ସ୍ଥାନିତ।

କୌଣସି ସ୍ରଷ୍ଟା ବା ଚିନ୍ତାବିତ୍ ଜୀବନ ଓ ଜଗତର ମୌଳ ସମସ୍ୟା ସଂପର୍କରେ ଅନବହିତ ରହି ପାରନ୍ତି ନାହିଁ। ପରିଦୃଶ୍ୟମାନ ପ୍ରକୃତି, ବିଚିତ୍ର ମଣିଷଜୀବନ, ତାହାର ବିବିଧ ସ୍ତର ଓ ଉପସ୍ତର, ଜୀବନର ବର୍ଣ୍ଣିଳ ପ୍ରକାଶ, ପ୍ରକୃତି ତଥା ମଣିଷକୁ ଘେରି ରହିଥିବା ଓ ତାକୁ ବାରମ୍ବାର ଉଦ୍‌ବୋଧିତ କରୁଥିବା ଅଦୃଶ୍ୟ ଶକ୍ତି ସଂପର୍କୀୟ 'ଜିଜ୍ଞାସା' ଚିରନ୍ତନ। ଏହି ମୌଳ ଜିଜ୍ଞାସାକୁ ତିନୋଟି ଶୀର୍ଷକରେ ବିଶ୍ଳେଷଣ କରାଯାଇପାରେ: ମଣିଷ, ପ୍ରକୃତି ଓ ଭଗବାନ। ଜୀବନର ବିଭିନ୍ନ ପର୍ଯ୍ୟାୟରେ ମାନସିଂହ ଏଇ ସଂପର୍କରେ ନିଜର ଯେଉଁ ବିଚାରବୋଧ ପ୍ରକଟିତ କରିଛନ୍ତି, ତାହା ଏହି ଚର୍ଚ୍ଚା-ନିବଂଧର ଦ୍ୱିତୀୟ ଭାଗରେ ଉପସ୍ଥାପିତ।

ସୃଷ୍ଟିର ସମସ୍ତ ଜୀବ ଭିତରେ ମଣିଷ ହିଁ ଏକମାତ୍ର ଜୀବ ଯେ ମୌଳିକ ସୃଷ୍ଟି କରିପାରେ। ତା'ର କାରଣ ହେଲା, ଶିକ୍ଷା ଦେବା ଓ ନେବା ପାଇଁ ସେ ହିଁ କେବଳ ସମର୍ଥ। ଶିକ୍ଷିତ ମଣିଷ ନିଜର ଜୀବନ-ଯାତ୍ରା ଭିତର ଦେଇ ସଂସ୍କୃତିର ପ୍ରତିଷ୍ଠା କରେ। ଉତ୍କର୍ଷ ଅପକର୍ଷର ରାୟଦେଇ ନିଜର ବିଚାର ପ୍ରକଟିତ କରେ। କିନ୍ତୁ ସେ ସେତିକିରେ ସନ୍ତୁଷ୍ଟ ରହିପାରେ ନାହିଁ। ସେ ଦ୍ୱିତୀୟ ପ୍ରଜାପତି ହେବାର ଆଶା ପୋଷଣ କରେ, ଏକ ନୂଆ ଜଗତ ସୃଷ୍ଟି କରେ। ସେ ଜଗତ ହେଉଛି କଳାର ଜଗତ। ତେଣୁ ପ୍ରତ୍ୟେକ ଚିନ୍ତାନାୟକ ଶିକ୍ଷା, କଳା ଓ ସଂସ୍କୃତି ସଂପର୍କରେ ନିଜର ବିଚାରଧାରା ଉପସ୍ଥାପିତ କରିବାକୁ ବାଧ୍ୟ। ବ୍ୟକ୍ତିଗତ ଜୀବନରେ ମାନସିଂହ ଥିଲେ ଶିକ୍ଷକ, ଓଡ଼ିଆ କାବ୍ୟଶିଳ୍ପର ଅନୁପମ ସ୍ରଷ୍ଟା, ଉତ୍କଳୀୟ ସଂସ୍କୃତିର ସଂବାହକ। ସଂଦର୍ଭର ତୃତୀୟ ଭାଗରେ ତାଙ୍କର ଶିକ୍ଷା, କଳା ଏବଂ ସଂସ୍କୃତି ସଂପର୍କୀୟ ମତ ଉପସ୍ଥାପନ କରାଯାଇଛି।

# ପ୍ରଥମ ଅଧ୍ୟାୟ

## ଚିନ୍ତାନାୟକ ମାନସିଂହ: ଦେଶ, କାଳ, ପାତ୍ର

# ଚିନ୍ତାନାୟକ ମାନସିଂହ: ଦେଶ, କାଳ, ପାତ୍ର

ବିଂଶ ଶତକର ପ୍ରଥମ ଦଶକ, ଓଡ଼ିଶାର ଜାତୀୟ ଜାଗରଣର ସମୟ। ଗଙ୍ଗା ଠାରୁ କାବେରୀ ପର୍ଯ୍ୟନ୍ତ ନିଜ ବାହୁବଳରେ ସାମ୍ରାଜ୍ୟ ବିସ୍ତାର କରିଥିବା ଓଡ଼ିଶା ଇଂରେଜମାନଙ୍କ ଅଧିକାର (୧୮୦୩) ସମୟକୁ ସଂକୁଚିତ ହୋଇ ମାତ୍ର ଉପକୂଳ ଅଞ୍ଚଳ— ମୋଗଲ ବନ୍ଦୀ— ମଧ୍ୟରେ ସୀମାବଦ୍ଧ ଥିଲା। ଗଡ଼ଜାତ ଅଞ୍ଚଳଗୁଡ଼ିକ ଛୋଟ ବଡ଼ ରାଜ୍ୟ ଖଣ୍ଡରେ ବିଭକ୍ତ ହୋଇ କେନ୍ଦ୍ର-ଶାସନ ବା ଗଜପତିଙ୍କର ଶାସନ କଳରୁ ଅଲଗା ରହି ପରସ୍ପର କଳହରେ ରତ ଥିଲେ। ନାମକୁ ମାତ୍ର ଲକ୍ଷେ ରାଜାର ମଉଡ଼ ମଣି, ଚଳନ୍ତି ବିଷ୍ଣୁ, ଗଜପତି ରାଜାମାନେ, ଖୋର୍ଦ୍ଧା ଆଉ ପୁରୀର ଆନୁଷ୍ଠାନିକ ରାଜା ଭାବରେ ଗାଦିମାଡ଼ି ବସିଥିଲେ। ଖଣ୍ଡାୟତ ପାଇକମାନେ, ପୁରୁଷ ପୁରୁଷ ଧରି ନିଷ୍କର ଜମିବାଡ଼ି ଭୋଗକରି, ଗଜପତି ରାଜାଙ୍କର ଆଦେଶକୁ କର୍ତ୍ତବ୍ୟ ଭାବରେ ଗ୍ରହଣ କରିଥିଲେ। ତଥାପି ୧୮୦୩ ବେଳକୁ ଯେତେବେଳେ ଇଂରେଜମାନେ ଓଡ଼ିଶା ଅଧିକାର କଲେ, ସେତେବେଳେ ସାମାନ୍ୟ ଆଞ୍ଚଳିକ ପ୍ରତିବାଦ ଛଡ଼ା ସାମୂହିକ ଭାବରେ ବିଦ୍ରୋହ ଦେଖାଯାଇ ନଥିଲା। ମାତ୍ର ଯେତେବେଳେ ପାଇକମାନଙ୍କର ପୁରୁଷାନୁକ୍ରମିକ ନିଷ୍କର ସଂପତ୍ତି ଉପରେ ଇଷ୍ଟଇଣ୍ଡିଆ କଂପାନୀ ସରକାର କରଧାର୍ଯ୍ୟ କରିବାକୁ ବସିଲେ, ସେତେବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହ ଆରମ୍ଭ ହେଲା। ସେତେବେଳର ବିଦ୍ରୋହ ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିବାପାଇଁ ନୁହେଁ, ବରଂ ପାଇକମାନଙ୍କର କ୍ଷମତାଚ୍ୟୁତିର ପୁର୍ନନବୀକରଣର ମସୁଧା ଥିଲା ପାଇକ ବିଦ୍ରୋହ। ବୋଧହୁଏ, ସେଇଥିପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହକୁ ଜାତୀୟ ସଂଗ୍ରାମର ସମ୍ମାନ ଦିଆ ନ ଯାଇ ଏକ ଆଞ୍ଚଳିକ ଆନ୍ଦୋଳନ ଭାବରେ ଚିତ୍ରିତ କରାଯାଏ।

ତଥାପି ସ୍ୱୀକାର କରିବାକୁ ହେବଯେ, ଏହି ବୀର ପାଇକ ଖଣ୍ଡାୟତମାନଙ୍କ ସାହସ ଓ ସାଧନା ବଳରେ ଦିନେ ଓଡ଼ିଶାର ସ୍ୱାଧୀନତା—ରବି ଦୀପ୍ତିମାନ ଅବସ୍ଥାରେ ଝଲସି ଉଠୁଥିଲା। ଆଫଗାନ, ମୋଗଲ, ମରହଟ୍ଟାମାନଙ୍କର ଧାରାବାହିକ ଅତ୍ୟାଚାର ଫଳରେ, ଓଡ଼ିଶାର ଛୋଟ ଛୋଟ ରାଜ୍ୟମାନଙ୍କ ଉପରେ ସାର୍ବଭୌମତ୍ୱ ଜାହିର କରିପାରୁଥିବା କେଂନ୍ଦ୍ର-ଶକ୍ତି, ଗଜପତି, କ୍ରମେ ହୀନବଳ ହୋଇଯିବାରୁ, ଏହି ପାଇକମାନେ କ୍ରମେ ନିଷ୍କ୍ରିୟ ହୋଇ ପଡିଲେ। ଶାସନଗତ ଐକ୍ୟ ହରାଇଥିଲେ ମଧ୍ୟ, ଓଡ଼ିଶା, ଓଡ଼ିଆତ୍ୱର କେନ୍ଦ୍ର ଜଗନ୍ନାଥ ତଥା ଠାକୁର ରାଜାଙ୍କ ପ୍ରତି ପାଇକମାନେ ଆସ୍ଥା ହରାଇ ନଥିଲେ। ବଣିକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣିମାରେ, କଦଳୀ ବାସୁଙ୍ଗାରେ ବୋଇତ ଭସାଇ ଅତୀତକୁ ସ୍ମରଣ କଲାପରି, ଏବେବି ଖଣ୍ଡାୟତ ପାଇକ ଗାଁଗୁଡିକରେ ପାଇକ ଆଖଡା ରହିଛି ଓ ଦଶହରା ସମୟରେ ପାଇକ ନାଚ ଅନୁଷ୍ଠିତ ହୋଇ ଗୌରବର ସ୍ମୃତିଚାରଣ ହେଉଅଛି।

ଓଡିଶାର ବିଶିଷ୍ଟ କବି, ସମାଲୋଚକ, ଶିକ୍ଷାବିତ୍ ତଥା ଜାତୀୟତାପ୍ରେମୀ ମାୟାଧର ମାନସିଂହଙ୍କ ଜନ୍ମ ଏହିପରି ଏକ ପାଇକ ଖଣ୍ଡାୟତ ପରିବାରରେ।

## ପ୍ରାକୃତିକ ବିପର୍ଯ୍ୟୟଃ ଜାତୀୟତାର ଅଙ୍କୁରୋଦ୍‌ଗମ

ଊନବିଂଶ ଶତାବ୍ଦୀର ନ'ଅଙ୍କ ଦୁର୍ଭିକ୍ଷକୁ ଓଡ଼ିଆମାନଙ୍କର ଏକ ବିପର୍ଯ୍ୟୟର ସମୟ ରୂପେ ଚିତ୍ରଣ କରାଯାଇଥିଲେ ମଧ୍ୟ, ପ୍ରକୃତରେ ଏହା ଓଡ଼ିଆମାନଙ୍କର ସୁପ୍ତି ଅପନୋଦନର ସମୟ ବୋଲି କୁହାଯିବା ଆବଶ୍ୟକ।

ସୂର୍ଯ୍ୟବଂଶୀ ସମ୍ରାଟ ପ୍ରତାପରୁଦ୍ରଙ୍କ ସମୟରେ, ଶ୍ରୀଚୈତନ୍ୟଙ୍କ ଆଗମନ ଓ ନାମ ପ୍ରଚାର ଦ୍ୱାରା ବୀର ଓଡ଼ିଆର, ସାତ୍ତ୍ୱିକ ଆହାର, ନିରାମିଷ ଭୋଜନ ତଥା ହରିନାମ ସଂକୀର୍ତ୍ତନହେତୁ ହାତରୁ ଖଣ୍ଡା ଖସିଗଲା, ଓଡ଼ିଶାର ସ୍ୱାଧୀନତା ରବି ଅସ୍ତ ହୋଇଗଲା। ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଇଂରେଜ ଆଗମନ ସମୟରେ କଲିକତା ଫୋର୍ଟ ଉଇଲିୟମର ବଂଗୀୟ କିରାଣୀମାନଙ୍କ ଚକ୍ରାନ୍ତରେ, ଓଡ଼ିଶାର ଭାତହାଣ୍ଡି, ଜମିଦାରୀ ଓଡ଼ିଆମାନଙ୍କ ହାତରୁ, ବଙ୍ଗାଳୀ କିରାଣୀମାନଙ୍କ ପାଖରେ ଶାଗମାଛ ଦରରେ ନିଲାମ କରାଗଲା। ନ'ଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶାର ଅଧିକାଂଶ ଜମିଦାର ଥିଲେ ବଂଗାଳୀ, ରାଜ କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଂଗାଳୀ। କେତେକ ବଡ଼ ଅଫିସରଙ୍କୁ ଛାଡ଼ିଦେଲେ, ରାଜ୍ୟଯାକ ଖାଲି ବଂଗାଳୀ। ବଡ଼ ଆଶ୍ୱାସନାର କଥା ଯେଉଁ ଅଣ-ଓଡ଼ିଆମାନଙ୍କର ପୂର୍ବ-ପୁରୁଷ ଓଡ଼ିଶାର ମାଟିରେ ସ୍ଥାୟୀଭାବରେ ବସବାସ କରି ଓଡ଼ିଶାର ମାଟିକୁ ନିଜର କରି ନେଇଥିଲେ, ଓଡ଼ିଶାର ଜାତୀୟ ଜାଗରଣ କାଳରେ, ସେହିମାନେ ହିଁ ଅଗ୍ରଣୀର ଭୂମିକା ଗ୍ରହଣ କଲେ।

ଓଡ଼ିଶାର ପାରଂପରିକ ଶିକ୍ଷା-ପଦ୍ଧତି, ଜଗନ୍ନାଥ ସଂସ୍କୃତି ତଥା ଓଡ଼ିଆ ଭାଗବତ ଓଡ଼ିଶାରେ ପରିମାଣାତ୍ମକ ସ୍ୱାକ୍ଷରତା କରିଥିଲେ ମଧ୍ୟ, ଆଧୁନିକ ଶିକ୍ଷା ବା ଇଂରାଜୀ ଶିକ୍ଷା ବ୍ୟବସ୍ଥାରେ ଓଡ଼ିଆମାନେ ଅନେକ ପଛୁଆ ଥିଲେ। ଇଷ୍ଟ ଇଣ୍ଡିଆ କଂପାନୀ ସରକାର ଓଡ଼ିଆମାନଙ୍କର ଶିକ୍ଷାପାଇଁ ସେପରି ବିଶେଷ କୌଣସି ବ୍ୟବସ୍ଥା କରି ନଥିଲେ। ଖ୍ରୀଷ୍ଟୀୟ ମିଶନାରୀମାନଙ୍କର ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଶିକ୍ଷାପ୍ରସାର ହିଁ ଓଡ଼ିଶାରେ ଆଧୁନିକ ଶିକ୍ଷାର ମୂଳଦୁଆ ସ୍ଥାପନ କଲା। ଆଧୁନିକ ଶିକ୍ଷା ପ୍ରସାରର ଶ୍ରେଷ୍ଠ ମାଧ୍ୟମ ମୁଦ୍ରଣ ଶିଳ୍ପ ମିଶନାରୀମାନଙ୍କର ଓଡ଼ିଶା ପ୍ରତି ଶ୍ରେଷ୍ଠ ଅବଦାନ। ପରେ ଓଡ଼ିଶାର ଶାସନ ଦାୟିତ୍ୱରେ ଅବସ୍ଥାପିତ ରାଜ କର୍ମଚାରୀମାନଙ୍କର ସନ୍ତାନ ସନ୍ତତିଙ୍କ ଶିକ୍ଷା ବ୍ୟବସ୍ଥା ଲାଗି ଇଷ୍ଟ ଇଣ୍ଡିଆ କଂପାନୀ ଓ ପରେ ଇଂରେଜ ସରକାର କେତେକ ସ୍କୁଲ ପ୍ରତିଷ୍ଠା କଲେ। କ୍ରମେ ଓଡ଼ିଶାରେ ଆଧୁନିକ ଶିକ୍ଷା ପ୍ରବେଶ କଲା। ଯେଉଁମାନେ ଉଚ୍ଚଶିକ୍ଷାପାଇଁ ଆଗ୍ରହ କଲେ ସେମାନଙ୍କୁ ପାଲଟଣା ବୋଇତରେ, ଗୋରୁ ଗାଡ଼ିରେ ବା କେତେବୋଟ ପାଦରେ ଚାଲି ଚାଲି କଲିକତା ଯିବାକୁ ହୋଇଥିଲା। 'ଉତ୍କଳ-ଗୌରବ ମଧୁସୂଦନ', 'କର୍ମବୀର ଗୌରୀ ଶଙ୍କର' ପ୍ରଭୃତିଙ୍କୁ ଏହି ଭାବରେ ଉଚ୍ଚଶିକ୍ଷାପାଇଁ କଲିକତା ଯାତ୍ରା କରିବାକୁ ପଡ଼ିଥିଲା।

ନ'ଅଂକ ଦୁର୍ଭିକ୍ଷକୁ ସାଧାରଣତଃ ପ୍ରାକୃତିକ ବିପର୍ଯ୍ୟୟ କହିଲେ ମଧ୍ୟ, ଏହା ଅନେକାଂଶରେ ମନୁଷ୍ୟକୃତ ବିପର୍ଯ୍ୟୟ। କାରଣ ଏ ପ୍ରକାର ଅନାବୃଷ୍ଟି, ବନ୍ୟା କେବଳ

ଖ୍ରୀ: ୧୮୬୬ ପାଇଁ ନୂଆ ନଥିଲା। ଅନେକ ଆଗରୁ ବିଭିନ୍ନ ସମୟରେ ଓଡ଼ିଶାରେ ଏ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପ୍ରାୟତଃ ଘଟିଆସୁଥିଲା। ମାତ୍ର ଖ୍ରୀ: ୧୮୬୬ରେ ମଣିଷ ଯେପରି ପୋକ ମାଛି ପରି ମରିଗଲେ, ସେପରି କେବେ ଦେଖାଯାଇ ନଥିଲା। ଅଣଓଡ଼ିଆ ଜମିଦାରଂକର ଅସହଯୋଗ, ସ୍ଥାନୀୟ ସରକାରୀ ଅଫିସରଙ୍କର ଇଂରେଜ ସରକାରଙ୍କ ନିକଟରେ ଭୁଲ ରିପୋର୍ଟ ସାଙ୍ଗକୁ ଅଦୂରଦର୍ଶୀ ଓଡ଼ିଆମାନଂକର ଭୁଲ ବିଚାର ଏହି ଦୁର୍ଭିକ୍ଷକୁ ଭୟାବହ ରୂପ ଦେଇଥିଲା। ପୂର୍ବେ ଦୁର୍ଭିକ୍ଷ ପଡ଼ିଲେ ରାଜା ଜମିଦାର, ମଠର ମହନ୍ତ ବା ଧନୀ ଲୋକମାନେ ସାଧାରଣ ଲୋକଂକ ଅବସ୍ଥାକୁ ସମ୍ଭାଳି ନେଉଥିଲେ; ମାତ୍ର ନୂଆ ବଂଗାଳୀ ଜମିଦାରମାନେ ବାଂକୁଡ଼ାରେ ଦୁର୍ଭିକ୍ଷରେ ସୂଚନା ପାଇ ଓଡ଼ିଶାରୁ ଧାନ ସଂଗ୍ରହ କରି ବଂଗଳାକୁ ପଠାଇ ଦେଲେ। ପୂର୍ବ ବର୍ଷ ଭଲ ଫସଲ ହୋଇଥିବାରୁ ଓଡ଼ିଆ କୃଷକମାନେ କୁମୁଟୀ ମହାଜନମାଂନଙ୍କୁ ଧାନ ମପାଇଦେଇ, ଖାଲି ଚାରିମାସର ଫସଲ ଖାଇବାକୁ ରଖି ସୁନାରୂପା କିଣି ବସିଲେ। ଜଳ ସେଚନର ସୁବିଧା ନଥିବାରୁ ବର୍ଷା ଅଭାବରୁ ଫଳି ଆସୁଥିବା ଧାନ କିଆରି ଜଳିଗଲା ଓ ଓଡ଼ିଶାକୁ ଭୟଙ୍କର ଦୁର୍ଭିକ୍ଷର ଆବର୍ତ୍ତରେ ଫୋପାଡ଼ି ଦେଲା।

ଗୌରୀଶଂକର, ରାଧାନାଥ, ମଧୁସୂଦନ ରାଓଂକ ପରି ଯେଉଁମାନଂକର ପୂର୍ବପୁରୁଷ ଓଡ଼ିଶା ବାହାରୁ ଆସିଥିଲେ ହେଁ, ଓଡ଼ିଶାକୁ ନିଜର ମାତୃଭୂମି ଭାବରେ ଗ୍ରହଣ କରିନେଇଥିଲେ, ସେମାନେ ଓଡ଼ିଆମାନଂକ ସହିତ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ଅଣ୍ଟାଭିଡି ଲାଗି ପଡ଼ିଲେ। 'ଓଡ଼ିଶାର ଲୋମହର୍ଷଣକାରୀ ନ'ଅଂକ ଦୁର୍ଭିକ୍ଷ' ଆରମ୍ଭ ହେବା ସଂଗେ ସଂଗେ 'ଉତ୍କଳ ଦୀପିକା' ପ୍ରକାଶିତ ହେବାକୁ ଆରମ୍ଭ କଲା। ସେଇ ଦୁର୍ଭିକ୍ଷ ଯୋଗୁ ଓଡ଼ିଶାର ସବୁ କିଛି ବଦଳିବାର ସୂତ୍ରପାତ ହେଲା। ଦୁର୍ଭିକ୍ଷ ନ ହେବା ପର୍ଯ୍ୟନ୍ତ ଇଂରେଜ ସରକାରଂକ ଶୁଭଦୃଷ୍ଟି କେବେ ଭୁଲରେ ବି ଓଡ଼ିଶା ଦିଗକୁ ପଡ଼ି ନଥିଲା କହିଲେ ଚଳେ। ସେହି ବର୍ଷରେ ରେଭେନ୍‌ସା ସାହେବ ନୂତନ ହୋଇ କମିଶନର ହିସାବରେ ଆସିଥିଲେ। ଦୁର୍ଭିକ୍ଷ ହେବାର ସମ୍ଭାବନା ବିଷୟରେ ଭୁଲ ଧାରଣା ପାଇ ସେ ଅନଭିଜ୍ଞତା ଯୋଗୁଁ କୌଣସି ଉପଯୁକ୍ତ ବ୍ୟବସ୍ଥା ନେଇ ନଥିଲେ। ତା'ଫଳରେ ଯେତେବେଳେ ମାଛି ମଶା ପରି ଲୋକେ ଅନାହାରରେ ମରିଯାଉଥିଲେ, ସେତେବେଳେ ହତାଶ ଭାବରେ ଚାହିଁ ରହିବା ଛଡ଼ା ରେଭେନ୍‌ସାଂକ ପକ୍ଷରେ ଆଉ କିଛି କରିବା ସମ୍ଭବ ନଥିଲା। ସେ ନିଜ ଭୁଲ ପାଇଁ ଅନୁତାପରେ ଅଭିଭୂତ ହୋଇ ପ୍ରତିଜ୍ଞା କଲେ ଯେ, କ୍ଷତି ପୂରଣ ହିସାବରେ ଓଡ଼ିଶା ପାଇଁ କିଛି କରିବେ। ତେଣୁ ତାଂକ ଅମଳରେ କୃଷି ଉନ୍ନତି ପାଇଁ ନୂଆ ନୂଆ ଖାଲ ଖଣା ହେଲା। ଆଉ ଓଡ଼ିଆଂଙ୍କ ଶିକ୍ଷା ପାଇଁ କିଛି ନୂଆ ସୁଯୋଗ ସୃଷ୍ଟି ହେଲା। ତା ମଧ୍ୟରେ ରହିଲା ଓଡ଼ିଆ ଭାଷାରେ ରଚନା ହୋଇଥିବା ନୂଆ ପାଠ୍ୟ ପୁସ୍ତକ ପାଇଁ କିଛି କିଛି ପୁରସ୍କାର ଘୋଷଣା।"(୧)

ନ'ଅଂକ ଦୁର୍ଭିକ୍ଷ ପରେ ପରେ ଓଡ଼ିଆ ଜାତି ଉପରେ ଆଉ ଏକ ମନୁଷ୍ୟକୃତ ଚଡ଼କ ପଡ଼ିଲା। ଓଡ଼ିଶାରେ ଚାକିରୀ କରିଥିବା କେତେକ ବଂଗୀୟ ଲୋକ ଖ୍ରୀ: ୧୮୬୮ରେ ଓଡ଼ିଆଂକ ମୁହଁରୁ ଭାଷା ଛଡ଼ାଇ ନେବା ପାଇଁ ଉଦ୍ୟମ କଲେ। କଟକ ଡିବେଟିଂ

ସୋସାଇଟ୍‌ରେ ରାଜେନ୍ଦ୍ରଲାଲ ମିତ୍ର କହିଲେ– ଓଡ଼ିଆ ଭାଷା ବଂଗଳା ଲିପିରେ ଲେଖାଯିବା ଉଚିତ' ଓ ବାଲେଶ୍ୱର ଗଭର୍ଣ୍ଣମେଣ୍ଟ ଜିଲ୍ଲା ସ୍କୁଲର ପଣ୍ଡିତ କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟ ଗୋଟିଏ ଚଟି ବହି ଲେଖି ଘୋଷଣା କଲେ– 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ'। (୨) ଏହି ଚିନ୍ତା କତିପୟ ବଂଗବାସୀଂକ ମନରେ ପ୍ରବେଶ କରିବାରୁ ସେମାନେ ଓଡ଼ିଆ ଭାଷା ଉଠାଇ ଦେଇ ସେ ସ୍ଥାନରେ ସ୍କୁଲ ପ୍ରଭୃତିରେ ବଂଗଳା ଲିପି ତଥା ବଂଗଳା ଭାଷା ଚଳାଇବା ପାଇଁ ଲାଗି ପଡ଼ିଲେ। ଅବଶ୍ୟ ସେମାନଂକ ମଧ୍ୟରୁ ଅଧିକାଂଶଂକର ଯୁକ୍ତି କେବଳ ବଂଗ ପ୍ରୀତିରୁ ନୁହେଁ, ଆର୍ଥନୀତିକ ଦୃଷ୍ଟିକୋଣରୁ କେତେକ ଏହି ପ୍ରସ୍ତାବ ପ୍ରଦାନ କରିଥିଲେ। ମୁଦ୍ରଣ ଶିଳ୍ପର ବିକାଶ ପୁସ୍ତକର ପାଠକ ସଂଖ୍ୟା ଉପରେ ନିର୍ଭର କରେ। ଅଳ୍ପ ପାଠକ ଥିବା ତତ୍‌କାଳୀନ ଓଡ଼ିଶାରେ ପୁସ୍ତକ ମୁଦ୍ରଣ ଲାଭ ଜନକ ନ ଥିଲା, ବଂଗଳାରେ ପାଠକ ସଂଖ୍ୟା ଅପେକ୍ଷାକୃତ ଅଧିକ ଥିଲା। ମୁଦ୍ରଣ ଶିଳ୍ପର ଲାଭ ଦୃଷ୍ଟିରୁ ନିଜ ଭାଷାରେ ଲୋକ ସଂଖ୍ୟା ତଥା ପାଠକ ସଂଖ୍ୟା ବୃଦ୍ଧିପାଇଁ ସମସ୍ତେ ତତ୍ପର ଥିଲେ। ସେ ଯାହାହେଉ, ଉତ୍କଳ ଭାଷା ବିଲୋପ ପ୍ରଚେଷ୍ଟା, ତତ୍‌କାଳୀନ ଶାସକ ରେଭେନ୍‌ସା ତଥା କର୍ମବୀର ଗୌରୀଶଙ୍କର ପ୍ରମୁଖଙ୍କ ଚେଷ୍ଟାହେତୁ ବିଡ଼ମ୍ବିତ ହୋଇଥିଲା।

ଆଧୁନିକ ଓଡ଼ିଆ ସାହିତ୍ୟର ସାରଥୀ ସେନାପତି ଫକୀରମୋହନଂକ ଭୂମିକା ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ। ଜାତି ଉପରେ ପୂର୍ବୋକ୍ତ ଧକ୍କା, ଓଡ଼ିଆ ପ୍ରାଣରେ ଚେତନା ଫେରାଇ ଆଣିଲା। ପରବର୍ତ୍ତୀ ଅର୍ଦ୍ଧ–ଶତାବ୍ଦୀର ଓଡ଼ିଆ ସାହିତ୍ୟ ଏହି ଅବସ୍ଥାର ପ୍ରତିକ୍ରିୟାରୁ ଉଦ୍‌ଭୂତ। ମାନସିଂହଙ୍କ ଜନ୍ମର ପ୍ରାୟ ଚାଳିଶ ବର୍ଷପୂର୍ବରୁ ଏ ଘଟଣାମାନ ଘଟିଥିଲେ ମଧ୍ୟ ଏହି କ୍ରିୟାମାନଂଙ୍କର ପ୍ରତିକିୟା ମାନସିଂହଂକ ଜୀବନୀ ଓ ସାହିତ୍ୟରେ ଅନେକତ୍ର ପ୍ରତିଫଳିତ। ପରବର୍ତ୍ତୀ ପର୍ଯ୍ୟାୟରେ ଏ ବିଷୟରେ ଆଲୋଚନା କରଯାଇଛି। ଓଡ଼ିଆ ଜାତି, ଭାଷା ଓ ସାହିତ୍ୟ ମଧ୍ୟରେ ଏହି ସଂକଟ ମୁହୂର୍ତ୍ତ ପରେ ବଳିଷ୍ଠ ପରିବର୍ତ୍ତନର ସୂତ୍ରପାତ ହେଲା, ଓଡ଼ିଆ ଭାଷାରେ ପ୍ରଚୁର ପରିମାଣରେ ବହି ଛପା ଓ ବିକ୍ରୟ ଯେ ଆବଶ୍ୟକ, ସେଥିପାଇଁ ସଚେତନତା ସୃଷ୍ଟି ହେଲା। ଏ କ୍ଷେତ୍ରରେ ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ:

(କ) ଗୌରୀଶଂକରଂଙ୍କ କଟକ ପ୍ରିଣ୍ଟିଂ କଂପାନୀ, ଫକୀରମୋହନ ପ୍ରମୁଖଂକ ପି.ଏମ୍. ସେନାପତି ଏଣ୍ଡ କୋ ଇତ୍ୟାଦି ପ୍ରେସ୍ ପ୍ରତିଷ୍ଠା।

(ଖ) ଜାତିର ସ୍ୱରକୁ ପତ୍ରପତ୍ରିକା ମାଧ୍ୟମରେ ପ୍ରକାଶ କରିବା ପାଇଁ 'ଉତ୍କଳ ଦୀପିକା' ଠାରୁ ଆରମ୍ଭ କରି ବାଲେଶ୍ୱର ସମ୍ବାଦ ବାହିକା, ବୋଧ ଦାୟିନୀ ତଥା 'ଉତ୍କଳ ମଧୁପ' ଠାରୁ—'ଉତ୍କଳ ସାହିତ୍ୟ' 'ମୁକୁର', 'ସତ୍ୟବାଦୀ', ସହକାର' ପର୍ଯ୍ୟନ୍ତ ସମ୍ବାଦ ପତ୍ର ଓ ସାହିତ୍ୟପତ୍ର ଗୁଡ଼ିକର ପ୍ରକାଶ।

(ଗ) ପାଠ୍ୟ ପୁସ୍ତକ, ସାହିତ୍ୟ ପୁସ୍ତକ, ପ୍ରାଚୀନ କାବ୍ୟ ଓ ପୁରାଣର ମୁଦ୍ରଣ

(ଘ) ଓଡ଼ିଆ ଭାଷା ଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସଚେତନତା ସୃଷ୍ଟି।

ଓଡ଼ିଶାର ଏହି ନବ ଜାଗରଣ ସମୟରେ, ଓଡ଼ିଆ ଜାତିର ଅଭାବବୋଧକୁ ଲକ୍ଷ୍ୟକରି, ପାଶ୍ଚାତ୍ୟ ସାହିତ୍ୟ ଓ ପାଶ୍ଚତ୍ୟ ସାହିତ୍ୟ ପ୍ରଭାବିତ ବଂଗ ସାହିତ୍ୟ, ଓଡ଼ିଆ ସାହିତ୍ୟିକମାନଂକ ସମ୍ମୁଖରେ ଆଦର୍ଶ ଭାବରେ ଦେଖାଗଲା । ବଂଗ ସାହିତ୍ୟରେ ଆଧୁନିକତାର ସୂତ୍ରଧର ଈଶ୍ୱରଚଂଦ୍ର ବିଦ୍ୟାସାଗର, ମାଇକେଲ ମଧୁସୂଦନ, ବଂକିମଚଂଦ୍ର ପ୍ରଭୃତିଙ୍କର ସାହିତ୍ୟ, ସେତେବେଳକୁ ଓଡ଼ିଶା ସୀମା ଭେଦକରି ଓଡ଼ିଆମାନଂକ ପାଖରେ ପହଁଚି ସାରିଲାଣି । ପରବର୍ତ୍ତୀ ସମୟରେ ସମଗ୍ର ଭାରତୀୟ ସାହିତ୍ୟରେ ଦୃଷ୍ଟି ଆକର୍ଷଣ କରିଥିବା, କବିଗୁରୁ ରବୀଂଦ୍ରନାଥ, କାନ୍ତକବି ରଜନୀକାନ୍ତଂକ ଆବିର୍ଭାବ ଓ ସାହିତ୍ୟ ସାଧନା ଆରମ୍ଭ ହୋଇ ଯାଇଥାଏ । ରାଜାରାମମୋହନ ରାୟଂକ ପ୍ରତିଷ୍ଠିତ ବ୍ରାହ୍ମଧର୍ମ ଓ ବ୍ରାହ୍ମ ସମାଜ ଓଡ଼ିଶାରେ ପ୍ରବେଶ କରି ସାମାଜିକ କ୍ଷେତ୍ରରେ ପରିବର୍ତ୍ତନର ସୂତ୍ରପାତ କରିଥାଏ । ଉପର୍ଯ୍ୟୁକ୍ତ ସମସ୍ତ କାରଣର ପ୍ରଭାବ ଆଧୁନିକ ଓଡ଼ିଆ ସାହିତ୍ୟର ଗତି ନିୟନ୍ତ୍ରଣ କରିବା ସଂଗେ ମାନସିଂହ ସାହିତ୍ୟର ପୃଷ୍ଠଭୂମି ଗଠନରେଁ ସାହାଯ୍ୟ କରିଛି ।

ଏହା ପରେ ପରେ ଊନବିଂଶ ଶତକର ବିଶିଷ୍ଟ ସାହିତ୍ୟିକ– ରାଧାନାଥ ରାୟ, ମଧୁସୂଦନ ରାଓ ଓ ସରସ୍ୱତୀ ଫକୀରମୋହନଂକ ସୃଷ୍ଟି ସଂପଦ ବିଂଶ ଶତକର ସାହିତ୍ୟିମାନଂକୁ ପ୍ରଭାବିତ କରିବା ସଂଗେ ସଂଗେ ମାନସିଂହଂକ ସୃଷ୍ଟିର ପୃଷ୍ଠଭୂମି ଗଠନରେ ଅନେକାଂଶରେ ସାହାଯ୍ୟ କରିଛି । ଊନବିଂଶ ଶତକରେ ଅନୁଷ୍ଠିତ ନାନା ଆଂଦୋଳନ, ସମ୍ବଲପୁର ଅଞ୍ଚଳରୁ ସରକାରୀ ଭାଷା ଓଡ଼ିଆ ପରିବର୍ତ୍ତେ ହିନ୍ଦୀର ପ୍ରଚଳନ ବିରୋଧରେ ପ୍ରତିକ୍ରିୟା, ସ୍ୱତନ୍ତ୍ର ଉତ୍କଳ ରାଜ୍ୟଗଠନ ପାଇଁ ଉତ୍କଳ ସମ୍ମିଳନୀର (୧୯୦୩, ଡିସେମ୍ବର, ୩୦–୩୧) ପ୍ରତିଷ୍ଠା ତଥା ୧୯୦୩ ଅପ୍ରେଲରେ ଅନୁଷ୍ଠିତ ଗଂଜାମ ସମ୍ମିଳନୀ ଓ ୧୯୦୨ ସାଲରେ ଗଂଜାମ ବରହମ୍ପୁରର ଓଡ଼ିଆ ଜାତୀୟ ସମିତି ଗଠନକୁ ପୃଷ୍ଠଭୂମି ଭାବରେ ଗଣନା କରାଯାଇ ପାରେ । ଉପର୍ଯ୍ୟୁକ୍ତ ରାଜନୈତିକ ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ମାନସିଂହଂକ ଜନ୍ମ । ପୁନଶ୍ଚ ମାନସିଂହଂକ ଜନ୍ମସ୍ଥାନର ପ୍ରାକୃତିକ ପରିବେଶ ହିଁ ମାନସିଂହଂକ କବି ପ୍ରାଣକୁ ବାଲ୍ୟକାଳରୁ ଉଜ୍ଜୀବିତ କରିପାରିଛି ।

ଏକପଟେ ମରାଳମାଳିନୀ ନୀଳାମ୍ବୁ ଚିଲିକା, ଆରପଟେ ନୀଳ ମହୋଦଧି । ଦକ୍ଷିଣ ଦିଗରୁ ପଶ୍ଚିମ ପଟଦେଇ ଉତ୍ତରପାଖ ପର୍ଯ୍ୟନ୍ତ ମୁକୁଟ ମଣ୍ଡନ କରି ଦଣ୍ଡାୟମାନ ନୀଳ ପାହାଡ଼ମାଳା । ଗ୍ରାମର ସୀମାକୁ ଲାଗି ଚିଲିକା ତୀରବର୍ତ୍ତୀ ସବୁଜ ଫସଲ କ୍ଷେତ୍ର । କିଆକେତକୀ ଅରଣ୍ୟ ମଧ୍ୟରେ ପୋଲାଂଗ, ଲଂକାଆମ୍ବ, ତାଳ, ନାରିକେଳର କୁଞ୍ଜ ବେଷ୍ଟିତ ମନୋରମ ବାଲିବନ୍ତ । କବିବର ରାଧାନାଥଂକ ସ୍ୱପ୍ନର ଚିଲିକା, ଯାହାର ତୀରବର୍ତ୍ତୀ ଜଟିଆ କୋଳରେ ନିବାସ ରଚନା କରି ପଶ୍ଚିମ ଜୀବନଯାପନ ପାଇଁ ସେ କଳ୍ପନା କରିଥିଲେ, ସେହି ଚିଲିକାର ବହୁରଙ୍ଗୀବେଶ ସଂଦର୍ଶନ କରୁଥିବା ପରିବେଶରେ ବାଳକ ମାୟାଧର ବାଲ୍ୟ ଜୀବନ ଅତିବାହିତ କରିଥିଲେ । ଚିଲିକାର ଦକ୍ଷିଣ ପୂର୍ବ କୋଣରେ, ଚିଲିକାର ନୀଳ ଜଳକୁ ସ୍ପର୍ଶ କରି ଠିଆ ହୋଇଥିଲା ନଂଦଲା ଗାଁ । ଖଣ୍ଡାୟତ ଗାଁ । ପାଇକାଳୀ ଗାଁ । ଓଡ଼ିଶା ରାଜାଂକ ପାଇକ ସେମାନେ । ଓଡ଼ିଶାର ବୀର ସୈନିକ । କୃଷକ ସୈନ୍ୟ । ନିଜ କ୍ଷେତରେ କାମ କରନ୍ତି, ସଂଜ ହେଲେ ପାଇକ ଆଖଡାରେ

କସରତ କରନ୍ତି, ସାଧନ କରିନ୍ତି, ଗଦା ବୁଲାଇ, ଖଣ୍ଡା ତଲୁଆର ବୁଲାଇ, ଠିକ୍ ସାରଳା ମହାଭାରତର ବୀରମାନଙ୍କ ପରି। ନିଜ ଅଞ୍ଚଳ, ପାରିକୁଦ ରାଜାଙ୍କ ଅଧୀନରେ ସେମାନେ ସମର କରନ୍ତି। ସାରା ଓଡ଼ିଶାକୁ ବିପତ୍ତି ପଡ଼ିଲେ ବା ଓଡ଼ିଶାର ବିଜୟ ଅଭିଯାନ ଆରମ୍ଭ ହେଲେ ସେମାନେ ଗଜପତି ସୈନ୍ୟ ରୂପେ ଯୁଦ୍ଧ କରନ୍ତି। ପୁରୁଷ ପୁରୁଷ ଧରି ସେମାନେ ଭୋଗ କରି ଆସୁଥିଲେ ନିଷ୍କର ଭୂସଂପତ୍ତି। ମାଟି ମା' ଧାନ ଦିଏ, ଚିଲିକା ଆଉ ମହୋଦଧି ମାଛ ଦିଅନ୍ତି। ପୁରୁଷାନୁକ୍ରମେ ସେମାନେ ଏମିତି ଚଳି ଆସୁଥିଲେ। ଯୁଦ୍ଧକ୍ଷେତ୍ରରେ ସେମାନେ ଶତ୍ରୁର ସମ୍ମୁଖୀନ ହୁଅନ୍ତି। ମଲେ ସ୍ୱର୍ଗବାସ, ବଞ୍ଚିଲେ ବୀର ଶିରୋପା। ରାଜା କାନ୍ଧରେ ହାତ ପକାଇ ବଧାଇ ଜଣାନ୍ତି। ଫେରିଲାବେଳେ କୁଳ ସୀମନ୍ତିନୀମାନେ ଅର୍ଘ୍ୟଥାଳୀ ଧରି ବନ୍ଦାଇ ଆସନ୍ତି। ମାନସିଂହଙ୍କ ସାହିତ୍ୟରେ ଅନେକ ସ୍ଥାନରେ ଏହି ଭାବର ପ୍ରକାଶ ଘଟିଛି। ମାନସିଂହ ନିଜ ଗ୍ରାମର ପରିଚୟ ଓ ପରିବେଶ ବିଷୟରେ କହନ୍ତି:

"ମୋର ଘର ଚିଲିକା କୂଳସ୍ଥ ଗୋଟିଏ ଛୋଟ ପଲ୍ଲୀରେ। ତିରିଶ/ ଚାଳିଶଟି ପରିବାର ମାତ୍ର ସେଠାରେ ବାସ କରନ୍ତି। ସେମାନେ ସମସ୍ତେ ଖଣ୍ଡାୟତ। କିନ୍ତୁ ଖଣ୍ଡାୟତର ଗୌରବମୟ ଇତିହାସ ସେମାନେ କିଛି ହେଲେ ଜାଣନ୍ତି ନାହିଁ। ସେମାନେ ସମସ୍ତେ ପ୍ରାୟ ମୂର୍ଖ। କିନ୍ତୁ ପ୍ରାଚୀନ ପ୍ରଥାନୁସାରେ ଦଶହରାକୁ ସେମାନେ କୌଳିକ ସନ୍ତକ ଖଣ୍ଡାଟିମାନଙ୍କୁ ପୂଜା କରନ୍ତି। ଆମରି ଘରେ ସେ ପୂଜା ବସେ। ବିଜୟା ଦଶମୀର ବିମଳ ଜ୍ୟୋତ୍ସ୍ନାରେ ଧରଣୀ ଆଲୋକିତ ହୋଇ ଉଠିଲେ, ଗ୍ରାମ ଦାଣ୍ଡରେ ଗ୍ରାମ୍ୟ ହାଡିର ଗମ୍ଭୀର ଢୋଲ ଧ୍ୱନି ଛୋଟ ଗ୍ରାମରେ ସମସ୍ତଙ୍କ ପ୍ରାଣକୁ ଚଞ୍ଚଳ କରି ପକାଏ। ଗ୍ରାମ୍ୟ ପୁରୋହିତ ପୂଜା ଶେଷ କରନ୍ତେ, ଗ୍ରାମର ଟୋକା ଓ ବୁଢ଼ାମାନେ କାଳକଳଂକିତ ଓ ଅବ୍ୟବହୃତ ମୌନ ଖଣ୍ଡା, ତରବାରୀ, ଢାଲ ଓ ପଟାବାଡ଼ି ସବୁ ଧରି ବାହାରି ପଡ଼ନ୍ତି, ଗ୍ରାମ ଦାଣ୍ଡକୁ ଶ୍ରେଣୀବଦ୍ଧ ଭାବରେ। ଗ୍ରାମ ଶେଷରେ ଗ୍ରାମ ଦେବତୀଙ୍କ ମଂଦିର। ଶ୍ରେଣୀବଦ୍ଧ ପାଇକେ ସେଠାକୁ ଯାଇ ଦେବତୀଙ୍କୁ ନମସ୍କାର କରି ଫେରି ଆସିଲା ବେଳେ ଢୋଲ ବାଦ୍ୟରେ ତାଂକ ପାଦ ସବୁ ବୀର ଦର୍ପରେ ଆପେ ଆପେ ନାଚିଯାଏ। ଗ୍ରାମର ମଝି ଦାଣ୍ଡକୁ ଆସିଲେ ତାଂକୁ ଆଉ ରଖେ କିଏ? ଜଣ ଜଣ ହୋଇ ଢାଲ ତରବାରୀ ଧରି ଖପାଖପ୍ ଡେଇଁ ପଡ଼ନ୍ତି ଓ ନୃତ୍ୟମୟ ପାହୁଲରେ ପରସ୍ପର ମଧ୍ୟରେ ଦ୍ୱଂଦ ଯୁଦ୍ଧ ଆରମ୍ଭ କରି ଦିଅନ୍ତି। ବଂଧୁଗଣ ଆପଣ ବିଶ୍ୱାସ କରନ୍ତୁ ବା ନ କରନ୍ତୁ, ମୁଁ ଯେତେଥର ସେଠାରେ ଉପସ୍ଥିତ ହୋଇଛି, ମୋର ଗ୍ରାମବାସୀଂକର ସେଇମୁହୂର୍ତ୍ତକର ରଣ ନୃତ୍ୟ ଦେଖି, ସେତେଥର ମୋର ଆଖି ଲୋତକଯୁକ୍ତ ହୋଇ ଉଠିଛି। ଅବଶ୍ୟ କାଳେ କିଏ ଦେଖିବ ବୋଲି, ମୁଁ ଜନତାର ଅନ୍ତରାଳରେ ମୋର ଭାବାବେଗକୁ ରୁଦ୍ଧ କରି ପକାଏ। କିନ୍ତୁ ସେ ଦୃଶ୍ୟର କରୁଣ ମାଧୁରୀ ମୋର ଜାତୀୟତାର ଏକ ପ୍ରଧାନ ଉପାଦାନ ହୋଇ ରହିଛି। ମୋର ସେ ଗ୍ରାମବାସୀ, ଉତ୍କଳର ପ୍ରାଚୀନ ଯୋଦ୍ଧୃବର୍ଗଂକର ଅଧଃପତିତ ବଂଶଧରଗଣ ଆଜି ଭୋକ ଉପାସରେ କାହିଁ ରେଂଗୁନ୍ କଲିକତା ଆସାମରେ ମାଟିକାମ କରିବାପାଇଁ ବାଧ୍ୟ ହେଉଛନ୍ତି। ସେମାନେ ଏତକ

ବିଶ୍ୱାସ କରିବେ ନାହିଁ ଯେ, ତାଙ୍କରି ପୂର୍ବପୁରୁଷ କାଞ୍ଚି କାବେରୀ ଗଙ୍ଗଳ ପ୍ରଭୃତି ଦୂରଦେଶରେ ଯୁଦ୍ଧକରି ଜୟମାଲ୍ୟ ନେଇ ଫେରି ଆସିଥିଲେ।'' (୩)

ଏହି ଭଳି ଏକ ଗ୍ରାମରେ ଖଣ୍ଡାୟତ ପରିବାରରେ ଜନ୍ମ ହୋଇଥିଲେ କବି ମାୟାଧର ମାନସିଂହ ଖ୍ରୀ:୧୯୦୫ ମସିହା ନଭେମ୍ବର ମାସ ୧୩ ତାରିଖରେ। ପିତାଙ୍କ ନାମ ପଦ୍ମଚରଣ ମାନସିଂହ। ମାନସିଂହ ତାଙ୍କର ପାରିବାରିକ ପଦବୀ ନୁହେଁ। ପଦ୍ମଚରଣଙ୍କ ପିତାଙ୍କ ନାମ ସତ୍ୟବାଦୀ ନାୟକ। ପଦ୍ମଚରଣଙ୍କ ମାନସିଂହ ଉପାଧି ରାଜଦତ୍ତ। ସତ୍ୟବାଦୀ ନାୟକ ମଧ୍ୟ ଜଣେ କବି। ତାଙ୍କ କବିତ୍ୱର ସନ୍ଧାନ ମାନସିଂହ ଅନେକ ପରେ ପାଇଲେ, ମାତ୍ର ସତ୍ୟବାଦୀ ନାୟକଙ୍କର କବି ରକ୍ତ ଯେ ମାନସିଂହଙ୍କ ଠାରେ ବିଦ୍ୟମାନ, ସେ କଥା ନିଜେ ମାନସିଂହ ମଧ୍ୟ ଜାଣି ନଥିଲେ। ଖ୍ରୀ: ୧୯୫୬ ମସିହାର ଗ୍ରୀଷ୍ମକାଳରେ କବି ମାନସିଂହ ଯାଇ ଦେଖନ୍ତି– ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତି ମାନସିଂହଙ୍କ ଗ୍ରାମକୁ ଯାଇ, ମାନସିଂହଙ୍କର କବିତ୍ୱର ପରିଚୟ ଦେବା ସଂଗେ ସଂଗେ ମାନସିଂହଙ୍କ ଗୋସାଇଁ ବାପା ସତ୍ୟବାଦୀ ନାୟକ ଯେ ଜଣେ କବି, ସେ କଥା ଅନୁସନ୍ଧାନ କରିଛନ୍ତି। ମାନସିଂହଙ୍କ ଭାଷାରେ: ''ତାଙ୍କର (ଗୋପୀନାଥ ମହାନ୍ତିଙ୍କର) ଏଇ ଅପ୍ରତ୍ୟାଶିତ ନୂତନ ଖନନ କର୍ମ ଫଳରେ ଆମ ଗାଁ ଓ ଆଖ ପାଖର ଲୋକେ ପ୍ରଥମ ଥର ପାଇଁ ହିଁ ଜାଣି ପାରିଛନ୍ତି ଯେ ମୁଁ କବିତା କରେ ଏବଂ ନିଜେ ମୁଁ ଜାଣିବାକୁ ପାଇଲି ଯେ ମୋର ଗୋସାଇଁ ବାପ ସତ୍ୟବାଦୀ ନାୟକ ଜଣେ କବି ଥିଲେ।''(୪)

ନିଜର ପାରିବାରିକ ପୃଷ୍ଠଭୂମି ଉପରେ ମାନସିଂହ ଲେଖିଛନ୍ତି:– ''ପାରିକୁଦ ମାଲୁଦ ବର୍ତ୍ତମାନ ଘୋର ଅନୁନ୍ନତ ଅଞ୍ଚଳ। ଏ ଅଞ୍ଚଳକୁ ପାନୀୟ ଜଳହୀନ, ଚିର ଦୁର୍ଭିକ୍ଷଗ୍ରସ୍ତ, ପଥହୀନ ଏକ ମରୁଦେଶ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଆଜି ପଛକୁ ଅନାଇ, ମୁଁ ବିସ୍ମୟରେ ଅଭିଭୂତ ହେବାକୁ ବାଧ୍ୟ ହେଉଛି ଯେ, ଏହି ଈଶ୍ୱର ପରିତ୍ୟକ୍ତ ଭୂମିରେ ମଧ୍ୟ ଆଧୁନିକତାର ଅରୁଣାଲୋକ ଯେତେବେଳେ ସେଠି ଦେଖା ଯାଇ ନଥିଲା, ସେଠି ଏକ ସାଂସ୍କୃତିକ ବାତାବରଣ ଥିଲା। ଆମର ସେଇ ଛୋଟ ଗ୍ରାମରେ ବାହାରେ ବୟସ୍କମାନେ ଛାନ୍ଦ–ଚଉପଦୀର ଚର୍ଚ୍ଚା, ପାଇକ ସାଧନ ଓ ଗାଣିତିକ ଚାତୁର୍ଯ୍ୟରେ ମତ୍ତ ଥିଲାବେଳେ, ଘର ଭିତରେ କାଣ୍ଡସର ଅପା (କାଣ୍ଡସର ନାମକ ଗ୍ରାମର ବୋହୂ ହୋଇଥିବାରୁ, ସମସ୍ତେ ତାକୁ ସେଇ ନାମରେ ଡାକୁଥିଲେ) ସୂତା-ଗୁଛା ଟିଣ-ଚଷମା ନାସିକାଗ୍ରରେ ଦେଇ ଅତି ଯତ୍ନ-ରକ୍ଷିତ ରସକଲ୍ଲୋଳ ଓ ବିଦଗ୍ଧ ଚିନ୍ତାମଣି ଦୁଇଟି ଗ୍ରନ୍ଥ ଗୁଣୁ ଗୁଣୁ ବୋଲି ଗୃହ ସୀମନ୍ତିନୀମାନଙ୍କୁ 'ମହାପୁରୁଷଙ୍କ' କଥା ବୁଝାଉଥାଏ। ସେ କାଳରେ ସାର୍ଟିଫିକେଟର ଦୌରାତ୍ମ୍ୟରେ ବିଦ୍ୟା ଦେଶବାସୀର ଦୈନଂଦିନ ଜୀବନରୁ ଏବ ପରି ପଳାୟନ କରି ନଥିଲା। ଲୋକେ ବିଦ୍ୟାପାଇଁ ବିଦ୍ୟାର୍ଜନ କରୁଥିଲେ ଏବଂ ଯେ ଯେତେବେଳେ ପାଉଥିଲା ତାକୁ ସେ ଜୀବନର ସକଳ ପ୍ରୟୋଗର କାମଧେନୁ ପରି ବ୍ୟବହାର କରୁଥିଲା। ପୁଣି ଏହି ବିଦ୍ୟା ବିନା-ଅକ୍ଷର-ଜ୍ଞାନରେ ମଧ୍ୟ ଲବ୍ଧ ହୋଇ ପାରୁଥିଲା। ପାରିକୁଦର ନିରକ୍ଷର ପ୍ରସାଦ ତରାଇ ମୁହେଁ ମୁହେଁ 'ମଣିମା ପାରିକୁଦ ନରେଶ'ରୁ ଆରମ୍ଭ କରି ମାଳ ମାଳ ଶ୍ଳୋକ ଅବଲୀଳାକ୍ରମେ ବୋଲି ଯାଉଥିଲା, ପାରିକୁଦ ରଜାଙ୍କ ପାଟ ଅଗଣାରେ ବୁଲି ବୁଲି...

ଏଇହେଲା ଆମ ପାରିକୁଦର ମୋଟାମୋଟି ସାଂସ୍କୃତିକ ଚିତ୍ର। ଆମ ଗାଁର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଜୀବନ ଆମ ପରିବାରକୁ କେନ୍ଦ୍ରକରି ଗଢ଼ି ଉଠିଥିଲା। ଆମ ପରିବାରର ବିଶେଷତ୍ୱ ଏଇ ଥିଲା ଯେ ଅନ୍ୟ ଗ୍ରାମବାସୀମାନଙ୍କ ପରି ଚାଷବାସ କରୁଥିଲେ ହେଁ, ଏମାନେ ପାରିକୁଦ ରାଜ ଦରବାରରେ ସାତ ପୁରୁଷ ଧରି ଚାକିରୀ କରି ଆସୁଥିଲେ। ସମଗ୍ର ପାରିକୁଦରେ ଆମ ବଂଶର ପ୍ରତିପତ୍ତିର ଏକ ପ୍ରଧାନ କାରଣ ବୋଧହୁଏ ଏହାହିଁ ଥିଲା।(୫)

ମାନସିଂହଙ୍କ ଗୋସେଇଁ ବାପା, ସତ୍ୟବାଦୀ ନାୟକ ପାରିକୁଦ ରାଜ ଦରବାରରେ ଜଣେ ଅମିନ ଥିଲେ। କବି ଅଳ୍ପ ବୟସରେ ପ୍ରାଣ ତ୍ୟାଗ କରିଥିଲେ। ତଥାପି ତାଙ୍କ ପିଲା ପିଲିଙ୍କ ପାଇଁ ଯଥେଷ୍ଟ ଭୂ-ସଂପତ୍ତି ଛାଡ଼ି ଯାଇଥିଲେ। ସତ୍ୟବାଦୀ ନାୟକ କେବଳ ଅମିନ ଭାବରେ ନୁହେଁ, କବି ଭାବରେ ମଧ୍ୟ ରାଜ ଦରବାରରେ ସମ୍ମାନିତ ଓ ପୁରସ୍କୃତ ହୋଇଥିଲେ। ତାଙ୍କର ଆବିଷ୍କୃତ 'ବ୍ରଜ-ମାଧୁରୀ' କାବ୍ୟ ଗ୍ରନ୍ଥି ପାରିକୁଦ ରାଜା–ତାଙ୍କର ସେ କାଳରୁ ମୁନିବ– ଗୌରଚନ୍ଦ୍ର ମାନସିଂହଙ୍କ ନାମରେ ଭଣିତ।

ସତ୍ୟବାଦୀ ନାୟକଙ୍କର ପାଞ୍ଚପୁଅ ଓ ଏକମାତ୍ର କନ୍ୟା ଥିଲେ। ସେ ପୁଅମାନଙ୍କ ନାମ କ୍ରମାନୁୟରେର ଅଗାଧୁ ନାୟକ, ପଦ୍ମଚରଣ ମାନସିଂହ, ଯୁଗଳ ନାୟକ, ବୈକୁଣ୍ଠ ନାୟକ ଓ ବାଞ୍ଛାନିଧି ନାୟକ। ପଦ୍ମଚରଣ ମାନସିଂହ ସତ୍ୟବାଦୀଙ୍କର ଦ୍ୱିତୀୟ ପୁତ୍ର। ପଦ୍ମଚରଣଙ୍କର ଦୁଇ ଝିଅ ଓ ଏକମାତ୍ର ପୁଅ ମାୟାଧର। ବଡ଼ ଝିଅ ସୁଜା, ଗତ ୧୯୯୦ ଜାନୁୟାରୀରେ ସ୍ୱର୍ଗାରୋହଣ କଲେ, ସେ ମାୟାଧରଙ୍କର 'କଣ୍ଟକାଚ' କବିତାର ଅପା, ସାନଝିଅ ଧୋବି, ଅକାଳରେ ମୃତ୍ୟୁ ବରଣ କରିଥିଲେ। ମାନସିଂହଙ୍କ ପରିବାରର ସାଂସ୍କୃତିକ ପୃଷ୍ଠଭୂମି ଉପରେ ଆହୁରି ଏକ ପରିଚୟ, ମାନସିଂହଙ୍କ ଲେଖାରୁ ଦୃଷ୍ଟାନ୍ତ ଭାବରେ ନିଆଯାଇ ପାରେ:

"ସତ୍ୟବାଦୀ ନାୟକ ପ୍ରକୃତରେ ଏକ ଗ୍ରାମ୍ୟ କବି ଏବଂ ଏକାନ୍ତ ଭାବରେ ଅଜ୍ଞାତ। ହୁଏତ ତାଙ୍କ ସମସାମୟିକ ଲୋକେ ତାଙ୍କୁ କବି ବୋଲି ଜାଣିଥିବେ, କିନ୍ତୁ ଅଧିକାଂଶଙ୍କ ନିକଟରେ ସେ କେବଳ ଥିଲେ 'ଅମିନ'। ବୋଧହୁଏ ଗୌରଚନ୍ଦ୍ର ମାନସିଂହଙ୍କୁ ଖୁସି କରାଇବା ପାଇଁ, ରାଜାଙ୍କ ଭଣିତାରେ ସେ ଏ କାବ୍ୟ ଲେଖିଥିଲେ। ହୁଏତ ରାଜ ଦରବାରରେ ସେ ଏହା ଆବୃତ୍ତି କରିଥାଇ ପାରନ୍ତି। ତାଙ୍କର ଗୁଣ ତାଙ୍କର ଅନ୍ତତଃ ଦୁଇଟି ପୁଅଙ୍କ ଠାରେ ଦେଖାଦେଇଛି। ତାଙ୍କର ତୃତୀୟ ପୁତ୍ର ଯୁଗଳ ନାୟକଙ୍କୁ ଆମର ସମଗ୍ର ଅଞ୍ଚଳରେ 'ଗାହାକ' ବୋଲି ହିଁ ଜାଣନ୍ତି। ପିଲାଦିନେ ମୁଁ ଦେଖିଛି 'ଗାହକଦା' ସାରାରାତି ଗାଁର କୃଷ୍ଣଲୀଳାର ପ୍ରଧାନ ଗାୟକ ରୂପେ ଏକସ୍ଥାନରେ ଠିଆହୋଇ ଛାନ୍ଦକୁ ଛାନ୍ଦ 'ଗାଇ ଚାଲି ଥାନ୍ତି। ତାଙ୍କର କଣ୍ଠ ଉଦାର ମଧୁର ଥିଲା। ପ୍ରାଚୀନ ଛାନ୍ଦ ଚଉପଦୀ ପାଇଁ ଏକାନ୍ତ ଉପଯୁକ୍ତ। ପୂର୍ବରୁ ମଧ୍ୟ କହିଛି ଯେ ସାନ ଦଦା(ବାଞ୍ଛାନିଧି ନାୟକଙ୍କ) କଣ୍ଠ ମଧ୍ୟ ପ୍ରାଚୀନ ଗାନ ଓ କୀର୍ତ୍ତନାଦି ପାଇଁ ବେଶ ସୁନ୍ଦର ଓ ଶକ୍ତିମନ୍ତ ଥିଲା। ସତ୍ୟବାଦୀଙ୍କ ଗୁଣରେ ହୁଏତ ମୁନିବ ରଜା ସନ୍ତୁଷ୍ଟ ହୋଇଥିବେ ଓ ପାରିତୋଷିକ ଦେଇଥିବେ।(୬)

ନିପଟ ପଲ୍ଲୀ ଅଞ୍ଚଳରେ ହେଲେ ମଧ୍ୟ, ଏକ ସଂସ୍କୃତି ସଂପନ୍ନ ପରିବାରରେ କବି ମାନସିଂହଙ୍କର ଜନ୍ମ। ମାନସିଂହଙ୍କ ଜନ୍ମ ପରେ ମଧ୍ୟ ସେ ପରିବାରର ପ୍ରତିପ୍ରତ୍ତି ଲୋପ ହୋଇ ନଥିଲା। କବି ମାନସିଂହଙ୍କର ପିତା ଅକାଳରେ ଅର୍ଥାତ ମାୟାଧରଙ୍କୁ ମାତ୍ର ଚାରିବର୍ଷ ହେଲା ବେଳକୁ ଇହଲୀଳା ସମ୍ବରଣ କଲେ। ଶୁଣାଯାଏ, ସେହି ଦୁଃଖରେ ମା' ସୁଭଦ୍ରା ଦେବୀ ମଧ୍ୟ ଆତ୍ମହତ୍ୟା କଲେ। ଏକାନ୍ନବର୍ତ୍ତୀ ପରିବାରରେ ମାୟାଧରଙ୍କର ଲାଳନ ପାଳନର କୌଣସି ଅସୁବିଧା ହେଲା ନାହିଁ। ପାରିକୁଦ ରାଜ ଦରବାରରେ ମାୟାଧରଙ୍କର ସାଆନ୍ତ ବାପ, ଅଗାଧୁ ନାୟକଙ୍କର ସୁନାମ ବି ଥାଏ। ମାୟାଧରଙ୍କର ବାଲ୍ୟ ଶିକ୍ଷା ପାରିକୁଦ ଗଡ଼ରେ ଆରମ୍ଭ ହୋଇଥିଲା।

## ଆବିର୍ଭାବ

ମାୟାଧର ମାନସିଂହଙ୍କ ଆବିର୍ଭାବ ଐତିହାସିକ ଦୃଷ୍ଟିକୋଣରୁ ଗୋଟିଏ ଗରୁତ୍ୱପୂର୍ଣ୍ଣ ସମୟ। ଇଂରେଜମାନେ ଓଡ଼ିଶା ଅଧିକାର କରିବାର ପ୍ରାୟ ଏକଶହ ବର୍ଷରୁ ଅଧିକ ହୋଇଥିଲେ ହେଁ, ଓଡ଼ିଶା ରାଜ୍ୟର ସୀମା ସେପର୍ଯ୍ୟନ୍ତ ସ୍ଥିରୀକୃତ ହୋଇ ନଥାଏ। ତିରିଶ/ଚାଳିଶି ବର୍ଷ ଧରି ଓଡ଼ିଆମାନଙ୍କ ଭିତରେ ଜାଗରଣର ସୂତ୍ରପାତ ହୋଇଥାଏ। ରମ୍ଭାରେ ଅନୁଷ୍ଠିତ ଗଞ୍ଜାମ ସମ୍ମିଳନୀ(୧୯୦୩, ଏପ୍ରିଲ) କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀ(୩୦-୩୧, ଡିସେମ୍ବର,୧୯୦୩) ଏହି ଆନ୍ଦୋଳନର ନୂତନ ପର୍ଯ୍ୟାୟକୁ ଦୃଢ଼ ଭାବରେ ସଂଗଠିତ କରି ଗତିଶୀଳ କରାଉଥାଏ। ଆଧୁନିକ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ, ରାଧାନାଥ, ମଧୁସୂଦନ, ଫକୀରମୋହନଙ୍କର ଅନେକ ସୃଷ୍ଟି ପ୍ରକାଶିତ ହୋଇ ସାରିଥାଏ। ସ୍ୱଭାବକବି ଗଂଗାଧର, ପଲ୍ଲୀକବି ନନ୍ଦ କିଶୋର , ନାଟ୍ୟକାର ରାମଶଙ୍କର ତଥା ପ୍ରାବନ୍ଧିକ ବିଶ୍ୱନାଥ କର ପ୍ରମୁଖ ସାହିତ୍ୟିକ ବାତାବରଣକୁ ଜାଗ୍ରତ ରଖିଥାନ୍ତି। ଏଣେ ସର୍ବଭାରତୀୟ କ୍ଷେତ୍ରରେ ସ୍ୱାଧୀନତା ସଂଗ୍ରାମର ଉଦ୍ୟମ ଆରମ୍ଭ ହୋଇଥାଏ। ମାନସିଂହଙ୍କ ସାହିତ୍ୟ ସୃଷ୍ଟିର ପ୍ରାକ୍ କାଳରେ ଉତ୍କଳୀୟ ଜାତୀୟ ଜାଗରଣର ଯେଉଁ ଚମକ ଖେଳି ଯାଇଥିଲା, ତାହା ପରବର୍ତ୍ତୀ କାଳରେ ମାନସିଂହଙ୍କ ସୃଷ୍ଟିରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି।

## ସାହିତ୍ୟ ସାଧନା :

ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ପାରିକୁଦ ସ୍କୁଲରୁ ବାଣପୁର ମାଇନର ସ୍କୁଲକୁ ପଢ଼ିବାକୁ ଆସିଲା ପରେ, ସାନିଆ ନଈର କଳସଙ୍ଗୀତ, ସୋଲେରୀ, ଭାଲେରୀ, ଘଣ୍ଟଶୀଳା ଓ ଆହୁରି ଅନେକ ମନୋମୁଗ୍ଧକର ପାହାଡ଼ର ଦୃଶ୍ୟାବଳୀ, ପାଇକାଳି ଗାଁମାନଙ୍କର ଆଖଡ଼ାର ରଣକୌଶଳ ଅଭିନୟ, ଆଉ ସମସାମୟିକ ଓଡ଼ିଶାର ଜାତୀୟତାର ଝଡ଼ ଏସବୁ ମାନସିଂହଙ୍କ କବି ମନରେ ଦ୍ୱନ୍ଦ୍ୱବେଳନ ଆଣିଥିଲା। ବାଣପୁର ମାଇନର ସ୍କୁଲରେ ତାଙ୍କର ପ୍ରଥମ କବିତାର ସ୍ଫୁରଣ ହୋଇଥିଲା। ଆଦର୍ଶ ହେଡ୍‌ମାଷ୍ଟର ବାଙ୍କନିଧି ପଟ୍ଟନାୟକଙ୍କର ଶାସନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୋର୍ଦ୍ଧା ହାଇସ୍କୁଲ ସେତେବେଳେ ସୁପରିଚାଳିତ।

ଛାତ୍ରବାସରେ ରହିବା ଦ୍ୱାରା ବାହ୍ୟ ଜଞ୍ଜାଳରୁ ମୁକ୍ତ ରହି ମାୟାଧର ବିଦ୍ୟାଧ୍ୟୟନ ସଙ୍ଗେ ସଙ୍ଗେ ସାହିତ୍ୟ ସାଧନାରେ ଲାଗି ପଡ଼ିଲେ। କୃତୀ ଛାତ୍ର ଥିବାରୁ ମାୟାଧର ଶିକ୍ଷକ ସମୂହଙ୍କର ପ୍ରୀତି ଭାଜନ ହୋଇ ପାରିଥିଲେ। ସମତାଳରେ ପାଠପଢ଼ା ସହିତ ସାହିତ୍ୟ ସାଧନା, ବିଶେଷତଃ କବିତା ଲେଖା ଚାଲିଥିଲା। ମାୟାଧରଙ୍କ ଆଦ୍ୟ ଜୀବନର ଲେଖା ମୁଖ୍ୟତଃ ପ୍ରକୃତି ପ୍ରୀତି ଓ ଉତ୍କଳୀୟ ଜାତୀୟତା ମୂଳକ କବିତା। ଅବଶ୍ୟ ଖୋର୍ଦ୍ଧାରେ ଅଧ୍ୟୟନ କାଳରେ ଛଦ୍ମ ନାମରେ କେତେକ ଗଳ୍ପ ସେ ସହକାର ପତ୍ରିକାରେ ପ୍ରକାଶ କରାଇଥିଲେ। କିନ୍ତୁ ସେ କଞ୍ଚା ଲେଖନୀର ଗଳ୍ପ ତୁଳନାରେ ମାନସିଂହଙ୍କର କବିତା ବେଶ୍ ପୋଖତ ଓ ଅନୁଭୂତି ସିଦ୍ଧ।

ଖୋର୍ଦ୍ଧାରେ ଅଧ୍ୟୟନର ଶେଷ ସମୟକୁ ମାୟାଧର ଜଣେ ସମବୟସୀ(୮) ମହିଳାଙ୍କର ସଖ୍ୟ ଲାଭକରି, ପ୍ରେମ କବିତା ରଚନା କଲେ। ଏଥିପାଇଁ ପରବର୍ତ୍ତୀ ସମୟରେ ନାନା ସମସ୍ୟାର ଉଦ୍‌ଭବ ହୋଇଥିଲେ ମଧ୍ୟ, ଏହି ସମୟରେ କବିଙ୍କର ଶ୍ରେଷ୍ଠ କୃତି ଧୂପର ବୀଜ ବପନ ହୋଇଥିଲା। ସେହି ମହିଳାଙ୍କ ପ୍ରେମ ଗୋଟିଏ ସ୍ନେହ-କାଙ୍ଗାଳ ପ୍ରାଣକୁ ଶାନ୍ତ କରିବା ସଙ୍ଗେ ସଙ୍ଗେ, ଓଡ଼ିଆ ଭାଷାକୁ କେତୋଟି ଶ୍ରେଷ୍ଠ ପ୍ରେମକବିତା ଦାନ କରିଗଲା। ପୃଥିବୀର ଶ୍ରେଷ୍ଠ ପ୍ରେମ କବିତାଗୁଡ଼ିକ ମୂଳରେ କୌଣସି କୌଣସି ନାରୀଙ୍କର ସଖ୍ୟ ବିଦ୍ୟମାନ।

ଓଡ଼ିଆ ସାହିତ୍ୟରେ କବିମାନେ ନିଜର ବ୍ୟକ୍ତିଗତ ପ୍ରେମ ଅନୁଭୂତିକୁ ରାଧାକୃଷ୍ଣ ଓ ପୌରାଣିକ ତଥା କାଳ୍ପନିକ ନାୟକ ନାୟିକାଙ୍କ ନାମ ନେଇ ଲେଖା ଲେଖୁଥିଲେ। ମାତ୍ର ମାୟାଧର ଏଠାରେ ସାହସର ସହିତ ନିଜର ବ୍ୟକ୍ତିଗତ ପ୍ରେମାନୁଭୂତିକୁ ନିଜ ନାମରେ ହିଁ କାବ୍ୟରୂପ ଦେଲେ। ସାହିତ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ପାରିଥିବାରୁ ହିଁ ସମସାମୟିକ ପାଠକ ମହଲରେ ସେ ଦୃଢ଼ ଆସନ ପାତି ବସିପଡ଼ିଲେ। ବହୁ ବିଦଗ୍ଧ ପ୍ରେମିକ ଓ ବହୁ ହତାଶ ପ୍ରେମିକ ମାୟାଧରଙ୍କର କାବ୍ୟବାଣୀରେ ନିଜର ଜୀବନବାଣୀକୁ ଶୁଣି ପାରିଲେ। ମାୟାଧର ଛାତ୍ର ଜୀବନରେ ଏହି ପ୍ରେମ ବିରହ ଏବଂ ସଂଗୀତ ଗାଉ ଗାଉ ବୋଧହୁଏ ଏହି ସମୟରେ ଭାରତୀୟ ରାଜନୀତି ଝଡ଼ଝଞ୍ଜା ସାଙ୍ଗରେ ବିଶେଷ ସଂଶ୍ଳିଷ୍ଟ ହୋଇପାରିଲେ ନାହିଁ।

ଖ୍ରୀ:୧୯୨୦ ବେଳକୁ ଭାରତୀୟ ରାଜନୀତିରେ ପୂଜ୍ୟ ଗାନ୍ଧିଜୀଙ୍କର ପ୍ରବେଶ ଓ ସତ୍ୟବାଦୀ ଗୋଷ୍ଠୀର ଜାତୀୟ ଜାଗରଣର ସ୍ୱର ଅତିମାତ୍ରାରେ ଉଗ୍ର ହୋଇ ଉଠୁଥିବାବେଳେ, ମାନସିଂହଙ୍କ କବି ପ୍ରାଣ ମଧ୍ୟ ଦେଶାତ୍ମବୋଧ ତଥା ଉତ୍କଳୀୟ ଜାତୀୟ ଜାଗରଣରେ ଉଦ୍‌ବୁଦ୍ଧ ହୋଇ ଉଠିଛି। ମାତ୍ର ସେ ଏହି ଦଶନ୍ଧିରେ ଓ ପରେ ପ୍ରତ୍ୟକ୍ଷ ଆନ୍ଦୋଳନରେ ଭାଗ ନେଇ ନାହାନ୍ତି। ତା'ର କାରଣ ହୁଏତ ହୋଇପାରେ ଯେ, ଖ୍ରୀ:୧୯୨୬ ପୂର୍ବବର୍ତ୍ତୀ ଜୀବନରେ ସମବୟସୀ ମହିଳାଙ୍କର ସଖ୍ୟ ଓ ଖ୍ରୀ: ୧୯୨୬ ପରବର୍ତ୍ତୀ ସମୟରେ ବିବାହର ପୂର୍ବରୁ, ସେହି ମହିଳାଙ୍କର ଗୁଣଗାନ କରି, ପ୍ରେମ ଓ ବିରହର ସଙ୍ଗୀତ ଗାଇବା ଦ୍ୱାରା ପ୍ରତ୍ୟକ୍ଷ ଆନ୍ଦୋଳନରୁ ଦୂରେଇ ଯାଇଥିଲେ।

ମାନସିଂହ ତାଙ୍କର କାବ୍ୟ କବିତା, ପ୍ରବନ୍ଧ, ଆଲୋଚନା ଓ ଭ୍ରମଣ କାହାଣୀରେ ଯେଉଁ ମାତ୍ରାରେ ଗାନ୍ଧୀ, ଗୋପବନ୍ଧୁଙ୍କୁ ଶ୍ରଦ୍ଧା କରିଛନ୍ତି, ସେ ପ୍ରକାର ବ୍ୟକ୍ତିତ୍ୱ ସମସାମୟିକ ଜାତୀୟ ଆନ୍ଦୋଳନରେ ଭାଗ ନ ନେବାର ପୃଷ୍ଠପଟରେ ଆହୁରି କେତେକ କାରଣ ଅନୁସନ୍ଧାନ କରାଯାଇପାରେ।

ଖୋର୍ଦ୍ଧା ହାଇସ୍କୁଲରୁ ପାଟନା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅର୍ଥାତ ଖ୍ରୀ: ୧୯୨୨ ରୁ ଖ୍ରୀ: ୧୯୩୨ ପର୍ଯ୍ୟନ୍ତ ମାନସିଂହଙ୍କ ରଚନାର ଧାରା ମୁଖ୍ୟତଃ ଦୁଇ ପ୍ରକାର ଥିଲା— ପ୍ରଥମ ଓ ପ୍ରଧାନତଃ ଉତ୍କଳର ଅତୀତ ପ୍ରୀତି ତଥା ଉତ୍କଳୀୟ ଜାତୀୟତା, ଦ୍ୱିତୀୟତଃ ବ୍ୟକ୍ତିଗତ ପ୍ରେମର ଚିତ୍ର। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ମାନସିଂହଙ୍କ ହୃଦୟରେ ଯଦି କେବଳ ଦୈହିକ ପ୍ରେମରଧାରା ପ୍ରବାହିତ ହୋଇଥାନ୍ତା, ତେବେ କୋଣାର୍କ, ମହାନଦୀରେ ଜ୍ୟୋସ୍ନାବିହାର ପରି ପ୍ରତିନିଧି ସ୍ଥାନୀୟ କବିତା ତଥା 'ରାଜକବି' ଭଳି ଗୀତିନାଟ୍ୟର ସୃଷ୍ଟି ହୋଇପାରି ନଥାନ୍ତା।

ମାୟାଧର ପ୍ରଥମରୁ ଅକ୍ଷର ଯୋଡ଼ା କବି ନଥିଲେ। ନିଜର ମନର ଭାବାବେଗକୁ ଅକ୍ଷରରେ ମୂର୍ତ୍ତିମନ୍ତ ରୂପଦେବା ତାଙ୍କର ପ୍ରଧାନ ଲକ୍ଷ୍ୟଥିଲା, ନ ହେଲେ ଉତ୍କଳ ସାହିତ୍ୟର ପ୍ରବୀଣ ସମ୍ପାଦକ, ନୀତିବାଦୀ ବିଶ୍ୱନାଥ କର, 'ଉତ୍କଳ ସାହିତ୍ୟ'ର ପ୍ରଥମ ପୃଷ୍ଠାରେ 'ତରୁଣ କବିର ଆଶା' ପରି କବିତା ସ୍ଥାନୀତ କରି ନଥାନ୍ତେ। ଅନେକ ହୃଦୟର କଥା କହିପାରେ ବୋଲି, କବିର କବିତା ଆଦର ପାଏ। ମାୟାଧର ସେହିପରି ଅନେକ ମରମୀ ପ୍ରେମିକର ହୃଦୟର ବାଣୀ, ଯାହା ସେମାନେ ନିଜ ଭାଷାରେ ପ୍ରକାଶ କରିବାକୁ ସାହସ କରୁ ନଥିଲେ, ସେହିକଥା ପ୍ରକାଶ କରିବାରୁ, ଲକ୍ଷ ପ୍ରେମିକର ହୃଦୟରେ ସେ ବସା ବାନ୍ଧି ରହିଲେ। ସେ ପ୍ରେମ କବିତାରେ ତୁଚ୍ଛା ଦେହ ମିଳନର ଚିତ୍ର ନାହିଁ, ଅଛି ମନ ମିଳନର ଚିତ୍ର। 'ଧୂପ' ଏକ କବିତା ସଂକଳନ ନୁହେଁ 'ଧୂପ' ଏକ କାବ୍ୟ। କ୍ରମ ପର୍ଯ୍ୟାୟରେ କବିର ଆକାଂକ୍ଷା ଠାରୁ ଆରମ୍ଭ କରି ମୃତ୍ୟୁ ଚିନ୍ତା ପର୍ଯ୍ୟନ୍ତ, ପ୍ରେମିକ ହୃଦୟର ଅନୁଚିନ୍ତାକୁ ଅନୁଭବୀର ଭାଷାରେ ପ୍ରକାଶ କରାଯାଇଛି। କିନ୍ତୁ ଏହି କାବ୍ୟର ସମସ୍ତ କବିତା ଏକ ଏକ ସ୍ୱୟଂ ସଂପୂର୍ଣ୍ଣ କବିତା ମଧ୍ୟ।

ଓଡ଼ିଆ ସାହିତ୍ୟର ଆଧୁନିକ ଧାରାର ବାର୍ତ୍ତାବହ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ସରସ୍ୱତୀ ଫକୀରମୋହନ, ପରବର୍ତ୍ତୀ କାଳର ସ୍ୱଭାବ କବି ଗଙ୍ଗାଧର, ପଲ୍ଲୀକବି ନନ୍ଦକିଶୋର, କାନ୍ତକବି ଲକ୍ଷ୍ମୀକାନ୍ତ ତଥା ପଦ୍ମଚରଣ ଓ ସତ୍ୟବାଦୀ ସାହିତ୍ୟ ସାଧକଙ୍କ ସାଧନା ସେ ସମୟରେ ଥିଲା ସମସ୍ତଙ୍କର ଆଦର୍ଶ। ଖ୍ରୀ: ୧୯୨୫ ବେଳକୁ ସତ୍ୟବାଦୀ ଯୁଗର ପ୍ରତିକ୍ରିୟାରେ ଏକ ଯୁବ କବି ଗୋଷ୍ଠୀ ସବୁଜ କବି ନାମରେ ସାହିତ୍ୟ ସାଧନା ଆରମ୍ଭ କରି ମାତ୍ର ଆଠ/ଦଶ ବର୍ଷ ପରେ ସେମାନଙ୍କ ମଧ୍ୟରୁ ପ୍ରଗତିବାଦ କୁ ସ୍ୱର ପରିବର୍ତ୍ତନ କଲେ। ମାତ୍ର ମାୟାଧର ମାନସିଂହ ତାଙ୍କ ସମସାମୟିକ କୌଣସି ଗୋଷ୍ଠୀ ମଧ୍ୟରେ ଆବଦ୍ଧ ନହୋଇ ଜଣେ ଏକକ କବି ଭାବରେ ସାହିତ୍ୟ ସାଧନା କରି ଆସିଛନ୍ତି।

ଖ୍ରୀ: ୧୯୩୨ ରେ ମାୟାଧରଙ୍କର ଶ୍ରୀମତୀ ହେମଲତାଙ୍କ ସହିତ ବିବାହ ପରେ କବିତା ରଚନାର ସ୍ରୋତ ବଦଳି ଯାଇଛି। ଏହାର ପରବର୍ତ୍ତୀ ସମୟରେ 'ହେମଶସ୍ୟ' ତଥା ଅନେକ କାବ୍ୟ ସଙ୍କଳନ ପ୍ରକାଶିତ; ମାତ୍ର ଏହା ପରେ ପରେ ତାଙ୍କର କବିତାର ଧାରା କ୍ରମଶଃ ମ୍ଳାନ ହୋଇ ଆସିଲା ପରି ମନେହୁଏ। ପରବର୍ତ୍ତୀ କବିତାଗୁଡ଼ିକ କବିର ଭାବୋଚ୍ଛ୍ୱାସ ହରାଇ ଦାର୍ଶନିକ ଭାବଧାରାରେ ଗମ୍ଭୀର ହୋଇପରି ମନେହୁଏ। ଅବଶ୍ୟ ମାନସିଂହଙ୍କ କବିତା ରଚନାର ଧାରା ଜୀବନର ଅନ୍ତିମ ଦିନ ପର୍ଯ୍ୟନ୍ତ ପ୍ରବାହିତ ହୋଇଥିଲା।

ଊଣେଇଶ ସହ ବତିଶ ମସିହା ପରେ ପରେ କବି ମାନସିଂହଙ୍କର ଦୀପ୍ତି ଅପେକ୍ଷିକ ମ୍ଳାନ ହୋଇ ଚିନ୍ତାନାୟକ ମାନସିଂହଙ୍କର ଆବିର୍ଭାବ ହୋଇଛି। ଅବଶ୍ୟ ପ୍ରତ୍ୟେକ ସ୍ଥଳରେ କବି ମାନସିଂହହିଁ ବିଦ୍ୟମାନ। ତାଙ୍କ ଆଦ୍ୟ ଜୀବନର ଗୀତିନାଟ୍ୟ 'ରାଜକବି', 'ପୁଷ୍ପିତା', ପରେ 'ପୂଜାରିଣୀ' ପ୍ରଭୃତି ପ୍ରକାଶିତ ହୋଇଥିଲେ ହେଁ ଏ ସମସ୍ତର ଅନ୍ତଃସ୍ୱର ନାଟିକାର ମର୍ମ ଅପେକ୍ଷା କବିର ଭାବକୁ ଅଧିକ ବହନ କରେ। ଏପରିକି ପଚାଶ ପରବର୍ତ୍ତୀ 'ବୁଦ୍ଧ' ନାଟକ ଓ 'ଅନ୍ୱେଷଣ' ଉପନ୍ୟାସରେ ମଧ୍ୟ କବି ମାନସିଂହଙ୍କର ପ୍ରତ୍ୟକ୍ଷ ପରିଚୟ ମିଳିଥାଏ। ଖ୍ରୀ: ୧୯୩୨ ମସିହା ପରେ ପରେ ମାନସିଂହଙ୍କ ସାହିତ୍ୟ ସାଧନାର ଧାରା ବହୁମୁଖୀ ହୋଇ ଖ୍ରୀ: ୧୯୭୩ ମସିହା ପର୍ଯ୍ୟନ୍ତ ଅନବରତ ଭାବରେ ଗତିକରି ଚାଲିଲା। ଏବଂ ଶାରଦୀୟ ସଂଧ୍ୟାରେ ମହାପ୍ରୟାଣ ସେହି ଗତିରେ ପୂର୍ଣ୍ଣଚ୍ଛେଦ ଆଣିଥିଲା।

## ପ୍ରାନ୍ତଟୀକା:


୧- ବୋଲଟନ, (ଡଃ) କେ.ଭି./ଦେଶ, କାଳ, ପାତ୍ର ଓ ମନୀଷୀ ଫକୀରମୋହନ (୧୯୭୬) ପୃ.୭।

୨- ଦାଶ, (ଡଃ) ଗଗନେନ୍ଦ୍ରନାଥ/ଓଡ଼ିଆ ଭାଷା ଚର୍ଚ୍ଚାର ପରଂପରା (୧୯୮୩) ପୃ. ପରିଶିଷ୍ଟ.୫-୬।

୩- ମାନସିଂହ, (ଡଃ) ମାୟାଧର/ଓଡ଼ିଆ ସମାଜ ଓ ସାହିତ୍ୟ (ଓଡ଼ିଆ ଜାତିର ବୈଶିଷ୍ଟ୍ୟ-ପ୍ରବନ୍ଧ) ମାନସିଂହ ଗ୍ରନ୍ଥାବଳୀ, ତୃତୀୟ ଖଣ୍ଡ ପୃ.୫୮୫।

୪- ମାନସିଂହ, (ଡଃ) ମାୟାଧର-ବ୍ରଜ ମାଧୁରୀ (୧୯୬୨) କାବ୍ୟର ମୁଖବଂଧ, ପୃ.୧.

୫- ତତ୍ରୈବ ପୃ.୨-୩.

୬-ତତ୍ରୈବ ପୃ.୧୯.

୭- ମାନସିଂହ, (ଡଃ) ମାୟାଧର/ଶିକ୍ଷାବିତ୍‌ର ଗାଥା(୧୯୬୫)ପୃ.୧୭-୧୮

୮- ମାନସିଂହ, (ଡଃ) ମାୟାଧର/ଧୂପ (୧୯୩୧)ପାପ ଓ ପ୍ରେମ (କବିତା)

'ହେ ସମ ବୟସି, ତୁମର ମୋର ଯେ ପୀରତି/
ନିଷ୍ଠୁର କେତେ ବୋଲୁଛନ୍ତି ପାପ କୀରତି।'

# ଦ୍ୱିତୀୟ ଅଧ୍ୟାୟ

## ମାନସିଂହଙ୍କ ସୃଷ୍ଟି ସଂପଦ ଓ
## ସୃଷ୍ଟି-ବିଚାର-ବିମର୍ଶର ପୂର୍ବାଧ୍ୟାୟ

# ମାନସିଂହଙ୍କ ସୃଷ୍ଟି ସଂପଦ ଓ ସୃଷ୍ଟି-ବିଚାର-ବିମର୍ଶର ପୂର୍ବାଧ୍ୟାୟ

ସୃଷ୍ଟି ମଧ୍ୟରେ ହିଁ ସ୍ରଷ୍ଟାମାନସ ପ୍ରତିଫଳିତ ହୁଏ। ସ୍ରଷ୍ଟା ଅଜ୍ଞାତସାରରେ ନିଜକୁ ନିଜର ସୃଷ୍ଟି ମଧ୍ୟରେ ରୂପାୟିତ କରିଥାଏ। ସମୟେ ସମୟେ ସ୍ରଷ୍ଟା ଜ୍ଞାତସାରରେ ସୃଷ୍ଟି ମଧ୍ୟରେ ଆତ୍ମପ୍ରକାଶ କରେ, ମାତ୍ର ସେତେବେଳେ ସୃଷ୍ଟି ତା'ର ସ୍ୱାଭାବିକତା ହରାଇ, ଦ୍ୱିତୀୟ ଶ୍ରେଣୀର ସୃଷ୍ଟି ଭାବରେ ପ୍ରକାଶିତ ହୁଏ। ସାଧାରଣ ମଣିଷପରି ସ୍ରଷ୍ଟା ନିଜର ମୌଳିକ ସୃଷ୍ଟି ସଂଗେ ସଂଗେ ନିଜର ଆନୁଷଂଗିକ ସୃଷ୍ଟିରେ ମଧ୍ୟ ନିଜର ବିଚାରଧାରାକୁ ବ୍ୟକ୍ତ କରିଥାଏ। ଚିନ୍ତାନାୟକ ମାନସିଂଙ୍କର ସୃଷ୍ଟି ସଂପଦକୁ ତାଙ୍କର ବିବିଧ ଚେତନା ସଂପର୍କୀୟ ପ୍ରତ୍ୟୟ ନିର୍ଣ୍ଣୟ କରାଯାଇପାରେ। ନିବନ୍ଧର ପରିଶିଷ୍ଟରେ ତାଙ୍କର ସୃଷ୍ଟି ସଂପଦର ଏକ କାଳାନୁକ୍ରମ ତାଲିକା ପ୍ରଦାନ କରାଯାଇଅଛି।

ମାନସିଂହଙ୍କ ଲେଖନୀ ଛାତ୍ରାବସ୍ଥାରୁ ଅନ୍ତିମ ବିଦାୟ ପର୍ଯ୍ୟନ୍ତ ଗତିଶୀଳ ଥିଲା। ପ୍ରକାଶନ ଦୃଷ୍ଟିରୁ ବିଚାର କଲେ ତାଙ୍କର ସୃଷ୍ଟି ଅର୍ଦ୍ଧ-ଶତାବ୍ଦୀ (୧୯୨୩-୧୯୭୩)ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ଅର୍ଦ୍ଧ-ଶତାବ୍ଦୀ ମଧ୍ୟରେ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ସେ ଲେଖନୀ ଚାଳନା କରିବାକୁ ପ୍ରଚେଷ୍ଟା କରିଛନ୍ତି। ଅଧିକାଂଶ ବିଭାଗରେ ସଫଳତା ଲାଭ କଲେ ମଧ୍ୟ, ଅଳ୍ପ କେତେକ ବିଭାଗରେ ସେ ଆଶାନୁରୂପ ସଫଳତା ଲାଭ କରି ପାରି ନାହାନ୍ତି। ସୃଷ୍ଟିର ମୂଲ୍ୟାୟନର ସୁବିଧା ପାଇଁ ତାଙ୍କର ସମଗ୍ର ଓଡ଼ିଆ ରଚନାକୁ ନିମ୍ନୋକ୍ତ ପ୍ରକାର ବିଭାଗୀକରଣ କରାଯାଇପାରେ।:—

୧- କବିତା, ୨- ଗୀତିନାଟ୍ୟ ଓ ନାଟକ, ୩- ଗଳ୍ପ ଓ ଉପନ୍ୟାସ, ୪-କାବ୍ୟ ଓ ମହାକାବ୍ୟ, ୫ - ପ୍ରବନ୍ଧ ଓ ସମାଲୋଚନା, ୬- ସଂପାଦକୀୟ ଓ ମୁଖ୍ୟବଂଧ, ୭- ଭାଷଣ ଓ ଚିଠିପତ୍ର, ୮- ଜୀବନୀ ଓ ଆତ୍ମଜୀବନୀ, ୯- ଭ୍ରମଣ କାହାଣୀ, ୧୦- ଅନୁବାଦ, ୧୧- ପାଠ୍ୟ ପୁସ୍ତକ ଓ ଶିଶୁ ସାହିତ୍ୟ, ୧୨- ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସଂପର୍କୀୟ ଆଲୋଚନା।

ଏହି ବିଭାଗୀକରଣ ପରେ ବିଚାରଧାରାର ଉପକୁ ଆହୁରି ସ୍ପଷ୍ଟ କରିବାପାଇଁ ସୃଷ୍ଟିସଂପଦର ଏକ କାଳାନୁକ୍ରମିକ ବିବରଣୀ ପରିଶିଷ୍ଟରେ ପ୍ରଦାନ କରାଯାଇଅଛି। ସେ ବିବରଣୀ ସାହାଯ୍ୟରେ ତାଙ୍କ ସୃଷ୍ଟି ସଂପଦର କ୍ରମୋନ୍ନତି ତଥା ଉତ୍‌ଥାନ ପତନର ଚିତ୍ର ମିଳିପାରିବ। ସ୍ଥୂଳ ଭାବରେ ମାନସିଂହଙ୍କର କବିତା କହିଲେ, ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡରେ ପ୍ରକାଶିତ କବିତାକୁ ବୁଝାଏ। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଗ୍ରନ୍ଥାବଳୀରେ ପ୍ରକାଶ ପୂର୍ବରୁ, କବିତାଗୁଡ଼ିକ ବିଭିନ୍ନ ପତ୍ରପତ୍ରିକା, ସଂକଳନରେ ପ୍ରକାଶ ଲାଭ କରିଥିଲା, ଯାହା ପରେ ନାନା ପରିବର୍ତ୍ତନ ମଧ୍ୟଦେଇ ଗତିକରିଛି ଦ୍ୱିତୀୟ ଭାଗରେ ସଂଗୃହୀତ ତାଙ୍କର କାବ୍ୟ ଓ ନାଟକାବଳୀ ପ୍ରାଥମିକ ଅବସ୍ଥାରେ ଖଣ୍ଡିତ ଆକାରରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ହୋଇଥିଲା। ସେସବୁ ଅନେକ ପାଠାନ୍ତର ସହଜଲଭ୍ୟ।

ଡକ୍ଟର ନଟବର ସାମନ୍ତରାୟ, କବି ମାନସିଂହଙ୍କ ପନ୍ଦରବର୍ଷ ରଚନାର କାଳ ନିର୍ଣ୍ଣୟ କରି ଏଭଳି ଐତିହାସିକ ବିଚାର ପାଇଁ ପଥ ପରିଷ୍କାର କରିଦେଇଛନ୍ତି। ମାତ୍ର ସେ ଯେଉଁ ତାଲିକା ପ୍ରଦାନ କରିଛନ୍ତି, ତାହା ମାନସିଂହଙ୍କ ସୃଷ୍ଟିର ଏକ ପୂର୍ଣ୍ଣାଙ୍ଗ ତାଲିକା ନୁହେଁ, ପରନ୍ତୁ ତାଙ୍କ ତାଲିକାରେ କଥିତ ସମୟ ମଧ୍ୟରେ ବି କେତେକ ସୃଷ୍ଟିର କାଳ ନିରୂପଣ ବାଦ ପଡ଼ିଯାଇଛି। ଏ ସଂଗ୍ରହରେ ଯଥା ସମ୍ଭବ ସମସ୍ତ ଲେଖାର ତାଲିକା ପ୍ରଦାନ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରାଯାଇଅଛି। ମାନସିଂହଙ୍କ ସମସ୍ତ ଓଡ଼ିଆ ରଚନାର କାଳାନୁକ୍ରମିକ ବିବରଣୀ କେବଳ ବର୍ତ୍ତମାନର ଏହି ଚର୍ଚ୍ଚା ନିବନ୍ଧ ନୁହେଁ, ଭବିଷ୍ୟତର ଗବେଷଣା ପାଇଁ ଏହା ଏକ ପଥ ଉନ୍ମୋଚନ କରି ପାରିବ। କାରଣ ମାନସିଂହଙ୍କ ସାହିତ୍ୟର ଚର୍ଚ୍ଚା ନିମନ୍ତେ, ତାଙ୍କର ସମସ୍ତ କୃତି ବା ଲେଖାର ତାଲିକା ଓଡ଼ିଶାର କୌଣସି ପାଠାଗାର ବା ଓଡ଼ିଶା ବାହାରେ କୌଣସି ସର୍ବସାଧାରଣ ପାଠାଗାରରେ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିବା ସମ୍ଭବ ହୋଇପାରିନାହିଁ। ଏପରିକି ଡକ୍ଟର ମାୟାଧର ମାନସିଂହଙ୍କ କଟକ ଥୋରିଆସାହିସ୍ଥ ବାସଭବନରେ ମଧ୍ୟ ସମସ୍ତ ଲେଖା ବା ଲେଖାର ତାଲିକା ସଂପୂର୍ଣ୍ଣ ଭାବରେ ମିଳିବା ସମ୍ଭବ ହୋଇନାହିଁ।

ଡଃ ମାନସିଂହଙ୍କର ଅନେକ ଲେଖା, ପତ୍ରପତ୍ରିକା, ବିଭିନ୍ନ ସଂକଳନ ତଥା ପୁସ୍ତକ ରୂପରେ ପ୍ରକାଶିତ ହେବା ସମୟରେ ନାନା ପରିବର୍ତ୍ତନ ମଧ୍ୟଦେଇ ଆତ୍ମପ୍ରକାଶ କରିଛି। ପ୍ରଦତ୍ତ ତାଲିକାରେ ଉଭୟ ଲେଖାକୁ ସୂଚିତ। ଶିକ୍ଷା ସମ୍ବନ୍ଧରେ ମାନସିଂହଙ୍କର ଲେଖା ୧୯୪୫ମସିହାରେ, ଶଂଖ ପତ୍ରିକାରେ ପ୍ରକାଶିତ ହୋଇଛି, ମାତ୍ର ସେହି ସମାନ ଶିରୋନାମାର ଲେଖା, ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନରେ ସ୍ଥାନିତ ହେଲାବେଳେ ଅନେକ ପରିବର୍ତ୍ତନର ସମ୍ମୁଖୀନ ହୋଇଛି। ସେହିପରି ନବଜୀବନରେ ପ୍ରକାଶିତ ଲେଖା 'ଶିକ୍ଷାବିତ୍‌ର ଗାଥା'ରେ ସମାନ ଶିରୋନାମାରେ ଥିଲେ ମଧ୍ୟ, ତାହା ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଛି। ବିଚାରଧାରାର ନିର୍ଣ୍ଣୟ ପାଇଁ ଏ କ୍ଷେତ୍ରରେ ଉଭୟ ଲେଖାର ଉପଯୋଗିତା ରହିଛି। ସେ ଦୃଷ୍ଟିରୁ ଏ ଦୀର୍ଘ ତାଲିକା ପ୍ରଦାନର ଉପଯୋଗିତା ଯଥାର୍ଥ ବୋଲି ଅନୁଭୂତ ହୋଇଛି।

ଶେଷରେ ଏତିକି କୁହାଯାଇ ପାରେ ଯେ, ଦୈନିକ ପତ୍ରିକା ବା ଅନ୍ୟ ପତ୍ରପତ୍ରିକାରେ ଆଉ କେତେକ ଲେଖା ଥାଇପାରେ, ଭବିଷ୍ୟତରେ ଆହୁରି ଅନୁସଂଧାନ କରି ସମସ୍ତ ଲେଖା ସଂଗ୍ରହ ପାଇଁ ଚେଷ୍ଟା କରାଯାଇପାରେ। ବିଜ୍ଞ ତଥା ପ୍ରବୀଣ ଗବେଷକମାନେ ଏହି ତାଲିକା ପ୍ରୟୋଗରେ କିଛି ନୂତନ ପଦ୍ଧତି ପ୍ରୟୋଗ ମଧ୍ୟ କରିପାରନ୍ତି।

## ମାନସିଂହଙ୍କ ସୃଷ୍ଟି ବିଚାର-ବିମର୍ଶର ପୂର୍ବାଧ୍ୟାୟ:

ମାନସିଂହଙ୍କ ସୃଷ୍ଟି ସଂପର୍କରେ ବିଚାର ବିବେଚନାକୁ ମୁଖ୍ୟତଃ ତିନିଗୋଟି ପର୍ଯ୍ୟାୟରେ ଭାଗ କରାଯାଇପାରେ।

ଆଦି ପର୍ଯ୍ୟାୟ—ଖ୍ରୀ:୧୯୩୦-୧୯୫୬.

ଦ୍ୱିତୀୟ ପର୍ଯ୍ୟାୟ—ଖ୍ରୀ: ୧୯୪୭-୧୯୬୩,
ତୃତୀୟ ପର୍ଯ୍ୟାୟ—ଖ୍ରୀ: ୧୯୬୩-୧୯୮୯.

## ଆଦି ପର୍ଯ୍ୟାୟ

ଆଦି ପର୍ଯ୍ୟାୟରେ କବି ମାନସିଂହଙ୍କ ସୃଷ୍ଟି ସଂପର୍କୀୟ ଆଲୋଚନା, ମୁଖ୍ୟତଃ ସୃଷ୍ଟି ସଂପଦର ସମୀକ୍ଷାତ୍ମକ ଆଲୋଚନା ଓ ବିବାଦ ବିସମ୍ବାଦର ଚର୍ଚ୍ଚା । ଏହି ସମୟ ମଧ୍ୟରେ ମାନସିଂହଙ୍କର ସୃଷ୍ଟି ସଂପର୍କରେ କୌଣସି ବୌଦ୍ଧିକ ଚର୍ଚ୍ଚା ବା ବିଧିବଦ୍ଧ ମୂଲ୍ୟାୟନ କରଯାଇନାହିଁ । କଥିତ ସମୟର ଆଲୋଚନାକୁ ମୁଖ୍ୟତଃ ଦୁଇଟି ଉପ ବିଭାଗରେ ବିଭକ୍ତ କରାଯାଇ ପାରେ:-

(କ) ମାନସିଂହଙ୍କ କବିତା, କାବ୍ୟ ନାଟିକା, ନାଟକ, ପ୍ରବନ୍ଧାଦିର ସମୀକ୍ଷା ତଥା ପରିଚୟ ମୂଳକ ଆଲୋଚନା ।

(ଖ) କୌଣସି ମତାମତ ବା ସିଦ୍ଧାନ୍ତ ସମ୍ପର୍କରେ ମାନସିଂହ ଓ ଅନ୍ୟ ଲେଖକମାନଙ୍କର ମତାଲୋଚନା ।

ପ୍ରଥମ ପର୍ଯ୍ୟାୟର ପ୍ରଥମ ଭାଗ ସମ୍ପର୍କରେ, ଧୂପ,(୧)ହେମଶସ୍ୟ,()ରବୀନ୍ଦ୍ରନାଥଙ୍କ କବିତା, (୩) ପ୍ରାଚୀନ ଓଡ଼ିଆ କାବ୍ୟ (୪) ପୂଜାରିଣୀ(୫) ପରଧର୍ମ (୬) ଗାନ୍ଧୀଜୀ ଓ ମଧୁସୂଦନ(୭) ହେମଶସ୍ୟ (ପୁସ୍ତକ) (୮) ନର ଚିରନ୍ତନ (୯), ଆତତାୟୀ (୧୦) ମାଳାଗ୍ରହଣ (୧୧) ପ୍ରେମଶସ୍ୟ (୧୨) ନଷ୍ଟନୀଡ଼ (୧୩) କାପୁତର୍ପଣ (୧୪) ଜୀବନୀ ଓ ପ୍ରବନ୍ଧ, ହେମପୁଷ୍ପ, କବି ଓ କବିତା, ଜୀବନଚିତା(୧୫) କମଳାୟନ, ମାଟିବାଣୀ, କେମା(୧୬)ଜୀବନପଥ, ନଷ୍ଟନୀଡ଼ (୧୭)ବୁଦ୍ଧ (ନାଟକ) (୧୮) ଦୁର୍ଭିକ୍ଷ (୧୯) ମେହେର ପ୍ରଦୀପ (୨୦), ସମ୍ପର୍କରେ ଯେଉଁ ଆଲୋଚନାମାନ କରାଯାଉଛି, ତାହା ମୁଖ୍ୟତଃ ସମୀକ୍ଷାମୂଳକ ଆଲୋଚନା । ଏହି ଶ୍ରେଣୀର ଆଲୋଚନା ମାନସିଂହଙ୍କ ଲେଖା ପ୍ରକାଶପରେ ପରିଚୟାତ୍ମକ ଶୈଳୀରେ ଲେଖା ହୋଇଅଛି । କବି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ ଆଲୋଚିତ ପୂଜାରିଣୀ ଓ ହେମଶସ୍ୟ ପୁସ୍ତକ ସମୀକ୍ଷାକୁ ଛାଡ଼ିଦେଲେ ଅନ୍ୟାନ୍ୟ ସମସ୍ତ ଆଲୋଚନା ସଂକ୍ଷିପ୍ତ ତଥ୍ୟ ବିବରଣୀ ମୂଳକ । କେତେକ କ୍ଷେତ୍ରରେ ପୁସ୍ତକ ବା କବିତାଟିର ପ୍ରଶଂସା କରାଯାଇଥିଲା ବେଳେ, କେତେକ ସମୀକ୍ଷାରେ କେବଳ ନିନ୍ଦାଗାନ କରାଯାଇଅଛି । ଏହି ପର୍ଯ୍ୟାୟରେ ତାତ୍ତ୍ୱିକ ଆଲୋଚନା ପାଇଁ କୌଣସି କ୍ଷେତ୍ରରେ ପ୍ରୟାସ କରାଯାଇନାହିଁ ।

ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ପ୍ରକାର ଆଲୋଚନାରେ ବିଶ୍ଳେଷଣର ସ୍ତର ପୂର୍ବ ଅପେକ୍ଷା ସମାନ୍ୟ ବ୍ୟାପକତର । ମାତ୍ର ସାହିତ୍ୟିକ ଦୃଷ୍ଟିକୋଣରୁ ନିରପେକ୍ଷ ଭାବରେ ମୂଲ୍ୟାୟନ କରିବାର ଚେଷ୍ଟା ହୋଇନାହିଁ । ଏହି ଶ୍ରେଣୀର ଆଲୋଚନା ମୁଖ୍ୟତଃ ବିବାଦାତ୍ମକ ବା ବିତର୍କମୂଳକ । 'ପୁଷ୍ପିତା' ନାଟିକାର ସାର୍ଥକତା'(୨.୧)ନେଇ ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ ଏକ ଦୀର୍ଘ ଆଲୋଚନା କରିଥିଲେ । ଏଥିରେ 'ପୁଷ୍ପିତା' ନାଟିକାର ପରିଚୟ ଓ ନାଟିକାରେ ଦେଖାଦେଇଥିବା ପ୍ରେମଚିତ୍ରର ନିନ୍ଦାଗାନ କରାଯାଇଅଛି । ନାଟିକାର କଥାବସ୍ତୁର ଅସଙ୍ଗତି,

ଅର୍ନ୍ତନିହିତ ଗୁଢ଼ାଂଶ, ରଚନାର ପ୍ରେରଣା କ୍ରମରେ ବ୍ୟାପକ ଆଲୋଚନା ହୋଇଥିଲେ ହେଁ ଏହାକୁ ସଂପୂର୍ଣ୍ଣ ଭାବରେ ସାହିତ୍ୟିକ ଆଲୋଚନାର ମର୍ଯ୍ୟାଦା ଦିଆଯାଇ ପାରିବ ନାହିଁ। ପୁନଶ୍ଚ 'ତରୁଣ କବିର ଆଶା'ରେ ଥିବା ସବୁ କିଶୋରୀର ଚିବୁକ ଧରି, ବୁଲନ୍ତି ମୁଁ ଆହା ରସିକ ପରି' ସଦୃଶ କେତେକ ପଦକୁ ନେଇ କବିଙ୍କୁ ତୀବ୍ର ସମାଲୋଚନା କରାଯାଇଅଛି। (୨୨) ଏଥିରେ ନାଟିକାର କେତେକ ଦୋଷ ଦର୍ଶା ଯାଇଥିବାରୁ, ନାଟିକାର ସାହିତ୍ୟିକ ମୂଲ୍ୟ ନିରୂପଣର ଅବସର ଆସିନାହିଁ। ସଂପୃକ୍ତ ଲେଖାଟିର ପ୍ରକାଶ ପରେ ମାନସିଂହ 'ପୁଷ୍ପିତା ଲେଖକର କୈଫୟତ'(୨୩) ବୋଲି ଗୋଟିଏ ଦୀର୍ଘ ପତ୍ର ପ୍ରକାଶ କରିଛନ୍ତି।

ମାନସିଂହଙ୍କର ଆଉ ଏକ ଚିଠି 'ଫକୀରମୋହନଙ୍କ ଅଙ୍ଗବର୍ଦ୍ଧନ'(୨୪) ତାଙ୍କୁ ପୁଣି ଏକ ବିବାଦ ଭିତରକୁ ଟାଣିନେଲା। ମାନସିଂହଙ୍କର ସେ ସମୟର ଯୁକ୍ତି ଗୁରୁତ୍ୱପୂର୍ଣ୍ଣ ତଥା ପଣିଧାନ ଯୋଗ୍ୟ ତଥାପି ତାଙ୍କର ବିପକ୍ଷବାଦୀମାନଙ୍କୁ ଏହା ନିନ୍ଦା ଗାନର ଖୋରାକ ଯୋଗାଇଛି।

'ପୁଷ୍ପିତା' ନାଟିକାର ବିସମ୍ବାଦ ପରେ, 'ପରଧର୍ମ' ପ୍ରବନ୍ଧ(୨୫) ମାନସିଂହଙ୍କ ପାଇଁ ପୁଣି ଏକ ସାହିତ୍ୟିକ ଝଡ଼ ଆରମ୍ଭ କରିଥିଲା। ଏହି ବିବାଦ ସମ୍ପର୍କରେ ଅନୁସନ୍ଧାନ କଲେ ଜଣାଯାଏ ଯେ, 'ସହକାର'ର ସମ୍ପାଦକ– 'ଓଡ଼ିଆ ଭାଷାରେ ବଙ୍ଗଳା ପ୍ରଭାବ' ବିଷୟରେ ସମ୍ପାଦକୀୟ ମନ୍ତବ୍ୟ ଲେଖିବାରୁ ମାନସିଂହ 'ସମ୍ପାଦକଙ୍କୁ ପତ୍ର' (୨୬) ସ୍ତମ୍ଭରେ ଏକ ଚିଠି ଲେଖି ସମ୍ପାଦକଙ୍କ ମତକୁ ଆନ୍ତରିକ ସମର୍ଥନ ଜଣାଇଥିଲେ। ଏହି ପତ୍ରରେ ବଙ୍ଗ ପ୍ରଭାବର କାରଣ ଉଲ୍ଲେଖ କରି ସେ ପ୍ରତିବାଦୀମାନଙ୍କର ଅଭିଯୋଗ ବିଷୟରେ ସୂଚନା ଦେଇଥିଲେ। ତାପରେ ସହକାରରେ 'ପରଧର୍ମ' ପ୍ରବନ୍ଧ ପ୍ରକାଶିତ ହେଲା। ଏହି 'ପରଧର୍ମ' ପ୍ରବନ୍ଧ ପ୍ରକାଶିତ ହେବା ପରେ, ନବୀନ ଲେଖକମାନଙ୍କ ତରଫରୁ ଏକ ମିଳିତ ଆକ୍ରମଣ କରାଗଲା ଓ ପତ୍ର ପତ୍ରିକାରେ ଏକ ପ୍ରତିବାଦ ଲେଖା ପ୍ରକାଶ ପାଇଲା।(୨୭) ଏହି ଲେଖକମାନଙ୍କ ମଧ୍ୟରୁ ଶ୍ରୀ ଷଡ଼ଙ୍ଗୀ, ସଚ୍ଚିଦାନନ୍ଦ ରାଉତରାୟ ଓ ଦିଗମ୍ବର ଭୂୟାଁ ପ୍ରମୁଖ ମାନସିଂହଙ୍କ ପ୍ରବନ୍ଧର ପ୍ରତିବାଦ କରି ଚିଠି ପ୍ରେରଣ କରିଛନ୍ତି, କିନ୍ତୁ ପ୍ରତିବାଦୀମାନେ ନିଜର ଦୋଷ ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇନାହାନ୍ତି। ମାନସିଂହ ନିଜର ପ୍ରତ୍ୟୁତ୍ତରରେ ଅବଶ୍ୟ ସେ ନିଜେ ବଙ୍ଗ ପ୍ରଭାବରେ ପ୍ରଭାବିତ ଓ ରବୀନ୍ଦ୍ରନାଥ ତାଙ୍କର ଆଦର୍ଶ ଭାବରେ ଅଙ୍ଗୀକାର କରିଥିଲେ ହେଁ, ପ୍ରତିବାଦୀମାନେ ମାନସିଂହଙ୍କ ପୂର୍ବବର୍ତ୍ତୀ ଲେଖାର ଉଦାହରଣ ଦେଇ ତାଙ୍କ ପ୍ରେମ ବର୍ଣ୍ଣନାର ନିନ୍ଦା କରିଥିଲେ।

ମାନସିଂହ 'ହିସାବ ନିକାଶ' ନାମକ କବିତା(୨୮) ର ପ୍ରତିବାଦରେ ଶ୍ରୀ ବୈକୁଣ୍ଠନାଥ ଦାସ 'ହିସାବ ନିକାଶର ନିଶାପ' କବିତା ସହକାରରେ ଲେଖିଥିଲେ। ଏହି ଉଭୟ ଲେଖାର ସମୀକ୍ଷା 'ଡଗର'ରେ କରାଯାଇଥିଲା।

ମାନସିଂହଙ୍କ କର୍ମକ୍ଷେତ୍ରର ମର୍ଯ୍ୟାଦା ପରିବର୍ତ୍ତନ ସଙ୍ଗେ ସଙ୍ଗେ ତାଙ୍କ ସମ୍ପର୍କରେ ଦେଖା ଦେଇଥିବା ସାହିତ୍ୟିକ ବିସମ୍ବାଦର ମଧ୍ୟ ପରିବର୍ତ୍ତନ ହୋଇଛି। ଏହି ସମୟରେ ଅଧ୍ୟାପକ ରାଜକିଶୋର ରାୟଙ୍କର 'କବି ମାନସିଂହ ଓ ମିଡ଼ିୟାଭାଲିଜମ୍'(୨୯) ତଥା 'ବୁଦ୍ଧ' ନାଟକର ରଚନା ପୃଷ୍ଠପଟରେ ମାନସିଂହଙ୍କର ପ୍ରବନ୍ଧ 'ବୌଦ୍ଧଧର୍ମ ଏକମାତ୍ର ମନୁଷ୍ୟ ଧର୍ମ'ର ପ୍ରତିବାଦରେ ଶ୍ରୀ ବୃନ୍ଦାବନ ନାଥଶର୍ମାଙ୍କର 'ବୌଦ୍ଧଧର୍ମ କି ଏକମାତ୍ର ମନୁଷ୍ୟ ଧର୍ମ'(୩୦) ପ୍ରକାଶ ପାଇଲା। ପୁନଶ୍ଚ ମାନସିଂହ 'ଭାଷାତତ୍ତ୍ୱର ଅପପ୍ରଚାର' ସମ୍ପର୍କରେ ଲେଖିଥିବା ପ୍ରବନ୍ଧର ପ୍ରତିବାଦରେ ଅଧ୍ୟାପକ ଗୋଲୋକ ବିହାରୀ ଧଳ(୩୧) ଦୁଇଟି ଦୀର୍ଘ ଆଲୋଚନା ପ୍ରକାଶ କରିଥିଲେ। ପ୍ରୋକ୍ତ ଆଲୋଚନା ମାନସିଂହଙ୍କ ସମ୍ପର୍କରେ ହୋଇଥିଲେ ମଧ୍ୟ ମାନସିଂହଙ୍କ ସାହିତ୍ୟ ସୃଷ୍ଟି ବା ବିଚାର ବିମର୍ଶ ସମ୍ପର୍କରେ କୌଣସି ଆଲୋକପାତ କରେନାହିଁ। ବରଂ ଫତୁରାନନ୍ଦ 'କବି ଲଢ଼େଇ' କ୍ରମରେ ମାନସିଂହଙ୍କୁ ତାଙ୍କ ସୃଷ୍ଟି ମଧ୍ୟରେ ଦଣ୍ଡାୟମାନ କରି କବିଙ୍କର ବୈଶିଷ୍ଟ୍ୟ ଉପସ୍ଥାପନ କରିଛନ୍ତି। (୩୨) ଏହା ତାଙ୍କର ଲୋକପ୍ରିୟତାର ସୂଚନା ପ୍ରଦାନ କରିଥାଏ, ମାତ୍ର ସୃଷ୍ଟି ସମ୍ଭାର ବିଚାର ବିବେଚନାର ଗଭୀରତା ଏଠାରେ ମିଳିବା କଷ୍ଟ।

ଏଠାରେ ଉଲ୍ଲେଖ କରାଯାଇପାରେଯେ, ମାନସିଂହଙ୍କ ସୃଷ୍ଟି ବିଚାର ବିମର୍ଶର ଦ୍ୱିତୀୟ ପର୍ଯ୍ୟାୟର ସୂଚନା ୧୯୫୬ ମସିହା ବେଳକୁ ଦେଖା ଦେଇଛି। ଏହିବର୍ଷ 'ମୋର ପ୍ରିୟ ଲେଖକ' କ୍ରମରେ ଚତୁର୍ଥ ଲେଖକ ଭାବରେ କବି ମାନସିଂହଙ୍କ ସମ୍ପର୍କରେ ମହପାତ୍ର ନୀଳମଣି ସାହୁ(୩୩) ଆଲୋଚନା କରିଛନ୍ତି। ଅଧ୍ୟାପକ ପ୍ରାଣବନ୍ଧୁ କର 'ବୁଦ୍ଧ' ନାଟକ ସମ୍ପର୍କରେ ଆଲୋଚନା କରି– 'ଓଡ଼ିଆ ନାଟକ ଓ ଉପନ୍ୟାସରେ ବୁଦ୍ଧ ଓ ବୌଦ୍ଧଧର୍ମର ପ୍ରଭାବ' (୩୪) ଲେଖିଛନ୍ତି। ଏହି ଦୁଇଟି ଆଲୋଚନାକୁ ମାନସିଂହ ସୃଷ୍ଟି-ବିଚାରବିମର୍ଶର ଦ୍ୱିତୀୟ ଅଧ୍ୟାୟର ପୂର୍ବାଭାସ ଭାବରେ ବିବେଚନା କରାଯାଇପାରେ।

ଏହି ପର୍ଯ୍ୟାୟକୁ ସମୂହ ଭାବରେ ବିଚାରକଲେ ଜଣାଯାଏ ଯେ, ଏଗୁଡ଼ିକରୁ ମାନସିଂହଙ୍କ ସୃଷ୍ଟି ସମ୍ଭାରର ଲୋକପ୍ରିୟତା ପ୍ରମାଣିତ ହୋଇଥିଲେ ହେଁ, ଏହି ସମୟରେ ତାଙ୍କ ସୃଷ୍ଟିକୁ ଗଭୀର ଭାବରେ ଆଲୋଚନା କରିବାର ପ୍ରୟାସ ହୋଇନାହିଁ। କଥିତ ପର୍ଯ୍ୟାୟରେ ତାଙ୍କ ସମ୍ପର୍କରେ ବିଭିନ୍ନ ସମୟରେ ଯେଉଁ ବିତର୍କର ସୂଚନା ମିଳେ, ତାହା ମୁଖ୍ୟତଃ ତାଙ୍କ ବ୍ୟକ୍ତିଗତ ଜୀବନର ପ୍ରତିକ୍ରିୟାର ସାହିତ୍ୟିକ ଦ୍ୱନ୍ଦ୍ୱ। ଅନ୍ୟ ଭାଷାରେ କହିବାକୁ ଗଲେ, ତାଙ୍କ ଜୀବନର ବୈଷମ୍ୟ ଜନିତ ବାଦ ବିସମ୍ବାଦ ଘଟଣା କେବଳ ଏହି ଅଂଶରେ ଆଲୋଚିତ ହୋଇଛି। ଅଧାପକ ରାଜ କିଶୋର ରାୟ, ମହାପାତ୍ର ନୀଳମଣି ସାହୁ ଓ ଅଧାପକ ପ୍ରାଣବନ୍ଧୁ କର ଏହି ପର୍ଯ୍ୟାୟରେ ମାନସିଂହଙ୍କ ସୃଷ୍ଟି ସମ୍ଭାର ଉପରେ ଆଲୋଚନା ଯେଉଁ ପୃଷ୍ଠପୀଠିକା ପ୍ରସ୍ତୁତ କରିଥିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ତାର ଫଳଶ୍ରୁତି ଦେଖିବାକୁ ମିଳିଥାଏ। ମୋଟ ଉପରେ କହିବାକୁ ଗଲେ ମାନସିଂହଙ୍କୁ ପଚାଶ ବର୍ଷ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତାଙ୍କ ସୃଷ୍ଟିର ଗଭୀର ତଥା ତାତ୍ତ୍ୱିକ ବିଚାର ହୋଇନାହିଁ।

## ସୃଷ୍ଟି-ବିଚାର-ବିମର୍ଶର ଦ୍ୱିତୀୟ ପର୍ଯ୍ୟାୟଃ

କବି ମାନସିଂହଙ୍କ ସୃଷ୍ଟି ବିଚାର ବିମର୍ଶର ଦ୍ୱିତୀୟ ପର୍ଯ୍ୟାୟକୁ ୧୯୫୭ ମସିହାରୁ ୧୯୭୩ ପର୍ଯ୍ୟନ୍ତ ପରିସରଭୁକ୍ତ କରାଯାଇ ପାରେ। ଏହି ପର୍ଯ୍ୟାୟରେ ମୁଖ୍ୟତଃ ତିନୋଟି ଦୃଷ୍ଟିକୋଣରୁ ମାନସିଂହଙ୍କ ସୃଷ୍ଟିକୁ ବିଚାର କରାଯାଇଅଛି :

(କ) କାବ୍ୟ ପ୍ରତିଭାର ବିଧିବଦ୍ଧ ମୂଲ୍ୟାୟନ,

(ଖ) ଆଦି ଅଧ୍ୟାୟର ସଂପ୍ରସାରଣ,

(ଗ) ସାଧାରଣ ଐତିହାସିକ ଆଲୋଚନା କ୍ରମରେ ମାନସିଂହଙ୍କ ସ୍ଥାନ।

ଖ୍ରୀ:୧୯୫୭କୁ ଏକ ସୀମାରେଖା ଧରିବାର କାରଣ ହେଉଛି ଯେ, ଏହି ସମୟରୁ ମାନସିଂହଙ୍କ କାବ୍ୟ କବିତା ତଥା ସୃଷ୍ଟି-ସମ୍ଭାର ଉପରେ ବିଧିବଦ୍ଧ ଆଲୋଚନା ଆରମ୍ଭ ହେଲା। ଖ୍ରୀ:୧୯୭୩ରେ ଡ଼ଃ ମାନସିଂହଙ୍କର ସ୍ୱର୍ଗାରୋହଣ ପର୍ଯ୍ୟନ୍ତ ଏହି ଧାରାର ସଂପ୍ରସାରଣ ହୋଇଥିବାରୁ, ଏହି ସମୟ ସୀମାକୁ ଦ୍ୱିତୀୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇଛି।

### କାବ୍ୟପ୍ରତିଭାର ବିଧିବଦ୍ଧ ମୂଲ୍ୟାୟନ :

ଖ୍ରୀ: ୧୯୫୭ ରୁ ୧୯୭୩ ମଧ୍ୟରେ ମାନସିଂହଙ୍କ ସୃଷ୍ଟିର ବିଧିବଦ୍ଧ ଆଲୋଚନା କରିଥିବା ସମୀକ୍ଷକମାନେ ହେଲେ, ଅଧ୍ୟାପକ ଚିନ୍ତାମଣି ବେହେରା, ଅଧ୍ୟାପକ ନଟବର ସାମନ୍ତରାୟ, ଅଧ୍ୟାପକ ଦାଶରଥି ଦାସ, ଅଧ୍ୟାପକ ତାରିଣୀ ଚରଣ ଦାସ ଓ ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀ। ମାନସିଂହ ସାହିତ୍ୟର ଯଥାର୍ଥ ମୂଲ୍ୟାୟନ ସମ୍ପୃକ୍ତ ସମୟରୁ ଆରମ୍ଭ କରାଯାଇଅଛି।

ଏହି ସମୟରେ ଆଦି-ପର୍ଯ୍ୟାୟର ମଧ୍ୟ ସଂପ୍ରସାରଣ ହୋଇଛି। ଅର୍ଥାତ୍ ୧୯୫୭ ପୂର୍ବରୁ ମାନସିଂହଙ୍କ ସାହିତ୍ୟ ତଥା ପୁସ୍ତକ ସମ୍ପର୍କରେ କେବଳ ପୁସ୍ତକ ସମୀକ୍ଷା ତଥା ନାନା ବାଦ ବିସମ୍ବାଦ ଚାଲିଥିଲା। କଥିତ ସମୟରେ ସେ ଧାରା ଅପରିବର୍ତ୍ତିତ ରହିବା ସଂଗେ ସଂଗେ କେତେକ କ୍ଷେତ୍ରରେ ସେ ବିସମ୍ବାଦ ତୀବ୍ର ହୋଇଛି।

ପୁନଶ୍ଚ ଏହି ସମୟ ସୀମା ମଧ୍ୟରେ ଐତିହାସିକ ଆଲୋଚନା କ୍ରମରେ ମାନସିଂହ ସାହିତ୍ୟ ଆଲୋଚନା ହୋଇଥିବାର ଲକ୍ଷ୍ୟ କରାଯାଇ ଥାଏ। ଆଧୁନିକ ସାହିତ୍ୟ ଆଲୋଚନା କ୍ରମରେ ବିଭିନ୍ନ ଆଲୋଚକ ମାନସିଂହ ସାହିତ୍ୟକୁ ଆଲୋଚନା ପରିସରଭୁକ୍ତ କରାଇ ତୁଳନାତ୍ମକ ରୀତିରେ ଏହାର ମୂଲ୍ୟାୟନ କରିଛନ୍ତି। ଏହି ସମୟ ମଧ୍ୟରେ ଏହା ଏତେ ବ୍ୟାପକ ନ ହେଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଦେଖା ଦେଇଥିବା ଧାରାର ଆଭାସ ଏହି ସମୟରୁ ମିଳିଛି।

ମାନସିଂହଙ୍କ ସମ୍ପର୍କରେ ପ୍ରଥମ ରସୋତ୍ତୀର୍ଣ୍ଣ ସାହିତ୍ୟିକ ଆଲୋଚନା ଅଧ୍ୟାପକ ଚିନ୍ତାମଣି ବେହେରା ଆରମ୍ଭ କରିଥିଲେ। 'କବି ମାନସିଂହଙ୍କ କାବ୍ୟ ପ୍ରତିଭା' (୩୫) ନାମରେ 'ଡଗର'ରେ ପ୍ରକାଶିତ ଆଲୋଚନା ହିଁ ମାନସିଂହଙ୍କ କାବ୍ୟ କବିତା ସମ୍ପର୍କରେ ପ୍ରଥମ ବ୍ୟାପକ ଆଲୋଚନା। ଏହି ଆଲୋଚନାରେ ଅଧ୍ୟାପକ ବେହେରା ମାନସିଂହଙ୍କ ସୃଷ୍ଟିର ପୃଷ୍ଠଭୂମି ଉପରେ ଲେଖିଛନ୍ତି: "କବି ମାନସିଂହଙ୍କ ସୃଷ୍ଟି ସୌଧ ମୂଳରେ ରହିଛି, ସ୍ୱଦେଶୀ ଓ ବିଦେଶୀ, ଜାତୀୟ ଓ ବିଜାତୀୟ , ବହୁ ବିଭିନ୍ନ ପ୍ରତିଭାଶାଳୀ

ସ୍ରଷ୍ଟାଙ୍କର ଶିଳ୍ପ ସାଧନାର ଐତିହ୍ୟ, କିନ୍ତୁ ଏହି ଐତିହ୍ୟକୁ ମୂଳଧନ ବା ପାଥେୟ କରି ଉଚ୍ଚ କୋଟିର ପ୍ରତିଭା ନିଜ ନିଜ ଭାବ ଐଶ୍ୱର୍ଯ୍ୟର ବିକାଶ ବା ଅଭିବୃଦ୍ଧି ସାଧନା କଲାଭଳି ଗୃହୀତ ପରମ୍ପରା ଉପରେ ବହୁ ନୂତନ ଓ ବିଚିତ୍ର ସରଣୀ ନିର୍ମାତାର ସୌଭାଗ୍ୟ ଅର୍ଜନ କରିଛନ୍ତି କବି ମାନସିଂହ''। (୩୬)।

ମାନସିଂହଙ୍କ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସର ଓଡ଼ିଆ ସଂସ୍କରଣରେ ଅଧ୍ୟାପକ ଚିନ୍ତାମଣି ବେହେରା 'ଓଡ଼ିଆ ସାହିତ୍ୟରେ ମାନସିଂହ' ନାମରେ ଏକ ପ୍ରବନ୍ଧ ଲେଖିଛନ୍ତି। (୩୭) ଏହି ଆଲୋଚନାରେ ସଂକ୍ଷେପରେ ସେ ମାନସିଂହ ସାହିତ୍ୟକୁ ଭାଗଭାଗ କରି ଆଲୋଚନା କରିଛନ୍ତି। ମାନସିଂହଙ୍କ ସମଗ୍ର ସୃଷ୍ଟିକୁ ବିଭିନ୍ନ ଦିଗରୁ ଦେଖିବାରେ ଅଧ୍ୟାପକ ବେହେରା ହେଉଛନ୍ତି, ପ୍ରଥମ ଆଲୋଚକ। ଅଧ୍ୟାପକ ନଟବର ସାମନ୍ତରାୟ 'କବି ମାନସିଂହଙ୍କ ପନ୍ଦର ବର୍ଷ ରଚନାର କାଳ ନିରୂପଣ' କରି (୩୮) ମାନସିଂହ ସାହିତ୍ୟ ଆଲୋଚନାର ପଥ ପରିଷାର ଦେଇଛନ୍ତି। ଖ୍ରୀ: ୧୯୨୫ ରୁ ୧୯୪୦ ପର୍ଯ୍ୟନ୍ତ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ଲେଖାର ତାଲିକା ପ୍ରଦାନ ହିଁ ଏହି ଲେଖାର ବୈଶିଷ୍ଟ୍ୟ। ମାତ୍ର ଏହା ମାନସିଂହଙ୍କ ରଚନାର ପୂର୍ଣ୍ଣାଂଗ ତାଲିକା ନୁହେଁ ବା କଥିତ ସମୟର ସମଗ୍ର ରଚନା ଏହି ତାଲିକାରେ ପ୍ରଦତ୍ତ ହୋଇନାହିଁ।

ଅଧ୍ୟାପକ ଦାଶରଥି ଦାସ, 'ରବୀନ୍ଦ୍ରନାଥ ଓ କବି ମାନସିଂହଙ୍କ ମର୍ତ୍ତ୍ୟପ୍ରୀତି' (୩୯) ପ୍ରବଂଧରେ ଉଭୟ କବିଂଙ୍କ ମର୍ତ୍ତ୍ୟପ୍ରୀତିର ତୁଳନାତ୍ମକ ଆଲୋଚନା କରିଛନ୍ତି। ଦୀର୍ଘ ଆଲୋଚନାରେ ବହୁଳ ଉଦାହରଣ ପ୍ରଦାନ କରି ରବୀନ୍ଦ୍ରଙ୍କ ମର୍ତ୍ତ୍ୟପ୍ରୀତିର ପ୍ରଭାବ କିପରି ମାନସିଂହଙ୍କ ଉପରେ ପଡ଼ିଛି, ତାର ତୁଳନା କରିଛନ୍ତି। 'ମାନସିଂଙ୍କ ମର୍ତ୍ତ୍ୟପ୍ରୀତିର ଅନ୍ୟତମ ବଳିଷ୍ଠ ଉତ୍ସ ହେଉଛି ରବୀନ୍ଦ୍ର ଭାବ—କଳ୍ପନା। ତେବେ ସେହି ଭାବ—କଳ୍ପନା ତାଂଙ୍କ କବିତାର ଭାବ ଓ ପାରିପାର୍ଶ୍ୱିକ ପରିମଣ୍ଡଳରେ ଏପରି ସଞ୍ଚାରିତ ହୋଇଛି ଯେ, ସବୁଠି ତାକୁ ନୂତନ ଆଶ୍ରୟରୁ ସ୍ୱତନ୍ତ୍ର କରି ଦେଖିହୁଏ ନାହିଁ।' (୪୦) ଶ୍ରୀ ଦାଶରଥି ଦାସଙ୍କର ଅନ୍ୟ ଏକ ଆଲୋଚନା 'ରୂପ ଓ ସୌଂଦର୍ଯ୍ୟର କବି ମାନସିଂହ' (୪୧) । ଏହି ଦୀର୍ଘ ପ୍ରବଂଧରେ ଆଲୋଚକ କବି ମାନସିଂହଂକର କାବ୍ୟ ତଥା କବିତାରେ ରୂପ ତଥା ସୌଂଦର୍ଯ୍ୟର ବିଶ୍ଳେଷଣ କରିଛନ୍ତି। ସେ ବହୁ ଉଦାହରଣ ମଧ୍ୟରେ କବିଂଙ୍କ ନାରୀ ପ୍ରୀତିରୁ ନିସର୍ଗପ୍ରୀତି ପର୍ଯ୍ୟନ୍ତ ବିଭିନ୍ନ ସ୍ତରର ଚିତ୍ର ପ୍ରଦାନ କରିଛନ୍ତି।

ମାନସିଂହଂଙ୍କ କବିତାର ଅନ୍ୟତମ ଆଲୋଚକ ଶ୍ରୀ ତାରିଣୀ ଚରଣ ଦାସ। ଅଧ୍ୟାପକ ଦାସ 'ତଗର' ପ୍ରତିକାରେ (୪୨) ମାନସିଂହଂଙ୍କ କବିତା 'ଧୂପ' ସଂପର୍କରେ ଏକ ଦୀର୍ଘ ଆଲୋଚନା କରିଛନ୍ତି। ଉକ୍ତ ଆଲୋଚନାରେ ଅଧ୍ୟାପକ ଦାସ 'ଧୂପ'ର କବିତାଗୁଡ଼ିକ ବିଶ୍ଳେଷଣ କରି ମାନସିଂହଂକ ପ୍ରେମ କବିତାକୁ ବିଭିନ୍ନ ଦୃଷ୍ଟିରୁ ବିଚାର କରିଛନ୍ତି। ସେ 'ଧୂପ'କୁ ବିଶ୍ଳେଷଣ କରି ପ୍ରେମ ସଂପର୍କରେ ନିମ୍ନଲିଖିତ ପ୍ରବୃତ୍ତିର ସଂଧାନ ପାଇଥିଲେ ; ଯଥା– (କ) ତରୁଣ ପ୍ରେମିକର ସ୍ୱଚ୍ଛନ୍ଦ ପ୍ରେମାଭିଳାଷ, ଉଚ୍ଛ୍ୱାସ ଓ ପରିକଳ୍ପନା, (ଖ) ପ୍ରଣୟର ନୂତନ ପରିଭାଷା ଓ ଆତ୍ମ ସମର୍ପଣ, (ଗ) ପ୍ରେମର

ପ୍ରବୃତ୍ତି ଓ ଗତିବିଧି, (ଘ) ପ୍ରଣୟ ଜନିତ ଦୈନ୍ୟ ଓ ମିମିକ୍ଷିଷା, (ଡ) ପ୍ରେମର ସାରଲ୍ୟ ଓ ଅର୍ପଣ ବୃତ୍ତି, (ଚ) ପ୍ରକୃତିର ଉଦ୍ଦୀପନା ଓ ପ୍ରଣୟୀର ମନୋଦଶା।

ଏହି ଆଲୋଚନା ପର୍ଯ୍ୟାୟରେ ଅଧ୍ୟାପକ ନିତ୍ୟାନନ୍ଦ ଶତପଥୀଙ୍କର 'ଗୀତିନାଟ୍ୟର କେତୋଟି ଚରିତ୍ର' (୪୩) ଆଲୋଚନାଟି ବରଂ ଅନେକ ଦୃଷ୍ଟିରୁ ନୂତନତା ଆଣି ପାରିଛି। ଅଧ୍ୟାପକ ଶତପଥୀ ମାନସିଂହଙ୍କ ଗୀତିନାଟ୍ୟରେ କବି ରବୀନ୍ଦ୍ରନାଥଙ୍କ ପ୍ରଭାବ ବିଷୟରେ ଏକ ତୁଳନାତ୍ମକ ତାତ୍ତ୍ୱିକ ଆଲୋଚନା କରିଛନ୍ତି। ଏହି ଆଲୋଚନାଟି ଅନୁସଂଧିତ୍ସାମୂଳକ ହେବା ସଂଗେ ସଂଗେ, ଏହା ସେତେବେଳେ କବି ମାନସିଂହଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଶ୍ରୀ ଶତପଥୀ ମାନସିଂହଙ୍କ ରଚିତ ଗୀତିନାଟ୍ୟର ଚରିତ୍ରମାନଙ୍କ ଉପରେ କବି ରବୀନ୍ଦ୍ରନାଥଙ୍କ ପ୍ରଭାବ ସଂପର୍କରେ ସୂଚନା ଦେଇଥିଲେ। କିନ୍ତୁ ଏହି ଆଲୋଚନାର ପ୍ରତିକ୍ରିୟାରେ କବି ମାନସିଂହ ଅଧ୍ୟାପକ ଶତପଥୀଙ୍କୁ ଏକ ଦୀର୍ଘ ପତ୍ର ଲେଖିଥିଲେ ଓ ଏପରି ପ୍ରଭାବ ତାଙ୍କ ଉପରେ କିଛି ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ପରେ ଏହି ପତ୍ର, 'ଝଙ୍କାର' ପତ୍ରିକାରେ ପ୍ରକାଶିତ ହୋଇଥିଲା।

**ଆଦି ଅଧ୍ୟାୟର ସଂପ୍ରସାରଣ:**

ପ୍ରଥମ ପର୍ଯ୍ୟାୟ ଆଲୋଚନା କ୍ରମରେ ମୁଖ୍ୟତଃ ଦୁଇଟି ଦିଗରେ ମାନସିଂହ ସାହିତ୍ୟ ଆଲୋଚିତ ହୋଇଥିଲା। ଏ ପର୍ଯ୍ୟାୟରେ ମଧ୍ୟ ସେ ଧାରା ଗତିଶୀଳ ରହିଛି। ପ୍ରଥମରେ ମାନସିଂହଙ୍କ ପ୍ରକାଶିତ ଗ୍ରନ୍ଥର ସମୀକ୍ଷା ତଥା ପରିଚୟାତ୍ମକ ଆଲୋଚନା, ଦ୍ୱିତୀୟରେ ବ୍ୟକ୍ତିଗତ ତଥା ସାହିତ୍ୟିକ ବିସମ୍ବାଦ। କଥିତ ସମୟ ମଧ୍ୟରେ 'କ୍ରୁଶ' ଓ 'ସେ ଦିନର କବିତା' ବ୍ୟତୀତ ଅନ୍ୟ ସମସ୍ତ ପୁସ୍ତକ ସମୀକ୍ଷା ତାଙ୍କ ରଚିତ 'ଓଡ଼ିଆ ସାହିତ୍ୟର ଇତିହାସକୁ' କେନ୍ଦ୍ରକରି ସଂଗଠିତ। ଶ୍ରୀ ହରେନ୍ଦ୍ର ପ୍ରସାଦ ମହାନ୍ତି 'କ୍ରୁଶ' (୪୪) ସମୀକ୍ଷା କରିଛନ୍ତି। ଖ୍ରୀ: ୧୯୬୨ ମସିହାରେ ଜାତୀୟ ସାହିତ୍ୟ ଏକାଡେ଼ମୀ କର୍ତ୍ତୃକ ପ୍ରକାଶିତ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ (ଇଂରାଜୀ) ଓ ୧୯୬୭ ମସିହାରେ ଗ୍ରନ୍ଥମନ୍ଦିର ଦ୍ୱାରା ପ୍ରକାଶିତ 'ଓଡ଼ିଆ ସାହିତ୍ୟର ଇତିହାସ (ଓଡ଼ିଆ), ସମସାମୟିକ ସାହିତ୍ୟିକ ଜଳବାୟୁକୁ ସରଗରମ କରିଦେଇଥିଲା। ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥ ପାଇଁ ଏହି ଦଶଂଧିରେ ଅନେକ ସମୀକ୍ଷା ହୋଇଯାଇଛି। ସେଗୁଡ଼ିକହେଲା:

(କ) ଶରତ କୁମାର ମହାନ୍ତିଙ୍କର 'ସମସାମୟିକ ଓଡ଼ିଆ ସାହିତ୍ୟ ପ୍ରତି ଅବିଚାର'

(ଖ) ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କର 'ତ୍ରୁଟିପୂର୍ଣ୍ଣ ଓଡ଼ିଆ ସାହିତ୍ୟର ଇତିହାସ'

(ଗ) ଡକ୍ଟର ମାନସିଂହଙ୍କ ଭୁଲ।

(ଘ) ଓଡ଼ିଆ ସାହିତ୍ୟର ଇତିହାସ ସମ୍ବାଦ।

(ଙ) ମାନସିଂହଙ୍କର ଓଡ଼ିଆ ସାହିତ୍ୟର ଇତିହାସ।

(ଚ) ଓଡ଼ିଆ ସାହିତ୍ୟର ଧର୍ଷଣ।

(ଛ) ଏ ବ୍ରିଫ୍ ରିଭିୟୁ ଅଫ୍ ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟେରେଚର। (୪୫)

ଏହି ଶ୍ରେଣୀର ଆଲୋଚନାରେ ମୁଖ୍ୟତଃ ମାନସିଂହଙ୍କ ପୁସ୍ତକର ନିନ୍ଦାଗାନ କରାଯାଇଅଛି। ଅବଶ୍ୟ ଶଂସିତ 'ଓଡ଼ିଆ ସାହିତ୍ୟର ଇତିହାସ'ରେ କେତେକ ପ୍ରମାଦ ରହି ଯାଇଥିଲା, ମାତ୍ର ସେଥିରେ ଥିବା ଭଲ ଅଂଶକୁ ଏହି ଆଲୋଚକମାନେ ପ୍ରାୟତଃ ଆଲୋଚନା ପରିସରଭୁକ୍ତ କରି ନାହାନ୍ତି। ଏହି ପର୍ଯ୍ୟାୟରେ 'ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟିରେଚର' ରଚନା ପୂର୍ବରୁ 'କଣ୍ଟେମ୍ପରାରୀ ଇଣ୍ଡିଆନ୍ ଲିଟିରେଚର'ରେ ଓଡ଼ିଆ ସାହିତ୍ୟ ସଂପର୍କରେ ଏକ ଲେଖା ମଧ୍ୟ ବିବାଦ ଆରମ୍ଭ କରିଥିଲା। ଉକ୍ତ ଲେଖାର ପ୍ରତିବାଦରେ ଶ୍ରୀ ଗୁରୁଚରଣ ପଟ୍ଟନାୟକ ଧାରାବାହିକ ଭାବରେ ଆଲୋଚନା ଆରମ୍ଭ କରିଥିଲେ। (୪୬) ପୁନଶ୍ଚ ଡଃ ମାନସିଂହଙ୍କର 'ଶିକ୍ଷାବିତ୍‌ର ଗାଥା'ର ବିଭିନ୍ନ ଅଂଶ ଧାରାବାହିକ ଭାବରେ 'ନବଜୀବନ'ରେ ପ୍ରକାଶିତ ହେବା ସମୟରେ ପୁଣି ଏକ ସାହିତ୍ୟିକ ବିବାଦ ଆରମ୍ଭ ହେଲା। ଡଃ ମାନସିଂହଙ୍କ ସ୍ପଷ୍ଟବାଦିତା ଓ କେତେକ କ୍ଷେତ୍ରରେ ଏକଦେଶଦର୍ଶିତା ଏହି ବିବାଦର କାରଣ ବୋଲି ପ୍ରତୀୟମାନ ହୁଏ। କେତେକ ଓଡ଼ିଆ ଅଧ୍ୟାପକଙ୍କ ଦୋଷ ଯୋଗୁ ସମସ୍ତ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପକଙ୍କୁ ନିନ୍ଦା କରିବା ମାନସିଂହଙ୍କର ଏକ ଗୁରୁତର ଭୁଲ୍। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଯେମିତି ଅଧ୍ୟାପକର ଗୁଣ ନଥିବା କେତେକ ଅଯୋଗ୍ୟ ଅଧ୍ୟାପକ ଅଛନ୍ତି, ସେହିପରି ଅନ୍ୟାନ୍ୟ ବିଭାଗରେ ମଧ୍ୟ ଅନେକ ଅନେକ ଅଛନ୍ତି। ଏହି ସମୟରେ ମାନସିଂହଙ୍କ ଲେଖାର ପ୍ରତିବାଦରେ ଶ୍ରୀ ଭାବଗ୍ରାହୀ ମିଶ୍ର, ଶ୍ରୀ ଶରତ କୁମାର ମହାନ୍ତି, ଅଧ୍ୟାପକ ଗୋଲୋକ ବିହାରୀ ଧଳ, ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) (୪୭) ପ୍ରମୁଖ ଆଲୋଚନା କରିଛନ୍ତି। ସେ ସମୟରେ 'ନବଜୀବନ'ର ସଂପାଦକ ଶ୍ରୀ ଚିନ୍ତାମଣି ମିଶ୍ର ହିଁ କେବଳ 'ଶିକ୍ଷାବିତ୍‌ର ଗାଥା'ର ଦୋଷଗୁଣକୁ ବିଚାରକରି ମାନସିଂହଙ୍କ ସପକ୍ଷରେ ପ୍ରତିବାଦୀମାନଙ୍କୁ ଉତ୍ତର ପ୍ରଦାନ କରିଥିଲେ। (୪୮) ଡଃ ମାନସିଂହ ୧୯୭୩ ଏପ୍ରିଲ ରେ 'ପାଇକଖେଦା ଏକ ଚାଲେଂଜ୍' ନାମରେ ଯେଉଁ ପ୍ରବନ୍ଧ ଲେଖିଥିଲେ। ଡକ୍ଟର କୁଞ୍ଜବିହାରୀ ଦାଶ 'ନବରବି'ରେ 'ପାଇକଖେଦା ଏକ ଜବାବ୍' ଶିରୋନାମାରେ ତାହାର ଉତ୍ତର ପ୍ରଦାନ କରିଥିଲେ। ଏହାପରେ ଡଃ ମାନସିଂହ, ଡଃ ଦାଶଙ୍କୁ ବ୍ୟକ୍ତିଗତ ଭାବରେ ଯେଉଁ ଚିଠି ଲେଖିଥିଲେ, ତାହା 'ମୋ କାହାଣୀ'ରେ ପ୍ରକାଶିତ ହୋଇଛି।(୪୯)

**ସାଧାରଣ ଐତିହାସିକ ଆଲୋଚନା କ୍ରମରେ ମାନସିଂହଙ୍କ ସ୍ଥାନ:**

ଖ୍ରୀ: ୧୯୫୬ ର ପରବର୍ତ୍ତୀ କାଳରେ ଡଃ ମାନସିଂହଙ୍କ ସାହିତ୍ୟ ଐତିହାସିକ ଆଲୋଚନା କ୍ରମରେ ସ୍ଥାନ ପାଇବାକୁ ଲାଗିଲା। ଅବଶ୍ୟ ଆଧୁନିକ ଓଡ଼ିଆ ସାହିତ୍ୟର ଆଲୋଚନା ସମୟରେ ମାନସିଂହଙ୍କ ସୃଷ୍ଟି ଆଲୋଚନାର ପରିସରଭୁକ୍ତ ହେବା ଯାଥାର୍ଥ, ମାତ୍ର କଥିତ ସମୟ ପୂର୍ବରୁ ସମସାମୟିକ ସାହିତ୍ୟ ସଂପର୍କରେ ଅଲୋଚନା କ୍ୱଚିତ୍ ଦେଖା ଦେଇଥିଲା। ଯାହା ହେଉ ଏହି ଆଲୋଚନା ପର୍ଯ୍ୟାୟରେ ଯେଉଁ ପ୍ରମୁଖ ଆଲୋଚକମାନେ ଦୃଷ୍ଟିପଥାରୂଢ଼ ହୁଅନ୍ତି, ସେମାନେ ହେଲେ: ଶ୍ରୀ ଭାବଗ୍ରାହୀ ମିଶ୍ର, ଅଧ୍ୟାପକ ନଟବର ସାମନ୍ତରାୟ, ଅଧ୍ୟାପକ ଶ୍ରୀ ନିତ୍ୟାନନ୍ଦ ଶତପଥୀ ଓ ଶ୍ରୀ ପ୍ରମୋଦ କୁମାର ମହାନ୍ତି।

ଶ୍ରୀ ଭାବଗ୍ରାହୀ ମିଶ୍ର ଐତିହାସିକ ଆଲୋଚନାକ୍ରମରେ ପ୍ରଥମେ ମାନସିଂହଙ୍କ ସାହିତ୍ୟ ସଂପର୍କରେ ଆଲୋଚନା ଆରମ୍ଭ କରନ୍ତି। 'ଚତୁର୍ଦ୍ଦଶ ପଦୀ କବିତା ଓ ଓଡ଼ିଆ ସାହିତ୍ୟରେ ଏହାର ଧାରା' (୫୦) ରେ ମଧୁସୂଦନଂକ ଠାରୁ ମାନସିଂହଂକ ପର୍ଯ୍ୟନ୍ତ ଲିଖିତ ସନେଟଗୁଡ଼ିକର ସେ ଆଲୋଚନା କରିଛନ୍ତି। ଏଥିରେ 'କୃଷ' ସମେତ ମାନସିଂହଂକର ଅନ୍ୟାନ୍ୟ ସନେଟର ଆଲୋଚନା କରାଯାଇଅଛି। ଏହାପରେ ଅଧ୍ୟାପକ ନଟବର ସାମନ୍ତରାୟ ତାଂକର 'ଆଧୁନିକ ଓଡ଼ିଆ ସାହିତ୍ୟର ଦିଗ୍‌ଦର୍ଶନ' ପୁସ୍ତକରେ ସବୁଜ ପରେ ମାନସିଂହଂକ ସଂପର୍କରେ ଏକ ସ୍ୱତନ୍ତ୍ର ଅଧ୍ୟାୟରେ ଆଲୋଚନା କରିଛନ୍ତି। ଏ ଆଲୋଚନା ଏତେ ଗଭୀର ନ ହେଲେ ହେଁ ଐତିହାସିକ ଆଲୋଚନା ପର୍ଯ୍ୟାୟରେ ମାନସିଂହଂକ ପାଇଁ ଏକ ସ୍ୱତନ୍ତ୍ର ଅଧ୍ୟାୟ ସଂଯୋଗ କରିବାରେ ଅଧ୍ୟାପକ ସାମନ୍ତରାୟଂକ ଭୂମିକା ଉଲ୍ଲେଖଯୋଗ୍ୟ। (୫୧) ଅଧ୍ୟାପକ ନିତ୍ୟାନଂଦ ଶତପଥୀ ଆଧୁନିକ ଓଡ଼ିଆ ସାହିତ୍ୟ ଆଲୋଚନା କ୍ରମରେ ମାନସିଂହଂକ ସଂପର୍କରେ ଐତିହାସିକ ଆଲୋଚନା କରିଛନ୍ତି। ଶ୍ରୀ ଶତପଥୀଂଙ୍କର 'ରବୀଂଦ୍ରନାଥଂକ ଅତୀଂଦ୍ରିୟବାଦ ଓ ଓଡ଼ିଆ ସାହିତ୍ୟରେ ତା'ର ସଂକ୍ରମଣ' (୫୨) ଏହାର ଦୃଷ୍ଟାନ୍ତ। ଶ୍ରୀ ପ୍ରମୋଦ କୁମାର ମହାନ୍ତିଂକର 'ଅନାସକ୍ତ କୋଣାର୍କ ଓ ତାହାର ଆସକ୍ତ କବି କେତେଜଣ' (୫୩) ରେ ମାନସିଂହଂକ ସାହିତ୍ୟ ସଂପର୍କରେ ଆଲୋଚନା କରାଯାଇଛି।

**ଦ୍ୱିତୀୟ ପର୍ଯ୍ୟାୟର ସମୀକ୍ଷା:**

ଏହି ଦ୍ୱିତୀୟ ପର୍ଯ୍ୟାୟ (୧୯୫୭–୭୩) ମଧ୍ୟରେ ମାନସିଂହଂକ ବ୍ୟକ୍ତିଗତ ଜୀବନ ନାନା ଝଡ଼ ଝଂଜା ମଧ୍ୟରେ ଅତିବାହିତ ହୋଇଯାଇଛି ଓ ସେହି ଝଡ଼ ଝଂଜାର କାରଣ ସ୍ୱରୂପ ତାଂକର ସାହିତ୍ୟିକ ବିସମ୍ବାଦକୁ ଉଲ୍ଲେଖ କରାଯାଇପାରେ। ଡକ୍ଟର ମାନସିଂହ ସାହିତ୍ୟ ସୃଷ୍ଟିର ବିଭିନ୍ନ ଧାରାକୁ ଅତିକ୍ରମ କରି ଏହି ସମୟରେ ବୌଦ୍ଧିକ ସ୍ତରକୁ ଉନ୍ନୀତ ହୋଇଯାଇଥିଲେ। ଏହି ସମୟରେ ତାଂକର ମୌଳିକ ସୃଷ୍ଟି ଅପେକ୍ଷା ପ୍ରବଂଧ ଓ ଆଲୋଚନା ସଂଖ୍ୟାରେ ଅଧିକ। ଓଡ଼ିଆ ଓ ଇଂରାଜୀ ଭାଷାରେ ଲିଖିତ ବିଭିନ୍ନ ଆଲୋଚନା ତଥା ଗଦ୍ୟ ରଚନା ତାଂକୁ ସାହିତ୍ୟିକ ବିବାଦ ମଧ୍ୟକୁ ଟାଣି ନେଇ ଯାଇଥିଲା। 'କଣ୍ଟେମ୍‌ପରାରୀ ଇଣ୍ଡିଆନ୍ ଲିଟିରେଚର', ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟିରେଚର' ତଥା 'ଶିକ୍ଷାବିତ୍‌ର ଗାଥା'ରେ ତାଂକର ଓଡ଼ିଆ ସାହିତ୍ୟ ଏବଂ ସାହିତ୍ୟିକଂକ ସଂପର୍କରେ ମତାମତ ତାଂକୁ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ବ୍ୟଥିତ କରି ରଖିଥିଲା। ବୟସାଧିକ୍ୟ ତଥା ତାଙ୍କ ରଚନାର ସମୀକ୍ଷାତ୍ମକ ଆଲୋଚନା ଓ ତାଂଙ୍କ ସଂପର୍କୀୟ ବିବାଦ ହିଁ ମାନସିଂହଂକୁ ନାନା ବୌଦ୍ଧିକ ରଚନା ଲେଖିବା ପାଇଁ ପ୍ରେରଣା ପ୍ରଦାନ କରିଥାଇ ପାରେ।

**ମାନସିଂହଂକ ସୃଷ୍ଟି ବିଚାର ବିମର୍ଶର ତୃତୀୟ ପର୍ଯ୍ୟାୟ:**

ଖ୍ରୀ: ୧୯୭୩ ମସିହା କୁମାର ପୂର୍ଣ୍ଣିମା ରାତିରେ ସ୍ରଷ୍ଟା ମାନସିଂହଂକର କର୍ମମୟ ଜୀବନର ଅବସାନ ପରେ ମାନସିଂହଂକ ସୃଷ୍ଟି, ଜୀବନୀ ତଥା ସାହିତ୍ୟ ସଂପର୍କରେ

ବ୍ୟାପକ ଆଲୋଚନା କରାଯାଇଥିଲା । ସେହି ଆଲୋଚନାର ଧାରାକୁ ମୁଖ୍ୟତଃ ପାଞ୍ଚଗୋଟି ଉପ ବିଭାଗରେ ବିଭକ୍ତ କରାଯାଇପାରେ:—

(କ) ସ୍ମୃତି ଚାରଣ ।

(ଖ) ପ୍ରତିଭାର ମୂଲ୍ୟାୟନ ।

(ଗ) ଐତିହାସିକ ଆଲୋଚନା କ୍ରମରେ ମାନସିଂହଙ୍କ ସୃଷ୍ଟି ମୂଲ୍ୟାୟନ ।

(ଘ) ମାନସିଂହ ସ୍ମାରକୀ ପ୍ରବନ୍ଧ ପ୍ରତିଯୋଗିତାରେ ସୃଷ୍ଟି ସଂପର୍କୀୟ ନିବନ୍ଧ ।

(ଙ) ମାନସିଂହଙ୍କ ସଂପର୍କରେ ଗବେଷଣା ନିବନ୍ଧ ।।

**ସ୍ମୃତିଚାରଣ:**

**ତା—୧୧.୧୦.୧୯୭୩** ରେ ମାନସିଂହଙ୍କର ସ୍ୱର୍ଗାରୋହଣ ହେଲା । ତାଙ୍କର ଏକାଦଶାହ ଉପଲକ୍ଷେ ମାତ୍ର ସ୍ୱଳ୍ପ ସମୟ ମଧ୍ୟରେ ଭୁବନେଶ୍ୱର 'ଏକାମ୍ର ଥିଏଟର୍ସ' ଆନୁକୂଲ୍ୟରେ ଏକ ବିରାଟ କଳେବର ନେଇ 'ମାନସିଂହ ସ୍ମରଣିକା' ପ୍ରକାଶିତ ହେଲା । (୫୪) ଏତେ ସ୍ୱଳ୍ପ ସମୟ ମଧ୍ୟରେ ଓଡ଼ିଶାରେ କୌଣସି କବି ବା ବ୍ୟକ୍ତି ବିଶେଷଙ୍କ ସଂପର୍କରେ ସ୍ମରଣିକା ଗ୍ରନ୍ଥ ଏପରି ବିରାଟ କଳେବର ନେଇ ପ୍ରକାଶ ପାଇନାହିଁ । ସେ ଦୃଷ୍ଟିରୁ ବିଚାର କଲେ ମାନସିଂହଙ୍କ ଲୋକପ୍ରିୟତା ଅନୁଭବ କରିହୁଏ । ଅଧ୍ୟାପକ ଦୁର୍ଗାଚରଣ କୁଅଁର; ଶ୍ରୀ ରମେଶ ଧଳ ଓ ଶ୍ରୀ ନଗେନ୍ଦ୍ରମୋହନ ମହାନ୍ତିଙ୍କ ପରିଚାଳନାରେ ପ୍ରକାଶିତ ଏହି ସ୍ମରଣିକାରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବାଇଶ ଜଣ କବି ମାନସିଂହଙ୍କ ଉଦ୍ଦେଶ୍ୟରେ କବିତା ଲେଖି ସ୍ମୃତି ଚାରଣ କରିଛନ୍ତି । ଛବିଶ ଜଣ ଲେଖକ ଗଦ୍ୟ ଆକାରରେ ଲେଖି ମାନସିଂହଙ୍କର ଗୁଣଗାନ କରିଛନ୍ତି । ଡଃ ନଟବର ସାମନ୍ତରାୟଙ୍କ 'କବି ମାନସିଂହଙ୍କ ପନ୍ଦରବର୍ଷ ରଚନାର କାଳ ନିର୍ଣ୍ଣୟ'କୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଲେଖା ମାନସିଂହଙ୍କ ଗୁଣଗାନ ଓ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ନୂତନ ଭାବରେ ଲିଖିତ ।

ଏହି ସ୍ମରଣିକାରେ ଡକ୍ଟର ହରେକୃଷ୍ଣ ମହତାବ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଡକ୍ଟର କୁଞ୍ଜବିହାରୀ ଦାଶ, ନୀଳମଣି ସେନାପତି, ଡଃ ବୈଦ୍ୟନାଥ ମିଶ୍ର, ପ୍ରଫେସର ଗୋଲୋକ ବିହାରୀ ଧଳ, ଡଃ ସଦାଶିବ ମିଶ୍ର, ପ୍ରକାଶକ ଶ୍ରୀ ଶ୍ରୀଧର ମହାପାତ୍ର, ଶ୍ରୀହର୍ଷ ମିଶ୍ର, ବିଭୂତିଭୂଷଣ ତ୍ରିପାଠୀ, ଡଃ ବିଶ୍ୱନାଥ ସାହୁ, ଶ୍ରୀମତୀ ମଂଜରୀ ପଟ୍ଟନାୟକ, ଶ୍ରୀ ରବି ରାୟ, ମହାପାତ୍ର ନୀଳମଣି ସାହୁ, ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଅଧ୍ୟାପକ ବେଣୁଧର ରାଉତ, ଶ୍ରୀ ଅଖିଳମୋହନ ପଟ୍ଟନାୟକ, ଡଃ ଜାନକୀ ବଲ୍ଲଭ ମହାନ୍ତି; ଶ୍ରୀମତୀ ମନୋରମା ମହାପାତ୍ର, ଡକ୍ଟର ଦାମୋଦର ଲେଙ୍କା, ଶ୍ରୀ ଗୋପୀନାଥ ମହାନ୍ତି, ଶ୍ରୀ ରାଜ କିଶୋର ରାୟ, ଶ୍ରୀ ରାଜେନ୍ଦ୍ର ବର୍ମା, ଶ୍ରୀମତୀ ଲବଙ୍ଗଲତା ଦେବୀ 'ବିଦୂଷୀ', ଶ୍ରୀ ରମେଶ ଧଳ, ଶ୍ରୀ ସୀତାକାନ୍ତ ମହାପାତ୍ର ପ୍ରମୁଖ ମହାନ୍ ଲେଖକ ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଲୋକମାନେ ମାନସିଂହଙ୍କର ସ୍ମୃତି ଚାରଣ କରିଥିଲେ ।

କବି ରାଧାମୋହନ ଗଡ଼ନାୟକ, ସଚ୍ଚିଦାନନ୍ଦ ରାଉତରାୟ, ପ୍ରବୋଧ କୁମାର ମିଶ୍ର, ଶ୍ରୀମତୀ ତୁଳସୀ ଦାସ, ନାଟ୍ୟକାର କମଳଲୋଚନ ମହାନ୍ତି, ଅଧ୍ୟାପକ ବିନୋଦ ରାଉତରାୟ ପ୍ରମୁଖ ବାଇଶ ଜଣ କବିତା ଲେଖି ମାନସିଂହଙ୍କ ସ୍ମୃତି ଚାରଣ କରିଥିଲେ। ଏହି ସ୍ମରଣିକାରେ କବି ସଚ୍ଚିଦାନନ୍ଦ ରାଉତରାୟ ଅଧ୍ୟାପକ ଦୁର୍ଗାଚରଣ କୁଅଁର, ଅଧ୍ୟାପକ ବିଭୂତି ପଟ୍ଟନାୟକ, ଶ୍ରୀ ଉଦୟନାଥ ଷଡ଼ଙ୍ଗୀ, ଶ୍ରୀ ଅଚ୍ୟୁତାନନ୍ଦ କର ଓ ସୁରେନ୍ଦ୍ର ଶର୍ମା ପ୍ରମୁଖ ଆଲୋଚକମାନେ କବି ମାନସିଂହଙ୍କ ସ୍ମୃତି ଚାରଣ ସଂଗେ ସଂଗେ ମାନସିଂହ ସାହିତ୍ୟ ସଂପର୍କରେ ସାମାନ୍ୟ ଅଥଚ ସଂକେତାତ୍ମକ ଭାବରେ ଆଲୋଚନା କରିଥିଲେ। ମାନସିଂହ ସାହିତ୍ୟର ପୃଷ୍ଠଭୂମି ପାଇଁ ଏହି ସ୍ମରଣିକାଟି ଅତୀବ ମୂଲ୍ୟବାନ।

ଏ ପୁସ୍ତକ ସମେତ ସେ ସମୟରେ ଓଡ଼ିଶାର ପ୍ରାୟ ସମସ୍ତ ପତ୍ର ପତ୍ରିକା କବି ମାନସିଂହଙ୍କ ସ୍ମୃତି ଉଦ୍ଦେଶ୍ୟରେ ଲେଖା ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରତିଷ୍ଠିତ ଲେଖକମାନେ କବି ମାନସିଂହଙ୍କ ଜୀବନୀ ଓ ପ୍ରତିଭା ସଂପର୍କରେ ବିପୁଳ ଆଲୋଚନା କରିଥିଲେ। ଖ୍ରୀ: ୧୯୭୩ ମସିହାର ନଭେମ୍ବର ସଂଖ୍ୟା ଝଙ୍କାର, ନବରବି, ସପ୍ତର୍ଷି, ଆଲୋକ, ଅଧୁନା, ଉତ୍କଳ ସାହିତ୍ୟ, ପ୍ରଭୃତି ପତ୍ରିକାରେ ମାନସିଂହଙ୍କ ଉଦ୍ଦେଶ୍ୟରେ ସଂପାଦକୀୟ ଅଗ୍ରଲେଖା ସହିତ ବ୍ୟାପକ ଭାବରେ କବିଙ୍କ ଗୁଣଗାନ କରାଯାଇଥିଲା। ଏହାପରେ ୧୯୭୪ ମସିହାରେ ଉତ୍କଳ ସାହିତ୍ୟ (ନୂତନ ପ୍ରସ୍ଥ) କବି ମାୟାଧର ମାନସିଂହଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରିଥିଲେ। (୫୫) ୧୯୭୪ର କେତେକ ପତ୍ରିକା ମଧ୍ୟ ମାନସିଂହଙ୍କୁ ଶୋକାଞ୍ଜଳି ଦେଇ ସଂପାଦକୀୟ ଲେଖିଥିବାର ଦେଖାଯାଏ।(୫୬)

କବିପତ୍ନୀ ଶ୍ରୀମତୀ ହେମଲତା ମାନସିଂହଙ୍କର ଏକ ସ୍ମୃତି ଚାରଣ ମୂଳକ ଲେଖା 'ପ୍ରିୟ ପରମ' ପ୍ରକାଶିତ ହେଲାପରେ, ମାନସିଂହଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆସିଥିଲା। (୫୭)ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ମାନସିଂହଙ୍କ ସ୍ୱର୍ଗାରୋହଣ ପରେ ପରେ ଯେତେ ଲେଖା ସ୍ମୃତି ଚାରଣ ଉଦ୍ଦେଶ୍ୟରେ ପ୍ରକାଶିତ ହୋଇଛି, ସେଥିରେ ମାନସିଂହଙ୍କର ଉଦାର ବ୍ୟକ୍ତିତ୍ୱ, ଆଦର୍ଶ ଶିକ୍ଷକ ତଥା ପ୍ରଶାସକର ମହାନ୍ ଦୃଷ୍ଟାନ୍ତ ସହିତ ତାଙ୍କ କାଳଜୟୀ ସାହିତ୍ୟର ସୂଚନା ପ୍ରଦାନ କରାଯାଇଛି।

## ପ୍ରତିଭାର ମୂଲ୍ୟାୟନ :

କବି ମାନସିଂହଙ୍କର ଅକାଳ ବିୟୋଗ ହେବା ସମୟରେ, ତାଙ୍କର ଗୁଣ ଗ୍ରାହକ ତଥା ନିନ୍ଦୁକମାନେ ମାନସିଂହ ପ୍ରତିଭାର ଯଶଗାନରେ ଯେପରି ଶତଜିହ୍ୱ ହୋଇ ପଡ଼ିଲେ, ସେଥିରୁ ମାନସିଂହଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଆକଳନ କରିହୁଏ। ଜୀବିତାବସ୍ଥାରେ ମାନସିଂହ ଅନେକ ମାନସିକ କ୍ଷୋଭ ମଧ୍ୟରେ ଗତି କରିଛନ୍ତି। ଏପରିକି ତାଙ୍କ ଜୀବନର ଶେଷ ଦଶକ ନାନା ଅଶାନ୍ତି ମଧ୍ୟରେ ଅତିବାହିତ ହୋଇ ଯାଇଛି। ତଥାପି ସେହି କଷଟିରୁ ମାନସିଂହ ସାହିତ୍ୟର ମରଣ ହୋଇ ସାରିଛି।

ଖ୍ରୀ: ୧୯୭୩ ମସିହା ନଭେମ୍ବର ମାସରେ ଅଧ୍ୟାପକ ଚିନ୍ତାମଣି ବେହେରା, ଡକ୍ଟର ସଦାଶିବ ମିଶ୍ର, କବି ସଚ୍ଚିଦାନନ୍ଦ ରାଉତରାୟ, ଅଧ୍ୟାପକ ବାଳକୃଷ୍ଣ ଶତପଥୀ, ପ୍ରଫେସର ଗୋଲୋକ ବିହାରୀ ଧଳ, ଅଧ୍ୟାପକ ବିଭୂତି ପଟ୍ଟନାୟକ। (୫୮) ସ୍ତୁତିଚାରଣ ସଂଗେ ସଂଗେ ମାନସିଂହ ସାହିତ୍ୟର ମୂଲ୍ୟାୟନ କରି ଆଲୋଚନାମାନ ପ୍ରକାଶ କରିଥିଲେ। ଡିସେମ୍ବର ମାସରେ ଶ୍ରୀମତୀ ଆଶା ମିଶ୍ର ଓ ଅଧ୍ୟାପକ ନିଶାମଣି ମିଶ୍ର (୫୯) ଝଙ୍କାର ପୃଷ୍ଠାରେ 'ସାଧବ ଝିଅ' ଓ 'ଜେମା' କାବ୍ୟ ସଂପର୍କରେ ଆଲୋଚନା କରିଥିଲେ। ଉପର୍ଯୁକ୍ତ ଲେଖାଗୁଡ଼ିକ ମଧ୍ୟରୁ ଅଧିକାଂଶରେ ଆବେଗମୟ ରୀତିରେ ଆଲୋଚନା କରାଯାଇ କବିଙ୍କ ଉଦ୍ଦେଶ୍ୟରେ ସ୍ତୁତି ଚାରଣ ମାତ୍ର ହୋଇଛି। ଏହି ଲେଖାଗୁଡ଼ିକରେ ମାନସିଂହଙ୍କ ବିଚାରଧାରା ସଂପର୍କୀୟ ଆଲୋଚନାର ଅବକାଶ ନାହିଁ। ପୁନଶ୍ଚ ଏହି ପ୍ରବାହରଧାରା ଆହୁରି ବର୍ଷେ ପର୍ଯ୍ୟନ୍ତ ପ୍ରବାହିତ ହୋଇଛି। କବି ଜ୍ଞାନୀନ୍ଦ୍ର ବର୍ମା, 'ଉତ୍କଳ ସାହିତ୍ୟ'ର ନୂତନପ୍ରସ୍ଥ ସଂପାଦନା କରି ମାନସିଂହଙ୍କ ସ୍ତୁତି ଉଦ୍ଦେଶ୍ୟରେ ଗୋଟିଏ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରିଥିଲେ। ଏହି ସଂଖ୍ୟାଟି ପୂର୍ବବର୍ତ୍ତୀଧାରାର ଏକ ସଂପ୍ରସାରଣ ମାତ୍ର। ଏହି ସଂଖ୍ୟାରେ ଶ୍ରୀ ଚଣ୍ଡିଚରଣ ରାଉତରାୟ, ମହେଶଚନ୍ଦ୍ର ମହାପାତ୍ର ଡଃ ଗୋପାଳ ଚନ୍ଦ୍ର ମିଶ୍ର, ରାଧାଶ୍ୟାମ ବେହୁରା ଓ ଶ୍ରୀ ବିକ୍ରମକେଶରୀ ବର୍ମା (୬୦) ପ୍ରମୁଖ ଆଲୋଚକମାନେ ସ୍ତୁତି ଚାରଣ ସଂଗେ ସଂଗେ ପ୍ରତିଭା ମୂଲ୍ୟାୟନର ଚେଷ୍ଟା କରିଥିଲେ। ଏହି ଆଲୋଚନାଗୁଡ଼ିକ ଅଧିକାଂଶ ସଂକ୍ଷିପ୍ତ ଓ ଏଥିରେ ଯେତେ ପରିମାଣରେ ବ୍ୟାପ୍ତି ଅଛି, ସେହି ଅନୁସାରେ ଗଭୀରତା ନାହିଁ। ଆଲୋଚନାଗୁଡ଼ିକ ଭାବପ୍ରବଣତାର ସ୍ରୋତରେ ଭାସିଗଲା ଭଳି ମନେହୁଏ।

ଡକ୍ଟର ଖଗେଶ୍ୱର ମହାପାତ୍ରଙ୍କ ଆଲୋଚନା 'ମାନସିଂହଙ୍କ ସୌନ୍ଦର୍ଯ୍ୟ ଚେତନାରେ ନାରୀ' (୬୧) ସଂକ୍ଷିପ୍ତ ହେଲେ ହେଁ ବହୁ ପରିମାଣରେ ତଥ୍ୟଭିତ୍ତିକ। ଖ୍ରୀ: ୧୯୭୭ ମସିହାରେ ଅଧ୍ୟାପକ ବିଭୁଦତ୍ତ ମିଶ୍ର ମାୟାଧର ମାନସିଂହଙ୍କ ସଂପର୍କରେ ଏକ ଆଲୋଚନା ପ୍ରକାଶ କଲେ। ସପ୍ତର୍ଷିରେ ପ୍ରକାଶିତ 'ପ୍ରଜ୍ଞାପାରମିତା ମହାନ୍ତିଙ୍କର 'ମାନସିଂହଙ୍କ କାବ୍ୟ କବିତାରେ ପ୍ରେମ' (୬୨) ପୂର୍ବଧାରାର ପୁନରୁକ୍ତି ମାତ୍ର। ଖ୍ରୀ:୧୯୭୮ରେ ଅଧ୍ୟାପକ ରାଧାଶ୍ୟାମ ବେହୁରାଙ୍କ ସଂପାଦନାରେ ଡଃ ମାନସିଂହଙ୍କ ସଂପର୍କରେ ଗୋଟିଏ ଆଲୋଚନା ସଂକଳନ ପ୍ରକାଶ ପାଇଲା। ଏହି ସଂକଳନର ଅଧିକାଂଶ ଲେଖା ପୂର୍ବରୁ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା (ପୂର୍ବରୁ ସୂଚନାରେ ପ୍ରଦର୍ଶିତ ହୋଇଛି) ତଥାପି ଅଧ୍ୟାପକ ପଠାଣି ପଟ୍ଟନାୟକ, ଅଧ୍ୟାପକ ଦାଶରଥି ଦାସ, ଅଧ୍ୟାପକ ଚିନ୍ତାମଣି ବେହେରା, ଶ୍ରୀବସନ୍ତ କୁମାର ସାମଲ, ଅଧ୍ୟାପକ ସଚ୍ଚିଦାନନ୍ଦ ମିଶ୍ର, ଅଧ୍ୟାପକ ବନମାଳୀ ମିଶ୍ର, ଶ୍ରୀ ମହେଶ୍ୱର ନାୟକ, ଅଧ୍ୟାପକ ରାଧାଶ୍ୟାମ ବେହୁରା, ଶ୍ରୀଗଂଗାଧର ଗୁରୁ, ଶ୍ରୀମନୀନ୍ଦ୍ର ମହାନ୍ତି, ଅଧାପକ ନାରାୟଣ ଶତପଥୀ ତଥା ସ୍ୱର୍ଗତ ଗୋଲୋକ ବିହାର ଧଳଙ୍କ (୬୩) ରଚନାଗୁଡ଼ିକ ଅନେକ ସ୍ଥଳରେ ମାନସିଂହଙ୍କ ପ୍ରତିଭା ବିକାଶର ଆଲୋଚନାରେ ସାହାଯ୍ୟକରେ।

ଡଃ ନିତ୍ୟାନନ୍ଦ ଶତପଥୀଙ୍କ ସଂପାଦନାରେ 'ଓଡ଼ିଶା ପୂଜ୍ୟ ପୂଜା ସଂସଦ' ଆନୁକୂଲ୍ୟରେ ପ୍ରକାଶିତ 'ମାନସିଂହ ପରିକ୍ରମା' ମାନସିଂହଙ୍କ ସାହିତ୍ୟ ତଥା ପ୍ରତିଭା

ସଂପର୍କରେ ମୂଲ୍ୟାୟନ-ମୂଳକ ଏକ ଚମତ୍କାର ପୁସ୍ତକ (୬୪) ଏହି ସଂକଳନରେ ମାନସିଂହଙ୍କ କବିତା, ସାହିତ୍ୟର ଇତିହାସ, ଗୀତିନାଟ୍ୟ, କାବ୍ୟ ଜୀବନୀ ତଥା ଆତ୍ମ ଜୀବନୀ, ପ୍ରବନ୍ଧର ଆଲୋଚନା ସଂଗେ ସଂଗେ ମାନସିଂହଙ୍କ ପ୍ରଣୟ ଚେତନା, ରୋମାଣ୍ଟିକ୍ ଚେତନା, ଜାତୀୟ ଚେତନା ପ୍ରଭୃତି ଦିଗ ପ୍ରତି ଆଲୋକପାତ କରାଯାଇ ଅଛି।

'ମାନସିଂହ ମାନସ' ପ୍ରଥମ ଖଣ୍ଡ (୬୫)ମାନସିଂହଙ୍କ ସାହିତ୍ୟ ଉପରେ ପ୍ରଥମ ଏକକ ଆଲୋଚନା ଗ୍ରନ୍ଥ। ଏହି ପୁସ୍ତକରେ ମାନସିଂହଙ୍କ ସାହିତ୍ୟର କେତୋଟି ବିଭାଗ ଉପରେ ବ୍ୟାପକ ଆଲୋଚନା କରାଯାଇଅଛି। 'ମାନସିଂହଙ୍କ କବିତାରେ ପ୍ରଣୟ ଚେତନା', 'ନାଟ୍ୟକାର ମାନସିଂହଙ୍କ ନାଟ୍ୟ ମାନସ', 'ମାନସିଂହ ସାହିତ୍ୟରେ ଜାତୀୟ ଚେତନା', 'ମାନସିଂହଙ୍କ ରସଚେତନା' ତଥା 'ଅନ୍ୱେଷଣ ଉପନ୍ୟାସରେ ମାନସିଂହ ମାନସ' ପରି ପାଞ୍ଚଗୋଟି ଦୀର୍ଘ ଆଲୋଚନା ଏହି ପୁସ୍ତକରେ ସ୍ଥାନିତ ହୋଇଅଛି।

ଅଧ୍ୟାପକ ଡକ୍ଟର କିଶୋର ଚନ୍ଦ୍ର ମିଶ୍ରଙ୍କର 'ମାନସିଂହ ସାହିତ୍ୟରେ ଉପମା ଅଧ୍ୟୟନ' ଏକ ଦୀର୍ଘ ଆଲୋଚନା। ଏହି ଆଲୋଚନାରେ ଡଃ ମିଶ୍ର ମାନସିଂହଙ୍କ ସମସ୍ତ କବିତା ତଥା କାବ୍ୟରୁ ଉପମା ସଂଗ୍ରହ କରି ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଛନ୍ତି। ଏହି ଆଲୋଚନାଗୁଡ଼ିକ 'ତଗର', 'ବାସନ୍ତିକା', 'ପ୍ରଗତି ଉତ୍କଳ ସଂଘ ସ୍ମାରକୀ ତଥା ଉତ୍କଳ ଗୌରବ'ରେ ପ୍ରକାଶିତ ହୋଇଅଛି। (୬୬) ଡକ୍ଟର ଜାନକୀବଲ୍ଲଭ ମହାନ୍ତି 'ଧାବର୍ଣ୍ଣ'ରେ ମାନସିଂହଙ୍କ କାବ୍ୟ ପ୍ରତିଭା ସଂପର୍କରେ ଆଲୋଚନା କରିଛନ୍ତି।(୬୭)

**ଐତିହାସିକ ଆଲୋଚନାକ୍ରମରେ ମାନସିଂହଙ୍କ ସୃଷ୍ଟି-ମୂଲ୍ୟାୟନ :**

ଖ୍ରୀ: ୧୯୬୩ ମସିହା ପରେ ପରେ ସାହିତ୍ୟର ଇତିହାସ ତଥା ସାଧାରଣ ଐତିହାସିକ ଆଲୋଚନାରେ ମାନସିଂହ ପ୍ରମୁଖ ସ୍ଥାନ ଲାଭ କରିଛନ୍ତି। ଆଲୋଚକ ତଥା ଗବେଷକମାନେ ଆଧୁନିକ ଯୁଗର ସତ୍ୟବାଦୀ ଗୋଷ୍ଠୀ ପରେ ପରେ ବିଶିଷ୍ଟ କବି ଭାବରେ ମାନସିଂହଙ୍କର ସ୍ଥାନ ନିର୍ଣ୍ଣୟ କରିଛନ୍ତି। ଡଃ କୁଞ୍ଜ ବିହାରୀ ଦାଶଙ୍କ ଆତ୍ମଜୀବନୀ 'ମୋ କାହାଣୀ' (୬୮), ଶ୍ରୀ ସୁରେନ୍ଦ୍ର ମହାନ୍ତିଙ୍କର 'ଓଡ଼ିଆ ସାହିତ୍ୟର କ୍ରମ ବିକାଶ' (୬୯) 'ଡକ୍ଟର ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟଙ୍କର' ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ (୭୦) ତଥା ପରବର୍ତ୍ତୀ ସମୟରେ ଲେଖାଯାଇଥିବା ସମସ୍ତ ଓଡ଼ିଆ ସାହିତ୍ୟର ଇତିହାସରେ ମାନସିଂହଙ୍କ ପ୍ରସଙ୍ଗରେ ଆଲୋଚନା କରାଯାଇଅଛି।

ଡକ୍ଟର ନିତ୍ୟାନନ୍ଦ ଶତପଥୀଙ୍କର ଗବେଷଣା ନିବନ୍ଧ 'ସବୁଜରୁ ସାଂପ୍ରତିକ (୭୧) ରେ ସବୁଜ ସମସାମୟିକ ଏକକ କବିବୃନ୍ଦ ଆଲୋଚନା ପ୍ରସଙ୍ଗରେ, ଡଃ ମାୟାଧର ମାନସିଂହ, ଗୀତିକବି ରାଧାମୋହନ ଗଡ଼ନାୟକ ଓ ମାନବବାଦୀ ଦରଦୀ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କବି ମାନସିଂହଙ୍କ ସଂପର୍କରେ ଦୀର୍ଘ ଆଲୋଚନା କରି ସେ ମାନସିଂହଙ୍କ କାବ୍ୟ କବିତାର ବ୍ୟାପକ ବିଶ୍ଳେଷଣ କରିଛନ୍ତି। 'ପଲ୍ଲୀଜୀବନାଲେଖା, ସେ ଦିନର କବିତା ଓ ବାସ୍ତବବାଦୀ ଦୃଷ୍ଟିଭଂଗୀ, ମାନସିଂହଙ୍କ ପ୍ରେମ କବିତାର ସ୍ୱରୂପ, ଆଧିଭୌତିକ ଚେତନା ଆଦି ଦୃଷ୍ଟିକୋଣରୁ ମାନସିଂହଙ୍କ କାବ୍ୟ

କବିତାକୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ବିଚାର କରିଛନ୍ତି। ଐତିହାସିକ ଆଲୋଚନା କ୍ରମରେ ଡଃ ଶତପଥୀଙ୍କ ଆଲୋଚନା ସ୍ୱତନ୍ତ୍ର ସମ୍ମାନର ଅପେକ୍ଷା ରଖେ। ଏହି ଆଲୋଚନା ପର୍ଯ୍ୟାୟରେ ଅଧ୍ୟାପକ ଚିନ୍ତାମଣି ବେହେରା (୭୨) ଅଧ୍ୟାପକ ଦାଶରଥି ଦାସ (୭୩). ଡକ୍ଟର ହେମନ୍ତ କୁମାର ଦାସ (୭୪) ତଥା ଡକ୍ଟର ପ୍ରତିଭା ଶତପଥୀ (୭୫) ପ୍ରମୁଖଙ୍କ ଆଲୋଚନାରେ ନାନା ଦୃଷ୍ଟିକୋଣରୁ ନୂତନତ୍ୱର ସ୍ୱର ଦେଖିବାକୁ ମିଳେ।

**ମାନସିଂହ ସ୍ମାରକୀ ପ୍ରବଂଧ ପ୍ରତିଯୋଗିତାଃ**

ଖ୍ରୀ: ୧୯୭୪ ମସିହାରୁ ପ୍ରଫେସର ଡକ୍ଟର ସୂର୍ଯ୍ୟକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ମାନସିଂହ ସାହିତ୍ୟର ବିଭିନ୍ନ ବିଭାବ ଉପରେ ଗବେଷଣାତ୍ମକ ପ୍ରବଂଧ ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହେଉଅଛି। (୭୬) ମାନସିଂହଙ୍କ ଆମେରିକୀୟ ବଂଧୁ ଡଃ ଭିକ୍ଟର ରାଲ୍‌ଫ ଦମ୍ପତ୍ତିଙ୍କ ପ୍ରଦତ୍ତ ଅର୍ଥରେ ଏହି ପ୍ରତିଯୋଗିତା ହେଉଅଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିଂହ ସାହିତ୍ୟ ଆଲୋଚନାର ପରମ୍ପରା ସୃଷ୍ଟି ହୋଇ ପାରିଛି। ଏ ପ୍ରତିଯୋଗିତାର ପୁରସ୍କୃତ ପ୍ରବଂଧଗୁଡ଼ିକର ସଂକଳନ ପ୍ରକାଶିତ ହେଲେ, ମାନସିଂହ ସାହିତ୍ୟ ଚର୍ଚ୍ଚାର ଅନେକ ଦିଗନ୍ତ ଉନ୍ମୋଚିତ ହୋଇ ପାରନ୍ତା। ଅବଶ୍ୟ ଏ ଆଲୋଚନାଗୁଡ଼ିକରେ ବ୍ୟାପ୍ତି ଅପେକ୍ଷା ଗଭୀରତା ଅନେକ କମ୍ ତଥାପି ଏହା ମଧ୍ୟରେ ଅନେକ ସମ୍ଭାବନା ଲୁଚି ରହିଛି।

**ଗବେଷଣା ନିବଂଧ :**

ମାନସିଂହଙ୍କ ସାହିତ୍ୟକୃତି ସଂପର୍କରେ ଏ ପର୍ଯ୍ୟନ୍ତ ଚାରିଗୋଟି ଚର୍ଚ୍ଚା ନିବନ୍ଧ ଓଡ଼ିଶାର ଦୁଇଟି ବିଶ୍ୱବିଦ୍ୟାଳୟରେ ଉପସ୍ଥାପିତ ହୋଇଥିବାର ଜଣାଯାଏ। ସେଥି ମଧ୍ୟରୁ ଗୋଟିଏ ମାନସିଂହଙ୍କ ସାହିତ୍ୟ କୃତିର ସାମଗ୍ରିକ ମୂଲ୍ୟାୟନ ହେଲାବେଳେ, ଅନ୍ୟ ଗୋଟିଏ ମାନସିଂହଙ୍କ କାବ୍ୟ କବିତାରେ ପ୍ରକାଶିତ ଏକ ନିର୍ଦ୍ଦିଷ୍ଟ ଭାବ ଚେତନାର ମୂଲ୍ୟାୟନ। ଅବଶିଷ୍ଟ ଦୁଇଟି ନିବନ୍ଧ ମାନସିଂହଙ୍କ କାବ୍ୟ କବିତା ଉପରେ ଆଧାରିତ।(୭୭)

ଡକ୍ଟର ରାଧାଶ୍ୟାମ ବେହୁରା ତାଙ୍କର 'ଓଡ଼ିଆ ସାହିତ୍ୟକୁ ମାୟାଧର ମାନସିଂହଙ୍କ ଅବଦାନ' ନିବନ୍ଧରେ ମାନସିଂହଙ୍କ ସାହିତ୍ୟ କୃତିର ବିଭିନ୍ନ ଦିଗ ଉପରେ ବିଶ୍ଳେଷଣ କରି ତାହାର ଐତିହାସିକ ତାତ୍ପର୍ଯ୍ୟ ଉପସ୍ଥାପନ କରିବାକୁ ଚେଷ୍ଟା କରିଛନ୍ତି। ଏହା ମାନସିଂହଙ୍କ ସଂପର୍କରେ ଏକ ଐତିହାସିକ ଆଲୋଚନା ମାତ୍ର। ମାନସିଂହଙ୍କର କବିତା, ଖଣ୍ଡକାବ୍ୟ, ମହାକାବ୍ୟ, ଡକ୍ଟର ବେହୁରାଙ୍କ ଆଲୋଚନାର ମୁଖ୍ୟ ବିଷୟ ହେଲେ ହେଁ, ମାନସିଂହ ସାହିତ୍ୟର ଅନ୍ୟାନ୍ୟ ରୂପ ବିଭବକୁ ସେ ସ୍ପର୍ଶ କରିଛନ୍ତି। ଏହା ମାନସିଂହଙ୍କର ସ୍ରଷ୍ଟାମନ, ସାହିତ୍ୟକୃତି ତଥା ସାହିତ୍ୟିକ ବିଭବର ଏକ ସମାଗ୍ରିକ ମୂଲ୍ୟାୟନ। ମୋର ଏ ନିବନ୍ଧ ମାନସିଂହଙ୍କର ସାହିତ୍ୟକୃତି ଉପରେ ଆଧାରିତ ହେଲେ ହେଁ, ତାର ସାର୍ବିକ ବିଚାର ନୁହେଁ, ଏକ ନିର୍ଦ୍ଦିଷ୍ଟ ଦିଗର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ।

ଡକ୍ଟର କୁଞ୍ଜ ବିହାରୀ ଧଳ ଓ ଡକ୍ଟର ମନୋରମା ମହାପାତ୍ର, ଉଭୟଙ୍କର ବିଚାର୍ଯ୍ୟ ବିଷୟ, ମାନସିଂହଙ୍କର କାବ୍ୟ-କବିତା। ଗୀତିକବି, ଖଣ୍ଡକାବ୍ୟର କବି, ମହାକାବ୍ୟର

କବି ତଥା ଗୀତିନାଟ୍ୟର କବି ମାନସିଂହ, ଏମାନଙ୍କର ଆଲୋଚନାର ବିଷୟ। ଏ ଦୁହିଁଙ୍କର ଆଲୋଚନାର ଧାରା ଡକ୍ଟର ବେହୁରାଙ୍କ ଧାରାଠାରୁ ଖୁବ୍ ଗୋଟାଏ ଦୂରବର୍ତ୍ତୀ ନୁହେଁ। ତିନୋଟି ଯାକ ଚର୍ଚ୍ଚା ନିବଂଧ ପ୍ରାୟତଃ ଏକ ଧରଣର। ଚତୁର୍ଥ ଚର୍ଚ୍ଚା ନିବଂଧ ଡଃ ସଂଯୁକ୍ତା ମିଶ୍ରଂକର "କବି ମାନସିଂହଙ୍କ କାବ୍ୟ କବିତାରେ ଜାତୀୟ ଚେତନା।"

ମାନସିଂହଙ୍କ ସଂପର୍କରେ ଏ ପର୍ଯ୍ୟନ୍ତ ଚାରିଗୋଟି ନିବଂଧ ଉପସ୍ଥାପିତ ହୋଇଥିଲେ ବି ମାନସିଂହ ଚର୍ଚ୍ଚା ଏ ପର୍ଯ୍ୟନ୍ତ ଏକ ସ୍ଥାଣୁ ଅବସ୍ଥାକୁ ଆସିନାହିଁ ବା ତାହା ଏକ ବହୁକର୍ଷିତ ଭୂମି ହୋଇନାହିଁ। ମାନସିଂହଙ୍କ ସାହିତ୍ୟ କୃତିର ମୁଖ୍ୟଭାଗ ତାଙ୍କର ଗଦ୍ୟ ରଚନା। ବୈଚିତ୍ର୍ୟ ଓ ନୂତନତ୍ୱ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟରେ ତାହା ମଧ୍ୟ ଅଭିନବ। ମାନସିଂହଙ୍କ ସଂପର୍କରେ ହୋଇଥିବା ଆଲୋଚନା ମୁଖ୍ୟତଃ କାବ୍ୟକବିତା କୈନ୍ଦ୍ରିକ ହୋଇଥିବାରୁ, ଏହି ଗଦ୍ୟ ରଚନାର ପରିଧି ଅତିକ୍ରମ କରିବା ପାଇଁ ଆଲୋଚକମାନେ ଇଚ୍ଛା କରି ନାହାନ୍ତି। ମୋର ଗବେଷଣା ନିବଂଧ ମାନସିଂହଙ୍କ ସାହିତ୍ୟକୃତିର ସାମଗ୍ରିକ ମୂଲ୍ୟାୟନ ନୁହେଁ, ତାର ନିର୍ଯ୍ୟାସର ଏକ ପୁଂଖାନୁପୁଖ ବିଶ୍ଳେଷଣ। ମାନସିଂହଙ୍କ ବିଚାରଧାରାରେ କାବ୍ୟକାର ମାନସିଂହ ଗୌଣ ନୁହଁନ୍ତି କିନ୍ତୁ ଗଦ୍ୟ ଶିଳ୍ପୀ ମାନସିଂହ ହିଁ ଚିନ୍ତାନାୟକ ଭୂମିକାରେ ଅବତୀର୍ଣ୍ଣ।

**ପ୍ରାନ୍ତ ଟୀକା :**

(୧)'ଧୂପ' ସମୀକ୍ଷା, ସହକାର, ୧୨/୩, ଆଷାଢ଼, ୧୩୩୮, 'ଧୂପ' ଦ୍ୱିତୀୟ ସଂସ୍କରଣ ସମୀକ୍ଷା, ଡଗର, ୧.୮.୧୯୪୯;

(୨) ହେମଶସ୍ୟ (କବିତା) ସମୀକ୍ଷା, 'ରସଚକ୍ର' ୧/୧, ୧୩୪୦;

(୩) ରବୀନ୍ଦ୍ରନାଥଙ୍କ କବିତା-ସମୀକ୍ଷା-ରସଚକ୍ର, ୧/୨, ଚୈତ୍ର, ୧୩୪୦;

(୪) ପ୍ରାଚୀନ ଓଡ଼ିଶା କାବ୍ୟ (ପ୍ରବଂଧ) ସମୀକ୍ଷା-ରସଚକ୍ର, ୧/୨, ଚୈତ୍ର-୧୩୪୦;

(୫) ପଟ୍ଟନାୟକ, ଶ୍ରୀ ବୈକୁଣ୍ଠନାଥ, ପୂଜାରିଣୀ (ପୁସ୍ତକ ସମୀକ୍ଷା) ରସଚକ୍ର, ୧/୨, ଚୈତ୍ର, ୧୩୪୦;

(୬) ଷଡ଼ଂଗୀ, ଶ୍ରୀ ଚତୁର୍ଭୂଜ,- ପରଧର୍ମ୍ମ (ପ୍ରବଂଧସମୀକ୍ଷା), ରସଚକ୍ର, ୧/୩, ବୈଶାଖ,-୧୩୪୦;

(୭) ରାଧାନାଥ ଓ ମଧୁସୂଦନ (ପ୍ରବଂଧ ସମୀକ୍ଷା), ରସଚକ୍ର, ବୈଶାଖ, ୧୩୪୦; (୮) ପଟ୍ଟନାୟକ, ଶ୍ରୀ ବୈକୁଣ୍ଠନାଥ ହେମଶସ୍ୟ (ପୁସ୍ତକ ସମୀକ୍ଷା), ରସଚକ୍ର, ୧/୪, ଜ୍ୟେଷ୍ଠ, ୧୩୪୦;

(୯) ନରଚିରନ୍ତନ (କବିତା ସମୀକ୍ଷା), ଡଗର ୪/୫,–୧୯୪୨;

(୧୦) ଆତତାୟୀ (କବିତା ସମୀକ୍ଷା) ଡଗର, ୫/୧୯, ୧.୩.୧୯୪୨;

(୧୧) ମାଲାଗ୍ରହଣ (କବିତା ସମୀକ୍ଷା) : ଡଗର, ୭/୧୨ ସଂଖ୍ୟା, ୧୬.୧୧.୧୯୪୩;
(୧୨) ପ୍ରେମଶସ୍ୟ (କାବ୍ୟ ସମୀକ୍ଷା) : ଡଗର ୯/୧୨ - ୧୩ ସଂଖ୍ୟା, ୧/୧୨/୧୯୪୫
(୧୩) ନଷ୍ଟନୀଡ଼ (କବିତା ସମୀକ୍ଷା) : ଡଗର ୮/୨୦, ୧୬.୩.୧୯୪୫
(୧୪) ବାପୁତର୍ପଣ (କବିତା ସମୀକ୍ଷା) : ଡଗର, ୧.୮.୧୯୪୮ ସଂଖ୍ୟା।
(୧୫) ଜୀବନୀ ଓ ପ୍ରବଂଧ, ହେମପୁଷ୍ପ : କବି ଓ କବିତା, ଜୀବନଚିତା (ସମୀକ୍ଷା) ଡଗର, ୧.୧୦.୧୯୪୯.
(୧୬) କମଳାୟନ, ମାଟିବାଣୀ, ଜେମା (ସମୀକ୍ଷା) ଡଗର, ୧୬.୧୦.୧୯୪୯.
(୧୭) ଜୀବନ ପଥ, ନଷ୍ଟନୀଡ଼ (ସମୀକ୍ଷା) ଡଗର,୧୬.୧୨.୧୯୪୯.
(୧୮) ବୁଦ୍ଧ (ନାଟକ ସମୀକ୍ଷା), ଝଂକାର, ତୃତୀୟବର୍ଷ ଦ୍ୱାଦଶ ସଂଖ୍ୟା ଫେବୃୟାରୀ, ପୃ.୯୬୧.
(୧୯) ଦୁର୍ଭିକ୍ଷ (ନାଟିକା ସମୀକ୍ଷା) ଉତ୍କଳ ସାହିତ୍ୟ, ନୂତନ ପ୍ରସ୍ଥ, ୨/୧୦ ଓ ୧୧, ଶେଷ ପୃଷ୍ଠା.
(୨୦) ମେହେର ପ୍ରଦୀପ, (ସମୀକ୍ଷା) ଡଗର, ୧୯/୫, ନଭେମ୍ବର ୧୯୫୫.
(୨୧) ବଡ଼ାଲ, ଶ୍ରୀ ହରିଶ୍ଚନ୍ଦ୍ର-ପୁଷ୍ପିତା ନାଟିକାର ସାର୍ଥକତା' (ସମାଲୋଚନା) ସହକାର, ୧୧/୫, ଭାଦ୍ରବ, ୧୩୩୭ ସାଲ (୧୯୩୦ ମସିହା), ପୃ. ୨୩୩-୪୨.
(୨୨) 'ତରୁଣ କବିର ଆଶା' (କବିତା) ଉତ୍କଳ ସାହିତ୍ୟ, ୩୨/୧, ଏପ୍ରିଲ ୧୯୨୮, ରେ ଥିଲା—

"ସବୁ କିଶୋରୀର ଚିବୁକ ଧରି,
ବୁଲନ୍ତି ମୁଁ ଆହା ରସିକ ପରି,
ବୋଲନ୍ତି ସବୁରି ବାଂଧବ ମୁହିଁ,
ଜାଣ ସୁମୁହିଁ" ଏହି ପଦଟି 'ଧୂପ' ରେ ସ୍ଥାନ ପାଇନାହିଁ।
ସେହିପରି 'ପୁଷ୍ପିତା'ର ଦୁଇଟି ପଦ ଯଥା :—
"ସନ୍ଧାରେ ଯେବେ ନବ ତରୁଣୀ
ନ ଖୋଜେ ଅପଥେ, ପ୍ରିୟ ସରଣୀ
ଯଉବନ ତେବେ କିଁପା ପାଇଛେଁ,
ଉପଭୋଗ ପାଇଁ ବେଳ କାହିଁ ହେ।
ଆହୁରି—
ଘର ଛାଡ଼ି କୁଳଝିଅ ଜନପଥେ ଘୁରିବ,
ଗୁରୁ କ୍ଷେତ ଫୁଲ — ଲଘୁ ପଦ ଛୁଇଁ ପୂରିବ।

'ପୁଷ୍ପିତା' ନାଟିକା—ସହକାର, ୧୧/୪, ଶ୍ରାବଣ, ୧୩୩୭, ରେ ପ୍ରକାଶିତ ପରବର୍ତ୍ତୀ ସଂସ୍କରଣ ଗୁଡ଼ିକରେ ଏ ପଦର କେନେକ ମନିବର୍ତ୍ତନ ହୋଇଛି।

(୨୩) ମାନସିଂହ, ମାୟାଧର, 'ପୁଷ୍ପିତା ଲେଖକର କୈଫୟତ', ସହକାର ୧୧/୬, ସେପ୍ଟେମ୍ବର—୧୯୩୦.

(୨୪) ସହକାର, ୧୩/୫, ଚିଠିପତ୍ର, ପୃ-୪୭୩, ଭାଦ୍ରବ, ୧୩୩୭ ସାଲ।

(୨୫) ସହକାର- ୧୩/୧୧, ଫେବୃୟାରୀ—୧୯୩୩.

(୨୬) ସହକାର- ୧୩/୯, ପୌଷ, ୧୩୪୦, ପୃ.୮୫୪-୫୫.

(୨୭) ଷଡ଼ଂଗୀ, ଷଡଭୁଜ। ରସଚକ୍ର, ୧/୩, ବୈଶାଖ, ୧୩୪୦ ର କଷଟି ସ୍ତମ୍ଭରେ ଏକ ଦୀର୍ଘ ପତ୍ରରେ ସମାଲୋଚନା (ଖ) ଉତ୍କଳ ଦୀପିକା, ୧୯୩୩, ସଂପାଦକୀୟ, (ଗ) ରାଉତରାୟ, ସଚ୍ଚିଦାନନ୍ଦ। 'ସ୍ୱ-ଧର୍ମ ଓ ପର ଧର୍ମ' ସହକାର, ୧୩/୧୨, ଚିଠିପତ୍ର କ୍ରମରେ।

(୨୮) (କ) ମାନସିଂହ, ମାୟାଧର। 'ହିସାବ ନିକାଶ' (କବିତା), ସହକାର, ୨୩/୨. ବୈଶାଖ, ୧୩୪୯, (ଖ) ଦାସ, ଶ୍ରୀ ବୈକୁଣ୍ଠନାଥ, 'ହିସାବ ନିକାଶର ନିଶାପ' (କବିତା), ସହକାର, ୨୩/୩, ଆଷାଢ଼, ୧୩୪୯, (ଗ) ଉଭୟ ଲେଖାର ସମୀକ୍ଷା—ଡଗର ୬/୯. ୧.୧୦.୧୯୪୨.

(୨୯) ରାୟ, ରାଜକିଶୋର। 'କବି ମାନସିଂହ ଓ ମେଡ଼ିୟାଭାଲିଜମ୍' ନବଭାରତ (ନୂତନ), ୨/୧୧/ ସେପ୍ଟେ. ୧୯୫୦. ପୃ-୪୧୩.

(୩୦) ଝଂକାର, ୩/୨, ମଇ. ୧୯୫୧. ପୃ-୧୨

(୩୧) ଧଳ, ଗୋଲୋକ ବିହାରୀ। ଭାଷାତତ୍ତ୍ୱର ଅପପ୍ରଚାରର ଉତ୍ତର (୧) ଡଗର, ଜୁଲାଇ, ୧୯୫୫, ୧୯/୧, ସଂଖ୍ୟା, (ଖ) ଅପପ୍ରଚାରର ଉତ୍ତର (୨) ଡଗର, ୧୯/୨. ଅଗଷ୍ଟ ୧୯୫୫.

(୩୨) (କ) ଫତୁରାନନ୍ଦ-କବି ଲଢ଼େଇ (ମାନସିଂହଙ୍କ କବିତାର ପ୍ୟାରୋଡ଼ି) ଡଗର, ୧୦/୨୩. ତା. ୧.୬.୧୯୪୭ (ଖ) ସିଂହଦେବ, ବ୍ରଜେନ୍ଦ୍ରନାରାୟଣ-ଭାଦରସ୍ମୃତି (ଏଇ ସହକାର ତଳେର) ଚତୁରଂଗ, ୨/୫, ତା. ୧୮.୬.୪୭. ପୃ-୨୩୩. (ଗ) ଦାଶ, ଶିବବ୍ରତ,-କଲେଜ ଝିଅ (ସାଧବଝିଅର ପ୍ୟାରୋଡ଼ି) ଡଗର, ୧୧/୪୬- ୪୭, ତା ୨.୮.୪୮. (ଘ) ବହିଦାର, ବିପଞ୍ଚ-ମାୟାଧର, ବ୍ୟଂଗ କବିତା, ଡଗର, ୧୩/୮. ତା-୧୬.୧୧.୧୯୪୯. (ଙ) ସାହୁ, ମହାପାତ୍ର ନୀଳମଣି। ବିରହୀ (ପ୍ରିୟା ପ୍ରିୟାର ପାରୋଡ଼ି) ଡଗର, ୧୩/୮. ତା-୧୬.୧୧.୧୯୪୯. (ଚ) ବଳ, କୃଷ୍ଣ ଚଂଦ୍ର। ହାଇରେ ହତାଶ ପ୍ରେମିକ ଆଶା (ବ୍ୟଂଗାନୁକରଣ) ଡଗର, ୧୩/୨୭, ତା ୧୬.୫.୫୦. (ଛ) 'ଏଇ ସହକାର ତଳେ' (ବ୍ୟଂଗଚିତ୍ର ଓ ଶ୍ରଦ୍ଧାଞ୍ଜଳି), ଡଗର, ୧୪/୧, ତା. ୧.୬.୧୯୫୦. (ଜ) ମହାନ୍ତି, ଜାନକୀବଲ୍ଲଭ। ବାହାହେଇ କିପାଁ (ବ୍ୟଂଗାନୁକରଣ) ଡଗର, ୧୮/୯, ମାର୍ଚ୍ଚ ୧୯୫୫.

(୩୩) ସାହୁ, ମହାପାତ୍ର ନୀଳମଣି। ମୋର ପ୍ରିୟ ଲେଖକ (୪) କବି ମାନସିଂହ 'ଡଗର ୨୪/୪, ଅକ୍ଟୋବର-୧୯୫୬.
(୩୪) କର, ପ୍ରାଣବନ୍ଧୁ। ଓଡ଼ିଆ ନାଟକ ଓ ଉପନ୍ୟାସରେ ବୁଦ୍ଧ ଓ ବୌଦ୍ଧଧର୍ମର ପ୍ରଭାବ। ଉତ୍କଳ ସାହିତ୍ୟ (ନୂଆ ପ୍ରସ୍ଥ) ୩/୭, ୧୯୫୬, ପୃ-୩୧୫-୩୧୯.
(୩୫) ବେହେରା, ଚିନ୍ତାମଣି। 'କବି ମାନସିଂହଙ୍କ କାବ୍ୟ ପ୍ରତିଭା ' (ପ୍ରବନ୍ଧ)
(କ) ଡଗର ୨୧/୪,୫ ଅକ୍ଟୋବର-ନଭେମ୍ବର, ୧୯୫୭, ପୃ. ୧୩-୧୮.
(ଖ) କାବ୍ୟ ଓ କଳାକାର, ପ୍ରଥମ ସଂସ୍କରଣ (ଆଲୋକ ସାହିତ୍ୟ ପ୍ରତିଷ୍ଠାନ), ପୃ ୧୦୬-୧୨୬.
(ଗ) କାବ୍ୟ ଓ କଳାକାର, ଦ୍ୱିତୀୟ ସଂସ୍କରଣ (ଜଗନ୍ନାଥ ରଥ), ପୃ.୧୧୭-୧୪୭.
(୩୬) କାବ୍ୟ ଓ କଳାକାର (ଦ୍ୱିତୀୟ ସଂସ୍କରଣ)—ପୃ. ୧୨୧ ଓ ପୃ ୧୪୭.
(୩୭) ବେହେରା, ଶ୍ରୀ ଚିନ୍ତାମଣି। 'ଓଡ଼ିଆ ସାହିତ୍ୟରେ ମାୟାଧର ମାନସିଂହ' (ପ୍ରବନ୍ଧ) ଓଡ଼ିଆ ସାହିତ୍ୟର ଇତିହାସ (ମାନସିଂହ-୧୯୬୭) ପରିଶିଷ୍ଟ-୧
(୩୮) ସାମନ୍ତରାୟ, (ଡଃ) ନଟବର। 'କବି ମାନସିଂହଙ୍କ ପଂଦରବର୍ଷ ରଚନାର କାଳ ନିରୂପଣ'
(କ) ଡଗର, ୨୧/୭, ୧୯୫୮ ପୃ.୧୬-୨୩.
(ଖ) ମାନସିଂହ ସ୍ମରଣିକା-ଅକ୍ଟୋବର-୧୯୭୩, ଏକାମ୍ର ଥିଏଟର୍ସ-ପୃ.୪୨-୫୬.
(ଗ) ମାନସିଂହ: ସୃଷ୍ଟି ସମୀକ୍ଷା, (୧୯୭୮) ସଂକଳକ, ବେହୁରା (ଅଧ୍ୟାପକ) ରାଧାଶ୍ୟାମ, ପୃ.୧୩.
(୩୯) ଦାସ, (ଅଧ୍ୟାପକ) ଦାଶରଥି। 'ରବୀନ୍ଦ୍ରନାଥ ଓ କବି ମାନସିଂହଙ୍କ ମର୍ତ୍ତ୍ୟପତି' (ପ୍ରବନ୍ଧ)
(କ) ଡଗର, ୨୫/୧ ଜୁଲାଇ-୧୯୬୧, ପୃ.୧୯-୨୪.
(ଖ) କାବ୍ୟ ସମ୍ବାଦ (୧୯୮୩) ପୃ.୩୧୮-୩୪୫.
(୪୦) କାବ୍ୟ ସମ୍ବାଦ (୧୯୩୮) ପୃ ୩୩୧.
(୪୧) ଦାସ, (ଅଧ୍ୟାପକ) ଦାଶରଥି। 'ରୂପ ଓ ସୌନ୍ଦର୍ଯ୍ୟର କବି ମାନସିଂହ'-ସାହିତ୍ୟ ସଂଧାନ (୧୯୭୫) ପୃ.୮୯-୧୨୬.
(୪୨) ଦାସ, (ଅଧାପକ) ତାରିଣୀଚରଣ ' ମାନସିଂହଙ୍କ କବିତା 'ଧୂପ'' (ଆଲୋଚନା) (କ) ଡଗର, ୨୧/୧, ଜୁଲାଇ, ୧୯୬୨, ପୃ.୧୨-୧୬. (ଖ) ନୂତନ ସମୀକ୍ଷା (୧୯୬୬) ପୃ.୧୬-୩୩).
(୪୩) ଶତପଥୀ (ଡଃ), ନିତ୍ୟାନନ୍ଦ।' ଗୀତିନାଟ୍ୟର କେତୋଟି ଚରିତ୍ର' (ସମାଲୋଚନା) (କ) ଟଙ୍କାର, ୨୦/୬, (୧୯୬୮) ପୃ. ୯୪୪-୯୪୯. (ଖ) ଆଧୁନିକ ଓଡ଼ିଆ ସାହିତ୍ୟ (୧୯୭୭) ବିଦ୍ୟାପୁରୀ ପୃ.୩୯-୫୦. (ଗ) ସମାଲୋଚନାର ଧାରା—ଅଧ୍ୟାପକ ଶତପଥୀଙ୍କୁ ପୂର୍ବୋକ୍ତ ଲେଖା ସଂପର୍କରେ ମାନସିଂହଙ୍କ ଲିଖିତ ପତ୍ର—ଏ ପତ୍ର 'ବନଫୁଲ' ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା ପୃ.୪-୮, ରେ

(୪୪) ମହାନ୍ତି, (ଅଧ୍ୟାପକ) ହରେନ୍ଦ୍ର ପ୍ରସାଦ। 'କୁଶ' ସମୀକ୍ଷା, ଡଗର, ୨୨/୬. ଡିସେମ୍ବର-୧୯୫୮.

(୪୫) ମହାନ୍ତି, (ଅଧ୍ୟାପକ) ଶରତ କୁମାର, 'ସମସାମୟିକ ଓଡ଼ିଆ ସାହିତ୍ୟ ପ୍ରତି ଅବିଚାର' ନବଜୀବନ ୭/୧୧, ୧୨. ଏପ୍ରିଲ–୧୯୬୩. (ଖ) ମହାନ୍ତି, ଜାନକୀ ବଲ୍ଲଭ (ଭରଦ୍ୱାଜ).'ତ୍ରୁଟିପୂର୍ଣ୍ଣ ଓଡ଼ିଆ ସାହିତ୍ୟର ଇତିହାସ' ଝଙ୍କାର, ୧୫/୧୨, ମାର୍ଚ୍ଚ-୧୯୬୪, ପୃ.-୧୧୩୧-୩୭.

(ଗ) ଡଃ ମାନସିଂହଙ୍କ ଭୁଲ, ସାହିତ୍ୟ ସମାଚାର, ୨/୮, ଜାନୁୟାରୀ, ୧୯୬୪ ପୃ. ୧୬୭.

(ଘ) ଓଡ଼ିଆ ସାହିତ୍ୟର ଇତିହାସ ସମ୍ବାଦ, କୋଣାର୍କ, ୩/୧,୨ (୧୯୬୪) ପୃ.୧୬୭.

(ଙ) ଜଣେ ଓଡ଼ିଆ ଅଧ୍ୟାପକ-ମାନସିଂହଙ୍କ ଓଡ଼ିଆ ସାହିତ୍ୟର ଇତିହାସ; ଡ଼ଗର ୨୭/୧୧, ୧୨, ୨୮/୩, ୪ ଓ ୨୮/୫, ୬(୧୯୬୪)

(ଚ) ସିଂହ, ରବୀନ୍ଦ୍ରନାଥ। 'ଓଡ଼ିଆ ସାହିତ୍ୟର ଧର୍ଷଣ' (ପ୍ରଥମ ସଂସ୍କରଣ) ୧୯୬୯

(ଛ) ତ୍ରିପାଠୀ (ଡଃ) କୁଞ୍ଜବିହାରୀ। 'ଏ ବ୍ରିଫ୍ ରିଭିୟୁ ଅଫ୍ ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟିରେଚର।

(୪୬) ପଟ୍ଟନାୟକ, ଶ୍ରୀଗୁରୁଚରଣ।

(କ) ସାହିତ୍ୟ ସମାଲୋଚନାର ଉତ୍ତର 'ଡଗର, ୨୨/୨/୩, ସେପ୍ଟେମ୍ବର-୧୯୫୮.

(ଖ) 'ସାହିତ୍ୟ ସମାଲୋଚନାର ସମସ୍ୟା', ଡଗର, ୨୨/୪, ଅକ୍ଟୋବର-୧୯୫୮.

(ଗ) 'ସାହିତ୍ୟ ସମାଲୋଚନାର ସମସ୍ୟା' ଡଗର, ୨୨/୬, ଡିସେମ୍ବର-୧୯୫୮.

(ଘ) ଓଡ଼ିଶା ସାହିତ୍ୟର ମତିଗତି - ନଗପୁଗ ଗ୍ରନ୍ଥାଳୟ, ବକ୍ସିବଜାର ରୋଡ଼, କଟକ।

(୪୭) (କ) ମିଶ୍ର, ଶ୍ରୀ ଭାବଗ୍ରାହୀ, ଡଃ ମାନସିଂହଙ୍କୁ ଉତ୍ତର (୨) ଦିଗନ୍ତ, ଅଗଷ୍ଟ, ୧୯୬୨.

(ଖ) ମହାନ୍ତି, ଶ୍ରୀ ଶରତ କୁମାର। 'ଆମ ସାହିତ୍ୟ ଓ ବିଶ୍ୱବିଦ୍ୟାଳୟ' ନବଜୀବନ, ୬/୧୧, ଫେବୃୟାରୀ-୧୯୬୨, ପୃ.୭୦୫, (ଗ) ଧଳ, (ଅଧ୍ୟାପକ) ଗୋଲୋକ ବିହାରୀ। 'ଓଡ଼ିଆ ଏମ୍.ଏ. 'ନବଜୀବନ' ୭/୯, ଡିସେମ୍ବର-ଜାନୁୟାରୀ ୧୯୬୨/୩, ପୃ.୫୬୧ - ୬୬.

(ଘ) ଡଃ ମାନସିଂହଙ୍କ ଭୁଲ (୧), କଳିଙ୍ଗ' ଜାନୁୟାରୀ-୧୯୬୧

(୪୮) ମିଶ୍ର, ଶ୍ରୀ ଚିନ୍ତାମଣି, 'ଶିକ୍ଷାବିତ୍‌ର ଗାଥା' (ନବଜୀବନ ସଂପାଦକୀୟ-ସଂବାଦ ଓ ସଂକେତ ସ୍ତମ୍ଭରେ ପ୍ରତିବାଦୀମାନଙ୍କ ପାଇଁ ଏକ ବ୍ୟାପକ ଆଲୋଚନା କରିଛନ୍ତି) ନବଜୀବନ ୬/୧୨, ଜୁନ୍ ୧୯୬୩.

(୪୯) ଦାଶ, (ଡଃ) କୁଞ୍ଜବିହାରୀ। (କ) ପାଇକଖେଦା- ଏକ ଜବାବ୍, ନବରବି ୩/୧୨, ଜୁନ୍, ୧୯୭୩.
(ଖ) ମୋ କାହାଣୀ-ପୃ. ୩୯୨.
(୫୦) ମିଶ୍ର, (ଅଧ୍ୟାପକ) ଭାବଗ୍ରାହୀ-(କ) ଡଗର' ୨୩/୧, ଜୁଲାଇ-୧୯୫୯.
(ଖ) ସାହିତ୍ୟ ଦୃଷ୍ଟି (ପ୍ରଥମ ପ୍ରକାଶ-୧୯୭୦) ପୃ.୪୫-୫୧.
(୫୧) ସାମନ୍ତରାୟ, (ଅଧ୍ୟାପକ) ନଟବର, ଆଧୁନିକ ଓଡ଼ିଆ ସାହିତ୍ୟର ଦିଗ୍‌ଦର୍ଶନ (୧୯୫୯)
(୫୨) ଶତପଥୀ, (ଅଧ୍ୟାପକ) ନିତ୍ୟାନନ୍ଦ - 'ଡ଼ଗର' ୨୫/୮,୯, ଫେବୃୟାରୀ-ମାର୍ଚ୍ଚ, ୧୯୬୨.
(୫୩) ମହାନ୍ତି, ଶ୍ରୀ ପ୍ରମୋଦ କୁମାର। ଝଙ୍କାର, ୨୦/୩, ଜୁନ୍-୧୯୬୮, ପୃ.୩୩୯-୪୮.
(୫୪) ମାନସିଂହ ସ୍ମରଣିକା (ଅକ୍ଟୋବର-୧୯୭୩) ଏକ୍ସାମ ଥିଏଟର୍ସ, ଭୁବନେଶ୍ବର, ଡିମାଇ-୧/୮ ସାଇଜ. ପୃ.ସଂଖ୍ୟା-୧୮୪.
(୫୫) ଉତ୍କଳ ସାହିତ୍ୟ (ନୂତନ ପ୍ରସ୍ଥ) ସଂପାଦକ: ଜ୍ଞାନୀନ୍ଦ୍ର ବର୍ମା, ୧/୨ (୧୯୭୪).
(୫୬) ସଂପାଦକୀୟ ଅଗ୍ରଲେଖା : ଡଃ ମାୟାଧର ମାନସିଂହ- ମାନସ ୨/୨, ଡିସେମ୍ବର-୧୯୭୪.
(୫୭) ମାନସିଂହ, (ଶ୍ରୀମତୀ) ହେମଲତା। 'ପ୍ରିୟ ପରମ' (ସ୍ମୃତି ଚାରଣ) ମାନସିଂହ ପରିକ୍ରମା (୧୯୭୯) ପୃ. ୧୫୪-୭୧.
(୫୮) (କ) ବେହେରା, (ଅଧ୍ୟାପକ) ଚିନ୍ତାମଣି। ଦୀପଦାନ (ପ୍ରବନ୍ଧ)
(୧) ମାନସିଂହଙ୍କ ଶୋକ ସଭାରେ ପଠିତ, (୨) ଝଙ୍କାର, ୨୫/୮, ନଭେମ୍ବର, ୧୯୭୩, (୩) କୋଣାର୍କ, ୨୭ ସଂଖ୍ୟା, ୧୯୭୪. (୪) ବିଦଗ୍ଧ ପାଠକ (ପ୍ରଥମ ପ୍ରକାଶ-୧୯୭୫)
(ଖ) ମିଶ୍ର, (ଡଃ) ସଦାଶିବ। ମାନସିଂହ ପ୍ରତିଭା (ପ୍ରବନ୍ଧ)
(୧) ଝଙ୍କାର, ୨୫/୮, ନଭେମ୍ବର, ୧୯୭୩.
(୨) ମାନସିଂହ ସ୍ମରଣିକା (୧୯୭୩) ପୃ. ୧୧୮-୨୦.
(ଗ) ରାଉତରାୟ, ସଚ୍ଚିଦାନନ୍ଦ। 'କବି ମାୟାଧର ମାନସିଂହ-ଏକ ସ୍ୱପ୍ନ ପ୍ରୟାଣ' (ପ୍ରବନ୍ଧ)
(୧) ଝଙ୍କାର, ୨୫/୮, ନଭେମ୍ବର, ୧୯୭୩, ପୃ. ୭୭୯-୭୮୨.
(୨) ମାନସିଂହ ସ୍ମରଣିକା, ଅକ୍ଟୋବର-୧୯୭୩, ପୃ ୧୩-୧୭.
(୩) ମାନସିଂହ ପରିକ୍ରମା (୧୯୭୯) ପୃ-୧୪୫-୪୯.
(ଘ) ଶତପଥୀ, (ଡଃ) ବାଳକୃଷ୍ଣ। 'ମାନସିଂହଙ୍କ କବିତାରେ ବେଦନାବୋ (ପ୍ରବନ୍ଧ)

(୧) ସପ୍ତର୍ଷି, ୨/୧୧, (୧୯୭୩).
(୨) ମାନସିଂହ: ସୃଷ୍ଟି ସମୀକ୍ଷା (୧୯୭୮) ପୃ. ୧୦୬-୧୩୧
(୩) ଆଧୁନିକ ଓଡ଼ିଆ କାବ୍ୟ କବିତାର ଅନ୍ତସ୍ୱର ଓ ଅଭିବ୍ୟକ୍ତି (୧୯୮୩) ପୃ. ୧୦୩-୧୨୯.
(ଙ) ଧଳ, (ଅଧ୍ୟାପକ) ଗୋଲକବିହାରୀ। 'ମାନସିଂହ ଓ ଓଡ଼ିଆ ସାହିତ୍ୟ' ନବରବି ୪/୫, ନଭେମ୍ବର-୭୩, ପୃ.୧୩-୧୮.
(ଚ) ପଟ୍ଟନାୟକ (ଅଧ୍ୟାପକ) ବିଭୁତି। 'ମାନସିଂହ' (ପ୍ରବଂଧ) ନବରବି, ୪/୫, ନଭେମ୍ବର-୧୯୭୩. ପୃ.୧୯୨୮.

(୫୯) (କ) ମିଶ୍ର (ଶ୍ରୀମତୀ) ଆଶା। 'ସାଧବ ଝିଅ-ଏକ ରସିକର ଦୃଷ୍ଟିପାତ' (ପ୍ରବଂଧ)
(୧) ଝଂକାର, ୨୫/୯, ଡିସେମ୍ବର, ୧୯୭୩, ପୃ.୮୬୬-୮୭୨.
(୨) ମାନସିଂହ: ସୃଷ୍ଟି ସମୀକ୍ଷା, ପୃ.୧୭୯-୯୦.
(ଖ) ମିଶ୍ର, (ଅଧ୍ୟାପକ) ନିଶାମଣି। 'ଜେମା କାବ୍ୟ-ଏକ ଅଧ୍ୟୟନ' (ପ୍ରବଂଧ),
(୧) ଝଂକାର, ୨୫/୯, ଡିସେମ୍ବର-୭୩
(୨) ମାନସିଂହ ସୃଷ୍ଟି ସମୀକ୍ଷା (୧୯୭୮) ପୃ.୧୭୦-୧୭୮.

(୬୦) ଉତ୍କଳ ସାହିତ୍ୟ (ନୂତନ ପ୍ରସ୍ଥ), ସଂପାଦକ: ଜ୍ଞାନୀଂଦ୍ର ବର୍ମା। (୧୯୭୪)
(କ) ବର୍ମା, ଜ୍ଞାନୀନ୍ଦ୍ର-କବିସ୍ମୃତି, ପୃ. ୩-୬, (ଖ) ରାଉତରାୟ, ଚଣ୍ଡିରଣ-'ପ୍ରେମର ରସଘନ କାବ୍ୟ-ଧୂପ' (ଗ) ମହାପାତ୍ର, ମହେଶଚଂଦ୍ର। 'ଓଡ଼ିଆ ସାହିତ୍ୟରେ ମାନସିଂହଙ୍କ ଆବିର୍ଭାବ' (୧) ଉତ୍କଳ ସାହିତ୍ୟ,. ପୃ. ୫-୮.
(୨) ମାନସିଂହ: ସୃଷ୍ଟି ଓ ସମୀକ୍ଷା (୧୯୭୮) ପୃ. ୯-୧୧.
(ଘ) ମିଶ୍ର. (ଡଃ) ଗୋପାଳ ଚନ୍ଦ୍ର 'ମାନସିଂହଙ୍କ କବିତାର ବୈଚିତ୍ର୍ୟ' ୧୪-୨୦.
(ଙ) ବେହୁରା, ରାଧାଶ୍ୟାମ। 'ମାଟିର କବି ମାନସିଂହ' ପୃ. ୨୧-୨୩.
(ଚ) ବର୍ମା, ବିକ୍ରମକେଶରୀ। 'ଉତ୍କଳ ସାହିତ୍ୟରେ ଜେମା ଓ ନଂଦିକା' ପୃ. ୨୪-୨୬.

(୬୧) ମହାପାତ୍ର (ଡଃ) ଖଗେଶ୍ୱର। 'ମାନସିଂହଙ୍କ ସୌନ୍ଦର୍ଯ୍ୟ ଚେତନାରେ ନାରୀ' (ପ୍ରବଂଧ)
(କ) ଝଂକାର, ୨୮/୧, ବିଷୁବ, ୧୯୭୫, ପୃ ୪୮-୫୧
(ଖ) ମାନସିଂହ ସୃଷ୍ଟି ଓ ସମୀକ୍ଷା, ପୃ. ୧୫୦-୧୫୫.

(୬୨) (କ) ମିଶ୍ର, (ଅଧ୍ୟାପକ) ବିଭୁଦତ୍ତ। 'ବ୍ୟକ୍ତି ବିଚିତ୍ରା (୧): ମାୟାଧର ମାନସିଂହ, ବାଇଶ ପାହାଚ, ୧/୪,୫. ଜାନୁୟାରୀ, ୧୯୭୬ ପୃ.୪୩.
(ଖ) ମହାନ୍ତି, ପ୍ରଜ୍ଞାପାରମିତା। 'ମାନସିଂହଙ୍କ କାବ୍ୟ କବିତାରେ ପ୍ରେମ' ସପ୍ତର୍ଷି, ୫/୪.

(୬୩) ବେହୁରା, (ଅଧ୍ୟାପକ) ରାଧାଶ୍ୟାମ, ସଂକଳନ- 'ମାନସିଂହ: ସୃଷ୍ଟି ଓ ସମୀକ୍ଷା (୧୯୭୮).
(୧) ପଟ୍ଟନାୟକ, ପଠାଣି-ମାନସିଂହଙ୍କ କାବ୍ୟ କବିତାର ଆଦ୍ୟ ଉନ୍ମେଷ। (୨) ଦାସ, ଦାଶରଥି- ନିସର୍ଗର ଉଦ୍‌ଗାତା ମାନସିଂହ। (୩) ବେହେରା, ଚିନ୍ତାମଣି - ମାନସିଂହ ପ୍ରତିଭାର ଇଂଦ୍ରଧନୁ। (୪) ସାମଲ, ବସନ୍ତ କୁମାର। ମାନସିଂହଙ୍କ କବିତାରେ ଇଂଦ୍ରିୟ ଓ ଅତୀଂଦ୍ରିୟ। (୫) ମିଶ୍ର. ସଚ୍ଚିଦାନନ୍ଦ- 'ମାନସିଂହଙ୍କ କବିତାରେ ପରଂପରା ଓ ନୂତନତା' (୬) ମିଶ୍ର, ବନମାଳୀ 'ପ୍ରେମ କବିତାର ପରଂପରାରେ କବି ମାନସିଂହ' (୭) ନାୟକ, ଶ୍ରୀ ମହେଶ୍ୱର- 'ହେମଶସ୍ୟ ଓ ହେମଶସ୍ୟର କବି' (୮) ବେହୁରା, ରାଧାଶ୍ୟାମ, 'ମାନସିଂହଙ୍କ ଜୀବନଚିତାରେ ଜୀବନଗାଥା' (୯) ଗୁରୁ, ଶ୍ରୀ ଗଂଗାଧର-'ଦୁର୍ଭିକ୍ଷରେ କବିଧର୍ମର ସାର୍ଥକତା' (୧୦) ମହାନ୍ତି, (ଶ୍ରୀ) ମନୀନ୍ଦ୍ର-'ମାନସିଂହ ସାହିତ୍ୟର ଏକ ଅନାଲୋଚିତ ଦିଗ- ଶିଶୁ ସାହିତ୍ୟ' (୧୧) ଶତପଥୀ, ନାରାୟଣ- 'ନାଟ୍ୟକାର ଭୂମିକାରୁ କବି ମାନସିଂହ- ଏକ ଦୃଷ୍ଟିପାତ' (୧୨) ଧଳ, ଗୋଲକ ବିହାରୀ- 'ଶିକ୍ଷାବିତ୍ ମାନସିଂହ'।

(୬୪) ଶତପଥୀ, (ଡଃ) ନିତ୍ୟାନଂଦ- 'ମାନସିଂହ ପରିକ୍ରମା' (୧୯୭୯) ସଂପାଦନା: ଓଡ଼ିଶା ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ପ୍ରକାଶିତ। (୧) ଦାଶ, କୁମୁଦ ଚଂଦ୍ର- 'ମାନସିଂହଂକ ଓଡ଼ିଆ ସାହିତ୍ୟର ଇତିହାସ' (୨) ନାୟକ, ରାଘବାନଂଦ—'ମାନସିଂହଙ୍କ କବିତାରେ ଶାଶ୍ୱତ ପ୍ରଣୟ ଚେତନା' (୩) ଶତପଥୀ, ଶ୍ରୀମତୀ ପ୍ରତିଭା,— 'ରୋମାଣ୍ଟିକ୍ କବି ମାନସିଂହ' (୪) ମହାନ୍ତି, ଶ୍ରୀ ଶ୍ରୀଚରଣ— 'ମାନସିଂହଙ୍କ ସାହିତ୍ୟରେ ଜାତୀୟ ଚେତନା' (୫) ଚୌଧୁରୀ, ଶ୍ରୀ ବିଜୟକୁମାର — 'ଓଡ଼ିଆ ଗୀତିନାଟ୍ୟ ଓ କବି ମାନସିଂହ' (୬) ଜେନା ଶ୍ରୀ କୁଳମଣି— 'ପରଂପରାର ଆଲୋକରେ ମାନସିଂହ ସାହିତ୍ୟ' (୭) ସାହୁ, କୃଷ୍ଣଚରଣ— 'ଓଡ଼ିଆ ସାହିତ୍ୟର ଇତିହାସ ଓ ଡଃ ମାନସିଂହ। (୮) ପଟ୍ଟନାୟକ, ଶ୍ରୀ କଇଳାଶ— 'ମାନସିଂହଙ୍କ କାବ୍ୟ ସାହିତ୍ୟ- ଏକ ରସବାଦୀ ଅଧ୍ୟାୟ (୯) ନଂଦ, ସଦାଶିବ— 'ଜୀବନୀ ସାହିତ୍ୟ ଓ ଜୀବନୀକାର ମାନସିଂହ' (୧୦) ଶତପଥୀ, (ଡଃ) ନିତ୍ୟାନଂଦ, 'ସବୁଜ ସମସାମୟିକ ଏକକ କବି ଡକ୍ଟର ମାନସିଂହ'।

(୬୫) ମହାନ୍ତି, (ଅଧ୍ୟାପକ) ଶ୍ରୀଚରଣ- 'ମାନସିଂହ ମାନସ' (ପ୍ରଥମ ଖଣ୍ଡ) ପ୍ରଥମ ପ୍ରକାଶ- ୧୯୮୩, ବସନ୍ତ ପଞ୍ଚମୀ.

(୬୬) ମିଶ୍ର. (ଡଃ) କିଶୋର ଚଂଦ୍ର- 'ମାନସିଂହଙ୍କ କାବ୍ୟ କବିତାରେ ଉପମା'
(୧) ଉତ୍କଳ ଦିବସ ସ୍ମାରକୀ— ୧୭ଶ ଅର୍ଘ୍ୟ, ୧.୪.୧୯୮୪ ପୃ. ୧୧-୧୯.

(୨) 'ବାସନ୍ତିକା' ସପ୍ତମ ଅର୍ଘ୍ୟ, ୧୯୮୪ ପୃ. ୨୬-୩୨.
(୩) ଡଗର ୪୭/୨. ଅଗଷ୍ଟ, ୧୯୮୩, ପୃ. ୪-୭.
(୪) ବାସନ୍ତିକା ଅଷ୍ଟମ ଅର୍ଘ୍ୟ, ୧୯୮୫,
(୫) ଉତ୍କଳ ଦିବସ ସ୍ମାରକୀ, ୧୮ଶ ଅର୍ଘ୍ୟ, ୧୯୮୫. ପୃ. ୨୧-୩୨.
(୬) ଉତ୍କଳ ଗୌରବ- ୧୯ଶ ଅର୍ଘ୍ୟ, ୧୯୮୬, ପୃ. ୧୬-୩୪.
(୬୭) ମହାନ୍ତି, (ଡଃ) ଜାନକୀ ବଲ୍ଲଭ (ଭରଦ୍ୱାଜ)- 'ମାନସିଂହଙ୍କ କାବ୍ୟ ପ୍ରତିଭା' - ଆବର୍ତ୍ତ (ପୂଜାସଂଖ୍ୟା) ତୃତୀୟ ବର୍ଷ, ଅକ୍ଟୋବର-ନଭେମ୍ବର, ୧୯୮୬ ପୃ-୪୫-୫୦.
(୬୮) ଦାଶ, (ଡଃ) କୁଞ୍ଜବିହାରୀ। 'ମୋ କାହାଣୀ' ଜୁଲାଇ-୧୯୭୬, ପୃ. ୩୯୧, ୩୯୨, ୪୦୨, ୪୨୯, ୪୭୧, ୪୮୭.
(୬୯) ମହାନ୍ତି, ସୁରେନ୍ଦ୍ର- 'ଓଡ଼ିଆ ସାହିତ୍ୟର କ୍ରମବିକାଶ' (୧୯୭୮) ଅଗ୍ରଦୂତ କଟକ-୨.
(୭୦) ଆଚାର୍ଯ୍ୟ (ଡଃ) ବୃନ୍ଦାବନଚନ୍ଦ୍ର- 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ'
(୭୧) ଶତପଥୀ (ଡଃ) ନିତ୍ୟାନନ୍ଦ, 'ସବୁଜରୁ ସାଂପ୍ରତିକ' ଗ୍ରନ୍ଥ ମନ୍ଦିର, କଟକ,
(୭୨) ବେହେରା, (ଅଧ୍ୟାପକ) ଚିନ୍ତାମଣି,
(କ) ବିଦଗ୍ଧ ପାଠକ, (୧୯୭୫), ଜଗନ୍ନାଥ ରଥ, କଟକ,
(୧) ଓଡ଼ିଆ କାବ୍ୟ କବିତାର କ୍ରମ ପରିଣାମ,
(୨) ମୋ ଦୃଷ୍ଟିରେ ଗୀତା,
(ଖ) କଳାଦୃଷ୍ଟି- (୧୯୮୧) ବୁକ୍ସ ଏଣ୍ଡ ବୁକ୍ସ, କଟକ-୨.
(୧) ବିଂଶ ଶତକର ଓଡ଼ିଆ କାବ୍ୟଧାରା।
(୭୩) ଦାସ, (ଅଧ୍ୟାପକ) ଦାଶରଥି
(କ) କାବ୍ୟ ସମ୍ବାଦ (ଦ୍ୱିତୀୟ ସଂସ୍କରଣ) ୧୯୮୩, ଫ୍ରେଣ୍ଡସ ପବ୍ଲିଶର୍ସ,
(ଖ) ସାହିତ୍ୟ ସଂଧାନ (୧୯୭୫) ଅଗ୍ରଦୂତ, କଟକ-୨
(ଗ) ବିବିଧ ଆଲୋଚନା (୧୯୮୧) ଅଗ୍ରଦୂତ, କଟକ-୨.
(୭୪) ଦାସ (ଡଃ) ହେମନ୍ତ କୁମାର,
(କ) ଓଡ଼ିଆ ନାଟକର ବିକାଶ ଧାରା (ଦ୍ୱିତୀୟ ଖଣ୍ଡ, ପୂର୍ବ-ମଧ୍ୟ ପର୍ବ) ୧୯୮୦, ସାଥି ମହଲ, କଟକ-୨.
(୭୫) ଶତପଥୀ, (ଡକ୍ଟର) ପ୍ରତିଭା– କଳ୍ପନାର ଅଭିଷେକ, 'ରୋମାଣ୍ଟିକ୍ କବି ମାନସିଂହ' ପୃ. ୨୭୧. ପ୍ରକାଶକ- ଓଡ଼ିଶା ବୁକ୍ ଷ୍ଟୋର, କଟକ-୨, (ଡିସେମ୍ବର-୧୯୮୨).
(୭୬) ମାନସିଂହ ସ୍ମାରକୀ ପ୍ରବନ୍ଧ ପ୍ରତିଯୋଗିତାରେ ନିମ୍ନଲିଖିତ ପ୍ରବନ୍ଧ ଲେଖି ଛାତ୍ରଛାତ୍ରୀମାନେ ପୁରସ୍କୃତ ହୋଇଛନ୍ତି :

୧୯୭୪– 'ଓଡ଼ିଆ ସାହିତ୍ୟରେ ଯୁଗସ୍ରଷ୍ଟା ମାନସିଂହ',
(୧) ସନ୍ତୋଷକୁମାର ସାହୁ, (୨) ପ୍ରଦୀପ୍ତ ରାୟ, (୩) ପରାଶର ମିଶ୍ର,
୧୯୭୫– 'ମାନସିଂହଙ୍କ ସାହିତ୍ୟରେ ଜାତୀୟ ଚେତନା' (୧) ଶ୍ରୀଚରଣ ମହାନ୍ତି, (୨) ରାମକଲ୍ୟାଣ ନାୟକ, (୩) ମନୋରଂଜନ ପଟ୍ଟନାୟକ,
୧୯୭୬– 'ମାନସିଂହଙ୍କ ପ୍ରେମ କବିତାର ବିଭବ ଓ ବୈଶିଷ୍ଟ୍ୟ' (୧) ସୁରେଶଚଂଦ୍ର ପଣ୍ଡା, (୨) ଶ୍ରୀଚରଣ ମହାନ୍ତି, (୩) କ୍ଷିତୀଶଚଂଦ୍ର ଦାସ,
୧୯୭୭– 'ଓଡ଼ିଆ ଗୀତିନାଟ୍ୟ ଓ କବି ମାନସିଂହ'- (୧) ରବୀଂଦ୍ର ନାଥ ସାମଲ, (୨) ମଥୁରାନାଥ ହୋତା, (୩) ସିଦ୍ଧାର୍ଥ ପ୍ରଧାନ,
୧୯୭୮– 'ମାନସିଂହ ସାହିତ୍ୟରେ ରସ' (୧) ଶ୍ରୀଚରଣ ମହାନ୍ତି, (୨) କଇଲାଶ ପଟ୍ଟନାୟକ, (୩) କୁମାରୀ ମଂଦିରା ରାୟ ଚୁଡ଼ାମଣି,
୧୯୭୯– 'ମାନସିଂହଙ୍କ କାବ୍ୟରେ ଆଧିଭୌତିକ ଚେତନା' (୧) କଇଲାଶ ପଟ୍ଟନାୟକ, (୨) ଶରତକୁମାର ନାୟକ, (୩) କ୍ଷୀରୋଦ କୁମାର ମିଶ୍ର,
୧୯୮୦– 'ମାନସିଂହଙ୍କ କାବ୍ୟବାଣୀ ଓ ଜୀବନ ବାଣୀ' (୧) ସନ୍ତୋଷ କୁମାର ରଥ, (୨) ଜଗନ୍ମୋହନ ସାହୁ, (୩) କୃଷ୍ଣଚନ୍ଦ୍ର ଷଡ଼ଂଗୀ,
୧୯୮୧- ଓଡ଼ିଆ ପ୍ରବଂଧ ସାହିତ୍ୟକୁ ମାନସିଂହଙ୍କ ଅବଦାନ' (୧) ମନୋରଂଜନ ପ୍ରଧାନ, (୨) କୁମାରୀ ଉଷାରାଣୀ ମଟ୍ଟୁଆଳ, (୩) ଗୋପାଳ କୃଷ୍ଣ ଦାସ।
୧୯୮୨- 'ମାନସିଂହ ସୃଷ୍ଟି ସ୍ୱାତନ୍ତ୍ର୍ୟ' (୧) ହିମାଂଶୁ ଶେଖର ପଟ୍ଟନାୟକ, (୨) ଧରଣୀଧର ବେହେରା, (୩) କୁମାରୀ ସୁଭଦ୍ରା ସେନାପତି,
୧୯୮୩- 'ମାନବାତ୍ମାର କବି ମାନସିଂହ' (୧) ଶଇଳେନ୍ଦ୍ର ଲେଙ୍କା (୨) ପ୍ରଦୀପ କୁମାର ଦାସ, (୩) ଅଜୟ କୁମାର ଷଡ଼ଂଗୀ,
୧୯୮୪- 'ଜାତି ଓ ପ୍ରୀତିର କବି ମାନସିଂହ' (୧) ସତ୍ୟ ଷଡ଼ଂଗୀ, (୨) ଅର୍ଜୁନ କର, (୩) କୁମାରୀ ସବିତା ବେହେରା,
୧୯୮୫- 'ମାନସିଂହଙ୍କ ବ୍ୟକ୍ତି ବିଶ୍ୱ ଓ ବହିର୍ବିଶ୍ୱ' (୧) ସୃଷ୍ଟିଧର ପଣ୍ଡା, (୨) ଆଶିଷ କୁମାର ରାଉତ, (୩) ସଂଜୟ କୁମାର ଷଡ଼ଂଗୀ,
୧୯୮୬– 'ମାନସିଂହଙ୍କ କାବ୍ୟ ନାଟିକା- ସୃଷ୍ଟି ଓ ସଂକେତ' (୧) ଆଶିଷ କୁମାର ରାଉତ, (୨) କୁମାରୀ ଶାଶ୍ୱତୀ ସୌମ୍ୟା ସାହୁ (୩) ପୀତବାସ ପ୍ରଧାନ।
୧୯୮୭– ଦରଦୀ କବି ମାୟାଧର ମାନସିଂହ
(୧) କୁମାରୀ ଶାଶ୍ୱତୀ ସୌମ୍ୟା ସାହୁ, (୨) କୁମାରୀ ଜୟଶ୍ରୀ ତ୍ରିପାଠୀ, ଶ୍ରୀ ସଂଜୟ କୁମାର ହାତୀ।
୧୯୮୮– ମାନସିଂହକ ଜୀବନ ଆଦର୍ଶ ଓ ଜୀବନାନୁଭୂତି
(୧) କୁମାରୀ ଶାଶ୍ୱତୀ ସୌମ୍ୟା ସାହୁ (୨) ଶ୍ରୀ ମୃଣାଳକାନ୍ତି ଦାସ (୩) ସଂଜୟକୁମାର ହାତୀ

୧୯୮୯—ଓଡ଼ିଆ କାବ୍ୟ ପରଂପରା ଓ ମାନସିଂହ

(୧) କୁମାରୀ ଶାଶ୍ୱତୀ ସୌମ୍ୟା ସାହୁ (୨) ଶ୍ରୀ କାହ୍ନୁ ଚରଣ ପାଢ଼ୀ (୩) ଶ୍ରୀ ଦାଶରଥୀ ସ୍ୱାଇଁ

୧୯୯୦—ମାନସିଂହଙ୍କ ସାହିତ୍ୟରେ କାବ୍ୟଧାରା

(୧) କୁମାରୀ ପ୍ରିୟମ୍ୱଦା ସାମଲ (୨) ରଜନୀକାନ୍ତ ମହାନ୍ତି (୨) ସୁରେନ୍ଦ୍ର କୁମାର ପ୍ରଧାନ (୩) କୁମାରୀ ଅନୀତା ପାଢ଼ୀ

୧୯୯୧—ମାନସିଂହଙ୍କ ଲେଖନୀରେ ନିଜ ଜୀବନର ପ୍ରତିଛବି

(୧) ଲୋକନାଥ ସାହୁ (୨) ପ୍ରଶାନ୍ତ କୁମାର ରାଉତ (୩) କୁମାରୀ ପ୍ରିୟମ୍ୱଦା ସାମଲ

୧୯୯୨— ମାନସିଂହଙ୍କ ସାହିତ୍ୟରେ ଗାନ୍ଧୀ, ଗୋପବନ୍ଧୁ, ମଧୁସୂଦନ

(୧) ରମେଶ ଚନ୍ଦ୍ର ବେହେରା (୨) କୁମାରୀ ମୋନାଲିସା ରାୟ (୩) ନାରାୟଣ ଚନ୍ଦ୍ର ଦାଶ

୧୯୯୩—ମାନସିଂହଙ୍କ ସାହିତ୍ୟରେ ନାରୀର ଭୂମିକା

(୧) ରମେଶ ଚନ୍ଦ୍ର ବେହେରା (୨) କୁମାରୀ ମୋନାଲିସା ରାୟ (୩) ନାରାୟଣ ଚନ୍ଦ୍ର ଦାଶ

୧୯୯୪— ଶିଶୁ ସାହିତ୍ୟିକ ମାନସିଂହ

(୧) ରାଧାଗୋବିନ୍ଦ କୁଇଲ (୨) ପୁରଂଜନ ପାତ୍ର (୩) ବିଦ୍ୟାଧର କର

୧୯୯୫—ମାନସିଂହଙ୍କ ସାହିତ୍ୟରେ ମାନବବାଦ

(୧) କୁମାରୀ ପ୍ରତିଭା ଦାଶ (୨) କୁମାରୀ ଦେବଦର୍ଶିନୀ ସାହୁ (୩) ଶ୍ରୀ ଜ୍ୟୋତିରଂଜନ ସାମଲ।

(୭୭) ରାଧାଶ୍ୟାମ ବେହୁରା, ସମ୍ବଲପୁର ବିଶ୍ୱବିଦ୍ୟାଳୟ 'ଓଡ଼ିଆ ସାହିତ୍ୟକୁ ମାୟାଧର ମାନସିଂହଙ୍କ ଅବଦାନ'; କୁଂଜବିହାରୀ ଧଳ, (୧୯୮୩) ସମ୍ବଲପୁର ବିଶ୍ୱବିଦ୍ୟାଳୟ 'ମାନସିଂହଙ୍କ କାବ୍ୟ କବିତା : ଏକ ଅଧ୍ୟୟନ'; ମନୋରମା ମହାପାତ୍ର (୧୯୮୬) ଉତ୍କଳ ବିଶ୍ୱବିଦ୍ୟାଳୟ 'ଡଃ ମାୟାଧର ମାନସିଂହଙ୍କ କାବ୍ୟ କବିତା : ଏକ ଅଧ୍ୟୟନ'; ସଂଯୁକ୍ତା ମିଶ୍ର, (୧୯୮୭) ଉତ୍କଳ ବିଶ୍ୱବିଦ୍ୟାଳୟ 'ମାନସିଂହଙ୍କ କାବ୍ୟ କବିତାରେ ଜାତୀୟ ଚେତନା'।

# ତୃତୀୟ ଅଧ୍ୟାୟ :

## ଚିନ୍ତାନାୟକ ମାନସିଂହଙ୍କ ବିଚାରଧାରାର ପୃଷ୍ଠପୀଠିକା

# ଚିନ୍ତାନାୟକ ମାନସିଂହଙ୍କ ବିଚାରଧାରାର ପୃଷ୍ଠପୀଠିକା

## ମାନସିଂହଙ୍କ ଆବିର୍ଭାବ ଓ ବ୍ୟକ୍ତିତ୍ୱ ବିକାଶର କାଳ :

### ଆବିର୍ଭାବର ପ୍ରାକ୍‌କାଳ :–

ଭାରତର ସାଂସ୍କୃତିକ ପରଂପରା ଖୁବ୍ ପୁରାତନ। ଇଂରେଜ ଆଗମନ ପୂର୍ବରୁ ସମଗ୍ର ଭାରତବର୍ଷ କୌଣସି ଦିନ ଏକ ଶାସନାଧୀନ ନଥିଲେ ହେଁ, ସାଂସ୍କୃତିକ ସ୍ତରରେ ଏହାର ଐକ୍ୟ ସ୍ଥାପିତ ହୋଇଥିଲା। ଏହାର ଧର୍ମୀୟଧାରା ଅତ୍ୟନ୍ତ ପୁରାତନ ହୋଇଥିବାରୁ କାଳକ୍ରମେ ଏହା ମଧ୍ୟରେ ନାନା ପରିବର୍ତ୍ତନ ପ୍ରବେଶ କରିବା ସଂଗେ ସଂଗେ ଅନେକ କୁସଂସ୍କାର ପ୍ରବେଶ କରିଥିଲା। ଅବଶ୍ୟ ବିଭିନ୍ନ ସମୟରେ ଅନେକ ସଂସ୍କାରକ ଭାରତୀୟ ଚେତନାର ଧାରାକୁ ସୁସଂଗଠିତ କରିବା ପାଇଁ ଚେଷ୍ଟା କରିଥିଲେ ହେଁ, କୌଣସି ବଳିଷ୍ଠ ନେତୃତ୍ୱର ଅଭାବରୁ ଏହି ସାଂସ୍କୃତିକଧାରା ଅନେକ ସ୍ଥଳରେ ବିଭ୍ରାନ୍ତକର ରୂପ ନେଇଥିଲା। କେତେକ ଧର୍ମୀୟ ଗୁରୁଙ୍କର ଭୁଲ୍ ବୁଝାମଣା ଯୋଗୁଁ ଦେଶର ଆଭ୍ୟନ୍ତରୀଣ ଏକତା କ୍ଷୁଣ୍ଣ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ବୈଦେଶିକ ଶକ୍ତିମାନଙ୍କର ଆକ୍ରମଣ ତଥା ଶାସନରେ ପ୍ରାକ୍-ଉନବିଂଶ ଶତାବ୍ଦୀର ଭାରତ ଏବଂ ଓଡ଼ିଶା ସାମାଜିକ ତଥା ସାଂସ୍କୃତିକ ସ୍ତରରେ ହାହାକାର କରି ଉଠୁଥିଲା। କେତେକ ସ୍ଥଳରେ ସ୍ୱଦେଶୀ ଶାସକମାନଙ୍କର ଅତ୍ୟାଚାର ତଥା ତ୍ରୁଟିପୂର୍ଣ୍ଣ ଶାସନ ନୀତି; ଲୋକମାନଙ୍କୁ ଅତିଷ୍ଠ କରି ପକାଇଥିଲା। ସେହି କାରଣରୁ ଅଷ୍ଟାଦଶ ଶତାବ୍ଦୀର ବିଭିନ୍ନ ସମୟରେ ଇଷ୍ଟଇଣ୍ଡିଆ କଂପାନୀକୁ ଭାରତର ଅଧିକାଂଶ ଅଞ୍ଚଳ ନିଜର ଶାସନ ପରିସରଭୁକ୍ତ କରିବା ସଂଗେ ସଂଗେ ଖ୍ରୀ: ୧୮୦୩ରେ ଓଡ଼ିଶା ଅଧିକାର କରିବା ପାଇଁ ବିଶେଷ କଷ୍ଟ ସାଧ୍ୟ ହୋଇ ନଥିଲା।

ସେ ସମୟରେ ଆର୍ଥନୀତିକ କାରଣରୁ ରାଜା ମହାରାଜାଙ୍କୁ ଛାଡ଼ି ଦେଲେ, ଆଉ ଦୁଇଟି ଶ୍ରେଣୀର ଲୋକଥିଲେ। ଦଳେ ମଧ୍ୟବିତ୍ତ ବର୍ଗ, ଅନ୍ୟଟି ଆର୍ଥନୀତିକ ଦୁର୍ବଳ ଶ୍ରେଣୀ। ସାମାଜିକ ସ୍ତରରେ ସେହିପରି ବ୍ରାହ୍ମଣମାନଙ୍କ ବ୍ୟତୀତ, ଦଳେ ସବର୍ଣ୍ଣ ଓ ଅନ୍ୟ ଦଳେ ଅସବର୍ଣ୍ଣ। ଅସବର୍ଣ୍ଣମାନଙ୍କ ମଧ୍ୟରୁ ପ୍ରାୟତଃ ସମସ୍ତେ ଆର୍ଥନୀତିକ ଦୁର୍ବଳ ଶ୍ରେଣୀର ଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ଦୁର୍ବଳତାକୁ ଚିନ୍ତା ତଥା ଚେତନାରେ ବିଧି ନିର୍ଦ୍ଦିଷ୍ଟ ବୋଲି ଗ୍ରହଣ କରି ନେଇଥିଲେ। ଖ୍ରୀଷ୍ଟୀୟ ମିଶନାରୀମାନଙ୍କର ଅକୁଣ୍ଠ ସେବା, ଭେଦଭାବ ବର୍ଜିତ ବ୍ୟବହାର ଆର୍ଥନୀତିକ ତଥା ସାମାଜିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଖ୍ରୀଷ୍ଟ ଧର୍ମପ୍ରତି ଆକୃଷ୍ଟ କଲା ଏବଂ ସଂପୃକ୍ତ ଦୁର୍ବଳ ଶ୍ରେଣୀର ହିନ୍ଦୁମାନଙ୍କ ମଧ୍ୟରୁ ଅଧିକାଂଶ ଖ୍ରୀଷ୍ଟଧର୍ମ ଗ୍ରହଣ କରି ନେଇଥିଲେ।

ପୁନଶ୍ଚ ଇଂରେଜମାନେ ଶାସନ ପରିଚାଳନା ପାଇଁ ଯେଉଁ ଦେଶୀୟ ଲୋକମାନଙ୍କୁ ଶାସନ କ୍ଷେତ୍ରରେ ଗ୍ରହଣ କରିନେଲେ, ସେମାନେ ତଥା ସେମାନଙ୍କର ପିଲାମାନେ ଇଂରାଜୀ ଶିକ୍ଷା ଗ୍ରହଣ କରିନେଲେ। ମଧ୍ୟବିତ୍ତ ଶ୍ରେଣୀର କେତେକ ଲୋକ ଚାକିରୀ ଲୋଭରେ ବି ଇଂରାଜୀ ଶିକ୍ଷା ଗ୍ରହଣ କଲେ। ଫଳରେ ଏହି ଚାକିରୀ କରୁଥିବା

ଲୋକମାନେ ଏକ ନୂତନ ମଧ୍ୟବିତ୍ତ ଶ୍ରେଣୀ ସୃଷ୍ଟି କଲେ। ଭବିଷ୍ୟତରେ ଭାରତର ସାମାଜିକ-ସାଂସ୍କୃତିକ ତଥା ଶାସନଗତ ଯେଉଁ ପରିବର୍ତ୍ତନ ହେଲା, ସେଥିରେ ଏହି ମଧ୍ୟବିତ୍ତ ଶ୍ରେଣୀର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଏହି ମଧ୍ୟବିତ୍ତ ଶ୍ରେଣୀ ବିଭିନ୍ନ ସମୟରେ ସୁବିଧାବାଦୀ ଭୂମିକା ଗ୍ରହଣ କରିଛି। ଆର୍ଥନୀତିକ ତଥା ସାମାଜିକ ଦୁର୍ବଳ ଶ୍ରେଣୀ ବ୍ୟତୀତ ଏହି ମଧ୍ୟବିତ୍ତ ଶ୍ରେଣୀରୁ କେତେକ ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ସୁବିଧା ହାସଲ ପାଇଁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ ହୋଇ, ଖ୍ରୀଷ୍ଟଧର୍ମ ଗ୍ରହଣ କଲେ। ଏମାନଙ୍କ ମଧ୍ୟରୁ କେତେ ହିନ୍ଦୁ ସାମାଜିକ ଚଳଣୀରେ ଅତିଷ୍ଠ ହୋଇ ଓ ଅନ୍ୟ କେତେକ ପରିସ୍ଥିତିରୁ ସୁବିଧା ହାସଲ ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ।

ଏହି କ୍ରିୟାର ପ୍ରତିକ୍ରିୟାରେ ରାଜା ରାମମୋହନ ରାୟ ଖ୍ରୀଷ୍ଟଧର୍ମର ସମାନ୍ତରାଳ ଏକ ଭାରତୀୟ ଧର୍ମ, ବ୍ରାହ୍ମଧର୍ମ ପ୍ରତିଷ୍ଠା କଲେ। ବ୍ରାହ୍ମଧର୍ମ ଆଚରଣ ତଥା କ୍ରିୟାରେ ଭାରତୀୟ ହେଲେ ମଧ୍ୟ ଚିନ୍ତା ତଥା ଚେତନାରେ ଖ୍ରୀଷ୍ଟଧର୍ମର ସମାନ ଥିବାରୁ ଅବସ୍ଥା ଚକ୍ରରେ ଖ୍ରୀଷ୍ଟ ଧର୍ମ ପ୍ରତି ଆକୃଷ୍ଟ ହେଉଥିବା ମଧ୍ୟବିତ୍ତ ଶ୍ରେଣୀ ବ୍ରାହ୍ମଧର୍ମ ପ୍ରତି ଦୃଷ୍ଟି ଫେରାଇଲେ। ଏହିମାନେ ହିଁ ଆନ୍ତରିକ ଭାବରେ ଆଧୁନିକ ଶିକ୍ଷା ପ୍ରତି ଆକୃଷ୍ଟ ହେଲେ। ଅବଶ୍ୟ ମ୍ୟାକେଲେଂକ ଶିକ୍ଷାନୀତି ଇଂରେଜୀ ଶିକ୍ଷା ପାଇଁ ଅନେକ ସ୍ଥଳରେ ଦାୟୀ, ମାତ୍ର ସାମାଜିକ ତଥା ସାଂସ୍କୃତିକ ଦିଗରୁ ଉପର୍ଯ୍ୟୁକ୍ତ ବିଷୟ ଆଲୋଚନା କଲେ ଜଣାଯାଏ ଯେ କେବଳ ମ୍ୟାକେଲଙ୍କ ମତ ଶିକ୍ଷାନୀତି ନୁହେଁ ବହୁ କାରଣରୁ ଇଂରେଜୀ-ଶିକ୍ଷାର ବିସ୍ତାର ଘଟିଥିଲା। ଡକ୍ଟର ନରେଂନ୍ଦ୍ରନାଥ ମିଶ୍ରଙ୍କ ମତରେ :-"ଇଂରେଜମାନଙ୍କ ସଂପର୍କରେ ଆସିବା ପରେ ପ୍ରଥମେ ଆମ ଦେଶରେ ଏକ ପ୍ରକାର ଗୌଣ ମନୋଭାବର ଉଦୟ ହୋଇଥିଲା। ସେଥିରୁ ଦେଶବାସୀଙ୍କ ମନକୁ ମୁକ୍ତ କରିବା ଜାତୀୟବାଦୀମାନଙ୍କର ପ୍ରଥମ କାର୍ଯ୍ୟ ହୋଇଥିଲା। ସେଥିଲାଗି ପାଶ୍ଚାତ୍ୟମାନଙ୍କ ଠାରୁ ପାରଂପାରିକ ଭାବରେ ଆମେ କେଉଁ ପରିମାଣରେ ସ୍ୱତନ୍ତ୍ର ତାହା ଦେଖାଇବାକୁ ଉଦ୍ୟମ ହେଲା। ଆମ ଚିନ୍ତାନାୟକମାନେ ଆମର ଗୌରବାବହ ଅତୀତ ଉପରେ ଦୃଷ୍ଟି ପକାଇଲେ। ମାତ୍ର ଅତୀତ ବହୁ ପ୍ରକାର ଦର୍ଶନ ପରଂପରା ପୁଷ୍ଟ ଧାର୍ମିକ ଚିନ୍ତାରେ ଆଚ୍ଛନ୍ନ ଥିଲା। ଏଇ ଧାର୍ମିକ ଚିନ୍ତାକୁ ଆଧୁନିକ ଯୁଗର ବୈଜ୍ଞାନିକ ଚିନ୍ତା ସହିତ ଖାପ ଖୁଆଇବାର ଚେଷ୍ଟା ହେଲା।" (୧) ପୁଣି ଏହି ସମୟରେ ଭାରତୀୟ ଚିନ୍ତା ଜଗତରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଥିଲା– ତାହା ହିନ୍ଦୁମାନେ ଉପନିଷଦର ଦର୍ଶନଦୃଷ୍ଟି' ପ୍ରାଚୀନ ଭାରତର ଗୌରବାବହ ଇତିହାସ ଓ ତାହାର ପୁନଃପ୍ରତିଷ୍ଠା ଭାବନାରେ ପୂର୍ଣ୍ଣ କରି ଦେଇଥିଲେ।" (୨)

ଏହି ପ୍ରକାର ସାମାଜିକ ଆଂଦୋଳନକୁ ନେତୃତ୍ୱ ଦେଇଥିବା ରାଜା ରାମମୋହନ ରାୟ, ମହର୍ଷି ଦେବେନ୍ଦ୍ରନାଥ ଠାକୁର, କେଶବଚନ୍ଦ୍ର ସେନ୍, ହିନ୍ଦୁ ସନାତନ ଧର୍ମର ବାଖ୍ୟାକାର ସ୍ୱାମୀ ବିବେକାନନ୍ଦ ତଥା ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ ଚିନ୍ତାନାୟକମାନେ ମାନସିଂହଙ୍କ ଚିନ୍ତା ଚେତନାରେ ପ୍ରଭାବ ପକାଇଛନ୍ତି। ଊନବିଂଶ ଶତକରେ ହିନ୍ଦୁ ପରଂପରା ଉପର୍ଯ୍ୟୁକ୍ତ ସଂସ୍କାରକ ମାନଙ୍କର ଚେଷ୍ଟାରେ ନୂତନ

ରୂପ ଧାରଣ କରିବାକୁ ଚେଷ୍ଟା କଲା। ଏହି ମହାପୁରୁଷମାନେ ହିନ୍ଦୁ ପରଂପରାର ତ୍ରୁଟି ବିଚ୍ୟୁତିକୁ ବାଦଦେଇ, ନୂତନ ଆଲୋକର ସଂଧାନ ଦେବା ପାଇଁ ଚେଷ୍ଟାକଲେ, ଫଳରେ ନବମଧ୍ୟବିତ୍ତ ଗୋଷ୍ଠୀ ତଥା ଆଧୁନିକ ଶିକ୍ଷିତମାନେ ଏହି ଉଦାରପନ୍ଥୀ ଧାରା ପ୍ରତି ଆଗ୍ରହ ପୋଷଣ କରିଥିଲେ।

## ଜାତୀୟ ଚେତନାର ବିକାଶ କାଳ :

ଊନବିଂଶ ଶତାବ୍ଦୀର ଶେଷଭାଗ ତଥା ବିଂଶ ଶତାବ୍ଦୀର ପ୍ରଥମଭାଗ ହେଉଛି, ଭାରତୀୟ ଜାତୀୟ ଚେତନାର ବିକାଶ କାଳ। ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ଖ୍ରୀ: ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଠାରୁ ଖ୍ରୀ; ୧୯୨୦-୨୧ ରେ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ପର୍ଯ୍ୟନ୍ତ ସମୟକୁ ଭାରତୀୟ ରାଜନୀତିରେ ଜାତୀୟ ଚେତନାର ଅଭ୍ୟୁଦୟକାଳ ଭାବରେ ଗ୍ରହଣ କରାଯାଏ। ସର୍ବ ଭାରତୀୟ ସ୍ତରରେ ଇଂରେଜ ସରକାରଙ୍କ ବିରୋଧ କରି, ସାଧାରଣ ଜନତା ମଧ୍ୟରେ ଯେପରି ଜନ ଜାଗରଣ ଦେଖା ଦେଇଥିଲା, ଓଡ଼ିଶାରେ ମଧ୍ୟ ତାହାର ପ୍ରଭାବ ପଡ଼ିଥିଲା।

ଜାତୀୟ କଂଗ୍ରେସର ବିଭିନ୍ନ ଅଧିବେଶନରେ ଓଡ଼ିଶାର ପ୍ରତିନିଧିମାନେ ଯୋଗଦେଇ ଆସୁଥିଲେ। ସେମାନେ ଅଧିବେଶନରୁ ଫେରିଲା ପରେ ଜାତୀୟ କଂଗ୍ରେସ ବାର୍ଷିକ ଅଧିବେଶନରେ ପ୍ରସ୍ତାବିତ କଂଗ୍ରେସର ଉଦ୍ଦେଶ୍ୟ ଓ କାର୍ଯ୍ୟକୁ ସାଧାରଣ ବୁଝାଇବାକୁ ଚେଷ୍ଟା କରୁଥିଲେ। ସେ ସମୟରେ ବଂଗ, ବିହାର ଓ ଓଡ଼ିଶା ମିଶିକରି ଥିବାରୁ କଂଗ୍ରେସକୁ ପ୍ରତିନିଧି ପଠାଇବା ବା ନେତୃତ୍ୱ ନେବାରେ କ୍ରମେ ବଂଗାଳୀ ପ୍ରଭାବ ବୃଦ୍ଧି ପାଇବାରୁ 'ଉତ୍କଳ ସଭା' କ୍ରମେ ଜନ ସମର୍ଥନ ହରାଇବା ପରି ଲକ୍ଷ୍ୟ କରାଗଲା। ଏହି ସମୟରେ ମଧୁବାବୁଙ୍କ ନେତୃତ୍ୱରେ ସାଂଗଠନିକ ଶକ୍ତି ଦ୍ୱାରା ବଂଗାଳୀ ପ୍ରଭାବ ମୁକ୍ତ ହୋଇ ଓଡ଼ିଶାରେ ଜାତୀୟ କଂଗ୍ରେସ ଗଠନ ଓ ପ୍ରଚାର କାର୍ଯ୍ୟ କରାଗଲା। ମିଷ୍ଟର ଦାସ, ଗୌରୀଶଂକର, ଗୋକୁଳାନନ୍ଦ ଚୌଧୁରୀ, କୁମାର ପଦ୍ମନାଭ ନାରାୟଣ ଦେବ, ଶ୍ୟାମସୁନ୍ଦର ରାଜଗୁରୁ ପ୍ରମୁଖ ନେତାମାନେ ସେ ସମୟର କଂଗ୍ରେସର ବିଭିନ୍ନ ଅଧିବେଶନରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ଜାତୀୟ କଂଗ୍ରେସର ମାଂଦ୍ରାଜ ଅଧିବେଶନରେ ଗଂଜାମକୁ ଓଡ଼ିଶାକୁ ଫେରାଇଦେବା ବିରୋଧରେ ଯେତେବେଳେ ତେଲଂଗାମାନଙ୍କ ପ୍ରସ୍ତାବ ଆଗତ ଓ ଗୃହୀତ ହେଲା, ସେତେବେଳେ ମଧୁବାବୁ ଜାତୀୟ କଂଗ୍ରେସରୁ ଓହରି ଆସି, ଉତ୍କଳ ସମ୍ମିଳନୀ ଗଠନର ପରିକଳ୍ପନା କଲେ। (୩)

ଖ୍ରୀ: ୧୯୦୫ ମସିହାର ବଂଗଭଂଗ ଆନ୍ଦୋଳନ ପରବର୍ତ୍ତୀ ସମୟରେ ସ୍ୱଦେଶୀ ଆନ୍ଦୋଳନ ସହିତ ସାମିଲ ହୋଇଯିବାରୁ, ଏହା ଭାରତ ସାରା ବ୍ୟାପିଗଲା। ଲାଲା ଲଜପତ୍ ରାୟ, ବାଲ୍ ଗଂଗାଧର ତିଳକ୍, ବିପନ୍ ଚଂଦ୍ର ପାଲ ତଥା ସୁରେନ୍ଦ୍ରନାଥ ବାନାର୍ଜି ପ୍ରମୁଖ ନେତାମାନେ ସ୍ୱଦେଶୀ ଆନ୍ଦୋଳନକୁ ଚଳାଇ ନେଲେ ଏହି ଆନ୍ଦୋଳନ ସର୍ବତ୍ର ପ୍ରତିଧ୍ୱନିତ ହୋଇ ଉଠିଲା। ମାୟାଧର ମାନସିଂହଙ୍କର ଜନ୍ମ ୧୯୦୫ ମସିହାରେ ହୋଇଥିଲେ ମଧ୍ୟ, ସ୍ୱଦେଶୀ ଆନ୍ଦୋଳନର ପ୍ରଭାବ ଓ ପ୍ରତିକ୍ରିୟା ତାଙ୍କର ଛାତ୍ର ଜୀବନ କର୍ମମୟ ଜୀବନ ଓ ସାହିତ୍ୟ ସୃଷ୍ଟି ପ୍ରକ୍ରିୟାରେ ବେଶ ପ୍ରଭାବ ପକାଇ ପାରିଛି।

**ଉତ୍କଳ ସମ୍ମିଳନୀ :**

ଜାତୀୟ କଂଗ୍ରେସର ଓଡ଼ିଶା ଶାଖାରେ ବଂଗାଳୀମାନଙ୍କର କ୍ରମବର୍ଦ୍ଧମାନ ଗୁରୁତ୍ୱ ଓ ଗଂଜାମକୁ ତେଲଂଗା ଅଞ୍ଚଳରେ ମିଶାଇବାର ସିଦ୍ଧାନ୍ତର ପ୍ରତିକ୍ରିୟାରୁ ଓଡ଼ିଶାରେ 'ଉତ୍କଳ ସମ୍ମିଳନୀ'ର ପ୍ରତିଷ୍ଠା ହେଲା। ଅବଶ୍ୟ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ, ଏହା ବହୁ ପୂର୍ବରୁ ଚେଷ୍ଟା ହୋଇ ଆସୁଥିଲା, ମାତ୍ର ସେ ଆନ୍ଦୋଳନ ସର୍ବ ଭାରତୀୟ ଆନ୍ଦୋଳନ ସହିତ ମିଶିକରି ଗତି କରୁଥିଲା। "ଖ୍ରୀ: ୧୯୦୩ ଅପ୍ରେଲ ଦୁଇ ତାରିଖରେ 'ଉତ୍କଳ ସଭା'ର ଏକ ଅଧିବେଶନରେ ପ୍ରସ୍ତାବ ଗ୍ରହଣ କରାଗଲା ଯେ, ବିଜୟ ନଗରର ଓଡ଼ିଆ ଅଞ୍ଚଳ, ଗଂଜାମ, ସମ୍ବଲପୁର, ଛୋଟନାଗପୁର, ଫୁଲଝର ଓ ମେଦିନୀପୁର ସମେତ ସମଗ୍ର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ଲାଗି ଭାଇସ୍‌ରୟଙ୍କ ନିକଟରେ ଆବେଦନ କରାଯାଉ। ଯଦି ଓଡ଼ିଆ ଅଞ୍ଚଳ ଏକତ୍ରୀକରଣରେ କୌଣସି ଅସୁବିଧା ଥାଏ ତେବେ ଆସାମ ପରି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ମଧ୍ୟ ସ୍ୱତନ୍ତ୍ର ଡିଭିଜନ ରୂପେ ଗଠନ କରି ଜଣେ ଚିଫ୍ କମିଶନରଙ୍କ ଶାସନାଧୀନରେ ରଖାଯାଉ। ଯଦି ତାହା ମଧ୍ୟ ନ ହୁଏ, ତେବେ ସବୁ ଓଡ଼ିଆ ଅଞ୍ଚଳ ଏକାଠି କରି ବଂଗଳା ସହିତ ରଖାଯାଉ। ଗୋକୁଳାନଂଦ ଚୌଧୁରୀ, ପଣ୍ଡିତ ଗୋପବନ୍ଧୁ ଓଡ଼ିଆ ଅଞ୍ଚଳମାନ ବଂଗଳା ସହିତ ନରହି ମଧ୍ୟ ପ୍ରବେଶ ସହିତ ରହୁବୋଲି ଯୁକ୍ତ କଲେ। ସେହି ସମୟରେ ଖଲ୍ଲିକୋଟ ରାଜାଂଙ୍କ ଅଧିନାୟକତ୍ୱରେ ଏକ ବଡ଼ ରାଜନୈତିକ ସମ୍ମିଳନୀ ଗଂଜାମରେ ଅନୁଷ୍ଠିତ ହେଲା। ନୀଳମଣି ବିଦ୍ୟାରତ୍ନ ସେବେଳେ ଥିଲେ ଖଲ୍ଲିକୋଟରୁ ପ୍ରକାଶିତ ହେଉଥିବା 'ପ୍ରଜାବଂଧୁ'ର ସଂପାଦକ। ଏ ସମ୍ମିଳନୀର ସଫଳତା ଓ ଓଡ଼ିଆ ଅଞ୍ଚଳ ମିଶ୍ରଣ ଲାଗି ଗଂଜାମବାସୀଙ୍କର ପ୍ରବଳ ଆଗ୍ରହ ଏବଂ ଉତ୍ତେଜନା ବାସ୍ତବରେ ଏଥିରେ ଯୋଗଦେଇଥିବା ତୁଙ୍ଗ ନେତାମାନଙ୍କୁ ପ୍ରଭାବିତ କରିଥିଲା। ମଧୁବାବୁ ଏହି ସମ୍ମିଳନୀର ସଫଳତାରେ ଅଭିଭୂତ ହୋଇପଡ଼ିଲେ। ଫଳରେ 'ଉତ୍କଳ ସମ୍ମିଳନୀ'ର ଜନ୍ମ ସମ୍ଭବ ହୋଇ ପାରିଥିଲା। ବାସ୍ତବରେ ଉତ୍କଳ ସମ୍ମିଳନୀ ହିଁ ଓଡ଼ିଶାରେ ଜନ ଜାଗରଣର ସ୍ୱପ୍ନ ଓ ସମ୍ଭାବନାର ପ୍ରତୀକ।" (୪)

ପରବର୍ତ୍ତୀ ସମୟରେ ଏହି 'ଉତ୍କଳ ସମ୍ମିଳନୀ' ଓଡ଼ିଆ ଆଂଦୋଳନକୁ ଚଳାଇ କିପରି ସ୍ୱତନ୍ତ୍ର ଓଡ଼ିଶା ପ୍ରତିଷ୍ଠା କରାଇ ପାରିଥିଲା, ତାହା ପ୍ରଥମ ଅଧ୍ୟାୟରେ ଆଲୋଚିତ ହୋଇଅଛି। ଏହି ସମ୍ମିଳନୀର ପୁରୀ ଅଧିବେଶନ ମାନସିଂହଙ୍କର ସାଆନ୍ତ ବାପା ଅଗାଧୁ ନାୟକ, ପୁରୀରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ରେ ପାରିକୁଦର ଜଣେ ପ୍ରତିନିଧି ଭାବରେ ଯୋଗଦେବା ସମୟରେ ବାଳକ ମାନସିଂହଙ୍କୁ ଅଧିବେଶନ ଦେଖାଇବା ପାଇଁ ସାଂଗରେ ନେଇଯାଇଥିଲେ ଓ ସେହିଠାରେ ଚଉଦ-ପନ୍ଦର ବର୍ଷର ବାଳକ ପ୍ରାଣରେ ଯେଉଁ ପରିବର୍ତ୍ତନ ତଥା ଭାବାବେଗ ଦେଖା ଦେଇଥିଲା, ତାହା ପୂର୍ବରୁ ଆଲୋଚିତ ହୋଇଅଛି। ଏହି ପୃଷ୍ଠଭୂମିର ପ୍ରତିଫଳନ ପରବର୍ତ୍ତୀ କାଳରେ ଆମେ ମାନସିଂହଙ୍କ ବ୍ୟକ୍ତିତ୍ୱ ତଥା ସାହିତ୍ୟରେ ଦେଖିବାକୁ ପାଉଁ।

## ମାନସିଂହଙ୍କ ବ୍ୟକ୍ତିତ୍ୱ ବିକାଶର କାଳ : ଏକ ଆଦର୍ଶବାଦର କାଳ

ମାନସିଂହଙ୍କ ବ୍ୟକ୍ତିତ୍ୱ ବିକାଶର କାଳ, ଭାରତୀୟ ସମାଜ ଜୀବନରେ ବିଶେଷତଃ ଓଡ଼ିଶାର ଜନ ଜୀବନରେ ଏକ ଆଦର୍ଶବାଦର କାଳ। ଏହି ସମୟରେ ଓଡ଼ିଶାର ଜନ ଜୀବନରେ ନବ ଜାଗରଣର ସୂତ୍ରପାତ ହୋଇଥିଲା। ଭାରତୀୟ ନବ ଜାଗରଣ ସଂପର୍କରେ ଡକ୍ଟର ନରେନ୍ଦ୍ରନାଥ ମିଶ୍ର ଲେଖିଛନ୍ତି: "ଆଧୁନିକ ଭାରତୀୟ ଚିନ୍ତାଧାରା ଓ ଇଉରୋପର ପୁର୍ନଜାଗରଣ ପରବର୍ତ୍ତୀ ଚିନ୍ତାଧାରାର ମୌଳିକ ପ୍ରେରଣା, ଆଦର୍ଶ ଏକ ଓ ଅଭିନ୍ନ। ସ୍ୱରୂପରେ ସାମଂଜସ୍ୟ ପ୍ରଚୁର। ତଥାପି ଏହାର ଆହରଣ ଭୂମି ଓ କ୍ରମ ବିକାଶର ସୋପାନରେ ଯଥେଷ୍ଟ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଯେଉଁ ୟୁରୋପୀୟ ଭାବଧାରା ଷୋଡ଼ଶ ଶତକରୁ ଆରମ୍ଭକରି ବିଂଶ ଶତକ ପର୍ଯ୍ୟନ୍ତ ଦୀର୍ଘ ଚାରିଶହ ବର୍ଷର ବହୁ ସାଧନା, ନବୀନ ଉଦ୍‌ଭାବନ ଓ ଆବିଷ୍କାର ଫଳରେ ସମ୍ଭବ ହୋଇଥିଲା, ତାହାର ସାରାଂଶ ଭାରତବର୍ଷର ଅଗ୍ରଗାମୀ ଶିକ୍ଷିତ ସମାଜ ଗୋଟିଏ ଶତାବ୍ଦୀ ଓ ତାହାଠାରୁ ଆହୁରି ଊଣାକାଳ ମଧ୍ୟରେ ଗ୍ରହଣ କରିଥିଲେ। ଇଉରୋପର ବୈଜ୍ଞାନିକ, ଚିନ୍ତାନାୟକମାନଙ୍କୁ ଯେପରି ପ୍ରାଣ ପଣକରି ଯୁଗ ଯୁଗର ଜମାଟ ଅଂଧକାର, କୁସଂସ୍କାର, ଗୀର୍ଜାର ନିର୍ମମ ଶାସନ ଓ ଦମନର ସମ୍ମୁଖୀନ ହେବାକୁ ହୋଇଥିଲା, ଆମ ଦେଶର ଏହି ନବ ଭାବଧାରାର ଧାରକ ଓ ପୋଷକମାନଙ୍କୁ ସେପରି ପ୍ରତିକୂଳ ଶକ୍ତି ବିରୋଧରେ ଆସିବାକୁ ପଡ଼ି ନଥିଲା। ଖୁବ୍ ବେଶି ହେଲେ ପ୍ରାଚୀନ ସମାଜର ବଂଧନ ଗ୍ରାମରେ ଦୃଢ଼ ଥିଲା। ମାତ୍ର ନବ ଶିକ୍ଷିତ ଗଣ ସହରେ ଠୁଳ ହେଉଥିଲେ। ସେଠାରେ କୁସଂସ୍କାରଗ୍ରସ୍ତ ସମାଜର କୌଣସି ବଂଧନ ନଥିଲା। ଇଂରେଜ ଆଇନ୍ ସେମାନଙ୍କୁ ଆଚାର ବିଚାରରେ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲା।" (୫) ଭାରତର ଅନ୍ୟାନ୍ୟ କେତେକ ଅଞ୍ଚଳରେ ଊନବିଂଶ ଶତକରେ ନବ ଜାଗରଣ ଆସି ଯାଇଥିଲେ ହେଁ ଓଡ଼ିଶାରେ ଏହି ଜାଗରଣର ପ୍ରଭାବ, ବିଶେଷତଃ ବିଂଶ ଶତକର କିଞ୍ଚିତ ପୂର୍ବରୁ ଓ ବିଂଶ ଶତକର ଆଦ୍ୟ ଭାଗରେ ପ୍ରତିଫଳିତ ହେଲା। ଉତ୍କଳ ଗୌରବ ମଧୁସୂଦନ, କର୍ମବୀର ଗୌରୀଶଙ୍କର, ବାଗ୍ମୀ ବିଶ୍ୱନାଥ କର, ଗୋପାଳ ଚଂଦ୍ର ପ୍ରହରାଜ, ଭିକାରୀ ଚରଣ ପଟ୍ଟନାୟକ ଓ ସତ୍ୟବାଦୀର ବରେଣ୍ୟ ସାଧକଗଣ ଏହି ଆନ୍ଦୋଳନର ପ୍ରମୁଖ ନେତା ଥିଲେ। ଏମାନଙ୍କ ସହଯୋଗୀ ଓ ସମାନ୍ତରାଳ ଭାବରେ ଅନେକ ବରେଣ୍ୟ ସାଧକ ଉତ୍କଳରେ ନବ ଜାଗରଣ ଆଣିବାରେ ପ୍ରୟାସ କରିଥିଲେ।

ପୂର୍ବରୁ ସୂଚନା ଦିଆଯାଇଛି ଯେ, ଏହି ଜାଗରଣ କାଳରେ ଗୋଟିଏ ମଧ୍ୟବିତ୍ତ ଗୋଷ୍ଠୀ ଦୁଇଟି ବର୍ଗରେ ବିଭକ୍ତ ହୋଇଥିଲେ। ଗୋଟିଏ ଗୋଷ୍ଠୀ ଉଚ୍ଚଶିକ୍ଷା ଲାଭ କରି ସରକାରୀ ସଂସ୍ଥାରେ ଚାକିରୀ କରି ନେତୃତ୍ୱ ନେବା ସଂଗେ ସଂଗେ ନିଜର ସ୍ୱାର୍ଥ ହାସଲ ପାଇଁ, ଅଧିକ ଉଚ୍ଚବିତ୍ତ ବର୍ଗକୁ ସନ୍ତୁଷ୍ଟ ରଖିବା ପାଇଁ ଚେଷ୍ଟା କରୁଥିଲେ। ସ୍ୱାର୍ଥ ସେମାନଙ୍କ ନିକଟରେ ମୁଖ୍ୟ ଥିଲା। ସେମାନେ ଯେଉଁମାନଙ୍କୁ ନେତୃତ୍ୱ ଦେବାର ଛଳନା କରୁଥିଲେ, ସମୟ ସମୟରେ ସେହିମାନଙ୍କୁ ହିଁ ଶୋଷଣ କରୁଥିଲେ। ସୁବିଧାକ୍ରମେ ସେହିମାନେ ହିଁ ଜମିଦାରୀ କିଣି, ଶାସନ କରୁଥିଲେ। ଆଉ ଏକ ମଧ୍ୟବିତ୍ତ ଶ୍ରେଣୀର

ଲୋକମାନେ ଆଦର୍ଶବାଦର ମୋହରେ ନେତୃତ୍ୱ ପାଇଁ ଆଗ୍ରହୀ ଥିଲେ। ଏମାନଙ୍କ ନେତୃତ୍ୱ ଓ ଆଦର୍ଶ ମୁଖ୍ୟତଃ ଅନ୍ୟର ଦୃଷ୍ଟି ଆକର୍ଷଣ ପାଇଁ ଅଭିପ୍ରେତ ଥିଲା।

ବିଂଶ ଶତକର ଆଦ୍ୟ ଭାଗରେ ଭାରତୀୟ ମଧ୍ୟବିତ୍ତ ଗୋଷ୍ଠୀରେ ଦୁଇଟି ଭାବଧାରାର ପ୍ରମୁଖ ବିକାଶ ଘଟିଥିଲା–

(କ) ନିଜ ଭିତରେ ଐତିହ୍ୟର ଆବିଷ୍କାର ଓ ସେହି ଐତିହ୍ୟ ଭିତରେ ବର୍ତ୍ତମାନ ଓ ଭବିଷ୍ୟତକୁ ପୁନର୍ଜୀବିତ କରିବାକୁ ଚେଷ୍ଟା

(ଖ) ଅତୀତର ଶୃଙ୍ଖଳକୁ ଫୋପାଡ଼ି ଦେଇ ଇଉରୋପର ଉଦାରତନ୍ତ୍ରୀ ଭାବଧାରାକୁ ଆଶ୍ରୟ କରି ଭବିଷ୍ୟତର ନିର୍ମାଣ।

ଏହି ଉଭୟଧାରାରେ ଶେଷ ପରିଣତି ଥିଲା ରୋମାଣ୍ଟିକ୍। ଏହି ଉଭୟଧାରାକୁ ନବ ମଧ୍ୟବିତ୍ତଗୋଷ୍ଠୀ ଗ୍ରହଣ କରି ନେଇଥିଲା। ଆଧୁନିକ ଓଡ଼ିଆ ସାହିତ୍ୟ ତଥା ସମାଜ ଜୀବନ ତେଣୁ ଏକ ରୋମାଣ୍ଟିକ୍ ଭାବପ୍ରବଣତା ଭିତରେ ଗଠିତ ହୋଇଥିଲା। ଏହି ଉଭୟ ଧାରା ମାନସିଂହଙ୍କ ବେଳକୁ ଅତି ଲୋକପ୍ରିୟ ହୋଇ ସାରିଥିଲା ଜାତୀୟ ଆନ୍ଦୋଳନଠାରୁ ଆରମ୍ଭ କରି ସମାଜ ସଂସ୍କାର, ଶିକ୍ଷା, ସାହିତ୍ୟ ସର୍ବତ୍ର ଏଇ ଦୁଇଟି ଧାରା ଦେଖିବାକୁ ମିଳୁଥିଲା। "ରୋମାଣ୍ଟିକ୍ ଦୃଷ୍ଟି ଭଂଗୀରେ ରାଧାନାଥଙ୍କ କାବ୍ୟ ଚେତନା ସହିତ ମାନସିଂହଙ୍କ ଚେତନାରେ ଅନେକ ସାମ୍ୟ ଉପଲବ୍ଧ କରାଯିବ। କଳାସୃଷ୍ଟିର ଉଚ୍ଛ୍ୱସିତ ଆହ୍ୱାନରେ ରାଧାନାଥ ତାଙ୍କ ରୋମାଣ୍ଟିକ୍ ଦୃଷ୍ଟି ବଳୟ ମଧ୍ୟରେ ଜାତିର ଗୌରବାବହ ଅତୀତକୁ ରୂପାନ୍ୱିତ କରିବା ପରିବର୍ତ୍ତେ ବହୁ ବିଡ଼ମ୍ବିତ କାହାଣୀକୁ ଅବଲମ୍ବନ କରିଛନ୍ତି, କିନ୍ତୁ କବି ମାନସିଂହ ରାଧାନାଥୀ କାବ୍ୟ ଚେତନାର ଦୃଢ଼ ପ୍ରତିବାଦ ଭାବରେ ଆତ୍ମ ପ୍ରକାଶ କରିଥିବା ସତ୍ୟବାଦୀ ଯୁଗର କାବ୍ୟ ଆଭିମୁଖ୍ୟ ପ୍ରତି ଅତ୍ୟନ୍ତ ସଚେତନ ଥିବା ମନେ ହୁଏ। ତେଣୁ ପ୍ରଥମରୁ ହିଁ ତାଙ୍କ କାବ୍ୟ ଚେତନାରେ ରାଧାନାଥୀ ରୂପପ୍ରାଣତା ଓ ସତ୍ୟବାଦୀର ଉଗ୍ର ଜାତୀୟ ଆଭିମୁଖ୍ୟ ସମନ୍ୱିତ ହୋଇ ଏକ ଚମତ୍କାର କଳାତ୍ମକ ରୂପ ଗ୍ରହଣ କରିଛି।" (୬)

ବିଂଶ ଶତକର ଆଦ୍ୟ ଭାଗରେ ନେତୃତ୍ୱ ନେଇଥିବା ଗୋଷ୍ଠୀ ନିକଟରେ ଏହି ଆଦର୍ଶବାଦ ହିଁ ମୁଖ୍ୟଥିଲା। ଜାତି ମଧ୍ୟରୁ ଅଜ୍ଞାନ ଅଂଧକାରର ଦୂରୀକରଣ, ଜାତିକୁ ଶୃଙ୍ଖଳମୁକ୍ତ ଅତୀତ ଇତିହାସକୁ ଫେରାଇ ନେଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ମୋହ ତଥା ସୃଷ୍ଟି କରିବା ଆଦର୍ଶ ଏହି ଗୋଷ୍ଠୀର ପ୍ରବଳ ଆକାଙ୍କ୍ଷା ଥିଲା। ଏହି ନିମ୍ନ ମଧ୍ୟବିତ୍ତ ଆଦର୍ଶବୋଧ ବାସ୍ତବ ଜୀବନରେ ବାରମ୍ବାର ବିଡ଼ମ୍ବନାର ସମ୍ମୁଖୀନ ହେଲେ ବି ସଚେତନ ଓ ଅର୍ଦ୍ଧଚେତନ ସ୍ତରରେ ସେ ଆଦର୍ଶବାଦର ଭୂମିକାକୁ ଓହ୍ଲେଇ ଆସୁଥିଲେ ବି ବୀର ହେବାର ଏକ ଦୁରନ୍ତ ମନୋବୃତ୍ତି ସେସବୁ ଆଦର୍ଶବୋଧ ପ୍ରତି ଅନୁରକ୍ତି କରାଉଥିଲା। ସାଧାରଣତଃ ଏହି ଗୋଷ୍ଠୀକୁ ଯେତେବେଳେ ଏହି ଅନୁରକ୍ତି ପ୍ରୀତିରେ ପରିଣତ ହୁଏ, ତାହା ବ୍ୟକ୍ତିକୁ ରୋମାଣ୍ଟିକ୍ ଅନ୍ୱେଷଣ ଭିତରକୁ ଟାଣି ନିଏ। ମାନସିଂହଙ୍କ ବ୍ୟକ୍ତିଗତ ଜୀବନର ଏହିଭଳି ଏକ ଆଦର୍ଶପ୍ରବଣ ଭାବ ତାଙ୍କ ବିଚାରଧାରାର ଉତ୍ସ ରୂପେ କାମ କରିଛି। ତାଂକର ରଚନା, ଚିଠିପତ୍ର ଓ ଅନ୍ୟାନ୍ୟ ସାରସ୍ୱତ ତଥା ବୌଦ୍ଧିକ କୃତିରେ ଏହିଭଳି ଏକ ରୋମାଣ୍ଟିକ ଭାବନା ସ୍ପଷ୍ଟ।

## ସମୟର ମୌଳ ପ୍ରବୃତ୍ତି :

ପୂର୍ବରୁ କୁହାଯାଇଛି ଯେ, ମାନସିହଙ୍କ ବ୍ୟକ୍ତିତ୍ୱ ବିକାଶର କାଳ ଏକ ଆଦର୍ଶବାଦର କାଳ। ଏହି ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନେଇ ସମଗ୍ର ପ୍ରାକୃତିକ ଉତ୍କଳରେ ବ୍ୟାପକ ଜନ ଜାଗରଣ ଦେଖା ଦେଇଥିଲା ଓ ଏହି ଆନ୍ଦୋଳନକୁ ନେତୃତ୍ୱ ଦେଇଥିବା ବ୍ୟକ୍ତିମାନେ ସମଗ୍ର ତରୁଣ ଯୁବ ସମାଜର ଆଦର୍ଶ ଭାବରେ ଦଣ୍ଡାୟମାନ ହୋଇଥିଲେ। ମାନସିଂହଙ୍କ ସମ୍ମୁଖରେ ସେହିମାନେ ହିଁ ଆଦର୍ଶ ଭାବରେ ଦଣ୍ଡାୟମାନ ହେବାର ପ୍ରମାଣ ରହିଛି (୭)

ସର୍ବ ଭାରତୀୟ କ୍ଷେତ୍ରରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ, ଏହି ସମୟର ବିଶେଷ ଘଟଣା। ମହାତ୍ମାଗାନ୍ଧୀଙ୍କ ଭାରତୀୟ ରାଜନୀତିକୁ ପ୍ରବେଶ କରିବାର ପୂର୍ବ ଓ ପର ସମୟର କାଳ ମଧ୍ୟ ଏକ ଆଦର୍ଶବାଦର ସମୟ। ଯୁବ ସମାଜ, ବିଶେଷତଃ, ଛାତ୍ର ସମାଜ ଉପରେ ଜାତୀୟ ମୁକ୍ତି ଆନ୍ଦୋଳନ ଖୁବ୍ ପ୍ରଭାବ ପକାଇଥିଲା। ନିଜକୁ ପ୍ରକାଶ କରିବାର ମନୋଭାବ ଓ ନିଜକୁ ଆଜାଦୀ ଭାବରେ ପରିଚୟ ଦେବାର ମୋହ ଅନେକ ଯୁବ ପ୍ରାଣରେ ଉଦ୍‌ବେଳିତ ହେଉଥିଲା। ସେମାନଙ୍କ ମଧ୍ୟରୁ ଅନେକ ସ୍କୁଲ କଲେଜ ଛାଡ଼ି ପ୍ରତ୍ୟକ୍ଷ ସଂଗ୍ରାମରେ ଭାଗ ନେଉଥିଲେ, ହେଁ ଅନ୍ୟ କେତେକ ପ୍ରତ୍ୟକ୍ଷ ସଂଗ୍ରାମରେ ଅଂଶ ନ ନେଇ ମଧ୍ୟ ଚିନ୍ତା ଓ ଚେତନାରେ ଆଜାଦୀ ହୋଇ ପଡ଼ିଥିଲେ। ସେ ଦୃଷ୍ଟିରୁ ଦେଖିଲେ ମାନସିଂହ ପ୍ରତ୍ୟକ୍ଷ ସଂଗ୍ରାମରେ ଭାଗ ନେଇ ନାହାନ୍ତି, ମାତ୍ର ବାପୁଜୀଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା ଓ କର୍ମ ତାଙ୍କୁ ଏତେ ମାତ୍ରାରେ ପ୍ରଭାବିତ କରିଥିଲା ଯେ, ମାନସିଂହଙ୍କ ସାହିତ୍ୟରେ ବାପୁଜୀ ଏକ ବଳିଷ୍ଠ ଆସନ ଲାଭ କରିଛନ୍ତି। ସେ ପ୍ରସଂଗ ପରେ ଆଲୋଚିତ ହେବ। ଏ ସଂପର୍କରେ 'କମଳାୟନ' କାବ୍ୟରେ କମଳ ମୁଖରେ ମାନସିଂହ ସ୍ପଷ୍ଟୀକରଣ ଦେଇଛନ୍ତି। (୮)

ଏହି ସମୟ ସୀମା ମଧ୍ୟରେ ବିଶ୍ୱ ରାଜନୀତିରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା, ତାହା ପ୍ରଥମ ବିଶ୍ୱଯୁଦ୍ଧ। ଏହି ବିଶ୍ୱଯୁଦ୍ଧ ରାଜନୀତିକ ତଥା ସାମାଜିକ ଜୀବନରେ ବେଶ୍ ପ୍ରଭାବ ପକାଇଥିଲା। ବିଶ୍ୱଯୁଦ୍ଧ ଜନିତ ପ୍ରତିକ୍ରିୟା ସେ ସମୟର ବହୁ ବ୍ୟକ୍ତିଙ୍କ ଚେତନାରେ ପରିବର୍ତ୍ତନ ଆଣିଥିଲା। ପୁନଶ୍ଚ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ନିମ୍ନ ମଧ୍ୟବିତ୍ତର ଅଭ୍ୟୁଦୟ ପୁନର୍ଜାଗରଣବାଦୀ ଧାରାକୁ ଶକ୍ତିଶାଳୀ କରିବାକୁ ଆରମ୍ଭ କଲା। ଗତ ଶତାବ୍ଦୀରେ ଏହି ଧାରାରୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ, ଯୋଗୀ ଅରବିନ୍ଦ, ବାଳ ଗଂଗାଧର ତିଳକ ପ୍ରମୁଖଙ୍କର ଆବିର୍ଭାବ ହୋଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପର୍ଯ୍ୟନ୍ତ ଏହି ଗୋଷ୍ଠୀ ବିଭିନ୍ନ ରୂପରେ ଆତ୍ମ ପ୍ରକାଶ କଲେ ବି, ସାମଗ୍ରିକ ଭାବରେ ଜାତୀୟ ଚିନ୍ତା ଓ ଚେତନାକୁ ଆଚ୍ଛନ୍ନ କରିପାରି ନଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ପରର ଆର୍ଥନୀତିକ ଓ ସାମାଜିକ ପ୍ରେକ୍ଷାପଟ ବିଭିନ୍ନ ଚିନ୍ତାନାୟକଙ୍କ ଦୃଷ୍ଟିକୋଣରେ ଏକ ସମନ୍ୱୟ ସ୍ଥାପନ କଲା। ଗାଂଧୀ, ଅରବିନ୍ଦ ଓ ରବୀନ୍ଦ୍ରନାଥ ଏହି ଚିନ୍ତା ସମନ୍ୱୟର

ତିନି ପ୍ରମୂର୍ତ୍ତ ପ୍ରତିନିଧି। ବିଶେଷକରି ଗାନ୍ଧୀ ଏବଂ ରବୀନ୍ଦ୍ରନାଥ ମାନସିଂହଙ୍କ ଚିନ୍ତା ଏବଂ ଚେତନାକୁ ବହୁଭାବରେ ପ୍ରଭାବିତ କରିଥିଲେ।

ବିଭିନ୍ନ ଯୁଗରେ ମଣିଷର ଚେତନାରେ ନିଜକୁ ପ୍ରକାଶ କରିବା ବା ପ୍ରତିଷ୍ଠା କରିବା ଭାବ ବିଦ୍ୟମାନ ଥାଏ। ଅବଶ୍ୟ ସମୟ ଭେଦରେ ଓ ପରିବେଶ ଭେଦରେ ଏହା ଭିନ୍ନ ଭିନ୍ନ ହୋଇଥାଏ। ମାନସିଂହଙ୍କ ଛାତ୍ରାବସ୍ଥାରେ ଓଡ଼ିଶାର ଜନ ମାନସରେ ନିଜକୁ ପ୍ରକାଶ କରାଇବାର ମାର୍ଗ ଥିଲା, ଶିକ୍ଷକ ହେବା ବା କବି ହେବା। ଗାଁ ଗହଳିରୁ ଯେଉଁମାନେ ସହରକୁ ଆସୁଥିଲେ, ସେମାନଙ୍କର ମୂଳଲକ୍ଷ୍ୟ ହେଉଥିଲା ଲେଖାଲେଖି କରିବା, ଦ୍ୱିତୀୟ ପ୍ରବୃତ୍ତି ସମାଜ ସେବା କରିବା। ଏହି ସମୟରେ ସମଗ୍ର ଭାରତବର୍ଷକୁ ଗୋଟିଏ ଆଦର୍ଶବାଦ ଗ୍ରାସ କରିଥିଲା। ଏହି ଆଦର୍ଶବାଦକୁ ପ୍ରକଟିତ କରାଇବା ପାଇଁ ଶିକ୍ଷକ ଚାକିରୀ ହୁଏତ ଏକ ସହଜ ପନ୍ଥାଥିଲା। ଶିକ୍ଷକ ଭାବରେ ଆଦର୍ଶକୁ ରୂପାୟନ କରିବା ସେ ସମୟର ଥିଲା ମୌଳ ପ୍ରବୃତ୍ତି। ଅନ୍ୟ କଥାରେ କହିବାକୁ ଗଲେ ସ୍ୱାଧୀନ ଚିନ୍ତା ପ୍ରକାଶ କରିବା ପାଇଁ, କିଛି ନୂତନ ମାର୍ଗ ପ୍ରଦର୍ଶନ ପାଇଁ ଶିକ୍ଷକତା ଶ୍ରେଷ୍ଠ ବାଟ ଥିଲା। ସେ ସମୟର ମୌଳ ସ୍ୱରକୁ ଅନ୍ତର ମଧ୍ୟରେ ଗ୍ରହଣ କରି ମାନସିଂହ ମଧ୍ୟ ଚିନ୍ତା କରିଥିଲେ, ଜୀବନରେ ଜଣେ ଶିକ୍ଷକ ହେବା ପାଇଁ। (୯) କବି ଭାବରେ ପରିଚୟ ଦେଇ ପାରିଲେ ସାମାଜିକ ସମ୍ମାନ ବୃଦ୍ଧି ପାଉଥିଲା, ଏଣୁ ସେ ସମୟରେ ସଫଳତା ମିଳୁ ବା ନ ମିଳୁ, ସୃଜନୀ ଶକ୍ତି ଥାଉ ବା ନ ଥାଉ ଅଳ୍ପ ବହୁତ ସମସ୍ତେ କିଛି ରଚନା କରିବା ପାଇଁ ଚେଷ୍ଟା କରିଛନ୍ତି। ଅବଶ୍ୟ କାଳର କଷଟିରେ ସବୁ ଯୁଗର କବିମାନେ ବାଛି ହେଲା ପରି, ସେ ସମୟର କବିମାନେ ମଧ୍ୟ ଛାଣି ହୋଇଯାଇଛନ୍ତି, ମାତ୍ର ସେ ସମୟର ସ୍ୱରହିଁ ମାନସିଂହଙ୍କ କବି ପ୍ରତିଭାକୁ ଜାଗ୍ରତ କରିଛି।

## ମାନସିଂହଙ୍କ ବିଚାର ପୃଷ୍ଠପୀଠିକାର ତିନୋଟି ପ୍ରମୁଖ ଉତ୍ସ :-

ମାନସିଂହଙ୍କ ବିଚାର ପୃଷ୍ଠପୀଠିକାର ତିନୋଟି ପ୍ରମୁଖ ଉତ୍ସ ହେଲେ ଉତ୍କଳମଣି ଗୋପବନ୍ଧୁ, ବିଶ୍ୱକବି ରବୀନ୍ଦ୍ରନାଥ ଓ ଜାତିର ଜନକ ମହାତ୍ମାଗାନ୍ଧୀ। ପ୍ରଥମାବସ୍ଥାରେ ଏହି ତିନିଜଣ ଯୁଗପୁରୁଷ, ବିଭିନ୍ନ କ୍ଷେତ୍ରରେ ଓ ବିଭିନ୍ନ ମାର୍ଗରେ ମାନସିଂହଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଛନ୍ତି। ନିମ୍ନରେ ବ୍ୟାପକ ଭାବରେ ସେ ସଂପର୍କରେ ଆଲୋଚିତ ହୋଇଛି।

### ଗୋପବନ୍ଧୁ ଓ ସତ୍ୟବାଦୀ ସ୍କୁଲ :—

ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଓ କର୍ମଧାରା,ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ କୃପାସିନ୍ଧୁଙ୍କ ପରି ଜଣେ ଜଣେ ସିଂହ ସଦୃଶ ବ୍ୟକ୍ତିଙ୍କୁ ଏକତ୍ରିତ କରିପାରିଥିଲା। ସତ୍ୟବାଦୀ ବନ ବିଦ୍ୟାଳୟ ସ୍ଥାପନ ପୂର୍ବରୁ, ସେବା ଓ ସଂଗଠନ ଦ୍ୱାରା ଗୋପବଂଧୁ, ଉତ୍କଳର ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ନେତୃବୃନ୍ଦଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ବନ୍ୟା, ବାତ୍ୟା, ଅନାବୃଷ୍ଟିର ଦେଶ, ଓଡ଼ିଶାରେ ପ୍ରକୃତି ଅନେକ ସମୟରେ ଲୋକଙ୍କ ପ୍ରତି କରାଳ

ଦୃଷ୍ଟି ପ୍ରଦର୍ଶନ କରେ। ତା ସଂଗେ ସଂଗେ ଇଂରେଜ ସରକାରଙ୍କ ଅମଳରେ ଶାସନ ପରିଚାଳନା କରୁଥିବା ସ୍ୱଦେଶୀ ଓ ବିଦେଶୀ ଶାସକମାନଙ୍କର କ୍ରୁର-ଦୃଷ୍ଟି, ଓଡ଼ିଶାରେ ଅନେକ ନଅଙ୍କ ସୃଷ୍ଟି କରି ଚାଲିଥିଲା। ଦୁର୍ଗତ ଜନତାକୁ ଆହାପଦ କହିବାକୁ ଖୁବ୍ କମ୍ ଲୋକ ବାହାରୁଥିଲେ। ସେହି ଅକାଳ ସମୟରେ, ଗୋପବନ୍ଧୁଙ୍କ ଆବିର୍ଭାବ ଓ ଅକୁଣ୍ଠ ସେବା, ଗୋପବନ୍ଧୁଙ୍କୁ ସାଧାରଣ ମଣିଷରୁ ଦେବତାର ଆସନକୁ ଉନ୍ନୀତ କରି ନେଇଥିଲା। ସେବା ସଂଗଠନ ସଂଗେ ସଂଗେ ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାପନ ଓ ଜୀବନ ତିଆରି ବିଦ୍ୟାଳୟ ହିଁ, ଲୋକଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ ହୋଇଯାଇଥିଲା। ଅବଶ୍ୟ ସେତେବେଳେ ଦେଶପ୍ରାଣ ମଧୁସୂଦନଙ୍କ ପ୍ରଭାବ କମ୍ ନଥିଲା, ମାତ୍ର ପାଠ ପଢ଼ି କାଳିଆ ଘୋଡ଼ାରେ ଚଢ଼ି ମଧୁବାରିଷ୍ଟର ସଂଗରେ ଲଢ଼ିବା, ସମସ୍ତଙ୍କ ପାଇଁ ସହଜ ସାଧ୍ୟ ନଥିଲା। ମିଷ୍ଟର ଦାସଙ୍କ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ସୀମା ସ୍ପର୍ଶ କରିବା ମଧ୍ୟ ସାଧାରଣ ଲୋକଙ୍କ ପାଇଁ ସୁବିଧାପ୍ରଦ ନଥିଲା। ଅନ୍ୟ ପକ୍ଷରେ ଗୋପବନ୍ଧୁଙ୍କ ପରି ସେବା ମାଧ୍ୟମରେ, ଉଚ୍ଚ ଆସନ ଲାଭ କରିବା ବରଂ ସାଧାରଣ ଲୋକଙ୍କ ଆଖିରେ ଆଶୁ ସମାଧାନର ବାଟ ଭାବରେ ଦେଖାଯାଉଥିଲା। "ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ' ପଦ୍ଧା ଅଧିକ ଆକର୍ଷଣପ୍ରଦ ଥିଲା। ବିଶେଷତଃ ଛାତ୍ରମାନଙ୍କ ସମ୍ମୁଖରେ ଗୋପବନ୍ଧୁ ସେତେବେଳେ ଏକ ଆଦର୍ଶ ବ୍ୟକ୍ତି ଭାବରେ ଦଣ୍ଡାୟମାନ ହୋଇ ପାରିଥିଲେ। ଛାତ୍ର ମାନସିଂହଙ୍କ ଆଗରେ ପ୍ରଥମ ଆଦର୍ଶ ଭାବରେ ଦେଖା ଦେଇଥିଲା ପଣ୍ଡିତ ଗୋପବନ୍ଧୁ ଦାସ ଓ ସତ୍ୟବାଦୀର ବରେଣ୍ୟ ଶିକ୍ଷକ ବୃନ୍ଦ। ଏମାନେ ସମସ୍ତେ ଥିଲେ ପ୍ରାଣରେ ସେବକ ଓ କର୍ମକ୍ଷେତ୍ରରେ ଶିକ୍ଷକ। କର୍ମକ୍ଷେତ୍ରରେ ଏମାନଙ୍କର ପ୍ରଥମ ସ୍ୱପ୍ନ ଥିଲା ଓଡ଼ିଶା ଓ ଦ୍ୱିତୀୟ ସ୍ୱପ୍ନ ଭାରତବର୍ଷ। ସମସ୍ତଙ୍କ ନିକଟରେ ଥିଲା ଲେଖକ ବା କବି ହେବାର ଏକ ପ୍ରଚ୍ଛନ୍ନ ସ୍ୱପ୍ନ। ସେହି ସ୍ୱପ୍ନକୁ ସେମାନେ ସାକାର ମଧ୍ୟ କରି ପାରିଥିଲେ। ମାନସିଂହଙ୍କର ପ୍ରାକ୍-କଲେଜ୍-ଛାତ୍ର ଜୀବନ (୧୯୧୧-୧୯୨୬)ରେ ଏହି ବ୍ୟକ୍ତିଗଣ ହିଁ ତାଙ୍କ ବିଚାରଧାରା ନିୟନ୍ତ୍ରିତ କରୁଥିଲେ। ସତ୍ୟବାଦୀ ବନବିଦ୍ୟାଳୟରେ ଛାତ୍ର ହେବାର ଦୁରନ୍ତ ଆଶା ମାନସିଂହଙ୍କର ସଫଳ ହୋଇପାରି ନଥିଲା, ମାତ୍ର ସେ ଆଦର୍ଶ ତାଙ୍କ ପ୍ରାଣରେ ଅହରହ ଅନୁଭୂତ ହେଉଥିଲା। ଯାହାର ସୂଚନା ଆମେ ତାଙ୍କର ବିଭିନ୍ନ କାଳଜୟୀ କାବ୍ୟ କବିତା ପ୍ରବଂଧ ଓ ଆଲୋଚନାରେ ଦେଖି ପାରିବା।

ଖୋର୍ଦ୍ଧା ହାଇସ୍କୁଲର ଛାତ୍ରଜୀବନ କାଳରେ, ଆଦର୍ଶ ଶିକ୍ଷକ ବାଙ୍କନିଧି ପଟ୍ଟନାୟକଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ମାନସିଂହଙ୍କ ଉପରେ ଗଭୀର ପ୍ରଭାବ ପକାଇ ଥିବାର ଜଣାଯାଏ। ବିଚାରଧାରାରେ ଗୋପବନ୍ଧୁ ମାନସିଂହଙ୍କର ଆଦ୍ୟ ଜୀବନକୁ ପ୍ରଭାବିତ କଲେ ମଧ୍ୟ ପାରିବାରିକ ପରିସ୍ଥିତି ତଥା ଶିକ୍ଷକ ବାଂକନିଧି ପଟ୍ଟନାୟକଙ୍କର ଅନୁଶାସନ, ମାନସିଂହଙ୍କୁ ପ୍ରତ୍ୟକ୍ଷ ସେବା ଓ ରାଜନୀତିରେ ଯୋଗଦେବାପାଇଁ ଆଗଭର କରାଇ ଦେଇନାହିଁ। ଏଠାରେ ପୁନର୍ବାର ଉଲ୍ଲେଖ କରାଯାଇ ପାରେ ଯେ, ଉତ୍କଳ ସମ୍ମିଳନୀର ପୁରୀ ଅଧିବେସନରେ ପାରିକୁଦର ପ୍ରତିନିଧି ଭାବରେ ଯୋଗ ଦେଇ ଥିଲେ ହେଁ, ମାନସିଂହଙ୍କ ସାଆନ୍ତବାପା ମାୟାଧରଙ୍କ ପ୍ରତି ଭିନ୍ନ ଆଶା ପୋଷଣ କରିଥିଲେ। ପାଠପଢ଼ା ପରେ ଡେପୁଟି ଚାକିରି

କରି ପରିବାରର ଆର୍ଥନୀତିକ ସ୍ଥିତିର ପରିବର୍ତ୍ତନ ପାଇଁ ସେ ଆଶାୟୀ ଥିଲେ। ଆଦର୍ଶବାଦର ମୋହ ଓ ଚାକିରୀ କରି ସ୍ୱଚ୍ଛନ୍ଦ ଜୀବନଯାପନର ଇଚ୍ଛା, ଉଭୟ ହେତୁ ସୃଷ୍ଟି ହେଉଥିବା ମାନସିକ ଦ୍ୱନ୍ଦ୍ୱର ଆବର୍ତ୍ତନର ପଡ଼ି ମାନସିଂହ ମଧ୍ୟ ସଠିକ୍ ଭାବରେ କିଛି ସିଦ୍ଧାନ୍ତ ନେଇପାରି ନଥିଲେ। ଗୋପବନ୍ଧୁଙ୍କ ପ୍ରତି ପ୍ରଗାଢ଼ ଅନୁରକ୍ତି ଯୋଗୁଁ ଗୋପବନ୍ଧୁଙ୍କ ମହାପ୍ରୟାଣରେ ଲିଖିତ ତଥା ପ୍ରକାଶିତ କବିତା ହିଁ ସେ ଆଶାରେ ପୂର୍ଣ୍ଣଚ୍ଛେଦ ପକାଇଦେଲା। କବି ମାନସିଂହଙ୍କର ସରକାରୀ ପ୍ରଶାସନ ସେବା କ୍ଷେତ୍ରରେ ତାହା ପ୍ରଧାନ ଅନ୍ତରାୟ ହେଲା। (୧୦)

ଗୋପବନ୍ଧୁ ତଥା ସତ୍ୟବାଦୀର ବରେଣ୍ୟ ଶିକ୍ଷକ ବୃନ୍ଦଙ୍କ ବ୍ୟକ୍ତିତ୍ୱ ମାୟାଧରଙ୍କୁ ପ୍ରଭାବିତ କରିଥିଲା, ସେମାନଙ୍କର ସାହିତ୍ୟ ଏକ ପରିବର୍ତ୍ତିତ ରୂପରେ ମାନସିଂହଙ୍କ ଠାରେ ପ୍ରତିଫଳିତ ହେଲା। ଗୋପବନ୍ଧୁଙ୍କ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ, ମାନସିଂହଙ୍କର ତରୁଣ ଜୀବନର ଉଦ୍ଦାମତାକୁ କେବଳ ଶ୍ରଦ୍ଧାସିକ୍ତ କରିନଥିଲା, ସେ ଶ୍ରଦ୍ଧା ପରବର୍ତ୍ତୀ ଜୀବନରେ ମଧ୍ୟ କୌଣସି ମାତ୍ରାରେ କମ୍ ନଥିଲା। ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ସଂପର୍କରେ ମାନସିଂହ ଲେଖିଛନ୍ତି : "ସେଦିନ କେବଳ ଇଚ୍ଛା କରିଥିଲେ, ଯେଉଁମାନେ ସୁଖସୁବିଧା ବହୁଳ, ସେ କାଳର ସରକାରୀ ଚାକିରୀ ପାଇ ମୋଟା ପେନ୍‌ସନରେ ସ୍ୱଚ୍ଛଳ ବାର୍ଦ୍ଧକ୍ୟ ଯାପନ କରିପାରି ଥା'ନ୍ତେ, ସେହି ଉଚ୍ଚ ଶିକ୍ଷିତ ବିଦ୍ୱାନ୍ ଦଳ, ଗୋପବନ୍ଧୁର ଆହ୍ୱାନରେ ମଧ୍ୟ ଦେଶ ସେବାର ଦାରିଦ୍ର୍ୟ-ଜଂଜାଳମୟ କଠୋର ଜୀବନକୁ ବରଣ କରିବା ପାଇଁ ଧାଇଁ ଆସି ଥିଲେ। ଏମାନଙ୍କ ବିଦ୍ୟା ବା ପ୍ରତିଭା ଗୋପବନ୍ଧୁଙ୍କର ଥିଲା ବା ନ ଥିଲା, କିନ୍ତୁ ଗୋପବନ୍ଧୁଙ୍କ ପ୍ରତି ଏମାନେ ଓ ଓଡ଼ିଶାର କୋଟିଜନ ଆକୃଷ୍ଟ ହେତୁ, ଆଦୌ ଅର୍ଥ ବା କ୍ଷମତା ବା ପ୍ରତିଭା ନୁହେଁ, ତାହାଥିଲା ତାଙ୍କର ବ୍ୟକ୍ତିତ୍ୱ" (୧୧) ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମାନସିଂହଙ୍କର ସାହିତ୍ୟ ବିଭିନ୍ନ ପର୍ଯ୍ୟାୟରେ ଗତିକରି ଚାଲିଛି। ଗୋପବନ୍ଧୁଙ୍କ ବିୟୋଗରେ ମାନସିଂହଙ୍କ ପ୍ରାଣରୁ ଯେଉଁ ମର୍ମ୍ମସ୍ପର୍ଶୀ କବିତାର ଧାରା ଛୁଟି ଆସିଥିଲା, ଗୋପବନ୍ଧୁଙ୍କ ପ୍ରତି ମାନସିଂହଙ୍କର ଶ୍ରଦ୍ଧାର ତାହା ସର୍ବଶ୍ରେଷ୍ଠ ନିଦର୍ଶନ। ସେ 'ଗୋପତର୍ପଣ' କବିତାରେ ଗୋପବନ୍ଧୁଙ୍କୁ 'ସତ୍ୟର ପୁରୋହିତ, ଋଷି, ସନ୍ନ୍ୟାସୀ, ପରହିତର ଅବତାର, ଅଖିଳ ପତିତ ଜନର ବଂଧୁ, ମହା ଭିଖାରୀ, ଲକ୍ଷ୍ମୀଛଡ଼ାର ବଂଧୁ, ବାବାଜୀ ପ୍ରଭୃତି ନାମରେ ନାମକରଣ କରିଛନ୍ତି। ତାଙ୍କ ମହାପ୍ରୟାଣକୁ ସନ୍ନ୍ୟାସୀର ତୀର୍ଥାଟନ ସମାପ୍ତ ହୋଇ ଭିକ୍ଷାର ଶେଷ ହୋଇଛି ବୋଲି ଉଲ୍ଲେଖ କରିଛନ୍ତି। ପୁନଶ୍ଚ 'ଗୋପ ପ୍ରୟାଣ' କବିତାରେ ସେ ଗୋପବନ୍ଧୁଙ୍କୁ ସର୍ବଶ୍ରେଷ୍ଠ ଆସନରେ ଉପବିଷ୍ଟ କରାଇ, ଲେଖିଛନ୍ତି– ମହାବୀରଙ୍କ ମହାପ୍ରୟାଣରେ ଆଜି ଗୋଟିଏ ମହାଜାତିର ଗର୍ବ ଭାଙ୍ଗିଗଲା। ଘରେ ଘରେ ଆଜି କ୍ରନ୍ଦନ ରୋଳ ଉଠିବାର କାରଣ, ବିରାଟ ଓଡ଼ିଆ ଜାତିର ମଥାମଣି ଭଲୁଣ୍ଠିତ ହୋଇଗଲା।' ମର୍ମ୍ମସ୍ପର୍ଶୀ ଶବ୍ଦ ସଂଯୋଜନାରେ ସେ ଗୋପବନ୍ଧୁଙ୍କୁ, ଜାତିର ରାଜା, କୋଟିଏ ଦରିଦ୍ରମେଳର ଦରିଦ୍ର ନାରାୟଣ, ନିଖିଳ ଓଡ଼ିଆ ଜାତିର ସେନାପତି, ଦେବତା, ଶ୍ରେଷ୍ଠ ପୂଜାହାରୀ, ଭକ୍ତର ରାଜା, ପତିତ ବଂଧୁ, ଓ ପୁରୁଷୋତ୍ତମ ଭାବରେ ସମ୍ମାନ କରି କହିଛନ୍ତି :–

ଯଦିରେ ଓଡ଼ିଆ ପ୍ରିୟ ଜନ ପାଇଁ ବିଳାପ କରିବା ଜାଣ,

ଅତି ପ୍ରିୟ ଜନ ବିରହରେ ଆଜି ଫାଟୁ ତୋ ରୁଦ୍ଧ ପ୍ରାଣ। ପୁନଶ୍ଚ ଗୋପବନ୍ଧୁଙ୍କୁ ସମ୍ମୁଖରେ ରଖି ଓ ଆଦର୍ଶ ଭାବରେ ବିଚାର କରି ସେ 'କମଳାୟନ' କାବ୍ୟ ରଚନା କରିଛନ୍ତି।

ଗୋପବନ୍ଧୁଙ୍କ ସଂପର୍କରେ 'ପ୍ରଣୟୀ' ଗୋପବନ୍ଧୁ' ପ୍ରବନ୍ଧରେ ଲେଖିଛନ୍ତି :— "ବିତ୍ତ କ୍ଷମତା ହୀନ ଗୋପବଂଧୁ, କୋଟି ହୃଦୟର ସମ୍ରାଟ, କାରଣ ଗୋପବନ୍ଧୁଙ୍କ ମୂଲ୍ୟ ହେଉଛି ଖାଣ୍ଟି ଆତ୍ମିକ। ସେଥିରେ ବାହ୍ୟ ପଦ-ପଦାର୍ଥର ସଂପର୍କ ନାହିଁ। ଦରକାର ବି ନାହିଁ। କାରଣ ସ୍ୱୟଂ ଗୋପବନ୍ଧୁ ହିଁ ମହାନ୍। ସେ ନିଜେ ହିଁ ନିଜର ଅମରଗାଥା ଓ ଅନଶ୍ୟ କୀର୍ତ୍ତି, ସେ ମହାନ୍ କାରଣ ସେ ବ୍ୟକ୍ତି ବିଶେଷ ନଥିଲେ। ସେଇ ହିଁ ଥିଲେ ସମଗ୍ର ଓଡ଼ିଆ ଜାତି। ସେ ଓ ତାର ଜାତି ଏକୀଭୂତାତ୍ମା। ଜାତି ତେଣୁ କିପରି ତାକୁ ଭୁଲିବ?" (୧୨) ପୁନଶ୍ଚ ଗୋପବନ୍ଧୁଙ୍କ କବିତ୍ୱ ସଂପର୍କରେ ମାନସିଂହଙ୍କ ବକ୍ତବ୍ୟ ଉଲ୍ଲେଖଯୋଗ୍ୟ।— "ଗୋପବନ୍ଧୁ ଥିଲେ ସେହି ଶ୍ରେଣୀର ଦୁର୍ଲଭ ପରିପୂର୍ଣ୍ଣ କବି ଯାହାଙ୍କର ଦୈନନ୍ଦିନ ପ୍ରତିଟି କର୍ମ ହିଁ କବିତା ଯାହାଙ୍କର ଜୀବନଟି ହିଁ ମହାକାବ୍ୟ। ଆମେ ଗୋପବନ୍ଧୁଙ୍କୁ ପୂଜା କଲାବେଳେ ଧରି ନେବାକୁ ହେବ ଯେ, ଆମେ ପ୍ରକୃତରେ ଏକ ଅସାଧାରଣ କବିକୁ ହିଁ ପୂଜା କରୁଛୁ, ଯିଏ ଏକ ବିରାଟ ଜାତିର ପ୍ରତିଟି ହୃଦୟରେ ମଧୁର ଗୀତି କବିତା ଲେଖି ଦେଇ ଯାଇଛି" (୧୩) ମାନସିଂହଙ୍କ ମତରେ ତିନି ପ୍ରକାର ଲୋକ ମନୁଷ୍ୟ ସମାଜରେ ଆଦର ସମ୍ମାନ ପାଆନ୍ତି। ସେମାନେ ହେଲେ ସୈନିକ, ଶିକ୍ଷକ ଓ ନଂଦକ। ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଭିତରେ ସେହି ତିନି ଶ୍ରେଣୀର ମଧୁର ସମନ୍ୱୟ ଘଟିଥିଲା ବୋଲି ସେ ଦର୍ଶାଇଛନ୍ତି। ମାନସିଂହ ଗୋପବନ୍ଧୁଙ୍କ ଭିତରେ ମାନବିକତା ତଥା ଉଚ୍ଚତର ଜୀବନର ସଂଧାନ ପାଇ ନିଜେ ସେହି ଭାବଧାରାରେ ନିମଜ୍ଜିତ ହେବା ପାଇଁ ଆଶା ପୋଷଣ କରିଛନ୍ତି।

**ବିଶ୍ୱକବି ରବୀନ୍ଦ୍ରନାଥ :**

କବି ରବୀନ୍ଦ୍ରନାଥ ନୋବେଲ ପୁରସ୍କାର ପାଇଲା ପରେ (୧୯୧୩) ସମଗ୍ର ଭାରତବର୍ଷ, ବଂଗଳା ସାହିତ୍ୟ ବିଶେଷତଃ ରବୀନ୍ଦ୍ରସାହିତ୍ୟ ପ୍ରତି ଦୃଷ୍ଟିପାତ କଲା ପ୍ରାଚୀନ ଓଡ଼ିଆ ସାହିତ୍ୟିକ ବା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟିକମାନେ ବଂଗଳା ସାହିତ୍ୟ ଆଡ଼କୁ ଢ଼ଳି ନଥିଲେ, କାରଣ କରିବାକୁ ଅନୁଭବ କରି ନଥିଲା, ବରଂ ବଂଗଳାର ପ୍ରାଚୀନ ତଥା ମଧ୍ୟ ଯୁଗୀୟ କବିମାନେ ଓଡ଼ିଆ ସାହିତ୍ୟିକୁ ଅନୁକରଣ କରୁଥିଲେ। ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ସାହିତ୍ୟର ସଂସ୍ପର୍ଶରେ ଆସି ବଂଗଳା ସାହିତ୍ୟ ପ୍ରଭୂତ ଉନ୍ନତି କଲା। ଆଧୁନିକ ସାହିତ୍ୟରେ ନାନା ଚମକ ଦେଖା ଦେବାରୁ ଓଡ଼ିଶାର ସାହିତ୍ୟିକମାନେ ବଂଗଳା ସାହିତ୍ୟ ପ୍ରତି ଆସକ୍ତ ହେଲେ। ପୁଣି ରବୀନ୍ଦ୍ରନାଥ ନୋବେଲ ପୁରସ୍କାର ଲାଭ କଲା ପରେ, ରବୀନ୍ଦ୍ର ଭାରତୀୟ ସାହିତ୍ୟିକ ମାନଙ୍କର ଆଦର୍ଶ ହୋଇ ଉଠିଲେ; ବିଶେଷତଃ 'ଓଡ଼ିଶାର ସବୁଜ କବିମାନେ ମାତ୍ରାତିରିକ୍ତ ଭାବରେ ରବୀନ୍ଦ୍ରସାହିତ୍ୟ ଓ ବଂଗଳା ସାହିତ୍ୟ ପ୍ରତି ଅନୁରକ୍ତ ହେଲେ। ସବୁଜ କବି, ସବୁଜ ସମସାମୟିକ କବି

ତଥା ସବୁଜ ପରବର୍ତ୍ତୀ ଅନେକ କବି, ନିଜସ୍ୱ ସତ୍ତା ହରାଇ ରବୀନ୍ଦ୍ର ସ୍ରୋତରେ ଭାସିଗଲେ। ସେ ସମୟର ଅନ୍ୟ କବିଙ୍କ ପରି ମାନସିଂହ ରବୀନ୍ଦ୍ର କବିତା ପ୍ରତି ଆସକ୍ତ ଥିଲେ ମଧ୍ୟ, ନିଜସ୍ୱଧାରା ଓ ସୃଷ୍ଟି ଚେତନା ପ୍ରତି ସଚେତନ ଥିଲେ। ମାନସିଂହଙ୍କ ସୃଷ୍ଟି ଅନେକତ୍ର ସବୁଜର ପ୍ରତିକ୍ରିୟାରୁ ଜାତ। ଡକ୍ଟର ନିତ୍ୟାନନ୍ଦ ଶତପଥୀଙ୍କ ମତରେ :— "ସବୁଜ ଓ ମାନସିଂହ ଉଭୟେ ରୋମାଣ୍ଟିକ୍ କଳ୍ପନା ବିଳାସୀ ହେଲେ ମଧ୍ୟ ମାନସିଂହ ସବୁଜଙ୍କ ପରି 'ପରିମହଲ' ପରିକଳ୍ପନା କରି ଜାତୀୟ ଜୀବନର ସମସ୍ୟାକୁ ଉପେକ୍ଷା କରି ନାହାନ୍ତି।' ସେ ସବୁବେଳେ ଓଡ଼ିଆ ଓ ଓଡ଼ିଆଣୀଙ୍କ ମୁହଁକୁ ଆଖି ପକେଇଛନ୍ତି।" (୧୪)

କବି ମାନସିଂହ ରବୀନ୍ଦ୍ର ସାହିତ୍ୟର ଜଣେ ମୁଗ୍ଧ ପାଠକ। ସତ୍ୟବାଦୀ ଭାବଧାରାରେ ଉଦ୍‌ବୁଦ୍ଧ ମାନସିଂହଙ୍କ ପ୍ରାଣ ରବୀନ୍ଦ୍ର ରଚନାର କେତୋଟି ବିଭାବ ପ୍ରତି ସଚେତନ ଭାବରେ ଆକୃଷ୍ଟ ହୋଇପଡ଼ିଥିଲା। ମାନସିଂହଙ୍କ ଦୃଷ୍ଟିରେ ରବୀନ୍ଦ୍ର ରଚନା ଶ୍ରେଷ୍ଠ ଭାବର ଦ୍ୟୋତକ; କାରଣ, ଏଥିରେ କବିତାର ତିନୋଟି ମହନୀୟ ଗୁଣ ରହିଛି— "ରବୀନ୍ଦ୍ରନାଥଙ୍କ ପ୍ରତ୍ୟେକ କବିତା ସୃଜନ କୌଶଳ ଦିଗରୁ ଏକ ଏକ ମିରାକ୍ଲ ଛଡ଼ା ଅନ୍ୟ କିଛି ନୁହେଁ। ତାଙ୍କର ପ୍ରତ୍ୟେକଟି କବିତା ଆମକୁ ପାଠ ବା ସ୍ମରଣ ମାତ୍ରେ ଏକ ସୂକ୍ଷ୍ମ ଅନୁଭୂତିମୟ ପରମ ମନୋରମ କଳ୍ପଲୋକକୁ ନେଇଯାଏ। ପୁଣି ତାଙ୍କର ପ୍ରତ୍ୟେକ କବିତା ପାଠକକୁ ଯେ ଉର୍ଦ୍ଧ୍ୱଗ କରାଏ, ଏହା ଜଣାକଥା" (୧୫) ରବୀନ୍ଦ୍ର ରଚନାର ତିନୋଟି ମୌଳିକଧାରା ପ୍ରତି ଅନୁରକ୍ତ ହୋଇ ମାନସିଂହ ଓଡ଼ିଶା ମାଟିରେ ତା'ର ସଂଧାନ କରିଛନ୍ତି। ଯଥା :— ମଧ୍ୟଯୁଗୀୟ ସାହିତ୍ୟ ପ୍ରତି ମମତା, ମର୍ତ୍ତ୍ୟପ୍ରୀତି ଓ ଉଦାର ମାନବପ୍ରୀତି। କବି ରବୀନ୍ଦ୍ରନାଥ ଉପନିଷଦ, ମଧ୍ୟଯୁଗୀୟ ବୈଷ୍ଣବ କବିତା ଦ୍ୱାରା ଅନୁପ୍ରେରିତ ହୋଇଥିଲେ। ରବୀନ୍ଦ୍ରନାଥଙ୍କ ଘରେ ପ୍ରତ୍ୟହ ଉପନିଷଦର ଚର୍ଚ୍ଚା ଓ ପାରାୟଣ ଚାଲିଥିଲା, ତାଙ୍କ ଘରେ ଓ ବାହାରେ ଚଣ୍ଡିଦାସ, ଜ୍ଞାନଦାସ, ବିଦ୍ୟାପତି, ଜୟଦେବ ଓ ବାଉଲ କବି ମାନଙ୍କର ଭକ୍ତି ଓ ରହସ୍ୟ ମୂଳକ ଗାନ ଚର୍ଚ୍ଚା ହେଉଥିଲା। ତେଣୁ ଉପନିଷଦ ଓ ବୈଷ୍ଣବ କବିତାର ଭାବଧାରାର ଏକ ରୂପଗତ ବିବର୍ତ୍ତନ ହେଉଛି 'ଗୀତାଂଜଳି'। ସେହିପରି ସମସାମୟିକ ୟୁରୋପର ସାହିତ୍ୟରେ ପ୍ରତିଫଳିତ ମାନବିକତା ଓ ସୌନ୍ଦର୍ଯ୍ୟବାଦ ରବୀନ୍ଦ୍ରନାଥଙ୍କୁ ପ୍ରଭାବିତ କରିଥିଲା। କବି ରବୀନ୍ଦ୍ରନାଥ ମଧ୍ୟଯୁଗୀୟ ବୈଷ୍ଣବ କବିତା ପ୍ରତି ଆକୃଷ୍ଟ ହେଲା ପରି, କବି ମାନସିଂହ ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଶେଷତଃ କବି ଗୋପାଳକୃଷ୍ଣଙ୍କ ରଚନାରେ ସେ ଭାବର ସଂଧାନ ପାଇଛନ୍ତି। ଏତଦ୍‌ବ୍ୟତୀତ ରବୀନ୍ଦ୍ର ସାହିତ୍ୟର ମର୍ତ୍ତ୍ୟପ୍ରୀତି ଓ ଉଦାର ମାନବପ୍ରୀତିକୁ ମାନସିଂହ ଅତ୍ୟନ୍ତ ଆବେଗର ସହିତ ଗ୍ରହଣ କରି ସାହିତ୍ୟରେ ପ୍ରୟୋଗ କରିଛନ୍ତି। ଏ ସଂପର୍କରେ ଅଧ୍ୟାପକ ଦାଶରଥି ଦାସ 'କାବ୍ୟ ସମ୍ବାଦ' ପୁସ୍ତକରେ ଓ ଡକ୍ଟର ନିତ୍ୟାନନ୍ଦ ଶତପଥୀ 'ସବୁଜରୁ ସାଂପ୍ରତିକ' ଚର୍ଚ୍ଚା ନିବଂଧରେ ବ୍ୟାପକ ଭାବରେ ଆଲୋଚନା କରିଛନ୍ତି।

ଅଧ୍ୟାପକ ଦାଶରଥି ଦାସଙ୍କ ମତରେ :— "ମାନସିଂହଙ୍କ ମର୍ତ୍ତ୍ୟପ୍ରୀତିର ଅନ୍ୟତମ ବଳିଷ୍ଠ ଉତ୍ସ ହେଉଛି, ରବୀନ୍ଦ୍ର ଭାବକଳ୍ପନା। ତେବେ ସେହି ଭାବକଳ୍ପନା, ତାଙ୍କ କବିତାର ଭାବ ଓ ପାରିପାର୍ଶ୍ୱିକ ପରିମଣ୍ଡଳରେ ଏପରି ସଞ୍ଚାରିତ ହୋଇଛି ଯେ, ସବୁଠି ତାଙ୍କୁ

ନ ଆଶ୍ରୟରୁ ସ୍ୱତନ୍ତ୍ର କରି ଦେଖିହୁଏ ନାହିଁ। ପୂର୍ବର ଭାବ କଳ୍ପନାକୁ ଯଥା ସମ୍ଭବ ନିଜର କରିବାକୁ ଚାହିଁଛନ୍ତି। ତେଣୁ ତାଙ୍କର ରଚନାକୁ ମୌଳିକତାର ପ୍ରାପ୍ୟ ଦେବାକୁ ଶଷ କୁଣ୍ଠିତ ହେବାର କିଛି ନାହିଁ।'' (୧୫) ଡଃ ନିତ୍ୟାନନ୍ଦ ଶତପଥୀ, 'ସବୁଜରୁ ପ୍ରତିକ' ଚର୍ଚ୍ଚା ନିବନ୍ଧରେ ମାନସିଂହଙ୍କ ଉପରେ ରବୀନ୍ଦ୍ର ପ୍ରଭାବକୁ ଅଧିକ ସ୍ପଷ୍ଟ ଼ରେ ଉପସ୍ଥାପନ କରିଛନ୍ତି। ଡକ୍ଟର ଶତପଥୀ ମାନସିଂହଙ୍କ ରଚନାର ତିନିଗୋଟି ।ୟଧାରା ରବୀନ୍ଦ୍ର ଚିନ୍ତାଦ୍ୱାରା ପ୍ରଭାବିତ ବୋଲି ଦର୍ଶାଇଛନ୍ତି—

ମାଟିର କ୍ଷୟକ୍ଷତି, ବାଧାବିସ୍ୱାଦ, ଜୟ ପରାଜୟ ମଧ୍ୟରେ ଚରମ ମୁକ୍ତିର ଆସ୍ୱାଦନ,

ଅନ୍ତର ମଧ୍ୟରେ ଦେବତାର ଅନୁଭବ ଓ ଉପାସନା, ତଥା

ସେହି ଅପରୂପକୁ ପ୍ରେମିକ ରୂପରେ ପରିକଳ୍ପନା କରି ଉନିଦ୍ର ବାସକ- ସଜ୍ଜା ଓ ଅଭିସାର ଆୟୋଜନ' (୧୬)

କବି ମାନସିଂହ 'ପରଧର୍ମ' ପ୍ରବନ୍ଧରେ ଓଡ଼ିଆ ସାହିତ୍ୟରେ ବଂଗ ପ୍ରଭାବକୁ ।ଲୋଚନା କଲେ ମଧ୍ୟ, ନିଜେ ରବୀନ୍ଦ୍ର ରଚନା ଦ୍ୱାରା ଅନୁପ୍ରାଣିତ ବୋଲି ସ୍ୱୀକାର ।ଛନ୍ତି। କବି ରବୀନ୍ଦ୍ରଙ୍କ ସଂପର୍କରେ ଅନ୍ୟାନ୍ୟ ଆଲୋଚନାରେ ନିଜର ଗ୍ରାହକତାକୁ ାର କରିବା ସଂଗେ ସଂଗେ ତାଙ୍କ କାବ୍ୟ ଚେତନା କବି ରବୀନ୍ଦ୍ରନାଥଙ୍କ ଦ୍ୱାରା ।ରି ପ୍ରଭାବିତ ବର୍ଣ୍ଣନା କରିଛନ୍ତି। ମାନସିଂହ କହିଛନ୍ତି :— ''କବିତ୍ୱର ପ୍ରକୃତ ଆଦର ସମ୍ମାନ ଏକାନ୍ତ ବ୍ୟକ୍ତିଗତ। ଯେତେ ଅଧିକ ବ୍ୟକ୍ତିଙ୍କ ନିକଟରେ, କୌଣସି ଏକ ର ପ୍ରଭାବ ଯେତେ ନିବିଡ଼, ସେ ସେତେ ବଡ଼। ଆଧୁନିକ ଓ ପ୍ରାଚୀନ ଯୁଗର ତ୍ କବି ଏ ପ୍ରକାର ବିଚାରରେ ମଧ୍ୟ ରବୀନ୍ଦ୍ରନାଥଙ୍କ ମହତ୍ୱର ସମକକ୍ଷ ହୋଇ ିବେ....। କାରଣ ସମସାମୟିକତାକୁ ଯଥେଷ୍ଟ ବାଦ ଦେଲେ ମଧ୍ୟ ରବୀନ୍ଦ୍ର ରଚନାରେ ୃତ ଓ ଚିରନ୍ତନର ସୁନ୍ଦର ସ୍ପର୍ଶ ଏପରି ନିବିଡ଼ ଭାବରେ ନିହିତ ଯେ, କୌଣସି ତାକୁ ସହଜରେ ଅବହେଳା କରି ନ ପାରେ। ଏଇ ବ୍ୟକ୍ତିଗତ ସମ୍ବନ୍ଧରେ ହିଁ ୀନ୍ଦ୍ରନାଥ ମୋର ପ୍ରିୟ କବି। କୌଣସି କବି ଯେ ନୋବେଲ ପୁରସ୍କାର ପାଇଛନ୍ତି ଏକ ଦେଶର ବାଣୀ ପ୍ରଚାରକ ବୋଲି ସ୍ୱାଭାବିକ ଭାବରେ ମୋର ପ୍ରିୟ କବି ବାର କଥା ନୁହେଁ। କବିର ପ୍ରକୃତ ପୂଜା ସ୍ମୃତି ମଂଦିର ବା ମେଳା ମଉଛବରେ ହଁ। ତା'ର ସ୍ୱର୍ଣ୍ଣ ଆସନ ତା'ର ପାଠକର ନିଭୃତ ଅନ୍ତରରେ। ସେଇ ସମ୍ବନ୍ଧ ନି ରବୀନ୍ଦ୍ରନାଥ ମୋର ଅତି ପ୍ରିୟ କବି, ଅତିମାନ୍ୟ ଓ ପ୍ରଣମ୍ୟ କବି। ସେ ।ର ପ୍ରିୟ କାରଣ ସେ ମୋ ଅନ୍ତରରେ ଅବ୍ୟକ୍ତ ଆଶା, ତୃଷ୍ଣା, ବ୍ୟଥା ବେଦନାକୁ ।ରି ବ୍ୟକ୍ତ କରିଛନ୍ତି, ଯେପରିକି ମୁଁ ମନେ କରିଥାଏଁ ରବୀନ୍ଦ୍ରନାଥ ମୋରି କଥାଗୁଡ଼ିକ ପରି ଲେଖି ଯାଇଛନ୍ତି। ସେ ପ୍ରିୟ ପୁଣି ସେହି କାରଣରୁ ଯେ, କାବ୍ୟ କଳା ସଭ୍ୟ ମନୁଷ୍ୟର ଏକ ଉପଭୋଗ୍ୟ ବସ୍ତୁ ହୁଏ, ତେବେ ତାଙ୍କର କବିତା ମୋର ।ମ ଉପଭୋଗ୍ୟ। ମୋର ଲଜ୍ଜା ବା ସଂକୋଚ ନାହିଁ କହିବାରେ ଯେ ସେହି ।ମ ଲାବଣ୍ୟମୟୀ ରୂପସୀକୁ ମୁଁ ମୋର ପଞ୍ଚେନ୍ଦ୍ରିୟ ଦେଇ ଉପଭୋଗ କରିଛି।

ସର୍ବୋପରି ସେ ମୋର ମାନ୍ୟ ଓ ପ୍ରଣମ୍ୟ ଏଇଥିପାଇଁ ଯେ କବିତା ରଚନାରେ ସେ ଯେଉଁ ଆଲୌକିକ କଳା କୌଶଳ ଦେଖାଇଛନ୍ତି ତାହା ଅସାମାନ୍ୟ ଓ ଲୋକୋତ୍ତର, ତାହାର ପ୍ରତ୍ୟେକ ବିନ୍ଦୁରେ ଦୈବତ ଶକ୍ତିର ମୁଦ୍ରାଂକନ ସୁସ୍ପଷ୍ଟ। ସେହି ଲୋକୋତ୍ତର ଯାଦୁକ୍ରିୟା ବଳରେ ପୃଥିବୀର କୁତ୍ସିତ ମାଟିରେ ଥାଇ ମଧ୍ୟ ସେ ମତେ ବହୁବାର ନେଇଯାଇଛନ୍ତି ଏକ ଅତୀନ୍ଦ୍ରିୟ କଳ୍ପଲୋକକୁ'' (୧୮) ଉପର୍ଯ୍ୟୁକ୍ତ ଉକ୍ତିରୁ ମାନସିଂହ ରବୀନ୍ଦ୍ରନାଥଙ୍କ ପ୍ରତି କିପରି ଅନୁରକ୍ତ ଥିଲେ, ତାହାର ସୂଚନା ମିଳେ। ପୁନଶ୍ଚ ବିଭିନ୍ନ ଆଲୋଚନାରେ ସେ ରବୀନ୍ଦ୍ରନାଥଙ୍କୁ 'ମୋର ଗୁରୁଦେବ' ବୋଲି ସମ୍ବୋଧନ କରିଛନ୍ତି।

ମାନସିଂହଙ୍କର ତିନିଗୋଟି ବଳିଷ୍ଠ ପ୍ରବନ୍ଧ ରବୀନ୍ଦ୍ରନାଥ, ରବୀନ୍ଦ୍ରନାଥଙ୍କ କବିତା ଓ ରବୀନ୍ଦ୍ର ପୂଜାରେ ସେ ରବୀନ୍ଦ୍ରନାଥଙ୍କ ସଂପର୍କରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ସେ ସବୁ ମନ୍ତବ୍ୟ ମାନସିଂହଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ। ଓଡ଼ିଆ ସାହିତ୍ୟରେ ରବୀନ୍ଦ୍ର ରଚନାର ଭାବ ପ୍ରବେଶକୁ ସେ ବିରୋଧ କରୁ ନଥିଲେ, ସେ କହୁଥିଲେ ରବୀନ୍ଦ୍ର ଭାବନାକୁ ଓଡ଼ିଶା ମାଟିରେ, ଓଡ଼ିଶାର ଚଳଣି ମଧ୍ୟରେ ପ୍ରକାଶ କରିବାକୁ ଚେଷ୍ଟା କରାଯାଉ। ''କୌଣସି ନିର୍ବୋଧ ରବୀନ୍ଦ୍ରନାଥଙ୍କର ବିଶ୍ୱଜନୀନ ଭାବ ସମୂହକୁ ଓଡ଼ିଆ ସାହିତ୍ୟରେ କରାଯାଉ ପ୍ରବେଶ କରିବାରେ ବାଧା ଦେବ ନାହିଁ, କିନ୍ତୁ ଓଡ଼ିଆ ଭାଷାକୁ ବଙ୍ଗାଳୀ ବେଶ ଦେଇ ସୁନ୍ଦର କରିବାର ଇତରତା ସହ୍ୟ କରାଯିବ କିପରି ?'' (୧୯) ସେ ଦୃଷ୍ଟିରୁ କୁହାଯାଇ ପାରେ ଯେ, ମାନସିଂହଙ୍କର ସୃଷ୍ଟି ପ୍ରେରଣାର ଉତ୍ସ ଭାବରେ ରବୀନ୍ଦ୍ରନାଥଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

## ମହାତ୍ମା ଗାନ୍ଧୀ

ମାନସିଂହଙ୍କର ଆବିର୍ଭାବ ଓ ବ୍ୟକ୍ତିତ୍ୱ ବିକାଶର କାଳ, ଓଡ଼ିଶା ତଥା ଭାରତ ଇତିହାସରେ ଏକ ପରିବର୍ତ୍ତନର ସମୟ। ଏ ସମୟ ବହୁ ଚରିତ୍ର ଓ ବହୁ ମହାପୁରୁଷଙ୍କ ପଦଧ୍ୱନିରେ ମୁଖରିତ। ଏହି ସମୟରେ ଯୁଗପୁରୁଷ ମହାତ୍ମାଗାନ୍ଧୀଙ୍କର ଆବିର୍ଭାବ। ପୂର୍ବରୁ ସୂଚନା ଦିଆଯାଇ ଅଛି ଯେ, ମାୟାଧର ମାନସିଂହ ଗାନ୍ଧୀଜିଙ୍କର ପ୍ରତ୍ୟକ୍ଷ ଆନ୍ଦୋଳନରେ ଭାଗନେଇ ପାରି ନଥିଲେ, କିନ୍ତୁ ଗାନ୍ଧୀ ଭାବଧାରା ଓ ଆଦର୍ଶ ତାଙ୍କୁ ଏତେ ମାତ୍ରାରେ ପ୍ରଭାବିତ କରିଥିଲା ଯେ, ତାଙ୍କ ରଚନାରେ ଅନେକତ୍ର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଗାନ୍ଧୀ ଚିନ୍ତାଧାରାର ସୂଚନା ମିଳେ।

ଖ୍ରୀ: ୧୯୨୧ ରେ ଭାରତୀୟ ସ୍ୱରାଜ୍ୟ ଆନ୍ଦୋଳନରେ ବାପୁଜୀଙ୍କର ଡାକରା ପ୍ରତ୍ୟେକ ଭାରତୀୟ ପ୍ରାଣରେ ନବ ଉନ୍ମାଦନା ଖେଳାଇଦେଲା। ଛାତ୍ର ମାନସିଂହଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥିବ। ମାନସିଂହ ସ୍ୱରାଜ୍ୟ ଆନ୍ଦୋଳନ ପ୍ରତି ଯେତେ ଶ୍ରଦ୍ଧାବାନ ହୋଇ ନାହାନ୍ତି, ବାପୁଜୀଙ୍କ ପ୍ରତି ତାହା ଅପେକ୍ଷା ବହୁ ଭାବରେ ଆକୃଷ୍ଟ ହୋଇ ପଡ଼ିଛନ୍ତି। ଭାରତୀୟମାନଙ୍କ ମଧ୍ୟରେ ଗୋଟିଏ ଗୋଷ୍ଠୀ ଇଂରେଜମାନଙ୍କୁ ତଡ଼ି ସ୍ୱରାଜ୍ୟ ହାସଲ ପାଇଁ ଚେଷ୍ଟା କରୁଥିଲା ବେଳେ, ଅନ୍ୟ ଏକ ଗୋଷ୍ଠୀ ଇଂରେଜମାନଙ୍କ ବ୍ୟତୀତ ଭାରତ ଶାସନ ଅସମ୍ଭବ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ ଇଂରେଜମାନେ

ହିଁ କେବଳ ଶାସନ ଦାୟିତ୍ୱ ତୁଲାଇ ପାରିବେ। ସେମାନେ ଭାରତୀୟମାନଙ୍କ ଉପରେ ଶାସନ ଓ ଅନ୍ୟକର୍ମ ପାଇଁ ଯେତେ ଅନାସ୍ଥା ଭାବ ଆଣୁଥିଲେ, ଇଂରେଜମାନଙ୍କ ବ୍ୟକ୍ତିତ୍ୱ ପ୍ରତି ସେମାନେ ସେତେ ଶ୍ରଦ୍ଧାବାନ ହୋଇ ପଡୁଥିଲେ। ମାନସିଂହ ଇଂରାଜୀ ସାହିତ୍ୟ ତଥା ଇଂରେଜ ଲୋକଙ୍କ ପ୍ରତି ଅନେକ ମାତ୍ରାରେ ଶ୍ରଦ୍ଧାଶୀଳ ହୋଇ ପଡ଼ିଥିଲେ, କାରଣ କେତେକ ଭାରତୀୟମାନଙ୍କର ସଂକୀର୍ଣ୍ଣ ମନୋଭାବ ଓ ସମାଜସ୍ଥ ବଡ଼ପଣ୍ଡାମନାଙ୍କର ବିଭେଦପୂର୍ଣ୍ଣ ଆଚରଣ ତାଙ୍କୁ ବ୍ୟଥିତ କରିଥିଲା। ତେଣୁ ସେ ତାଙ୍କର ଲେଖାରେ ଅନେକତ୍ର ନିର୍ଦ୍ଦୟ ବ୍ରାହ୍ମଣ ଓ ମାନବିକ ଇଂରେଜ ବୋଲି ଉଲ୍ଲେଖ କରିଛନ୍ତି। ତାଙ୍କ ବିଚାରରେ ଇଂରେଜ ଚରିତ୍ରର ଶ୍ରେଷ୍ଠଗୁଣ ସବୁ ମହାତ୍ମା ଗାନ୍ଧୀଙ୍କ ଠାରେ ବିଦ୍ୟମାନ ଥିଲା। ପୁଣି ମଣିଷ ପ୍ରତି ଉଦାର ମନୋଭାବ ଓ ଭାରତୀୟ ବେଶରେ ଇଂରେଜ ଚରିତ୍ରର ଶୃଙ୍ଖଳା ବାପୁଜୀଙ୍କ ଠାରେ ବିଦ୍ୟମାନ ଥିବାରୁ ମାନସିଂହ ଗାନ୍ଧୀଜିଙ୍କ ପ୍ରତି ଶ୍ରଦ୍ଧାଶୀଳ ଥିବାର ଅନୁମାନ କରାଯାଏ। ଗାନ୍ଧୀ ରଚନା, ଗାନ୍ଧୀ ଚିନ୍ତାଧାରା ଓ ବାପୁଜୀଙ୍କ ଜୀବନଧାରା ମାନସିଂହଙ୍କୁ ପ୍ରାଣ ଭରି ପ୍ରେରଣା ଯୋଗାଇଛି। ବାପୁଜୀଙ୍କୁ ସେ ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ରସୁଲ ରୂପରେ ଦେଖିଛନ୍ତି। ମାନବବାଦୀ ନିରୀଶ୍ୱର ଦୃଷ୍ଟିକୋଣରୁ ସେ ଗାନ୍ଧୀଙ୍କୁ ବିଚାର କରିଛନ୍ତି। 'ନାପିତୁଣୀର ଗାନ୍ଧୀ ପୂଜା, ଗାନ୍ଧୀ, ବାପୁଜୀ, ଗାନ୍ଧୀଦେଶ, ଦୀପନିର୍ବାପିତ, ନହେବି ବୁଦ୍ଧ ନହେବି ଗାନ୍ଧୀ ନହେବି ଶଂକର, ପ୍ରାଣର ବାପୁଜୀ, ସ୍ୱରାଜ୍ୟାଶ୍ରମ, କମଳାୟନ, ଆମର ଦୈନନ୍ଦିନ ଜୀବନରେ ବାପୁଜୀ, ଗାନ୍ଧୀ ଓ ସାହିତ୍ୟ, ବାପୁଜୀଙ୍କ ଦାନ, ଗାନ୍ଧୀଜୀ ଓ ରବୀନ୍ଦ୍ରନାଥ ତଥା ମୃତ୍ୟୁର ପ୍ରାକ୍କାଳରେ ଲିଖିତ ପାଞ୍ଚଗୋଟି ପ୍ରବନ୍ଧ। ଯେଉଁମାନେ ଗାନ୍ଧୀଙ୍କୁ ମହାତ୍ମା କଲେ' ସମେତ ମାନସିଂହଙ୍କର ଅନ୍ୟାନ୍ୟ ବହୁ ରଚନାରେ ମହାତ୍ମାଗାନ୍ଧୀ ସମ୍ମାନଜନକ ସ୍ଥାନ ପାଇଛନ୍ତି।

ଗାନ୍ଧୀ ଓ ରବୀନ୍ଦ୍ରନାଥ ମାନସିଂହଙ୍କ ଚିନ୍ତାଧାରାକୁ ବହୁଭାବରେ ପ୍ରଭାବିତ କରିଛନ୍ତି। କିନ୍ତୁ ସେମାନଙ୍କ ସଂପର୍କରେ ମାନସିଂହ ଖୁବ୍ ସ୍ୱଷ୍ଟ ଥିଲେ ବୋଲି ମନେ ହୁଏ ନାହିଁ। ରବୀନ୍ଦ୍ରନାଥଙ୍କ ଧାରାଥିଲା :— 'ବ୍ୟକ୍ତିତ୍ୱର ଜାଗରଣ ବ୍ୟତୀତ ମୁକ୍ତି ସମ୍ଭବ ନୁହେଁ। ବ୍ୟକ୍ତିତ୍ୱର ଜାଗରଣ ବୁଦ୍ଧିର ଆଲୋକରେ ପରିଶୀଳିତ ସୃଷ୍ଟିଧର୍ମ ଦ୍ୱାରା ଉଦ୍‌ବୁଦ୍ଧ ହୁଏ। ମଣିଷର ଆବେଗ ପ୍ରବୃତ୍ତି ସବୁ କିଛି ବୁଦ୍ଧି ଦ୍ୱାରା ନିୟନ୍ତ୍ରିତ ହୋଇ ତା'ର ପରିପୂର୍ଣ୍ଣ ମାନବ ରୂପକୁ ପ୍ରକାଶ କରେ। ଏହି ବୁଦ୍ଧିଦୀପ୍ତ ବିବେକବାନ ମଣିଷର ସାମଗ୍ରିକ ବ୍ୟକ୍ତିତ୍ୱକୁ କୌଣସି ବାହ୍ୟ ବଂଧନ ମଧ୍ୟ ରଖି ପାରିବ ନାହିଁ, କାରଣ ସେ ସବୁ ବଂଧନ ମାୟା ମାତ୍ର କିନ୍ତୁ ଆବେଗକୁ ବୁଦ୍ଧିହୀନ ଭାବରେ ପରିଚାଳିତ କଲେ ତାହା ଧ୍ୱଂସ ପଥକୁ ଟାଣି ଆଣେ। ଅପର ପକ୍ଷରେ ମହାତ୍ମାଗାନ୍ଧୀଙ୍କ ଦୃଷ୍ଟିରେ— 'ପରାଧୀନ ଭାରତରେ ଏହି ବ୍ୟକ୍ତିତ୍ୱବୋଧର ଜାଗରଣ ସମ୍ଭବ ନୁହେଁ। ଇଂରେଜମାନେ ଯେ ପର୍ଯ୍ୟନ୍ତ ଭାରତକୁ ତାଙ୍କର ବଂଧୁ ଭାବରେ ଦେଖିପାରିନାହାନ୍ତି, ସେତେ ଦିନ ପର୍ଯ୍ୟନ୍ତ ଉଭୟ ମଧ୍ୟରେ ବୈଷମ୍ୟ ଓ ତହିଁରୁ ସମୁଦ୍‌ଭବ ସଂଘର୍ଷ ଅନିବାର୍ଯ୍ୟ' (୨୦) ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମାୟାଧର ମାନସିଂହ ଗୋପବନ୍ଧୁ, ରବୀନ୍ଦ୍ରନାଥ ଓ ଗାନ୍ଧିଜୀ ପ୍ରମୁଖ ମହାପୁରୁଷଙ୍କ ଧାରାକୁ ଅନୁସରଣ କରିଥିଲେ ମଧ୍ୟ, କଳ୍ପନାପ୍ରବଣତା ତଥା ବିଭିନ୍ନ ଆଦର୍ଶର ମୋହରେ

କୌଣସି ନିର୍ଦ୍ଦିଷ୍ଟ ଧାରା ପ୍ରତି ସ୍ଥିର ନିଷ୍ଠା ପ୍ରକାଶ କରି ନାହାନ୍ତି। ବରଂ ଜୀବନର ଉତ୍ତରାର୍ଦ୍ଧରେ ଏହିଭଳି ଏକ ମାନସିକ ଦ୍ୱନ୍ଦ୍ୱମଧ୍ୟରେ ତାଙ୍କ କବିତା ଅଧିକମାତ୍ରାରେ ରହସ୍ୟବାଦୀ ହୋଇ ପଡ଼ିଛି।

ମାନସିଂହଙ୍କ ବିଲାତ ଯାତ୍ରା ତାଙ୍କ ବିଚାରଧାରାରେ ଅନେକ ପରିବର୍ତ୍ତନ ଘଟାଇ ପାରିଛି। ଆଦ୍ୟ ଜୀବନରୁ ବୌଦ୍ଧିକ ସ୍ତରରେ ବଡ଼ ହେବାର ମୋହ ସହିତ ବିଚାରଧାରାରେ ସ୍ଥିର ସିଦ୍ଧାନ୍ତର ଅଭାବ ତାଙ୍କୁ ଜୀବନରେ ନାନା ପରୀକ୍ଷା ନିରୀକ୍ଷା ପାଇଁ ଆଗେଇ ନେଇଛି। ତାଙ୍କ ଭିତରେ ଥିବା କବିପ୍ରାଣର କଳ୍ପନାପ୍ରବଣତା, ତାଙ୍କୁ ସ୍ୱ-କଳ୍ପିତ ଏକ ନଂଦନକାନନର ଚିନ୍ତା ଆଣି ଦେଇଛି। ବାସ୍ତବ ଜୀବନ ଓ ବାସ୍ତବ ସମାଜ ସହିତ ତାଙ୍କର ସଂପର୍କ ତାଳଦେଇ ନ ପାରିବାରୁ ସେ ଅନେକତ୍ର ବେଖାପ ମନେ ହୋଇଛନ୍ତି। ଛାତ୍ର ଜୀବନ ତଥା ପ୍ରଥମ ଚାକିରୀ ଜୀବନରେ ଗୋପବନ୍ଧୁ, ଗାନ୍ଧୀ ଓ ରବୀନ୍ଦ୍ରନାଥଙ୍କ ଭାବଧାରା ସଂଗେ ସଂଗେ ଇଂରାଜୀ ରୋମାଣ୍ଟିକ୍ କବିଙ୍କର ପ୍ରଭାବ ତାଙ୍କୁ ସର୍ବଦା ଏକ ଭିନ୍ନ ଜଗତରେ ଦୋଦୁଲ୍ୟମାନ ଅବସ୍ଥାରେ ରଖି ଆସିଥିଲା। ପୁନଶ୍ଚ ବିଲାତ ଯାତ୍ରା ଓ ବିଲାତ ଅବସ୍ଥାନ ତାଙ୍କ ଜୀବନରେ ଧର୍ମନିରପେକ୍ଷତା ଓ ଜୀବନପ୍ରତି ଶ୍ରଦ୍ଧାଶୀଳ ଭାବ ଆଡ଼କୁ ଧାବିତ କରାଇଥିଲା।

ସମୟ ସହିତ ତାଳଦେଇ ଚାଲିବାର ଯୋଗ୍ୟତା ଅଭାବରୁ ମାନସିଂହଙ୍କର ଶିକ୍ଷା ଓ କଳ୍ପନା ହତାଶାରେ ପରିଣତ ହୋଇଛି। ବ୍ୟକ୍ତିଗତ ଜୀବନରେ ହତାଶା, ଚିନ୍ତାଧାରାକୁ ରୂପଦାନ କରିବାରେ ବ୍ୟର୍ଥତା ମଧ୍ୟରେ ସେ ଧର୍ମ ଆଡ଼କୁ ଢଳି ଆସିଛନ୍ତି। ସଂସାରରେ ବଡ଼ ହେବା ପାଇଁ ଯେଉଁ ଭାବନା, କିଛି, ନୂଆ କାମ କରି ନାଁ କମାଇବା ପାଇଁ ଯେଉଁ ଅଭିଳାଷ, ତାଙ୍କ ନିଜସ୍ୱ ଦୃଷ୍ଟିକୋଣରୁ ବ୍ୟର୍ଥ ହୋଇଛି। ମାତ୍ର ସେ ଜୀବନର ଶେଷ ଭାଗ ପର୍ଯ୍ୟନ୍ତ ପ୍ରୟୋଗାତ୍ମକ ଧାରାରେ ଜୀବନ ବିତାଇବାର ଅଭିଳାଷ ତ୍ୟାଗ କରିପାରି ନାହାନ୍ତି। ଅବଶ୍ୟ ମାନସିଂହ ବଡ଼ ହୋଇଛନ୍ତି, ଯଥେଷ୍ଟ ନାମ ଅର୍ଜନ କରିଛନ୍ତି, କବି ତଥା ଶିକ୍ଷାବିତ୍ ଭାବରେ ଓଡ଼ିଶାରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ତଥାପି ତାଙ୍କ ନିଜସ୍ୱ ଦୃଷ୍ଟିକୋଣରୁ ସେ ଆଶାନୁରୂପ ହୋଇପାରି ନାହାନ୍ତି।

ରହସ୍ୟବାଦୀମାନେ ନାନା ସିଦ୍ଧାନ୍ତ ନିଅନ୍ତି, ମାତ୍ର ତାହା ପ୍ରକାଶ କରିବା ପାଇଁ କୌଣସି ବାଟ ନ ପାଇବାରୁ, ସେହି ବ୍ୟର୍ଥତା ଜନିତ ମାନସିକ ସଂକଟ ମଧ୍ୟରେ ଯାହା ପ୍ରକାଶ କରନ୍ତି, ତାହା ରହସ୍ୟମୟ ହୁଏ। ସେମାନେ କଳ୍ପଲୋକର ସଂଧାନ କରୁକରୁ ବାସ୍ତବତାଠାରୁ ଦୂରେଇ ଯାଆନ୍ତି। ବାସ୍ତବତାଠାରୁ ଦୂରେଇଗଲେ ମଧ୍ୟ ଅତୀତ-ଗାଥା, ପ୍ରକୃତି, ଜାତୀୟତା, ପଲ୍ଲୀଜୀବନ ପ୍ରଭୃତିର ନାନା ସ୍ୱୟଂ ସୃଷ୍ଟ ଜଗତ ମଧ୍ୟରେ ବିଚରଣ କରନ୍ତି। ଅଧିକାଂଶ ରହସ୍ୟବାଦୀ କବିମାନଙ୍କ ପରି ମାନସିଂହଙ୍କ ଉତ୍ତର ଜୀବନର କବିତା ଗୁଡ଼ିକ ରହସ୍ୟବାଦୀ ହୋଇ ପଡ଼ିଛି। ହିନ୍ଦୁ ସମାଜର ବୈଷମ୍ୟ ତଥା ବ୍ରାହ୍ମଣ ପୁରୋହିତ ମାନଙ୍କର ଆଚରଣ ଗତ ତ୍ରୁଟିରୁ ସେ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ। ମାତ୍ର ଜୀବନର ଶେଷ ଦଶକରେ ସର୍ବଧର୍ମ ଶାସ୍ତ୍ରଚର୍ଚ୍ଚା ସହିତ ଶ୍ରୀମଦ୍ ଭଗବତ୍‌ଗୀତାର ଆଲୋଚନା, ଧମ୍ମପଦ, ଗୁରୁନାନକ ବାଣୀ, ଗୁରୁ ଗୋବିନ୍ଦ ସିଂହଙ୍କ

ଜୀବନୀ ପ୍ରଭୃତିର ଆଲୋଚନା ସହିତ ଅନ୍ୟାନ୍ୟ ମାନବବାଦୀ ଧର୍ମର ଆଲୋଚନାରୁ ପ୍ରତୀୟମାନ ହୁଏ ଯେ, ମାନସିଂହ ଶେଷ ପର୍ଯ୍ୟନ୍ତ ଧର୍ମର ଅସଲ ମାର୍ଗ ଖୋଜିଛନ୍ତି, କିନ୍ତୁ କୌଣସି ଠାରେ ସ୍ଥିର ସିଦ୍ଧାନ୍ତ ଗ୍ରହଣ କରି ବସି ପାରି ନାହାନ୍ତି ।

ଡକ୍ଟର ମାୟାଧର ମାନସିଂହଙ୍କର ମଧ୍ୟ-ଜୀବନର କବିତା ରହସ୍ୟବାଦ ଓ ଶେଷ-ଜୀବନର କବିତା ତେଜହୀନ ହୋଇଥିଲେ ମଧ୍ୟ, ଜୀବନର ଉତ୍ତରାର୍ଦ୍ଧରେ ରଚିତ ଆଲୋଚନା ଅଧିକ ବଳିଷ୍ଠ ଓ ସେହି ଲେଖାହିଁ ମାନସିଂହଙ୍କ ବୌଦ୍ଧିକ ଚେତନାର ଜ୍ୱଳନ୍ତ ସ୍ୱାକ୍ଷର । ଅନ୍ୟ ଦୃଷ୍ଟିରୁ ବିଚାର କଲେ ମାନସିଂହଙ୍କ ଉତ୍ତର ଜୀବନର କବିତା ବୌଦ୍ଧିକତା ଓ ରହସ୍ୟବାଦର ଜାଲରେ ଛନ୍ଦିହୋଇ ନିଜର ସ୍ୱକୀୟତା ହରାଇଛି ।

ତାଙ୍କର ପ୍ରାଥମିକ ଜୀବନର ଉତ୍କଳୀୟ ପ୍ରୀତି, ମଧ୍ୟ- ଜୀବନର ଭାରତୀୟ ଜାତୀୟତା ଭାବ, ଶେଷ-ଜୀବନରେ କ୍ରମଶଃ ଭିନ୍ନରୂପ ନେଇଛି । ଜୀବନର ଉତ୍ତରାର୍ଦ୍ଧରେ ମାନସିଂହ ଏ ସମସ୍ତ ସଂକୀର୍ଣ୍ଣତା, ଆଞ୍ଚଳିକତାରୁ ମୁକ୍ତ ହୋଇ ଉଦାର ମାନବିକ ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି । ସେତେବେଳେ କବି ମାନସିଂହ ଜଣେ ଚିନ୍ତା-ନାୟକରେ ପରିଣତ ହୋଇଛନ୍ତି ।

ପରବର୍ତ୍ତୀ ଦୁଇଟି ଭାଗରେ କବି ମାନସିଂହ, ଶିକ୍ଷାବିତ୍ ମାନସିଂହ ତଥା ବୁଦ୍ଧିଜୀବୀ ମାନସିଂହଙ୍କର ସମଗ୍ର ସୃଷ୍ଟିର ନିର୍ଯ୍ୟାସରୁ ତାଙ୍କର ବିଚାରଧାରାର ସଂଧାନ କରାଯାଇଅଛି । ବ୍ୟକ୍ତିର ବିଚାରଧାରା- ଅନୁସଂଧାନ କ୍ଷେତ୍ରରେ ସେହି ବ୍ୟକ୍ତିର ସମଗ୍ର ସୃଷ୍ଟି ଅନୁସଂଧାନ ହିଁ ଉପଯୁକ୍ତ ମାର୍ଗ ।

□□

**ପ୍ରାନ୍ତଟୀକା :—**

୧- ମିଶ୍ର, (ଡଃ) ନରେନ୍ଦ୍ରନାଥ—ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ) (୧୯୬୪) ପୃ. ୮୯ ।
୨— ତତ୍ରୈବ—ପୃ.୯୦.
୩— ଆଚାର୍ଯ୍ୟ, (ଅଧ୍ୟାପକ) ବୃନ୍ଦାବନ ଚନ୍ଦ୍ର— ସତ୍ୟବାଦୀ ଯୁଗ (୧୯୭୦) ପୃ.୪୫ ।
୪— ତତ୍ରୈବ— ପୃ.୪୮-୪୯.
୫— ମିଶ୍ର, (ଡଃ) ନରେନ୍ଦ୍ରନାଥ— 'ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ) (୧୯୬୪) ପୃ.୬୫ ।
୬— ଶତପଥୀ, (ଡଃ) ନିତ୍ୟାନନ୍ଦ— 'ସବୁଜରୁ ସାଂପ୍ରତିକ', (୧୯୭୯) ପୃ. ୧୨୨ ।
୭— ମାନସିଂହ (ଡଃ) ମାୟାଧର— ଶିକ୍ଷାବିତ୍‌ର ଗାଥା (୧୯୬୫) ପୃ.୧୭-୧୮.
୮— ମାନସିଂହ ଗ୍ରନ୍ଥାବଳୀ : ଦ୍ୱିତୀୟ ଖଣ୍ଡ (୧୯୬୪)— କମଳାୟନ କାବ୍ୟ—୨୩୨.
୯— ମାନସିଂହ (ଡଃ) ମାୟାଧର— 'ଶିକ୍ଷାବିତ୍‌ର ଗାଥା (୧୯୬୫) ପୃ.-୧୫-୧୫
୧୦— ତତ୍ରୈବ—ପୃ.୮.

୧୧– ମାନସିଂହ ଗ୍ରନ୍ଥାବଳୀ : ତୃତୀୟ ଖଣ୍ଡ (୧୯୭୩) ମାନବ ଗୋପବନ୍ଧୁ, ପୃ. ୫୨୨।

୧୨– ତତ୍ରୈବ।

୧୩– ତତ୍ରୈବ– ପ୍ରଣୟୀ ଗୋପବନ୍ଧୁ, ପୃ-୫୧୬।

୧୪– ଶତପଥୀ (ଡଃ) ନିତ୍ୟାନନ୍ଦ – ସବୁଜରୁ ସାଂପ୍ରତିକ (୧୯୭୯) ପୃ.୧୨୩-୧୨୪।

୧୫– ମାନସିଂହ ଗ୍ରନ୍ଥାବଳୀ ତୃତୀୟଖଣ୍ଡ (୧୯୭୩) ରବୀନ୍ଦ୍ରନାଥ (ପ୍ରବଂଧ) ପୃ ୪୨୦।

୧୬– ଦାସ, (ଡଃ) ଦାଶରଥି– କାବ୍ୟ ସମ୍ବାଦ (ଦ୍ୱିତୀୟ ସଂସ୍କରଣ) ପୃ–୩୩୧।

୧୭– ଶତପଥୀ, (ଡଃ) ନିତ୍ୟାନନ୍ଦ– ସବୁଜରୁ ସାଂପ୍ରତିକ (୧୯୭୯) ପୃ ୨୩୧.

୧୮– ମାନସିଂହ ଗ୍ରନ୍ଥାବଳୀ ତୃତୀୟଖଣ୍ଡ (୧୯୭୩) ରବୀନ୍ଦ୍ରନାଥ (ପ୍ରବନ୍ଧ) ପୃ–୪୨୬.

୧୯– ତତ୍ରୈବ, ପରଧର୍ମ (ପ୍ରବଂଧ) ପୃ–୫୯୪

୨୦– The Writing of Gandhi: A selection
Edited by RONALD DUNCAN
FOUNTANA/COLLINS
Published by Faber and Faber (1983)
University Press Oxford.

# ଦ୍ୱିତୀୟ ଭାଗ

## ଉପକ୍ରମଣିକା

ସୃଷ୍ଟିର ଆଦିମ କାଳରୁ ଏ ପର୍ଯ୍ୟନ୍ତ ଜଗତର କବି, ନାଟ୍ୟକାର, ସଙ୍ଗୀତଜ୍ଞ, ସ୍ଥପତି, ଚିତ୍ରକର ତଥା ଦାର୍ଶନିକ ପ୍ରକୃତିଙ୍କର ଚିନ୍ତା ଓ ଅଭିବ୍ୟକ୍ତିର ମୌଳ ଉତ୍ସ ହେଉଛି ମଣିଷ ଓ ତା'ର ସ୍ୱପ୍ନରାଜି। ଜଗତର ସୃଜନଶୀଳ ସ୍ରଷ୍ଟାଙ୍କର ପ୍ରଥମ ତଥା ସର୍ବଶ୍ରେଷ୍ଠ ଲକ୍ଷ୍ୟ ହେଉଛି ସୌନ୍ଦର୍ଯ୍ୟ ମାଧ୍ୟମରେ ସତ୍ୟର ପ୍ରକାଶ। ଧରଣୀ ବକ୍ଷରେ ବସବାସ କରୁଥିବା ଅସଂଖ୍ୟ ଜୀବଜଗତ ମଧ୍ୟରେ ମଣିଷ ହିଁ ତା'ର ସର୍ଜନ କ୍ଷମତା, ବିଚାର ଶକ୍ତି ଓ ପ୍ରତିଭା ଫଳରେ ଅନ୍ୟମାନଙ୍କୁ ଜୟ କରିବାରେ ସମର୍ଥ ହୋଇ ପାରିଛି। ମଣିଷ ବଞ୍ଚିବାର ଅବରୋଧରୁ ଓ ବିକାଶର ଆକାଙ୍‌କ୍ଷାରୁ ସଂସ୍କୃତିର ସୃଷ୍ଟି। ମାନବିକ ମୂଲ୍ୟବୋଧର ବିକାଶ ପାଇଁ ଶିକ୍ଷାର ସେ ଜନ୍ମଦାତା। ଶିକ୍ଷା ତଥା ସଂସ୍କୃତିକୁ ଓ ଅର୍ଥପୂର୍ଣ୍ଣ କରିବାର ଇଚ୍ଛାକୁ ଏବଂ ନିଜର ଜୀବନକୁ ଅର୍ଥାବହ କରିବା ପାଇଁ କଳା ମାଧ୍ୟମରେ ନିଜର ସ୍ୱପ୍ନ ଓ ସଙ୍ଘର୍ଷକୁ ସେ ରୂପବାନ କରିଛି। ମୋଟ ଉପରେ ସଂସ୍କୃତି, ଶିକ୍ଷା ତଥା କଳାହିଁ ମଣିଷର ନିଜସ୍ୱ ସୃଷ୍ଟି। କିନ୍ତୁ ମଣିଷ ନିଜକୁ, ପ୍ରକୃତିକୁ ତଥା ବିଶ୍ୱସ୍ରଷ୍ଟା ବା ଈଶ୍ୱରଙ୍କୁ ତିଆରି କରିବା ପାଇଁ ସମର୍ଥ ହୋଇନାହିଁ। ଏଣୁ ଆଦିମ କାଳରୁ ମଣିଷ ମଣିଷର ସୃଷ୍ଟି, ସ୍ୱରୂପ, କ୍ରମବିବର୍ତ୍ତନ ସମ୍ପର୍କରେ ନାନା ଦିଗରୁ ବିଚାର ଆଲୋଚନା କରିଆସିଛି ମାତ୍ର। ଏ ବିଚାର ଆଲୋଚନା ମଧ୍ୟଦେଇ ମଣିଷର ଜୀବନ ଯେପରି ବିବର୍ତ୍ତିତ ହୋଇଛି, ସେ ପ୍ରକୃତିର ମଧ୍ୟ କିଛିଟା ପରିବର୍ତ୍ତନ ସାଧନ କରିଛି। ବିଭିନ୍ନ ପ୍ରାକୃତିକ ପରିବେଶରେ ଓ ବିଭିନ୍ନ ସମୟରେ ମଣିଷ ବିଶ୍ୱ-ଶକ୍ତିକୁ ବିଭିନ୍ନ ରୂପ ନେଇ ଦେଖିବାକୁ ଚେଷ୍ଟା କରିଛି। ତଥାପି ସେ ଚିନ୍ତା ଏବେ ମଧ୍ୟ ରହସ୍ୟମୟ ହୋଇ ରହିଛି। ବ୍ୟାପକ ଅର୍ଥରେ ବିଚାର କଲେ ମଣିଷ ଓ ବିଶ୍ୱ-ସ୍ରଷ୍ଟା ହିଁ ଏହି ପ୍ରକୃତିର ଅଂଶ ବିଶେଷ।

ଜଗତର ଏହି ସତ୍ୟ ଯଥା:—ମଣିଷ, ପ୍ରକୃତି ଓ ଭଗବାନ ଏବଂ ଜଗତରେ ଏହି ସିଦ୍ଧାନ୍ତ ଯଥା:— ଶିକ୍ଷା, କଳା ଓ ସଂସ୍କୃତକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର ଆଲୋଚନା କରିବା ହିଁ ସୃଜନଶୀଳ ମାନବର ଲକ୍ଷ୍ୟ। ଏହି ସିଦ୍ଧାନ୍ତର ଅନ୍ତିମ ଆଲୋଚନା ହିଁ କୌଣସି କବି, ଲେଖକ ବା କଳାକାରଙ୍କର ବିଚାରଧାରା।

ସ୍ୱର୍ଗତ ମାୟାଧର ମାନସିଂହ ଜଣେ କେବଳ ପ୍ରମୁଖ କାବ୍ୟ-ସ୍ରଷ୍ଟା ନୁହନ୍ତି, ଜୀବନ ଓ ଜଗତ ସମ୍ପର୍କରେ ତାଙ୍କର ଜିଜ୍ଞାସାବୋଧ ତାଙ୍କ ପ୍ରବନ୍ଧମାନଙ୍କରେ ମଧ୍ୟ ଉତ୍‌କୀର୍ଣ୍ଣ। 'ଧୂପ', 'ହେମପୁଷ୍ପ', 'ମାଟିବାଣୀ', 'କମଳାୟନ' ଓ 'ପୁଷ୍ପିତାର' ରୋମାଣ୍ଟିକ କବି, ଗୀତା ମାହାତ୍ମ୍ୟ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ଆଦି ମୌଳିକ ପ୍ରବନ୍ଧ ଗ୍ରନ୍ଥ

ଗୁଡ଼ିକରେ ଅନବଦ୍ୟ ଚିନ୍ତାର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ତାଙ୍କର ବିଭିନ୍ନ କବିତା ଭିତର ଦେଇ ଆରମ୍ଭ ହୋଇଥିବା ପ୍ରଶ୍ନବାଚୀ, 'ଗୀତା ମାହାତ୍ମ୍ୟ' ଆଦିରେ ଯେଉଁଭଳି ଉତ୍ତରର ସଂଧାନ କରିଛି, ସେପରି ଜୀବନର ଉତ୍ତରଣ ସଙ୍ଗେ ସଙ୍ଗେ ମାନସିଂହଙ୍କ ବିଚାରଧାରାର ମଧ୍ୟ ଉତ୍ତରଣ ଘଟିଛି। ଜଗତ ଓ ଜୀବନର ମୌଳ ସ୍ୱରୂପ ନେଇ ଯେଉଁଭଳି ଭାବରେ ତାଙ୍କର ବିଚାରଧାରା ଅଭିବ୍ୟକ୍ତି ଲାଭ କରିଛି, ତାହା ଏଠାରେ ସୂଚିତ।

# ଚତୁର୍ଥ ଅଧ୍ୟାୟ

## ମଣିଷ

# ମଣିଷ

ବ୍ୟାପକ ଦୃଷ୍ଟିକୋଣରୁ ଦେଖିଲେ ମଣିଷର ବିଶ୍ୱାସର ମୂଳାଧାର ମଣିଷ, ପ୍ରକୃତି ଓ ଭଗବାନ ପ୍ରକୃତିର ଏକ ଅଂଶ ଓ ରୂପାନ୍ତର। କିନ୍ତୁ ବିବର୍ତ୍ତନର ଏକ ପର୍ଯ୍ୟାୟରେ ପହଞ୍ଚିଲା ପରେ ମଣିଷ ପ୍ରକୃତି ଠାରୁ କ୍ରମଶଃ ବିଚ୍ଛିନ୍ନ ହୋଇ ପଡ଼ିଛି। ପ୍ରକୃତି ଠାରୁ ନିଜର ସୀମିତ ସ୍ୱାଧୀନତା ହାସଲ ମଧ କରିଛି। ରେନସାଁ ପରବର୍ତ୍ତୀ ଇଉରୋପ ଓ ଊନବିଂଶ ଶତାବ୍ଦୀପରର ଭାରତୀୟ ସାହିତ୍ୟ, ଦର୍ଶନ, ଧର୍ମ ଆଦି ଶାସ୍ତ୍ରର କୈନ୍ଦ୍ରିକ ବିନ୍ଦୁ ହୋଇ ଉଠିଛି ମଣିଷ। ମଧ୍ୟଯୁଗରେ ବିଜ୍ଞାନ, ଇତିହାସ ଓ ମଣିଷ ସଂକ୍ରାନ୍ତୀୟ ସମସ୍ତ ଜ୍ଞାନ ଧର୍ମର ଅଧୀନ ଥିଲା। କିନ୍ତୁ ଊନବିଂଶ ଶତାବ୍ଦୀ ପରେ, ଅନ୍ତତଃ ଭାରତୀୟ ଚିନ୍ତାରେ ମଣିଷ କ୍ରମଶଃ ନିଜର ଗୁରୁତ୍ୱକୁ ଜାହିର କରିଛି। ମାନସିଂହଙ୍କ ଭଳି ସଚେତନ ବୁଦ୍ଧିଜୀବୀ ତଥା ସାହିତ୍ୟ-ସ୍ରଷ୍ଟା ପ୍ରକୃତି ଓ ଭଗବାନଙ୍କୁ ଅବହେଳା ନ କଲେବି ମଣିଷକୁ ଅସ୍ୱୀକାର କରିବା ପାଇଁ ସମର୍ଥ ହୋଇ ନାହାନ୍ତି।

ମାନସିଂହଙ୍କ ମଣିଷ ସମ୍ପର୍କୀୟ ଧାରଣାକୁ ବିଶ୍ଳେଷଣ କରିବାକୁ ହେଲେ, ତାଙ୍କର ବିଭିନ୍ନ ପୁସ୍ତକରେ ସେ ଦେଇଥିବା ମନ୍ତବ୍ୟକୁ ଅବତାରଣା କରିବାକୁ ହେବ। ମାନସିଂହ ମଣିଷର ସଂଜ୍ଞା ଦେବାକୁ ଯାଇ ଲେଖିଛନ୍ତି:– ''ବିଧାତା ମନୁଷ୍ୟକୁ ଜନ୍ତୁ ମାନଙ୍କ ଅପେକ୍ଷା ଏକ ଅଧିକାକଥା ଦେଇଛନ୍ତି–ତାହା ହେଉଛି ବିବେକ। ବିଚାରର ଚାବୁକ୍ ଧରି ବିବେକ୍ ବସିଛି ଆମ ପ୍ରତ୍ୟେକଙ୍କ ଭିତରେ। ତାର ଚାବୁକ୍‌କୁ ଆମେ ଯେତିକି ସମ୍ମାନ ଦେବା, ସେହି ପରିମାଣରେ ଆମେ ଜନ୍ତୁରୁ ମଣିଷ୍ ହେବା। ଯେଉଁ ପରିମାଣରେ ତା'ର ଚାବୁକକୁ ଖାତିର ନକରି ପ୍ରବୃତ୍ତିର ପ୍ରେରଣାରେ ଭାସିଯିବୁ, ସେହି ପରିମାଣରେ ହେବୁ ମନୁଷ୍ୟରୁ ଜନ୍ତୁ।''(୧)

ମାନସିଂହ ମତାନୁସାରେ: (କ) ମଣିଷ ପଶୁସ୍ତରର ଏକ ଉତ୍ତରଣ– ତା'ର ବିବେକ ଅଛି, ତା'ର ବିକାଶ ଅଛି।

(ଖ) ମଣିଷ ବିଭିନ୍ନ ଜାତି, ଧର୍ମ, ସଂପ୍ରଦାୟରେ ବିଭକ୍ତ ହେଲେ ବି, ଭୌଗୋଳିକ ସ୍ଥିତି ମଣିଷ ଠାରୁ ମଣିଷକୁ ବିଚ୍ଛିନ୍ନ କଲେବି ତା'ର ସର୍ବମାନବୀୟ କୌଳିନ୍ୟ ରହିଛି।

(ଗ) କୌଣସି ଏକ ଅଦୃଶ୍ୟ ବିଧାତାଙ୍କର ସମସ୍ତେ ସନ୍ତାନ ସନ୍ତତି। ଗୋଟିଏ ପରିବାର ଭିତରେ ବଡ଼ସାନ ନିର୍ବିଶେଷରେ ପ୍ରତ୍ୟେକ ସଭ୍ୟର ବଞ୍ଚିବାର ତଥା ଉପଭୋଗ କରିବାର ସର୍ବନିମ୍ନ ଆବଶ୍ୟକତା ରହିଛି। ପରିବାର ଭିତରେ ଦ୍ୱନ୍ଦ୍ୱ ଥିଲାଭଳି, ଏହି ବୃହତ୍ ମାନବ ପରିବାର ମଧ ଦ୍ୱନ୍ଦ୍ୱ ମୁଖର। ଗୋଟିଏ ପରିବାରରେ ସୁଜନ ଏବଂ ଦୁର୍ଜନ ଏକତ୍ର ସହାବସ୍ଥାନ କଲାଭଳି, ବଡ଼ସାନ ଭେଦ ଭାବ ରହିଲା ଭଳି, ମଣିଷ ପରିବାରରେ ମଧ ସେ ବିଭେଦ ରହିଛି।(୨) ଏହି ମାନବ ସମାଜର ସର୍ବଶେଷ ଗାରିମା ପ୍ରକାଶ ପାଏ ମହାପୁରୁଷଙ୍କ ଜୀବନୀ ମାଧମରେ। ମାନସିଂହ ତାଙ୍କ ନିଜ ଜୀବନକାଳ ମଧ୍ୟରେ ଆସିଥିବା ବିଭିନ୍ନ ମହାପୁରୁଷଙ୍କୁ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ

ଦେଖି ସେମାନଙ୍କ ଜୀବନର ସୁଗୁଣାବଳୀକୁ ମଣିଷ ଜୀବନର ଆଦର୍ଶ ଭାବରେ ଉପସ୍ଥାପିତ କରିଛନ୍ତି।

ମାନସିଂହ ଗୋପବନ୍ଧୁଙ୍କ ସମ୍ପର୍କରେ ଆଲୋଚନା କଲାବେଳେ, ମନୁଷ୍ୟ ସମାଜରେ ତିନି ପ୍ରକାର ମଣିଷକୁ ଆଦର ତଥା ସମ୍ମାନ ଦେବା ପାଇଁ ସେ ସୁପାରିଶ କରିଛନ୍ତି; ସେମାନେ ହେଲେ: ସୈନିକ, ଶିକ୍ଷକ ଓ ନନ୍ଦକ। (୩)ପୁନଶ୍ଚ ମାନବିକତାର କବି ମେହେରଙ୍କ ସମ୍ପର୍କରେ ଆଲୋଚନା କଲାବେଳେ ସେ ତିନି ପ୍ରକାର ବ୍ୟକ୍ତିଙ୍କୁ ବରେଣ୍ୟ ବ୍ୟକ୍ତିତ୍ୱ ଭାବରେ ବ୍ୟକ୍ତ କରିଛନ୍ତି; ସେମାନେ ହେଲେ: ସ୍ରଷ୍ଟା ସୈନିକ ଓ ଶିକ୍ଷିକ। (୪) ଅବଶ୍ୟ ପୂର୍ବବର୍ତ୍ତୀ ବିଭାଗୀକରଣ ଓ ପରବର୍ତ୍ତୀ ବିଭାଗୀକରଣରେ ଖୁବ୍‌ଗୋଟାଏ ତଫାତ୍ ନାହିଁ। ମାତ୍ର ମାନସିଂହ ଜୀବନର ଉତ୍ତରାର୍ଦ୍ଧରେ ମାନବିକ ଶ୍ରେଷ୍ଠତ୍ୱର ମାନଦଣ୍ଡକୁ ପାଞ୍ଚ ଗୋଟି ଦୃଷ୍ଟିକୋଣରୁ ବିଚାର କରିଥିବାର ଦେଖାଯାଏ। ଯଥା:— (କ) ପ୍ରତିଭା, (ଖ) ସାଧନା, (ଗ) ତ୍ୟାଗ, (ଘ) ଐଶ୍ୱର୍ଯ୍ୟମୟ ବ୍ୟକ୍ତିତ୍ୱ (ଙ) ସାଧୁତା।(୫)

ଉପରୋକ୍ତ ତିନି ଶ୍ରେଣୀର ମଣିଷକୁ ଆଦର ତଥା ସମ୍ମାନ କରିବାର କାରଣ ସ୍ୱରୂପ ମାନସିଂହ ଦର୍ଶାଇଛନ୍ତି ଯେ, ସୈନିକ ପୂର୍ବର କ୍ଷତ୍ରିୟ ବା ମଧ୍ୟଯୁଗୀୟ ଇଉରୋପର ନାଇଟ୍ ସାଧାରଣ ବୀରପୁରୁଷ, ଯେଉଁମାନେ କି ଦୁର୍ବଳକୁ, ଦେଶକୁ ଓ ଧର୍ମକୁ ନିଜର ପ୍ରାଣ ବିପନ୍ନ କରି ରକ୍ଷା କରିବାକୁ ଯାଆନ୍ତି। ଏ କାମ କେବଳ ଅସ୍ତ୍ରଶସ୍ତ୍ର ବା ମାଂସପେଶୀର ଦୃଢ଼ତା ଘେନି ସମ୍ଭବ ହୋଇ ନଥାଏ। ପୃଥିବୀର ଯିଏ ଯେଉଁଠି ଅନ୍ୟାୟର ପ୍ରତିବାଦରେ ଠିଆ ହୁଏ, ସେହି ଜାଣ ଏକ ସୈନିକ।(୬) ବୀରର ସଂଜ୍ଞା ପ୍ରକାଶ କରି ମାନସିଂହ କହନ୍ତି:—" ଯେଉଁ ଗୌରବ ମନୁଷ୍ୟର ରକ୍ତରେ ଅଭିଷିକ୍ତ ଏବଂ ଯେଉଁ ଆନନ୍ଦ ମନୁଷ୍ୟର ଦୁଃଖରୁ ଜାତ, ତାହା ଘୃଣ୍ୟ। ଯେ ଖୁବ୍ ହଣାହଣି କରିପାରେ ସେ ଗୋଟିଏ ସିପାହୀ, ସେ ବୀର ନୁହେଁ। ବୀର ବୃଥା ନାଶ କରେ ନାହିଁ; ବରଂ ନିଜେ ନଷ୍ଟ ହୋଇଯାଏ ମାନବର ମଙ୍ଗଳ ପାଇଁ।"(୭) ସେହିପରି ପ୍ରବୃତ୍ତିର ସ୍ରୋତରେ ନିଜକୁ ଭସାଇ ନେଉଥିବା ମଣିଷକୁ ଟାଣିଆଣି ସଦ୍‌ମାର୍ଗ, ସଚ୍ଚିନ୍ତା, ସତ୍କର୍ମ କଣ ତାହା ବତେଇ ଦେବା ପାଇଁ ଯେଉଁମାନେ ପ୍ରୟାସ କରନ୍ତି, ସେମାନେ ହେଲେ ଶିକ୍ଷକ। ମାନସିଂହଙ୍କ ତୃତୀୟ ପ୍ରକାର ମଣିଷ ହେଲେ ନନ୍ଦକ। ଗାୟକ, ବାଦକ, ନଟ, ଭାଟ ପ୍ରମୁଖ ନନ୍ଦକମାନେ ମଣିଷକୁ ପ୍ରତ୍ୟକ୍ଷ ଭାବରେ ଆନନ୍ଦ ପ୍ରଦାନ କରୁଥିବାରୁ ଏ ଶ୍ରେଣୀକୁ ମାନସିଂହ ସମ୍ମାନ ଦିଅନ୍ତି। ତାଙ୍କ ବିଭାଗୀକରଣରେ ସ୍ରଷ୍ଟା ବା କବି ହିଁ ଆନନ୍ଦ ପ୍ରଦାନକାରୀ ନନ୍ଦକ ଶ୍ରେଣୀର। ମାନସିଂହଙ୍କର ଏହି ବିଭାଗୀକରଣ ସଂକୀର୍ଣ୍ଣ ଆଞ୍ଚଳିକତାରେ ସୀମାବଦ୍ଧ ନୁହେଁ। ସେ କହିନ୍ତି:—"ସାଧୁ ସେ ଯେଉଁ ଜାତିର ହେଉନା କାହିଁକି ମୋର ନମସ୍କରଣୀୟ। ମନୁଷ୍ୟର ଶ୍ରେଷ୍ଠତ୍ୱ ଯେ କେବଳ ସୃଷ୍ଟିରେ ଏ କଥା ଆମେ ବରାବର ଭୁଲିଯାଉ; ମନୁଷ୍ୟ ଓ ଇତର ପ୍ରାଣୀମାନଙ୍କ ମଧ୍ୟରେ ଏଇଠାରେ ପାର୍ଥକ୍ୟ"(୮) ମାନସିଂହଙ୍କର ସମଗ୍ର ସୃଷ୍ଟି ଅନୁଧ୍ୟାନ କଲେ, ସେ ମଣିଷର ସ୍ୱରୂପକୁ ମୁଖ୍ୟତଃ ଉପର୍ଯ୍ୟୁକ୍ତ ତିନୋଟି ଭାଗରେ ଚିତ୍ରଣ କରିଥିବାର ଜଣାଯାଏ।

## ବିବର୍ତ୍ତନ:—

ମଣିଷର ସୃଷ୍ଟି ତଥା ବିବର୍ତ୍ତନ ସମ୍ପର୍କରେ ମାନସିଂହଙ୍କ ଧାରଣା ବିଭିନ୍ନ ସମୟରେ ପରିବର୍ତ୍ତିତ ହୋଇଥିବା ଲକ୍ଷ୍ୟ କରାଯାଏ। 'ନଷ୍ଟନୀଡ଼' ନାଟକରେ ସୃଷ୍ଟିର କଳ୍ପନା ପାଇଁ ପାର୍ଶି ଧର୍ମଗୁରୁ ଜରାଥୃଷ୍ଟଙ୍କ ମତ ଗ୍ରହଣ କରିଛନ୍ତି। ସେହି ମତ ଅନୁସାରେ ଏ ସୃଷ୍ଟି ଦୁଇଟି ବିରାଟ ଶକ୍ତିର ରଣକ୍ଷେତ୍ର। ଗୋଟିଏ ଭଗବାନ, ଗୋଟିଏ ସଇତାନ। ଏ ଦୁଇ ଶକ୍ତିର ସଂଗ୍ରାମ ଯୁଗ ଯୁଗ ଧରି ଚାଲିଛି। 'ଅନ୍ୱେଷଣ' ଉପନ୍ୟାସରେ ମଣିଷର ସୃଷ୍ଟି ସମ୍ପର୍କରେ ମାନସିଂହ ବିସ୍ମୟ ପ୍ରକାଶ କରିଛନ୍ତି। ଆଦି ପୁରୁଷ କିଏ, ଏକ ବିରାଟ ପ୍ରଶ୍ନବାଚୀ ମଧ୍ୟରେ ରହିଯାଇଛି। ମାତ୍ର ମଣିଷ ସଭ୍ୟତାର ବିକାଶରେ ମାନସିଂହ ଆଦିମାନବ କୃଷକ ଗୋଷ୍ଠୀର ବୋଲି ସିଦ୍ଧାନ୍ତ କରିଛନ୍ତି। ଅବଶ୍ୟ କୃଷକ ହେବା ପୂର୍ବରୁ ମଣିଷ ଜଙ୍ଗଲରେ ଏକ ଜୀବ ମାତ୍ର ଥିଲା। ପଶୁମାନଙ୍କ ପରି ଶିକାର କରିବାକୁ ଯାଇଥିଲା। ଶିକାର ପାଇଲେ ବଞ୍ଚୁଥିଲା, ନ ହେଲେ ମରୁଥିଲା। କୃଷି ହିଁ ମଣିଷର ଭ୍ରାମ୍ୟମାଣ ଲକ୍ଷ୍ୟହୀନ ଜୀବନକୁ ସ୍ଥିର ପ୍ରତିଷ୍ଠିତ କରି ସଭ୍ୟତାର ଅଗ୍ରଗତିରେ ସାହାଯ୍ୟ କଲା। କୃଷି ସଭ୍ୟତା ସାମାଜିକ ସ୍ତରରେ ପହଞ୍ଚିଲା ପରେ ସମାଜରେ ସତ୍ୟ ଓ ଜ୍ଞାନ ଚକ୍ଷୁ ବଞ୍ଚେଇ ରଖିବା ପାଇଁ ବ୍ରାହ୍ମଣ, କ୍ଷେତ୍ରକୁ ରକ୍ଷା କରିବା ପାଇଁ କ୍ଷତ୍ରିୟ ଉତ୍ପନ୍ନ ଦ୍ରବ୍ୟ ବିନିମୟ ପାଇଁ ବୈଶ୍ୟ ଓ ସମାଜସେବାକାରୀ ଭାବରେ ଶୁଦ୍ର ସୃଷ୍ଟି ହେଲା। ବିବର୍ତ୍ତନ ସମ୍ପର୍କୀୟ ଚିନ୍ତାଧାରାର ସ୍ୱଷ୍ଟରୂପ ପ୍ରକାଶ ପାଇଛି ମାନସିଂହଙ୍କ ଅନ୍ୟତମ ସୃଷ୍ଟି 'କମଳାୟନ' କାବ୍ୟରେ। ମାନସିଂହଙ୍କ ମାନସପୁତ୍ର କମଳଲୋଚନ ମହାପାତ୍ରର ଉକ୍ତି ମାଧମରେ ମଣିଷର ସୃଷ୍ଟି ସମ୍ପର୍କରେ ସେ ନିଜର ମତାମତ ଉପସ୍ଥାପନ କରିଛନ୍ତି। ଏଥିପାଇଁ 'କମଳାୟନ' କାବ୍ୟରେ ଏକ ତର୍କ ପ୍ରତିଯୋଗିତା କରାଯାଇଛି। ତର୍କ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା: ମାନବ ସମାଜ ପ୍ରତି ଡାରୱିନ୍‌ଙ୍କ ବିବର୍ତ୍ତନ ପ୍ରଯୁଜ୍ୟ କି ନୁହେଁ। ଡାରୱିନ୍‌ଙ୍କ ବିବର୍ତ୍ତନବାଦ ସମ୍ପର୍କରେ ଯୁକ୍ତି ଦେଖାଇବାକୁ ଯାଇ, ବିଭିନ୍ନ ବାଦର ଉପସ୍ଥାପନ ଓ ଅନ୍ତିମ ସିଦ୍ଧାନ୍ତ ମାନସିଂହ ପ୍ରଦାନ କରିଛନ୍ତି। ସୃଷ୍ଟି ସମ୍ପର୍କୀୟ ବିବର୍ତ୍ତନ ପାଇଁ କବି ଜୟଦେବଙ୍କ ଦଶାବତାର, ବାଲ୍ମୀକି ରାମାୟଣ ଅନୁସାରେ ବାନରରୁ ନରସୃଷ୍ଟିର ଯୁକ୍ତି ମଧ୍ୟ ଆସିଛି। ଭାରତୀୟ ପୁରାଣ ଅନୁସାରେ ବ୍ରହ୍ମାଙ୍କର ବିଭିନ୍ନ ଅଙ୍ଗରୁ ମାନବ ସମାଜ ଜାତ ବୋଲି ଯୁକ୍ତି ଉପସ୍ଥାପନ କରାଯାଇ ସେ ଯୁକ୍ତିକୁ ଅସ୍ୱୀକାର କରାଯାଇଛି।

ଡାରୱିନ୍‌ଙ୍କ ମୂଳତତ୍ତ୍ୱ ଅନୁସାରେ ବଞ୍ଚିବା ପାଇଁ, ଆବେଷ୍ଟନୀକୁ ସୁହାଇଲା ଭଳି ଜୀବ ନିଜକୁ ନିଜେ ବଦଳାଏ ଓ ଆତ୍ମରକ୍ଷା ପାଇଁ ତାର ଆବେଷ୍ଟନୀକୁ ମଧ ପରିବର୍ତ୍ତନ କରେ। ସେହି ଅନୁସାରେ ମଣିଷର ମସ୍ତିଷ୍କ ଓ ସଭ୍ୟତା ସୃଷ୍ଟି ହୋଇଛି। ପ୍ରକୃତିରୁ ସୃଷ୍ଟି ହୋଇଥିବା ମଣିଷ ଆଜି ପ୍ରକୃତିର ଶତ୍ରୁ ପାଲଟିଛି। ଏ ପ୍ରକାର ଯୁକ୍ତି ଜଣେ ବିଜ୍ଞାନ ଛାତ୍ର ଦ୍ୱାରା ପ୍ରଦାନ କରାଯାଇଛି। ମାନସିଂହଙ୍କ କମଳଲୋଚନ ପୂର୍ବ ଯୁକ୍ତିକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ସେଥିରେ କେତେକ ସଂଶୋଧନ ଆଣିଛନ୍ତି। ମାନସିଂହଙ୍କ ଯୁକ୍ତି: ବିଜେତା କ'ଣ ଚିର ଉପାସ୍ୟ? ସଂଘର୍ଷ କ'ଣ ଜୀବନର ଏକମାତ୍ର ଲକ୍ଷଣ? ଭୋଗ ବିଳାସ କ'ଣ ମନୁଷ୍ୟର ଶ୍ରେଷ୍ଠ ଆଚରଣ? ମନୁଷ୍ୟ ସେହି ଗତାନୁଗତିକ ପ୍ରାକୃତିକ କ୍ରିୟା ଉପରେ ନିର୍ଭର କଲେ, ଏ ସୃଷ୍ଟି ଏବେ ବଞ୍ଚି ନଥାନ୍ତା, କେବଳ

ସଂଘର୍ଷହିଁ ଲାଗିଥାନ୍ତା। ମଣିଷ କେବଳ ପ୍ରକୃତି ସୃଷ୍ଟ ନୁହେଁ, ପ୍ରକୃତି ମଧରେ ପ୍ରଚ୍ଛନ୍ନ ଭାବରେ ଦେବତ୍ୱ ରହିଛି। ପ୍ରକୃତିରେ ମନୁଷ୍ୟ ମଧ୍ୟରେ ଯେତେବେଳେ ସ୍ୱାର୍ଥର ନାଶ ହୋଇ ପରାର୍ଥର ବିକାଶ ହୁଏ, ସେତେବେଳେ ବିବର୍ତ୍ତନରୁ ସୃଷ୍ଟି ଆସେ। ପଶୁତ୍ୱରୁ ଦେବତ୍ୱକୁ କ୍ରମ ଉନ୍ନୟନରେ ସୃଷ୍ଟିର ବିବର୍ତ୍ତନ ସମ୍ଭବ ହୋଇଛି। ପ୍ରାଚୀନ ଭାରତର ମୁନି ଋଷିମାନଙ୍କର ଉଦାହରଣ ଦେଇ ସେ କହିଛନ୍ତି ଯେ, ଡାରଓ୍ୱିନ୍‌ଙ୍କ ମତ ଅନୁସାରେ ଭୋଗ ଓ ସଂଘର୍ଷରୁ ସୃଷ୍ଟିର ଉଦ୍ଭବ ସମ୍ଭବ ନୁହେଁ। ବିକାଶରେ ଦେବତ୍ୱର ଆବିର୍ଭାବ ହୋଇ ସୃଷ୍ଟି ସମ୍ଭବ ହୋଇଛି।(୯)

## ଏକକ ମଣିଷ ଜୀବନର କ୍ରମବିକାଶ:

ପ୍ରେମ ଓ ଯୌବନର କବି ଡ଼କ୍ଟର ମାୟାଧର ମାନସିଂହଙ୍କ ସୃଷ୍ଟିରେ ମଣିଷ ଜୀବନର କ୍ରମବିକାଶର ଛବି ବିରଳ। କବି ମାନସିଂହ 'ପ୍ରାଚୀନ ଓଡ଼ିଆ କାବ୍ୟ' (ଅଗଷ୍ଟ,୧୯୩୨) ର ଆଲୋଚନା ସମୟରେ ପ୍ରାଚୀନ କାବ୍ୟ କବିତାକୁ ଯେଉଁ ଦୃଷ୍ଟିରୁ ସମାଲୋଚନା କରିଥିଲେ, ନିଜର ସୃଷ୍ଟିରେ ସେସବୁକୁ ସେ ଅତିକ୍ରମ କରିଛନ୍ତି ବୋଲି ମନେହୁଏ ନାହିଁ। ସେ ଭଂଜ ଓ ଭଂଜାନୁଗ ଓଡ଼ିଆ କବିମାନଂକର କାବ୍ୟକୁ ଏକ ପ୍ରାସାଦବାସିନୀ ରାଜରାଣୀ ଭାବରେ କଳ୍ପନା କରିଥିଲେ। "ସେ ପ୍ରାସାଦର ଅଂଗନ କର୍ପୂର ରଜରେ ବିଛୁରିତ, ଟଭାଫଳ ଖୋସା ଚେଙ୍ଗୀ, . . . ବିରହ ଛଡ଼ା ସେଠାରେ ବେଦନା ନାହିଁ, ପ୍ରେମାଶ୍ରୁ ଛଡ଼ା ସେଠାରେ ଅଶ୍ରୁ ନାହିଁ, କ୍ରୋଧ କେବଳ ଅଭିମାନରେ ପର୍ଯ୍ୟବସିତ।" (୧୦) ଇତ୍ୟାଦି ଇତ୍ୟାଦି। ମାନସିଂହଂକ କାବ୍ୟ କବିତାରେ ପ୍ରେମର ଯେପରି ବ୍ୟାପକ ବର୍ଣ୍ଣନା ରହିଛି, ସେ ଦୃଷ୍ଟିରୁ ବିଚାରକଲେ ମାନସିଂହ ନିଜ ଆଲୋଚନାକୁ ସାର୍ଥକ କରିଥିବାର ଜଣାଯାଏ ନାହିଁ। ଏ ସଂପର୍କରେ ପରେ ଅଲୋଚନା କରାଯାଇଅଛି। ମାତ୍ର ମଣିଷ ଜୀବନର କ୍ରମ ବିକାଶରେ ଶୈଶବ, ଯୌବନ, ବାର୍ଦ୍ଧକ୍ୟ କ୍ରମରେ ବିଚାର କଲେ, ମାନସିଂହଂକ ସାହିତ୍ୟସୃଷ୍ଟିରେ ସେଭଳି କ୍ରମର ଚିତ୍ର ବିରଳ।

ବୈଷ୍ଣବ କବିମାନେ ବାତ୍ସଲ୍ୟ ରସର ଅବତାରଣା ପାଇଁ, ଟାଣି ଓଟାରି ଶ୍ରୀକୃଷ୍ଣଂକର ବାଲ୍ୟଲୀଳା ବର୍ଣ୍ଣନା କରୁଥିଲେ; ମାତ୍ର 'ଜେମା', 'କମଳାୟନ' ପ୍ରଭୃତି କାବ୍ୟ ଓ କେତେକ କବିତାରେ ବାଲ୍ୟଚିତ୍ର ପ୍ରଦାନର ପ୍ରଭୂତ ସୁଯୋଗ ଆସିଥିଲେ ମଧ୍ୟ, ମାନସିଂହ ଶୈଶବାବସ୍ଥା ବର୍ଣ୍ଣନା ପ୍ରତି ଧ୍ୟାନ ଦେଇନାହାନ୍ତି। ବରଂ କାବ୍ୟର ବିଭିନ୍ନ ପର୍ଯ୍ୟାୟରେ ବାର୍ଦ୍ଧକ୍ୟକୁ କେବଳ ଭୟ କରିନାହାନ୍ତି, ବାର୍ଦ୍ଧକ୍ୟ ନାମ ଶୁଣିବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ଏ ସମସ୍ତ ଗତାନୁଗତିକତା ସତ୍ତ୍ୱେ କେତେକ ସ୍ଥାନରେ ମାନସିଂହଂକ ଲେଖାରେ ବ୍ୟତିକ୍ରମ ଦେଖିବାକୁ ମିଳେ।

'ଧୂପ'ର ଉଦ୍ଦାମ ପ୍ରେମ ବର୍ଣ୍ଣନା 'ହେମଶସ୍ୟ'ର ଶାନ୍ତ ହୋଇ ଆସିଲା ପରେ, ପ୍ରେମିକ କବି ସ୍ୱାମୀ ରୂପରେ ଓ ପରେ ଜନକ ଭାବରେ ପରିବର୍ତ୍ତିତ ହୋଇଛନ୍ତି। 'ନବଜନନୀ' ଓ 'ନାରୀର ଅଧିକାର'ରେ ସନ୍ତାନ ଜନ୍ମ ପରର ଅବସ୍ଥା ତଥା ଶିଶୁ ସଂପର୍କରେ କେବଳ ସୂଚନା ପ୍ରଦାନ କରାଯାଇଛି। କିନ୍ତୁ ପୂର୍ବ-ଗଡ଼ଜାତ ସମୂହର ଶିକ୍ଷା

ପରାମର୍ଶଦାତା ଭାବରେ ସମ୍ବଲପୁରରେ ଅବସ୍ଥାନ କାଳରେ, କବିଂକର ପ୍ରିୟ କନ୍ୟା 'ପଦ୍ମାଶ୍ରୀ'ର ଅକାଳ ମୃତ୍ୟୁ ହିଁ କବିଂକୁ ଦାରୁଣ ବ୍ୟଥା ଦେଇଛି। ସେହି ବ୍ୟଥାରୁ ଜନ୍ମ ନେଇଛି କବିଂକ ବ୍ୟଥାଜର୍ଜର ପ୍ରାଣର ଆଲେଖ୍ୟ– କେତୋଟି କାଳଜୟୀ କବିତା: 'ମୋ ଧନରେ', 'ଯାଇଛି ସେ,' ଶିଶୁର ଦାନ', 'ରୂପାନ୍ତର'। ଏହା ବ୍ୟତୀତ 'ମୁଁ ଅଛି, ମୁଁ ଅଛି', 'ନିଃସହାୟ' ଓ 'କିଶୋର କବିତା' (୧୧) ପୁସ୍ତକର କେତୋଟି କବିତାରେ ଶିଶୁ ସମ୍ପର୍କରେ ସାମାନ୍ୟ ସୂଚନା ମାତ୍ର ରହିଛି। ମୋଟ ଉପରେ, ମାନସିଂହ, ମାନବଶିଶୁ ତଥା କିଶୋର ସମୟର ସ୍ପଷ୍ଟ ପ୍ରତିଫଳନ ପ୍ରଦାନ କରିବାରେ ସଫଳତା ଲାଭ କରିପାରି ନାହାନ୍ତି।

ମାନବ ଜୀବନର ପରବର୍ତ୍ତୀ ଅବସ୍ଥା ଯୌବନ। ଏହି ଯୌବନର ଗାଥା ଗାଇବାରେ ମାନସିଂହଂକ କାବ୍ୟ କବିତା ଯେପରି ରସୋଚ୍ଛଳ, ଯୌବନ ସଂପର୍କରେ ତାଂକ ମତ ସେପରି ପ୍ରଣିଧାନ ଯୋଗ୍ୟ। ''ଯୌବନ, ଧନୀ–ଦରିଦ୍ର ନିର୍ବିଶେଷରେ ସକଳ କିଶୋର କିଶୋରୀଂକି କରିଦିଏ ରାଜପୁତ୍ର ରାଜକନ୍ୟା, ଅନ୍ତତଃ କିଛି କାଳ ପାଇଁ। ମାଟିର ପୃଥିବୀ ସ୍ୱର୍ଗ ହୋଇ ଉଠେ। ଜୀବନର ପ୍ରଥମ ଓ ପ୍ରଧାନ ଆକର୍ଷଣ ହୁଏ, ଏହି ରାଜପୁତ୍ର ରାଜକନ୍ୟାର ଦଳ ପରସ୍ପରକୁ କିପରି ପାଇବେ। ତା' ନ ହେଲେ ଏ ଜୀବନ ଯେ ବୃଥା।'' (୧୨)

ଏହି ଉଦ୍ଦାମ ବୟସରେ ମାନସିଂହଂକ ତରୁଣ କବି ମନ ସବୁ କିଶୋରୀଂକ ଚିବୁକ ଧରି, ରସିକ ପରି ବୁଲିବାର କଳ୍ପନା କରେ, ଅସରା ଚାଂଦିନୀ ଯାମିନୀରେ ରାଧାର କୋମଳ ଜଘନ ଉପରେ ଜୀବନ ମରଣକୁ ସପନ କରି ଭୁଲିଯିବାର କାମନା କରେ। ଇରାନୀକିଶୋରୀର ଗୁଲ ବଦନକୁ ନ ପାଶୋରିବା ପାଇଁ ପ୍ରାଣ ଅହରହ ବିକଳ ହୋଇ ଉଠେ। ଯୁଗ୍ମବେଣୀର ଶୋଭା, ଦ୍ରାକ୍ଷା ସୁକୋମଳ ଟଳମଳ ଅଧରରୁ ଝରୁଥିବା ବୟସର ବିଷକୁ ପାନ କରିବା ପାଇଁ ମାନସିଂହଂକ କବି ପ୍ରାଣ ଚଞ୍ଚଳ ହୋଇ ଉଠିଛି। ଯୁବକର ପ୍ରାଣ ଅସରନ୍ତି ପ୍ରେମର ଭଣ୍ଡାର। ଜଣକୁ ପ୍ରାଣ ସମର୍ପଣ କଲେ ସେ ଭଣ୍ଡାର ଶେଷହୁଏ ନାହିଁ। (୧୩) ଏହିପରି ଚିନ୍ତା କରୁଥିବା କବି ପ୍ରାଣ ୧୯୩୩ ମସିହା ବେଳକୁ, ନାରୀ ଓ ପୁରୁଷର ମଧ୍ୟରେ ପ୍ରେମର ବିନିମୟ କଥା ଚିନ୍ତା କରିଛି। ''ପ୍ରେମର ବିନିମୟ ହେଲେ, ପୁରୁଷ ଇଚ୍ଛାକରେ ନାରୀକୁ ରାଣୀକରି ତାର ପଦସେବା କରିବ। ନାରୀ ଇଚ୍ଛା କରେ ପୁରୁଷକୁ ଦେବତା କରି ତା'ର ସେବାକାରିଣୀ ଦାସୀ ହେବ। ଉଭୟର ଏହି ଅହଂ ବିନାଶରେ, ପ୍ରେମ ପ୍ରତିଷ୍ଠା ଲାଭ କରେ, ଜୀବନ ସୁଖମୟ ହୁଏ। ଏହି ଶାଶ୍ୱତ ଭାବ ମାନବ ହୃଦୟରେ ଥିବାରୁ, ସମାଜ ତିଷ୍ଠି ପାରିଛି। ଗୃହ ପରିବାରର ପବିତ୍ର ପରିଧି ମଧ୍ୟରେ ମାନବ ଜାତି ବଢ଼ି ଆସିଛି। ଏହି ଭାବର ଅଭାବରୁ ପାଶ୍ଚାତ୍ୟ ଜଗତରେ ଆଜି ବିଭ୍ରାଟ ଘଟୁଛି। ଏ ଦେଶରେ ବହୁ ନାରୀ ଓ ପୁରୁଷମାନଂକ ସମ୍ବନ୍ଧର ଏହାହିଁ ଆଦର୍ଶ। ନାରୀ ଗୃହକର୍ମରେ, ସେବାରେ ଦାସୀ; ହୃଦୟରେ ରାଣୀ– ଏହି ମହାଭାବ କି ସୁଂଦର ଭାବରେ ବିକଶିତ ହୋଇଛି।''(୧୪)

ଭାରତୀୟ ଦୃଷ୍ଟିକୋଣରୁ ଏହିଭଳି ଆଦର୍ଶ ଗୃହସ୍ଥ—ଜୀବନର ବାଣୀ ପ୍ରଚାର କରିଥିବା କବି ମାନସିଂହ ବାର୍ଦ୍ଧକ୍ୟକୁ ପ୍ରବଳ ଭୟ କରିଛନ୍ତି। କବି ଇରାନୀ କିଶୋରୀର ଶେଷ ଜୀବନରେ, ଜରାର ନୃତ୍ୟ—ଭୂମି, ଶିଥିଳ—ଚର୍ମ, ପକ୍ୱ—କେଶକୁ କଳ୍ପନାରେ ମଧ୍ୟ ଦେଖିବାକୁ ସାହସ କରି ନାହାନ୍ତି। ଇରାନୀ—କିଶୋରୀର ଜରାଗ୍ରସ୍ତ ରୂପକୁ ଦୂରରୁ ଜୁହାର କରି କହିଛନ୍ତି :—

"ତେଣୁ ଗୋ ବିଦେଶିନି,
ଘନ—ନୀଳ— କେଶିନି
ଧବଳ—କେଶେ ଦେଖା ପାଇଁ ମୋ,
ତିଳେ ହେଁ ଅଭିଳାଷ ନାହିଁ ଗୋ;
ମୋ ପାଇଁ ଥାଅ ଚିର କିଶୋରୀ ସୁତରଳା,
ଅଧରେ ହଳାହଳ, ନୟନେ ବାଣ ଛଡ଼ା,
ଚରଣେ ଚିର ନାଟ
ମରମେ ପ୍ରୀତି ହାଟ
ଅଂଗ ପ୍ରତି ଲୋମେ କଟାରୀ,
ହେ ସଖି! ମୁଁ ସେ ରୂପ ଭିଖାରୀ" (୧୫)

ଜୀବନ ଚକ୍ରରେ ବାର୍ଦ୍ଧକ୍ୟ ଆସିବା, ଦିବା—ରାତ୍ରି ଭଳି ସତ୍ୟ ହେଲେ ମଧ୍ୟ ଯୌବନର କବି ବାର୍ଦ୍ଧକ୍ୟରେ ମଧ୍ୟ ଯୌବନକୁ ଖୋଜିଛନ୍ତି। ଜୀବନର ଉତ୍ତରାର୍ଦ୍ଧରେ (୧୯୬୨) ଚିନ୍ତାନାୟକ ମାନସିଂହଙ୍କ ବକ୍ତବ୍ୟ ଏ ଦୃଷ୍ଟିରୁ ଆହୁରି ସ୍ପଷ୍ଟ :—"ଫୁଲଟା ଶୁଖି ଝଡ଼ିଯାଏ; କିନ୍ତୁ ତା' ସମ୍ବନ୍ଧରେ ବଡ଼ କଥା ଶୁଖି ଝଡ଼ି ଯିବାଟା, ନା' ସେ ଦିନେ ଫୁଟି ଧରଣୀକି ଗନ୍ଧ ଓ ରୂପରେ ମୁହୂର୍ତ୍ତକ ଲାଗି ହସେଇ ଦେଇ ଥିବାଟା? ମନୁଷ୍ୟ ଜୀବନରେ ରୂପ ଓ ଯୌବନ କ୍ଷଣସ୍ଥାୟୀ; ଏଥିରେ ଦ୍ୱିମତ ନାହିଁ। କିନ୍ତୁ ଦିନେ ଶୁକ୍ଳ—କେଶ, ସ୍ଥବିର ବୃଦ୍ଧ ହେବି ବୋଲି, ଆଜିର ଯୁବକ ଓ ଯୁବତୀଙ୍କୁ ତାଙ୍କର ପ୍ରାଣର ପ୍ରାଚୁର୍ଯ୍ୟ ଉପଭୋଗ କରିବାକୁ ତାଂକୁ ବିରୋଧ କରିବାରେ କି' ଯୁକ୍ତି ଅଛି? ଆଉ ଜୀବନରେ ଶୁକ୍ଳକେଶ ଓ ସ୍ଥବିରତ୍ୱ ହିଁ ସଂଜ୍ଞ ଯୌବନର ଅସ୍ତୁ, ଆନନ୍ଦ ଓ ଆବେଗ ପ୍ରଭୃତି ଅପରାଧ, ଏହା ସତ୍ୟର ଯେପରି ଅପଳାପ, ସେହିପରି କ୍ଷତିକାରକ। ଯେଉଁ ଦେଶରେ ସନ୍ନ୍ୟାସ ଓ ବୈରାଗ୍ୟ ଆଦର୍ଶ ବୋଲି ଆଜି ଧରା ହେଉଛି, ସେଠି ରାଜଯୋଗ ଓ ଆୟୁର୍ବେଦ ଭିତର ଦେଇ, ଜରା ବିନାଶ କରି ଯୌବନକୁ ଚିରସ୍ଥାୟୀ କରିବାର ପ୍ରଚେଷ୍ଟା କିପରି ଆସିଲା? କବିତାରେ ଓ କଳାରେ ଠିକ୍ ଏହି ପ୍ରଚେଷ୍ଟା ହିଁ ପ୍ରକାଶ ପାଇଛି। ଆମେ ଦେଖୁ ଯେ ମନୁଷ୍ୟ ବାରାବର ଚେଷ୍ଟାକରି ଆସୁଛି, ତା'ର ଚିର ପଳାୟମାନ ଆନନ୍ଦ ମୁହୂର୍ତ୍ତଗୁଡ଼ିକୁ ସେ ସାହିତ୍ୟ ଓ କଳାରେ କିପରି ବାନ୍ଧି ପାରିବ।" (୧୬)

କବି ବାର୍ଦ୍ଧକ୍ୟକୁ ଅସ୍ୱୀକାର କରି ନାହାନ୍ତି, ମାତ୍ର ବାର୍ଦ୍ଧକ୍ୟର ସେହି ବେଦନା—ଦାୟକ ମୁହୂର୍ତ୍ତକୁ ଚିନ୍ତାକରି ଯୌବନର ସ୍ୱପ୍ନ ହିଁ ଦେଖିଛନ୍ତି। 'ଅନୂଢ଼ା' କବିତାରେ କବିଙ୍କ ଗ୍ରାମର କାଞ୍ଚନ ଅପାର ଅସହାୟ ନିଃସଂଗ ଜୀବନ ସଂପର୍କରେ ବର୍ଣ୍ଣନା ରହିଛି। ସେ

ସଂପର୍କରେ କବିଙ୍କ ମନରେ ଅନେକ ପ୍ରଶ୍ନବାଚୀ; ନାରୀ ଯୌବନରେ ସ୍ୱପ୍ନ ସାଗରରେ ବୁଡ଼ି ରହିଥାଏ, ମାତ୍ର— କାଞ୍ଚନ ଅପା (?)

"ବୟସର ବିଷ— ଡାକ ନ ଶୁଣିଲ,. ଶୋଇ ନିଶା— ଶେଯେ;

ତରୁଣୀର ନିଶା—ସ୍ୱପ୍ନ ଭୁଲିଗଲ କ୍ଷୁଦ୍ର ଶିଶୁ ପରି;" (୧୭) କାଞ୍ଚନ ଅପାର ଜୀବନରେ, ଯୌବନର ଆବେଦନ ବଧୂର ଅଳତା ନାହିଁ, ଶିଶୁର ମାତା ହେବାର ସୌଭାଗ୍ୟ ଆସି ନାହିଁ। ଏ ଧରଣୀ କାଞ୍ଚନ ଅପା ପାଇଁ ନିରର୍ଥକ। ତଥାପି ସେ ବଞ୍ଚି ରହିଥିଲେ, ସେ କଥା ମାନବ ପ୍ରେମୀ କବି ପ୍ରାଣକୁ ବ୍ୟଥିତ କରିଥିଲା।

ଭକ୍ତକବି ମଧୁସୂଦନଙ୍କ ଦୃଷ୍ଟିରେ ବାର୍ଦ୍ଧକ୍ୟର ସଂଜ୍ଞା:— "ନୁହେଁ ବୃଦ୍ଧ ସେହି ଜନ ଶୁକ୍ଳକେଶ ଅଟେ' ଯା'ର ଶିର, ଯୌବନ ଯେ ଜ୍ଞାନେ ରତ ଦେବେ ତାକୁ ବୋଲନ୍ତି ସ୍ଥବିର।" (୧୮) ପରି କବି ମାନସିଂହ ବାର୍ଦ୍ଧକ୍ୟର ସ୍ୱରୂପ ସଂପର୍କରେ ଏକ ଚମତ୍କାର ମନ୍ତବ୍ୟ ପ୍ରଦାନ କରିଛନ୍ତି। ତାଂକ ମତରେ:— "ଯୌବନର ଉଦ୍ଦାମତା ପରେ ଏପରି ଗୋଟିଏ ସମୟ ଆସେ, ଯେତେବେଳେ ମନୁଷ୍ୟ ତା'ର ଚାରି ପାଖରେ ଘଟଣା ଓ ବସ୍ତୁ ସମ୍ବନ୍ଧରେ ପ୍ରଶ୍ନ କରିବାକୁ ଆରମ୍ଭ କରେ। ଏ ଜୀବନ କ'ଣ? ଜୀବନର ଉଦ୍ଦେଶ୍ୟ କ'ଣ? ଏ ସୃଷ୍ଟି କିଏ କଲା? ମୃତ୍ୟୁ କ'ଣ? ଏ ସବୁ ପ୍ରଶ୍ନ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତିର ମନରେ ଉଦିତ ହୁଏ। ଯୌବନ ଆମ୍ଭମାନଙ୍କ ଆଖିରେ ଗୋଟିଏ ମାୟା ଅଂଜନ ଲାଗାଇ ଦିଏ, ତାହାଯୋଗୁ ଏହି ଧୂଳିମୟ, କଠିନ ସଂସାର ନାଟ୍ୟଶାଳା ପରି ମନୋହର ଦେଖାଯାଏ। ଯୌବନର ଉଚ୍ଛୃଙ୍ଖଳ ଦିନ ଯେତେବେଳେ ଶେଷ ହୋଇ ଆସେ, ଯେତେବେଳେ ସତ୍ୟ କ୍ରମେ ଅବତୀର୍ଣ୍ଣ ହୁଏ, ସେତେବେଳେ ଉପରର ପ୍ରଶ୍ନ ଗୁଡ଼ିକ ସ୍ୱତଃ ମନରେ ଜାଗ୍ରତ ହୁଏ। ଯେଉଁମାନେ ଯୌବନ ପରେ ଏପରି ପ୍ରଶ୍ନ ସବୁ ନିଜକୁ ପଚାରନ୍ତି ଓ ତାର ଉତ୍ତର ପାଇଁ ବ୍ୟାକୁଳ ହୁଅନ୍ତି, ସେହିମାନେହିଁ ପ୍ରକୃତ ମନୁଷ୍ୟ। ଏମାନଙ୍କ ସଂଖ୍ୟା ସବୁ କାଳରେ ଓ ସବୁ ଦେଶରେ ଅଳ୍ପ।"(୧୯)

## ମଣିଷ ସଂପର୍କୀୟ ଚେତନାର ବିକାଶ : (ଏକ)

ଜୀବ ଜଗତରେ ମଣିଷର ହିଁ ସମାଜ ଓ ସଂସ୍କୃତି ରହିଛି। ମାନବେତର ପ୍ରାଣୀମାନେ ଗୋଷ୍ଠୀଗତ ଜୀବନଯାପନ କରୁଥିଲେ ହେଁ, ସେମାନଂକର ସାମାଜିକ ତଥା ସାଂସ୍କୃତିକ ଜୀବନ ପରିଲକ୍ଷିତ ହୁଏ ନାହିଁ। ଖାଦ୍ୟ ଆହରଣ, ଆତ୍ମରକ୍ଷା, ବା ଅନ୍ୟକେତେକ ସାଧାରଣ କର୍ମପାଇଁ ମାନବେତର ପ୍ରାଣୀମାନେ ସଂଘବଦ୍ଧ ଭାବରେ ଜୀବନ ଅତିବାହିତ କରନ୍ତି। ମାନବର ଅବସ୍ଥା କିନ୍ତୁ ଭିନ୍ନ। ଗୋଷ୍ଠୀବଦ୍ଧ ଜୀବନରେ ତା'ର କେବଳ ଶାରୀରିକ ଐକ୍ୟ ନଥାଏ, ଚୈତନ ଜଗତରେ ମଣିଷ ନାନା କ୍ରିୟାକର୍ମ ସଂପାଦନ କରିଥାଏ। ମଣିଷ ସମାଜ ମଧ୍ୟରେ ଦିବ୍ୟଦ୍ରଷ୍ଟା, ସ୍ରଷ୍ଟା ତଥା ଚିନ୍ତାନାୟକମାନେ ମଣିଷ ସମ୍ପର୍କରେ ନାନା ଚେତନାର ପରୀକ୍ଷା ନିରୀକ୍ଷା କରି ମଣିଷ ସମାଜକୁ ମାର୍ଗ ପ୍ରଦର୍ଶନ କରାଇଥା'ନ୍ତି। ମୂଳତଃ ଏକକ ବା ବିଚ୍ଛିନ୍ନ ମଣିଷର କର୍ମ ପ୍ରବାହ ମଧ୍ୟରୁ ନୁହେଁ, ଗୋଷ୍ଠୀବଦ୍ଧ

ମଣିଷର କ୍ରିୟା ପ୍ରତିକ୍ରିୟା ମଣିଷ ବିକାଶର କାରଣ। ତେଣୁ ଆପଣାକୁ ମଣିଷ ସେତିକିବେଳେ ଅଧିକ ଆବିଷ୍କାର କରି ପାରିଛି, ଯେତେବେଳେ ବ୍ୟକ୍ତିକ ଚେତନାର କ୍ରମ–ସଂପ୍ରସାରଣ ଘଟିଛି।

## ସାମାଜିକ ଚେତନା : ପରିବାର

ମାନସିଂହ ପାଶ୍ଚାତ୍ୟ ପରିବାରର ଶୃଙ୍ଖଳାକୁ ସମ୍ମାନ ପ୍ରଦର୍ଶନ କରୁଥିଲେ ମଧ୍ୟ, ଭାରତୀୟ ସମାଜର ଏକାନ୍ନବର୍ତ୍ତୀ ପରିବାରର ଗୁଣଗାନ କରିଛନ୍ତି। ତାଂକ ମତରେ ଯଦି ଏ ଧରାରେ ସ୍ୱର୍ଗ ବୋଲି କିଛି ଥାଏ, ତେବେ ତାହାହିଁ ସୁଖି ପରିବାର ମଧ୍ୟରେ ସମ୍ଭବ ଏବଂ "ଯଦି ସୁଖମୟ ଗାର୍ହସ୍ଥ୍ୟ ଜୀବନର ଆକାଙ୍‌କ୍ଷା ଥାଏ, ତେବେ ପ୍ରତ୍ୟେକ ଯୁବକ ଆଦର୍ଶ ସ୍ୱାମିତ୍ୱ ଓ ପିତୃତ୍ୱ ପାଇଁ ନିଜକୁ ପ୍ରସ୍ତୁତ କରି ରଖିବା ଉଚିତ। ନିଜର ସୁଖ ପାଇଁ, ବଳିଷ୍ଠ ଓ ନିଷ୍କଳଂକ ବ୍ୟକ୍ତିତ୍ୱପାଇଁ, ଭବିଷ୍ୟତ ସଂଗିନୀର ଶାନ୍ତିପାଇଁ ପ୍ରତ୍ୟେକ ଯୁବକକୁ ବଳିଷ୍ଠ, ସଂଯତ ଓ ଚରିତ୍ରବାନ ରହିବାକୁଇ ହେବ।" (୨୦) ଭକ୍ତକବି ମଧୁସୂଦନଂକ ସୁଖୀ ପରିବାରର ସଂଜ୍ଞା ହେଲା, :–

'ବୈକୁଣ୍ଠ ସମାନ ଆହା ଅଟେ କେହି ଘର,

ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର' (୨୧) କବି ମାନସିଂହ ସେହି ମନ୍ତବ୍ୟ ସହିତ ସହମତ ହୋଇ କହନ୍ତି :– "ସ୍ୱାମୀ–ସ୍ତ୍ରୀ, ବାପ–ପୁଅ, ଭାଇ–ଭାଇ, ଭାଇ–ଭଉଣୀର ସଂପର୍କ ଯେଉଁଠି ମାଧୁର୍ଯ୍ୟମୟ, ସେଇଠି ହିଁ ଧରା ସ୍ୱର୍ଗ।" (୨୨). ଉତ୍ତମ ପରିବାର ମଣିଷକୁ ଯେଭଳି ସାମାଜିକ କରେ, ତା'ର ଚେତନାକୁ ଶାଣିତ ଓ ମାର୍ଜିତ କରି ତାକୁ ଉତ୍ତମ୍ ନାଗରିକରେ ପରିଣତ କରେ। ପରିବାର ଭାରତୀୟ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶର ଚାବିକାଠି।

## ନାରୀର ଭୂମିକା:–

ମାନସିଂହଂକ ସାହିତ୍ୟରେ ମଣିଷ ଜୀବନର ଯୌବନ ତଥା ପ୍ରେମ ଯେପରି ପ୍ରାଧାନ୍ୟ ଲାଭ କରିଛି, ପରିବାର ମଧ୍ୟରେ ନାରୀର ଭୂମିକା ସେହିପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲାଭ କରିଛି। ମାତ୍ର ଏଠାରେ ଲକ୍ଷ୍ୟ କରିବାର କଥା ଯେ, ନାରୀ ସଂପର୍କରେ ମାନସିଂହଂକ ଧାରଣା ଶେଷ ଜୀବନରେ ସମାନ ରହିନି ଅର୍ଥାତ ସେ ନାରୀକୁ ଆଦ୍ୟ ଜୀବନ ଓ ମଧ୍ୟ ଜୀବନରେ ଯେଉଁ ଦୃଷ୍ଟିରେ ଦେଖିଛନ୍ତି, ଉତ୍ତର ଜୀବନରେ ତାଂକର ମନ୍ତବ୍ୟ ଭିନ୍ନ ରୂପ ନେଇଛି। ଏହାର ଅନ୍ତରାଳରେ ତାଂକର ପାରିବାରିକ ଜୀବନର ଛାପ ପଡ଼ିଥିବାର ଅନୁମାନ କରାଯାଇପାରେ।

ମାନସିଂହଂକ ଦୃଷ୍ଟିରେ ନାରୀ ଏକ ଉଦ୍ୟାନ। ଯତ୍ନ ଓ ଇଚ୍ଛାଥିଲେ, ସେ ଉଦ୍ୟାନରେ ପ୍ରତ୍ୟହ ନୂତନ ନୂତନ ଫୁଲ ଫୁଟେ। ଯେଉଁ ନାରୀ ନାରୀତ୍ୱର ଏହି ଗୁହ୍ୟ ମନ୍ତ୍ର ଆୟତ୍ତ କରିପାରିଛନ୍ତି, ତାଂକ ନିକଟରେ ଜଣେ ପୁରୁଷ ଏକାନ୍ତ ଅନୁଗତ ହୋଇ ରହିବା କଥା ବଡ଼କଥା ନୁହେଁ। (୨୩) ନାରୀ ପ୍ରକୃତିର ଶ୍ରେଷ୍ଠତମ ବିକାଶ। ଫୁଲର କୋମଳତା ଓ ସୌନ୍ଦର୍ଯ୍ୟ ଠାରୁ ଝଡ଼ ଓ ଭୂମିକମ୍ପର ଅକରୁଣ ରୁଦ୍ରତା ପର୍ଯ୍ୟନ୍ତ, ପ୍ରକୃତିର ସକଳ

ବିଭବ ନାରୀଠାରେ ସୂକ୍ଷ୍ମ ଭାବରେ ପୁଂଜିଭୂତ। ସେଇଥି ପାଇଁ ହିଁ ନାରୀ ଏପରି ଲୀଳାମୟୀ। ନାରୀ ସୁଂଦରୀ ହୁଏ ସୃଜନ ପାଇଁ, ପୁଣି ତୋଫାନ ହୁଏ ତା'ର ନିଜ ସୃଷ୍ଟି ସଂସାରକୁ ନିୟନ୍ତ୍ରିତ କରିବା ପାଇଁ। (୨୪)

ପାରିବାରିକ ଜୀବନରେ ନାରୀହିଁ କୁଟୁମ୍ବର କେଂଦ୍ର, ସେହିହିଁ କୁଟୁମ୍ବର ଶାସନକର୍ତ୍ତ୍ରୀ ଓ ବିନାଶିକା। ସେ ଏକାଧାରାରେ ଘରର ମା', ଶିକ୍ଷୟିତ୍ରୀ, ଧାତ୍ରୀ, ଅର୍ଥମନ୍ତ୍ରୀ, ଓ ଖାଦ୍ୟମନ୍ତ୍ରୀ। କୁଟୁମ୍ବ ହିଁ ନାରୀର ସାମ୍ରାଜ୍ୟ, ସେହି ଛୋଟ ସାମ୍ରାଜ୍ୟ ଭିତରୁ ବିରାଟ ଜାତି ଗଢି ଉଠିଛି। ଲେଖକ ବିଭିନ୍ନ ସ୍ଥାନରେ ବିବାହିତ ଜୀବନରେ ଗୃହିଣୀର ପ୍ରାଧାନ୍ୟ ସ୍ୱୀକାର କରିଛନ୍ତି। ବିବାହିତ ଜୀବନର ଶାନ୍ତି ନାରୀର ସାମ୍ରାଜ୍ୟ। ସେ ସାମ୍ରାଜ୍ୟରେ ସେ ହିଁ ରାଜା, ସେ ହିଁ ମନ୍ତ୍ରୀ, ଅର୍ଥ, ଶିକ୍ଷା, ସ୍ଥାନୀୟ ଶାସନ, ନିୟମ ଶୃଙ୍ଖଳା, ଖାଦ୍ୟ, ବାସ ସବୁ ବିଭାଗର ମନ୍ତ୍ରୀ ସେ। ନାରୀ ଜନ୍ମରୁ ସ୍ୱୟଂସିଦ୍ଧା। ଏଣୁ ତାର ପ୍ରକୃତିରେ ପରିବର୍ତ୍ତନ ଆଣିବା କଠିନ ବ୍ୟାପାର।

ନାରୀର ସୌଂଦର୍ଯ୍ୟ କେବଳ ରୂପରେ ନୁହେଁ, ଗୁଣରେ ମଧ୍ୟ ମହକି ଉଠେ। ଦାଂପତ୍ୟ ଜୀବନରେ ରୂପ ନଥାଇ ଗୁଣ ଥିଲେ ହେଁ ଜୀବନ ସୁଖମୟ ହୋଇପାରିବ। ମାନସିଂହଂକ ମତରେ :— "ନବବଧୂର ରୂପ ଥିଲେ ତ କଥା ନାହିଁ, ତା ନଥିଲେ ମଧ୍ୟ ସେବା, କର୍ମଠତା, ଚରିତ୍ର, ଘରକରଣା, ସୁଶୀଳ ସ୍ୱଭାବ ପ୍ରଭୃତିରେ ପୁରୁଷର ବହୁ ପଥଧାବୀ ଚିତ୍ତ କ୍ରମେ ଏକ ପଥର ଆଶ୍ରୟ ନିଏ।" (୨୫) ଇତିହାସରେ ଯେଉଁ ନାରୀମାନେ ବରେଣ୍ୟା ହୋଇଛନ୍ତି, ସେମାନେ ହୋଇଛନ୍ତି ଏଇ ସବୁ ଗୁଣ ଯୋଗୁଁ, ରୂପ ଯୋଗୁଁ ନୁହେଁ। ପ୍ରତ୍ୟେକ ପ୍ରତିଭାବନ୍ତ ପୁରୁଷ ମଧ୍ୟ ରୂପ ଅପେକ୍ଷା ନାରୀର ଏଇ ଗୁଣ ପ୍ରତି ଆକୃଷ୍ଟ ହୋଇଥା'ନ୍ତି। (୨୬)

ମାନସିଂହ, ସ୍ୱଳ୍ପକାଳ ଇଂଲଣ୍ଡରେ ଅବସ୍ଥାନ କରି ଓ ପାଶ୍ଚାତ୍ୟ ଚଳଣୀ ସଂସ୍ପର୍ଶରେ ଆସି ନାରୀ ସ୍ୱାଧୀନତାକୁ ପ୍ରାଧାନ୍ୟ ଦେଇଛନ୍ତି। ସେ ନାରୀମାନଂକୁ ଗୃହ ବଂଧନରେ ବାଂଧି ରଖିବାର ପକ୍ଷପାତି ନୁହନ୍ତି। ସେ ଭାବନ୍ତି, ନାରୀ ସ୍ୱାଧୀନତା ନ ପାଇଲେ ସମାଜର ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ। ତାଂକ ଭାଷାରେ :— "ମାନବିକ ସମାଜ ପ୍ରିୟା ଓ ଜନନୀ ଏଇ ଦୁଇ ବିନ୍ଦୁକୁ କେଂଦ୍ରକରି ଘୁରୁଛି ଏବଂ ସେହିମାନଂକ ସଂପର୍କରେ, ପ୍ରଭାବରେ କୋଟି କୋଟି ଛୋଟ ଗୋଷ୍ଠୀ ଗଢି ଉଠିଛି, ଯେଉଁଠି ଅନ୍ତତଃ ମନୁଷ୍ୟ ଜାନୁୟାରୀ ନୁହେଁ ଏବଂ ଯେଉଁଠି କୌଣସି ରାଷ୍ଟ୍ରର ଅକ୍ଟୋପାସ୍ ସାମାଜିକ ମାଧୁର୍ଯ୍ୟକୁ ଶୋଷି ଦେଇ ପାରିବ ନାହିଁ।" (୨୭)

ଜୀବନର ଶେଷ ପାହଚରେ ମାନସିଂହ ନାରୀ ସଂପର୍କରେ ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି ବୋଧହୁଏ ତାଂକର ଜୀବନର ଏହାହିଁ ନିଚ୍ଛକ ବାଣୀ। 'ଶିକ୍ଷାବିତ୍‌ର ଗାଥା' ରେ ମେହେର କଲେଜର ବହି କିଣା ସଂପର୍କରେ ମନ୍ତବ୍ୟ ଦେବାକୁ ଯାଇ କହିଛନ୍ତି:— "ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଯାହା କରୁଛୁ; ତାହା ବିଷୟରେ ସଂପୂର୍ଣ୍ଣ ସଂଜ୍ଞା ରହିବା ଉଚିତ, କାରଣ ପ୍ରତ୍ୟେକ ମୁହୂର୍ତ୍ତର କର୍ମ ବା ଚିନ୍ତାରେ ଆମେ ଭବିଷ୍ୟତର ସୁଖ ଦୁଃଖର ବୀଜବପନ କରି ଚାଲିଛୁ ଏବଂ ପାଠକେ, ତୁମ ଭିତରୁ ଯିଏ ଉଚ୍ଚତର

ବା ପୂର୍ଣ୍ୟତର ଜୀବନାଭିଳାଷୀ ଉନପମଦନ ହତ ସୀନ ପଦଳକୁ ମାନୁଷ୍ୟ ଭିତରେ କାମିନୀର କାଞ୍ଚନ– ସଂପୃକ୍ତ ଅଶୁଚି ପ୍ରାୟ ସହାବାସ୍ଥାନ କରନ୍ତି। ନାରୀର ଧନ ଲିପ୍ସା-ତା'ର ସନ୍ତାନ ପିପାସା ଠାରୁ ସାମାନ୍ୟ କମ୍ ମାତ୍ର। . . . ପୁଣି ଏସବୁ ଯେ କହୁଛି, ତା' ଜୀବନ, ନାରୀ ଜନର, କାବ୍ୟ ମହିମା ଯୁକ୍ତ ପ୍ରଣୟରେ ଉତ୍ପ୍ଲାବିତ ହୋଇଛି। କିନ୍ତୁ ପ୍ରକୃତି ଅପୂର୍ଣ୍ଣ, ଠିକ୍ ସେହି କାରଣରୁ ହିଁ ହୁଏତ ମନୋହର" (୨୮) ଜୀବନର ସଂଧ୍ୟାରେ ଲେଖା ହୋଇଥିବା 'ଗୀତା ମହାତ୍ମ୍ୟ'ରେ ନାରୀ ରସନା ପ୍ରତି ମାନସିଂହଙ୍କର ବାକ୍ୟବାଣ ଆହୁରି ନିର୍ମମ। ସେ ଭାବନ୍ତି, ପରିବାର ତଥା ସମାଜ ମଧ୍ୟରେ ନାନା ଅଶାନ୍ତିର କାରଣ ହିଁ ନାରୀ। "ତେଣୁ ଜାତି ଜାତିର ଯୁଦ୍ଧ, ଆଉ ପତି ପତ୍ନୀର ଦ୍ୱଂଦ୍ୱ ଦୁଇଟି ସଂପୂର୍ଣ୍ଣ ଭିନ୍ନରୀତି ଉପରେ ସମ୍ଭବ ଓ ପରିଚାଳିତ ହେଉଛି ବୋଲି ଆମେ ବିଶ୍ୱାସ କରିବା କି? ଆମେ କ'ଣ କହି ପାରିବା କି, ତରବାରୀର ଆଘାତ, ରଣଭୂମିରେ ଆଉ ରାଜପଥରେ ସଂପୂର୍ଣ୍ଣ ଭିନ୍ନ ଅନୁଭୂତି ସୃଷ୍ଟି କରିବ? ଯେ କୌଣସି ସୈନିକ ଓ ସେନାପତି କହିବେ ଯେ ଘରେ ପୋଷା ହୋଇଥିବା ନାରୀ ରସନାର ଆଘାତ ଓ ହଳାହଳର ଜ୍ୱାଳା କୌଣସି ଶତ୍ରୁର ଗୁଳା ବା ତୀରର ଆଘାତ ବା ଜ୍ୱାଳା ଅପେକ୍ଷା ନ୍ୟୂନତର ନୁହେଁ, ବରଂ ସର୍ବଦ୍ର ଓ ସବୁ ଅବସ୍ଥାରେ ଅଧିକ ମର୍ମବିଦାରକ।" (୨୯) ଏ ମନ୍ତବ୍ୟ ପରେ ମାନସିଂହଙ୍କର ନାରୀ ସଂପର୍କରେ ଧାରଣାର ଅଧିକ ଆଲୋଚନା ଅନାବଶ୍ୟକ।

## ସାମାଜିକ ବୈଷମ୍ୟ:–

ସାମାଜିକ ବୈଷମ୍ୟ ସଂପର୍କରେ ମାନସିଂହଙ୍କ ଲେଖନୀ ସର୍ବଦା ବିଦ୍ରୋହ କରି ଆସିଛି। ଧନିକ ଶ୍ରେଣୀ ପ୍ରତି ଘୃଣା ସହିତ ପୁରୋହିତ ସଂପ୍ରଦାୟପ୍ରତି ଚରମ ତାସଲ୍ୟଭାବ ସେ ପ୍ରଦର୍ଶନ କରିଛନ୍ତି। ଭଗବାନଙ୍କ ସଂପର୍କରେ ମାନସିଂହଙ୍କ ଧାରଣା ଯାହା ହେଉନା କାହିଁକି; ତାଂକ ମତରେ ଭଗବାନ ଓ ମଣିଷ ମଧ୍ୟରେ ଏକ ଅନାବଶ୍ୟକ ମଧ୍ୟସ୍ଥର ଆବଶ୍ୟକତା ନାହିଁ। ଏହି ମଧ୍ୟସ୍ଥ– ପୁରୋହିତ, ମୁଲ୍ଲା, ପାଦ୍ରୀ– ଗୋଷ୍ଠୀଧର୍ମ ନାମରେ ସମାଜର ସାଧାରଣ ମଣିଷମାନଙ୍କୁ ଶୋଷଣ କରି ଚାଲନ୍ତି। ଯୁଗ ଯୁଗ ଧରି ଏହି ସାମାଜିକ ଶୋଷଣ ଚାଲି ଆସିଛି। ଗୌତମ ବୁଦ୍ଧଙ୍କ ପରି ମାନବବାଦୀ ଧର୍ମ ପ୍ରଚାରକମାନେ ଏହି ଅନ୍ୟାୟର ବିରୋଧ କରି ଆସିଥିଲେ। ସାମାଜିକ ବୈଷମ୍ୟପ୍ରତି କବି ରାଧାନାଥଙ୍କ ଶରନିକ୍ଷେପକୁ ସମର୍ଥନ କରି ମାନସିଂହ କହିନ୍ତି:– "ମନୁଷ୍ୟ ଭାବରେ ମନୁଷ୍ୟ ପ୍ରତି ଯେଉଁଠି ଅନ୍ୟାୟ ଓ ଅପମାନ ଘଟିବା ରାଧାନାଥଙ୍କ ଆଖିରେ ପଡ଼ିଛି, ସେ ସେଠି ହାତ ପଂକାଇଛନ୍ତି ତାଂକ ତୂଣୀରରେ ଏବଂ ଅକୁଣ୍ଠିତ ଭାବରେ ଫିଙ୍ଗିଛନ୍ତି ତୀକ୍ଷ୍ଣଶର ମୂଢ଼ ଅନ୍ୟାୟକାରୀ ଓ ଅତ୍ୟାଚାରୀ ପ୍ରତି। ଏହି ହିଁ ପ୍ରକୃତ ପ୍ରତିଭାର ଲକ୍ଷଣ। ପ୍ରକୃତ ପ୍ରତିଭା ଜାଣେ ନାହିଁ, ସାମୟିକ କ୍ଷମତାବାନ୍‌ର ମନଜାଣି କଥା କହିବା ବା ଅନ୍ୟାୟକୁ ମୁଣ୍ଡପାତି ମାନିନେବା। ସମଗ୍ର ବିଶ୍ୱ ସାହିତ୍ୟରେ ଏ କାମ ସବୁ ମଂଦ କବି ବା ସାହିତ୍ୟିକ ଯଶପ୍ରାର୍ଥୀ ଷଡ଼ଯନ୍ତ୍ରକାରୀ ଦଳର, ଯେଉଁମାନେ ପ୍ରକୃତ ପ୍ରତିଭାବାନ ଲୋକର

ପଙ୍କେ ପଙ୍କେ ରେଖା ଦେଇଥା'ନ୍ତି ଯୁଗେ ଯୁଗେ ପ୍ରତି ଦେଶ ଓ ଭାଷାରେ।" (୩୦) ମାଟିର ମହାକବି ସାରଳା ଦାସ, ତାଂକ ସୃଷ୍ଟିରେ ଅବହେଳିତ ଜନତା ପ୍ରତି କରୁଣା, ସମବେଦନା, ସଂଗେସଂଗେ ବିରାଟ ଆଦିବାସୀ ଜନତା ପ୍ରତି ସମ୍ମାନ ତଥା ଗୌରବ ପ୍ରଦର୍ଶନ କରିଥିବାରୁ, ମାନସିଂହ ଶୂଦ୍ରକବି ସାରଳା ଦାସଂକ ପାଦରେ ପ୍ରଣତି ଢାଳିଛନ୍ତି।

ଚିନ୍ତାନାୟକ ମାନସିଂହଂକର ଜ୍ଞାନ ପ୍ରତି ଅନାଦର ନାହିଁ; ଜ୍ଞାନ ଓ ପାଣ୍ଡିତ୍ୟ ବ୍ୟାଜରେ ମଣିଷ ଯେତେବେଳେ ସେସବୁ ନିକଟରେ ଅନାଦୃତ ତଥା ଅତ୍ୟାଚାରିତ ହୋଇଛି, ସେତେବେଳେ ସେ ପ୍ରତିବାଦ କରିଛନ୍ତି। ମହାଭାରତ ତଥା ବୌଦ୍ଧ ଯୁଗରେ ପଣ୍ଡିତମାନେ ଜ୍ଞାନର ଗଭୀର ତତ୍ତ୍ୱ ନେଇ ବ୍ୟସ୍ତ ଥିଲାବେଳେ, ଭାରତର ସାଧାରଣ ମନୁଷ୍ୟ ପ୍ରଥମେ ଅବହେଳିତ ହୋଇଛି। ତାଂକ ମତରେ :—"ବ୍ରାହ୍ମଣ ବେଦାଧ୍ୟୟନ କଲା, କ୍ଷତ୍ରିୟ ବ୍ରାହ୍ମଣକୁ ଡକାଇ ବ୍ୟୟ-ବହୁଳ ଯଜ୍ଞ କରାଇ ସନ୍ତୁଷ୍ଟ ରହିଲା। ପଣ୍ଡିତ ଜ୍ଞାନୀମାନେ ତତ୍ତ୍ୱ ନେଇ ବିତଣ୍ଡା କଲେ। କିନ୍ତୁ ଭାରତର ସାଧାରଣ ନିରକ୍ଷର ଅଜ୍ଞ ମନୁଷ୍ୟର ଧର୍ମ ଜୀବନ ପାଇଁ କେହି ଭାବୁଥିଲେ କି? ଭାରତବର୍ଷର ମାଟିରେ ତତ୍ତ୍ୱ ଜିଜ୍ଞାସାର ସମସ୍ତ ଧ୍ୱନି ଭିତରେ ଆମେ କେବଳ ଦୁଇଟି ବିରାଟ ପୁରୁଷଂକୁ ଆମପରି ସାଧାରଣ ମନୁଷ୍ୟ ପାଇଁ ଚିନ୍ତା କରିବାର ଦେଖୁ, ସେ ଦୁହେଁ ହେଉଛନ୍ତି, ଶାକ୍ୟ ଗୌତମ ଓ ଯାଦବ ଶ୍ରୀକୃଷ୍ଣ।" (୩୧) ଲେଖକ ଅନୁଭବ କରିଛନ୍ତି ଯେ, "ସାଧାରଣ ମନୁଷ୍ୟ ଶକ୍ତି ବା ପାୱାରର ଉପାସକ, ଗୁଣର ବା ପ୍ରତିଭାର ନୁହେଁ। ସବୁ ଦେଶ ସମାଜ ଓ କାଳରେ ସେଥିପାଇଁ ଜନତା ମୁଣ୍ଡ ନୁଆଁଏ ଧନ, କ୍ଷମତା ଓ ଶାରୀରିକ ବଳ ନିକଟରେ। ଧନ ଶାସନଦଣ୍ଡ ଓ ଜୈବସାମର୍ଥ୍ୟ, ଏ ପ୍ରତ୍ୟେକଟି ଶକ୍ତିର ଦ୍ୟୋତକ।" (୩୨) ଏଇଥି ପାଇଁ ଭାରତୀୟ ହିନ୍ଦୁମାନେ ଯୁଗଯୁଗ ଧରି ସମାଜର ଗୋଟିଏ ବର୍ଗକୁ ଦଳିତ ଅବସ୍ଥାରେ ରଖି ଆସିଥିଲେ, ଯେଉଁମାନଂକୁ ବାପୁଜୀ ସେ ଅଂଧକାର ଅବସ୍ଥାରୁ ଉଦ୍ଧାର କଲେ। ମାନସିଂହଂକ ପ୍ରାଣ ଏଥିପାଇଁ ବାପୁଜୀଂକ ପାଦରେ ପ୍ରଣତି ଢାଳିଥାଏ।

**ଆର୍ଥନୀତିକ ଚେତନା:—**

ମାନବବାଦୀ କବି ମାନସିଂହଂକର ହୃଦୟ ସମାଜର ରହିଥିବା ଆର୍ଥନୀତିକ ବୈଷମ୍ୟ ଯୋଗୁଁ ବ୍ୟଥିତ ହୋଇଛି। ମାତ୍ର ପ୍ରଚାରଧର୍ମୀ ସାମ୍ୟବାଦୀ କବିଂକ ପରି ସେ ମାରି ହାଣି ସବୁ ସମତୁଲ କରିବାର ସ୍ୱର ଉଠାଇ ନାହିନ୍ତି। ଚିନ୍ତାରେ ସେ ବାପୁଜୀଂକ ପ୍ରବର୍ତ୍ତିତ ସାମ୍ୟବାଦର ଥିଲେ ଉପାସକ। କମ୍ୟୁନିଷ୍ଟମାନଂକୁ ସେ ଘୃଣା ଭାବରେ ଦେଖିଛନ୍ତି। ତାଂକ ମତରେ:— "ଅଷ୍ଟାଦଶ ଶତାବ୍ଦୀରେ ଫରାସୀ ରାଷ୍ଟ୍ରବିପ୍ଳବ ପରେ ମାନବବାଦ ସମଗ୍ର ଇଉରୋପୀୟ ଚିନ୍ତାକୁ ଆକ୍ରାନ୍ତ କଲା। ଏଇ ମାନବବାଦର ଚରମ ପରିଣତି କମ୍ୟୁନିଜମ୍।" ମାତ୍ର ମାନସିଂହ କହନ୍ତି:— 'ମୋ ନିଜ ବ୍ୟକ୍ତିତ୍ୱରେ ମନୁଷ୍ୟତେ ବ୍ୟକ୍ତିଗତ ସ୍ୱାଧୀନତା ଅପହାରକ କମ୍ୟୁନିଜମ୍ ପ୍ରତିଧ୍ୱନି ସୃଷ୍ଟିକରି ପାରିନାହିଁ।' (୩୩) କାରଣ କମ୍ୟୁନିଷ୍ଟମାନେ ସମଗ୍ର ଜଗତବାସୀଂକୁ ବୁର୍ଜୁଆ ଓ ପ୍ରୋଲିଟରିଏଟ୍ ଏହିପରି ଦୁଇଭାଗରେ

ବିଭକ୍ତ କରି, ଏହି ଦୁଇ ଦଳର ସଂଘର୍ଷ ଉପରେ ଭବିଷ୍ୟତ ପୃଥିବୀର ଭାଗ୍ୟ ନିୟନ୍ତ୍ରିତ ହେବବୋଲି ଆଶା କରିଛନ୍ତି। ପ୍ରୋଲିଟରିଏଟ୍ ସେହି, ଯେଉଁମାନେ କାମ କରି ପୋଷି ହୁଅନ୍ତି; ବୁର୍ଜୁଆ ବିନାଶ୍ରମରେ ବା ଅନ୍ୟରଶ୍ରମ ଉପରେ ଆରାମରେ ଦିନ କାଟନ୍ତି। ସଂଘର୍ଷ ସୃଷ୍ଟିକରିବା ଯଦି ଉଦ୍ଦେଶ୍ୟ ହୁଏ, ତେବେ ମନୁଷ୍ୟ ଜାତିକୁ ନାନାଭାଗରେ ବିଭକ୍ତ କରାଯାଇପାରେ। ଏବେତ ଧଳା– କଳାର ଭେଦ, ତା ଉପରେ ଧର୍ମର ଭେଦ, ତା ଉପରେ ଆସିଲା ନାସ୍‌ନାଲିଜମ୍ ବା ଜାତୀୟତାର ଭେଦ। ଏ ସବୁ ଭେଦ ଯୋଗୁ ମାନବ ଇତିହାସର ପୃଷ୍ଠା ରକ୍ତ ରଂଜିତ ହୋଇଅଛି। ତେବେ ଏଇ କମ୍ୟୁନିଜ୍‌ମ୍‌ର ଭେଦ ଓ ତତ୍‌ଜନିତ କଳ୍ପିତ ସଂଘର୍ଷ ଉପରେ କମ୍ୟୁନିଷ୍ଟ ପ୍ରତିଷ୍ଠିତ। ତା'ର କୌଣସି ଗଭୀର ଅର୍ଥ ଥିଲାପରି ବୋଧହୁଏ ନାହିଁ। କ୍ରେମ୍‌ଲିନ୍‌ର ବିଳାସଭୋଗୀ ଷ୍ଟାଲିନ୍ ଆଜି ବୁର୍ଜୁଆ ନା ପ୍ରୋଲିଟେରିଏଟ୍। ଜଗତରେ ଅଧିକାଂଶ ଲୋକଂକ ପ୍ରାଥମିକ ଜୀବନ ପ୍ରୋଲିଟେରିଏଟ୍ ଓ ପର ଜୀବନ ବୁର୍ଜୁଆ। ଚାଷୀ ବୟସ ଥିଲା ଯାଏ କଠିନ ପରିଶ୍ରମ କରେ ତା'ପରେ ବୃଦ୍ଧ ବୟସରେ, ସେ ଘରେ ବସେ। ତା'ର ପୁଅମାନେ ତାକୁ ପୋଷନ୍ତି, ବୋହୂମାନେ ତା'ର ସେବା କରନ୍ତି। ବର୍ତ୍ତମାନ ବୁଢା ଚାଷୀ ହେଲା ବୁର୍ଜୁଆ, ତାର ପୁଅମାନେ ହେଲେ ପ୍ରୋଲିଟେରିଏଟ୍।'' (୩୪)

ମାନସିଂହ କମ୍ୟୁନିଷ୍ଟମାନଂକର ଅମାନବୀୟ ସଂଘର୍ଷ ପ୍ରତି ବିଦ୍ୱେଷଭାବ ଦେଖାଇଥିଲେ ମଧ୍ୟ, ସାମାଜିକ ଓ ଅର୍ଥନୈତିକ ଅସମତା ପାଇଁ ବ୍ୟଥିତ ହୋଇଛନ୍ତି। ସେହି ବେଦନାରୁ ଜନ୍ମଲାଭ କରିଛି, ମାନସିଂହଂକର କେତେକ ସାମ୍ୟବାଦୀ କବିତା। 'ମାଟିର ସତୀତ୍ୱ' କବିତାରେ ରହିଛି ଭୂ–ରାଜସ୍ୱ ଦେଇ ନ ପାରୁଥିବା କୃଷକର ଦୟନୀୟ ଅବସ୍ଥା ଓ ଅତ୍ୟାଚାରୀ ମଦ୍ୟପ ରାଜାର ଚିତ୍ର। 'ରେଂଗୁନ ଚିଠି', 'ଘରପଣା' ଆଦି କବିତାରେ ପଲ୍ଲୀ ଯୁବକର ଅଭାବ ତଥା ସାହୁକାର ଶୋଷଣରେ ଯୁବକମାନେ କିପରି ଜନ୍ମଭୂମି ଛାଡ଼ି କରୁଣ ଜୀବନ ଯାପନ କରୁଛନ୍ତି, ସେ ଚିତ୍ର ବର୍ଣ୍ଣିତ। ସେହିପରି 'ବିଲଲକ୍ଷ୍ମୀ', 'ଯଦୁ ସ୍ୱାଇଁର ଗାଥା' ଓ 'ଅନ୍ୱେଷଣ' ଉପନ୍ୟାସରେ ଦରିଦ୍ର କୃଷକ ର ଦୁଃଖ ବର୍ଣ୍ଣନା କରିଛନ୍ତି। 'ତଳିଆ ଜୀବର ବିଳାପ'ରୁ କୃଷକ ସଂପର୍କରେ କେତେକ ମର୍ମସ୍ପର୍ଶୀ ଚିତ୍ର ଉଦାହରଣ ଭାବରେ ନିଆଯାଇପାରେ:–

''ଧରାତଳେ କ୍ରୁର ପରିହାସ,/କାଟି ଶସ୍ୟ, ରହେ ଉପବାସ।
ସକଳେ ଯେ ଯୋଗାଏ ଭୋଜନ/ନିଜ ଥାଳେ ନାହିଁ ତା'ର ଅନ୍ନ।'' (୩୫)

ଏହା ସଂଗେ ସଂଗେ ଧନୀ ଜମିଦାର ଓ ବିଳାସୀ ଲୋକଂକ ପ୍ରତି ମାନସିଂହଂକର ତୀବ୍ର ଘୃଣାଭାବ ରହିଥିବାର ଦେଖାଯାଏ। 'ସାଧବ ଝିଅ' କାବ୍ୟ, 'ମାଟିର ସତୀତ୍ୱ' 'ବିଲଲକ୍ଷ୍ମୀ' କବିତା ଓ 'ଅନ୍ୱେଷଣ' ଉପନ୍ୟାସ ପ୍ରଭୃତିରେ ମାନସିଂହଂକର ଏପ୍ରକାର ରୋଷ ପ୍ରତିଫଳିତ। ମାତ୍ର ମାନସିଂହ ଏହି ଅର୍ଥନୈତିକ ବୈଷମ୍ୟ ଗୁଡ଼ିକର ସାମାଧାନର ସୂତ୍ର ପ୍ରଦାନ କରିଥିବାର ଜଣାଯାଏ ନାହିଁ।

ସନ ୧୯୩୩ ମସିହା ବେଳକୁ ମାନସିଂହ 'ତଳିଆ ଜୀବର ବିଳାପ' କ୍ରମରେ, 'ରିକ୍‌ସାବାଲା,' 'ମଜଦୂର', 'କୃଷକ', 'ବଢେଇ', 'କିରାଣୀ' 'କଳାକାର' ଆଦି କେତେକ

କବିତା ଓ ଏହାର ପ୍ରତିକାର ପାଇଁ 'କବି କହେ' ତଥା 'ଭୁଲିଯାଅ ଇତିହାସ' ନାମରେ କବିତା ଲେଖିଥିଲେ। ଏହି ସମୟରେ ମାନସିଂହଙ୍କର ବନ୍ଧୁ, ଭଗବତୀ ଚରଣ ପାଣିଗ୍ରାହୀଙ୍କର ସାମୟିକ ପ୍ରଭାବ ମାନସିଂହଙ୍କ ଉପରେ ପଡ଼ିଥିବାର ଲକ୍ଷ୍ୟ କରାଯାଏ। ତେବେ ଏ ପ୍ରକାର ପ୍ରଭାବ ଥିଲା ଅତ୍ୟନ୍ତ ଗୌଣ ଓ କ୍ଷଣସ୍ଥାୟୀ।

## ମଣିଷ ସଂପର୍କୀୟ ଚେତନା (ଦୁଇ):—

କବି ମାନସିଂହ ମୂଳତଃ ଜଣେ ରୋମାଣ୍ଟିକ୍ କବି। ପରେ ବ୍ରିଟିଶ ଉଦାରତନ୍ତ୍ରୀ ଚେତନା ତାଂକୁ ଉଦ୍‌ବୁଦ୍ଧ କରିଥିଲା। ଏଣୁ ତାଂକର ମଣିଷ ସଂପର୍କୀୟ ଚେତନାରେ କବିତାର ଉଚ୍ଛ୍ୱାସ ଓ ଉଦାରନ୍ତ୍ରୀର ବିଚାର ଉଭୟ ଧାରାର ପ୍ରତିଫଳନ ବିଶେଷ ଭାବରେ ଦେଖାଯାଏ। ରୋମାଣ୍ଟିକ କବିମାନଂକର ଚେତନାରେ ଦେଖାଯାଉଥିବା ପ୍ରକୃତିପ୍ରୀତି, ସୁଦୂରମୋହ ସହ ବୀରତ୍ୱଭାବ ମାନସିଂହଂକ ଲେଖାରେ ମଧ ପ୍ରତିଫଳିତ।

ଗତାନୁଗତିକତାରୁ ବାହାରିଆସି କିଛି ନୂଆ କରିବା ବୀରତ୍ୱଭାବର ଏକତମ ଲକ୍ଷଣ। ମାନସିଂହ କହନ୍ତି:— "ମନୁଷ୍ୟ ପାରିପାର୍ଶ୍ୱିକତାର କ୍ରୀଡନକ ମାତ୍ର ହେବା ବିଧାତାର ନିର୍ଦ୍ଦେଶ ନୁହେଁ। ପାରିପାର୍ଶ୍ୱିତାକୁ ଜୟକରି ସତ୍ୟ ଓ ସ୍ୱାଚ୍ଛଂଦ୍ୟର ଆବିଷ୍କାର ପଥରେ ଅବାଧ ଅଗ୍ରସର ହେବାହିଁ, ମନୁଷ୍ୟ ପ୍ରତି ପ୍ରକୃତିର ପ୍ରଚ୍ଛନ୍ନ ନିର୍ଦ୍ଦେଶ।" (୩୬) ବାହାର ଦୁନିଆଁରେ ବୀରତ୍ୱ ପ୍ରଦର୍ଶନ କେବଳ ମାନସିଂହକଂର ଲକ୍ଷ୍ୟ ନୁହେଁ, ଆଭ୍ୟନ୍ତରୀଣ ବୀରତ୍ୱ ପ୍ରଦର୍ଶନ ହିଁ ତାଂକ ଚେତନାର ଅନ୍ୟତମ ଲକ୍ଷ୍ୟ। "ବାହାରର ଅଭାବ ଅସୁବିଧା, ପରାଭବ ଓ ଦୁର୍ଭାଗ୍ୟ ସହିତ ଲଢ଼ିବା ସଂଗେ ସଂଗେ ମନୁଷ୍ୟକୁ ଭିତରର ଏକ ଲଢେଇରେ ସଦା ଜାଗ୍ରତ ସୈନିକ ହେବା ମଧ୍ୟ ବିଧାତାର ନିଗୂଢ଼ ନିର୍ଦ୍ଦେଶ। ବସ୍ତୁତଃ ବାହାର ସଂଗ୍ରାମ ଭିତର ସଂଗ୍ରାମର ପ୍ରତିବିମ୍ବ ମାତ୍ର। ଯିଏ ଭିତର ଯୁଦ୍ଧରେ ଜୟୀ, ତାହାପାଇଁ ବାହାରର ଯୁଦ୍ଧ କିଛି ହିଁ ନୁହେଁ। ବାହାରର ସଂଗ୍ରାମରେ ବହୁ ବିଜୟ ଲାଭ କରି ଥିଲେ ହେଁ, ଯିଏ ଭିତରର ଲଢେଇରେ କ୍ଷତ ବିକ୍ଷତ ଓ ପଂଗୁ ତା ଜୀବନରେ ସାଫଲ୍ୟ ଥାଇପାରେ, କିନ୍ତୁ ନାହିଁ ଶାନ୍ତି, ନାହିଁ ସୁଖ। ସେଥିପାଇଁ ଜଗତର ଧର୍ମାଚାର୍ଯ୍ୟ ଓ ଦାର୍ଶନିକମାନେ, ମନୁଷ୍ୟକୁ ସର୍ବାଦୌ ନିଜ ଭିତରର ଶତ୍ରୁମାନଂକୁ ନିପାତ କରିବାକୁ ବରାବର ଉପଦେଶ ଦେଇଆସିଛନ୍ତି। ଏଇ ଶତ୍ରୁମାନଂକୁ ବଶୀଭୂତ ନ କଲାଯାଏ, ମନୁଷ୍ୟର ଆତ୍ମା ଶକ୍ତିର ପୂର୍ଣ୍ଣ ବିକାଶ ଅସମ୍ଭବ ଏବଂ ଛିନ୍ନଭିନ୍ନ ରହିବଇ ରହିବ।" (୩୭) ଆପଣା ଭିତରର ଶତ୍ରୁକୁ ବିନାଶ ବିନାଶ କଲାପରେ ମଣିଷ ଜଗତ ଉପରେ ବିଜୟ ଘୋଷଣା କରିବାକୁ କଳ୍ପନା କରିନିଏ। ଏହି ବିଜୟ ଆକାଙ୍କ୍ଷା ଚାରୋଟି ବୀରତ୍ୱ ମଧ୍ୟରେ ପ୍ରକାଶିତ: ପ୍ରେମ ବୀରତ୍ୱ, ସ୍ରଷ୍ଟା—ବୀରତ୍ୱ, କର୍ମ ବୀରତ୍ୱ ଓ ଚିନ୍ତା ବୀରତ୍ୱ।

### ପ୍ରେମବୀର:

ମଣିଷ ନିଜ ଭିତରର ଶତ୍ରୁମାନଂକୁ ନିପାତ କରିସାରିଲା ପରେ, ନିଜ ଭିତରେ ଆବଦ୍ଧ ରହିବାରେ ସନ୍ତୁଷ୍ଟ ନୁହେଁ। ସେ ନିଜକୁ ବିଶ୍ୱ ବକ୍ଷରେ ସଞ୍ଚାରିତ କରିବାକୁ

ଚାହେଁ। ନିଜକୁ ପୃଥିବୀ ବକ୍ଷରେ ପ୍ରସାରିତ କରିବା ସହ ବିଶ୍ୱର ସତ୍-ଚିତ୍-ଆନନ୍ଦକୁ ଆତ୍ମସ୍ଥ କରିବାକୁ ଚାହେଁ। ଆନନ୍ଦକୁ ଆତ୍ମସ୍ଥ କରିବାର ଅନ୍ୟନାମ ପ୍ରେମ। ମାନସିଂହଙ୍କ ଦୃଷ୍ଟିରେ ପ୍ରେମ ଜୀବନର ସାରବସ୍ତୁ। ଜୀବନ ଜଗତରେ ଯାହା ନିୟାମକ, ତାହା ଚକ୍ଷୁହୀନ ନୁହେଁ, ଅଂଧନୁହେଁ, ଚକ୍ଷୁଷ୍ମାନ।

'ଅଂଧ ହେବ ପ୍ରେମ କିପାଁ ? ପ୍ରେମ-ଚକ୍ଷୁଷ୍ମାନ;
ଯେ ପ୍ରେମ ଆତ୍ମାର ଅଟେ ନିବିଡ଼ ସଂଧାନ,
ଅନ୍ୱେଷଣ ହୁଏ ତାର, ତୃତୀୟ ଚକ୍ଷୁର
ଅଦୃଶ୍ୟ ରହସ୍ୟାଲୋକେ; ପ୍ରକୃତ ପ୍ରଣୟ
ଦିବ୍ୟ ଚକ୍ଷୁଃଜ୍ୟୋତିର୍ମୟ, ରହସ୍ୟ—ଆବୃତ,

ଇତରହିଁ ଅଂଧବୋଲି ବୋଲିଥା'ନ୍ତି ତାକୁ।' (୩୮) ପ୍ରେମ ତ ଅଂଧନୁହେଁ, ପ୍ରେମ ମଧ୍ୟ କେବଳ ଦୈହିକ ମିଳନରେ ସୀମାବଦ୍ଧ ନୁହେଁ। ମାନସିଂହଂକ ଦୃଷ୍ଟିରେ ଦୈହିକ ଭୋଗର ଅନ୍ୱେଷଣ ପ୍ରେମ ନୁହେଁ, ଏକ ଆତ୍ମା ସହ ଅନ୍ୟର ବଂଧନହିଁ ପ୍ରେମ। ଦୁଇଟି ପ୍ରାଣର ପୂର୍ଣ୍ଣ ଆତ୍ମସମର୍ପଣ ତଥା ପାରସ୍ପରିକ ଆତ୍ମ ନିମଜ୍ଜନ ମଧ୍ୟରେ ହିଁ ପ୍ରେମର ସାର୍ଥକତା।

ପ୍ରେମ ଜୀବଜଗତରେ ଆଦିମ ପ୍ରବୃତ୍ତି। ମାନବର ଏହି ସହଜାତ ଭାବକୁ କବି, କଳାକାର ଓ ସ୍ରଷ୍ଟାମାନେ ନିଜସ୍ୱ ଦୃଷ୍ଟିକୋଣରୁ ଚିତ୍ରଣ କରିଥା'ନ୍ତି। "ଦୈହିକ ମିଳନ ପ୍ରେମର ଗୌଣ ପରିଣତି ମାତ୍ର। ଗଭୀର ଦୁଃଖ ସୁଖ ମଧ୍ୟଦେଇ, ନବନବ ଅନୁଭୂତି ମଧ୍ୟଦେଇ, ମାନବାତ୍ମାର ଯେଉଁ ଜନ୍ମାନ୍ତର ହୁଏ ତାହାହିଁ ପ୍ରେମ" I(୩୯) ପ୍ରେମଭାବର କାବ୍ୟିକ ରୂପାୟନ କ୍ଷେତ୍ରରେ ନିଜର ସିଦ୍ଧି ଅବତାରଣା କରିବାକୁ ଯାଇଁ, ପ୍ରାଚୀନ ଓଡ଼ିଆ କବିତାରେ ଏହି ପ୍ରେମଭାବର ଦୁର୍ଲଭତା ପ୍ରସଂଗ ସେ ଅବତାରଣା କରିଛନ୍ତି। ଦୁଇଟି ନରନାରୀ ମଧ୍ୟରେ ପ୍ରେମଭାବର ଉଦ୍ରେକ ହୁଏ ସେମାନଙ୍କର ପ୍ରାତିସ୍ୱିକ ଅସ୍ତିତ୍ୱ ଅବବୋଧରେ। ପ୍ରାଚୀନ ଓଡ଼ିଆ କବିଗଣ ମଣିଷର ବ୍ୟକ୍ତିତ୍ୱ ସଂପର୍କରେ ସଚେତନ ନ ଥିବାରୁ, ପ୍ରେମର ବର୍ଣ୍ଣାଢ଼ ରୂପକୁ ସଂଦର୍ଶନ କରି ନାହାନ୍ତି। ଭାବ ଜଗତରେ ଏହାର ରୂପବୈଚିତ୍ର୍ୟକୁ ଅନୁଭବ ମଧ୍ୟ କରିନାହାନ୍ତି। ମାନସିଂହଂକ ମତରେ:— "ଆମ ସାହିତ୍ୟରେ ପ୍ରେମ କବିତାର ଅରଣ୍ୟ ରହିଛି। କିନ୍ତୁ ସେଥିରେ ବିଚିତ୍ରତା ନାହିଁ। ସେ ଜଂଗଲ ଯେପରି ଗୋଟିଏ ଗଛର ଜଂଗଲ, କିନ୍ତୁ ଇଂରାଜୀ ସାହିତ୍ୟ ପ୍ରତ୍ୟେକ କବିର ବ୍ୟକ୍ତିଗତ ବିଭିନ୍ନ ଅଭିଜ୍ଞତାରେ ଶବ୍ଦଳିତ।" (୪୦) ସେହି ଇଂରାଜୀ କବିତା ଅଧ୍ୟୟନ କରି ନିଜର ପ୍ରେମ ଅଭିଜ୍ଞତାକୁ ଭାଷାରେ ପ୍ରକାଶ କରିବା ପାଇଁ ମାନସିଂହ ସାହସ କରିଛନ୍ତି। ମାନସିଂହଂକ ପୂର୍ବବର୍ତ୍ତୀ କବିମାନେ ନିଜ ମନର ପ୍ରେମ ଭାବକୁ ଦେବାଦେବୀ, ରାଧାକୃଷ୍ଣ, ରାଜକୁମାର ରାଜକୁମାରୀଂକ ପ୍ରେମ ଭାବରେ ପ୍ରକାଶ କରୁଥିଲେ। ମାନସିଂହ ହିଁ ନିଜର ବ୍ୟକ୍ତିଗତ ପ୍ରେମକୁ ପ୍ରକାଶ କରିବା ପାଇଁ ନିଜ କବିତାର ନିଜେ ନାୟକ ସାଜିଛନ୍ତି।

ଦେହରେ ଦେହ ମିଶିବା ପ୍ରେମ ନୁହେଁ ବରଂ ଏହା କାମ ବୋଲି କୁହାଯାଇ ପାରେ। ପ୍ରେମରେ ସଫଳତା ପାଇଁ ଉଭୟଂକର ସାଧନା ଆବଶ୍ୟକ। ଆତ୍ମିକ ପ୍ରେମ ସଂପର୍କରେ ମାନସିଂହ କହନ୍ତି:—"ନୈତିକ କବି ଜାଣିଥିଲେ ଯେ, ପ୍ରେମର ସାଧନା ହିଁ ପ୍ରେମର ଶ୍ରେଷ୍ଠାଂଶ। ଏହି ସାଧନାରେ ମାନବିକ ଚରିତ୍ରର ବିକଚ ବିକାଶ ହୁଏ। ଦୈହିକ ସମ୍ଭୋଗ ପ୍ରଣୟର ଅଂଶ ହେଲେ ହେଁ ତା ଏତେ ସାମାନ୍ୟ ଓ ସାଧାରଣ କ୍ରିୟା ଯେ, ସେଥିରେ ପୌରୁଷ ଓ ନାରୀତ୍ୱର ପରମ ବିକାଶ ହୋଇ ନ ପାରେ। ଦୈହିକ ଭୋଗ ମନୁଷ୍ୟ କାହିଁକି ଜୀବଜନ୍ତୁ କୀଟପତଂଗର ମଧ୍ୟ ସ୍ୱାଭାବିକ ଲୀଳା। କିନ୍ତୁ ସତୀଂକର ଶବକୁ ସ୍କନ୍ଧ ଦେଶରେ ମାଳାକରି ବିରହ ବିଳାପରେ ବିଶ୍ୱ—ବାୟୁକୁ ଉଷ୍ଣ କରିବା କେବଳ ଶଂକର ପାରନ୍ତି। ପ୍ରଣୟର ମର୍ଯ୍ୟାଦା ଏହି ସାଧନାରେ— ଚଉଷଠି ବଂଧରେ ନୁହେଁ।" (୪୧) ପ୍ରେମରେ ଯେଉଁ ପରିପୂର୍ଣ୍ଣ ଆତ୍ମସମର୍ପଣ କଥା ମାନସିଂହ କହୁଥିଲେ, ସେ ବିଷୟରେ ପ୍ରାଂଜଳ କରି ସେ କହନ୍ତି:—"ଅହଂ ବିନାଶ ପରେ ପ୍ରେମରେ ପରିପୂର୍ଣ୍ଣ ଆତ୍ମସମର୍ପଣ ଆସେ। ଏ ପର୍ଯ୍ୟନ୍ତ ପ୍ରେମିକା ନିଜର ସ୍ୱତନ୍ତ୍ର ସତ୍ତା ଅନୁଭବ କରିଥାଏ, ପ୍ରଣୟୀର ଅବହେଳାରେ ଅଭିମାନ କରିଥାଏ, ପ୍ରଣୟୀ ତା'ର ପଦତଳେ ଅବନତ ହେଉ, ଏ ବାସନା ତା'ର ଥାଏ। କିନ୍ତୁ ପ୍ରେମର ନିବିଡ଼ତା ସଂଗେ ସଂଗେ କ୍ରମେ ସେ ସବୁ ତିରୋହିତ ହୁଏ। ସେ କ୍ରମେ ନିଜର ସ୍ୱାତନ୍ତ୍ର୍ୟ ପାଶୋରି ନିଜର ଦୁଃଖ ସୁଖ ସହିତ ମିଶାଇ ଦିଏ। ପ୍ରଣୟୀର ସୁଖ ଲାଗି ସେ ନିଜର ଆତ୍ମା ଉତ୍ସର୍ଗ କରିବାକୁ ଇଚ୍ଛାକରେ। ତା' ଲାଗି ଯେ ଅପବାଦ ତାହା ତାର ଭୂଷଣ ହୁଏ। ତା' ଲାଗି ଯେ କଷ୍ଟ ତାହା ତାକୁ ସୁଖଦ ହୁଏ, ଆଉ ମାନ ଅଭିମାନ ରହେନାହିଁ। ପ୍ରଣୟୀ ତାକୁ ଅବହେଳା କରି, ତାକୁ ପରିତ୍ୟାଗ କରି ଯଦି ସୁଖି ହୋଇ ପାରେ ତେବେ ସେ ସେହି ବିପଦକୁ ଅକାତରେ ମୁଣ୍ଡାଇ ନିଏ। ଆମ ଦେଶରେ ପ୍ରେମର ପରିଣତି ଏଇଠାରେ। ପ୍ରେମର ଆଦର୍ଶ ଏହାଠାରୁ ଉଚ୍ଚତର ହୋଇପାରେ ବୋଲି ପରିଣତି ଏଇଠାରେ।" (୪୨) ପ୍ରେମର ରସଘନ ଅବସ୍ଥା ସଂପର୍କରେ ମାନସିଂହ କହନ୍ତି: "ପ୍ରେମର ବିହ୍ୱଳ ଅବସ୍ଥାର ଏକ ପ୍ରଧାନ ଲକ୍ଷଣ ଏହି ଯେ; ପ୍ରେମିକ ପ୍ରେମିକା ପରସ୍ପର ମୁଖକୁ ଚାହିଁ ଚିରକାଳ ଲାଗି ବସି ରହିବା ପାଇଁ ଏକ ତୀବ୍ର ଆକାଂକ୍ଷା ସେମାନଂକର ଜାତ ହୁଏ। ଉଭୟେ ଉଭୟକୁ ଜଗତରେ ସବୁଠାରୁ ସୁନ୍ଦରତମ ବସ୍ତୁବୋଲି ପ୍ରତୀତ ହୁଅନ୍ତି। ପ୍ରତି ମୂହୂର୍ତ୍ତରେ, ପ୍ରତ୍ୟେକ ବିଷୟରେ ସେମାନେ ପରସ୍ପର ଠାରେ ନୂତନ ସୌଂଦର୍ଯ୍ୟ ଦେଖିବାକୁ ପାଆନ୍ତି। ପ୍ରେମ ଯେଉଁ ମାୟାର ଅଂଜନ ଉଭୟଂକ ଚକ୍ଷୁରେ ଲଗାଇ ଦେଇଥାଏ, ସେଥିରେ ଉଭୟେ ଉଭୟର ପ୍ରତ୍ୟେକ କର୍ମରେ ପରିତୋଷ ଲାଭ କରନ୍ତି। ମନେହୁଏ ଯେପରି ସେ ମୁଖ, ସେ ହସ୍ତ, ସେ ନାସିକା, ସେ ଚକ୍ଷୁ, ସେ ଚଳନ, ଜଗତରେ ସବୁଠୁଁ ସୁଂଦର, ତା'ର ତୁଳନା ଆଉ ନାହିଁ; ସେ ମୁଖକୁ ଅନାଇ ଅନାଇ ଆଖି ଫାଟି ପଡ଼ିବ, ତଥାପି ତା'ର ସୌଂଦର୍ଯ୍ୟ ଭୋଗରେ ଆଖି ଅତୃପ୍ତ ରହିବ ପ୍ରାଣର ଏହି ପିପାସା, ଏହି ମାୟା, ପ୍ରେମର ପରମ ଉପଭୋଗ୍ୟ ବିଷୟ।" (୪୩)

କବି ମାନସିଂହ, ପ୍ରେମ ଜଗତରେ ପ୍ରେମିକ ପ୍ରେମିକାଙ୍କୁ ସର୍ବତ୍ର ରାଜପୁତ୍ର ରାଜକନ୍ୟା ଭାବରେ ବର୍ଣ୍ଣନା କରିଛନ୍ତି। ନିଃଶଂକ ମନ ନହେଲେ ପ୍ରେମ ସାଧନ ସମ୍ଭବ ନୁହେଁ। ଏ ପ୍ରେମରେ ଦେହ ଭୋଗକୁ ଅସ୍ୱୀକାର କରାଯାଇ ନ ପାରେ। ସେ କହନ୍ତି: " ରାଜପୁତ୍ର ଓ ରାଜକନ୍ୟାମାନଙ୍କର ପରସ୍ପରକୁ ପାଇବାର ଇଚ୍ଛାର ନାମ ପ୍ରେମ। ନୀତିବାଗୀଶମାନେ କହିବେ, ପ୍ରେମବୋଲି କିଛି ନାହିଁ। ସେ କଥାଟା କେବଳ କାମ, ଅର୍ଥାତ୍ ନିଛକ ଯୌନ ଆକର୍ଷଣ। ଅର୍ଥାତ୍ ପରିତ୍ୟଜ୍ୟ ଓ ଘୃଣ୍ୟ।" (୪୪) କିନ୍ତୁ ମାନସିଂହ କହନ୍ତି କାମ ଘୃଣ୍ୟ ନୁହେଁ। "ଯା' ଉପରେ ଜୀବଗ୍ରାମର ସ୍ଥିତି ନିର୍ଭର କରୁଛି, ଯେଉଁଥିରୁ ଆମପରି ଇତର ଜନର କଥା ଛାଡ଼ିଦିଅ, ବୁଦ୍ଧ, ମହମ୍ମଦ, ଆଇନ୍‌ଷ୍ଟାଇନ୍, ସେକ୍‌ସପିଅର, କାଳିଦାସ, ଗାଂଧିଜୀ ପ୍ରଭୃତିଙ୍କର ସୃଷ୍ଟି ସମ୍ଭବ ହୋଇଛି, ସେ କ୍ରିୟା ଘୃଣ୍ୟ କିପରି ହେବ?" (୪୫) "ମାତ୍ର ସାଧାରଣ ଜଗତରେ ଅଧିକାଂଶ ସ୍ଥଳରେ ପ୍ରେମ ପରିବର୍ତ୍ତେ ଯେପରି ନିଛକ ଯୌନ ସମ୍ଭୋଗ ଦେଖାଯାଏ। ପ୍ରାଚୀନ କବି ବିଶେଷତଃ ବୈଷ୍ଣବ କବିମାନେ ଦୈହିକ ଓ ଦେହାତୀତ ପ୍ରେମର ସୀମା ଠିକ୍ ରଖିପାରି ନାହାନ୍ତି। ଅତୀଂନ୍ଦ୍ରିୟକୁ ଇଂନ୍ଦ୍ରିୟ ଘେରି ରହିଛି। ଆତ୍ମା ସଂଗେ ସଂଗେ ଦେହ ଲାଗି ରହିଛି। ଦେବତା ଦର୍ଶନ କରିବାକୁ ଯାଇ ଦେବଦାସୀର ଦର୍ଶନ ମଧ୍ୟ ମିଳିଛି। ଅନେକ ସ୍ଥଳରେ ଏପରି ମଧ୍ୟ ହୋଇଛି ଯେ, ଦେବାଦେବୀ ଆଦୌ ନାହାନ୍ତି, କେବଳ ଦେବଦାସୀର ଦେହଲୀଳା। ମଂଦ କବିମାନଂକ ହାତରେ ଏହି ପ୍ରେମଲୀଳା ଏକାବେଳକେ ଅଶ୍ଳୀଳ ହୋଇ ଅପାଠ୍ୟ ହୋଇ ଉଠିଛି ଏବଂ ଜାତିର ନୈତିକତାର ମୂଳରେ ଯୁଗ ଯୁଗ ଧରି କୁଠାରଘାତ କରି ଆସିଛି।" (୪୬) ମାନସିଂହଂକ ସୃଷ୍ଟିରେ ପ୍ରେମ କବିତା ପ୍ରମୁଖ ସ୍ଥାନ ଅଧିକାର କରିଛି। ତାଂକର ପ୍ରେମ ଚେତନା ମଧ୍ୟ ବିଭିନ୍ନ ସ୍ତର ଦେଇ ଗତି କରିଥିବା ଲକ୍ଷ୍ୟ କରାଯାଏ। ଯଥା:— ରୂପାନ୍ୱେଷଣ: ସୌଂଦର୍ଯ୍ୟାନ୍ୱେଷଣ, ତାରୁଣ୍ୟ ଚିତ୍ତାବେଗ, ପ୍ରାକ୍ ବିବାହ ପ୍ରେମରେ ଦେହବାଦିତା, ବିବାହୋତ୍ତର ଜୀବନରେ ଅତୀଂନ୍ଦ୍ରିୟ ପ୍ରେମ, ମିଳାନାନଂଦ ଓ ବିରହଶୋକୋଚ୍ଛାସ, ଏବଂ ଶେଷ ଜୀବନରେ ପ୍ରେମ ଜନିତ ଅନୁଶୋଚନା। (୪୭) ତେଣୁ ବୀରତ୍ୱର ପ୍ରଥମ ପାହାଚ ଭାବରେ ମଣିଷ ଭିତରେ ପ୍ରେମ ଭାବର ଉଦ୍‌ବୋଧନକୁ ସେ ଗ୍ରହଣ କରିଛନ୍ତି।

ମାନସିଂହଂକ ସୃଷ୍ଟିରୁ ତାଂକ ପ୍ରେମ ସଂପର୍କୀୟ ଧାରଣାକୁ ବିଚାର କଲେ ଜଣାଯାଏ, ମାନସିଂହଂକ ଚେତନାରେ ତିନୋଟି ନାରୀର ପ୍ରେମ ଗାଥା ବର୍ଣ୍ଣିତ ହୋଇଛି। ଗ୍ରାମ୍ୟ କିଶୋରୀର ସ୍ମୃତି: ଯାହା'ଅନ୍ୱେଷଣ' ଉପନ୍ୟାସ, 'କମଳାୟନ' କାବ୍ୟ, ସେ ଦିନର କବିତା' ତଥା 'ପଲ୍ଲୀପ୍ରିୟା' ଆଦି କବିତାରେ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତି ସମବୟସୀ ପ୍ରେମିକା, ଯାହାଂକ ସହିତ ମାନସିଂହଂକର ଦେହବାଦୀ ପ୍ରେମ ଚେତନାର ବିକାଶ ଓ 'ଧୂପ'ର କବିତା ଯାହାଂକର ମଧୁମୟ ସ୍ମୃତିରେ ରଂଗୀନ୍। 'ଧୂପ' ଓ ତାହାର ସମସାମୟିକ ଅଧିକାଂଶ କବିତାର କଥାବସ୍ତୁ ୧୯୨୭ ମସିହାର ପୂର୍ବବର୍ତ୍ତୀ ସମୟର, ଯଦିଓ ଧୂପ' ଗ୍ରନ୍ଥ ଆକାରରେ ପ୍ରକାଶ ପାଏ ପ୍ରଥମେ ୧୯୩୧ ରେ। ମାନସିଂହଂକ ସମବୟସୀ ନାରୀ ସହିତ ସଖ୍ୟ ଓ ପରେ ବିଚ୍ଛେଦରୁ ହିଁ ଏହି କବିତା

ଧାରାର ସୃଷ୍ଟି। ତେଣୁ ଏ କବିତା ଗୁଡ଼ିକ ୧୯୨୭ ରୁ ୧୯୨୯ ମଧ୍ୟରେ ବିଭିନ୍ନ ସମୟରେ ଲେଖାଯାଇଛି ବୋଲି ଅନୁମାନ କରାଯାଇ ପାରେ। 'କମଳାୟନ' କାବ୍ୟରେ ଗ୍ରାମ୍ୟ ବଧୂ ସରସ୍ୱତୀର ଆଚାର ବ୍ୟବହାର, ମାନସିଂହଙ୍କୁ ଧୂପ'ର ସମବୟସୀର ସ୍ମୃତି ଆଣି ଦେଇଛି।

'ଧୂପ' କାବ୍ୟରେ ପ୍ରକାଶିତ କେତେକ କବିତା, ସମବୟସୀ ପ୍ରେମିକା ପାଇଁ ଉଦ୍ଦିଷ୍ଟ ନୁହେଁ। 'ପ୍ରେମର ପରିମାପ', 'ଶଂକିତ ସ୍ନେହ', 'ଭଲପାଅ', 'ଦୂରେ ରହ', 'ପ୍ରେମର ଭାଷା', 'ପ୍ରେମ ଓ ଜରା', କବିତା କବିଙ୍କର ପତ୍ନୀ ଶ୍ରୀମତୀ ହେମଲତାଙ୍କ ଉଦ୍ଦେଶ୍ୟରେ ଲିଖିତ। ମାନସିଂହଙ୍କର ବିବାହ ପୂର୍ବରୁ 'ଧୂପ' ପ୍ରକାଶ ପାଇଥିଲେ ମଧ୍ୟ, ପୁସ୍ତକ ପ୍ରକାଶ ସମୟକୁ ମାୟାଧରଙ୍କର ଶ୍ରୀମତୀ ହେମଲତାଙ୍କ ସହିତ ବିବାହ ସ୍ଥିର ହୋଇ ସାରିଥିଲା। 'ଧୂପ'ର ପ୍ରଥମ ସଂସ୍କରଣ ଶ୍ରୀମତୀ ହେମଲତାଙ୍କୁ ଉତ୍ସର୍ଗ କରାଯାଇଥିଲା। 'ହେମଶସ୍ୟ' ଓ 'ପୁଷ୍ପିତା'ର ନାୟିକା ଶ୍ରୀମତୀ ହେମଲତା। ଶେଷରେ ଏତିକି କୁହାଯାଇ ପାରେ ଯେ, ମାନସିଂହଙ୍କ ପ୍ରେମ କବିତାରେ ବୈଚିତ୍ର୍ୟ ରହିଛି ମାତ୍ର ତାଙ୍କର ପ୍ରବନ୍ଧ ଆଲୋଚନାରେ ପ୍ରେମ ସଂପର୍କରେ ବର୍ଣ୍ଣିତ ଆଦର୍ଶ ବା ଐକାନ୍ତିକତା ତାଙ୍କ କବିତାରେ ରକ୍ଷା କରାଯାଇ ପାରିନାହିଁ। ବିଭିନ୍ନ ସମୟରେ ତାଙ୍କ ଜୀବନରେ ଆସିଥିବା ପ୍ରେମିକାଙ୍କୁ ସେ ଅସ୍ୱୀକାର କରିଛନ୍ତି। ତାଙ୍କ କଥିତ ପ୍ରେମିକବୀରର ଏପରି ସ୍ୱଭାବ ହୋଇ ନ ପାରେ। କଥାଶିଳ୍ପୀ ମହାପାତ୍ର ନୀଳମଣି ସାହୁ, କବିଙ୍କ ମୃତ୍ୟୁପରେ ପ୍ରକାଶିତ ମାନସିଂହ ସ୍ମରଣିକା (୪୮) ରେ କହିଛନ୍ତି ଯେ, ଯେଉଁ ଯତି, ତାଳ ଓ ଆବେଗରେ ମାନସିଂହ ପରକୀୟାଙ୍କୁ ଭଲପାଇ କବିତା ଲେଖିଛନ୍ତି, ସେହି ଯତି, ତାଳ ଓ ଆବେଗରେ ସ୍ୱକୀୟାଙ୍କୁ କବିତାରେ ପ୍ରତିଫଳିତ କରାଇଛନ୍ତି। ବସ୍ତୁତଃ ମାନସିଂହଙ୍କ ପ୍ରେମ କବିତାର ସ୍ୱରୂପ ଥିଲା ପ୍ରେମରେ ଆତ୍ୟନ୍ତିକ ଆବେଗ। ସେଇ ଆବେଗର ବଶବର୍ତ୍ତୀ ହୋଇ ସେ କବିତା ରଚନା କରୁଥିଲେ। ନିକଟବର୍ତ୍ତୀ ସ୍ମୃତି ହିଁ ଥିଲା ତାଙ୍କ ତାରୁଣ୍ୟ ତରଳ ପ୍ରେମ କବିତାର ବିଷୟବସ୍ତୁ। ତେଣୁ 'ଇରାନୀ କିଶୋରୀ', ଗ୍ରାମର କୌଣସି ଅନୂଢ଼ା ସାଥୀ, କୌଣସି ବିବାହିତା ବଧୂ ତାଙ୍କ ପ୍ରେମାସ୍ପଦା କିମ୍ବା ସ୍ୱକୀୟା ପତ୍ନୀ, ସମସ୍ତଙ୍କ ପାଇଁ ତେଣୁ ପ୍ରାଣ ଉଚ୍ଛଳ ଆବେଗରେ ସେ କବିତା ରଚନା କରିଛନ୍ତି। ତେଣୁ ତାଙ୍କର ପ୍ରେମ ଭାବନା ସ୍ଥିର ନ ହୋଇ ଥିଲା ଖୁବ୍ ଦୁର୍ବାର ଓ ଚଞ୍ଚଳ, ଏ କଥା କୁହାଯାଇ ପାରେ। ପୁଣି ଯେଉଁ ପରକୀୟା ପାଇଁ ଏତେ ସୁନ୍ଦର ପ୍ରେମକବିତା ରଚନା କରି ମାନସିଂହ ବିପୁଳ କବି ପ୍ରଶସ୍ତି ପାଇଲେ, ସେହି ପ୍ରେମକୁ ଅସ୍ୱୀକାର କରିବାକୁ ତାଙ୍କୁ ମଧ୍ୟ ମୁହୂର୍ତ୍ତଟିଏ ଲାଗିଲା ନାହିଁ। 'ହିସାବ ନିକାଶ' କବିତାଟି ଏଇ ଅନୁଭବର କରୁଣ ଓ ବିମର୍ଷ ସାକ୍ଷ୍ୟ ବହନ କରେ ବୋଧହୁଏ କବି ମାତ୍ରେଇ ପ୍ରେମ ପାଇଁ ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଉଡ଼ିଯାଇଥିବା ଦୃଷ୍ଟାନ୍ତ ସଚରାଚର ଯାହା ଲକ୍ଷ୍ୟ କରାଯାଏ ତାହାହିଁ ମାନସିଂହଙ୍କର ପ୍ରେମ ଭାବନାର ଅସ୍ଥିରତାର ସୂଚକ ବୋଲି କହିବାକୁ ହେବ। ତାହା ଯେତିକି ଉଦ୍ଦାମ ସେତିକି ସଂଯତ, ଯେତିକି ଅବାରିତ, ସେତିକି ନିଶ୍ଚଳ—ଏଇ ଦ୍ୱୈତ ଭାବନାର ଏକ ମଧୁର ସମନ୍ୱୟ।

## ସ୍ରଷ୍ଟା ବୀର :

'ଧ୍ୱନ୍ୟାଲୋକ'ରେ ଆନଂଦବର୍ଦ୍ଧନ କହିଛନ୍ତି:– ''କବି ହେଉଛନ୍ତି ସ୍ୱୟଂ ବ୍ରହ୍ମା ଏବଂ ସମଗ୍ର କାବ୍ୟ ଜଗତ ହିଁ କବିର ସୃଷ୍ଟି। କବି ତାର ରୁଚି ଅନୁଯାୟୀ କାବ୍ୟ ସଂସାରକୁ ପରିବର୍ତ୍ତିତ କରେ। (୪୯) ମାତ୍ର 'କାବ୍ୟ ପ୍ରକାଶ'କାର ମମ୍ମଟଂକ ମତାନୁସାରେ: କବି ସୃଷ୍ଟି ବ୍ରହ୍ମାଙ୍କ ସୃଷ୍ଟି ଅପେକ୍ଷା ଉତ୍କୃଷ୍ଟତର। ବ୍ରହ୍ମାଙ୍କ ସୃଷ୍ଟି ଅପେକ୍ଷା କବି ସୃଷ୍ଟିରେ ଚାରୋଟି ଅଧିକ ବୈଶିଷ୍ଟ୍ୟ ଦୃଷ୍ଟିଗୋଚର ହୁଏ। ବ୍ରହ୍ମାଙ୍କ ସୃଷ୍ଟି 'ନିୟତିକୃତ ନିୟମ ସହିତ' କବି–ସୃଷ୍ଟି 'ନିୟତିକୃତ ନିୟମ ରହିତ'। ବ୍ରହ୍ମାଂକ ସୃଷ୍ଟିରେ ପ୍ରାଣୀକୁ ସୁଖ ଦୁଃଖର ସମ୍ମୁଖୀନ ହେବାକୁ ହୁଏ, କିନ୍ତୁ କାବ୍ୟ ସଂସାରରେ ଦୁଃଖର ଅସ୍ତିତ୍ୱ ନଥାଏ। ବ୍ରହ୍ମାଂକ ସୃଷ୍ଟି ଓ ସୃଷ୍ଟିର ପ୍ରତ୍ୟେକ ଅଂଶ ବିଭିନ୍ନ ଉପାଦାନର ଅଧୀନ କିନ୍ତୁ କବି ତା'ର ସୃଷ୍ଟିପାଇଁ ସ୍ୱପ୍ରତିଭା ବ୍ୟତୀତ ଅନ୍ୟ ପଦାର୍ଥର ସାହାଯ୍ୟ କାମନା କରେ ନାହିଁ। ଅନ୍ୟର ଅଧୀନ ନ ହୋଇଥିବାରୁ ଏହା ଅନନ୍ୟପରତନ୍ତ୍ର। ବ୍ରହ୍ମାଂକ ସୃଷ୍ଟିରେ ଛଅଗୋଟି ପ୍ରାକୃତିକ ରସ ଉପଲବ୍ଧି କରାଯାଏ, ମାତ୍ର କବି–ସୃଷ୍ଟ କାବ୍ୟ ଜଗତରେ ଆମ୍ଭେମାନେ ଶୃଙ୍ଗାର କରୁଣାଦି ନଅଗୋଟି ରସ ଉପଲବ୍ଧିର ସୁଯୋଗ ପାଇଥାଉ। (୫୦)

ସ୍ରଷ୍ଟା ମାୟାଧର ମାନସିଂହ କବି ସଂପର୍କରେ କହନ୍ତି: ''ମାନବ ଚରିତ୍ର ବିଶ୍ଳେଷଣ କରିବାରେ, ସୃଷ୍ଟିର ତତ୍ତ୍ୱ ଉପଲବ୍ଧି କରିବାରେ, ଯେଉଁମାନଂକର ସହଜ ଦୃଷ୍ଟିଥାଏ ଏବଂ ଏଇ ଅନୁଭୂତି ଓ ତତ୍ତ୍ୱଜ୍ଞାନକୁ ଭାଷାରେ ପ୍ରକାଶ କରିବାର କ୍ଷମତା ଯେଉଁମାନଂକର ଥାଏ, ସେଇମାନେ କବି। କବିର କାର୍ଯ୍ୟ ଅଗଣିତ ଜନସଂଘର ଶତ ଶତ ମୂକ ଅନୁଭୂତିକୁ ଭାଷାଦାନ କରିବା। ଯେଉଁ କବି ଯେଉଁ ପରିମାଣରେମାନବ ଅନୁଭୂତିକୁ ଭାଷାର ଶିଳ୍ପ ଦେଇ ପ୍ରକାଶ କରିପାରନ୍ତି, ସେ ସେହି ପରିମାଣରେ ପ୍ରିୟ ଓ ପୂଜ୍ୟ। ଯେଉଁ ସାହିତ୍ୟରେ ମାନବର ବିଚିତ୍ର ଅନୁଭୂତି ଯେଉଁ ପରିମାଣରେ ପ୍ରକାଶ ପାଇଛି, ସେ ସାହିତ୍ୟ ସେହି ପରିମାଣରେ ପୂର୍ଣ୍ଣ। (୫୧) ସ୍ରଷ୍ଟାଂକର ଦିବ୍ୟ ଦୃଷ୍ଟି ସଂପର୍କରେ ମନ୍ତବ୍ୟ ପ୍ରଦାନ କରି ମାନସିଂହ କହନ୍ତି: ''କବି, ଶିଳ୍ପୀ, ଲେଖକ ଓ ସାହିତ୍ୟିକମାନଂକର ଚିତ୍ତ ସାଧାରଣତଃ ବହିର୍ମୁଖୀ। ପ୍ରତ୍ୟକ୍ଷ ବିଶ୍ୱର ବର୍ଣ୍ଣଗଂଧ, ବିଚିତ୍ରତା ଦେଖି ଦେଖି ସେମାନେ ମୁଗ୍ଧ ହୁଅନ୍ତି ଓ ତାହା ହିଁ ସେମାନେ ଚିତ୍ରଣ କରି ଚାଲନ୍ତି। ବହିର୍ମୁଖିତା ନ ହେଲେ, ଶିଳ୍ପ ସୃଷ୍ଟି ହୋଇପାରିବ ନାହିଁ। କିନ୍ତୁ ଏହି ସ୍ରଷ୍ଟାମାନଂକର ଚିତ୍ତ ମଧ୍ୟ ବୟୋବୃଦ୍ଧି ସଂଗେ ଜୀବନର ଅଭିଜ୍ଞତା ସବୁର ଆସ୍ୱାଦନ ପରେ, ଆସ୍ତେ ଆସ୍ତେ ଅନ୍ତର୍ମୁଖୀ ହୁଏ, ଯେତେବେଳେ କି ସେମାନେ ଅନୁଭବ କରିବାକୁ ଆରମ୍ଭ କରନ୍ତି ଯେ, ଦୃଶ୍ୟମାନ ଜଗତ ସ୍ଥାୟୀନୁହେଁ ବା ସତ୍ୟ ନୁହେଁ। ତାହା କେବଳ ଏକ ଅଦୃଶ୍ୟର ପ୍ରତିଫଳନ ମାତ୍ର ଏବଂ ସେହି ହେତୁର ଦୃଶ୍ୟ ଅପେକ୍ଷା ଅଦୃଶ୍ୟ ମହତ୍ତର ଓ ସେହି ଅଦୃଶ୍ୟକୁ ଜାଣିବାହିଁ ପ୍ରକୃତ ଜ୍ଞାନ।''(୫୨)

ବ୍ୟକ୍ତି ସମାଜ, ଦୃଶ୍ୟମାନ ତଥା ଅଦୃଶ୍ୟ ଜଗତର ଅନ୍ତରକଥାକୁ ଶବ୍ଦରୂପ ଦେବା ହିଁ କବିର ଲକ୍ଷଣ। ବହୁ କଥାକୁ ଅଳ୍ପ ଭାଷାରେ ପ୍ରକାଶ କରିବା, ଶବ୍ଦ ଶିଳ୍ପରେ ଦକ୍ଷତା, ଭାଷାର ସଂଯମ ତଥା ଲୋକ ଚରିତ୍ର ଚିତ୍ରଣରେ ଦକ୍ଷତା ମହାକବିମାନଂକର

ଲକ୍ଷଣ। ଏ ସଂପର୍କରେ ମାନସିଂହ ନିଜର ମତାମତକୁ ତାଂକର ବିଭିନ୍ନ ପ୍ରବଂଧରେ ଉଲ୍ଲେଖ କରିଛନ୍ତି। କବିର ଆଦର୍ଶ ସଂପର୍କରେ ମାନସିଂହ ଲେଖିଛନ୍ତି:

"କବି ଖାଲି ନ ରଚିବ, ମଦ—ଓଠ—ସୁଆଦି ସଂଗୀତ,
ବିଦ୍ରୋହୀ ସେ, ଜଗତର ଦୀନ ଦୁଷ୍ଟ ଦଳିତର ବଂଧୁ,
ତା' ଲେଖନୀ ଅସ୍ତ୍ର ତେଜେ, ନେବ କେହ୍ନେ ଭାରା ଜନ ସ୍କଂଧୁ।
ସ୍ୱାର୍ଥ ହୀନ, ପାପ ହୀନ, ସତ୍ୟ—ସଂଧ, ଉର୍ଦ୍ଧ୍ୱଗ ଜୀବନ,
ରୂପ ପାୟୀ ପ୍ରେମମୟ, ନରେ—ଜୀବେ—ନିରତ—କରୁଣ।" (୫୩)

କବି ସତ୍ୟ ଦ୍ରଷ୍ଟା। କବି ବା ସ୍ରଷ୍ଟା ଜଣେ ବୀର। ବୀରଭାବର ସମର୍ଥକ ମାନସିଂହ କହନ୍ତି : "କବି ଲେଖକ ଦୁର୍ବଳ ଚିତ୍ତ ବା ଭାବ ପ୍ରବଣ ହେବାଟାକୁ ଧରି ନିଆ ଯାଇଥାଏ। କିନ୍ତୁ ଏହା ଆଉ ଏକ ଘୋର ଅସଂଗତ ଜନ—ବିଶ୍ୱାସ ମାତ୍ର। ସେକ୍ସପିଅର—କାଳିଦାସ—ରବୀନ୍ଦ୍ରନାଥଂକ ପରି ପୃଥିବୀ ବିଖ୍ୟାତ କବିଂକ ଭିତରୁ କେହି ଜଣେ ହେଲେ କୁସଂସ୍କାରଗ୍ରସ୍ତ ବା ଦୁର୍ବଳଚିତ୍ତ ଥିବାରତ ଜଣାଯାଏ ନାହିଁ, ବରଂ ଏମାନେ ପ୍ରତ୍ୟେକ ମାନବ ଚିନ୍ତାକୁ ନିଶ୍ଚିତ ଭାବରେ ସଂସ୍କୃତ ଓ ଉଦାରୀଭୂତ ହେବାକୁ ଚେଷ୍ଟାକରି ଯାଇଛନ୍ତି, ଦୂରକୁ ଦରକାର ନାହିଁ, ଓଡ଼ିଆ ସାହିତ୍ୟର ବଡ଼ଜେନା, ଭୀମଭୋଇ, ଅରକ୍ଷିତ ଦାସ, ଫକୀରମୋହନ, ରାଧାନାଥ ଓ ମେହେର ପ୍ରଭୃତି ଚିନ୍ତାର କି ଅକୁତୋଭୟତା ଓ ଉଦାରତା ଦେଖାଇ ଯାଇ ଅଛନ୍ତି, ପାଠକେ ତାହା ସ୍ମରଣ କରନ୍ତୁ।" (୫୪) କବିର ହୃଦୟ କୋମଳ ହୋଇପାରେ ମାତ୍ର ତା'ର ଲକ୍ଷ୍ୟ ଓ ପ୍ରକାଶିତ ବାଣୀ ଦୁର୍ବଳ ହେବା ଉଚିତ ନୁହେଁ। ସତ୍ୟଦ୍ରଷ୍ଟା ରୋମାଣ୍ଟିକ୍ କବି ମାନସିଂହଂକର ବୀରଭାବର ଉଦାହରଣ ଭାବରେ ଉପରୋକ୍ତ ଅଂଶକୁ ନିଆଯାଇପାରେ। ସ୍ରଷ୍ଟାର ଆଦର୍ଶ ସଂପର୍କରେ ଓଡ଼ିଆ ସାହିତ୍ୟର ଇତିହାସ ପୁସ୍ତକରେ ମାନସିଂହ କହିଛନ୍ତି ଯେ, ଭାବ ଜଗତରେ ଆମେ ମୌଳିକ ଚିନ୍ତକମାନଂକୁ ସାଲ୍ୟୁଟ୍ କରୁ, ଯେଉଁମାନେ ପୃଥିବୀକୁ ନୂତନ ସତ୍ୟପନ୍ଥା ଦେଇ ଯାଆନ୍ତି। ସାଧାରଣତଃ ସେମାନେ ଦାରିଦ୍ର୍ୟ ଓ ଅବହେଳାରେ ମରନ୍ତି କିନ୍ତୁ ଜାତିର ଇତିହାସ ସେହି ମୌଳିକ ସ୍ରଷ୍ଟାମାନଙ୍କୁ ନେଇ ଗୌରବାନ୍ୱିତ ହୁଏ। ସବୁ ଦେଶରେ ସବୁକାଳରେ ମୌଳିକ ସ୍ରଷ୍ଟାମାନେ ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ଆସିଛନ୍ତି। "ଅନ୍ୟାୟୀ, ଅଯୋଗ୍ୟ, ଓ ଦାମ୍ଭିକର ପୃଷ୍ଠରେ ବିଧାତାର ପ୍ରକୃଷ୍ଟ ଚାବୁକ୍ ହେଉଛି କବିର ଲେଖନୀ କୌଣସି କାଳେ ବା କୌଣସି ଦେଶରେ ପ୍ରକୃତ କବିର ଲେଖନୀ। ତା'ର ଏଇ ବିଧାତା ଦତ୍ତ କର୍ତ୍ତବ୍ୟରେ ଅବହେଳା କରିନାହିଁ।" (୫୫) ବୀରତ୍ୱଭାବରେ ଉଦ୍‌ବୋଧିତ ହୋଇଥିବାରୁ କବି ମିଥ୍ୟାକୁ ପରାଜିତ କରି ଅନ୍ୟାୟକୁ ଧ୍ୱଂସ କରି ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇପାରିଛି।

**କର୍ମବୀର :**

ଚିନ୍ତାନାୟକ ମାନସିଂହଂକ ବିଚାରରେ ପ୍ରେମିକବୀର, ସ୍ରଷ୍ଟାବୀର ପରେ କର୍ମବୀରର ପ୍ରାଧାନ୍ୟ ଦେଖା ଯାଇଛି। ମାନସିଂହ ଯେଉଁ ମହାପୁରୁଷ ଓ ବ୍ୟକ୍ତି ବିଶେଷଂକୁ ଭଲ

ପାରନ୍ତି, ତାହା ସେମାନଙ୍କର କର୍ମନିଷ୍ଠା ପାଇଁ। ମାନସିଂହଙ୍କ ବିଚାରଧାରାରେ କର୍ମ ତଥା କର୍ମୀର ଆଦର ସର୍ବତ୍ର। ତାଙ୍କ ମତରେ: "କୌଣସି ଲୋକ ହାତୁଡ଼ି ମାରି ପାହାଡଟାକୁ ଦିନସାରା ପିଟିଥାଏ, ତାହା ଶ୍ରମ ମାତ୍ର, ଯେତେ ବାବା ଅଫଳପ୍ରସୂ! ସେହି ଶ୍ରମ ପ୍ରୟୋଗ କଲେ, ପାହାଡ଼ତଳେ ମାଟିରୁ ଝୁନା ଫୁଟିବ, ତାହା କର୍ମ। ଏହି କର୍ମ ହିଁ ମନୁଷ୍ୟଙ୍କୁ ବଞ୍ଚେଇ ରଖିଛି ଓ ତାହାର ସଭ୍ୟତାକୁ ଗଢିଛି।" (୫୬) ଯାହା ଫଳପ୍ରସୂ ତାହା କର୍ମ। ମାତ୍ର କର୍ମରେ ନିଷ୍ଠା ଓ ଆନ୍ତରିକତା ହିଁ ମଣିଷକୁ ମହତ କରେ। ପଦ ପଦବୀ ଅପେକ୍ଷା କର୍ତ୍ତବ୍ୟନିଷ୍ଠା ହିଁ ମଣିଷକୁ ଉର୍ଦ୍ଧ୍ୱତର ସୋପାନରେ ଅଧିରୂଢ କରେ। " ତୃତୀୟ ଶ୍ରେଣୀ କବି ଅପେକ୍ଷା ପ୍ରଥମ ଶ୍ରେଣୀ ମାଳୀର ମୂଲ୍ୟ ବେଶି; ଅଧମ ହାକିମ ଅପେକ୍ଷା କୁଶଳୀ କିରାଣୀର ମୂଲ୍ୟ ବେଶି। ଏହାତ ନିତ୍ୟ ଅନୁଭୂତିର ଘଟଣା।"(୫୬)

ବହୁ ଲୋକଙ୍କ ଧାରଣା ମାନସିକ ଶ୍ରମ କହିଲେ କିଛି ନାହିଁ ତାହା ଏକ ବିଳାସ ମାତ୍ର। ସମସ୍ତ କର୍ମ ଶରୀର ସଞ୍ଚାଳନରୁ ଉତ୍ସାରିତ। ମାନସିଂହ କିନ୍ତୁ ମାନସିକ ଓ ଶାରୀରିକ ଶ୍ରମ—ଉଭୟ ପ୍ରକାର ଶ୍ରମକୁ ସ୍ୱୀକାର କରିଛନ୍ତି। ତାଂକ ଦୃଷ୍ଟିରେ ମାନସିକ ଶ୍ରମର କର୍ମ ହିସାବରେ ମୂଲ୍ୟ ମହତ୍ତର :—"କବି ଲେଖକ ଶିଳ୍ପୀର କାର୍ଯ୍ୟକୁ ଯେଉଁମାନେ ଶ୍ରମହୀନ ସ୍ୱପ୍ନର ବିଳାସ ବୋଲି ମନେ କରନ୍ତି, ସେମାନେ ସୃଷ୍ଟି କ'ଣ ଜାଣନ୍ତି ନାହିଁ। ଅନେକ ତରୁଣ କବି, ଲେଖକ, ଶିଳ୍ପୀର ମଧ୍ୟ ଏହି ଭ୍ରାନ୍ତ ଧାରଣା ଥାଇପାରେ। କଳାରେ ସ୍ୱପ୍ନ ଓ କଳ୍ପନାତ ରହିବାର କଥା। ଯେଉଁ କବି ଓ ଲେଖକର ରଚନା ପଢିଲାବେଳେ ନଦୀସ୍ରୋତର ଅନୁକୂଳ ଗତିରେ ଡଙ୍ଗାରେ ବସି ଭାସିଗଲା ପରି ଲାଗେ, ସେହି କବି ଓ ଲେଖକଂକର ମୂଳଖାତା ସବୁ ଯଦିଥାଏ, ତେବେଯାଇ ଦେଖ। କେତେ କଟାକଟି, କେତେ ନଷ୍ଟି ଓ ସୃଷ୍ଟି ପରେ ତାଂକର ଶୈଳୀ ଜନ୍ମଲାଭ କରିଛି।" (୫୮) ଏଣୁ ଲେଖକଂକ ମତରେ ଶିଳ୍ପୀ ଓ ଲେଖକ ମାନଂକୁ ମଧ୍ୟ କର୍ମବୀର ଶ୍ରେଣୀର ଅନ୍ତର୍ଗତ କରାଯାଇପାରେ।

ତେବେ ମାନସିଂହଂକ ବିଚାରରେ କୌଣସି କର୍ମ ଅସାଧ୍ୟ ନୁହେଁ। "ଅଭ୍ୟାସ ଓ ନିୟମାନୁବର୍ତ୍ତିତା ରକ୍ଷାକଲେ ସମସ୍ତ କର୍ମ ଅଚିରେ ସାଧିତ ହୋଇ ପାରିବ। ଯେ ଅଳସ ଓ ଯା'ର କାମ ବିଶୃଙ୍ଖଳ, ତାକୁ ଛୋଟବଡ଼ ସବୁ ପ୍ରକାର ସିଦ୍ଧି ଅସମ୍ଭବ। କାମରେ ଅଭିନିବେଶ ଓ ଶୃଙ୍ଖଳା ରହିଲେ, କୌଣସି ସିଦ୍ଧିରେ ସଂଦେହ କରିବାର ଅବକାଶ ନାହିଁ। ଜଣେ ଲେଖକ ଦିନରେ ଦୁଇପୃଷ୍ଠା ମାତ୍ର ଲେଖିଲେ ଏକ ବର୍ଷ ମଧ୍ୟରେ ସାତ ଶତ ପୃଷ୍ଠାର ଏକ ପୁସ୍ତକ ଲେଖିଦେଇପାରେ। ଏକ ଏକ ଅଧ୍ୟାୟ ଲେଖୁ ଲେଖୁ, ଦିନେ ଜଣେ ଲେଖକ ଦେଖିବଯେ, ସେ ନିଜ ଦେଶର ଇତିହାସ ବା କୌଣସି ବଡ଼ଲୋକର ଜୀବନୀ ନେଇ ଏକ ପ୍ରକାଣ୍ଡ ଗ୍ରନ୍ଥ ଲେଖି ସାରିଛି। ପାଦେ ପାଦେ ଚାଲି, ଯାତ୍ରୀ ହଜାର ହଜାର କୋଶ ଘୁରି ଆସେ।"(୫୯)

ଯେଉଁ କର୍ମବୀରମାନେ ମାନବିକ ଚେତନାରେ, ବିଶିଷ୍ଟ କର୍ମରେ ବା ମାନବ ସେବାରେ ଜୀବନ ବିତାଇଛନ୍ତି, ସେହିମାନଙ୍କୁ ମାନସିଂହ ସଶ୍ରଦ୍ଧ ଚିତ୍ତରେ ସ୍ମରଣ କରିଛନ୍ତି। "ଏ ଦେଶର ନିଜର ଦୀର୍ଘ ଇତିହାସରେ ଏହି ପୁରାଣ ପ୍ରସିଦ୍ଧ ଜାତି କେବଳ ସେହିମାନଙ୍କୁ

ସର୍ବାଧିକ ସମ୍ମାନ ଦେଇ ଆସିଛି. ଯେଉଁମାନଙ୍କ ଠାରେ ଦେଶ ଓ ଜୀବନକୁ ସମଗ୍ର ଭାବରେ ଜାଣିବାର ଦୁର୍ବାର ଆଗ୍ରହ ଦେଖା ଦେଇଥିଲା, ଅର୍ଥାତ୍ ଜ୍ଞାନ ଅର୍ଜନ ନିମେ ମାନବ ତପସ୍ୟା କରୁଥିଲେ। ସେମାନେ ହେଉଛନ୍ତି. ଏମାନଙ୍କ ମଧ୍ୟରେ ଅନେକେ ଋଷି. ସେହିଠାରୁ ପୁଣି ବୁଦ୍ଧ, କାଳିଦାସ . ରାମମୋହନ ଓ ରବୀନ୍ଦ୍ରନାଥ। ଏ ଯାବତ୍ ଓଡ଼ିଶାରେ କେବଳ ଦୁଇଟି ବରେଣ୍ୟ ଦୃଷ୍ଟାନ୍ତ ଆଖିରେ ପଡୁଛି– ପଠାଣି ସାମନ୍ତ ଓ ପଣ୍ଡିତ ଗୋପୀନାଥ ନଂଦଶର୍ମା।''(୬୦)

ଏହି କର୍ମବୀରମାନେ ସାଧନା ବଳରେ ନିଜେ ବଡ଼ହେବା ସଂଗେ ସଂଗେ ଦେଶ ଓ ଜାତିର ଗୌରବ ବୃଦ୍ଧି କରିଥା'ନ୍ତି। ଭାରତବର୍ଷରେ ଗାନ୍ଧୀ ରବୀନ୍ଦ୍ରନାଥଙ୍କୁ ଶ୍ରେଷ୍ଠ କର୍ମୀ ସମ୍ମାନ ଦେବା ଭଳି ଓଡ଼ିଶାର କେତେଜଣଙ୍କୁ କର୍ମବୀର ଭାବରେ ମାନସିଂହ ସମ୍ମାନ ଦେଇଥିଲେ। ସେମାନଂକ ବିଷୟରେ ମାନସିଂହ ଲେଖିଛନ୍ତି:–''ଉନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ, ଉତ୍କଳ ଦେଶରେ ଏପରି କେତେକ ବ୍ୟକ୍ତି ଅବତୀର୍ଣ୍ଣ ହୋଇଥିଲେ, ଯାହାଂକୁ ଯଥାର୍ଥରେ କୁହାଯିବ ଗୁଣୀ, ମହତ, ଓ ପୁରୁଷ ପୁଂଗବ। ବୌଦ୍ଧିକ ଜଗତରେ ଚଂଦ୍ର ଶେଖର, ରାଧାନାଥ, ଫକୀରମୋହନ, ମଧୁସୂଦନ, ନଂଦକିଶୋର, ଗୋପୀନାଥ ନଂଦେ ଓ ମେହେରଂକ ସାଥୀକି ରାଜନୀତି ଜଗତରେ ଦେଖା ଦେଇଥିଲେ, ମଧୁସୂଦନ ଓ ଗୋପବଂଧୁ। ପୃଥିବୀର ଯେ କୌଣସି ଦେଶ ଓ ଜାତିରେ ଏମାନେ ବରେଣ୍ୟ ବିବେଚିତ ହୋଇଥା'ନ୍ତେ ଏବଂ ଓଡ଼ିଶାର ପ୍ରତିକୂଳ ପରିବେଶରେ ଜାତ ନ ହୋଇ, ଅଗ୍ରଗାମୀ ଦେଶମାନଂକରେ ସଭ୍ୟ ଓ ଶୁଭଦ ସମାଜମାନଙ୍କରେ ଅବତୀର୍ଣ୍ଣ ହୋଇଥିଲେ, ଇତିହାସରେ ଗଭୀର ରେଖା ଯେ ସେମାନେ ଛାପି ଯାଆନ୍ତେ, ଏଥିରେ ସଂଦେହ ନାହିଁ।'' (୬୧) ଓଡ଼ିଶାରେ ଏହି ବରେଣ୍ୟ କର୍ମବୀରମାନଂକ ମଧ୍ୟରେ ମାନସିଂହଂକ ଦୃଷ୍ଟିରେ ସବୁଠାରୁ ମହର୍ଣ୍ଣ ବା ଆଧୁନିକ ହେଲେ, ଦୁଇଜଣ: କୁଳବୃଦ୍ଧ ମଧୁସୂଦନ ଓ ସରସ୍ୱତୀ ଫକୀରମୋହନ। ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ଏଇ ଦୁଇଜଣଂକ ଜନ୍ମ କ୍ଷେତ୍ର ଓ ପରିବେଶ ଥିଲା ସବୁଠାରୁ ଅଧିକ ମଧ୍ୟଯୁଗୀୟ। ମିଃ ଦାସ ଓଡ଼ିଶା ପାଇଁ କ'ଣ କରିଥିଲେ ତାହା ଭିନ୍ନ ଦୃଷ୍ଟିରୁ ଆଲୋଚନା କରାଯାଇପାରେ କିନ୍ତୁ ମାନସିଂହଂକ ଦୃଷ୍ଟିରେ ମଧୁବାବୁ ଯେ ଗତ ଯୁଗର ଶ୍ରେଷ୍ଠ ଓଡ଼ିଆ ଓ ଶ୍ରେଷ୍ଠ ଉତ୍କଳପୁତ୍ର ଏଥିରେ କାହାର ମତଦ୍ୱୈଧ ନାହିଁ। କର୍ମ ଓ ବ୍ୟକ୍ତିତ୍ୱକୁ ଅଗ୍ରାଧିକାର ଦେଇଥିବାରୁ ଫକୀରମୋହନଂକ କର୍ମମୟ ଜୀବନର ବର୍ଣ୍ଣନାରେ ମାନସିଂହଂକ ରଚିତ 'ସରସ୍ୱତୀ ଫକୀରମୋହନ' ମୁଖର।

ମାନସିଂହଂକ ଆଦ୍ୟ ଲେଖକ ଜୀବନରେ ଗୋପବଂଧୁଂକ ବ୍ୟକ୍ତିତ୍ୱ କାୟା ବିସ୍ତାର କରିଥିଲା। ସନ ୧୯୨୦ ପରବର୍ତ୍ତୀ କାଳରେ ଗୋପବଂଧୁ ଥିଲେ ଓଡ଼ିଆ ଜନତାର ଆଶା ଆକାଙ୍କ୍ଷାର ପ୍ରତିଭୂ। ଦରିଦ୍ର ଜନସାଧାରଣଙ୍କ ଦୃଷ୍ଟିରେ ଗୋପବନ୍ଧୁ ଥିଲେ ମାନବୀୟ ମହତ୍ତ୍ୱର କାୟାପୁରୁଷ। ପ୍ରତ୍ୟକ୍ଷ ଭାବରେ ମାନସିଂହ ଗୋପବନ୍ଧୁଙ୍କ ସାନ୍ନିଧ ଲାଭ କରିବା ପୂର୍ବରୁ ତାଙ୍କର(ଗୋପନ୍ଧୁଙ୍କର) ସେବା, ତ୍ୟାଗ, ମାନବିକତା ଓ ସର୍ବମାନବ କଲ୍ୟାଣ କାମନା, ମାନସିଂହଙ୍କର ତରୁଣ କବିମନରେ ଇନ୍ଦ୍ରଧନୁର ବର୍ଣ୍ଣବିଭା ନେଇ

ଉଦ୍‌ଭାସିତ ହୋଇଥିଲା। ବିଭିନ୍ନ କବିତା ଓ ପ୍ରବନ୍ଧରେ ମାନସିଂହଙ୍କର କର୍ମବୀର ଗୋବବନ୍ଧୁଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ନୈବିଦ୍ୟ ଅର୍ପିତ।

ଗୋପବନ୍ଧୁଙ୍କ ସମ୍ପର୍କରେ ମାନସିଂହଙ୍କ ଉକ୍ତି ଏଠାରେ ପ୍ରଣିଧାନ ଯୋଗ୍ୟ। ‘‘ଏପରି ଦୁଷ୍ପ୍ରାପ୍ୟ ଗୁଣମାନଙ୍କର ଏକତ୍ର ସମାବେଶ ଘେନି, ଗୋପବନ୍ଧୁ ଓଡ଼ିଆ ଜାତିର ପ୍ରାଣ ପଦ୍ମରେ ଏପରି ଆସନ ଅଧିକାର କରିଛନ୍ତି, ଯାହା ସାଧାରଣ ଜନନାୟକଙ୍କ ଭାଗ୍ୟରେ ଘଟେନା। ଅନ୍ୟ ନେତାଏ ବଡ଼ ହୋଇପାରନ୍ତି, କିନ୍ତୁ ଏପରି ନିଜର, ଏପରି ପ୍ରିୟ, ଏପରି ଘନିଷ୍ଠ ଆପଣାର, ଗୋପବନ୍ଧୁ ପରି କିଏ ହେବ? ରାଧାନାଥ ଚିଲିକା ସମ୍ପର୍କରେ ଯାହା କହିଥିଲେ, ‘ଗୁରୁପ୍ରାୟ ତାଙ୍କୁ ଦୂରୁକରି ଭୀତି, ସଖୀପ୍ରାୟ ତୋତେ ସ୍ମରୁଥିଲି ନିତି’ ତାହା ଆମେ ଗୋପବନ୍ଧୁଙ୍କ ଠାରେ ହିଁ ଆରୋପ କରିପାରୁ ବା ବାପୁଜୀଙ୍କ ଠାରେ । ମଣିଷ୍ୟ ମନୁଷ୍ୟକୁ ବଡ଼ ସମ୍ମାନ ଯା ଠାରୁ ଅଧିକ ଦେଇ ନ ପାରେ।’’(୬୨) ଗୋପବନ୍ଧୁ ଯେ ମହାନ୍ ତାହା ତାଙ୍କର ପ୍ରତିଭା ଯୋଗୁ ବା ଜନ୍ମଯୋଗୁ ନୁହେଁ, ତାହାର କାରଣ ଗୋପବନ୍ଧୁ ଥିଲେ ଜଣେ ମନୁଷ୍ୟ। ତାଙ୍କର ବ୍ୟକ୍ତିତ୍ୱର ସକଳ ମହିମାର ଉତ୍ସ— ତାଙ୍କର ମାନବିକତା। ଗୋପବନ୍ଧୁ ମନୁଷ୍ୟକୁ ମନୁଷ୍ୟ ପରି ଦେଖିପାରୁଥିଲେ, ତେଣୁ ସିନା, ମନୁଷ୍ୟ ଦୁଃଖ ଦୁର୍ଦ୍ଦଶା ତାଙ୍କ ପ୍ରାଣକୁ ଏପରି ଅଥୟ କରି ପକାଉଥିଲା। ଏହି ମାନବତ୍ୱବୋଧ ଗୋପବନ୍ଧୁଙ୍କୁ ଶ୍ରେଷ୍ଠ କର୍ମବୀରରେ ପରିଣତ କରିଥିଲା। ଏହି ମହାବୀରଙ୍କ ପ୍ରତି ଆତ୍ମୀୟତାର ଶ୍ରେଷ୍ଠ ସ୍ୱାକ୍ଷର ‘ଗୋପ ତର୍ପଣ’ ଓ ‘ଗୋପପ୍ରୟାଣ’ କବିତା। ନିଜର ମାନସଲୋକରେ ଜୀବନର ମହନୀୟ କର୍ମାବଳୀପ୍ରତି ଥିବା ଉନ୍ମୁଖତା ନିମ୍ନଲିଖିତ ପଂକ୍ତିରେ ଉଚ୍ଚାରିତ :

‘ମହାବୀର ମହାପ୍ରୟାଣ ରଚିଲା ଆଜି,/ତା’ ମହାଜାତିର ଗର୍ବ ଗଲାଯେ ଭାଜି’ (କ)‘ଘରେ ଘରେ ଉଠେ କ୍ରନ୍ଦନ ରୋଳ ବାଜି,/ ବିରାଟ ଓଡ଼ିଆ ଜାତି ମଥାମଣିଭୂତଳେ ଖସିଲା ଆଜି, (ଖ) ‘ଧର୍ମ ଭୁଲି ସେ ଦରିଦ୍ର ମୁଖେ ଅନ୍ନ ଦେଇଛି ଆଣି,/ ସକଳ ଦୁଃଖକୁ ନିଜ ଦୁଃଖ କରି ଚକ୍ଷୁ ଦେଇଛି ପାଣି’, (ଗ) ‘ଧାର୍ମିକ ଖାଲି ନିଜ ସୁଖ ଖାଲି ଦେବତାରେ ଅଛ ମାଗି,/ପରସୁଖପାଇଁ ସେ ଡ଼ାକିଛି ତାର ଦେବତା ରାତ୍ରି ଜାଗି’,(ଘ)

## ଚିନ୍ତାନାୟକ ବୀର ବା ଦାର୍ଶନିକ ବୀର :

ବୟସ ବଢ଼ିବା ସଙ୍ଗେ ସଙ୍ଗେ କବି ମାନସିଂହ, ଚିନ୍ତାନାୟକ ମାନସିଂହରେ ରୂପାନ୍ତରିତ ହେବାକୁ ଆରମ୍ଭ କରିଛନ୍ତି। ପ୍ରାଥମିକ ଜୀବନର ପ୍ରେମ, ସେବା, ମାନବିକତା ଓ ସୃଷ୍ଟିଶୀଳତା ଆଦି ଗୁଣପ୍ରତି ଥିବା ତାଙ୍କର ଅନ୍ତରଙ୍ଗତା କ୍ରମଶଃ ବୁଦ୍ଧିରେ ପରୀକ୍ଷିତ ହେବାକୁ ଆରମ୍ଭ କରିଛି। ଇଂଲଣ୍ଡରେ ସ୍ୱଳ୍ପକାଳ ଅବସ୍ଥାନ ପରେ ମାନସିଂହ ବୁଝି ପାରିଛନ୍ତି, ବୁଦ୍ଧିର ବିକାଶ, ସଭ୍ୟତାର ଅଗ୍ରଗତିର ସୂଚକ। ପ୍ରେମ, ପ୍ରଣୟ, ଦୟା, ଦାକ୍ଷିଣ୍ୟ, ଇତ୍ୟାଦି ମାନବିକ ଗୁଣ, ଏକ ଶୁଭଦ ଜୀବନ ନିମିତ୍ତ ଯେଭଳି ଆବଶ୍ୟକ, ଜୀବନର ବିକାଶ ପାଇଁ ଓ ଅଗ୍ରଗତି ପାଇଁ ଚିନ୍ତାର ଭୂମିକା ସେହିପରି ଉଲ୍ଲେଖଯୋଗ୍ୟ। ବୁଦ୍ଧିର ପ୍ରକର୍ଷ, ମାନବିକତାର ଉତ୍କର୍ଷର ନିୟାମକ। ଯାହାମନରେ ଖୋଜିବାର ସ୍ପୃହା

ନାହିଁ, ସେ ମଣିଷ ହେଲେ ହେଁ ଜଡ଼। ବ୍ୟକ୍ତି ପ୍ରାଣର ଜିଜ୍ଞାସା ସଂପର୍କରେ ମାନସିଂହ କହନ୍ତି:" ପ୍ରଶ୍ନ ବା ଜିଜ୍ଞାସା ହିଁ ଉନ୍ନତ ମାନବିକତାର ଆଦ୍ୟ ଚିହ୍ନ। ସନ୍ତୋଷ ଜାନ୍ତବ ଧର୍ମ। ଗାଈ ଛେଳି ପ୍ରଶ୍ନ ପଚାରନ୍ତିନି। ବହୁଯୁଗ ଧରି ଭାରତବର୍ଷ ଯେ ବିଶ୍ବର ଜ୍ଞାନରାଜ୍ୟକୁ କିଛି ଦେଇପାରି ନାହିଁ, ତା'ର କାରଣ, ଭାରତୀୟ ମନରେ ପ୍ରଶ୍ନ ପଚାରିବା ବନ୍ଦ ହୋଇଯାଇଛି। ଆଜି ଭାରତବର୍ଷରେ ଅଧ୍ୟାପକ ଶ୍ରେଣୀର ପ୍ରାଣରେ ମଧ୍ୟ କୌଣସି ପ୍ରଶ୍ନ ନାହିଁ, କେବଳ ଅର୍ଥ ଓ ପଦ ପଦବୀର ସଂଗ୍ରହ ଛଡ଼ା। ତାହାହିଁ ଆଜି ଆମର ପରମ ଅଧଃପତନ। ଉପନିଷଦ ଯୁଗରେ ଭାରତବର୍ଷର ବୁଦ୍ଧିଜୀବୀ ସ୍ତରରେ, ଏ ବିଶ୍ବକୁ ଚିହ୍ନିବାକୁ, ତା'ର ଅନ୍ତର୍ନିହିତ ତତ୍ତ୍ୱ ବୁଝିବାକୁ, ଯେଉଁ ଅବାରଣ ପ୍ରଚେଷ୍ଟା ଚାଲିଥିଲା, ସେହି ମହାନ୍ ଜିଜ୍ଞାସା ହିଁ ଭାରତକୁ ମହିମମୟ କରି ଠିଆ କରାଇଛି।" (୬୪) କେବଳ ଭାରତବର୍ଷରେ ନୁହେଁ, ପୃଥିବୀ ଇତିହାସରେ ଯେଉଁଠି ଯେଉଁଠି ତଥାକଥିତ 'ସ୍ୱର୍ଣ୍ଣଯୁଗ' ଦେଖାଯାଇଛି ସେଠି ତାହା ନିଶ୍ଚିତ ଭାବରେ ସମ୍ଭବ ହୋଇଛି, ମଣିଷ ମନର ଅବାଧ 'ଜିଜ୍ଞାସା' ଫଳରେ। ଗ୍ରୀସ୍‌ର ଏଥେନ୍ସ ନଗରୀ ପରି ବୌଦ୍ଧ ଯୁଗରେ ଭାରତର ଚିତ୍ତ ବାଧାବଂଧନ ହୀନ ଭାବରେ ଜିଜ୍ଞାସା ଓ ଆତ୍ମପ୍ରକାଶରେ ମାତି ଉଠିଥିଲା। ତା'ର ଫଳ ସାଁଚି, ବାରହୁତ, ଅଜନ୍ତାର ଅପୂର୍ବ ସୃଷ୍ଟି, ଚରକ ଶୁଶ୍ରୁତଙ୍କର ମୌଳିକ ଚିକିତ୍ସା ବିଜ୍ଞାନ, ଅଶୋକଙ୍କର ଶାନ୍ତିମନ୍ତ୍ର ଶାସିତ ବିରାଟ ସାମ୍ରାଜ୍ୟ ଏବଂ ସମଗ୍ର ଏସିଆ ମହାଦେଶରେ 'ଧମ୍ମଂ ଶରଣଂ ଗଚ୍ଛାମି' ମନ୍ତ୍ରର ଉଦଘୋଷଣା। ମାତ୍ର ଶତଶତ ବର୍ଷଧରି ଓ ଆଜିବି ଭାରତ ଯେ ଏକ ଦରିଦ୍ର ଦୁର୍ବଳ, ଛିନ୍ନବସ୍ତ୍ର ପରିହିତ, ନିରକ୍ଷର, ଅନଗ୍ରସର ବ୍ୟାଧିମୟ, ଘୃଣିତ– ଅପରିଚ୍ଛନ୍ନ, ଭିକ୍ଷୁକର ଜାତି ହୋଇ, ବିଶ୍ବରେ ଦଣ୍ଡାୟମାନ, ତାହାର ଏକାନ୍ତ କାରଣ ଏଠାରେ ମଣିଷ ମନରେ ଜିଜ୍ଞାସାର ଅଭାବ।

ଚିନ୍ତାନାୟକ ମାନସିଂହଙ୍କ ମତରେ–" ଜିଜ୍ଞାସା ହିଁ ମନୁଷ୍ୟ ନାମକ ଜୀବର ପରମତମ ଓ ପ୍ରଥମତମ ଲକ୍ଷଣ, ଏଥିରେ ସଂଦେହ ନାହିଁ। ମନୁଷ୍ୟର ଏହି ଜିଜ୍ଞାସା ଗୁଣ ଉପରେହିଁ, ମାନବ ସଭ୍ୟତା ଦଣ୍ଡାୟମାନ। ଯାକୁ ଯେଉଁମାନେ ନିଜ ଜାତି ଭିତରେ ବଞ୍ଚେଇ ରଖିଛନ୍ତି। କେବଳ ସେଇମାନେ ହିଁ ଚନ୍ଦ୍ରଲୋକରେ ଉପନିବେଶ କରିବେ ଓ ଶୁକ୍ର ମଂଗଳ ଗ୍ରହକୁ ଯାତାୟତ କରିବେ। ଆମଭଳି ଜିଜ୍ଞାସାହୀନ ଜାତିକୁ ସହସ୍ର ସହସ୍ର କଲେଜ ଓ ବିଶ୍ୱବିଦ୍ୟାଳୟ ଜ୍ଞାନୀ କରିବା ଦୂରେ ଥାଉ, ସାକ୍ଷର ମଧ୍ୟ କରି ପାରିବନି ଏବଂ ଆମେ କୌଣସି କାଳେ ଏକ ସମୃଦ୍ଧ ସୁଶାସିତ ସୁସମ୍ମାନିତ ଜାତି ହୋଇ ପାରିବାନି।"(୬୫)

ମନୁଷ୍ୟ ବାହ୍ୟଜଗତର ସଂଧାନ ସଂଗେ ସଂଗେ ଅର୍ନ୍ତଜଗତର ମଧ୍ୟ ଅନୁସଂଧାନ କରିଚାଲେ। ସେହି ଅଦୃଶ୍ୟ ଶକ୍ତି କ'ଣ ? ସେହି ଶକ୍ତିକୁ ଚିନ୍ତାଶୀଳ ଲୋକମାନେ ବିଭିନ୍ନ ନାମରେ ବିଭିନ୍ନ ରୂପରେ ହିଁ ଚିହ୍ନିତ କରିଥା'ନ୍ତି। କେତେକ ବ୍ରହ୍ମାଣ୍ଡ ମଧ୍ୟରେ ସେହି ଶକ୍ତିର ସଂଧାନ କଲାବେଳେ, କେତେକ ପିଣ୍ଡ ମଧ୍ୟରେ ହିଁ ସେହି ଶକ୍ତିର ଅଂଶ ବିଶେଷକୁ ଠାବ କରନ୍ତି। ମାନସିଂହଙ୍କ ମତରେ, ମନୁଷ୍ୟ ଈଶ୍ୱରଂକୁ ମାନୁ ବା ନ ମାନୁ ଯାଏ ଆସେ ନାହିଁ, କିନ୍ତୁ ଯେ କେହି ଜୀବନରେ କୌଣସି କ୍ଷେତ୍ରରେ

ସିଦ୍ଧିଲାଭ କରିବାକୁ ଚାହାନ୍ତି, ତାକୁ ଏହି ଆତ୍ମଶକ୍ତିକୁ ସକ୍ରିୟ କରିବାକୁ ହେବ। ଜୀବନର ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରି ଏକାଗ୍ରଚିତ୍ତ ଓ ଏକାଗ୍ରଚେଷ୍ଟ ହୋଇ, ସେହି ଲକ୍ଷ୍ୟରେ ନ ପହଁଚିଲା ପର୍ଯ୍ୟନ୍ତ ତାଂକର ବିଶ୍ରାମ ଯେପରି ନ ରହେ। ଏପରି ଅକ୍ଲାନ୍ତ ସଂଗ୍ରାମରେ ଜୟ ନିଶ୍ଚିତ। ବଡ଼ଲୋକର ପୁଅ ହୋଇ ଜନ୍ମ ହେବାରେ ନୁହେଁ, ଦାରିଦ୍ର୍ୟ ସଂଗେ ଲଢ଼ି ବଡ଼ଲୋକ ହେବାରେ ପ୍ରକୃତ ପୁରୁଷକାର।(୬୬)

କେବଳ ମହାମାନବତ୍ୱ ନୁହେଁ, ପ୍ରକୃତ ମାନବତ୍ୱର ମାପକାଠି ମଧ୍ୟ ସାମାନ୍ୟ, ସାଧାରଣ ପାର୍ଥିବ ସିଦ୍ଧିରେ ନଥାଏ ବା ନରହିବା କଥା। ତାହାଥାଏ କେବଳ ମନୁଷ୍ୟର ଚିନ୍ତାର ଊର୍ଦ୍ଧ୍ୱଗତିରେ, କଳ୍ପନାର ସୂକ୍ଷ୍ମ ସୁଷମାରେ, ଅନୁଭୂତିର ଗଭୀରତାରେ ଓ ସହାନୁଭୂତିର ବ୍ୟାପକତାରେ। ବାହାରର ଜୀବନ ସାଧାରଣ ଜଣାଗଲେ ମଧ୍ୟ ମହାମାନବ ବା ପ୍ରକୃତ ମାନବର ଜୀବନର ତଳେ ତଳେ ଏ ପ୍ରକାର ଅପାର୍ଥିବ ସିଦ୍ଧିର ଏହି ଅକଳ୍ପନୀୟ ଫଲ୍‌ଗୁଧାରା ପ୍ରବାହିତ ହୋଇଥାଏ।

ଦାର୍ଶନିକ ବା ଚିନ୍ତାନାୟକ ମଣିଷ ହିଁ ବିଭିନ୍ନ ସମୟରେ ବିପଥଗାମୀ ମଣିଷକୁ ମାର୍ଗ ପ୍ରଦର୍ଶନ କରାଇଛି। ତାତ୍‌କାଳିକ ଆନଂଦ ପାଇଁ ମଣିଷ ବେଳେ ବେଳେ ପଥ ଚ୍ୟୁତେ, ଅଜ୍ଞତା ବଶରୁ କୁମାର୍ଗରେ ଗତି କରେ, ବିଜ୍ଞବ୍ୟକ୍ତିମାନେ, ସମାଜର ଶୁଭ ଚିନ୍ତକମାନେ ପଥଭୁଲା ମଣିଷକୁ ଆସି ବାଟ ଦେଖାଇଦେଇ ଯାଆନ୍ତି। ମଣିଷ ଭିତରେ ଏହି ମହାମାନବଂକୁ ମାନସିଂହ ଆନ୍ତରିକ ଭାବରେ ଶ୍ରଦ୍ଧା ତଥା ସମ୍ମାନ ପ୍ରଦର୍ଶନ କରିଛନ୍ତି। ମାନସିଂହଂକର ସଶ୍ରଦ୍ଧ ସମ୍ମାନନୀୟ ଚିନ୍ତାନାୟକମାନଂକ ମଧ୍ୟରୁ ପ୍ରମୁଖ ହେଲେ ଶ୍ରୀକୃଷ୍ଣ, ବୁଦ୍ଧ ଓ ଗାଂଧୀ।

ମାନସିଂହ ଶ୍ରୀକୃଷ୍ଣଂଙ୍କର ଦୁଇଟି ରୂପ ପ୍ରତ୍ୟକ୍ଷ କରିଛନ୍ତି— ମାନବକୃଷ୍ଣ ଓ ଦେବତା କୃଷ୍ଣ। ମାନବ କୃଷ୍ଣ ମାନବୀୟ ଗୁଣାବଳୀର ଆକର, ଚିନ୍ତା ଜଗତରେ ଜଣେ କ୍ରାନ୍ତିକାରୀ। ଭଗବତ୍‌ଗୀତାର ରଚୟିତା ଓ ନାୟକକୃଷ୍ଣ ଭାରତୀୟ ମନୀଷାକୁ ସଂପୃକ୍ତ ଗ୍ରନ୍ଥରେ ଉତ୍‌କୀର୍ଣ୍ଣ କରିଯାଇଛନ୍ତି। ଚିନ୍ତାନାୟକ ଭାବରେ ଶ୍ରୀକୃଷ୍ଣଂକ ବୈଶିଷ୍ଟ୍ୟ ସଂପର୍କରେ ଆଲୋକପାତ କରିବାକୁ ଯାଇ, ସେ କହିଛନ୍ତି: "ଆମେ ଜାଣିବାକୁ ପାଉନ୍ତୁ ଯେ, ଶ୍ରୀକୃଷ୍ଣ ଆମପରି ଜଣେ ସୁଖଦୁଃଖ ଭୋଗୀ ସାଧାରଣ ମନୁଷ୍ୟ ହିଁ ଥିଲେ ଏବଂ ସେହି କାରଣରୁ ହିଁ ଆମ ଜୀବନର ସମସ୍ୟାମାନଂକ ପ୍ରତି ତାଙ୍କ ଉପଦେଶରୁ ଆମେ ସଂଗତ ଅର୍ଥ ଓ ମୂଲ୍ୟ ଆଶା କରିପାରିବା। ଅଦ୍‌ଭୂତକର୍ମା କୌଣସି ଅବତାର ସହିତ ଆମପରି ସାଧାରଣ ମନୁଷ୍ୟର କି' ଅର୍ଥ, କି' ଅବା ସଂପର୍କ? ଆମର ପାର୍ଥିବ ମନୁଷ୍ୟ ଜୀବନର ଦୁଃଖ ଦୁର୍ଦ୍ଦଶା—ଜଂଜାଳ, ସେ କିପରି ଜାଣିଲେ ଯେ, ସେ ସବୁ ସଂପର୍କରେ ଠିକ୍ ଠିକ୍ ଉପଦେଶ ଦେବେ।" (୬୭) ଶ୍ରୀକୃଷ୍ଣଂକୁ ମନୁଷ୍ୟ ବୋଲି କହିବାର ଅନ୍ୟତମ କାରଣ ଭାବରେ ମାନସିଂହ କହନ୍ତି: "ଶ୍ରୀମଦ୍‌ଭଗବତ୍‌ଗୀତାର ଉପଦେଶ ମଧ୍ୟ ଆମର ସାଧାରଣ ଦୈନଂଦିନ ଜୀବନ ପ୍ରତି ଅସାଧାରଣ ଭାବରେ ଯଥାର୍ଥତା ସଂପନ୍ନ। ପୁଣି

ଶ୍ରୀକୃଷ୍ଣଙ୍କୁ ସାଧାରଣ ମନୁଷ୍ୟ ବୋଲି ନ ଧରିଲେ ମଧ୍ୟ, ଗୀତାର କେନ୍ଦ୍ରୀୟ ଉପଦେଶର ସଂଗତି ଆମେ ପାଇ ପାରିବା ନାହିଁ, ଯେପରି ବାପୁଜୀ ଓ ଶ୍ରୀରାମକୃଷ୍ଣଙ୍କୁ ସାଧାରଣ ମନୁଷ୍ୟ ବୋଲି ନଧରିଲେ , ସେମାନଙ୍କର ବାଣୀ ଓ ବ୍ୟକ୍ତିତ୍ୱର ମହିମାକୁ ଆମେ ଠିକ୍ ବୁଝି ପାରିବା ନାହିଁ।'' (୬୮) ଶ୍ରୀକୃଷ୍ଣ ନିଜେ ଥିଲେ ଏକ ଜୀବନ୍ତ ଭଗବଦ୍‌ଗୀତା। ସେ ଗୀତାର ବାଣୀ କେବଳ ପ୍ରଚାର କରି ନଥିଲେ, ଗାଂଧିଜୀଂକ ପରି ଗୀତାର ବାଣୀକୁ ସେ ପ୍ରତିଦିନର ଜୀବନରେ ଅଭ୍ୟାସ କରିଥିଲେ ବୋଲି କହିବାକୁ ହେବ।

ମହାମାନବ ଶ୍ରୀକୃଷ୍ଣଂକ ସଂପର୍କରେ ମାନସିଂହଂକର ସର୍ବଶେଷ ମତ ହେଲା: ''ବିରାଟ ମହାଭାରତରେ ବର୍ଣ୍ଣିତ, ଅଗଣିତ ନାୟକ ନାୟିକାମାନଂକ ମଧ୍ୟରେ ଆମେ କେବଳ ଶ୍ରୀକୃଷ୍ଣଂକୁ ହିଁ ପୂର୍ଣ୍ଣମାନବ ବା ପୁରୁଷୋତ୍ତମ କହି ପାରିବା। ଜଣେଲୋକ ପିଲାଦିନେ ଗାଈ ଚରାଉଥିଲା, ନିଜ ଲୋକଂକୁ ମେଳାଇ ସେ ଟୋକା ବୟସରେ ହିଁ ଏକ ରାଷ୍ଟ୍ର ବିପ୍ଳବ ଘଟାଇ ଏକ ବ୍ୟାପକ ସଂପ୍ରଦାୟକୁ ଅତ୍ୟାଚାରରୁ ମୁକ୍ତ କଲା। ସେ ଥିଲା ଅସାଧାରଣ ସୁଂଦର ଦେଖିବାକୁ ଓ ଥିଲା ମଧ୍ୟ ଅସାଧାରଣ ଶକ୍ତିଶାଳୀ, ଧୁରଂଧର ଯୋଦ୍ଧା ଓ ବୁଦ୍ଧିମାନ ମନୁଷ୍ୟ। ପରେ ସେ ହୋଇ ଉଠିଲା ଏପରି ଏକ ୱାଇଜ୍‌ମ୍ୟାନ୍ ବା ପ୍ରାଜ୍ଞ ବ୍ୟକ୍ତି ଯାହାଂକଠାରୁ ଉପଦେଶ ପାଇବାକୁ ବୟସ୍କ ଲୋକେ ମଧ୍ୟ ଦଉଡ଼ିଲେ। ବଂଶୀ ଧ୍ୱନିରେ ସେ ତରୁଣ ବୟସରେ ସମସ୍ତଂକୁ ମୁଗ୍ଧ କରିଥିଲେ ଏବଂ ପରେ ସେ ବିଶ୍ୱକୁ ମୁଗ୍ଧ କଲେ ନିଜ ବାଣୀ ଓ କାର୍ଯ୍ୟ ଦ୍ୱାରା। ନିଜର ସ୍ୱକୀୟ ପରିଧାନ ଓ ପରିପାଟି ମଧ୍ୟ ତାଂକୁ ସମାଜରେ ବୈଶିଷ୍ଟ୍ୟ ଦେଇଥିଲା। ସେ ରାଜ୍ୟ ସ୍ଥାପନ କଲେ ଏବଂ ଥିଲେ ମଧ୍ୟ ନୂତନ ନର୍ତ୍ତନ ରୀତି (ଗୁଜୁରାଟର ଗୁର୍ବା ନୃତ୍ୟ)ର ପ୍ରବର୍ତ୍ତକ। ସର୍ବୋପରି ସେ ମଧ୍ୟ ହେଲେ ଏକ ନୂତନ ଦର୍ଶନର ପ୍ରତିଷ୍ଠାତା।''(୬୯)

ଶାକ୍ୟମୁନି ଗୌତମ ଭାରତୀୟ ଚିନ୍ତାରାଜ୍ୟର ଦିଗ୍‌ବଳୟକୁ ନିଜର କର୍ମ ଓ ଉପଦେଶ ଦ୍ୱାରା ସଂପ୍ରସାରିତ କରିଥିଲେ। ବ୍ରାହ୍ମଣ୍ୟ ଧର୍ମର ବିଘାତରେ ଜଡ଼ୀଭୂତ ମାନବର ଆତ୍ମା ଗୌତମବୁଦ୍ଧଂକ ଧର୍ମୋପଦେଶ ଭିତରେ ନବଜୀବନର ସଂଦେଶ ଆବିଷ୍କାର କଲା। ଯଜ୍ଞ, ପୂଜା, ବଳି ଓ ଉପଚାରର ଅଂଧ ବିଶ୍ୱାସ ଭିତରେ ବଂଧ୍ୟାତ୍ୱପ୍ରାପ୍ତ ଭାରତୀୟ ଜିଜ୍ଞାସା ଗୌତମ ବୁଦ୍ଧଂକ ବ୍ୟକ୍ତିତ୍ୱ ଦ୍ୱାରା ପୂର୍ଣ୍ଣ ଉଦ୍‌ଭାସିତ ହୋଇ ନବସୃଷ୍ଟିରେ ସମର୍ଥ ହୋଇଥିଲା। ଜୀବନର ଅପରାହ୍ଣରେ ମାନସିଂହ ବୌଦ୍ଧଧର୍ମର ବୈପ୍ଲବିକ ସଂଦେଶକୁ ଆତ୍ମସ୍ଥ କରିବାକୁ ଚାହିଁଥିଲେ। ନିଜର ଜୀବନଚର୍ଯ୍ୟା ଭିତର ଦେଇ ବୌଦ୍ଧଧର୍ମର ହେତୁବାଦୀ ଜିଜ୍ଞାସାର ପୁନରାବିଷ୍କାର ଚାହିଁଥିଲେ। ତରୁଣ କୃଷ୍ଣ ନୁହନ୍ତି, ବୁଦ୍ଧହିଁ ଥିଲେ ତାଂକର ଆଦର୍ଶ ଚିନ୍ତା ନାୟକ। ଭଗବଦ୍‌ଗୀତା ନୁହେଁ, 'ଧମ୍ମପଦ' ହିଁ ଥିଲା ତାଂକର ଶ୍ରେଷ୍ଠ ଆଦର୍ଶ। କଷ୍ଟ କାଠିନ୍ୟ ଯୁକ୍ତିଶୀଳତା ଭିତରେ 'ଧମ୍ମପଦ' ତାଙ୍କ ଜୀବନକୁ ଯେଉଁଭଳି ଓ ମହତ୍ ମାର୍ଗ ପ୍ରଦର୍ଶନ କରିଛି, ଭଗବଦ୍ ଗୀତା ତାହା କରିବା ପାଇଁ ସମର୍ଥ ହୋଇନାହିଁ। ତେଣୁ ବୁଦ୍ଧଂକ ଯୁକ୍ତିଶୀଳ ଜିଜ୍ଞାସାପ୍ରବଣ ବ୍ୟକ୍ତିତ୍ୱ ମାନସିଂହଂକ ଭଳି ଭାବପ୍ରବଣ ବ୍ୟକ୍ତିଂକୁ ହଠାତ୍ ଅଧିକାର କରି ବସିଛି। ମାନସିଂହଂକ ଭାଷାରେ: ''ବୁଦ୍ଧ ଯେ ମନୁଷ୍ୟର ଧର୍ମପଥକୁ ସକଳ ବାହ୍ୟ ଆଚାରମୁକ୍ତ କରି କଠୋର ଆତ୍ମ ସାଧନରେ ପର୍ଯ୍ୟବସିତ କଲେ, ତାହା ହୁଏତ ଏକ ପ୍ରତିକ୍ରିୟା, ଯେପରିକି ପରେ କ୍ରୀତଦାସଂକୁ ଜୀବଜନ୍ତୁପରି ବ୍ୟବହାର କରିବାର ଦେଖି ମହାପ୍ରାଣ ଆବ୍ରାହିମ୍ ଲିଂକନ୍ ଦାସପ୍ରଥା ବିରୁଦ୍ଧରେ ସଂଗ୍ରାମ

କରିଥିଲେ। ଆମ୍ଭେମାନେ ଦେଖିବା ଯେ, ବୁଦ୍ଧବାଣୀର ଲକ୍ଷ୍ୟ ଯାହା ଭଗବତ୍‌ଗୀତାର ଲକ୍ଷ୍ୟ ମଧ୍ୟ ସେଇଆ। ଦୁଇଟି ଭିତରେ କୌଣସିଟିରେ ପୁରୋହିତ ବା ପୁରୋହିତ ନିର୍ଭର କୌଣସି ପ୍ରକାର ଆଚାରର ସ୍ଥାନ ନାହିଁ। ତାହା ଏକାନ୍ତରେ ସାଧାରଣ ନରନାରୀର ନିଜସ୍ୱ ସାଧନାର ଫଳ।''(୭୦)

ଆଧୁନିକ ଯୁଗର ସର୍ବଶ୍ରେଷ୍ଠ ପୁରୁଷ 'ବାପୁଜୀ' ମାନସିଂହଙ୍କ ଦୃଷ୍ଟିରେ ଜଣେ ମହାନ୍ ଚିନ୍ତାନାୟକ। ଗୋଟିଏ ଦିଗରେ ଗାଂଧିଜୀଂକ ମାନବିକ ଭୂମିକା ଓ ଆଧ୍ୟାତ୍ମ ଜିଜ୍ଞାସା, ଅପର ଦିଗରେ ଜୀବନ ଓ ଜଗତପ୍ରତି ତାଂକର ନିଜସ୍ୱ ଦୃଷ୍ଟିକୋଣ କବି, ପ୍ରାବଂଧିକ ଓ ଔପନ୍ୟାସିକ ମାନସିଂହଙ୍କୁ ମନ୍ତ୍ରମୁଗ୍ଧ କରିଛି। ତାଂକର 'ବାପୁ ତର୍ପଣ' କବିତା ଗ୍ରନ୍ଥରେ ଜନନାୟକ ଗାଂଧୀଂକର ମହାନତା ପ୍ରତିଫଳିତ ହୋଇଥିବା ବେଳେ ପ୍ରବନ୍ଧଗୁଡ଼ିକରେ ଚିନ୍ତାନାୟକ ଗାଂଧୀ ହିଁ ଅଗ୍ରେ ଉଭା ହୋଇଛନ୍ତି। ତାଂକ ଦୃଷ୍ଟିରୁ କୃଷ୍ଣ ଓ ବୁଦ୍ଧଂକର ଆଧୁନିକ ରୂପାନ୍ତର ଗାଂଧିଜୀ। କୃଷ୍ଣଂକର ସାହସିକତା, ମାନବିକତା ଓ ବୁଦ୍ଧଂକର କରୁଣା, ଜିଜ୍ଞାସାବୋଧ ଏକତ୍ର ଗାଂଧୀ–ବ୍ୟକ୍ତିତ୍ୱରେ ସହାବସ୍ଥାନ କରିଛି। ପ୍ରତିକୂଳ ଅବସ୍ଥା ତାଂକ ଭଳି ମହାପୁରୁଷଂକ ଯାତ୍ରାପଥକୁ ଅବରୋଧ କରିପାରି ନାହିଁ। ''ପ୍ରତିକୂଳ ଅବସ୍ଥାରେ ପ୍ରତିଭା ସଂପନ୍ନ ଲୋକେ ଯାହା କରିଥୋଇ ପାରନ୍ତି, ଅନୁକୂଳ ପରିସ୍ଥିତିରେ ମଧ୍ୟ ଆମପରି ସହସ୍ର ଅଧମ କରିପାରିବେ ନାହିଁ। ଆମପରି ସହସ୍ର ଅଧମ କେବଳ କାଳର ପୁତ୍ତଳିକା। କାଳ ଆମକୁ ଗଢେ ଧ୍ୱଂସଦେଇ ନିଶ୍ଚିହ୍ନ କରିଯାଏ, ପ୍ରତିଭା କିନ୍ତୁ କାଳକୁ ଗଢ଼େ ଓ ତାକୁ ଦେଇଯାଏ ଆମରଣ ସ୍ୱର୍ଣ୍ଣମୁକୁଟ। ଦୃଷ୍ଟାନ୍ତ ସ୍ୱରୂପ, କେବଳ ଗାଂଧିଜୀ ହିଁ ତାଂକର ସମଗ୍ର ଜୀବନ ଯାତ୍ରାପଥରେ ଗଢ଼ି ଗଢ଼ି ଚାଲିଲେ ତାଂକ ନିଜର କାଳ ଓ ଇତିହାସକୁ; ବାକି ସମସ୍ତ ଭାରତୀୟ ନେତା, ସେହି ଗାଂଧୀ ଗଢ଼ା କାଳର ଉପ–ପ୍ରସବ ମାତ୍ର।''(୭୧)

ଚିନ୍ତାନାୟକମାନେ ସେମାନଂକର କର୍ତ୍ତବ୍ୟବୋଧ ତଥା ସମାଜକୁ ଦେଉଥିବା ଦିଗ୍‌ଦର୍ଶନ ହେତୁ ମଣିଷ ସମାଜରେ ଆଦର୍ଶ ସ୍ଥାନୀୟ ହୋଇଥା'ନ୍ତି। ଚିନ୍ତାନାୟକଂକ ସଂପର୍କରେ ମାନସିଂହଙ୍କ ଶେଷ କଥା ହେଲା:– ''ଗାନ୍ଧୀ, ରାମକୃଷ୍ଣ–ଶାରଦାମଣି, ଆମ ଭାରତୀୟ ସଂସ୍କୃତି ଓ ଜାତୀୟତାର ପ୍ରତୀକ। ଏବର ଦରମା କ୍ଷମତାଦି–ସ୍ୱାର୍ଥ– ପୂରଣ–ସର୍ବସ୍ୱ ଫଂଗପାଳ ପରି ସର୍ବବ୍ୟାପ୍ତ ଇତର ଶ୍ରେଣୀର ମନ୍ତ୍ରୀ–ନେତା–ଏମ୍.ଏଲ୍.ଏ., ଭାଇସ୍‌ଚାନ୍‌ସେଲର୍–ପ୍ରଫେସର–ଆମ ସଂସ୍କୃତି ଓ ସଭ୍ୟତାର ପ୍ରତୀକ ବା ପ୍ରତିନିଧି ନୋହି ପାରନ୍ତି। ଏମାନେ ବହୁ ସଂଖ୍ୟକ ହେଲେ ମଧ୍ୟ ଏବଂ ଏମାନଂକ ପିଛା ଦେଶ ଓ ଜାତି କୋଟି କୋଟି ମୁଦ୍ରା ଅପବ୍ୟୟ କରିଚାଲିଥିଲେ ମଧ୍ୟ ଏମାନେ ଜାତିର ଆତ୍ମା ଉପରେ କୌଣସି ରେଖାପାତ କରିପାରୁ ନାହାନ୍ତି। କାରଣ ଏମାନେ ଭାରତୀୟ ଦୃଷ୍ଟିକୋଣରୁ 'ଧର୍ମ୍ମବୋଧ' ବା 'କର୍ତ୍ତବ୍ୟବୋଧ' ବା 'ସଂସ୍କୃତିବୋଧ' ହରାଇ ବସିଛନ୍ତି ଏବଂ ଗୋଟେଇ ଚାଲିଛନ୍ତି ଏକାନ୍ତ ଅନିତ୍ୟ ଓ ପ୍ରଚୁର ଅନିଷ୍ଟକାରୀ କ୍ଷମତା ଓ ଧନର ବାଲିଗରଡ଼ା ସବୁକୁ। ଠିକ୍ ଛୋଟ ପିଲାଂକ ପରି ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣରେ।''(୭୨)

## ମଣିଷ ସଂପର୍କରେ ଶେଷବାଣୀ:

ମାନସିଂହ ମଣିଷର ସୁଖ–ଦୁଃଖ ସହିତ ସମଗ୍ର ମାନବ ସମାଜର ଭଲମନ୍ଦ ବିଚାରକୁ ନେଇଥିଲେ। ମଣିଷର ଚାରିତ୍ରିକ ବିକାଶ ନ ହେଲେ, ମଣିଷ ସାମାଜିକ ସ୍ତରରେ ମଧ୍ୟ ଉନ୍ନତ ହୋଇପାରିବ ନାହିଁ। ସେଥିପାଇଁ ମାନସିଂହ କହନ୍ତି : "ମଣିଷର ବିକାଶ ନିମନ୍ତେ ଯାହା ଯାହା ଆବଶ୍ୟକ ଚରିତ୍ର ସେମାନଙ୍କ ମଧ୍ୟରେ ପ୍ରଥମ ଓ ଶ୍ରେଷ୍ଠ। ବୃକ୍ଷପ୍ରତି ବୃକ୍ଷର ମୂଳ ଯେପରି, ମନୁଷ୍ୟ ପ୍ରତି ମନୁଷ୍ୟର ଚରିତ୍ର ସେହିପରି। ମନୁଷ୍ୟର ଶରୀର ଯେପରି ପାଦଦ୍ୱୟ ଉପରେ ନିର୍ଭର କରି ଶକ୍ତିମାନ ହୁଏ, ମନୁଷ୍ୟର ବ୍ୟକ୍ତିତ୍ୱ ସେହିପରି ଚରିତ୍ର ଉପରେ ନିର୍ଭର କରି ଶକ୍ତିମାନ ହୁଏ।" (୭୩) ନୀତିଶାସ୍ତ୍ରରେ ଚରିତ୍ର କହିଲେ ଯାହା ବୁଝାଏ; ମାନସିଂହଙ୍କ ବିଚାରରେ ଚରିତ୍ର ତାହାଠାରୁ ଭିନ୍ନ। "ଚରିତ୍ର କହିଲେ ସାଧାରଣତଃ ଇନ୍ଦ୍ରିୟମାନଙ୍କର ସଂଯମ ବୁଝାଯାଏ କିନ୍ତୁ ପ୍ରକୃତରେ ଚରିତ୍ର ଏହାଠାରୁ ଅଧିକ ବ୍ୟାପକ। ଚରିତ୍ର ଦ୍ୱାରା ନୈତିକ, ମାନସିକ ଓ ଆଧ୍ୟାତ୍ମିକ ସକଳ ପ୍ରକାର ଶକ୍ତିର ଉତ୍କର୍ଷ ବୁଝିବାକୁ ହେବ।"(୭୪)

ଉନ୍ନତ ମାନବର ଅନ୍ୟ ଦୁଇ ଆବଶ୍ୟକତା ହେଲା: ଜାତୀୟତା ଓ ମାନବିକତା। ଜାତୀୟତା ଓ ମାନବିକତା ସଂପର୍କରେ ମାନସିଂହଙ୍କ ବାଣୀ ହେଲା: "ମନୁଷ୍ୟକୁ ମନୁଷ୍ୟ ଠାରୁ ଯାହା ଦୂରେଇ ରଖେ, ଯାହା ମନୁଷ୍ୟକୁ ତା'ର ପ୍ରତିବେଶୀକୁ ଘୃଣା, ବିଦ୍ୱେଷ, ଅବିଶ୍ୱାସ କରିବାକୁ ଶିଖାଏ, ତାହା ଘୃଣାର ବିଷୟ। ଇଉରୋପୀୟ ନ୍ୟାସନାଲିଜମ୍ ପ୍ରତ୍ୟେକ ଜାତି ଭିତରେ ବୃଥା ଅହଂକାର ପୂରେଇ ଜଗତର ବାର୍ତ୍ତମାନିକ ସକଳ ଅନିଷ୍ଟର କାରଣ ହୋଇଅଛି।" (୭୫) ଏଣୁ ମାନସିଂହଙ୍କ ଦୃଷ୍ଟିରେ: "ପ୍ରକୃତ ସତ୍ୟ ଏହି ଯେ, କୌଣସି ମନୁଷ୍ୟର କୌଣସି ଅନ୍ୟ ମଣିଷ ଉପରେ କର୍ତ୍ତୃତ୍ୱ କରିବାର ନୈସର୍ଗିକ ଅଧିକାର ନାହିଁ ଏବଂ ଜାତୀୟତାର ଅର୍ଥ ଏହା ନୁହେଁ ଯେ, ଗୋଟିଏ ଜାତି ଅନ୍ୟଜାତିଠାରୁ ନିଜକୁ ମହତ୍ତର ମନେକରି ତାକୁ ଅବଜ୍ଞା କରିବ। ଆମ୍ଭମାନଙ୍କ ନିକଟରେ ଜାତୀୟତାର ଅର୍ଥ ଏହି ହେବା ଉଚିତ୍ ଯେ, ଯେହେତୁ ସମଗ୍ର ମାନବ ଜାତିର ସେବା କରିବାର ଶକ୍ତି ଓ ସୁଯୋଗ ବିଧାତା ଆମ୍ଭମାନଙ୍କୁ ଦେଇନାହାନ୍ତି, ତେଣୁ ଗୋଟିଏ ଛୋଟ ଅଂଶକୁ ଆମର ସେବା ଦାନ କରି ଆମ ହୃଦୟର ସେବା ତୃଷ୍ଣା ଆମେ ମେଣ୍ଟାଇବା। ଯେଉଁ ଦେଶରେ ମୋର ଜନ୍ମ ଏବଂ ଯେଉଁମାନେ ମୋର ଭାଷା ବୁଝି ପାରନ୍ତି, ସେମାନଙ୍କ ପ୍ରତି ମୋର ପ୍ରତିବେଶୀ ଭାବହିଁ ମୋର ଜାତୀୟତା। ଏହି ଦୃଷ୍ଟିକୋଣରୁ ମୁଁ ପ୍ରତ୍ୟେକ ମନୁଷ୍ୟକୁ ପ୍ରଥମେ ମନୁଷ୍ୟ ଭାବରେ ବିଚାର କରିବି। ସେ ଯଦି ଭଲ ମନୁଷ୍ୟ ନୁହେଁ, ସେ ଓଡ଼ିଆ ହୋଇଥିଲେ ମଧ୍ୟ ତାକୁ ଘୃଣା କରିବି।"(୭୬)

## ଉପସଂହାର:

ମାନସିଂହଙ୍କର ମଣିଷ ସଂପର୍କୀୟ ସମସ୍ତ ବକ୍ତବ୍ୟକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇ ପାରେ– (କ) ରୋମାଣ୍ଟିକ୍ ମାନବଦୃଷ୍ଟି, (ଖ) ଉଦାରତନ୍ତ୍ରୀ ମାନବଦୃଷ୍ଟି, (ଗ) ହେତୁବାଦୀ ମାନବଦୃଷ୍ଟି। ମାନସିଂହ ପ୍ରଥମତଃ କବି, ପରେ ବୁଦ୍ଧିଜୀବୀ ଓ

ଚିନ୍ତାନାୟକ। ତାଂକର ସମସ୍ତ ବକ୍ତବ୍ୟ, ଚିନ୍ତା ଓ ବିଚାରକୁ ସବୁ ସ୍ତରରେ ଏକ କବି ସୁଲଭ ଭାବପ୍ରବଣତା ଆବୃତ୍ତ କରିଥିବାର ଦେଖାଯାଏ। ଯୌବନର ପ୍ରାକ୍‌କାଳରେ କବି ମାନସିଂହ ମଣିଷକୁ ନେଇ ନାନା ସ୍ୱପ୍ନ ଦେଖିଥିଲେ। ସେ ସ୍ୱପ୍ନ ଭିତରେ ମଣିଷ ଉଭା ହୋଇଥିଲା, ପ୍ରେମିକ, କବି, ଦଳିତ—ପତିତ ଜନତାର ମୁକ୍ତିଦାତା ରୂପେ। ସାଧାରଣ ମଣିଷର ବ୍ୟଥାବେଦନା ସଂପର୍କରେ ସେ ଅବହିତ ଥିଲେ। ସାମାଜିକ ମଣିଷର ନାନା ଦ୍ୱନ୍ଦ୍ୱ ଓ ଯନ୍ତ୍ରଣାକୁ ସେ ବୁଝି ପାରିଥିଲେ। କିନ୍ତୁ ତାଂକର କବିମନ ଏଇ ସମସ୍ତ ବସ୍ତୁନିଷ୍ଠ ଅବସ୍ଥାକୁ ଅତିକ୍ରମିଯାଇଥିଲା। ତାଂକର ମଣିଷ ପ୍ରେମ କରିଛି, ସ୍ୱପ୍ନ ଦେଖିଛି, ଜୀବନ ନେଇ ରଂଗୀନ ଅଧ୍ୟାସରେ ମସ୍‌ଗୁଲ୍ ହୋଇଛି। କିନ୍ତୁ ତା' ପାଦତଳର ପୃଥିବୀକୁ ଫେରି ଚାହିଁବା ପାଇଁ ସେ ଇଚ୍ଛା କରିନି। ଫଳରେ ଗାନ୍ଧୀ, ଗୋପବନ୍ଧୁ ଭଳି ମହାପୁରୁଷ ତାଂକର ନମସ୍ୟ ହୋଇ ଉଠିଛନ୍ତି। କବି ଓ ଶିଳ୍ପୀ ଭାବରେ ମାନସିଂହ ନିଜର ଆତ୍ମସତ୍ତାକୁ ପରିପୂର୍ଣ୍ଣଭାବେ ଉପଲବ୍ଧି କରିବାକୁ ଚେଷ୍ଟା କରିଛନ୍ତି। କେତୋଟି ପ୍ରବନ୍ଧରେ କବି ମନର ଏଇ ସତ୍ତା ସଂପୂର୍ଣ୍ଣ ଭାବରେ ଛାୟାପାତ କରିଛି।

ମାନସିଂହଙ୍କ ଇଂଲଣ୍ଡ ରହଣୀ ତାଙ୍କର ଚିନ୍ତା ଓ ଚୈତନ୍ୟକୁ ପ୍ରସାରିତ କରିଛି। ସେ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିଛନ୍ତି, ଇଂରେଜ ଜାତି କେବଳ ଶୋଷକ ବା ଶାସକ ନୁହେଁ, ସେ ମଧ ନାନା ମୂଲ୍ୟବୋଧର ରକ୍ଷାକର୍ତ୍ତା। ଭାରତୀୟମାନଙ୍କର ଦାରିଦ୍ର୍ୟ, ଇଂରେଜମାନଙ୍କର ଶୋଷଣ ପାଇଁ ନୁହେଁ, ନିଜ ବିଶ୍ୱ-ବୀକ୍ଷା ଜନିତ ଦୁର୍ବଳତାପାଇଁ, ପରିବେଶ ସହିତ ଖାପ ଖୁଆଇବାରେ ନିଜର ଅପାରଗତା ପାଇଁ। ଭାରତୀୟ ମାନଙ୍କର ଦାରିଦ୍ର୍ୟ ଓ ନିମ୍ନଗତି ପାଇଁ ସେମାନେ ନିଜେ ହିଁ ଦାୟୀ। ଇଂରେଜମାନଙ୍କ ମୁକ୍ତ ଅର୍ଥନୀତି, ଉଦାରତନ୍ତ୍ରୀ ରାଜନୀତି, ତାଙ୍କ ମନରେ ଗଭୀର ଛାୟାପାତ କରିଛି। ଜୀବନରେ ମର୍ଯ୍ୟାଦାବୋଧ, ସ୍ୱାଧୀନତା ଓ ବ୍ୟକ୍ତି— ସ୍ୱାଧୀନତାର ମୂଲ୍ୟ ସେ ଅନୁଭବ କରିଛନ୍ତି। ଇଂରେଜ ଜାତି କେବଳ ଧନରେ ବଡ଼ ନୁହେଁ, ସେ ମନରେ ବଡ଼, ଅଭିମାନରେ ବି ସେ ବଡ଼। ତା'ର ମର୍ଯ୍ୟାଦାବୋଧରୁ ଉଚ୍ଚ ସାହିତ୍ୟକୃତି ଓ ଦର୍ଶନଚିନ୍ତା ଉତ୍ସାରିତ। ଶ୍ରମ-କୌଶଳ, ଭାରତରେ କର୍ତ୍ତବ୍ୟବୋଧ, ଇତ୍ୟାଦି ପ୍ରବନ୍ଧରେ ପାଶ୍ଚାତ୍ୟ ଜୀବନ ଦର୍ଶନର ପରୋକ୍ଷ ଜୟଗାନ କରିଛନ୍ତି। ମଣିଷ ପ୍ରତି ଥିବା ତାଙ୍କର ରୋମାଣ୍ଟିକ୍ ଦୃଷ୍ଟିକୋଣ ଏଠି ଭିନ୍ନ ମୋଡ଼ ନେଇଛି।

ଜୀବନର ଶେଷ ପର୍ଯ୍ୟାୟ ଆଡ଼କୁ ବ୍ୟକ୍ତି ଜୀବନରେ ନାନା ସଫଳତା ଓ ବିଫଳତା ମାନସିଂହଂକୁ ମଣିଷ ସଂପର୍କରେ ଗଭୀରଭାବରେ ଚିନ୍ତା କରିବା ପାଇଁ ଉଦ୍‌ବୋଧିତ କରିଛି। ବ୍ୟକ୍ତିଗତ ଜୀବନର ବହୁ ଦୁଃଖ, ଦୁଃଖ—ସୁଖ ନିର୍ବିଶେଷରେ ପ୍ରଶାନ୍ତଚିତ୍ତ ହେବା ପାଇଁ ତାଂକୁ ବାଧ୍ୟ କରିଛି, ବୌଦ୍ଧ ଦର୍ଶନର ଦ୍ୱାରସ୍ଥ କରାଇଛି। ବୌଦ୍ଧ ଦର୍ଶନର ମୂଳତତ୍ତ୍ୱ ହେଲା— ଜୀବନପ୍ରତି କିଛି ପରିମାଣରେ ହେତୁବାଦୀ ଓ ସଂଶୟବାଦୀ ଦୃଷ୍ଟିକୋଣ।

ବୁଦ୍ଧ ନାଟକ, ଗୀତାମହାତ୍ମ୍ୟ, କମଳାୟନ ଆଦି ପୁସ୍ତକରେ ମଣିଷ ପ୍ରତି ତାଂକର ସଂହତ ଦୃଷ୍ଟିକୋଣ ପ୍ରତିଫଳିତ। ଜୀବନର ବିଭିନ୍ନ ପର୍ଯ୍ୟାୟକୁ ଅନୁଭବ କଲା ପରେ ମଣିଷ ପ୍ରତି ତାଂକର ଦରଦ, ଭଲପାଇବା, ତାଚ୍ଛଲ୍ୟ, ଘୃଣା ଏଇସବୁ ପୁସ୍ତକରେ

ଅଭିବ୍ୟକ୍ତ। ଏସବୁ ଭିତରେ ରହିଛି, ମାନସିଂହଂକର ଗୋଟିଏ ନିଜସ୍ୱ ଦୃଷ୍ଟିକୋଣ—ତାହା ହେଲା ମଣିଷକୁ ତା'ର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଅର୍ଥାତ୍ ବସ୍ତୁନିଷ୍ଠ ପରିପ୍ରେକ୍ଷୀରୁ ବିଚ୍ଛିନ୍ନ କରି ବିଚାର କରିବାର ମୋହ। ତାଂକ ନିକଟରେ ସାଂସ୍କୃତିକ ମଣିଷଟି ହିଁ ସତ୍ୟ। ଗାନ୍ଧୀ, ଗୋପବନ୍ଧୁ, ମଧୁସୂଦନ, ଫକୀରମୋହନ, ଶ୍ରୀକୃଷ୍ଣ ସତ୍ୟ। ସାଧାରଣ ମଣିଷର ଜୀବନଗତ ତାତ୍ପର୍ଯ୍ୟବୋଧକୁ ସେ ପ୍ରାୟତଃ ଉପେକ୍ଷା କରିଛନ୍ତି। ଜୀବନର ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଦୃଷ୍ଟିକୋଣକୁ ସେ ଗ୍ରହଣ କରିଥିଲେ ବି ଭାବବାଦୀ ଜୀବନ—ବୀକ୍ଷାକୁ ପରିହାର କରିପାରି ନାହାନ୍ତି। ଫଳରେ ମଣିଷ ସଂପର୍କରେ ତାଂକର ଦୃଷ୍ଟିକୋଣ ବାସ୍ତବାତାକୁ ଉପେକ୍ଷାକରି ସ୍ୱପ୍ନ ଜଗତର ଭାବ ବଳୟ ମଧ୍ୟରେ ଆବଦ୍ଧ ରହିଛି।

□ □

## ପ୍ରାନ୍ତ ଟୀକା :

୧— ମାନସିଂହ, (ଡଃ) ମାୟାଧର— ଜୀବନପଥ (୧୯୫୭) ନିଜ ଦାୟିତ୍ୱ ପୃ.୮୨.

୨— ମାନସିଂହ ଗ୍ରନ୍ଥାବଳୀ: (ପ୍ରଥମ ଖଣ୍ଡ—୧୯୬୨) ଅକ୍ଷତ, ପାନ୍ଥଗାଥା ପୃ.୨୯୬—୯୭.

'ଏ ଧରା ମନୁଷ୍ୟ ଜାତି ଏକ ପିତାଂକର
କଳା ଗୋରା ପୀତ ରକ୍ତ
ସର୍ବେ ଭାଇ ଭାଇ
ସ୍ରଷ୍ଟାଂକର ନଦନଦୀ, ଭୂଧର ସାଗର
ଦେଖୁଛ କି ଅଂଶୀକୃତ କାହିଁ କାହାପାଇଁ
ସର୍ବେ ନାରୀ ଗର୍ଭୁ ଜାତ, ସମାପ୍ତ ଶ୍ମଶାନେ
ପୂର୍ବ, ପାର ଜଣା ନାହିଁ, ମଧ୍ୟେ ଯେତେ କଳି,
ଚିରନ୍ତନ ଭାବି ଧରା—ଜୀବନ ଅଜ୍ଞାନେ,
ସତ୍ୟ, ସୁଖ, ଶାଶ୍ୱତକୁ ଦିଅ କିପାଁ ବଳି ?''

୩— ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ— ୧୯୭୩) 'ମାନବ ଗୋପବଂଧୁ' ପୃ—୫୧୯.

୪— ତତ୍ରୈବ, ମାନବିକତାର କବି ମେହେର ପୃ. ୪୯୯.

୫— ମାନସିଂହ, (ଡଃ) ମାୟାଧର— ଓଡ଼ିଆ ସାହିତ୍ୟର ଇତିହାସ (୧୯୭୬)—ପୃ.୨୨.

୬— ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ: (୧୯୭୩) ମାନବ ଗୋପବଂଧୁ—ପୃ.୫୧୯.

୭— ତତ୍ରୈବ, ଓଡ଼ିଆ ଜାତିର ବୈଶିଷ୍ଟ୍ୟ, ପୃ— ୫୧୯.

୮— ତତୈବ, ପୃ. ୫୮୭.

୯— ମାନସିଂହ ଗ୍ରନ୍ଥାବଳୀ ଦ୍ୱିତୀୟ ଖଣ୍ଡ:— (୧୯୬୪) କମଳାୟନ କାବ୍ୟରେ କମଳଲୋଚନର କଲେଜରେ ବକ୍ତୃତା ପ୍ରତିଯୋଗିତା:— ବିଷୟ— 'ବିବର୍ତ୍ତନବାଦ, ପୃ.୧୮୭ ରୁ ୧୯୧.

୧୦— ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ—(୧୯୭୩) ପ୍ରାଚୀନ ଓଡ଼ିଆ କାବ୍ୟ ପୃ—୫୭୩.

୧୧— ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ— (୧୯୬୨) ଅକ୍ଷତ— (କ)— ମୋ ଧନରେ ପୃ. ୩୦୫. (ଖ) ଯାଇଛି ସେ, ପୃ. ୩୦୭. (ଗ) ଶିଶୁର ଦାନ, ପୃ. ୩୦୮, (ଘ) ରୂପାନ୍ତର, ପୃ. ୩୦୮, ସିଂଧୁ ଓ ବିଂଦୁ— (ଙ) ମୁଁ ଅଛି

ମୁଁ ଅଛି, ପୃ. ୫୩୧, (ଚ) ପୃ. ୫୩୩. (ଛ) କିଶୋର କବିତା ପୃ. ୬୪୧ ରୁ ୬୭୮.

୧୨— ମାନସିଂହ, (ଡଃ) ମାୟାଧର–ଜୀବନପଥ (୧୯୫୭) ପ୍ରେମ ଓ ବିବାହ ପୃ.୧୫.

୧୩— (କ) ମାନସିଂହ, ମାୟାଧର, ତରୁଣ କବିର ଆଶା, ଉତ୍କଳ ସାହିତ୍ୟ, ୩୨/୧, ଏପ୍ରିଲ ୧୯୨୮, ବୈଶାଖ, ୧୩୩୫.

'ବୁଲିନ୍ତି ପୁଣି ମୁଁ ରସିକ ପରି/ ସବୁ କିଶୋରୀର ଚିବୁକ ଧରି,/ ବୋଲନ୍ତି, ସବୁରି ବାଂଧବ ମୁହିଁ/ ଜାଣ ସୁମୁହିଁ।' (ଖ) ମାନସିଂହ ଗ୍ରନ୍ଥାବଳୀ: ପ୍ରଥମ ଖଣ୍ଡ– (୧୯୬୨)- ତରୁଣ କବିର ଆଶା ପୃ. ୭୨. 'ଅମ୍ବର ଚାଂଦିନୀ ଯାମିନୀ ତଳେ/ ସେ ରାଧା କୋମଳ ଜଘନ ପରେ/ ଜୀବନ ମରଣ ଯାଆନ୍ତି ଭୁଲି/ ସପନ ପରି।' (ଗ) ଇରାନୀ କିଶୋରୀ/ ଗୁଲ ବଦନ ତବ ନହୁଏ ପାଶୋରି/. . . ଯୁଗ୍ମ ବେଣୀ ଶୋଭା କନକ ଗଳା ବାହି,/ ମରଣ ନିଜେ ସହି, ରହିବେ କ୍ଷଣେ ଚାହିଁ,/ ଦ୍ରାକ୍ଷା-ସୁକୋମଳ-/ ଅଧର ଟଳମଳ-/ ବୟସ ବିଷେ, ଯାର ପାନ ଗୋ' ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ- ପୃ-୧୩୩. (ଘ) ମାନସିଂହ, ମାୟାଧର- ପ୍ରେମର ପରିମାଣ, ଉତ୍କଳ ସାହିତ୍ୟ, ୩୨/୧୨, ମାର୍ଚ୍ଚ-୧୯୨୯, ଚୈତ୍ର, ୧୩୩୬. 'ଧୂପ'ର ପରବର୍ତ୍ତୀ ସଂସ୍କରଣରେ ଏହାର ନାମ 'ପ୍ରେମର ପରିମାପ' 'ପ୍ରେମ କି ଥରେ ଆସି ଥରକେ ହୁଏ ଶେଷ,/ଜଣକୁ ଦେଲେ ସଁପି, ନ ରହେ ଅବଶେଷ?/ ପ୍ରଥମ ଭେଟ ସାଥେ ସରେ କି ସଞ୍ଚୟ,/ ଆଉ କି ଥରେ ବୁକୁ ନ ହୁଏ ରସମୟ? ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ) ପୃ.୧୨୦.

୧୪— ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ– (୧୯୭୩) ଗୋପାଳକୃଷ୍ଣ ପଦ୍ୟାବଳୀ ଆଲୋଚନା, ପୃ. ୪୫୩.

୧୫— ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ– (୧୯୬୨) ଇରାନୀ କିଶୋରୀ, ପୃ.୧୩୬.

୧୬— ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ: (୧୯୬୨)'ଧୂପ'ର ଭୂମିକା, ପୃ–ଦୁଇଅଣା

୧୭— ତତ୍ରୈବ, ଅନୂଢା,ପୃ–୩୫୭.

୧୮— ରାଓ, ମଧୁସୂଦନ –ମଧୁସୂଦନ ଗ୍ରନ୍ଥାବଳୀ (୧୯୬୫) ଗ୍ରନ୍ଥମଂଦିର, କଟକ, ନୀତିରତ୍ନମାଳା, ପୃ. ୧୧୯.

୧୯— ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ:– (୧୯୭୩) କବି ଓ କବିତା–ରାଧାନାଥ ଓ ମଧୁସୂଦନ (ପ୍ରବଂଧ) ପୃ. ୪୮୯–୯୦.

୨୦— ମାନସିଂହ, (ଡଃ) ମାୟାଧର–ଜୀବନପଥ (୧୯୫୭) ପୃ– ୨୩. ପ୍ରେମ ଓ ବିବାହ (ପ୍ରବଂଧ)

୨୧— ରାଓ, ମଧୁସୂଦନ (ଭକ୍ତ କବି)– ମଧୁସୂଦନ ଗ୍ରନ୍ଥାବଳୀ (୧୯୬୫, ଗ୍ରନ୍ଥମଂଦିର) ଛାଂଦମାଳା, ପରିବାର (କବିତା) ପୃ. ୨୨.

୨୨— ମାନସିଂହ, ମାୟାଧର–ଜୀବନପଥ (୧୯୫୭) ସମାଜ ଓ ରାଷ୍ଟ୍ର (ପ୍ରବଂଧ) ପୃ–୧୩.

୨୩— ତତ୍ରୈବ, ପ୍ରେମ ଓ ବିବାହ (ପ୍ରବଂଧ) ପୃ. ୨୨.

୨୪— ମାନସିଂହ, ଅନ୍ୱେଷଣ (ଉପନ୍ୟାସ) ପୃ. ୧୨୩.

୨୫– ମାନସିଂହ, ଜୀବନପଥ, ପ୍ରେମ ଓ ବିବାହ (ପ୍ରବଂଧ) ପୃ. ୨୧.
୨୬– ତତ୍ରୈବ, ପୃ. ୨୧ ରୁ ୨୩.
୨୭– ତତ୍ରୈବ, ସମାଜ ଓ ରାଷ୍ଟ୍ର (ପ୍ରବଂଧ) ପୃ. ୯୩.
୨୮– ମାନସିଂହ, (ଡଃ) ମାୟାଧର– ଶିକ୍ଷାବିତ୍‌ର ଗାଥା (୧୯୬୫) ପୃ–୧୨୭–୨୮.
୨୯– ମାନସିଂହ, (ଡଃ) ମାୟାଧର– ଗୀତା ମାହାତ୍ମ୍ୟ (୧୯୬୯) ପୃ–୧୯୭.
୩୦– ମାନସିଂହ, –ଓଡ଼ିଆ ସାହିତ୍ୟର ଇତିହାସ (୧୯୭୬) ପୃ–୨୫୫–୫୬.
୩୧– ମାନସିଂହ, ମାୟାଧର– ଗୀତା ମହାତ୍ମ୍ୟ (୧୯୬୯) ଦେବତା କୃଷ୍ଣ ପୃ. ୪୨–୪୩.
୩୨– ତତ୍ରୈବ, ଗୀତାର ଈଶ୍ୱର ପୃ. ୧୪୫.
୩୩– ମାନସିଂହ, ମାୟାଧର– ଶିକ୍ଷାବିତ୍‌ର ଗାଥା (୧୯୬୫) ପୃ. ୪୨.
୩୪–ମାନସିଂହ, ମାୟାଧର–ଜୀବନପଥ (୧୯୫୭) ଶ୍ରମ କୌଶଳ(ପ୍ରବଂଧ) ପୃ.୫୪-୫୫.
୩୫– ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ:– (୧୯୬୨) ମାଟିରି ସତୀତ୍ୱ, ସେ ଦିନର କବିତା, ପୃ. ୧.
୩୬– ମାନସିଂହ, ମାୟାଧର– ଜୀବନପଥ (୧୯୫୭) ନିଜ ଦାୟିତ୍ୱ (ପ୍ରବଂଧ) ପୃ. ୮୦, ୩୭– ତତ୍ରୈବ ପୃ. ୮୧.
୩୮– ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ– ୧୯୬୪) କମଳାୟନ କାବ୍ୟ ପୃ.୩୫୪.
୩୯– ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ:– (୧୯୭୩) ଗୋପାଳକୃଷ୍ଣ ପଦ୍ୟାବଳୀ (ଆଲୋଚନା) ପୃ. ୪୪୯.
୪୦ ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ–(୧୯୬୨) 'ଧୂପ' କାବ୍ୟର ଭୂମିକା ପୃ.ତିନିଅଣା,
୪୧– ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ–(୧୯୭୩) ପ୍ରାଚୀନ ଓଡ଼ିଆ ସାହିତ୍ୟ ପୃ.୫୨୬.
୪୩– ତତୈବ, ପୃ. ୪୫୨–୫୩.
୪୪– ମାନସିଂହ, ମାୟାଧର–ଜୀବନପଥ (୧୯୫୭) ପ୍ରେମ ଓ ବିବାହ (ପ୍ରବଂଧ) ପୃ. ୧୬.
୪୫– ତତ୍ରୈବ ପୃ. ୧୬.
୪୬– ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ:– (୧୯୭୩), ଗୋପାଳକୃଷ୍ଣ ପଦ୍ୟାବଳୀ (ଆଲୋଚନା) ପୃ. ୪୪୨ –୪୩.
୪୭– ମହାନ୍ତି, (ଅଧ୍ୟାପକ) ଶ୍ରୀଚରଣ– 'ମାନସିଂହ ମାନସ ପ୍ରଥମ ଭାଗ:– (୧୯୮୩) ମାନସିଂହଂକ କବିତାରେ ପ୍ରଣୟ ଚେତନା ପୃ. ୧ ରୁ ୪୮
୪୮– ସାହୁ, ମହାପାତ୍ର ନୀଳମଣି,– ମାନସିଂହ ସ୍ମରଣିକା (୧୯୭୩) ଗୁଣସୁମରୀ ହୁଅନ୍ତି ବିକଳ' ପୃ–୬୫.
୪୯– 'ଅପାରେ କାବ୍ୟ ସଂସାରେ କବିରେବ ପ୍ରଜାପତିଃ,
ଯଥା ସ୍ମୈ ରୋଚତେ ବିଶ୍ୱଂ ତଥାଦଂ ପରିବର୍ତ୍ତତେ,' ଧ୍ୱନ୍ୟାଲୋକ, ଆନଂଦବର୍ଦ୍ଧନ/
ତୃତୀୟ ଉଲ୍ଲାସ, ଶ୍ଳୋକ ସଂ– ୫୬୯.

୫୦– 'ନିୟତିକୃତ ନିୟମରହିତାଂହ୍ଲାଦୈକମୟୀମନନ୍ୟ ପରତନ୍ତ୍ରାମ୍,
ନବରସ ରୁଚିରାଂ ନିର୍ମିତାମାଦଧତୀ ଭାରତୀ କବେର୍ଜୟତି।' 'କାବ୍ୟ ପ୍ରକାଶ/ ମମ୍ମଟ, ୧/୧,
୫୧– ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ:– (୧.୯୭୩)-ପ୍ରାଚୀନ ଓଡ଼ିଆ କାବ୍ୟ (ପ୍ରବଂଧ) ପୃ. ୫୭୪.
୫୨– ମାନସିଂହ, ମାୟାଧର– –ଗୀତାମହାତ୍ମ୍ୟ ୧୯୬୯) ପ୍ରଥମ ଅଧ୍ୟାୟ ପୃ. ୧୨.
୫୩– ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ:–(୧୯୬୨) ଶେଲୀମୃତ୍ୟୁ (କବିତା) ପୃ.୧୬୧.
୫୪– ମାନସିଂହ, ମାୟାଧର– ଗୀତାମହାତ୍ମ୍ୟ (୧୯୬୯) ଭୂମିକା ପୃ. ୪–୫.
୫୫– ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ– ୧୯୭୩) ଓଡ଼ିଆ ସାହିତ୍ୟକୁ ରାଧାନାଥଂକ ଦାନ (ପ୍ରବଂଧ) ପୃ. ୪୮୫.
୫୬– ମାନସିଂହ, ମାୟାଧର– ଜୀବନପଥ (୧୯୫୭) ଶ୍ରମ କୌଶଳ ପୃ.୪୫.
୫୭– ତତ୍ରୈବ, ପୃ.୫୬. ୫୮– ତତ୍ରୈବ, ପୃ. ୫୮
୫୯– ତତ୍ରୈବ, ପୃ ୫୦.
୬୦– ମାନସିଂହ, ମାୟାଧର—ଶିକ୍ଷାବିତ୍‌ର ଗାଥା (୧୯୬୫) ପୃ. ୩୩୫.
୬୧– ମାନସିଂହ, ମାୟାଧର– –ସରସ୍ୱତୀ ଫକୀରମୋହନ (୧୯୭୨) ପୃ. ୭୩.
୬୨– ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ:– (୧୯୭୩) ମାନବ ଗୋପବଂଧୁ, ପୃ.୫୨୧.
୬୩– ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଖଣ୍ଡ:– (୧୯୬୨) ଗୋପପ୍ରୟାଣ, (କ) ପୃ. ୩୩୯, (ଖ) ପୃ– ୩୩୯, (ଗ) ପୃ.୩୪୦, (ଘ) ପୃ. ୩୪୩.
୬୪– ମାନସିଂହ, ମାୟାଧର– ଗୀତାମହାତ୍ମ୍ୟ– (୧୯୬୯), ଦେବତା କୃଷ୍ଣ ପୃ.୪୨.
୬୫– ମାନସିଂହ, ମାୟାଧର– ସରସ୍ୱତୀ ଫକୀରମୋହନ (୧୯୭୨) ପୃ–୨୯୩.
୬୬– ମାନସିଂହ, ମାୟାଧର– ଜୀବନପଥ (୧୯୫୭) ନିଜ ଦାୟିତ୍ୱ– ପୃ. ୭୯.
୬୭– ମାନସିଂହ, ମାୟାଧର– ଗୀତାମହାତ୍ମ୍ୟ (୧୯୬୯) ପୃ. ୧୧.
୬୮– ତତ୍ରୈବ, ମନୁଷ୍ୟ କୃଷ୍ଣ ପୃ. ୧୯.
୬୯– ତତ୍ରୈବ, ମନୁଷ୍ୟ କୃଷ୍ଣ, ପୃ– ୨୫–୨୬.
୭୦– ତତ୍ରୈବ, ଦେବତା କୃଷ୍ଣ ପୃ– ୪୪,
୭୧– ମାନସିଂହ, ମାୟାଧର– ସରସ୍ୱତୀ ଫକୀରମୋହନ (୧୯୭୨-- ପୃ. ୫୫.
୭୨– ମାନସିଂହ, ମାୟାଧର– 'ଭାରତରେ କର୍ତ୍ତବ୍ୟବୋଧ' (ପ୍ରବଂଧ) ନବରବି ୨/୧୧, ମଇ ୧୯୭୨, ପୃ. ୧୩.
୭୩– ମାନସିଂହ, ମାୟାଧର– ଜୀବନୀ ଓ ପ୍ରବଂଧ (୧୯୫୮) ଚରିତ୍ର ପୃ. ୪୨.
୭୪– ତତ୍ରୈବ, ପୃ. ୪୭–୪୮
୭୫– ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ: (୧୯୭୩) ଓଡ଼ିଆ ଜାତିର ବୈଶିଷ୍ଟ୍ୟ ପୃ. ୫୮୪.
୭୬– ତତ୍ରୈବ।

# ପଞ୍ଚମ ଅଧ୍ୟାୟ

## ପ୍ରକୃତି

# ପ୍ରକୃତି

## ପ୍ରକୃତି ଓ ମଣିଷ :

ଚିନ୍ତା ଚେତନା ଓ ସୃଷ୍ଟିର ଏକକ କେନ୍ଦ୍ରରେ ମଣିଷ ସବୁବେଳେ ନିଜକୁ ହିଁ ଅବସ୍ଥାପିତ କରିଛି। ଫଳରେ ବିଶ୍ୱ ଜଗତଠାରୁ ଏକ ବିଚ୍ଛିନ୍ନ ସତ୍ତା ଭାବରେ ବା ଏକକ ସତ୍ତା ଭାବରେ ସେ ନିଜକୁ ଉପସ୍ଥାପିତ କରିବାକୁ ଚେଷ୍ଟା କରିଛି। ବସ୍ତୁନିଷ୍ଠ ଦୃଷ୍ଟିରୁ ବିଚାର କଲେ ଦେଖାଯାଏ, ମଣିଷ ସମେତ ସମଗ୍ର ସୃଷ୍ଟିର ଉତ୍ସ ହେଉଛି ବିଶ୍ୱଜଗତ। ବିକାଶ ଧାରାରେ ବିଶ୍ୱଜଗତର ଅନ୍ୟାନ୍ୟ ଅଂଶ ଠାରୁ ମଣିଷ ଏକ ଅଧିକ ବିକଶିତ ବିଭାଗ ମାତ୍ର। ଏହି ବିଶ୍ୱଜଗତର ରହସ୍ୟ ସଂଧାନ କବି, ଶିଳ୍ପୀ ଭାବୁକ ଓ ଦାର୍ଶନୀକମାନଂକୁ ବାରମ୍ବାର ପ୍ରଲୁବ୍ଧ କରିଛି। ଏହାର ବସ୍ତୁନିଷ୍ଠ ବିଶ୍ଳେଷଣ ଫଳରେ ନାନା ବିଜ୍ଞାନର ଶାଖା ପ୍ରଶାଖା ବିସ୍ତାରିତ ହୋଇଛି। ଆମ ଭାରତୀୟ ପରମ୍ପରାରେ ଏହି ବିଶ୍ୱଜଗତକୁ କେତେବେଳେ ଦେଖା ହୋଇଛି ସୃଷ୍ଟିର ଆଧାର ପ୍ରକୃତି ରୂପରେ, ପୁଣି କେତେବେଳେ ମାୟା ରୂପରେ। କେତେବେଳେ ତାହା ନଂଦିତ ତ କେତେବେଳେ ତାହା ନିଂଦିତ। କବିମାନେ ମୁଖ୍ୟତଃ ରୂପ—ରସ—ଗଂଧର ପୂଜାରୀ। ଅରୂପ ଅବାଙ୍‌ମାନସଗୋଚର ଅଲୌକିକ ସତ୍ତାପ୍ରତି କବିମାନଂକର ଆକର୍ଷଣ ଥିଲେ ବି, ବାସ୍ତବ ଜଗତର ନିବିଡ଼ ଅନୁଭବକୁ ସେ ଅସ୍ୱୀକାର କରିପାରନ୍ତି। କିନ୍ତୁ ଚିନ୍ତାନାୟକମାନେ ପ୍ରକୃତିର ପରିପୂର୍ଣ୍ଣ ରୂପ ଦେଖି କେବଳ ମୁଗ୍ଧ ହୁଅନ୍ତି ନାହିଁ ହୁଏତ ତାକୁ ଭାଂଗି ବିଶ୍ଳେଷଣ କରନ୍ତି। ପ୍ରକୃତି ସଂପର୍କରେ କବିମାନଂକର ଅନୁଭବ ଯେତେ ସ୍ୱଚ୍ଛ, ଦାର୍ଶନିକ ବା ବୈଜ୍ଞାନିକମାନଂକର ଦୃଷ୍ଟି ସେତେଟା ସଂହତ ନୁହେଁ। ମାନସିଂହ କବି ଭାବରେ ଓ ଜଣେ ବୁଦ୍ଧିଜୀବୀ ଭାବରେ ପ୍ରକୃତିର ବିଭିନ୍ନ ବିଭାବକୁ ଅନୁଭବ କରିଛନ୍ତି ବିଶ୍ଳେଷଣ ବି କରିଛନ୍ତି। ଲୌକିକ ଜୀବନ ଭିତରେ ଲୋକୋତ୍ତର ସତ୍ତା ଉପଲବ୍ଧି କରିବାକୁ ଚେଷ୍ଟା କରିଛନ୍ତି। ବକ୍ଷ୍ୟମାଣ ବିଶ୍ଳେଷଣରେ ତାଂକର ଦୃଷ୍ଟିକୋଣ ସ୍ପଷ୍ଟ ଭାବରେ ଉପସ୍ଥାପିତ କରାଯାଇଛି।

ପୂର୍ବରୁ ଉଲ୍ଲେଖ କରାଯାଇଅଛି ଯେ, ମଣିଷ ପ୍ରକୃତିର ଏକ ଅଂଶ ବିଶେଷ ହେଲେ ମଧ୍ୟ, ନିଜର ଚିନ୍ତା ଏବଂ ବିଚାରଶକ୍ତି ବଳରେ, ସେ ଅନ୍ୟମାନଂକ ଠାରୁ ନିଜର ସ୍ୱାତନ୍ତ୍ର୍ୟ ଜାହିର କରି ପାରିଛି। ଅନାଦିକାଳରୁ ପ୍ରକୃତି ସହିତ ମଣିଷର ସଂପର୍କ ଗଭୀର। ମଣିଷ ସଭ୍ୟତାର ବିକାଶ ସଂଗେ ସଂଗେ, ସେ ପ୍ରକୃତିକୁ ନାନା ଦୃଷ୍ଟିକୋଣରୁ ଦେଖିବାକୁ ଚେଷ୍ଟା କରିଛି। ଭାରତୀୟ ସାହିତ୍ୟର ଆଦିତମ ନିଦର୍ଶନ ଋଗ୍‌ବେଦରେ ଅରଣ୍ୟ ପ୍ରକୃତି ଓ ମାନବ ଜୀବନର ନିବିଡ଼ ଘନିଷ୍ଠତାର ପରିଚୟ ରହିଛି। ଉପନିଷଦ, ରାମାୟଣ, ମହାଭାରତରେ ମଧ୍ୟ ପ୍ରକୃତି ଓ ମାନବର ସଂପର୍କ ବିଷୟ ବର୍ଣ୍ଣିତ।

ପ୍ରାଚୀନ ଭାରତରେ ପ୍ରକୃତିକୁ ତ୍ରିବିଧ ଦୃଷ୍ଟିକୋଣରୁ ବିଚାର କରାଯାଇଅଛି। ଯଥା:— (କ) ସାଧାରଣ ମଣିଷ ଦୃଷ୍ଟିରେ, (ଖ) ରାଜକୀୟ ଦୃଷ୍ଟିରେ, (ଗ) ଧର୍ମୀୟ ଦୃଷ୍ଟିରେ।

## ସାଧାରଣ ମଣିଷ ଦୃଷ୍ଟିରେ ପ୍ରକୃତି

ପ୍ରାଚୀନ ଭାରତର ସାଧାରଣ ମଣିଷ ପ୍ରକୃତି ଠାରୁ ନିଜର ବିଚ୍ଛିନ୍ନତା ଅନୁଭବ କରିନାହିଁ। ଜୀବନର ସର୍ବବିଧି ଆବଶ୍ୟକତା ସେ ଲାଭ କରିଛି ପ୍ରକୃତିଠାରୁ। ତା'ର ହସ–କାନ୍ଦ, ଜନ୍ମ–ମୃତ୍ୟୁ, ସବୁ ଯେପରି ପ୍ରକୃତି ଦ୍ୱାରା ନିୟନ୍ତ୍ରିତ। ଏଣୁ ଲୋକ ସାହିତ୍ୟରେ, ଗଛ କଥା କହେ, ପାହାଡ଼ୀ ଝରଣା ନାଚିନାଚି ଗୀତଗାଏ। ପାହାଡ଼ରଜା ତା'ର ସନ୍ତାନମାନଂକ ପାଇଁ ମନଲାଖି ଖାଇବା ଜିନିଷ ଦିଏ, ଭଲମଂଦ ବିଚାର କରେ, ଦୋଷୀକୁ ଦଣ୍ଡ ଦିଏ। ସଉତୁଣୀର ଚକ୍ରାନ୍ତରେ ମରିଶୋଇଥିବା ପୁଅଝିଅମାନେ ଆକାଶଛୁଆଁ ଗଛହୋଇ କଥା କହନ୍ତି। ଏହିପରି ଅନେକ ଘଟଣା ରହିଛି। ଆଦିବାସୀ ବିଶ୍ୱାସ ଅନୁସାରେ, ମଣିଷର ମୃତ୍ୟୁହେଲେ ଆତ୍ମା ଗଛରେ ଲୁଚି ରହେ, ପୁଣି ସୁବିଧା ଦେଖି ମଣିଷ ଗର୍ଭକୁ ଆସି ଜନ୍ମ ନିଏ। ଯୌନକ୍ରିୟା ଦ୍ୱାରା ଯେ ସନ୍ତାନ ଲାଭ କରାଯାଏ, ଏ ଧାରଣା ଅନେକ ଦିନ ପର୍ଯ୍ୟନ୍ତ ଲୋକମାନଂକ ଚେତନାରେ ସ୍ଥାନ ପାଇ ନଥିଲା। ଭାରତୀୟ ପରଂପରା ପ୍ରକୃତିର ବ୍ୟାପକ ପ୍ରେକ୍ଷାପଟ୍ଟରେ ମଣିଷ ଓ ତା'ର ସଂପ୍ରସାରିତ ଚେତନାକୁ ଅନ୍ତର୍ଭୁକ୍ତ ଓ ଅନୁଭବ କରିଛି। ସାଧାରଣ ମଣିଷର କଳ୍ପନା ମଧ୍ୟ ପ୍ରକୃତିର ଅଜସ୍ର ରୂପବିଭବକୁ ନିଜସ୍ୱ କଳ୍ପମୂର୍ତ୍ତିନେଇ ଦେଖିଛି। ତା'ର ପ୍ରିୟତମ ପ୍ରକୃତିକୁ ସେ ଭଲ ପାଇଛି, ଯେଉଁଠୁ ଉପକାର ପାଇଛି ବା ଭୟ ପାଇଛି ତାକୁ ଇଷ୍ଟଦେବତା ଭାବରେ ପୂଜା କରିଛି। ନାରୀ ପ୍ରକୃତିକୁ ଦେଖିଛି, ଆନଂଦ ଅନୁଭବ କରିଛି, ସମୟ ସୁବିଧା ଦେଖି ଗୃହାଂଗନରେ ପ୍ରକୃତିର ରୂପସଜ୍ଜାକରି ଆନଂଦ ପାଇଛି। ପୁରୁଷ ପ୍ରକୃତିକୁ ଦେଖି ଆନଂଦ ପାଇବା ସଂଗେ ସଂଗେ ନାରୀର ଶରୀରରେ ପ୍ରକୃତିର ପ୍ରତିଫଳନକୁ ଅନୁଭବ କରିଛି। ସାଧାରଣ ମଣିଷର ସୌଂଦର୍ଯ୍ୟ ଦର୍ଶନ ପରବର୍ତ୍ତୀ ସମୟରେ କାବ୍ୟ–ଆବଶ୍ୟକତାରେ ପରିଣତ ହୋଇଛି। ପ୍ରକୃତି ପ୍ରତି ସାଧାରଣ ମଣିଷର ସଂପର୍କ ଆଜି ପର୍ଯ୍ୟନ୍ତ ମଧ୍ୟ ରହିଛି ଅତୁଟ। ଯେଉଁଠାରେ ସଭ୍ୟତାର ରୋଗ ଗ୍ରାସ କରିନି, ସେଠାରେ ମଣିଷ ଓ ପ୍ରକୃତିର ଆଦିମତମ ସଂପର୍କ ଛିନ୍ନ ହୋଇନାହିଁ।

## ରାଜକୀୟ ଦୃଷ୍ଟିକୋଣରୁ ପ୍ରକୃତି :

ମଧ୍ୟଯୁଗୀୟ ଭାରତୀୟ ସାହିତ୍ୟରେ ପ୍ରକୃତିକୁ ଏକ ରାଜକୀୟ ଦୃଷ୍ଟିଭଂଗୀରୁ ଦେଖାଯାଇଛି। ରାଜସଭାର ପଣ୍ଡିତ ତଥା କବିମାନଂକ ମଧ୍ୟରୁ ଅଧିକାଂଶଂକର ପ୍ରକୃତି ସହିତ ସିଧାସଳଖ ସଂପର୍କ ନଥିଲା। ପ୍ରକୃତିକୁ ସେମାନେ ଏକ ବିଳାସୀ ଦୃଷ୍ଟିକୋଣରୁ ଦେଖୁଥିବାରୁ ପ୍ରକୃତି ସେମାନଙ୍କ ଦୃଷ୍ଟିରେ ନିଜର ସତ୍ତା ବିସ୍ମୃତ ହୋଇ କଳ୍ପନାର ବେହରଣ ପିଂଧିଥିଲା। ନାରୀ ଓ ପ୍ରକୃତି ଭିତରେ ଭେଦରେଖା ଥିଲା ଅସ୍ପଷ୍ଟ। ପ୍ରକୃତିର ସୁଂଦରତମ ଅବୟବ ନାରୀ ଦେହ ସହ ଉପମିତ ହୋଇ ବାରମ୍ବାର ତିରସ୍କୃତ ହେଉଥିଲା। ଏହି ଦୃଷ୍ଟିରେ ପ୍ରକୃତି ନିଜସ୍ୱ ରୂପ ହରେଇ ମାନବିକ ଅନୁଭାବର ପୃଷ୍ଠଭୂମିରେ ପରିଣତ ହୋଇଥିଲା।

ପ୍ରାଚୀନ ଭାରତରେ ଜନସଂପର୍କ ସ୍ଥାପନ ଓ ପ୍ରକୃତି ସହିତ ପରିଚୟ ଏକ ଅନିବାର୍ଯ୍ୟ ଆବଶ୍ୟକତା ଭାବରେ ଗ୍ରହଣ କରାଯାଉଥିଲା। ସେଥିପାଇଁ ରାଜାମହାରାଜାମାନେ

ବିଭିନ୍ନ ସମୟରେ ବନ ଗମନ କରୁଥିଲେ। ରାଜା ରାମଚନ୍ଦ୍ର ରାଜଦଣ୍ଡ ଗ୍ରହଣର ଅବ୍ୟବହିତ ପୂର୍ବରୁ ଚଉଦବର୍ଷକାଳ ବଣ ଜଂଗଲରେ ବୁଲି ବନ ପ୍ରକୃତି ସହିତ ନିବିଡ଼ ସଂପର୍କ ସ୍ଥାପନ କରିବା ସଂଗେ ସଂଗେ ରାଜ୍ୟ ଶାସନ ପାଇଁ ବିଭିନ୍ନ ଅଭିଜ୍ଞତା ହାସଲ କରିଥିଲେ। ମହାଭାରତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପାଣ୍ଡବମାନେ ମଧ୍ୟ ରାଜ୍ୟ ଶାସନ ଗ୍ରହଣ ପୂର୍ବରୁ ଦୀର୍ଘକାଳ ବନବାସରେ ରହି ପ୍ରାକୃତିକ ପରିବେଶ ସହିତ ଅନ୍ତରଂଗତା ସ୍ଥାପନ କରିଥିଲେ। ପ୍ରାକୃତିକ ପରିବେଶ ତଥା ଜନ ସଂପର୍କ ବିହୀନ କୌରବମାନଂକର ସ୍ୱଳ୍ପକାଳ ଶାସନର ଅବସାନ ପରେ ପ୍ରକୃତି ସହିତ ସଖ୍ୟ ସ୍ଥାପନ କରିଥିବା ପାଣ୍ଡବମାନେ ହିଁ ଉତ୍ତମ ଭାବରେ ଶାସନ ପରିଚାଳନା କଲେ। ପ୍ରାଚୀନ ଭାରତରେ ଶାସକ ଓ ପ୍ରକୃତି ଭିତରେ ଥିବା ଏହି ଘନିଷ୍ଠ ସଂପର୍କ ପରବର୍ତ୍ତୀ ଯୁଗରେ ଏକ ସୌଖୀନ ପରଂପରାରେ ପରିଣତ ହୋଇଥିଲା। ସେଥିପାଇଁ ରାମାୟଣ ମହାଭାରତ ଠାରୁ ଆରମ୍ଭକରି କାଳିଦାସ ଭବଭୂତିଂକୁ ପର୍ଯ୍ୟନ୍ତ କବିତାରେ ଥିବା ପ୍ରକୃତିର ମାନବୀୟ ଓ ଅନ୍ତରଂଗ ପରିଚୟ ତଦ୍ ପରବର୍ତ୍ତୀ ଯୁଗରେ ପ୍ରାୟତଃ ପରିତ୍ୟକ୍ତ ହୋଇ ପଡ଼ିଥିଲା।

## ଧର୍ମୀୟ ଦୃଷ୍ଟିକୋଣରୁ ପ୍ରକୃତି :

ଭାରତୀୟ ମନୀଷା ଆଦିମ ଅବସ୍ଥାରୁ ଧର୍ମୀୟ ଦୃଷ୍ଟିକୋଣରୁ ପ୍ରକୃତିକୁ ଦେଖି ଆସିଛି। ବିଭିନ୍ନ ଦାର୍ଶନିକମାନେ ପ୍ରକୃତିକୁ ନାନା ଦୃଷ୍ଟିରୁ ବିଶ୍ୱସ୍ରଷ୍ଟାଂକର ଅଭିପ୍ରକାଶ ଭାବରେ ଗ୍ରହଣ କରିଛନ୍ତି। ଅଦ୍ୱୈତବାଦୀମାନେ ପ୍ରକୃତି ଓ ମଣିଷକୁ ସୃଷ୍ଟିକର୍ତ୍ତାଙ୍କର ପ୍ରକାଶ ବା ପ୍ରତିରୂପ ଭାବରେ ଗ୍ରହଣ କରିଛନ୍ତି। ସେମାନଙ୍କ ମତରେ ସୃଷ୍ଟିକର୍ତ୍ତାଂକ ସଂଗରେ ଉଭୟଂକର ଅଭିନ୍ନତା ହିଁ ଉଭୟର ପରସ୍ପର ପ୍ରତି ଆକର୍ଷଣର ମୂଳ କାରଣ। ମନୁଷ୍ୟ ଏବଂ ପ୍ରକୃତି ସ୍ୱରୂପତଃ ଅଭିନ୍ନ ବୋଲି ସେମାନଂକ ମଧ୍ୟରେ ଏହି ଅନ୍ତରଂଗତା। ଅନ୍ୟମାନଂକ ମତରେ ପ୍ରକୃତି ଭଗବାନଂକର ସୃଷ୍ଟି ବୈଚିତ୍ର୍ୟ ବହନ କରିଛି, ମାତ୍ର ପ୍ରକୃତି ଭଗବାନ ନୁହନ୍ତି; ଏହା ମାୟାର ପ୍ରତିରୂପ। ସେମାନେ ରୂପ — ରସ — ଗଂଧ — ସ୍ପର୍ଶ — ଶବ୍ଦମୟ ଜଗତକୁ କେତେବେଳେ ମାୟା ଭାବରେ ଓ ଅନ୍ୟ କେତେବେଳେ ଭଗବାନଂକ ବିଭିନ୍ନ ରୂପଭାବରେ ଦେଖି ଆସିଛନ୍ତି। ଭାରତର ମୁନି—ଋଷିମାନେ ଜଗତର ଜଡ଼, ଉଦ୍ଭିଦ ଓ ଚେତନ ମଧ୍ୟରେ ବିଶ୍ୱପ୍ରାଣ ନିରନ୍ତର ସ୍ପନ୍ଦିତ ହେଉଥିବାର ଉପଲବ୍ଧି କରିଛନ୍ତି।

## ପ୍ରକୃତି ପ୍ରତି ପାଶ୍ଚାତ୍ୟ ଦୃଷ୍ଟିକୋଣ :

ପାଶ୍ଚାତ୍ୟ ଦୃଷ୍ଟିକୋଣରୁ ପ୍ରକୃତିକୁ ଭିନ୍ନ ଦୃଷ୍ଟିରୁ ବିଚାର କରାଯାଉଥିଲା। ସେ ସଂପର୍କରେ ମାନସିଂହ କହନ୍ତି :— "ପାଶ୍ଚାତ୍ୟ ଦେଶମାନଂକରେ ମଧ୍ୟ ଭାବୁକମାନେ ପ୍ରକୃତି ପୂଜା ମଧ୍ୟଯୁଗରୁ ଅର୍ଥାତ୍ ଚତୁର୍ଥ ଶତାବ୍ଦୀ ଠାରୁ ଭୁଲିଯାଇଥିଲେ। ଫରାସୀ ରାଷ୍ଟ୍ରବିପ୍ଳବର ପ୍ରାକ୍‌କାଳରେ, ଫରାସୀ ମନୀଷୀ ରୁଷୋ ମନୁଷ୍ୟ ଓ ପ୍ରକୃତିର ସ୍ୱାଭାବିକ ସଂପର୍କକୁ ପୁନରୁଜ୍ଜୀବିତ କରିବାର ପ୍ରଥମ ଚେଷ୍ଟା କଲେ। ଫରାସୀ ଭାବଧାରା କ୍ରମେ ଇଉରୋପର ଅନେକ ସାହିତ୍ୟକୁ ପ୍ରଭାବିତ କଲା। କିନ୍ତୁ ଇଂରାଜୀ ସାହିତ୍ୟରେ ହିଁ ଏହି ଭାବ ପୂର୍ଣ୍ଣ ପ୍ରସ୍ଫୁଟିତ ହୋଇ ଉଠିଲା। ଏହି ସମୟର ଇଂରେଜ କବିମାନେ

ପ୍ରକୃତିକୁ ଆଶ୍ରୟ କରି ଯେଉଁ ରମଣୀୟ କାବ୍ୟ କବିତା ଲେଖିଯାଇଛନ୍ତି, ତାହା ବିଶ୍ୱ ସାହିତ୍ୟରେ ଅତୁଳନୀୟ। ପୁଣି ସେ ସମସ୍ତଂକ ଭିତରେ ୱାଡ଼ସ୍‌ୱାର୍ଥ ପ୍ରକୃତିର ପଟ୍ଟଶୁରୋହିତ। ୱାଡ଼ସ୍‌ୱାର୍ଥଂକ ଠାରୁ ଆରମ୍ଭ କରି ଟେନିସ୍‌ନଙ୍କ ପର୍ଯ୍ୟନ୍ତ ବିଶିଷ୍ଟ ଇଂରେଜୀ କବିମାନେ ପ୍ରକୃତିକୁ ନାରୀକୁ ଅର୍ଘ୍ୟ ଦେଲାଭଳି ସେମାନଂକର ଅର୍ଘ୍ୟ ଦେଇଛନ୍ତି।''[୧] ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ଯାଏ ଇଉରୋପୀୟ ସାହିତ୍ୟର ପ୍ରକୃତିର ସ୍ଥାନ ଥିଲା ନଗଣ୍ୟ।

ଆଧୁନିକ କାଳରେ ଇଂରେଜୀ କବିମାନେ ପ୍ରକୃତିପ୍ରତି ଗ୍ରହଣ କରିଥିବା ଦୃଷ୍ଟିକୋଣ ଦ୍ୱାରା ଆଧୁନିକ ଭାରତୀୟ କବିମାନେ ସଂପୂର୍ଣ୍ଣ ଭାବରେ ପ୍ରଭାବିତ ବୋଲି ଯାହା କୁହାଯାଏ, ମାନସିଂହ ତାକୁ ସଂପୂର୍ଣ୍ଣ ଭାବରେ ସ୍ୱୀକାର କରିନାହାନ୍ତି। ତାଂକ ମତରେ:— ''ଇଂରେଜୀ କବିମାନେ ଊନବିଂଶ ଶତାବ୍ଦୀରେ ଯାହାକରି ଜୟଜୟକାର ପାଇଗଲେ ଓ ଆମର ବିସ୍ମୟର କାରଣ ହେଲେ, ବହୁ ଶତାବ୍ଦୀ ତଳେ ଆମର କାଳିଦାସ ଓ ଭବଭୂତି, ବିଶେଷତଃ କାଳିଦାସ ଠିକ୍ ତାହାହିଁ କରିଯାଇଛନ୍ତି। ଊନବିଂଶ ଶତାବ୍ଦୀ ଯାଏ ଇଂରେଜ କବିମାନଂକ ଆଖିରେ ପର୍ବତ କୁତ୍ସିତ ଦେଖାଯାଉଥିଲା ଏବଂ ନଗରସଭ୍ୟତା ଥିଲା ସେ ଜାତିର କବିମାନଂକର ବର୍ଣ୍ଣନୀୟ ବସ୍ତୁ; କିନ୍ତୁ ଆମର ମହାକବିଂକ ଲେଖାରେ ଭାରତବର୍ଷର ବ'ଣ, ପାହାଡ଼, ନଦନଦୀ, ମେଘ, ମଳୟର କି ମନୋଜ୍ଞ ବର୍ଣ୍ଣନା ଆମେ ନପାଉଁ। ତେଣୁ ସମୂହ ଭାବରେ ଦେଖିବାକୁ ଗଲେ ନବଯୁଗର ଭାରତୀୟ ସାହିତ୍ୟର ପ୍ରକୃତିଚର୍ଚ୍ଚା, ଊନବିଂଶ ଶତାବ୍ଦୀର ଇଂଲିଶ୍ ରୋମାଣ୍ଟିକ୍ ରିଭାଇଭାଲର ବିଶେଷ ଦାନ ବୋଲି ଧରାଯିବା ଉଚିତ ନୁହେଁ। ଆମ ପ୍ରାଚୀନ ସାହିତ୍ୟରେ ଋତୁ ପର୍ଯ୍ୟାୟ ଦେଇ ପ୍ରକୃତିର ବିଭିନ୍ନ ବିକାଶର ଚିତ୍ର ପ୍ରଚୁର ଅଛି ଓ ଆମ କବିମାନଂକର ଉପମା ସଂଗ୍ରହ ବିଷୟରେ ପ୍ରକୃତିକି ସ୍ପଷ୍ଟ ବୁଝିବାର ଅନୁରାଗ ଓ ତୀକ୍ଷଣ୍ ଦୃଷ୍ଟିଥିଲା। ଅବଶ୍ୟ ଉତ୍କଳର ନଦୀଟିଏ, ବଣଟିଏ, ହ୍ରଦଟିଏ, ପାହାଡ଼ଟିକି ନେଇ କାବ୍ୟ ଲେଖା ହୋଇନାହିଁ, କିନ୍ତୁ ନିଛକ 'ରସ ଦୃଷ୍ଟିରୁ ଦେଖିଲେ ସେଟା ଯେ ବିଶେଷ ଗୋଟାଏ ସାହିତ୍ୟକ ଅଭାବ, ଏହାତ ମୋର ମନେ ହୁଏନା।''[୨]

ଆଧୁନିକ କାଳରେ ପ୍ରକୃତି ମଧ୍ୟରେ ଯେଉଁ ରହସ୍ୟ; ସଂଧାନର ପ୍ରୟାସ-ପ୍ରକୃତିକୁ ଉପଭୋଗ କରିବାର ବାସନା ମଧ୍ୟରେ, ଯେଉଁ ବୈଚିତ୍ର୍ୟର ପରିଚୟ ଆମମାନଂକ ସାହିତ୍ୟରେ ଦେଖା ଦେଇଛି ତାର ମୂଳ ଉତ୍ସ ପାଶ୍ଚାତ୍ୟ ସାହିତ୍ୟ। ମନୁଷ୍ୟ ଯେତେଦିନ ପର୍ଯ୍ୟନ୍ତ ପ୍ରକୃତିର କୋଳରେ ବସବାସ କରିଥିଲା, ଯେତେଦିନ ସେ ଶିଶୁ ସୁଲଭ ଭଂଗୀରେ ପ୍ରକୃତିକୁ ଭଲପାଇ ଆସିଥିଲା, ଯେତେଦିନ ପ୍ରକୃତିର ସମସ୍ତ ଅଂଗ ମନୁଷ୍ୟର ହାତ ପାଆନ୍ତାରେ ଥିଲା, ଚକ୍ଷୁ ସମ୍ମୁଖରେ ଥିଲା, ସେତେଦିନ ପ୍ରକୃତିର ନିରାଭରଣ ରୂପ ଦେଖିବା ପାଇଁ ମନୁଷ୍ୟ ମନରେ କୌଣସି ବ୍ୟାକୁଳତା ଜନ୍ମି ନ ଥିଲା। ସେ ପ୍ରକୃତିକୁ ରହସ୍ୟମୟ ଭାବରେ ଦେଖିବାକୁ ଚେଷ୍ଟା କରି ନଥିଲା। ଯେତେବେଳେ ମନୁଷ୍ୟ ସଭ୍ୟତାର ନୂତନ ନୂତନ ଆବରଣରେ ଢାଂକି ହେବାକୁ ଆରମ୍ଭ କରି ପ୍ରକୃତି ଠାରୁ ଦୂରେଇ ଆସିଛି, ସେତେବେଳେ ସେ ପ୍ରକୃତିକୁ ରହସ୍ୟମୟ ଦୃଷ୍ଟିରେ ଦେଖି ଆସିଛି। ପ୍ରକୃତି ଠାରୁ ମଣିଷର ବ୍ୟବଧାନ ଯେତେବେଶୀ ହୋଇଛି, ପ୍ରକୃତିକୁ ଚିହ୍ନିବାରେ, ଉପଲବ୍ଧି

କରିବାର ଆକାଙ୍‌କ୍ଷା ମନୁଷ୍ୟ ମନରେ ସେତେ ପ୍ରବଳ ହୋଇ ଉଠିଛି। ଆଧୁନିକ ପାଶ୍ଚାତ୍ୟ କବିମାନେ ଯେତେବେଳେ ପ୍ରକୃତିକୁ ଉପଭୋଗ କରିଛନ୍ତି, ସେତେବେଳେ ତାକୁ ନୂତନସତ୍ତା ରୂପରେ ଦେଖିଛନ୍ତି।

ମାନବ ସୃଷ୍ଟିର ପ୍ରାରମ୍ଭରୁ ମଣିଷର ସାଥେ ସାଥେ ପ୍ରକୃତି ରହିଆସିଥିଲା, ଏବେ ମଧ୍ୟ ସେହିପରି ଅଛି। ମଣିଷ ଭିତରେ ଥିବା ସର୍ଜନଶୀଳ ପ୍ରବୃତ୍ତି କ୍ରମେ ପ୍ରକୃତିକୁ ଦେଖିଲା, ମଣିଷ ମନର କଳ୍ପନା ଅନୁସାରେ ପ୍ରକୃତି ସୁଂଦର ହେଲା। ଆମେ ସାହିତ୍ୟ ଓ କଳାରେ ଯେଉଁ ପ୍ରକୃତିକୁ ଦେଖୁଛୁ, ସେ ହେଉଛି ଆମର କଳ୍ପନା। ହ୍ରଦ, ପାହାଡ଼, ପର୍ବତ, ନଦନଦୀ, ଝରଣା, ଜ୍ୟୋତ୍ସା, ମେଘ, ଅନାଦିକାଳରୁ ପ୍ରକୃତିରେ ରହି ଆସିଥିଲା। କବି, ଚିତ୍ରଶିଳ୍ପୀ ଯେତେବେଳେ ପ୍ରକୃତିର ସେହି ମନୋରମ ସୌଂଦର୍ଯ୍ୟକୁ କାବ୍ୟରେ ବା ଚିତ୍ର ମାଧ୍ୟମରେ ଫୁଟାଇବାକୁ ଲାଗିଲେ, ଆମେ ସେତେବେଳେ ନିଜର ଦୃଷ୍ଟିକୁ ସେ ସୌଂଦର୍ଯ୍ୟପ୍ରତି ଫେରାଇନେଲୁ ଓ କବି ବା ଚିତ୍ରଶିଳ୍ପୀର କଳ୍ପଲୋକର ପ୍ରକୃତିକୁ ଦେଖିବାକୁ ଲାଗିଲୁ। ଲୁଣିଆ କାଦୁଆ ଚିଲିକା ଅନାଦି କାଳରୁ ପଡ଼ି ରହିଥିଲା, ମାତ୍ର ରାଧାନାଥଂକ ଲେଖନୀର ଯାଦୁସ୍ପର୍ଶରେ ସେ ଦର୍ଶକମାନଂକ ଦୃଷ୍ଟିରେ 'ମରାଳ–ମାଳିନୀ–ନୀଳାମ୍ବୁ–ଚିଲିକା' ଭାବରେ ପରିଚିତ ହେଲା।

## ପ୍ରକୃତି ସଂପର୍କୀୟ ଚିନ୍ତାଧାରାର ଉତ୍ସ :

କବି ମାୟାଧର ମାନସିଂହଂକ ଜନ୍ମ, ବାଲ୍ୟକାଳ, ଶିକ୍ଷା ଜୀବନ ତଥା ଚାକିରୀକାଳ ହିଁ ପ୍ରକୃତିର ପସରାଭିତରେ ଅତିବାହିତ ହୋଇଛି। ପ୍ରକୃତିକୁ ଦେଖିବାର ଦୃଷ୍ଟିଭଂଗୀ ତାଂକର ଥିବାରୁ ସେ ମର୍ମେ ପ୍ରକୃତିକୁ ଅନୁଭବ କରି ତାଂକ ସୃଷ୍ଟିରେ ପ୍ରକାଶ କରାଇଛନ୍ତି। ଡଃ ମାନସିଂହଂକ ପ୍ରକୃତି ସଂପର୍କୀୟ ଚିନ୍ତାଧାରାର ଉତ୍ସକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇପାରେ– (କ) ନିଜ ଜୀବନର ବାସ୍ତବାନୁଭୂତି, (ଖ) ପ୍ରାଚୀନ ଭାରତର କବିଗଣ, (ଗ) ପାଶ୍ଚାତ୍ୟ ଚିନ୍ତାଧାରା, (ଘ) ବିଶ୍ୱକବି ରବୀଂଦ୍ରନାଥ॥

## ନିଜ ଜୀବନର ବାସ୍ତବାନୁଭୂତି :

ମରାଳ–ମାଳିନୀ–ନୀଳାମ୍ବୁ–ଚିଲିକାର କୋଳରେ କବି ମାନସିଂହଂକର ଜନ୍ମ। ଚିଲିକାର ମନୋରମ ପରିବେଶ ସହିତ ମହୋଦଧି ଓ ପ୍ରାକୃତିକ ଶୋଭାରେ ଭରା କବିଂକ ଗ୍ରାମ ମାନସିଂହଂକୁ ପ୍ରକୃତି ପ୍ରତି ମୁଗ୍ଧ କରିଥିଲା। କବି ଜୀବନର ବିଭିନ୍ନ ପର୍ଯ୍ୟାୟରେ ଘରଠାରୁ ଯେତେ ଦୂରରେ ଥାଆନ୍ତୁନା କାହିଁକି, ନିଜର ଜନ୍ମମାଟିକୁ ସର୍ବଦା ସ୍ମରଣ କରିଛନ୍ତି। ନିଜ ଜନ୍ମସ୍ଥାନର ପରିବେଶ ସଂପର୍କରେ ମାନସିଂହ ଲେଖିଛନ୍ତି: "ସମୁଦ୍ରର ବେଳାଭୂମି ତ ମୋର ପିଲାଦିନର ଧୂଳିଶେଯ। କାରଣ ଆମଘର ଠାରୁ ମାତ୍ର ଅର୍ଦ୍ଧକୋଶ ଦୂରରେ ମହୋଦଧିର ଫେନଚୂଡ଼ ସହସ୍ର ଲହଡ଼ି, ଅହୋରାତ୍ର ଦିଗନ୍ତ ଲମ୍ବୀ ବେଳାଭୂମିରେ ଫଣା ପିଟନ୍ତି। ଦିବସରେ କୋଳାହଳ, ସଂଧ୍ୟାଗମ ସଂଗେ ସଂଗେ ଶାନ୍ତ ହୁଅନ୍ତେ, ଆମ ଗ୍ରାମ ଦାଣ୍ଡକୁ ମହୋଦଧି ଓ ବେଳାଭୂମିର ସଶବ୍ଦ ବିଶ୍ରମ୍ଭାଳାପ ସାରା ରାତ୍ରି ଶୁଭେ। ବେଳାଭୂମିର ସ୍ୱର୍ଣ୍ଣଶଯ୍ୟା ଉପରେ ଆମ୍ବ ପୋଲାଂଗ ଝାମ୍ପୁ ପ୍ରଭୃତି ବନସ୍ପତିର

ସଚ୍ଛାୟା ଉପବନ ମାଳାରେ, ଗ୍ରୀଷ୍ମକାଳର ସ୍ୱିନ୍ନ ଦେହରେ ସୈଂଧବ ବାୟୁର ମଧୁର ସ୍ପର୍ଶ ମୋର ଅତି ପରିଚିତ ଅନୁଭୂତି।''[୩]

ବିଲାତ ଯାତ୍ରା ସମୟରେ ମାନସିଂହ ନିଜ ଗ୍ରାମ ନିକଟର ମଧୁର ପରିବେଶକୁ ସ୍ମରଣ କରିଛନ୍ତି। ସେ ଲେଖିଛନ୍ତି : ''ଆମ ଘରତ ସମୁଦ୍ରବେଳାରେ। ଦୀର୍ଘ ସମୁଦ୍ରକୂଳବ୍ୟାପୀ ରଂଗା ବାଲିର ବନମାନଂକରେ ବାଲି ହରିଣ ପଛରେ ଗୋଡ଼ାଇବାର, ଗୁଡ଼କଂକର କଣ୍ଟକିତ ଫୁଲ ଉଡ଼େଇ ଖେଳିବାର, କଇଁସାରୀ ଲଟା ଛିଣ୍ଡାଇବାର ଓ ବାଲି ଆଖୁ ବୋଲି ଗୋଟିଏ ପ୍ରକାର ମୋଟା ଘାସକୁ ଚୋବାଇବାର ବାଲ୍ୟ ଅନୁଭୂତି ମୋର ପ୍ରାଣର ପରମ ସାଇତା ଧନ।''[୪] ପୁଣି କବିଂକର ପୁରୁଣା ଗ୍ରାମ ତ ଚିଲିକାର ନୀଳ ଜଳରାଶିକୁ ସ୍ପର୍ଶକରି ଦଣ୍ଡାୟମାନ ଥିଲା। ଖ୍ରୀ: ୧୯୪୩ ମସିହା ବାତ୍ୟା ପର୍ଯ୍ୟନ୍ତ ପୁରୁଣା ଗ୍ରାମରେ କବିଂକର ବାସସ୍ଥାନ ଥିଲା। ସେ ଗ୍ରାମର ପ୍ରାକୃତିକ ପରିବେଶ, ଚିଲିକାର ନୀଳଜଳର ପୃଷ୍ଠପଟରେ ଦଣ୍ଡାୟମାନ ପର୍ବତମାଳାର ଦୃଶ୍ୟ କବିଂକ ବାଲ୍ୟ ଜୀବନରେ ଛାପି ହୋଇଯାଇଥିବ। ଚିଲିକା ମଧ୍ୟସ୍ଥ ପାରିକୁଦ ଗଡ଼ରେ ପ୍ରାଥମିକ ଶିକ୍ଷାଲାଭ ଓ ବାଣପୁର ମାଇନର ସ୍କୁଲର ପ୍ରାକୃତିକ ପରିବେଶ କବି ପ୍ରାଣରେ ପ୍ରେରଣା ଯୋଗାଇ ଦେଇଥିବ। ଖୋର୍ଦ୍ଧାର ହାଇସ୍କୁଲ ଜୀବନ ପର୍ଯ୍ୟନ୍ତ କବିଂକ ସମୟ ପ୍ରକୃତିର ଶାନ୍ତ କୋଳରେ ହିଁ ବିତିଛି। ଏହି ଅନୁଭୂତି ସକଳର ଚିତ୍ର କବିଂକର ଜେମା, ସାଧବ ଝିଅ, ପୁଷ୍ପିତା, ତଥା କମଳାୟନରେ ପ୍ରତିଫଳିତ। ତାଂକର କାବ୍ୟ କବିତାରେ ବର୍ଣ୍ଣିତ ପ୍ରକୃତି ବର୍ଣ୍ଣନାରେ ସାମାନ୍ୟ କାଳ୍ପନିକତା ନାହିଁ। ବାସ୍ତବ ପରିବେଶର ଚିତ୍ର କବିଂକ ଲେଖନୀର କାଉଁରୀ ସ୍ପର୍ଶରେ ନବଜନ୍ମ ଲାଭ କରିଛି ମାତ୍ର।

ପୁନଶ୍ଚ କବିଂକ କର୍ମମୟ ଜୀବନ ହିଁ କଟିଛି ପ୍ରକୃତି କୋଳରେ– ଭବାନୀପାଟଣା ଓ ଆଠଗଡ଼ର ଶିକ୍ଷକତା ସହିତ, ଇଷ୍ଟର୍ଣ୍ଣ ଷ୍ଟେଟ ଏଜେନ୍ସିର ଶିକ୍ଷା ପରାମର୍ଶ ଦାତା ଭାବରେ ସେ ସମଗ୍ର ପ୍ରାକୃତିକ ଉତ୍କଳର ପ୍ରକୃତି ସହିତ ପରିଚିତ ହୋଇ ପାରିଥିଲେ। ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳର ସ୍କୁଲ ଇନ୍‌ସ୍ପେକ୍ଟର ଭାବରେ ସେ ସମଗ୍ର ଓଡ଼ିଶାକୁ ଭ୍ରମଣ କରି ତା'ର ପ୍ରକୃତିକୁ ସଂଦର୍ଶନ କରିବାର ସୁଯୋଗ ଲାଭ କରିଥିଲେ। କବିବର ରାଧାନାଥ ସ୍କୁଲ ଇନ୍‌ସ୍ପେକ୍ଟର ଭାବରେ ସମଗ୍ର ଉତ୍କଳୀୟ ପ୍ରକୃତିକୁ ସଂଦର୍ଶନ କଲାପରି ମାନସିଂହଙ୍କ କର୍ମମୟ ଜୀବନ ହିଁ ତାଂକୁ ପ୍ରକୃତିର ମନୋରମ ଦୃଶ୍ୟ ଦେଖିବା ପାଇଁ ସୁଯୋଗ ଦେଇଛି।

## ପ୍ରାଚୀନ ଭାରତୀୟ କବିଗଣ:

ମାନସିଂହଙ୍କ ପ୍ରକୃତି ସଂପର୍କୀୟ ଚିନ୍ତାଧାରାର ଦ୍ୱିତୀୟ ଉତ୍ସ ଭାବରେ ପ୍ରାଚୀନ ଭାରତର କବି ଓ ପ୍ରାଚୀନ ଓଡ଼ିଆ କବିମାନଂକର ସ୍ଥାନ ସର୍ବାଗ୍ରଗଣ୍ୟ। ମାନସିଂହ ସଂସ୍କୃତ ସାହିତ୍ୟର ଛାତ୍ରଥିବାରୁ କାଳିଦାସ ଓ ଭବଭୂତିଂକୁ ଜାଣିବାର ସୁଯୋଗ ଲାଭ କରିଥିଲେ। କାଳିଦାସ ଓ ଭବଭୂତିଂକର କାବ୍ୟ ନାଟକ ସହ ସଂସ୍କୃତ ସାହିତ୍ୟରେ ଥିବା ବିଭିନ୍ନ କବିଂକର ପ୍ରକୃତି ବର୍ଣ୍ଣନା, ମାନସିଂହଂକ ପ୍ରକୃତି ସଂପର୍କୀୟ ପ୍ରତ୍ୟୟ ଓ ରୂପ ଦୃଷ୍ଟିକୁ ପ୍ରଭାବିତ କରିଥିଲା। ପ୍ରାଚୀନ ଭାରତୀୟ ସାହିତ୍ୟରେ ପ୍ରକୃତି ସଂପର୍କରେ

ମାନସିଂହ ଲେଖିଛନ୍ତି: "ସଂସ୍କୃତ ସାହିତ୍ୟରେ ପ୍ରକୃତିର ଯେପରି ମନୋଜ୍ଞ ଚିତ୍ର ଏବଂ ପ୍ରକୃତି ଓ ମନୁଷ୍ୟ ଭିତରେ ପାରସ୍ପରିକ ମଧୁର ପ୍ରତିକ୍ରିୟା ଦେଖିବାକୁ ମିଳେ, ପୃଥିବୀର କୌଣସି ପ୍ରାଚୀନ ସାହିତ୍ୟରେ ତାହା ଦେଖିବାକୁ ମିଳେନା। ବେଦର ସ୍ତୋତ୍ର ସବୁ ପ୍ରକୃତିକୁ ଆଶ୍ରୟ କରି ଲିଖିତ। ଉପନିଷଦର ଅଧିଷ୍ଠାନ ହେଲା ପ୍ରକୃତି କୋଳରେ। ବାଲ୍ମୀକି, ବ୍ୟାସ, ଭାସ, କାଳିଦାସ ଓ ଭବଭୂତିଂକ କାବ୍ୟ କବିତାରେ ପ୍ରକୃତି ଓତପ୍ରୋତ ଭାବରେ ମିଶି ରହିଛି। ଜଗତରେ କେତେ କବି କେତେ କାବ୍ୟ ଲେଖିଗଲେଣି, କିନ୍ତୁ ମୌସୁମୀ ମେଘ ଓ ହିମାଳୟ କାହା କାବ୍ୟର ନାୟକ ହୋଇଛି? ଭାରତର କାଳିଦାସଂକ କାବ୍ୟରେ।"[୫]

ମାନସିଂହଂକର ବିରହୀଘନ, ଦକ୍ଷିଣା ପ୍ରତି, ପ୍ରାବୃଟ ସମ୍ଭାଷଣ, ଆଦି କବିତାରେ ପ୍ରାଚୀନ କବିମାନଂକର ପ୍ରକୃତି ସଂପର୍କୀୟ ଚେତନାର ନିଛକ ଛାପ ପ୍ରକାଶ ପାଇଛି। ମହତ କବିଂକର ଲେଖନୀ ସ୍ପର୍ଶରେ ସାଧାରଣ ନଦୀ ପର୍ବତ କିପରି ବଳିଷ୍ଠ ରୂପ ନେଇ ପାରେ। ସେ ସପଂର୍କରେ ମାନସିଂହ ଲେଖିଛନ୍ତି: "ରାମଗିରି ମଧ୍ୟପ୍ରଦେଶର ଗୋଟିଏ କ୍ଷୁଦ୍ର ପର୍ବତ, ଶିପ୍ରାନଦୀ ଗୋଟିଏ କ୍ଷୁଦ୍ର ପୟଃପ୍ରଣାଳୀ ମାତ୍ର। କିନ୍ତୁ ରାମଗିରି ପର୍ବତ ଓ ଶିପ୍ରାନଦୀକୁ ଭାରତରେ ନଜାଣେ କି'ଏ? ମହାକବି କାଳିଦାସଂକ ଲେଖନୀ ପ୍ରସାଦରୁ ଏମାନେ ଅମରତ୍ୱ ଲାଭ କରି ଅଛନ୍ତି।"[୬] କେବଳ ସଂସ୍କୃତ କବି ନୁହନ୍ତି, ପ୍ରାଚୀନ ଓଡ଼ିଆ କବିମାନେ ପ୍ରକୃତି ବର୍ଣ୍ଣନାରେ ମାନସିଂହଂକ ପ୍ରାଣକୁ ମୁଗ୍ଧ କରିଛନ୍ତି। ଉପେଂଦ୍ରଭଂଜଂକ କାବ୍ୟରେ ସେହି ଏକ ତାଳର ପ୍ରକୃତି ବର୍ଣ୍ଣନା ଥିଲେ ମଧ୍ୟ ଭଂଜଂକ ଜୀବନ ଓ ପ୍ରକୃତି ପ୍ରେମ, ତାଂକୁ ଏପରି ପ୍ରଭାବିତ କରିଛି ଯେ ଆଦ୍ୟ ଲେଖକ ଜୀବନରେ ଭଂଜଂକ ଜୀବନୀ ଅବଲମ୍ବନରେ ସେ 'ରାଜକବି' ନାଟିକା ରଚନା କରିଥିଲେ। ସେହି ନାଟିକାକୁ ଅନୁଧ୍ୟାନ କଲେ ମାନସିଂହଂକ ପ୍ରାଚୀନ କବି ଓ ପ୍ରକୃତି ସଂପର୍କୀୟ ଚେତନାର ଆଭାସ ସ୍ପଷ୍ଟ ଭାବରେ ମିଳିଥାଏ।

### ପାଶ୍ଚାତ୍ୟ ଚିନ୍ତାଧାରା:

ମାନସିଂହଂକର ପ୍ରକୃତି ସଂପର୍କୀୟ ଚିନ୍ତାଧାରାକୁ ଇଂରାଜୀ ରୋମାଣ୍ଟିକ୍ କବିମାନଂକର ପ୍ରକୃତି–ପ୍ରତ୍ୟୟ ଗଭୀରଭାବେ ପ୍ରଭାବିତ କରିଛି। ମାନସିଂହ ଇଂରାଜୀ ସାହିତ୍ୟର ଜଣେ ଛାତ୍ର ଥିଲେ ଓ ଇଂରାଜୀ ରୋମାଣ୍ଟିକ୍ କବିମାନଂକର ଜଣେ ମୁଗ୍ଧ ଅନୁଗତ ଥିଲେ। ରୋମାଣ୍ଟିକ୍ କବିମାନଂକର ମୂଳ ଲକ୍ଷ୍ୟ ହେଲା ପ୍ରକୃତିରେ ସୌଂଦର୍ଯ୍ୟ ଓ ରହସ୍ୟ ଉପଲବ୍ଧି। ରୋମାଣ୍ଟିକ୍ କବି ଓ ପ୍ରକୃତି–ଚେତନାର ଭିତ୍ତିଭୂମି ସଂପର୍କରେ ମାନସିଂହ ଲେଖିଛନ୍ତି: "ୟୁରୋପରେ ସଭ୍ୟତା ନାଗରିକୀ ଅର୍ଥାତ୍ ନଗରକେଂଦ୍ରିକ। ଏହି ନାଗରିକ ସଭ୍ୟତା ପୁଣି ପୁସ୍ତକାଂଧ ଖ୍ରୀଷ୍ଟୀୟ ଧର୍ମଯାଜକମାନଂକର ତର୍ଜନୀ ନିର୍ଦ୍ଦେଶରେ ଶତ ଶତ ବର୍ଷ ଧରି ନିଜକୁ ଅଂଧକରି ରଖିଥିଲା। ସେ ସଭ୍ୟତା ଦୃଶ୍ୟମାନ ପ୍ରକୃତିରେ କିଛି ସୌଂଦର୍ଯ୍ୟ ଦେଖିପାରୁ ନଥିଲା, ପାର୍ଥିବ ଜୀବନକୁ ସେ ଦେଖିଥିଲା ଆଦାମ୍ ଓ ଇଭର ପ୍ରାଥମିକ ପାପର ଅଭିଶପ୍ତ ଫଳ ବୋଲି। ହେଲ୍ ବା ନରକର ଭୟ

ହିଁ ଜୀବନକୁ ନିୟନ୍ତ୍ରିତ କରୁଥିଲା, ପୃଥିବୀ ଥିଲା ଭୂମଧ୍ୟ ସାଗରର ଦୁଇ କୂଳରେ ଥିବା କେତୋଟି ମାତ୍ର ଦେଶ, ମାନବ ଜୀବନ ଥିଲା ସଂକୀର୍ଣ୍ଣ, ନିରାନଂଦ। ଷୋଡ଼ଶ ଶତାବ୍ଦୀରେ ତୁର୍କୀମାନଂକ ଅତ୍ୟାଚାର ଫଳରେ ବହୁ ପୁରାତନ ଓ ବିସ୍ମୃତ ଅଖ୍ରୀଷ୍ଟୀୟ ଗ୍ରୀକ୍ ସଭ୍ୟତାର ସାହିତ୍ୟ, ଦର୍ଶନ ଓ କବିତା ସହସା ମଧ୍ୟ–ଯୁଗୀୟ ଇଉରୋପର ମନଲୋକରେ ଆପେ ଆପେ ପଶି ଏକ ବିରାଟ ଆଲୋଡ଼ନ ସୃଷ୍ଟି କଲା। ଏହାର ନାମ ରେନେସାଁ ବା ନବଜୀବନ।''[୭] ଏହି ରେନେସାଁ ହିଁ ପାଶ୍ଚତ୍ୟ ଜଗତରେ ପ୍ରକୃତି ସଂପର୍କୀୟ ଚିନ୍ତାଧାରାରେ ପରିବର୍ତ୍ତନ ଆଣିଲା। ପୁନଶ୍ଚ ମାନସିଂହ କହନ୍ତି: ''ଆମ୍ଭେମାନେ ଆଜି ଯାହାକୁ ଆଧୁନିକ ସଭ୍ୟତା ବୋଲି ଧରୁଛୁ ତା'ର ଆରମ୍ଭ ପ୍ରକୃତରେ ଏଇଠାରୁ। ଗ୍ରୀକ୍‌ମାନେ ଥିଲେ ରୂପପ୍ରେମୀ ଜାତି, ସେମାନେ ପୃଥିବୀ ଓ ପ୍ରକୃତିକୁ ଗଭୀର ଭାବରେ ଭଲ ପାଉଥିଲେ, ସେମାନଂକର ଚିନ୍ତାଥିଲା ଭୀତିହୀନ, କର୍ମଥିଲା ଦ୍ୱଂଦ୍ୱଶୂନ୍ୟ ଓ ସାହସିକ, ସତ୍ୟ ପାଇବାକୁ ସେମାନଂକର ଥିଲା ଅକ୍ଳାନ୍ତ ଚେଷ୍ଟା। ଷୋଡ଼ଶ ଶତାବ୍ଦୀରେ ୟୁରୋପ ଏ ପ୍ରକାର ସଭ୍ୟତାର ସଂପର୍କରେ ଆସି, ପିଂଗିଲା ଧର୍ମାକ୍ଷ ବିଚାରହୀନ ପୁରୋହିତରେ ତର୍ଜନୀ–ନିର୍ଦ୍ଦେଶ, ଉଠିଗଲା ନରକର ଭୟ, ଚିନ୍ତା ହେଲା ନିର୍ଭୀକ, ସେ ଭଲ ପାଇବାକୁ ଆରମ୍ଭ କଲା, ଇହ ଜୀବନ ଓ ପୃଥିବୀକୁ, ମନୁଷ୍ୟ ଭାବରେ ମନୁଷ୍ୟର ମୂଲ୍ୟ ବଢ଼ିଲା, ପୃଥିବୀ ହେଲା କ୍ରମେ ବିସ୍ତୃତ, ଏକ ଦିଗରେ ଆମେରିକା ଓ ଅନ୍ୟ ଦିଗରେ ଭାରତ, ଚାଇନା, ଜାପାନ ସଂଗେ ବୋଇତ ଯାତ୍ରାର ଯୋଗରେଖା ପଡ଼ିଲା, ମାନବିକ ଜ୍ଞାନ ଅନୁଭୂତିର ଦିଗ୍‌ବଳୟ କ୍ରମେ ବଢ଼ିବାକୁ ଲାଗିଲା।''[୮]

ଜ୍ଞାନ ରାଜ୍ୟର ଏହି ନୂତନ ଆଘାତ ହିଁ ଇଉରୋପୀୟ ସମାଜରେ ପ୍ରକୃତି ସଂପର୍କୀୟ ଚିନ୍ତାଧାରାର ପରିବର୍ତ୍ତନ ଆଣିଲା। ଏହି ଆଲୋଡ଼ନର ମୁଖ୍ୟ ପରିବର୍ତ୍ତନ ହେଲା : '' ସୃଷ୍ଟି ଓ ପ୍ରକୃତିରେ ରହସ୍ୟର ସଂଧାନ। ଷୋଡ଼ଶ ଶତାବ୍ଦୀ ପରେ ମନୁଷ୍ୟ ପ୍ରକୃତିର ରୂପରେ କେବଳ ମୁଗ୍ଧ ହୋଇନି, ସେହି ରୂପ ତଳେ ସେ ବିବିଧ ଦର୍ଶନର ସଂଧାନ ପାଇଛି। ମନୁଷ୍ୟର କଳ୍ପନା ଜଡ଼ ପ୍ରକୃତିକୁ ଜୀବନ୍ତ ବୋଲି ଧରି ନେଇଛି। ଫଳରେ ଭୌତିକ ଓ ଆଧିଭୌତିକର ପ୍ରଭେଦ ଲୋପ ପାଇଛି ଏବଂ ସେଥିଯୋଗୁ ଆମେ ୱାର୍ଡ଼ସ୍‌ୱାର୍ଥଂକ କବିତାରେ ପ୍ରକୃତି ଭିତରେ ଅତିପ୍ରାକୃତ ଓ ସେଲି, କଲେରିଜ୍ ପ୍ରଭୃତିଂକ କବିତା ଭିତରେ ଅତିପ୍ରାକୃତ ଆସି ପ୍ରାକୃତ ସହିତ ମିଶିବାର ଦେଖୁଁ। ମନୁଷ୍ୟ ଭାବରେ ମନୁଷ୍ୟର ସମ୍ମାନ, ବିଶେଷତଃ ପ୍ରକୃତିର ସନ୍ନିଧିରେ ଯେଉଁମାନେ ବଞ୍ଚନ୍ତି, ସେମାନଂକୁ ସାହିତ୍ୟରେ ସ୍ଥାନ ମିଳିଲା।''[୯]

ଓଡ଼ିଆ ସାହିତ୍ୟ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ, ଇଂରାଜୀ ସାହିତ୍ୟର ଘନିଷ୍ଠ ସଂସ୍ରବରେ ଆସିଥିଲା। ରାଧାନାଥ ମଧୁସୂଦନ ପ୍ରମୁଖ ଓଡ଼ିଆ କବିଂକୁ ଇଂରାଜୀ ରୋମାଣ୍ଟିକ୍ କବିତାରେ ଥିବା ମନ୍ମୟ ପ୍ରଧାନ ଭାବଧାରା ଗଭୀର ଭାବରେ ଆଲୋଡ଼ିତ କରିଥିଲା। ବିଂଶ ଶତକ ଆଦ୍ୟ ପାଦର କବିଗଣ, ଗୋଟାଏ ଦିଗରେ ରାଧାନାଥ, ମଧୁସୂଦନ, ଅପର ଦିଗରେ ପାଶ୍ଚାତ୍ୟ ସାହିତ୍ୟର କ୍ରମ ପ୍ରବହମାନ ଧାରାର ଏକ ସନ୍ତୁଳିତ ରୂପକୁ ଅନୁଭବ କରିପାରିଥିଲେ। ପ୍ରକୃତି ସଂପର୍କରେ ଥିବା ରୋମାଣ୍ଟିକ୍ ଓ

ନିଓ–ରୋମାଣ୍ଟିକ୍, ଏହି ଉଭୟ ପ୍ରତ୍ୟୟ ମାନସିଂହ ସମେତ ସବୁଜ କବିମାନଙ୍କର ଦୃଷ୍ଟିକୋଣକୁ ସଂଗଠିତ କରିଥିଲା। ରୋମାଣ୍ଟିକ୍ କବିମାନଙ୍କର ପ୍ରକୃତି ପ୍ରେମ, ରାଧାନାଥଙ୍କୁ ବିଶେଷ ପ୍ରଭାବିତ କରିଥିଲା। ମାନସିଂହଙ୍କ ଭାଷାରେ: ପ୍ରକୃତି ପ୍ରତି ରାଧାନାଥଙ୍କର ଗଭୀର ଆକର୍ଷଣ ଯେ ଥିଲା, ଏଥିର ପ୍ରମାଣ ତାଙ୍କର କାବ୍ୟରେ ସର୍ବତ୍ର ସୁସ୍ପଷ୍ଟ। ୱାର୍ଡ଼ସ୍‌ୱାର୍ଥଙ୍କ ଛଡ଼ା ଜଗତର ଅନ୍ୟ ସକଳ କବି ପ୍ରକୃତିକୁ ଯେପରି ଭାବରେ ଅନୁଭବ କରିଛନ୍ତି ରାଧାନାଥ ସେହିପରି କରିଅଛନ୍ତି। ସେ ପ୍ରକୃତିର ଇଂଦ୍ରିୟଗ୍ରାହ୍ୟ ରୂପକୁ ତାଙ୍କର ସମସ୍ତ ଇଂଦ୍ରିୟ ଦ୍ୱାରା ଅନୁଭବ କରି ଅଛନ୍ତି। ସେକ୍ସପିଅର ଓ କୀଟ୍‌ସ୍ ଏହିପରି ଭାବରେ ପ୍ରକୃତିର ଉପାସକ ଥିଲେ। ପ୍ରକୃତିର ଇଂଦ୍ରିୟଗ୍ରାହ୍ୟ ଉପାସାନାରେ ରାଧାନାଥ, ସେକ୍ସପିଅର ଓ କୀଟ୍‌ସଙ୍କ ସମାନଧର୍ମୀ। ରୂପ ପିପାସୀ କବି ସୃଷ୍ଟିର ରୂପ–ରସ–ବର୍ଣ୍ଣ–ଗଂଧରେ ମୁଗ୍‌ଧ ହୁଅନ୍ତି। ଏହି ସବୁ ଗୁଣ ନାରୀ ଦେହରେ ଓ ପ୍ରକୃତିର ଉଭୟତ୍ର ବିଦ୍ୟମାନ। କେଉଁ କବି ନାରୀଠାରେ, କେଉଁକବି ପ୍ରକୃତିରେ, କେଉଁ କବି ଉଭୟରେ ତାଙ୍କର ପିପାସା ନିବାରଣ କରନ୍ତି। ରାଧାନାଥ ନାରୀ ଓ ପ୍ରକୃତି ଉଭୟର ଉପାସକ। ସେ ଦୁହିଁଙ୍କ ରୂପର ମୁଗ୍‌ଧ ପୂଜାହାରୀ– ବିଶେଷତଃ ପ୍ରକୃତିର।"[୧୦]

ରାଧାନାଥଙ୍କ ପ୍ରକୃତି ବର୍ଣ୍ଣନା ମାନସିଂହଙ୍କୁ ମୁଗ୍‌ଧ କଲେବି ତାଙ୍କର ପ୍ରତ୍ୟୟକୁ ପିରବର୍ତ୍ତିତ କରିପାରି ନାହିଁ। ରାଧାନାଥ ନାରୀ ଓ ପ୍ରକୃତିକୁ ସମକାଳରେ ଭଲ ପାଇଛନ୍ତି; କିନ୍ତୁ ମାନସିଂହଙ୍କ ଦୃଷ୍ଟିରେ ନାରୀର ଗୁରୁତ୍ୱ ଅଧିକତର। ନାରୀ ଦେହର ଲାବଣ୍ୟକୁ ସେ ପ୍ରକୃତି ମଧ୍ୟରେ କେତେବେଳେ ସଂଦର୍ଶନ କଲାବେଲେ ଅନ୍ୟ କେତେବେଳେ ପ୍ରକୃତି ତାଙ୍କର ନାରୀଭାବନାର ପୃଷ୍ଟପୋଷକ ହୋଇଛି। ନିଜର ପ୍ରେୟସୀ ଅଂଗରେ ହେମନ୍ତ ରଜନୀରେ ଜ୍ୟୋତ୍ସ୍ନାପାତ ସମୟରେ ସେ ନିଜର ପ୍ରେୟସୀକୁ ପ୍ରକୃତିର ଅଂଶ ବୋଲି ବର୍ଣ୍ଣନା କରିଛନ୍ତି। ପ୍ରକୃତିର ଭୁବନ ମନୋହର ରୂପ ସଂଦର୍ଶନରେ ସେ ସର୍ବତ୍ର ନାରୀକୁ ସ୍ମରଣ କରିଛନ୍ତି। ଦିଗନ୍ତ ବିସ୍ତାରୀ ପ୍ରାକୃତିକ ଶୋଭା ବେଳେ ବେଳେ ତାଙ୍କୁ ପ୍ରକୃତିର ରୂପ ମଧ୍ୟରେ ତଲ୍ଲୀନ କରି ଦେଇଛି।

ମାନସିଂହ ରାଧାନାଥଙ୍କର ସୃଷ୍ଟିରେ ଇଂରେଜୀ ରୋମାଣ୍ଟିକ୍ କବି ମାନଙ୍କର ପ୍ରତିଫଳନ ଦେଖିପାରିଥିଲେ। ରାଧାନାଥଙ୍କ ପ୍ରକୃତି–ପ୍ରୀତି ସଂପର୍କରେ ମାନସିଂହ କହନ୍ତି: "ପଣ୍ଡିତ ଗୋପବଂଧୁ ଯେପରି ଓଡ଼ିଆ ଜାତିର ଅନ୍ତର ବୁଝିଥିଲେ, ରାଧାନାଥ ସେପରି ଓଡ଼ିଆ ଜାତିର ବହିରାବରଣକୁ ବୁଝିପାରିଥିଲେ। ଉତ୍କଳ ଦେଶର ପ୍ରାକୃତିକ ସୌଂଦର୍ଯ୍ୟ କାବ୍ୟ ଓ ଚିତ୍ରରେ ଲିପିବଦ୍ଧ ହୋଇ ରହିବାର ଅବଶ୍ୟ ଯୋଗ୍ୟ। ଆକାଶଚୁମ୍ବୀ ପର୍ବତମାଳା, ଘନ ବନାନୀ, ଅନୁପମ ହ୍ରଦରାଜି, ବିରାଟ ନଦନଦୀ, ଶସ୍ୟଶ୍ୟାମଳ କେଦାରମାଳା ଉତ୍କଳ ଦେଶର ପ୍ରାକୃତିକ ରୂପର ଅଂଗ। ରୂପ–ବୁଭୁକ୍ଷୁ କବି ଓ ଶିଳ୍ପୀମାନଙ୍କର କ୍ଷୁତ୍ ପିପାସା ନିବାରଣ କରିବା ପାଇଁ ଛବିନ ଉତ୍କଳରେ ଯଥେଷ୍ଟ ଉପାଦାନ ରହିଅଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଯେ, ଏ ଦେଶର ବିଚିତ୍ର ପ୍ରକୃତି, ଏ ଦେଶର ପ୍ରାଚୀନ ସାହିତ୍ୟରେ ଆଦୌ ଛାୟାପାତ କରିନାହିଁ। ଚିଲିକାର ନିରୁପମ ସୁଷମା, କୌଣସି ପ୍ରାଚୀନ ଓଡ଼ିଆ କବିଙ୍କୁ ଆକର୍ଷଣ କରିପାରି ନ ଥିଲା। ମାଲ୍ୟଗିରିର ଉତ୍ତୁଙ୍ଗ ମହିମା କୌଣସି

ଓଡ଼ିଆ କବିଂକୁ ମୁଗ୍ଧ କରି ନଥିଲା। ବିଭିନ୍ନ ଋତୁରେ ପ୍ରକୃତିରେ ଯେଉଁ ମହୋତ୍ସବ ସଂପାଦିତ ହୁଏ, ତାହା କୌଣସି ଓଡ଼ିଆ କବି ଦେଖି ପାରି ନଥିଲେ। ରାଧାନାଥଂକ ଆବିର୍ଭାବ ପର୍ଯ୍ୟନ୍ତ ଓଡ଼ିଶାର ସୋଲେରୀ ଭାଲେରୀ, ମହେଂଦ୍ର–ମେଘାସନ–ମଣିନାଗ–ମାଲ୍ୟଗିରି କେବଳ ଶିଳା ସମଷ୍ଟି ଥିଲେ ମାତ୍ର। ଓଡ଼ିଶାର ଚିଲିକା–ଅଂଶୁପା, ସାଳିଂଦୀ–ବଳାଂଗୀ, ଶାଳିଆ–ମଂଦାକିନୀ କେବଳ ଜଳର ସମଷ୍ଟି ଥିଲେ ମାତ୍ର। ଜାତିର ଜୀବନରେ ଏମାନଂକର ଯେ କିଛି ମୂଲ୍ୟ ଅଛି, ତାହା କେହି ଜାଣି ନଥିଲେ। ଆମ୍ଭମାନଂକର ଭୀମକାନ୍ତ ପର୍ବତ ଶ୍ରେଣୀ, ଶାଳ–ସୁଗଂଧ ବିସ୍ତୀର୍ଣ୍ଣ ବନାନୀ, କାନ୍ତତୀରା ଓ ପୂତନୀରା ନଦନଦୀ ଯୁଗଯୁଗ ଧରି ସେମାନଙ୍କ ମୂଲ୍ୟ ଓ ରୂପ ପ୍ରତି ଏ ଜାତିର ଅବହେଳାମୌନାବଲମ୍ବନ କରି ସହି ଆସୁଥିଲେ। କିନ୍ତୁ ରାଧାନାଥ ଯେତେବେଳେ କାବ୍ୟ ଲେଖିବାକୁ ହାତରେ ଲେଖନୀ ଧରି ବସିଥିବେ ସେ ଦିନ ବୋଧହୁଏ ଉତ୍କଳର ମୌନ ପ୍ରକୃତିରେ ଗୋଟିଏ ନୀରବ ଓ ଅବ୍ୟକ୍ତ ଆନଂଦଧାରା ଖେଳିଯାଇଥିବ। ସେ ଦିନ ବୋଧହୁଏ ସୋଲେରୀ ଭାଲେରୀକୁ ଓ ମହେଂଦ୍ର ମେଘାସନକୁ ଡାକି କହିଥିବ,' ଆମର ପ୍ରକୃତ ଗ୍ରାହକ ଏତେ ଦିନେ ଆସିଲେ।''[୧୧]

ରାଧାନାଥଂକ ପ୍ରକୃତି ବର୍ଣ୍ଣନାର ଚମତ୍କାରିତା ସଂପର୍କରେ ମାନସିଂହ ପୁନଶ୍ଚ ଲେଖିଛନ୍ତି:– '' ପ୍ରତିଭାର ଦିବ୍ୟାଂଜନ ଘେନି ରାଧାନାଥ ଅବତୀର୍ଣ୍ଣ ହେଲେ ଏବଂ ଉତ୍କଳ ପ୍ରକୃତିର ଅଜ୍ଞାତ ରୂପ ନିଜେ ଦେଖି ସମସ୍ତଂକୁ ଦେଖାଇଗଲେ।. . . ରାଧାନାଥ ଯେ ଉତ୍କଳର ପ୍ରକୃତିକୁ ଚିହ୍ନି ପାରିଥିଲେ ତାହା ନୁହେଁ, ତାହାକୁ ସେ ଅତୀବ ସୁଂଦର ରୂପେ ଉତ୍କଳୀୟଂକୁ ଚିହ୍ନାଇ ଯାଇଅଛନ୍ତି। ତାଂକର ପ୍ରକୃତି ବର୍ଣ୍ଣନାଗୁଡ଼ିକ ଏତେ ପ୍ରାଂଜଳ ଓ ମନଶ୍ଚକ୍ଷୁରେ ଏପରି ସ୍ପଷ୍ଟ ଭାବରେ ପ୍ରତିଭାଦ ହୁଅନ୍ତି ଯେ, ଜଣେ ଚିତ୍ରକର ରାଧାନାଥଂକ ବର୍ଣ୍ଣିତ ସ୍ଥାନମାନ ନ ଦେଖି ମଧ୍ୟ ସେମାନଂକର ସୁଂଦର ଚିତ୍ର ଅଂକନ କରିପାରିବ।''[୧୨] ରାଧାନାଥଂକ ପ୍ରକୃତି ସଂଦର୍ଶନର ପୃଷ୍ଠଭୂମି ତାଂକର ଭ୍ରାମ୍ୟମାଣ ଶିକ୍ଷା ପରିଦର୍ଶକ ଜୀବନ। ଉତ୍କଳର ବିଚିତ୍ର ପ୍ରକୃତିକୁ ଅବଲୋକନ କରି କାବ୍ୟରୂପ ପ୍ରଦାନ କରିବାରେ ଯାହା ତାଂକୁ ପ୍ରେରଣା ଯୋଗାଇ ଦେଇଥିଲା; ଭାଗ୍ୟବଶତଃ ମାନସିଂହଂକର କର୍ମମୟ ଜୀବନ ହିଁ ପ୍ରକୃତିର ଜୀବନ୍ତ ରୂପକୁ ଅନୁଭବ କରିବା ପାଇଁ ତାଙ୍କୁ ସୁଯୋଗ ପ୍ରଦାନ କଲା। ତେଣୁ ମାନସିଂହଂକର ଆଦ୍ୟ 'ଜୀବନର ସୃଷ୍ଟିରେ ରାଧାନାଥଂକ ପ୍ରଭାବ ବେଶ ପ୍ରତିଫଳିତ।

**ବିଶ୍ୱକବି ରବୀଂଦ୍ରନାଥ :**

ବିଶ୍ୱକବି ରବୀଂଦ୍ରନାଥ ତାଂକର କାବ୍ୟ କବିତାରେ ପ୍ରକୃତିକୁ ଏକ ନବଜନ୍ମ ଦେଇଥିଲେ। ସକାଳ, ସଂଧ୍ୟା, ରାତ୍ରିରେ ପ୍ରକୃତିର ରୂପ ବୈଚିତ୍ର୍ୟ, ଋତୁ ସଂହାର ଓ ଗିରିବନ, ନଦୀ, କାନ୍ତାର, ରବୀଂଦ୍ର କବିତାରେ ଏକ ନୂତନ ଆଭିମୁଖ୍ୟ, ନବରୂପ ଓ ଅଭିନବ ମାଧୁର୍ଯ୍ୟବୋଧ ନେଇ ପ୍ରକାଶିତ। ମାନସିଂହଂକ ଛାତ୍ରତ୍ୱ କାଳରେ ରବୀଂଦ୍ର ଥିଲେ ସମଗ୍ର ଭାରତୀୟ କବିମାନଂକ ପାଇଁ ଏକ ଅପ୍ରତିରୋଧ୍ୟ ପ୍ରେରଣାଉତ୍ସ। ମାନସିଂହ

ରବୀଂନ୍ଦ୍ର କବିତାର ଜଣେ ମୁଗ୍ଧ ପାଠକ। ରବୀଂନ୍ଦ୍ରନାଥଂକ କବିତାରେ ପ୍ରକୃତି ସହିତ ତାଙ୍କର ଅନ୍ତରଂଗ ଅନୁଭବ ସହ ଶେଲି, କୀଟ୍‌ସଂକ ରୂପଦୃଷ୍ଟି ଓ ବୈପ୍ଳବିକ ଚେତନା, ବ୍ଲେକ୍ ଓ ୱାଡ଼୍‌ସ୍‌ୱାର୍ଥଂକ ଆଧ୍ୟାତ୍ମିକ ଜିଜ୍ଞାସା ଓ କଲେରିଜ୍‌ଂକ ସୁଦୂରପ୍ରୀତି ଏକତ୍ର ସହାବସ୍ଥାନ କରିଛି। ମାନସିଂହ ସ୍ୱତନ୍ତ୍ର ଭାବରେ ସଂପୃକ୍ତ କବିମାନଂକର କବିତା ସଂପର୍କରେ ଆସିଥିଲେ, ସେମାନଂକୁ ବୁଝିବାରେ ଓ ସେମାନଂକ ପ୍ରତି ନିଜର ଦୃଷ୍ଟିକୋଣ ଆରୋପ କରିବାରେ ସେ ରବୀଂନ୍ଦ୍ରନାଥଂକ ପାର୍ଶ୍ୱବର୍ତ୍ତୀ ହୋଇଥିବା ସମ୍ଭବପର।

ରବୀଂନ୍ଦ୍ର କବିତାର ବହୁଦିଗ ରହିଛି। ନିଜର ବ୍ୟକ୍ତିଗତ କାରଣରୁ ମାନସିଂହ ସେ ସବୁ ପ୍ରତି ଆକୃଷ୍ଟ ହୋଇପାରି ନଥିଲେ ବା ପ୍ରାଥମିକ ଜୀବନର କବିତାରେ ସେ ପ୍ରକାର ଅନୁଭବକୁ ରୂପଦାନ କରିବାକୁ ଚାହିଁ ନଥିଲେ। ଉପନିଷଦର ଗଭୀର ଭାବାଦର୍ଶ ଓ ଅରୂପ ଦୃଷ୍ଟି ଭିତରୁ ରବୀଂନ୍ଦ୍ରନାଥଂକ ଜୀବନ ଦେବତାଂକର ଆବିର୍ଭାବ। ସେହି ଜୀବନ ଦେବତା ନିରାମୟ ନିର୍ଗୁଣ ବ୍ରହ୍ମ ନୁହନ୍ତି। ସେ ହିଁ ରୂପ—ରସ—ଗଂଧ—ସ୍ପର୍ଶର ପୂଜାରୀ। ଜୀବନର ସଂଧାନ ଓ ଐତିହ୍ୟ ଅନୁଭବ ବିନା ସେ ଦେବତା ନିଜକୁ ଅପୂର୍ଣ୍ଣ ମନେ କରନ୍ତି, ସେଇଥିପାଇଁ ସେ ପାନ୍ଥ ଭାବରେ ଘୁରି ବୁଲନ୍ତି ଏଇ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ। ତେଣୁ ରବୀଂନ୍ଦ୍ରଂକ ପ୍ରକୃତି ସୁଗୁଣମୟୀ କିନ୍ତୁ ସେ ରୂପକୁ ଅତିକ୍ରମ କରି ଅରୂପର ସଂଧାନ ଦିଏ। ଜୀବନର ଅନ୍ତରାଳରେ ଜୀବନ ଦେବତାର ଆବାହାନ ସଂଗୀତ ଗାନ କରେ। ଜୀବନ ପ୍ରତି ଏହି ଆଧ୍ୟାତ୍ମିକ ଦୃଷ୍ଟି ଉତ୍ତର ବୟସ ପର୍ଯ୍ୟନ୍ତ ମାନସିଂହଂକୁ ଆକୃଷ୍ଟ କରି ନଥିଲା। ରୂପ—ରସ ର ପୂଜାରୀ ମାନସିଂହଂକୁ ରାଧାନାଥଂକ କାବ୍ୟର ସାନ୍ନିଧ୍ୟ ଅଧିକ ଅନ୍ତରଂଗ ମନେ ହେଉଥିଲା।

ଜୀବନର ଉତ୍ତର ଭାଗରେ ସେ ଭାରତୀୟ ଦର୍ଶନ ଓ ଧର୍ମଧାରା ସଂପର୍କରେ ଅନୁଶୀଳନ କଲାବେଳେ ତାଂକର ମୌଳିକ ସୃଷ୍ଟିରେ ଭଟ୍ଟାପଡ଼ି ଆସିଥିଲା। ଜୀବନ ଜଂଜାଳରେ ମ୍ରିୟମାଣ ମାନସିଂହ ନିଜ ସମସ୍ୟାର ସମାଧାନ ତଥା ମାନସିକ ଶାନ୍ତିପାଇଁ ବିଭିନ୍ନ ଦର୍ଶନ ଆଡ଼କୁ ହାତ ପ୍ରସାରିତ କରିଛନ୍ତି। ଯାହା ଫଳରେ ତାଂକର ଚିନ୍ତା ଓ ଚେତନା କେତେବେଳେ ଅସ୍ପଷ୍ଟ ଓ କେତେବେଳେ ବହୁଧା ବିଭକ୍ତ।

ରବୀଂନ୍ଦ୍ରଂକ ପ୍ରକୃତି ସଂପର୍କୀୟ ବର୍ଣ୍ଣନାକୁ ସେ ମୁଗ୍ଧ ଭାବରେ ସ୍ମରଣ କରି ଲେଖିଛନ୍ତି।: ''ରବୀନ୍ଦ୍ରନାଥଂକ କବିତାରେ ଗୋଟିଏ ମଧୁର-ଭାବ ଏଇଯେ,— ଏଇ ସୁଂଦର ବିଶ୍ୱକୁ ଏକ ସୌଂଦର୍ଯ୍ୟ ଦେବତା ରୂପ— ରସରେ ଉଜ୍ଜୀବିତ କରି ରଖିଛନ୍ତି, ସେଇତ ଧରଣୀରେ ଫୁଲ, ଆକାଶରେ ତାରା ଫୁଟାଏ, ଷଡ଼ରତୁ - ତା'ର ଲୀଳା, ଜଗତରେ ଯାହା କିଛି ସୁଂଦର, ତାହା ତାଂକରି କାର୍ଯ୍ୟ। ମନୁଷ୍ୟ ମଧ୍ୟରେ ଯେ ରୂପର ଆକର୍ଷଣ, ଏ ମଧ୍ୟ ତା'ରି କାର୍ଯ୍ୟ।''[୧୩]

ଏ ସମସ୍ତ ଉତ୍ସ ସହିତ ମାନସିଂହଂକ ମନର କଥାକୁ ଉପେକ୍ଷା କରାଯାଇ ନ ପାରେ। ଆଦ୍ୟ ଜୀବନରେ ଶିଶୁ ବୟସରେ ଆମ୍ଭେମାନେ ପ୍ରକୃତିକୁ ଯେପରି ନିଜର କରି ଦେଖିପାରୁ, ବୟସ ବୃଦ୍ଧି ସଂଗେ ସଂଗେ ପ୍ରକୃତି ସଂଗରେ ସେ ଆତ୍ମୀୟତା ରହେ ନାହିଁ। ବୟସ ବଢ଼ିବା ସଂଗେ ସଂଗେ ସତ୍ୟପଥରୁ ଓ ପ୍ରକୃତି ଠାରୁ ଆସ୍ଥା

ଲୋପ ହୋଇ ଆସେ। ଶିଶୁବେଳେ ପ୍ରକୃତି ଥିଲା ଜୀବନ୍ତ। ପ୍ରତ୍ୟହ ପ୍ରାତଃକାଳରେ କବି ଧରିତ୍ରୀର ମାୟାପୂର୍ଣ୍ଣ କୁହୁକ ରୂପ ଦେଖିବା ପାଇଁ, ମଣିଷ-ନିର୍ମିତ ପିଂଜରା ମଧ୍ୟରୁ ଧାଇଁ ଯାଉଥିଲେ ପ୍ରକୃତି-କୋଳକୁ। ଘାସ ଉପରେ ଶିଶିରର ତରଳ ମୌକ୍ତିକ ଶୋଭା ଦେଖି ଶିଶୁମନରେ ଉଠୁଥିଲା ଅଫୁରନ୍ତ ଆନଂଦର ଜୁଆର। ମାତ୍ର—

"ଆଜ ଦେଖି ଦେଖି ଆଖେ ନାନା ଯାଦୁ ସଭ୍ୟତାର,
ସେ ଆନଂଦ ଉଚ୍ଚାଟନ, ତୃପ୍ତି କାହିଁ ଏ ଆତ୍ମାର?"[୧୪]

## ମାନସିଂହଙ୍କ ପ୍ରକୃତି-ଧାରଣା:—

ବକ୍ଷ୍ୟମାଣ କାଳରେ ବିଭିନ୍ନ ପ୍ରକୃତିଗତ ପ୍ରତ୍ୟୟକୁ ନିଜର ସାମର୍ଥ୍ୟ ଓ ଆବଶ୍ୟକତା ଅନୁଯାୟୀ ଆତ୍ମସ୍ଥ କରି ମାନସିଂହଂକ ନିଜସ୍ୱ ଦୃଷ୍ଟି ଫିଟିଛି; ଏହି ଦୃଷ୍ଟି ଓ ବିଚାରର ରହିଛି ବିଭିନ୍ନ ପର୍ଯ୍ୟାୟ। ନିମ୍ନରେ ସେଗୁଡ଼ିକର ଅବତାରଣା କରାଯାଉଅଛି।

## ପ୍ରକୃତିର ବାସ୍ତବ ରୂପ:—

ପ୍ରକୃତି ପ୍ରଥମେ ଆଖିରେ ଓ ହୃଦୟରେ ଅନୁଭବ କରାଯାଏ, ତା' ପରେ ସେ ସଂପର୍କରେ ବିଚାରବୋଧ ଗଢ଼ିଉଠେ। ମାନସିଂହ ପ୍ରକୃତି ସଂପର୍କୀୟ କୌଣସି ଏକ ନିର୍ଦ୍ଦିଷ୍ଟ ଦର୍ଶନ ଛିଡ଼ା କରାଇବା ପୂର୍ବରୁ ନିଜର ଇନ୍ଦ୍ରିୟ ସକଳ ଦେଇ ପଞ୍ଚ ତନ୍ମାତ୍ରକୁ ଉପଭୋଗ କରିଛନ୍ତି। ପ୍ରକୃତି ପ୍ରତି ମାନସିଂହଂକର ଏବଂବିଧ ଆକର୍ଷଣ ବାସ୍ତବ ଅନୁଭବର ବିଷୟ। ମୂଳରୁ କୁହାଯାଇଛି, ମଣିଷ ସହ ପ୍ରକୃତିର ସଂପର୍କ ଘନିଷ୍ଠ ଓ କୌଣସି ଅବସ୍ଥାରେ ମଣିଷର ବିଚ୍ଛିନ୍ନତା ପରିପୂର୍ଣ୍ଣ ନୁହେଁ। ମାନସିଂହଂକ ପକ୍ଷରେ ଏହି ବିଚ୍ଛନ୍ନତାର ପ୍ରଶ୍ନ ହିଁ ଆସିନାହିଁ। ଜୀବନର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେଉଁ ପରିବେଶରେ ତାଂକର ଜୀବନ କଟିଛି, ତାହା ହେଉଛି ପଲ୍ଲୀ ପ୍ରକୃତି ଓ ଶିଳ୍ପହୀନ ସହର। ତେଣୁ ପ୍ରକୃତି ହୋଇଛି ବିଶ୍ୱ ଜଗତର ଅପରିବର୍ତ୍ତନୀୟ, ଅଚଞ୍ଚଳ ବାସ୍ତବ ସ୍ୱରୂପ। ତଥାପି ପ୍ରକୃତି ଯେଉଁଠି ତା'ର ସ୍ୱଭାବ ସୌଂଦର୍ଯ୍ୟ ନେଇ ତାଂକୁ ଆକୃଷ୍ଟ କରିଛି, ସେଠି ତା'ର ସେ ବଂଦନାଗୀତି ଗାଇ ଉଠିଛନ୍ତି। କେତେବେଳେ ତାହା ଗଦ୍ୟରେ ତ ଅନ୍ୟ କେତେବେଳେ ପଦ୍ୟରେ।

ମାନସିଂହ ବିବାହ ପରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ସମୟରେ ଆଗ୍ନେୟରଥ (ରେଳଗାଡ଼ି)ରୁ ଅବତରଣ କରି ପ୍ରେୟସୀ ସହିତ ନିଜ ପ୍ରିୟ ଭୂମିକୁ ବାହୁଡ଼ିଛନ୍ତି। ନିଜର ଜନ୍ମମାଟିର ପରିଚୟ ଦେଇ କବି କହିଛନ୍ତି: "ହେ ପ୍ରିୟେ, ଏ ଅଗ୍ନିରଥରୁ ଅବତରଣ ପରେ ଆମେ ସେହିଠାକୁ ଯିବା, ଯେଉଁ ଦେଶ ମହୋଦଧିର ତଟ ଦେଶରେ, ବୃକ୍ଷହୀନ ହେମକାନ୍ତ ସିକତା ବିସ୍ତାରିତ ଭୂମିରେ, ପ୍ରକୃତି ଯେଉଁଠି ଦିଗମ୍ବର ବେଶରେ ଦଣ୍ଡାୟମାନ। ଜଳକନ୍ୟାଗଣ ନିଶିଥରେ ସିଂଧୁ ସିକତାରେ, କିଆ କୁଂଜରେ ଯେଉଁଠାରେ ଲୁଚୁକାଳି ଖେଳନ୍ତି, ବର୍ଷା ଋତୁର ପ୍ରାରମ୍ଭରେ ପ୍ରସ୍ଫୁଟ କୁସୁମ ଗଂଧରେ ଯେଉଁଠି ବିରହୀ ତରୁଣଂକର ପ୍ରାଣ ଦହି ହୋଇଯାଏ, ଯେଉଁ ଭୂମିର ପାଦ ତଳରେ କ୍ଷୁବ୍ଧ ପାରାବାର ତା'ର ଦୀର୍ଘ ଉର୍ମିବାଦକୁ ଢାଳିଦେଇ ଗୁରୁଗର୍ଜନରେ ଶାଶ୍ୱତିକ ମୃଦଂଗ ଘୋଷଣା କରେ, ସେହି ଦେଶର କୁରଂଗୀଗଣ

ତୁମଠାରୁ ଚକ୍ଷୁର ଭୂଭଙ୍ଗୀ ଶିଖିବେ।''[୧୫] ଏଠାରେ ନିଜର ବାସ୍ତବ ଜୀବନରେ ପ୍ରକୃତିକୁ ନିଜର କରିନେବାର ଚେଷ୍ଟା ପ୍ରତ୍ୟକ୍ଷୀଭୂତ ହୁଏ।

ବାସ୍ତବ ଜୀବନରେ ପ୍ରାକୃତିକ ପରିବେଶ କବି ପ୍ରାଣକୁ ମୁଗ୍ଧ କରିଛି। ସେ ବିଭିନ୍ନ ଅବସ୍ଥାରେ ପ୍ରକୃତିର କମନୀୟ ରୂପକୁ ମୁଗ୍ଧ ନେତ୍ରରେ ଦେଖିଛନ୍ତି। ଚିଲିକାର ତଟଦେଶରେ କବିଂକର ଜନ୍ମ ଓ ବାଲ୍ୟ ଶିକ୍ଷା। ତଥାପି ସେ ଚିଲିକାର ମନୋରମ ବେଶକୁ ବାରମ୍ବାର ଦେଖିବାକୁ ବ୍ୟାକୁଳ ହୋଇଛନ୍ତି। କୌଣସି ଏକ ଚଂଦ୍ରାଲୋକିତ ରଜନୀ, କବି ରମ୍ଭାଠାରୁ ନୌକାରେ ଚିଲିକା ଭ୍ରମଣ ଉଦ୍ଦେଶ୍ୟରେ ବାହାରିଛନ୍ତି। କବିଂକ ବର୍ଣ୍ଣନା ଅନୁସାରେ– ବିମଳ ଜ୍ୟୋତ୍ସ୍ନା ଦ୍ୟାବ୍ୟା ପୃଥିବୀର ସର୍ବାଂଗରେ ପରିବ୍ୟାପ୍ତ ହୋଇ ଉଠିଲାଣି। ସମସ୍ତ ସୃଷ୍ଟି ତରଳ ରଜତ ପ୍ରବାହରେ ଅଭିଷିକ୍ତ ପରି ଦିଶୁଛି। ଉପରେ ଅନନ୍ତ ଆକାଶ ଜ୍ୟୋତ୍ସ୍ନାରେ ଧବଳ, ତଳେ ଚିଲିକାର ଦିଗନ୍ତ ବିସ୍ତାରୀ ବାରିରାଶି ଜ୍ୟୋତ୍ସ୍ନାରେ ଧବଳ, ଚତୁର୍ଦ୍ଦିଗର ଗିରିମାଳା ମଧ୍ୟ ଜ୍ୟୋତ୍ସ୍ନାରେ ଧବଳ। କବି ମନ୍ତ୍ରମୁଗ୍ଧପରି ଚିଲିକାର ଏ ଶୁକ୍ଳାମ୍ବର ବେଶ ଦେଖିବାରେ ଲାଗିଲେ।[୧୬]

ଚିଲିକାର କମନୀୟ ବେଶ ଦେଖିଲା ପରେ କବି ବିଭିନ୍ନ ସମୟରେ ଚିଲିକାର ବେଶ କଥା ସ୍ମରଣ କରି ଲେଖିଛନ୍ତି ''ବେଶ ବିଳାସିନୀ ନାୟିକା ପରି ଚିଲିକାର ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ବେଶ। ଶୀତ ଓ ବସନ୍ତର ଆରମ୍ଭରେ ତା'ର ବଡ଼ସିଂହାର ବେଶ ହୁଏ। ଶୀତର ଆରମ୍ଭରେ ନାନା ଦେଶର ବିହଂଗ ବିହଂଗୀମାନଂକର କଳଗୀତିରେ ନୀରାସ୍ତରଣ ମୁଖରିତ ହେବାକୁ ଲାଗେ। ଚିଲିକାର ଦକ୍ଷିଣ କୂଳରେ ଅର୍ଥାତ୍ ପାରିକୁଦ ଓ ମାଲୁଦ ଅଞ୍ଚଳରେ ସମାଗତ ଏହି ଲକ୍ଷ ଲକ୍ଷ ବିହଂଗମାନଂକର ମେଳନ ଦେଖିବାର ବସ୍ତୁ। ଚିଲିକାର ନୀଳ ଜଳରେ ଏମାନଂକ ଏକୀଭୂତ ଶୁକ୍ଳଦେହ ଦୂରକୁ ଗୋଟିଏ ସ୍କଂଧବାରର ଭ୍ରମ ଜନ୍ମାଏ।''[୧୭]

ଓଡ଼ିଶାରେ ପ୍ରକୃତିର ଏ ରୂପରାଶି ଅବହେଳିତ ଅବସ୍ଥାରେ ପଡ଼ିଥିବାରୁ ଓଡ଼ିଶାର ଲୋକେ ଅବସର ଓ ସୁଯୋଗ ପାଇଲେ ତାଜମହଲ ଓ ସିମ୍ଲ ଯାଆନ୍ତି, କିନ୍ତୁ କୋଣାର୍କ ଓ ସାତକୋଶିଆ କିମ୍ବା ଚିଲିକା ଯାଆନ୍ତି ନାହିଁ, ସେଥିପାଇଁ କବିଂକ ପ୍ରାଣ ବ୍ୟଥିତ ହୋଇଛି। ଓଡ଼ିଶାର ପ୍ରାକୃତିକ ଶୋଭା ସଂପର୍କରେ ସ୍ମରଣ କରୁ କରୁ ଋତୁଚକ୍ରର ଆବର୍ତ୍ତନରେ ପ୍ରକୃତି ନାନା ରଂଗର ବେଶ ଧରିବା ଓ ଭିନ୍ନ ଭିନ୍ନ ଋତୁରେ ଚିଲିକାର ପରିବର୍ତ୍ତନର ସେ କହି କହିଛନ୍ତି: '' ତା'ରି ବକ୍ଷରେ ଉଷାର ସଂଗମ ଅତ୍ୟନ୍ତ ରମଣୀୟ ସତ୍ୟ କିନ୍ତୁ ତାହା ଅତ୍ୟନ୍ତ କ୍ଷଣସ୍ଥାୟୀ। ପ୍ରାତଃ ସୂର୍ଯ୍ୟଂକର କୋମଳ କିରଣ ତ୍ୱରିତ ବେଗରେ ପ୍ରଖର ହୋଇଉଠେ ଓ ଚିଲିକାର ଲବଣ ଜଳରେ ସୂର୍ଯ୍ୟଂକର ପ୍ରଖର କିରଣ ଅନେକ ସମୟରେ ଅସହ୍ୟ ବୋଧହୁଏ। ପ୍ରଦୋଷ କାଳରେ ହିଁ ଚିଲିକା ତାର ନେପଥ୍ୟର ଶ୍ରେଷ୍ଠ ସମ୍ଭାର ଲୋକ ନେତ୍ରକୁ ଘେନି ଆସେ। ସୂର୍ଯ୍ୟାସ୍ତର ପୂର୍ବେ ଓ ପରେ ବହୁକ୍ଷଣ ଧରି ଏହି ରୂପସଜ୍ଜା ସ୍ଥାୟୀ ରହିବାରୁ ତାହା ଅତ୍ୟନ୍ତ ଉପଭୋଗ୍ୟ ହୁଏ। ଏହି ସମୟରେ ଚିଲିକା ସ୍ୱର୍ଣ୍ଣ ଶାଟୀ ପରିଧାନ କରି ଅସ୍ତଗାମୀ ସର୍ଯ୍ୟକ ଯେପରି ବଂଦାପନା କରେ।[୧୮]

ମାନସିଂହ ବିଲାତଯାତ୍ରା କଲାବେଳେ, ଜଳପଥରେ ବିଭିନ୍ନ ଦୃଶ୍ୟ ଦେଖି ତାର ସୌଂଦର୍ଯ୍ୟ ଉପଭୋଗ କରିଛନ୍ତି। ମାତ୍ର ଲୋହିତ ସାଗର ମଧ୍ୟରେ ଜାହାଜ ଗଲାବେଳେ କବିଂକର ମାନସ ପଟରେ ଭାସି ଉଠିଛି ତାଂକ ଆଦରଣୀୟା ଚିଲିକାର ସ୍ମୃତି। "ସଂଧ୍ୟାର ଅଂଧକାର ମାଡ଼ି ଆସୁଥିଲାବେଳେ, ଦୁଇ କୂଳର କ୍ରମ ଅସ୍ପଷ୍ଟୀଭୂତ ପର୍ବତମାଳା, ଉପରେ ନୀଳ ଆକାଶ ତରଳ ନୀଳଜଳ ବିତାନ, ଏସବୁ ମିଶି ଚିଲିକାରେ ସଂଧ୍ୟାଗମର ଛବି ମନେ ପକାଇ ମୋର ହୃଦୟକୁ ଦେଶର ସ୍ମୃତିରେ ତରଳ କରି ଦେଉଥାଏ।"[୧୯] ସୁଏଜ୍ କେନାଲରେ ଜାହାଜ ଗଲାବେଳେ ମରୁଭୂମିର ରକ୍ଷତା ମଧ୍ୟରେ ମାନସିଂହ ଅନୁଭବ କରିଛନ୍ତି ସୌଂଦର୍ଯ୍ୟର ମର୍ଯ୍ୟାଦା। "ଦୁଇ ପାଖରେ ସ୍ୱର୍ଣ୍ଣ ବାଲୁକାର ବିସ୍ତାର ଭିତରେ ଏଇ ନୀଳ ଜଳ ରେଖା, ଭାରତୀୟ ବରବର୍ଣ୍ଣିନୀ ମାନଂକର ସ୍ୱର୍ଣ୍ଣ ପୃଷ୍ଠାରେ କୃଷ୍ଣବେଣୀର ଦୃଶ୍ୟ ମନେ ପକାଉଥାଏ।"[୨୦]

ଇଂଲଣ୍ଡ ଅବସ୍ଥାନ କାଳରେ କବି ଇଂଲଣ୍ଡର ପଲ୍ଲୀଶୋଭା, ଶାରଦୀୟ ଶୋଭା ଓ ପଲ୍ଲୀ ଖମାରର ଯେଉଁ ମନୋରମ ଦୃଶ୍ୟ ଦେଖିଛନ୍ତି, ପଶ୍ଚିମ ପଥିକରେ ତାର ଜୀବନ୍ତ ବର୍ଣ୍ଣନା ଉପସ୍ଥାପନ କରିଛନ୍ତି।

ଡଃ ମାନସିଂହ ପୂର୍ବ ଗଡ଼ଜାତ ସମୂହର ଶିକ୍ଷା ପରାମର୍ଶଦାତା ଥିବା ସମୟରେ ଉତ୍କଳୀୟ ପ୍ରାକୃତିକ ସୁଷମାର ଭଣ୍ଡାର ଗଡ଼ଜାତ ଅଞ୍ଚଳରେ ବ୍ୟାପକ ଭାବରେ ଭ୍ରମଣ କରିଥିଲେ। ପ୍ରକୃତି କୋଳରେ ଜୀବନର ଯେଉଁ ମଧୁମୟ ସମୟ ସେ ବିତାଇ ସାରିଥିଲେ, ତାହା ତାଂକର ସ୍ମୃତି ପଟରେ ଅଲିଭା ରହିଥିଲା। ସେ ସଂପର୍କରେ ମାନସିଂହ ଲେଖିଛନ୍ତି: "ରାଜପ୍ରାସାଦ ମାନଂକର ଆତିଥ୍ୟ, ରାଜପୁରୁଷମାନଂକର ଦର୍ଶନ ବା ସାହଚର୍ଯ୍ୟ ଅଥବା ଉଚ୍ଚପଦର ମାନ ଓ ସ୍ୱଚ୍ଛଂଦତା, ଏସବୁ ମୋ ପକ୍ଷେ ଯେତେ ଆକର୍ଷଣର ବସ୍ତୁ ନଥିଲା, ଥିଲା ଗଡ଼ଜାତର ପ୍ରାକୃତିକ ସୁଷମା। ପ୍ରାକୃତିକ ସୌଂଦର୍ଯ୍ୟ ପାଇଁ ଓଡ଼ିଶାର ପ୍ରକୃତରେ ଗର୍ବ କରିବାର କଥା। ଏଇ ସୌଂଦର୍ଯ୍ୟ ଓଡ଼ିଶାର ଉପକୂଳ ଓ ପାର୍ବତ୍ୟ ଉଭୟ ଅଞ୍ଚଳରେ ବିଭିନ୍ନ ଧାରାରେ ପ୍ରସାରିତ ହୋଇ ରହିଛି। କିନ୍ତୁ ଗଡ଼ଜାତମାନଂକରେ ପ୍ରକୃତିର ଯେଉଁ ଆଦିମ, ଅବିନ୍ୟସ୍ତ, ଅବିକୃତ, ମାନବକରାସ୍ପର୍ଶିତ ଭୀମକାନ୍ତ ଜାଂଗଲ ରୂପ ଏ ପର୍ଯ୍ୟନ୍ତ ରହିଛି, ତାହାହିଁ ମନକୁ ବିଶେଷ ଭାବରେ ଉଚ୍ଚାଟିତ କରେ। ଉପକୂଳ ଭୂମି, ମାନବର ବିଚାରହୀନ କ୍ରୂର ଖାଦ୍ୟାନ୍ୱେଷୀ ହସ୍ତରେ ଧ୍ୱସ୍ତ କର୍ତ୍ତିତ ଓ ବିକାରଗ୍ରସ୍ତ ହୋଇସାରିଛି।"[୨୧] ପୁଣି ସମଗ୍ର ଭାରତରେ ଗଡ଼ଜାତ ବିଶେଷତଃ ଓଡ଼ିଶାର ଗଡ଼ଜାତ ଏତେ ସୁଷମାମୟ ଯେ, କେଉଁ ବିଶିଷ୍ଟ ସ୍ଥାନ ମତେ ମୁଗ୍ଧ କରିଛି ବୋଲି ପଚାରିଲେ ମୁଁ ହଠାତ୍ ଉତ୍ତର ଦେଇ ନ ପାରେ। ଅବଶ୍ୟ ଅନୁପମ ସୌଂଦର୍ଯ୍ୟ ଗାମ୍ଭୀର୍ଯ୍ୟମୟ ସାତକୋଶିଆ ଅଛି। କିନ୍ତୁ ସେତ ସମଗ୍ର ଉତ୍କଳର ଗର୍ବର ବସ୍ତୁ, କେବଳ ଗଡ଼ଜାତର ନୁହେଁ। ମୁଁ ଯେଉଁ ଆକର୍ଷଣ କଥା କହୁଛି ତାହା ଆକସ୍ମିକ ନୁହେଁ, କେବଳ ବା ଏକାନ୍ତ ନୁହେଁ। ତାହା ସର୍ବାଞ୍ଚଳିକ, ସର୍ବବିଚ୍ଛୁରିତ। ମୋ ଆଖିରେ ତାହାହିଁ ଗଡ଼ଜାତ ଅଞ୍ଚଳର ବିଶେଷ ଗର୍ବ ଓ ଆକର୍ଷଣର କଥା। ଯେଉଁଆଡ଼େ ଆଖି ପକାଅ, ପ୍ରକୃତି ତା'ର ଚିତ୍ରଶାଳା ମେଲି ରଖିଛି। ତା'ର ସୌଂଦର୍ଯ୍ୟ ଭୋଗ ପାଇଁ ତମକୁ କୌଣସି

ବିଶେଷ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ ନାହିଁ ବା ବିଭିନ୍ନ ସ୍ଥଳକୁ ଯିବାକୁ ହେବ ନାହିଁ। ସେ ତମପାଇଁ ସର୍ବତ୍ର ସର୍ବାଭରଣ ଭୂଷିତା ଯୁବତୀପରି ରହସ୍ୟର ଅବଗୁଣ୍ଠନ ତଳେ ଶ୍ୟାମ-ସ୍ମିତ-ରେଖା ପ୍ରକଟିତ କରି ଦଣ୍ଡାୟମାନା।''[୨୨]

ମାନସିଂହ ପ୍ରକୃତିକୁ କେବଳ ସଂଦର୍ଶନ କରିନାହାନ୍ତି ବା ପ୍ରକୃତିକୁ ଉପଭୋଗ କରିନାହାନ୍ତି ବରଂ ପ୍ରକୃତି ଠାରୁ ଅନେକ ପ୍ରେରଣା ଲାଭ କରିଛନ୍ତି। ସେ ପ୍ରକୃତି ଠାରୁ ଆତ୍ମୀୟତାର ସ୍ପର୍ଶ ବି ପାଇଛନ୍ତି। ''ମୁଁ ଗଡ଼ଜାତର ବା ଓଡ଼ିଶାର ପ୍ରକୃତିକୁ ଏପରି ଭାବରେ ଦେଖି ଆସିଛି,—ବିଳାସ ରୂପେ ନୁହେଁ; ଦୈନଂଦିନ ପ୍ରୟୋଜନ ଭାବରେ। ତେଣୁ ସ୍ମୃତିରେ ଜାଗ୍ରତ ରହିଛି, ସାମାନ୍ୟ ସାମାନ୍ୟ ସ୍ଥାନ ବା ଦୃଶ୍ୟ ଯେଉଠି ମୁଁ ପ୍ରକୃତିର ଆଡ଼ମ୍ବର ନ ଦେଖିଥିଲେ ମଧ୍ୟ ପାଇଛି ତା'ର ଘନିଷ୍ଠ ଆତ୍ମୀୟା ସ୍ପର୍ଶ। ସେହି ଆତ୍ମୀୟତା ଯୋଗୁଁ କାଂକେର ଷ୍ଟେଟରେ କୌଣସି ସ୍କୁଲ ଦେଖିଲାବେଳେ ଯେତେବେଳେ ଶୁଣିଲି ଯେ, ନିକଟରେ ମହାନଦୀ ବହିଯାଇଛି, ମୁଁ ଦୌଡ଼ିଥିଲି ତାକୁ ଦେଖିବାକୁ। ଦେଖିବାର କିଛି ନାହିଁ। ସେଠି ମହାନଦୀ କ୍ଷୀଣ ଶରୀରା, ତା'ର ସହସ୍ର ସହସ୍ର କ୍ଷୁଦ୍ର ଉପନଦୀ ଭିତରୁ ଗୋଟିଏ ଯେପରି, ଆଉ ଦରିଦ୍ରା ସ୍ତ୍ରୀ ପରି ବେଶଭୂଷଣହୀନା। କିନ୍ତୁ ତାକୁଇ ଦେଖି ପ୍ରାଣ ନାଚି ଉଠିଲା। କାରଣ ସେ ଯେ ଆପଣାର, ଜୀବନଧାରା।''[୨୩]

'ମହାନଦୀରେ ଜ୍ୟୋତ୍ସ୍ନାବିହାର' ଠାରୁ ଆରମ୍ଭ କରି, ଜୀବନର ଶେଷ ମୁହୂର୍ତ୍ତପର୍ଯ୍ୟନ୍ତ ମହାନଦୀ ଓ ମହୋଦଧି ମାନସିଂହଙ୍କ ପ୍ରାଣକୁ କୋଳେଇ କାଖେଇ ଧରିଥିଲେ। ଏଣୁ କର୍ମ କ୍ଷେତ୍ରରେ ଯେଉଁଠି ସୁବିଧା ପାଇଛନ୍ତି ମାନସିଂହ ମହାନଦୀ ଓ ମହୋଦଧି କୋଳରେ ଶାନ୍ତିର ସଂଧାନ କରିଛନ୍ତି। ସମ୍ବଲପୁରର ଗଂଗାଧର ମେହେର କଲେଜରେ ଅବସ୍ଥାନ କାଳରେ ବଣଭୋଜି ତଥା ମହାନଦୀ ଜଳରେ ସ୍ନାନ ବିଷୟ ସ୍ମରଣ କରି ମାନସିଂହ ଲେଖିଛନ୍ତି: ''ହୀରାକୁଦର ଏକ ନିର୍ଜନ ଅଂଶରେ ଆମେ ସେଥର ଆସ୍ଥାନ ଜମାଇ ଥାଉ। ପିଲେ ଓ ତତ୍ତ୍ୱାବଧାରକ ଶିକ୍ଷକବୃନ୍ଦ ଆଗରୁ ଚାଲିଯାଇଥା'ନ୍ତି। ମୁଁ ଗଲାବେଳକୁ ଅପରାହ୍ନ ହୋଇଯାଇଥିଲା। ଯାଇ ଦେଖେ, ଅତି ରମଣୀୟ ସ୍ଥାନ। ବାଲୁକା ଶଯ୍ୟା ଉପରେ ଲମ୍ବମାନ ଏକ ଛୋଟ ଅରଣ୍ୟ, ଯା'ର ଘନ ସୁଶୀତଳ ଛାୟାରେ ଆମର ବସାଉଠାର ବ୍ୟବସ୍ଥା ନିମ୍ନରେ ବହିଯାଉଛି ମହାନଦୀର ଏକ ଶାଖା। ହେମନ୍ତ କାଳ। ମହାନଦୀର ନୀଳ ନୀର ନୀଳତର ହୋଇ ଉଠିଛି। ପିଲାଏ ଦଳ ଦଳ ହୋଇ ପହଁରୁଛନ୍ତି। କିଛି ସମୟ ଧରି ଠିଆହୋଇ ସେ ସବୁ ଦେଖୁ ଦେଖୁ ଆଉ ଲୋଭ ସମ୍ବରଣ କରିପାରି ନଥିଲି। ସେତେବେଳେ ଦ୍ୱିତୀୟ ପୁତ୍ର ଲଳିତେନ୍ଦୁ ସେହିଠାରେ ଛାତ୍ର ଥିଲା। ଦୁହେଁ ସକାଳୁ ଘରେ ଗାଧୋଇ ଖାଇ ଯାଇଥିଲୁ। କିନ୍ତୁ ବର୍ତ୍ତମାନ ଦୁହେଁ, ପୋଷାକ ଖୋଲିଦେଇ ମହାନଦୀର ନୀଳ ନୀରର ଅପୂର୍ବ ଆକର୍ଷଣରେ ଝାଁପ ଦେଲୁ। ବୁଡ଼ି ପହଁରି, ଭାସି, ବସି, ପ୍ରାୟ ଘଣ୍ଟାଏ ଖଣ୍ଡେ ମହାନଦୀର ସ୍ନେହ—ଶୀତଳ ମାତୃକୋଳରେ ଶିଶୁ ଖାଲି ଜନନୀ ଦେହର ସ୍ପର୍ଶରେ ବୁଡ଼ି ରହିଲା ପରି ବିଭୋର ହୋଇ ବିହାର କଲୁ। ଏକାବେଳକେ କ୍ଳାନ୍ତ ନ ହେଲାଯାଏ ବାପ-ପୁଅ ପାଣିରୁ ଉଠିଲୁ ନାହିଁ।''[୨୪]

ପ୍ରକୃତିର ସ୍ନେହଶୀଳ ରୂପକୁ ମାନସିଂହ ଦେଖିଛନ୍ତି, ଅନୁଭବ କରିଛନ୍ତି। ସେ ଅନୁଭବ କିନ୍ତୁ ପୁରୁଷାୟିତ ଅନୁଭବ। ସେଥିପାଇଁ ପ୍ରକୃତି ତାଂକୁ ମନେ ହୋଇଛି ନାରୀର ଅନ୍ୟ ରୂପ ଭଳି। ପ୍ରକୃତି ଭିତରେ କ୍ୱଚିତ୍ ସେ ପୁରୁଷଭାବ ଲକ୍ଷ୍ୟ କରିଛନ୍ତି। ଯେତେବେଳେ ବି ସେ ଲକ୍ଷ୍ୟ କରିଛନ୍ତି, ସେତେବେଳେ ପ୍ରକୃତି ତାଂକ ଦୃଷ୍ଟିରେ ଆଉ ପ୍ରକୃତି ହୋଇ ରହିନାହିଁ, ହୁଏତ ସେ ମାନବାୟିତ ବା ଦେବାୟିତ ହୋଇଛି।

## ପ୍ରକୃତି ଓ ମାନବ ବ୍ୟକ୍ତିତ୍ୱ:

ପ୍ରକୃତି ସହ ମଣିଷର ସାଧର୍ମ୍ୟ ଆବିଷ୍କାର କରିଥିବାରୁ ଓ ପ୍ରକୃତି ଭିତରେ ରହସ୍ୟମୟ ଅନ୍ତଃସତ୍ତାର ସ୍ପଂଦନ ଅନୁଭବ କରିଥିବାରୁ, ମାନସିଂହଂକ ଦୃଷ୍ଟିରେ ପ୍ରକୃତି ତା'ର ନିଜସ୍ୱ ରୂପ ଭିତରେ ସୀମାବଦ୍ଧ ହୋଇ ରହିପାରି ନାହିଁ। ସ୍ଥାବରରୁ ଜଂଗମ ଆଡ଼କୁ, ଜଡ଼ରୁ ଜୀବନ ଆଡ଼କୁ ଅଚେତନରୁ ଚେତନ ଆଡ଼କୁ କ୍ରମଶଃ ଅଗ୍ରସର ହୋଇଛି। ସମୟ ଆସିଛି, ଯେତେବେଳେ ମାନସିଂହ ମଣିଷ ଓ ପ୍ରକୃତିରେ ଥିବା ଭେଦରେଖାଟିକୁ କ୍ରମଶଃ ବିସ୍ମୃତ ହୋଇଯାଇଛନ୍ତି। ପ୍ରକୃତି ମଣିଷଭଳି ବ୍ୟବହାର କରିଛି। ମଣିଷ ଭଳି ନିଜର ସୁଖଦୁଃଖରେ ଜଡ଼ିତ ହୋଇଛି। ପୁଣି କେତେବେଳେ ସାଂଗସାଥୀ ଭଳି ଅସହାୟ ମଣିଷର ହାତଧରି ବାଟ କଢାଇ ନେଇଛି। ପ୍ରକୃତିର ଏହି ମାନବାୟିତ ରୂପ ତାଂକର କାବ୍ୟାଲୋକରେ ଅଧିକ ସ୍ପଷ୍ଟ। କାବ୍ୟକାର ମାନସିଂହ କାବ୍ୟ ରଚନାର ଧ୍ୟାନସ୍ଥ ମୁହୂର୍ତ୍ତରେ—ପ୍ରକୃତି ଓ ମଣିଷ—ଉଭୟକୁ ସମୀକୃତ କରିଛନ୍ତି।

ପ୍ରକୃତି ସହିତ ଅନ୍ତରଂଗତା ସଂଗେ ସଂଗେ ପ୍ରକୃତିକୁ ସେ ସୁଖଦୁଃଖର ସାଥୀ ଭାବରେ ଗ୍ରହଣ କରିନେଇଛନ୍ତି। ବିରହୀଘନ କବିତାରେ ମାନସିଂହ ନିଜ ଜୀବନର ଛବିକୁ ଦେଖିଛନ୍ତି। ତାଂକ ଦୃଷ୍ଟିରେ ଆକାଶର ବିରାଟ ପ୍ରାନ୍ତରରେ, ଅନ୍ତରରେ ଗଭୀର ବ୍ୟଥା, ରୁଦ୍ଧ ହୃଦୟ ସହ ଆକୁଳ ନିଶ୍ୱାସ ଓ କ୍ଷୁଣ୍ଣ ପ୍ରାଣରେ ଯୁଗଯୁଗାନ୍ତରୁ ବିରହୀଘନ କାହାର ଅନ୍ୱେଷଣ କରି ଆସୁଛି। ଏଣୁ ବାରିଦର ବଦନର ଛବି ସଦା ଗମ୍ଭୀର, କପାଳରେ ଲେଖା ହୋଇଛି ବିଷାଦର ଲେଖା। ଗଣ୍ଡଦେଶରେ ଚିନ୍ତାର କାଳିମା ହୋଇଛି ଅଂକିତ। ଯେପରି ସେହି ସ୍ମୃତିର କଶାଘାତରେ ପ୍ରାଣ ବିକଳ ହୋଇଛି ଓ ବାରିଦ ପ୍ରେୟସୀର ସ୍ମୃତିକୁ ସ୍ମରଣ କରି ଅବିରତ ରୋଦନ କରୁଅଛି। ବାରିଦର ପ୍ରେମିକା ସଂପର୍କରେ ମାନସିଂହ କହନ୍ତି:—

"କିଏ ସେ ଲାବଣ୍ୟବତୀ ପୁଣ୍ୟବତୀ ଭାଗ୍ୟବତୀ ବାଳା;
କାହାପାଇଁ ହୃଦେ ଘନ, ଧରିଅଛି ଏ ବରଣମାଳା,
ନୟନର ତପ୍ତ ଲୁହେ ଆର୍ଦ୍ରକରି ଆକାଶ ଅବନୀ
ଯୁଗ ଯୁଗୁଁ ବୁଲୁଥାଅ, କି ବ୍ୟାକୁଳେ ସମସ୍ତ ଧରଣୀ;
ମଂଦ୍ରନାଦେ ଡାକୁଥାଅ, ଅନ୍ତରୀକ୍ଷ ଯାଉଥାଏ ଭରି କାହା ନାମ ଧରି;"[୨୫]

ଭାରତୀୟ ପରଂପରାରେ ନାରୀ ଅସୂର୍ଯ୍ୟଂପଶ୍ୟା। ଅନ୍ତରରେ କୋମଳ ହେଲେ ହେଁ ସେ କୋମଳତା ପ୍ରେମ ନିବେଦନକୁ ସହଜରେ ଗ୍ରହଣ କରିପାରେ ନାହିଁ। ଏମିତି

କେତେକ ନାରୀ ଅଛନ୍ତି, ଯେଉଁମାନେ ଶାରୀରିକ ଗଠନ ଦୃଷ୍ଟିରୁ ନାରୀ ହେଲେ ବ ମନ ଦୃଷ୍ଟିରୁ ନିଷ୍ଠୁରା, ହୃଦୟହୀନା। ପ୍ରାଣ ତାଂକର ନବନୀତ ଭଳି କୋମଳ ନୁହେଁ। ମମତାର ସ୍ନିଗ୍ଧ ସୌରଭ ବିତରଣ ପାଇଁ ସେମାନେ ଅନିଚ୍ଛୁକା। ମେଘର ପ୍ରେମିକା ଏଇଭଳି ଏକ ନିଷ୍ଠୁରା ନାରୀ—ଏହା ତାଂକର ମନେ ହୋଇଛି। ନିଜ ଜୀବନର ବିରହ ଭାବକୁ ସେ ମେଘଠାରେ ଆରୋପ କରି ନେଇଛନ୍ତି। ଏହି ଆରୋପଣ ଫଳରେ, ବାରିଦ ତାଂକ ନିକଟତର ମନେ ହୋଇଛି କରୁଣ ରସର ନାୟକ ରୂପରେ। ନିଜ ସହ ବାରିଦର ତର୍କଣା କରି ସେ କହିଛନ୍ତି:

"ତୁମପରି ବନ୍ଧୁ ଘନ ଏ ଦୀନର ହଜିଛି ରତନ,
ପ୍ରଣୟର ତାରାଗୋଟି ହୃଦାକାଶୁ ଲିଭିଛି ପତନ,
ଜୀବନ ଲାଗୁଛି ଶୂନ୍ୟ, କ୍ଷୁଦ୍ରପ୍ରାଣ ହାହାକାରମୟ
ପଲକେ ପଲକେ ଛିଣ୍ଡି ବେଦନାରେ ପଡ଼େ ମୋ ହୃଦୟ,
ଆସ ସମ-ଦଶ-ବନ୍ଧୁ, ମିଳାଇବା ଉଭୟେ ଲୋତକ
ଶାନ୍ତି ବିସେଚକ।"[୨୬]

'ଦକ୍ଷିଣାପ୍ରତି' କବିତାରେ କବି ଦକ୍ଷିଣର ମଳୟ ପବନକୁ ଦୁଃଖ ଜଣାଇ ନିଜର ସୁଖଦୁଃଖର ସାଥୀ ଭାବରେ ଗ୍ରହଣ କରି ନେଇଛନ୍ତି। ଏକ ଚଇତ୍ର ସଂଜ, ରାତ୍ରି ପ୍ରହରେ ହେଲାଣି। ବାତାୟନ ଖୋଲି ବସି କବି ଆପଣାର ଭାଗ୍ୟକୁ ଚିନ୍ତା କରୁଛନ୍ତି। ସୁଶୀତଳ ଦକ୍ଷିଣା ବାୟୁ ଦେହରେ ଚନ୍ଦନର ସ୍ପର୍ଶ ଦେଇ ଯାଉଛି। ତୁଷାର ଧବଳ ଜ୍ୟୋସ୍ନାରେ ଗଗନ ଧରଣୀ ପ୍ଲାବିତ। ବିରହୀ କବିଂକର ପ୍ରାଣରେ ପ୍ରେୟସୀର ମଧୁର ସ୍ମୃତି ଆସି, କବିଂକୁ ବ୍ୟଥିତ କରୁଛି। ସେ ବ୍ୟଥା ସଂପର୍କରେ କବି ଦକ୍ଷିଣା ପବନକୁ କହିଛନ୍ତି:

"ଏକ ଦିନେ ସଂଧ୍ୟାକାଳେ ଏ ବ୍ୟଥାର ପ୍ରଥମ ପ୍ରକାଶ,
ତୁମେ ଥିଲ, ଥିଲା ଜ୍ୟୋସ୍ନା, ଥିଲା ଘନ ସହକାର ଛାୟା,
ଏକାକୀ ନ ଥିଲି ମୁହିଁ; ଗଣ୍ଡେ ମୋର ଆନର ନିଶ୍ୱାସ
ବାଜୁଥିଲା ଥରି ଥରି, ରକ୍ତେ ସୃଜି ଯାଦୁକରୀ ମାୟା।"[୨୭]

ପ୍ରକୃତିକୁ ଦୁଃଖ ଜଣାଇ ସମଦୁଃଖ ହୋଇ କବି ପ୍ରାଣ ଶାନ୍ତ ହୋଇ ନାହିଁ; ବରଂ ପ୍ରକୃତି ସହିତ ମିଶିଯାଇ ନିଜର ପ୍ରେୟସୀର ସଂଧାନ ପାଇଁ ବା ପ୍ରେୟସୀର ସାନିଧ୍ୟ ଲାଭ ପାଇଁ ସେ ଚିନ୍ତା କରିଛନ୍ତି। ଦକ୍ଷିଣା ବାୟୁକୁ ଅନୁରୋଧ କରିଛନ୍ତି:

"ତୁମରି ପରିରେ ମତେ କର ସତେ ଜୀବ, ଦେହ ହୀନ,
କ୍ଷୁଧା ମୋର ଯାଉ ଚାଲି, ନ ରହୁ ଏ ସୀମା ଶରୀରର,
ବିହଂଗ ପରି ମୁଁ ଦୂର ଦିଗଚକ୍ରେ ହୋଇଯା'ନ୍ତି ଲୀନ
ଇଚ୍ଛା ମତେ ଜାଣୁଥା'ନ୍ତି ବାର୍ତ୍ତା ମୋର ପ୍ରବାସୀ ପ୍ରିୟାର।"[୨୮]

ପରବର୍ତ୍ତୀ ସମୟରେ 'ଅତୃପ୍ତଭୋଗ' କବିତାରେ ପ୍ରକୃତି ସହିତ ଏକୀଭୂତ ହେବାପାଇଁ ମାନସିଂହଂକ କାମନା ହୋଇଛି ତୀବ୍ରତର:

"ଆଜି ମୁଁ ଚାହେଁ ତେଣୁ ମତେ ହେ ଦେବତା,
ମିଳାଅ ପଞ୍ଚ ଏ ଭୂତରେ,
ସୀମାକୁ ତେଜି ମୋର ଅସୀମ ମମତା
ବ୍ୟକ୍ତ ହେବ ବହୁ ରୂପରେ।
ଜ୍ୟୋତ୍ସ୍ନା ମଳୟରେ ମିଶି ମୁଁ ପ୍ରିୟାରେ
ଦେବି ମୋ ଆଶ୍ଳେଷ ଅଗଣ,
ମିଳିଲେ ନୀଳାକାଶେ ତାରାରେ ତାରାରେ
ତୃପ୍ତ ହେବ ଅବଲୋକନ।"[୨୯]

ପ୍ରକୃତିରେ ବ୍ୟକ୍ତିତ୍ୱ ଆରୋପ କରିବା କାବ୍ୟ କବିତାର ଏକ ପ୍ରାଚୀନ ରୀତି। ଏ ଭଳି କି ମଧ୍ୟଯୁଗର କାବ୍ୟ କବିତାରେ ପ୍ରକୃତି ବହୁ ସମୟରେ ମାନବାୟିତ ହୋଇଛି। ସମ୍ଭୋଗ ଓ ବିପ୍ରଲମ୍ଭ ଶୃଙ୍ଗାରର ଅନୁଭବ ପ୍ରକୃତି ଭିତରେ କବି ପ୍ରତ୍ୟକ୍ଷ କରିଛନ୍ତି। ମାନସିଂହଂକ ବୈଶିଷ୍ଟ୍ୟ ହେଲା; ପ୍ରକୃତିର ବିଭିନ୍ନ ବିଭାବର ନିର୍ଦ୍ଦିଷ୍ଟ ମୂର୍ତ୍ତି ଗଠନ ଓ ସ୍ପଷ୍ଟ ଭାବରେ ବ୍ୟକ୍ତିତ୍ୱର ଆରୋପଣ କରିବା।

**ପ୍ରକୃତି ଓ ମଣିଷ :–**

ପ୍ରାଚ୍ୟ ଦର୍ଶନରେ ମଣିଷ ଓ ପ୍ରକୃତି ଅତୀବ ନିବିଡ଼; ମାତ୍ର ପାଶ୍ଚାତ୍ୟ ଦର୍ଶନରେ ମଣିଷ ଓ ପ୍ରକୃତିର ସଂପର୍କ ଏତେ ନିବିଡ଼ ନୁହେଁ। 'ଅନ୍ୱେଷଣ' ଉପନ୍ୟାସରେ ମାନସିଂହ କଳାକାର ଶ୍ରୀକୃଷ୍ଣ ମୁଖରେ ମଣିଷ ଓ ପ୍ରକୃତି ସଂପର୍କରେ ନିଜ ମନର ଭାବ ବ୍ୟକ୍ତ କରିଛନ୍ତି : "ପାଶ୍ଚାତ୍ୟ କଳା ଓ ସାହିତ୍ୟରେ ମନୁଷ୍ୟ ଓ ପ୍ରକୃତିକୁ ଦୁଇଟି ପରସ୍ପର ବିରୋଧାତ୍ମକ ବ୍ୟକ୍ତିତ୍ୱ ବୋଲି ଯାହା ଧରି ନିଆଯାଏ, ଶ୍ରୀକୃଷ୍ଣର ଭାରତୀୟ ଚିତ୍ତ ତାହା ଗ୍ରହଣ କରିନାହିଁ। ସେ ବୁଝେ ଯେ, ପ୍ରକୃତି ଓ ମଣିଷ ପରସ୍ପର ପରିପୂରକ। ମନୁଷ୍ୟ, ବିଶେଷତଃ ମନୁଷ୍ୟା ବା ନାରୀ ତା କଳ୍ପନାରେ ପ୍ରକୃତି ଓ ପ୍ରକୃତିର ଶ୍ରେଷ୍ଠତମ ବିକାଶ। ଫୁଲର କୋମଳତା ଓ ସୌରଭ ଠାରୁ ଝଡ଼ ଓ ଭୂମିକଂପର ଅକରୁଣ ରୁଦ୍ରତା ପର୍ଯ୍ୟନ୍ତ ପ୍ରକୃତିର ସକଳ ବିଭାବ ସେ ନାରୀ ଠାରେ ସୂକ୍ଷ୍ମ ଆକାରରେ ପୁଂଜିଭୂତ ଥିବାର ମନେକରେ। ସେଇଥିପାଇଁ ହିଁ ସେ ଭାବେ, ନାରୀ ଏପରି ଲୀଳାମୟୀ। ନାରୀ ସୁଂଦରୀ ହୁଏ ସୃଜନ ପାଇଁ, ପୁଣି ଝଡ଼ ତୋଫାନ ହୁଏ ତାର ନିଜ ସୃଷ୍ଟ ସଂସାରକୁ ନିୟନ୍ତ୍ରିତ କରି ରଖିବା ପାଇଁ।"[୩୦]

ପ୍ରକୃତି ସହିତ ଅନ୍ତରଂଗତା ସ୍ଥାପନ ମାନସିଂହଂକର ଆନ୍ତରିକ ଇଚ୍ଛା; ମାତ୍ର ଏ ମଣିଷ ପ୍ରକୃତି ଭିତରେ ରହି ପ୍ରକୃତି ଠାରୁ କ୍ରମଶଃ ଦୂରେଇ ଯିବାକୁ ଲାଗିଛି। ଆଧୁନିକ ସଭ୍ୟତାର ଯାନ୍ତ୍ରିକ ଜୀବନ ଓ ମଣିଷର ଅବିଶ୍ୱାସ ହେତୁ ମଣିଷର ପ୍ରକୃତି

ସହିତ ସଂପର୍କ ଶିଥିଳ ହୋଇ ଯାଉଛି। ଏଣୁ ପ୍ରକୃତିର ଆନଂଦ ମହୋତ୍ସବ ଚାଲିଥିଲାବେଳେ ବିଷୟୀ ମଣିଷ ଅବସାଦଗ୍ରସ୍ତ ହୋଇ ଜୀବନ ବିତାଇ ଚାଲିଛି। ମାନସିଂହଂକ ବର୍ଣ୍ଣନା ଅନୁସାରେ, ମଂଦ ସମୀରଣରେ ବୃକ୍ଷର ଶାଖା ଆନଂଦରେ ଗୀତ ଗାଇ ଉଡ଼ି ଉଡ଼ି ଯାଇ ପୁଣି ଫେରି ଆସେ। ବୃକ୍ଷ ତଳରେ ସରୁ ଲତାଟିରେ ରଂଗରଂଗିଲା ଫୁଲଟିଏ ଫୁଟି ହସି ଉଠେ। ସୁକୋମଳ ଶ୍ୟାମ ଦୁର୍ବାଦଳ ରବି କିରଣରେ ପୁଲକିତ ହୁଏ। କ୍ଷୁଦ୍ର ପିପିଲିକାଦଳ ଧାଡ଼ି ଧାଡ଼ି ହୋଇ ବଞ୍ଚିବାର ଆନଂଦ ଚାଖିଚାଖି ଚାଲି ଯାଆନ୍ତି। ମାତ୍ର—

"କିନ୍ତୁ ସେହି ବୃକ୍ଷ ତଳେ ବୁଦ୍ଧିମନ୍ତ ନର<br>
ବସିଛି ଶିରାଳ ଭାଲେ ଥାପି ଦୁଇ କର<br>
ବିଧାତାର ଏ ବିରାଟ ଆନଂଦ ବଜାରେ<br>
ଜୀବନେ ଉତ୍ସାହ ନାହିଁ କେବଳ ତା'ଠାରେ<br>
ପ୍ରକୃତି ଦେଇଛି ତା'ରେ ଚାତୁରୀ କିଞ୍ଚିତ,<br>
ଅମଳ ଏ ଆନଂଦରୁ ତେଣୁ ବା ବଞ୍ଚିତ।"[୩୧]

ବିଧାତାଂକର ସୃଷ୍ଟ ବୃକ୍ଷ ଛାୟାରେ ବୁଦ୍ଧିମନ୍ତ ନର ଉପବେଶନ କରିଛି। ସେ ଈଶ୍ୱରଂକ ସୃଷ୍ଟିର ଶ୍ରେଷ୍ଠ ଜୀବ ହୋଇପାରେ, ଈଶ୍ୱରଂକ ସୃଷ୍ଟିର ବିଚାରକ ହୋଇପାରେ, ମାତ୍ର ପ୍ରକୃତିର ଜୀବମାନେ ସୃଷ୍ଟିରୁ ଯେଉଁ ବିମଳ ଆନନ୍ଦ ପାଉଛନ୍ତି, ସେ ଆନଂଦ ମାନବ ଭାଗ୍ୟରେ ନାହିଁ। ଏଠାରେ ଲକ୍ଷ୍ୟ କଲେ ଜଣାଯାଏ ଯେ, ପ୍ରକୃତି ଓ ମଣିଷର ସଂପର୍କକୁ ମାନସିଂହ ପ୍ରାଚ୍ୟ ଦୃଷ୍ଟିକୋଣରୁ ଦେଖିଛନ୍ତି। ମାତ୍ର ମଣିଷ ନିଜର ବୌଦ୍ଧିକ ବିକାଶ ସଂଗେସଂଗେ କ୍ରମଶଃ ପ୍ରକୃତି ଠାରୁ ସଂପର୍କ ଛିନ୍ନ କରି ଅପ୍ରାକୃତିକ ପରିବେଶକୁ ଆଗେଇ ଚାଲିଛି। ଶାନ୍ତି ପାଇଁ, ଆନଂଦ ପାଇଁ ପ୍ରକୃତି ସହ ପୁଣି ସେହି ନିବିଡ଼ ସଂପର୍କ ଆବଶ୍ୟକ। ମଣିଷର ପ୍ରକୃତିକୁ ତ୍ୟାଗ କରିବାର ଅନ୍ୟତମ କାରଣ ଭାବରେ ମାନସିଂହ 'ସ୍ୱର୍ଗବାସ' କବିତାରେ ଦର୍ଶାଇଛନ୍ତି ଯେ, ମଣିଷ ସ୍ୱର୍ଗରୁ ଚ୍ୟୁତ ହୋଇ ଧରଣୀରେ ବାସବାସ କଲା। ଏ ମାଟିର ନାନା ଜଂଜାଳ ତାକୁ ଘାରି ରଖିଲା। ନିସର୍ଗ-ଅତିଥି ପ୍ରତି ଧରଣୀ ତା'ର ନାନା ମାୟାର ଅଂଧକାର ସୃଷ୍ଟିକଲା। ତଥାପି ପ୍ରକୃତି ଓ ଧରଣୀ କବିଙ୍କର ଅତି ପ୍ରିୟ—

"ତଥାପି ଧରଣୀ ତୁମ୍ଭେ ପ୍ରିୟ ଏତେ, ଗୁରୁ ଅକଲ୍ୟାଣେ,<br>
ତୋ ମାଟିରେ ମାନବର ଗୁରୁ ସ୍ନେହ ବିଧାତା ବିଧାନେ।"[୩୨]

## ପ୍ରକୃତି ଓ ଭଗବାନ :—

ପ୍ରକୃତି ସହ ଭଗବାନଂକର ସଂପର୍କ ବିଶ୍ୱ-ମନୀଷାର ଏକ କୈନ୍ଦ୍ରିକ ଆଲୋଚ୍ୟ ବିଷୟ। ମାନସିଂହଂକ ସୃଷ୍ଟିରେ ଭଗବାନଂକ ସ୍ୱରୂପନେଇ ବ୍ୟାପକ ଓ ଗଭୀର ବିଶ୍ଳେଷଣ ରହିଛି, ଯାହା ସତନ୍ତ୍ର ବିଚାରର ଅପେକ୍ଷା ରଖେ। ଏହି ପରିପ୍ରେକ୍ଷୀରେ ପ୍ରକୃତି ସହ

ପୁରୁଷ ବା ଭଗବାନଙ୍କର, ଯେଉଁ ସଂପର୍କ ସେ ପ୍ରତ୍ୟକ୍ଷ କରିଛନ୍ତି, ତାହାହିଁ ଅବତାରଣା କରାଯାଉଅଛି।

ଭାରତୀୟ ଜୀବନଯାତ୍ରାର ଆଦର୍ଶ, ବେଦାନ୍ତ ଦର୍ଶନ। ବେଦାନ୍ତ ଦର୍ଶନର ପ୍ରମୁଖତମ ସ୍ୱର ଅଦ୍ୱୈତ ବେଦାନ୍ତରେ ପ୍ରକୃତି ମାୟା ରୂପରେ ସ୍ୱୀକୃତ। ତା ସତ୍ତ୍ୱେବି ସାଂଖ୍ୟର ପ୍ରକୃତି ତତ୍ତ୍ୱ ବର୍ଜିତ ହୋଇନାହିଁ, ଏକ ସୋପାନ ରୂପେ ବ୍ୟବହୃତ ହୋଇଛି। ସାଂଖ୍ୟ ଦର୍ଶନ ଅନୁସାରେ ବିଶ୍ୱର ପରିବ୍ୟାପ୍ତ ପ୍ରକାଶ ହିଁ ପ୍ରକୃତି। ଜୀବନର ଭଲମନ୍ଦ ଠାରୁ ଅନୁଭବ ପର୍ଯ୍ୟନ୍ତ ସବୁକିଛି ପ୍ରକୃତିର ସଂପ୍ରସାରଣ। ପ୍ରକୃତି-ବିକାଶର ଏକ ନିର୍ଦ୍ଦିଷ୍ଟ ସ୍ତର ଦେଇ ମଣିଷର ସୃଷ୍ଟି; କିନ୍ତୁ ସ୍ୱୟଂ ପ୍ରକୃତି ନିଜ ଇଚ୍ଛାରେ ସୃଷ୍ଟି କରିପାରେ ନାହିଁ, ତା ଭିତରେ ଇଚ୍ଛା ଶକ୍ତିକୁ ଜାଗ୍ରତ କରିବାକୁ ହୁଏ। ଅରୂପ ଚୈତନ୍ୟମୟ ପୁରୁଷଙ୍କ ସଂପର୍କରେ ଆସି ଏହି ଇଚ୍ଛା ଜାଗ୍ରତ ହୋଇଥାଏ। ତେଣୁ ପୁରୁଷ ଅବାଙ୍‌ମାନସ-ଗୋଚର, ଅରୂପ, ନିର୍ଗୁଣ, ଅଦୃଷ୍ଟ ସତ୍ତା ହେଲେ ହେଁ, ସୃଷ୍ଟି ଜଗତଠାରୁ ଦୂରେଇ ରହିଲେ ବି ତାଂକର ସଂପର୍କ ବ୍ୟତିରେକେ ସୃଷ୍ଟି ସମ୍ଭବ ହୁଏ ନାହିଁ। ବହୁ ସମୟରେ ସାଂଖ୍ୟର ପୁରୁଷ ସହ ଭଗବାନଂକୁ ସମୀକୃତ କରାଯାଏ। ତେଣୁ ଗୋଟାଏ ପଟେ ସମଗ୍ର ଜଗତକୁ ଭଗବାନଂକର ଲୀଳା କୁହାଗଲାବେଳେ ଅନ୍ୟପଟେ କୁହାଯାଏ ଜଗତ ମାୟାମାତ୍ର। ପୁଣି କେତେବେଳେ ଜଗତ ଓ ଭଗବାନଂକ ସ୍ୱତନ୍ତ୍ର ସ୍ଥିତିକୁ ସ୍ୱୀକାର କରାଯାଏ।

ମାନସିଂହ ତତ୍ତ୍ୱ ଦୃଷ୍ଟିରୁ ଯେତେଟା ନୁହେଁ, ସଂସ୍କାର ଓ ଅନୁଭବ ଦୃଷ୍ଟିରୁ ସାଂଖ୍ୟ ଦର୍ଶନର ଅନୁଗାମୀ। ତେଣୁ ତାଂକର ବିଚାରଧାରାରେ ପ୍ରକୃତିକୁ ଭଗବାନଂକର ପ୍ରକାଶ ବୋଲି ବେଳେବେଳେ ବିଚାର କରାଯାଇଛି ସତ, ତଥାପି ସାଂଖ୍ୟର ପ୍ରକୃତି ପୁରୁଷ ସଂପର୍କ ବହୁ ସମୟରେ ସ୍ପଷ୍ଟ।

ମାନସିଂହଂକ ଆଦ୍ୟ ଜୀବନର ସୃଷ୍ଟି ତଥା ତାଂକର ପ୍ରତିନିଧି ସ୍ଥାନୀୟ କବିତା 'ମହାନଦୀରେ ଜ୍ୟୋସ୍ନବିହାର'ରେ ସେ ମହାନଦୀ-ବକ୍ଷରେ ବିମଳ ଜ୍ୟୋସ୍ନାଲୋକରେ ବିଶ୍ୱବିଧାତାଂକର ଉପସ୍ଥିତି ସଂପର୍କରେ ସଚେତନ ହୋଇ ଲେଖିଛନ୍ତି:—

"ସେ ଯେ ସତ୍ୟ, ଶିବ ସେହି ଏକା ସେ ସୁନ୍ଦର,
ଭୂମାଯେ ରହିଛି ପୂରି ରେଣୁ ରେଣୁ ଭେଦି,
ଅନନ୍ତ ଲୀଳାର ହେତୁ, ଅସୀମ ସୁନ୍ଦର
କ୍ଷଣକେ ସୃଜେ ସେ। ତା'ର ମହାପୂଜାବେଦୀ।
ବଂଧୁ ହେ, ପାଇଛି ଆଜି ଏ ଆକାଶ ତଳେ,
ମୋ ଜାତି ଅତୀତ ସାକ୍ଷୀ ଏ ନଦୀ ପୁଳିନେ,
ଜ୍ୟୋସ୍ନାର ଏ ମହାଭୋଜ୍ୟେ, ଏ ତରଣୀ ପରେ
ଜାନୁପାତି ବଂଧୁ, ତା'ରେ ଘେନ ଏ ଜୀବନେ।"[୩୩]

**ସାଂଖ୍ୟର ପ୍ରକୃତି ପୁରୁଷ ଦର୍ଶନକୁ ସ୍ପର୍ଶ କରି ତାଂକର ଭୂମି ଓ ଭୂମାର ଅଦ୍ୱୈତ ଭାବକଳ୍ପନା ସଂପ୍ରସାରିତ ହୋଇଛି। ବୟସର ବୃଦ୍ଧି ସଂଗେ ସଂଗେ ମାନସିଂହ,**

ଆମର ଦେବଦେବୀମାନଂକୁ ପ୍ରକୃତି ବକ୍ଷରେ ହିଁ ଆବିଷ୍କାର କରିଛନ୍ତି। ତାଂକ ଦୃଷ୍ଟିରେ କୃଷ୍ଣଂକ ଭଳି ଦେବତା, ଏକ କବିର କଳ୍ପନା। ଭାରତୀୟ ମନୀଷା ତଥା ବାସ୍ତବ ଜୀବନଚର୍ଯା, ପ୍ରକୃତିର ସୁଂଦର ରୂପକୁ ଏକତ୍ର ଗୁଂଫିତ କରି କୃଷ୍ଣଂକର ପରିକଳ୍ପନା କରିଛି। ତେଣୁ କୃଷ୍ଣ ତାଂକ ଦୃଷ୍ଟିରେ ଜଣେ ଅସୀମ ଶକ୍ତି ସଂପନ୍ନ ଅଲୌକିକ ଦେବତା ନୁହନ୍ତି; ପ୍ରକୃତିର ସୌଂଦର୍ଯ୍ୟ ଭିତରୁ ତାଂକର ରୂପକଳ୍ପନା। ଆକାଶର ନୀଳିମା ଅନ୍ତେ କୃଷ୍ଣଦେହର ନୀଳକାନ୍ତି। ମେଘ ବିଦ୍ୟୁତ୍‌ବନ୍ତର ଦୀପ୍ତି ତାଂକ ଚଂଦ୍ରିକା ପୁଚ୍ଛରେ ଆଭାସିତ। ତାଂକର ରାସକ୍ରୀଡ଼ା, ନକ୍ଷତ୍ର ଗୋପିନୀଂକ ସହ ଏକ ଚିରନ୍ତନ ରାସକ୍ରୀଡ଼ା।

''ଯା' ନୀଳିମା ପରିବ୍ୟାପ୍ତ ମହା ଅନ୍ତରୀକ୍ଷେ,
ଯେ ପୀତ-ଦୁକୂଳ ପିଂଧେ ଉଷା, ପ୍ରଦୋଷରେ,
ଯା' ଶିରେ ଚଂଦ୍ରିକା-ଗୁଚ୍ଛ, ମେଘ, ବିଦ୍ୟୁଦ୍‌ବନ୍ତ
ସେ ସୁଂଦର କୃଷ୍ଣ ପଦେ ମୁହିଁ ପୂଜା କରେ।
ଦେଖିଛି ମୁଁ ରାସ ତା'ର ପୂର୍ଣ୍ଣମା-ନିଶୀଥେ
ନିର୍ମଳ, କର୍ପୂର-କୀର୍ଣ୍ଣ ଯେବେ ନଭାଂଗନ,
ଜ୍ୟୋତ୍ସ୍ନର ଉତ୍ତରୀ ଘେନି ନକ୍ଷତ୍ର-ଗୋପିନୀ
ନୃତ୍ୟେ ଘେରି ଥା'ନ୍ତି ତା'ର ନୀଳ ଅପଘନ।
ସୃଷ୍ଟିର ଯମୁନା କୂଳେ, ପ୍ରେମ-ନୀପ ମୂଳେ
ଅହରହ ବାଜେ ତା'ର ବଂଶୀ, ଘର-ଛଡ଼ା,
ସେ ଧ୍ୱନି-ଉନ୍ମାଦେ ଶୂନ୍ୟ କୋଟି ଧରା-ଶ୍ରେଣୀ
ଧାଉଁଛନ୍ତି, -କି ଅଲଭ୍ୟେ ଖୋଜୁଛନ୍ତି ପରା।''[୩୪]

ନିରୀଶ୍ୱର, ବୌଦ୍ଧଧର୍ମରେ ଆସ୍ଥା-ସ୍ଥାପନ କରିଥିବା କବି ମାନସିଂହଂକର ଜୀବନର ଅପରାହ୍ନରେ ଲିଖିତ ଏ କବିତାରେ କବି ପ୍ରାଣର ଶାଶ୍ୱତ ବାଣୀ ପ୍ରକାଶିତ।

'ରାଜକବି' ଗୀତିନାଟ୍ୟରେ କବି ପ୍ରକୃତି ମଧ୍ୟରେ ଭଗବାଂନକର ସ୍ୱରୂପକୁ ଚନ୍ତା କରିଛନ୍ତି। ଜ୍ୟୋତ୍ସ୍ନାର ମହୋତ୍ସବରେ, କିଆ ଫୁଲର ସୁବାସ ମଧ୍ୟରେ ଦେବତାଙ୍କର ଆବିର୍ଭାବ ହୋଇଛି।

ରହସ୍ୟବାଦର ଜାଲରେ ଛଂଦି ହୋଇଥିବା କବି ମାନସିଂହ, ତାଂକର 'କ୍ରୁଶ' ସନେଟ ସଂକଳନରେ ବିଭୁ ଓ ପ୍ରକୃତି ସଂପର୍କରେ ପାଞ୍ଚ ଗୋଟି କବିତାର ସମାହାରରେ ଗୋଟିଏ ସନେଟ ଗୁଚ୍ଛ ଲେଖିଛନ୍ତି। କବିଂକ ଆଦ୍ୟ ଜୀବନର କବିତାର ଭାବୋଚ୍ଛ୍ୱାସ ବୌଦ୍ଧିକ ବିକାଶର ଜାଲରେ ଛଂଦି ହୋଇଥିଲେ ମଧ୍ୟ ଏ କବିତା ଗୁଚ୍ଛରେ ଈଶ୍ୱର ସଂପର୍କୀୟ ଧାରଣାର ମନୋରମ ଚିତ୍ର ପ୍ରତିଫଳିତ।

ନିରୋଳ ପଉଷ ସଂଧ୍ୟା, ଗହନ ବନାନୀ ଓ ପର୍ବତର ଉତ୍ତାଳରେ ସାୟନ୍ତନ ରବି ଖସି ଖସି ଆସୁଛନ୍ତି। ନିର୍ମେଘ ଗଗନରେ ଏକ ସ୍ୱର୍ଣ୍ଣ ଦୀପ୍ତ ଛବି ବିଞ୍ଚି ହୋଇ ପଡ଼ିଛି। ଊର୍ଦ୍ଧ୍ୱ ଦେଶର ଅନାବୃତ ଗଗନକୁ ଛାଡ଼ିଦେଲେ, ବନାନୀ ଶୋଭାରେ ଘେରା

ଏହି ନିବିଡ଼ ନିଶ୍ଚଳ ପରିବେଶ କବିଂକୁ ଅତୀଂଦ୍ରିୟ ଭାବନାରେ ମଗ୍ନ କରିଦେଇଛି। କବି ସେଠାରେ ଚିନ୍ତା କରିଛନ୍ତି:

"ଏକ ହେଲେ କବି, ଆଉ ପ୍ରକୃତି ଆକାଶ,
ମନେ ହେଲା ଛିଡିମୋର ସେହି ସେ ଈଶ୍ୱର—
ବିରାଟ ବ୍ରହ୍ମାଣ୍ଡମାଳେ ଯାହାଂକ ପ୍ରକାଶ,
ଅଛନ୍ତି ସେ ପୁଣି ମୋର ପଦରେଣୁ ତଳେ।"[୩୫]

ଫାଲଗୁନର ଏକ ଶାନ୍ତ ପ୍ରଭାତରେ, ଯେତେବେଳେ ବାଳରବି କନକ କିରଣ ବିଞ୍ଚି ଆକାଶକୁ ଉଠୁଥା'ନ୍ତି, ଛୋଟ ଘାସମାନେ ଶିଶିର ବିଂଦୁରେ ବିରାଟ ସୂର୍ଯ୍ୟଂକର ପ୍ରତିଛବି ନିଜ ବକ୍ଷରେ ଧରି ଥରୁଥାନ୍ତି, ଲୋହିତ ପଳାଶର ନବବସ୍ତ୍ର ପିଂଧି ନବବଧୂ ପ୍ରାୟ ବୃକ୍ଷଗଣ ଉଭା ହୋଇଥାନ୍ତି, ସେତେବେଳେ, ଦକ୍ଷିଣ ଦିଗରୁ ମଳୟ ଆସି ସୁରଭି ବିଂଚି ଦେଇଯାଏ। ଗଂଧବହ ଦକ୍ଷିଣା ପବନ, ଯେତେବେଳେ କୋକିଳର ଉନ୍ମୁକ୍ତ ଡାକ ଓ ବନ କପୋତୀର ବ୍ୟଥାଭରା କଣ୍ଠସ୍ୱର ସଂଗରେ ମାଦକତା ବୋହି ଆଣେ, ସେତେବେଳେ କବି ପ୍ରାଣ କହି ଉଠେ:

"ଭୁବନେଶ୍ୱରହେ ପ୍ରଭୁ, ଯେ ମୋ କ୍ଷୁଦ୍ର ଜୀବନ ଈଶ୍ୱର
ସେ ମୁହୂର୍ତ୍ତେ ତୁମକୁ ହିଁ ଭେଟି ହେଲି ମୋହିତ ନିଶ୍ଚଳ।"[୩୬]

ପଉଷର ଶାନ୍ତ ସଂଧ୍ୟା ବା ଫାଲଗୁନର ସ୍ୱର୍ଣ୍ଣ ପ୍ରଭାତ କେବଳ ନୁହେଁ, ରୌଦ୍ର ବୈଶାଖର ଉତପ୍ତ ଦିବସରେ, ତୃଷାକୁଳପ୍ରାଣ, ଉଷ୍ଣତାର ଅଭିଶାପରେ ଯେତେବେଳେ ସନ୍ତୁଳି ହେଉଥାଏ, ବୃକ୍ଷ ବିଟପୀରେ ପକ୍ଷୀ ନୀରବରେ ଆଶ୍ରା ନେଇଥାଏ, ଚାରି ଆଡ଼େ ହାହୁତାଶ, ଦହନର ଯନ୍ତ୍ରଣାରେ ଜୀବଗଣ ଆକୁଳିତ ପ୍ରାଣରେ ହତୋସାହ ହୋଇଥାଏ, ସେତେବେଳେ ମଧ୍ୟ ଅଗଣାରେ କ୍ଷୁଦ୍ର ମଲ୍ଲୀଗୁଳ୍ମର ହସ ପ୍ରାଣରେ ଆନଂଦ ଭରିଦିଏ। ତାର ଆଘ୍ରାଣ ସଂଭୋଗର କାମନା ସଞ୍ଚାର କରେ। ସେତେବେଳେ ମଧ୍ୟ କବିପ୍ରାଣ ପ୍ରକୃତି ମଧ୍ୟରେ ବିଧାତାଂକର ସଂଧାନ ଖୋଜି କହେ:

"ପ୍ରଳୟେ ସୃଜନକାରୀ, ବିଚିତ୍ର ବିଂଧାଣୀ
ସ୍ରଷ୍ଟାରେ ନିମିଲି ଦେଇ ଭକ୍ତିର ପ୍ରଣମି।"[୩୭]

ପ୍ରାବୃଟର ଗୁରୁ ଗମ୍ଭୀର ନିଶା, ମେଘର ଗୁରୁ ଗର୍ଜନ ଓ ବିଦ୍ୟୁତ୍‌ର ଚମକ ଯେତେବେଳେ ପ୍ରାଣରେ ଶଂକା ଜାଗ୍ରତ କରେ, ଯେଉଁ ପରିବେଶରେ ଆଦିମାନବ ଅନିଶ୍ଚିତ ପ୍ରାଣରେ ଗୁହା ମଧ୍ୟରୁ ସୃଷ୍ଟିର ସଂହାର ଲୀଳା ଦେଖିପାରେ। ସେହିପରି ପରିବେଶରେ କବି କହନ୍ତି:

"ସୁପ୍ତ ସର୍ବ ପରିବାର, ନୀରବ କୁଟୀରି,
ତଂଦ୍ରହୀନ ମୁଁ କେବଳ, ମର୍ମେ ପ୍ରକୃତିର
ପ୍ରଳୟ ଏ ଅଭିନୟ ବୁଝୁଛି ଗଭୀର,
ଝଡ଼େ ଶୁଣେ ନଟରାଜ ଚରଣ-ମଂଜୀର।"[୩୮]

ସେତେବେଳେ ମଧ ମାନସିଂହଙ୍କ ପ୍ରାଣ ବିଶ୍ୱ ସ୍ରଷ୍ଟାଙ୍କୁ ପ୍ରକୃତିର ରୁଦ୍ର ରୂପରେ ବି ଅନୁଭବ କରୁଥାନ୍ତି।

ଶାରଦ-ପୂର୍ଣ୍ଣିମାରେ ଚନ୍ଦ୍ର ଯେତେବେଳେ ରୁକ୍ଷ ଧରଣୀରେ ଇଂଦ୍ରଜାଲ ରଚି ସ୍ୱପ୍ନପୁରୀ ରଚନା କରେ, କୁମାରୀମାନେ କୃଷ୍ଣ କବରୀରେ ପୁଷ୍ପଦଳ ଖଚିତ କରି ନୃତ୍ୟଗୀତରେ ରଜନୀକୁ ମୁଖରିତ କରନ୍ତି, ଜ୍ୟୋତ୍ସ୍ନାର ଶାନ୍ତ ସ୍ପର୍ଶରେ ସାଗର ଉଦ୍‌ବେଳିତ ହୋଇ ଉଠେ, ମାନବର ଧମନୀରେ ରକ୍ତର ଜୁଆର ଉଠେ, ବଂଶୀର ମଧୁର ନାଦରେ ଗାଈଆଳ ଟୋକା ଚିତ୍ତ ବିନୋଦିତ କରିଦିଏ, ଚାରିଆଡ଼େ ଗଭୀର ଆନନ୍ଦର ଜୁଆର ଖେଳିଯାଏ, ସେତେବେଳେ କବି ପ୍ରାଣରେ ପ୍ରଶ୍ନ ଉଠେ— ଜୀବନର ରଣରକ୍ତରେ ରଂଜିତ, ଏ ରକ୍ଷ ସଂସାରରେ କାହିଁକି ଏ କମନୀୟ ରୂପର ଆୟୋଜନ? କିଏ, କେବେ, କାହାଠାରେ ଭିକ୍ଷା କରିଥିଲା ପ୍ରକୃତିର ଏ ଭୁବନମୋହନ ରୂପ ସୃଷ୍ଟି କରିବା ପାଇଁ? କବି ଗଦ୍‌ଗଦ୍ ପ୍ରାଣରେ ଜ୍ୟୋତ୍ସ୍ନାସ୍ନାତ ପୌର୍ଣ୍ଣମାସୀର ଶୁଭ୍ରାମ୍ବର ତଳରେ ସେହି ବିଧାତା, ଯେ ନିଜେ ମହାକବି, ଯେ ମହାରୂପକାର, ତାଙ୍କରି ପାଦ ତଳେ ପ୍ରଣତି ଢ଼ାଳିଛନ୍ତି।

## ପ୍ରକୃତି ଧ୍ୱଂସ ଓ ବନମହୋତ୍ସବ :

ପ୍ରକୃତି ସହ ଅତ୍ୟଧିକ ଅନ୍ତରଂଗତା ଫଳରେ, ଉତ୍ତର ଜୀବନରେ ସହରୀ ହୋଇବି, ମାନସିଂହ ପ୍ରକୃତିର ଧ୍ୱଂସକୁ ସହ୍ୟ କରିପାରି ନାହାନ୍ତି। ଯାନ୍ତ୍ରିକ ସଭ୍ୟତାର ବିକାଶ ପାଇଁ ପ୍ରାକୃତିକ ଅବସ୍ଥାର ପରିବର୍ତ୍ତନ ଅନିବାର୍ଯ୍ୟ। ଏହି ଅନିବାର୍ଯ୍ୟକୁ ଏଡ଼େଇବାକୁ ଚେଷ୍ଟାକଲେ ମଣିଷକୁ ଶତଶତ ବର୍ଷ ପଛକୁ ଫେରିଯିବାକୁ ପଡ଼ିବ। ଅଥଚ ଏକ ସୁଷମ ଓ ସନ୍ତୁଳିତ ପ୍ରାକୃତିକ ଅବସ୍ଥା ଭିତରୁ ମିଣଷର ଓ ମଣିଷ-ସଭ୍ୟତାର ଅଭ୍ୟାଗମ। ସେହି ପ୍ରାକୃତିକ ପରିବେଶକୁ ବିନଷ୍ଟ କଲେ ସଭ୍ୟତାର ମୃତ୍ୟୁ ଧୀରେ ଓ ନିଶ୍ଚିତ ପଦକ୍ଷେପରେ ଆଗେଇ ଆସେ। ମାନସିଂହ ତାଙ୍କର ବିଭିନ୍ନ ରଚନାରେ ପ୍ରକୃତିର ନାନା ବିଭାବ ଯଥା:—ବଣ ଜଂଗଲ, ଜୀବଜନ୍ତୁର ଧ୍ୱଂସ ଭିତର ଦେଇ ସଭ୍ୟତାର ସଂକଟ ଲକ୍ଷ୍ୟ କରିଛନ୍ତି।

ନଗର ସଭ୍ୟତାର ସଂକ୍ରମଣରେ ମଣିଷ ପ୍ରକୃତିକୁ ଧ୍ୱଂସ କରିଚାଲିଛି। ପ୍ରାକୃତିକ ସଂପଦକୁ ନଷ୍ଟକରି ଚାଲିଛି। ଏହା ଦ୍ୱାରା ମଣିଷ ମନରୁ ଶାନ୍ତଭାବ ଦୂର ହୋଇ ଉଗ୍ରଭାବ ଆସୁଛି ଓ ଜଗତରୁ ଆନନ୍ଦ ଉଭେଇଯିବାରେ ଲାଗିଛି। ଆମେ ପ୍ରକୃତିଠାରୁ ଯେତେ ଦୂରେଇ ଯାଉଛୁ, ସେତେ ଧ୍ୱଂସ ପଥରେ ଆଗେଇ ଚାଲିଛୁ। ଆଜିର ବିରାଟ ସାହାରା ମରୁଭୂମି, ଚାରିହଜାର ବର୍ଷ ତଳେ ଏକ ସବୁଜ ଜଙ୍ଗଲ ଓ ପ୍ରାକୃତିକ ଜୀବଜନ୍ତୁରେ ଭରା ଅଞ୍ଚଳ ଥିଲା। ପ୍ରକୃତିକୁ ଧ୍ୱଂସ କରିବାରୁ ତାହା କ୍ରମଶଃ ବୃକ୍ଷଶୂନ୍ୟ ଓ ଏକ ବୃଷ୍ଟିହୀନ ଅଞ୍ଚଳରେ ପରିଣତ ହେଲା। ମଣିଷ ଅବାରିତ ଭାବରେ ପ୍ରକୃତି ଉପରେ ଯେଉଁ ଅତ୍ୟାଚାର ଚଳାଇ ଆସିଛି, ମାନସିଂହଙ୍କ ପ୍ରାଣ ସେଥିରେ ବ୍ୟଥିତ ହୋଇ

ଉଠିଛି। ଓଡ଼ିଶା ଗଡ଼ଜାତର ଅନୁପମ ଶୋଭା ବର୍ଣ୍ଣନ କରିବା ସମୟରେ, ମାନସିଂହ ଲେଖିଛନ୍ତି :

"ଅତ୍ୟନ୍ତ ପରିତାପର କଥା ଯେ, ଗଡ଼ଜାତର ଏଇ ଅନୁପମ, ଆଦିମ, ଆଲୁଲାୟିତ, ଭୀମକାନ୍ତ, ପାର୍ବତ୍ୟ ସୁଷମା ଆଜି ଧ୍ୱଂସ ହେବା ଉପରେ। ମୁନାଫାଖୋର କଣ୍ଟ୍ରାକ୍ଟରମାନଙ୍କର ବର୍ବର ଲାଳସାରେ ଗଡ଼ଜାତର ମୂଲ୍ୟବାନ ଜଙ୍ଗଲ ସଂପଦ ଲୁଟ୍‌ହୋଇ ଯାଉଥିବାର କରୁଣ କାହାଣୀ ମୁଁ ଏବେ ବହୁ ମୁଖରୁ ଶୁଣୁଛି। ଲୋକ ବସତି ବା ଶସ୍ୟକ୍ଷେତ୍ର ରଚନା ଛଳରେ ମାଇଲ ମାଇଲ ଧରି ଜଂଗଲ ପଦା ହୋଇ ଯାଉଥିବାର ମୁଁ ମଧ୍ୟ ଦେଖିଲିଣି। ଗତ ମହାଯୁଦ୍ଧବେଳେ ବହୁ ଷ୍ଟେଟରେ, ଜଙ୍ଗଲ ଏକାବେଳକେ ଶୂନ୍ୟ ହୋଇ ଯାଇଥିଲା ବୋଲି ଶୁଣାଯାଉଥିଲା। ଜାତୀୟ ସରକାର ସେହି କ୍ଷତି ପୂରଣ କରିବାର ସବୁ ପ୍ରକାର ଯୋଜନା କରିବା ଦରକାର। ସେଣେ ପ୍ରକୃତିକୁ ଧ୍ୱଂସ କରି ଏଣେ ବନ-ମହୋତ୍ସବ କରିବାର ମିଥ୍ୟାଚାର କରି ଲାଭ କ'ଣ ?"[୩୯] କେବଳ ପ୍ରକୃତିର ବୃକ୍ଷରାଶି ନୁହେଁ, ପ୍ରକୃତିର ଜୀବଜନ୍ତୁମାନଙ୍କୁ ମଧ୍ୟ ମଣିଷ ନିଜର ଲାଳସା ଚରିତାର୍ଥ ପାଇଁ ଅବାଧରେ ବଧ କରି ଚାଲିଛି। ପ୍ରକୃତିର ଶାନ୍ତ ବୁକୁରେ ଚାଲିଛି ଅଶାନ୍ତିର ତାଣ୍ଡବ। ଜୀବବଧର ପ୍ରତିକ୍ରିୟାରେ କବି ମାନସିଂହଙ୍କ ପ୍ରାଣ ଅସ୍ଥିର ହୋଇ ଉଠିଛି। 'ସପ୍ତଶଯ୍ୟାରେ ନିଶୀଥ' କବିତାରେ ମାନସିଂହ ଲେଖିଛନ୍ତି:—

"ବନେ ଚରେ ପ୍ରୀତିମୟୀ ସୁନ୍ଦରୀ ହରିଣୀ,
ସନ୍ତାନର ସ୍ନେହୀ, ମାତ, ଚିତ୍ତ ବିନୋଦିନୀ,
ଶୃଙ୍ଗବନ୍ତ ଦୃଢ଼ାଙ୍ଗ କେ ପୁରୁଷ ମୃଗର,
ନିରୀହା ସେ, ଅହିଂସ ସେ, ବାତ୍ସଲ୍ୟ ଚଞ୍ଚଳ।
ଏକାଳେ ବାଜେ ତା ବକ୍ଷେ ବ୍ୟାଧର ନାରାଚ,
ଧାମଇ ହରିଣୀ କରି କରୁଣ ଆବାଜ,
ନିରୀହ, ନିଷ୍ପାପ ତାର ରକ୍ତ ଯାଏ ବହି,
ନୀରବେ ଦେଖଇ ତାହା ଏ ଜନନୀ ମହୀ,
ଛାଡ଼ି ପତି-ପୁତ୍ର-କନ୍ୟା ସୁଖର ଜୀବନ
ଦୂରେ ସେ ହରିଣୀ ହୁଏ ଶେଷେ କା ଭୋଜନ;
ହେ ଈଶ୍ୱର, ଦେବଦେବୀ, ଧର୍ମଧ୍ୱଜୀଗଣ,
ହେ ପାଦ୍ରୀ, ହେ ମୁଲ୍ଲା, ଆହେ ବିଶୁଦ୍ଧ ବ୍ରାହ୍ମଣ;
କହ ମତେ, ହରିଣୀର ଉଷ୍ଣ ନେତ୍ର ବାରି,
ତା ନିରୀହ ଶୋଣିତର ଘୃଣ୍ୟ ପିଚିକାରି,
ତମ ଧର୍ମ, ତମ ମୁକ୍ତି, ତମର ସ୍ୱର୍ଗରେ,
ତମ ପଚାରେ କି ଅପଳାପ ନାହିଁ କରେ ?"[୪୦]

## ଉତ୍ତର ଜୀବନରେ ପ୍ରକୃତି ପ୍ରତି ଦୃଷ୍ଟି :

ମଣିଷର ଦୃଷ୍ଟିକୋଣ ଅନୁସାରେ ପ୍ରକୃତିର ପରିବର୍ତ୍ତନ ହୁଏ। ମଣିଷର ବୟସ, ସାମାଜିକ ସ୍ଥିତି, ମାନସିକ ଅବସ୍ଥା ଓ ପ୍ରକୃତି ପ୍ରତି ଦୃଷ୍ଟିର ତାରତମ୍ୟ ଅନୁସାରେ ପ୍ରକୃତି ସଂପର୍କରେ ଅନୁଭବ ଭିନ୍ନ ଭିନ୍ନ ପ୍ରକାରେ ହୋଇଥାଏ। ଏହି ସଂପର୍କରେ ମାନସିଂହଙ୍କର ଅନୁଭୂତି ହେଉଛି ଯେ, ଶିଶୁ ବୟସରେ ସରଳ ମନରେ ପ୍ରକୃତିର ଯେଉଁ ମନୋରମ ଶୋଭା ସେ ଉପଲବ୍ଧ କରିପାରୁଥିଲେ, ବୌଦ୍ଧିକ ବିକାଶ ପରେ ପରେ ପ୍ରକୃତିର ସେ ଶୋଭା ଯୁକ୍ତିବାଦୀ ମନର ତାଡ଼ନାରେ କ୍ରମଶଃ ଅପସରି ଯାଉଛି। ଏପରିକି ବିବାହ ପୂର୍ବରୁ ସେ ଯେଉଁ ପ୍ରକୃତିକୁ ଦେଖିଥିଲେ, ବିବାହ ପରେ ପରେ ସେ ସବୁର ଯେପରି ପରିବର୍ତ୍ତନ ଘଟି ଯାଇଛି। ନିତି ଦେଖା ବନ ପର୍ବତ, ଜଳରାଶି, ବିବାହ ପରେ ନୂତନ ରୂପରେ ଦେଖାଯାଇଛି। କବି ଭାବୁଛନ୍ତି ଯେ, ନବ ପ୍ରଣୟୀର ଉପସ୍ଥିତିରେ, ପ୍ରକୃତି ଆଜି ନବଦୃଷ୍ଟିରେ ପରିଦୃଶ୍ୟମାନତ।

"ନବୀନ ପ୍ରଣୟ,
ନବଦୃଷ୍ଟି ଦିଏ ନେତ୍ରେ, ନିରାନନ୍ଦମୟ
ଧରଣୀ ଲାଗଇ ମତେ, ଆନନ୍ଦ ସଂସାର
ପ୍ରାଣହୀନ ପ୍ରକୃତିରେ ଚୈତନ୍ୟ ସଞ୍ଚାର
ଦେଖୁଛି ପ୍ରଥମ କରି। ତେଣୁ ଏ ଶିଖରୀ,
ଏ ହ୍ରଦ, ଏ ନଦୀ, ବନ, ଦୀପ, ଗିରି, ଦରୀ,
ବହୁ ପରିଚୟେ ଆଜି ନବ ପରିଚୟ
ଦିଅନ୍ତି ସଖି ଗୋ ମତେ! ବିବାହ ବିଜୟ
ଅବଜ୍ଞାତ ପ୍ରକୃତିରେ ପ୍ରିୟ କରେ ଆଜି
ଅନୁଭୂତିମୟ କରେ ବନଗିରି ରାଜି।"[୪୧]

ସଦ୍ୟ ବିବାହିତ ଜୀବନର ପ୍ରକୃତି ସଂପର୍କରେ ଧାରଣା, ବୟସ ବୃଦ୍ଧି ସଂଗେ ସଂଗେ ପରିବର୍ତ୍ତିତ ହୋଇଯାଇଛି। ବାର୍ଦ୍ଧକ୍ୟରେ ପ୍ରକୃତି ଓ ଜୀବନ ସଂପର୍କରେ ମନ୍ତବ୍ୟ ପ୍ରଦାନ କରି ସେ ଲେଖିଛନ୍ତି: "ପ୍ରକୃତି ଆମକୁ ଯେପରି ଗଢ଼ିଛି, ସେଥିରେ ଯେପରି ମନେହୁଏ, ସ୍ନେହ ଦେବା ଓ ନେବା, ଜୀବନର ଏକ ପରମ ଆବଶ୍ୟକତା। ସୃଷ୍ଟିର ପରମ ଲକ୍ଷ୍ୟ ହେଲା 'ଇଭୋଲ୍ୟୁସନ' ବା ବିବର୍ତ୍ତନ। ପ୍ରକୃତିର ଏହି ପରମତମ ଆଦର୍ଶରେ ଅନୁପ୍ରାଣିତ ହୋଇ ହିଁ, ଅଜ୍ଞାତସାରରେ ହେଉପଛେ, ବୀଜ ନିଜକୁ ଫଟାଇ ଉଦ୍‌ଭିଦ ହୁଏ ଏବଂ ପତ୍ର, ପୁଷ୍ପ, ଫଳରେ ଆପଣାକୁ ସହସ୍ରଧା ବିକଶିତ କରି ତେବେ ଯାଇ ଏ ସୃଷ୍ଟିରୁ ବିଦାୟ ନିଏ। ପ୍ରକୃତି ଓ ଜୀବନର ତଳେ ତଳେ ଚାଲିଥିବା ଏଇ ବିବର୍ତ୍ତନ ପ୍ରକ୍ରିୟାର ପରମତମ, ସୁନ୍ଦରତମ ବିକାଶ ଘଟେ ମନୁଷ୍ୟ ଜୀବନରେ। ଏହି କ୍ରିୟା ଫଳରେ ହିଁ, ମନୁଷ୍ୟ ପ୍ରାଣୀରୁ ରୂପାନ୍ତରିତ ହୁଏ, ଦେବତାରେ।"[୪୨]

ପ୍ରକୃତିର ଅଭିପ୍ରାୟ ବିକାଶଲାଭ କରିବା। ପରିବର୍ତ୍ତନ ହିଁ ପ୍ରକୃତିର ମୂଳ ସ୍ୱଭାବ। ଜୀବନର ଅପରାହ୍ନରେ ମାନସିଂହ ପ୍ରକୃତିକୁ ଗଭୀର ଦାର୍ଶନିକ ଦୃଷ୍ଟିରେ ଦେଖିଛନ୍ତି। ତାଙ୍କ ଭାଷାରେ: ''ପ୍ରକୃତିକୁ ଅର୍ଥାତ ଜନ୍ତୁ ବା ପ୍ରାଣୀକୁ ସଂସ୍କାର କଲେ ହିଁ ନରତ୍ୱର ଉଦ୍‌ଭବ ହୁଏ। ଗଛ ବା ପଥର କେବଳ ଗଛ ବା ପଥର। ଗଛକୁ କାଟି ଘର କଲେ ସେଥିରେ ମନୁଷ୍ୟତାର ଛାପ ପଡ଼େ। ପଥରକୁ କାଟି ଦେବାଳୟ କଲେ, ସେଥିରେ ମନୁଷ୍ୟତ୍ୱ ଓ ଦେବତ୍ୱର ଆବିର୍ଭାବ ହୁଏ। ମନୁଷ୍ୟର ଜନ୍ତୁତ୍ୱକୁ ଭାଙ୍ଗି ପୁନର୍ଗଠିତ କଲେ ଯାଇଁ, ପ୍ରକୃତ ମନୁଷ୍ୟତ୍ୱର ବିକାଶ ହୁଏ। ଏହାହିଁ ଈଶ୍ୱରଙ୍କର ନୁହେଁ, ପ୍ରକୃତିର ମଧ୍ୟ ଅଭିପ୍ରାୟ ପରି ଜଣାଯାଏ। ଏ ପୃଥିବୀ ଚାହେଁ ତାକୁ ଯେତିକି ଆଘାତ ଦେବ, ଯେତିକି ଖୋଳିବ, ତାଡ଼ିବ, ସେ ସେତିକି ଆମକୁ ଶସ୍ୟ, ଫଳ ଓ ଧନରତ୍ନ ଦେବ। ପ୍ରକୃତିର ନିୟନ୍ତ୍ରଣ ପାଇଁ ମନୁଷ୍ୟର ସାଧନା ହିଁ ମନୁଷ୍ୟ ସଭ୍ୟତାର ଇତିହାସ।''[୪୩] ଏଠାରେ ଚିନ୍ତାନାୟକ ମାନସିଂହଙ୍କର ଅଭିପ୍ରାୟ ପ୍ରତିଫଳିତ। ତାଙ୍କ ମତରେ ପ୍ରକୃତି ସହିତ ଯେତିକି ସଂପର୍କ ସ୍ଥାପନ କରିବ ସେତିକି ଉତ୍ତମ ଫଳ ମିଳିବ। ପ୍ରକୃତିକୁ ଧ୍ୱଂସ କରି କେବେ ସୃଷ୍ଟିର ମଙ୍ଗଳ ସମ୍ଭବ ହୋଇ ନ ପାରେ। ସୃଷ୍ଟିର ମଙ୍ଗଳ ହେବ କେବଳ ପ୍ରକୃତି ସହିତ ମିତ୍ରତା ସ୍ଥାପନ କରି। ଶେଷ ଜୀବନରେ ଚିନ୍ତାନାୟକ ମାନସିଂହ ପ୍ରକୃତିକୁ ସ୍ଥୂଳ ଅର୍ଥରେ ବୁଝିବା ସଂଗେ ସଂଗେ, ପ୍ରକୃତିର ସୂକ୍ଷ୍ମ ରୂପକୁ ଅବଲୋକନ କରିଛନ୍ତି। ଭାଗବତ ତତ୍ତ୍ୱ ଅନୁସାରେ ସେ ପିଣ୍ଡ ଓ ବ୍ରହ୍ମାଣ୍ଡ ମଧ୍ୟରେ ଐକ୍ୟ ଥିବାର ଦେଖି ପାରିଛନ୍ତି। ସେ କହନ୍ତି:

''ବାହାରର ପ୍ରକୃତି ଅପେକ୍ଷା, ମନୁଷ୍ୟର ଭିତରର ପ୍ରକୃତି କମ୍ ଜଟିଳ ବା ଦୁର୍ବାର ନୁହେଁ। ବାହାରେ ଖରା ବର୍ଷା ଶୀତର ଅତ୍ୟାଚାର, ଝଡ଼-ତୋଫାନ, ଭୂମିକଂପ, ଜଳପ୍ଲାବନର ବିଭୀଷିକା ପ୍ରତି ଆମ୍ଭେମାନେ ଅତ୍ୟନ୍ତ ଜାଗ୍ରତ। କିନ୍ତୁ ଆମ ଭିତରେ ମଧ୍ୟ ଯେ ପ୍ରକୃତିର ଏ ସମସ୍ତ ଅଭିନୟ ଅହରହ ଚାଲିଛି, ଏଥିପାଇଁ ଆମେ କେହି କ୍ୱଚିତ୍ ସଚେତନ। ଆମେ ସବୁବେଳେ କହୁ 'ଓଃ କି ଶୀତ', 'ଓଃ କି ଖରା', 'ଓଃ କି ବନ୍ୟା ହେଲା', 'ଓଃ କି ଭୀଷଣ ଭୂକଂପ'। କିନ୍ତୁ ଆମେ କେବେ କହୁନା 'ଆଃ ମୁଁ କାହିଁକି ରାଗିଲି' 'ଆଃ କାହିଁକି ସେ ଲୋକ ପ୍ରତି ଏତେ ନିଷ୍ଠୁର ବ୍ୟବହାର କଲି', 'ଛି ମୁଁ କାହିଁକି ଏ ଲାଳସାକୁ ମୋ ମନକୁ ଆକ୍ରାନ୍ତ କରିବାକୁ ଦେଉଛି। କିନ୍ତୁ ଲୋଭ, ଲାଳସା, ଦ୍ୱେଷ, କ୍ରୋଧ, ପ୍ରଭୃତି ଯେ ବାହାରେ ଘଟୁଥିବା ପ୍ରାକୃତିକ ବିପ୍ଳବ ବା ଅତ୍ୟାଚାରର ସମାନ୍ତର ଅଭିଜ୍ଞତା, ପ୍ରକୃତି ଭିତରେ ଓ ବାହାରେ ଯେ ଏକା ନିୟମ ହିଁ କାମ କରୁଛି, ଏହା ଟିକିଏ ଚିନ୍ତା କଲେ ଇ ଲୋକେ ବୁଝି ପାରିବେ।''[୪୪]

**ପ୍ରାନ୍ତଟୀକା :–**


୧- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ: ୧୯୭୩), ରାଧାନାଥ (ପ୍ରବନ୍ଧ)ପୃ.୪୬୩.

୨- ତତ୍ରୈବ, ନୂତନ ସାହିତ୍ୟର ନୂତନତ୍ୱ (ପ୍ରବନ୍ଧ) ପୃ.୬୨୮.

୩- ମାନସିଂହ–ପଶ୍ଚିମ ପଥିକ (୧୯୮୦) ପୃ.୬-୭.

୪- ତତ୍ରୈବ, ପୃ.୪୯-୫୦.

୫- ମାନସିଂହ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡ: (୧୯୭୩) ଓଡ଼ିଆ ସାହିତ୍ୟରେ ରୋମାଣ୍ଟିସିଜମ୍ (ପ୍ରବନ୍ଧ)ପୃ.୬୨୦.

୬- ତତ୍ରୈବ, ରାଧାନାଥ (ପ୍ରବନ୍ଧ) ପୃ.୪୬୦.

୭- ତତ୍ରୈବ, 'ଓଡ଼ିଆ ସାହିତ୍ୟରେ ରୋମାଣ୍ଟିସିଜମ୍. ପୃ.୬୧୯.

୮- ତତ୍ରୈବ.

୯- ତତ୍ରୈବ, ପୃ.୬୧୯-୬୨୦.

୧୦- ତତ୍ରୈବ, ରାଧାନାଥ ପ୍ରବନ୍ଧ, ପୃ.୪୬୨.

୧୧- ତତ୍ରୈବ ପୃ.୪୬୦.

୧୨- ତତ୍ରୈବ, ପୃ.୪୬୧-୬୨

୧୩- ତତ୍ରୈବ, ରବୀନ୍ଦ୍ରନାଥଙ୍କ କବିତା (ପ୍ରବନ୍ଧ) ପୃ.୪୩୧

୧୪- ମାନସିଂହ ଗ୍ରନ୍ଥାବଳୀ: ପ୍ରଥମ ଖଣ୍ଡ (୧୯୬୨) ସ୍ୱର୍ଗଚ୍ୟୁତି (କବିତା) ପୃ. ୩୦୩.

୧୫- 'ଓହ୍ଲାଇ ଏ ଅଗ୍ନି-ରଥୁ ଯିବ ସେହି ବେଶେ/ବିସ୍ତୀର୍ଣ୍ଣ ପ୍ରକୃତି ଯହିଁ ଦିଗମ୍ବର ବେଶେ ବୃକ୍ଷହୀନ-ହେମକାନ୍ତ-ସିକତା ବିସ୍ତାରେ/ମହୋଦଧି ତଟପ୍ରାନ୍ତେ। ସିନ୍ଧୁ-ସିକତାରେ କ୍ରୀଡ଼ନ୍ତି ନିଶିଥେ ତହିଁ ଜଳକନ୍ୟାଗଣ/କିଆକୁଂଜେ ଲୁଚୁକାଳି, କୋମଳ ଚରଣ ବୁଡ଼େ ନାହିଁ ବାଲୁକାରେ। ବର୍ଷାରମ୍ଭେ ତହିଁ/ପୁନ୍ନାଗ କୁସୁମ ଗଂଧ ପ୍ରାଣ ଦିଏଦହି ବିରହୀ ତରୁଣଙ୍କର। କ୍ଷୁବ୍ଧ ପାରାବାର/ଢ଼ାଳେ ଚୂର୍ଣ୍ଣ-ମଣିଚୁଡ଼ ଦୀର୍ଘ-ଉର୍ମିବାର। ସେ ଭୂମିର ପଦତଳେ; ତା ଗୁରୁ ଗର୍ଜନ/ରବେ ତହିଁ ଶାଶ୍ୱତିକ ମୃଦଙ୍ଗ ଘୋଷଣ ସେହି ଭୂମି ମୋ କୁଟୀର, ସେ ଦେଶ-କୁରଙ୍ଗୀ/ଚାଲସଖୀ, ତୁମଠାରୁ ଶିଖିବେ ଭ୍ରୁଭଂଗି।' ମାନସିଂହ ଗ୍ରନ୍ଥାବଳୀ ପ୍ରଥମ ଭାଗ: (୧୯୬୨) ପ୍ରିୟଭୂମି/ହେମଶସ୍ୟ/ପୃ-୧୮୦.

୧୬- ମାନସିଂହ, ଗଦ୍ୟ ସଂଗ୍ରହ (୧୯୫୦) ସଂ-ଶିବ ପ୍ରସାଦ ଦାଶ, ଚିଲିକା (ପ୍ରବନ୍ଧ) ପୃ.୩୫.

୧୭- ତତ୍ରୈବ, ପୃ.୩୭.

୧୮- ତତ୍ରୈବ, ପୃ.୩୮-୩୯.

୧୯- ମାନସିଂହ, ପଶ୍ଚିମ ପଥିକ (୧୯୮୦) ପୃ. ୪୭.

୨୦- ତତ୍ରୈବ, ପୃ.୫୦.

୨୧- ମାନସିଂହ, ଶିକ୍ଷାବିତ୍‌ର ଗାଥା (୧୯୬୫) ସପ୍ତମ ଅଧ୍ୟାୟ-ପୃ.୬୭.
୨୨- ତତ୍ରୈବ, ପୃ.୬୭-୬୮.
୨୩- ତତ୍ରୈବ, ପୃ.୭୨.
୨୪- ତତ୍ରୈବ, ପୃ.୧୩୨,
୨୫- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଭାଗ-୧୯୬୨) ବିରହୀଘନ (କବିତା) ପୃ.୧୩୭.
୨୬- ତତ୍ରୈବ ପୃ.୧୩୮.
୨୭- ତତ୍ରୈବ, ଦକ୍ଷିଣାପ୍ରତି (କବିତା) ପୃ.୩୯୫.
୨୮-ତତ୍ରୈବ, ପୃ.୩୯୬.
୨୯- ତତ୍ରୈବ, ଅତୃପ୍ତଭୋଗ (କବିତା)ପୃ.୨୧୯.
୩୦-ମାନସିଂହ, ଅନ୍ୱେଷଣ (ଉପନ୍ୟାସ) (୧୯୫୭)ପୃ.୧୨୩.
୩୧- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ-୧୯୬୨) ଦୁଃଖୀ (କବିତା) ପୃ. ୫୨୯.
୩୨-ତତ୍ରୈବ, ଧରଣୀବାସ (କବିତା) ପୃ.୩୮୯.
୩୩-ତତ୍ରୈବ, 'ମହାନଦୀରେ ଜ୍ୟୋତ୍ସ୍ନା ବିହାର (କବିତା) ପୃ. ୩୧୭.
୩୪-ତତ୍ରୈବ, ଶ୍ରୀକୃଷ୍ଣ (କବିତା) ପୃ. ୫୬୪,
୩୫-ତତ୍ରୈବ, ବିଭୂ ଓ ପ୍ରକୃତି (୧) (କବିତା) ପୃ.୪୬୯.
୩୬-ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ– ବିଭୂ ଓ ପ୍ରକୃତି (୨) (କବିତା) ପୃ.୪୬୯.
୩୭-ତତ୍ରୈବ, ବିଭୂ ଓ ପ୍ରକୃତି (୩), ପୃ.୪୭୦.
୩୮- ତତ୍ରୈବ, ବିଭୂ ଓ ପ୍ରକୃତି (୪) ପୃ.୪୭୧.
୩୯-ମାନସିଂହ, ଶିକ୍ଷାବିତ୍‌ର ଗାଥା (୧୯୬୫) ସପ୍ତମ ଅଧ୍ୟାୟ– ପୃ. ୬୯.
୪୦-ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ-୧୯୬୨)ସପ୍ତଶଯ୍ୟାରେ ନିଶୀଥ (କବିତା) ପୃ.୫୪୪.
୪୧-ତତ୍ରୈବ, ନବଦୃଷ୍ଟି (କବିତା) ପୃ. ୧୮୦.
୪୨-ମାନସିଂହ, ଗୀତା ମାହାତ୍ମ୍ୟ--ଗୀତା ଓ ଆମର ଦୈନଂଦିନ ଜୀବନ, ପୃ. ୨୦୪.
୪୩-ତତ୍ରୈବ, ପୃ. ୨୦୮.
୪୪-ତତ୍ରୈବ, ପୃ. ୨୦୮.

# ଷଷ୍ଠ ଅଧ୍ୟାୟ

## ଭଗବାନ ଓ ଧର୍ମ

# ଭଗବାନ ଓ ଧର୍ମ

ଡକ୍ଟର ମାୟାଧର ମାନସିଂହଂକ ସାହିତ୍ୟିକ ଜୀବନ ଜଣେ ରୋମାଣ୍ଟିକ୍ କବି ଭାବରେ ଆରମ୍ଭ ହୋଇଥିଲା। ସୁଦୂର ପଲ୍ଲୀର ଅନୁଭୂତି, ନଗର ଜୀବନର ମୁକ୍ତ ଆବାହାଓ୍ୱା, ତରୁଣ ବୟସର ସ୍ୱପ୍ନ, ତାଂକର କବିତା ଗୁଡ଼ିକୁ ଗତିଶୀଳ ଓ ହୃଦୟଗ୍ରାହୀ କରିଥିଲା। ଜୀବନ ଓ ଜଗତ ସଂପର୍କରେ ଯେ ତାଂକର କୌଣସି ଜିଜ୍ଞାସା ନ ଥିଲା, ନୁହେଁ; ମାତ୍ର ସେ ସବୁ ଅନୁଭୂତିର ଦେହଳୀ ଅତିକ୍ରମ କରି ପ୍ରଜ୍ଞାକେନ୍ଦ୍ରରେ ଅଧିଷ୍ଠିତ ହୋଇ ନଥିଲା। ପରେ ପରେ ତାଂକର ଭଗବାନ ଓ ଧର୍ମ ସଂପର୍କୀୟ ବିଶ୍ୱାସ ବିବର୍ତ୍ତିତ ହୋଇଛି। ପ୍ରଥମେ ଗାଂଧୀ ଓ ଗୋପବଂଧୁ ପରେ ଇଉରୋପୀୟ ଜୀବନାଦର୍ଶ ଏବଂ ଶେଷରେ ବୌଦ୍ଧଧର୍ମ ତାଂକର ବିଚାରଧାରାକୁ ପ୍ରଭାବିତ ଓ ନିୟନ୍ତ୍ରିତ କରିଛି। ଆଲୋଚନାର ସୁବିଧା ପାଇଁ ଡକ୍ଟର ମାୟାଧର ମାନସିଂହଂକର ଭଗବାନ ଓ ଧର୍ମ ସଂପର୍କୀୟ ବିଚାର ବିବେଚନାକୁ ମୁଖ୍ୟତଃ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଅଛି। ପ୍ରଥମ ପର୍ଯ୍ୟାୟ:—ଜୀବନର ଆଦିପର୍ବ—ପ୍ରାକ୍ ବିଲାତ ଯାତ୍ରା ବା ଛାତ୍ର ଜୀବନ ଓ ଆଦ୍ୟ ଚାକିରୀ ଜୀବନ— ୧୯୩୭ ମସିହା ପର୍ଯ୍ୟନ୍ତ। ଦ୍ୱିତୀୟ ପର୍ଯ୍ୟାୟ:— ବିଲାତ ରହଣି ଓ ପ୍ରତ୍ୟାବର୍ତ୍ତନ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଭାରତର ସ୍ୱାଧୀନତା ପ୍ରାପ୍ତି, ବାପୁଜୀଂକ ପରଲୋକ ଗମନ— ୧୯୪୮ ମସିହା ପର୍ଯ୍ୟନ୍ତ। ତୃତୀୟ ପର୍ଯ୍ୟାୟ ଜୀବନର ଅନ୍ତିମ ପର୍ବ— ୧୯୪୮ ଠାରୁ ୧୯୭୩ ପର୍ଯ୍ୟନ୍ତ।

ମାନସିଂହଂକ ଜନ୍ମପୂର୍ବ ଭାରତବର୍ଷ ଧର୍ମର ବିଚାର ଆଲୋଚନା ଦୃଷ୍ଟିରୁ ଥିଲା ଏକ ଉର୍ବର ଭୂମି। ପ୍ରାଚ୍ୟ ପାଶ୍ଚତ୍ୟ ସଂଘର୍ଷରୁ ଭାରତରେ ନବ୍ୟ ହିଂଦୁ ଧର୍ମର ଅଭ୍ୟୁଦୟର ତାହାଥିଲା ପ୍ରାରମ୍ଭ ପର୍ବ। ଗୋଟିଏ ଦିଗରେ ରାଜା ରାମମୋହନ ରାୟ, ଦେବେଂଦ୍ରନାଥ ଠାକୁର, କେଶବଚଂଦ୍ର ସେନ୍, ଅନ୍ୟ ଦିଗରେ ଦୟାନଂଦ ସରସ୍ୱତୀ ଓ ଆର୍ଯ୍ୟ ସମାଜ, ପଶ୍ଚିମରେ ହିତବାଦବାଦୀ ଓ ରାଣାଡ଼େ ଏବଂ ପୁଣି ବଂଗଳାରେ ରାମକୃଷ୍ଣ ପରମହଂସ, ବିବେକାନଂଦ— ଏ ସମସ୍ତେ ଭାରତୀୟ ହିଂଦୁମାନଂକର ଜିଜ୍ଞାସାବୋଧକୁ ଗଭୀରତର, ବ୍ୟାପକତର ଓ ବିଜ୍ଞାନର ନବ ଆବିଷ୍କୃତ ବିଚାରବୋଧ ଭିତ୍ତିରେ ପ୍ରତିଷ୍ଠିତ କରିବାକୁ ଲାଗିଥିଲେ। ସଂଗଠିତ ହିଂଦୁଧର୍ମର ପାଖାପାଖି ମିଶନାରୀମାନଂକର ଧର୍ମ ପ୍ରଚାର, ମୁସଲମାନ୍‌ମାନଂକର ଓ୍ୱାହବୀ ଆଂଦୋଳନ ଓ ଓଡ଼ିଶାର ବଞ୍ଚିତ ଜନଜାତିଂକ ଦ୍ୱାରା ନୂତନଭାବେ ପ୍ରତିଷ୍ଠିତ ମହିମା ଧର୍ମ ପ୍ରତିଷ୍ଠା ଲାଭ କରିଥିଲା। ଗୋଟାଏ ପଟରେ ଧର୍ମର ଉତ୍ସ, ବିକାଶ, ସ୍ୱରୂପ ଓ ପ୍ରଭାବ ସଂପର୍କରେ ଗବେଷଣା, ଅପର ପକ୍ଷରେ ନୂତନ ଧର୍ମର ଅଭ୍ୟୁଦୟ—ଏହାରି ଭିତରେ ମାନସିଂହଂକର ବୌଦ୍ଧିକ ଜୀବନ ଅତିବାହିତ ହୋଇଥିଲା। ତେଣୁ ମାନସିଂହଂକର ଧର୍ମ-ଜିଜ୍ଞାସା ଓ ଭଗବତ-ବିଶ୍ୱାସ ଭିତରେ ମୁକ୍ତ ମନୀଷାର ଅଭିବ୍ୟକ୍ତି ଦେଖିବାକୁ ମିଳେ।

ଭାରତୀୟ ଆର୍ଯ୍ୟ ଭାଷାମାନଂକରେ ପରିଚିତ ଶବ୍ଦ 'ଧର୍ମ' ଇଂରାଜୀ 'ରିଲିଜିଅନ' ଶବ୍ଦର ସମଗୋତ୍ରୀୟ ଭାବେ ଗୃହୀତ। ଏହି ଉଭୟ ଶବ୍ଦ, ନିର୍ଦ୍ଦିଷ୍ଟ ବସ୍ତୁକୁ ନ ବୁଝାଇ ମାନବ ଜୀବନର ଚଳଚଞ୍ଚଳ ଅଭିପ୍ସା, ଇଚ୍ଛା ଓ କର୍ତ୍ତବ୍ୟବୋଧକୁ ସୂଚାଇଥାଏ। ଫଳରେ ଶବ୍ଦର ଏହି ପଛଆଡ଼େ ଦୁଇଟି ଇତିହାସ ଲୁଚି ରହିଛି। ଇତିହାସ-ସଂପନ୍ନ ଶବ୍ଦମାଳାର ଅର୍ଥ ବର୍ଣ୍ଣନାତ୍ମକ ରୀତିରେ ଦିଆଯାଇପାରେ, ତାହାର ସଂଜ୍ଞା ନିରୂପଣ କରାଯାଇପାରେନାହିଁ। ଧର୍ମ ଓ ରିଲାଜିଆନ ଉଭୟ ଶବ୍ଦ କ୍ଷେତ୍ରରେ ଏ କଥା ସତ୍ୟ। ସଭ୍ୟତାର ବିଭିନ୍ନ ପର୍ଯ୍ୟାୟରେ ଏହି ଉଭୟ ଶବ୍ଦର ଅର୍ଥ-କ୍ଷେତ୍ର ଭିନ୍ନ ଭିନ୍ନ ହୋଇ ଆସିଛି। ଉଦାହରଣ ସ୍ୱରୂପ 'ଧମ୍ମ' ଶବ୍ଦ ବୁଦ୍ଧଂକ କାଳରୁ ହିଁ ପ୍ରଚଳିତ। ଏକ ଶୃଙ୍ଖଳିତ ସଂଯତ ଓ ନୈତିକ ଐହିକ ଜୀବନ ପାଇଁ ବୁଦ୍ଧଦେବ ଯେଉଁ ପ୍ରସ୍ତାବ ଗୁଡ଼ିକ ବାଢିଥିଲେ ତାର ନାଁ ଦେଇଥିଲେ 'ସଧମ୍ମ'। ଏହି 'ଧର୍ମ'ର ବିଶ୍ୱଜାଗତିକ ଶୃଙ୍ଖଳା ବା କସ୍‌ମିକ୍ ଅର୍ଡ଼ର ସହିତ ଏକ ଘନିଷ୍ଠ ସମ୍ବନ୍ଧ ସୂତ୍ର ସେ ଆବିଷ୍କାର କରିଥିଲେ। ବେଦରେ ଏହି 'ଧର୍ମ'ର ସମପର୍ଯ୍ୟାୟବାଚକ ଶବ୍ଦ ହେଲା 'ଋତ'। କାଳକ୍ରମେ ଏହି ଋତ ଓ ଧର୍ମ ସମାନ ଅଭିଧା ନେଇ ପ୍ରକାଶିତ ହେଲା। ହିନ୍ଦୁଧର୍ମର ବିଭିନ୍ନ ଶାସ୍ତ୍ର ଧର୍ମର ଏହି ନୂତନ ଅଭିଧାକୁ କାଳକ୍ରମେ ଆତ୍ମସାତ କରିଥିଲା।

ଆଜି ଧର୍ମ ବା ରିଲିଜନ କହିଲେ ଯାହା ବୁଝାଯାଏ ତାହା ଦୁଇଟି ଭାଗରେ ବିଭକ୍ତ: ଗୋଟିଏ ହେଲା ଆଦିମ ଧର୍ମ, ଅନ୍ୟଟି ହେଲା ସଂଗଠିତ-ଧର୍ମ। ହିନ୍ଦୁ, ବୌଦ୍ଧ, ଇସ୍‌ଲାମ, ଖ୍ରୀଷ୍ଟ ଧର୍ମ ଆଦି ସଂଗଠିତ ଧର୍ମ ରୂପେ ପରିଚିତ ହେଲାବେଳେ, ଆଦିମ ଜନଜାତିମାନଂକର ଧର୍ମ ଆଦିମ ଧର୍ମ ବା ପ୍ରିମିଟିଭ୍ ରିଲିଜନ ଭାବରେ ପରିଚିତ। ପ୍ରତ୍ୟେକ ମଣିଷ ବଞ୍ଚିବାର ଆକାଙ୍କ୍ଷା ଭିତରେ ସମାଜ ଜୀବନର ଆବଶ୍ୟକତା ହେତୁ, ଗୋଷ୍ଠୀ ଜୀବନକୁ ସଂହତ କରିବା ପାଇଁ ଯେଉଁ ଶୃଙ୍ଖଳାକୁ ଆଦରି ନେଇଥାଏ, ତାହା ଆଦିମ ଧର୍ମର ମୂଳ ରୂପ। ତା'ର ବିଶ୍ୱାସ, କଳ୍ପନା, ଆକାଙ୍କ୍ଷା, ଧର୍ମର ବିଭିନ୍ନ ପ୍ରତୀକରେ ରୂପାୟିତ। ପ୍ରତ୍ୟେକ ସଂଗଠିତ-ଧର୍ମର ଅଭ୍ୟୁଦୟ ପୂର୍ବରୁ ସେହି ଧର୍ମ ଅନ୍ତର୍ଗତ ମଣିଷମାନେ କୌଣସି ଆଦିମ ଧର୍ମକୁ ଗ୍ରହଣ କରିଥିଲେ। ଆଦିମ ଧର୍ମରେ କୌଣସି ମେସିଆ, ପୟଗମ୍ବର ବା ଭଗବାନଂକ ଅବତାର ନ ଥା'ନ୍ତି। ମଣିଷ ତାର ଆବଶ୍ୟକତା ହେତୁ ବିଭିନ୍ନ ପ୍ରାକୃତିକ ଉପାଦାନ ଓ କଳ୍ପିତ ବିଶ୍ୱାସବୋଧକୁ ଅଲୌକିକ ମହିମାରେ ଉଦ୍‌ଭାସିତ କରିଥାଏ। କାଠ ପଥର ଦେବତାର ଗୌରବରେ ମଣ୍ଡିତ ହୋଇଥାଏ। ଆଜି ବିଶ୍ୱରେ ଏହି ଆଦିମ ଧର୍ମାବଲମ୍ବିଂକ ସଂଖ୍ୟା ଅତି ସ୍ୱଳ୍ପ। ଆଦିମ ଅଧିବାସୀମାନଂକର ଯେଭଳି କୌଣସି ରାଷ୍ଟ୍ର ନଥାଏ, ଶୋଷଣ ପାଇଁ ଏକ ଯନ୍ତ୍ରର ସୃଷ୍ଟି କରାହୋଇ ନଥାଏ; ସେହିଭଳି ସେ ଧର୍ମର ମଧ୍ୟ କୌଣସି ବିଧି ନିଷେଧ ମଧ୍ୟ ନଥାଏ ବା ସେ ଧର୍ମର ବ୍ୟାପକତା ମଧ୍ୟ ନ ଥାଏ। ଅଞ୍ଚଳ ଭେଦରେ ଓ ସମାଜ ଭେଦରେ, ତାହା ଭିନ୍ନ ରୂପ ଧରିଥାଏ।

ପ୍ରତ୍ୟେକ ସଂଗଠିତ-ଧର୍ମ କେତେଗୁଡ଼ିଏ ମୌଳ ପ୍ରତ୍ୟୟ ଉପରେ ପ୍ରତିଷ୍ଠିତ। ଆଦିମ ଧର୍ମକୁ କୁସଂସ୍କାରଗ୍ରସ୍ତ, ଅବିଶ୍ୱାସ୍ୟ ଇତ୍ୟାଦି ଭାବରେ ଅଭିହିତ କରି ଏହି

ସଂଗଠିତ-ଧର୍ମଗୁଡ଼ିକର ଅଭ୍ୟୁଦୟ। ପ୍ରତ୍ୟେକ ସଂଗଠିତ ଧର୍ମରେ ଜଣେ ଜଣେ ପୟଗମ୍ବର, ଭଗବାନ ପୁତ୍ର ବା ସ୍ୱୟଂ ଭଗବାନ ପ୍ରଚାରକ ରୂପେ ଅବତୀର୍ଣ୍ଣ ହୋଇଥା'ନ୍ତି। ଇସ୍‌ଲାମ୍‌ର ମହମ୍ମଦ, ଖ୍ରୀଷ୍ଟଧର୍ମର ଯୀଶୁଖ୍ରୀଷ୍ଟ, ବୌଦ୍ଧଧର୍ମର ସ୍ୱୟଂ ବୁଦ୍ଧ ଓ ହିନ୍ଦୁ ଧର୍ମର ରାମ, କୃଷ୍ଣ ପ୍ରମୁଖ ଏହାର ଦୃଷ୍ଟାନ୍ତ। ଏହି ସଂଗଠିତ-ଧର୍ମର ପ୍ରଚାରକମାନେ ଦାବୀ କରିଥା'ନ୍ତି ଯେ ସେମାନଂକ ମୁଖ ନିଃସୃତ ବାକ୍ୟଗୁଡ଼ିକ ତର୍କାତୀତ, ଅନପେକ୍ଷିତ, ସାର୍ବଜନୀନ ଓ ସ୍ୱୟଂସିଦ୍ଧ। ସେମାନେ ସଂପୂର୍ଣ୍ଣ ଜ୍ଞାନର ଅଧିକାରୀ; ଫଳରେ ସେମାନଂକର ବକ୍ତବ୍ୟଗୁଡ଼ିକ ଅତି ପ୍ରାଚୀନ ହେଲେ ବି ତାହା ସେହି ଧର୍ମ ଅନ୍ତର୍ଗତ ମଣିଷମାନେ ଗ୍ରହଣ କରିବା ପାଇଁ ବାଧ୍ୟ। ଦ୍ୱିତୀୟତଃ ପ୍ରତ୍ୟେକ ଧର୍ମର କେନ୍ଦ୍ରରେ ଜଣେ ଜଣେ ଭଗବାନ, ଗଡ୍‌, ଆଲ୍ଲା ବା ଜିହୋବା ଥାଆନ୍ତି। ସେ ଏହି ସମସ୍ତ ବିଶ୍ୱ ଜଗତର ସ୍ରଷ୍ଟା, ଶାସକ, ନିୟାମକ।

ବିଗତ ଶତାବ୍ଦୀ ଠାରୁ ଇଉରୋପର ତଥା ଭାରତର ମନୀଷୀମାନଂକ ମଧ୍ୟରେ ଧର୍ମର ସ୍ୱରୂପ ଓ ଭିତ୍ତିନେଇ ଗବେଷଣାର ଅନ୍ତ ନାହିଁ। ବିଶ୍ୱର ପ୍ରତ୍ୟେକ ମଣିଷ କୌଣସି ନା କୌଣସି ଧର୍ମ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥିବାରୁ ବିଶ୍ୱର ସମାଜ ବିଜ୍ଞାନୀ ଓ ମନୋବିଜ୍ଞାନୀମାନେ ଧର୍ମର ସ୍ୱରୂପ ନେଇ ନାନା ପ୍ରକାର ଚର୍ଚ୍ଚା କରିଛନ୍ତି। କାର୍ଲମାର୍କସଂକ ଭଳି ବ୍ୟକ୍ତିମାନେ ଧର୍ମକୁ 'ଶୋଷିତ ଓ ଜୀବନ-ସୁଖବଂଚିତ-ମଣିଷର ଦୀର୍ଘଶ୍ୱାସ ଓ ସେହି ଯନ୍ତ୍ରଣାକୁ ଭୁଲିବାର ଅଫିମ ବୋଲି କହିଲାବେଳେ[୧], ଡରଖାମ୍‌, ୱେବର ପ୍ରମୁଖ ସମାଜ ତତ୍ତ୍ୱବିତ୍‌ମାନେ ଏହାକୁ ସମାଜ ଜୀବନର ସ୍ୱଧର୍ମ ବୋଲି କହିଛନ୍ତି।

ଡରଖାମ୍‌ ତାଂକର ଧର୍ମ ସଂପର୍କିତ ଆଲୋଚନାରେ ସାଂସ୍କୃତିକ ଓ ସାମାଜିକ ସଂଗଠନ ଭିତରେ ଧର୍ମ କିଭଳି ଗଢି ଉଠେ ଓ ଏହି ସଂଗଠିତ ଧର୍ମ ସମାଜ ଓ ସାଂସ୍କୃତିକ ଜୀବନକୁ କିଭଳି ପ୍ରଭାବିତ, ବେଳେ ବେଳେ ସଂରଚନା କଲେ ତାହା ଦର୍ଶାଇଛନ୍ତି। ଧର୍ମର ଜଗତ ସବୁବେଳେ ଅମୂର୍ତ୍ତ। ଇହ ଜଗତ ସହିତ ପରଲୌକିକ ଜୀବନର ସେତୁବଂଧ ରଚନା କରୁଥିବାରୁ ଏହାର ପ୍ରତୀକ ଗୁଡ଼ିକ ପବିତ୍ର ଓ ତର୍କାତୀତ। ପ୍ରତ୍ୟେକ ଧର୍ମରେ ତେଣୁ ଥାଏ ତିନୋଟି ମୁଖ୍ୟ ଅଂଶ– (କ) ବିଶ୍ୱାସ ଓ ନିୟାମାବଳୀ ସଂପର୍କିତ ପବିତ୍ର ପୁସ୍ତାକାବଳୀ (ଖ) ଧର୍ମ ମଂଦିର (ଗ) ଧର୍ମନେତା।[୨]

## ଜୀବନର ଆଦିପର୍ବ :

ଡଃ ମାୟାଧର ମାନସିଂହଂକ ଜନ୍ମ ଓ ବାଲ୍ୟ ଜୀବନ ସଂପୂର୍ଣ୍ଣ ଗ୍ରାମୀଣ ପରିବେଶରେ ଅତିବାହିତ ହୋଇଥିଲଣ। ପାରଂପରିକ ଧର୍ମ ଓ ଈଶ୍ୱର ଚିନ୍ତା ହିଁ ମାନସିଂହଂକ ମାନସପଟରେ ଆସନ ଜମାଇ ବସିଥିଲା। କୌଣସି ଶକ୍ତିଶାଳୀ ବହିର୍ଚିନ୍ତାରାଜ୍ୟକୁ ପ୍ରବେଶ କରିବା ପୂର୍ବରୁ, ମାନସିଂହଂକ ଚିନ୍ତାରାଜ୍ୟରେ ଉତ୍କଳୀୟ ଗ୍ରାମୀଣ ସମାଜରେ ପ୍ରଚଳିତ ଈଶ୍ୱର ସଂପର୍କୀୟ ଧାରଣା ହିଁ ଜାଗ୍ରତ ଥିଲା। କାରଣ 'ମୁଁ କାହିଁକି ଲେଖେ' ଆଲୋଚନାରେ ମାନସିଂହ ତାଂକର ଆଦ୍ୟ ଜୀବନର ଧାରଣା ସଂପର୍କରେ ଲେଖିଛନ୍ତି: ''ଏବେ ମୁଁ ବହୁକାଳ ଧରି ଅପୌତ୍ତଳିକ। ହିଂଦୁ ଦେବ ଦେବୀଂକର ପ୍ରତିମାକୁ ମୁଁ ନମସ୍କାର କରେନା।

ମୋର ବର୍ତ୍ତମାନ ବଦ୍ଧ ଧାରଣା ଯେ ଏଇ ପୌତ୍ତଳିକାତା ଓ ବ୍ରାହ୍ମଣନିର୍ଭର ସାମାଜିକ ଜୀବନ ପରିତ୍ୟାଗ ନ କଲେ ସାମଗ୍ରିକ ଭାବରେ ହିଂଦୁ ସମାଜ କେବେହେଲେ ସଭ୍ୟ ବା ଉନ୍ନତ ହୋଇପାରିବ ନାହିଁ। କିନ୍ତୁ ସେହି ସୁଦୂର ବାଲ୍ୟ ଜୀବନରେ ମୁଁ ହିଂଦୁ ଦେବଦେବୀଂକର ଏକାନ୍ତ ଭକ୍ତ ଥିଲି। ଗଣେଷ ଓ ସରସ୍ୱତୀଂକ ସ୍ତୋତ୍ର ମୁଖସ୍ତ କରି ପ୍ରତ୍ୟହ ପାରାୟଣ କରୁଥିଲି। ଭିନ୍ନ ଭିନ୍ନ ଦେବ ଦେବୀଂକୁ ତାଂକର ମଂଦିରେ ମଂଦିରେ ଘୁରି ନିଜର ସେ କାଳର ଛୋଟ ଛୋଟ ଦୁଃଖ କହି ଆସୁଥିଲି; ଯଦିବା ମୋର ଦରଖାସ୍ତ ବରାବର ନାମଂଜୁର ହେଉଥାଏ।''୩

ଧର୍ମ ଓ ଭଗବାନଂଙ୍କ ସଂବଂଧରେ ଆଲୋଚନା କରିବା ବା ଅନୁଧ୍ୟାନ କରିବା ମାନସିଂହଂକର ଆଦ୍ୟ ଜୀବନରୁ ଏକ ଅଭ୍ୟାସ ଥିଲା। ଧର୍ମଚର୍ଚ୍ଚାର ଦୃଷ୍ଟିକୋଣ ଯାହା ହେଉନା କାହିଁକି, ଧର୍ମ ଓ ଈଶ୍ୱରଂକ ସଂପର୍କରେ ଅବଗତ ହେବା ପାଇଁ ତାଂକର ଆଦ୍ୟ ପ୍ରୟାସ ସଂପର୍କରେ ମାନସିଂହ ଲେଖିଛନ୍ତି: ''ଏ କାଳର ସାଧାରଣ ପାଠକ ପାଠିକା ଯେଉଁ ଉତ୍ସାହ ଓ ଅନୁରାଗରେ ଗଳ୍ପ ଉପନ୍ୟାସ ପଢିଥା'ନ୍ତି ଏହି ଲେଖକ ମିଡ଼ିଲ୍ ସ୍କୁଲର ଛାତ୍ର ଥିଲାବେଳରୁହିଁ ସେହି ଉତ୍ସାହ ଓ ଅନୁରାଗ ସହିତ ଧର୍ମ ଦର୍ଶନର ପୁସ୍ତକାବଳୀ ପଢି ଆସିଛୁ।୪

ଦୁଃଖ ଓ ଅଭାବ ଭିତରେ ବଢିଥିବା ବ୍ୟକ୍ତି ସଦାସର୍ବଦା କୌଣସି ଏକ ଅଜଣା ଶକ୍ତିର ଆଶ୍ରୟ ନେବାକୁ ଆଗ୍ରହ ପ୍ରକାଶ କରିଥାଏ। ଏହି ଆଗ୍ରହ ଗତିଶୀଳ ଥାଏ ଯେତେବେଳେ ପର୍ଯ୍ୟନ୍ତ କୌଣସି ପ୍ରତିବଂଧକର ସେ ସମ୍ମୁଖୀନ ନ ହୋଇଛି। ପାରିବାରିକ ଜୀବନରେ ପିତୃମାତୃହୀନ ଅବସ୍ଥା ସହିତ ଆର୍ଥିକ ଅଭାବହିଁ ତାଂକୁ ଆତ୍ମାର ସୁଖ ଓ ଆନଂଦର ପ୍ରତିଶ୍ରୁତି ଆଶାରେ ଏକ ଅଜ୍ଞାତ ଈଶ୍ୱରଂକର ଅନ୍ୱେଷଣରେ ବ୍ରତୀ କରିଛି। ଏ ସଂପର୍କରେ ମାନସିଂହ କହିନ୍ତି: ''ଦୁଃଖ ଅଭାବ ବା ଜୀବନର ଅପୂର୍ଣ୍ଣତାର ତୀବ୍ର ଅନୁଭବ ଭିତରେ ବଢି ଚାଲିଥିବାରୁ, ଆଲୋକ ଓ ଆନନ୍ଦର ପ୍ରତିଶ୍ରୁତି ପାଇଁ ଯେଉଁ ଅନୁସନ୍ଧାନ ତାହା ଯେ କୌଣସି ଲୋକର ନିଜ ଧର୍ମରୁହିଁ ଆରମ୍ଭ ହେବ, ଏହାତ ସ୍ୱାଭାବିକ କଥା। ମନେ ପଡୁଛି ମିଡ଼ିଲ୍ ସ୍କୁଲର ଛାତ୍ର ଥିଲାବେଳେ ହିଁ, ସେ କାଳରେ ପରିପ୍ରଚାରିତ ମହିମ ଶ୍ରୀମଦ୍ ସ୍ୱାମୀ ନିଗମାନଂଦ ସରସ୍ୱତୀଂକର ବଂଗଭାଷା ଲିଖିତ ପ୍ରାୟ ସମସ୍ତ ପୁସ୍ତକ, ନିଜ ବ୍ୟୟରେ ସୁଦୂର ଆସାମରୁ ମଗାଇ, ଅତ୍ୟନ୍ତ ମନଯୋଗ ଦେଇ ଏ ଲେଖକ ପଢିଚାଲିଥିଲା। ତା ପରେ ଆସିଲା ରାମକୃଷ୍ଣ ବିବେକାନଂଦଂକ ପ୍ରଭାବ। ମୂଳ ବଂଗଳାରେ ରାମକୃଷ୍ଣ କଥାମୃତ ଏବଂ ବଂଗଳା ଓ ଇଂରାଜୀରେ ଲିଖିତ ରାମକୃଷ୍ଣ ବିବେକାନଂଦଂକ ଜୀବନୀକୁ, ଲେଖକ କେତେଥର ଯେ ପୁନରାବୃତ୍ତିର ଦୁଃସହତା ପରିବର୍ତ୍ତରେ ଆନଂଦୋଜ୍ୱଳ ଉତ୍ସାହରେ ପାଠ କରିଛି, ତାହା ଅଗଣ୍ୟ କହିଲେ ମଧ୍ୟ ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ।''୫

ମାନସିଂହଂକ ପରିବେଶ ଥିଲା ଏକ ବଦ୍ଧ ପରିବେଶ। ପାରଂପଂରିକ ଭାବେ ଯାହା ଚଳି ଆସିଛି, ଯାହା ମହାଜନମାନଂକ ଦ୍ୱାରା ସ୍ୱୀକୃତ ହୋଇ ଆସିଛି ସେ ସବୁକୁ ଗ୍ରହଣ କରିନେବା - ଗ୍ରାମୀଣ ଜୀବନର ହେଉଛି ଆଦର୍ଶ। ବାଲ୍ୟକାଳରୁ ମାନସିଂହ

କିନ୍ତୁ ଜୀବନକୁ ପ୍ରଶ୍ନହୀନ ଭାବରେ ଦେଖି ନାହାନ୍ତି ବିଶ୍ୱାସ ଏବଂ ଆଦର୍ଶ; ଏଇ ଉଭୟ ଭିତରେ ଥିବା ଦ୍ୱୈତାର ଅନୁଭବ ତାଂକର ଜିଜ୍ଞାସାବୋଧକୁ କରିଛି ଉନ୍ମେଷିତ। ଜୀବନର ପ୍ରଥମ ପର୍ଯ୍ୟାୟରୁ ଧର୍ମ ଓ ଭଗବାନଂକ ପ୍ରତି ତାଂକର ଦୃଷ୍ଟିକୋଣ ପାରଂପରିକ ବିଶ୍ୱାସଠାରୁ ବିଚ୍ଛିନ୍ନ ନ ହେଲେ ବି କିଞ୍ଚିତ୍ ଦୂରବର୍ତ୍ତୀ ହୋଇ ପଡ଼ିଛି। ପ୍ରକୃତିର ସ୍ୱାଭାବିକ କ୍ରିୟାକୁ ସେ ଧର୍ମ ଭାବରେ ହିଁ ବୁଝିଥିଲେ। 'ପରଧର୍ମ' ପ୍ରବଂଧରେ ସେ ଉଲ୍ଲେଖ କରିଥିଲେ ଯେ: ''ବିଧାତାଂକ ସୃଷ୍ଟିର କୌଶଳ ଏହି ଯେ, ଏହା ଅଲଂଘ୍ୟ ନିୟମାବଳୀ ଉପରେ ପ୍ରତିଷ୍ଠିତ ଓ ଚାଳିତ। ବିରାଟ ଜ୍ୟୋତିଷ୍କମାନଂକ ଠାରୁ ଆରମ୍ଭ କରି ନଗଣ୍ୟତମ କୀଟ ପର୍ଯ୍ୟନ୍ତ ସମସ୍ତଂକୁ ଏହି ନିୟମର ଶାସନ ମାନିବାକୁ ହୁଏ। ସୃଷ୍ଟିର ପ୍ରତ୍ୟେକ ଉପାଦାନ ପାଇଁ ତା'ର ନିଜର ଗୋଟିଏ ସ୍ୱତନ୍ତ୍ର ପରିଧି ଅଛି। ଏହି ପରିଧି ଏହାର ବିକାଶ ପାଇଁ ଯଥେଷ୍ଟ। ଏହି ସୀମା ଲଂଘନ କଲେ ଏହାର ବିକାଶ ତ ସମ୍ଭବ ନୁହେଁ, ବିନାଶ ନିଶ୍ଚିତ। ନିଜର ସୀମା ମଧ୍ୟରେ ରହି ନିଜକୁ ବିକଶିତ କରିବାର ନାମ ଧର୍ମ।''[୬] ମାନସିଂହଂକ ବିଚାରରେ ସ୍ୱାତନ୍ତ୍ର୍ୟ ହିଁ ସୃଷ୍ଟିର ଧର୍ମ। ଏହି ଧର୍ମ ହିଁ ଧରଣୀକୁ ଧରି ରଖିଛି। ମଣିଷ ନିଜର ସ୍ୱାର୍ଥ ସାଧନ କରିବା ପାଇଁ ଧର୍ମକୁ ନିଜର ସୁବିଧା ଅନୁସାରେ ପ୍ରୟୋଗ କରି ଆସିଅଛି। ସ୍ୱାର୍ଥସର୍ବସ୍ୱ ମଣିଷ, ରାମକୃଷ୍ଣ ବିବେକାନଂଦ ଓ ନିଗମାନଂଦଂକ ପରି ସାଧକମାନଂକୁ ଗାଲଗଳ୍ପର ନାୟକରେ ପରିଣତ କରି ଦେଇଛି। ଠାକୁର ରାମକୃଷ୍ଣ ପରମହଂସ ଓ ବିବେକାନଂଦଂକ ସଂପର୍କରେ ମାନସିଂହ ଲେଖିଛନ୍ତି: ''ଏଠାରେ କହିରଖେ ଯେ, ବିଶ୍ୱର ସମଗ୍ର ଧର୍ମ ଇତିହାସରେ ଏ ଦୁଇଟି ଅତୁଳନୀୟ ଓ ଅ-ପଟାନ୍ତର-ନାସ୍ତି ଗୁରୁ ଶିଷ୍ୟଂକୁ ବଂଗାଳୀ-ଲେଖକ-ଭାଇମାନେ ଯେପରି ଭାବରେ ଗାଲ-ଗଳ୍ପ-ଖଚିତ ପୁରାଣରେ ପରିଣତ କରି ସାରିଛନ୍ତି, ଏ ଲେଖକର ହେତୁବାଦୀ ଚିତ୍ତ ତାହାକୁ ତ ଗ୍ରହଣ କରିପାରି ନାହିଁ, ବରଂ ଏ ପ୍ରକାର ପ୍ରଚେଷ୍ଟାର ଅନୌଚିତ୍ୟକୁ ଅନ୍ତରର ସହିତ ଘୃଣା କରି ଆସିଛି।''[୭]

ଧର୍ମଚର୍ଚ୍ଚାର ଅଭ୍ୟାସ ମାନସିଂହଂକର ଆଦ୍ୟଜୀବନରୁ ରହି ଆସିଛି ବୋଲି ପୂର୍ବରୁ ସୂଚନା ପ୍ରଦାନ କରାଯାଇଛି। ସେ ଖୋର୍ଦ୍ଧା ହାଇସ୍କୁଲରେ ଅଧ୍ୟୟନ କରିବା ସମୟରେ ତାଂକର ଜନୈକ ହିତାକାଙ୍କ୍ଷୀ ଶିକ୍ଷକ ମାୟାଧରଂକ ସମେତ କେତେକ ଛାତ୍ରଂକୁ ଗୀତା ପାଠଚକ୍ରରେ ସଂପୃକ୍ତ କରାଇଥିଲେ। ସେତେବେଳେ ସଂସ୍କୃତ ଜ୍ଞାନ ଓ ସ୍ୱତଃସ୍ଫୂର୍ତ୍ତ ଜିଜ୍ଞାସାର ଅଭାବରୁ ସେ ଚର୍ଚ୍ଚା ତାଂକୁ ବିଶେଷ ଆକୃଷ୍ଟ କରି ନଥିଲା। କଲେଜ ଛାଡ଼ି ଜୀବନାରମ୍ଭ, ତା'ପରେ ଆସିଥିବା ମୋହ ନାଶକ ଅଭିଜ୍ଞତା ସବୁରୁ ଓ ପରେ ମହାତ୍ମାଗାଂଧୀଂକର ଗୀତା ପ୍ରତି ଥିବା ଶ୍ରଦ୍ଧା ଦ୍ୱାରା ଅନୁପ୍ରାଣିତ ହୋଇ ସେ ଗୀତା-ଚର୍ଚ୍ଚା ଆରମ୍ଭ କରିଥିଲେ।

ହାଇସ୍କୁଲ ଜୀବନ ଶେଷ ହେବା ପର୍ଯ୍ୟନ୍ତ ପାରଂପରିକ ହିଂଦୁଧର୍ମର ଆଚାର ବ୍ୟବହାର ପ୍ରତି ମାନସିଂହଂକର ଆସ୍ଥା ଥିଲା; ମାତ୍ର ସେ ହାଇସ୍କୁଲ ଛାଡ଼ି ରେଭେନ୍‌ସା କଲେଜ ଲାଇବ୍ରେରୀ ସହିତ ପରିଚିତ ହେଲା ପରେ, ଧର୍ମ ସଂପର୍କରେ ତାଂକ ଧାରଣାର ବିରାଟ ପରିବର୍ତ୍ତନ ହେଲା। ବିଶ୍ୱାସ ସହିତ ଜ୍ଞାନ ଓ ବୁଦ୍ଧିର ସଂଘର୍ଷ ହେଲାବେଳେ ବିଶ୍ୱାସ ଆପେ ଆପେ ଜ୍ଞାନ ନିକଟରେ ପରାଜୟ ବରଣ କରିଥାଏ। ମାନସିଂହ କହନ୍ତି:

"ଲେଖକର ଏକ ସହଜାତ ହେତୁବାଦ ପ୍ରବଣତା ଅଛି। ଆମେ ସାଧାରଣତଃ ଭୁଲିଯାଉ ଯେ ଆମେ ଆଜି ସଂପୂର୍ଣ୍ଣ ହେତୁବାଦ-ପ୍ରତିଷ୍ଠ ମାନବେତିହାସର ଶ୍ରେଷ୍ଠଜ୍ଞାନୋଜ୍ଜ୍ୱଳ ବୈଜ୍ଞାନିକ ଯୁଗରେ ଜନ୍ମ ହୋଇଛେ। ଏ ସେହି ଯୁଗ, ଯେଉଁଠି ମନୁଷ୍ୟ ପୃଥିବୀ ଜୟ କରିସାରିବା ପରେ ଗ୍ରହ ଉପଗ୍ରହକୁ ଜୟ କରିବାକୁ ଯାଉଛି, କେବଳ ଜ୍ଞାନ ବଳରେ।"[୮]

କବିତା ରଚନା ଓ ସାହିତ୍ୟ ଚର୍ଚ୍ଚା ମଧ୍ୟଦେଇ, ମାନସିଂହ 'ଉତ୍କଳ ସାହିତ୍ୟ'ର ସଂପାଦକ ବିଶ୍ୱନାଥ କରଂକ ପରିଚୟରେ ଆସନ୍ତି। ପ୍ରବୀଣ ସଂପାଦକ ବିଶ୍ୱନାଥ କରଂକ ପ୍ରତି ତାଂକର ଶ୍ରଦ୍ଧା ଓ ସମ୍ମାନ ତାଂକୁ ବ୍ରାହ୍ମ ଧର୍ମ ପ୍ରତି ଆକୃଷ୍ଟ କରିଥିଲା। ସମକାଳରେ ତାଂକର ବଂଧୁ ଥିଲେ, ପରବର୍ତ୍ତୀକାଳର କମ୍ୟୁନିଷ୍ଟ ନେତା ଭଗବତୀ ଚରଣ ପାଣିଗ୍ରାହୀ। ଭଗବତୀ ବାବୁ କଲେଜରେ ଅଧ୍ୟୟନ କାଳରୁ ପାରଂପରିକ ହିଂଦୁ ଧର୍ମର ଜନ୍ମଗତ-ପୌରୋହିତ୍ୟ, ଜାତି-ପ୍ରଥା, ଅସ୍ପୃଶ୍ୟତା ଓ ପୌତ୍ତଳିକତା ପ୍ରଭୃତି ଅଣ-ହେତୁକ ସଂସ୍କାର ପ୍ରତି ବୀତସ୍ପୃହ ହୋଇ ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ। ସେ ସମୟରେ ଭଗବତୀବାବୁ ଓ ମାନସିଂହ ହିଂଦୁଧର୍ମ ସଂପର୍କରେ ପୁସ୍ତକାଦି ଆଣି ପାଠ କରିଥିଲେ। ମାନସିଂହଂକର ବିଶ୍ୱନାଥ କରଂକ ସହିତ ପରିଚିତ ସାହିତ୍ୟ ଓ ଧର୍ମ ଉଭୟ ଦିଗରୁ ଘଟିଥିଲା। କବି ଜୀବନର ପ୍ରାରମ୍ଭରେ ସେ ନିଜେ ଥିଲେ ରବୀଂଦ୍ରଭକ୍ତ। ରବୀଂଦ୍ରଂକର ଅପୌତ୍ତଳିକ ଜୀବନଦେବତା ଓ ଧର୍ମ ବିଶ୍ୱାସ ମାନସିଂହଂକର ତରୁଣ ପ୍ରାଣରେ ନୂତନ ଚେତନାର ଇଂଦ୍ରଧନୁ ରଚନା କରିଥିଲା। ତେଣୁ ରବୀଂଦ୍ର, ବିଶ୍ୱନାଥ ଓ ଭଗବତୀ ଏଇ ତିନିଜଣଙ୍କର ପ୍ରଭାବରେ ହିନ୍ଦୁଧର୍ମ ପ୍ରତି ତାଂକର ଦୃଷ୍ଟିକୋଣ ଜଟିଳ ହୋଇପଡ଼ିଥିଲା। ପରବର୍ତ୍ତୀ କାଳରେ ଲିଖିତ ତାଂକର 'କମଳାୟନ' କାବ୍ୟରେ ଏହାର ପ୍ରତିକ୍ରିୟା ସ୍ପଷ୍ଟ।

ଚିନ୍ତାରାଜ୍ୟରେ ପରିବର୍ତ୍ତନ ସଂଗେ ସଂଗେ ସେ ନିଜସ୍ୱ ଦୃଷ୍ଟିକୋଣରୁ ମଧ୍ୟ ଧର୍ମକୁ ବିଚାର କରିଛନ୍ତି। 'କୁଳଟା ରାଧା' କବିତାରେ ସେ ମାନବିକ ଦୃଷ୍ଟିକୋଣରୁ ରାଧାଂକୁ ଅବଲୋକନ କରିଛନ୍ତି। ପ୍ରେମମୟୀ ରାଧା, ଜଟିଳା-କୁଟିଳାଂକ ଦୃଷ୍ଟିରେ ଦୋ-ଚାରୁଣୀ ହୋଇପାରନ୍ତି ମାତ୍ର କୃଷ୍ଣଂକ ପ୍ରତି ତାଂକର ଏକନିଷ୍ଠ ପ୍ରେମ ହିଁ କବିଂକୁ ମୁଗ୍ଧ କରିଛି। ଅଗଣିତ ଭକ୍ତଂକ ଦୃଷ୍ଟିକୋଣଠାରୁ ମାନସିଂହଂକ ଦୃଷ୍ଟିକୋଣ ସଂପୂର୍ଣ୍ଣ ଭିନ୍ନ। ସେ ଲେଖିଛନ୍ତି—

"ଦଳେ ଦଳେ ଗୋପାଳୁଣୀ ଚଳିଲେ ଘରେ
ଟାହଲି କରିନ୍ତି କେତେ ଏକ ସ୍ଥାନରେ
କବି କିନ୍ତୁ ନ ଚାହିଁଲା ସେ ସତୀ ଜନେ
ପ୍ରଣତି ବିହିଲା ଦୋ-ଚାରିଣୀ ଚରଣେ।"[୯]

'ଧୂପ'ର 'ପାପ ଓ ପ୍ରେମ' କବିତାରେ କବି ସମାଜପତିମାନଂକ ବିରୋଧରେ ବିଦ୍ରୋହ ଘୋଷଣା କରିଛନ୍ତି। ସମାଜର ବଡ଼ପଣ୍ଡାମାନେ ଧର୍ମ, ଈଶ୍ୱର ଓ ନୈତିକତାର ଦ୍ୱାହିଦେଇ, ମଣିଷର ପ୍ରେମକୁ, ହୃଦୟକୁ ହତ୍ୟା କରନ୍ତି। ସେ ସଂପର୍କରେ ମାନସିଂହଂକ ପ୍ରତିକିୟା ଅତ୍ୟନ୍ତ ତୀବ୍ର।[୧୦] 'ଗୋପ ପ୍ରୟାଣ' କବିତାରେ ମାନସିଂହଂକର ମତ ହେଲା— ଧର୍ମର ଘୋଡ଼ଣୀ କେତେକ ସ୍ୱାର୍ଥପର ସମାଜପତିମାନଂକର ରକ୍ଷା-କବଚ। ସେମାନେ ନିଜର ସୁଖ ସୁବିଧା ପାଇଁ ଧର୍ମକୁ ନାନା ଉପାୟରେ ଉପଯୋଗ କରୁଛନ୍ତି। ମାତ୍ର ମାନବର ଅସହାୟ ପ୍ରାଣର ସଖା ଗୋପବଂଧୁ ସେମାନଂକ ପରି ନୁହନ୍ତି। କବି କହିଛନ୍ତି:

"ଧାର୍ମିକ ସବୁ ନିଜସୁଖ ଖାଲି ଦେବତାରେ ଅଛ ମାଗି,
ପରସୁଖ ପାଇଁ ସେ ଡାକିଛି ତା'ର ଦେବତା ରାତ୍ରି ଜାଗି।[୧୧]

ମାନିସିଂହଂକ ଅନ୍ତର ଭିତରେ ପ୍ରାଚ୍ୟ ମନ ଓ ପାଶ୍ଚାତ୍ୟ ଜ୍ଞାନ ମଧ୍ୟରେ ଜୀବନର ଶେଷ ପର୍ଯ୍ୟନ୍ତ ଦ୍ୱଂଦ୍ୱ ଦେଖା ଦେଇଛି। ଦୟାନଂଦ ସରସ୍ୱତୀ, ରାଜା ରାମମୋହାନ ରାୟ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନଂଦ, ଯୋଗୀ ଅରବିଂଦ ପ୍ରମୁଖ ଯୁଗପୁରୁଷମାନେ ମାନସିଂହଂକ ମନରେ ଯେଉଁ ଧାରଣା ପ୍ରଦାନ କଲେ, ତଦ୍ୱାରା ସେ ପ୍ରଭାବିତ ହେଲେ ମଧ୍ୟ କବିସୁଲଭ୍ ଭାବ ପ୍ରବଣତା ତାଂକ ପାଖରେ ଅଗ୍ରାଧିକାର ଲାଭ କରିଥିଲା। ନାନା ଯୁକ୍ତିର ସଂତୁଳନ ମଧ୍ୟରେ ବି ତାଂକ ଭିତରେ ଭାବପ୍ରବଣତା ରହିଯାଇଛି। ଏଣୁ ଜୀବନର ଶେଷ ପର୍ଯ୍ୟନ୍ତ ସେ ଖାଲି ନାନା ପ୍ରଶ୍ନ ଓ ତା'ର ସମାଧାନ ପାଇଁ ବାଟ ଖୋଜି ସନ୍ତୁଳି ହୋଇଛନ୍ତି। ସାଧାରଣତଃ ଯୌବନାବସ୍ଥାରେ ଚିତ୍ତରେ ଚାଞ୍ଚଲ୍ୟ ଦେଖାଯାଏ, ଧର୍ମ ଓ ଭଗବାନଂକ ସଂପର୍କରେ ନାନା ଚିନ୍ତା ଆସି ପୁଣି ଉଭେଇଯାଏ। ଏହି ସମୟର ଯୁକ୍ତିବାଦୀ ମନ ନାନା ନୂଆ ଚିନ୍ତାର ଆଶ୍ରୟ କରି ପରୀକ୍ଷା ନିରୀକ୍ଷା କରେ। ଧର୍ମଚର୍ଚ୍ଚା କ୍ଷେତ୍ରରେ ଏ ସମୟରେ ଭାବପ୍ରବଣତା ଦେଖା ଦେଇଥାଏ। କିନ୍ତୁ ସାମାଜିକ ପରିବେଶ ଅନୁସାରେ ମାନସିଂହଂକ ମନ, ନିଜର ଅଭାବ, ଦୁର୍ଦ୍ଦଶା ବା ପ୍ରେମ ବ୍ୟାପାରରେ ନିଜକୁ ଦୋଷୀ କରିବାକୁ ଲାଗିଛି; ତେଣୁ ସେ ଭଗବାନଂକ ଉପରେ ଆସ୍ଥା ରଖିଲେ ମଧ୍ୟ, ସବୁବେଳେ ପିତୁଳା ପୂଜାକୁ ଅସ୍ୱୀକାର କରିଛନ୍ତି।

'ପଂଗୁର ଭିକ୍ଷା' କବିତାରେ କବିଂକର ଅସହାୟଭାବ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। କବି ବିକଳ ଭାବରେ ପ୍ରାଣର ଦେବତାଂକୁ ଆଶ୍ରାପାଇଁ ନିବେଦନ କରି କହିଛନ୍ତି :—

"ସକଳ ଯେବେ ଯିବେ ହେ ଏକାକରି
ପ୍ରଭୁ ହେ ଯାଇଁ ଡାକିବି ପାଦ ଧରି
ଦେବକି ନାହିଁ ଚରଣେ ତବ ଥାନ
ହେ ମୋର ପ୍ରଭୁ ବ୍ରହ୍ମାଣ୍ଡ ପାବନ ?"[୧୨]

ମାତ୍ର 'ଶୁଣୁନା କିଆଁ' କବିତାରେ କବିଂକର ଈଶ୍ୱର ନାମ ଓ ସ୍ଥାନର ଉର୍ଦ୍ଧ୍ୱରେ। ତଥାପି କୌଣସ ଏକ ଅଜଣା ଶକ୍ତିର ନିକଟରେ କବି ନିଜର ପ୍ରାଣର ବେଦନାକୁ ଉପସ୍ଥାପନ କରିଛନ୍ତି। ପ୍ରାଣର ବ୍ୟଥିତ ଅଶ୍ରୁପାତରେ ଦୁର୍ବିସହ ଜୀବନର ବେଦନାକୁ ବର୍ଣ୍ଣନା କରି ସେହି ଅନନ୍ତ ଶକ୍ତିଂକ ନିକଟରେ ପ୍ରାଣକୁ ସମର୍ପଣ କରିବାର କାମନା କରି ଲେଖିଛନ୍ତି :—

'ଜୀବନ ଫୁଲ ମୋର
ଚରଣ ତଳ ଧୂଳିରେ ପଡ଼ି ହେଉହେ ମୁକ୍ତି ଭୋଳ।
ଏଇତ ଭିକ୍ଷା ହରି
ଶୁଣୁନା କିଆଁ କହ, କି ଆତଂକେ ଡରି।[୧୩]

'ପ୍ରାର୍ଥନା' କବିତାରେ କବିଂକ ଈଶ୍ୱର ବିଶ୍ୱାସ ଅଧିକ ସ୍ପଷ୍ଟ। କବି କଠୋର ଜୀବନରଣରେ ନିତ୍ୟ ପରାହତ। କବି ଦୁର୍ବଳ, ଦରିଦ୍ର ଓ ସର୍ବଦା ଦୁଃଖୀ ହୋଇ ମଧ୍ୟ ଦେବତାଂକର

ଅନୁଗ୍ରହ ସଂପର୍କରେ ଜାଣି ପାରିନଥିବାରୁ ପ୍ରାୟତଃ ଚିନ୍ତିତ। ପ୍ରତ୍ୟହ ଚଉଦିଗରେ ଜୀବ ଜଗତର ଯେଉଁ ହାହାକାର ଉଠଛି, ସେଥିରେ କିଏବା ବିଶ୍ୱାସ କରିବ ଯେ, ଜଣେ ଶିବ ଶୁଭଂକର ସ୍ରଷ୍ଟାଂକର ଉପସ୍ଥିତି ବାସ୍ତବ। ସମୟେ ସମୟେ କବି ଭାବନ୍ତି, ଯେ କେହି ଜଣେ ସ୍ରଷ୍ଟା ଅଛନ୍ତି ଯେ ଏହି ଶୋକ ସନ୍ତପ୍ତ ମନୁଷ୍ୟର କଥାକୁ ବୁଝୁଛନ୍ତି।[୧୪]

ପୌତ୍ତଳିକତା ସଂପର୍କରେ ମାନସିଂହ ଉଲ୍ଲେଖ କରିଛନ୍ତି: "ପୌତ୍ତଳିକତା ସାଧାରଣତଃ ଧର୍ମ ଭାବକୁ ସଂକୀର୍ଣ୍ଣ କରେ। ଭଗବାନ ଯେ ସର୍ବ ବ୍ୟାପୀ, ସବୁ ଦେଶର ସବୁ କାଳର, ଏହି ଅନନ୍ତ ବିଶ୍ୱକୁ ବ୍ୟାପିରହି ଅଛନ୍ତି, ଏ ଧାରଣା ପ୍ରତିମା ପୂଜାରୀଂକ ମନକୁ ଆସେ ନାହିଁ। ରାମାନୁଜୀ, ଶାକ୍ତ, ଶୈବ, ଦ୍ୱୈତ-ଅଦ୍ୱୈତ-ବିଶିଷ୍ଟଦ୍ୱୈତ-କେତେମତ କେତେପଥ। ଏମାନେ ପ୍ରତ୍ୟେକ ଏକ ଏକ ଈଶ୍ୱର ସୃଷ୍ଟି କରି ଅଛନ୍ତି ଏବଂ ପ୍ରତ୍ୟେକର ଦେବତା ଅନ୍ୟ ଦେବତାର ଶତ୍ରୁ।"[୧୫] ଏହି ସଂକୀର୍ଣ୍ଣ ପରିଧି ମଧ୍ୟରୁ ବାହାରିଯାଇ, ଯେଉଁ କେତେଜଣ ଭକ୍ତସାଧକ, ଦିବ୍ୟଜ୍ଞାନ ଲାଭ କରିଅଛନ୍ତି ସେମାନଂକୁ ମାନସିଂହ ସଶ୍ରଦ୍ଧ ଚିତ୍ତରେ ସ୍ମରଣ କରିଅଛନ୍ତି। କବି ଗୋପାଳକୃଷ୍ଣ, ମାନସିଂହଂକ ଦୃଷ୍ଟିରେ ଜଣେ ଦିବ୍ୟଦୃଷ୍ଟି ସଂପନ୍ନ ଭକ୍ତ। ଲୌକିକ ପୌତ୍ତଳିକତା ଓ ସଂକୀର୍ଣ୍ଣ ଧର୍ମ ବିଶ୍ୱାସର ଉପରକୁ ଉଠି ସେ କିପରି ବିଶ୍ୱଭାବ ସବୁ ଉପଲବ୍ଧି କରି ଅଛନ୍ତି ତାହା ଜାଣି ମାନସିଂହ ଆଶ୍ଚର୍ଯ୍ୟ ହୋଇଛନ୍ତି। କବି ଗୋପାଳକୃଷ୍ଣଂକ ସଂପର୍କରେ ମାନସିଂହ ଯାହା ମନ୍ତବ୍ୟ ଦେଇଛନ୍ତି, ତାହା ମାନସିଂହଂକର ଧର୍ମଭାବକୁ ହିଁ ବ୍ୟକ୍ତ କରୁଅଛି। ସେ କହିଛନ୍ତି: "ଈଶ୍ୱର କଳ୍ପନାରେ ବିଶ୍ୱଜନୀନତା ଭଗବତ ନିବେଦନରେ ଗଭୀର ଅନୁଭୂତି, ଆଶା-ନିରାଶା-ଗର୍ବ-ଆତ୍ମ ସମର୍ପଣ ପ୍ରଭୃତି ନାନା ଭାବର ଏପରି ପ୍ରାଂଜଳ ପ୍ରକାଶ ଦେଖିଲେ ନିଃସଂଦେହରେ କୁହାଯାଇପାରେ ଯେ, କବି ଆଉ କିଛିବର୍ଷ ପରେ ଜନ୍ମ ହୋଇ ପାଶ୍ଚାତ୍ୟ ଶିକ୍ଷା ଲାଭ କରିଥିଲେ, ଏ ଦେଶରେ ଦ୍ୱିତୀୟ ଗୀତାଂଜଳି ଲେଖିପାରିଥା'ନ୍ତେ।"[୧୬]

ମାନସିଂହ ସମୟ ସମୟରେ ଈଶ୍ୱରଂକୁ ସର୍ବଭୂତରେ ପ୍ରତ୍ୟକ୍ଷ କରିବା ପାଇଁ ଚାହିଁଛନ୍ତି, ଯେପରି 'ମହାନଦୀର ଜ୍ୟୋତ୍ସ୍ନାବିହାର' କବିତାରେ। ବ୍ରାହ୍ମଧର୍ମରେ ଅନୁପ୍ରାଣିତ ହୋଇ ପ୍ରକୃତି ମଧ୍ୟରେ ସତ୍ୟ-ଶିବ-ସୁନ୍ଦରର ସଂଧାନ କରିଛନ୍ତି, ସେପରି କେଉଁଠି କେଉଁଠି ଭଗବାନଂକୁ ରକ୍ତମାଂସର ଶରୀର ମଧ୍ୟରେ, ମାନବିକ ପ୍ରବୃତ୍ତି ସମ୍ବଳିତ ଜୀବନ୍ତସତ୍ତା ଭାବରେ ଅନୁଭବ କରିଛନ୍ତି। ପ୍ରାଚୀନ ଓଡ଼ିଆ ସାହିତ୍ୟ ସଂପର୍କରେ ଚର୍ଚ୍ଚା କରିବାକୁ ଯାଇ ସେ କହନ୍ତି: "କିନ୍ତୁ ଭଗବାନଂକ ସଂଗରେ ଭକ୍ତର ଯେ ବ୍ୟକ୍ତିଗତ ସମ୍ବଂଧ, ଯାହା ମାନ, ଅଭିମାନ, କ୍ରୋଧ, ନୈରାଶ୍ୟ ମଧ୍ୟରେ ମନୋହର ଭାବରେ ପ୍ରକାଶ ପାଏ, ତା' ଜଗନ୍ନାଥ ଦାସଂକ ଭାଗବତରେ ତ ନାହିଁ, ଓଡ଼ିଆ ସାହିତ୍ୟର ଅନ୍ୟ କୌଣସି ଠାରେ ଅଛି କି? କବୀର ଓ ରବୀଂଦ୍ରଂକ ପଦାବଳୀରେ ଭଗବତ୍ ପ୍ରେମର ଯେ ମଧୁର ଅଭିବ୍ୟକ୍ତି ହୋଇଅଛି, ତା' ପ୍ରାଚୀନ ଓଡ଼ିଆ ସାହିତ୍ୟରେ କୌଣସି ଠାରେ ଅଛି କି? ବୈଷ୍ଣବ କବିଗଣ ବ୍ୟକ୍ତିଗତ ଅନୁଭୂତିକୁ ରାଧା ଓ କୃଷ୍ଣଂକର ମୁଖରେ ବ୍ୟକ୍ତ କରି ଅଛନ୍ତି। ଏଇ କବିତାର ଅଧିକାଂଶ କେବଳ ଦେବଦେବୀ ଓ ରାଧାକୃଷ୍ଣଂକର ସ୍ତୁତି—ଅର୍ଥାତ୍ ରୂପ ବର୍ଣ୍ଣନା।"[୧୭]

ଭାରତୀୟ ମନୀଷାରେ ଧର୍ମ ଓ ସାହିତ୍ୟ ଘନିଷ୍ଠ ଭାବରେ ସଂପୃକ୍ତ। ମାନସିଂହ ଆଦ୍ୟ ଯୌବନରେ ରବୀନ୍ଦ୍ରନାଥଙ୍କ କବିତାର ଥିଲେ ମୁଗ୍‌ଧ ପାଠକ। ରବୀନ୍ଦ୍ର କବିତା ମଧ୍ୟଦେଇ, ରବୀନ୍ଦ୍ର ଧର୍ମ ଦର୍ଶନ ସହିତ ତାଂକର ପରିଚିତି। ପାରିବାରିକ ସୂତ୍ରରୁ ବ୍ରାହ୍ମ ଧର୍ମର ଆଦର୍ଶ ଓ ଉପନିଷଦୀୟ ଭାବାଦର୍ଶ ରବୀନ୍ଦ୍ରମାନସର କୈନ୍ଦ୍ରିକ ପ୍ରତ୍ୟୟ। କିନ୍ତୁ କବି ରବୀନ୍ଦ୍ରଂକୁ ଯାହା ବେଶି ପ୍ରଭାବିତ କରିଥିଲା, ଜୀବନର ଗଭୀରତମ ତାତ୍ପର୍ଯ୍ୟ ଶିଖାଇଥିଲା, ସେ ହେଉଛି ବଂଗଳାର ଲୋକଜୀବନ ଓ ଲୋକାୟତ ସ୍କୃତି। ତେଣୁ ବାଉଲ ସଂଗୀତ ତାଂକୁ ଗଭୀରଭାବରେ ଅନୁପ୍ରାଣିତ କରିଥିଲା। ରବୀନ୍ଦ୍ରଂକର ଜୀବନ ଦେବତା କୌଣସି ପ୍ରତିମାରେ ଆବଦ୍ଧ ନୁହନ୍ତି, ସେ ଅରୂପ-ରତନ। ସହଜରେ ଦେଶରୁ ଦେଶାନ୍ତରକୁ, ନଗ୍ରରୁ ନଗ୍ରାନ୍ତରକୁ ସେ ଘୁରି ପାରିନ୍ତି, ସେ ସର୍ବବ୍ୟାପୀ, କିନ୍ତୁ ଲୌକିକ ଜୀବନର ପୂର୍ଣ୍ଣ ଅନୁଭବ ବିନା ସେ ଅଲୌକିକତା ପୂର୍ଣ୍ଣତା ଲାଭ କରି ପାରେ ନାହିଁ। ସେ କେବଳ ଆଉଲ, ବାଉଲ, ଦରବେଶ ଭଳି ପାନ୍ଥଜନ ମାନଙ୍କର ସଖା ନୁହନ୍ତି, ସ୍ୱୟଂ ପାନ୍ଥ। ଲୋକ ସଂଗ୍ରହାର୍ଥେ ତାଙ୍କ ମନରେ ଗଭୀର ଅତୃପ୍ତି। ତେଣୁ ବାରମ୍ବାର ସେ ପଥିକ ସାଜନ୍ତି, ଗଭୀର ଅତୃପ୍ତି ନେଇ। ମାନସିଂହ ସଚେତନ ଭାବରେ ଏହି ଧର୍ମାଦେଶକୁ ଓ ଜୀବନ-ଦେବତା-ତତ୍ତ୍ୱକୁ ଗ୍ରହଣ କରି ନ ଥିଲେ। କିନ୍ତୁ ବ୍ରାହ୍ମଧର୍ମ ପ୍ରତି ଆକର୍ଷଣ, ଏକ ରୋମାଣ୍ଟିକ୍ କବି ପ୍ରାଣର ମୁକ୍ତିଲାଭ ଜନିତ ଆକାଙ୍‌କ୍ଷା, ତାଙ୍କୁ ରବୀନ୍ଦ୍ରନାଥଙ୍କର ନିକଟବର୍ତ୍ତୀ କରାଇଥିଲା। ରବୀନ୍ଦ୍ରନାଥ ଯେଭଳି ବୈଷ୍ଣବ କବିମାନଙ୍କର କବିତାର ଅନ୍ତରାଳରେ ଜୀବନର ରସଘନ ରୂପକୁ ପ୍ରତ୍ୟକ୍ଷ କରିପାରିଥିଲେ, ମାନସିଂହ ଗୋପାଳକୃଷ୍ଣଙ୍କ ପଦ୍ୟାବଳୀ ଭିତରେ ତାହାହିଁ ଅନୁଭବ କରିଛନ୍ତି।

ମାନସିଂହ ତାଙ୍କର ସମକାଳୀନ ଦିବ୍ୟସ୍ରଷ୍ଟା, ମହାପୁରୁଷମାନଙ୍କ ଠାରେ ଈଶ୍ୱରଙ୍କ ସ୍ୱରୂପ ଅନୁଭବ କରିଛନ୍ତି। ପୁରାଣର ଚରିତ୍ର ଶ୍ରୀକୃଷ୍ଣ ଓ ଇତିହାସର ଚରିତ୍ର ଗାନ୍ଧୀ ଗୋପବନ୍ଧୁଙ୍କୁ ଈଶ୍ୱରଙ୍କର ଅଂଶ ବିଶେଷ ଭାବରେ ତୁଳନା କରି ମାନସିଂହ କହନ୍ତି : "ଆମେ ଗାନ୍ଧୀ ଗୋପବନ୍ଧୁଙ୍କୁ ଯେଉଁ ପ୍ରାଣପୂଜା ଦେଉ, ତାହା କେବଳ ଅନୁରାଗିଣୀ ପ୍ରଣୟିନୀ ପ୍ରିୟଜନ ପ୍ରତି ଯେଉଁ ସରାଗ, ସେହି ଶ୍ରେଣୀର ଅନୁଭବ ସିନା, ତାହାରତ ଅନ୍ୟ ପ୍ରକାର ନାହିଁ। ଏଇ ଗାନ୍ଧୀ ଗୋପବନ୍ଧୁଙ୍କ କଥା ଭାବିଲା ବେଳେ, ଭାଗବତ ବର୍ଣ୍ଣିତ ରାସଲୀଳାର ବ୍ୟଂଜନାତ୍ମକ ଅର୍ଥ ଯେପରି ଖୋଲିଯାଏ ଓ ତାହାଂ ସତ୍ୟ ବୋଲି ପ୍ରତୀତ ହୋଇ ଉଠେ। ଷୋଳ ସହସ୍ର ଗୋପନାରୀ ଏକ ପରମ ସୁନ୍ଦର ସକଳ ଗୁଣ ଭୂଷିତ-ତରୁଣ ପ୍ରତି ଅନୁରାଗ ସଞ୍ଚାର କରିବା ମିଥ୍ୟା ବା ଅବାସ୍ତବ କିପରି ହେବ, ଯେତେବେଳେ ଆମେ ଆଖି ଆଗରେ ଦେଖୁଛୁ, ଜଣେ ଗାନ୍ଧୀ ବା ଜଣେ ଗୋପବନ୍ଧୁଙ୍କ ପ୍ରତି ଲକ୍ଷ ଲକ୍ଷ ଲୋକର ପ୍ରଗାଢ଼ ସପ୍ରେମ ମମତା।"[୧୮]

ଭଗବାନଙ୍କ ସ୍ୱରୂପ ସଂପର୍କରେ 'ନିଦ୍ରିତ ଭଗବାନ' ମାନସିଂହଙ୍କର ଏକ ପ୍ରତିନିଧି ସ୍ଥାନୀୟ କବିତା। ପାରିପାର୍ଶ୍ୱିକ ଅବସ୍ଥା ମଣିଷକୁ ନାନା ପଥର ଯାତ୍ରୀ କରାଏ। ବାଲ୍ୟକାଳରୁ ଧର୍ମ ଓ ଭଗବାନଙ୍କ ଉପରେ ଆସ୍ଥା ସ୍ଥାପନ କରିଥିବା ବ୍ୟକ୍ତି, ସହଜରେ ପୂର୍ବ ସଂସ୍କାର ତ୍ୟାଗ କରିପାରେ ନାହିଁ। ସେହି ହେତୁ ଏପରି ପରିବେଶ ପହଂଚେ, ସେତେବେଳେ

ସେ ନିଜର କାର୍ଯ୍ୟକୁ ଅବିଶ୍ୱାସ ଚକ୍ଷୁରେ ଦେଖେ। 'ନିଦ୍ରିତ ଭଗବାନ' କବିତା ସେହିପରି ଏକ ଅନୁତପ୍ତ-ପ୍ରାଣର ଭାଷା। ଏ କବିତା ପ୍ରଥମେ 'ଉତ୍କଳ ସାହିତ୍ୟ'ର ନଭେମ୍ବର ୧୯୨୮ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ମାନସିଂହ ଏହି କବିତାର ଅନେକ ଅଂଶ ପରିବର୍ତ୍ତନ କରିଛନ୍ତି ଓ ପ୍ରଥମ ପ୍ରକାଶିତ କବିତାରୁ ଚବିଶିଟି ଧାଡ଼ିକୁ ମୂଳ କବିତାର ସଂପୂର୍ଣ୍ଣ ବାଦ ଦେଇଛନ୍ତି। ପରିବର୍ତ୍ତନ କରାଯାଇଥିବା ପଦ ଓ ବାଦ ପଡ଼ିଥିବା ଅଂଶକୁ ପ୍ରଦାନ କରାଯାଉଅଛି :

ପତ୍ରିକାରେ ଥିଲା— 'ଧରଣୀରେ ଆସି ମନ୍ତ୍ର ଭୁଲିଲି ମୁଁ ଯେ,
ଭଗବାନ ତୁମେ ନିଦ୍ରିତ କେଉଁ ଶେଯେ?

ଗ୍ରନ୍ଥାବଳୀରେ ଅଛି— 'ମନ୍ତ୍ର ଭୁଲିଲି ମାନବର ଏ ଧରାରେ,
ଭଗବାନ, ତୁମେ ନିଦ୍ରିତ କେଉଁଠାରେ?'

ଏହି କବିତାର ତୃତୀୟ ଭାଗପରେ ପତ୍ରିକାରେ ନିମ୍ନ ପଦଗୁଡ଼ିକ ପ୍ରକାଶ ପାଇଥିଲା, ଏ ଅଂଶକୁ ପରବର୍ତ୍ତୀ କାଳରେ ବାଦ ଦିଆଯାଇଛି।—

'ପଥେ ଆସୁ ଆସୁ କରିଲି ଦିଓଟି ସାଥୀ/ନେବାକୁ ହୃଦର ଦୁର୍ବହ ଲୁହ ବାଣ୍ଟି।
ବକ୍ଷେ ଧରି ସେ ପୋଛିଲେ ନୟନ ପତା,/ ଅଶ୍ରୁ ବୁହାଇ କହିଲେ ପ୍ରାଣର କଥା।
(ମୁଁ ଗୋ)ତାଙ୍କରି ହୋଇ ରହିଲି ତାଙ୍କୁ ଘେରି/ଅତୀତ ଭୁଲିଲି ନ ଚାହିଁଲି ପଥ ଫେରି।
ନଗଣ୍ୟରବ ଭବିଷ୍ୟତ କିବା ଥାଏ,/ବର୍ତ୍ତମାନର ଜଂଜାଳେତ ଦିନ ଯାଏ।
ଦୁଇ ସାଥୀ ଧରି ରଚିଲି ବିଶ୍ୱ ମୋର,/ଏକଦା ଆସିଲା ମୋ ଘରେ ବିଶ୍ୱ ଚୋର।
ଚାଲିଗଲା ଧରି ଦୁଇରୁ ଗୋଟିଏ ସାଥୀ/ସହସା ଘେରିଲା ମୋତେ ଦୁର୍ବହ ରାତି।
ପଥତଟେ ବସି ପ୍ରଳୟର ଆଖି ତଳେ,/ଦୁହେଁ ଗୋ ଦୁହିଁକୁ ତିନ୍ତାଇ ଆଖି ଜଳେ,
ଭାବିଲୁ ଉଚ୍ଚେ 'ଶଙ୍କର, ଶଙ୍କର'/ଚମକ ଆସିଲା ଆଉ ଯେତେ ପଥିକର।
ରହିଲା କାହିଁ ହେ କୃପାମୟ ଭଗବାନ?/କାହିଁ କି ରହିଲା ତବ ମଂଗଳ ଦାନ,
ସକଳେ ଶୁଣିଲେ ତୁମେ ନ ଶୁଣିଲ କିଆଁ/ କିପରି ସେ ଦୟା ସାଇତିଛି ତବ ହିୟା?
ସାଥିରେ ଛଡ଼ାଇ ଏ ଜୀବନ ଦୁରବହ/କରିଛ, କିଏ ସେ ପୋଛିବ ମୋର ଲୁହ?
ଉଷ୍ଣତା ଏ ମୋ ଲୋତକର ବୁଝୁଛଟି?/ପ୍ରସାଦ ପାଅବା ଅନାଶ୍ରିତରେ ଠକି?

ଏହାପରେ ଗ୍ରନ୍ଥାବଳୀରେ ଥିବା ଚତୁର୍ଥ ଅଂଶର ଆରମ୍ଭ। ଷଷ୍ଠ ଅଂଶର ଚଉଦ ଧାଡ଼ି ପରେ ପତ୍ରିକାରେ ଥିଲା—

ବିଷ୍ଣୁର ଗଦା କାହିଁ ବା ରହିଲା ଲୁଚି/ଅପମାନ ନିତି ଦେଉଛି ପଛକୁ କୁଞ୍ଚି?
ଯୋଗ ନିଦ୍ରାରେ ଶୋଇଲେ ଦେବତା କୁଳ/ବୁଝିବ କିଏ ସେ ଏ ଭାର ଦାରୁଣ ଜ୍ୱଳ।[୧୯]

ମୂଳ କବିତାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଛାତ୍ରଜୀବନରେ ସମବୟସୀ ନାରୀ ସହିତ ପ୍ରେମ ଓ ସେ ସଂପର୍କୀୟ ପ୍ରତିକ୍ରିୟାରୁ ଏ କବିତାର ସୃଷ୍ଟି। ପ୍ରୋକ୍ତ ଘଟଣା

ପରେ ପରେ ଅମୃତର ସନ୍ତାନ ଭାବରେ ଏ ପଦସ୍ଖଳନକୁ ନେଇ ସେ ଭୀଷଣ ଭାବରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଗୋଟିଏ ସ୍ନେହକାଂଗାଳ ପ୍ରାଣ-ଚଞ୍ଚଳ କିଶୋର ପ୍ରାଣର ପ୍ରଲୋଭନ କ୍ରିୟା ଯେ ଏକ ନର୍କ ପଥର ଯାତ୍ରା ଭାବରେ ପ୍ରମାଣିତ ହେବ, ସେ କଥା ମାନସିଂହ ପୂର୍ବରୁ କଳ୍ପନା କରିପାରି ନଥିଲେ। ତାଙ୍କ ମତରେ ଏକ ଦେବଶିଶୁର ଅପରାଧ ପ୍ରବଣ ମନକୁ ଭଗବାନ ଅବଶ୍ୟ ସତର୍କ କରାଇ ଦେବା କଥା, ମାତ୍ର ଭଗବାନଙ୍କ ଉପସ୍ଥିତି ସତ୍ତ୍ୱେ ଦେବଶିଶୁ ନରକର ଅଭିସାରରେ ଯାତ୍ରା କରୁଥିବାରୁ କବି ଭଗବାନଙ୍କୁ ନିଦ୍ରିତ ଭଗବାନ ବୋଲି ଆହ୍ୱାନ କରିଛନ୍ତି।

କବିଙ୍କର ଜୀବନର ନାନା ଅବସ୍ଥା ଓ ହେତୁବାଦୀ ଚିନ୍ତାଧାରା ସଂଗରେ ବିଶ୍ୱ ସଂପର୍କରେ ପୂର୍ବ ଧାରଣା ଯେ କ୍ରମଶଃ ଶିଥିଳ ହୋଇ ଯାଇଛି, ସେ କଥା କବି ଅନୁଭବ କରିଛନ୍ତି। 'ହେମଶସ୍ୟ'ର କେତେକ କବିତାରେ ତାହା ସ୍ପଷ୍ଟ। କବିପତ୍ନୀ କବିଙ୍କୁ ଈଶ୍ୱରଙ୍କ ସଂପର୍କରେ ଜିଜ୍ଞାସା କରିବାରୁ, ସେ ଉତ୍ତରରେ କହିଛନ୍ତି :

"ବାଳୁତ ବୟସେ
ତୁମପରି ଚିତ୍ତ ମୋର ବିଶ୍ୱାସର ରସେ
ରସବନ୍ତ ଥିଲା ସଖି, ଦେବତା ଈଶ୍ୱର
ନଥିଲେ ଦୂରରେ ତେଣୁ। ଆଜି ତର୍କ-ପର
ଯୌବନ କିନ୍ତୁ ଗୋ ସଖି ସୃଜି ଅବିଶ୍ୱାସ
ସେ ଦିନ-ବିଶ୍ୱାସେ କରି ସ୍ନିଗ୍ଧ ପରିହାସ
ବହୁଦୂରେ ରଖିଅଛି ସେ-ଦିନ ଈଶ୍ୱରେ
କବିର କଳ୍ପନା ବୋଲି। ଆଜି ମୁଁ ଚିତ୍ତରେ
ଭାଳେ ଖାଲି ଦୁଇ ମଧ୍ୟେ ସତ୍ୟ, କୁପଥରେ
ଏବ-ଅବିଶ୍ୱାସ ଅବା ସେବ-ବିଶ୍ୱାସରେ।"

ଏହି ଭାବଧାରାର ପ୍ରକାଶ 'ବିରାଟ ସ୍ରଷ୍ଟା', 'ସଂଦେହ', 'ଦୁଃଖମୟ ସୃଷ୍ଟି', 'ସୃଷ୍ଟି ଓ ଧ୍ୱଂସ' ତଥା 'ବିଶୁଦ୍ଧ ସଂଦେହ', କବିତାରେ ଦେଖା ଦେଇଛି।

ମାନସିଂହଙ୍କ ଧର୍ମ ବିଶ୍ୱାସର ବିବର୍ତ୍ତନ ପଥରେ 'ଦେବପୂଜା' ଏକ ପ୍ରତିନିଧି ଶ୍ରେଣୀୟ କବିତା। ସଂପୃକ୍ତ କବିତାରେ, କବି ପିତୁଳା ପୂଜା, ବ୍ରାହ୍ମଣ ପୁରୋହିତମାନଙ୍କର ସାଧାରଣ ମଣିଷ ପ୍ରତି ଘୃଣା ଓ ହେୟ ମନୋଭାବ, ଦେବପୂଜା ନାମରେ ପିତୁଳା ପୂଜା କରି ଜନସାଧାରଣଙ୍କୁ ଦେବତାର ଆଶୀର୍ବାଦରୁ ବଞ୍ଚିତ କରିବା କଥା ଏକ ପକ୍ଷରେ ଉଲ୍ଲେଖ କଲାବେଳେ, ଅନ୍ୟ ପକ୍ଷରେ ବଞ୍ଚିତ ଓ ଅବହେଳିତ ଅସ୍ପୃଶ୍ୟମାନଙ୍କର ପୂଜା ହିଁ ଯେ ଦେବପୂଜା, ଏକଥା ମାନସିଂହ ଅତି ଆବେଗଜଡ଼ିତ ସ୍ୱରରେ ପ୍ରକାଶ କରିଛନ୍ତି। କବିଙ୍କର ଆଗ୍ରହାତିଶଯ୍ୟ କବିତାକୁ ଶେଷ ଆଡ଼କୁ ପ୍ରଚାରଧର୍ମୀ କରିଦେଇଛି। କବି ସ୍ପଷ୍ଟ କହିଛନ୍ତି: "ଏବେ କାଠ ପଥର ନପୂଜି ଆସ ପୂଜ ଜୀବନ୍ତଦେବତା, ଯା' ଆଖିର ଲୁହ ପିବ ବୋହି କହିଦେଲେ ପଦେ ମଧୁକଥା।"[୨୧]

ମାନସିଂହଂକର ଗାଂଧିଜୀଂକ ପ୍ରତି ଥିଲା ଏକ ସ୍ନେହସିକ୍ତ ଦୃଷ୍ଟିକୋଣ। 'ବାପୁତର୍ପଣ'ର କବିତାବଳୀ ଓ ବିଭିନ୍ନ ପ୍ରବଂଧ ତଥା ଆଲୋଚନାରେ ତାଂକର ଗାଂଧୀଜୀଂକ ପ୍ରତି ଶ୍ରଦ୍ଧା ପ୍ରକାଶିତ। ବ୍ୟକ୍ତିଗତ ଓ ରାଜନୈତିକ ଜୀବନରେ ଧର୍ମକୁ ଉଚ୍ଚସ୍ଥାନ ଦେଇଥିଲେ ବି ଓ ଭଗବାନଂକ ପରମ ସେବକ ଭାବରେ ନିଜକୁ ପରିଚିତ କରାଇଥିଲେ ବି ଗାଂଧିଜୀଂକ ଧର୍ମ ଓ ଭଗବାନ ଉଭୟ ଥିଲେ ଅବାରଂପରିକ ଓ ବ୍ୟକ୍ତିଗତ। ସନ ୧୯୩୩ ମସିହା ବେଳକୁ ଗାଂଧିଜୀଂକର ହରିଜନ ଆଂଦୋଳନର ଆରମ୍ଭ। ବ୍ରାହ୍ମଣ୍ୟ ଧର୍ମର ଅର୍ଥନୈତିକ ଭିତ୍ତି, ସମାଜର ଏକ ବିଶିଷ୍ଟ ଅଂଶକୁ ଦଳିତ, ଅବହେଳିତ ଓ ନିଷ୍ପେଷିତ କରି ରଖିଥିଲା। ମଣିଷର ସାଧାରଣ ସମ୍ମାନବୋଧ ଓ ଉଚ୍ଚାକାଙ୍କ୍ଷା ସେହି ଅବହେଳିତ ମଣିଷମାନଂକୁ ସ୍ପର୍ଶ କରିପାରି ନଥିଲା। ଗାଂଧିଜୀ ତାଂକର ଅସ୍ପୃଶ୍ୟତା ଆଂଦୋଳନ ମଧ୍ୟଦେଇ ସମାଜର ଅସ୍ପୃଶ୍ୟମାନଂକ ପ୍ରତି, ତଥା ଅସ୍ପୃଶ୍ୟମାନଂକର ନିଜପ୍ରତି ଥିବା ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥିଲେ। ତେଣୁ ସେମାଂନକୁ ହରି ଅର୍ଥାତ୍ ଭଗବାନଂକର ନିଜଲୋକ, ହରିଜନ ନାମରେ ଅଭିହିତ କରିଥିଲେ। ଭଗବାନ ଯେପରି ନିଜର ଭଗ ଅର୍ଥାତ୍ ଐଶ୍ୱର୍ଯ୍ୟ ପରିତ୍ୟାଗ କରି ସର୍ବହରା, ଏହି ଶୁଦ୍ର ବା ଅସ୍ପୃଶ୍ୟ ଜନମାନେ ସେପରି ଜଗତର ଉନ୍ନତି ପାଇଁ ଆଜି ସମସ୍ତ ତ୍ୟାଗ କରିଛନ୍ତି। ଗାଂଧିଜୀଂକର ଏହି ଅପାରଂପରିକ ଧର୍ମାଦର୍ଶ ଓ ଭଗବଦବିଶ୍ୱାସ ମାନସିଂହଂକୁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା।'ଦେବପୂଜା' କବିତା ସେହି ଅନୁପ୍ରେରଣାର ଫଳ। କିନ୍ତୁ ଏହି ଅନୁପ୍ରେରିତ ହେବା ମୂଳରେ ଥିଲା ମାନସିଂହଂକର ନୈତିକ-ଗଢ଼ଣ। ପରଂପରା ବିରୋଧି ଧର୍ମ ଓ ବ୍ୟକ୍ତିଗତ ଭଗବତ ବିଶ୍ୱାସ, ଗାଂଧିଜୀଂକର ଧର୍ମାଦର୍ଶକୁ ଗ୍ରହଣ କରିବା ପାଇଁ ତାଂକର ମନଃଦ୍ୱାରକୁ ଉନ୍ମୁକ୍ତ ରଖିଥିଲା।

'ବିଶ୍ୱ ଦେବାଳୟ' କବିତାରେ କବିଙ୍କର ଭଗବତ ଜିଜ୍ଞାସା ଆହୁରି ତୀବ୍ର ଓ ଗଭୀର। 'ଦେବପୂଜା' କବିତା ବକ୍ତବ୍ୟ ଦୃଷ୍ଟିରୁ ଏକ ପ୍ରଧାନ କବିତା ହେଲେ ହେଁ, ଏହାର ସ୍ୱର ପ୍ରଚାରଧର୍ମୀ। 'ବିଶ୍ୱଦେବାଳୟ' କବିତାରେ କବିଙ୍କଅନୁଭୂତି ବ୍ୟଂଜିତ। ମାନସିଂହ ସମଗ୍ର ବିଶ୍ୱଜଗତକୁ ପରମପୁରୁଷଙ୍କର ଦେବାଳୟ ବୋଲି ମନେକରିଛନ୍ତି। ଦେବାଳୟକୁ ଯେଭଳି ଭକ୍ତ, ଅନୁସଂଧିତ୍ସା, ଭୟ, ବିଶ୍ୱାସର ଅର୍ଘ୍ୟଥାଳି ଧରି ଯାଇଥାଏ, କବି ନିଜ କଥିତ ଏହି ଦେବାଳୟରେ ସେହିଭଳି ବିସ୍ମୟ ଅର୍ଘ୍ୟଥାଳି ଧରି ଯାଇଥାଏ, କବି ନିଜ କଥିତ ଏହି ଦେବାଳୟରେ ସେହିଭଳି ବିସ୍ମୟ ବିମୂଢ଼ତାର ଅର୍ଘ୍ୟଥାଳି ଧରି ପ୍ରବେଶ କରିଛନ୍ତି। ଏହି ଦେବାଳୟର ପରିଚୟ ଦେଇ ସେ ଲେଖିଛନ୍ତି :–

'ଚରଣ ତଳୁ ଅନ୍ତରୀକ୍ଷ ଭେଦି ମହା ବ୍ୟୋମ ସ୍ପର୍ଶେ ସେ ଦେଉଳ,
ଏଇଯେ ଘାସେ ପୂଜାର ବେଦୀ ତା'ର ନକ୍ଷତ୍ରର ଆଲୋକିତ ତା' ଚୂଳ।''[୨୨]

ନିଜକୁ ଅଜ୍ଞପାଜ୍ଞ ମନେ କରୁଥିବା ମାନସିଂହ, ଅନେକ ଦିନ ଧରି ସେହି ବିଶ୍ୱ ଦେବତା ଓ ବିଶ୍ୱ ଦେବାଳୟର ଅନୁସଂଧାନ କରି ମଧ୍ୟ ଅଦେହୀ ଦେବତାଙ୍କର ସଂଧାନ ପାଇପାରିନାହାନ୍ତି, ତଥାପି ତାଙ୍କର ଅତୃପ୍ତ ପ୍ରାଣରେ ସେହି ଅରୂପ ଦେବତାଙ୍କର ଆକର୍ଷଣ ପ୍ରଦମିତ ହୋଇନାହିଁ। ବିଲାତଯାତ୍ରା ପୂର୍ବରୁ ମାନସିଂହଙ୍କର ଈଶ୍ୱର ସମ୍ବନ୍ଧୀୟ ବିଚାରଧାରା ଅନେକ

ଗୁଡ଼ିଏ କବିତାରେ ପ୍ରକାଶ ପାଇଛି। ଅବବୋଧ ଦୃଷ୍ଟିରୁ ଏହି କବିତା ଗୁଡ଼ିକର ପୂର୍ବରୁ ଆଲୋଚିତ ଦୁଇଟି କବିତା ଠାରୁ ବିଭିନ୍ନତା ଥିଲେ ବି ପ୍ରତ୍ୟୟଗତ ସ୍ୱାତନ୍ତ୍ର୍ୟ ନାହିଁ। ସେହି କବିତା ଗୁଡ଼ିକ ହେଲା 'ଉପହସିତ', 'ବିଶ୍ୱରୂପ', 'ମୂକଦେବତା', 'ଆଲୋକମାଗେ', 'ଆହୁତି' ଓ 'ତୁମରି ପ୍ରୟୋଜନ'। 'ତୀର୍ଥଯାତ୍ରୀ' କବିତାଟି ପୁରୋହିତତନ୍ତ୍ର ସଂପର୍କରେ ତାଙ୍କର ଗଭୀର ବିଦ୍ୱେଷର ପରିଚାୟକ। ଏହି କବିତାରେ ତୀର୍ଥଯାତ୍ରୀ 'ମଣି'ର ଅତ୍ୟାଚାରିତା ଅବସ୍ଥାକୁ କାବ୍ୟରୂପ ଦେଇ ହିନ୍ଦୁ ପୁରୋହିତ ପଣ୍ଡାମାନଙ୍କ ପ୍ରତି ଘୃଣାଭାବ ପ୍ରକଟ କରାଇଛନ୍ତି। ଭଣ୍ଡ ପଣ୍ଡା ପୁରୋହିତ ଗଣ ସାଧାରଣ ମଣିଷ ବିଶ୍ୱାସକୁ ଯେ କିପରି ପ୍ରତାରଣାରେ ପରିଣତ କରନ୍ତି, ଏ କବିତା ତାର ନମୁନା।

ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥା କବିଙ୍କ ମନକୁ ସାକାରବାଦ ଓ ଈଶ୍ୱର ସଂପର୍କୀୟ ବିଶ୍ୱାସ ଠାରୁ ଦୂରେଇ ଦେଇ, ଜୀବନର ଶାନ୍ତିକୁ ହଟାଇ ଦେଇଛି। ସେଇଥିପାଇଁ ସମୟ ସମୟରେ କବି ପ୍ରାଣ ବ୍ୟଥିତ। କବିଙ୍କ ପ୍ରାଣରେ ପ୍ରଶ୍ନ, କୁଆଡ଼େ ଗଲା ସେ ସ୍ୱର୍ଣ୍ଣଯୁଗ, ଯେଉଁଠାରେ ମଣିଷ ଦେବତା ମଧ୍ୟରେ ଥିଲା ଅଭେଦ ସଂପର୍କ। ଧରଣୀର ଦୁଃଖ ଦୂର କରିବା ପାଇଁ ଦେବତା ଧୂଳିମାଟିର ଧରଣୀକୁ ଅବତରଣ କରୁଥିଲେ। ଆଜି ସେଇ ଆକାଶ ଅଛି, ସେଇ ରବି ଚଂଦ୍ର ତାରା ଅଛନ୍ତି, ସେହି ନଦୀ ଅଛି, ପୃଥିବୀରେ ସେହିପରି ସୁଖଦୁଃଖ ଅଛି, ଭକ୍ତଙ୍କ ମଧ୍ୟରେ ସୁଦାମାର ଦାରିଦ୍ର୍ୟରୁ କୋଟି ଗଣରେ ବି ଦଃଖ ବଢ଼ି ଚାଲିଛି। ମାତ୍ର :

"ଦେବତା କହିଁ ଗୋ ତେବେ,
ହାତେ ପୋଛି ଦେଉ ନାହାନ୍ତି କାହିଁକି
ନର ନେତ୍ରୁ ଲୁହ ଏବେ ?
ତେବେ ମିଛ କବି—କଥା,
ଭଗବାନ ଅବତରି ଆସିବାର
ହରିବାକୁ ନର ବ୍ୟଥା ?"[୨୩]

'କିଶୋର କବିତା' ଓ 'ଗୀତରେଣୁ'ର ଅଧିକାଂଶ କବିତା ମାନସିଂହଙ୍କ ଆଦ୍ୟ ଶିକ୍ଷକତା କାଳର ସୃଷ୍ଟି। 'ଶିଶୁ ଦେବତା', 'ଦୁଃଖ ଦିଅ', 'ହେ କରୁଣ ପିତା', 'ଖୋଜରେ ତାରେ', 'ପରମ ସଖା', 'ସେ କିଏ ଗାଏ', 'ଦରଶନ ଦିଅ', 'ଭୋଗର ଆଶା', 'ଦୁଃଖ ବହନ ଦିଅ', 'କାହାବେଣୁ ଆସ ଆସ ରଟେ', 'କ୍ଷମ ହେ ନୟନ ନୀରେ', 'ମହାଜୀବନ', 'ଦିନଗଲା ଚାଲି', 'ପରମ ପ୍ରଣୟଧାରା' ତଥା 'ବୁଦ୍ଧବାଣୀ'ରେ ଈଶ୍ୱର ସଂପର୍କୀୟ ଚିନ୍ତାଧାରାର ସଂକେତ ରହିଛି। କଥିତ ସମୟରେ ମାନସିଂହଙ୍କର ଈଶ୍ୱର ସଂପର୍କୀୟ କବିତାରେ ଆଧ୍ୟାତ୍ମିକତା ଅପେକ୍ଷା ମାନବପ୍ରୀତିର ଧାରା ଅଧିକମାତ୍ରାରେ ପ୍ରକାଶିତ। କବି ନିଜେ ଦୁଃଖରେ ବଢ଼ି ଆସିଥିଲେ ଓ ଏ ଦୁନିଆର ନାନା ଦୁଃଖ ଦେଖି ଦେଖି ତାଙ୍କ ପ୍ରାଣ ବ୍ୟଥିତ ହୋଇଛି। ଏହି ବ୍ୟଥାର ଯନ୍ତ୍ରଣା ଉପରୋକ୍ତ କବିତାରେ ଅଭିବ୍ୟକ୍ତ।

ମାନସିଂହଙ୍କ ବିଲାତ ଯାତ୍ରାର ପ୍ରାକ୍ କାଳରେ ଧର୍ମ ଓ ଈଶ୍ୱର ସଂପର୍କୀୟ ଅନୁଚିନ୍ତାର କ୍ରମ ପରିବର୍ତ୍ତନ ଦେଖାଯାଇଛି। ହେତୁବାଦୀ ଚିନ୍ତାଧାରା ଦ୍ୱାରା ତାଙ୍କ ମନରେ ଥିବା ସରଳ ଈଶ୍ୱର ବିଶ୍ୱାସ କ୍ରମେ ଜିଜ୍ଞାସାପୂର୍ଣ୍ଣ ମନନରେ ପରିଣତ ହୋଇଛି। ଜ୍ଞାନର ପରିଧି ସଂପ୍ରସାରିତ ହେବା ସଂଗେ ସଂଗେ, ଧର୍ମ, ଈଶ୍ୱର ଓ ଜଗତ ସଂପର୍କରେ ନାନା ପ୍ରଶ୍ନ କବିପ୍ରାଣରେ ଉତ୍‌ଥିତ ହୋଇଛି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଏହି ସମୟ ପରେ ପରେ କବି ମାନସିଂହଙ୍କ କବିତାର ସ୍ୱାଭାବିକ ଧାରା କ୍ରମଶଃ ସ୍ୱକୀୟତା ହରାଇ ବୌଦ୍ଧିକତା ଜାଲରେ ବାନ୍ଧିହୋଇ ପଡ଼ିଛି। ଏ ପ୍ରସଂଗ ସ୍ୱତନ୍ତ୍ର ବିଚାରର ଅପେକ୍ଷା ରଖେ।

**ଜୀବନର ମଧ୍ୟପୂର୍ବ(୧୯୩୮-୧୯୪୮):**

ସନ ୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା। ଜୀବନର ଆଦ୍ୟ ପର୍ଯ୍ୟାୟରେ ମାନସିଂହ ଗୋପବନ୍ଧୁ ଓ ମଧୁସୂଦନଙ୍କର ଥିଲେ ପରମ ଭକ୍ତ। ରବୀନ୍ଦ୍ରନାଥଙ୍କ କାବ୍ୟ କବିତାର ସେ ଜଣେ ଥିଲେ ମରମୀ ପାଠକ। ସନ ୧୯୩୩ ପରେ ବାପୁଜୀଙ୍କର ହରିଜନ ଓ ଗ୍ରାମୋଦ୍ୟଗ ଅଭିଯାନ ମାନସିଂହଙ୍କର ମାନବବାଦୀ ଦୃଷ୍ଟିକୋଣକୁ ଗଭୀର ଭାବେ ସ୍ପର୍ଶ କରିଥିଲା। ଏ ସବୁ ଭିତରେ କିନ୍ତୁ ଏକ ନିର୍ଦ୍ଦିଷ୍ଟ ଯୋଗସୂତ୍ର ବିଲାତ ଯାତ୍ରା ପୂର୍ବରୁ ସେ ଖୋଜି ପାଇ ନଥିଲେ। ସନ ୧୯୩୬ ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲାରୁ, ଉତ୍କଳୀୟ ଜାତୀୟ ଚେତନାର ଆବେଦନ କ୍ରମଶଃ ତାଙ୍କ ପାଇଁ ଶିଥିଳ ହେବାକୁ ଲାଗିଲା। ଦୁଇବର୍ଷ ଇଂଲଣ୍ଡ ରହଣୀ ତାଙ୍କର ମାନବବାଦୀ ଦୃଷ୍ଟିକୋଣକୁ ଉଦାରତନ୍ତ୍ରର ଆଲୋକରେ ଅଭିସିଞ୍ଚିତ କଲା। ତେଣୁ ୧୯୩୭-୩୮ ପରେ ପରେ ଅନ୍ୟାନ୍ୟ କ୍ଷେତ୍ରଭଳି ଧର୍ମ-ଜିଜ୍ଞାସା କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବା ମତବାଦକୁ ସେ କ୍ରମଶଃ ଆପଣାଇ କରିବା ଓ ମାନବବାଦୀ ଧର୍ମଜିଜ୍ଞାସାକୁ ଏକ ବୈଜ୍ଞାନିକ ବୁଦ୍ଧିବାଦର ପୃଷ୍ଠଭୂମିରେ ଅବଲୋକନ କରିଥିବାର ଦେଖାଯାଏ। ଆଗରୁ କେତୋଟି କବିତାରେ କବିଙ୍କର ଯେଉଁ ଭାବପ୍ରବଣତା, କବିତା ଆକାରରେ ଝରି ପଡୁଥିବାର ଦେଖାଯାଏ, ପରବର୍ତ୍ତୀ କାଳରେ ତାହା ନିର୍ମୋହ ଯୁକ୍ତିଶାଣିତ ପ୍ରବନ୍ଧାକାରରେ ପ୍ରକାଶିତ ହୋଇଥିବାରୁ ଦେଖିବାକୁ ମିଳେ। ତେଣୁ ପ୍ରଥମ ପର୍ବକୁ ତାଙ୍କର ଧର୍ମଜିଜ୍ଞାସାର ପୃଷ୍ଠପୀଠିକା ପର୍ବ କହିଲାବେଳେ, ବକ୍ଷ୍ୟମାଣ ପର୍ବକୁ ତାର ବିକାଶ ପର୍ବ ବୋଲି କୁହାଯାଇ ପାରେ।

ଗାନ୍ଧିଜୀଙ୍କର ଧର୍ମ ବିଶ୍ୱାସ, ମାନବ ପ୍ରୀତିର ମୂଳରୂପ, ଭାରତୀୟ ପରଂପରାରେ ଖୋଜାଯାଇ ପାରିଲେ ବି ପାଶ୍ଚାତ୍ୟ ଉଦାରତନ୍ତ୍ର ଭିତରେ ମିଳେ ତା'ର ଯଥାର୍ଥ ସାର୍ଥକତା। ମାନସିଂହ ସଂପୃକ୍ତ କାଳରେ ଗାଧିଜୀଙ୍କର ବ୍ୟକ୍ତିତ୍ୱ ପ୍ରତି କେବଳ ଆକୃଷ୍ଟ ହୋଇନାହାନ୍ତି, ତାଙ୍କ ଚିନ୍ତାଧାରାର ସାର୍ବଜନୀନ ଆବେଦନ ପ୍ରତି ପ୍ରଲୁବ୍ଧ ହୋଇଛନ୍ତି। ଏହି ପ୍ରଲୋଭନ ପରବର୍ତ୍ତୀ କାଳରେ ତାଙ୍କୁ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ କରିଛି। ଏରିକ୍ ଫ୍ରୋମ୍‌ଙ୍କ ଭଳି ବିଦ୍ୱାନମାନେ କହିଥାନ୍ତି ଯେ, ସବୁ ଧର୍ମ ମଧ୍ୟରେ ବୌଦ୍ଧ ଧର୍ମ ଅଧିକ ଭାବରେ ଉଦାର, ଗଣତାନ୍ତ୍ରିକ ଓ ମାନବବାଦୀ। ସଂପୃକ୍ତ କାଳରେ ମାନସିଂହଙ୍କୁ ବୌଦ୍ଧଧର୍ମର

ଏହି ମାନବବାଦୀ ଆବେଦନ ନିଜ ଆଡ଼କୁ ଟାଣି ନେଇଛି। ତେଣୁ ଗୋଟିଏ ପଟେ ଗାନ୍ଧିଜୀଙ୍କର ଆଦର୍ଶବାଦରେ ନିମଜ୍ଜିତ ହେଲାବେଳେ, ବୌଦ୍ଧଧର୍ମ ତାଙ୍କୁ ହାତଠାରି ଡାକିଛି। ଅନ୍ୟାନ୍ୟ ଧର୍ମ ଦର୍ଶନକୁ ସେ ଏ ଦୁଇର ମଧ୍ୟ ବିନ୍ଦୁରେ ଛିଡ଼ାହୋଇ ଦୂରରୁ ଦେଖିଛନ୍ତି। ଏହି ଉଭୟ ବୈପ୍ଳବିକ ଧର୍ମ ଓ ବିଶ୍ୱାସବୋଧର ଚଷମା ପିନ୍ଧି ଅନ୍ୟାନ୍ୟ ଧର୍ମକୁ ଦେଖିବା ଫଳରେ ସେ ସବୁ ନିଜର ଚେହେରା ହରାଇ ଅସ୍ପଷ୍ଟ ସିଲ୍‌ହଟ୍ ଛବିଭଳି ଭାସି ଉଠିଛି। ତେଣୁ ଏ ପର୍ଯ୍ୟାୟରେ ମାନସିଂହଙ୍କ ବିଚାରଧାରାକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇ ପାରେ: (କ) ଗାନ୍ଧୀ ପ୍ରଭାବିତ ଧର୍ମାଦର୍ଶ. (ଖ) ବୁଦ୍ଧ ପ୍ରଭାବିତ ଧର୍ମାଦର୍ଶ ଓ (ଗ) ସାଧାରଣ ଧର୍ମାଦର୍ଶ।

## ଗାନ୍ଧୀ-ପ୍ରଭାବିତ ଧର୍ମାଦର୍ଶ :

ମୋହନଦାସ କରମଚାନ୍ଦ ଗାନ୍ଧୀ ମଣିଷ ଭାବରେ ଜନ୍ମିଥିଲେ, ମହାତ୍ମା ଭାବରେ ପ୍ରସିଦ୍ଧି ଲାଭ କରିଥିଲେ ଓ ଦେବତା ଭାବରେ ପୂଜିତ ହୋଇଥିଲେ। ଗୁଜୁରାଟର ବଣିଆ ପରିବାରରେ ଜନ୍ମଲାଭ କରିଥିବାରୁ ପାରିବାରିକ ସୂତ୍ରରେ ସତ୍ୟ, ଧର୍ମ, ସେବା ତଥା ଅହିଂସା ପ୍ରତି ତାଙ୍କର ମନ ଥିଲା ଉନ୍ମୁଖ। ଜୈନ ଧର୍ମର ପ୍ରଭାବ ତାଙ୍କୁ ସମଗ୍ର ଜୀବ ଜଗତ ପ୍ରତି ସହନଶୀଳ କରିଥିଲା। ବାରିଷ୍ଟରୀ ଅଧ୍ୟୟନ କରିବା ସମୟରେ ସେ ଇଉରୋପୀୟ ଉଦାରତନ୍ତ୍ରୀ ଚିନ୍ତାଧାରା ଓ ଖ୍ରୀଷ୍ଟଧର୍ମର ମୈତ୍ରୀ ଭାବ ସଂପର୍କରେ ଆସିଥିଲେ। ଦକ୍ଷିଣ ଆଫ୍ରିକାରେ ରସ୍କିନ୍, ଟଲଷ୍ଟୟଂକ ଚିନ୍ତାଧାରା ତାଙ୍କୁ ନୂତନ ଭାବେ ଅନୁପ୍ରାଣିତ କରିଥିଲା। ଦକ୍ଷିଣ ଆଫ୍ରିକାର ଦଳିତ ନିଷ୍ପେଷିତ ଓ ବର୍ଣ୍ଣବୈଷମ୍ୟ ନୀତିରେ ଦଳିତ ହୋଇଥିବା ଜନତାକୁ ସେ ମୁକ୍ତିର ଆଲୋକ ଦେଖାଇଥିଲେ। ତାଙ୍କର ମୁକ୍ତି ଆନ୍ଦୋଳନ ପଛରେ ଶତ୍ରୁକୁ ବିନାଶ କରିବାର ପୈଶୁନ୍ୟ ସୁଲଭ ଦାମ୍ଭିକତା ନ ଥିଲା, ଥିଲା ହୃଦୟର ଜୟ କରିବାର ଅଦମ୍ୟ ବାସନା। ତେଣୁ ଭାରତକୁ ଗାନ୍ଧୀ ଆସିଲା ପରେ ଚେଷ୍ଟାକୃତ ଭାବେ ଓ ନିଜର କାର୍ଯ୍ୟବିଧି ଦ୍ୱାରା ଆପଣାର ଏକ ଭାବ ମୂର୍ତ୍ତି ସେ ଜନ ସାଧାରଣଙ୍କ ଆଗରେ ଛିଡ଼ା କରାଇବାକୁ ଚାହିଥିଲେ। ମାନସିଂହଙ୍କର ମନ ଓ ହୃଦୟ ବାପୁଜୀଙ୍କୁ ଜଣେ ସାଧାରଣ ମଣିଷ ଭାବରେ ଗ୍ରହଣ କରିପାରି ନ ଥିଲା, ତାଙ୍କ ମଧ୍ୟରେ ଦେବତ୍ୱର ଦ୍ୟୁତି ସେ ଅବଲୋକନ କରିଥିଲେ। ଖ୍ରୀଷ୍ଟଧର୍ମର ଭ୍ରାତୃତ୍ୱବୋଧ, ଜୈନଧର୍ମର ସହନଶୀଳତା ଓ ଜୀବପ୍ରୀତି ତାଙ୍କୁ ଏକ ନୂତନ ଯିଶୁଖ୍ରୀଷ୍ଟରେ ପରିଣତ କରିଥିଲା। ମାନସିଂହଙ୍କର ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧା ତାଙ୍କର 'ବାପୁତର୍ପଣ' ପୁସ୍ତକର ପ୍ରତିଛତ୍ରରେ ଉଦ୍‌ଭାସିତ। 'ବାପୁ ତର୍ପଣ' ଠାରୁ 'ଯେଉଁମାନେ ଗାନ୍ଧୀଙ୍କୁ ମହାତ୍ମା କଲେ' ପର୍ଯ୍ୟନ୍ତ ପ୍ରାୟ ଚାଳିଶ ବର୍ଷ ଧରି ଗାନ୍ଧିଜୀଙ୍କ ପ୍ରତି ଥିଲା ତାଙ୍କର ଅନାବିଳ ଶ୍ରଦ୍ଧା ଓ ଭକ୍ତି। ଗାନ୍ଧିଜୀଙ୍କ ଠାରେ ସେ ବୁଦ୍ଧଙ୍କର ମହନୀୟତା ମଧ୍ୟ ଦେଖିପାରିଥିଲେ। ମାନସିଂହଙ୍କ ଭାଷାରେ: "ଅନେକ ବିଜ୍ଞ ବୈଦେଶିକ ଗାନ୍ଧୀଙ୍କୁ ଦ୍ୱିତୀୟ ବୁଦ୍ଧ ବା ଖ୍ରୀଷ୍ଟ ବୋଲି କହିଥା'ନ୍ତି। କାରଣ ତାଙ୍କ ଜୀବନର ମୌଳିକ ତତ୍ତ୍ୱ ଗୁଡ଼ିକ ପୂର୍ବବର୍ତ୍ତୀ ମହାପୁରୁଷଦ୍ୱୟଙ୍କ ଜୀବନଧାରା ସଂଗେ ଅଧିକାଂଶରେ ସମାନ।"[୨୪]

ବାପୁଜୀଙ୍କର ଈଶ୍ୱର ସଂପର୍କୀୟ ବିଚାରକୁ ମାନସିଂହ ଆନ୍ତରିକ ସମ୍ମାନ ଜଣାଇଛନ୍ତି। ଜୀବନକୁ ସୁଖଶାନ୍ତିରେ ବିତାଇବା ପାଇଁ, ବାପୁଜୀଙ୍କ ପ୍ରଦର୍ଶିତ ମାର୍ଗହିଁ ଉପଯୁକ୍ତ ବୋଲି ଚିନ୍ତା କରି ମାନସିଂହ କହନ୍ତି: "ବାପୁଜୀଙ୍କ ମତରେ ଯଦି ଦୈନନ୍ଦିନ ଜୀବନର ପ୍ରତ୍ୟେକ ଘଟଣାରେ ଈଶ୍ୱର ସହାୟ ନ ହୁଅନ୍ତି, ତେବେ ଈଶ୍ୱରଙ୍କୁ ଉପାସନା କରିବାର ଅର୍ଥ ନାହିଁ। ବାପୁଜୀ ପ୍ରତ୍ୟେକ ଛୋଟବଡ଼ କର୍ମରେ ହାତ ଦେବା ଆଗରୁ ଭିତରର 'ବାଣୀ'ର ନିର୍ଦ୍ଦେଶକୁ ଅପେକ୍ଷା କରୁଥିଲେ।"[୨୫] ପୁଣି ବାପୁଜୀଙ୍କ ବିଷୟରେ ସେ କହନ୍ତି : "ଇଣ୍ଟିଗ୍ରେସନ ଆଣିପାରିଥିବା ଲୋକକୁହିଁ ଗୀତାରେ କୁହାଯାଇଛି ସ୍ଥିତଧୀ, ସ୍ଥିତପ୍ରଜ୍ଞ। ବାପୁଜୀଙ୍କ ନିକଟକୁ ଯେ କେହି ଆସୁଥିଲେ ସେ ତାଙ୍କର ଏହି ସ୍ଥିତଧୀ ଗୁଣରେ ଆବାକ୍ ହେଉଥିଲେ। ତାଙ୍କର ନ ଥିଲା ଆକର୍ଷଣ, ନଥିଲା ଘୃଣା, ତାଙ୍କର ନଥିଲା ଶତ୍ରୁ, ଥିଲେ କେବଳ ମିତ୍ର, ତାଙ୍କର ଦୁଃଖ ବି ନଥିଲା, ସୁଖ ବି ନ ଥିଲା, ଭଗବାନଙ୍କୁ ସାକ୍ଷୀ ରଖି ସେ କେବଳ ଆଗେଇ ଚାଲିଥିଲେ ସତ୍ୟର ଋକ୍ଷ ପଥରେ।"[୨୬] ମାନସିଂହ ପୁଣି କହନ୍ତି: "ଯଦି ଜୀବନରେ ଆମେ ଶାନ୍ତି ସୁଖ ଓ ପ୍ରକୃତ ବିଜୟ ଚାହୁଁ, ତେବେ ଆମକୁ ବାପୁଜୀଙ୍କ ପରି ଚିତ୍ତକୁ ଇଣ୍ଟିଗ୍ରେଟଡ୍ ବା ଏକୀଭୂତ କରିବାକୁ ହେବ।"

ମାନସିଂହ ବିଲାତଯାତ୍ରା ପୂର୍ବରୁ ବାପୁଜୀଙ୍କ ସଂପର୍କରେ ଧାରାବାହିକ ଭାବରେ ଅଧ୍ୟୟନ କରୁଥିଲେ। ପୁଣି ବିଲାତ ଅବସ୍ଥାନ କାଳରେ ବିଭିନ୍ନ ସ୍ଥାନରେ ଗାନ୍ଧୀଙ୍କ ସଂପର୍କରେ ଭାଷଣ ଦେବା କଥା ଆମେ ତାଙ୍କର 'ପଶ୍ଚିମ ପଥିକ' ପୁସ୍ତକରୁ ଜାଣିପାରୁ। ଥରେ ଇଂଲଣ୍ଡରେ ଗାନ୍ଧୀଙ୍କ ସଂପର୍କରେ ଆଲୋଚନା କରୁ କରୁ ଜଣେ ଇଂରେଜ ଭଦ୍ରବ୍ୟକ୍ତିଙ୍କୁ ମାନସିଂହ ପଚାରିଲେ—"ଆଚ୍ଛା କୁହନ୍ତୁ ତ ବର୍ତ୍ତମାନ ଜଗତର ଶ୍ରେଷ୍ଠ ଖ୍ରୀଷ୍ଟିଆନ କିଏ ? ଲୋକଟି ତତ୍‌କ୍ଷଣାତ୍ ଉତ୍ତର ଦେଲା 'ବିନା ଚିନ୍ତାରେ କହିବାକୁ ହେବ ଯେ, ମିଃ ଗାନ୍ଧୀ ଓ ତା ପଛକୁ ଆଣ୍ଡ୍ରୁଜ୍'। ମାନସିଂହ କହନ୍ତି "ମୋର ତ ଗର୍ବ ଅନୁଭବ କରିବାର କଥା।"[୨୭] ଏହି ଉକ୍ତିରୁ ମାନସିଂହଙ୍କର ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧା ଓ ଧର୍ମ ସଂପର୍କରେ ତାଙ୍କର ଉଦାର ଭାବଧାରାର ସ୍ୱଷ୍ଟ ଚିତ୍ର ମିଳେ।

ଉପରୋକ୍ତ ଉଦାହରଣ ଓ ଆଲୋଚନାରୁ ପ୍ରତୀୟମାନ ହୁଏ ଯେ ମାନସିଂହ ଜୀବନରେ ସତ୍ୟର ସଂଧାନ ଓ ଈଶ୍ୱର ପ୍ରାପ୍ତି ନିମିତ୍ତ ବିଭିନ୍ନ ମାର୍ଗ ମଧ୍ୟରୁ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗକୁ ଏକତମ ଆଦର୍ଶ ଭାବରେ ଗ୍ରହଣ କରିଥିଲେ। କାରଣ ଗାନ୍ଧୀଜୀଙ୍କ ନିକଟରେ ଉଦାର ମାନବବାଦୀ ଧାରା ଓ ସର୍ବଧର୍ମ ସମନ୍ୱୟର ସୂତ୍ରର ସଂଧାନ ପାଇଥିଲେ।

### ଗାନ୍ଧୀ ହିଁ ଈଶ୍ୱର.....

ମାନସିଂହ ଗାନ୍ଧୀଙ୍କର ଧର୍ମଧାରାରେ କେବଳ ବିଶ୍ୱାସ ସ୍ଥାପନ କରିନଥିଲେ, ତାଙ୍କ ଦୃଷ୍ଟିରେ ଗାନ୍ଧୀ ହିଁ ନିଜେ ଈଶ୍ୱରଙ୍କର ଅବତାର। ସାଧାରଣ ମଣିଷଙ୍କ ଠାରୁ ବାପୁଜୀଙ୍କୁ ସେ ଭିନ୍ନ ଦୃଷ୍ଟିରେ ଦେଖିଥିଲେ। ତେଣୁ ସେ ଲେଖିଛନ୍ତି :

"ମସ୍ତକେ ମୋର ନିତ୍ୟ ପଡୁ ହେ ବାପୁଜୀ ତମର ଚରଣ–ଧୂଳି,
ଧନ୍ୟ ହେବ ଏ କ୍ଲିନ୍ନ ଅଂଗ, ପୁଣ୍ୟେ ଯିବ ମୋ ପରାଣ ପୂରି।"[୨୮]

ବାପୁଜୀ ଜଣେ ଯୁଗ ପୁରୁଷ, ପୟଗମ୍ବର, ସେ ଯୁଗେ ଯୁଗେ ବୁଦ୍ଧ, ରସୁଲ, ଖ୍ରୀଷ୍ଟ ରୂପରେ ଜନ୍ମଲାଭ କରି ମଣିଷ ମଧ୍ୟରେ ଥିବା ଗ୍ଲାନିକୁ ଦୂର କରି ମଣିଷ ମନର ଚେତନାକୁ ଜାଗ୍ରତ କରନ୍ତି। ସେ ନୂତନ ଖ୍ରୀଷ୍ଟ, ବ୍ରାହ୍ମଣ, ପୁରୁଷୋତ୍ତମ ତଥା ଭଗୀରଥ ସଦୃଶ। ମାନସିଂହଙ୍କ ଭାଷାରେ :

"ବୁଦ୍ଧ, ଖ୍ରୀଷ୍ଟ, କୃଷ୍ଣ, ନିମାଇଁ, ଯୁଗେ ଯୁଗେ ଦେଲେ ଯାଚି ଯେ ଦାନ,
ସେଇ ବିତରଣ ପାଇଁ ତ ହେ ଯୋଗି, ତୁମ ଜୀବନର ଏ ଅଭିଯାନ।"[୨୯]

ମାନସିଂହ 'ବାପୁତର୍ପଣ'ର ବିଭିନ୍ନ କବିତାରେ ବାପୁଜୀଙ୍କୁ ସ୍ୱୟଂ ଈଶ୍ୱରଙ୍କର ଅଂଶ ବିଶେଷ ବା ଦେବତା ଭାବରେ ବର୍ଣ୍ଣନା କରିଛନ୍ତି। ଶ୍ରୀକ୍ଷେତ୍ରରେ ଜଗନ୍ନାଥ କେବଳ ପତିତ-ପାବନ ନାମ ଧାରଣ କରିଛନ୍ତି; ଅଥଚ କାର୍ଯ୍ୟରେ ସେଠାରେ ପତିତମାନଙ୍କର ପ୍ରବେଶର ଅଧିକାର ନାହିଁ। ମାତ୍ର ବାପୁଜୀ ବାସ୍ତବ କ୍ଷେତ୍ରରେ, ଯୁଗ ଯୁଗ ଧରି ଯେଉଁମାନେ ପତିତ, ଦଳିତ, ଅପମାନିତ ହୋଇଥିଲେ; ସେହି ପତିତମାନଙ୍କୁ ଯୁଗଯୁଗର ଅଂଧକାର ମଧ୍ୟରୁ ମୁକ୍ତି ଦେଇଦେଲେ। ମାନସିଂହ ଗାନ୍ଧୀଙ୍କୁ ସମ୍ବୋଧନ କରି ଲେଖିଛନ୍ତି : ପତିତ ପାବନ, ହେ ଦେବତା, ହେ ମହାତ୍ମା, ହେ ଗାନ୍ଧୀ-ରାଜନ,[୩୦] ଏବଂ ପତିତ ପାବନ ମହା-ମାନବ ଗାନ୍ଧିରେ[୩୧] 'ନାପିତୁଣୀର ଗାନ୍ଧୀ ପୂଜା'କବିତାରେ ଗାନ୍ଧୀଙ୍କୁ ସେ ସ୍ୱୟଂ ଦେବତା ଭାବରେ ଉପସ୍ଥାପନ କରି କହିଛନ୍ତି :

'ହେଉଛନ୍ତି କୁହାକୁହି ପଚରାପଚରି—
କି ଦେବେ ଗାନ୍ଧିରେ ଭେଟି, ଦରିଦ୍ର ସକଳେ—
ହେଲେ କି ଦେବତା—ଦେଖା ହେବ ରିକ୍ତ—କରେ ?[୩୨]

'ଗାନ୍ଧିଜୀ' କବିତାରେ ଅନୁରୂପ ଭାବରେ ବାପୁଜୀଙ୍କଠାରେ ଦେବତ୍ୱର ଆରୋପ କରି ସେ ଲେଖିଛନ୍ତି :

'ଦେବତା-ଆତ୍ମା ବହେ ଯେ ତାହାର,
କ୍ଷୀଣ ମାଟି ଅବୟବେ,
ପଦ୍ମ-ବିକାଶ ତେଣୁ ସିନା ତାର
ଚଲାପଥେ ସମ୍ଭବେ ?
ବୁଦ୍ଧ, ଖ୍ରୀଷ୍ଟ ଏକ ସେ କରିଲା
ପତିତକୁ କଲା ଭାଇ,
ସତ୍ୟ ଯେ ପୂଜେ, ଶତ୍ରୁ ତାହାର କାହିଁ।'[୩୩]

କବି ମାନସିଂହ ବାପୁଜୀଙ୍କ ମହାପ୍ରୟାଣ ପରବର୍ତ୍ତୀ କବିତା ଗୁଡ଼ିକରେ ବାପୁଜୀଙ୍କୁ ଦେବତା, ନାରାୟଣ, ପାପ-ନାଶନ, ପତିତ-ପାବନ, ମୃତ୍ୟୁଂଜୟୀ, ରସୁଲ, ମେସିୟା ଓ ଅବତାର ଭାବରେ ବିଭିନ୍ନ ସ୍ଥାନରେ ବର୍ଣ୍ଣନା କରିଛନ୍ତି। ମାନସିଂହଙ୍କୁ ବାପୁଜୀ ତାଙ୍କର ଅନୁସୃତ ଧର୍ମଭାବ ଦ୍ୱାରା କେବଳ ଅନୁପ୍ରାଣିତ କରି ନାହାନ୍ତି, ବରଂ ବାପୁଜୀ ତାଙ୍କ ଦୃଷ୍ଟିରେ ସ୍ୱୟଂ ଭଗବାନଙ୍କର ଅବତାର। ଗାନ୍ଧୀଜୀଙ୍କ ଧର୍ମଧାରା ଉପରେ ମାନସିଂହଙ୍କର ଧାରଣା

ପରବର୍ତ୍ତୀ କାଳରେ କିଞ୍ଚିତ ପରିବର୍ତ୍ତିତ ହୋଇଥିଲେ ମଧ୍ୟ, ସେ ହିନ୍ଦୁମାନଙ୍କର ଦେବତା ଓ ଗୀତାର ନାୟକ ତଥା ପ୍ରବକ୍ତା ଶ୍ରୀକୃଷ୍ଣଙ୍କ ସହିତ ଗାନ୍ଧିଜୀଙ୍କୁ ଅବତାର ଭାବରେ ବର୍ଣ୍ଣନା କରିଛନ୍ତି। ବିପ୍ଳବୀ କୃଷ୍ଣଙ୍କୁ ବିପ୍ଳବୀ ମହାତ୍ମାଗାନ୍ଧୀଙ୍କ ସହିତ ତୁଳନା କରି ଲେଖିଛନ୍ତି– "ଏଇ ଲେଖକର ମତରେ ସମସାମୟିକ କାଳରେ ସାମ୍ରାଜ୍ୟହୀନ କୃଷ୍ଣ ଯେ, ସମ୍ରାଟର ସମ୍ମାନ ପାଉଥିଲେ, ବୋଧହୁଏ ତା'ର ମୂଳ ପତ୍ତନ ପଡ଼ିଥିଲା ମାତ୍ର, ତରୁଣ ବୟସରେ ହିଁ ତାଙ୍କର ଏହି ଅସାଧାରଣ ବିପ୍ଳବାତ୍ମକ ନେତୃତ୍ୱରେ ଯାହାକି ଏକଛତ୍ରବାଦୀଶାସକର ପତନ ଘଟାଇ ଏକ ନିର୍ଯ୍ୟାତିତ ପ୍ରଜା- ସଂପ୍ରଦାୟକୁ ମୁକ୍ତି ଦେଇ ପାରିଥିଲା। ପରବର୍ତ୍ତୀ ମହାତ୍ମାର ମୂଳପତ୍ତନ ଠିକ୍ ଏହିପରି ପଡ଼ିଥିଲା ନିର୍ଯାତିତ ଭାରତୀୟ ମାନଙ୍କ ପାଇଁ ଦକ୍ଷିଣ ଆଫ୍ରିକାର ନିରୁପଦ୍ରବ ପ୍ରତିରୋଧରେ।"[୩୪] ମାନସିଂହ ଦେବତା ଶ୍ରୀକୃଷ୍ଣଙ୍କୁ ଯେପରି ଜଣେ ମହାମାନବ ଭାବରେ ଚିନ୍ତା କରିଛନ୍ତି, ବାପୁଜୀଙ୍କୁ ସେହିପରି ଦେବତାଙ୍କ ଅବତାର ବୋଲି ମନେ କରିଛନ୍ତି।

## ବୁଦ୍ଧ ପ୍ରଭାବିତ ଧର୍ମାଦର୍ଶ:

ମାନସିଂହଙ୍କ ଚିତ୍ତଲୋକରେ ଦଳିତ ପତିତ ଜନ ସାଧାରଣଙ୍କ ପ୍ରତି ସହାନୁଭୂତି, ସତ୍ୟ ଓ ଧର୍ମପାଇଁ ଆତ୍ମତ୍ୟାଗ ଓ ତତ୍ ସଂପର୍କିତ ଆଦର୍ଶବୋଧ, ଜୀବନ ଓ ଜଗତକୁ ଜିଜ୍ଞାସାର ପୂର୍ଣ୍ଣ ଦୃଷ୍ଟିରେ ଦେଖିବାର ଇଚ୍ଛା ଏକତ୍ର ସହାବସ୍ଥାନ କରିଥିଲା। ତରୁଣ ବୟସର କବି ମନ ଏଇ ସମସ୍ତ ଆଦର୍ଶ ଓ ମାନବତାବାଦର ପ୍ରତିମୂର୍ତ୍ତି ଗାନ୍ଧୀଙ୍କ ଠାରେ ଲକ୍ଷ୍ୟ କରି ତାଙ୍କ ପ୍ରତି ଭକ୍ତିବିହ୍ୱଳ ହୋଇଉଠିଥିଲା। ଭଗବାନ ଓ ଗାନ୍ଧୀ ତାଙ୍କ ଦୃଷ୍ଟିରେ ଏକ ହୋଇଥିଲେ; କିନ୍ତୁ ଧର୍ମବିଶ୍ୱାସ ଦୃଷ୍ଟିରୁ ସେ କ୍ରମଶଃ ଗାନ୍ଧିଜୀଙ୍କ ଠାରୁ ଦୂରେଇବା ପାଇଁ ବାଧ୍ୟ ହୋଇଥିଲେ। ମାନସିଂହଙ୍କର ପୁରୋହିତତନ୍ତ୍ର ଓ ବ୍ରାହ୍ମଣ୍ୟ ଧର୍ମ ପ୍ରତି ଥିଲା ଆକଣ୍ଠ ଘୃଣା। ଗାନ୍ଧିଜୀ ହରିଜନ ଗିରିଜନମାନଙ୍କର ଉନ୍ନତି ପାଇଁ ଆତ୍ମତ୍ୟାଗ କରିବା ପାଇଁ ପ୍ରସ୍ତୁତ ଥିଲେ କିନ୍ତୁ ବ୍ରାହ୍ମଣ ସଂପ୍ରଦାୟକୁ ନିନ୍ଦା କରିବା ପାଇଁ କିମ୍ବା ସେମାନଙ୍କ ଠାରୁ ଦୂରେଇ ରହିବା ପାଇଁ ଇଚ୍ଛା ପ୍ରକାଶ କରୁ ନଥିଲେ। ଦ୍ୱିତୀୟତଃ ଗାନ୍ଧି ଥିଲେ ରାଜନୈତିକ ନେତା, ଧର୍ମ ପ୍ରଚାରକନୁହନ୍ତି। ଗାନ୍ଧିଙ୍କର ରାଜନୈତିକ ଅନୁଷ୍ଠାନ କଂଗ୍ରେସ ପ୍ରତି ମାନସିଂହଙ୍କର ବିଶେଷ ଶ୍ରଦ୍ଧା ନଥିଲା। ତୃତୀୟତଃ ଗାନ୍ଧୀଙ୍କର ଅତିମାନବୀୟ ପୁରୁଷାକାରକୁ ଗ୍ରହଣ କରୁଥିଲେ ବି ତାଙ୍କର ହେତୁବାଦୀ ଜିଜ୍ଞାସା ଗାନ୍ଧୀଙ୍କ ପ୍ରଦର୍ଶିତ ପଥକୁ ଅମୋଘ ମାନିବା ପାଇଁ ପ୍ରସ୍ତୁତ ନଥିଲା। ସେଇଥିପାଇଁ ଜୀବନର ଆଦ୍ୟ ଅପରାହ୍ନରେ ମାନସିଂହ ଗାନ୍ଧୀଜୀଙ୍କୁ ଶ୍ରେଷ୍ଠ ମଣିଷ ଭାବେ ସ୍ୱୀକୃତି ଦେଇବି କ୍ରମଶଃ ବୌଦ୍ଧ ଧର୍ମ ଆଡ଼କୁ ଆକର୍ଷିତ ହୋଇଯାଉଥିଲେ। ବ୍ୟକ୍ତିଗତ, ପାରିବାରିକ ତଥା ସାମାଜିକ ଜୀବନରେ ନାନା ଅଭିଘାତ ଓ ପ୍ରେରଣା ତାଙ୍କୁ ବୌଦ୍ଧଧର୍ମର ଅଗଣା ଭିତରକୁ ନେଇଯାଇଥିଲା। ବୌଦ୍ଧଧର୍ମ ପ୍ରତି ତାଙ୍କର ଆକର୍ଷଣ କିନ୍ତୁ ଆକସ୍ମିକ ନଥିଲା। ତରୁଣ ବୟସରେ ବି ଗୌତମ ବୁଦ୍ଧଙ୍କର ଭାବ ବିପ୍ଳବ ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ବୌଦ୍ଧଧର୍ମାବଲମ୍ବୀ ମାନସିଂହଙ୍କୁ ଜାଣିବା ପାଇଁ ଓ ତାଙ୍କର ଭଗବତ୍‌ବିଶ୍ୱାସର

ସ୍ପଷ୍ଟ ରୂପରେଖ ଜାଣିବା ପାଇଁ ବୁଦ୍ଧ ଓ ବୌଦ୍ଧଧର୍ମ ପ୍ରତି ତାଙ୍କର ଦୃଷ୍ଟିକୋଣ ସଦୃଷ୍ଟାନ୍ତ ଆଲୋଚନାର ଅପେକ୍ଷା ରଖେ।

'ବୁଦ୍ଧ' ମାନସିଂହଙ୍କର ପ୍ରିୟ କାରଣ "ଘୋର ଅରଣ୍ୟରେ ରାଜପୁତ୍ର ଗୌତମ ସମଗ୍ର ମାନବ ଜାତିର ଦୁଃଖପାଇଁ, ଯାହା ଆବିଷ୍କାର କଲେ, କାଳ ଆଜି ତାକୁ ବିଶ୍ୱ ବ୍ୟାପୀ କରିଛି।"[୩୫] ଇଂଲଣ୍ଡ ଅବସ୍ଥାନ କାଳରେ ମାନସିଂହ ସାମୟିକ ଭାବରେ ରବିବାର ଦିନ ଚର୍ଚ୍ଚକୁ ଯାଉଥିଲେ। ଥରେ ଚର୍ଚ୍ଚରେ ଜଣେ ବ୍ୟକ୍ତି ସହିତ ଧର୍ମଚର୍ଚ୍ଚା କରୁ କରୁ ସେ ଜଗତର ଖ୍ରୀଷ୍ଟଙ୍କୁ ଶ୍ରେଷ୍ଠ ସ୍ଥାନ ଦେଲାବେଳେ, ମାନସିଂହ ବୁଦ୍ଧଙ୍କୁ ଶ୍ରେଷ୍ଠସ୍ଥାନ ଦେଇ ଯୁକ୍ତିରେ ସେ ଲୋକକୁ ବୁଦ୍ଧଙ୍କ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ।

ମାନସିଂହଙ୍କ ଧର୍ମ ଓ ଭଗବାନ ବିଚାର ସଂପର୍କରେ 'ଅକ୍ଷତ' କବିତା ପୁସ୍ତକର ଭୂମିକା ବିଶେଷ ପ୍ରଣିଧାନ ଯୋଗ୍ୟ। ମାନସିଂହ ଲେଖିଛନ୍ତି: "ଏହି ଲେଖକ ଯତି, ଭକ୍ତ ବା ଧାର୍ମିକ ନୁହେଁ। ଧରାତଳର କୋଟି କୋଟି ପଥଯାତ୍ରୀମାନଙ୍କ ମଧ୍ୟରୁ ସେ ଏକ ସାମାନ୍ୟତମ ଯାତ୍ରୀ ମାତ୍ର। ସାଧାରଣ ସହଯାତ୍ରୀମାନଙ୍କ ପରି ତା'ର ଶରୀର ଜୀବନ ସଂଗ୍ରାମର ଅସ୍ତ୍ର କ୍ଷତରେ ବିକଳ, ତା'ର ଗଣ୍ଡ ଅଶ୍ରୁ-ସ୍ନାତ, ତାର ଅନ୍ତର ଅସନ୍ତୋଷ ଓ ଅଭିମାନରେ ଭରା।

ନିଜ ଜୀବନର ଓ ସହଯାତ୍ରୀ ଜୀବଗ୍ରାମର ଦୁଃଖ ଦୁର୍ଦ୍ଦଶାର କଥା ଭାବୁ ଭାବୁ ଲେଖକ ବେଳେ ବେଳେ ଗୌତମ ବୁଦ୍ଧଙ୍କ ସଂଗେ ନିରୀଶ୍ୱର ହେଲା ବେଳକୁ, ଚେଣେ ରାମକୃଷ୍ଣ ପରମହଂସଙ୍କର ଈଶ୍ୱର-ଲୁବ୍ଧିତା ଦେଖି ସ୍ତବ୍ଧ ହୁଏ। ଏ ରହସ୍ୟ ଠିକ୍ ଉତ୍ତର କିଏ ଦେବ?"[୩୬]

ଏହି ଦୃଶ୍ୟମାନ ସୃଷ୍ଟିର ରହସ୍ୟ ଭେଦ କରିବାକୁ ସଭ୍ୟତାର ଆରମ୍ଭରୁ ନାନା ଧର୍ମ, ନାନା ଦର୍ଶନ ଓ ବିଭିନ୍ନ ମତବାଦ ଚେଷ୍ଟାକରି ମଧ୍ୟ ସଠିକ ଭାବରେ କିଛି ପ୍ରକାଶ କରି ପାରି ନାହାନ୍ତି। ବହୁ ସହସ୍ର ବର୍ଷ ତଳେ ଋଗ୍‌ବେଦରେ ଋଷିଗଣ ମଧ୍ୟ ଏହି ପ୍ରଶ୍ନକୁ ଅସମାଧିତ ଭାବରେ ଛାଡ଼ି ଯାଇଛନ୍ତି। ଏହି ଅସମାଧିତ ପ୍ରଶ୍ନ ସଂପର୍କରେ ଅଧିକ ଚର୍ଚ୍ଚାକୁ ମାନସିଂହ ଆଗ୍ରହ ନ କରି ବର୍ତ୍ତମାନର ମଣିଷର ସୁଖଦୁଃଖ କଥା ଚିନ୍ତା କରିଛନ୍ତି: "ବୁଦ୍ଧ ଏଥିପାଇଁ ସୃଷ୍ଟି ଓ ସ୍ରଷ୍ଟାର ତତ୍ତ୍ୱ ନେଇ ସମୟ ବୃଥା ନଷ୍ଟ ନ କରି ଆତ୍ମ-ଦର୍ଶନ ଦ୍ୱାରା ସଂସାର-ଦୁଃଖରୁ ନିର୍ବାଣ ଲାଭ କରିବାକୁ ଉପଦେଶ ଦେଇଥିଲେ। କିନ୍ତୁ ମନୁଷ୍ୟର କିଛି ଏକ ଅଦୃଶ୍ୟ ଶକ୍ତି ସଙ୍ଗେ ନିଜକୁ ସମ୍ପର୍କିତ କରି ଏକ ପ୍ରକାର ମାନସିକ ସୁଖ ଆସ୍ୱାଦନ କରିବାକୁ ଚାହେଁ। ଫଳରେ ବୁଦ୍ଧଙ୍କର ଶିଷ୍ୟମାନେ ନିଜେ ଗୁରୁଙ୍କୁ ଈଶ୍ୱର ରୂପେ ପୂଜା କରିବାକୁ ଲାଗିଲେ।"[୩୭]

ମାନସିଂହ ଈଶ୍ୱର ଆରାଧନା ସଂପର୍କରେ କହିଛନ୍ତି: "ଏ ଲେଖକ ଭକ୍ତ ବା ସାଧକ ନୁହେଁ। ସେ ଇହ ଜୀବନର ଦୁଃଖ ସୁଖର ଏକ ଭୋକ୍ତା ମାତ୍ର। ମନୁଷ୍ୟ ନିଜ ଅନ୍ତରର ଦୁଃଖ ସୁଖ ଅନ୍ୟ ଆଗରେ କହି ସୁଖ ପାଏ। ଲେଖକ ଅନ୍ୟଗତି ନ ଦେଖି, ଈଶ୍ୱର ନାମକ ସେହି ଶାଶ୍ୱତ-ରହସ୍ୟମୟ ଅଦୃଷ୍ଟ ପୁରୁଷ ନିକଟରେ ତାହାହିଁ

କରିବାକୁ ଯାଉଛି।"[୩୮] ବୁଦ୍ଧଙ୍କର ନିରୀଶ୍ୱରବାଦୀ ଆତ୍ମଜିଜ୍ଞାସା, ପୁରୋହିତ ଶାସନ ବିରୋଧରେ ଧର୍ମଯୁଦ୍ଧ, ମାନସିଂହଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା। ତାଙ୍କର ସଂପର୍କୀୟ ଭାଇ ଶିଳ୍ପୀ ଉପେନ୍ଦ୍ର ମହାରଥୀଙ୍କର ବୌଦ୍ଧଧର୍ମ ଗ୍ରହଣ, ତାଙ୍କୁ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ କରିଥିଲା ଓ ସେ ନିଜେ ବୌଦ୍ଧଧର୍ମାବଲମ୍ବୀରେ ପରିଣତ ହୋଇଥିଲେ। ବୌଦ୍ଧ ହେଲା ପରେ ବି ସେ ବୌଦ୍ଧମାନଙ୍କର ନାନା କୁସଂସ୍କାର ତଥା ରୀତିନୀତିକୁ ଗ୍ରହଣ କରିପାରି ନଥିଲେ। ନୂତନ ଧର୍ମ ଗ୍ରହଣ କରି ସେହି ଧର୍ମ ଭିତରେ ବିପ୍ଳବର ଧ୍ୱଜା ଉଡାଇଥିଲେ। ମାନସିଂହ ବୌଦ୍ଧଧର୍ମ ଗ୍ରହଣ କରିବା ପରେ ବୁଦ୍ଧଙ୍କ ସଂପର୍କରେ କହିଥିଲେ: "ଭାରତବର୍ଷରେ ପଂକିଳ ଆଚାର ବିରୁଦ୍ଧରେ ପ୍ରଥମ ଓ ପ୍ରଧାନ ସଂଗ୍ରାମ ଚଳାଇଲେ ବୁଦ୍ଧ। ବେଦକୁ ସାମାନ୍ୟ ମନୁଷ୍ୟ ରଚିତ ଗ୍ରନ୍ଥ ମାତ୍ର ବୋଲି ମନେ କରିବା, ସର୍ବଜାତିକୁ ସମାନ ମନେ କରିବା, ବହୁଯୁଗ ପ୍ରତିଷ୍ଠିତ ଯାଗଯଜ୍ଞର ନିଂଦାବାଦ କରିବା—ତୀକ୍ଷ୍ଣତମ ବିଚାର ଓ ଅସାଧାରଣ ସାହସ ବିନା ଅସଂଭବ।"[୩୯] ଏହି ମହାନ୍ ସାହସିକ ଗୁଣଯୋଗୁ ମାନସିଂହ ବୁଦ୍ଧଙ୍କୁ ଆଦରି ନେଇଥିଲେ। 'ବୁଦ୍ଧଂ ଶରଣଂ ଗଚ୍ଛାମି' କବିତାରେ ନିଜକୁ ଜଣେ ଭିକ୍ଷୁ ଭାବରେ ବୌଦ୍ଧ ବିହାରରେ ପ୍ରବେଶ କରାଇବାର କାମନା ସେ କରିଛନ୍ତି। ତଥାଗତ ବୁଦ୍ଧଙ୍କର ଅମୃତୋପମ ବାଣୀ ଅହରହ କବିଙ୍କର କର୍ଣ୍ଣପଟରେ ଅନୁରଣିତ ହେଉଥାଏ ଓ ସେହି ଶାନ୍ତ ଚକ୍ଷୁ ଦିଓଟି ମାନସ ପଟରେ ଭାସି ଉଠୁଥାଏ। ତଥାଗତ ବୁଦ୍ଧ ହିଁ କବିଙ୍କର ପ୍ରାଣ ବେଦନାକୁ ଶୁଣି ପାରିଛନ୍ତି। ବୁଦ୍ଧ, ଧର୍ମ ଓ ସଂଘର ଶରଣ ଯାଇ ତରୁଣ ଭିକ୍ଷୁ ଭାବରେ କବି ସମସ୍ତ ସମର୍ପଣ କରିଦେଇଛନ୍ତି। କବି ଜନଗଣର ମଂଗଳ ସହିତ ନିଜର ନିର୍ବାଣ ଆଶାରେ ବୌଦ୍ଧଧର୍ମ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି।

"ନିର୍ବାଣ ଆଶେ ତରୁଣ ଭିକ୍ଷୁ ରିକ୍ତ, ତିକ୍ତ, ତ୍ୟାଗୀ
କୁଟୁମ୍ବ-ଜନ ଘର-ସଂପଦ ଛାଡ଼ି ମୁଁ ଆସିଛି ମାଗି,
ତୁମରି କରୁଣା, ତଥାଗତ, ପାରି ହେବାକୁ ଏ ସଂସାର,
ଦୁଇଟି କୃଷ୍ଣ ନୟନ ଅଇରି ଆଜି ତା ତପସ୍ୟାର।
ତୁମେଇ ଶରଣ ତାର,
ହେ ଜୀନ, ବୁଦ୍ଧ, ପରମ ଶୁଦ୍ଧ, କରୁଣାର ଅକୂପାର।"[୪୦]

'ବୁଦ୍ଧ' ନାଟକର ମୁଖବନ୍ଧରେ ମାନସିଂହ ଲେଖିଛନ୍ତି: "ନିଜ ମନର କ୍ଷୁଧା ମେଣ୍ଟାଇବା ପାଇଁ ମୁଁ ମଝିରେ ମଝିରେ ବିବିଧ ଧର୍ମ ଶାସ୍ତ୍ର ଆଲୋଚନା କରିଥାଏ। ସମସ୍ତଙ୍କ ଭିତରେ ବୁଦ୍ଧ ଓ ତାଙ୍କର ବାଣୀ ମୋ ଚିତ୍ତକୁ ଅଧିକ ଅଭିଭୂତ କରିବାରୁ ତାଙ୍କର ଜୀବନ ଓ ତତ୍ତ୍ୱ ଅଧିକ ଆଲୋଚନା କଲି।"[୪୧] ମାନସିଂହ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହେବାର କାରଣ ସ୍ୱରୂପ ଲେଖିଛନ୍ତି ଯେ,– "ମାନବ ସଭ୍ୟତାର ଦୀର୍ଘ ଇତିହାସରେ କପିଳାବସ୍ତୁର ରାଜପୁତ୍ର ଶାକ୍ୟ ଗୌତମ ହିଁ ମନୁଷ୍ୟକୁ କେବଳ ମନୁଷ୍ୟ ହେବାକୁ ଶିଖାଇ ଯାଇଛନ୍ତି। ବୌଦ୍ଧଧର୍ମ କୌଣସି ଦେବଦୂତ ବା ଅବତାର ଦ୍ୱାରା ପ୍ରଚାରିତ ହୋଇନାହିଁ ଏବଂ ଏହା କୌଣସି କଳ୍ପିତ ଈଶ୍ୱରର କୃପା ବା ସ୍ୱର୍ଗ–ସୁଖର ବର୍ଣ୍ଣନା ଦେଇ ଲୋକଙ୍କୁ ଭୁଲାଇବାର ଚେଷ୍ଟା କରିନାହିଁ। ଏହା ମନୁଷ୍ୟ ପାଇଁ, ଏଇ ପୃଥିବୀସ୍ଥ

ମନୁଷ୍ୟ ପାଇଁ, ତାର ପୃଥିବୀସ୍ଥ ଜୀବନକୁ ସୁଖକର, ସହନୀୟ, ମହନୀୟ ଓ ମଧୁର କରିବାକୁ ହିଁ ଜଣେ ମହାନ୍–ମନୁଷ୍ୟ–ପ୍ରଦର୍ଶିତ ଏକ ବଂଚିବାର ଆଦର୍ଶ। ଏହା ହିଁ ଏକମାତ୍ର ମାନବିକ ଧର୍ମ।''[୪୨]

ବୌଦ୍ଧଧର୍ମର ବୈଶିଷ୍ଟ୍ୟ ସଂପର୍କରେ ମାନସିଂହ କହିଛନ୍ତି, ଏହାହିଁ ବିଶ୍ୱର ଏକମାତ୍ର ମାନବବାଦୀ ଧର୍ମ, କାରଣ, '' ଜଗତର ଶ୍ରେଷ୍ଠ ମାନବ ବୁଦ୍ଧ, ବାରମ୍ବାର କହିଛନ୍ତି ଯେ, ସେ ଜଣେ ସାମାନ୍ୟ ମନୁଷ୍ୟ ଏବଂ ପ୍ରତ୍ୟେକ ମନୁଷ୍ୟର 'ବୁଦ୍ଧ' ହେବାର ଶକ୍ତି ଅଛି, ସମ୍ଭାବନା ମଧ୍ୟ ଅଛି। ସେଥିପାଇଁ ଇତର ସାଧାରଣଙ୍କୁ ସ୍ୱୟଂ ବୁଦ୍ଧଙ୍କ ଚରଣ ତଳରେ ବା ଅନ୍ୟ କୌଣସି କାଳ୍ପନିକ ଦେବତା ବା ଈଶ୍ୱର ନିକଟରେ ଆଶ୍ରୟ ନେବାକୁ ହେବନାହିଁ। ଆଶ୍ରୟ ନେବାକୁ ହେବ ନିଜର ଆତ୍ମପ୍ରତ୍ୟୟ ନିଜର କ୍ରମବିକାଶମାନ ବ୍ୟକ୍ତିତ୍ୱ ଭିତରେ। ବୌଦ୍ଧଧର୍ମ ପାର୍ଥିବ ମନୁଷ୍ୟ ପାଇଁ ସର୍ବଶ୍ରେଷ୍ଠ ପାର୍ଥିବ ଧର୍ମ କେବଳ ନୁହେଁ, ମନୁଷ୍ୟର ବ୍ୟକ୍ତିତ୍ୱ ଓ ବିପୁଳ ସମ୍ଭାବନାର, ମନୁଷ୍ୟ ଭାବରେ ମନୁଷ୍ୟ ପ୍ରତି ବିଶ୍ୱାସ, ଅନ୍ୟ କୌଣସି ଧର୍ମରେ ଏଡ଼େ ସ୍ପଷ୍ଟ ଭାବରେ ଫୁଟିନାହିଁ, ଯେପରି ଫୁଟିଛି ବୁଦ୍ଧବାଣୀରେ।''[୪୩]

ଅନ୍ୟାନ୍ୟ ଧର୍ମାନ୍ତରିତ ବ୍ୟକ୍ତିଙ୍କ ଭଳି ମାନସିଂହ ମଧ୍ୟ ତାଙ୍କ ଧର୍ମାନ୍ତରର କାରଣ ପ୍ରଦାନ କରିଛନ୍ତି। ଜନ୍ମ ସୂତ୍ରରେ ସେ ହିନ୍ଦୁ ହେଲେ ବି ହିନ୍ଦୁ ଧର୍ମ ପ୍ରତି ଅନାକର୍ଷଣ ହିଁ ତାଙ୍କୁ ବୌଦ୍ଧଧର୍ମର ପ୍ରାଙ୍ଗଣକୁ ନେଇଆସିଛି। ଏ ସଂପର୍କରେ ସେ କହନ୍ତି: ''ମୋ ମତରେ ଭାରତର ସକଳ ଅପଯଶ, ଅପମୃତ୍ୟୁ, ପରାଜୟ ଓ ଲାଞ୍ଛନା ପାଇଁ ଦାୟୀ ବ୍ରାହ୍ମଣ୍ୟ ଧର୍ମ। ଏଇ ଧର୍ମ ଏ ଦେଶକୁ ଜାତି ପ୍ରଥାର ଗୋଲକଧନ୍ଦାରେ କେବେହେଲେ ଗୋଟାଏ ବିରାଟ ଏକକ, ଅଖଣ୍ଡ 'ନେଶନ' ଭାବରେ ଗଢ଼ି ଉଠିବାକୁ ଦେଇନାହିଁ। ଏ ଧର୍ମର ସ୍ୱାର୍ଥପର ପୁରୋହିତଦଳ ଜନସାଧାରଣଙ୍କୁ ସ୍ୱାର୍ଥର ଦ୍ୱାହି ଦେଇ ଚିରକାଳ ମୂର୍ଖତାର, ଭାଗ୍ୟବାଦିତାର ନୈରାଶ୍ୟମୟ ପଥହୀନ ମରୁଭୂମିରେ ଭ୍ରାମ୍ୟମାଣ କରାଇ ଆସିଛନ୍ତି।''[୪୪] 'ଅନାବଶ୍ୟକ ମଧ୍ୟସ୍ଥ' କବିତାରେ ସେ ପୁରୋହିତ ଦଳର ପ୍ରବଞ୍ଚନାର ଚିତ୍ର ପ୍ରଦାନ କରିଛନ୍ତି। 'କମଳାୟନ' କାବ୍ୟରେ ସ୍ୱାମୀ ମହାନନ୍ଦ, ବିଶ୍ୱମିତ୍ରା ଓ ସେପିଲୋକ ମଧ୍ୟରେ କଥୋପକଥନ ସମୟରେ ସେପିଲୋକ୍ ମୁଖରେ ମାନସିଂହ ନିଜର ମନର ଭାବ ପ୍ରକାଶ କରି କହିଛନ୍ତି: '' ସ୍ୱାର୍ଥପର ପୁରୋହିତ ସଂପ୍ରଦାୟ ହାତରେ ସମଗ୍ର ମାନବ ଜାତି ଯୁଗ ଯୁଗ ଧରି ସହି ଆସିଛି ଘୋର ଅଜ୍ଞତାର ଅମାନୁଷିକ ଅତ୍ୟାଚାର। ଜନତାର ମନରେ ନାନା ମିଥ୍ୟା ଆଶା ପୂରାଇ, ନାନା ଉପଚାରରେ ଜନତାର ଚିତ୍ତକୁ ଭୁଲାଇ, ତାର ବୁଦ୍ଧି ବିଚାରକୁ ଅପହରଣ କରି, ମୃତ୍ୟୁ ପରର ନାନା ଭୟ ସାଧାରଣ ଜନତାର ମସ୍ତକରେ ଭରି, ଏଇ ଭାରତ ପରି ସର୍ବତ୍ର ପୁରୋହିତ ସଂପ୍ରଦାୟ ମଣିଷକୁ ପଶୁପଲ ପରି ରଖିଥିଲେ।''[୪୫]

ବୁଦ୍ଧ ହିଁ ଏ ବିଷୟରେ ପ୍ରଥମରେ ପ୍ରତିବାଦ ଆରମ୍ଭ କଲେ। ଏହି ଘୋର ପ୍ରବଞ୍ଚନାମୟ ମିଥ୍ୟା ଧର୍ମକୁ ପ୍ରଥମେ ସେହି ବୁଦ୍ଧ ହିଁ ପ୍ରତ୍ୟାଖ୍ୟାନ କଲେ। ବୁଦ୍ଧ ହିଁ ଶିକ୍ଷା ଦେଲେ, ମଣିଷ ନିଜର ସତ୍‌କର୍ମର ଆଲୋକରେ ଆଲୋକିତ ହୋଇପାରେ।

ପଣ୍ଡା ପୁରୋହିତ ପାଦ୍ରୀମାନଙ୍କର ପ୍ରଦର୍ଶିତ ମାର୍ଗ କେବେହେଲେ ମଣିଷକୁ ଆଲୋକର ସଂଧାନ ଦେଇପାରେ ନାହିଁ। ବୁଦ୍ଧଙ୍କ ଜନ୍ମର ଅଢ଼େଇ ହଜାର ବର୍ଷ ପରେ ଲେଲିନ୍ ଋଷୀୟ ରାଷ୍ଟ୍ରସଂଘରେ ଶ୍ରମିକ ଓ ବୁଦ୍ଧିଜୀବୀମାନଙ୍କର ଆଂଦୋଳନ ସଂଗଠିତ କରି ଅନୁରୂପ ମୁକ୍ତିର ଆଲୋକ ଦେଖାଇଲେ।

## ବୌଦ୍ଧ ମାନସିଂହଙ୍କ ଈଶ୍ୱର ବିଶ୍ୱାସ:

ବୁଦ୍ଧ, ହିନ୍ଦୁ ଧର୍ମର ପୌତ୍ତଳିକତା ଓ ଜିଜ୍ଞାସାରହିତ ଦେବତାବିଶ୍ୱାସ ବିରୁଦ୍ଧରେ ଅଭିଯାନ କରି ନିଜର ଧର୍ମ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ କାଳରେ, ବୁଦ୍ଧଂକ ପ୍ରତିଷ୍ଠିତ ବୌଦ୍ଧଧର୍ମ, ବୁଦ୍ଧଙ୍କ ନାମ ପ୍ରଚାର କରିଥିବା ବୌଦ୍ଧଧର୍ମ, ପୌତ୍ତଳିକତା, ବହୁ-ଦେବତାବାଦ, ପ୍ରଶ୍ନୋର୍ଦ୍ଧ-ଈଶ୍ୱରରେ ବିଶ୍ୱାସ କରି ବସିଲା। ମାନସିଂହ ମୂଳରୁ ନାସ୍ତିକ ନଥିଲେ ହେଁ, ବହୁଦେବତାବାଦରେ ବିଶ୍ୱାସ କରୁ ନଥିଲେ ଓ ପାରଂପାରିକ ଈଶ୍ୱର-ବିଶ୍ୱାସ ମଧ୍ୟ ତାଙ୍କ ମନରୁ କ୍ରମଶଃ ଲୋପ ପାଇ ଆସୁଥିଲା। ବୁଦ୍ଧ ପ୍ରଚାରିତ ଧର୍ମର ନିରୀଶ୍ୱରବାଦିତା ପ୍ରତି ତାଙ୍କର ଆକର୍ଷଣ ସବୁଠାରୁ ବେଶି। ତେଣୁ ବୌଦ୍ଧ ହେଲାପରେ ଈଶ୍ୱର, ଦେବତା ଓ ଅବତାରବାଦ ସଂପର୍କରେ ସେ ଯେତେ ଆଲୋଚନା କରିଛନ୍ତି, ସବୁଥିରେ ସେ ତାଙ୍କର ବୁଦ୍ଧିଜୀବୀ ଜିଜ୍ଞାସାର ଛାପ ରଖିଯାଇଛନ୍ତି। ମାନସିଂହ କହନ୍ତି, ଯଦି ଈଶ୍ୱର ଥାଆନ୍ତି ଓ ତାଙ୍କର ଚିରପରସ୍ପରବିବଦମାନ ଭକ୍ତମାନଙ୍କର ପରସ୍ପର ବିରୋଧି ପ୍ରାର୍ଥନାମାନ ଶୁଣି କାମ କରିଥା'ନ୍ତେ, ତେବେ ଏ ସୃଷ୍ଟି ହୁଏତ ଜଂଗଲରାଜ୍ୟ ହୋଇଥାନ୍ତା ବା ଅଚଳ ରହନ୍ତା। ତାଙ୍କ ମତରେ ସମସ୍ତ ଧର୍ମପ୍ରଚାରକମାନଙ୍କ ମଧ୍ୟରେ ଏକମାତ୍ର ବୈଜ୍ଞାନିକ-ବିଚାରକ ହେଉଛନ୍ତି, ସେହି ମାନବଶ୍ରେଷ୍ଠ ବୁଦ୍ଧ। କାରଣ ଈଶ୍ୱରଙ୍କ ସଂପର୍କରେ ତାଙ୍କର ଧାରଣା ବୈଜ୍ଞାନିକ ବିଚାରସିଦ୍ଧ, କୌଣସି ଅଂଧବିଶ୍ୱାସ ଦ୍ୱାରା ତାହା ଗୃହୀତ ନୁହେଁ। ଯଦି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ବା ହିଅଁଙ୍କୁ ଭୋଗ ଦେଲେ ସବୁ ହୋଇଯା'ନ୍ତା, ତେବେ ମନୁଷ୍ୟର ଆଉ ଭାବନାଇ ନଥା'ନ୍ତା। କିଏ କାହିଁକି କାମ କରିବାକୁ ଯାଆନ୍ତା? ସାମାନ୍ୟତମ କୁଚିନ୍ତାର ଅବକାଶ ବା ଆସନ୍ତା କାହୁଁ?[୪୬] ପୁଣି ସେ କହନ୍ତି: "ଯେଉଁମାନେ ମନେ କରନ୍ତି ଯେ, ଈଶ୍ୱରବିଶ୍ୱାସ ବା ପ୍ରାର୍ଥନା ନ ହେଲେ ବଞ୍ଚିବା ଅସମ୍ଭବ, ସେମାନେ ସ୍ମରଣ କରିବା ଉଚିତ ଯେ ସମଗ୍ର ସୋଭିଏତ୍ ଋଷିଆ ଆଜି ନିରୀଶ୍ୱର। ସାଙ୍ଗେ ଏସିଆ ବ୍ୟାପ୍ତ ବିରାଟ ବୌଦ୍ଧ ଜନତା ନିରୀଶ୍ୱର। ଏପରିକି ସେହିପରି ବୌଦ୍ଧଧର୍ମ ପ୍ରଭାବିତ କେନ୍ଦ୍ର ଏସିଆର ବହୁଭାଷାରେ 'ଈଶ୍ୱର' ପାଇଁ କୌଣସି ଶବ୍ଦ ହିଁ ନାହିଁ। ଆଜି କୋଟି କୋଟି ହିନ୍ଦୁ, ସୀତାରାମ ବା ରାଧାକୃଷ୍ଣଙ୍କ ପୂଜା କରନ୍ତି। କିନ୍ତୁ ଏହି ଦେବତାଗୁଡ଼ିକର ଇତିହାସ ଆଠଶ ବା ହଜାର ବର୍ଷରୁ ବେଶି କି? ସଂସ୍କୃତ ଭାଗବତରେ ରାଧାର ନାମୋଲେଖ ନାହିଁ। ଏ ଲୀଳାର ଉତ୍ପତ୍ତି ଏକାଦଶ ଶତାବ୍ଦୀରେ। ଖ୍ରୀଷ୍ଟାନମାନେ ବିଶ୍ୱାସ କରନ୍ତି ଯେ, ଯିଏ ଯିଶୁଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ବୋଲି ନ ମାନିଛି, ତାର ମୁକ୍ତି ନାହିଁ। ଖ୍ରୀଷ୍ଟଧର୍ମର ବୟସ ୧୯୦୦ ବର୍ଷ ମାତ୍ର, କିନ୍ତୁ ମାନବ ସଭ୍ୟତାର ବୟସ ଅନ୍ତତଃ ପାଞ୍ଚହଜାର ବର୍ଷ।"[୪୭]

ମାନସିଂହ ଈଶ୍ୱରଙ୍କର ସ୍ୱରୂପ ସଂପର୍କରେ ଆଲୋଚନା କରି କହନ୍ତି : "ଜଗତରେ ଆମେ ଈଶ୍ୱରଙ୍କର ଯେତେ କଳ୍ପନା ଦେଖୁ, ତାହା ଦୁଇ ପ୍ରଧାନ ଭାଗରେ ବିଭକ୍ତ ହୋଇପାରେ। ଗୋଟିଏ ହେଉଛି ନରାକାର, ଅନ୍ୟଟି ନିରାକାର। ଖ୍ରୀଷ୍ଟାନ୍, ମୁସଲମାନ ପ୍ରଭୃତି ବହୁ ଧର୍ମରେ ଭଗବାନ ନରାକାର। କେବଳ ପ୍ରକୃତ ହିନ୍ଦୁ ଓ ବୌଦ୍ଧଧର୍ମରେ ଭଗବାନ ନିରାକାର।" ଏ କଥାକୁ ସ୍ପଷ୍ଟକରି ମାନସିଂହ କହନ୍ତି– "ମୁସଲମାନ ଧର୍ମ ପୌତ୍ତଳିକତାର ଘୋର ବିରୋଧୀ। ମହମ୍ମଦ ପ୍ରତିମା ପୂଜାର ଏପରି ବରୋଧୀ ଥିଲେ ଯେ କାଳେ ତାଙ୍କ ଭକ୍ତମାନେ ତାଙ୍କ ମୂର୍ତ୍ତିକୁ ପୂଜା କରି ବସିବେ ଏଥିପାଇଁ ତାଙ୍କର କୌଣସି ଚିତ୍ର ବା ପ୍ରତିମା ସେ କରାଇ ଦେଇ ନଥିଲେ। ଏ ଦିଗରେ ମହମ୍ମଦଙ୍କ ଦୃଷ୍ଟାନ୍ତ ପ୍ରକୃତରେ ଅସାଧାରଣ। ମୁସଲମାନମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ଅପେକ୍ଷା ଅନେକାଂଶରେ ପ୍ରକୃତରେ ପ୍ରତିମାପଭାବମୁକ୍ତ। କିନ୍ତୁ ମହମ୍ମଦ ଯେଉଁ ଆଲ୍ଲାଙ୍କର କଳ୍ପନାଟି ଦେଇଯାଇଛନ୍ତି ସେ ଗୋଟିଏ ବିରାଟ ପରାକ୍ରମଶାଳୀ ମନୁଷ୍ୟ ଛଡ଼ା ଆଉକିଛି ନୁହନ୍ତି। ଆଲ୍ଲା ବସିଛନ୍ତି ସ୍ୱର୍ଗରେ, ଦଣ୍ଡ ଦେଉଛନ୍ତି, ସ୍ତୁତି ଶୁଣୁଛନ୍ତି, ରାଗୁଛନ୍ତି, ତାଙ୍କର ସେଠି ସୁନ୍ଦରୀମାନଙ୍କର ନୃତ୍ୟ ଚାଲିଛି, ସୁରାପାନ ଚାଲିଛି। ଈଶ୍ୱରର ଏ କଳ୍ପନା ନରାକାର ନୁହେଁତ ଆଉ କ'ଣ ? ଖ୍ରୀଷ୍ଟୀୟ ସ୍ୱର୍ଗ ଓ ଈଶ୍ୱରର କଳ୍ପନା ମଧ୍ୟ ତଦ୍ରୂପ।"[୪୮]

ବୌଦ୍ଧଧର୍ମରେ ଈଶ୍ୱରଙ୍କ ସ୍ୱରୂପ ସଂପର୍କରେ ମାନସିଂହ ଲେଖିଛନ୍ତି : "ବୌଦ୍ଧର ଈଶ୍ୱର ନାହିଁ କହିବା ଅସତ୍ୟ। ବୌଦ୍ଧର ଈଶ୍ୱର ଅନ୍ୟଧର୍ମାବଲମ୍ବୀର ଈଶ୍ୱର ପରି କୌଣସି ଗୋଟିଏ ସ୍ଥାନରେ ମନୁଷ୍ୟ ରୂପଧରି ତା ବା ବସି ଆଦେଶ ଦେଉନାହାନ୍ତି। ବୌଦ୍ଧର ଈଶ୍ୱର ସର୍ବବ୍ୟାପୀ। ସେ ଏକ ଅଲଂଘ୍ୟ ନିୟମ, ଯାହା ଜୀବମାନବ ସମସ୍ତଙ୍କ ପାଇଁ ସମାନ। ବୌଦ୍ଧ ପ୍ରାର୍ଥନା କରେ ନାହିଁ କହିବା ଅସତ୍ୟ। ସେ ପୂଜା ପ୍ରାର୍ଥନା ଛଳରେ ଏକ କଳ୍ପିତ ଦେବତା ବା ତାର ପୁରୋହିତଙ୍କୁ ଉତ୍କୋଚ ଦିଏ ନାହିଁ ସତ୍ୟ, କିନ୍ତୁ ଦୈନନ୍ଦିନ ଜୀବନରେ ସେ ପଞ୍ଚଶୀଳ ବା ଅଷ୍ଟାଂଗ ମାର୍ଗ ଦେଇ ପତ୍ୟହ ଓ ପ୍ରତି ମୁହୂର୍ତ୍ତରେ ଉତ୍କୃଷ୍ଟ ପ୍ରାର୍ଥନା କରେ ତାର କର୍ମରେ।"[୪୯]

## ଧର୍ମ ସମ୍ପର୍କରେ ସାଧାରଣ ବିଚାର :

ମାନସିଂହଙ୍କ ବୌଦ୍ଧିକ-ଜୀବନର ଦ୍ୱିତୀୟ ପର୍ଯ୍ୟାୟର ଧର୍ମ ଜିଜ୍ଞାସା ମୁଖ୍ୟତଃ ଗାନ୍ଧି ଓ ବୁଦ୍ଧଙ୍କୁ କେନ୍ଦ୍ର କରିଥିଲେ ବି ପ୍ରସଂଗ କ୍ରମେ ଅନ୍ୟାନ୍ୟ ଧର୍ମ ଓ ବିଶ୍ୱାସ ସଂପର୍କରେ ସେ ଆଲୋଚନା କରିଛନ୍ତି। ସେ ସବୁ ବିଚାର ଅନେକ ସମୟରେ ଖଣ୍ଡିତ ଓ ଅପରିଚ୍ଛିନ୍ନ— ଅନ୍ୟ ଏକ ବିଷୟର ସଂପ୍ରସାରଣ। ତଥାପି ତାଙ୍କ ଚିନ୍ତାର ସାର୍ବିକ ପରିଚୟ ପାଇଁ ଏଭଳି ଆଲୋଚନା ଅପରିହାର୍ଯ୍ୟ।

ଧର୍ମର ଉତ୍ପତ୍ତି ସାମାଜିକ ଆବଶ୍ୟକତାରୁ, ତେଣୁ ବିଭିନ୍ନ ଜାତି ନିଜସ୍ୱ, ଆବଶ୍ୟକତା ଅନୁଯାୟୀ ନାନା ପ୍ରକାର ଧର୍ମ ଓ ଦେବତା ସୃଷ୍ଟି କରିଛି। ମାନସିଂହ ଏ ସଂପର୍କରେ କହିନ୍ତି : "ମନୁଷ୍ୟର ଇଚ୍ଛା ଅନୁସାରେ ସବୁକଥା ଘଟି ଯାଉଥିଲେ ପୃଥିବୀରେ ଭଗବାନ ବା ଧର୍ମର ସୃଷ୍ଟି ହୁଏତ ହୋଇ ନଥାନ୍ତା। କିନ୍ତୁ ତା'ର ଇଚ୍ଛା ପ୍ରତିହତ ହେବା ସଂଗେ ସଂଗେ

ଅନେକ ଘଟଣା ଜଗତରେ ଘଟୁଛି, ଯାହା ତାହାର କଳ୍ପନା ବା ବୁଦ୍ଧିର ବାହାରେ। ମନୁଷ୍ୟର ଯଥେଷ୍ଟ ଅହଂକାର ଅଛି, ତାର ଶକ୍ତି ଓ ତାର ପୌରୁଷକୁ ନେଇ, କିନ୍ତୁ ବାର୍ଦ୍ଧକ୍ୟ, ବ୍ୟାଧି, ମୃତ୍ୟୁ, ବନ୍ୟା, ଅନାବୃଷ୍ଟି, ଦୁର୍ଭିକ୍ଷ, ଝଟିକା, ଭୂମିକଂପ, ମହାମାରୀ ପ୍ରଭୃତି ଆଗରେ ତା'ର ଶକ୍ତି ନିରସ୍ତ୍ର ଓ ବିନୀତକୃତ। ସ୍ନେହମୟୀ ଜନକ ଜନନୀଙ୍କ ଆଖି ଆଗରୁ ପ୍ରାଣର ଶିଶୁକୁ କିଏ ନେଇ ପଳାଉଚି ? ସେହି ଅଦୃଶ୍ୟ ହସ୍ତ କାହାର ? ଇହ ଜୀବନରେ ଏହି ସବୁ ବିପ୍ଳାତ ନ ଘଟି ମଣିଷ କେମିତି ଶାନ୍ତି ଓ ସୁଖରେ ଦିନ କାଟିବ, ଏଇଥି ଲାଗି ହିନ୍ଦୁ ଗୃହାଂଗନର ତୁଳସୀ ଚଉରା ଓ ଘିଅବତୀ ଠାରୁ ଆରମ୍ଭ କରି ସମଗ୍ର ପୃଥିବୀରେ ନଭଶ୍ଚୁମ୍ବୀ ମଂଦିର ଗୀର୍ଜା ଓ ମସ୍‌ଜିଦ୍‌ର ଆବିର୍ଭାବ। ସାଧାରଣ ମଣିଷର ଚିତ୍ତରେ ଭଗବାନଙ୍କ ଆବିର୍ଭାବ ଭୟରୁ।''[୫୦]

ଅତୀତରେ ଯେତେ ଯୁଦ୍ଧର ଘନଘଟା ଦେଖାଦେଇଛି, ସେଥିମଧ୍ୟରୁ ଅଧିକାଂଶ ଧର୍ମ ଓ ନାରୀକୁ ନେଇ। ମଣିଷ ତାର ଆତ୍ମିକ ଶାନ୍ତି ନିମନ୍ତେ, କୌଣସି ନା କୌଣସି ଧର୍ମର ଆଶ୍ରୟ ନେଇଥାଏ। ସେ ତାର ନିଜସ୍ୱ ଦୃଷ୍ଟିରୁ ଭଗବାନଙ୍କୁ ଦେଖିପାରେ। ମାତ୍ର ବିଭିନ୍ନ ଧର୍ମର ଧର୍ମଯାଜକ ଓ ପୁରୋହିତ ଗୋଷ୍ଠୀ ଧର୍ମ ନାମରେ ବ୍ୟବସାୟ କରି ଧର୍ମକୁ ସଂକୀର୍ଣ୍ଣ ପରିବେଶରେ ଆବଦ୍ଧ କରି ଦିଅନ୍ତି। ଧର୍ମକୁ ସେମାନେ ଅର୍ଥଉପାର୍ଜନକାରୀ ଅନୁଷ୍ଠାନ ଭାବରେ ବ୍ୟବହାର କରୁଥିବା ହେତୁ ଧର୍ମ ଓ ଈଶ୍ୱର ସମ୍ପର୍କରେ ହେତୁବାଦୀ ଚିନ୍ତକ ମାନସିଂହ ଧର୍ମପ୍ରତି ଅଶ୍ରଦ୍ଧା ଭାବ ପ୍ରଦର୍ଶନ କରିଛନ୍ତି। ମାନସିଂହ କହନ୍ତି: ''ଆମ ଭିତରେ ସବୁ ଜାତିରେ ଏପରି ମୂର୍ଖ ଅଛନ୍ତି ଯେଉଁମାନେ ଦାବୀ କରନ୍ତି ଯେ, ସେମାନେ ଈଶ୍ୱରଂକୁ ଯେପରି ଜାଣନ୍ତି, ଈଶ୍ୱର କେବଳ ସେହିପରି, ଆଉସବୁ ଝୁଟା। ଉପନିଷଦ ଈଶ୍ୱରଂକୁ 'ଅବାଙ୍‌ମାନସ ଗୋଚର' ରୂପେ ବର୍ଣ୍ଣନା କରି ଅତ୍ୟନ୍ତ ସତ୍ୟ କଥା ହିଁ କହିଛନ୍ତି।''[୫୧] ମାନସିଂହ ପୁଣି କହନ୍ତି: ''ଈଶ୍ୱରଙ୍କୁ ଆମର ସାଂପ୍ରତିକ ଓ ପାର୍ଥିବ ପ୍ରୟୋଜନଗୁଡ଼ିକର କାରପଟ୍‌ଦାର ମାତ୍ର ଭାବିଲେ ସେ ଯେ କିପରି କରୁଣାତ୍ମକ ଓ ହାସ୍ୟାତ୍ମକ ପରିବେଶରେ ଦେଖାଯିବେ ତାହା ଧର୍ମାନ୍ଧ ଗୁଡ଼ିକ ସହଜରେ ଭୁଲିଯାଆନ୍ତି। ହିନ୍ଦୁ ମୁସଲମାନଙ୍କୁ ଘୃଣାକରେ ଗୋଖାଦକ ମ୍ଳେଚ୍ଛ ବୋଲି, ମୁସଲମାନ ହିନ୍ଦୁକୁ ଘୃଣା କରେ ପୌତ୍ତଳିକ କାଫେର ବୋଲି। ଉଭୟେ ଭାବନ୍ତି ଭଗବାନ ତାଙ୍କରି ପଛରେ, ସତ୍ୟ ତାଂକରି ହାତରେ। ଗତ ସାଂପ୍ରଦାୟିକ କଂଦଳରେ ଦୁଇପଟୁ ସହସ୍ର ସହସ୍ର ନିରୀହ ନିରପରାଧ ନରନାରୀ ଓ ଶିଶୁ ମଲେ ଓ ଅକଥନୀୟ କଷ୍ଟ ପାଇଲେ, କିନ୍ତୁ ହିନ୍ଦୁର କି ମୁସଲମାନର ଈଶ୍ୱର ଠିକ୍ ତାହା ପୂର୍ବ ପରିହିଁ ଅପ୍ରମାଣିତ ରହିଗଲା।''[୫୨]

ମଣିଷ ତା'ର ଈଶ୍ୱରଙ୍କୁ ନିଜର ରୁଚି ଅନୁଯାୟୀ ଗଢ଼ିଛି। ଜଗନ୍ନାଥ ମନ୍ଦିରର ଉଦାହରଣ ଦେଇ ମାନସିଂହ ନିଜର ମତକୁ ସାବ୍ୟସ୍ତ କରିବାକୁ ଯାଇ କହନ୍ତି: 'କଳ୍ପନା, ସ୍ୱାର୍ଥ ଓ ମତାଂଧତାର ତ୍ରିବେଣୀ ସଂଗମ ନ ହେଲେ ବାରମ୍ବାର ଧର୍ଷିତ ଖଣ୍ଡିଏ ନିମ୍ବ କାଠକୁ 'ଜଗତର ନାଥ' ବୋଲି ବା ମାତ୍ର ୧୯୦୦ ବର୍ଷତଳେ ଜାତ ହୋଇଥିବା ଜଣେ ଧର୍ମ ପ୍ରଚାରକଙ୍କୁ ଈଶ୍ୱରଙ୍କର ଏକମାତ୍ର ପୁତ୍ର ଜଗତର ଦୁଃଖ ଦୂର କରିବା ପାଇଁ ଅବତୀର୍ଣ୍ଣ ହୋଇଥିବାର କୁହାଯାନ୍ତା ନାହିଁ। ରାଜ ପ୍ରତିଷ୍ଠିତ ଜଗନ୍ନାଥ ଦେବଙ୍କର

ପ୍ରତିଦିନର ସେବା ପୂଜା ଜଣେ ଭାରତୀୟ ରାଜାର ଦୈନିକ ରୁଟିନ୍ ଛଡ଼ା ଆଉକିଛି ନୁହେଁ। ଭଗବାନ ସକାଳୁ ଉଠି ମୁହଁ ଧୋଇବେ, ବ୍ରେକ୍‌ଫାଷ୍ଟ ଖାଇବେ, ମଧ୍ୟାହ୍ନରେ ଖିରି ଖେଚେଡ଼ି, ରାତିକି ପିଠା ଓ ଦହି ପଖାଳର ବ୍ୟବସ୍ଥା, ମଝିରେ ମଝିରେ ପୁଣି ବାରବନିତାର ନୃତ୍ୟ। ଭଗବାନଙ୍କ ସଂପର୍କରେ ଏ ବ୍ୟାପାର ସବୁ ଉଦ୍‌ଭଟ ବା ବାଳକୀୟ କଳ୍ପନା ଛଡ଼ା ଆଉ କ'ଣ ହୋଇପାରେ? ଯଦି ନୃତ୍ୟ ଭଗବାନଙ୍କର ପ୍ରିୟ ଭୋଗ ତେବେ ନିଜେ ରଜାରାଣୀ ବା ଆମେ ସମସ୍ତେ ତାଙ୍କ ଆଗରେ ନାଚିବାର ବଂଦୋବସ୍ତ ନ ହୋଇଛି କାହିଁକି? ବାରବନିତା ନାଚିବେ କାହିଁକି?''[୫୩]

ଧର୍ମ, ପାଦ୍ରୀ-ପୁରୋହିତ ବା ମୁଲ୍ଲାମାନଙ୍କର ବିଳାସ ତଥା ଶାସନପ୍ରତିଷ୍ଠାର ଏକ ମସୁଧା। ହିନ୍ଦୁ ମନ୍ଦିରରେ ପଣ୍ଡାଙ୍କର ଯାତ୍ରୀଙ୍କ ପ୍ରତି ଅତ୍ୟାଚାର ଓ ମଂଦିର ମଧ୍ୟରେ ହେଉଥିବା ଅପରିଷ୍କାର ପରିବେଶ ମାନସିଂହଙ୍କୁ ବ୍ୟଥିତ କରିଛି। ପୁନଶ୍ଚ ପଣ୍ଡା ପୁରୋହିତଙ୍କ ଅଜ୍ଞତା ଓ ମୂର୍ଖାମୀଙ୍କୁ ବର୍ଣ୍ଣନା କରି ଏକ ଗ୍ରାମ୍ୟ ପରିବେଶର ଚିତ୍ର ଦେବାକୁଯାଇ ମାନସିଂହ କହନ୍ତି: ''ଗ୍ରାମ୍ୟ ପୁରୋହିତ ତଣ୍ଡୁଳାୟ ସ୍ୱାହା ନଡ଼ିଆୟ ସ୍ୱାହା କରି ମୂର୍ଖ କୃଷକ ଓ ତାର ପରଲୋକଗତ ପୂର୍ବ ପୁରୁଷ, ସମସ୍ତଙ୍କୁ ଯେପରି ସନ୍ତୁଷ୍ଟ କରି, ଚାଉଳ ନଡ଼ିଆଟଙ୍କ ଗାମୁଛାରେ ବାନ୍ଧି ଘରକୁ ଫେରେ, ତା ମୁଁ ଦେଖିଛି।''[୫୪]

ମନୁଷ୍ୟର କଳ୍ପନା ତଥା ପ୍ରୟୋଜନବୋଧରୁ ଈଶ୍ୱରଙ୍କର ସୃଷ୍ଟି। ବାଇବେଲ୍ କହେ ଯେ, ସ୍ୱର୍ଗସ୍ଥ ପିତା ସଂସାରର ସମସ୍ତ ଜୀବଜନ୍ତୁ ସୃଷ୍ଟି କରିସାରିଲା ପରେ, ମନୁଷ୍ୟଙ୍କୁ ଠିକ୍ ନିଜ ଆକୃତି ଅନୁରୂପରେ ସୃଷ୍ଟି କଲେ। ମାନସିଂହ କହନ୍ତି: ''ବିଧାତାର ପ୍ରତିମା, ଶକ୍ତିଶାଳୀ ସିଂହ, ବର୍ଣ୍ଣବିଚିତ୍ର ମୟୂର, ଭୀମକାନ୍ତ ହିମାଳୟ ବା କାନ୍ତକୋମଳ ଚଂଦ୍ର ପରି ନହୋଇ, ମର୍କଟ ପୁତ୍ର ମନୁଷ୍ୟ ପରି କାହିଁକି ହେବ? ତା'ର ଯୁକ୍ତି ନାହିଁ। ଏଥିରେ ଅଛି ମନୁଷ୍ୟର ଅହମିକା ଓ କଳ୍ପନା। ମନୁଷ୍ୟ ଅନୁରୂପ ନ ହୋଇ ବରଂ ସତ୍ୟ ଏହି ଯେ ଭଗବାନ ମନୁଷ୍ୟର କଳ୍ପନା ରୂପରେ ହିଁ ନାନା ରପରେ ଏ ଜଗତରେ ପ୍ରକାଶିତ।''[୫୫]

ଈଶ୍ୱରଂକ ଉପାସନା ସଂପର୍କରେ ମାନସିଂହ କହନ୍ତି: ''ଦରିଦ୍ରକୁ ତେଲ ଲୁଣ ବା ଧନିକକୁ ବିଳାସ ଯୋଗାଇବାର ଗୁମାସ୍ତା ମାତ୍ର ଭଗବାନ ହୋଇ ନ ପାରନ୍ତି। ପ୍ରକୃତ ଧାର୍ମିକ ସେହି, ଯାହାର ଈଶ୍ୱରଂକ ନିକଟରୁ କୌଣସି ପ୍ରୟୋଜନର ଆଶା ନାହିଁ। ସ୍ୱୟଂ ଈଶ୍ୱର ହିଁ ତାର ଏକମାତ୍ର ଓ ଶ୍ରେଷ୍ଠ ପ୍ରୟୋଜନ।[୫୬] 'ଦୂର ଓ ନିକଟ' କବିତାରେ ମାନସିଂହ ଦର୍ଶାଇଛନ୍ତି ଯେ ଈଶ୍ୱର ସବୁ ସ୍ଥାନରେ ବିଦ୍ୟମାନ। ଆମେ ଅଜ୍ଞତାରୁ ନାନା ଦିଗ ଭ୍ରମଣ କରୁ, ମାତ୍ର ଯାହା ଦୂରରେ ମିଳେ, ତାହା ନିକଟରେ ମଧ୍ୟ ମିଳିଥାଏ। ସେହିପରି 'ବଂଧନ', 'ଦୁର୍ବାର ଆରାଧନା', 'ତୀର୍ଥଧୂଳି' ଓ 'ଅଶ୍ରୁପୂଜା'ରେ ମାନସିଂହ ନାମହୀନ ଏକ ଶକ୍ତିର ଆରାଧନା ନିମନ୍ତେ ଆତ୍ମାକୁ ଜାଗ୍ରତ ରଖିଛନ୍ତି।

ଦୁଃଖ କଷ୍ଟଗ୍ରସ୍ତ ମଣିଷକୁ ଦେଖିଲାବେଳେ ଦରଦୀ କବି ମାନସିଂହଙ୍କର ପ୍ରାଣ ହାଃ ହୁତାଶରେ ବିଦ୍ରୋହ କରି ଉଠିଛି, କିନ୍ତୁ ଏହି ବିଦ୍ରୋହର ଫୁଲଝରି ଅନନ୍ତ ଅବ୍ୟକ୍ତ ଈଶ୍ୱର କଳ୍ପନାର ପ୍ରଶାନ୍ତି ଭିତରେ ହଜିଯାଇଛି। ଅଭାବର ଦାରୁଣ କଷ୍ଟରେ ବ୍ୟଥିତ

ହୋଇ କୌଣସି ଜଣେ ଲୋକ ନିଜର ସ୍ତ୍ରୀ ପୁତ୍ରକୁ ହତ୍ୟା କରିବାର ପ୍ରାକ୍ ମୁହୂର୍ତ୍ତରେ ଭଗବାନଙ୍କୁ ପ୍ରଶ୍ନ କରିଛି :

"ସବୁ ଶେଷ ହେବା ଆଗୁଁ ଥରେ ପୁଛା କରେ ଭଗବାନ
ମିଥ୍ୟା କିହେ ବେଦେ ଶାସ୍ତ୍ରେ ହୋଇଛି ଯା' ତବ ଗୁଣ ଗାନ ?
ପଢ଼ିଛି ଭକତେ ତୋତେ ବର୍ଣ୍ଣିବାର କରୁଣା ବାରିଧି,
କରୁଣା କଣା ହିଁ ହେଲେ ନ ପାରିଛି ମୁହିଁ ଏ ଅବଧି ।"[୫୭]

ଏହି ପଦରେ କବି ଭଗବାନଙ୍କ ଶକ୍ତି ଉପରେ ଓ କରୁଣା ଉପରେ ଆଶଙ୍କା ପ୍ରକାଶ କରିଛନ୍ତି । ମାତ୍ର ତା'ର ଦୁଇମାସ ପର ଏକ କବିତାରେ ଭିନ୍ନ ମତ ପ୍ରକାଶ ପାଇଛି । 'ରିକ୍ତତାର ଗୌରବ' କବିତାରେ ମାନସିଂହ ଲେଖିଛନ୍ତି—

"ଭାଗ୍ୟ-ଭାର ଯା ନ ଦେଇଛ ମାଥେ ଶ୍ରେଷ୍ଠ ଆଶିଷ ମୋରେ
ନୁଆଇଁ ପାରିବି ସହଜେ ଏ ଶିର ହେ ନାଥ ତୋ ପଦତଳେ ।"[୫୮]

ହେ ଈଶ୍ୱର, ମୋତେ ଆସନ ଦେଇନା, ଭୂଷଣ ଦେଇନ, ଏ ବିପୁଳ ଜଗତରେ ମୋର ପଛକୁ ଭିଡ଼ିବାକୁ କିଛି ଦେଇନାହିଁ, ତେଣୁ ମୁଁ ସହଜରେ ଆପଣଙ୍କ ଦେଉଳକୁ ଅଭିସାର କରିପାରିବି । ନଭେମ୍ବର ୧୯୪୧ ରେ ସାଧାରଣ ମଣିଷର ଆର୍ଥିକ ଅଭାବ ଜନିତ ଦୁଃଖ ପାଇଁ ଈଶ୍ୱରଂକୁ ଦାୟୀ କଲାବେଳେ, ଜାନୁୟାରୀ ୧୯୪୨ ରେ ନିଜର ରିକ୍ତତାକୁ ଭଗବାନଙ୍କର ଆଶୀର୍ବାଦ ବୋଲି ଧରି ନେଇଛନ୍ତି । 'ଭିକାରୀ' କବିତାରେ ମାନବ ଜାତିକୁ ଏ ମର୍ତ୍ତ୍ୟର ଶାଶ୍ୱତ ଭିଖାରୀ ଭାବରେ ବର୍ଣ୍ଣନା କରିଛନ୍ତି । ଅଜ୍ଞାତ ଈଶ୍ୱରଙ୍କର ପାଦତଳରେ କରପ୍ରସାରୀ ମାନବ ଭିକ୍ଷା ମାଗି ଚାଲେ । ଏଠରେ ସେହିପରି ନାମହୀନ ଆକାରହୀନ ଦେବତାଙ୍କ ପ୍ରତି ମାନସିଂହଙ୍କର ଶ୍ରଦ୍ଧା ଥିବାର ସୂଚୀତ ହୁଏ । ଏହି ସମୟର କବିତାଗୁଡ଼ିକୁ ଅନୁଧ୍ୟାନ କଲେ, ମାନସିଂହଙ୍କର ମନ ଈଶ୍ୱରଙ୍କର ସତ୍ତା ଉପରେ ଅଧିକ ଆସ୍ଥା ସ୍ଥାପନ କରିଥିବାର ଦେଖାଯାଏ । 'କ୍ରୁଶ ବହନ' କବିତା ଏହାର ଏକ ନମୁନା । ସଂସାର ଜଂଜାଳକୁ ନିର୍ବାପିତ କରିବା ପାଇଁ, ଈଶ୍ୱର ସଦା ସର୍ବଦା ବ୍ୟସ୍ତ । ମଣିଷ ଆପଣାର ସ୍ୱାର୍ଥରେ ଓ ଅହଂକାରରେ ବ୍ୟସ୍ତହୋଇ ସେ କଥା ଭୁଲିଯାଏ । ଈଶ୍ୱରଙ୍କୁ ନ ଜାଣିବା ପର୍ଯ୍ୟନ୍ତ, ନିଜର ଛୋଟ-ଛୋଟ ଦୁଃଖ ସବୁ ବଡ଼ ଦିଶୁଥିଲା, ମାତ୍ର କବି ଆଜି ନିଜର ସୁଖ ଦୁଃଖକୁ ଈଶ୍ୱରଙ୍କର ନିକଟରେ ସମର୍ପଣ କରି ଈଶ୍ୱରଂଙ୍କ ବେଦନାର କିଛି ନିଜ ସ୍କଂଧରେ ଧାରଣ କରିବା ପାଇଁ କହୁଛନ୍ତି—

"ଜନ୍ମେ ଜନ୍ମେ ତୁମ୍ଭ କ୍ରୁଶ ସାନଂଦେ ବହିବି,
ଯଦି ଖାଲି ଆଗେ ତବ ପଦ ଦେଖୁଥିବି ।"[୫୯]

ମାନସିଂହ ଈଶ୍ୱରଂକୁ ପିତା, ବଂଧୁ, ପ୍ରିୟ ଭାବରେ ସମ୍ବୋଧନ କରି ତାଙ୍କର ରହସ୍ୟମୟ ସତ୍ତା ସଂପର୍କରେ ପ୍ରଶ୍ନ କରିଛନ୍ତି । ଈଶ୍ୱରଙ୍କ ଆଶୀର୍ବାଦ ପାଇଁ ତଥାପି କବି ଆଶାୟୀ—

"ଶକ୍ତି କିନ୍ତୁ ଖୋଲା ମୋର ହୃଦ—ସିଂଧୁ ତଳେ
ଅପେକ୍ଷି, କରୁଣା ମୁକ୍ତା ପଡ଼ିବ ଗର୍ଭରେ"[୬୦]

'ଏକ ଓ ବହୁ' କବିତାରେ ମାନସିଂହ ସମସ୍ତ ତତ୍ତ୍ୱର ବ୍ୟାକରଣ ତ୍ୟାଗକରି ସୃଷ୍ଟିତତ୍ତ୍ୱକୁ ଅଧ୍ୟୟନ କରି କହିଛନ୍ତି :

ନାନା ଧର୍ମ ନାନା ଶାସ୍ତ୍ର, ନାନା ଦରଶନ
ପଢ଼ିମାତ୍ର ଭାରାକ୍ରାନ୍ତ କଲି ମୋର ଶିରେ,
କସ୍ତୁରିକା ମୃଗ ସମ ଭ୍ରାନ୍ତ ଅନ୍ୱେଷଣ
କରି ମୁଁ ଫେରିଛି ଶେଷେ ତୁମ୍ଭ ସନ୍ନିଧିରେ।
ପଣ୍ଡିତମ୍ମନ୍ୟଂକ ପରି ତର୍କେ ମୁଁ ମାତିଛି,
ତୁମ୍ଭେ ଅଛ ଅବା ନାହିଁ, ଦେଖ ବା ନ ଦେଖ
ଆମ ଦୁଃଖ ଦୈନଂଦିନ, ନ ଜାଣିଲି କିଛି,–
ଜାଣିଲି ମାତ୍ରକ ତୁମେ ଏକ ଓ ଅନେକ।''[୬୧]

ଶେଷରେ 'ପାନ୍ଥଗାଥା' ରେ କବି ଆହୁରି ସ୍ପଷ୍ଟ କରି କହିଛନ୍ତି :

''ଅଲଂଘ୍ୟ ନିୟମ ଜାଲେ ବଂଧା ସେ ଈଶ୍ୱର,
ଆପଣା ନିର୍ଘଣ୍ଟକ୍ରମେ ଆସେ ତାଙ୍କ ରଥ,
ସୁଖ, ଦୁଃଖ, ଭଂଗା, ଗଢ଼ା, ବକ୍ର ସେ ରଥର,
ବିଶ୍ୱ-ରେଣୁ ମହାକାଳ ତାଙ୍କ ରାଜପଥ।''[୬୨] ପୁନଶ୍ଚ
''ସମସ୍ତେ ଈଶ୍ୱର-ପୁତ୍ର, ସମସ୍ତେ ସମାନ
ସମସ୍ତଙ୍କ ଧରାଭୋଗେ ସମ ଅଧିକାର,
ପରମପିତାଙ୍କୁ ସେ ଯେ ତୀବ୍ର ଅପମାନ,
ଅନ୍ୟେ ଯଦି ପୀଡ଼େ ତବ ଅଜ୍ଞ ଅହଂକାରେ।''[୬୩]

ଏହି ପର୍ଯ୍ୟାୟରେ ଈଶ୍ୱରଙ୍କ ସଂପର୍କରେ ମାନସିଂହଙ୍କର ଶେଷବାଣୀ ହେଲା, ଭଗବାନଙ୍କୁ ବୁଦ୍ଧି ପ୍ରୟୋଗରେ ଲାଭ କରିହେବ ନାହିଁ, କେବଳ ପବିତ୍ର ହୃଦୟଦେଇ ଲାଭ କରାଯାଇ ପାରେ।

## ଜୀବନର ଅନ୍ତିମ ପର୍ବ: (୧୯୪୯-୧୯୭୩)

ମାନସିଂହଙ୍କର ଈଶ୍ୱର ବିଶ୍ୱାସ ଓ ଧର୍ମଧାରଣା ସଂପର୍କିତ ସୁସ୍ଥ ବିଚାରବୋଧ ଜୀବନର ଅନ୍ତିମ ପର୍ବରେ ହିଁ ପ୍ରକାଶିତ। ଖ୍ରୀ: ୧୯୪୯ ମସିହା ବେଳକୁ ତାଙ୍କର ଚାକିରୀ ଜୀବନ ଅପେକ୍ଷାକୃତ ସରଳ ଓ ଜୀବନର ଗତି ସ୍ୱଚ୍ଛନ୍ଦ ହୋଇ ଉଠିଥିଲା। କବିମାନେ ଯଶାକାଙ୍କ୍ଷୀ। ମାନସିଂହ ନିଜ ପ୍ରତିଭାର ସ୍ୱୀକୃତି ସମକାଳରେ ପାଇବାକୁ ଆରମ୍ଭ କରିଥିଲେ। ସଂଶୟବାଦୀ ଚିନ୍ତାଧାରା ତାଙ୍କୁ ବୌଦ୍ଧ ମାର୍ଗ ଆଡ଼କୁ ଟାଣି ନେଇଥିଲା। ଭିତରେ ଆବେଗ ପ୍ରବଣ ରସୋଚ୍ଛଳ କବିମନ ସଂଯୋଜିତ ଥିଲେ ବି ତାର ଉଦ୍ଦାମତା ଆଉ ନଥିଲା। ପ୍ରାଜ୍ଞ ବିଚାରଶୀଳ, ମାନସିଂହଙ୍କର ଆଧ୍ୟାତ୍ମିକ ଦୃଷ୍ଟି ବକ୍ଷ୍ୟମାଣ କାଳର କବିତାପୁସ୍ତକ 'କୃଶ', 'ସିଂଧୁ ଓ ବିଂଦୁ'; 'କମଳାୟନ' କାବ୍ୟ 'ବୁଦ୍ଧ', ନାଟକ 'ଶିକ୍ଷାବିତ୍‌ର ଗାଥା', 'ଓଡ଼ିଆ ସାହିତ୍ୟର ଇତିହାସ', 'ଗୀତା ମହାତ୍ମ୍ୟ' ଓ କେତେକ ପ୍ରବଂଧ

ଗଦ୍ୟପୁସ୍ତକ ତଥା ଅନେକ ବିକ୍ଷିପ୍ତ ପ୍ରବଂଧରେ ପ୍ରକାଶିତ। ବିଶେଷତଃ, 'ଗୀତା ମହାତ୍ମ୍ୟ' ଆଧ୍ୟାତ୍ମିକ ଜିଜ୍ଞାସୁ ମାନସିଂହଙ୍କୁ ଚିହ୍ନିବା ପାଇଁ ଏକ ଚାବିକାଠି। ହିନ୍ଦୁ ଭାବରେ ଜନ୍ମ ଗ୍ରହଣ କଲେ ବି, ପରବର୍ତ୍ତୀ ସମୟରେ ବୌଦ୍ଧ ହୋଇଥିବା ମାନସିଂହ, ହିନ୍ଦୁମାନଙ୍କର ପରମ ଶାସ୍ତ୍ର ଶ୍ରୀମଦ୍ ଭଗବଦ୍‌ଗୀତାକୁ ଶ୍ରଦ୍ଧା ଓ ସଂଶୟର ଦୃଷ୍ଟିରେ ଦେଖିଛନ୍ତି। ନିରପେକ୍ଷ ବିଚାରର ଅପର ନାମ ଶ୍ରଦ୍ଧା। ଶ୍ରଦ୍ଧା ହିଁ ଗୀତା ମହାତ୍ମ୍ୟର ମୂଳ ପରିଚୟ।

ଧର୍ମ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ମାନସିଂହ ପ୍ରାକୃତିକ ଧର୍ମ ସଂପର୍କରେ କହିଛନ୍ତି: "ଶୀତଳତା ବା ବହନଶୀଳତା ଜଳର ଯେପରି ପାକୃତିକ ଧର୍ମ, ଜୀବ ଓ ପଦାର୍ଥର ସେହିପରି ଏକ ଏକ ବିଶିଷ୍ଟ ଧର୍ମ ଅଛି। ଧର୍ମକୁ ଏକ ଏକ ପୁରୋହିତ ସଂପ୍ରଦାୟର ଜୀବିକାର ଉପାୟ କରିବା ବା ଧର୍ମ ନାମରେ ନିଜକୁ ସମଗ୍ର ମାନବ ଜାତିରୁ ଏକ ଭିନ୍ନ ଗୋଷ୍ଠୀ ମନେ କରିବା ଏକ ସଂପୂର୍ଣ୍ଣ ବିକୃତ ଅର୍ଥାରୋପ। ବୁଦ୍ଧ ଆବିଷ୍କୃତ ଧର୍ମ କିନ୍ତୁ କହେ ଯେ, ଦୁଃଖ ହିଁ ଜୀବନର ଧର୍ମ, ଯେପରି ଶୀତଳତା ଜଳର ଧର୍ମ। ସେହି ଦୁଃଖରୁ ରକ୍ଷାର ଉପାୟ ମନୁଷ୍ୟର ନିଜ ହାତରେ। ତାହାହିଁ ଅର୍ଥାତ୍ ସେହି ରକ୍ଷାର ଉପାୟ ହିଁ ଶାକ୍ୟ ଗୌତମ ପ୍ରଚାରିତ ଧର୍ମ ବା ସଦ୍ଧର୍ମ।"[୬୪]

ଜୀବନର ଅନ୍ତିମ ପର୍ବରେ ମାନସିଂହ ଅଧିକ ଭାବରେ ଧର୍ମଚର୍ଚ୍ଚା ପାଇଁ ଧ୍ୟାନ ଦେଇଥିଲେ ମଧ୍ୟ, ରକ୍ଷଣଶୀଳ ବାବାଜୀ ସନ୍ନ୍ୟାସୀଙ୍କ ପରି ସେ ଧର୍ମରେ ସଂକୀର୍ଣ୍ଣତାକୁ ଦେଖିପାରି ନଥିଲେ। ସେ ବିଭିନ୍ନ ଧର୍ମ ତଥା ଶାସ୍ତ୍ର ଆଲୋଚନା ସମୟରେ ନିଜକୁ ବୌଦ୍ଧଧର୍ମର ଦୃଷ୍ଟିକୋଣରୁ ଅବସ୍ଥାପିତ କରୁଥିବାର ପ୍ରତୀୟମାନ ହୁଏ। ଜୀବେ ଦୟା ବା ମାନବପ୍ରତି ସହାନୁଭୂତି ସବୁ ଧର୍ମର ମୂଳକଥା ହେଲେ ମଧ୍ୟ ବୌଦ୍ଧ ଧର୍ମରେ ଏହି ଧାରା ଅଧିକ ସକ୍ରିୟ। ଏଣୁ ମାନସିଂହ ଯେତେବେଳେ ଧର୍ମ, ପାପ ବା ଈଶ୍ୱର ସଂପର୍କରେ ଚର୍ଚ୍ଚା କରିଛନ୍ତି, ସେତେବେଳେ ବୌଦ୍ଧ ଦର୍ଶନ ଦୃଷ୍ଟିରୁ ବିଚାର କରିଛନ୍ତି— "ଜୀବ ଓ ମାନବ ପ୍ରତି ଅନ୍ୟାୟ ହିଁ, ସେହି ଈଶ୍ୱରଂଙ୍କ ଦୃଷ୍ଟିରେ ଏକମାତ୍ର ପାପ ବୋଲି ମୁଁ ମନେକରି ଆସିଛି। କାରଣ ପ୍ରତ୍ୟେକ ଜୀବ ହିଁ ଏକ ଏକ ସୀମିତ, କ୍ଷୁଦ୍ରୀଭୂତ ଈଶ୍ୱର ମାତ୍ର। ଜୀବ ଓ ପରମର ସଂପର୍କ ଏକାନ୍ତ ଭାବରେ ବ୍ୟକ୍ତିଗତ ସଂପର୍କ। ସେ ସଂପର୍କ ଦେଶଗତ, ଗୋଷ୍ଠୀଗତ, କୁଟୁମ୍ବଗତ ବା ସଂଘଗତ ହେବାର କୌଣସି ଯୁକ୍ତି ନାହିଁ। ଏକାନ୍ତ ବ୍ୟକ୍ତିଗତ ଥିବାରୁ ହିଁ ସେହି ପରମ ପୁରୁଷର ଅନୁଭବରେ ଦେଶେ ଦେଶେ ଧର୍ମ-ଗୋଷ୍ଠୀ-ନିର୍ବିଶେଷରେ ବ୍ୟକ୍ତିର ପ୍ରାଣ ହୋଇଉଠେ ଉଦାର, ମଧୁର ଓ ଐଶ୍ୱର୍ଯ୍ୟମୟ।"[୬୫]

## ଜୀବନରେ ଧର୍ମର ଆବଶ୍ୟକତା :

ଜୀବନର ପ୍ରାଥମିକ ଓ ମଧ୍ୟସ୍ଥଳରେ ଧର୍ମପ୍ରତିଥିବା ଆପେକ୍ଷିକ ସଂଶୟ ସଂଶିତ କାଳରେ ଏକ ନିର୍ଦ୍ଦିଷ୍ଟ ଧର୍ମର ରୂପ ପରିଗ୍ରହ କରିଛି। ଧର୍ମ ଯେ ଜୀବନର ପରମ ଆବଶ୍ୟକତା, ଏ ସଂପର୍କରେ ମାନସିଂହ ନିଃସଂଦିଗ୍ଧ ହୋଇଛନ୍ତି। ଈଶ୍ୱରହୀନ, ଧର୍ମହୀନ, ଭୌତିକବାଦର ବିକଟନର୍ତ୍ତନଦୃଶ୍ୟ ମାନସିଂହ ମାନସଚକ୍ଷୁରେ ସୁଦ୍ଧା ଉପଭୋଗ କରିପାରି

ନାହାନ୍ତି । ମାନବତାବାଦରେ ବିଶ୍ୱାସ କରୁଥିବା ମାନସିଂହ ମଣିଷ ଜୀବନର ବିବର୍ତ୍ତିତ ରୂପକୁ ଗ୍ରହଣ କରିପାରି ନାହାନ୍ତି । ନିତ୍ୟଘୂର୍ଣ୍ଣ୍ୟମାନ ଜୀବନର ମଧ୍ୟସ୍ଥଳରେ ସେ ଆବିଷ୍କାର କରିଛନ୍ତି ଏକ ପରମ ସତ୍ୟକୁ, ଯାହାର ଅପର ନାମ ଧର୍ମ । ତେଣୁ ତାଂକର ସବୁ ସତ୍ୟାନୁସଂଧାନ ମୂଳରେ ରହିଛି ଏହି ଧର୍ମବିଶ୍ୱାସ । ତାଙ୍କ ନିଜ ଭାଷାରେ କହିଲେ: ''ଏ ଲେଖକ ଯତ୍‌ସାମାନ୍ୟ ଭାବରେ ହିଁ ଏକ 'ସତ୍ୟାନୁସଂଧାନୀ' । ସେ 'ଧର୍ମ' କ'ଣ ଜାଣେନା ଏବଂ କୌଣସି କାଳେ 'ଧାର୍ମିକ' ହେବାର ପୂର୍ଣ୍ଣ୍ୟାଶା ସେ କରିନାହିଁ । କିନ୍ତୁ 'ପରମସତ୍ୟ'କୁ ସେ ଖୋଜି ଚାଲିଛି । ପଛରେ ଆସୁଥିବା ଜୀବନ-ପଥର-ସମଦଶାପନ୍ନ ଯାତ୍ରୀମାନଂକୁ କାଳେ କିଛି ଆଶା, କିଛି ପ୍ରେରଣା, କିଛି ସାହାସ ଦେଇପାରେ, ଏହି ଆଶାରେ ।''[୬୬]

ସକଳ ମାନବ ପାଇଁ ଏକ ଧର୍ମ ପଥର ସଂଧାନ ପାଇଥିଲେ ବି, ମଣିଷକୁ ସେ ଜାତି ଓ ସଂସ୍କୃତି ଭିତ୍ତିରେ ଦେଖିଛନ୍ତି । ଫଳରେ ପ୍ରତ୍ୟେକ ଜାତି ପାଇଁ ସେ ସ୍ୱତନ୍ତ୍ର ଧର୍ମର ପରିକଳ୍ପନା କରିଛନ୍ତି । ତାହାକୁ ସେ କହିଛନ୍ତି ଜାତୀୟ-ସ୍ୱଧର୍ମ । ଓଡ଼ିଆମାନଙ୍କ ଅଧଃପତନ ମୂଳରେ ଏହି ଜାତୀୟଧର୍ମର ଦୁର୍ବଳତା ନିହିତ— ''ସେ ଜାତିମାନଙ୍କର ଏ ପ୍ରକାର ଜୀବନୀଶକ୍ତି ଆସୁଛି କୁଆଡୁ ? ଆଉ ଆମେ ଓଡ଼ିଆଏ, ଜଗନ୍ନାଥଂକ ବାହୁଛାୟା ତଳେ ରହି, ଆନଂଦ ବଜାରର ଦେବଭୋଗ୍ୟ କୈବଲ୍ୟ ସେବନ କରି, ନାନା ବ୍ରତ ଉପବାସରେ ସଢ଼ି, ଚିତା ଚଇତନ ରଖି, ନିରାମିଶ ଭକ୍ଷଣ ଓ ଆମିଶ ବର୍ଜନ କରି, ପଞ୍ଚୁକ ଓ ମାଘସ୍ନାନ ପାଳନ କରି କରି ମଧ୍ୟ, ଭକ୍ତ-ଚିନ୍ତାମଣିଂକ ଠାରୁ ଟିକିଏ ହେଲେ ଅନୁଗ୍ରହ ପାଇପାରୁନୁ କାହିଁକି ? ହାୟରେ ଧର୍ମ । ଏସବୁ ତୁଳନା କରି ଦେଖିଲେ ଦୃଢ଼ ଧାରଣା ହୁଏ ଯେ, ଆମ୍ଭମାନଙ୍କର ଧର୍ମ ମିଥ୍ୟା ଧର୍ମ । ଏହା ମନୁଷ୍ୟର ଉପଯୋଗୀ ନୁହେଁ । ଜୀବ ଭାବରେ ମନୁଷ୍ୟର ଯାହା ସବୁ ଅତ୍ୟନ୍ତ ଆବଶକୀୟ ପ୍ରୟୋଜନ ଏ ଧର୍ମ ସେ ସବୁକୁ ଦୃଷ୍ଟି ନ ଦେବାରୁ ଆମ୍ଭେମାନେ ଶେଷରେ ପଂଗୁ ଓ ନିର୍ଜୀବ ହୋଇ ପଡ଼ିଛୁ ।''[୬୭]

## ବିଭିନ୍ନ ଧର୍ମ ସଂପର୍କରେ ଧାରଣା :

ମାନସିଂହ ବୌଦ୍ଧଧର୍ମ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ ମଧ୍ୟ, ଅନ୍ୟାନ୍ୟ ଧର୍ମଚର୍ଚ୍ଚା କରିବାରେ କୌଣସି ଅଲଂଘ୍ୟ ପ୍ରାଚୀର ଦେଖିପାରୁ ନଥିଲେ । ତାଙ୍କ ମତରେ— ''ହିନ୍ଦୁ, ମୁସଲମାନ, ବ୍ରାହ୍ମ, ଖ୍ରୀଷ୍ଟିଆନ, ସମସ୍ତଂକର ଈଶ୍ୱରର ପ୍ରଥମ ଲକ୍ଷଣ ଏହି ଯେ ସେ ସର୍ବବ୍ୟାପ୍ତ ଏକ ଓ ଅଖଣ୍ଡ । ଈଶ୍ୱର ଭାବାନୁଗତର ତେଣୁ ଏକମାତ୍ର ତାତ୍ପର୍ଯ୍ୟ, ଐକ୍ୟବୋଧ, ସାମ୍ୟବୋଧ, ବ୍ୟାପ୍ତିବୋଧ ଓ ଅଖଣ୍ଡତାବୋଧ । ଗୀତାରେ ବାରମ୍ବାର ତେଣୁ ଏହି ସାମ୍ୟର କଥା ହିଁ କୁହାଯାଇଛି ।''[୬୮] ମାନସିଂହଙ୍କ ଦୃଷ୍ଟିରେ ନୈଷ୍ଠିକ ମୁସଲମାନ ଓ ଉତ୍ତମ ମନୁଷ୍ୟ,ନୈଷ୍ଠିକ ଖ୍ରୀଷ୍ଟାନ୍ ଓ ଉତ୍ତମ ମନୁଷ୍ୟ ଏବଂ ନୈଷ୍ଠିକ ହିନ୍ଦୁ ଓ ଉତ୍ତମ ମନୁଷ୍ୟ ଭିତରେ କିଛି ପ୍ରଭେଦ ନାହିଁ । ଅଂଧବିଶ୍ୱାସ ତଥା ନିମ୍ନ ଜାତି ପ୍ରତି ଲାଞ୍ଛନା ଯୋଗୁ ହିନ୍ଦୁ ଧର୍ମର ପତନ । ସେହିପରି ଖ୍ରୀଷ୍ଟ ଓ ମୁସଲମାନ

ଧର୍ମ ନୈଷ୍ଠିକତା ନାମରେ ଅମାନୁଷିକତା ଦ୍ୱାରା କଳଙ୍କିତ। ମାନସିଂହଙ୍କ 'କମଳାୟନ' କାବ୍ୟରେ ବିଶ୍ୱମୈତ୍ରୀ ସହିତ ସର୍ବ ଧର୍ମସମନ୍ୱୟ ପାଇଁ ଚେଷ୍ଟା କରାଯାଇଛି। କମଳାୟନ କାବ୍ୟର ଅଧ୍ୟାପକ ଅବିନାଶ ଚନ୍ଦ୍ର ବ୍ରାହ୍ମ, କମଳର ବନ୍ଧୁ ଖ୍ରୀଷ୍ଟଧର୍ମୀ, ଅରବିନ୍ଦଙ୍କ ସହିତ କମଳର ଭଉଣୀ ରମାର ବିବାହ। କମଳର ଭାଇ ମଦନ, ରାମକୃଷ୍ଣ ମିଶନର ଗୈରିକ ବସନଧାରୀ ସନ୍ନ୍ୟାସୀ-ସ୍ୱାମୀ ମହାନନ୍ଦ। ଏହି କ୍ରମରେ ବିଶ୍ୱମିତ୍ରା, ସେପିଲେକ୍ ପ୍ରଭୃତିଙ୍କୁ କାବ୍ୟରେ ପ୍ରବେଶ କରାଇ ମାନସିଂହ ବିଶ୍ୱର ବିଭିନ୍ନ ଧର୍ମ ତଥା ବ୍ୟକ୍ତି ମଧ୍ୟରେ ସମନ୍ୱୟ ଆଣିବା ପାଇଁ ପ୍ରୟାସ କରିଛନ୍ତି। ତତ୍ ସଂଗେ ସଂଗେ ରାମକୃଷ୍ଣ ମିଶନ, ଶ୍ରୀ ଅରବିନ୍ଦ ଆଶ୍ରମ ଓ ଗାନ୍ଧୀ ଆଶ୍ରମର ପବିତ୍ରତା, ଖ୍ରୀଷ୍ଟଧର୍ମ ଓ ଇସ୍‌ଲାମ୍ ଧର୍ମର ପରିଷ୍କାର ପରିଚ୍ଛନ୍ନତା ସଂଗେ ସଂଗେ ହିନ୍ଦୁ ମନ୍ଦିରର ଅପରିଷ୍କାର ଭାବ ଓ ପୁରୋହିତମାନଂଙ୍କର ଅତ୍ୟାଚାରକୁ ସମାଲୋଚନା କରିଛନ୍ତି। ଧର୍ମର ଆଲୋଚନା ମଧ୍ୟରେ ସୌଂଦର୍ଯ୍ୟର ପୂଜା, ମାନସିଂହଂକ ନିକଟରେ ବିଶେଷ ଅଗ୍ରାଧିକାର ଲାଭ କରିଛି।

**ଈଶ୍ୱର :**

ମାନସିଂହ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ବି, ବୌଦ୍ଧଧର୍ମର ଶୂନ୍ୟବାଦ ଓ ଆଦିବୌଦ୍ଧଧର୍ମର ଈଶ୍ୱରହୀନତା, ତାଙ୍କ ଚିତ୍ତଲୋକରେ ପ୍ରତିଷ୍ଠିତ ହୋଇପାରି ନାହିଁ। ଯୁକ୍ତିପ୍ରବଣ ମନ ହୁଏତ ତାଙ୍କର ପୌତ୍ତଳିକ, ଅବୟବ-ବିଶିଷ୍ଟ ଈଶ୍ୱରଙ୍କୁ ନସ୍ୟାତ୍ କରିଛି, କିନ୍ତୁ ଏକ ଅରୂପମୟ, ପ୍ରେମମୟ, ପୁଣ୍ୟମୟ, ଈଶ୍ୱରଙ୍କ ଉପସ୍ଥିତି ସେ ଅନୁଭବ କରିଛନ୍ତି ନିଜର ପ୍ରାଣ କଂଦରରେ, ହୃଦୟର ଗୋପନ କକ୍ଷରେ। ତେଣୁ ରାଧାକୃଷ୍ଣ ତାଙ୍କ କଳ୍ପନାକୁ ଆସିଛନ୍ତି; ତାଂକର ଉପଲବ୍ଧି ଭିତରେ ନବରୂପ ନେଇଛନ୍ତି; ନିରୀଶ୍ୱର ମାନସିଂହ ବାରମ୍ବାର ଈଶ୍ୱର ସଂଧାନରେ ଘୁରି ବୁଲିଛନ୍ତି। ଜୀବନର ଅନ୍ତିମ ପର୍ଯ୍ୟାୟର ଅଧିକାଂଶ କବିତାର ସ୍ୱର ସେହି ମାର୍ଗରେ ଅନୁରଣିତ। ଜୀବନର ସମସ୍ତ ସ୍ୱାଦ ବୁଦ୍‌ବୁଦ୍ ପ୍ରାୟ ମିଳାଇ ଯିବା ପରେ ଏକ ନୂତନ ସ୍ୱାଦପାଇଁ କବି ସତୃଷ୍ଣ ନୟନରେ ଚାହିଁ ରହିଛନ୍ତି, ବିଶ୍ୱର ଶ୍ରେଷ୍ଠପ୍ରଣୟୀ କୃଷ୍ଣଂକ ପ୍ରତି ଆକର୍ଷିତ ହୋଇ ନିଜକୁ ନବପ୍ରଣୟିଣି ଭାବରେ ସଜାଇଛନ୍ତି।

ତୁମର ପ୍ରତୀକ୍ଷାରେ ଇଚ୍ଛାର ଶେଷ ନାହିଁ,
ଶେଷ ନାହିଁ ରାସ ପରା ପ୍ରଣୟୀ,
ଆତ୍ମା ମୋ ଖୋଜେ ଶ୍ୟାମ ସେହି ପ୍ରେମ ଅଭିରାମ
-ସବୁ ପାଇଁ ସେ ନିରତ ବିରହୀ।[୬୯]

ଏଠାରେ ମାନସିଂହଂକର ଈଶ୍ୱରପ୍ରେମ ନୂତନ ରୂପେ ଦେଖା ଦେଇଛି। 'ତୃତୀୟାକ୍ଷୀ' କବିତାରେ ମାନସିଂହଙ୍କ ପ୍ରାଣରେ ଉପନିଷଦର ବାଣୀ ଅନୁରଣିତ। ମାନସିଂହ କାମନା କରିଛନ୍ତି:

"ସ୍ୱର୍ଗ ନାହିଁ ଯିବାକୁ ମୁଁ ମାଗେ,
ଘୃଣା ନାହିଁ କରେ ଏହି ଧରା,
ଓତଃପ୍ରୋତ ଯେହେତୁ ଜନନୀ
ଏଇଠି ତ ଅମୃତ—ପସରା।"[୭୦]

ସେହି ଅଦୃଶ୍ୟଶକ୍ତିକୁ ଭେଟିବାକୁ ମାନସିଂହଙ୍କ ପ୍ରାଣ ଅହରହ ବ୍ୟଥିତ ହୋଇ ଉଠିଛି ସୂର୍ଯ୍ୟକୁ ଭେଟିବା ପାଇଁ ବୃକ୍ଷର ପ୍ରତ୍ୟାଶା ପରି, ବାୟୁ ସଂଗରେ କୁସୁମର ଗଂଧ ମିଶିଯିବା ପରି, ସରିତ ସାଗର କୋଳକୁ ଧାଇଁଗଲା ପରି, ପୂର୍ଣ୍ଣମୀର ଶଶୀକୁ ଚାହିଁ ସାଗର ପାଗଳ ହେଲାପରି, ମଣିଷର ବାସନା-ରୂପ-ରସ-ଗଂଧକୁ ଅଧିକାର କରିବ ପରି, ଆଶା କଳ୍ପନାର ସ୍ୱର୍ଣ୍ଣମୃଗ ପଛରେ ଧାଇଁଲାପରି ମାନସିଂହଙ୍କ ପ୍ରାଣ ଧାଇଁଛି–

''ଅଦୃଶ୍ୟ ହେ, ଅଜ୍ଞାତ ହେ
ପରମ ବଂଧୁ ମୋର,
ତୁମରି ଆଶେ ଧାଇଁଛି ପ୍ରାଣ
ଭେଟିବ କେବେ ପଥେ''୭୧

କବି ମାନସିଂହ ଭାରତୀୟ ଦର୍ଶନର ଈଶ୍ୱରଙ୍କୁ ନିଜସ୍ୱ ଦୃଷ୍ଟିକୋଣରୁ ବିଚାର କରିଛନ୍ତି। 'ଜୀବ-ଗୋପୀ' ଓ 'ଶ୍ରୀକୃଷ୍ଣ' କବିତାରେ ସେ ଧାରା ସ୍ପଷ୍ଟ ଭାବରେ ପ୍ରତିଫଳିତ।

''ଯା' ନୀଳିମା ପରିବ୍ୟାପ୍ତ ମହା ଅନ୍ତରୀକ୍ଷେ,
ଯେ ପୀତ-ଦୁକୂଳ ପିନ୍ଧେ ଊଷା ପ୍ରକୋଷ୍ଠରେ,
ଯା'ଶିରେ ଚଂଦ୍ରିକା-ଗୁଚ୍ଛ, ମେଘ, ବିଦ୍ୟୁତ୍‌କଙ୍କ
ସେ ସୁନ୍ଦର କୃଷ୍ଣ ପଦେ ମୁହିଁ ପୂଜା କରେ।''୭୨

ସେହି କ୍ରମରେ 'ଲାଭାଲାଭ', 'ମହାପଥରଯାତ୍ରୀ', 'ଆନଂଦେ ଗୀତଗାଥ' ଓ 'ଆତ୍ମାବତରଣ' କବିତାରେ ଈଶ୍ୱର ସଂପର୍କୀୟ ଧାରଣା ଅଭିବ୍ୟକ୍ତ।

ବୟସ ବଢ଼ିବା ସଂଗେ ସଂଗେ ମାନସିଂହଙ୍କର, ବୌଦ୍ଧଧର୍ମ ପ୍ରତି ଆନୁଗତ୍ୟ ଓ ବିଶ୍ୱାସ ସତ୍ତ୍ୱେ, ଈଶ୍ୱରବାଦ ପ୍ରତି କ୍ରମଶଃ ଆକର୍ଷଣ ବଢିଯାଇଛି। ନିଜ ଜୀବନର ସମସ୍ତ ଦୁଃଖ ଦୁର୍ବିପାକ ପଛଆଡ଼େ, ଈଶ୍ୱରଙ୍କ ପ୍ରତି ତାଙ୍କର ଅକୃତଜ୍ଞ ମନକୁ ସେ ଦେଖିପାରିଛନ୍ତି। ଜଣେ ପରମପୁରୁଷ ଓ ସର୍ବମୟକର୍ତ୍ତାଙ୍କର ଆନନ୍ଦମୟ ସୃଷ୍ଟି ହେଲା, ଏହି ଜଗତ। ସାଧାରଣ ମଣିଷ ତାଙ୍କର ସାନିଧ୍ୟ ପାଇବା ସମ୍ଭବ ନ ହେଲେ ବି, ସେହି ପରମ ପୁରୁଷଙ୍କ ଉପସ୍ଥିତିକୁ ଅସ୍ୱୀକାର କରିବା, ଅହଂକ୍ଲିଷ୍ଟ ମନର ପରିପ୍ରକାଶ। ପରମ ପୁରୁଷଙ୍କୁ ନିଜର ଶ୍ରଦ୍ଧା ନିବେଦନ କରି, ମଣିଷ କୃତଘ୍ନତାରୁ ମୁକ୍ତିପାଏ। ତା'ର ସ୍ରଷ୍ଟା ଓ ନିୟାମକକୁ ସେ ସମ୍ମାନ ଜଣାଏ। ସେହି ଅଜ୍ଞାତରୂପୀ ଈଶ୍ୱରଙ୍କ ସଂପର୍କରେ ମାନସିଂହ 'ଶିଧାବିତ୍ର ଗାଥା'ରେ କହନ୍ତି: ''ସେହି ଅଜ୍ଞାତ ହସ୍ତର ନିର୍ଦ୍ଦେଶ ଅନେକ ସମୟରେ ବୁଝିପାରି ନ ଥିବାରୁ ଓ ମାନି ନଥିବାରୁ ହିଁ ଏଇ ଲେଖକର ଜୀବନ ବହୁବେଳେ ନାନା ଅକାରଣ ଦୁଶ୍ଚିନ୍ତାରେ ବିଷାକ୍ତ ହୋଇଉଠିଛି।''୭୩

ଈଶ୍ୱରଙ୍କ ସ୍ୱରୂପକୁ ଧର୍ମାଂଧମାନେ ନିଜସ୍ୱ ସୁବିଧା ଦୃଷ୍ଟିରୁ ବିଚାର କରୁଥିବାରୁ, ସେମାନଙ୍କୁ ସଂକୀର୍ଣ୍ଣ ପଥ ଦେଇ ଗତି କରିବାକୁ ହୁଏ। ମାନସିଂହ ସେହି ସଂକୀର୍ଣ୍ଣତାର ବିରୋଧ କରିଛନ୍ତି। ଉଦାହରଣ ଦେବାକୁ ଯାଇ ସେ ଖ୍ରୀଷ୍ଟଧର୍ମ ଓ ଯୀଶୁଙ୍କ ସଂପର୍କରେ

ଆଲୋଚନା କରବାକୁ ଯାଇ ଲେଖିଛନ୍ତି: ''ଯୀଶୁଙ୍କ ବାଣୀ ଅତି ମହତ। କିନ୍ତୁ କ୍ୱଚିତ୍ କ୍ରିଶ୍ଚିୟାନ୍ ସେ ବାଣୀ ଦୈନଂଦିନ ଜୀବନରେ ପାଳନ କରନ୍ତି। ସାଧାରଣ କ୍ରିଶ୍ଚିୟାନ୍‌ର ଆଖି 'ସରମନ ଅନ୍ ଦ ମାଉଣ୍ଟ' ଉପରେ ନଥାଏ। ଥାଏ, ଯୀଶୁଙ୍କ ତ୍ରାଣକାରିଣୀ ଶକ୍ତି ଉପରେ। ଯୀଶୁଙ୍କ ବାଣୀ ଦୈନଂଦିନ ଜୀବନରେ ପଦଦଳିତ ହେଲେ ମଧ୍ୟ, ପ୍ରାର୍ଥନା କଲେ, ଯୀଶୁ ସକଳ ପାପତାପରୁ ଉଦ୍ଧାର କରାଇ ନେବେ। ପୁଣି କେବଳ ଯୀଶୁ ହିଁ ଏହା କରିପାରିବେ, ଆଉ କେହି ନୁହେଁ,– ମୁସଲମାନର ଆଲ୍ଲା ମଧ୍ୟ ନୁହେଁ। ଆଉ ଏହା ଯେ ସ୍ୱୀକାର ନ କରିବ, ସେ ରହିବ ବଦ୍ଧଜୀବ, ଅମୁକ୍ତ, ହୀବନ୍। ଅର୍ଥାତ୍ ଏତାବଦିତିନିଶ୍ଚିତାଃ।''[୭୪]

ମଙ୍ଗଳମୟ କର୍ତ୍ତାଙ୍କର ଅଦୃଶ୍ୟ ହସ୍ତ ଅନୁଭବ କଲାପରେ ବା ଗ୍ରହଣ କରିନେଲା ପରେ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ତାଙ୍କର ବିଚାରଧାରା ପ୍ରକାଶ କରିଛନ୍ତି। ଈଶ୍ୱରାନୁଭବ ଏକ ବିରଳ ନିବିଡ଼ ଅନୁଭବ। ଯାହା ହୃଦୟ ଭିତରେ ନିବିଡ଼ ଜ୍ୟୋତିରେଖା ପ୍ରକାଶ କରେ। ମାନସିଂହଙ୍କ ଭାଷାରେ: ''ସ୍ଥୂଳପ୍ରତି, ନିକଟପ୍ରତି, ପରିଚିତପ୍ରତି, ବୀତସ୍ପୃହ ହୋଇ ସୂକ୍ଷ୍ମପ୍ରତି, ଦୂରପ୍ରତି, ଅପରିଚିତପ୍ରତି ଗଭୀର ଆକର୍ଷଣ ମାନବ-ଚିତ୍ତରେ ଦେବତ୍ୱର ଆବିର୍ଭାବ କ୍ରିୟା। ସାଧାରଣତଃ ଏହି ଦେବାଗ୍ନି ବିନ୍ଦୁ ଥରେ ଜଳିଉଠି ସମାଜ କୁଟୁମ୍ବ ଓ ସଂସାରର ନାନା ଜଞ୍ଜାଳ, ନାନା ବାଧା, ନାନା ପ୍ରଲୋଭନ ଓ ବଂଧନର ପାଉଁଶଗଦା ତଳେ ପୁଣି ପୋତି ହୋଇ ଶୀତଳ ହୋଇଯାଏ। କିନ୍ତୁ ଭାଗ୍ୟବାନ କେତେକ ତାକୁ କୌଣସି ମତେ ଲିଭିବାକୁ ଦିଅନ୍ତି ନାହିଁ। ସେହି କେତେକ ହେଉଛନ୍ତି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ରାମକୃଷ୍ଣ, ବିବେକାନନ୍ଦ, ଗାନ୍ଧୀ, ଅରବିନ୍ଦ, ପୁଣି ଦାନ୍ତେ, ଶେଲୀ, କାଳିଦାସ, ରବୀନ୍ଦ୍ର।''[୭୫] ଈଶ୍ୱରାନୁଭୂତି ସଂକ୍ରାନ୍ତୀୟ ଜ୍ୟୋତିକୁ ମାନସିଂହ ସର୍ବାଗ୍ରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

## ଧର୍ମ ଓ ନୈତିକତା :

ବହୁ ହେତୁବାଦୀ ଦାର୍ଶନିକ ଓ ଚିନ୍ତାବିଦ୍ ସଂଗଠିତ ଧର୍ମକୁ ବିରୋଧ କଲେ ବି, ଧର୍ମର ଅମୁକ୍ତ ଭାବମଣ୍ଡଳ ପ୍ରତି ବୀତଶ୍ରଦ୍ଧ ହେଲେ ବି, ଜୀବନରେ ନୈତିକତା ପ୍ରତିଷ୍ଠା କରି ସମାଜକୁ ସୁଶୃଙ୍ଖଳ ଓ ନିୟମିତ କରିବାରେ ଧର୍ମର ଭୂମିକାକୁ ସ୍ୱୀକାର କରିଛନ୍ତି। ଇମାନୁଏଲ୍ କାଣ୍ଟଙ୍କ ଭଳି ଦାର୍ଶନିକ କହିଛନ୍ତି, ଧର୍ମ ଓ ଭଗବାନର ଯଦିଓ ବାସ୍ତବ ସ୍ଥିତି ନାହିଁ, ତଥାପି ଜୀବନରେ ନୀତିବୋଧର ପ୍ରତିଷ୍ଠା ପାଇଁ ଧର୍ମ ଓ ଭଗବାନର ଉଦ୍‌ଭାବନ ଅତ୍ୟାବଶ୍ୟକ। ଧର୍ମ ସାଂଗରେ ନୀତିର ସଂପର୍କ କ'ଣ, ତାହା ଏକ ଜଟିଳ ତର୍କର ବିଷୟ। ବର୍ତ୍ତମାନର ହେତୁବାଦୀ ନୀତିଶାସ୍ତ୍ରବିତ୍ ଏ.ଜେ. ଆୟାର ତଥା ମୁରେ ପ୍ରମୁଖ କହନ୍ତି– ନୀତି ଓ ଧର୍ମ ଉଭୟର ଗତି ଭିନ୍ନ ଦିଗରେ। ସେମାନଙ୍କର ସାଧାରଣ ମିଳନ ବିନ୍ଦୁଟି ବଡ଼ ଅସ୍ପଷ୍ଟ ଓ ସଂଯୋଗ ସୂତ୍ରଟି ଦୁର୍ବଳ। ମାନସିଂହ କିନ୍ତୁ ଜୀବନର ଆବଶ୍ୟକୀୟ ନୀତିବୋଧକୁ ଧର୍ମଭାବରେ ଗ୍ରହଣ କରିଛନ୍ତି। ନୀତିଶାସ୍ତ୍ର ପ୍ରତି ତାଙ୍କର ଥିବା ଦୃଷ୍ଟିକୋଣ ଅବରୋହମୂଳକ। ସେଥିପାଇଁ ମାନସିଂହ, ପାରଂପରିକ ଓ ସଂଗଠିତ

ଧର୍ମବିଶ୍ୱାସ ବିରୁଦ୍ଧରେ ଅଭିଯାନ ଚଳାଇଥିଲେ ବି ପରିପୂର୍ଣ୍ଣ ନାସ୍ତିକ ହୋଇପାରି ନାହାନ୍ତି। ସେ ଜଣେ ହେରେଟିକ୍ (ପ୍ରଚଳିତ ଧର୍ମମତ ବିରୋଧୀ, କିନ୍ତୁ ଧର୍ମଦ୍ରୋହୀ ନୁହନ୍ତି।

ନୀତି ଓ ଧର୍ମ ମଧ୍ୟରେ ଥିବା ଘନିଷ୍ଠ ସଂପର୍କ ବିଷୟରେ ଅବତାରଣା କରି ମାନସିଂହ କହନ୍ତି: ''ବିଶୁଦ୍ଧ ଚିନ୍ତା ରାଜ୍ୟରେ ସାଧାରଣ ମନୁଷ୍ୟ ଶୀଘ୍ର ଅଣନିଶ୍ୱାସୀ ହୋଇପଡ଼ିବାର କଥା। କାରଣ ବିଶୁଦ୍ଧ ଚିନ୍ତାପରି କଠିନ ଶ୍ରମ ମନୁଷ୍ୟ ପକ୍ଷରେ ଦ୍ୱିତୀୟ ନାହିଁ। 'ସତ୍ୟ' ଠାରୁ ଅଧିକ ମାନସିକ ବିଭୀଷିକା ମଧ୍ୟ ପୃଥିବୀରେ ଦ୍ୱିତୀୟ ନାହିଁ। ସାଧାରଣ ମନୁଷ୍ୟ ମିଥ୍ୟା, ମାୟା, ମାଟି ଓ ମଇଳା ବିନା ହୁଏତ ସ୍ୱାଭାବିକ ଜୀବନ ବଞ୍ଚି ନପାରେ। ଫଳରେ ଔପନିଷଦିକ ସ୍ତରରେ ବିଶୁଦ୍ଧ ଜିଜ୍ଞାସା, ଭାରତର ସାଧାରଣ ନରନାରୀର ଚିତ୍ତକୁ କ୍ଳାନ୍ତ କରି ପକାଇଲା। ବ୍ରହ୍ମ ନାମକ, ଅସ୍ପୃଶ୍ୟ, ନିର୍ଗୁଣ ଏକ ଦ୍ରବ୍ୟ ନେଇ ମନୁଷ୍ୟର ସହସ୍ର କ୍ଷୁଦ୍ର-ଦୁଃଖ-ସୁଖ-ମୟ ଦୈନଂଦିନ ଜୀବନ ଚଳେ କିପରି ?''[୭୬]

ସହସ୍ର ବର୍ଷର ଅଭିଜ୍ଞତାରୁ ମଣିଷ ଅନେକ ମୂଲ୍ୟାବଳୀକୁ ମହାର୍ଘ ମନେକରି ଆସିଛି; ଯଥା– ସତ୍ୟକଥନ, ମାନବସେବା, ଅନ୍ୟପ୍ରତି ପ୍ରେମଭାବ ଇତ୍ୟାଦି। ମାନସିଂହ ଏହି ସବୁ ମୂଲ୍ୟାବଳୀକୁ ଅନ୍ତରର ସହିତ ସମ୍ମାନ କରି ଆସିଛନ୍ତି। ଜୀବନରେ ଏହାର ମୂଲ୍ୟକୁ ସେ କେବେହେଲେ ଅସ୍ୱୀକାର କରିନାହାନ୍ତି। ଏହି ଅମୃତମୟ ଗୁଣାବଳୀ ମହାପୁରୁଷମାନଂକ ଜୀବନରେ ପରୀକ୍ଷିତ ଓ ପ୍ରତିଷ୍ଠିତ ହୋଇଥାଏ। ବିଭିନ୍ନ ଧର୍ମର ଆଦିପୁରୁଷମାନେ ଜୀବନର ଅଗ୍ନିପରୀକ୍ଷା ଭିତରେ ସତ୍ୟ ନ୍ୟାୟ ସଂପର୍କରେ ସଚେତନତା ସୃଷ୍ଟି କରିଥା'ନ୍ତି। ତେଣୁ ମାନସିଂହ, ଯୀଶୁଖ୍ରୀଷ୍ଟ, ବୁଦ୍ଧ, ମହମ୍ମଦ ପ୍ରମୁଖ ଧର୍ମପୁରୁଷମାନଂକୁ ମହାମାନବ ହିସାବରେ ସ୍ୱୀକୃତି ଦେଇଛନ୍ତି। ସେମାନଂକ ପ୍ରତି ଶ୍ରଦ୍ଧା ନିବେଦନ କରିଛନ୍ତି। ସେ କହନ୍ତି: ''ଆମେ ପରମ ପୁରୁଷମାନଂକର ଜୀବନ ବିଶ୍ଳେଷଣ କଲେ ଦେଖୁ ଯେ, ଗୀତାର ଏହି ବାଣୀ ଆଦୌ ଅସତ୍ୟ ନୁହେଁ। ଯେଉଁ ଲୋକଗୁରୁମାନଂକର ଜୀବନରେ ଗୀତାର ଆଦର୍ଶ ପରିସ୍ଫୁଟିତ, ସେମାନେ ବାହାରେ ଜନତାଠାରେ ମଗ୍ନ ଥିଲେ ହେଁ ଅନ୍ତରରେ ଥିଲେ ଜନତାଠାରୁ ବହୁ ଦୂରରେ ଓ ବହୁ ଉପରେ। ସେମାନେ ପ୍ରତ୍ୟେକ ଜୀବନ ଯାପନ କରୁଥିଲେ 'ପଦ୍ମପତ୍ରମିବାୟସି'। ସେମାନଙ୍କର ସ୍ଥିତିଥିଲା ଜଗତରେ, କିନ୍ତୁ ଅନୁରକ୍ତି ନଥିଲା, ଯେ ଅନୁରକ୍ତି ଥାଏ ଗୃହୀର ତା'ର ନିଜର ଗୃହସ୍ଥଳୀପ୍ରତି, ବା କୃପଣର ସଞ୍ଚିତ ଧନ ପ୍ରତି।''[୭୭]

ଜୀବନରେ ଅତ୍ୟାବଶ୍ୟକୀୟ ନୈତିକତା ପ୍ରତିଷ୍ଠା ପାଇଁ ମଣିଷର ମୁକ୍ତ ବୁଦ୍ଧି ଓ ସୁସ୍ଥ ବିଚାରଧାରା ହିଁ ସର୍ବଶ୍ରେଷ୍ଠ ଭିତ୍ତି। ଭକ୍ତି ନୁହେଁ ଶ୍ରଦ୍ଧା ହିଁ ଜୀବନର ଅଗ୍ରଗାମିତାର ସୂଚକ। ମଣିଷ ପ୍ରତ୍ୟେକ ମୁହୂର୍ତ୍ତରେ ପୁରାତନ ମୂଲ୍ୟବୋଧକୁ କେବଳ ପ୍ରତିଷ୍ଠା କରେ ନାହିଁ, ନୂତନ ମୂଲ୍ୟବୋଧ ମଧ୍ୟ ସୃଷ୍ଟିକରେ। ଏହି ନୂତନ ମୂଲ୍ୟବୋଧର ସୃଷ୍ଟିପାଇଁ ଜୀବନପ୍ରତି ମୁକ୍ତଜିଜ୍ଞାସା ଓ ସନ୍ତୁଳିତ ସମାଜଚିନ୍ତା ଆବଶ୍ୟକ। ବିଭିନ୍ନ କାରଣରୁ ମାନସିଂହଂକ ପକ୍ଷରେ ଏସବୁ ସମ୍ଭବ ହୋଇନାହିଁ।

**ଶେଷକଥା :**

ଧର୍ମ ଜିଜ୍ଞାସା ଓ ଭଗବତ ବିଶ୍ୱାସ ମଣିଷର ଜଟିଳ ମାନସିକତାର ପରିଚୟ। ନିଜର ଜୈବିକ ଓ ଆଧିଭୌତିକ କାରଣରୁ ଏହି ଅଚିନ୍ତନୀୟ ଅପ୍ରମାଣ ଶକ୍ତି ଉପରେ ଆସ୍ଥା ସ୍ଥାପନ କରିବା ପାଇଁ ସେ ବାଧ୍ୟ ହୋଇଛି। ଏହି ଶକ୍ତିକୁ ସରଳ ଭାବରେ ବିଶ୍ୱାସ କରିବା ବା ଅବିଶ୍ୱାସ କରିବା ଯେତେ ସହଜ, ଗଭୀର ଭାବରେ ଚିନ୍ତାକରି ପରିତ୍ୟାଗ କରିବା ସେତିକି କଷ୍ଟ। ସ୍ଥାନଗତ, କାଳଗତ, ପରିବେଶଗତ ବୈଭିନ୍ନ୍ୟ ସତ୍ତ୍ୱେ ମଣିଷର ସ୍ଥିତିବୋଧ ଓ ସଂସ୍କୃତିବୋଧ ସହ ଈଶ୍ୱରବିଶ୍ୱାସ ଜଡ଼ିତ ହୋଇ ପଡ଼ିଛି। ଚଳିତ ଶତାବ୍ଦୀର ଶ୍ରେଷ୍ଠ ହେତୁବାଦୀ ଦାର୍ଶନିକ ବ୍ରର୍ଟାଣ୍ଡ ରସେଲ୍, ଜନ ଡିଓ୍ୱେ ବା ଭାରତର ଏମ୍. ଏନ୍. ରାୟଙ୍କ ଭଳି ଚିନ୍ତାନାୟକମାନେ ଈଶ୍ୱରବିଶ୍ୱାସ ଓ ଧର୍ମ ମଣିଷ ଜୀବନ ପାଇଁ ଅନାବଶ୍ୟକ ବୋଲି ଯୁକ୍ତି ସହ ପ୍ରତିଷ୍ଠା କରିଛନ୍ତି। ବହୁ ଦାର୍ଶନିକ ଅଛନ୍ତି ଯେଉଁମାନେ ଈଶ୍ୱରଙ୍କୁ ଅସ୍ୱୀକାର କଲେବି ଧର୍ମଜିଜ୍ଞାସାର ମୂଳ ଦାର୍ଶନିକ-ଭିତ୍ତି ଭାବବାଦ (ଆଇଡ଼ିଆଲିଜ୍‌ମ)ରୁ ମୁକ୍ତି ପାଇନାହାନ୍ତି। ଗତ ଶତାବ୍ଦୀର ନିତ୍‌ସେ ଓ ଚଳିତ ଶତାବ୍ଦୀର ଇଟାଲୀୟ ଦାର୍ଶନିକ କ୍ରୋଚେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଯାନ୍ତ୍ରିକ ଭୌତିକବାଦୀ ଦାର୍ଶନିକମାନେ ଏହି ଅଦୃଶ୍ୟ ଶକ୍ତିର ଉପସ୍ଥିତିକୁ ଯୁକ୍ତିସହ ନାକଚ କଲେ ବି ବସ୍ତୁତାନ୍ତ୍ରିକତାର ଅଂଧ ରୂପକୁ ସ୍ୱୀକାର କରି ନେଇଛନ୍ତି। ଏହି ସମସ୍ତର ପରିପ୍ରେକ୍ଷୀରେ ମାନସିଂହଙ୍କର ଧର୍ମଜିଜ୍ଞାସା ଓ ଭାଗବତ ବିଶ୍ୱାସକୁ ପରୀକ୍ଷା କରାଯାଇପାରେ।

ନିଜର ସାଂସ୍କୃତିକ-ଅବଚେତନ ହେତୁ ନିଜ ଅଭିବୃଦ୍ଧିର ତଥା ଅଭିଶପ୍ତ ଜୀବନର କାରଣ ମାନସିଂହ ଯଥାର୍ଥ ଭାବରେ ଆବିଷ୍କାର କରିପାରି ନାହାନ୍ତି। ଦୁର୍ବଳ ମଣିଷ ନିଜ ପରାଜୟର କାରଣ ନ ଜାଣି ବା ଦୁର୍ବଳତାକୁ ଅତିକ୍ରମ କରିବା ପାଇଁ ଯେଭଳି ଏକ ବାହାର ଶକ୍ତିର ସାହାଯ୍ୟ ନେଇଥାଏ, ମାନସିଂହ ଜୀବନର ପ୍ରତ୍ୟେକ ସ୍ତରରେ ସେହିଭଳି ଏକ ବାହ୍ୟ ତଥା କଳ୍ପିତ ଶକ୍ତିର ଆଶ୍ରୟ ଖୋଜିଛନ୍ତି। ଚଳିତ ଶତାବ୍ଦୀର ବିଖ୍ୟାତ୍ ଚିନ୍ତାବିତ୍ ଏରିକ୍ ଫ୍ରୋମ୍ ତାଙ୍କର 'ଫିଅର ଫର ଫ୍ରିଡ଼ମ୍' ବହିରେ ଧର୍ମ ସଂପର୍କରେ ଏକ ଚମତ୍କାର ଆଲୋଚନା କରିଛନ୍ତି। ତାଂକ ମତରେ 'ମଣିଷ ମୁକ୍ତିର ସାଧନା ଚିରକାଳ କରି ଆସିଲେ ବି ସଂପୂର୍ଣ୍ଣ ମୁକ୍ତି ପ୍ରତି ତାର କେବଳ ଅନୀହା ନୁହେଁ, ଗଭୀର ଭୟ ମଧ୍ୟ ରହିଛି। ତେଣୁ ଗୋଟାଏ ପ୍ରକାର ବନ୍ଧନରୁ ମୁକ୍ତି ଚାହିଁଲାବେଳେ ନିଜର ଅଜ୍ଞାତସାରରେ ସେ ଗୋଟିଏ ବଂଧନକୁ ଆପଣାର କରିନିଏ। ଧର୍ମରୁ ମୁକ୍ତିପାଇ ରାଷ୍ଟ୍ରକୁ ବା ରାଷ୍ଟ୍ରରୁ ମୁକ୍ତିପାଇ ଦଳକୁ ସେ ପରମ ଓ ଚରମ ବୋଲି ମନେ କରେ।' ମାନସିଂହଙ୍କ କ୍ଷେତ୍ରରେ ତାହା ମଧ୍ୟ ଘଟିଛି। ବ୍ରାହ୍ମଣ୍ୟ ଧର୍ମର ଅତ୍ୟାଚାର, କୁସଂସ୍କାର, ଅନ୍ଧବିଶ୍ୱାସ ଏବଂ ବର୍ଣ୍ଣ ସଂପ୍ରଦାୟର ନିଜ ଅବସ୍ଥା ତାଙ୍କୁ ବ୍ରାହ୍ମଣ୍ୟ ଧର୍ମର ବିରୋଧୀ କରିଛି। ସେ ହିନ୍ଦୁ ଧର୍ମର ଖୋଳପା ଫୋପାଡ଼ିବା ପାଇଁ ବାରମ୍ବାର ଚେଷ୍ଟା କରିଛନ୍ତି। ଆଦର୍ଶର ସଂଧାନରେ କେତେବେଳେ ରବୀନ୍ଦ୍ର, କେତେବେଳେ ମହାତ୍ମା ଗାନ୍ଧି, କେତେବେଳେ ବୁଦ୍ଧ, କେତେବେଳେ ଯୀଶୁଖ୍ରୀଷ୍ଟ, କେତେବେଳେ ଅନୁକୂଳ ଚନ୍ଦ୍ରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏ ସମସ୍ତର କାରଣ ହେଲା ଚରମ ମୁକ୍ତି ପ୍ରତି ପରମ ଭୟ। ଏହି ଭୟ ଫଳରେ ଜୀବନ ସାରା ସେ କୌଣସି ଏକ ପରମ ଶକ୍ତି ଉପରେ ବିଶ୍ୱାସ ସ୍ଥାପନ କରି ଆସିଛନ୍ତି। ବିଶ୍ୱଜଗତ ଏକ ବସ୍ତୁନିୟନ୍ତ୍ରିତ ଜଗତ। ଖଣ୍ଡେ ପଥର କୌଣସି ଏକ ଆକସ୍ମିକ୍ ଅଭିଘାତ ଫଳରେ ଗତିଶୀଳ ହୋଇ ଅସାଧ୍ୟ ସାଧନ କରିପାରେ, ଏଥିରେ କୌଣସି ଦୈବିଲୀଳା ନାହିଁ; ଏହା ବସ୍ତୁର ନିଜ କ୍ରିୟାର ପ୍ରତିକ୍ରିୟା। ମାନସିଂହ ଏହି ବସ୍ତୁତାନ୍ତ୍ରିକତାକୁ ଓ ଯୁକ୍ତିବାଦୀ ଭୌତିକ ଦର୍ଶନକୁ କେବେ ବି ଆପଣାର କରିପାରି ନାହାନ୍ତି। ବେଳେବେଳେ ନିଜକୁ ନାସ୍ତିକ ବୋଲି ପରିଚୟ ଦେଲେ ବି, ଏକ ପରମ ଶକ୍ତିକୁ କେବେ ବି ମନପ୍ରାଣ ଦେଇ ଅସ୍ୱୀକାର କରିପାରି ନାହାନ୍ତି।

ମାନସିଂହ ମୁଖ୍ୟତଃ କବି। ଜୀବନ ଓ ଜଗତକୁ ଭଲ ପାଇବା ମଧ୍ୟରୁ ତାଙ୍କ କବିତାର ଆରମ୍ଭ। ଶ୍ରଦ୍ଧାଭାବରୁ ହିଁ ତାଙ୍କ କବିତାର ସ୍ଫୂର୍ତ୍ତି। ଆଲୋଚନା ମଧ୍ୟରେ କୁହାଯାଇଛି, ଗୌଣ ଭାବରେ ହେଲେ ବି ପାରମ୍ପରିକ ସମାଜକୁ ନିୟମ ଚାଳିତକରିବା ପାଇଁ ଧର୍ମର ଏକ ସୀମିତ ଭୂମିକା ରହିଛି। ଜୀବନକୁ ନୀତିପୂର୍ଣ୍ଣ କରିବା ପାଇଁ ଧର୍ମର ଏହି ସୀମିତ ଭୂମିକାକୁ ମାନସିଂହ ଅପରିସୀମ ବୋଲି ମନେ କରିଛନ୍ତି ଓ ଧର୍ମରହିତ ଜଗତ ଧ୍ୱଂସମୁଖୀ ହେବା ସ୍ୱାଭାବିକ ବୋଲି ସେ ମନେ ମନେ ଗ୍ରହଣ କରି ନେଇଛନ୍ତି। ଧର୍ମର ଏହି ସାମାଜିକ ଭୂମିକା ସମ୍ବନ୍ଧରେ ନିସଂଦିଗ୍ଧତା ହେତୁ ଧର୍ମର ନାଗଫାଶ୍ ଜାଲରୁ ସେ କେବେ ବି ମୁକ୍ତି ପାଇପାରି ନାହାନ୍ତି।

ନୀତିବୋଧର ଉତ୍ସ ଧର୍ମ ନୁହେଁ; ମଣିଷର ମୁକ୍ତ ପ୍ରଜ୍ଞା ଓ ତାର ହେତୁବାଦୀ ଜିଜ୍ଞାସାରୁ ଏହା ଉତ୍ସାରିତ। ପ୍ରତିଷ୍ଠିତ ଓ ସଂଗଠିତ ଧର୍ମ, ମଣିଷର ମୁକ୍ତି ନୁହେଁ, ବନ୍ଧନର ପ୍ରତୀକ। ସାମାଜିକ, ସାଂସ୍କୃତିକ ଓ ମାନସିକ ସ୍ତରରେ ମଣିଷକୁ ପାଶବଦ୍ଧ କରି ତାର ମୁକ୍ତିର କାମନାକୁ ଏକ ଅନନ୍ତ ତଥା ଭିତ୍ତିହୀନ ଦିଗରେ ପରିଚାଳିତ କରିବା ଧର୍ମର କାର୍ଯ୍ୟ। ବ୍ରାହ୍ମଣତନ୍ତ୍ର, ପାଦ୍ରୀତନ୍ତ୍ର ବା ମୁଲ୍ଲାତନ୍ତ୍ରର ସେଇଠୁ ଆରମ୍ଭ। ଫଳରେ ପ୍ରତିଷ୍ଠିତ ଧର୍ମକୈନ୍ଦ୍ରିକ ସମାଜରେ ଧର୍ମର ବଡ଼ପଣ୍ଡାମାନଙ୍କ ଜୀବନସହ ଆଦର୍ଶବାଦୀ ନୀତିବୋଧର ଭୟଂକର ବିରୋଧ ଦୃଷ୍ଟିଗୋଚର ହୁଏ। ନିଜେ ବଢ଼ିଥିବା ପୁରୋହିତତନ୍ତ୍ର ମଧ୍ୟରେ ମାନସିଂହ ଅଣନିଶ୍ୱାସୀ ହୋଇ ଉଠିଛନ୍ତି। ନୈତିକ ଜୀବନ ଏହି ବଡ଼ପଣ୍ଡାମାନଂକ ଦ୍ୱାରା ବାରମ୍ବାର ହାତୁଡ଼ିମାଡ଼ ଖାଇଥିବାର ସେ ଦେଖି ପାରିଛନ୍ତି। ଏହି ଭଳି କ୍ଷେତ୍ରରେ ଧର୍ମ ଅପେକ୍ଷା ନୀତିବୋଧ ତାଙ୍କର ଅଧିକ ପ୍ରିୟ ଓ ଧର୍ମ ନିଂଦା-ଯୋଗ୍ୟ। ସବୁଠୁଁ ବିସ୍ମୟର କଥା ହେଉଛି ଯେ, ଜୀବନର ମୂଲ୍ୟାବଳୀ ପରମ ତଥା ଚରମ ନୁହେଁ, ବଞ୍ଚିବାର ସଂଗ୍ରାମ ଭିତରେ ଅଭିଜ୍ଞତାର ନିକଷରେ ସମାଜ ଜୀବନର ମୂଲ୍ୟାବଳୀ ଗଠିତ ତଥା ପ୍ରତିଷ୍ଠିତ ହୁଏ— ଏକଥା ମାନସିଂହ ଆଦୌ ଚିନ୍ତା କରିନାହାନ୍ତି। ଦ୍ୱିତୀୟତଃ ବିଭିନ୍ନ ମୂଲ୍ୟ ମଧ୍ୟରେ ପାରସ୍ପରିକ ସଂଘର୍ଷ ଓ ବଞ୍ଚିବାର ଯନ୍ତ୍ରଣା ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଆସେ ଓ ସେଠି ଗୋଟିକୁ ବାଛି ନେବା ପାଇଁ ବ୍ୟକ୍ତିକୁ ନିଜର ବୁଦ୍ଧି ଉପରେ ନିର୍ଭର କରିବାକୁ ପଡ଼େ—ଏ କଥା ମଧ୍ୟ ମାନସିଂହ ବିଚାରକୁ ଆଣିନାହାନ୍ତି।

ଅଫିସରେ ଦୁର୍ନୀତିରେ ଲିପ୍ତଥିବା ଓ ଠକୁଥିବା କର୍ମଚାରୀ ପାରିବାରିକ ଜୀବନରେ ଜଣେ ସଫଳ ବ୍ୟକ୍ତି ଓ ଉଭୟ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି: ଏ କଥା ମାନସିଂହ ବୁଝିପାରି ନାହାନ୍ତି। ପ୍ଲାଟୋଙ୍କ 'ପାରମେନାଇଡ୍' ଭଳି ମାନସିଂହଙ୍କ ନୀତିବୋଧର ମୂଲ୍ୟାବଳୀ ଅଟଳ, ଅଚଳ, ଅପରିବର୍ତ୍ତନୀୟ ଓ ପରସ୍ପରବିଚ୍ଛିନ୍ନ। ସେ ପାରମ୍ପରିକ ଧର୍ମବିଚାରକୁ ନିନ୍ଦା କରିଛନ୍ତି, ମାତ୍ର ଧର୍ମକୁ ଅତିକ୍ରମ କରି ଏକ ମୁକ୍ତ ସାମ୍ୟବାଦୀ ନିରୀଶ୍ୱରବାଦୀ ଉଦାରତନ୍ତ୍ରୀ ଜୀବନାଦର୍ଶକୁ ଗ୍ରହଣ କରିପାରି ନାହାନ୍ତି।

ନିଜର ଭାବବାଦୀ ବିଶ୍ୱାସ ଫଳରେ ସେ ସମ୍ମୁଖୀନ ହୋଇଥିବା ମାନସିକ ସଂକଟରୁ ମୁକ୍ତି ପାଇବାପାଇଁ ଓ ନିଜର ବିଭକ୍ତ-ଚିନ୍ତାରାଜିର ଅଭିବ୍ୟକ୍ତି ଲାଗି ଚେଷ୍ଟା କଲାବେଳେ ସେ ନୂଆ ସଂକଟର ସମ୍ମୁଖୀନ ହୋଇଛନ୍ତି। ଏହି ସଂକଟରୁ ମୁକ୍ତି ପାଇବାପାଇଁ ସେ ଶାବ୍ଦିକ ଯୁକ୍ତ୍ୟାଭ୍ୟାସର ଦ୍ୱାରସ୍ଥ ହୋଇଛନ୍ତି। ଧର୍ମ ଓ ନୀତିବୋଧ ସଂପର୍କିତ ନାନା ଜିଜ୍ଞାସାକୁ ପ୍ରକାଶ କରିବା ପାଇଁ ସେ ଶବ୍ଦ ଗୁଡ଼ିକର ପ୍ରତିଶବ୍ଦ ଖୋଜିଛନ୍ତି। ଘୂର୍ଣ୍ଣାୟମାନ ପୋଲେମିକ୍ସର ସାହାଯ୍ୟ ନେଇଛନ୍ତି। କୌଣସି ବିଷୟକୁ ଘୁରାଇ କହିବା ସେହି ବିଷୟ ସଂପର୍କିତ ସମସ୍ୟାର ସାମାଧାନ କରେ ନାହିଁ, ବରଂ ସମସ୍ୟାର ଅବବୋଧ କ୍ଷେତ୍ରରେ ଜଟିଳତା ସୃଷ୍ଟିକରେ। ମାନସିଂହଙ୍କର ବିଭିନ୍ନ ପ୍ରବନ୍ଧ ଏହି ଜଟଳତା ସୃଷ୍ଟିରେ ସମର୍ଥ। ତେଣୁ ଏ ସଂପର୍କୀୟ ଆଲୋଚନାର ଶେଷକରି କୁହାଯାଇପାରେ: ମାନସିଂହ ନିଜକୁ ଯେତେ ହେତୁବାଦୀ କହିଲେ ବି ସାମୟିକ ଭାବେ ନିରୀଶ୍ୱର ରୂପେ ନିଜକୁ ପରିଚିତ କଲେ ବି, ସେ କୌଣସିଟି ହୋଇପାରି ନାହାନ୍ତି। ମଣିଷ ପଶୁର ଏକ ପ୍ରଜାତି ହେଲେ ବି ସ୍ଥାନକାଳ ଭେଦରେ ମଣିଷ ଭିନ୍ନ ହୋଇଯାଏ। ସମୟର ଅଭିଘାତରେ ସିଂପାଞ୍ଜୀ ଓ ସଭ୍ୟ ମଣିଷ ଭିତରେ ଯେଉଳି ଦୁରନ୍ତ ବ୍ୟବଧାନ ଦୃଷ୍ଟିଗୋଚର ହୁଏ, ବିଭିନ୍ନ ସ୍ଥାନର ମଣିଷ ଭିତରେ ସେଭଳି ବୈଭିନ୍ନ୍ୟ ତଥା ଦୂରତ୍ୱ ଦେଖାଯାଏ। ମାନସିଂହ କିନ୍ତୁ ଏହା ଗ୍ରହଣ କରିବା ପାଇଁ ପରାଙ୍ମୁଖ। ତାଂକ ମତରେ: ''ପୃଥିବୀ-ଗ୍ରହର ବ୍ୟାପକ ପୃଷ୍ଠଭୂମିରେ, ଦେଶେ ଦେଶେ ନାନା ବର୍ଣ୍ଣ, ନାନା ଭାଷା, ନାନା ଧର୍ମର ମନୁଷ୍ୟ ଦେଖାଯାଉଥିଲେ ହେଁ, ଏବେ ଗମନାଗମନର ସ୍ୱାଚ୍ଛନ୍ଦ୍ୟ ଏବଂ ମାନବିକ ଇତିହାସ ଓ ସାହିତ୍ୟର ଆଲୋଚନା ଫଳରେ ଦେଖା ଯାଉଛି ଯେ ପ୍ରାକୃତିକ ମଣିଷଟି ସବୁଠି ସମାନ। ସେହି ପ୍ରାଣୀର ଆଶା, ଲାଳସା, ଚିନ୍ତା ଓ କୌତୂହଳ ଇତ୍ୟାଦି ସର୍ବତ୍ର ଅଭିନ୍ନ। ଅଭିନ୍ନ ମଧ୍ୟ ସେହିପରି ମନୁଷ୍ୟ ଜୀବନର ଦୁଃଖ ଦୁର୍ଦ୍ଦଶା ଓ ତଥାକଥିତ ଭୋଗ।

ତେଣୁ ଗୀତାର ମନୁଷ୍ୟ, କୋରାନର ମନୁଷ୍ୟ ବା ବାଇବେଲର ମନୁଷ୍ୟ ବୋଲି ଭିନ୍ନ ଭିନ୍ନ ଶ୍ରେଣୀର ପ୍ରାଣୀ ଆମେ କାହିଁ ପାଇବାନି, ଆମେ ସବୁଠି ପାଇବା ସେହି ଶାଶ୍ୱତ ଓ ସାର୍ବଭୌମ ମନୁଷ୍ୟକୁ।''[୭୮] ଏହି ଚିନ୍ତା ଓ ମତ ଆଦର୍ଶବାଦୀ ଦାର୍ଶନିକ ଜିଜ୍ଞାସାର ପ୍ରକାଶ। ରୋମାଣ୍ଟିକ୍ ଆଦର୍ଶବାଦୀମାନେ ଅନ୍ୟଯାହା ହୁଅନ୍ତୁ ନା କାହିଁକି କେବେ ହେଲେ ହେତୁବାଦୀ ହୋଇ ପାରିବେ ନାହିଁ। ବିଭିନ୍ନ ପରିବେଶରେ ପଡ଼ି ମାନସିଂହଙ୍କ

ରୋମାଣ୍ଟିକ୍ ମନ ବିଦ୍ରୋହ କରିଛି, କିନ୍ତୁ ସେ ବିଦ୍ରୋହର ପରିପ୍ରକାଶ ତାଙ୍କୁ ଧର୍ମଠାରୁ ବିଚ୍ଛିନ୍ନ ଓ ପରମଶକ୍ତି ପ୍ରତି ଅବିଶ୍ୱାସୀ କରିପାରିନି। ପରିବର୍ତ୍ତନଶୀଳ ପୃଥିବୀରେ ଶାଶ୍ୱତ ଓ ସାର୍ବଭୌମ ଖୋଜିଯିବା ଧର୍ମର କାର୍ଯ୍ୟ, ଭଗବତବିଶ୍ୱାସର କାର୍ଯ୍ୟ, ହେତୁବାଦୀର କାର୍ଯ୍ୟ ନହେଁ। ମାନସିଂହ ସେହି ଧର୍ମର ସଂଧାନୀ ଓ ଭଗବତସତ୍ତାରେ ବିଶ୍ୱାସୀ।

□□

ଟୀକା :—

୧- Religion is the sigh of the oppressed creature, the heart of heartless world, just as it is the spirit of a spiritless situation. It is the opinion of the people" (Marx and Engels— On Religion PP-42 (1964) Schochen Books, New York.

୨- A religion is a unified system of beliefs and practices relating to sacred things, that is to say, things set apart and forbidden—beliefs and practics, which unite into one single moral community called a church, all those who adhere to them.
Emile Durhhem: The Elementary Forms of the Religions Life. Translated by J. W. Swain- P.52, Free Press, New York.

୩- ମାନସିଂହ, 'ମୁଁ କାହିଁକି ଲେଖେ' ଡ଼ଗର ୧୪/୧, (୧.୭.୧୯୫୦)

୪- ମାନସିଂହ, ଗୀତାମହାତ୍ମ୍ୟ (୧୯୬୯) ପୃ-ଭୂମିକା-ଏକ,

୫- ତତ୍ରୈବ ପୃ. ଦୁଇ,

୬- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ-୧୯୭୩) ପରଧର୍ମ ପ୍ରବଂଧ) ପ- ୫୯୧.

୭- ମାନସିଂହ,–ଗୀତା ମହାତ୍ମ୍ୟ (୧୯୬୯) ଭୂମିକା ପୃ-ଦୁଇ,

୮- ତତ୍ରୈବ, ଭୂମିକା ପୃ. ଚାରି,

୯- ମାନସିଂହ, ଗ୍ରନ୍ଥାବଳୀ (ପ୍ରଥମ ଭାଗ ୧୯୬୨) କୁଳଟା ରାଧା (କବିତା) ପୃ.୧୫୬.

୧୦- ତତ୍ରୈବ, ପାପ ଓ ପ୍ରେମ (କବିତା) ଧୂପ'- ପୃ. ୭୫.
'ହୃଦୟେ ହୃଦୟ ମିଶିବାକୁ ଗଲେ/ ଧର୍ମର ହେନା ପୁଣି ମହୀତଳେ/ ପରାଣେ ପରାଣ ମିଶିଲେକି ନାରାୟଣ ହେ,/ ଶୁଣିଛ କେ କାହିଁ କରିବାର ପଳାୟନ ହେ,/ ସେ କଥା ମୂର୍ଖ ସମାଜ ତ ନାହିଁ ଜାଣିବ? ନିର୍ମମ ଖାଲି ଖୋଜି ଅପରାଧ,/ ସୃଷ୍ଟି କରିବ ମିଛ ଅପବାଦ,/ ଈଶ୍ୱର ନାମେ ହିଂସାରେ ହାଣିବ,/ ସେ କଥା ମୂର୍ଖ ସମାଜ ତ ନାହିଁ ଜାଣିବ?

୧୧- ତତ୍ରୈବ-'ଗୋପ' ପ୍ରୟାଣ (କବିତା) ପୃ. ୩୪୩.
୧୨- ତତ୍ରୈବ, ପଂଗୁରଭିକ୍ଷା (କବିତା) ପୃ. ୪୪,
୧୩- ତତ୍ରୈବ, ଶୁଣୁନା କିଆଁ (କବିତା), ପୃ. ୪୩.
୧୪- ତତ୍ରୈବ, ପ୍ରାର୍ଥନା (କବିତା) ପୃ. ୧୯୫.
୧୫- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ– ୧୯୭୩) ଗୋପାଳକୃଷ୍ଣ ପଦ୍ୟାବଳୀ (ଆଲୋଚନା) ପୃ. ୪୫୬.
୧୬- ତତ୍ରୈବ, ପୃ. ୪୫୯.
୧୭- ତତ୍ରୈବ, ପ୍ରାଚୀନ ଓଡ଼ିଆ କାବ୍ୟ (ଆଲୋଚନା) ପୃ.୫୭୭.
୧୮- ତତ୍ରୈବ, ମାନବ ଗୋପବଂଧୁ (ପ୍ରବଂଧ) ପୃ. ୫୨୧.
୧୯- (କ) ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ ୧୯୬୨) ନିଦ୍ରିତ ଭଗବାନ (କବିତା) ପୃ. ୩୮୪–୩୮୭.
(ଖ) ଉତ୍କଳ ସାହିତ୍ୟ, ୩୨/୮, ମାର୍ଗଶୀର- ୧୩୩୬, 'ନଭେମ୍ବର ୧୯୨୮', ରେ ପ୍ରଥମ ପ୍ରକାଶିତ ଅଂଶ।
୨୦- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ– ୧୯୬୨), ଜିଜ୍ଞାସା (କବିତା) ପୃ. ୧୯୬.
୨୧- ତତ୍ରୈବ, ଦେବପୂଜା (କବିତା) ପୃ. ୪୦୩.
୨୨- ତତ୍ରୈବ, ବିଶ୍ୱଦେବାଳୟ (କବିତା) ପୃ.୧୬୮
୨୩- ତତ୍ରୈବ, ସ୍ୱର୍ଣ୍ଣଯୁଗ (କବିତା) ପୃ.୩୯୮.
୨୪- ମାନସିଂହ, ଜୀବନୀ ଓ ପ୍ରବନ୍ଧ (୧୯୫୮) ଗାନ୍ଧିଜୀ (ପ୍ରବନ୍ଧ) ପୃ. ୧୧୩.
୨୫- ମାନସିଂହ-ଜୀବନପଥ (୧୯୫୭) ଧର୍ମ ଜୀବନ (ପ୍ରବନ୍ଧ) ପୃ. ୭୧,
୨୬- ତତ୍ରୈବ, ନିଜ ଦାୟିତ୍ୱ (ପ୍ରବନ୍ଧ) ପୃ. ୮୬–୮୭,
୨୭- ମାନସିଂହ, ପଶ୍ଚିମ ପଥିକ (୧୯୬୪) ପୃ.୧୦୦-୧୦୧.
୨୮- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ– ୧୯୬୨) ବାପୁ ତର୍ପଣ– ବାପୁଜୀ (କବିତା) ପୃ.୨୫୯,
୨୯- ତତ୍ରୈବ ପୃ. ୨୬୧,
୩୦- ତତ୍ରୈବ, ପୃ. ୨୬୪,
୩୧- ତତ୍ରୈବ, ପୃ. ୨୬୫,
୩୨- ତତ୍ରୈବ,ପୃ. ୨୬୪,
୩୩- ତତ୍ରୈବ, ଗାନ୍ଧିଜୀ (କବିତା) ପୃ.୨୬୭,
୩୪- ମାନସିଂହ, ଗୀତାମହାତ୍ମ୍ୟ (୧୯୬୯) ମନୁଷ୍ୟ କୃଷ୍ଣ, ପୃ. ୨୧-୨୨,
୩୫- ମାନସିଂହ, ପଶ୍ଚିମ ପଥିକ (୧୯୬୪) ଯାତ୍ରାରମ୍ଭ, ପୃ.୧୨,

୩୬- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ- ୧୯୬୨) 'ଅକ୍ଷତ'ର ଭୂମିକା ପୃ. ୨୮୮.
୩୭- ତତ୍ରୈବ,
୩୮- ତତ୍ରୈବ,
୩୯- ମାନସିଂହ, ଜୀବନପଥ (୧୯୫୭) ନିଜଦାୟିତ୍ୱ (ପ୍ରବନ୍ଧ) ପୃ. ୮୪,
୪୦- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ ୧୯୬୨) ବୁଦ୍ଧଂ ଶରଣଂ ଗଚ୍ଛାମି (କବିତା) ପୃ. ୫୫୮,
୪୧- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ ୧୯୬୪) 'ବୁଦ୍ଧ ନାଟକର ମୁଖବଂଧ ପୃ. ୬୮୯.
୪୨- ତତ୍ରୈବ, ପୃ. ୬୭୨,
୪୩- ତତ୍ରୈବ, ପୃ. ୬୭୩,
୪୪- ତତ୍ରୈବ, ପୃ. ୬୭୪,
୪୫- ତତ୍ରୈବ, 'କମଳାୟନ' କାବ୍ୟ ଉତ୍ତର ଖଣ୍ଡ ଦ୍ୱିତୀୟ ସର୍ଗ, ପୃ. ୩୧୪.
୪୬- ତତ୍ରୈବ, 'ବୁଦ୍ଧ' ନାଟକର ମୁଖବଂଧ ପୃ. ୬୮୧.
୪୭- ତତ୍ରୈବ, ପୃ. ୬୮୨.
୪୮- ତତ୍ରୈବ, ପୃ. ୬୮୩-୮୪.
୪୯- ତତ୍ରୈବ, ପୃ. ୬୮୫.
୫୦- ମାନସିଂହ, ଜୀବନପଥ (୧୯୫୭) ଧର୍ମଜୀବନ (ପ୍ରବନ୍ଧ) ପୃ. ୬୦.
୫୧- ତତ୍ରୈବ, ପୃ. ୬୮.
୫୨- ତତ୍ରୈବ, ପୃ. ୬୧,
୫୩- ତତ୍ରୈବ, ପୃ.୬୨.
୫୪- ମାନିସଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ—୧୯୭୩), ଓଡ଼ିଆ ଜାତିର ବୈଶିଷ୍ଟ୍ୟ (ପ୍ରବନ୍ଧ) ପୃ. ୫୮୦.
୫୫- ମାନସିଂହ, ଜୀବନପଥ (୧୯୫୭) ଧର୍ମ ଜୀବନ (ପ୍ରବନ୍ଧ) ପୃ.୬୧-୬୨,
୫୬- ତତ୍ରୈବ, ପୃ. ୬୩.
୫୭- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ—୧୯୬୨) ଆତତାୟୀ (କବିତା) ପୃ. ୪୧୭.
୫୮- ତତ୍ରୈବ, ରିକ୍ତତାର ଗୌରବ (କବିତା) ପୃ. ୪୧୦,
୫୯- ତତ୍ରୈବ, କ୍ରୁଶ ବହନ (କବିତା) ପୃ. ୨୯୪,
୬୦- ତତ୍ରୈବ, ଅଭିମାନ 'କବିତା' ପୃ. ୨୮୯.
୬୧- ତତ୍ରୈବ, ପାନ୍ଥଗାଥା (କବିତା) ପୃ. ୨୯୦.
୬୨- ତତ୍ରୈବ, ପୃ. ୨୯୮

୬୩- ତତ୍ରୈବ ପୃ. ୩୦୨,
୬୪-ମାନସିଂହ, ଗୀତା ମହାତ୍ମ୍ୟ (୧୯୬୯) ସମ୍ଭବାମି ଯୁଗେ ଯୁଗେ ପୃ. ୬୮
୬୫-ମାନସିଂହ, ଶିକ୍ଷାବିତ୍ ଗାଥା (୧୯୬୫) ଏକବିଂଶ ଅଧ୍ୟାୟ, ପୃ. ୩୫୦,
୬୬-ମାନସିଂହ, ମହତବାଣୀ (ସଂପାଦନା) ମୁଖବଂଧ- ପୃ. ଏକ,
୬୭-ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ ୧୯୭୩), ଜୀବଧର୍ମ (ପ୍ରବଂଧ) ପୃ.୬୪୪,
୬୮- ମାନସିଂହ, ଶିକ୍ଷାବିତ୍ ଗାଥା (୧୯୬୫) ତୃତୀୟ ଜନ୍ମ-ପୃ. ୩୩୧,
୬୯- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ—୧୯୬୨) ନବପ୍ରଣୟୀ (କବିତା) ପୃ. ୫୬୦,
୭୦- ତତ୍ରୈବ, ତୃତୀୟାକ୍ଷ (କବିତା) ପୃ. ୫୬୨,
୭୧- ତତ୍ରୈବ, ଭେଟିବି (କବିତା) ପୃ. ୫୬୨,
୭୨- ତତ୍ରୈବ, ଶ୍ରୀକୃଷ୍ଣ (କବିତା) ପୃ. ୫୬୪.
୭୩- ମାନସିଂହ, ଶିକ୍ଷାବିତ୍‌ର ଗାଥା, (୧୯୬୫) ପୃ.୪୫,
୭୪- ମାନସିଂହ, ଗୀତାମହାତ୍ମ୍ୟ, ନବମ ଅଧ୍ୟାୟ, ପୃ. ୨୦୦,
୭୫- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ— ୧୯୬୪) 'ପୂଜାରିଣୀ' ନାଟିକାର ମୁଖବଂଧ (୧୯୫୩) ପୃ. ୪୬୧.
୭୬- ମାନସିଂହ, ଗୀତା ମହାତ୍ମ୍ୟ (୧୯୬୯) ଦ୍ୱିତୀୟ ଅଧ୍ୟାୟ, ପୃ. ୧୪.
୭୭- ତତ୍ରୈବ ପୃ. ୨୨୧,
୭୮- ତତ୍ରୈବ, ଷଷ୍ଠ ଅଧ୍ୟାୟ, ପୃ. ୧୧୬.

# ତୃତୀୟ ଭାଗ

▷ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

▷ କଳା ଓ ସାହିତ୍ୟ

▷ ସଂସ୍କୃତି

# ସପ୍ତମ ଅଧ୍ୟାୟ

## ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

"ଯେଉଁ ଜାତିର ଶିକ୍ଷକ ଯେପରି ସେ ଦେଶ ସେପରି।"

—ମାନସିଂହ

"ଇଣ୍ଡିଆ ହେଉଛି ଏକମାତ୍ର ଦେଶ, ଯେଉଁଠି ଶିକ୍ଷାର କୌଣସି ନିଜସ୍ୱ ନାହିଁ।"

—ମାନସିଂହ,

ମାୟାଧର ମାନସିଂହଙ୍କ ବିପୁଳ ଗଦ୍ୟରଚନାର ବୃହଦାଂଶ ଶିକ୍ଷାର ସ୍ୱରୂପ, ସଂକଟ ଓ ଭବିଷ୍ୟତ ଆଦି ବିଷୟର ଆଲୋଚନାରେ ନିୟୋଜିତ। ପୁଣି ସଂସ୍କୃତି ବା ସମାଜ ସଂପର୍କରେ ମତବ୍ୟକ୍ତ କଲାବେଳେ ସେ ଶିକ୍ଷା ପ୍ରସଂଗକୁ ଫେରି ଆସିଛନ୍ତି। ତେଣୁ ସେ ଜଣେ ଶିକ୍ଷକ, ଶିକ୍ଷାପ୍ରଶାସକର ଜୀବନ କେବଳ ଅତିବାହିତ କରିନାହାନ୍ତି, ଓଡ଼ିଶାରେ ଶିକ୍ଷା-ସଂପର୍କିତ ଯେତେ ଚର୍ଚ୍ଚା ହୋଇଛି, ସେଥିରେ ମାନସିଂହଙ୍କର ଏକ ବିଶିଷ୍ଟ ଓ ଗୌରବମୟ ଭୂମିକା ରହିଛି। ତେଣୁ ମାନସିଂହଙ୍କ ବିଚାରଧାରାରେ ଶିକ୍ଷା ସଂପର୍କୀୟ ବିଚାର ବିଶେଷ ଆଲୋଚନାର ଅପେକ୍ଷା ରଖେ। ତାଙ୍କ ଆତ୍ମଜୀବନୀର ଶୀର୍ଷକ ହେଉଛି, 'ଶିକ୍ଷାବିତ୍‌ର ଗାଥା'। ତେଣୁ ଚିନ୍ତାନାୟକ ମାନସିଂହଙ୍କର ପରିପୂର୍ଣ୍ଣ ସ୍ୱରୂପ ଜାଣିବାକୁ ହେଲେ, ଶିକ୍ଷାବିତ୍ ମାନସିଂହଙ୍କୁ ଜାଣିବାକୁ ହେବ। ନିଜର ପରଂପରା, ଚଳଣି ଓ ଅଭିବୃଦ୍ଧି ଭିତରେ ଶିକ୍ଷାର ଯେଉଁ ସ୍ୱରୂପ ସେ ପ୍ରତ୍ୟକ୍ଷ କରିଛନ୍ତି, ସେ ସ୍ୱରୂପ ସଂପର୍କରେ ଆଲୋକପାତ କରିବାକୁ ପଡ଼ିବ। ଶିକ୍ଷା କ'ଣ ?— ଏ ସଂପର୍କରେ ହୁଏତ ମତ ବିରୋଧ ନଥାଇପାରେ, କିନ୍ତୁ ତା'ର ଆଭିମୁଖ୍ୟ ନେଇ ବିଭିନ୍ନ ଚିନ୍ତାନାୟକ ତଥା ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ମତଭେଦ ରହିଛି। ଶିକ୍ଷା—ବ୍ୟକ୍ତିପାଇଁ ବା ସମାଜ ପାଇଁ, ଶିକ୍ଷା ବ୍ୟକ୍ତିକୁ ଉପାର୍ଜନକ୍ଷମ କରିବା ଉଚିତ ବା ଅଧିକ ସଂସ୍କୃତିସଂପନ୍ନ କରିବା ଉଚିତ, ଏ ସଂପର୍କରେ ମଧ୍ୟ ମତବିରୋଧ ରହିଛି। ବର୍ଟାଣ୍ଡ ରସେଲଙ୍କ ଭାଷାରେ କହିଲେ: "ଶିକ୍ଷା ନେଇ ମୂଳ ତର୍କର ବିଷୟ ହେଲା—ଏହା ଉତ୍ତମ ବ୍ୟକ୍ତି ନା ଉତ୍ତମ ନାଗରିକ ସୃଷ୍ଟି କରିବ।"[୧] ଦ୍ୱିତୀୟ ପ୍ରଶ୍ନ ହେଲା—ଶିକ୍ଷା ପ୍ରତ୍ୟେକ ମଣିଷପାଇଁ ସମାନ ହେବା ଉଚିତ ନା ଆବଶ୍ୟକ ଅନୁଯାୟୀ ଭିନ୍ନ ହେବା ଉଚିତ।" ତୃତୀୟ ପ୍ରଶ୍ନ ହେଉଛି—ଶିକ୍ଷାରେ ଧର୍ମର କୌଣସି ଭୂମିକା ରହିବା ଉଚିତ ନା ନୁହେଁ? ଏହି ସମସ୍ତ ପ୍ରଶ୍ନ ଜୀବନର ବିଭିନ୍ନ ପର୍ଯ୍ୟାୟରେ ମାନସିଂହଙ୍କୁ ଆନ୍ଦୋଳିତ କରିଛି ଓ ସେ ଏହାର ଉତ୍ତର ଖୋଜିବାକୁ ଚେଷ୍ଟା କରିଛନ୍ତି। ଏହା ସହିତ ଶିକ୍ଷାର ଇତିହାସ ମଧ୍ୟ ରହିଛି। ସେ ଇତିହାସକୁ ଦେଖିବାପାଇଁ ହେଲେ କେଉଁ ପୃଷ୍ଠଭୂମିରେ ମାନସିଂହଙ୍କ ଏଭଳି ବିଚାରଧାରା ଗଢ଼ିଉଠିଛି ତାହା ମଧ୍ୟ ବିଚାରଯୋଗ୍ୟ।

ଶିକ୍ଷକ ମାନସିଂହଙ୍କୁ ଚିହ୍ନିବା ପୂର୍ବରୁ ଓ ତାଙ୍କର ବିଚାର ଆଲୋଚନା ସହ ପରଚିତ ହେବା ପୂର୍ବରୁ, ଯେଉଁ ପରମ୍ପରାର ପୃଷ୍ଠଭୂମିରେ ସେ ଛିଡ଼ା ହୋଇଥିଲେ ସେ ସଂପର୍କରେ ଆଲୋକପାତ କରିବାକୁ ହେବ। ମଣିଷର ବହି ଯାଇଥିବା ଅତୀତ

ଓ ଆବିଷ୍କାର କରୁଥିବା ଅତୀତ ମଧ୍ୟରେ ବହୁ ସମୟରେ ପାର୍ଥକ୍ୟ ରହିଛି। ଭାରତରେ ସଂସ୍କୃତି ସଂପର୍କରେ ଗତ ଦୁଇଶହ ବର୍ଷ ଧରି ଯେଉଁ ଆଲୋଚନା ଚାଲିଛି ତାହା ବହୁଳାଂଶରେ ଆବିଷ୍କାରର ଫଳ, ଉପଲବ୍ଧିର ନୁହେଁ। ଏ ଦୁଇଶହ ବର୍ଷର ଆଲୋଚନା ଓ ଗବେଷଣା ଫଳରେ ଜଣା ପଡ଼ିଛି ଯେ, ଅତୀତ ଭାରତର ଶିକ୍ଷା ମୁଖ୍ୟତଃ କର୍ମାଭିମୁଖୀ ଓ ଶ୍ରେଣୀଉଦ୍ଦିଷ୍ଟ ଥିଲା। ଭାରତୀୟ ଜନସମାଜ ଯେମିତି ବିଭିନ୍ନ ବର୍ଣ୍ଣ ଓ ଜାତିରେ ବିଭକ୍ତ ହୋଇଥିଲେ, ଶିକ୍ଷା ମଧ୍ୟ ବିଭିନ୍ନ ଜାତିପାଇଁ ସ୍ୱତନ୍ତ୍ର ଥିଲା ଓ ବିଭିନ୍ନ ଜାତିପାଇଁ ଭିନ୍ନ ଭିନ୍ନ ପ୍ରକାରର ଶିକ୍ଷକ ମଧ୍ୟ ଥିଲେ। ଶୂଦ୍ର, ବୈଶ୍ୟ ତଥା ଅନ୍ୟାନ୍ୟ ଅବହେଳିତ ଜାତି କି ପ୍ରକାର ଶିକ୍ଷା ପାଉଥିଲେ, ସେ ସଂପର୍କରେ କୌଣସି ପ୍ରମାଣ ବର୍ତ୍ତମାନ ସହଜ ଲଭ୍ୟ ନୁହେଁ। ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କର ଶିକ୍ଷା ବ୍ୟବସ୍ଥା ସଂପର୍କରେ କେତେକ ନିଦର୍ଶନ କାହାଣୀ ଆକାରରେ ପୁରାଣ, ଉପନିଷଦ ଓ ପଞ୍ଚତନ୍ତ୍ର ଆଦିରେ ଲିପିବଦ୍ଧ। ପୁରାଣ ଓ ଉପନିଷଦ ଆଦିରେ ବିବୃତ ସମସ୍ତ ଶିକ୍ଷକ ଜାତିରେ ବ୍ରାହ୍ମଣ। ତେଣୁ ସେମାନଙ୍କର ମର୍ଯ୍ୟାଦାକୁ ଉଚ୍ଚ ରଖିବା ପାଇଁ ଶିକ୍ଷକକୁ ସବୁଠାରୁ ସମ୍ମାନସ୍ପଦ ଆସନ ପ୍ରଦାନ କରାଯାଇଛି। ଶିକ୍ଷା ଓ ଶିକ୍ଷକ ସମାଜର ଏକ ନିର୍ଦ୍ଦିଷ୍ଟ ଗଣ୍ଡି ଭିତରେ ଆବଦ୍ଧ ହୋଇ ରହିଥିଲେ। ଶିକ୍ଷକର ଗୌରବ ଓ ମହତ୍ତ୍ୱ ରକ୍ଷିତ ହେଉଥିଲା– ସେମାନେ ଶିକ୍ଷକ ବୋଲି ନୁହେଁ। ଅଧିକାଂଶ ଶିକ୍ଷକ ଋଷି ହୋଇଥିବାରୁ। ରାମଚନ୍ଦ୍ରଙ୍କର ବିଶ୍ୱାମିତ୍ରଙ୍କ ପ୍ରତି, ଏକଲବ୍ୟଙ୍କର ଦ୍ରୋଣାଚାର୍ଯ୍ୟଙ୍କ ପ୍ରତି, ଉପମନ୍ୟୁଙ୍କର ମହର୍ଷି ଆୟୋଧ ଧୌମ୍ୟଙ୍କ ପ୍ରତି, ଆରୁଣି ବା ଉଦ୍ଦାଳକଙ୍କର ଗୁରୁ ଆୟୋଧ ଧୌମ୍ୟଂଙ୍କ ପ୍ରତି, ଉତଙ୍କର ମହର୍ଷି ବେଦଙ୍କ ପ୍ରତି, କର୍ଣ୍ଣଙ୍କର ପର୍ଶୁରାମଙ୍କ ପ୍ରତି ଆନୁଗତ୍ୟ ଏହି ସଂପର୍କର ପ୍ରତୀକ। ଉଚ୍ଚ ବର୍ଣ୍ଣାଶ୍ରମର ବାହାରେ ରହିଥିବା ଲୋକମାନେ ଶିକ୍ଷାରୁ କିଭଳି ବଞ୍ଚିତ ହେଉଥିଲେ କର୍ଣ୍ଣ, ଜାବାଳ, ସତ୍ୟକାମ ଓ ଏକଲବ୍ୟ ତାର ଦୃଷ୍ଟାନ୍ତ। ତେଣୁ ବ୍ୟକ୍ତିତ୍ୱଗଠନକାରୀ ଶିକ୍ଷା ଆନୁଷ୍ଠାନିକ ଭାବରେ ନୁହେଁ, ସାମଜିକ ଆଚରଣ ଓ ସାଂସ୍କୃତିକ ବିଚାର ଭିତ୍ତିରେ ହିଁ ବ୍ୟକ୍ତି ମନରେ ପ୍ରବିଷ୍ଟ ହେଉଥିଲା। ପରବର୍ତ୍ତୀ କାଳରେ ସାମନ୍ତ ଓ ରାଜାମାନେ ଅଧିକ ବଳଶାଳୀ ହୋଇ ଉଠିବା ଫଳରେ ବ୍ରାହ୍ମଣ ଶିକ୍ଷକମାନଙ୍କର ଏହି ମର୍ଯ୍ୟାଦା କ୍ରମଶଃ ନିମ୍ନତର ହେବାକୁ ଲାଗିଲା। ବେଦ ଉପନିଷଦ, ସଂହିତା ଯୁଗ ପରେ ଆଚାର୍ଯ୍ୟଙ୍କୁ ଗୌରବ ଦେଉଥିବା ପରଂପରାର ଇତିହାସ ଭିତରୁ କ୍ୱଚିତ ମିଳେ। ମୋଗଲମାନଙ୍କର ସମୟରେ ଶିକ୍ଷକମାନଙ୍କର ସ୍ଥାନ ଖୁବ୍ ନିମ୍ନରେ ନିର୍ଣ୍ଣିତ ହେଉଥିଲା। ଶିକ୍ଷା ଯେଉଁଭଳି ସମାଜର ବିକାଶ ନୁହେଁ, ତରାର ସ୍ଥିତିଶୀଳତା ପାଇଁ କାର୍ଯ୍ୟ କରୁଥିଲା, ଶିକ୍ଷକ ମଧ୍ୟ କ୍ଷମତାର ରାଜସିଂହାସନ ତଳେ ସେମିତି ଭିକ୍ଷାପାତ୍ର ନେଇ ଠିଆ ହେଉଥିଲେ। ଟୋଲ ଓ ଚତୁଷ୍ପାଠୀ ଇତ୍ୟାଦି ରାଜା, ଜମିଦାର ଓ ବିତ୍ତସଂପନ୍ନ ବ୍ୟକ୍ତିଙ୍କର ଦାନ ଓ ଦକ୍ଷିଣା ଫଳରେ ଗଢ଼ି ଉଠୁଥିଲା କିନ୍ତୁ ଦାନ ନେଉଥିବା ଲୋକର ଆତ୍ମମର୍ଯ୍ୟାଦା ନଥିଲା ଭଳି, ଶିକ୍ଷକର ମଧ୍ୟ କୌଣସି ମର୍ଯ୍ୟାଦା ନଥିଲା।

ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଶିକ୍ଷା ମଣିଷର ବିକାଶ ପାଇଁ ବିଶେଷ ଭୂମିକା ନଥିଲା ଓ ମଣିଷର ସାମାଜିକ ଗତିଶୀଳତା କ୍ଷେତ୍ରରେ ମଧ୍ୟ ଶିକ୍ଷାର ବିଶେଷ ଭୂମିକା

ନଥିବାରୁ ଶିକ୍ଷା ଓ ଶିକ୍ଷକ ଅବହେଳିତ ହୋଇ ରହିଥିଲେ। ଏଭଳିକି ଆକବରଙ୍କ ପରି ବିଦ୍ୟୋତ୍ସାହୀ ସମ୍ରାଟମାନଙ୍କ ଦରବାରରେ ଶିକ୍ଷକମାନେ ନିପୀଡ଼ିତ ଓ ଦୟାର ପାତ୍ର ହୋଇ ରହିଥିଲେ। ଆବୁଲଫାଜଲ ତାଙ୍କର ଆଇନ୍-ଇ-ଆକବରୀରେ ଅବ୍ଦୁଲ କାଦୀର, ମୌଲାନା ଆଲୌଦ୍ଦିନ୍ ଓ ମିରନୁରଲ୍ଲାଙ୍କ ପ୍ରସଂଗ ଅବତାରଣା କରିଛନ୍ତି। ଆକବରଙ୍କ ବ୍ୟକ୍ତିଗତ ଗୃହରେ ପ୍ରାର୍ଥନା ନ କରିବାରୁ ଅବ୍ଦୁଲ କାଦୀରଙ୍କୁ ପ୍ରଦତ୍ତ ଜାଗିର ବାଜ୍ୟାପ୍ତି କରାଯାଇଛି। ଦରବାରର ପଛଧାଡ଼ିରେ ବସିବାର ଆଦେଶକୁ ଅମାନ୍ୟ କରିବାରୁ ଆକବର ନିଜ ଶିକ୍ଷକ ମୌଲନା ଆଲୌଦ୍ଦିନ୍‌ଙ୍କୁ ବହିଷ୍କାର କରିଛନ୍ତି ଓ ମିରନୁରଲ୍ଲାଙ୍କର ଆଦେଶଅମାନ୍ୟ ପାଇଁ ଶିରଚ୍ଛେଦ କରାଯାଇଛି। ଏ ଭଳିକି ଇଂରେଜମାନେ ଏ ଦେଶକୁ ଆସି ଉଦାରତନ୍ତ୍ରୀ ଶିକ୍ଷାର ପ୍ରବର୍ତ୍ତନ କଲାପରେ, ଶିକ୍ଷକର କର୍ତ୍ତବ୍ୟ ହୋଇଛି ଶାସକ ଓ ସମାଜର ବଡ଼ପଣ୍ଡାମାନଙ୍କ ନିର୍ଦ୍ଦେଶମତେ ଛାତ୍ରମାନଙ୍କୁ ଅଧ୍ୟାପନା କରିବା। ଏହି ନିର୍ଦ୍ଦେଶ ଅମାନ୍ୟ କରିଥିବାରୁ ଡ଼େରେଜିଓଙ୍କୁ ହିନ୍ଦୁ କଲେଜର ଶିକ୍ଷକତା ପଦରୁ ବହିଷ୍କାର କରାଯାଇଛି। ଭାରତୀୟ ସମାଜରେ ଶିକ୍ଷା ବ୍ୟକ୍ତି ନୁହେଁ, ସମାଜର ବିଶେଷତଃ ସମାଜର କ୍ଷମତାଶୀଳ ବ୍ୟକ୍ତିମାନଙ୍କର ହାତ ବାରିସ ହୋଇ କାର୍ଯ୍ୟ କରି ଆସିଛି। ଛାତ୍ର ଭିତରେ ଗଭୀର ଅନ୍ୱେଷା, ଯୁକ୍ତିବୋଧ ଓ ବ୍ୟକ୍ତିତ୍ୱବୋଧର ଜାଗରଣ ନୁହେଁ, ଶୁଷ୍କ ପାଣ୍ଡିତ୍ୟ, ସାମାଜିକ ବୈଷମ୍ୟବୋଧର ପ୍ରତିଷ୍ଠା ପାଇଁ ଶିକ୍ଷା ସବୁବେଳେ କାମକରି ଆସିଛି।

ଇଉରୋପରେ ରେନେସାଁ ପରେ ଶିକ୍ଷା ଚର୍ଚ୍ଚ ଓ ରାଷ୍ଟ୍ରର ଅଜଗରୀ ବାହୁ ବଂଧନରୁ ମୁକ୍ତିଲାଭ କରି ବ୍ୟକ୍ତିର ପ୍ରାତିସ୍ୱିକତା ଓ ହେତୁବାଦୀ ଚେତନାକୁ ଜାଗ୍ରତ କରିବାକୁ ଚେଷ୍ଟା କରିଛି। ପୁଞ୍ଜିବାଦୀ ଅର୍ଥନୀତିର ଅଭ୍ୟାଗମ ସହ ଶିକ୍ଷା ବ୍ୟକ୍ତିକୁ ଏକ ସୀମବଦ୍ଧ ଜୀବ ଭାବରେ କେବଳ ନୁହେଁ, ତା'ର– ମାନସିକ ଓ ଦୈହିକ ସମସ୍ତ ପ୍ରକାର ଉନ୍ନତିର କ୍ଷେତ୍ରପାଇଁ ଭିତ୍ତିସ୍ଥାପକ ହୋଇପଡ଼ିଛି। ଏହି ଶିକ୍ଷା ଫଳରେ ଜ୍ଞାନବିଜ୍ଞାନର ବିକାଶ କ୍ଷେତ୍ରରେ ଆସିଛି ଅଭୂତପୂର୍ବ ବିସ୍ଫୋରଣ। ମଣିଷର ସାମାଜିକ ଜୀବନରେ ଆସିଛି ଅଭାବିତ ଗତିଶୀଳତା। ରାଜନୀତି କ୍ଷେତ୍ରରେ ଶିକ୍ଷାପ୍ରାପ୍ତ ମଣିଷ ରାଜତନ୍ତ୍ର ତଥା ସାମନ୍ତତନ୍ତ୍ରକୁ ଫୋପାଡ଼ିଦେଇ ଫୁଙ୍କିଛି ଗଣତନ୍ତ୍ରର ଶୁଭଶଙ୍ଖ। ଜାତି, ଧର୍ମ ବା ଧନ ନୁହେଁ; ନିଜର ମହତ୍ତ୍ୱ; ନିଜ ସଂପର୍କରେ ସଚେତନତା ତଥା କର୍ମକୁଶଳତା ବ୍ୟକ୍ତିକୁ ରାଷ୍ଟ୍ରର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ କରାଇପାରେ ଏହା ପ୍ରମାଣ କଲା ଉଦାରତନ୍ତ୍ରୀ ଶିକ୍ଷା। ଉଦାରତନ୍ତ୍ରୀ ଶିକ୍ଷାରେ ଶିକ୍ଷିତ ଇଂରେଜମାନେ ବହୁଦିନ ପର୍ଯ୍ୟନ୍ତ ଔପନିବେଶିକ ସ୍ୱାର୍ଥଦୃଷ୍ଟିରୁ ଭାରତରେ ଏହି ଶିକ୍ଷାପ୍ରଚଳନର ବିରୋଧ କରିଥିଲେ। ବେଣ୍ଟିକ୍, ମ୍ୟାକ୍‌ଲେଙ୍କ ଭଳି ଉଦାରତନ୍ତ୍ରୀ ଶାସକଙ୍କର ଉଦ୍ୟମରେ ଏହି ପ୍ରକାର ଶିକ୍ଷା ବିଧିବଦ୍ଧ ଭାବେ ଭାରତମାଟିରେ ପ୍ରଚଳିତ ହୋଇଥିଲା କିନ୍ତୁ ମ୍ୟାକେଲ୍‌ଙ୍କ ଶିକ୍ଷାନୀତି ଔପନିବେଶିକ ସ୍ୱାର୍ଥର ଚାପରେ ଓ ସୁବିଧାବାଦୀ ଶ୍ରେଣୀର ତାଗିଦ୍‌ରେ ଭାରତରେ କିମ୍ଭୂତକିମାକାର ରୂପନେଇ ପ୍ରଚଳିତ ଓ ପ୍ରତିଷ୍ଠିତ ହୋଇଥିଲା–ଯାହା ଫଳରେ ଶିକ୍ଷା ନୁହେଁ, ଅପଶିକ୍ଷାର ପ୍ରଚଳନପାଇଁ ପରାଧୀନ ଭାରତରେ ଭିତ୍ତି ପ୍ରସ୍ତୁତ ହୋଇଥିଲା। ଭାରତ ସ୍ୱାଧୀନ ହେଲା ପରେ, ଅପଶିକ୍ଷାର ସେହି ଭିତ୍ତିଉପରେ ସ୍ୱାଧୀନ ଭାରତର କଳା-ସରକାରଙ୍କର ଶିକ୍ଷାବ୍ୟବସ୍ଥା ଗଢ଼ି ଉଠିଛି।

ମାନସିଂହଙ୍କ ଶିକ୍ଷକ ଓ ଶିକ୍ଷାପ୍ରଶାସକ ଜୀବନ ପରାଧୀନ ଓ ସ୍ୱାଧୀନ ଭାରତ ମଧ୍ୟରେ ବିସ୍ତୃତ। ସେ ନିଜେ ପ୍ରାଚୀନ ଭାରତର ଅନେକଗୁଡ଼ିଏ ମୂଲ୍ୟବୋଧକୁ ସମ୍ମାନ ଦେଉଥିଲେ ବି, ରାମମୋହନ, ବେଣ୍ଟିକ୍ ଓ ମ୍ୟାକ୍‌ଲେଙ୍କର ଶିକ୍ଷାନୀତିର ପ୍ରଶଂସକ। ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଭାବ ତାଙ୍କୁ ଇଂରେଜ ରାଜଶକ୍ତିର ବିରୋଧୀ କରି ନଥିଲା, ଏଭଳିକି ଇଂରେଜମାନେ ଏ ଦେଶରୁ ବିଦାୟ ନେଲା ପରେ ମାନସିଂହଙ୍କର ସେ ଜାତିପ୍ରତି ଶ୍ରଦ୍ଧାଭାବ ଖୁବ୍ ଗୋଟାଏ ଊଣାପଡ଼ି ନଥିଲା। ଇଂରେଜୀ ଉଦାରତନ୍ତ୍ରର ସ୍ତାବକ ରବୀନ୍ଦ୍ରନାଥ ଶେଷ ଜୀବନରେ ଇଂରେଜମାନଙ୍କ ପ୍ରଦର୍ଶିତପଥ ଭାରତରେ ଏକ ସଭ୍ୟତାସଂକଟ ସୃଷ୍ଟି କରବାକୁ ଯାଉଛି ବୋଲି ଭବିଷ୍ୟତବାଣୀ କହିଥିଲେ। ମାନସିଂହ କିନ୍ତୁ ଏହି ସଙ୍କଟର ଚେହେରାକୁ ମନରେ ଆଣିପାରି ନାହାନ୍ତି। ଉଦାରତନ୍ତ୍ରୀ ଶିକ୍ଷା ବ୍ୟବସ୍ଥାପ୍ରତି ମାନସିଂହଙ୍କର ଶ୍ରଦ୍ଧାଶୀଳ ମନଭିତରେ ବିବେକାନନ୍ଦ, ଅରବିନ୍ଦ ଓ ଗାନ୍ଧୀ ପ୍ରମୁଖଙ୍କର ନିର୍ଦ୍ଦିଷ୍ଟ ଆସନ ବି ଥିଲା ତେଣୁ ତାଙ୍କର ଶିକ୍ଷା ସଂପର୍କିତ ବିଚାରଧାରା ଏ ଉଭୟ ମଧ୍ୟରେ ଦୋଳାୟିତ ହୋଇଛି ବୟସର ଅଗ୍ରଗତି ସଙ୍ଗେ ସଙ୍ଗେ ଚିନ୍ତାଧାରାର ପେଣ୍ଡୁଲମ୍ ବି ତାର ଦୋଳାୟମାନ ଅବସ୍ଥା ପରିତ୍ୟାଗ କରି ଏକ ନିର୍ଦ୍ଦିଷ୍ଟ ଦିଗରେ ସ୍ଥିର ହେବାକୁ ଆରମ୍ଭ କରିଛି।

**ମାନସିଂହଙ୍କ ବିଚାରରେ ଶିକ୍ଷା :**

ମାନସିଂହଙ୍କର ଛାତ୍ରକାଳ ଭାରତ ଇତିହାସରେ ଏକ ବିପ୍ଳବମୁଖୀ ଜାଗରଣର କାଳ। ପ୍ରତ୍ୟେକ ବିପ୍ଳବର ଚାବିକାଠି ଶିକ୍ଷା ଓ ଶିକ୍ଷକମାନେ। ବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକମାନଙ୍କର ଆଦର୍ଶବାଦୀ ଭୂମିକା, ସେମାନଙ୍କୁ ଛାତ୍ରମାନଙ୍କ ଆଗରେ କେବଳ ନୁହେଁ, ଜନଗଣଙ୍କ ସମ୍ମୁଖରେ ମଧ୍ୟ ମର୍ଯ୍ୟାଦାବନ୍ତ ପୁରୁଷ ରୂପରେ ପରିଚିତ କରାଇଥିଲା। ସତ୍ୟବାଦୀର ନୀଳକଣ୍ଠ, ଗୋଦାବରୀଶ କେବଳ ନୁହନ୍ତି; ନାଟ୍ୟକାର ଅଶ୍ୱିନୀକୁମାର, ପଶ୍ଚିମ ଓଡ଼ିଶାର ଦୟାନିଧି ମିଶ୍ରଙ୍କ ସମେତ ଭାରତର ବହୁ ବୁଦ୍ଧିଜୀବୀ ଉଚ୍ଚବିତ୍ତ ଓ ଆଧିପତ୍ୟ-ସଂପନ୍ନ ଚାକିରୀକୁ ପଦରେ ଠେଲିଦେଇ ଶିକ୍ଷକ ଜୀବନକୁ ବରଣ କରି ନେଇଥିଲେ। ଶିକ୍ଷକ ଜୀବନର ଏହି ଆଦର୍ଶବୋଧ ମାନସିଂହଙ୍କର ଭାବବାଦ ଦୃଷ୍ଟିକୋଣକୁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା। ଖୋର୍ଦ୍ଧା ସ୍କୁଲର ଛାତ୍ର ଥିଲାବେଳେ ଅନ୍ୟ କେତେକ ସହପାଠୀଙ୍କ ସହିତ ଜୀବନର ଲକ୍ଷ୍ୟ ସଂପର୍କରେ ଆଲୋଚନା କଲାବେଳେ ମାନସିଂହ ଜୀବନରେ ଶିକ୍ଷକତାକୁ ବରଣ କରିନେବାକୁ ଶପଥ କରି ନେଇଥିଲେ। ତାଙ୍କ ନିଜ ଭାଷାରେ କହିଲେ : "ଯଦି ମୁଁ କୌଣସିମତେ ମାଟ୍ରିକ ପରୀକ୍ଷାଟା ପାସ୍ କରିପାରେ, ତେବେ ମୁଁ କୌଣସି ସ୍କୁଲରେ ଶିକ୍ଷକତା କରିବି।"[୨] ଶିକ୍ଷକତା କରିବା ନିମିତ୍ତ ଅଭିଳାଷ ପୋଷଣ କରିଥିବା ମାନସିଂହ, ଘଟଣାଚକ୍ରରେ ଶିକ୍ଷାବିଭାଗର ବିଲ୍ଡିଂ ଡ଼ରଦେଇ ଗତିକରିବା ପରେ ଜୀବନର ଅପରାହ୍ନରେ ଅନୁଶୋଚନା କରିଛନ୍ତି "ଆହା ଯଦି ସେ ଦିନର ସେହି ଅଭିଳାଷକୁ ମୁଁ ଅନ୍ତରରେ ଅନିର୍ବାଣ ପ୍ରଦୀପ ପରି ଜଳାଇ ରଖିଥା'ନ୍ତି, ତା ହେଲେ କୌଣସି ସନ୍ଦେହ ନାହିଁ ଯେ, ମୁଁ ଜଣେ ଉତ୍ତମ ଶିକ୍ଷକ ହୋଇପାରିଥା'ନ୍ତି କେବଳ ନୁହେଁ, ହୁଏତ ଜଣେ ଉତ୍ତମ ମନୁଷ୍ୟ ଓ ଉତ୍ତମ ଦେଶସେବକ ମଧ୍ୟ ହୋଇପାରିଥା'ନ୍ତି।"[୩]

ମହାବିଦ୍ୟାଳୟ ଶିକ୍ଷା ପରିସମାପ୍ତି ପରେ ପ୍ରଶିକ୍ଷଣ ତାଲିମ୍‌ନେଇ ମାନସିଂହ ଶିକ୍ଷକର ଜୀବନ ଆରମ୍ଭ କରିଥିଲେ। ପରେ ବିଦ୍ୟାଳୟରୁ ମହାବିଦ୍ୟାଳୟ ତାଙ୍କର କର୍ମସ୍ଥଳୀ ହୋଇଥିଲା। କିନ୍ତୁ ଶିକ୍ଷା ସଂପର୍କରେ ତାଙ୍କର ନିର୍ଦ୍ଦିଷ୍ଟ ମତାମତ ଶିକ୍ଷକତା କରିବାର ବହୁକାଳ ପରେ ହିଁ ତାଙ୍କ ଲେଖନୀରୁ ପ୍ରକାଶ ପାଇଥିଲା। 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପୁସ୍ତକରେ ସେ ଶିକ୍ଷାର ସଂଜ୍ଞା ପ୍ରଦାନ କରି କହନ୍ତି– " ପୂର୍ବପୁରୁଷର ସଂସ୍କୃତି ଓ ଅଭିଜ୍ଞତାକୁ ଆଗାମୀ ପୁରୁଷକୁ ଦେଇଯିବା ହିଁ ଶିକ୍ଷା।"[୪] କେବଳ ବିଦ୍ୟାୟତନର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହି ନିର୍ଦ୍ଦିଷ୍ଟ ପାଠ୍ୟକ୍ରମକୁ ଆୟତ୍ତ କରି ତାହାକୁ ଦୀକ୍ଷାନ୍ତକାଳରେ ଉଦ୍‌ଗାରିବା କେବଳ ଶିକ୍ଷା ନୁହେଁ। ମାନସିଂହ ସେ ପ୍ରକାର ଶିକ୍ଷାକୁ ଶିକ୍ଷା ଭାବରେ ଗ୍ରହଣ ନକରି ପ୍ରକୃତ ଶିକ୍ଷା ସଂପର୍କରେ କହନ୍ତି : "ଶିକ୍ଷାର ଏକ ସଂଜ୍ଞା ହେଉଛି ଜୀବିକା ପାଇଁ ପ୍ରସ୍ତୁତ ହେବା।"[୫] ଅସଲ ଶିକ୍ଷା ହିଁ ଆମର ଏକ ସହଜାତ ପ୍ରବୃତ୍ତି। ପଶୁପକ୍ଷୀମାନେ ଜୀବନ ଧାରଣ ପାଇଁ ମୋନଙ୍କର ଶାବକମାନଙ୍କୁ ତାଲିମ୍ ଦିଅନ୍ତି। ବଳବାନ ପଶୁପକ୍ଷୀ ସେମାନଙ୍କର ଶାବକମାନଙ୍କୁ ଶିକାର ପାଇଁ ତାଲିମ୍ ଦଳାବେଳେ, ଦୁର୍ବଳ ଜୀବମାନେ ସେମାନଙ୍କର ଶାବକମାନଙ୍କୁ ଆତ୍ମରକ୍ଷାପାଇଁ ତାଲିମ୍ ଦିଅନ୍ତି। ଏ ପ୍ରକାର ଶିକ୍ଷାକୁ ମାନସିଂହ ଗତାନୁଗତିକ ଶିକ୍ଷାବୋଲି କହିଛନ୍ତି। ଶିକ୍ଷାର ଅନ୍ୟ ଧାରାଟି ହେଲା ବିବର୍ତ୍ତନାତ୍ମକ ଶିକ୍ଷା। ବୁଦ୍ଧି, ଅଭ୍ୟାସ, କୌଶଳ ପ୍ରୟୋଗରେ ସର୍ବୋତ୍କୃଷ୍ଟ ସମ୍ଭାବନାର ବିକାଶ କରାଇବା ହେଉଛି ବିବର୍ତ୍ତନାତ୍ମକ ଶିକ୍ଷା। ଏ ପୃଥିବୀ ହେଉଛି ଏକ ବିରାଟ ପୁସ୍ତକ ଓ ଦୈନନ୍ଦିନ ଘଟଣା ହେଉଛି ଏହାର ବିଭିନ୍ନ ପୃଷ୍ଠା। ସାଧାରଣ ଜୀବଜଗତଠାରୁ ମଣିଷ ଭିନ୍ନ। ଏଣୁ ମଣିଷ ଗତାନୁଗତିକ ଶିକ୍ଷା ସହିତ ବିବର୍ତ୍ତନାତ୍ମକ ଶିକ୍ଷାକୁ ମଧ୍ୟ ଗ୍ରହଣ କରିଥାଏ। ଝରଣାର କଳକଳ ଧ୍ୱନି, ବନପତ୍ରର ସନସନ ଶବ୍ଦ, ପକ୍ଷୀର କାକଳୀଠାରୁ ଆରମ୍ଭ କରି ସିଂହର ଶିକାର ଓ ଇତର ଜୀବର ଆତ୍ମରକ୍ଷା ପର୍ଯ୍ୟନ୍ତ ସମସ୍ତ ଘଟଣାରୁ ସେ କିଛି କିଛି ଆହରଣ କରେ ଓ ନିଜ ଜୀବନରେ ତା'ର ପ୍ରୟୋଗ କରେ।

ଶ୍ରୀମଦ୍‌ଭାଗବତ ଏକାଦଶ ସ୍କନ୍ଧରେ ଅବଧୂତ ଯଦୁରାଜନ ସମ୍ବାଦରେ ଅବଧୂତଙ୍କ ଚବିଶ ଗୁରୁଙ୍କ ସଂପର୍କରେ ଏକ ଆଖ୍ୟାୟିକା ପ୍ରଦାନ କରାଯାଇଛି। ଅବଧୂତ ପରିବେଶରୁ ହିଁ ବ୍ୟାବହାରିକ ଜ୍ଞାନ ଆହରଣ କରିଛନ୍ତି। ଏହାର ତାତ୍ପର୍ଯ୍ୟ ହେଲା, ଏ ପୃଥିବୀର ପୃଷ୍ଠାରୁ ଆମେମାନେ ଆମର ଆବଶ୍ୟକତା ନିମନ୍ତେ ନାନା ଜ୍ଞାନ ଆହରଣ କରିପାରିବା। ତାହାଦ୍ୱାରା ଶିକ୍ଷାର ବ୍ୟାବହାରିକ ଜ୍ଞାନକୁ ସହଜରେ ଆୟତ୍ତ କରିହେବ। ମାତ୍ର ଆଧୁନିକ ଯୁଗରେ ଶିକ୍ଷା, ବ୍ୟାବହାରିକ ଜ୍ଞାନରୁ ଦୂରେଇଯାଇ କେବଳ ପୋଥି-ବିଦ୍ୟାରେ ଆବଦ୍ଧ ରହିଛି। ଶିକ୍ଷାର ପ୍ରୟୋଗାତ୍ମକ ଗୁଣ କ୍ରମଶଃ ହ୍ରାସ ପାଇଯାଇଛି ଓ ଶିକ୍ଷାକୁ ଜୀବିକା ନିମନ୍ତେ ପ୍ରସ୍ତୁତ କରିବାର ଏକପର୍ବ ଭାବରେ ମାନ୍ୟତା ପ୍ରଦାନ କରାଯାଉଛି। ମାତ୍ର ଯୁଗେ ଯୁଗେ ଅସଲ ଶିକ୍ଷା ହିଁ ପ୍ରକୃତିରୁ ବା ପରିବେଶରୁ ଆହରଣ କରାଯାଏ ଓ ଜୀବନର ପ୍ରୟୋଗ ଭିତରେ ସେହି ଶିକ୍ଷା ପରୀକ୍ଷିତ ହୁଏ।

ମାନସିଂହ କହନ୍ତି: "ବହିଘୋଷି ପରୀକ୍ଷା ଦେବା ଯେ ବିଦ୍ୟାଚର୍ଚ୍ଚା, ଏହି ଘୋର ଅସତ୍ୟ ଓ ହାନିକର ଧାରଣାକୁ ଯଥା ଶୀଘ୍ର ଦେଶରୁ ବିଦାୟ ଦେବାକୁ ହେବ।

ଏଣେ ଏକ ପକ୍ଷରେ ଆମର ନିଜର ସଂସ୍କୃତିକୁ ବଞ୍ଚେଇ ରଖିବା ସଙ୍ଗେ ସଙ୍ଗେ ଆମର ଜାତୀୟ ଚରିତ୍ରର ଜଣାଶୁଣା ଦୋଷ, ଅଭାବ ସବୁ ଦୂରୀକରଣ କରିବା ଓ ସେ ସବୁର ସଂଶୋଧକ ଓ ପରିପୂରକ ଗୁଣାବଳୀର ଜାତୀୟ ଚରିତ୍ରରେ ଆରୋପ କରିବାର ଅଭ୍ୟାସ ପ୍ରାଇମେରୀଠାରୁ କଲେଜ ପର୍ଯ୍ୟନ୍ତ ସର୍ବତ୍ର ନିଷ୍ଠାର ସହିତ ଅଭ୍ୟାସ କରାଇବାକୁ ହେବ।"[୬] ଆମ୍ଭେମାନେ ଶିକ୍ଷାଦାନ ନିମନ୍ତେ ନାନା ଆଡ଼ମ୍ବରପୂର୍ଣ୍ଣ ପରିବେଶ ସୃଷ୍ଟି କରିଥାଉ, ମାତ୍ର ଅସଲ ଶିକ୍ଷା ସେଠାରୁ ମିଳେ ନାହିଁ। ନାନା ଅଭିଜ୍ଞତା, ଦୁଃଖ ଦୁର୍ବିପାକ, ନାନା ଅନୁଭୂତିରୁହିଁ ଶିକ୍ଷା ଲାଭ ହୋଇଥାଏ। ପ୍ରକୃତ ଶିକ୍ଷା ମନୁଷ୍ୟର ଅନ୍ତରର ଶିକ୍ଷା, ବାହାରର ନୁହେଁ।

ଶିକ୍ଷାର ଦୁଇ ରୂପ ମଧ୍ୟରୁ ତାର ପ୍ରାଥମିକ ରୂପଟି ଆଜିର ଜଟିଳତମ ସଭ୍ୟତାର ଆବଶ୍ୟକତା ପୂରଣ କରିବା ପାଇଁ ଅକ୍ଷମ। ପରଂପରାର ନିର୍ଦ୍ଦିଷ୍ଟତା ଭିତରେ ଭବିଷ୍ୟତକୁ ବାନ୍ଧିଦେବା, ଏକ ପ୍ରକାର ନିର୍ବୋଧତା। ବିବର୍ତ୍ତନାତ୍ମକ ଶିକ୍ଷା ଆଜିର ଜୀବନ ପାଇଁ ଏକାନ୍ତ ପ୍ରୟୋଜନ କିନ୍ତୁ ଜୀବନର ବିକାଶ ପାଇଁ ଗୃହୀତ ହେଉଥିବା ଶିକ୍ଷା ଯଦି ପାରମ୍ପରିକ ମୂଲ୍ୟବୋଧଠାରୁ ଦୂରେଇଯାଏ, କିମ୍ବା ତାର ବିରୋଧୀ ହୋଇଉଠେ ତେବେ ତାର ସୁଫଳ ପାଇବା ଅସମ୍ଭବ। ଆଜିର ଶିକ୍ଷା ପରମ୍ପରାର ଉତ୍ତରାଧିକାର ଓ ଭବିଷ୍ୟତ ପାଇଁ ପଥନିର୍ମାଣ, ଉଭୟ ଏକ ସଙ୍ଗରେ କରିବା ପାଇଁ ବାଧ୍ୟ। ମାନସିଂହଙ୍କ ମତରେ : "ଆଦର୍ଶ ଜାତୀୟ ଶିକ୍ଷା ବ୍ୟବସ୍ଥା ସେହି ଯାହା ସଂପୃକ୍ତ ଜାତିର ସଂସ୍କୃତିର ଶ୍ରେଷ୍ଠାଂଶ ସବୁକୁ ସ୍କୁଲ କଲେଜମାନଙ୍କରେ ଯତ୍ନ ଓ ଉତ୍ସାହର ସହିତ ବଂଞ୍ଚେଇ ରଖିବା ସହିତ ଜାତିର ପାରମ୍ପରିକ ଦୋଷ ଦୁର୍ବଳତା, ତାହା ଯେପରି ନୂତନ ପୁରୁଷ ଭିତରେ ନ ପଶେ ତାହାର ବ୍ୟବସ୍ଥା କରିଥାଏ।"[୭] ମଣିଷକୁ ପରିବର୍ତ୍ତିତ ଓ ଜାଗ୍ରତ କରିବା ଶିକ୍ଷାର କାର୍ଯ୍ୟ। ମଣିଷ, ସଦ୍‌ଭାବ ତଥା ଅସଦ୍‌ଭାବ, ସୃଷ୍ଟି ତଥା ଧ୍ୱଂସ, ସମକାଳରେ କରିବା ପାଇଁ ସମର୍ଥ। ଶିକ୍ଷା ମଣିଷ ଭିତରେ ଥିବା ଅସ୍ତିସୂଚକ ଗୁଣ ଗୁଡ଼ିକର ବିକାଶ କରେ, ଜୀବନର ଉଜ୍ଜ୍ୱଳତର ଦିଗ ପ୍ରତି ତାକୁ ଆକୃଷ୍ଟ କରେ। "ଶିକ୍ଷାର ପରମ ଆଦର୍ଶ ହେଉଛି ମଣିଷ ଭିତରର ପଶୁକୁ ନଷ୍ଟକରି ଦେବତ୍ୱର ବିକାଶ କରିବା ବା ଅନ୍ୟକଥାରେ ଆତ୍ମ ବିସର୍ଜ୍ଜନା।"[୮]

ଜ୍ଞାନ ସଂଗ୍ରହ ଶିକ୍ଷାର ମୌଳିକ ଉଦ୍ଦେଶ୍ୟ, ବ୍ୟବହାରିକ ଓ ତାତ୍ତ୍ୱିକ ଉଭୟେ ଏହି ସଂଗ୍ରହର ଅନୁବର୍ତ୍ତୀ। "କର୍ମ ବା ସାଧନା ବା ଯଜ୍ଞର ପ୍ରଥମ ଆୟୋଜନ ହେଲା ଜ୍ଞାନ। ଜ୍ଞାନହୀନ ହିଁ ହୁଏ ଅକର୍ମା ବା କୁକର୍ମା। ଆମେ ଓଡ଼ିଆଏ ଯେ ଏକ ଉପହସିତ ଓ ଅଧଃପତିତ ଜାତି ହୋଇ ରହିଛେଁ, ତାର ପ୍ରଥମ ହେତୁ ହେଉଛି, ଆମେ ଅନ୍ୟ ଭାରତୀୟଙ୍କ ତୁଳନାରେ ଅଜ୍ଞତମ କେବଳ ନୋହୁଁ, ଆମେ ଆମର ଅଜ୍ଞତା ନେଇ ଦୟନୀୟ ନିର୍ଲ୍ଲଜତା ସହିତ ନାଚି ମଧ ପାରୁ। ଅଜ୍ଞତାହିଁ ସୃଷ୍ଟିକରେ ଏ ପ୍ରକାର ନିର୍ଲ୍ଲଜ ଆତ୍ମସନ୍ତୋଷ, କାଢ଼ିନିଏ ସମ୍ମାନ ସଚେତନତା ଓ ଆଣି ମଧ ଦିଏ ମାରାତ୍ମକ ଆତ୍ମବିସ୍ମୃତି। କିନ୍ତୁ ସଭ୍ୟ ଉନ୍ନତ ଜାତିମାନଙ୍କର ଚିତ୍ର ଠିକ୍ ଅଲଗା। ସେ ସବୁ ଜାତିର ଜ୍ଞାନ କ୍ଷୁଧାର ଶାନ୍ତି ନାହିଁ। ଜ୍ଞାନାହରଣରେ ସେମାନଙ୍କର କୃତକାର୍ଯ୍ୟତାର

ଉଇମାନନ୍ଦଙ୍କ ଆମପରି ମୂର୍ଖଙ୍କ ପକ୍ଷରେ କଳ୍ପନା କରିବାହିଁ ଅସମ୍ଭବ। ନିଉଟନଙ୍କ ମହୋଦାର ବାଣୀ 'ମୁଁ ଜ୍ଞାନ ସମୁଦ୍ର ବେଳାର କେତୋଟି ଉପଳଖଣ୍ଡ ମାତ୍ର ଗୋଟେଇଛି' ଏ ଦେଶର ପଣ୍ଡିତମନ୍ୟ ବ୍ୟକ୍ତିଏ ସର୍ବଦା ସ୍ମରଣ ରଖିବା ଉଚିତ।[୯] ଶିକ୍ଷା କୌଣସି ଦେଶରେ ନିରୋଳା ପୁସ୍ତକଚର୍ଚ୍ଚା ମଧ୍ୟରେ ସୀମିତ ନୁହେଁ। ପ୍ରାଚୀନ ଭାରତରେ ବ୍ୟାବହାରିକଜ୍ଞାନଠାରୁ ଜଟିଳ ଦାର୍ଶନିକତତ୍ତ୍ୱ ପର୍ଯ୍ୟନ୍ତ ସବୁ ବିଷୟ ଶିକ୍ଷାର ଅନ୍ତର୍ଗତ ଥିଲା। ଇଉରୋପରେ ଶିକ୍ଷାଚର୍ଚ୍ଚାର କବଳରୁ ମୁକ୍ତି ପାଇଲା ପରେ ଉଦାରତାନ୍ତ୍ରିକ ପ୍ରଶାନ୍ତି ନେଇ ଆବିର୍ଭୂତ ହୋଇଥିଲା। ମାନସିଂହଙ୍କ ସମୟକୁ ଭାରତରେ ପକ୍ଷାଘାତ ରୋଗୀଭଳି ଶିକ୍ଷା ପୁସ୍ତକଚର୍ଚ୍ଚାରେ ହିଁ ସୀମିତ ରହିଥିଲା। ତାଙ୍କର କିଞ୍ଚିତ୍ ପୂର୍ବବର୍ତ୍ତୀ ଓ ସମକାଳୀନ ଭାରତୀୟ ମନୀଷୀମାନେ ଶିକ୍ଷାର ସଂଜ୍ଞା ପ୍ରଦାନ କଲାବେଳେ ସମକାଳୀନ ଶିକ୍ଷା ପଦ୍ଧତି ବିରୁଦ୍ଧରେ ବିଷୋଦ୍‌ଗାର କରି ସାମଗ୍ରିକ ଦିଗଟି ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ; ମାନସିଂହ ତାହାହିଁ କରିଛନ୍ତି।

## ଶିକ୍ଷାର ଉଦ୍ଦେଶ୍ୟ

ଶିକ୍ଷା ମାନବ ଜୀବନର ଏକ କାରଣରହିତ ସ୍ୱୟଂସଂପୂର୍ଣ୍ଣ ପ୍ରକାଶ ନୁହେଁ। ଜୀବନକୁ ମହତ୍ତର ଓ ସୁନ୍ଦରତର କରିବା ପାଇଁ ଶିକ୍ଷା ଅଭିପ୍ରେତ। ତେଣୁ ସବୁ ଯୁଗରେ ଶିକ୍ଷାସହ ନିର୍ଦ୍ଦିଷ୍ଟ ଆଦର୍ଶକୁ ସନ୍ନିହିତ କରାଯାଏ। ଶିକ୍ଷାର ଉଦ୍ଦେଶ୍ୟ କ'ଣ? —ପ୍ରଶ୍ନ କରାଯାଏ। ମାନସିଂହ ତାଙ୍କର ବିଭିନ୍ନ ଲେଖାରେ, 'ଆଦର୍ଶ ଶିକ୍ଷା କ'ଣ?' —ତାର ସ୍ୱରୂପ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି। ଜୀବନର କେଉଁ ଉଦ୍ଦେଶ୍ୟର ପରିପୂରଣ ପାଇଁ ଶିକ୍ଷା ଅଭିପ୍ରେତ ହେବା ଉଚିତ ସେ ସମ୍ପର୍କରେ ନିଜର ମନ୍ତବ୍ୟ ପ୍ରଦାନ କରିଛନ୍ତି। ମଣିଷ ସମାଜ ଗ୍ରହଣ କରିଥିବା ସ୍ୱାଭାବିକ ଶିକ୍ଷା ନୁହେଁ, ବିବର୍ତ୍ତନାତ୍ମକ ଶିକ୍ଷା ହିଁ ତାଙ୍କର ପ୍ରଧାନ ଆଲୋଚ୍ୟବସ୍ତୁ। ଝରଣାର ସ୍ରୋତ ଭଳି ସହଜ ଓ ନିତ୍ୟ ପ୍ରବାହିତ ଶିକ୍ଷାଧାରା ସଂପର୍କରେ ତାଙ୍କର କିଛି କହିବାର ନାହିଁ। ମଣିଷ ବଞ୍ଚିବାର ସଂଗ୍ରାମ ଭିତର ଦେଇ, ତା'ର ପୂର୍ବପୁରୁଷଠାରୁ, ପରିବେଶଠାରୁ ଯାହା ଶିଖେ; ତା'ର ଉଦ୍ଦେଶ୍ୟ ସ୍ୱୟଂନିର୍ଦ୍ଧାରିତ। ସେ ଶିକ୍ଷାୟତନ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆବଦ୍ଧ ନୁହେଁ। ଜୀବନଭଳି ତାହା ସର୍ବବ୍ୟାପୀ। ନିଜକୁ ଅଧିକ ଉନ୍ନତ କରିବା ପାଇଁ, ବିକାଶର ପଥରେ ଆଗେଇ ଦେବା ପାଇଁ ଯେଉଁ ଜ୍ଞାନ ଦିଆଯାଏ ତାହାହିଁ ଆଦର୍ଶ ଶିକ୍ଷା। ମାନସିଂହଙ୍କ ମତରେ: " ଆଦର୍ଶ ଶିକ୍ଷା ସେହି, ଯାହାର ଉଦ୍ଦେଶ୍ୟ ଓ ଆଦର୍ଶ ସ୍ପଷ୍ଟ ଭାବରେ ବର୍ଣ୍ଣିତ। ଆଦର୍ଶ ଶିକ୍ଷା ବ୍ୟବସ୍ଥା ସେହି ଯାହା ଶିକ୍ଷାକୁ କେବଳ ଲେବୁଲ୍ ସଂଗ୍ରହ ବୋଲି ମନେ କରେନା ବା ଗୁଡ଼ାଏ ଖବର ସଂଗ୍ରହକୁ ଜ୍ଞାନ ବୋଲି ଗ୍ରହଣ କରେନା ବରଂ ଅସଂଲଗ୍ନ ଗୁଡ଼ାଏ ଇନ୍‌ଫରମେଶନ (ଖବର ଯୋଗାଣ) ଅପେକ୍ଷା ବୁଦ୍ଧି, ବ୍ୟକ୍ତିତ୍ୱ ଓ ବିଚାରର ଫରମେଶନ (ଗଠନ)କୁ ହିଁ ପ୍ରକୃତ ଶିକ୍ଷା ବୋଲି ମନେ କରେ ଏବଂ ଆଦର୍ଶ ଶିକ୍ଷା ସେହି ଯାହା ମନୁଷ୍ୟ ଜୀବନରେ ପ୍ରକୃତିର ଭିନ୍ନ ଭିନ୍ନ ପରିବର୍ତ୍ତନ ସହିତ ନିଜକୁ ଖାପ ଖୁଆଇ ଆପଣାକୁ ବ୍ୟବସ୍ଥିତ କରେ।[୧୦]

ବ୍ୟକ୍ତି, ଜାତି ଓ ପରିବେଶ ଭେଦରେ ଶିକ୍ଷାର ଆଦର୍ଶ ଭିନ୍ନ ଭିନ୍ନ ହୋଇଥାଏ। ଜଣେ *ସାଇବେରିଆ ଅଧିବାସୀର ଶିକ୍ଷାର ଆଦର୍ଶ ଯାହା* ହେବ, ଜଣେ ବିଷୁବ ମଣ୍ଡଳୀୟ ଅଧିବାସୀର ଶିକ୍ଷାର ଆଦର୍ଶ ସେଇଆ ହେବ ନାହିଁ। ଗୋଟିଏ ଭ୍ରାମ୍ୟମାଣ ଜାତିର ଶିକ୍ଷାର ଆଦର୍ଶ ଯାହା ହେବ ସ୍ଥାୟିଭାବରେ ବସବାସ କରୁଥିବା କୌଣସି ଜାତିର ଶିକ୍ଷାର ଆଦର୍ଶ ସେ ପ୍ରକାର ହେବ ନାହିଁ। କିନ୍ତୁ ଏ ସବୁ ଆଲୋଚନାର ଶୀର୍ଷରେ ଅବସ୍ଥିତ –" ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ମନୁଷ୍ୟ ଗଠନ। ଏହା ଏକ ସର୍ବାଙ୍ଗୀନ ପ୍ରୟୋଗ। ମନୁଷ୍ୟ ଜୀବନର କୌଣସି ହେଲେ ଗୋଟିଏ ବିଭାବକୁ ଅବହେଳା କରି କେହି ଉତ୍ତମ ଶିକ୍ଷା ପାଇଛି ବା ଦେଇଛି ବୋଲି କହି ନ ପାରେ।"[୧୧]

ଶିକ୍ଷା ଗ୍ରହଣ ମଣିଷ ଜୀବନ ପାଇଁ ଅପରିହାର୍ଯ୍ୟ ହେଲେ ମଧ, ସାଧାରଣ ମଣିଷ ଶିକ୍ଷାର ଆବଶ୍ୟକତା ଅନୁଭବ କରିପାରେ ନାହିଁ। ସେ ସାଧାରଣତଃ ପାରମ୍ପରିକ ଶିକ୍ଷା, ଯାହା ଗତାନୁଗତିକ ଭାବରେ ପରିବାରରୁ ଶିକ୍ଷା କରାଯାଏ, ସେହି ଶିକ୍ଷାକୁ ସର୍ବଶ୍ରେଷ୍ଠ ଆବଶ୍ୟକତା ବୋଲି ମନେ କରିଥାଏ। ପରିବର୍ତ୍ତିତ ପରିସ୍ଥିତିର ଶିକ୍ଷାକୁ ଗ୍ରହଣ କରିବା ପାଇଁ ଅନେକ ସମୟରେ ସେ ଅନିଚ୍ଛୁକ। ଏଣୁ ମାନସିଂହ କହନ୍ତି– "ଦେଶର ପିଲାକୁ ମଣିଷ କରାଇବାର ଦାୟିତ୍ୱ ଦେଶର ଓ ରାଷ୍ଟ୍ରର, ବ୍ୟକ୍ତିର ନୁହେଁ; ଭାରତ ବର୍ଷରେ ଏଇ ନୀତି ଶୀଘ୍ର ଗୃହୀତ ହେବା ଆବଶ୍ୟକ।"[୧୨] ଦେଶର ଶିକ୍ଷାର ଆଦର୍ଶ ସେପରି ହେବା ଉଚିତ, ଯେପରି ଦେଶର ବହୁଳ ଲୋକ ଶିକ୍ଷା ଗ୍ରହଣ ନିମନ୍ତେ ଆଗ୍ରହ ପ୍ରକାଶ କରିବେ। ସେ ଶିକ୍ଷା ସେମାନଙ୍କର ଦୈନନ୍ଦିନ ଜୀବନ ଓ ଜୀବିକା ପ୍ରତି ଯେପରି ପ୍ରତିକୂଳ ନ ହେବା ମଧ ସ୍ପୃହଣୀୟ। ଭାରତବର୍ଷରେ ସଂପ୍ରତି ଶିକ୍ଷାର ଉଦ୍ଦେଶ୍ୟ ପ୍ରତିହତ ହୋଇଥିବାର ଅନୁଭବ କରାଯାଉଛି। ଶିକ୍ଷାଧାରାର ଦୋଷ ତ୍ରୁଟି, ଶିକ୍ଷାର ଉଦ୍ଦେଶ୍ୟ ଓ ଆବଶ୍ୟକତା ସଂପର୍କରେ ମାନସିଂହ ଲେଖିଛନ୍ତି–"କେବଳ ଏହି ହତଭାଗ୍ୟ ଦେଶରେ ସରସ୍ୱତୀର ଅପମାନ କାରଣ ଏଠି ସ୍କୁଲ କଲେଜରେ ତଥାକଥିତ ପାଠ ପଢ଼ି ବାହାରିଲେ ଲୋକେ କର୍ମଠ ହେବା ପରିବର୍ତ୍ତେ, ସେ ହୁଅନ୍ତି ଆଳସ୍ୟ ପରାୟଣ, ସାଧୁ ନ ହୋଇ ହୁଅନ୍ତି ପାଜି, ନାହିଁ ଜ୍ଞାନ ନାହିଁ ବିବେକ, ନାହିଁ ମଧ ଅପରିହାର୍ଯ୍ୟ ଭଦ୍ର ବ୍ୟବହାର।

ଏହି ଦୁର୍ବିପାକର ଏକମାତ୍ର କାରଣ ଏହିକି ଯେ, ଆମର ସ୍କୁଲ କଲେଜ କୌଣସି ଉନ୍ନତ ଆଦର୍ଶରେ ଅନୁପ୍ରାଣିତ ନୁହଁ, କୌଣସି ସ୍ଥିର ଲକ୍ଷ୍ୟ ଆମର ନାହିଁ। ଇଣ୍ଡିଆ ହେଉଛି ଏକମାତ୍ର ଦେଶ ଯେଉଁଠି ଶିକ୍ଷାର କୌଣସି ନିଜସ୍ୱ ଦର୍ଶନ ନାହିଁ।"[୧୩]

ଅଜ୍ଞତାର ଅନ୍ଧକାରରୁ ଟାଣିଆଣି ଜ୍ଞାନାଞ୍ଜନ ପ୍ରୟୋଗରେ ଚକ୍ଷୁ ସମ୍ମୁଖରେ ସତ୍ୟର ଆଲୋକ ପ୍ରତିଭାତ କରାଇବା ଏ ଦେଶରେ ପ୍ରଚଳିତ ଶିକ୍ଷାର ଆଦର୍ଶ ଥିଲା ମାତ୍ର ସେ ଉଦ୍ଦେଶ୍ୟ ଓ ସେ ଆଗ୍ରହ ବ୍ୟକ୍ତି ମନରୁ ଓ ସମାଜରୁ କ୍ରମଶଃ ଦୂରେଇ ଯାଉଚି। ସେଥିପାଇଁ ଶିକ୍ଷାବିତ୍ ତଥା ଚିନ୍ତାନାୟକମାନେ, ଅନେକ ମାତ୍ରାରେ ଚିନ୍ତିତ। ମାନସିଂହ କହନ୍ତି–"ଆଲୋକିତ ମନୁଷ୍ୟତା ଏ ଦେଶରେ ଆଜି ଶିକ୍ଷାର ଲକ୍ଷ୍ୟ ନୁହେଁ, ଅର୍ଥ ଅଧିକାର ଓ ପ୍ରଭାବ ହିଁ ଆଜି ଦେଶରେ ଶିକ୍ଷାର ଲକ୍ଷ୍ୟ। ଏ ଲକ୍ଷ୍ୟ ଯେଉଁ ଶିକ୍ଷା

ବ୍ୟବସ୍ଥାରେ ତାହା ଯେ କୌଣସି ଦେଶ ପକ୍ଷରେ ଘୋର ଅପକାରକ, ଏଥିରେ ସନ୍ଦେହ ନାହିଁ।''[୧୪] ପରିବର୍ତ୍ତିତ ପରିସ୍ଥିତିରେ ଆମ ଦେଶର ପ୍ରାଚୀନ ପରମ୍ପରାର କେତେକ ଧାରା ପ୍ରଚଳିତ ହେବା ଆବଶ୍ୟକ। ''ଯଦି ଆମ ଦେଶର ପ୍ରାଚୀନ ସଂସ୍କୃତି ଅନୁଯାୟୀ ଆମ ଦେଶକୁ ଆଜି ପୁନର୍ଗଠିତ କରିବାର ଇଚ୍ଛା ଆମର ଥାଏ, ତେବେ ପାଶ୍ଚାତ୍ୟ ସଭ୍ୟତାର କେତୋଟି ଅଗୌଣ ଅଂଶକୁ ବିନା ଚିନ୍ତାରେ ବରି ନ ନେଇ, ଆମକୁ ଆମର ନିଜର ପ୍ରୟୋଜନ, ପାରିପାର୍ଶ୍ୱିକତା ଓ ସାଂସ୍କୃତିକ ପରମ୍ପରା ଅନୁସାରେ ଆମର ଶିକ୍ଷା ସଂସ୍କାର ଓ ବିପ୍ଳବ ଆଣିବାକୁ ହେବ।[୧୫] ଆମର ଶିକ୍ଷାଧାରା ଆମକୁ କ୍ରମଶଃ ଶାରୀରିକ କର୍ମ ବିମୁଖ କରାଇ ଦେଇ ଆସୁଛି। ଇଂରେଜ ଶାସନ କାଳରେ ପ୍ରବର୍ତ୍ତିତ ଆମର ଶିକ୍ଷା ବ୍ୟବସ୍ଥାକୁ ଆମେମାନେ ଠିକ୍ ଭାବରେ ଉପଯୋଗ କରି ନପାରି ଏହି ବ୍ୟବସ୍ଥାକୁ କେବଳ ତ୍ରୁଟିପୂର୍ଣ୍ଣ ବୋଲି କହିବାକୁ ଲାଗିଲୁ। ଏହି ଶିକ୍ଷା ବ୍ୟବସ୍ଥା ଆମ ସମାଜ ପାଇଁ ଉପଯୋଗୀ ନୁହେଁ ବୋଲି ବାରମ୍ବାର କହି ବୁଲିଲୁ। ଜୀବନର ସନ୍ଧ୍ୟାରେ ପ୍ରଚଳିତ ଶିକ୍ଷାଧାରାରେ ତ୍ରୁଟି ନାହିଁ ବୋଲି ଅନୁଭବ କରିଥିଲେ ମଧ୍ୟ ଗଡ୍ଡଳିକା ପ୍ରବାହରେ ୧୯୬୦ ମସିହା ବେଳକୁ ଏହି ଶିକ୍ଷା ବ୍ୟବସ୍ଥାର ବିରୋଧରେ ମତ ପ୍ରଦାନ କରିଛନ୍ତି ଓ ପଲ୍ଲୀବହୁଳ ଭାରତବର୍ଷର ଜନଜୀବନ ପାଇଁ ଏହି ଶିକ୍ଷାଧାରା ଉପଯୋଗୀ ନୁହେଁବୋଲି ମତବ୍ୟକ୍ତ କରିଛନ୍ତି– ''ଜାତି କେବଳ ଅଫିସଚାଳକ ବାବୁ ଦରକାର କରେ ନାହିଁ, କରେ ନିପୁଣ ଚାଷୀ, ବଢ଼େଇ, ପଥୁରିଆ, କୁମ୍ଭାର, ତନ୍ତୀ, ଭଣ୍ଡାରୀ ଓ ବ୍ୟବସାୟୀ ମଧ୍ୟ। କିନ୍ତୁ ଆମେ କୋଟି କୋଟି ଟଙ୍କା ଶେଷରେ କେତୋଟି ଅଫିସ ଚାଳକ 'ବାବୁ'ଙ୍କୁ ମାତ୍ର ସୃଷ୍ଟି କରିବା ପାଇଁ ଖର୍ଚ୍ଚ କଲାବେଳେ, ଦେଶର ଉତ୍ତମ ଚାଷୀ, ତନ୍ତୀ, ସୃଷ୍ଟି କରିବା ପାଇଁ ତ କିଛି ହେଲେ କରୁନେ।''[୧୬]

ଜନସାଧାରଣଙ୍କର ନିଜସ୍ୱ ସଂସ୍କୃତି ଓ ପ୍ରାକୃତିକ ସଂପଦର ଉପଯୋଗିତାରେ ଦେଶର ଉନ୍ନତି ସମ୍ଭବ ହୋଇଥାଏ। ନିଜସ୍ୱ ଚଳଣିକୁ ଉପେକ୍ଷା କରି କୌଣସି ରାଷ୍ଟ୍ର କେବେହେଲେ ଉନ୍ନତି କରିପାରେ ନାହିଁ। ମାନସିଂହ ଅନୁଭବ କରୁଥିଲେ ଯେ, ଭାରତବର୍ଷ ବିଜ୍ଞାନର ଅଗ୍ରଗତି ସହିତ ତାଳ ଦେବା ସଙ୍ଗେ ସଙ୍ଗେ ନିଜ ସଂସ୍କୃତି ପ୍ରତି ଧ୍ୟାନ ଦେଲେ ଭାରତର ଉନ୍ନତି ସମ୍ଭବ ହୋଇ ପାରିବ। ''ଭାରତବର୍ଷ ଯଦି ଧରଣୀର ପୁନର୍ବାର ନେତୃତ୍ୱ ନେବାକୁ ଚାହେଁ, ଅନ୍ତତଃ ସେ ସୁଖ ଶାନ୍ତିରେ ବଞ୍ଚି ରହିବାକୁ ଚାହେଁ, ତେବେ ତାକୁ ପଶ୍ଚିମ ଆଡୁ ଆଖି ଫେରାଇବାକୁ ହେବ। ଆମକୁ ଧରିନେବାକୁ ହେବ ଯେ ମୋଟର କାର୍, ଏରୋପ୍ଲେନ୍‌ର ମାସ୍ ପ୍ରଡ଼କ୍‌ସନ ବା ଗଣ-ପ୍ରସବ ହୋଇପାରେ, କିନ୍ତୁ ଯଥାର୍ଥ ଶିକ୍ଷିତର ନୁହେଁ। ଶିକ୍ଷିତ କହିଲେ ବୁଝିବାକୁ ହେବ, ଉତ୍ତମ ମନୁଷ୍ୟ। ପ୍ରତି ବାଟା କାରଖାନାରୁ ଜୋତା ବାହାରିବା ପରି ହଜାର ହଜାର ସଂଖ୍ୟାର ଶିକ୍ଷିତ ବର୍ଷକୁ ବର୍ଷ ବାହାରି ନ ପାରନ୍ତି। ସହସ୍ର ସହସ୍ର ମାଟ୍ରିକ୍ୟୁଲେଟ୍ ବା ଗ୍ରାଜୁଏଟ୍‌ର ସୃଷ୍ଟି କେବଳ ଚାକିରୀ ଖୋଜାଳୀଙ୍କର ସୃଷ୍ଟି ଯଥାର୍ଥ ଶିକ୍ଷିତର ସୃଷ୍ଟି ନୁହେଁ।''[୧୭]

ମାନସିଂହ ଜୀବନର ସନ୍ଧ୍ୟାକାଳ ପର୍ଯ୍ୟନ୍ତ ଗାନ୍ଧିଜୀ ପ୍ରମୁଖ ଜାତୀୟବାଦୀ ଚିନ୍ତାନାୟକଙ୍କ ବକ୍ତବ୍ୟ ଦ୍ୱାରା ଅନୁଭାବିତ ହୋଇଥିଲେ। ଇଉରୋପର ଉଦାରତାନ୍ତ୍ରିକ ଶିକ୍ଷା ପଦ୍ଧତିର

ପ୍ରଚଳନ ଭାରତୀୟମାନଙ୍କୁ କର୍ମକୁଣ୍ଠ କରିଛି, ଜୀବନର ବ୍ୟାପକ କ୍ଷେତ୍ରରୁ ସେମାନଙ୍କୁ ଟାଣିଆଣି ଅଫିସ୍‌ର ଚାରିକାନ୍ଥ ଭିତରେ ଆବଦ୍ଧ ରହିବା ପାଇଁ ଅନୁପ୍ରେରିତ କରିଛି, ଏହିଭଳି ଏକ ଧାରଣା ପୋଷଣ କରିଥିବାରୁ ଶିକ୍ଷାର ଉଦ୍ଦେଶ୍ୟ ବିଷୟମୁଖୀ ହେବା ଉଚିତ ବୋଲି ସେ ବାରମ୍ବାର କହିଛନ୍ତି। ଜଣେ ଚଷା ହୋଇପାରେ, ତନ୍ତୀ ହୋଇପାରେ ବା ଭାରତର ସର୍ବୋଚ୍ଚ ଶାସକ ହୋଇପାରେ; ମାତ୍ର କାର୍ଯ୍ୟକ୍ଷେତ୍ରର ଭିନ୍ନତା, ସେମାନଙ୍କର ମାନସିକ ପରିଧି, ଜୀବନ ଓ ଜଗତକୁ ବୁଝିବାର ଶ୍ରଦ୍ଧା ବା ଜୀବନର ଅନ୍ୟ ସମସ୍ତ ସୃଷ୍ଟିଧର୍ମ ଦିଗରୁ ସେମାନଙ୍କୁ ବଞ୍ଚିତ କରିବା ଉଚିତ ନୁହେଁ। ତେଣୁ ପ୍ରତ୍ୟେକ ଲୋକ ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଲାଭ କରିବା ଉଚିତ। ଜୀବନର ଜଟିଳତମ ସଂଗ୍ରାମରେ ଝାସ ଦେବା ପୂର୍ବରୁ ମଣିଷ ତାର ସୌନ୍ଦର୍ଯ୍ୟ ଓ ସଂଗ୍ରାମ ଉଭୟକୁ ଅନୁଭବ କରିବା ଉଚିତ। ଏ କଥା ପ୍ରତି ମାନସିଂହ ଦୃଷ୍ଟି ଦେଇ ନାହାନ୍ତି। ଯା ହେଉ ଜୀବନର ସନ୍ଧ୍ୟାରେ ନିଜ ପୂର୍ବବର୍ତ୍ତୀ ମତର ଦୁର୍ବଳତା ସେ ଅନୁଭବ କରିପାରିଛନ୍ତି।

**ଶିକ୍ଷକ :**

ଆମ ଦେଶରେ କଥା ଅଛି ଯେ, "ବିଦ୍ୟାରମ୍ଭେ ଗୁରୁଶ୍ରେଷ୍ଠ" ଅର୍ଥାତ୍ ଶ୍ରେଷ୍ଠ ଗୁରୁଙ୍କଠାରୁ ଶିକ୍ଷା ଆରମ୍ଭ କରିବା ଉଚିତ। ଭାରତବର୍ଷରେ ଏ ପରମ୍ପରା ଅନେକ ଦିନ ଧରି ଚଳି ଆସିଥିଲା। ଛାତ୍ର ବା ଶିଷ୍ୟମାନେ ବିଭିନ୍ନ ଅନୁସଂଧାନ ପରେ ହିଁ ଅଭୀଷ୍ଟ ଗୁରୁଙ୍କୁ ଲାଭ କରୁଥିଲେ। ଛାତ୍ରଙ୍କ ଦୃଷ୍ଟିରେ ଗୁରୁ ସ୍ରଷ୍ଟା, ପାଳନକର୍ତ୍ତା; ସଂହାରକର୍ତ୍ତା ବି ହୋଇପାରନ୍ତି। ତେଣୁ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ତଥା ଶିବ ଭାବରେ ବନ୍ଦନା କରାଯାଇଅଛି। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଗୁରୁଙ୍କ ପ୍ରତି ସେ ଆନୁଗତ୍ୟ ନାହିଁ ବା କର୍ମକର୍ତ୍ତାମାନେ ଗୁରୁଙ୍କ ନିର୍ବାଚନରେ ସେ ପୂର୍ବପଦ୍ଧତି ଅନୁସରଣ କରୁନାହାନ୍ତି। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକପ୍ରାଧାନ୍ୟ ଲୋପ ପାଇଥିବାରୁ ଶିକ୍ଷାର ମାନ କ୍ରମଶଃ ହ୍ରାସ ହେଉଥିବାର ଲକ୍ଷ୍ୟ କରାଯାଏ। ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଓ ଛାତ୍ରଙ୍କର ଭୂମିକା ମୁଖ୍ୟ ହୋଇଥିବା ସ୍ଥଳେ, ଭାରତର ଆଧୁନିକ ଶିକ୍ଷା ବ୍ୟବସ୍ଥାରେ, ଶିକ୍ଷକ ତଥା ଛାତ୍ରଙ୍କୁ ଗୌଣ ସ୍ଥାନ ଦିଆଯାଇ ଶିକ୍ଷାୟତନ ଗଠନ ଓ ଶିକ୍ଷା ପଦ୍ଧତି ନିର୍ଣ୍ଣୟକୁ ଅଗ୍ରାଧିକାର ଦିଆଯାଉଅଛି। ଶିକ୍ଷାବିତ୍ ମାନସିଂହ ସେ ବ୍ୟବସ୍ଥାର କଠୋର ସମାଲୋଚନା କରି ଲେଖିଥିଲେ– "ଏ ଦେଶରେ (ଭାରତରେ) ସ୍କୁଲ କଲେଜ କଥା ପଡ଼ିଲେ ପ୍ରଥମେ ହିସାବ ହେବ କୋଠାବାଡ଼ିର ଖର୍ଚ୍ଚ କିନ୍ତୁ ଇଂଲଣ୍ଡରେ ପ୍ରଥମ ପ୍ରଧାନ ପ୍ରସ୍ତାବ ହେଉଛି ଅଧ୍ୟାପକ ଓ ତା'ର ଯୋଗ୍ୟତା–ଆଉସବୁ ପଛ।"[୧୮]

ଶିକ୍ଷାଧାରାରେ ଶିକ୍ଷକର ପ୍ରାଧାନ୍ୟ ନ ରହିଲେ ଶିକ୍ଷାର ଉନ୍ନତି ସମ୍ଭବ ନୁହେଁ। ଜାତି ତାର ଶିକ୍ଷକମାନଙ୍କୁ ନେଇ ବଡ଼ ହୁଏ। ଶିକ୍ଷକ ଜାତିକୁ ଗଢ଼ିଚାଲେ, "ଯେଉଁ ଜାତିର ଶିକ୍ଷକ ଯେପରି, ସେ ଜାତି ସେପରି। ଏହାକୁ ଆମେ ସ୍ୱୟଂ ପ୍ରତିଷ୍ଠାବାକ୍ୟ ରୂପେ ଗ୍ରହଣ କରି ନେବା କି?"[୧୯] ପୁଣି "ଏକ ସଭ୍ୟଜାତି ନିକଟରେ ଜଣେ ପ୍ରକୃତ ଶିକ୍ଷକର ସମ୍ମାନ କୌଣସି ଡି.ପି.ଆଇ. ବା ଶିକ୍ଷାମନ୍ତ୍ରୀ ପାଇ ନ ପାରନ୍ତି"[୧୯]

ମାନସିଂହ କହନ୍ତି— "ଆମେ ଯେ ପର୍ଯ୍ୟନ୍ତ 'ଶିକ୍ଷକ'ଙ୍କୁ ଏଇ ଶ୍ରେଣୀର ସମ୍ମାନ ଦେବା ପାଇଁ ପ୍ରସ୍ତୁତ ନ ହୋଇଛୁ, ସେ ପର୍ଯ୍ୟନ୍ତ ଆମ ଜାତୀୟ ଚରିତ୍ରର ମୂଳ ପତ୍ତନ ଦୁର୍ବଳ ହିଁ ରହିବ।"[୧୯]

'ଶିକ୍ଷକ' ପଦବୀରେ ଯେଉଁମାନେ ଅଧିଷ୍ଠିତ ହୁଅନ୍ତି, ସେମାନଙ୍କ ମଧ୍ୟରେ ସମସ୍ତେ ଶିକ୍ଷକ ହେବାପାଇଁ ଯୋଗ୍ୟ ନୁହନ୍ତି। ଶିକ୍ଷକ ହେବାର ପ୍ରାଥମିକ ଯୋଗ୍ୟତା ନଥିବା ବହୁ ଲୋକ ଶିକ୍ଷକ ଭାବରେ ନିଯୁକ୍ତି ପାଇବାରୁ ଶିକ୍ଷାକ୍ଷେତ୍ରରେ ନାନା ଅଧୋଗତି ଦେଖା ଦେଇଛି। "ବିଦ୍ୟାଧର ହେବା ଯେତେ ସହଜ, ବିଦ୍ୟାନୁରକ୍ତ ହେବା ସେତେ ନୁହେଁ। ତଥାକଥିତ ଭାବରେ ମାର୍କାଧାରୀ 'ମାଷ୍ଟର' ବୋଲାଇବା ଯେତେ ସହଜ ଜଣେ ପ୍ରକୃତ ଶିକ୍ଷକ ହେବା କୌଣସିମତେ ସେତେ ସହଜ ନୁହେଁ ପ୍ରକୃତ ଶିକ୍ଷକ ଏ ସମସ୍ତର ଊର୍ଦ୍ଧ୍ୱକୁ ଉଠି, ନରୋତ୍ତମ ନ ହେଲେହେଁ ଉତ୍ତମ ନର ହେବାକୁ ଚେଷ୍ଟିତ ହେବା ଉଚିତ। ଜାତିର ନୂତନ ବଂଶଧରଙ୍କ ଆଗରେ ଶିକ୍ଷକମାନେ ହିଁ ପ୍ରଥମ ଆଦର୍ଶ ରୂପେ ବିରାଜିତ ନ ରହିଲେ, କୋଟି କୋଟି ମୁଦ୍ରା ବ୍ୟୟରେ ନିର୍ମିତ ସ୍କୁଲ, କଲେଜ, ବ୍ୟର୍ଥ-ଲକ୍ଷ୍ୟ ହେବା ଧରି ନେବାକୁ ହେବ।"[୨୦] ଶିକ୍ଷକ ହେବା ନିମନ୍ତେ ଯଥେଷ୍ଟ ନିଷ୍ଠା ଓ ମିଶନାରୀଭାବ ରହିବା ଆବଶ୍ୟକ। ପ୍ରାଚୀନ ଭାରତରେ ଗୁରୁସ୍ଥାନୀୟ ବ୍ରାହ୍ମଣମାନଙ୍କର ଯଥେଷ୍ଟ ସମ୍ମାନ ଥିଲା ଓ ସେମାନେ କୌଣସି ଅର୍ଥକାରୀ ବ୍ୟବସାୟ ସହିତ ସଂପୃକ୍ତ ନଥିଲେ। ଏହି ପ୍ରଥାକୁ ମାନସିଂହ ଏକ ପ୍ରାଚୀନ ସଭ୍ୟ ଜାତିର ଗଭୀର ସାମାଜିକ ମନନର ଅତି ଉତ୍ତମ ସିଦ୍ଧାନ୍ତ ବୋଲି ମନେ କରିଛନ୍ତି। ଅନ୍ୟ ଅର୍ଥରେ ବିଚାର କଲେ ଶିକ୍ଷକଙ୍କୁ ଅର୍ଥ ଚିନ୍ତା ନ କରିବା ପାଇଁ ସମାଜ ବା ରାଷ୍ଟ୍ର ସେହିପରି ବ୍ୟବସ୍ଥା କରିବା ମଧ୍ୟ ଆବଶ୍ୟକ। ଶିକ୍ଷକଙ୍କର ଉଚ୍ଚ ସାମାଜିକ ସମ୍ମାନ ତାହାଙ୍କୁ ସମଗ୍ର ଛାତ୍ର ସମାଜ ଦୃଷ୍ଟିରେ ଆଦର୍ଶ- ସ୍ଥାନୀୟ କରି ଛିଡ଼ା କରାଇଥାଏ। "ସମଗ୍ର ଜାତି ଆଗରେ ଶିକ୍ଷକର ଏକ ମହାନ ଆଦର୍ଶ ବଞ୍ଚାଇ ନପାରିଲେ, କୌଣସି ଜାତି ଉଚ୍ଚସ୍ତରକୁ ଉଠି ପାରିବନି। ଜର୍ମାନ, ଇଂଲଣ୍ଡ ପରି ଜ୍ଞାନଦୀପ୍ତ ଦେଶ କଥା ଛାଡ଼ିଦିଅ। କେହି ଓଡ଼ିଆ, ତାର ପ୍ରତିବେଶି ଏବର ବଙ୍ଗାଳୀ ଜାତିର ଅଭ୍ୟୁତ୍‌ଥାନର ଇତିହାସ ଅନୁଶୀଳନ କଲେ ଅଚିରେ ଜାଣିବେ ଯେ, ସେ ଜାତି ହେଉଛି ଗତ ଶତାବ୍ଦୀର କେତୋଟି ସୁଦକ୍ଷ, ଜାତିଗତପ୍ରାଣ ଶିକ୍ଷକ, ପ୍ରଧାନ ଶିକ୍ଷକ ଓ ଅଧ୍ୟାପକଙ୍କର ହାତଗଢ଼ା ଶିଳ୍ପମାତ୍ର। ଓଡ଼ିଶାରେ ସେପରି ଶ୍ରେଣୀର ଶିକ୍ଷକ ବେଶି ଦେଖାଦେଇ ନାହାନ୍ତି ଏବଂ ସେହି କାରଣରୁ ହିଁ ଓଡ଼ିଆ ଜାତି ଏବେ ବି ଅଧଃପତିତ।"[୨୧] ଏହା କେବଳ ଇତିହାସର କଥା ନୁହେଁ ବର୍ତ୍ତମାନ କାଳରେ ମଧ୍ୟ କେତେକ ଉତ୍ସର୍ଗୀ-ପ୍ରାଣ ଶିକ୍ଷକଙ୍କର ଉଦ୍ୟମରେ ସାମାଜିକ ବିକାଶ ସଂଘଟିତ ହେବାର ଦେଖାଯାଉଛି।

ଅବସ୍ଥାଚକ୍ରରେ ପଡ଼ି ଚାକିରୀ କରିବା ନିମନ୍ତେ ଯେଉଁମାନେ ଶିକ୍ଷକବୃତ୍ତି ଧରିଥାନ୍ତି, ସେମାନେ କସ୍ମିନକାଳେ ଶିକ୍ଷକ ପଦପାଇଁ ଯୋଗ୍ୟ ହୋଇ ପାରିବେ ନାହିଁ। ଶିକ୍ଷକ ହେବାକୁ ହେଲେ ଛାତ୍ରାବସ୍ଥାରୁ ହିଁ ଶିକ୍ଷକ ହେବାର କାମନା ଜାଗରିତ କରିବାକୁ ହୁଏ, ନିଜକୁ ଶିକ୍ଷକ ହେବା ନିମନ୍ତେ ଗଢ଼ିବାକୁ ହୁଏ। ଅବଶ୍ୟ ଶିକ୍ଷକମାନଙ୍କର ସମସ୍ତ ଆର୍ଥନୀତିକ

ଅବସ୍ଥା ଦୂର କରିବା ରାଷ୍ଟ୍ରର କର୍ତ୍ତବ୍ୟ। ମାନସିଂହ ଲେଖିଥିଲେ–" ଯଦି ଛାତ୍ରାବସ୍ଥାରୁ ହିଁ ଆମର ଭବିଷ୍ୟତ ଶିକ୍ଷକମାନଙ୍କର ହୃଦୟରେ ଶିକ୍ଷକତାର ମହନୀୟତା ଉଦ୍‌ବୋଧିତ କରି ରଖାଯାଆନ୍ତା, ଯଦି ସରକାର ଏମାନଙ୍କର ସକଳ ଅଭାବ ଅସୁବିଧାର ଦାୟିତ୍ୱ ନିମନ୍ତେ, ଯେପରି ଖ୍ରୀଷ୍ଟିଆନ୍ ମିଶନ୍ ସବୁ ନିଅନ୍ତି ପାଦ୍ରିମାନଙ୍କର, ତା ହେଲେ ଆମେ ଏକ ଅନନ୍ୟ ଚିତ୍ତ, ନିଷ୍ଠାପର ଶିକ୍ଷକଗୋଷ୍ଠୀ ସହଜରେ ହୁଏତ ପାଆନ୍ତେ, ଯେଉଁମାନେ କି ଆନ୍ତରିକତା ସହିତ ଶିକ୍ଷକତା ମାଧ୍ୟମରେ ଜାତିର ସେବା କରିବେ ବୋଲି ବିଶ୍ୱାସ କରାଯାଇ ପାରନ୍ତା।"[୨୨]

ଶିକ୍ଷକ ତା ଅନୁଷ୍ଠାନର ସର୍ବମୟ କର୍ତ୍ତା ନ ହେଲେ, ଶିକ୍ଷାଦାନ ଆଶାନୁରୂପ ଉନ୍ନତି କରିପାରିବ ନାହିଁ। ଶିକ୍ଷକ ହିଁ ଛାତ୍ରମାନଙ୍କ ନିକଟରେ ଏକ ମୂର୍ତ୍ତିମନ୍ତ ଆଦର୍ଶ। ଛାତ୍ରଛାତ୍ରୀମାନଙ୍କର କୋମଳ ମନ ଉପରେ ଶିକ୍ଷକଙ୍କର କ୍ରିୟା କଳାପ ଅଲିଭା ଅକ୍ଷରରେ ଲିପିବଦ୍ଧ ହୋଇଥାଏ। ଏଣୁ ଶିକ୍ଷକର ଦୟନୀୟ ଓ ପ୍ରାଧାନ୍ୟହୀନ ଅବସ୍ଥା ଦେଖିଲେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷକଙ୍କ ପ୍ରତି ଶ୍ରଦ୍ଧା ଓ ଗୌରବ ଭାବ ରହିବ ନାହିଁ। ମାନସିଂହଙ୍କ ମତରେ–"ଯେଉଁ ଦେଶ ଓ ସମାଜରେ 'ଶିକ୍ଷକ ହିଁ ବିଦ୍ୟାଳୟ'–ଶିକ୍ଷାର ଏହି ପ୍ରଧାନତମ ନୀତି ଅକ୍ଷରେ ଅକ୍ଷରେ ଗୃହିତ ହୋଇନାହିଁ, ସେଠି ଶିକ୍ଷା ସମାଜର ଅକଲ୍ୟାଣ ନକରି କଲ୍ୟାଣ କରିବାର ଆଶା ବୃଥା ତ ହୋଇ ନ ପାରେ।"[୨୩]

ଶିକ୍ଷାବିତ୍ ମାନସିଂହ ଶିକ୍ଷାର ଉନ୍ନତି ନିମନ୍ତେ ଏକ ପ୍ରସ୍ତାବ ଦେଇ ଆଶାକରିଥିଲେ ଯେ, ଆମର ଶିକ୍ଷା ସମସ୍ୟା ସମାଧାନର ଅନେକ ବାଟ ମଧ୍ୟରୁ ଗୋଟିଏ ହେଲା: ଶିକ୍ଷକଙ୍କୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରାଗଲେ ଶିକ୍ଷାର ଉନ୍ନତି ସମ୍ଭବ ହେବ। ମାନସିଂହଙ୍କ ଭାଷାରେ–"ସରସ୍ୱତୀ ଯଦି ଶାସକର ଆଜ୍ଞାବହ ହୁଅନ୍ତି ଓ ଶିକ୍ଷକ ସାମାନ୍ୟ ନୌକର ମାତ୍ର ରହନ୍ତି, ତେବେ ଦେଶରେ–'ଶିକ୍ଷା ପ୍ରସାର ବିଦ୍ୟାପ୍ରସାର' ପ୍ରଭୃତି କପଟ ଚିତ୍କାର ଛଡ଼ା ଆଉକିଛି ନୁହେଁ। ସରସ୍ୱତୀଙ୍କି ସ୍ୱାଧୀନତା ଦିଅ ଏବଂ ଶିକ୍ଷକଙ୍କୁ ପୁଣି ସେହି ବ୍ରାହ୍ମଣ ରୂପେ, ମିଶନାରୀ ରୂପେ, ତ୍ୟାଗୀ ସନ୍ନ୍ୟାସୀ ରୂପେ ଦେଖ ଓ ସମ୍ମାନ ଦିଅ, ତେବେ ହିଁ ପ୍ରକୃତ ମନୁଷ୍ୟ ଦେଶରେ ଗଢ଼ା ହେବ।"[୨୪]

ଆମର ଶିକ୍ଷା ସମସ୍ୟାର ସମାଧାନର ପଥ ପ୍ରଦର୍ଶିତ କରିବାକୁ ହେଲେ, ଶିକ୍ଷକଙ୍କର ପ୍ରାଧାନ୍ୟକୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ। ଅବଶ୍ୟ ସେ ଶିକ୍ଷକ, ଶିକ୍ଷକଗୁଣସଂପନ୍ନ ହେବା ଚାହି, ନ ହେଲେ ଶିକ୍ଷକ ବେଶଧାରୀ ଶିକ୍ଷାଗୁଣ ବିବର୍ଜିତ ବ୍ୟକ୍ତି ଶିକ୍ଷାନୁଷ୍ଠାନକୁ ଗ୍ରାସ କରିବ। ମାନସିଂହଙ୍କ ମତରେ–"ଦେଶରେ ଶିକ୍ଷାନୁଷ୍ଠାନଗୁଡ଼ିକ ସୁସମୃଦ୍ଧ ଭାବରେ ଗଢ଼ି ଉଠିବାକୁ ଯଦି ଚାହିଁ, ତେବେ ଶିକ୍ଷକ ସେଥିରେ ଗୌଣ ନ ହୋଇ ପ୍ରଧାନକର୍ତ୍ତା ବୋଲି ଧରାଯିବା ଉଚିତ୍। ଶିକ୍ଷକ ଓ ସମାଜ ଭିତରେ ସରକାର ବା ମ୍ୟାନେଜିଂ କମିଟି କେହି ହେଲେ ଅବାନ୍ତର ଅନ୍ତରାୟ ରହିବେ ନାହିଁ। ଶିକ୍ଷା ବିଭାଗର ବିଶେଷଜ୍ଞମାନେ କେବଳ ପଥ ନିର୍ଦ୍ଦେଶ କରିବେ। ପାଠ୍ୟ ପୁସ୍ତକର ନିର୍ବାଚନ, ଦୈନନ୍ଦିନ ପରିଚାଳନା, ଶିକ୍ଷକଙ୍କ ଦରମା, ଛାତ୍ରଙ୍କର ଫିସ୍ ବିଷୟରେ ପ୍ରତ୍ୟେକ ଅନୁଷ୍ଠାନକୁ ଅର୍ଥାତ୍ ପ୍ରଧାନ ଶିକ୍ଷକ ବା ସଂଘକୁ ନିଜ ଦାୟିତ୍ୱରେ ଛାଡ଼ିଦେବା ସର୍ବଥା ଶ୍ରେୟ। ଏହି ବିକେନ୍ଦ୍ରୀକରଣ

ଫଳରେ ସରକାର ଅନେକ ମୁଣ୍ଡ ବ୍ୟଥାରୁ ରକ୍ଷା ପାଇବା ସଂଗେ ସଂଗେ, ମୋର ଦୃଢ଼ ବିଶ୍ୱାସ ଆମ ସ୍କୁଲମାନଙ୍କରେ ଶିକ୍ଷା ଓ ଶୃଙ୍ଖଳା ଆଶ୍ଚର୍ଯ୍ୟଜନକ ଭାବରେ ବଦଳିଯିବ।''[୨୫]

ଶିକ୍ଷାବିତ୍ ମାନସିଂହ ଶିକ୍ଷାନୁଷ୍ଠାନରେ ଶିକ୍ଷକ-ପ୍ରାଧାନ୍ୟ ସଂପର୍କରେ ସୂଚନା ପ୍ରଦାନ କରିବା ସଂଗେ ସଂଗେ ଆଦର୍ଶ ଶିକ୍ଷକଙ୍କର ଆବଶ୍ୟକତା ଅନୁଭବ କରିଛନ୍ତି। ଉତ୍ସର୍ଗୀକୃତ, ସତ୍ୟନିଷ୍ଠା, ଆଦର୍ଶ ଶିକ୍ଷକଙ୍କୁ ସସମ୍ମାନ ଅଗ୍ରାଧିକାର ଦେଇଛନ୍ତି। ବିଭିନ୍ନ କବିତା ସମେତ, କମଳାୟନ କାବ୍ୟ, ଅନ୍ୱେଷଣ ଉପନ୍ୟାସ ଓ ଶିକ୍ଷା ସଂପର୍କୀୟ ବିଭିନ୍ନ ପୁସ୍ତକରେ ଆଦର୍ଶ ଶିକ୍ଷକର ଲକ୍ଷଣ ନିର୍ଦ୍ଦେଶ କରିଛନ୍ତି। କମଳାୟନ କାବ୍ୟରେ ଉତ୍କଳମଣି ଗୋପବନ୍ଧୁ କମଳର ପିତାଙ୍କ ସଂପର୍କରେ ଯାହା କହିଛନ୍ତି, ତାହା ଗୋବବଂଧୁଙ୍କର ନୁହେଁ, ମାନସିଂହଙ୍କର ମନର କଥା। ଜଣେ ସାଧାରଣ ଶିକ୍ଷକ ସାମାନ୍ୟ ଅବସ୍ଥାରେ ରହିପାରେ, ମାତ୍ର ଜଣେ ଆଦର୍ଶ ଶିକ୍ଷକ ମନୁଷ୍ୟ-ଗଠନକାରୀ, ସାଧୁ, ଦକ୍ଷ, ଧର୍ମ-ଭୀରୁ, କର୍ତ୍ତବ୍ୟ-ପରାୟଣ, ଉଦାରମନା ତଥା ଛାତ୍ରଙ୍କ ମଙ୍ଗଳାକାଙ୍କ୍ଷୀ ହେବା ଆବଶ୍ୟକ।[୨୬] ଏହି ଆଦର୍ଶ ଶିକ୍ଷକର ସଫଳ ରୂପାୟନ ପାଇଁ, ମାନସିଂହ କମଳାୟନ' କାବ୍ୟରେ, କମଳଲୋଚନଙ୍କୁ ଜଣେ ଶିକ୍ଷକ ରୂପେ ଅଧିଷ୍ଠିତ କରାଇଛନ୍ତି। କମଳ ଅଧ୍ୟାପନାର ବ୍ରତ ଗ୍ରହଣକରି, ସ୍କୁଲ ଓ ଘରେ ଅକାତରେ ବିଦ୍ୟାଦାନ କରିଚାଲିଛି। ଛାତ୍ରମାନଙ୍କୁ ବୋଧଗମ୍ୟ କରାଇବା ଉଦ୍ଦେଶ୍ୟରେ ସେ ନିଜେ ଘରେ ଅଧ୍ୟୟନ କରିଥାଏ। ଛାତ୍ରମାନଙ୍କର ପ୍ରମାଦ ନିମନ୍ତେ ସେ ମୃଦୁ ତିରସ୍କାର କରେ। ପିଲାମାନଙ୍କ ସହିତ ଉତ୍ତମ ଭାବରେ ମିଶୁଥିଲେ ମଧ୍ୟ ନିଜକୁ ସର୍ବଦା ଏକ ସ୍ୱତନ୍ତ୍ର ସ୍ତରରେ ରଖିଥାଏ।[୨୭] ମାନସିଂହଙ୍କର ନିଜର ଏହି ଆଦର୍ଶ ବ୍ୟକ୍ତିତ୍ୱ ଥିବାରୁ ସେ ଦୃଢ଼ଭାବରେ ଏହି ମତକୁ ପ୍ରକାଶ କରିଛନ୍ତି। ସେ କେବଳ ଶିକ୍ଷକ ଭାବରେ ନୁହେଁ, ଅନ୍ୟତ୍ର ମଧ୍ୟ ନିଜକୁ ଏକ ସ୍ୱତନ୍ତ୍ର ଦୂରତାରେ ରଖିବାକୁ ଚାହୁଁଥିଲେ, ତେଣୁ ସେ ଭାବୁଥିଲେ ଏହି ଗୁଣ ଶିକ୍ଷକର ଆଦର୍ଶ ହେବା ଉଚିତ୍।

ଅନ୍ୟପକ୍ଷରେ ସେ ଚିନ୍ତା କରୁଥିଲେ ଯେ, ଏହି ଦରିଦ୍ର ଦେଶର ଛାତ୍ର ଓ ଶିକ୍ଷକମାନେ, ପ୍ରାଚୀନ ଗ୍ରୀକ୍ ରାଜ୍ୟ ସ୍ପାର୍ଟାର ଶିକ୍ଷକ ଓ ଛାତ୍ରଙ୍କ ପରି ସରଳ କଠୋର ଜୀବନରେ ହିଁ ଅଭ୍ୟସ୍ତ ରହିବା ଉଚିତ୍। ଶିକ୍ଷକ ବା ଶିକ୍ଷାବିତ୍‌ମାନେ ଶିକ୍ଷା ବା ଜୀବନ ଭିତରେ କୌଣସି ଅନ୍ତର ଦେଖିବା ଉଚିତ୍ ନୁହେଁ। ପ୍ରକୃତ ଶିକ୍ଷାବିତ୍ ନିକଟରେ ଶିକ୍ଷା ଓ ଜୀବନ ଓତପ୍ରୋତ ଭାବରେ ଜଡ଼ିତ। ଆମ୍ଭେ ପ୍ରତ୍ୟେହ କେବଳ ନୁହେଁ, ଦିନର ପ୍ରତି ମୁହୂର୍ତ୍ତରେ ମଧ୍ୟ ଶିକ୍ଷାଲାଭ କରୁଛୁ ଓ ପରୀକ୍ଷାର ସମ୍ମୁଖୀନ ହେଉଛୁଁ। ପାଶ୍-ଫେଲ୍, ଜନତାର ବାହାବା, ପଦ-ପଦାର୍ଥ-ସିଦ୍ଧି, ନିନ୍ଦା-କୁତ୍ସା ଇତ୍ୟାଦି କ୍ଷିପ୍ର ପଳାୟମାନ ଘଟଣାରାଜି ଜୀବନର ବଡ଼କଥା ନୁହେଁ। ଜୀବନର ମୁଖ୍ୟତମ ଲାଭ ଓ ଲକ୍ଷ୍ୟ ବୋଧହୁଏ, 'ଅଭିଜ୍ଞତା' ଅର୍ଥାତ୍ ଗୋଟିଏ ଦୀର୍ଘଜୀବନର ସୂକ୍ଷ୍ମ ନିର୍ଯ୍ୟାସ ବା ଘଟଣା ପ୍ରଭାବରୁ ଯାହା ଶେଷତତ୍ତ୍ୱ ହୃଦୟଙ୍ଗମ ହେଲା ସେହି ହିଁ ଆମର ପ୍ରକୃତ 'ଜ୍ଞାନଯୋଗ'। ଯେଉଁ ଶିକ୍ଷା ବ୍ୟବସ୍ଥା ଏହି ପ୍ରକାର ପରିବ୍ୟାପ୍ତ ଜୀବନ ଦର୍ଶନ ଉପରେ ପ୍ରତିଷ୍ଠିତ ନୁହେଁ, ସେ 'ଶିକ୍ଷା' କୌଣସି ବ୍ୟକ୍ତି ବା ଜାତିକୁ ସଭ୍ୟ, ଶକ୍ତିମାନ, ସଂସ୍କୃତି ସଂପନ୍ନ, ଉର୍ଦ୍ଧ୍ୱଗ ଓ ପ୍ରଜ୍ଞାବାନ କରିପାରିବ ବୋଲି ଆଶା କରିବା ପାଗଳର ପ୍ରଳାପ ପରି ହେବ।''[୨୮]

ମାନସିଂହ ଲକ୍ଷ୍ୟ କରିଛନ୍ତି ଯେ, ସ୍ୱାଧୀନତା ପରେ ପରେ ଭାରତବର୍ଷରେ ଶିକ୍ଷକମାନଙ୍କର ନୈତିକମାନ କ୍ରମଶଃ ହ୍ରାସ ହେବାପରି ମନେ ହେଉଛି। କେବଳ ସ୍କୁଲ ଶିକ୍ଷକ ନୁହଁନ୍ତି "ସ୍ୱାଧୀନତାପର ଭାରତବର୍ଷରେ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ସର୍ବତ୍ର ଯେ ଅଧୋଗାମୀ ହୋଇଛି, ଏହା ବର୍ତ୍ତମାନ ପ୍ରକାଶ୍ୟ ଆଲୋଚନା ଓ ଉଚ୍ଚତମ କର୍ତ୍ତୃପକ୍ଷଙ୍କର ମସ୍ତକ-ବ୍ୟଥାର କାରଣ ହୋଇଛି। ଏହି ଅଧୋଗତିର ମୁଖ୍ୟ କାରଣ ଏହି ଯେ, ଏ ଦେଶରେ ସାଧାରଣ ଲୋକଙ୍କ କଥା ଛାଡ଼, ବିଶ୍ୱବିଦ୍ୟାଳୟର ତଥାକଥିତ ପ୍ରଫେସରମାନେ ମଧ ବିଶ୍ୱବିଦ୍ୟାଳୟକୁ ଏକାନ୍ତ ଭାବରେ ଏକ ସ୍ୱୟଂସଂପୂର୍ଣ୍ଣ ଜ୍ଞାନ-ତପସ୍ୟାର ଓ ଜାତିର-ତରୁଣ-ସମାଜର-ଗଠନ-ପୀଠ ବୋଲି ମନେ ନକରି ତାକୁ ନିଜର ପ୍ରତିଷ୍ଠା ଓ ସେହି ଲକ୍ଷ୍ୟରେ ସହଜଲଭ୍ୟ ଅନୁଗ୍ରହ ବଣ୍ଟନର କ୍ଷେତ୍ର ବୋଲି ମନେ କରୁଛନ୍ତି। ଚାରିଆଡ଼େ ତେଣୁ ବିଶୃଙ୍ଖଳା।"[୨୯]

ଜଣେ ଶିକ୍ଷକ ବା ଶିକ୍ଷିତ ଲୋକର ତିନୋଟି ପ୍ରମୁଖ ଗୁଣ ସଂପର୍କରେ ମାନସିଂହ ଉଲ୍ଲେଖ କରିଛନ୍ତି। ସେ ଆଶା କରିଥିଲେ ଏହି ତିନିଗୋଟି ଗୁଣଯୁକ୍ତ ବ୍ୟକ୍ତି, ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନରେ ମୁଖ୍ୟତଃ ସହାୟକ ହେବେ। ସେଗୁଡ଼ି ହେଲା :

(କ) ସେ ଯେତିକି ଜାଣିଥିବେ ତାହା ଉତ୍ତମ ରୂପେ ଅବଗତ ଥିବେ।

(ଖ) ସେ ସଂପୂର୍ଣ୍ଣ ଭାବରେ ନୀତିବାନ୍ ଥିବେ ଅର୍ଥାତ୍ କୌଣସି ପ୍ରକାର ଅସାଧୁ କର୍ମ କରିବା ବା ଅସତ୍ୟ କଥା କହିବା ତାଙ୍କ ପକ୍ଷରେ ସମ୍ଭବ ହେବନାହିଁ।

(ଗ) ଯେ କୌଣସି ଶ୍ରମକୁ ଆନନ୍ଦରେ ଶରୀର ଓ ମନ ଦେଇ ସ୍ୱୀକାର କରିବେ।

ଶିକ୍ଷକର ସମାଜର ଏହିଭଳି ଗୁରୁଦାୟିତ୍ୱ ଥିଲେ ମଧ, ଦେଶର ପ୍ରଶାସନ-ମୁଖ୍ୟମାନେ ଶିକ୍ଷକଙ୍କ ପ୍ରତି ଏକ ତାଚ୍ଛଲ୍ୟ ଭାବ ପ୍ରଦର୍ଶନ କରନ୍ତି। ସେମାନେ ଶିକ୍ଷକଙ୍କୁ ଏକ ଆଦର୍ଶ ଶିକ୍ଷକ ହେବାକୁ ଉପଦେଶ ଦେଇ, ତା'ର ଆର୍ଥନୀତିକ ଦୂରବସ୍ଥା ପ୍ରତି କୌଣସି ଦୃଷ୍ଟିପାତ କରନ୍ତି ନାହିଁ। 'ତଳିଆ ଜୀବର ବିଳାପ'ରେ ମାନସିଂହ ଲେଖିଛନ୍ତି—

"ବଡ଼ ସାହେବ ବୁଝିବା ଉଚିତ
ମାଷ୍ଟ୍ରର ବି ପିଲା
ହୁଅନ୍ତି, ଭାତ ଖାଆନ୍ତି, ଭୋକେ
ହୁଅନ୍ତି କିଲିବିଲା।
ମାଷ୍ଟ୍ର ଘରେ ଗହଣ ଲୋଡ଼ା, ତା ଚୁଲି ଲୋଡ଼େ କାଠ
ଝିଅର ବର ଲୋଡ଼ା ଓ ପୁଅର
ଜୋତା, କୋଟ୍, ଶାଟ।"[୩୦]

କ୍ଷମତାରେ ଥିବା ମନ୍ତ୍ରୀ ଓ ବଡ଼ ସାହେବମାନେ ଶିକ୍ଷକମାନଙ୍କ ପ୍ରତି କିପରି ତାଚ୍ଛଲ୍ୟ ଭାବ ପ୍ରଦର୍ଶନ କରନ୍ତି, ମାନସିଂହ ତାଙ୍କର 'ଶାସନଚକ୍ର' ଏକାଙ୍କିକାରେ ସ୍ପଷ୍ଟ ଭାବରେ ତାହା ଉଲ୍ଲେଖ କରିଛନ୍ତି। ପୁଣି ଯେଉଁମାନେ କୌଣସି ବୃତ୍ତି ପ୍ରତି ଯୋଗ୍ୟ

ବିବେଚିତ ହୁଅନ୍ତିନାହିଁ, ସେମାନେ ଶିକ୍ଷକ ଭାବରେ ଯୋଗ ଦେଉଥିବାରୁ ଶିକ୍ଷକର ମାନ ସମାଜରେ ହ୍ରାସ ହୋଇଯାଉଛି ଓ ଲୋକମାନଙ୍କର ଶିକ୍ଷକମାନଙ୍କ ପ୍ରତି ସମ୍ମାନବୋଧ ତଥା ଆସ୍ଥା କ୍ରମଶଃ କମି କମି ଆସୁଛି। 'ସ୍ୱରାଜ୍ୟାଶ୍ରମ' କବିତା ସଂକଳନରେ ମାନସିଂହ ବିଦ୍ରୂପ କରି ଲେଖିଛନ୍ତି—

"ନିତାନ୍ତ ଯଦି ଚାହଁ କରିବ କିଛି
ଇସ୍କୁଲ ମାଷ୍ଟ୍ର କାମ ପଡ଼ି ରହିଛି।
ଗଣନ୍ତି ନାହିଁ କାର୍ଯ୍ୟ ବୋଲି ତାହାକୁ
ଆମ ଶାସନେ ସେଟା ହୁଏ ତୁଚ୍ଛାକୁ।"[୩୧]

ସଂସ୍କୃତି ଠାରୁ ତା'ର ଅନ୍ତର୍ଭୁକ୍ତ ସ୍ରଷ୍ଟା ଜନସାଧାରଣଙ୍କୁ, କବିତାଠାରୁ ତା'ର ସ୍ରଷ୍ଟା କବିଙ୍କୁ ବିଚ୍ଛିନ୍ନ କରିବା ଯେଭଳି ସମ୍ଭବ ନୁହେଁ, ଶିକ୍ଷାଠାରୁ ଶିକ୍ଷକକୁ ସେଇ ଭଳି ବିଚ୍ଛିନ୍ନ କରିବା ମଧ ସମ୍ଭବ ନୁହେଁ। ଶିକ୍ଷକ ମାନବ ସମାଜର ଅତୀତ ପ୍ରଜ୍ଞାର ଉତ୍ତରାଧିକାରୀ ଓ ଭବିଷ୍ୟତର ପଥନିର୍ଦ୍ଦେଶକ। ସମାଜର ଅନ୍ୟାନ୍ୟ ଗୋଷ୍ଠୀ ଏହି କାର୍ଯ୍ୟ କରିବାକୁ ଅକ୍ଷମ, ସେଇଥିପାଇଁ ସମାଜର ସର୍ବୋତ୍ତମ ଜ୍ଞାନମୟ ପୁରୁଷକୁ ଶିକ୍ଷକରୂପେ ନିର୍ବାଚିତ କରାଯିବା ବିଧେୟ। କିନ୍ତୁ ଏହି ତପସ୍ୟାକୁ ଜଣେ ବରଣ କରିବ କାହିଁକି? ସମାଜରେ ଯଦି ତା'ର ସ୍ଥାନ ସେହି ଅନୁସାରେ ନିର୍ଣ୍ଣିତ ନ ହୁଏ? ସେଇଥିପାଇଁ ଶ୍ରେଣୀ ବିଭକ୍ତ ସମାଜରେ ଶିକ୍ଷକର ସ୍ଥାନ କେଉଁଠି, ସେଥି ନେଇ ବାରମ୍ବାର ତର୍କ ଆସିଛି। ବାକ୍ୟତଃ ଶିକ୍ଷକର ଭୂମିକାକୁ ସମସ୍ତେ ସ୍ୱୀକାର କରୁଥିଲେ ବି, କାର୍ଯ୍ୟତଃ ଶିକ୍ଷକକୁ ସେହି ସମ୍ମାନ ଦେବା ପାଇଁ ସମସ୍ତେ ସତତଃ ପରାଙ୍‌ମୁଖ। ଅତୀତ ଭାରତରେ ବା ମଧ୍ୟ-ଯୁଗୀୟ ଇଉରୋପରେ ଶିକ୍ଷା ଏକ ନିର୍ଦ୍ଦିଷ୍ଟ ସଂକୀର୍ଣ୍ଣ ଗୋଷ୍ଠୀପାଇଁ ଅଭିପ୍ରେତ ଥିବାରୁ, ଶିକ୍ଷକକୁ ବ୍ରାହ୍ମଣର ତପସ୍ୟା ଭିତରେ ବା ମିଶନାରୀର ନିର୍ଲୋଭ ସାଧନା ଭିତରେ ଦେଖିବା ସମ୍ଭବ ହୋଇଥିଲା। ରେନେସାଁ ପରବର୍ତ୍ତୀ ଇଉରୋପ ଓ ଊନବିଂଶ ଶତାବ୍ଦୀ ପରବର୍ତ୍ତୀ ଭାରତରେ ଶିକ୍ଷକର ମର୍ଯ୍ୟାଦା ନେଇ ଓ ତା'ର ସ୍ୱାତନ୍ତ୍ର୍ୟ ନେଇ ବାରମ୍ବାର ପ୍ରଶ୍ନ ଆସିଛି। ମାନସିଂହ ସେ ସବୁ ପ୍ରଶ୍ନକୁ ମଧ ଏକ ଭାବମୟ ଦୃଷ୍ଟି ନେଇ ଆଲୋଚନା କରିଚନ୍ତି। ସେ ଶିକ୍ଷକକୁ ସର୍ବୋତ୍ତମ ସମ୍ମାନ ଦେବା କଥା କହିଲାବେଳେ, ଯେଉଁ ସମାଜ ଭିତରେ ଆମେ ବଞ୍ଚୁଛେ, ସେଇ ସମାଜ ଭିତରେ ଶିକ୍ଷକର ଯେ ସ୍ୱତନ୍ତ୍ର କିଛି ଭୂମିକା ନାହିଁ, ସେ ନିଯୁକ୍ତି ପ୍ରାପ୍ତ ଜଣେ ଶିକ୍ଷା-ବିକ୍ରେତା ମାତ୍ର, ସେ କଥା ସେ ବୁଝି ପାରି ନାହାନ୍ତି। ଶିକ୍ଷକର ଆଦର୍ଶ ରୂପେ ଯେଉଁ ଗୁଣକୁ ସେ ଅବତାରଣା କରିଛନ୍ତି, ସେ ଗୁଣ ଜଣେ ଆଦର୍ଶବୋଧରେ ଅନୁପ୍ରାଣିତ ନ ହେଲେ ବା ନିପୀଡ଼ିତ ନହେଲେ ଗ୍ରହଣ କରିବ ନାହିଁ। ଜୀବନରେ ସମସ୍ତେ ସୁଖ ସମୃଦ୍ଧି ଚାହାନ୍ତି—ଭଲରେ ବଂଚିବାକୁ ଚାହାଁନ୍ତି, ଯନ୍ତ୍ରଣା ପାଇବା ପାଇଁ କେହି ଇଚ୍ଛା କରନ୍ତି ନାହିଁ। ଶିକ୍ଷକର ଜୀବନ ଭାରତରେ ଏକ ଯନ୍ତ୍ରଣାକ୍ଲିଷ୍ଟ ଜୀବନ, ତାକୁ ଯୋର ଜବରଦସ୍ତ ଆଦର୍ଶ ଶିଖାଯାଏ। ପୂର୍ବରୁ, କ୍ଷମତା ଜଣେ ରଜା ବା ତା'ର ପରିବାର ଭିତରେ କେନ୍ଦ୍ରୀଭୂତ ଥିଲା। ବର୍ତ୍ତମାନ କାଳରେ ସେହି କ୍ଷମତା ବିଭିନ୍ନ ପ୍ରଶାସକ ଗୋଷ୍ଠୀ ହାତକୁ କ୍ରମଶଃ ଚାଲି

ଆସିଛି । ସେହି ପରିବର୍ତ୍ତନ ଫଳରେ ରାଜନୀତିଜ୍ଞ ପ୍ରକାଶକମାନଙ୍କ ଠାରୁ ଶିକ୍ଷକର ସାମାଜିକ ମର୍ଯ୍ୟାଦା ନ୍ୟୁନ ହୋଇଛି ଓ ହେବା ସ୍ୱାଭାବିକ ମଧ୍ୟ । ଶିକ୍ଷକ ଯେପର୍ଯ୍ୟନ୍ତ ନିଜର ପ୍ରାତସ୍ୱିକତାକୁ ଅନୁଭବ କରି ନ ପାରିବେ, ସୁବିଧାଭୋଗୀ ନ ହୋଇ ସୁବିଧାଭୋଗୀଗୋଷ୍ଠୀର ଅନ୍ତର୍ଭୁକ୍ତ ହେବାପାଇଁ ଆପ୍ରାଣ ଚେଷ୍ଟା କରୁଥିବେ ଓ ଗଣରାଜନୀତି ଯୁଗରେ କ୍ଷମତାର କୌଣସି ଅଂଶୀଦାର ହୋଇ ନ ପାରିବେ ସେ ପର୍ଯ୍ୟନ୍ତ ସେ ମାନସିଂହଙ୍କ ଭଳି ଆର୍ତ୍ତଚିତ୍କାର କରୁଥିବେ । ଶିକ୍ଷକତା ସଂପର୍କରେ ଲମ୍ବ ଲମ୍ବ ଭାଷଣ ଦେଲା ପରେ ବି ମାନସିଂହ ଶିକ୍ଷକ ହେବା ଅପେକ୍ଷା ଶିକ୍ଷା-ପ୍ରଶାସକ ହେବାକୁ ସେଥିପାଇଁ ବେଶି ଚେଷ୍ଟା କରୁଥିଲେ । ତାଙ୍କ ବ୍ୟକ୍ତିତ୍ୱର ଏ ଦ୍ୱୈତଧାରା ପ୍ରତି ତାଙ୍କ ସମସାମୟିକ ବଂଧୁମାନେ ପ୍ରଶଂସମାନ ନଥିଲେ । ବରଂ କବି ମାନସିଂହ ଶିକ୍ଷକତା କାଳରେ ଶିକ୍ଷକମାନଙ୍କଠାରୁ ଦୂରେଇ ରହୁଥିବାର ଅପବାଦ ରଚିତ ହୋଇଥିଲା ।

**ଶିକ୍ଷାୟତନ :**

ଶିକ୍ଷାଦାନ ନିମନ୍ତେ ପ୍ରଥମ ଆବଶ୍ୟକ ଶିକ୍ଷକ ଓ ପରବର୍ତ୍ତୀ ଆବଶ୍ୟକତା ହେଉଛି ଶିକ୍ଷାୟତନ । ପରିବେଶ ଶିକ୍ଷାର୍ଥୀ ମନରେ ଶିକ୍ଷା ଗ୍ରହଣ ନିମନ୍ତେ ଭୂମି ପ୍ରସ୍ତୁତ କରେ । ଏହି ଭୂମିର ଅଭାବରେ ଶିକ୍ଷାଦାନ ଓ ଗ୍ରହଣ ଅସଂପୂର୍ଣ୍ଣ ରହିଯାଏ । ମାନସିଂହଙ୍କ ପୂର୍ବରୁ ଏକ ରୋମାଣ୍ଟିକ ଭାବପ୍ରବାହ ସମଗ୍ର ଇଉରୋପ ଓ ଭାରତର ଚିତ୍ତକୁ ଅଧିକାର କରିଥିଲା । ପ୍ରକୃତି ଭିତରେ ମାନବର ମହତ୍ତ୍ୱର ସତ୍ତା ନିହିତ, ଏହିଭଳି ଏକ ବିଶ୍ୱାସ ରସ୍କିନଙ୍କଠାରୁ ଟଲଷ୍ଟୟଙ୍କ, ପର୍ଯ୍ୟନ୍ତ ଭାରତରେ ରବୀନ୍ଦ୍ରନାଥଙ୍କ ଠାରୁ ଗୋପବଂଧୁଙ୍କ ପର୍ଯ୍ୟନ୍ତ, ବହୁ ଚିନ୍ତାନାୟକଙ୍କ ମନକୁ ଅଧିକାର କରିଥିଲା । ମାନସିଂହ ତାଙ୍କର ବିଭିନ୍ନ ପୁସ୍ତକ ଓ ପ୍ରବନ୍ଧରେ ଶିକ୍ଷାୟତନର ସ୍ୱରୂପ, ବିଶିଷ୍ଟତା ଓ ତା'ର ଆଦର୍ଶ ସଂପର୍କରେ ନିଜର ମନ୍ତବ୍ୟ ପ୍ରକାଶ କରିଛନ୍ତି । ଶିକ୍ଷାୟତନ ସଂପର୍କରେ ମାନସିଂହଙ୍କ ଚିନ୍ତାଧାରାକୁ ଜାଣିବାକୁ ହେଲେ ପ୍ରଥମେ ତାଙ୍କ ଦ୍ୱାରା ଅନୁବାଦିତ 'ଗ୍ରାମୋନ୍ନତିର ରୋମାଞ୍ଚକର କାହାଣୀ' ପଢ଼ିବାକୁ ହେବ । ସଂଶିତ ପୁସ୍ତକର ଲେଖକ ଡବ୍ଲିଉ. ଏସ୍. ଡଟନ୍ ଜଣେ ଆମେରିକୀୟ ମହିଳା ମିସେସ୍ ଆଲିସ୍ ଲୟେଡ଼ଙ୍କ ଦ୍ୱାରା କାନେ କଲେଜ ପ୍ରତିଷ୍ଠା ଓ କଲେଜ ସନ୍ନିହିତ ଗ୍ରାମର ବିକାଶ କାହାଣୀ ଉପସ୍ଥାପନ କରିଛନ୍ତି । ଶିକ୍ଷାୟତନ ନିଜ ଭିତରେ ନିଜେ ସଂପୂର୍ଣ୍ଣ ହୁଏ ନାହିଁ, ଶିକ୍ଷକ ଓ ଶିକ୍ଷାର୍ଥୀ ପାରସ୍ପରିକ ଆନନ୍ଦ ପ୍ରଦାନ ମଧ୍ୟ ଦେଇ ପାରିପାର୍ଶ୍ୱିକ ଜୀବନକୁ ସୁନ୍ଦର ଓ ବିକାଶପ୍ରାପ୍ତ କରନ୍ତି, ସଂପୃକ୍ତ ପୁସ୍ତକରେ ଏହି କଥା ହିଁ ଉଲ୍ଲିଖିତ । ଏହି ପୁସ୍ତକରେ ମିସେସ୍ ଆଲିସ୍‌ଙ୍କ ସାଧନା ଦ୍ୱାରା କିପରି ଅନୁନ୍ନତି ଅଞ୍ଚଳରେ ଆଲୋକ ପ୍ରବେଶ କରିଛି ସେ ବିଷୟର ବର୍ଣ୍ଣନା ସହିତ ସେଠାକାର ଶିକ୍ଷା ବ୍ୟବସ୍ଥା ସଂପର୍କରେ ନାନା ମତ ଉଲ୍ଲେଖ କରିଛନ୍ତି । ତନ୍ମଧ୍ୟରୁ ଭାରତୀୟ ପରିବେଶରେ ସୁହାଇଲାଭଳି ଶିକ୍ଷାୟତନର ସଂସ୍କାର ସଂପର୍କରେ ମାନସିଂହ କେତେକ ମତ ଉପସ୍ଥାପନ କରିଯାଇଛି । ପ୍ରତ୍ୟେକ ଶିକ୍ଷାୟତନ ସେହି ଅଞ୍ଚଳର ପାରିପାର୍ଶ୍ୱିକ ପରିବେଶ ଓ ସଂସ୍କୃତିକୁ ଆଧାରକରି ଗଢ଼ାଯିବା ଉଚିତ୍, ଯାହାକୁ ସ୍ଥାନୀୟ ଅଧିବାସୀମାନେ ସେମାନଙ୍କର ସାଂସ୍କୃତିକ

ପ୍ରାଣକେନ୍ଦ୍ର ଭାବରେ ଗ୍ରହଣ କରିନେବେ। ତତ୍ ସଂଗେ ସଂଗେ "ଜିଲ୍ଲାର ସର୍ବୋଚ୍ଚ ଶିକ୍ଷାନୁଷ୍ଠାନର ମୁଖ୍ୟ-କର୍ତ୍ତା, ଜିଲ୍ଲାର ସମଗ୍ର ଶିକ୍ଷା ବ୍ୟବସ୍ଥାର ସର୍ବୋଚ୍ଚ ପରିଚାଳକ ହେବା ଉଚିତ। ଏହାର ଫଳ ଏଇ ହେବ ଯେ, ପ୍ରାଇମେରୀଠାରୁ କଲେଜ ଯାଏ ପିଲାଏ ଗୋଟିଏ ଲକ୍ଷ୍ୟ, ଗୋଟାଏ ଆଦର୍ଶ, ଗୋଟାଏ ପଦ୍ଧତିରେ ଗଢ଼ି ହୋଇ ଆସିବେ। 'କାନେ'ରେ ସେଇଆ ହୋଇଛି। ଆମ ଦେଶରେ କଲେଜ ଦୋଷ ଦେଉଛି ହାଇସ୍କୁଲକୁ, ହାଇସ୍କୁଲ ଦୋଷ ଦେଉଛି ପ୍ରାଇମେରୀକୁ। ପ୍ରାଇମେରୀ ବକିବାରେ ଲାଗିଛି ସରକାରଙ୍କୁ। କାହାର କାହା ସଙ୍ଗେ ପରିଚୟ ବା ସଂପର୍କ ନାହିଁ। ସମସ୍ତଙ୍କୁ ଏକାଠି କରି ଏକ ଲକ୍ଷ୍ୟ ବା ଏକ ଆଦର୍ଶରେ ଅନୁପ୍ରାଣିତ ଓ ପରିଚାଳିତ କରିବା ପାଇଁ କୌଣସି ଅନୁଷ୍ଠାନ ନାହିଁ। ସେଣେ ପୁଣି ପ୍ରତି ସ୍କୁଲ ବା କଲେଜ ନିଜ ନିଜର ପାରିପାର୍ଶ୍ୱିକ ସମାଜ ସହିତ ସଂପର୍କହୀନ।"[୩୨] ଡକ୍ଟର ମାନସିଂହ ଆଲିସ୍ ଲୟେଡ଼ଙ୍କ ସ୍କୁଲକୁ ଆଦର୍ଶ ଅନୁଷ୍ଠାନ ଭାବରେ ବର୍ଣ୍ଣନା କରି ତାହାର କେତେକ ବୈଶିଷ୍ଟ୍ୟ ସଂପର୍କରେ ଉଲ୍ଲେଖ କରିଛନ୍ତି।

ପ୍ରଥମତଃ ସେ ସ୍କୁଲ ସ୍ଥାନୀୟ ସମାଜ ଓ ଅଞ୍ଚଳ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ତଥା ସମସୂତ୍ରରେ ଗ୍ରଥିତ। ଆମ ସ୍କୁଲଗୁଡ଼ିକ ସାଧାରଣ ଜୀବନ ଯାପନ, ବେଶପୋଷାକ, ପାରିପାର୍ଶ୍ୱିକ ଅବସ୍ଥାଠାରୁ ଭିନ୍ନ। ଆମର ଶିକ୍ଷାୟତନ ପ୍ରାଥମିକଠାରୁ ଉଚ୍ଚତର ପର୍ଯ୍ୟନ୍ତ ସବୁଠାରେ ସମାଜ ସଂପର୍କ ଶୂନ୍ୟ।

ଦ୍ୱିତୀୟତଃ, କାନେ ସ୍କୁଲ ବା କଲେଜ ସାର୍ଟିଫିକେଟ ଯୋଗାଡ଼ ଲକ୍ଷ୍ୟରେ ବସାଯାଇ ନାହିଁ। ନିଜ ମାଟିକୁ ଶ୍ରୀସଂପନ୍ନ ଓ ସମୃଦ୍ଧ କରିବା ତା'ର ଲକ୍ଷ୍ୟ।

ତୃତୀୟ କଥା ହେଲା, ସେଠାରେ ଟଙ୍କାରେ ଫିସ୍ ନିଆଯାଏ ନାହିଁ। ଫିସ୍ ନିଆଯାଏ ବୁଦ୍ଧି, ବିଚକ୍ଷଣତା, ସ୍ୱଭାବ, ଚରିତ୍ର ପୁଣି ଶ୍ରମରେ। ଅସଲ ଫିସ୍ ହେଉଛି ମାନସିକ ଓ ଶାରୀରିକ ଶକ୍ତି।

ଚତୁର୍ଥତଃ, ବଞ୍ଚିବାର ସାରଲ୍ୟ ଓ ଶ୍ରମ-ସମ୍ମାନ। ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତେ ଶ୍ରମ କରିବେ ଓ ସମବସ୍ତ୍ର ହୋଇ ଚଳିବେ। ସ୍କୁଲର ନିର୍ଦ୍ଧାରିତ ବସ୍ତ୍ର ଛଡ଼ା ଅନ୍ୟବସ୍ତ୍ର ବ୍ୟବହାର କରିପାରିବେ ନାହିଁ।

ପଞ୍ଚମତଃ, ସ୍କୁଲ କଲେଜର ପାଠ୍ୟ ନିର୍ଘଣ୍ଟ ଶିକ୍ଷକମାନେ ପାରିପାର୍ଶ୍ୱିକ ଚାହିଦା ଅନୁସାରେ ନିଜେ ତିଆରି କରନ୍ତି। ତେଣୁ ଲୋକେ ଅନୁଷ୍ଠାନକୁ ନିଜରବୋଲି ଭାବନ୍ତି। ଆମ ଦେଶର ସ୍କୁଲରେ ଶିକ୍ଷକ, ସିଲାବସ୍, ପାଠ୍ୟବହି, ପରୀକ୍ଷା, ସବୁ ଉପରୁ ଲଦା ହେଉଛି, ତେଣୁ ସ୍କୁଲ ସବୁର ଚେର ମାଟିକୁ ପଶିପାରୁ ନାହିଁ।

ଡଃ ମାନସିଂହ ସ୍କୁଲ ଇନ୍‌ସ୍ପେକ୍ଟର ଓ ଗଙ୍ଗାଧର ମେହେର କଲେଜର ଅଧ୍ୟକ୍ଷ ଥିବା ସମୟରେ ହିଁ ମିସେସ୍ ଆଲିସ୍ ଲୟେଡ଼ଙ୍କ ସ୍କୁଲ ଢ଼ାଞ୍ଚାର ପ୍ରୟୋଗ କରିବାକୁ ଚେଷ୍ଟା କରିଥିଲେ। ତାଙ୍କର 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପୁସ୍ତକରେ ସେ ସଂପର୍କରେ ବିସ୍ତୃତ ବିବରଣୀ ରହିଛି।

ଡକ୍ଟର ମାୟାଧର ମାନସିଂହ ଆମଦେଶର ଶିକ୍ଷାୟତନର ସଂସ୍କାର ସଂପର୍କରେ ମତାମତ ପ୍ରଦାନ କରି କହନ୍ତି:

୧— ପ୍ରତ୍ୟେକ ଶିକ୍ଷାନୁଷ୍ଠାନ (ପ୍ରାଇମେରୀ, ହାଇସ୍କୁଲ ବା କଲେଜ) ଗୋଟିଏ ଗୋଟିଏ ଛୋଟ୍‌ବଡ଼ ନିର୍ଦ୍ଦିଷ୍ଟ ଅଞ୍ଚଳର ସାମୂହିକ ଜୀବନର କେନ୍ଦ୍ରରୂପେ ବିବେଚିତ ଓ ବ୍ୟବସ୍ଥିତ ହେବ। ପୁଣି ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ଯେତେ ପ୍ରକାର ଶିକ୍ଷାନୁଷ୍ଠାନ ସମସ୍ତଙ୍କର ସମନ୍ୱୟ କରି ସମସ୍ତ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ଗୋଟିଏ କେନ୍ଦ୍ରରୂପେ ଧରାଯାଇ ଗୋଟିଏ ଲକ୍ଷ୍ୟ ଓ ଗୋଟିଏ ଆଦର୍ଶରେ ସେଗୁଡ଼ିକୁ ଅନୁପ୍ରାଣିତ କରାଯିବ।

୨— ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ଯଥାସମ୍ଭବ ସ୍ୱାଧୀନ ଓ ସ୍ୱୟଂସମ୍ପୂର୍ଣ୍ଣ ଭାବରେ ଗଢ଼ିବାକୁ ଦିଆଯିବ। ଶିକ୍ଷକମାନେ ପୂର୍ଣ୍ଣ ସ୍ୱାଧୀନ ହେବେ। କେଉଁ ପାଠ୍ୟପୁସ୍ତକ ଗ୍ରହଣ କରିବେ ବା ନ କରିବେ, ନିଜ ସିଲାବସ୍ ନିଜେ ଗଢ଼ିବା ତଥା ଶିକ୍ଷାବିଭାଗର ସିଲାବସ୍‌ରେ ସ୍ଥାନୀୟ ପ୍ରୟୋଜନ ଅନୁଯାୟୀ ଅଦଳ ବଦଳ କରିବାରେ ସେମାନେ ପୂରା ସ୍ୱାଧୀନ ରହିବା ଉଚିତ।

୩— କୌଣସି ହେଲେ ଛାତ୍ର ବା ଛାତ୍ରୀଠାରୁ ବେତନ ନିଆଯିବ ନାହିଁ—ଶିକ୍ଷାର କୌଣସି ସ୍ତରରେ। ଶିକ୍ଷାନୁଷ୍ଠାନର ପ୍ରବେଶର ଏକମାତ୍ର ଫିସ୍ ହେବ ବୁଦ୍ଧି ଓ ଚରିତ୍ରର ଉତ୍କର୍ଷ। ପାଠର ମାନଦଣ୍ଡ ବରାବର ଉଚ୍ଚ ରହିବ, ଯେପରିକି ତାହା ଯେ କୌଣସି ସ୍ଥାନରେ ସମ୍ମାନ ପାଇବ।

୪— ଶିକ୍ଷାନୁଷ୍ଠାନ ମାନଙ୍କରେ ଦୈନନ୍ଦିନ ଜୀବନ ପରିଚାଳିତ ହେବ ଛାତ୍ରଛାତ୍ରୀଙ୍କ ଦୈହିକ ଶ୍ରମ ଉପରେ। ସଂଯମ ଓ ସାରଲ୍ୟ ବିଦ୍ୟାଳୟ ଜୀବନର ପ୍ରଧାନ ନୀତି ହେବ। ଧନୀ ଦରିଦ୍ର ସମସ୍ତେ ଏକ ଖାଦ୍ୟ ଖାଇବେ, ଏକ ବସନ ପିନ୍ଧିବେ ଓ ଏକ ଜୀବନଯାପନ କରିବେ।

୫— ଯେଉଁମାନେ ବୁଦ୍ଧି ବିଦ୍ୟା ଓ ଚରିତ୍ରରେ ଉତ୍କୃଷ୍ଟ ବିବେଚିତ ହେବେ, କର୍ତ୍ତୃପକ୍ଷ ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ। ପୁଣି ପ୍ରତି ଛାତ୍ର ବା ଛାତ୍ରୀଙ୍କଠାରୁ ପ୍ରତିଶ୍ରୁତି ନିଆଯିବ ଯେ, ସେମାନେ ନିଜ ମାଟିକୁ ଶ୍ରୀମନ୍ତ କରିବା ପାଇଁ ଯଥାଶକ୍ତି ଚେଷ୍ଟା କରିବେ।

ମାନସିଂହଙ୍କ ପ୍ରସ୍ତାବଗୁଡ଼ିକ ଏକ ଇଉଟୋପିଆ ଉପରେ ପ୍ରତିଷ୍ଠିତ। ଅତୀତରେ ଇଉରୋପୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଧନାଢ୍ୟ ବ୍ୟକ୍ତିମାନଙ୍କର ଦାନରେ ସମୃଦ୍ଧ ହୋଇ ରାଷ୍ଟ୍ର ଓ ଚର୍ଚ୍ଚ କବଳରୁ ମୁକ୍ତି ଲାଭ କରି ବିଦ୍ୟାର ସର୍ବୋଚ୍ଚ ଅନୁଷ୍ଠାନ ରୂପେ ଗଢ଼ି ଉଠିଥିଲା। ୧୮୫୭ ରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା କାଳରେ ବିଶ୍ୱବିଦ୍ୟାଳୟଗୁଡ଼ିକ ବାକ୍ୟତଃ ସ୍ୱୟଂଶାସିତ ଓ ସ୍ୱାଧୀନ ବୋଲି ଘୋଷଣା କରାଯାଇଥିଲା। ପ୍ରକୃତ ବିଦ୍ୟାଚର୍ଚ୍ଚା ପାଇଁ ସ୍ୱାଧୀନତା ଓ ଆତ୍ମସଂଯମ କାମ୍ୟ। ଆମର ବିଶ୍ୱବିଦ୍ୟାଳୟଗୁଡ଼ିକ କିନ୍ତୁ ସେହି ସଂଯମ ବା ଶୃଙ୍ଖଳା ଭିତରେ ରହିପାରି ନାହିଁ। ମୂଲ୍ୟବୋଧର ଅଧୋଗତି ଫଳରେ ଭାରତର ଉଚ୍ଚତମ ବିଦ୍ୟାୟତନଗୁଡ଼ିକ ଆଜି କ୍ଷୟରୋଗରେ ଆକ୍ରାନ୍ତ, ମାନସିଂହ ଏଥିପାଇଁ ଦୁଃଖ ପ୍ରକାଶ କରି ଲେଖିଛନ୍ତି:''ବିଶ୍ୱବିଦ୍ୟାଳୟ ହେଲା ଦେଶର ତରୁଣ ସମାଜକୁ

ଜ୍ଞାନଦୀପ୍ତ କରି ଗଢ଼ି ବାହାର ଜଗତକୁ ଛାଡ଼ି ଦେବାର ସାଧନା ପୀଠ। କେବଳ ଅଭିଶପ୍ତ ଭାରତବର୍ଷରେ ହିଁ କଲେଜ ବା ବିଶ୍ୱବିଦ୍ୟାଳୟକୁ ଯେ କୌଣସି ମତେ ଖଣ୍ଡିଏ ଖଣ୍ଡିଏ ଡ଼ିପ୍ଲୋମା ମାରି ନେବାର ଏକ ରକମ ସିଭିଲ ସପ୍ଲାଇ ଅଫିସ୍ ବୋଲି ଧରାଯାଏ।''୩୩ ଦୀର୍ଘ ଚାଳିଶ ବର୍ଷ ତଳେ ମାନସିଂହ ଯେଉଁ ଆଶଙ୍କା କରୁଥିଲେ, ବର୍ତ୍ତମାନ ସେ ଅନୁଷ୍ଠାନଗୁଡ଼ିକ ତଦପେକ୍ଷା ଆହୁରି ନିକୃଷ୍ଟ ରୂପ ଧାରଣ କଲାଣି।

## ପ୍ରଚଳିତ ଶିକ୍ଷାଧାରା ଓ ଶିକ୍ଷା ସଂସ୍କାର :

ଡକ୍ଟର ମାୟାଧର ମାନସିଂହ, ଶିକ୍ଷା ବିଭାଗର ବିଭିନ୍ନ ପଦପଦବୀରେ ରହିଥିବାରୁ ସମସାମୟିକ ଶିକ୍ଷା ବ୍ୟବସ୍ଥାର କେତେକ ତ୍ରୁଟି ଦେଖି ତାକୁ ସଂଶୋଧନ କରିବାର ପ୍ରସ୍ତାବ ଆଗତ କରିଥିଲେ। କାର୍ଯ୍ୟତଃ ତାହା କେବଳ ଫାଇଲ ମଧ୍ୟରେ ରହିବା ସାର ହୋଇଥିଲା, ତା'ର ବ୍ୟାବହାରିକ ମୂଲ୍ୟକୁ କେହି ଦୃଷ୍ଟିପାତ କରି ନଥିଲେ। ସ୍ୱାଧୀନତୋତ୍ତର ଭାରତବର୍ଷରେ ଶିକ୍ଷାସଂସ୍କାର ନାମରେ ଅନେକ କମିଶନ ବସିଲାଣି, ଶିକ୍ଷାସଂସ୍କାର କମିଶନରଙ୍କ ପ୍ରସ୍ତାବର ଅନେକ ପୂର୍ବରୁ ମାନସିଂହ ତାଙ୍କର ଶିକ୍ଷା ବିଭାଗର ବିଭିନ୍ନ ରିପୋର୍ଟରେ ଅନୁରୂପ ପ୍ରସ୍ତାବମାନ ଆଗତ କରିଥିଲେ, ମାତ୍ର ମାନସିଂହଙ୍କର ଚିନ୍ତା ଓ ଭାଗ୍ୟ ପରସ୍ପର ପ୍ରତିକୂଳ ଗତିରେ ଗମନ କରିବାରୁ ଓ ତାତ୍କାଳିକ ଜ୍ଞାନ ଅଭାବରୁ ମାନସିଂହ ତାଙ୍କର ମତାମତକୁ ଯଥାଯଥ ଭାବରେ ଉପସ୍ଥାପନ କରିପାରିନଥିଲେ। ତଥାପି ମାନସିଂହଙ୍କ ଚିନ୍ତନର ମୌଳିକତା ସେହି ପ୍ରସ୍ତାବ ଓ ପୁସ୍ତିକାଗୁଡ଼ିକ ମଧ୍ୟରେ ସ୍ପଷ୍ଟ। ଶିକ୍ଷାସଂସ୍କାର ସଂପର୍କରେ ଅନେକ ବିଶିଷ୍ଟ ପ୍ରବନ୍ଧ ସମେତ ତାଙ୍କର ନିମ୍ନ ପୁସ୍ତକଗୁଡ଼ିକ ମଧ୍ୟ ପ୍ରଣିଧାନ୍ୟ ଯୋଗ୍ୟ।

1. ସିଟିଜେନ୍ ଏଜୁକେଶନ (ଇଂରାଜୀ) (୧୯୪୨)
୨. ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ (୧୯୫୩)
୩. ଶିକ୍ଷାର କି' କ'ଣ, କାହିଁକି ? (୧୯୬୦)
୪. ଶିକ୍ଷାବିତ୍‌ର ଗାଥା (ଆତ୍ମଜୀବନୀ) (୧୯୬୫)
୫. ଡ୍ରିମ୍‌ସ ଇନ୍ ଏଜୁକେଶନ (ଇଂରାଜୀ) (୧୯୬୫)
୬. ସ୍ୱାଧୀନ ଭାରତର ଛାତ୍ର ସମସ୍ୟା ( ୧୯୬୭)
୭. କୋଠରୀ କମିଶନ ଓ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା (୧୯୬୭)

ତତ୍ ସଂଗେସଂଗେ ଗ୍ରାମୋନ୍ନତିର ରୋମାଞ୍ଚକର କାହାଣୀ (ଅନୁବାଦ) ପୁସ୍ତକଟି ଶିକ୍ଷା ବ୍ୟବସ୍ଥା ସଂପର୍କରେ ଏକ ଉଲ୍ଲେଖ ଯୋଗ୍ୟ ପୁସ୍ତକ। ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ସଂସ୍କାର ସଂପର୍କରେ ତାଙ୍କର ସର୍ବଶେଷ ଦୀର୍ଘ ପ୍ରବନ୍ଧ ମସିହା ଜୁଲାଇ ମାସରେ 'ନବରବି'ରେ ପ୍ରକାଶିତ ହୋଇଥିଲା। ମୃତ୍ୟୁର ଅବ୍ୟବହିତ ପୂର୍ବ ପର୍ଯ୍ୟନ୍ତ ସେ ଯେ ଶିକ୍ଷା ସଂପର୍କରେ ଗଭୀର ଭାବରେ ଚିନ୍ତା କରୁଥିଲେ, ଉକ୍ତ ପ୍ରବନ୍ଧଟି ତା'ର ଦୃଷ୍ଟାନ୍ତ। 'ସିଟିଜେନ୍ ଏଜୁକେଶନ' ପୁସ୍ତକରେ ଜାତୀୟ ଶିକ୍ଷାଧାରା ଓ ଶିକ୍ଷାନୀତି ସହିତ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ସଂପର୍କରେ ମତାମତ ଉପସ୍ଥାପିତ। ସଂଶିତ ପୁସ୍ତକରେ ଭାରତୀୟ ଶିକ୍ଷାଧାରାର ତ୍ରୁଟିକୁ

ସଦୃଷ୍ଟାନ୍ତ ବର୍ଣ୍ଣନା କରାଯାଇଛି। ସାଧାରଣ ଶିକ୍ଷା, ଇଂରାଜୀ ଶିକ୍ଷା, ନାରୀ ଶିକ୍ଷ ପ୍ରଭୃତି ଶିକ୍ଷାର ବିଭିନ୍ନ ଧାରା ଏଥିରେ ଆଲୋଚିତ। ଏହି ପୁସ୍ତକଟି ଶିକ୍ଷାବିତ୍ ମାନସିଂହଙ୍କ ଅପରିପକ୍ୱତାର ଫଳ, ସେଥିପାଇଁ ଏଥିରେ ଇତିହାସ ଯେତିକି ଅଛି, ମାନସିଂହଙ୍କ ନିଜସ୍ୱ ବକ୍ତବ୍ୟ ସେତିକି ନାହିଁ। ତଥାପି ତାଙ୍କର ଶିକ୍ଷା ସଂପର୍କୀୟ ଚିନ୍ତାଧାରାର ପ୍ରାଥମିକ ନକ୍ସା 'ସିଟିଜେନ୍ ଏଜୁକେଶନ' ପୁସ୍ତକ ଦେଇଥାଏ। ମାନସିଂହ ଇଷ୍ଟର୍ଣ୍ଣ ଷ୍ଟେଟ ଏଜେନ୍ସିର ଶିକ୍ଷା ପରାମର୍ଶଦାତା ଥିବା ସମୟରେ ସ୍ୱାଧୀନ ଭାବରେ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଚିନ୍ତା କରିବାକୁ ଲାଗିଥିଲେ ଓ ନିଜର ମତାମତକୁ ବିଭିନ୍ନ ଗଡ଼ଜାତ ସ୍କୁଲରେ ପ୍ରୟୋଗ କରାଇ ପାରିଥିଲେ। ମାତ୍ର ତାଙ୍କର ମନ୍ତବ୍ୟ ଓ ପ୍ରସ୍ତାବ ଗଡ଼ଜାତ ରାଜାମାନଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରିବାରୁ ସେମାନେ ଶିକ୍ଷା ପରାମର୍ଶଦାତା ପୋଷ୍ଟଟିକୁ ଉଠାଇଦେଲେ। ସେ ସମୟରେ ତାଙ୍କର କେତେକ ପରିବର୍ତ୍ତିତ ଚିନ୍ତାଧାରା ଶିକ୍ଷକ, ଛାତ୍ର ତଥା ଜନସାଧାରଣଙ୍କ ଯଥେଷ୍ଟ ଉପକାରରେ ଆସିଥିଲା।

ଆମର ଶିକ୍ଷାଧାରା, ଆମକୁ ଆମ ସାମାଜିକ ଜୀବନ, ପାରିପାର୍ଶ୍ୱିକ ପରିବେଶ ଓ ଏଇ ମାଟିର ଜନ ସାଧାରଣଙ୍କ ପାଖରୁ ଦୂରେଇ ନେଇଯାଉଛି। ବିଭିନ୍ନ ଦେଶର ଶିକ୍ଷାଧାରା ଓ ଶିକ୍ଷାଦାନ ପଦ୍ଧତିରୁ ମାନସିଂହ ଅନୁଭବ କରିଥିଲେ ଯେ, ଶିକ୍ଷା ବ୍ୟବସ୍ଥା ପାରିବାରିକ ସଂପର୍କ ଓ ଦେଶର ଚଳଣିଠାରୁ ଦୂରେଇଗଲେ ତାହା ଅଫଳପ୍ରସୂ ହୋଇଥାଏ। ତାଙ୍କର ବିଲାତ ରହଣି କାଳରେ ସେ ଯେଉଁ ଧାରଣା ଧରି ଆସିଥିଲେ, ମହାତ୍ମାଗାନ୍ଧୀଙ୍କର ସର୍ବୋଦୟ ଓ ନୟି ତାଲିମରୁ ସେହି ଧାରଣାର ସମର୍ଥନ ପାଇ ପାରିଲେ ନାହିଁ। ତା' ପରେ ଉଇଲିୟମ ଡଟନଙ୍କ ଲିଖିତ 'ଷ୍ଟେ ଅନ୍ ଷ୍ଟ୍ରେଞ୍ଜାର'ରେ ବର୍ଣ୍ଣିତ 'କାନେ' ଶିକ୍ଷାଧାରା ହିଁ ତାଙ୍କୁ ଅଧିକ ପ୍ରଭାବିତ କଲା। ମାନସିଂହଙ୍କ ଭାଷାରେ: 'ଯେଉଁଥିରୁ ଆମର ଶିଖିବାର କିଛି ନାହିଁ, ତାହାର ଆଲୋଚନା କରି ଲାଭ କ'ଣ? କେବଳ 'ସମାଜ' କାଗଜରେ ସ୍ତମ୍ଭ ପୂରଣ କରିବା ପାଇଁ ମୁଁ ମଧ୍ୟ ଉଇଲିୟମ୍ ଡଟନଙ୍କ ବହିର ପ୍ରଚାରରେ ମାତି ନଥାନ୍ତି। ଏ ବହିରେ ଯେଉଁ ଶିକ୍ଷାର ଯୋଜନା ଓ ପରୀକ୍ଷାର ବର୍ଣ୍ଣନା ଦେଖିବାକୁ ପାଇଲି, ତାହା ଏକାନ୍ତ ଭାବରେ ଆମ ଦେଶ ଓ ଆମ ସ୍କୁଲ କଲେଜ ପାଇଁ ମଧ୍ୟ ପ୍ରଯୁଜ୍ୟ ଓ ପ୍ରଯୋଜିତ ହେବା ଉଚିତ। ଆମର ଶିକ୍ଷାନୁଷ୍ଠାନମାନେ ଓ ଶିକ୍ଷା ବିଭାଗର ଏଥିରୁ ଅନେକ କଥା ଶିଖିବାର ଅଛି ବୋଲି ଗଭୀର ହୃଦ୍‌ବୋଧ ହେବାରୁ ହିଁ ମୁଁ ଦେଶ ଆଗରେ ତାହାର ପ୍ରଚାର କରୁଛି। ଜଣେ ଶିକ୍ଷାବିତ୍ ଭାବରେ ଏହା ମୋର କର୍ତ୍ତବ୍ୟ ବୋଲି ମନେ ହେଲା।"[୩୪]

ମାନସିଂହଙ୍କ ମତରେ ଜାତୀୟ ଶିକ୍ଷା ଯୋଜନା ସେହି ନୀତିରେ ହେବା ଉଚିତ୍, ଯାହାଦ୍ୱାରା ସେହି ଜାତିର ଯେଉଁ ନିଜସ୍ୱ ସଂସ୍କୃତି ଅଛି ତାହା ବଞ୍ଚି ରହିବ ଓ ନିଜ ଜାତୀୟ ଚରିତ୍ରରେ ଯାହା ଦୋଷାଦୋଷ ତଥା ଅଭାବ ରହିଥିବ ତାକୁ କାଢ଼ିନେଇ ସେ ସ୍ଥାନରେ ଉନ୍ନତ, ସଂଶୋଧିକ ଓ ପରିପୂରକ ଗୁଣାବଳୀର ଅଭ୍ୟାସ କରାଇବ। ଏଇ ଦୁଇ ପ୍ରଧାନ ଆବଶ୍ୟକତା ସଂଗେ ସଂଗେ ନିଜସ୍ୱ ମାଟିର ଗୌରବ ବର୍ଦ୍ଧନ ପାଇଁ ବାଲ୍ୟକାଳରୁ ଅଭ୍ୟାସ ରହିବା ଦରକାର। ତା ପରେ ଆମ ଦେଶର ଶିକ୍ଷା

ମୁଖ୍ୟତଃ ପୁସ୍ତକପ୍ରାଧାନ ଶିକ୍ଷାରେ ପରିଣତ ହୋଇ, ବାସ୍ତବତା ଠାରୁ ଦୂରେଇ ଯାଉଛି। ଫଳରେ କାର୍ଯ୍ୟ କ୍ଷେତ୍ରରେ ଆମ୍ଭେମାନେ କୌଣସି ଫଳପ୍ରଦ କର୍ମ ପାଇଁ ସମର୍ଥ ହୋଇପାରୁ ନାହୁଁ। ପ୍ରାଚୀନ ଉତ୍କଳ ତଥା ଭାରତବର୍ଷରେ ଶିକ୍ଷା ବୃତ୍ତିଭିତ୍ତିକ ଓ ପ୍ରୟୋଗାତ୍ମକ ଥିଲା। ଅକ୍ଷର ଶିକ୍ଷା ଶିକ୍ଷାର ବିଭିନ୍ନ ମାଧ୍ୟମ ମଧ୍ୟରୁ ଗୋଟିଏ ମାତ୍ର। ଜୀବନର ବାସ୍ତବ କ୍ଷେତ୍ରରେ ଅନେକ ବିଦ୍ୟା ଅଛି, ଯାହା ବିନା-ବହିରେ ସମ୍ଭବ ଓ ଦୈନନ୍ଦିନ ଜୀବନରେ ତାହାର ପ୍ରଭୂତ ଉପଯୋଗିତା ଅଛି। ବର୍ତ୍ତମାନର ଡିଗ୍ରୀ ଓ ସାର୍ଟିଫିକେଟ ପ୍ରଧାନ ଶିକ୍ଷା ଆମକୁ କେବଳ ସେହି ଉପାଧି ଅଭିମୁଖୀ କରାଉଛି। ମାନସିଂହ କହନ୍ତି: "ବିନା ବହିରେ କି ଚମତ୍କାର ଶିକ୍ଷା ମିଳିପାରେ। କୋଣାର୍କର ଶିଳ୍ପକଳା ପୃଥିବୀର ସବୁ ପ୍ରାନ୍ତରର ଦର୍ଶକକୁ ବିସ୍ମିତ କରୁଛି। କିନ୍ତୁ ଯେଉଁ ପଥୁରିଆମାନେ ତାକୁ ଗଢ଼ିଥିଲେ, କେତେଜଣ ସେଥିରୁ ପାଠ ପଢ଼ିଥିବେ? ଯଦି ଇଂଜିନିୟରିଂ ଓ ସ୍ଥାପତ୍ୟର ଏ ପ୍ରକାର ଉଚ୍ଚକୋଟି ଦକ୍ଷତା ନିରକ୍ଷର ଭିତରେ ଫୁଟିପାରେ, ତେବେ ଏବେ ଶିକ୍ଷା କହିଲେ ଗୁଡ଼ାଏ ବହି ମୁଖସ୍ଥ କରିବା ମାତ୍ର ବୁଝାଉଛି, ତାହା ଆମର ଚିନ୍ତା ଶକ୍ତିର ଘୋର ଦୈନ୍ୟ ହିଁ ସୂଚନା ଦେଉଛି। ଯେଉଁମାନେ କେବଳ ଡ଼ିଗ୍ରୀ ଓ ସାର୍ଟିଫିକେଟକୁ ମନୁଷ୍ୟର ପରିମାପକ ବୋଲି ଧରିଛନ୍ତି ସେମାନେ ବୋଧହୁଏ ଭୁଲିଯାଇଛନ୍ତି ଯେ, ପୃଥିବୀ ଇତିହାସରେ କେତେକ ଶ୍ରେଷ୍ଠ ବ୍ୟକ୍ତି ଆଦୌ ଅକ୍ଷର ଜାଣି ନଥିଲେ। ମହମ୍ମଦ, ରାମକୃଷ୍ଣ, ଶିବାଜୀ, ଆକବର ପ୍ରଭୃତି ଏକାବେଳକେ ନିରକ୍ଷର ଥିଲେ।"[୩୫]

ଖ୍ରୀ:୧୯୫୯-୬୦ ବେଳକୁ ଶିକ୍ଷା ବ୍ୟବସ୍ଥାର ସଂସ୍କାର ସଂପର୍କରେ ଡକ୍ଟର ମାନସିଂହ କେତେକ ପ୍ରସ୍ତାବ ଦେଇଥିଲେ। ସେ ପ୍ରସ୍ତାବରେ ଶିକ୍ଷା ବିଭାଗ ତଥା ଶିକ୍ଷାକୁ ଏକ ସ୍ୱୟଂଶାସିତ ସଂସ୍ଥା ଦ୍ୱାରା ପରିଚାଳିତ କରିବା, ଶିକ୍ଷକପ୍ରଧାନ ଶିକ୍ଷାବ୍ୟବସ୍ଥା ଚାଲୁ କରାଇବା, ସମସ୍ତ ଶିକ୍ଷାକୁ ସାଧାରଣ ଶିକ୍ଷା ଓ ଉଚ୍ଚଶିକ୍ଷା କ୍ରମରେ ରଖିବା, ସାର୍ଟିଫିକେଟ୍-ପ୍ରଧାନ ଶିକ୍ଷାବ୍ୟବସ୍ଥା ଠାରୁ ଦୂରେଇଯାଇ, ବୃତ୍ତିଭିତ୍ତିକ ଶିକ୍ଷାବ୍ୟବସ୍ଥା ପ୍ରବର୍ତ୍ତନ କରିବା, ସ୍ଥାନୀୟ ଚାହିଦାକୁ ଲକ୍ଷ୍ୟ ରଖି ରୁଟି ତାଲିକାକୁ ସଂଶୋଧନ କରିବା ହେଉଛି ପ୍ରମୁଖ। ନିମ୍ନରେ ମାନସିଂହଙ୍କ ପ୍ରସ୍ତାବଗୁଡ଼ିକୁ ଅବତାରଣା କରାଯାଉଛି:

୧– ଦେଶର ଶିକ୍ଷାବ୍ୟବସ୍ଥା ଉପରେ ଶାସକ ସରକାରଙ୍କର ପ୍ରତ୍ୟକ୍ଷ ପ୍ରଭୁତ୍ୱ ରହିବ ନାହିଁ। କେବଳ ଶିକ୍ଷାର ବିଶେଷଜ୍ଞ, ପଣ୍ଡିତ, ତ୍ୟାଗୀ, ଅଧ୍ୟାପକ ଓ ଶିକ୍ଷକଙ୍କ ମାର୍ଫତରେ ଶିକ୍ଷାକୁ ଛାଡ଼ି ଦିଆଯିବା ଉଚିତ୍।

୨– ପ୍ରାଇମେରୀ ଶିକ୍ଷାଠାରୁ କଲେଜ ଶିକ୍ଷାଯାଏ, ଶିକ୍ଷାୟତନର ସକଳ ସ୍ତରରେ ଘର ଆସବାବପତ୍ର ଅପେକ୍ଷା ଶିକ୍ଷକ ହିଁ ଶିକ୍ଷାନୁଷ୍ଠାନର ପ୍ରଥମତମ ପ୍ରଧାନତମ ଓ ଦୁର୍ଲଭତମ ଉପାଦାନ ବୋଲି ଧରାଯିବ ଓ ଉପଯୁକ୍ତ ଶିକ୍ଷକ ନିର୍ବାଚିତ ହେଲାପରେ ତାଙ୍କୁ ଉପଯୁକ୍ତ ସମାଦର କରାଯିବ।[୩୬]

୩– ଶିକ୍ଷାର ଏହି ନିମ୍ନ, ମଧ୍ୟ, ଉଚ୍ଚ ତ୍ରିବିଧ ସ୍ତର ଉଠାଇଦେଇ ଶିକ୍ଷାକୁ କେବଳ ଦୁଇ ପାଦରେ ବିଭକ୍ତ କରାଯାଉ। ପ୍ରଥମ ପାଦ ହେବ ସାଧାରଣ ଶିକ୍ଷା, ଯାହାକି ଦେଶର ପ୍ରତ୍ୟେକ ବାଳକ ବାଳିକା ୧୪/୧୫ ବର୍ଷଯାଏ ପାଇବେ। ସରକାର ସାଧାରଣ ଶିକ୍ଷାର ଅଭାବକୁ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିବେ।

୪— ସିଲାବସ୍‌କୁ ଯଥା ସମ୍ଭବ ଲଘୁ ଓ ସରଳ ରଖାଯିବ। ବର୍ତ୍ତମାନ ଅନେକ କିଛି ସିଲାବସ୍‌ରେ ଭର୍ତ୍ତି କରାଯାଇଅଛି, ଯାହା ମଣିଷର ଆପେ ଆପେ ଶିକ୍ଷ୍ୟ।

୫— ପ୍ରତ୍ୟେକ ବାଳକ ବାଳିକା, ବିଶେଷତଃ ଗ୍ରାମାଞ୍ଚଳରେ ପାଠ ପଢ଼ିବା ଭିତରେ ଯେପରି ପୈତୃକ ବ୍ୟବସାୟରୁ ବା ହାତ କାମରୁ ବିଚ୍ଛିନ୍ନ ନ ହୁଅନ୍ତି, ସେଥିପାଇଁ ଦୈନନ୍ଦିନ ସ୍କୁଲବେଳ ଓ ବାର୍ଷିକ ଛୁଟିର ସମୟ ବଦଳେଇବାକୁ ହେବ। ଏହି ବାର୍ଷିକ ଛୁଟି ତାଲିକା ସଂଶୋଧନ ସଂପର୍କରେ 'ଶିକ୍ଷାବିତ୍‌ର ଗାଥା'ରେ ମାନସିଂହ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି। ମାନସିଂହ ଲେଖିଛନ୍ତି: ''ଲେଖକର ଦୃଢ଼ମତ ଏହି ଯେ, ପ୍ରତ୍ୟେକ ସ୍କୁଲପିଲା ତା'ର ବାପାକୁ ତା'ର କୌଳିକ ବୃତ୍ତିରେ ସାହାଯ୍ୟ କରିବ। କେବଳ ସେହି ସୂତ୍ରରେ ହିଁ ଆମ ଦେଶର ଶିକ୍ଷିତ ଲୋକମାନଙ୍କର ଶାରୀରିକ ଶ୍ରମ ପ୍ରତି ଘୃଣା କଟିଯିବ। ବାପାଦାଦି ଆଣ୍ଠୁଏ ପଙ୍କରେ ଧାନ ରୋଉଥିବା ବେଳେ, ପୁଅ ପୁତୁରା ଯାଇ ଶୁଖିଲା ରୋଡ୍‌ରେ ପ୍ରାଇମେରୀ ସ୍କୁଲରେ ହାପ୍ ପ୍ୟାଣ୍ଟ୍ ପିନ୍ଧି ବ୍ୟାୟାମ ଶିଖିବେ ଓ ଗଳ୍ପକଥନ ଶୁଣିବେ, ଏହା ଏକାନ୍ତ ନିତ୍ୟାନ୍ତ ଅଯୌକ୍ତି ଓ ଅସ୍ୱାସ୍ଥ୍ୟକର ଶିକ୍ଷାବ୍ୟବସ୍ଥା। ଏହା କେବେହେଲେ ଜାତି ବା ବ୍ୟକ୍ତିର କଲ୍ୟାଣ ଜନକ ହୋଇ ନ ପାରେ। ସେଇଥିପାଇଁ ଏ ଲେଖକ ସ୍କୁଲମାନଙ୍କରେ ଛୁଟି ତାଲିକାକୁ ନୂଆକରି ଚଳାଇ ଗଡ଼ଜାତ ସ୍କୁଲମାନଙ୍କରେ ଚଳାଇଥିଲା। ମୋର ବିନୀତ ମତ ଏହି ଯେ, ଏ ପ୍ରକାର ପରିବର୍ତ୍ତିତ ଛୁଟି ବ୍ୟବସ୍ଥା ଏ ରାଜ୍ୟର ସର୍ବତ୍ର ପ୍ରଚଳିତ ହେବା ଉଚିତ୍। ଏଜୁକେଶନାଲ ଆଡ୍‌ଭାଇଜର ଥିବାବେଳେ ଶୁଣିଛି ଏହାଦ୍ୱାରା ଧାନ ରୋଇବା ବା କାଟିବାରେ ଅନେକ ଦରିଦ୍ର ଛାତ୍ର ବେଶ୍ ରୋଜଗାର କରିପାରୁଥିଲେ।''[୩୭]

୬— ଶିକ୍ଷା ସଂପର୍କରେ ମାନସିଂହଙ୍କ ଷଷ୍ଠ ପ୍ରସ୍ତାବ ହେଲା— ''ପାଠ ପଢ଼ାଅ, ଜ୍ଞାନାର୍ଜନ ପାଇଁ ସବୁ ସାହାଯ୍ୟ କର କିନ୍ତୁ ସାର୍ଟିଫିକେଟ୍ ଦିଅନାହିଁ। ସାର୍ଟିଫିକେଟ୍‌ର ବ୍ୟାଧି ହେଉଛି, ଚାକିରୀ ଅନ୍ୱେଷଣ ଓ ନିଜକୁ ଗାଁର ବା ସାଇ ପଡ଼ିଶାର ଅନ୍ୟ ପାଞ୍ଚ ଜଣଙ୍କଠୁ ଭିନ୍ନ ମନେ କରିବା। ସମଗ୍ର ଶିକ୍ଷା ବ୍ୟବସ୍ଥାକୁ କଳୁଷିତ କରିଛି ଏଇ ସାର୍ଟିଫିକେଟ୍।''[୩୮]

ଦେଶର ଦୁଇଧାରା ଶିକ୍ଷା ସଂପର୍କରେ ସେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି। ତାଙ୍କ ମତରେ ଏଇ ସାଧାରଣ ଶିକ୍ଷା ପରେ ଯିଏ ଯେଉଁ ବିଭାଗରେ ଯିବ, ସେ ସେହି ବିଭାଗର କଠିନ ପ୍ରବେଶିକା ପରୀକ୍ଷା ପାର ହେଲେ ସେହି ଡିପାର୍ଟମେଣ୍ଟରେ ଭର୍ତ୍ତି ହେବ। ପ୍ରତ୍ୟେକ ଡିପାର୍ଟମେଣ୍ଟ ନିଜ ନିଜର ଓ କର୍ମଚାରୀମାନଙ୍କୁ ଟ୍ରେନିଂ ଦେବାର ଦାୟିତ୍ୱ ନେବ।[୩୯] ତତ୍ ସଂଗେସଂଗେ କର୍ମକ୍ଷେତ୍ରରେ ନିଯୁକ୍ତି ପାଇଁ, ଉପଯୁକ୍ତ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଗ୍ରହଣ କଲେ, ସାର୍ଟିଫିକେଟର ଦୌରାତ୍ମ୍ୟ ରହିବ ଓ ପ୍ରାର୍ଥୀମାନେ ଯଥୋପଯୁକ୍ତ ଅଧ୍ୟୟନ ପ୍ରତି ମନ ଦେବେ। ବିଭିନ୍ନ ବିଭାଗରେ ସାର୍ଟିଫିକେଟ୍ ବଳରେ ଉଚ୍ଚପଦବୀ ନ ଦେଇ ଦକ୍ଷ ପୁରୁଖା ଲୋକମାନଙ୍କୁ ନିଯୁକ୍ତି ଦେବା ଦ୍ୱାରା ନୂତନ କର୍ମଚାରୀମାନେ ସଫଳକାମ ହୋଇ ପାରିବେ ବୋଲି ସେ ମନେ କରନ୍ତି। କୌଣସି

ଉଚ୍ଚତର ପଦବୀ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ବନ୍ଦ ହୋଇ ତଳୁ ଯେଉଁମାନେ କାମ କରିକରି ପୁରୁଖା ହେବେ, ସେମାନଙ୍କ ଭିତରୁ ଅଭିଜ୍ଞ ଲୋକ ବାଛି ଡିପାର୍ଟମେଣ୍ଟର ଘାଟି ଜାଗାମାନଙ୍କରେ ରଖିବା ଉଚିତ୍। ଏବେ ଜୀବନରେ ଗୋଟିଏ ହେଲେ ଚୋରୀ ଡକାୟତି ନ ଧରି ଲୋକେ ପୋଲିସ୍ ବିଭାଗର ବଡ଼ସାହେବ ଓ ଜୀବନରେ ଦିନେ ହେଲେ ଶିକ୍ଷକତା ନକରି ବା ଶିକ୍ଷକର କୌଣସି ଟ୍ରେନିଂ ନଥାଇ ମଧ୍ୟ ଶିକ୍ଷା ବିଭାଗର ବଡ଼ ହାକିମ ହେବାର ଦେଖାଯାଉଛି। ଯାହାର ଫଳରେ ଦେଶର ସମଗ୍ର ଶାସନ ଅକାମିକା ହୋଇପଡ଼ିଛି। ପ୍ରଧାନକାର୍ଯ୍ୟ ଧରାଯାଉଛି ଡିଗ୍ରୀ ଓ ସାର୍ଟିଫିକେଟ୍‌ର ଯୋଗାଣ। ଏ ଡିଗ୍ରୀ ଓ ସାର୍ଟିଫିକେଟ୍ ନ ଉଠିବା ଯାଏ, ଦେଶରେ ସୁ-ଶିକ୍ଷା ଅସମ୍ଭବ।[୪୦]

ସାଧାରଣ ଶିକ୍ଷା ପରେ ଉଚ୍ଚଶିକ୍ଷାର ବ୍ୟବସ୍ଥା ସଂପର୍କରେ ମାନସିଂହ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ବିଶେଷ ପ୍ରଣିଧାନଯୋଗ୍ୟ। କାରଣ ଶିକ୍ଷାବ୍ୟବସ୍ଥାର ସଂସ୍କାର ସଂପର୍କରେ ଶିକ୍ଷା-କମିଶନମାନେ ଯେଉଁ ପ୍ରସ୍ତାବ ଆଗତ କରୁଥିଲେ, ତାର ଯଥେଷ୍ଟ ଆଗରୁ ଶିକ୍ଷାବିତ୍ ମାନସିଂହ ସେହି ପ୍ରସ୍ତାବମାନ ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ସଂପର୍କରେ ମାନସିଂହ ଲେଖିଛନ୍ତି: "ମୋର ମତରେ ସାଧାରଣ ଶିକ୍ଷାପରେ 'ଉଚ୍ଚଶିକ୍ଷା' ନଦେଇ 'ବିଶେଷଜ୍ଞଶିକ୍ଷା' ଦେବା ଉଚିତ୍। ସେ ଶିକ୍ଷା କେବଳ ମୁଷ୍ଟିମେୟ ବୁଦ୍ଧିମାନ ଓ ଚରିତ୍ରବାନ୍ ପିଲାଙ୍କୁ ପ୍ରତିଭାବାନ ଓ ଚରିତ୍ରବାନ ତ୍ୟାଗୀ ଅଧ୍ୟାପକମାନଙ୍କ ତତ୍ତ୍ୱାବଧାନରେ ଦେବା ଉଚିତ୍।"[୪୧]

ବର୍ତ୍ତମାନ ଉଚ୍ଚଶିକ୍ଷା ନାମରେ ସମସ୍ତ ଛାତ୍ରଛାତ୍ରୀଙ୍କର କଲେଜରେ ଅବାଧ ପ୍ରବେଶ ଅଧିକାର ରହୁଛି। ପରିମାଣାତ୍ମକ ଭାବରେ ଛାତ୍ରଛାତ୍ରୀ ବଢ଼ିଲେ ମଧ୍ୟ ଉଚ୍ଚଶିକ୍ଷାର ଗୁଣାତ୍ମକ ମୂଲ୍ୟ ଅନେକ ହ୍ରାସପାଉଛି। ଫଳରେ ଉଚ୍ଚଶିକ୍ଷାର ଅସଲ ଉଦ୍ଦେଶ୍ୟ ପଣ୍ଡ ହୋଇଯାଉଛି। ମାନସିଂହ କହନ୍ତି: "କଲେଜ ଶିକ୍ଷାର ବଡ଼ କଥା ଖଣ୍ଡେ ପାଶ୍ ସାର୍ଟିଫିକେଟ୍ ନୁହେଁ, ଅସଲ ଜିନିଷ ହେଉଛି ସମବୟସ୍କ, ବୁଦ୍ଧିମାନ ଛାତ୍ରଛାତ୍ରୀଙ୍କ ସହ ମିଳାମିଶା ଓ ଉଚ୍ଚକୋଟିର ଅଧ୍ୟାପକଙ୍କ ସହ ସଂପର୍କ। ସତ୍ୟ ଖୋଜିବା ପାଇଁ, ଜ୍ଞାନ ଆହରଣ ପାଇଁ, ଉଚ୍ଚତର ଜୀବନର ସ୍ପର୍ଶ ପାଇଁ, ଯେଉଁମାନଙ୍କର ବ୍ୟାକୁଳତା ନାହିଁ, ସେପରି ଅଧ୍ୟାପକଙ୍କର କଲେଜରେ ସ୍ଥାନ ନ ରହିବା ଉଚିତ୍। ଛାତ୍ରଙ୍କ କଥା ଛାଡ଼ିଦିଅ, ଆଜିକାଲି ସ୍କୁଲ କଲେଜରେ ଯେ ଅଶ୍ଳୀଳତା ଏତେ ବଢ଼ିଛି, ତାର ଏକମାତ୍ର କାରଣ ହେଉଛି, ଯେଉଁମାନଙ୍କର ସେଠି ରହିବାର କଥା ନୁହେଁ, ସେମାନେ ସେଠି ପଶି ଯାଇଛନ୍ତି।[୪୨]

ଭାରତ ସ୍ୱାଧୀନତା ଲାଭ କଲାପରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ତ୍ରୁଟିକୁ ଅନୁଭବ କରି ଜାତୀୟ ସରକାର ବିଭିନ୍ନ ସମୟରେ ଶିକ୍ଷାବ୍ୟବସ୍ଥାର ସଂଶୋଧନ ପାଇଁ କମିଶନ ବସାଉଛନ୍ତି। ପ୍ରତ୍ୟେକ କମିଶନ ନିଜର ଦୃଷ୍ଟିକୋଣରୁ ନାନା ପ୍ରସ୍ତାବ ପ୍ରଦାନ କଲେ ମଧ୍ୟ, ଆଜି ଦେଶକୁ ସୁହାଇଲା ପରି କୌଣସି ଶିକ୍ଷାବ୍ୟବସ୍ଥାର ପ୍ରଚଳନ ସମ୍ଭବ ଏହା ଧାରଣା କରିହେଉ ନାହିଁ। ବାପୁଜୀଙ୍କ ନୟି ତାଲିମ୍ ଓ ଗ୍ରାମୋଦ୍ୟୋଗକୁ ଭିତ୍ତିକରି ବେସିକ୍ ଶିକ୍ଷାବ୍ୟବସ୍ଥା ପ୍ରତିଷ୍ଠା କରାଗଲା। ମାନସିଂହ ସେ ଶିକ୍ଷାବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ଫଳ ସ୍ୱରୂପ ସେ ଓଡ଼ିଶା ସରକାରଙ୍କ ବିଷଦୃଷ୍ଟିରେ ପଡ଼ିଥିଲେ। ଜଣେ

ଶିକ୍ଷାବିତ୍ ଭାବରେ ସେ ଯେଉଁ ଆଶଙ୍କା କରିଥିଲେ, ତାହା ପରବର୍ତ୍ତୀକାଳରେ ହିଁ ଘଟିଗଲା ମାତ୍ର ତା ପୂର୍ବରୁ ମାନସିଂହ ସରକାରଙ୍କର କୋପାନଳର ଶିକାର ହେଲେ। ମାନସିଂହ ବେସିକ୍ ଶିକ୍ଷାକୁ ଏକ ପ୍ରତାରଣାମୂଳକ ଶିକ୍ଷା ବୋଲି ନାମିତ କରିଥିଲେ। ତାଙ୍କ ଭାଷାରେ: "ଯାହା କେବଳ ପ୍ରତାରଣା ଉପରେ ପ୍ରତିଷ୍ଠିତ, ତାହା ଗୋଟିଏ ବିରାଟ ଜାତିକୁ କେତେଦୂର ଆଗେଇନେବ, କୁଆଡ଼େ ବା ନେବ?"[୪୩] ତାଙ୍କ ମତରେ—"ବେସିକ୍ ଏ ଦେଶରେ ଏକମାତ୍ର ସମାନ୍ତରାଳ ପଦ୍ଧତି ନୁହେଁ। ଟୋଲ, ଚାଟଶାଳୀ, ମଦ୍ରାସା, ଆଶ୍ରମ, ସେବାଶ୍ରମ, ବେସିକ, ନନ୍‌ବେସିକ, ପବ୍ଲିକ୍—ଏପରି ପ୍ରାୟ ଏକ ଡଜନ ସମାନ୍ତରାଳ ଓ ପରସ୍ପର ବିରୋଧି ପଦ୍ଧତି ଏ ଦେଶରେ ଆଜି ପ୍ରଚଳିତ। ପୃଥିବୀର କୌଣସି ଦେଶରେ ଏପରି ଏକାଧାରାରେ ମାରାତ୍ମକ ଓ ଉପହାସ୍ୟ ବ୍ୟବସ୍ଥା ନାହିଁ।"[୪୪] ମାନସିଂହ ବିଭିନ୍ନ ସମୟରେ ସରକାରଙ୍କର ପରୀକ୍ଷାମୂଳକ ଶିକ୍ଷାବ୍ୟବସ୍ଥାକୁ ବିରୋଧ କରିଥିଲେ ଓ ସେଥିପାଇଁ ସରକାରଙ୍କର ନାନା ପ୍ରତିକ୍ରିୟାକୁ ସହିବାକୁ ବାଧ୍ୟ ହୋଇଥିଲେ। ତଥାପି ଶିକ୍ଷାବିତ୍ ମାନସିଂହ ମନ୍ତବ୍ୟ ପ୍ରକାଶ କରିବାରେ କେବେ କୁଣ୍ଠିତ ହୋଇନାହାନ୍ତି।

ସ୍ୱାଧୀନ ଭାରତ ବର୍ଷରେ ଆମ୍ଭେମାନେ ଶ୍ରେଣୀହୀନ ସମାଜବ୍ୟବସ୍ଥା ପ୍ରଚଳନ କରିବାକୁ ଯାଉଛୁ କହି ପ୍ରଥମେ ଆମର ଶିକ୍ଷା ବ୍ୟବସ୍ଥାରେହିଁ ଏହାର ବିରୋଧ କରୁଛୁ। ଦେଶର କ୍ଷମତାସୀନ ଓ ଧନୀଙ୍କମାନଙ୍କ ପାଇଁ ବ୍ୟୟବହୁଳ ଶିକ୍ଷାର ବ୍ୟବସ୍ଥାଥିବାବେଳେ, ଅନ୍ୟ ସାଧାରଣଙ୍କ ପାଇଁ ଗୋଟିଏ ପ୍ରକାର ସ୍କୁଲ ସ୍ଥାପନକୁ ମାନସିଂହ ସମାଲୋଚନା କରି ଲେଖିଥିଲେ: ସମଗ୍ର ଜାତିର ପିଲାମାନଙ୍କ ପାଇଁ ଗୋଟିଏ ପ୍ରକାର ସ୍କୁଲ, ଆଉ ଡି.ପି.ଆଇ. ଓ ହାକିମମାନଙ୍କ ପିଲାଙ୍କ ପାଇଁ ଆଉ ଏକ ପ୍ରକାର ସ୍କୁଲ। ବେଶ୍ ଚମତ୍କାର ଆଦର୍ଶ। ଏଥିରେ ଶ୍ରେଣୀ ହୀନ ନ୍ୟାୟ ପ୍ରତିଷ୍ଠ ସମାଜ ଆପେ ଆପେ ଗଢ଼ିଉଠିବ।"[୪୫]

ବର୍ତ୍ତମାନର ଶିକ୍ଷାବ୍ୟବସ୍ଥା ସଂପର୍କରେ ମାନସିଂହଙ୍କ ସମାଲୋଚନା ଅତ୍ୟନ୍ତ କଠୋର। ଶିକ୍ଷାର ଶ୍ରେଣୀବିଭାଗ କେବଳ ନୁହେଁ, ଶିକ୍ଷାସଂସ୍କାର ଓ କର୍ମାଭିମୁଖୀ ଶିକ୍ଷା ତାଙ୍କର ତୀକ୍ଷ୍ଣ ବାକ୍ୟବାଣରୁ ନିଷ୍କୃତି ପାଇନାହିଁ। ଏହି ସମସ୍ତ ପାଇଁ ସରକାର ଯେ ସଂପୂର୍ଣ୍ଣ ଦାୟୀ, ଏଥିନେଇ ସେ ନିଶ୍ଚିତ। ତେଣୁ ଶିକ୍ଷାର ସଂସ୍କାର ପାଇଁ ହେଉଥିବା ନାନା ଉଦ୍ୟମକୁ ସରକାରଙ୍କର ସାଧାରଣ ଲୋକଙ୍କ ପ୍ରତି ଆଖିଠାର ବୋଲି ସେ କହିଛନ୍ତି। ଶିକ୍ଷାସଂସ୍କାର ନାମରେ ଭାରତରେ ଯାହା କରାଯାଉଛି, ତା ପଶ୍ଚାତରେ ଥିବା ଆଦର୍ଶ ଓ ନିର୍ଦ୍ଧାରି ଅଭାବରୁ ସେଗୁଡ଼ିକ ନୂଆ ବୋତଲରେ ପୁରୁଣା ମଦ ଭଳିହିଁ ଶୋଭା ପାଉଛି। ସେ ସମୟରେ ମାନସିଂହ ତତ୍କାଳୀନ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଯେଉଁ ସ୍ୱର ଉତ୍ତୋଳନ କରିଥିଲେ ବର୍ତ୍ତମାନ ମଧ୍ୟ ସେ କଥାର ଉପଯୋଗିତା ରହିଛି। ସେତେବେଳେ ମାନସିଂହ କହିଥିଲେ: "ମଲ୍‌ଟି ପର୍ପସ୍ ବା ହାୟାର ସେକେଣ୍ଡାରୀ ପ୍ରଭୃତି ନୂଆ ଲେବଲ୍ ମାରିଦେଲେ, ଶିକ୍ଷାର ବିପ୍ଳବ ଆସିଯିବନି। କି ବାର ବର୍ଷକୁ ୧୧+୧, ଚାରି ବର୍ଷକୁ ବା ୩+୧ କରିଦେଲେ ନୂଆ ଛାତି ଫୁଟି ଉଠିବନି। ଯଦି ପ୍ରକୃତ

ଆନ୍ତରିକତା ଥାଏ, ଯଦି ଜାତି ଗଠନର ପ୍ରକୃତ ଲକ୍ଷ୍ୟଥାଏ, ତେବେ ଧୂଆଁବାଣର ବ୍ୟବହାର ନକରି, ଋଷାନ୍‌ମାନେ ଯେପରି କରିଛନ୍ତି, ସେଇପରି କରିବାର ଚେଷ୍ଟା ହେଉ। ସାମାନ୍ୟ ଶିକ୍ଷାବିତ୍ ଭାବରେ ଏହାହିଁ ଲେଖକର ବିନୀତ ନିବେଦନ।''[୪୬]

ଜଣେ ଶିକ୍ଷାବିତ୍ ଭାବରେ ମାନସିଂହଙ୍କ ଶିକ୍ଷା ସଂପର୍କୀୟ ଦୂରଦୃଷ୍ଟି ପ୍ରଶଂସନୀୟ। ସାଧାରଣ ଡିଗ୍ରୀଧାରୀମାନଙ୍କର କର୍ମ ସଂସ୍ଥାନ ନହେଲେ, ଦେଶ ସଂକଟର ସମ୍ମୁଖୀନ ହେବା ସ୍ୱାଭାବିକ। ଶିକ୍ଷିତ ବେକାରମାନେ, ସବୁ ଆନ୍ଦୋଳନର ପୁରୋଭାଗରେ ହିଁ ଦେଖାଦେଇଥାନ୍ତି। ଭାରତରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଶିକ୍ଷିତ ବେକାର ତିଆରିର ଏକ କାରଖାନା। ଏହି ସମସ୍ୟାର ସମାଧାନ ପାଇଁ, ଆମର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷାକୁ ବହୁମୁଖୀ ଓ ଆବଶ୍ୟକତା ଭିତ୍ତିକ କରିବା ଉଚିତ୍। ମାନସିଂହ ପୂର୍ବଗଡ଼ଜାତର ଶିକ୍ଷା ପରାମର୍ଶଦାତା ଥିବା ସମୟରେ 'ହିନ୍ଦୋଳ ରିପୋର୍ଟ'ରେ ଲେଖିଥିଲେ: ''ପ୍ରତ୍ୟେକଟି ରାଜ୍ୟ କେବଳ ସେଇ ଏକ ଧରଣର କିତାପୀ ହାଇସ୍କୁଲର ସଂଖ୍ୟା ନ ବଢ଼ାଇ ଯଦି ପରସ୍ପରର ସହଯୋଗରେ ସମଗ୍ର ଗଡ଼ଜାତ ଅଞ୍ଚଳର ପ୍ରୟୋଜନ ଅନୁଯାୟୀ ଗୁଡ଼ିଏ ଟେକ୍‌ନିକାଲ ଅନୁଷ୍ଠାନ ବସାଇ ଯାଆନ୍ତେ, ତେବେ କେତେ ଅଧିକ ମଙ୍ଗଳ ଦାୟକ ଯୋଜନା ତାହା ନ ହୁଅନ୍ତା; ସବୁଠାରେ ସେହି ଏକ ପ୍ରକାର କିତାପୀ ହାଇସ୍କୁଲ ନ ବସାଇ କାହିଁକି, ସବୁ ଦରବାରଙ୍କର ଆଂଶିକ ସହାୟତାରେ, ହିନ୍ଦୋଳରେ ଏକ କେନ୍ଦ୍ରୀୟ କୃଷି ବିଦ୍ୟାଳୟ, ବଉଦରେ ଏକ କେନ୍ଦ୍ରୀୟ ପଲିଟେକ୍‌ନିକାଲ ସ୍କୁଲ, ତାଳଚେରରେ ଏକ କେନ୍ଦ୍ରୀୟ ମେଡ଼ିକାଲ ସ୍କୁଲ, ଗାଙ୍ଗପୁରରେ ଏକ କେନ୍ଦ୍ରୀୟ ପଶୁଚିକିତ୍ସା ବିଦ୍ୟାଳୟ ଏବଂ ଢେଙ୍କାନାଳରେ ଏକ କେନ୍ଦ୍ରୀୟ ଶିକ୍ଷକ ଟ୍ରେନିଂସ୍କୁଲ, ବସାଯାଇ ନ ପାରନ୍ତା? ମୋର ବିଶ୍ୱାସ, ଗଡ଼ଜାତ ରାଜ୍ୟଗୁଡ଼ିକ ବିରାଟ ପରିବର୍ତ୍ତନ ରାଜିର ଦ୍ୱାରଦେଶ ନିକଟରେ ଆଜି ଦଣ୍ଡାୟମାନ। ସମଗ୍ର ବିଶ୍ୱ ଏକ କେନ୍ଦ୍ରୀୟ-ଶାସନ ଆଡ଼କୁ ଯାଉଛି।''[୪୭] ପ୍ରାକ୍ ସ୍ୱାଧୀନତା କାଳରେ ମାନସିଂହ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଯେଉଁ ପରାମର୍ଶ ଦେଇଥିଲେ, ସ୍ୱାଧୀନତାର ପରେ ମଧ୍ୟ ଆମ୍ଭେମାନେ ସେହି ଅନୁପାତରେ ଆଗେଇଥିଲାପରି ମନେହୁଏ ନାହିଁ। ଏବେମଧ୍ୟ ସରକାର ଶାସନକଳ ଓ ପ୍ରଶାସକମାନଙ୍କର ଖେୟାଲଖୁସି ଅନୁସାରେ ଶିକ୍ଷା ବିଭାଗ ଉପରେ ନାନା ପ୍ରକାର ଅସ୍ତ୍ରୋପଚାର କରିବାରେ ବ୍ୟସ୍ତ। ଖ୍ରୀ:1960 ମସିହାରେ ମାନସିଂହ, ଦେଶରେ ପ୍ରଚଳିତ ଏକାଧିକ ସମାନ୍ତରାଳ ଶିକ୍ଷା ବ୍ୟବସ୍ଥାକୁ ଆକ୍ଷେପ କରି ପରାମର୍ଶ ଦେଇଥିଲେ ଯେ,–''ଲେଖକର ଦୃଢ଼ମତ ଏହି ଯେ, ଦେଶରେ ଏକାଧିକ ସମାନ୍ତରାଳ ଶିକ୍ଷାପଦ୍ଧତିକୁ ବଞ୍ଚେଇ ରଖିବା ଅନୁଚିତ ଯେପରି, ସେହିପରି ଅନାବଶ୍ୟକ, ଯାହା ଆନ୍ତର୍ଜାତିକ ଓ ବିଶ୍ୱବ୍ୟାପୀ, ଆମେ ସେହି ନକ୍‌ସା ଗ୍ରହଣ ନକରି ବାରଆଡ଼ର ପରୀକ୍ଷା କରିବାକୁ ଯିବା କେବଳ ବୁଦ୍ଧିଭ୍ରଂଶର ଚିହ୍ନ, ପ୍ରଗତିର ଚିହ୍ନ ନୁହେଁ। ଏକ ପଦ୍ଧତି ଭିତରେ ଆମେ ସକଳ ପଦ୍ଧତିର ଉତ୍ତମାଂଶ ମିଶାଇ, ଆମ ଦେଶର ଚାହିଦା ଅନୁଯାୟୀ ଆମେ କାହିଁକି ଏକ ବଳିଷ୍ଠ ସମ୍ମାନନୀୟ ଶିକ୍ଷା ବ୍ୟବସ୍ଥା ଏ ଦେଶରେ ଠିଆ କରାଇ ନ ପାରିବା। ତାହାର କୌଣସି କାରଣ ନାହିଁ।''[୪୮]

ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସହ ପ୍ରଚଳିତ ମୂଲ୍ୟାୟନ ବା ପରୀକ୍ଷା ପଦ୍ଧତି ସଂପୃକ୍ତ। ମୂଲ୍ୟାୟନ ତଥା ପରୀକ୍ଷା ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ଉତ୍ତୀର୍ଣ୍ଣର ଛାତ୍ରୀ ଛାତ୍ରଙ୍କର ବିଦ୍ୱତ୍ତାର ମାପକାଠି ହୋଇଥିବାରୁ ଓ ଏଇ ପ୍ରଶଂସାପତ୍ରଗୁଡ଼ିକ ଶିକ୍ଷାଦାନସହ ସଂପୃକ୍ତ ନଥିବା ବୋର୍ଡ଼ ତଥା ବିଶ୍ୱବିଦ୍ୟାଳୟର ବ୍ୟୁରୋକ୍ରାଟମାନଙ୍କ ଦ୍ୱାରା ବିତରିତ ହେଉଥିବାରୁ ମୂଲ୍ୟାୟନର ପଦ୍ଧତିଟି ଯାନ୍ତ୍ରିକ ହୋଇଉଠିଛି। ଛାତ୍ର, ଶିକ୍ଷକ, ପ୍ରଶ୍ନକର୍ତ୍ତା ଓ ପରୀକ୍ଷକ ଏମାନଙ୍କ ଭିତରେ ସହଯୋଗ ଓ ବୁଝାମଣା ନାହିଁ। ଯାହାର ଫଳହୋଇଛି ଭୟଙ୍କର ଦୁର୍ନୀତି। ବ୍ୟୁରୋକ୍ରାସୀ ସହିତ ସଂପୃକ୍ତ ହୋଇଥିବାରୁ ଶିକ୍ଷାବିଭାଗର ସର୍ବାଧିକ ଦୁର୍ନୀତି ଏହି ପରୀକ୍ଷା ସଂକ୍ରାନ୍ତରେ ହିଁ ପରିଦୃଷ୍ଟ। ଛାତ୍ର ଶିକ୍ଷକ ଆଲୋକ ଦ୍ୱାରା ଆକର୍ଷିତ ହେଉଥିବା କୀଟଭଳି ଏ ଦୁର୍ନୀତିଯଜ୍ଞରେ ବଳିପଡ଼ନ୍ତି। ମାନସିଂହ ନିଜସ୍ୱ ଦୃଷ୍ଟିକୋଣରୁ ଏହି ପରୀକ୍ଷା ପଦ୍ଧତିର ଦୋଷଗୁଣ ନିର୍ଣ୍ଣୟ କରିଛନ୍ତି। ପ୍ରଚଳିତ ମୂଲ୍ୟାୟନ ପଦ୍ଧତିର କଠୋର ନିନ୍ଦା କରି ସେ ଲେଖିଛନ୍ତି: "ଗୋଟିଏ ପିଲା ବାରବର୍ଷକାଳ ଆମ.ସ୍କୁଲମାନଙ୍କରେ ଓ ଆମ ଶିକ୍ଷକମାନଙ୍କର ତତ୍ତ୍ୱାବଧାନରେ ପଢ଼ିଲା ପରେ ଯଦି ଶେଷରେ ଶହେରୁ ମାତ୍ର ତିରିଶଟି ମାର୍କ ରଖି ପାଶ୍ କରିବ, ତେବେ ଇଏତ ଚମତ୍କାର ଆଦର୍ଶ। ଦେଶ ଓ ଜାତି ଆଗରେ ଓ ଆମ ଶିକ୍ଷାବ୍ୟବସ୍ଥାର ଗୌରବ ତିଳକ ବୋଲି ଯାକୁ ଧରିବାକୁ ହେବ। ...ଯଦି ପିଲାକୁ ପାଶ୍ କରେଇବା କେବଳ ଲକ୍ଷ୍ୟ ହୁଏ ଓ ଆମେ ମନେକରୁ ଯେ ତାହାହିଁ 'ଉଚ୍ଚଶିକ୍ଷା'ର ପ୍ରସାର ବା ଶୈକ୍ଷିକ ବିପ୍ଳବ, ତେବେ ପରୀକ୍ଷାପରି ଗୋଟିଏ ଆୟାସସାଧ୍ୟ ଆୟୋଜନ ବା ଆଉ କାହିଁକି? ଶହେରୁ ତିରିଶି ମାର୍କରଖି ପାଶ୍ ଦେବା ଯେଉଁ ପରୀକ୍ଷାର ଲକ୍ଷ୍ୟ, ତାହା ଏକ ଅନୁକଂପନୀୟ ଫାର୍ଶ ଛଡ଼ା ଆଉ କିଛି ହୋଇ ନ ପାରେ।"[୪୯]

ସେ ସମୟରେ ଶିକ୍ଷାସଂସ୍କାର ସଂପର୍କରେ ମାନସିଂହ ଯେଉଁ କେତୋଟି ପ୍ରସ୍ତାବ ଦେଇଥିଲେ, ତାହାର ଉପଯୋଗିତା ଏବେମଧ ଥିବାରୁ ସେ ପ୍ରସ୍ତାବ ଗୁଡ଼ିକୁ ମଧ୍ୟରୁ କେତେଗୋଟିକୁ ନିମ୍ନରେ ଉଲ୍ଲେଖ କରାଗଲା—

୧— ପ୍ରଥମ ଓ ପ୍ରଧାନ ଶୈକ୍ଷିକ ବିପ୍ଳବ ବା ସଂସ୍କାର ହେଲା: ସମଗ୍ର ଜାତିପାଇଁ କେବଳ ଗୋଟିଏ ମାତ୍ର ଶିକ୍ଷାପଦ୍ଧତିର ପ୍ରଚଳନ। ହାକିମଙ୍କ ପୁଅ ଗୋଟାଏ ରୀତିରେ, ପୁଣି ଆଦିବାସୀଙ୍କ ପିଲେ ଆଉ ଗୋଟିଏ ରୀତିରେ ପାଠ ପଢ଼ନ୍ତେ, ଏହା କୌଣସି ସଭ୍ୟ ଜାତି ପକ୍ଷରେ ସୁନ୍ଦର ନୁହେଁ। ଏହାପୁଣି ଏକପକ୍ଷରେ ଭୀଷଣ ଅପବ୍ୟୟଶୀଳ ଓ ଅନ୍ୟପକ୍ଷରେ ଏକ ମହାଜାତିର ଗଠନରେ ସାହାଯ୍ୟ କରିବା ପରିବର୍ତ୍ତେ ଚିରକାଳ ଏହା ଜାତିକି ଖଣ୍ଡ ଖଣ୍ଡ କରି ରଖିବ।[୫୦]

୨— ବିଦେଶୀ ଅମଳର ସରକାରୀ ବେସରକାରୀ ବୋଲି ଦୁଇଟି ବିପରୀତାତ୍ମକ ଯେଉଁଭାବ ଦେଶରେ ଥିଲା, ଅନ୍ତତଃ ଶିକ୍ଷା କ୍ଷେତ୍ରରୁ ତାହାର ମୂଳୋତ୍ପାଟନ ଏକାନ୍ତ କାମ୍ୟ। ଆମକୁ ଇଂଲଣ୍ଡ ଓ ଆମେରିକା ପରି ..."ସବୁ ଶିକ୍ଷାନୁଷ୍ଠାନକୁ ଲୋକଙ୍କ ହାତରେ ଛାଡ଼ି ଦେବାକୁ ହେବ, ଯାହାକି ଡିମୋକ୍ରସୀ ବା ଗଣତନ୍ତ୍ରଭାବର ଅଭିବର୍ଦ୍ଧନ ପାଇଁ ଏକାନ୍ତ ଦରକାର। ନଚେତ୍ କମ୍ୟୁନିଷ୍ଟ ଶାସିତ ଦେଶପରି ସବୁ ଶିକ୍ଷାନୁଷ୍ଠାନଗୁଡ଼ିକ

ଏକାନ୍ତରେ ସରକାରୀ କରିବାକୁ ହେବ। ଏହା କିନ୍ତୁ ପଥ ତିଆରି କରିଦେବ ଭବିଷ୍ୟତରେ ଏକଛତ୍ର ବାଦପାଇଁ।''[୫୧]

୩-''ଯଦି ଶିକ୍ଷାର ପ୍ରକୃତ ବିକାଶ ଆମେ ଚାହୁଁ, ତେବେ ଆମର ଶିକ୍ଷକଙ୍କୁ ତା'ସ୍କୁଲ ରୂପକ ଛୋଟ ରାଜ୍ୟରେ ପୂରା ସ୍ୱାଧୀନତା ଦେବାକୁ ହେବ। ଡି.ପି.ଆଇ. ଓ ଇନ୍‌ସ୍‌ପେକ୍ଟର କେବଳ ରହିବେ ତାକୁ ଅର୍ଥ ଓ ପରାମର୍ଶ ସାହାଯ୍ୟ ଦେବାକୁ, ଡରେଇବାକୁ ନୁହେଁ।''[୫୨]

୪- ''ପ୍ରତ୍ୟେକ ଦେଶର ଶିକ୍ଷା ବ୍ୟବସ୍ଥା ଏକାନ୍ତରେ ହେବ ମଧ୍ୟ ଜାତୀୟ ବ୍ୟବସ୍ଥା। ଏହାର ଦୁଇଟିଦିଗ। ଗୋଟିଏ ହେଉଛି, ଏକ ଜାତିର ସଂସ୍କୃତିର ଯାହା ଉତ୍କୃଷ୍ଟାଂଶ ତାହାକୁ ବଞ୍ଚେଇ ରଖିବାର ଦାୟିତ୍ୱ ଏକାନ୍ତରେ ସେ ଦେଶର ସ୍କୁଲଗୁଡ଼ିକର। ଭାରତର ବିଶିଷ୍ଟ ସଂସ୍କୃତି ସମଗ୍ର ବିଶ୍ୱର ନମସ୍ୟ। କିନ୍ତୁ କାହିଁ ତାହା ଆମର ସ୍କୁଲ କଲେଜରେ? କାହିଁ ଗୁରୁ ଶିଷ୍ୟର ସେଇ ଗୌରବାବହ ସଂପର୍କ, ଯାହା ସାରା ବିଶ୍ୱରେ ଆଲୋଚନାର ବସ୍ତୁ ହୋଇଛି? କାହିଁ ବିଦ୍ୟାପ୍ରତି ସେହି ପରମ ଅନୁରାଗ? ଆମର ପାଞ୍ଚହଜାର ବର୍ଷର ସଭ୍ୟତାରେ କେଉଁଠିଥିଲା, ବିଦ୍ୟା କହିଲେ ଠକାଠକି ଖଣ୍ଡେ ସାର୍ଟିଫିକେଟ୍ କାଗଜ ପାଇବାର ପ୍ରଚେଷ୍ଟା? ବିଦ୍ୟାନୁଷ୍ଠାନମାନଙ୍କରେ କାହିଁ ଅଛି ସେଇ ସରଳ ଜୀବନ ଓ ଉଚ୍ଚଚିନ୍ତା?''

ଜାତୀୟ ଶିକ୍ଷାପଦ୍ଧତିର ଆଉ ଏକ ଦିଗ ହେଲା ଆମ ଜାତିର ସଂସ୍କୃତିର ଯାହା ଦୋଷ ବା ଅଭାବ ରହିଯାଇଛି, ଆମର ସ୍କୁଲ ଜରିଆରେ ଆଗାମୀ ପୁରୁଷମାନଙ୍କଠାରେ ଯେପରି ସେ ସବୁ ଦେଖା ନ ଯାଏ, ତାର ବ୍ୟବସ୍ଥା।[୫୩]

୫- ସମଗ୍ର ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକମୁଖୀ କରି ଗୋଟିଏ ମହାନ୍ ଆଦର୍ଶରେ ଗଢ଼ିବା ପାଇଁ, ଦେଶରେ ଏକାନ୍ତ ଆବଶ୍ୟକ ସର୍ବଶ୍ରେଣୀର ଶିକ୍ଷାବିତ୍ ଓ ଚିନ୍ତାଶୀଳ ଲୋକଙ୍କର ଏକ ମିଳନ ସଂସ୍ଥା, ଯେଉଁଠାରେ ସମସ୍ୟାଗୁଡ଼ିକ ନିର୍ଭିକ ଓ ନିରପେକ୍ଷ ଭାବରେ ବିଚାର ହୋଇପାରିବ ଓ କର୍ତ୍ତୃପକ୍ଷ ଯାହାର ବିଚାରକୁ ସମ୍ମାନ ଦେବେ।''[୫୪]

ସାମାନ୍ୟ କାରଣ ପାଇଁ ଲାଞ୍ଚନେବା ବା ଅନ୍ୟର ଦ୍ୱାରସ୍ଥ ହେବା ଭାରତର ଏକ ପ୍ରାଚୀନ ପରଂପରା। ଇଂରେଜମାନଙ୍କ ଅମଳରେ ଅନ୍ତତଃ ଶିକ୍ଷା ବ୍ୟବସ୍ଥାରେ ଏ ପରଂପରାର ପରିବର୍ତ୍ତନ ଘଟିଥିଲା। ଭାରତ ସ୍ୱାଧୀନତା ପାଇଲା ପରେ, ଉତ୍କୋଚ ତଥା ସାମାନ୍ୟ ସୁବିଧା ହାସଲ କରିବା ପାଇଁ ଅନ୍ୟର ଦ୍ୱାରସ୍ଥ ହେବା ବା ଚାପ ପ୍ରୟୋଗ କରିବା ନୂତନ ଭାବରେ ଜାତୀୟ ସଂସ୍କୃତିରେ ପରିଣତି ହୋଇଛି। ପରୀକ୍ଷା ପରେ, ପରୀକ୍ଷକମାନେ କେବଳ ଏହି ଚାପର ଶରବ୍ୟ ହେଉନାହାନ୍ତି, କ୍ଲାସ୍ ବା ଡିଗ୍ରୀ ବାଣ୍ଟିବାରେ ତଥାକଥିତ ଶିକ୍ଷାବିତ୍‌ମାନେ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମାନସିଂହ ଏହି ବିଭତ୍ସ ପ୍ରକ୍ରିୟା ବିରୁଦ୍ଧରେ ବିଷୋଦ୍‌ଗାର କରି ଲେଖିଛନ୍ତି: ''ବ୍ରିଟିଶ୍ ରାଜତ୍ୱରେ ଯେଉଁମାନେ ବଢ଼ିଥିଲେ, ସେମାନେ ଏ ବିଭତ୍ସତା କଳ୍ପନା କରିପାରିବେ ନାହିଁ। ଇଂଲଣ୍ଡର ନୀଚତମ ନାଗରିକ ମଧ୍ୟ ପରୀକ୍ଷା ଉପରେ 'ଧରାଧରି' କଳ୍ପନା କରି ପାରିବେ ନାହିଁ ଏବଂ କୌଣସି ଦେଶରେ ଏହା ହୋଇପାରେ ବୋଲି ମଧ୍ୟ ବିଶ୍ୱାସ ଯିବେନି। ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ପି.ଏଚ୍.ଡ଼ି ଓ ଫାଷ୍ଟକ୍ଲାସ୍

ସୃଷ୍ଟି କରିବାରେ ବିଭିନ୍ନ ଡିପାର୍ଟମେଣ୍ଟର ପ୍ରଫେସରମାନଙ୍କର ଏବେ ପ୍ରତିଯୋଗିତା ଚାଲିଛି ବୋଲି କୁହାଯାଉଛି।"[୪୫]

ପରୀକ୍ଷାପଦ୍ଧତି ପରେ ମାନସିଂହଙ୍କ ସମାଲୋଚନାର ଶରବ୍ୟ ହୋଇଛି, ସିଲାବସ୍ ଓ ପାଠ୍ୟପୁସ୍ତକ ନିର୍ବାଚନ। ସ୍ୱାଧୀନ ଭାରତରେ, ଶିକ୍ଷକ ଓ ଛାତ୍ର ଉଭୟଙ୍କ ଉପରେ ଶିକ୍ଷାବିଭାଗର ହାକିମମାନଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମ ଚାପି ଦିଆଯାଇଥାଏ। ପାଠ୍ୟପୁସ୍ତକ ରଚନା, ନିର୍ବାଚନ ତଥା ପ୍ରସାର ଉପରେ ଶିକ୍ଷକ, ଜନସାଧାରଣଙ୍କର କୌଣସି ନିୟନ୍ତ୍ରଣ ନଥାଏ। ଶିକ୍ଷା ହାକିମମାନଙ୍କର ତାହା ଏକଚାଟିଆ ଅଧିକାର। ପାଠ୍ୟପୁସ୍ତକ ନିୟନ୍ତ୍ରଣ ଔପନିବେଶିକ ଶିକ୍ଷାନୀତିର ଫଳ। ମାନସିଂହ ଏ ସଂପର୍କରେ ଦୃଷ୍ଟି ଆକର୍ଷଣ କରି କହନ୍ତି: "ସାମ୍ରାଜ୍ୟ ଶାସକ ଭାବରେ ତାଙ୍କର (ଇଂରେଜମାନଙ୍କର) ନିତାନ୍ତ ଆବଶ୍ୟକ ଥିଲା ପାଠ୍ୟପୁସ୍ତକ ନିୟନ୍ତ୍ରଣ କରିବା। କାରଣ ଗୋଟିଏ ଜାତିର ଶିକ୍ଷକମାନେ ପାଠ୍ୟପୁସ୍ତକ ଜରିଆରେ ସେ ଜାତିର ନୂତନ ବଂଶଧରମାନଙ୍କୁ କ'ଣ ନ ଶିଖେଇ ପାରନ୍ତି ଓ କିପରି ଗଢ଼ି ନ ପାରନ୍ତି? ନିୟନ୍ତ୍ରିତ ନ ହେଲେ ପରାଧୀନ ଜାତିର ଶିକ୍ଷକମାନେ ଟେକ୍ସଟ୍‌ବୁକ୍‌ଦେଇ ପ୍ରତି ସ୍କୁଲରେ ବିଦ୍ରୋହୀ ଓ ବିପ୍ଳବୀ ଗଢ଼ିଚାଲିବେ, ଅକ୍ଳେଶରେ। ଚତୁର କମ୍ୟୁନିଷ୍ଟମାନେ ଏଇଥିପାଇଁ ଯେଉଁଠି ଶାସନ କ୍ଷମତାକୁ ଆସିଛନ୍ତି, ପ୍ରଥମେ ତାଙ୍କର ପ୍ରଥମ କାମ ହେଉଛି ଟେକ୍ସଟ୍‌ବୁକ୍-କଣ୍ଟ୍ରୋଲ, ଠିକ୍ ନିଜ ଆଦର୍ଶରେ ନୂତନ ବଂଶଧରଙ୍କୁ ଗଢ଼ିନେବାପାଇଁ, ସମସ୍ତ ପାଠ୍ୟପୁସ୍ତକର କଠୋର ନିୟନ୍ତ୍ରଣ। ଇଂରେଜ ଭାରତରେ ପାଠ୍ୟପୁସ୍ତକ ଯାକ ଡି.ପି.ଆଇ.ର ନିୟନ୍ତ୍ରଣରେ ସେଇଥିପାଇଁ ରଖିଥିଲେ, ଯାହାକି ତାଙ୍କ ଇଂଲଣ୍ଡରେ ଘଟିଥିଲେ ସେଠି ସାଂଗେ ସାଂଗେ ବିପ୍ଳବ ହେବା ନିଶ୍ଚିତ।"[୪୬] ପରାଧୀନ ଭାରତରେ ପାଠ୍ୟପୁସ୍ତକର ନିୟନ୍ତ୍ରଣ ହୋଇଥିଲା, ଇଂରେଜମାନଙ୍କର ସ୍ୱାର୍ଥପାଇଁ ଓ ତଥାକଥିତ ସ୍ୱାଧୀନ ଭାରତରେ ଶିକ୍ଷା ନିୟନ୍ତ୍ରିତ ହୋଇଛି କ୍ଷମତାସୀନ ରାଜନୀତିଜ୍ଞ, ବ୍ୟୁରୋକ୍ରାଟମାନଙ୍କ ସ୍ୱାର୍ଥପାଇଁ।

ମାନସିଂହ ନିଜେ ଜଣେ ସାହିତ୍ୟସ୍ରଷ୍ଟା ଓ ଇଂରାଜୀ ସାହିତ୍ୟର ଜଣେ ବିଦଗ୍ଧ ପାଠକ। ଇଂରାଜୀ ଓ ଓଡ଼ିଆରେ ଅଧ୍ୟାପକତ୍ୱ କରିବା ସମୟରେ ସେ ପ୍ରୀତିକର ଓ ଅପ୍ରୀତିକର ଉଭୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ, ତେଣୁ ସାହିତ୍ୟର ଅଧ୍ୟୟନ ଅଧ୍ୟାପନା ସଂପର୍କରେ ସେ କରିଥିବା ଆଲୋଚନା ବ୍ୟକ୍ତିଗତ ରୁଚି ଓ ଅସୂୟାଦ୍ୱାରା ଆକ୍ରାନ୍ତ। ଭାଷା ଓ ସାହିତ୍ୟର ଶିକ୍ଷାଦାନ ସଂପର୍କରେ ସେ କରିଥିବା ଦୀର୍ଘ ଆଲୋଚନା ତାଙ୍କ ଚିନ୍ତା ଅପେକ୍ଷା, ବ୍ୟକ୍ତିଗତ ରୁଚିକୁ ବେଶୀ ପ୍ରତିଫଳିତ କରେ।

ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଓ ବିଧି ସଂପର୍କରେ ଜୀବନସାରା ସ୍ୱର ଉତ୍ତୋଳନ କରି ଆସିଥିବା ଡକ୍ଟର ମାୟାଧର ମାନସିଂହ ଜୀବନର ଶେଷ ପର୍ଯ୍ୟାୟ ଆଡ଼କୁ ନିଜର ମତାମତ ପରିବର୍ତ୍ତନ କରିଥିବାର ଦେଖାଯାଏ। 'ପ୍ରଚଳିତ ଶିକ୍ଷା ବ୍ୟବସ୍ଥା କି ସତ୍ୟରେ ତ୍ରୁଟିପୂର୍ଣ୍ଣ' ଶୀର୍ଷକ ଏକ ଦୀର୍ଘ ପ୍ରବନ୍ଧରେ ସେ ଦେଖାଇଛନ୍ତି ଯେ, ଶିକ୍ଷା ବ୍ୟବସ୍ଥା ନୁହେଁ, ତାର ପ୍ରୟୋଗ ହିଁ ଭାରତୀୟ ଶିକ୍ଷାଧାରାର ଅଧୋଗତି ପାଇଁ ଦାୟୀ। ସଂପୃକ୍ତ ପ୍ରବନ୍ଧରେ ସେ ଦେଇଥିବା ମତାମତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେଗୁଡ଼ିକର ଅବତାରଣା କରାଯାଉଛି। ସେ କୁହନ୍ତି: "ଭାରତର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ 'ତ୍ରୁଟିପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ'

ବୋଲି, ବେଳ-ଅବେଳ, ସ୍ଥାନ-ଅସ୍ଥାନ, ସର୍ବତ୍ର ଓ ସର୍ବଦା ଚିତ୍କାରକରି ନିନ୍ଦା କରିବା, ଏବେ ଏ ଦେଶରେ ଏକ ଧରାବନ୍ଧା ଗତ ହୋଇଗଲା ପରି ଲାଗୁଛି। ପୂର୍ବେ ଖଦଡ଼ ପରିଧ୍ୟାୟୀ, ରାଜନୈତିକ ମାନେତ ଏ ବ୍ୟବସ୍ଥାକୁ ଶୋଷକ ଇଂରେଜମାନଙ୍କର ଅପକୀର୍ତ୍ତି ରୂପେ, ଇତିହାସର ସମସ୍ତ ସତ୍ୟକୁ ପଦଦଳିତ କରି, ଏପରି ସବୁ ବର୍ଣ୍ଣନାକରି ଜନତାଠୁଁ ଶସ୍ତା ବାହାବା ପାଉଥିଲେ। କିନ୍ତୁ ଲେଖକ ଘୋର ପରିତାପର ସହିତ ଲକ୍ଷ୍ୟ କରୁଛି ଯେ, ଏବେ ଶିକ୍ଷାବିଭାଗୀୟ ତଥାକଥିତ କେତେକ ଶିକ୍ଷାବିତ୍ ମଧ୍ୟ ସେହି ଗଡ୍ଡ଼ଲିକା ପ୍ରବାହରେ ଯୋଗ ଦେଲେଣି। ଏମାନେ ମଧ୍ୟ ପ୍ରକାଶ୍ୟରେ କହୁଛନ୍ତି ଯେ ଏ ଶିକ୍ଷା ବ୍ୟବସ୍ଥା 'ତ୍ରୁଟିପୂର୍ଣ୍ଣ'। ଯଦି ଏହା ଏପରି 'ତ୍ରୁଟିପୂର୍ଣ୍ଣ', ତେବେ କେଉଁ ପ୍ରତିଭା ବଳରେ ତମେ ନିଜେ ଏ ପଦ-ପଦବୀକୁ ଆସିପାରିଛ, ସେ ପ୍ରଶ୍ନ ନିଜକୁ ପଚାରୁନା କାହିଁକି ?''[୫୭]

ପ୍ରଚଳିତ ଶିକ୍ଷାବ୍ୟବସ୍ଥା ସଂପର୍କରେ ମାନସିଂହ କହନ୍ତି :

୧– ପ୍ରଚଳିତ ଶିକ୍ଷାବ୍ୟବସ୍ଥାରେ ଆଧୁନିକ ଭାରତର ବିଶିଷ୍ଟ ମନୀଷୀମାନେ ଶିକ୍ଷିତ ହୋଇ ଭାରତର ପ୍ରାକ୍-ସ୍ୱାଧୀନତା ଓ ସ୍ୱାଧୀନତା ପରବର୍ତ୍ତୀ କାଳରେ ନାନା ଉନ୍ନତି ସାଧନ କରିପାରିଛନ୍ତି।

୨– ଏହି ଶିକ୍ଷା ଅଭାବରୁ ପଠାଣି ସାଆନ୍ତଙ୍କ ପରି ଜ୍ଞାନତରୁ ମଉଳିଗଲା। ତାଙ୍କର ଉପଯୁକ୍ତ ବିକାଶ ହୋଇ ପାରିଲା ନାହିଁ।

୩– ଭାରତୀୟ ଉପମହାଦେଶରେ, ଏହିଶିକ୍ଷା ଆଣିଦେଇଛି ସାତହଜାର ବର୍ଷପରେ ପ୍ରଥମକରି ଜାତୀୟଚେତନା, ଏକତା ଓ ସଂହତି।

୪– ଏହା ଆମ ସ୍ୱାଧୀନତାର ମୂଳଭିତ୍ତି।

୫– ଏହି ଶିକ୍ଷା ଦେଇଛି, ରମଣ, ବୋଷ, ତିଳକ, ଗୋଖଲେ, ଲାଲାଜୀ, ଚିତ୍ତରଂଜନ, ମାଲବ୍ୟଜୀ, ମୋତିଲାଲ୍, ଗାନ୍ଧୀ, ଜବାହାର ଓ ଏହି ବ୍ୟବସ୍ଥା ଆଣି ଦେଇଛି ଭାରତୀୟ ଭାଷାମାନଙ୍କରେ ରେନେସାଁ।

ମାନସିଂହ ମନ୍ତବ୍ୟ ପ୍ରଦାନ କରିଛନ୍ତି ଯେ, ଆମ୍ଭେମାନେ ଏହି ଶିକ୍ଷାବ୍ୟବସ୍ଥାକୁ 'ତ୍ରୁଟିପୂର୍ଣ୍ଣ' ବୋଲି ହଟାଇବା ପାଇଁ ଧ୍ୱନି ଦେଉଥିଲେ ମଧ୍ୟ ଏହି ବ୍ୟବସ୍ଥାର ବିକଳ୍ପ ବ୍ୟବସ୍ଥା ଦେଇପାରିନାହୁଁ। ପ୍ରଚଳିତ ଶିକ୍ଷାବ୍ୟବସ୍ଥା ବିରୋଧରେ ସାଧାରଣତଃ ତିନିଗୋଟି ଅଭିଯୋଗ ଆସିଥାଏ। ସେଗୁଡ଼ିକ ହେଲା–

(କ)–ସାମ୍ରାଜ୍ୟବାଦୀ ବିଦେଶ ଇଂରେଜ-ଶାସକମାନେ ଆମକୁ ଏକ କିରାଣୀର ଜାତିରୂପେ। ଗଢ଼ିବାପାଇଁ, ଏ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତିତ କରିଯାଇଥିଲେ। ତେଣୁ ସ୍ୱାଧୀନଭାରତ ତାକୁ ଫିଙ୍ଗି ନିଜର ଶିକ୍ଷାବ୍ୟବସ୍ଥା ପ୍ରବର୍ତ୍ତନ କରିବା ଉଚିତ୍।

(ଖ)–କଲେଜ ସ୍ତରରେ ଇଂରାଜୀ ମାଧ୍ୟମକୁ ଚାଲୁରଖିବା ଅସହ୍ୟ ବ୍ୟାପାର। ଆଞ୍ଚଳିକ ଭାଷାମାନଙ୍କୁ ମାଧ୍ୟମ କରି ନୂତନ ବ୍ୟବସ୍ଥା ହେଉ।

(ଗ)–ଏ ଶିକ୍ଷା ବ୍ୟବସ୍ଥା ଦେଶରେ ଗୁରୁତର ଶିକ୍ଷିତ ବେକାର ସମସ୍ୟା ସୃଷ୍ଟି କରୁଛି।

ଉପରୋକ୍ତ ଅଭିଯୋଗଗୁଡ଼ିକର ଉତ୍ତର ଦେବାକୁ ଯାଇ ମାନସିଂହ ଲେଖିଛନ୍ତି—

(କ) ଏ ଶିକ୍ଷା ବ୍ୟବସ୍ଥାକୁ ଇଂରେଜମାନେ ଆଦୌ ଭାରତୀୟମାନଙ୍କ ଉପରେ ଲଦି ଦେଇ ନ ଥିଲେ। ରାଜା ରାମମୋହନରାୟ ଓ ତାଙ୍କ ସମସାମୟିକମାନେ ନିଜ ନିଜ ଚେଷ୍ଟାରେ ହିଁ ଇଂଲିଶ୍-ଶିକ୍ଷା ପ୍ରଚଳନ ପାଇଁ ଚେଷ୍ଟା କରିଥିଲେ। ଇଷ୍ଟଇଣ୍ଡିଆ କଂପାନୀ-ସରକାର ନିଃସଂଦେହ ଭାବରେ ଇଣ୍ଡିଆନମାନଙ୍କୁ ଇଂରାଜୀ ଶିଖାଇବା ବିରୁଦ୍ଧରେ ଥିଲେ। ମାନସିଂହଙ୍କ ଭାଷାରେ—"ତେଣୁ ବିଦେଶୀ ଇଂରାଜୀ ଶାସକେ ଏହି ଶିକ୍ଷା ବ୍ୟବସ୍ଥାକୁ ଆମ ଉପରେ ଜବରଦସ୍ତ ଲଦି ଦେଇ ଯାଇଛନ୍ତି ବୋଲି କହିବାକୁ ଯିବା, ସତରେ ଏକ ଐତିହାସିକ ସତ୍ୟର ଅକାରଣ ହତ୍ୟା ଛଡ଼ା ଆଉକିଛି ନୋହିପାରେ।"[୫୮] ପୁନଶ୍ଚ ମାନସିଂହ କହନ୍ତି, ଇଂରେଜମାନଙ୍କର ଆମକୁ ଏକ କିରାଣୀର ଜାତି କରି ଗଢ଼ିବାର ଉଦ୍ଦେଶ୍ୟ ଯଦି ଥିଲା, 'ତେବେ ଗୋଖ୍‌ଲେ ମାଲବ୍ୟ, ମୋତିଲାଲ୍, ଚିତ୍ତରଂଜନ, ଅରବିନ୍ଦ, ସୁଭାଷ, ଲଜ୍‌ପତ୍, ତିଳକ ଓ ରମଣ-ଜଗଦୀଶ ଆଦି ବିରାଟ ଧୂରଂଧର ସବୁ କିପରି ବାହାରିଲେ ଏହି ଶିକ୍ଷା ପଦ୍ଧତିରୁ' ?[୫୯]

(ଖ) ଦ୍ୱିତୀୟ ଅଭିଯୋଗର ଉତ୍ତରରେ ମାନସିଂହ କହନ୍ତି— କଲେଜ ସ୍ତରରେ ଇଂରାଜୀକୁ ତଡ଼ି ଆଞ୍ଚଳିକ ଭାଷା ମାଧ୍ୟମ ଭାବରେ ପ୍ରଚଳନ କରିବା ଆଦୌ ଶୁଭଙ୍କର ନୁହେଁ। ପ୍ରାଚ୍ୟ ଭାଷାବିତ୍ ରାଜା ରାମମୋହନ ସେତେବେଳେ କହିଥିଲେ—'ଭାରତ ଯଦି ସପ୍ତଦଶ ଶତାବ୍ଦୀର ଘୋର ଅଜ୍ଞାନ -ଅନ୍ଧକାର ଭିତରେ ବୁଡ଼ିରହିବାକୁ ଚାହେଁ, ତେବେହିଁ ସେ ସଂସ୍କୃତ ବା ଆରବୀ ଗ୍ରହଣ କରୁ। କିନ୍ତୁ ଭାରତ ଯଦି ସଭ୍ୟ ଓ ଅଗ୍ରଗାମୀ ହେବାକୁ ଚାହେଁ, ତେବେ ଗ୍ରହଣ କରୁ ଇଂରାଜୀ ଭାଷା ଓ ଇଉରୋପୀୟ ଜ୍ଞାନ ବିଜ୍ଞାନ'।[୬୦] ତେଣୁ 'ଶୈକ୍ଷିକ, ବୌଦ୍ଧିକ, ସାଂସ୍କୃତିକ, ସବୁ ଦିଗରୁ ଆଲୋଚନା କଲେ ଇଂରାଜୀ ତାଡ଼ନ ଏକ ଚରମ ଆତ୍ମଘାତି ଯୋଜନା ବୋଲି ମନେ କରିବାକୁ ହେବ। ଏ ଅତ୍ୟାଚାର ପୁନର୍ବାର ଏ ଦେଶକୁ ଅଜ୍ଞାନ-ଅନ୍ଧକାରରେ ବୁଡ଼ାଇମାରିବ।'[୬୧] ଏ ସଂପର୍କରେ ଡକ୍ଟର ମାନସିଂହଙ୍କ ମନ୍ତବ୍ୟ ସ୍ପଷ୍ଟ ତଥା ନିରପେକ୍ଷ ଥିବା ପରି ମନେ ହୁଏନାହିଁ। କାରଣ, ରାଜା ରାମମୋହନ, ରାଧାକାନ୍ତ ଦେବ ତଥା ମ୍ୟାକ୍‌ଲେ ଓ ଡେରେଜିଓଙ୍କ ଭଳି ଯେଉଁମାନେ ଉଦାରପନ୍ଥୀ ଶିକ୍ଷା ଭାରତରେ ପ୍ରଚଳନ କଲେ, ସେମାନେ ସମସାମୟିକ କାଳରେ ଇଂରାଜୀ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ବି, ମାତୃଭାଷା ମାଧ୍ୟମରେ ଶିକ୍ଷାଦାନକୁ ଅଧିକ ପସନ୍ଦ କରିଥିଲେ। ଡେଭିଡ୍ ହେୟାର୍ ମାତୃଭାଷାରେ ଶିକ୍ଷାଦାନ ପାଇଁ, ସ୍କୁଲବୁକ୍ ସୋସାଇଟି ବସାଇଥିଲେ। ମ୍ୟାକ୍‌ଲେ ଆଶା କରିଥିଲେ ଇଂରଜୀଭାଷା ଓ ପାଶ୍ଚାତ୍ୟ ଜୀବନର ସଂସ୍ରବ ଫଳରେ ଭାରତର ଆଞ୍ଚଳିକ ଭାଷାଗୁଡ଼ିକ ମଧ୍ୟରେ ଏକ ନୂଆ ଉଦ୍‌ବୋଧ ଦେଖାଦେବ ଏବଂ ଏ ଉଦ୍‌ବୋଧ ଭାରତୀୟ ଜନଗଣଙ୍କୁ ଆଧୁନିକ ଶିକ୍ଷାର ଦ୍ୱାର ଦେଶରେ ପହଞ୍ଚାଇବ। ସେମାନଙ୍କର ସମସ୍ତ ବିଷୋଦ୍‌ଗାର, ସଂସ୍କୃତ, ଆରବୀ ଓ ଫାର୍ଶୀ ବିରୋଧରେ ଥିଲା। ବଂଗଳା, ଓଡ଼ିଆ, ତେଲଗୁ, ତାମିଲ୍, ହିନ୍ଦୀ, ଗୁଜୁରାଟି ପ୍ରଭୃତି ଭାଷା ବିରୁଦ୍ଧରେ ନଥିଲା। ଶିକ୍ଷାଦାନ ମୁଖ୍ୟତଃ ଏକ ଆଳାପ। ଆଳାପ ମଧ୍ୟରେ ସେତିକିବେଳେ ଭାବ ବିକଶିତ ହୁଏ, ଯେତେବେଳେ ତାହା ଅନ୍ତରର, ମନର ଭାଷା ଥାଏ। ମାତୃଭାଷା ବ୍ୟତିରେକ ଅନ୍ୟ ମାଧମରେ ଶିକ୍ଷା ଅପଶିକ୍ଷାର

ନିକଟବର୍ତ୍ତୀ, ଏହା ଅଧିକାଂଶ ମନୋବିଜ୍ଞାନୀଙ୍କର ମତ। ଡକ୍ଟର ମାନସିଂହଙ୍କର ଇଂରାଜୀ ଭାଷା ପ୍ରତି ଅତ୍ୟଧିକ ଶ୍ରଦ୍ଧା ଏହି ଦିଗଟି ପ୍ରତି ତାଙ୍କୁ ଅନ୍ଧ ହେବାକୁ ବାଧ କରିଛି।

(ଗ) ତୃତୀୟ ଅଭିଯୋଗର ଉତ୍ତରରେ ମାନସିଂହ କହନ୍ତି– ଶିଳ୍ପ ବିପ୍ଳବ ପରଠାରୁହିଁ ମନୁଷ୍ୟ ବେକାର ହେବା ଏକ ପୃଥିବୀମୟ ସମସ୍ୟା ହୋଇ ଉଠିଛି। ଏଥିରେ ଶିକ୍ଷିତ ବା ଅଶିକ୍ଷିତର ବାଛ-ବିଚାର ଏକାନ୍ତ ଅବାନ୍ତର।[୬୨] ପୃଥିବୀର ସବୁ ଦେଶରେ ବେକାର ଅଛନ୍ତି। ଆମଦେଶରେ ନିରକ୍ଷର ଲୋକ ମଧ ବେକାର ଅଛନ୍ତି, ମାତ୍ର ଆମେ କେବଳ ରାଜନୈତିକ ପ୍ରୋପାଗଣ୍ଡା ନିମନ୍ତେ ଶିକ୍ଷିତ ବେକାର ଧ୍ୱନି ଦେଇ ଚାଲିଛୁ। ଶିକ୍ଷିତ ବେକାର ସୃଷ୍ଟିହେବାର କାରଣ ନିର୍ଦ୍ଦେଶକରି ମାନସିଂହ କହନ୍ତି: "ସ୍ୱାଧୀନତା ପରେ ଆମେ ଅଂଧଭାବରେ ଓ ସଂପୂର୍ଣ୍ଣ ଆଞ୍ଚଳିକ ଭାବ ପ୍ରଣୋଦିତ ହୋଇଛି ଗୋଟାକ ପରେ ଗୋଟାଏ ମେଡ଼ିକାଲ କଲେଜ ଓ. ଇଂଜିନିୟରିଂ କଲେଜ ସହିତ ଗ୍ରାମେ ଗ୍ରାମେ ସାଧାରଣ କଲେଜ ଓ ହାଇସ୍କୁଲ ଯେ ବସାଇ ଚାଲିଲେ ଏବଂ ଶିକ୍ଷାର ସକଳ ମର୍ଯ୍ୟାଦା ଓ ମାନଦଣ୍ଡକୁ ଧୂଳିସାତ୍ କରି ଆମେ ଯେପରି ଭାବରେ ବିଦ୍ୟା-ବା-କୌଣସି କର୍ମ ପାଇଁ-ଯୋଗ୍ୟତା-ଶୂନ୍ୟ ଅଥଚ କେବଳ-କପି-ଧରାଧରି-ଗୁଣ୍ଡାମି-ନିପୁଣ କାହାଣ କାହାଣ ତଥାକଥିତ 'ଶିକ୍ଷିତ' ଯୁବକ ବାହାର କରି ଚାଲିଛେ, ସେଥିରେ କେଉଁ ରାଷ୍ଟ୍ର ଏ ପ୍ରକାର ତଥାକଥିତ 'ଶିକ୍ଷିତ' ଜନତାକୁ ଧଳା-କଳା-ଚାକିରୀ ଯୋଗାଇ ପାରିବ।...

ତାଛଡ଼ା କର୍ତ୍ତୃପକ୍ଷଙ୍କର ପାଶ୍ୱର ମାନଦଣ୍ଡ ସବୁକୁ କୋହଳ କରିବା ଏବଂ ପିଲାଙ୍କର ପାଠ-ନପଢ଼ି କପି-ଧରାଧରି ଦେଇ ସାର୍ଟିଫିକେଟ୍ ଯୋଗାଡ଼ କରିବା, 'ଶିକ୍ଷିତ' ବେକାର ସମସ୍ୟାର ଏକ ପ୍ରଧାନ କାରଣ।"[୬୩]

ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଆଲୋଚନା କରି ମାନସିଂହ କହନ୍ତି–"ଏହାହିଁ ପୃଥିବୀ ବ୍ୟାପୀ ବ୍ୟବସ୍ଥା। ଏବେ ସବୁ ଦେଶରେ ହିଁ ଶିକ୍ଷା ବ୍ୟବସ୍ଥା ଏଇମିତି ପ୍ରାଇମେରୀ, ସେକେଣ୍ଡାରୀ ଓ କଲେଜରେ ବିଭକ୍ତ। ସେ ସବୁ ଦେଶରେ ମଧ ଏଇ ସାହିତ୍ୟ, ଗଣିତ, ଇତିହାସ, ଭୂଗୋଳ ଇତ୍ୟାଦି ହିଁ ପାଠ୍ୟ ବିଷୟ। ପ୍ରଭେଦ ଏତିକି ଯେ, ଅଗ୍ରଗାମୀ ଦେଶମାନଙ୍କରେ ଛାତ୍ରମାନଙ୍କର ଜ୍ଞାନ-ଆହରଣ ଓ ଶିକ୍ଷକମାନଙ୍କର ଜ୍ଞାନ-ପରିବେଷଣ ଏବଂ ଛାତ୍ରମାନଙ୍କର ଆହୃତ ଜ୍ଞାନର ମୂଲ୍ୟାୟନର ମାନଦଣ୍ଡ ଆମଦେଶ ଅପେକ୍ଷା ଢ଼େର ଉଚ୍ଚରେ। ...ଆମେ କେବଳ ପଣ ପଣ ସାର୍ଟିଫିକେଟ୍‌ଧାରୀ ବାହାର କରୁଛୁ ସିନା, ପ୍ରକୃତ ବିଦ୍ୟାବନ୍ତ, ବିଚକ୍ଷଣ ବା ବିଶେଷ ବିଶେଷ ବ୍ୟବସାୟ ପାଇଁ ତାଲିମ ଲୋକ ତିଆରି କରୁନାହୁଁ।...ତେଣୁ କେବଳ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାଟି ଆପେଇ 'ତ୍ରୁଟିପୂର୍ଣ୍ଣ' କହିବାର ଆଦୌ କୌଣସି ଯୁକ୍ତି ନାହିଁ। ଆମେଇ ଆମର ବିଚାରହୀନ, ଅଜ୍ଞ ଓ ସ୍ୱାର୍ଥକୈନ୍ଦ୍ରିକ ଦୃଷ୍ଟିକୋଣରୁ ଏକ ପୃଥିବୀ ବ୍ୟାପ୍ତ ସୁଫଳପ୍ରଦ ବ୍ୟବସ୍ଥାକୁ ଲଜ୍ଜାଜନକ ଭାବରେ 'ତ୍ରୁଟିପୂର୍ଣ୍ଣ' କରି ଠିଆ କରାଇଛେ।"[୬୪]

ମାନସିଂହଙ୍କ ମତରେ "ରାଜନୈତିକମାନଙ୍କର, ଆମର ଶିକ୍ଷା ବିଭାଗ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଏହି ପ୍ରକାର ସଂପୂର୍ଣ୍ଣ ଅନୁଚିତ ବାହୁ ପ୍ରବେଶହିଁ ଆଜି ଶିକ୍ଷାବିଭାଗର ସକଳ ତ୍ରୁଟି ଓ ଅବ୍ୟବସ୍ଥାପାଇଁ ଦାୟୀ।" ପୁନଶ୍ଚ ସେ କହନ୍ତି ଯେ, "ସ୍କୁଲ ବା କଲେଜର ହେଡ୍ ମାଷ୍ଟର ବା ପ୍ରିନ୍‌ସିପାଲଙ୍କ ପ୍ରତି ଛାତ୍ରମାନଙ୍କର ସଂଭ୍ରମ ନ ରହିବାର

କାରଣ ରାଜନୈତିକ ନେତାମାନେ। ମାନସିଂହଙ୍କ ଭାଷାରେ—"ପିଲେ ଯେତେବେଳେ ଜାଣିଲେଣି ଯେ, ଏ ରାଜ୍ୟରେ ହେଡ୍‌ମାଷ୍ଟର ପ୍ରିନ୍‌ସ୍‌ପାଲ କେବଳ ଏକ ଏକ ପଣ୍ଡୁ ଜଗନ୍ନାଥ, ଆଉ ଅସଲ ମା-ବାପ ହେଉଛନ୍ତି ଶିକ୍ଷାମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ, ସେତେବେଳେ ସ୍କୁଲ-କଲେଜମାନଙ୍କରେ ହେଡ୍‌ମାଷ୍ଟର ପ୍ରିନ୍‌ସିପାଲମାନେ ଆନୁଷ୍ଠାନିକ ଡିସିପ୍ଲିନ୍ ପାଇଁ ଦାୟୀ ହେବେ କିପରି ?"[୬୫]

ଆମ ଦେଶର ଶିକ୍ଷା କ୍ଷେତ୍ରରେ ଯେଉଁ ତ୍ରୁଟି ବିଚ୍ୟୁତି ଦେଖା ଦେଉଛି, ତା ସମାଧାନ ପାଇଁ ମାନସିଂହ ପାଞ୍ଚୋଟି ଉପାୟ ସ୍ଥିର କରିଛନ୍ତି। ସେ ପାଞ୍ଚଗୋଟି ମତ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାର କେତେକ ଅସୁବିଧାର ସମାଧାନ ପାଇଁ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ନିମ୍ନରେ ସେହି ଉପାୟ ଗୁଡ଼ିକର ଆଲୋଚନା କରାଯାଉଅଛି।

**(କ) ମାନସିଂହଙ୍କ ପ୍ରଦତ୍ତ ପ୍ରଥମ ପ୍ରସ୍ତାବ ହେଲା: ଶିକ୍ଷା ବିଭାଗର ସଂପୂର୍ଣ୍ଣ ସ୍ୱାଧିକାର—**

ଶିକ୍ଷା ବିଭାଗ ସରକାରୀ ଅର୍ଥ ପୋଷିତ ହେଲେ ମଧ୍ୟ, ହାଇକୋର୍ଟ ଓ ଜୁଡ଼ିସିଆଲ ପରି, ସେଥିରେ କୌଣସି ହେଲେ ବାହାର ଲୋକର ଅନୁପ୍ରବେଶକୁ ତୁରନ୍ତ ନିଷିଦ୍ଧ କରାଯାଉ। ..... ଶିକ୍ଷା-ବିଭାଗର ପାଶ୍-ଫେଲ୍ ବା ଦୈନନ୍ଦିନ ପରିଚାଳନା ରାଜନୈତିକମାନଙ୍କର ମୁକ୍ତ କ୍ରୀଡ଼ାପ୍ରାନ୍ତର ହୋଇପଡ଼ିବା ଏକ ଜାତି ପକ୍ଷରେ ଚରମ ଅଭିଶାପ ଓ ଘୋରତର ଲଜ୍ଜାକର ଓ ମାରାତ୍ମକ ବ୍ୟାପାର।[୬୬]

**(ଖ) ମାନସିଂହଙ୍କ ଦ୍ୱିତୀୟ ପ୍ରସ୍ତାବ ହେଲା: ଡିଗ୍ରୀ ଡିପ୍ଲୋମା ଉଠାଇ ଦିଆଯାଉ—**

"ଆମ ଶିକ୍ଷା ବ୍ୟବସ୍ଥାକୁ ଆମେ ସଂପୂର୍ଣ୍ଣ ରୂପେ ମ୍ୟାଟ୍ରିକ୍, ବି.ଏ. ଇତ୍ୟାଦି ଭାବରେ କେବଳ ସାର୍ଟିଫିକେଟ କେନ୍ଦ୍ରିକ କରି ରଖିବାରୁ ଧରିନେବାକୁ ହେବ ଯେ, ଆମେ ଆମ ପିଲାଙ୍କୁ କପି କରେଇବାକୁ ପରୋକ୍ଷରେ ପ୍ରେରଣା ଦେଉଛୁ। ବରଂ ଏହି ପ୍ରକାର କାଗଜ—ଖଣ୍ଡ—କେନ୍ଦ୍ରିକ ପାଶ୍ ଫେଲ୍‌ର ସମସ୍ତ ଅଯୌକ୍ତିକତା ଉଠାଇଦେଇ, ଆମେ ଯଦି ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ସେ କେଉଁ କେଉଁ ବିଷୟ କେଉଁ ଅନୁଷ୍ଠାନରେ କେତେ ବର୍ଷ ଅଧ୍ୟୟନ କଲେ ଓ ସେ ସବୁରେ କି ପ୍ରକାର ପାରଙ୍ଗମତା ଲାଭ କରିଛନ୍ତି ସେ ସବୁର ଦ୍ୟୋତକ କେବଳ ଏକ ଏକ କାର୍ଡ୍ ଦେଇ ଛାଡ଼ି ଦିଅନ୍ତେ ତେବେ ବ୍ୟବସ୍ଥାଟା ଅଧିକ ଯୁକ୍ତି ଯୁକ୍ତ ଓ ବିଚାର ପ୍ରତିଷ୍ଠ ହୁଅନ୍ତା ବୋଲି ବିଶ୍ୱାସ। ...ପିଲେ ଯେତେବେଳେ ଜାଣିବେ ଯେ ଏହି ଅର୍ଜିତ ଦକ୍ଷତା ଉପରେ ହିଁ ସେମାନଙ୍କର ଭାଗ୍ୟ ନିର୍ଭର କରୁଛି, ତେବେ ସେମାନେ ସ୍ଲୋଗାନ ଗାଇ ରାସ୍ତାରେ ରାସ୍ତାରେ ବୁଲିବା ଓ ଶେଷରେ କପିକରି ସାର୍ଟିଫିକେଟ୍ ଆଦାୟ କରିବାର ଯୋଜନା ଛାଡ଼ି, ଅଧିକରୁ ଅଧିକ ବିଦ୍ୟାସାଧନରେ ମନ ଦିଅନ୍ତେ।"[୬୭]

**(ଗ) ମାନସିଂହଙ୍କର ତୃତୀୟ ପ୍ରସ୍ତାବ ହେଲା: ଆନ୍ତର୍ଜାତିକ ମାନଦଣ୍ଡ ରକ୍ଷା—**

ଏ ସଂପର୍କିତ ପ୍ରସ୍ତାବରେ ମାନସିଂହ କହିଛନ୍ତି ଯେ, "ଡିଗ୍ରୀ ଡିପ୍ଲୋମା ରଖ ବା ନରଖ, ଜ୍ଞାନର ମୂଲ୍ୟାୟନ ଯେପରି ଆନ୍ତର୍ଜାତିକ ମାନଦଣ୍ଡରେ ହିଁ ମପା ହେବାର

'ବ୍ୟବସ୍ଥା ହେଉ। ବର୍ତ୍ତମାନ ଇଣ୍ଡିଆନ୍ ଡିଗ୍ରୀର କୌଣସି ମୂଲ୍ୟହିଁ ନାହିଁ। ଶତକଡ଼ା ୩୦ ବା ୨୫ ଯେଉଁଠି ପରମ ମସ୍ତିଷ୍କବତ୍ତା ଓ କଠୋର ବିଦ୍ୟା ସାଧନାର ଚିହ୍ନ ଏବଂ ସେଥିପାଇଁ ପୁଣି ଗ୍ରେସ୍ ମାର୍କ, କପି ଓ ଧରାଧରି– ଏଥିରେ ଆମ ପାଠ ଓ ଡିଗ୍ରୀ-ଡିପ୍ଲୋମାର ମୂଲ୍ୟ କ'ଣ ?''

ମାନସିଂହ ଆଜିର ଶିକ୍ଷା ବ୍ୟବସ୍ଥାକୁ 'ଏକ ଘୋର ଅପବ୍ୟୟଶୀଳ ପ୍ରହସନ ଓ ଟ୍ରାଜେଡ଼ି ମାତ୍ର' ବୋଲି କହିଛନ୍ତି। ''ଏଥିରେ ଜ୍ଞାନ ସାଧନା ଓ ତାଲିମ୍‌ର ଗଂଧ ଆଉ ନାହିଁ। ଅଛି କେବଳ ଠକାମି, ଧପ୍ପାବାଜି, ଅନ୍ୟାୟ ଓ ଦୁର୍ନୀତି ଅଥବା କେବଳ କୋଠାବାଡ଼ି ଓ ଚାକିରୀତନ୍ତ୍ର। ଗୋଟିଏ ନୂତନ ଜାତିକୁ ସବୁ କ୍ଷେତ୍ରରେ ଦୁର୍ଦ୍ଧର୍ଷ କରି ଠିଆ କରାଇବାକୁ ଏ ଶିକ୍ଷା କ୍ଷେତ୍ରରେ କିଛି ହିଁ ଅଛି ବୋଲି ମନେ ହେଉନି। ଜାତୀୟ ଜୀବନ ଓ ସଂସ୍କୃତି ସହିତ ମଧ୍ୟ ଏହା ସଂପର୍କ-ଶୂନ୍ୟ।[୬୮]

**(ଘ) ଶିକ୍ଷା ସଂସ୍କାର ସଂପର୍କରେ ମାନସିଂହଙ୍କର ଚତୁର୍ଥ ପ୍ରସ୍ତାବ ହେଲା ; ଦାୟିତ୍ୱହୀନ ନିରାପତ୍ତାକୁ ପ୍ରଶ୍ରୟ ଦିଆ ନ ଯାଉ।**

''ଶିକ୍ଷକ, ଅଧ୍ୟାପକ ଚାକିରୀରେ ଥିବା କେତେକ ଦାୟିତ୍ୱହୀନ ନିରାପତ୍ତାକୁ ପ୍ରଶ୍ରୟ ଦିଆ ନ ଯାଉ ଅର୍ଥାତ୍ ଯେଉଁ ଶିକ୍ଷକମାନେ ଦେଶର ପ୍ରାଚୀନ ଐତିହ୍ୟକୁ ଭୁଲି ଶିକ୍ଷାକୁ ଏକ ବ୍ୟବସାୟ ବା ଚାକିରୀ ବୋଲି ମନେ କରୁଛନ୍ତି, ସେମାନଙ୍କୁ ବହିଷ୍କାର କରାଯାଉ। ଅନ୍ୟ ଅଗ୍ରଗାମୀ ଦେଶପରି, ଶିକ୍ଷାବର୍ଷ ଶେଷରେ, ଛାତ୍ରଛାତ୍ରୀମାନଙ୍କର ଗୋପନୀୟ ଭୋଟ୍ ମାଧ୍ୟମରେ ଶିକ୍ଷକମାନଙ୍କର ଯୋଗ୍ୟତା ନିର୍ଣ୍ଣୟ କରାଯାଉ ଏବଂ ଶିକ୍ଷାନୁଷ୍ଠାନକୁ ଯଥା ସମ୍ଭବ ତଥାକଥିତ ରାଜନୀତିଠାରୁ ଦୂରରେ ରଖାଯାଉ।''

**(ଙ) ମାନସିଂହଙ୍କ ଶେଷ ପ୍ରସ୍ତାବ ହେଲା: ତଥାକଥିତ ଉଚ୍ଚଶିକ୍ଷାରେ ବଂଧ ପକାଯାଉ।**

''ବର୍ତ୍ତମାନ କଲେଜମାନଙ୍କରେ ଯେତେ ପିଲା ଆସି ଭର୍ତ୍ତି ହୋଇ ଯାଉଛନ୍ତି, ସେଥିରୁ ଅର୍ଦ୍ଧାଧିକ 'ଉଚ୍ଚଶିକ୍ଷା' ପାଇଁ ଏକାନ୍ତ ଅଯୋଗ୍ୟ। ସେମାନଙ୍କର ବିଦ୍ୟାସାଧନରେ ଆଗ୍ରହ ନାହିଁ, ପୁଣି ଲେକ୍‌ଚରରମାନଙ୍କର ଲେକ୍‌ଚର ବୁଝିବାକୁ କ୍ଷମତା ମଧ୍ୟ ସେମାନଙ୍କର ନାହିଁ। ଅଥଚ ଉଚ୍ଚଶିକ୍ଷାର ପ୍ରତାରଣାପୂର୍ଣ୍ଣ ବା ଅଜ୍ଞାତମୟ ସ୍ଲୋଗାନ ଚିତ୍‌କାର କରି ନିଛକ ରାଜନୈତିକ କାରଣରୁହିଁ ଆମେ ଗ୍ରାମେ ଗ୍ରାମେ ହାଇସ୍କୁଲ ଓ କଲେଜ ବସେଇ ଚାଲିଲେ। ପିଲେ ତ ପାଠ ପଢ଼ିବାକୁ ନାରାଜ। ସେମାନେ ମାଷ୍ଟ୍ର-ଅଧ୍ୟାପକଙ୍କୁ ଛୁରା ଦେଖାଇ ମାସ୍-କପି କରିହିଁ ଡିପ୍ଲୋମା କାଗଜ ଖଣ୍ଡମାନ ଯେ କୌଣସି ମତେ ପାଇବାର ଯୋଗାଡ଼ରେ ଲାଗିଲେ। କେତେକ ଅଧମ ଶିକ୍ଷକ-ଅଧ୍ୟାପକ ମଧ୍ୟ ନିଜ ସ୍ୱାର୍ଥ-ଦୃଷ୍ଟିରୁ ପିଲାଙ୍କୁ ଏ ପ୍ରକାର ଘୋର ଅପକର୍ମରେ ସହାୟତା କରିବାର ଦେଖାଯାଉଛି। ତେଣୁ 'ଉଚ୍ଚଶିକ୍ଷା' ନାମରେ ଏ ବିଭତ୍ସ ଓ ବ୍ୟୟ ବହୁଳ ପ୍ରତାରଣାକୁ ପ୍ରଶ୍ରୟ ଦେଇ କି ଲାଭ ?''[୬୯] ଏହାର ନିରାକରଣ ପାଇଁ ମାନସିଂହ ଦୁଇଟି ପ୍ରସ୍ତାବ ଆଗତ କରିଥିଲେ। ସେ କହିଥିଲେ ଯେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କର ଶିକ୍ଷା ବାଧ୍ୟତାମୂଳକ ହେବ। ତାପରେ ପିଲାର ଯୋଗ୍ୟତା ରୁଚି ଓ ବିଦ୍ୟାପ୍ରତି ଆଗ୍ରହର ମାନଦଣ୍ଡ ନିର୍ଣ୍ଣୟ କରି

ସୀମିତ ସଂଖ୍ୟକ ପିଲାଙ୍କୁ ଉଚ୍ଚଶିକ୍ଷାପାଇଁ ପଠାଯାଉ। ଅବଶିଷ୍ଟ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ଅନୁସାରେ ସେମାନଙ୍କୁ କୃଷି, ଶିଳ୍ପ ଓ ଅନ୍ୟାନ୍ୟ ଉପଯୋଗୀ ଶିକ୍ଷାର ସୁଯୋଗ ଦିଆଯାଉ। 'ଉଚ୍ଚଶିକ୍ଷା' ନାମରେ ତଥାକଥିତ ଡିଗ୍ରୀ ହାସଲ କରିବାକୁ ଯାଇ ଅପାରଦର୍ଶୀ ଛାତ୍ରଛାତ୍ରୀମାନେ କୃଷି ଶିଳ୍ପ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଏଣୁ ଏମାନଙ୍କ ପାଇଁ ସାଧାରଣ ଶିକ୍ଷା ଲାଗୁ ନକରି ବୈଷୟିକ ଶିକ୍ଷା ଦିଆଯାଉ। ସାଧାରଣ ଶିକ୍ଷା ପରେ କୋଡ଼ିଏ ଭାଗ ଛାତ୍ରଛାତ୍ରୀଙ୍କୁ ଉପରକୁ ଆସିବାର ଦିଆଗଲେ, ସେମାନେ ଆମର ରାଷ୍ଟ୍ରୀୟ ଗୁଳୁରାଣ ମେଣ୍ଟାଇଦେବେ।

**ସମସ୍ୟା ସମାଧାନର ଦ୍ୱିତୀୟ ମାର୍ଗ ହେଲା :**

ସଂପୃକ୍ତି ଛତୁ ଫୁଟିଲା ଭଳି କଲେଜ ସଂଖ୍ୟା ନ ବଢ଼େଇ ଉଚ୍ଚ ଯୋଗ୍ୟତା ସଂପନ୍ନ ସୁଯୋଗ୍ୟ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ କେତେକ ସୀମିତ କଲେଜମାନଙ୍କରେ ନିଯୁକ୍ତି ଦିଆଯାଉ। ନିମ୍ନ ଯୋଗ୍ୟତାର ଅଧ୍ୟାପକ, ଲାଇବ୍ରେରୀ ଲାବୋରଟାରୀ ହୀନ କଲେଜମାନେହିଁ ଶିକ୍ଷାର ମାନଦଣ୍ଡକୁ ନିମ୍ନଗାମୀ କରାଉଛନ୍ତି। ତେଣୁ ପ୍ରଚଳିତ ଶିକ୍ଷା ପଦ୍ଧତିରେ ହିଁ ଉତ୍ତମ ଫଳ ପାଇପାରିବା ପାଇଁ ଏହି ବ୍ୟବସ୍ଥାର ପ୍ରଚଳନ କରାଯାଉ। ମାନସିଂହ ସେତେବେଳେ ପ୍ରସ୍ତାବ ଦେଇଥିଲେ ଯେ, ଏହି ଛୋଟ ଛୋଟ କଲେଜମାନଙ୍କରୁ କେତେକୁ ଜୁନିଅର କଲେଜ କରି ସେଥିରେ ନିମ୍ନସ୍ନାତକ ଶ୍ରେଣୀମାନ ଖୋଲାଯାଉ। ଅବଶିଷ୍ଟ ସ୍ୱଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଉଚ୍ଚତର ଜ୍ଞାନପାଇଁ ସୁଯୋଗ ଦେଲେ, ଆମର ଅନେକ ସମସ୍ୟାର ସମାଧାନ ହୋଇପାରିବ

ଖ୍ରୀ: ୧୯୭୨ ମସିହା ଜୁଲାଇ ମାସରେ ମାନସିଂହ ଲେଖିଥିଲେ,—"ପ୍ରିୟ ପାଠକେ, ଏ ପ୍ରବଂଧ ଲେଖକ ବର୍ତ୍ତମାନ ଜୀବନର ଶେଷପାଦରେ। କୌଣସି ସାଂସାରିକ ଆଶା ଆକାଙ୍‌କ୍ଷା ତାର ବାକି ନାହିଁ। କିନ୍ତୁ ଯେତେବେଳେ ଆଶା-ଆକାଙ୍‌କ୍ଷା-ପୂରଣ ଆଶ କରିବାର ବେଳଥିଲା, ସେତେବେଳେ ମଧ ସେ ମୂର୍ଖ 'ମାଧିଆଭାଇ, ସବୁ କଥାକୁ ହଇ ହଇ' କରି ସୁନା ପିଲା ନ ହୋଇ, ତିନିବର୍ଷିଆ-ଡ଼ିଗ୍ରୀ-କୋର୍ଷ ବା ବେସିକ୍‌ର ସରକାରୀ-ତୋପ-ସଂରକ୍ଷିତ ଆସ୍‌ଫାଳନମୟୀ ଆତ୍ମ-ପ୍ରଚାର ବିରୁଦ୍ଧରେ ଏ ରାଜ୍ୟରେ ପ୍ରତିରୋଧର ନିଃସଙ୍ଗ ଏକକ ସ୍ୱର ଉତ୍ତୋଳନ କରିଥିଲା। କିନ୍ତୁ ବିଳମ୍ବରେ ହେଲେ ହେଁ, ଲେଖକର ସେହି ପ୍ରତିବାଦ ସବୁ ଯେ, ଏବେ ସତ୍ୟ ହୋଇଛି, ତାହାହିଁ ତାର ଏକମାତ୍ର ସାନ୍ତ୍ୱନା।"[୭୦]

ଶିକ୍ଷାବିତ୍ ମାନସିଂହ ଦେଶର ଛାତ୍ରମାନଙ୍କ ଉଦ୍ଦେଶ୍ୟରେ କହିଥିଲେ :—"ମୋ ଦେଶର ପ୍ରିୟ ତରୁଣ ସମାଜକୁ ଏତିକି କହି ଏ ଲେଖକ ବିଦାୟ ନେବ ଯେ, 'ବାବୁ ହେ କଠୋର ଶାରିରୀକ ଓ ମାନସିକ ଶ୍ରମ ବିନା କୌଣସି ଜାତିକଥା ଛାଡ଼, କୌଣସି ବ୍ୟକ୍ତିର ମଧ ଜୀବନରେ କିଛି ହେଲେ ସମୃଦ୍ଧି ସାଧିତ ହୋଇ ନ ପାରେ। କୈଶୋର ଓ ଯୌବନ, ଦୀର୍ଘ ଆଗାମୀ ଜୀବନ ପାଇଁ ଯେ ଏକାନ୍ତରେ କେବଳ ପ୍ରସ୍ତୁତିର ସମୟ, ଏହା ପ୍ରକୃତି ନିର୍ଦ୍ଦିଷ୍ଟ। ଏହାକୁ ତେଣୁ ସଫଳ ପ୍ରସ୍ତୁତିରେ ଲଗାଅ, କ୍ଷିପ୍ର ପଳାୟମାନ

ତତ୍କାଳୀନ ଉତ୍ତେଜନା ସବୁରେ ନଷ୍ଟ କରିଦିଅ ନାହିଁ। ଅନ୍ୟଲୋକେ ଗ୍ରହ ଉପଗ୍ରହରେ ବସତି ପାଇଁ ଗଲାବେଳେ, ତମେ ଭାରତର ତରୁଣ ଦଳ, କପିକରି ମଣିଷ ହେବାର ଚେଷ୍ଟା କରିବାଟା କିପରି ଲଜ୍ଜାକର ବ୍ୟାପାର, ଭାବ ତ ଥରେ।''[୬୧]

ଆମର ଶିକ୍ଷା ବ୍ୟବସ୍ଥାରେ ଛାତ୍ର ବିଶୃଙ୍ଖଳା କାରଣ ସ୍ୱରୂପ ମାନସିଂହ ପ୍ରତ୍ୟକ୍ଷ ଛାତ୍ର ନିର୍ବାଚନକୁ ବିରୋଧ କରି ପରୋକ୍ଷ ନିର୍ବାଚନ ପାଇଁ ପ୍ରସ୍ତାବ ଦେଇଛନ୍ତି। ପ୍ରତ୍ୟକ୍ଷ ନିର୍ବାଚନ ଯୋଗୁ କେତେକ ତଥାକଥିତ ଶସ୍ତା ନେତା କଲେଜମାନଙ୍କରେ ରାଜନୀତି କରି ନିରୀହ ଛାତ୍ରଛାତ୍ରୀମାନଙ୍କୁ ଶିକାର କରୁଛନ୍ତି। ମାନସିଂହ କହନ୍ତି: ''କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଇଉନିୟନମାନଙ୍କର ପ୍ରତ୍ୟକ୍ଷ ନିର୍ବାଚନ ଯେ, ସେଠାରେ ବାତାବରଣ ଦୂଷିତ ହେବାର ଏକ ମୁଖ୍ୟ କାରଣ, ଏଥିରେ ମତଦ୍ୱୈଧ ନ ଥାଇପାରେ। ଏହି ପ୍ରତ୍ୟକ୍ଷ ନିର୍ବାଚନ ନେଇହିଁ, ରାଜନୈତିକ ଟାଉଟରମାନେ ଆମର ବିଦ୍ୟାୟତନମାନଙ୍କରେ ଛୁଟି ସେମାନଙ୍କର ମର୍ଯ୍ୟାଦାକୁ ଧୂଳିସାତ୍ କରିବାରେ ସହଜରେ ସକ୍ଷମ ହୋଇ ପାରୁଛନ୍ତି। ପ୍ରତ୍ୟକ୍ଷ ଛାତ୍ର ନିର୍ବାଚନ ଯୋଗୁହିଁ, କୌଣସି ବିଦ୍ୟାଳୟର କାନ୍ଥବାଡ଼, ରାସ୍ତା ଓ ନାଗରିକମାନଙ୍କର ପାଚେରୀ ଅକଳଙ୍କ ରହିପାରୁ ନାହିଁ। ଏହା ଏକ ଘୋର ଅସାମାଜିକ ବ୍ୟବହାର। କିନ୍ତୁ ଆମର ଆଗାମୀପୁରୁଷ ରାଜନୈତିକ ଟାଉଟରମାନଙ୍କ ଆଦର୍ଶରେ ଏ ପ୍ରକାର ମହିମମୟ ଭାଣ୍ଡାଲିଜମ୍, ଛାତ୍ରତ୍ୱର ଏକ ଗୁଣ ଭାବରେ ପିଲାବେଳୁ ଶିଖୁଛନ୍ତି।''

ଶିକ୍ଷାବିତ୍ ମାନସିଂହଙ୍କୁ ଆଲୋଚନା କଲାବେଳେ, ରୋମାଣ୍ଟିକ୍ କବି ମାନସିଂହ ସବୁବେଳେ ଆଖି ଆଗରେ ଆସି ଉଭାହୁଅନ୍ତି। ଜୀବନର ନାନା ସୁଖ ଦୁଃଖକୁ ଅନୁଭୂତିର ସାମଗ୍ରୀକଲାପରେବି, ଅନୁଭୂତି ଭିତରୁ ସେ ଆଦର୍ଶ ଖୋଜି ନାହାନ୍ତି। ଜନ୍ମଗତ ସଂସ୍କାର ଓ ଭାବପ୍ରବଣତା, ତାଙ୍କ ଚିନ୍ତାଧାରାକୁ ସବୁବେଳେ ଦ୍ୱିଧାଗ୍ରସ୍ତ କରିଛି। ଶିକ୍ଷା ସଂପର୍କରେ ବହୁ ଚମତ୍କାର କଥା କହିଲେବି ଓ ଶିକ୍ଷା ସଂପର୍କରେ ତାଙ୍କର ଦୃଷ୍ଟିକୋଣ ଅନେକ ସମୟରେ ବୈପ୍ଳବିକ ମନେ ହେଲେବି, ମୁଖ୍ୟତଃ ସେ ଜଣେ ରକ୍ଷଣଶୀଳ ଆଦର୍ଶବାଦୀ ବ୍ୟକ୍ତି। ଏକ ପ୍ରକାର ଶିକ୍ଷା ସମସ୍ତଙ୍କ ପାଇଁ ଦରକାର ନ ହୋଇପାରେ, କିନ୍ତୁ ବଞ୍ଚିବାର ମାନ ସମସ୍ତଙ୍କର ପ୍ରାୟତଃ ଏକାପ୍ରକାର ହେବା ଉଚିତ୍। ଏ ପ୍ରକାର ସତ୍ୟକୁ ଅସ୍ୱୀକାର କରିଥିବା ବ୍ୟକ୍ତି ନିଶ୍ଚିତ ଭାବରେ ମାନବବିରୋଧୀ। ସମାଜରେ ସକଳ ଶ୍ରେଣୀର ଓ ସକଳ ପ୍ରକାର କର୍ମ କରୁଥିବା ଲୋକ ସମାନ ସାମାଜିକ ମର୍ଯ୍ୟାଦା ଓ ସମାନ ସୁଯୋଗ ସୁବିଧା ନ ପାଉଥିବାବେଳେ ଶିକ୍ଷାରେ ବୈଚିତ୍ର୍ୟ ଆଣିବାର କଳ୍ପନା ଏକ ବିଳାସମାତ୍ର। ଗୋଟିଏ ମୃତ ଫ୍ରେମ ଭିତରେ ମଣିଷର ଭବିଷ୍ୟତକୁ ବନ୍ଦି କରି ତାର ପ୍ରଗତିର ପଥକୁ ରୁଦ୍ଧ କରିଦେବା କ'ଣ ଏକ ସୁସ୍ଥ ଗଣତାନ୍ତ୍ରିକ ମନର ପରିଚୟ? ମାନସିଂହ ଶିକ୍ଷାସଂପର୍କରେ ଉପସ୍ଥାପନ କରିଥିବା ବକ୍ତବ୍ୟରେ ବୈଚିତ୍ର୍ୟ ରହିଛି, ପରଂପରା ବିରୋଧି ସ୍ୱର ବି ରହିଛି, କିନ୍ତୁ ନାହିଁ ଗଣତାନ୍ତ୍ରିକ ମୁକ୍ତ ଦୃଷ୍ଟି। ଫଳରେ କ୍ଷୟିଷ୍ଣୁ ସାମନ୍ତବାଦର ଭିତ୍ତିଉପରେ ନିଜକୁ ଅବସ୍ଥାପିତ କରି, ଆଧୁନିକ ଯୁଗର ଶିକ୍ଷାବିତ୍ ଭାବରେ ସେ ପରିଚୟ ଦେଇଥିବାଭଳି ମନେହୁଏ।

□□

**ପ୍ରାନ୍ତଟୀକା:**

୧- Bertrand Russel—Education and the Social Order: (1977) page-9. Unwin Paperbacks, London.
ସୂଚନା—୧-ରୁ ୭୨ ପର୍ଯ୍ୟନ୍ତ ସମସ୍ତ ଟିପ୍ପଣୀ ଡଃ ମାୟାଧର ମାନସିଂହଙ୍କ ରଚନାରୁ ଗୃହୀତ।
୨- ଶିକ୍ଷାବିତ୍‌ର ଗାଥା (୧୯୬୫) ପୃ.୧.
୩- ତତ୍ରୈବ.
୪- ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ପୃ.୧. ୧୯୫୩
୫- ତତୈବ.
୬- ତତ୍ରୈବ , ପୃ.୯.
୭- ଶିକ୍ଷାର କି', କ'ଣ ଓ କାହିଁକି ? ପୃ.୨୨-୨୩.୧୯୬୦
୮- ତତ୍ରୈବ, ପୃ.୩୦
୯- ଶିକ୍ଷାବିତ୍‌ର ଗାଥା, ପୃ.୩୩୩.
୧୦- ଶିକ୍ଷାର କି', କ'ଣ ଓ କାହିଁକି ? ପୃ୨୦-୨୧
୧୧- ତତ୍ରୈବ. ପୃ.୧୧.
୧୨- ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ପୃ.୧୩.
୧୩- ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ପୃ.୮
୧୪- ଶିକ୍ଷାର କି' କ'ଣ ଓ କାହିଁକି ? ପୃ.୨-୩.
୧୫- ତତ୍ରୈବ ପୃ.୩.
୧୬- ତତ୍ରୈବ ପୃ.୯.
୧୭- ତତ୍ରୈବ, ପୃ.୩୩.
୧୮- ପଶ୍ଚିମ ପଥିକ, ଯାତ୍ରାରମ୍ଭ ପୃ.୪.
୧୯- ଶିକ୍ଷାବିତ୍‌ର ଗାଥା, ପୃ.୨.
୨୦- ତତ୍ରୈବ ପୃ.୩.
୨୧- ତତ୍ରୈବ ପୃ.୪.
୨୨- ତତ୍ରୈବ ପୃ.୬.
୨୩- ଶିକ୍ଷାର କି' କ'ଣ ଓ କାହିଁକି ? ପୃ.୧୧.
୨୪- ତତ୍ରୈବ ପୃ.୩୮.
୨୫- ତତ୍ରୈବ ପୃ.୪୩.୪୪

୨୬- ମାନସିଂହ-ଗ୍ରନ୍ଥାବଳୀ-ଦ୍ୱିତୀୟ-ଖଣ୍ଡ, ପୃ-୧୮୨, କମଳାୟନ କାବ୍ୟ
ତମର ବାପାଙ୍କୁ ଜାଣେ, ସାମାନ୍ୟ ଶିକ୍ଷକ
ହେଲେ କି ହୋଇଲା, ଜଣେ ମନୁଷ୍ୟ ଗଠକ
ସାଧୁ, ଦକ୍ଷ, ଧର୍ମଭୀରୁ, କାର୍ଯ୍ୟ-ପରାୟଣ
ଛାତ୍ରଙ୍କ ମଙ୍ଗଳାକାଙ୍‌କ୍ଷୀ, ଉଦାର ମନନ।
ଏହିପରି ଦୁଇଗଣ୍ଡା, ଗୁରୁ ଏ ଦେଶରେ
ଥିଲେ ଉଠିଯା'ନ୍ତା ଜାତି ବହୁତ ଉପରେ।"

୨୭- ତତ୍ରୈବ. ପୃ.-୨୩୩-୩୪
ବ୍ରତପରି ଧରି ଅଛି ଛାତ୍ର ଅଧ୍ୟାପନା
ନାହିଁରଖି ଚିତ୍ତେ ବିନିମୟର ଗଣନା
କମଳ ଜରଇ ବିଦ୍ୟାଦାନ ଅକାତରେ
ଶିକ୍ଷକ ସେ ସବୁବେଳେ, ଇସ୍କୁଲେ ବା ଘରେ।
ଘରେ କରେ ଅଧ୍ୟୟନ, କରେ ପରିଶ୍ରମ
କରିବାକୁ ଜ୍ଞାନ, ଛାତ୍ରଙ୍କର ହୃଦଙ୍ଗମ,
ଦେଖେ ତାଙ୍କ ଖାତାପତ୍ର ସାବଧାନତାରେ
ଦେଖାଏ ପ୍ରମାଦ ସବୁ ମୃଦୁ ତିରସ୍କାରେ,
ତାଙ୍କ ସଂଗେ ଏକ ହୁଏ, କ୍ରୀଡ଼ନେ ବିଳାସେ
ତାଙ୍କ ଛୋଟବଡ଼ ଦୁଃଖେ ବେଦନା ପ୍ରକାଶେ
ସବୁ ସଙ୍ଗେ ଥାଏ କିନ୍ତୁ ଆପଣାର ସ୍ତରେ
ଯେହ୍ନେ ସେ ଉନ୍ନତ ଜୀବ ଜ୍ଞାନେ, ଚରିତ୍ରରେ।

୨୮- ଶିକ୍ଷାବିତ୍‌ର ଗାଥା, ପୃ.୩୩୧-୩୨.

୨୯- ତତ୍ରୈବ-ପୃ.୨୦୪

୩୨- ଗ୍ରାମୋନ୍ନତିର ରୋମାଞ୍ଚକର କାହାଣୀ ପୃ.୭୧-୭୨.

୩୩- ସାହିତ୍ୟ ଓ ବିଶ୍ୱବିଦ୍ୟାଳୟ (ପ୍ରବନ୍ଧ) ନବଜୀବନ ଷଷ୍ଠ ବର୍ଷ ଦଶମ ସଂଖ୍ୟା ପୃ.୫୯୭।

୩୪- ଗ୍ରାମୋନ୍ନତିର ରୋମାଞ୍ଚକର କାହାଣୀ, ପୃ.୬୬

୩୫- ଶିକ୍ଷାର କି' କ'ଣ ଓ କାହିଁକି? ପୃ.୪-୫.

୩୬- ତତ୍ରୈବ-ପୃ.୩୪-୩୫.

୩୭- ଶିକ୍ଷାବିତ୍‌ର ଗାଥା, ପୃ.୮୨.

୩୮- ଶିକ୍ଷାର କି, କ'ଣ ଓ କାହିଁକି? ପୃ.୫୦.

୩୯- ତତ୍ରୈବ. ପୃ.୫୦.

୪୦- ତତ୍ରୈବ. ପୃ.୫୩.

୪୧- ତତ୍ରୈବ ପୃ.ପୃ.୫୩.

୪୨- ତତ୍ରୈବ ପୃ.୫୩.
୪୩- ତତ୍ରୈବ ପୃ.୭୩.
୪୪- ତତ୍ରୈବ ପୃ.୮୩.
୪୫- ତତ୍ରୈବ ପୃ.୮୪.
୪୬- ତତ୍ରୈବ ପୃ-୯୬.
୪୭- ଶିକ୍ଷାବିତ୍‌ର ଗାଥା, ହିନ୍ଦୋଳ ରିପୋର୍ଟ ପୃ.୫୨
୪୮- ଶିକ୍ଷାର କି, କ'ଣ ଓ କାହିଁକି? ପୃ.୭୭.
୪୯- ତତ୍ରୈବ. ପୃ.୯୮-୯୯.
୫୦- ତତ୍ରୈବ, ପୃ.୧୦୬-୧୦୭.
୫୧- ତତ୍ରୈବ, ପୃ..୧୦୭-୧୦୮
୫୨- ତତ୍ରୈବ ପୃ.୧୧୦.
୫୩- ତତ୍ରୈବ ପୃ.୧୧୧.
୫୪- ତତ୍ରୈବ ପୃ.୧୧୪
୫୫- ଶିକ୍ଷାବିତ୍‌ର ଗାଥା ପୃ.୧୭୬.
୫୬- ତତ୍ରୈବ, ପୃ.୭୬.
୫୭- ପ୍ରଚଳିତ ଶିକ୍ଷା ବ୍ୟବସ୍ଥା କି ସତ୍ୟରେ ତ୍ରୁଟିପୂର୍ଣ୍ଣ? ନବରବି/ତୃତୀୟ ବର୍ଷ, ପ୍ରଥମ ସଂଖ୍ୟା, (ଜୁଲାଇ—୧୯୭୨)ପୃ.୧୭।
୫୮- ତତ୍ରୈବ ପୃ.୧୯.
୫୯- ତତ୍ରୈବ, ପୃ.୨୦.
୬୦- ତତ୍ରୈବ, ପୃ.୨୧.
୬୧- ତତ୍ରୈବ ପୃ.୨୨.
୬୨- ତତ୍ରୈବ ପୃ.୨୩.
୬୩- ତତ୍ରୈବ ପୃ.୨୪.
୬୪- ତତ୍ରୈବ, ପୃ.୨୬.
୬୫- ତତ୍ରୈବ ପୃ.୨୭.
୬୬- ତତ୍ରୈବ ପୃ.୨୮.
୬୭- ତତ୍ରୈବ, ପୃ.୨୮-୨୯.
୬୮- ତତ୍ରୈବ, ପୃ.୩୦.
୬୯- ତତ୍ରୈବ ପୃ.୩୧.
୭୦- ତତ୍ରୈବ ପୃ.୩୨.
୭୧- ତତ୍ରୈବ ପୃ.୩୨.
୭୨- ଆମ ଗଣତନ୍ତ୍ରର ଭବିଷ୍ୟତ; ନବରବି (୩/୯) ମାର୍ଚ୍ଚ-୧୯୭୩ ପୃ.୩୮.

# ଅଷ୍ଟମ ଅଧ୍ୟାୟ

## କଳା

# କଳା

"ଯାହା ରହସ୍ୟହୀନ ତାହା ସୃଷ୍ଟି ନୁହେଁ ଏବଂ ଯାହା ସୃଷ୍ଟି ନୁହେଁ ତାହା ସାହିତ୍ୟ ନୁହେଁ।"
—ମାନସିଂହ

ମାନସିଂହ ନିଜେ ଜଣେ କବି। ଜୀବନରେ ପ୍ରତ୍ୟେକ ବସ୍ତୁକୁ ଏକ ଶିଳ୍ପୀ ସୁଲଭ ଦୃଷ୍ଟିକୋଣରୁ ଦେଖିବା ଥିଲା ମାନସିଂହଙ୍କର ବ୍ୟକ୍ତିତ୍ୱର ଏକ ବିଶିଷ୍ଟ ଗୁଣ। ସମୟକ୍ରମେ ସେ ଇଂରାଜୀ ସାହିତ୍ୟର ଛାତ୍ରତ୍ୱ ଗ୍ରହଣ କରିଥିଲେ ଓ ବିଶ୍ୱର ଦୁଇ ଶ୍ରେଷ୍ଠ ସାହିତ୍ୟକାର, କାଳିଦାସ ତଥା ସେକ୍ସପିୟରଙ୍କ ସଂପର୍କରେ ଗବେଷଣା ବି କରିଥିଲେ। ତେଣୁ ଜୀବନର ବିଭିନ୍ନ ପର୍ଯ୍ୟାୟରେ ସେ କେବଳ କବିତା ଲେଖି ନାହାନ୍ତି ବା କବିତା ପଢ଼ି ସନ୍ତୁଷ୍ଟ ହୋଇ ନାହାନ୍ତି, ଶିଳ୍ପ ସୃଷ୍ଟିର ବିଚାର କରିଛନ୍ତି। ନିଜକୁ ଜୀବନର ବିଭିନ୍ନ ପର୍ଯ୍ୟାୟରେ ନିଜର ରଚନା ମାଧ୍ୟମରେ ନାନା ଭାବରେ ଆବିଷ୍କାର କଲାଭଳି, ବିଭିନ୍ନ କବି, ସାହିତ୍ୟିକ ଓ ଶିଳ୍ପସୃଷ୍ଟିକି ସେ ଭିନ୍ନ ଭିନ୍ନ ଭାବରେ ପର୍ଯ୍ୟାଲୋଚନା କରିଛନ୍ତି। ଏହି ଆଲୋଚନା ଓ ପର୍ଯ୍ୟାଲୋଚନା ଭିତର ଦେଇ ମାନସିଂହଙ୍କର କଳା ଓ ସାହିତ୍ୟ ପ୍ରତି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଫୁଟି ଉଠିଛି—ତାହା ତାଙ୍କର ଏକ ନିର୍ଦ୍ଦିଷ୍ଟ ନାନ୍ଦନିକ ପ୍ରତ୍ୟୟକୁ ପ୍ରତିଫଳିତ କରିଛି। ସଂପୃକ୍ତ ଆଲୋଚନାରେ ମାନସିଂହଙ୍କ ନାନ୍ଦନିକ ଧାରଣାର ସ୍ୱରୂପ, ଉତ୍ସ ଓ ବିବର୍ତ୍ତନ ଉପସ୍ଥାପନ କରାଯାଇଛି।

କବି ମାନସିଂହଙ୍କ ସ୍ରଷ୍ଟାମନ ଭିତରେ ସାହିତ୍ୟ ପ୍ରତି ଏକ ନିର୍ଦ୍ଦିଷ୍ଟ ଚାହାଣି ପ୍ରଥମରୁ ସୃଷ୍ଟି ହୋଇଥିଲା। କବି ରାଧାନାଥ ପଶ୍ଚିମ ଜୀବନ ଯାହାର ପଶ୍ଚିମ ତୀରରେ ଯାପନ କରିବା ପାଇଁ କାମନା କରିଥିଲେ, ସେହି ଶୋକ-ପାଶୋରା- ଅପ୍ସରା-ଭୁବନ ଚିଲିକାର କୋଳରେ କବିଙ୍କର ଜନ୍ମ। ବାଲ୍ୟ ଜୀବନ, ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ମଧ୍ୟ ସେଇଠାରେ ହିଁ ସମାପନ ହୋଇଥିଲା। କବିଙ୍କ ଘରର ଗୋଟିଏ ପଟରେ ପ୍ରକୃତିର ଚାରୁ ଚିତ୍ରଶାଳା, ଚିଲିକା, ଅପର ପାର୍ଶ୍ୱରେ ଦଣ୍ଡାୟମାନ ଅନନ୍ତକାୟା ବିସ୍ତାର କରି ସଦାମୁଖରିତ ମହୋଦଧି। କିଆ, କେତକୀ, ପୋଲାଂଗ, ନାରୀକେଳ, ତାଳ, ଆମ୍ରକୁଂଜର ଏକ ପ୍ରାକୃତିକ ପରିବେଶ କବି ମନକୁ ରସମୟ କରିଥିଲା। ଭଂଜଭୂମି ଗଂଜାମର ସାଂସ୍କୃତିକ ବାୟୁ ମଣ୍ଡଳର ଝଲକ କବିଙ୍କ ଗ୍ରାମ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଓଡ଼ିଶାର ରାଜ ଦରବାର ପ୍ରାଚୀନ ତଥା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟକୁ ପୃଷ୍ଟପୋଷକତା କରି ଆସିଥିଲା। ମାଲୁଦର ଗ୍ରାମେ ଗ୍ରାମେ ପ୍ରାଚୀନ ଛାନ୍ଦ ଚଉପଦୀର ଲହର ସାଙ୍ଗକୁ, ପାରିକୁଦର ରାଜ ପରିବାର ସହିତ ମାନସିଂହଙ୍କ ପରିବାରର ସଂପର୍କ ପରିବେଶକୁ ଆହୁରି ନିବିଡ଼ କରିଥିଲା। ପୁନଶ୍ଚ ମାନସିଂହଙ୍କ ପିତାମହ ସତ୍ୟବାଦୀ ନାୟକ ଜଣେ କବି ଓ ପିତୃବ୍ୟ ଜଣେ ଗ୍ରାମ୍ୟ ଗାୟକଥିବାରୁ, ସାହିତ୍ୟ ସଂଗୀତ ଓ କଳାପ୍ରତି କବିଙ୍କ ମନରେ ଏକ ସହଜାତ ପ୍ରବୃତ୍ତି ବିଦ୍ୟମାନ ଥିଲା।

ପାରିପାର୍ଶ୍ୱିକ ପରିବେଶର ସହଯୋଗରେ ମାନସିଂହଙ୍କର କଳାକାର ପ୍ରାଣ ଜାଗିଉଠିଥିଲା । ରାଧାନାଥ ଜୀବନ୍ତ ପ୍ରକୃତି ଭିତରେ ଜୀବନର ସତ୍ତା ଦେଖିଥିଲେ ମାତ୍ର ମାନସିଂହ ପାଷାଣ ମଧ୍ୟରେ ବି ଜୀବନର ସଂଧାନ କଲେ । ଉତ୍କଳର ପ୍ରାଚୀନ ଶିଳ୍ପୀକୁଳ ପାଷାଣ ବୁକୁରେ ପଦ୍ମ ଫୁଟାଇ ପାରିଥିଲେ, ମାତ୍ର ଉତ୍କଳର ଧର୍ମୀୟ ଚେତନାରେ, ଧର୍ମର ଚଷମାରେ ତାହା କେବଳ ଦେବଦେବୀ ରୂପେ ଅବତୀର୍ଣ୍ଣ ହୋଇ ଆସୁଥିଲେ । କବି ରାଧାନାଥ ମଧ୍ୟ ଉତ୍କଳୀୟ ମଂଦିରମାଳାରେ ସୌନ୍ଦର୍ଯ୍ୟ ପରିବର୍ତ୍ତେ ଦେବତାର ସଂଧାନ କରୁଥିଲେ । ଉତ୍କଳୀୟ ପ୍ରସ୍ତର-କାବ୍ୟ-ଶିଳ୍ପର ପ୍ରାଣର ଭାଷା ବୁଝିବା ପାଇଁ ଚିହ୍ନରା ଗ୍ରାହକ କେହି ନ ଥିଲେ । ବୌଦ୍ଧଯୁଗର ପ୍ରସ୍ତର ମୂର୍ତ୍ତି ବହଳ ସିନ୍ଦରରେ ମାଖି ହୋଇ ଗ୍ରାମ ପ୍ରାନ୍ତରର ତରୁତଳେ ଠାକୁରାଣୀ ପାଲଟିଗଲା ପରି ଉତ୍କଳୀୟ ଶିଳ୍ପୀର ପ୍ରାଣର-କଥା ଦେବତାର-ଘଟାଟୋପ ମଧ୍ୟରେ ଗୁମୁରି ଗୁମୁରି କାନ୍ଦିବାକୁ ଲାଗୁଥିଲା । ରାଧାନାଥ କୋଣାର୍କକୁ ଉପଲକ୍ଷ୍ୟ କରି ଚନ୍ଦ୍ରଭାଗା ପ୍ରସଙ୍ଗ ଲେଖିଥିଲେ ମଧ୍ୟ, କୋଣାର୍କର ଅପୂର୍ବ ଶୋଭା ଦେଖିପାରି ନଥିଲେ । ପଣ୍ଡିତ ନୀଳକଣ୍ଠ କୋଣାର୍କକୁ ଦେଖି ଅତୀତ ଓଡ଼ିଶାର ଗୁଣ ଗାରିମା ଗାନ କରିବାରେ ଲାଗିଲେ । ଗୋପବନ୍ଧୁ ତ ଧରମାର ଉତ୍ସର୍ଗୀକୃତ ଜୀବନର କିମ୍ବଦନ୍ତୀ ଓ ଧର୍ମ ଭାବନା ମଧ୍ୟରେ ବୁଡ଼ିରହି କୋଣାର୍କର ଶୋଭାକୁ କବିଆଖିରେ ଦେଖି ପାରିଲେ ନାହିଁ । ଓଡ଼ିଶାର ସାଧାରଣ ଜନତାଙ୍କ ପାଇଁ ମାଘସ୍ନାନ, ଚନ୍ଦ୍ରଭାଗାବୁଡ଼ ଓ ନବଗ୍ରହପୂଜା ହି କେବଳ ଆକର୍ଷଣୀୟ ଥିଲା । କଳାପ୍ରାଣ ମାନସିଂହ ହିଁ କୋଣାର୍କର ବିଗତ ଯୌବନକୁ ସ୍ମରଣ କରି ପାଷାଣ ବକ୍ଷରେ ରମ୍ୟ କଳାର ରୂପର ସଂଧାନ ପାଇଛନ୍ତି । ମାନସିଂହ ହିଁ କୋଣାର୍କର ଅଂଗେ ଅଂଗେ କଳାର କାଉଁରୀସ୍ପର୍ଶ, ଫୁଲର ଫସଲ ଦେଖିବାକୁ ପାଇଲେ । ସାଧାରଣ ଜନତା ଚିତ୍ତରେ ଯେଉଁ କୋଣାର୍କ ତୀର୍ଥ କ୍ଷେତ୍ର ଭାବରେ ବିଦ୍ୟମାନ ଥିଲା, ମାନସିଂହଙ୍କ କୋଣାର୍କ କବିତାରେ ତାହା ସାଧାରଣର ପର୍ଯ୍ୟଟନ କ୍ଷେତ୍ର ରୂପରେ ଦେଖାଦେଲା ।

ଅତୀତରେ ସୌନ୍ଦର୍ଯ୍ୟ ଦେଖିବା ଓ ପ୍ରକୃତିକୁ ଦେଖିବାରେ ଇଚ୍ଛା ରାଜ ତଥା ସାମନ୍ତ ମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ସାଧାରଣ ଜନତା କଳା ଓ ସାହିତ୍ୟ ତ ଦୂରର କଥା ସାଧାରଣ ପ୍ରକୃତି ବା ଜୀବନରେ ଥିବା ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଅସମର୍ଥ ଥିଲେ । ପ୍ରକୃତି ଓ ଜୀବନର ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ଯେଉଁ ନିର୍ଲିପ୍ତତା, ଅବସର ଓ ମାନସିକଦୂରତ୍ୱ ଆବଶ୍ୟକ, ତାହା ସାଧାରଣ ଲୋକଙ୍କ ଭାଗ୍ୟରେ ପ୍ରାୟତଃ ଜୁଟୁ ନଥିଲା । ମାନସିଂହ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ବି ରାଜ ପରିବାରର ସଂପର୍କ ହେତୁ ସାମନ୍ତ ପରିବାରର ଆଭିଜାତ୍ୟ ତାଙ୍କ ମାନସିକତାରେ ଅକ୍ଷୁଣ୍ଣ ରହିଥିଲା । ତେଣୁ କଳା, ସାହିତ୍ୟ, ପ୍ରକୃତି ତଥା ଜୀବନକୁ ଏକ ରସଗ୍ରାହୀ ଦୃଷ୍ଟିକୋଣରୁ ଦେଖିବାର ଅଭ୍ୟାସ ସେ ପାରିବାରିକ ସୂତ୍ରରୁ ହିଁ ପାଇଥିଲେ । ଇଂରେଜ ରୋମାଣ୍ଟିକ୍ କବିଙ୍କ ପ୍ରଭାବ ଓ ନିଜର ସ୍ରଷ୍ଟାମନ ତାଙ୍କୁ କବିତ୍ୱର ସରଣୀରେ ପଥିକୀ କଲା । ପୁଣି ସାହିତ୍ୟ ଗୋଟିଏ ଏମିତି ନିଶା ଯେ ଏଥିରେ ଥରେ ପଡ଼ିଗଲେ ଛାଡ଼ି

ହେବ ନାହିଁ। ମାନସିଂହଙ୍କ ଭିତରେ କଳାକାରର ମନ ଓ ସ୍ରଷ୍ଟାର ଅଭିମାନ ଥିଲା। ଏହି ସମସ୍ତ କ୍ରିୟାର ପ୍ରତିକ୍ରିୟାରୁ ସ୍ରଷ୍ଟା ମାନସିଂହଙ୍କର ଆବିର୍ଭାବ।

ମାନସିଂହଙ୍କର ଶିଳ୍ପୀପ୍ରାଣ ଜନଜୀବନର ବିଭିନ୍ନ ପୃଷ୍ଠାକୁ ପଢ଼ିପାରୁଥିଲା। ଜନଜୀବନକୁ ଛାଡ଼ି ସାହିତ୍ୟ ସୃଷ୍ଟି ସମ୍ଭବ ନୁହେଁ। ଜୀବନର ହସକାନ୍ଦକୁ ଫୁଟାଇବା ପାଇଁ ଜଗତର ସମସ୍ତ ସ୍ରଷ୍ଟା ବିଭିନ୍ନ ମାର୍ଗରେ ନିଜର ଭାବକୁ ପ୍ରକାଶ କରନ୍ତି ମାତ୍ର; ସତ୍ୟ-ପ୍ରକାଶ ହିଁ କଳା ବା ସାହିତ୍ୟର ଲକ୍ଷ୍ୟ। ମାନସିଂହଙ୍କ ଭାଷାରେ: ''ମାନବ ଜୀବନର ଅଗଣିତ ଦୁଃଖ ବେଦନା ହିଁ ସାହିତ୍ୟକୁ ପ୍ରକୃତରେ ମେରୁଦଣ୍ଡ ଦାନ କରେ ଓ କଲ୍ୟାଣମୟ କରେ। ଆମ୍ଭମାନଙ୍କର କବି କଳ୍ପନାର ସ୍ଫଟିକ ପ୍ରାଚୀର ମଧ୍ୟରେ ବଢ଼ି ଆସିଛି। ବାହାରେ ଦୃଶ୍ୟମାନ ଧୂଳିମୟ ସୃଷ୍ଟିର ସତ୍ୟ ସହିତ ତା'ର ବିଶେଷ ସଂପର୍କ ନାହିଁ। କିନ୍ତୁ ଏହି ଧୂଳି ଆବର୍ଜନାର ସୃଷ୍ଟିତ ସତ୍ୟସୃଷ୍ଟି ''[୧]

ମାନସିଂହ କବି ତଥା କଳାକାରଙ୍କୁ ଏହି ସାଧାରଣ ଦୁନିଆର ଜୀବ ରୂପରେ ସ୍ୱୀକାର କଲେ ମଧ୍ୟ, ସେମାନଙ୍କର ସ୍ରଷ୍ଟା-ମନ ସମାଜର ଅନ୍ୟମାନଙ୍କଅପେକ୍ଷା ମଣିଷ ଜୀବନକୁ ଅଧିକ ନିବିଡ଼ ଭାବରେ ଅନୁଭବ କରିଥାଏ ବୋଲି କହିଛନ୍ତି। କବିଙ୍କ ସଂପର୍କରେ ସେ କହନ୍ତି—''ଆମ୍ଭମାନଙ୍କ ମଧ୍ୟରେ ଏପରି ଜଣେ ଜଣେ ଲୋକ ଜନ୍ମ ଗ୍ରହଣ କରନ୍ତି, ଯେଉଁମାନେ ମାନବର ଏହି ଅନୁଭୂତିଗୁଡ଼ିକୁ, ସମାଜର ଆଉ ଦଶଜଣଙ୍କ ଅପେକ୍ଷା ନିବିଡ଼ତର ଭାବରେ ଅନୁଭବ କରନ୍ତି। ମାନବ ଚରିତ୍ର ବିଶ୍ଳେଷଣ କରିବାରେ, ସୃଷ୍ଟିର ତତ୍ତ୍ୱ ଉପଲବ୍ଧି କରିବାରେ, ଯେଉଁମାନଙ୍କର ସହଜ ଲବ୍ଧ ବୁଦ୍ଧିଥାଏ ଏବଂ ଏଇ ଅନୁଭୂତି ଓ ଏଇ ତତ୍ତ୍ୱ ଜ୍ଞାନକୁ ଭାଷାରେ ପ୍ରକାଶ କରିବାର କ୍ଷମତା ଯେଉଁମାନଙ୍କର ଥାଏ, ସେଇମାନେ କବି। କବିର କାର୍ଯ୍ୟ, ଅଗଣିତ ଜନସଂଘର ଶତ ଶତ ମୂକ ଅନୁଭୂତିକୁ ଭାଷା ଦାନ କରିବା। ଯେଉଁ କବି ଯେଉଁ ପରିମାଣରେ ମାନବ ଅନୁଭୂତିକୁ ଭାଷାର ଶିଳ୍ପଦେଇ ପ୍ରକାଶ କରି ପାରିଛି, ସେ ସେହି ପରିମାଣରେ ପ୍ରିୟ ଓ ପୂଜ୍ୟ। ଯେଉଁ ସାହିତ୍ୟରେ ମାନବର ବିଚିତ୍ର ଅନୁଭୂତି ଯେଉଁ ପରିମାଣରେ ପ୍ରକାଶ ପାଇଛି, ସେ ସାହିତ୍ୟ ସେଇ ପରିମାଣରେ ପୂର୍ଣ୍ଣ।[୨]

ଅକ୍ଷର ଯୋଡ଼ି ପଦକୁ ପଦ ଛନ୍ଦିଗଲେ ବା ବିଭିନ୍ନ ରଂଗକୁ ଯତ୍ରତତ୍ର ଲଗାଇଲେ, କେହି କବି ବା ଶିଳ୍ପୀ ହୋଇ ନ ପାରେ। ସୃଷ୍ଟିର ପୃଷ୍ଠପଟରେ ଜୀବନ ଥାଏ। ଶୃଙ୍ଖଳା, ସ୍ୱାତନ୍ତ୍ର୍ୟ ଓ ବୈଚିତ୍ର୍ୟହିଁ ସ୍ରଷ୍ଟାର ଧର୍ମ। ସାଧାରଣ ଦୃଷ୍ଟିଠାରୁ କଳାକାର ବା କବିର ଦୃଷ୍ଟି ଭିନ୍ନ। ମାନସିଂହଙ୍କ ମତରେ ଏହା କେବଳ କବି କଳାକାରର ଧର୍ମ ନୁହେଁ, ବୈଚିତ୍ର୍ୟ ହିଁ ସୃଷ୍ଟିର ଧର୍ମ, ସଂସାରର ଧର୍ମ। ସେ ସଂପର୍କରେ ଉଦାହରଣ ଦେବାକୁ ଯାଇ ମାନସିଂହ ଲେଖିଛନ୍ତି— ''ଧରନ୍ତୁ ଯଦି ପୃଥିବୀରେ ସକଳ ତରୁଣୀ କଳଗଢ଼ା ପିତୁଳା ପରି ଏକଆକୃତିବିଶିଷ୍ଟ ହୋଇ ଯାନ୍ତେ, ତେବେ ଏ ପୃଥିବୀ ପୃଷ୍ଠ ତ କ୍ଷଣକେ ରକ୍ତାକ୍ତ ହୁଅନ୍ତା। ଅପର ପକ୍ଷରେ, ତ୍ରିଚତୁରାଂଶ ତରୁଣୀ ଅବିବାହିତ ରହନ୍ତେ। ଜଗତର କବି ଓ ଚିତ୍ରକର ବର୍ଗ ଏ ଯାବତ୍ ଯେପରି ତରୁଣୀ ପାଗଳ ହୋଇଆସିଛନ୍ତି, ଆଉ ସେପରି ହୁଅନ୍ତେ ନାହିଁ। ମନୁଷ୍ୟ ଚକ୍ଷୁରେ ନାରୀର ମାଧୁରୀ ହିଁ ନଷ୍ଟ ହୁଅନ୍ତା,

କିନ୍ତୁ ବିଧାତା ସୃଷ୍ଟିକୁ ତ ଏପରି ନୀରସ କରିବାକୁ ଦେଇନାହାନ୍ତି। ତାଙ୍କର ସୃଷ୍ଟି ରସହୀନ ସାମ୍ୟ ମଧ୍ୟଦେଇ ଚାଳିତ ନ ହୋଇ, ସରସ ସ୍ୱତନ୍ତ୍ରତା ଓ ବୈଚିତ୍ର୍ୟ ମଧ୍ୟଦେଇ ଗତି କରୁଅଛି। ସ୍ୱାତନ୍ତ୍ର୍ୟ ସୃଷ୍ଟି ଧର୍ମ ଏବଂ ଏହି ଧର୍ମହିଁ ଏ ଧରଣୀକୁ ରଖିଛି।''[୩]

କବି ପ୍ରତିଭା ମାନସିଂହଙ୍କର ସହଜାତ। ଲାଭାଲାଭର ଜମାଖର୍ଚ୍ଚ ପାଇଁ ସେ ଲେଖନୀ ଧରି ନଥିଲେ, ଅନ୍ତରର ଭାବକୁ ପ୍ରକାଶ କରିବା ପାଇଁ ମାନସିଂହଙ୍କର ଲେଖନୀ ଜାଗ୍ରତ ଥିଲା। ଯେତେବେଳେ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ 'ଓଡ଼ିଶାରେ ଲେଖିବି କାହିଁକି ?' ବୋଲି ସ୍ୱର ଉଠାଇଥିଲେ, ମାନସିଂହ ଏକ ଦୀର୍ଘ ଆଲୋଚନାରେ ତାହାର ପ୍ରତିବାଦ କରିଥିଲେ। ଏହି ପ୍ରତିବାଦର ସ୍ୱରରେ ସ୍ରଷ୍ଟା ମାନସିଂହଙ୍କ ସୃଷ୍ଟିର ରହସ୍ୟ ବିଦ୍ୟମାନ। ମାନସିଂହଙ୍କର ଭାଷାରେ— ''ବାହରର ଜମା—ଖର୍ଚ୍ଚ ସଂଗେ ସାହିତ୍ୟ ସୃଷ୍ଟିର ସମ୍ବନ୍ଧଟା ସେତେ ନିଗୁଢ଼ ନୁହେଁ ଓ ଜମାଖର୍ଚ୍ଚଟା ଆମକୁ ସାହିତ୍ୟଠାରୁ ଭିନ୍ନବୋଲି ଭାବିବାକୁ ହେବ।''[୪]

ଅଭାବର ଚାବୁକ୍ ନ ଖାଇଲେ ସ୍ରଷ୍ଟାର ସୃଷ୍ଟିର-ବୀଜ ଅଂକୁରିତ ହୁଏ ନାହିଁ। ସେ ଅଭାବ ଆର୍ଥନୀତିକ ବା ମାନସିକ ଅଥବା ନିଃସଂଗତା ହେଉ ସ୍ରଷ୍ଟାମନର ପରଦା ଉନ୍ମୋଚନ ପାଇଁ ଅଭାବବୋଧ ଆବଶ୍ୟକ। ମାନସିଂହ କହନ୍ତି: ''ଲାଞ୍ଛନା ଓ ଦୁଃଖ, ସାଧନା ଓ ଅନୁଭୂତିର ଜନନୀ ଓ ଧାତ୍ରୀ। ସାଧନା ଓ ଅନୁଭୂତି ସାହିତ୍ୟ ସୃଷ୍ଟିର ମେରୁଦଣ୍ଡ। ଯେଉଁମାନଙ୍କ ଜୀବନରେ ସୃଜନାନନ୍ଦ ଅନୁଭବ କରିବା ପାଇଁ ଆଗ୍ରହ ଅଛି, ସେମାନଙ୍କ ଦୁଃଖ ଦାରିଦ୍ର୍ୟରେ ଅଭିଭୂତ ନ ହୋଇ ସେ ସବୁକୁ ପ୍ରଶାନ୍ତ ଚିତ୍ତରେ ବରଣ କରିନେବା ଉଚିତ। ଅର୍ଜନାନନ୍ଦ ଓ ସୃଜନାନନ୍ଦ ଭିତରେ ଢ଼େର ବ୍ୟବଧାନ। ଅର୍ଜନ ମନୁଷ୍ୟର ଦୈନିକ ଦେହ ପୋଷଣ ପାଇଁ। କିନ୍ତୁ କବି ବା ସାହିତ୍ୟିକ ଦୁଃଖ ଦାରିଦ୍ର୍ୟ ଲାଞ୍ଛନାରେ ନିଷ୍ପେସିତ ହୋଇ, ଲୋକ ଲୋଚନର ଅଗୋଚରରେ ଯାହା ସୃଜନ କରନ୍ତି, ତାହା କେବଳ ତାଙ୍କୁ ଆନନ୍ଦ ଦିଏନି, ସେ ଯେଉଁ ଜାତି ବା ଭାଷାର, ସେଗୁଡ଼ିକ ପାଇଁ ମଧ୍ୟ ଚିରନ୍ତନ ଆନନ୍ଦ ଆୟୋଜିତ ହୋଇଯାଏ।''[୫]

ମାନସିଂହଙ୍କ ଦୃଷ୍ଟିରେ କଳା ଓ ସାହିତ୍ୟ ସହ ନିତିଦିନିଆ ଜୀବନ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ତଥା ବ୍ୟବହାରିକ ସଂପର୍କ ନାହିଁ। ଶିଳ୍ପୀର ଜଗତ ତାର ବଞ୍ଚିବା ପାଇଁ ନୁହେଁ, ତାର ଆନନ୍ଦ ପାଇଁ। ପ୍ରଜାପତି ରଂଗୀନ ଡେଣାର ଅଧିକାରୀ। ଏହି ରଂଗ ତାର ପ୍ରଜାତିକ ବୈଶିଷ୍ଟ୍ୟ। ଠିକ୍ ସେହିଭଳି ମଣିଷ ଚିତ୍ର କରେ, କବିତା ଲେଖେ, କାରଣ ସେ ମଣିଷ ବା କିଛିଟା ଉଚ୍ଚସ୍ତରର ମଣିଷ। ଏହାର ପ୍ରାୟୋଗିକ ମୂଲ୍ୟ ସ୍ୱଳ୍ପ। ସେ ଦ୍ୱିତୀୟ ସ୍ରଷ୍ଟା। ସ୍ରଷ୍ଟା ନିର୍ଲିପ୍ତ ଭାବରେ ସୃଷ୍ଟିକରେ। ସୃଷ୍ଟି କରି ସାରିଲା ପରେ ସେ ବିଷୟରହିତ ଆନନ୍ଦ ଅନୁଭବ କରିବା ଉଚିତ। ସୃଷ୍ଟିକୁ ବିକ୍ରି କରି ବସିଲେ, ତା ମଧ୍ୟରେ ବ୍ୟାବହାରିକତା ଖୋଜିବାକୁ ଗଲେ, ତାହା ସେତେବେଳେ ଆଉ ଶିଳ୍ପ ହୋଇ ରହିବ ନାହିଁ— ଏହା କାରିଗରୀରେ ପରିଣତ ହୋଇଯିବ। ସ୍ରଷ୍ଟା-ମଣିଷ ଆଉ ସାଧାରଣ-ମଣିଷ ଭିତରେ ଥିବା ପାର୍ଥକ୍ୟ ସଂପର୍କିତ ସଚେତନତା ଜୀବନର ପ୍ରତ୍ୟେକ

ପାଦରେ ମାନସିଂହଙ୍କ ମନରେ ସ୍ପଷ୍ଟ ଥିଲା ଏବଂ ଏଇ ଦୃଷ୍ଟିକୋଣଗତ କୌଳିନ୍ୟ ସେ ପାଇଥିଲେ ନିଜର ପାରଂପରିକ କଳାଶିକ୍ଷା ଓ ସାହିତ୍ୟଚର୍ଚ୍ଚାରୁ ତଥା ସମକାଳରେ ଲୋକପ୍ରିୟ ରବୀନ୍ଦ୍ର ଓ ରୋମାଣ୍ଟିକ୍ କାବ୍ୟ ଆନ୍ଦୋଳନରୁ।

## ସାମନ୍ତବାଦୀ ଶିଳ୍ପଦୃଷ୍ଟି ଓ ମାନସିଂହ :

ଜନ୍ମଗତ ସୂତ୍ରରୁ ମାନସିଂହ ଅଭିଜାତ ମନର ମଣିଷ ଥିଲେ। ପ୍ରାଥମିକ ଜୀବନର ଦାରିଦ୍ର୍ୟ ଓ ଜୀବନରେ ବଡ଼ ହେବାପାଇଁ ସଂଗ୍ରାମ, ମାନସିଂହଙ୍କ ମନରୁ ସେହି ଆଭିଜାତ୍ୟର ମୋହକୁ ଉଠାଇ ପାରି ନଥିଲା। ଆଗରୁ କୁହାଯାଇଛି, ମାନସିଂହଙ୍କର ସାହିତ୍ୟପ୍ରବଣତା ତାଙ୍କର ସଂପୃକ୍ତ ମନର ସଂପ୍ରସାରଣ। ସାମନ୍ତବାଦୀ କାବ୍ୟ ଚିନ୍ତାରେ କବି ସ୍ୱପ୍ନଭୁକ୍, ସଂସାର ପ୍ରତି ସେ ଉଦାସୀନ। ସଂସାର ସମୁଦ୍ରରେ ତା'ର ଜୀବନ ନଉକା ଲକ୍ଷ୍ୟହୀନ ଭାବରେ ଘୁରିବୁଲେ। କବି ବା କଳାକାର ନିସ୍ପୃହ ଭାବରେ ସେଇ ନଉକାଟିରେ ବସିରହିଥାଏ ମାତ୍ର। ମାନସିଂହଙ୍କର 'ନିକ୍ୱଣ' କାବ୍ୟଗ୍ରନ୍ଥ, 'କବି ଓ ଅଭିଜାତ' ପ୍ରବନ୍ଧ ତଥା 'ତରୁଣ କବିର ଆଶା' କବିତା ମାନସିଂହଙ୍କର ଏହିଭଳି ଏକ କବିତା-ଦୃଷ୍ଟିର ପରିଚୟ ଦିଏ।

'ନିକ୍ୱଣ'ରେ କବି ନିର୍ଲିପ୍ତ ଭାବରେ କବିତା ଲେଖିଯାଇଛି। ତା'ର ସ୍ୱପ୍ନ, ସମ୍ଭାବନା, ଅନୁଭୂତି ଚିଳତଣ୍ଡୁଳିତ ହୋଇ ତା' କବିତାରେ ଆଣିଛି ନୂତନ ମୂର୍ଚ୍ଛନା। କବି ଅନୁରୁଦ୍ଧ ହୋଇ ଆସିଛି ରାଜଦରବାରକୁ। ରାଜଦରବାରର ଚାକଚକ୍ୟ ଭିତରେ ସେ ନିର୍ଲିପ୍ତ। ବାଧ୍ୟବାଧକତାରେ ନୁହେଁ, ତାର କବିମନ ପାଇଁ ସେ ସାଂସରିକ ଭୋଗବାସନା ନେଇ ନିସ୍ପୃହ। କିନ୍ତୁ ଏକ ସରଳ ତରଳ ତରୁଣମନ କବିଙ୍କର କବିତାରେ ମୁଗ୍ଧ ହୋଇଛି। ସେ ଅନୁଭବ କରିପାରିଛି ରାଜାର ଯଶ ଠାରୁ କବିର ଯଶ ଅଧିକ ପରିବ୍ୟାପ୍ତ। ରାଜତ୍ୱଠାରୁ କବିତ୍ୱ ଅଧିକ ଚିରନ୍ତନ :

"ତମର କବିତା କିନ୍ତୁ
ଗୀତ ହେବ ଯୁଗଯୁଗାନ୍ତର
ତୁମ ଲାଗି ହେବ କ୍ଷୁବ୍‌ଧ
ଲକ୍ଷ ଲକ୍ଷ ଲୋକର ଅନ୍ତର,
ଲକ୍ଷ ଲକ୍ଷ ବର୍ଷ ପରେ
ଏହାଠାରୁ ଅଧିକ ସମ୍ମାନ
ପାଇବେ କି ରାଜା, ଧନୀ,
କେଉଁମାନେ ତୁମରି ସମାନ ?'

ଅତୀତରେ କବି କବିତା ମାଧ୍ୟମରେ ସମ୍ମାନ ପାଉଥିଲା, ମନର ମଣିଷ ବି ପାଉଥିଲା। ରାଜଦରବାରରେ କବିପାଇଁ ଅନ୍ତତଃ ଗୋଟିଏ ସ୍ଥାନ ନିରୂପିତ ଥିଲା। କିନ୍ତୁ ବର୍ତ୍ତମାନ ସମାଜରେ ସାମନ୍ତ ଯାଇ ନୂତନ ଅଭିଜାତ ଆସିଛନ୍ତି କିନ୍ତୁ ତାଙ୍କ ମନରେ ସେଇ କାବ୍ୟଚେତନା ତଥା କବି ପ୍ରତି ଦରଦ ନାହିଁ। ସାହିତ୍ୟ-ପ୍ରୀତି ଲୋକ ଦେଖାଣିଆ ହୋଇ ପଡ଼ିଛି। 'କବି ଓ ଅଭିଜାତ' ପ୍ରବନ୍ଧରେ ମାନସିଂହ ଦେଖାଇଛନ୍ତି ଦରିଦ୍ର କବି

ନିଜର ଅନ୍ତରଙ୍ଗ ପରିବେଶରେ ଦାରିଦ୍ର୍ୟ ଅନୁଭବ କରିପାରି ନଥିଲେ। ଧନର ଅଭାବ ତାଙ୍କର ମନକୁ ରୁଗ୍‌ଣ କରିପାରି ନଥିଲା। କବିର ମନତ ଧନର ବର୍ବରତା ପ୍ରତି ନିତ୍ୟ ସଂକୁଚିତ। ତା'ରି ଭିତର ରହି, "ସେହି କବିଙ୍କର କାବ୍ୟରେ ଏହି ମଧୁମୟ ପଲ୍ଲୀର ଚିତ୍ର, ରମଣୀୟ ଭାବରେ ବିକଶିତ ହୋଇ ଉଠୁଥିଲା। ତେଣୁ ଦୂରସ୍ଥ ନଗରମାନଙ୍କରେ ବୈଚିତ୍ର୍ୟହୀନ ନାଗରିକଙ୍କ ନିକଟରେ ତାଙ୍କର କବିତା ବିଶେଷ ଆଦର ଲାଭକଲା। ପଲ୍ଲୀର ଶୋଭା ସୌନ୍ଦର୍ଯ୍ୟ, ସୁଖଦୁଃଖ, ପ୍ରେମ ସ୍ନେହ, ଏପରି ନିପୁଣ ଭାବରେ କୌଣସି କବି ପୂର୍ବେ ଆଙ୍କି ପାରି ନଥିଲେ। ନିର୍ଜୀବ ନଗର ସଭ୍ୟତାରେ ପଲ୍ଲୀଜୀବନର ସରସତା ଏକ ନୂତନ ଭାବ ସଞ୍ଚାର କଲା। ଦେଖୁ ଦେଖୁ କବିଙ୍କର ଯଶ ଦେଶମୟ ପରିବ୍ୟାପ୍ତ ହୋଇ ଛୁଟିଲା"୬

ନବ ଅଭିଜାତମାନଙ୍କ ପାଖରେ କବିଙ୍କର କୌଣସି ମୂଲ୍ୟ ନାହିଁ, ଆଦର ନାହିଁ, ସମ୍ମାନର ପ୍ରଶ୍ନହିଁ ନାହିଁ। ଲଜ୍ଜାଶୀଳ କବି ଅଭିଜାତଙ୍କର ଦ୍ୱାରସ୍ଥ ହୋଇ ରିକ୍ତ-ହସ୍ତରେ ରାଜପଥକୁ ବାହାରିପଡ଼େ। ସେ ଅନାହାରରେ ସପରିବାର ପ୍ରାଣତ୍ୟାଗ କରେ। ମୃତ୍ୟୁପରେ ତାଙ୍କ ନାମରେ ସଭାସମିତି ହୁଏ। ଶ୍ରେଷ୍ଠ କବି ବୋଲି ସେ ଘୋଷିତ ହୁଅନ୍ତି। ପୁଂଜିବାଦୀ ସମାଜରେ କବି ଓ ସାହିତ୍ୟିକର ଏ ଯେଉଁ ଆତ୍ମବିନାଶ, ତା'ପ୍ରତି ମାନସିଂହ ଗଭୀର ଭାବରେ କ୍ଷୁବ୍ଧ ଥିଲେ। ଝଟିକାଗ୍ରସ୍ତ ସମୁଦ୍ର ଅପେକ୍ଷା ଶାନ୍ତ ସମାହିତ ଗଂଗାନଦୀର ଧାର କବିପାଇଁ ଅଧିକ ଅନୁକୂଳ। ବଞ୍ଚିବା ପାଇଁ ଅତ୍ୟାବଶ୍ୟକର ଝଂଜା ବାତରେ କବିର ମନର ଫୁଲ ମଉଳିଯାଏ, କବି ନିଜେ ମଧ୍ୟ ମରିଯାଏ। ପୁଂଜିବାଦୀ ସମାଜର ଏଇ ପ୍ରକୃତି ପ୍ରତି ମାନସିଂହ ବୀତଶ୍ରଦ୍ଧ ଥିଲେ। ସନ ୧୯୫୧ ରେ ଲିଖିତ 'ଶାସନଚକ୍ର' ଏକାଙ୍କିକାରେ ମଧ୍ୟ ମାନସିଂହ ଅନୁରୂପ ଭାବ ବ୍ୟକ୍ତ କରିଥିଲେ।

ନିଜେ କବିତାଲେଖିଲା ବେଳେ, ଆଦ୍ୟ ଜୀବନରେ ମାନସିଂହଙ୍କର ସାମନ୍ତ ମନୋବୃତ୍ତି କିଛି ପରିମାଣରେ ରହିଥିଲା। ତାଙ୍କର ତରୁଣ କବିମନ ଆଶା କରିଥିଲା, କାଳିଦାସଙ୍କ ଭଳି, ସେ ଘୁରିବୁଲନ୍ତା ଦେଶରୁ ଦେଶାନ୍ତର, ନଗ୍ରରୁ ନଗ୍ରାନ୍ତର। ଚାରିଆଡ଼େ ସେ ପାଆନ୍ତା ଶ୍ରଦ୍ଧା ଓ ସମ୍ମାନ। କେତେବେଳେ ପ୍ରକୃତି ବକ୍ଷରେ ତ କେତେବେଳେ ନାରୀର ଦେହାଂଗନରେ ସେ ଖୋଜିଥାନ୍ତା କବିତାର ଉପାଦାନ। ପୁଣି ଯେତେବେଳେ ସୁବିଧା ହୋଇଥାନ୍ତା ସେ ଅସୀମ ପଥରେ ଯିବାପାଇଁ ଇଚ୍ଛା କରିଥାନ୍ତା। ମଧ୍ୟଯୁଗର କବି ନାରୀର ଯୁବତୀ ରୂପକୁ ଭଲପାଏ। ମାନସିଂହ ବି ତାଙ୍କ କାବ୍ୟପ୍ରେୟସୀ ସେହିଭଳି ଲାବଣ୍ୟମୟୀ ହେବେ ବୋଲି ଆଶା କରିଥିଲେ। ଅସର ଚାନ୍ଦିନୀ ଯାମିନୀ ତଳରେ ପ୍ରେୟସୀ ରାଧାର କୋମଳ ଜଘନ ଉପରେ ଜୀବନ ମରଣକୁ ଭୁଲିଯିବାପାଇଁ ସେ ସ୍ୱପ୍ନ ଦେଖିଥିଲେ। କିନ୍ତୁ ରସିକ ପରି ସବୁ କିଶୋରୀର ଚିବୁକ ଧରି ବୁଲିବାର ଇଚ୍ଛା ତାଙ୍କର ପୂରଣ ହୋଇ ନଥିଲା। ତରୁଣ କବିର ଆଶାରେ ଉଚ୍ଚାରିତ ଏହି ସ୍ୱପ୍ନ ଓ ସ୍ୱପ୍ନଭଂଗ, ସାମନ୍ତବାଦୀ କାବ୍ୟଦୃଷ୍ଟିରୁ ରୋମାଣ୍ଟିକ୍ କାବ୍ୟ କଳ୍ପନା ଆଡ଼କୁ ପ୍ରସାରିତ।

ସମୟ କେବେ ଫେରେ ନାହିଁ। ସେଇଥିପାଇଁ ଅତୀତର ସାମାଜିକ ତଥା ସାଂସ୍କୃତିକ ବିନ୍ୟାସ ଅବିକଳ ଜନ୍ମ ନିଏନା। ବର୍ତ୍ତମାନ କାଳରେ ଅତୀତ ତାର ଆବଶ୍ୟକତା

ନେଇ ନବଜନ୍ମ ଲାଭ କରେ। ମଧ୍ୟଯୁଗ ପ୍ରତି ମାନସିଂହଙ୍କର ଶ୍ରଦ୍ଧା, ମାନସିଂହଙ୍କୁ ଆଉଜଣେ ଉପେନ୍ଦ୍ର ବା ଯଦୁମଣି କରିପାରି ନାହିଁ। କୋଣାର୍କ ଶିଳ୍ପୀକୁ ସେ ନମସ୍କାର ଜଣାଇ ପାରନ୍ତି, ସେଭଳି ବଞ୍ଚିବା କିନ୍ତୁ ତାଙ୍କ ପାଇଁ ସମ୍ଭବହିଁ ନୁହେଁ। ବର୍ତ୍ତମାନ ସମୟରେ ଅବସ୍ଥାନ କରି ଅତୀତକୁ ସ୍ୱପ୍ନ ଦେଖାଯାଇ ପାରେ କିନ୍ତୁ ବର୍ତ୍ତମାନରେ ରହି ଅତୀତକୁ ସମଗ୍ର ଭାବରେ ଫେରିଯିବା ସମ୍ଭବ ନୁହେଁ। ସେଇଥିପାଇଁ ମାନସିଂହଙ୍କର ମଧ୍ୟଯୁଗ ପ୍ରତି ଦୃଷ୍ଟି ପରିଣତ ହୋଇଛି ରୋମାଣ୍ଟିକ୍ କାବ୍ୟଧାରା ପ୍ରତି ଆସକ୍ତିରେ। ମେଡ଼ିଏଭାଲ ଜଗତ ନୁହେଁ, ମେଡ଼ିଏଭାଲିଜମ୍‌ର ସ୍ୱପ୍ନସଂସାର ଭିତରେ ସେ ଆପଣା କଳ୍ପନାର ଚରିତାର୍ଥ ଫୁଟାଇଛନ୍ତି।

## ରୋମାଣ୍ଟିକ୍ କାବ୍ୟପ୍ରତ୍ୟୟ ଓ ମାନସିଂହଙ୍କ ସାହିତ୍ୟାଦର୍ଶ :

ଊନବିଂଶ ଶତାବ୍ଦୀରେ ପ୍ରଥମେ ବଂଗଳା ଓ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଭାଷା ସାହିତ୍ୟରେ ଯେଉଁ ନୂଆ ଚେତନାର ଅଭ୍ୟାଗମ ହୋଇଥିଲା, ତାହାଥିଲା ପାଶ୍ଚାତ୍ୟପ୍ରଭାବର ଫଳ: ଏ କଥା ଜଣା ଅଧିକେ ଅଧିକାଂଶ ଐତିହାସିକଙ୍କ ଦ୍ୱାରା ସ୍ୱୀକୃତ। ଇଉରୋପୀୟ ସାହିତ୍ୟର ସମସ୍ତ କବି, ନାଟ୍ୟକାର ଓ ଔପନ୍ୟାସିକ ଭାରତୀୟ କବିମାନଙ୍କୁ ମୁଗ୍ଧ ଓ ପ୍ରଭାବିତ କରିନଥିଲେ। ଭାରତୀୟମାନଙ୍କୁ ପ୍ରଭାବିତ କରିଥିବା କବିମାନଙ୍କ ସଂଖ୍ୟାଥିଲା ସୀମିତ। ମାଇକେଲ୍ ମଧୁସୂଦନ ଦତ୍ତଂକ ଭଳି ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ଗ୍ରୀକ୍ ଓ ଲାଟିନ୍ ସାହିତ୍ୟ ସଂପର୍କରେ ଅଧିକାଂଶ ଭାରତୀୟ ଆସି ନଥିଲେ। ଗୋଟାଏ ପଟରେ ସେକ୍‌ସପିୟର ଓ ଅନ୍ୟପଟରେ ଇଂରାଜୀ ରୋମାଣ୍ଟିକ କବିଗଣ ଥିଲେ ଆଧୁନିକ ଯୁଗର କାବ୍ୟ ସ୍ରଷ୍ଟାମାନଙ୍କର ଆଦର୍ଶ। ଭାରତୀୟ ରେନେସାଁର ମନ୍ତ୍ରଦାତା ଡେରେଜିଓ ତାଙ୍କର ସମକାଳୀନ ବାଇରନ୍‌ଙ୍କ କାବ୍ୟଚିନ୍ତା ଦ୍ୱାରା ହିଁ ପ୍ରଭାବିତ ହୋଇଥିଲେ। ଏହି ଝଡ଼ର ପକ୍ଷୀ ରୋମାଣ୍ଟିକ କାବ୍ୟ ଆନ୍ଦୋଳନରୁ ନୂତନ ଯୁଗର ଶୁଭଶଂଖ ଫୁଙ୍କିବାର ପ୍ରେରଣା ପାଇଥିଲେ। ବଂଗଳା ସାହିତ୍ୟରେ ରଂଗଲାଲଂକଠାରୁ ଆରମ୍ଭ କରି ମୋହିତଲାଲ୍‌ଙ୍କ ପର୍ଯ୍ୟନ୍ତ ଓ ଓଡ଼ିଆ ସାହିତ୍ୟରେ ରାଧାନାଥଙ୍କ ଠାରୁ ଆରମ୍ଭକରି ମାନସିଂହ ଓ ଗଡ଼ନାୟକଙ୍କ ପର୍ଯ୍ୟନ୍ତ ଅଧିକାଂଶ କାବ୍ୟସ୍ରଷ୍ଟା ଚିନ୍ତା, ଚେତନା ଓ କାବ୍ୟପ୍ରେରଣା ଦୃଷ୍ଟିରୁ ଥିଲେ ରୋମାଣ୍ଟିକ୍। କିନ୍ତୁ , ଏଠାରେ ସ୍ମରଣ ରଖିବାକୁ ହେବ, ରୋମାଣ୍ଟିକ୍ କାବ୍ୟାଦର୍ଶ କୌଣସି ସରଳ ତଥା ଛକ-କଟାହୋଇଥିବା-ଆବେଷ୍ଟନୀ ଭିତରେ ତାହା ବିଭିନ୍ନ ଢ଼ଂଗର, ପ୍ରକୃତିର ସୀମାବଦ୍ଧ ନୁହେଁ; ପ୍ରକୃତିର। ଓଡ଼ିଆ କବିମାନଙ୍କର ରୋମାଣ୍ଟିକ୍ ଚେତନା ମଧ୍ୟ ବିଚିତ୍ର। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି, ରୋମାଣ୍ଟିକ୍ ନଂଦନତତ୍ତ୍ୱ, ସାହିତ୍ୟାଦର୍ଶ, କାବ୍ୟସୃଷ୍ଟି ଓ କାବ୍ୟର ଆବଶ୍ୟକତା ନେଇ ଯେଉଁ ପ୍ରକାର ମତାମତ ଦେଇଥାଏ, ମାନସିଂହଙ୍କର ସାହିତ୍ୟ ଚିନ୍ତା ସେଥିରୁ ଖୁବ୍ ଗୋଟାଏ ଦୂରବର୍ତ୍ତୀ ନୁହେଁ

ରବୀନ୍ଦ୍ରନାଥଙ୍କ 'ନବଜାତକ' କବିତା ସଂଗ୍ରହରେ ଗୋଟାଏ କବିତା ରହିଛି, ଯାହାର ଶୀର୍ଷକ ହେଉଛି: 'ରୋମାଣ୍ଟିକ୍'। ସଂପୃକ୍ତ କବିତାରେ ରବୀନ୍ଦ୍ରନାଥ କବିଙ୍କୁ ଦ୍ୱିତୀୟ ସ୍ରଷ୍ଟାର ଆସନ ଦେଇଛନ୍ତି। ଆମର ନିତି ଦିନିଆ ପରିଚିତ ଚଲାପଥ୍ ଉପରେ କବି ଚାଲିଲେବି

କବିର ପ୍ରତିଭା ଫଳରେ ସେହି ପରିଚିତ ଜଗତ ସ୍ୱତନ୍ତ୍ର ହୁଏ। ବାସ୍ତବ ଜଗତ ତା'ର କଳ୍ପନାର ଯାଦୁମନ୍ତ୍ରରେ ଅଭିସିଞ୍ଚିତ ହୋଇ ନୂତନ ପରିଚୟ ଆହରଣ କରେ। ଜୀବନରେ ଦାରିଦ୍ର୍ୟ, ବ୍ୟାଧି, କୁତ୍ସିତା ଭିତରେ ରହି, କବି ନୂତନ ରସତୀର୍ଥ ରଚନା କରନ୍ତି। କିନ୍ତୁ ରୋମାଣ୍ଟିକ୍ ପ୍ରତ୍ୟୟକୁ ଏହିଭଳି ଭାବରେ ବୁଝାଯାଇ ପାରିବ ନାହିଁ। ମଣିଷ ଭିତରେ ଦୁଇଟି ସତ୍ତା ସମକାଳରେ ଜାଗରୂକ। ଗୋଟିଏ ତା'ର ଜୈବୀ ସତ୍ତା ଯାହା ତା'ର ବଞ୍ଚିବା, ଆତ୍ମରକ୍ଷା କରିବା ଓ ବିକାଶ ପାଇଁ ଶକ୍ତି ଦିଏ। ଅପରଟି ତାର ହେତୁବୋଧ, ତା'ର ବିଚାର ଶକ୍ତି– ଯାହା ଜୀବନର ପ୍ରତିପାଦରେ ତାକୁ ନିୟନ୍ତ୍ରଣ କରେ, ବାଟ ଦେଖାଏ, ଭାଂଗି ପଡ଼ିଥିବା ବେଳେ ନୂଆ ଜୀବନର ଇଶାରା ଦିଏ। ପ୍ରଥମଟି ସ୍ୱତଃସ୍ଫୂର୍ତ୍ତ, ଦ୍ୱିତୀୟଟି ମନନର ଫଳ। ସାହିତ୍ୟ ଆଲୋଚନାରେ ଗୋଟିଏ ରୋମାଣ୍ଟିକ୍ ଅପରଟି କ୍ଲାସିକ୍। କ୍ଲାସିକ୍ ଓ ରୋମାଣ୍ଟିକ୍ ଭିତରେ ଥିବା ପ୍ରଭେଦ ମୌଳିକ କିନ୍ତୁ ପ୍ରତ୍ୟେକ ସାହିତ୍ୟ କୃତିରେ ଉଭୟେ ବିଦ୍ୟମାନ।

ଅଷ୍ଟାଦଶ ଶତାବ୍ଦୀୟ ଇଉରୋପରେ ବିଜ୍ଞାନର ନବନବ ଆବିଷ୍କାର ମଣିଷର ସୂକ୍ଷ୍ମ ବିଚାରବୋଧକୁ କ୍ରମଶଃ ଦୁର୍ବଳ କରି ଦେଇଥିଲା। ନବ ଆବିଷ୍କାରର ଆନନ୍ଦ ନିକଟରେ ଇଂଦ୍ରଧନୁର ସପ୍ତରଂଗ ମଳିନ ପଡ଼ି ଯାଇଥିଲା। ତେଣୁ କବିତାର ଐଂନ୍ଦ୍ରଜାଲିକ ଅନୁଭବ ସେ ଖୋଜିଥିଲା ଶୃଙ୍ଖଳା ଭିତରେ, ବିଚାରବୁଦ୍ଧି ଭିତରେ, ପରଂପରା ଭିତରେ। ମୁକ୍ତି ଅପେକ୍ଷା ଯୁକ୍ତି ସେଠି ହୋଇ ପଡ଼ିଥିଲା ପରମ କାମ୍ୟ। ଏହାର ପ୍ରତିବାଦରେ ଜର୍ମାନ, ଫ୍ରାନ୍ସ୍ ଓ ଇଂଲଣ୍ଡରେ ଦେଖା ଦେଇଥିଲା ରୋମାଣ୍ଟିକ୍ କାବ୍ୟ ଆନ୍ଦୋଳନ। ବିବିଧ ଦେଶରେ ସୃଷ୍ଟି ହୋଇଥିବା ଏହି ରୋମାଣ୍ଟିକ୍ କାବ୍ୟ ଆନ୍ଦୋଳନ ତାର ସ୍ୱରୂପ, ଆଦର୍ଶ ଓ ପ୍ରତିକ୍ରିୟା ଦୃଷ୍ଟିରୁ ଥିଲା ସ୍ୱତନ୍ତ୍ର। ଯୁକ୍ତି ଓ ଜ୍ଞାନ ଅପେକ୍ଷା ଶିଳ୍ପସୃଷ୍ଟିରେ ମୁକ୍ତି ଓ ବିକାଶର ଭୂମିକା ଯେ ଅଧିକ, ନିୟମ ନିଷ୍ଠା ଅପେକ୍ଷା ପ୍ରକାଶାକାଙ୍‌କ୍ଷା ଯେ କବିର ଶ୍ରେଷ୍ଠତର ଧର୍ମ ଓ ସର୍ବ-ଶେଷରେ ପରଂପରା ଓ ପରିଚିତିର ପୁନଃଅନୁଶୀଳନ ଅପେକ୍ଷା ଅନୁଭୂତି ପାତ୍ରରେ ଗଚ୍ଛିତ ନବଉପାଦାନ ଯେ ସାହିତ୍ୟର ପରମ କାମ୍ୟ, ଏଇକଥା ସେମାନେ ପ୍ରତିଷ୍ଠା କରିବାକୁ ଚାହିଁଥିଲେ। ଏକ ସାମାଜିକ ଓ ନୈତିକ ପ୍ରତିକ୍ରିୟାରୁ ସଂପୃକ୍ତ କାବ୍ୟାଂଦୋଳନ ଆରମ୍ଭ ହୋଇଥିବାରୁ ଓ ଫରାସୀ ରାଷ୍ଟ୍ରବିପ୍ଳବିକ ଭୂମିକା ଏହାର ପୁରୋଭାଗରେ ଥିବାରୁ ପ୍ରାଥମିକସ୍ତରରେ, ଏହା ସଂଗ୍ରାମୀ ଓ ଏକଦେଶଦର୍ଶୀ ହେବାକୁ ବାଧ ହୋଇଥିଲା। ପୁଞ୍ଜିବାଦୀ ଅର୍ଥନୀତିର କାରାଗହ୍ୱର ଭିତରେ ରୁଦ୍ଧଶ୍ୱାସ ହୋଇପଡ଼ିଥିବା ଶିଳ୍ପୀ ତାର ମାନସ ବିପ୍ଳବ ସଂଗଠିତ କରିଥିଲା କବିତା ମଧ୍ୟରେ। କେତେବେଳେ କବିର କଳ୍ପନା ଅତୀନ୍ଦ୍ରିୟ ରାଜ୍ୟକୁ ପ୍ରସରି ଯାଇଥିଲା ତ ଓ ଅନ୍ୟ କେତେବେଳେ ପ୍ରକୃତି ଓ ନିତ୍ୟ ପରିଚିତ ଘଟଣା ଭିତରେ ସେ ପାଇଥିଲା ଜୀବନର ନବସ୍ୱାଦ। ପୁଣି କେତେବେଳେ ଇଂଦ୍ରିୟ ଅତୀନ୍ଦ୍ରିୟ ଜଗତର ସୀମାରେଖା ପାରିହୋଇ ତାହା ଏକ ନବକଳ୍ପିତ ରାଜ୍ୟରେ ପ୍ରବେଶ କରିଥିଲା। କେତେବେଳେ କବି ଚାହିଁଥିଲା ମୃତଅତୀତର ଭସ୍ମପାତ୍ରରେ ଜୀବନର ନବରୂପାୟନ, ପୁଣି ଅନ୍ୟବେଳେ ସେ ଚାହିଁଥିଲା ଜୀବନର ରୁଦ୍ରବୀଣାରେ ଭୈରବୀ ରାଗର ସଞ୍ଚାର। ଏ ସବୁକୁ ଅନୁଧ୍ୟାନ କଲେ

ଜଣାଯାଏ, ରୋମାଣ୍ଟିକ୍‌କବି ମନ ଓ ପ୍ରାଣରେ ଆଦର୍ଶବାଦୀ। କଠିନ ବାସ୍ତବତା ଭିତରେ ବଞ୍ଚିଲେ ବି ତାକୁ ଅତିକ୍ରମ କରି ନୂତନ ରାଜ୍ୟର ସଂଧାନ ଦେବାପାଇଁ ସେ ଇଚ୍ଛୁକ। ପୃଥିବୀକୁ ସୁନ୍ଦରତର ଭାବରେ ଗଢ଼ିବାକୁ ଚାହାନ୍ତି, ସମାଜକୁ ନୂଆ ଚେହେରା ଦେବା ପାଇଁ ଇଚ୍ଛା କରନ୍ତି, ସେଇଥିପାଇଁ ଦରକାର ପଡ଼ିଲେ ସେ ଜୀବନପଣ ମଧ୍ୟ କରିପାରନ୍ତି। ତେଣୁ ରୋମାଣ୍ଟିକ୍‌କବି ପଳାୟନ ପନ୍ଥୀ ନୁହଁନ୍ତି, ସେ ସାମୟିକ ପଳାୟନ କରିପାରନ୍ତି ମଣିଷର ମୁକ୍ତିକୁ ତ୍ୱରାନ୍ୱିତ କରିବା ପାଇଁ। ଜୀବନର ଶତ ଜଂଜାଳ ଓ ବୀଭତ୍ସତା ଭିତରେ ସେ ନିଜ ବ୍ୟକ୍ତିତ୍ୱର ଅନନ୍ୟତାରେ ବିଶ୍ୱାସୀ। ନିଜର ବ୍ୟକ୍ତିତ୍ୱକୁ ସଂଜୀବିତ କରି କାବ୍ୟକୁ ସେ ରସତୀର୍ଥର ପ୍ରତିମା କରି ଗଢ଼ିବାରେ ତାଙ୍କ ସାଧନାର ପରମସାର୍ଥକତା।

ରୋମାଣ୍ଟିକ କାବ୍ୟପ୍ରତ୍ୟୟ ଦୃଷ୍ଟିରୁ କବିର ମନ ସାଧାରଣ ମନଠାରୁ ସ୍ୱତନ୍ତ୍ର ପ୍ରକୃତିର। ଏଇ ସ୍ୱାତନ୍ତ୍ର୍ୟ ପାଇଁ ସେ ସ୍ରଷ୍ଟା, ସତ୍ୟଦ୍ରଷ୍ଟା। ସାଧାରଣ ମଣିଷ ଯାହାକୁ ସଂକୀର୍ଣ୍ଣ ଓ ଉପରଠାଉରିଆ କରି ଦେଖିଥାଏ, କବି ତାକୁ ଗଭୀରତର ଭାବରେ ଉପଲବ୍ଧି କରେ। ସେଇଥିପାଇଁ କବି ପରିଚିତ ଜଗତକୁ ପ୍ରତିଫଳନ କରେ ନାହିଁ। କବିତା ବାସ୍ତବ ଜଗତର ଏକ ଦର୍ପଣ ନୁହେଁ। ରୋମାଣ୍ଟିକ୍ ସାହିତ୍ୟ ତତ୍ତ୍ୱର ବିଶିଷ୍ଟ ଆଲୋଚକ ଏମ୍.ଏଚ୍.ଆବ୍ରାମ୍ସ୍ କବିମନକୁ ଏକ ପ୍ରଦୀପ ସହ ତୁଳନା କରିଛନ୍ତି।[୮] ପ୍ରତ୍ୟେକ ପ୍ରଦୀପ ଥରେ ଜଳି ଉଠିଲା ପରେ ଯେଉଁଭଳି ଅଂଧାରକୁ କେବଳ ଦୂରୀଭୂତ କରେ ନାହିଁ, ତାର ସମ୍ମୁଖରେ ଥିବା ଜଗତକୁ ଆଲୋକିତ କରେ, ସ୍ୱତନ୍ତ୍ର ଭାବରେ ଚିହ୍ନାଏ; କବି ମଧ୍ୟ ସେହିଭଳି ଜଗତକୁ ଆଲୋକିତ କରେ, ଅଂଧାରକୁ ବିଦୂରିତ କରି ବାସ୍ତବତାକୁ ସ୍ୱତନ୍ତ୍ର ମହିମାରେ ଚିହ୍ନାଇଦିଏ। କବିର ଅନନ୍ୟ ବ୍ୟକ୍ତିତ୍ୱ ଏଠି ଦୀପଶିଖାର ଭୂମିକା ନିର୍ବାହ କରେ। କବିତାର ପ୍ରଧାନ ଲକ୍ଷ୍ୟ ହେଲା, କଳ୍ପନାର ଆଲୋକରେ ଜୀବନକୁ ରୂପାନ୍ତରିତ କରିବା। କବିର ବ୍ୟକ୍ତିତ୍ୱ ମୁଖ୍ୟ ହୋଇଥିବାରୁ କାବ୍ୟରେ କବି ହୃଦୟାଲୋକର ଗୋଟିଏ ଅନ୍ତରଂଗ ଚିତ୍ର ଫୁଟିଉଠେ। ଦ୍ୱିଧା ତଥା ସଂଦେହରେ ପୀଡ଼ିତ ହୋଇ କବି କବିତା ଭିତରେ ଆତ୍ମ ପ୍ରକାଶ କରିବାରେ ଅସମର୍ଥ ହେଲେ କବିର କବିତା ରହସ୍ୟମୟ ହୋଇଉଠେ। ସେଇଥିପାଇଁ କବି କେତେବେଳେ ହୁଏ ମିଷ୍ଟିକ୍ ପୁଣି କେତେବେଳେ ହୁଏ ରୂପପିପାସୁ, ଅନ୍ୟ କେତେବେଳେ ସେ ସମାଜକୁ ପରିବର୍ତ୍ତନ କରିବାର ଶପଥ ନେଇ ବିଦ୍ରୋହୀ ସାଜେ। ବାହ୍ୟ ନିର୍ଦ୍ଦେଶିତ ବିଧିବିଶେଷ, ଅନୁଶାସନ କବି ଓ କବିତା ପାଇଁ ଅନାବଶ୍ୟକ ତଥା ଅକଲ୍ୟାଣକର। କବି ଚିରନବୀନ, ଚିରଯୁବକ। ସ୍ଥିତିରେ ନୁହେଁ ଗତିରେ ତାର ଆନନ୍ଦ।

ମାନସିଂହ ମଧ୍ୟ କବିତାର ପ୍ରେରଣାଦାୟକ ଶକ୍ତି ଭାବରେ ଏକ ଅଦୃଶ୍ୟ ଭାବ ସତ୍ତାକୁ ସ୍ୱୀକାର କରିଛନ୍ତି। ପରିଚିତ ବାସ୍ତବତାକୁ ନୂତନ ଭାବରେ ଦେଖିବା ଅଥବା ଦୂରାଗତ ଅତୀତରେ ସରଳ ପ୍ରାକୃତିକ ଦୃଶ୍ୟ ଭିତର ସେ କବିତାର ଉପାଦାନ ଖୋଜିଥିବାର ଦେଖାଯାଏ। ମାନସିଂହଙ୍କ ମତରେ କବିର କବିତା ଅନନ୍ୟ। ତାହା ନୈତିକତାର ମାନଦଣ୍ଡରେ ମାପି ହେବ ନାହିଁ କିମ୍ବା ତାକୁ ନିଷେଧ ଜାଲରେ ବାନ୍ଧିବା ଉଚିତ ନୁହେଁ। ତାଙ୍କ ମତରେ କବି ଏବଂ ଈଶ୍ୱର ସମଧର୍ମୀ। ''ସୃଷ୍ଟିରୂପୀ ମହାକାବ୍ୟର ଲେଖକ ଭାବରେ

ସ୍ରଷ୍ଟା ପ୍ରକୃତରେ ମହାକବି। କବିମାନଙ୍କର ବିଚାର ତାଙ୍କରି ହାତରେ। ସାହିତ୍ୟର ପ୍ରଥା ହେଉଛି, ଅନୁଭୂତିର ରସ ସଞ୍ଚାର କରି ଜଗତକୁ ପ୍ରାଣବାନ୍ ଓ ଆତ୍ମ-ଚେତନ କରିବାରେ। ପ୍ରାଣ, ନୀତି ନୁହେଁ କି ଅନୀତି ନୁହେଁ। ତା'ର ଲକ୍ଷଣ ହେଉଛି ଯେ ତାହା ଶକ୍ତିରେ ଚଞ୍ଚଳ ଓ ଅନୁଭୂତିରେ ସରସ।''[୯] ଏହି ଅନୁଭୂତି କବିର ନିଜ ଜୀବନର ଅନୁଭୂତି। ତା ନିଜ ଜୀବନର ସୁଖଦୁଃଖ କବିର ମନ ପାତ୍ରରେ ଉଚ୍ଛୁଳି ଉଠି କବିତା ଆକାରରେ ପ୍ରକାଶ ପାଏ। 'ଧୂପ' ସେହିଭଳି ମାନସିଂହଙ୍କ ମନର ଆତ୍ମପ୍ରକାଶ। ୱାର୍ଡ଼ସ୍ୱାର୍ଥଙ୍କ କାବ୍ୟ ସଂଜ୍ଞାକୁ ଆଲୋଚନା କରି ଆବ୍ରାମ୍ସ୍ ଲେଖିଛନ୍ତି : 'କବିତାର ଉପାଦାନ କବିମଧ୍ୟରୁ ହିଁ ବାହାରିଥାଏ। ସେଗୁଡ଼ିକ ବସ୍ତୁ ବା କ୍ରିୟାକୁ ସିଧାସଳଖ ନେଇ ସୁଗଠିତ ନୁହେଁ। କବିର ଅନୁଭୂତି ନିର୍ଯ୍ୟାସ ଆକାରରେ କବିତା ମଧ୍ୟରେ ଆତ୍ମପ୍ରକାଶ କରିଥାଏ।''[୧୦] କବିର ଏହି ତରଳ ଅନୁଭୂତି ଅଭିବ୍ୟକ୍ତି ଲାଭକଲା ପରେ ଆଉ ବ୍ୟକ୍ତିଗତ ହୋଇ ରୁହେ ନାହିଁ, ତାହା ସାର୍ବଜନୀନ ରୂପ ଗ୍ରହଣ କରେ। କବିତାପାତ୍ରରେ କବିର ଯେଉଁ ଅନୁଭୂତି ନିବେଦିତ ହୋଇଥିଲା, ତାହା ସମଗ୍ର ବିଶ୍ୱର ଉପଭୋଗର ବିଷୟ ହୋଇଉଠେ। ଧୂପ ମୁଖବଂଧରେ ସେହିଭଳି ମାନସିଂହ ଲେଖିଛନ୍ତି : ''ଏ କବିତା ସବୁ ପ୍ରକୃତରେ ବ୍ୟକ୍ତି ନିରପେକ୍ଷ ଏ ସବୁ ଏକ ନିଃସଂଗ ତରୁଣ ହୃଦୟ ଉପରେ ଅନ୍ୟ ହୃଦୟମାନଙ୍କର ପ୍ରତିକ୍ରିୟାର ଚିତ୍ରମାତ୍ର। ସେ ହୃଦୟ ସବୁର ଢ଼େର ପରିବର୍ତ୍ତନ ହୋଇଗଲାଣି। ଯୌବନର ରଂଗିନ୍ ଚଷମାରେ ଯେଉଁ ଜଗର ସ୍ୱପ୍ନପୁରୀ ପରି ପ୍ରତୀତ ହେଉଥିଲା, ତାହା ଆଜି ରୁକ୍ଷ, ନୀରସ ଓ ହାହାକାରମୟ।... ଯିଏ ଲେଖିଥିଲା ଓ ଯେଉଁମାନଙ୍କ ପାଇଁ ଲେଖିଥିଲା, ସେମାନେ କ୍ରମେ ପରିବର୍ତ୍ତିତ ଓ ଶେଷରେ ଅନ୍ତର୍ହିତ ହୋଇଯିବେ, କିନ୍ତୁ ଏ କବିତା ଗୁଡ଼ିକରେ ଯଦି ସତ୍ୟ ଓ ଗଂଭୀର ଅନୁଭୂତିର ସଂଚାର ହୋଇଥିବ, ତେବେ ସେମାନଙ୍କର ପରିବର୍ତ୍ତନ ବା ମରଣ ନାହିଁ''[୧୧]

'ଧୂପ' ମୁଖବଂଧ ପଢ଼ିଲା ପରେ ତିନୋଟି କଥା ସ୍ପଷ୍ଟ ହୋଇଉଠେ: ଇଂରେଜ କବି ବିଶେଷତଃ ରୋମାଣ୍ଟିକ୍ କବିଗଣଙ୍କର କବିତା ମାନସିଂହଙ୍କ ମନରେ କବିତା ଲେଖିବାର ପ୍ରେରଣା ସୃଷ୍ଟି କରିଥିଲା। କବିତା ଯେ କବି ଅନୁଭୂତିର ସତ୍ୟତମ ପ୍ରକାଶ ଏକଥା ମାନସିଂହ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଗ୍ରହଣ କରିଥିଲେ। କବି ହେଉଛି ଦ୍ୱିତୀୟ ସ୍ରଷ୍ଟା, ତେଣୁ ସାଧାରଣ ଜଗତର ଭଲାମଂଦ ନେଇ ତାକୁ ବିଚାର କରାଯାଇ ପାରିବ ନାହିଁ। ପ୍ରତ୍ୟେକ କବିତା ହେଉଛି ଗୋଟିଏ ଫୁଲ। ସୌରଭ ଓ ସୌନ୍ଦର୍ଯ୍ୟ ବିତରଣରେ ତା'ର ଆନନ୍ଦ, ତାର ମୂଳ ଖୋଜିଲେ ହତାଶ ହେବାହିଁ ସ୍ୱାଭାବିକ। ଶେଷରେ, କବିବ୍ୟକ୍ତିତ୍ୱର ଆତ୍ମପ୍ରକାଶ ହେଲେ ବି କବିତା ଚିରନ୍ତନ। ଏଇ ସମସ୍ତ କାବ୍ୟଧାରଣା ରୋମାଣ୍ଟିକ୍ କାବ୍ୟଧାରଣାର ପ୍ରତିଧ୍ୱନି ବ୍ୟତୀତ ଅନ୍ୟ କିଛି ନୁହେଁ। ମାନସିଂହଙ୍କ କବି ଜୀବନର ପ୍ରାରମ୍ଭରୁ ହିଁ ଏହି କାବ୍ୟଜିଜ୍ଞାସାର ସ୍ଫୂର୍ତ୍ତି। ତାଙ୍କର ଏହି କାବ୍ୟ ଧାରଣା ଅନ୍ୟାନ୍ୟ ରଚନାରେ ସଂପ୍ରସାରିତ।

'ରାଜକବି ଉପେଂଦ୍ର' ନାଟିକାରେ ମାନସିଂହ ଉପେନ୍ଦ୍ରଙ୍କୁ ଜଣେ ରୋମାଣ୍ଟିକ୍ କବିଭାବରେ ହିଁ ଦେଖାଇଛନ୍ତି। ରୋମାଣ୍ଟିକ୍କବି ଭଳି ଉପେନ୍ଦ୍ର ପ୍ରକୃତିର ଶୋଭା ଭିତରେ ହଜିଯାଇଛନ୍ତି।

ସାଧାରଣ ବନ୍ୟବାଳକମାନଙ୍କ ଭିତରେ ସ୍ୱପ୍ନମୟ ଜଗତର ମାଧୁର୍ଯ୍ୟ ଅନୁଭବ କରିଛନ୍ତି। ସେ କହି ଉଠିଛନ୍ତି—" ଏ କ'ଣ ସ୍ୱପ୍ନର ପୁରୀ : ମାୟାର ବିଳାସ। କାହାର ଅମୃତମୟ ପରଶରେ ଏମାନଙ୍କ ପ୍ରାଣ ଏଡ଼େ ଉଉରଳ, ଏଡ଼େ ଅଦମ୍ୟ ହୋଇ ଉଠୁଛି ? ନଗର ପ୍ରାଣରେ ଚଞ୍ଚଳତା ଅଛି ସତ, କିନ୍ତୁ ସେଥିରେ ଏତେ ଜୀବନ, ଏତେ ସରଳତା ନାହିଁ: ଆନନ୍ଦ କାହିଁ ସେଠି ? କିନ୍ତୁ ଏ ଯେ ଏକାବେଳକେ ପ୍ରମତ୍ତର ଭାବ ; ଏଠି କ୍ଷୁଦ୍ରତାର ସ୍ଥାନ ନାହିଁ, ନୀଚତାର ଆସନ ନାହିଁ, ଭେଦ ନାହିଁ, ହିଂସା ନାହିଁ। ଚାରିଆଡ଼େ ପ୍ରୀତି; ଧରଣୀବଧୂର ପ୍ରେମ ଓ ଆନନ୍ଦର ଫଗୁଆଟା ଏହିଠାରେ ଯେପରି ଫିଟି ପଡ଼ିଛି। ରାଜ ବିଭବ ପ୍ରତି ମୋର ଯାହା କିଛି ବିରକ୍ତି ଥିଲା, ତା' ଏବେ ମୋ ହୃଦୟକୁ ସଂପୂର୍ଣ୍ଣ ଅଧିକାର କରି ବସିଲାଣି। ଏ ବନ ପର୍ବତକୁ ଛାଡ଼ିଯିବାକୁ ମୋର ତିଳେହେଲେ ବାସନା ନାହିଁ।"[୧୨] ସୌନ୍ଦର୍ଯ୍ୟ ଓ ପ୍ରଶାନ୍ତି ପାଖରେ ରାଜଲକ୍ଷ୍ମୀର ପ୍ରମତ୍ତ ଯୌବନ ନିହାତି ନଗଣ୍ୟ ମନେ ହୋଇଛି ତାଙ୍କୁ। ସେ ରାଜଗାଦୀ ପରିତ୍ୟାଗ କରି ସରସ୍ୱତୀଙ୍କୁ ବରଣ କରି ନେଇଛନ୍ତି ଓ ପ୍ରକୃତି ବକ୍ଷକୁ ଫେରି ଯାଇଛନ୍ତି: ପ୍ରକୃତି ବକ୍ଷରେ ସେ ଅନୁଭବ କରିଛନ୍ତି, ତାଙ୍କ ଭିତରେ ଲୁଚି ରହିଥିବା ଅନନୁଭୂତ ପ୍ରତିଭା ଯେପରି ଆତ୍ମ ପ୍ରକାଶ କରୁଛି। କୂଳରୁ ଅକୂଳକୁ ଭାସିଯିବାର ଇଚ୍ଛା ପ୍ରାଣରେ ତାଙ୍କର ଜାଗି ଉଠିଛି। ଅସୀମର ଫୁଲକୁ ଆଘ୍ରାଣ କରିବାର ଇଚ୍ଛା ତାଙ୍କର ପ୍ରଜ୍ୱଳିତ ହୋଇଉଠିଛି :

"ଭାସି ଗୋ ଯିବି ସତେ
ସେ ଜଗତେ
ଚିର ଯହିଁ ଜୋଛନା।
ବହିଗୋ ଯିବି ମୁହିଁ
ଲଭେ ଯହିଁ
ତାରା ତା'ର ଦ୍ୟୋତନା।
ଯିବି ଗୋ ଯିବି ବହି
ଛାଡ଼ି ମହୀ,
ହେ ଅରୁଣ, ହେ ନଭ"[୧୩]

ଉପେନ୍ଦ୍ରଙ୍କ ଜୀବନରେ ଏସବୁ ଘଟଣା ଘଟିଥିଲା କି ନାହିଁ, ତାହା ଗଭୀର ସଂଦେହର ବିଷୟ। କିନ୍ତୁ ରୋମାଣ୍ଟିକ୍‌କବି ମାନସିଂହ ଉପେନ୍ଦ୍ରଙ୍କ ଭିତରେ ଏହା ଦେଖିବା ସ୍ୱାଭାବିକ୍ ଥିଲା। ତେଣୁ 'ରାଜକବି' ଉପେନ୍ଦ୍ରରେ ରାଜସଭାର କବି ଉପେନ୍ଦ୍ର ପ୍ରକୃତି ବକ୍ଷରେ ଅବସ୍ଥାପିତ ହୋଇଛନ୍ତି।

## ଆଦର୍ଶବାଦୀ ଚିନ୍ତାଧାରା ଓ ମାନସିଂହଙ୍କ ସାହିତ୍ୟ ବିଚାର :

ରୋମାଣ୍ଟିକ୍ କାବ୍ୟାଦର୍ଶ ଭାବବାଦୀ ଦର୍ଶନ ଉପରେ ଆଧାରିତ। ମାନସିଂହ ରୋମାଣ୍ଟିକ୍ କାବ୍ୟାଦର୍ଶକୁ ଆପଣାର କରି ନେଇଥିବାରୁ ପରବର୍ତ୍ତୀ କାଳରେ ଆଦର୍ଶବାଦୀ ଚିନ୍ତାଧାରା ସହ ତାର କୌଣସି ମୌଳ ବିରୋଧ ଘଟି ନାହିଁ। ପ୍ରାଥମିକ ସ୍ତରର ସ୍ୱପ୍ନପ୍ରବଣ

କବିମନ ପରବର୍ତ୍ତୀ କାଳରେ ଆଦର୍ଶବାଦୀ କାବ୍ୟକାର ଓ ସାହିତ୍ୟ-ସମୀକ୍ଷକ ଭାବରେ ହିଁ ଆତ୍ମପ୍ରକାଶ କରିଛି। ମାନସିଂହଙ୍କ ଜୀବନର ଦ୍ୱିତୀୟ ପର୍ଯ୍ୟାୟ, ପ୍ରଥମ ପର୍ଯ୍ୟାୟର ସ୍ୱାଭାବିକ ସଂପ୍ରସାରଣ। 'ଧୂପ', 'କୋଣାର୍କ', 'ପ୍ରେମଶସ୍ୟ', 'ହେମଶସ୍ୟ', ଆଦି କବିତାଗ୍ରନ୍ଥ ରାଧାନାଥ, ରବୀନ୍ଦ୍ରନାଥ, ମଧୁସୂଦନ ଆଦି କବିଙ୍କର ସମୀକ୍ଷକ ମାନସିଂହ, ପରବର୍ତ୍ତୀ କାଳରେ 'ଅକ୍ଷତ', 'ମାଟିବାଣି', 'ସିଂଧୁ ଓ ବିନ୍ଦୁ', 'କୃଶ' ଆଦି କବିତା ସଂକଳନ, 'କମଳାୟନ' କାବ୍ୟ 'ଅନ୍ୱେଷଣ' ଉପନ୍ୟାସ ତଥା ବହୁ ସମାଲୋଚନା ପ୍ରବନ୍ଧ ଓ ନାଟକର ରଚୟିତା ରୂପେ ଦେଖାଦେଇଛନ୍ତି।

ବିଂଶ ଶତକର ଦ୍ୱିତୀୟ ଦଶକ ପରେ ଗାନ୍ଧୀ ଭାରତୀୟ ରାଜନୀତିରେ ଆଦର୍ଶବାଦର ଧ୍ୱଜାଧରି ପ୍ରବେଶ କରିଥିଲେ। ଏହି ଆଦର୍ଶବାଦ ରାଜ ନୀତିକୁ ଛାଡ଼ି ଜୀବନର ଅନ୍ୟାନ୍ୟ କ୍ଷେତ୍ରକୁ କ୍ରମଶଃ ସଂକ୍ରମିତ ହୋଇଥିଲା। ଭାରତୀୟମାନଙ୍କର ଚିନ୍ତାଧାରା କ୍ରମଶଃ ସେ ଆଦର୍ଶବାଦର ଅଦୃଶ୍ୟ ରଂଗ ସୁଷମାରେ ବର୍ଣ୍ଣିଳ ହୋଇ ଉଠିଲା। ମାନସିଂହଙ୍କର ବିଲାତ୍ ଫେରନ୍ତାମନ ମନ ଏହି ଆଦର୍ଶବାଦରେ ନିମଜ୍ଜିତ ହୋଇ ପଡ଼ିଥିଲା। ଜୀବନର ପ୍ରାଥମିକ ପର୍ଯ୍ୟାୟରେ 'ସ୍ୱଧର୍ମ' 'ପରଧର୍ମ' ଭିତରେ ତଫାତ୍ ଦେଖିଥିବା ମାନସିଂହ ସ୍ୱଧର୍ମର ନୂତନ ଭୂମି ଆବିଷ୍କାର କରିବାକୁ ଚେଷ୍ଟା କଲେ।

ଗାନ୍ଧିଜୀଙ୍କର ସମସ୍ତ ଆଦର୍ଶବାଦର ପୋଲା ରୂପ ୧୯୩୭ ମସିହା ପରେ କ୍ରମଶଃ ପ୍ରକାଶ ପାଇବାକୁ ଲାଗିଥିଲା। ଇଂରେଜମାନେ ନିଷ୍ଠୁର ଏକଛତ୍ର ସମ୍ରାଟ ନ ଥିଲେ ବା କଂଗ୍ରେସ ତଥା ଗାନ୍ଧି ଆନ୍ଦୋଳନ ଏକ ବିପ୍ଳବୀ ଅନୁଷ୍ଠାନ ବା କ୍ରାନ୍ତିକାରୀ କାର୍ଯ୍ୟକ୍ରମ ନଥିଲା। ଉଦାରତନ୍ତ୍ର, ଗଣତନ୍ତ୍ର, ଜନକଲ୍ୟାଣ ଓ ଶାନ୍ତିପ୍ରିୟ ସହାବସ୍ଥାନର ଦ୍ୱାହି ଦେଇ, ଭାରତରେ ଶାସନ କରୁଥିବା ଔପନିବେଶିକ ସରକାରଙ୍କୁ ସ୍ଥାନାନ୍ତରିତ କରି ଶାସନ ଭାର ଗ୍ରହଣ କରିବା ପାଇଁ ଭାରତୀୟ ଶୋଷକ ଶ୍ରେଣୀ କଂଗ୍ରେସ ମାଧ୍ୟମରେ ଆନ୍ଦୋଳନ ଚଳାଇଥିଲେ। ସନ ୧୯୩୭ ରେ କଂଗ୍ରେସ ହାତକୁ ସୀମିତ ଶାସନ କ୍ଷମତା ରାଜ୍ୟସ୍ତର ମଧ୍ୟଦେଇ ଆସିବା ଫଳରେ, ସେମାନଙ୍କର ପ୍ରକୃତ ରୂପ ଦୃଷ୍ଟି ଗୋଚର ହୋଇଥିଲା। ମାନସିଂହଙ୍କ ଭଳି ମନପ୍ରାଣରେ ଆଦର୍ଶବାଦର ବିଶ୍ୱାସ କରୁଥିବା ବ୍ୟକ୍ତି ତେଣୁ ସ୍ୱପ୍ନଭଙ୍ଗର ଶରବ୍ୟ ହୋଇଥିଲେ। ଖ୍ରୀ. ୧୯୪୧ରେ ଗୋଟିଏ ପ୍ରବନ୍ଧରେ ତାଙ୍କର ଏହି ସ୍ୱପ୍ନଭଙ୍ଗର ଲକ୍ଷଣ ସ୍ପଷ୍ଟ। ମଧୁର ସ୍ୱପ୍ନକୁ ମଣିଷ ସବୁବେଳେ ଖୋଜିବୁଲେ। ତା'ରି ଭିତରେ ଆପଣାକୁ ଅବସ୍ଥାପିତ କରିବାକୁ ଚାହେଁ। ରାଜନୀତି କ୍ଷେତ୍ରରେ ସ୍ୱ-କଳ୍ପିତ ଆଦର୍ଶବାଦର ସୁରାଜ ନ ପାଇଲା ପରେ, ମାନସିଂହ ସାହିତ୍ୟ ଆଶ୍ରୟରେ, ଆଦର୍ଶବାଦର ଖୋଳପା ତିଆରି କରି ତାର ଭିତରେ ଆଶ୍ରୟ ନେବାକୁ ଚାହିଁଛନ୍ତି: "ଆମ ଜାତିକୁ ଆଧୁନିକ ରାଜନୀତିରୁ ରକ୍ଷା କରିବାକୁ ହେବ। ଏଥିପାଇଁ ସାହିତ୍ୟର ଅଭିବୃଦ୍ଧି ଓ ପ୍ରଚାର ହିଁ ଏକମାତ୍ର କଲ୍ୟାଣର ପନ୍ଥା ବୋଲି ମୁଁ ମନେକରେ। ପାଂଚବର୍ଷ ତଳେ ରାଜନୀତି କହିଲେ ଆମେ ଆମ ପରାଧୀନ ଦେଶର ମୁକ୍ତି ସଂଗ୍ରାମ ବୋଲି ବୁଝୁଥିଲୁଁ। ଏବେ ସେ ସ୍ୱପ୍ନ ନିଷ୍ଠୁର ଭାବରେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଛି। ଆଜି ରାଜନୀତି କହିଲେ କେତେକ ଅବୁଦ୍ଧିଜୀବୀ, ବୈଶ୍ୟ-ଓ-ଶୁଦ୍ରଭାବାପନ୍ନ ଲୋକଙ୍କର ସ୍ୱାର୍ଥ

ସଂଘର୍ଷର ଦେଶବ୍ୟାପୀ କୁତ୍ସିତ ବା ବିଭତ୍ସତା। ଏ ବିଭତ୍ସତା ଆଜି ଜାତିର ସକଳ ସ୍ତରକୁ ଏପରି ପ୍ରଭାବିତ କରିବାକୁ ବସିଲାଣି ଯେ, ଦେଶର ଗାଁରୁ ସହର ପର୍ଯ୍ୟନ୍ତ ବା ସ୍କୁଲରୁ ଆସେମ୍ବଲି ପର୍ଯ୍ୟନ୍ତ କେଉଁଠି ହେଲେ, ଜଣେ ସାଧୁ ଲୋକ ପାଇବାକୁ ଆଶା କରିବା ଏକ ବିଡ଼ମ୍ବନା ହୋଇଉଠିଲାଣି। ଏ ପ୍ରକାର ଦୁର୍ନୀତି ଯଦି ଜାତିକୁ ଗ୍ରାସକରିବ ସେ, ତେବେ ବଂଧୁଗଣ, ମନେ ରଖନ୍ତୁ ଯେ, ଆମର ରାଜନୀତିକ ସ୍ୱାଧୀନତା ଯଦି କେବେ ଆମଭାଗ୍ୟରେ ଜୁଟେ, ତେବେ ତାହା ଏକ ଅଭିଶାପ ବୋଲି ଗଣିତ ହେବ। ଏ ଦିଗରେ ଜାତିର ସାହିତ୍ୟର ଯେ ଦାୟିତ୍ୱ ଅଛି, ତାହା ଆମ୍ଭେମାନେ ଏ ପର୍ଯ୍ୟନ୍ତ ସମ୍ୟକ ବୁଝିନାହୁଁ।''[୧୪]

ମାନସିଂହଙ୍କ ବିଚାରରେ ସାହିତ୍ୟିକର ସମ୍ମୁଖରେ ଦେଶ ବା ଜାତି ଗଢ଼ିବାର ଏକ ଆଦର୍ଶ ରହିବା ଉଚିତ। ଜାତି ଯେତେବେଳେ ନିମ୍ନଗାମୀ ହୋଇଯାଏ, ସେତେବେଳେ ବଳିଷ୍ଠ ସାହିତ୍ୟ ସମାଜର ଗତିକୁ ପରିବର୍ତ୍ତନ କରିପାରେ। ଏହି ବିଶ୍ୱାସରେ ସ୍ଥିରନିଷ୍ଠଥିବା ମାନସିଂହ ଲେଖିଛନ୍ତି– ''ଦେଶକୁ 'ଦଳ' ମାଡ଼ିବସିବାର ଗୋଟିଏ କାରଣ ଏହି ଯେ, ବୋଧହୁଏ ଜାତିର ଜନତାର ମନ ଆକର୍ଷଣ କରିବାକୁ ଅନ୍ୟ କିଛି ଦେଶରେ ନାହିଁ ବା ଜନସଂଘର ଜୀବନ କୌଣସି ଉଚ୍ଚ ଆଦର୍ଶଦ୍ୱାରା ଅନୁପ୍ରାଣିତ ହେଉନାହିଁ। କାବ୍ୟ, ନାଟକ, କବିତା, ଗଳ୍ପ, ପ୍ରବଂଧାଦିଦ୍ୱାରା ଜନତାର ଚିତ୍ତକୁ ଭିନ୍ନ ଦିଗରେ ଓ ଭିନ୍ନ ଆଦର୍ଶ ଆଡ଼କୁ ଟାଣି ନେଇ ପାରିଲେ, ଜାତି ଜୀବନରେ ଗୋଟିଏ ମମତା ଆସିପାରନ୍ତା ବୋଲି ମୋର ବିଶ୍ୱାସ। ସାହିତ୍ୟର ଅଧିକତର ସାର୍ଥକତା ବା କ'ଣ? ବ୍ୟକ୍ତି ବା ଜାତିର ଜୀବନକୁ ଯଦି ସାହିତ୍ୟ ଉଚ୍ଚତର ସ୍ତରକୁ ନେଇ ନ ପାରେ, ତେବେ ସାହିତ୍ୟ କେବଳ ଗୋଟିଏ ବିଳାସସାମଗ୍ରୀ ହୋଇ ରହିବ। ବୀଣାପାଣିଙ୍କ ବିପଞ୍ଚୀ କ'ଣ ବିଳାସର ସାମଗ୍ରୀ? ସାହିତ୍ୟକୁ ଯେଉଁ ଯେଉଁ ଦେଶ ଓ କାଳରେ ଅପକର୍ମରେ ଲଗାଯାଇଛି, ତାର ଫଳ ହୋଛି ଜାତି ଅଧୋଗତି।''[୧୫]

ସାହିତ୍ୟ ସାଧନାକୁ ଏକ ଆଦର୍ଶ ଭାବରେ ମାନସଂହ ବିଚାର କରିଛନ୍ତି। ପୁରାତନ ପିଣ୍ଡିଉପରେ ନୂତନକୁ ସୃଷ୍ଟି କରିବାହିଁ ସାହିତ୍ୟର ଆଦର୍ଶ। ପ୍ରାଚୀନ ବଂଗଳା ଭାଷାର ମୌଳିକ ରୀତିକୁ ଆଦର୍ଶ କରି ନୂତନଧାରାରେ ରବୀନ୍ଦ୍ରନାଥଙ୍କ ସାହିତ୍ୟ ପ୍ରତିଷ୍ଠିତ। ବାଲ୍ମୀକି, କାଳିଦାସ, ରବୀନ୍ଦ୍ରନାଥ, ତୁଳସୀଦାସ, କବୀର ପ୍ରଭୃତି ଶ୍ରେଷ୍ଠ କବିଗଣ ଆମ ଆଗରେ ଯେଉଁ ଆଦର୍ଶ ଥୋଇଯାଇଛନ୍ତି, ସେ ସଂପର୍କରେ ମାନସିଂହ କହନ୍ତି: ''ଆମ ସମସ୍ତଙ୍କର ମନେ ରଖିବା ଉଚିତ ଯେ, ସାହିତ୍ୟ ଏକ ବିଳାସ ନୁହେଁ– ଏହା ଏକ ସାଧନା। ମାନବ ସମାଜର ସେବାଲାଗି ବିଧାତା କବି ହସ୍ତରେ ଭାଷାର ଯେଉଁ ବ୍ୟାପକ ଅସ୍ତ୍ର ଦେଇଛି, କବି ତାର ସଦ୍ ବ୍ୟବହାର କରିବା ଉଚିତ।''[୧୬] କବିର ଏହି ଆତ୍ମ-ନିର୍ଦ୍ଦେଶିତ ଭୂମିକା ଦୁର୍ନୀତିଗ୍ରସ୍ତ ସମାଜରେ ସମ୍ଭବ ହୋଇପାରେ ନାହିଁ। ବାସ୍ତବ ଜଗତକୁ ଫେରି ଆସିଲାପରେ କବିର ସ୍ୱପ୍ନ ସଂସାର ବାରମ୍ବାର ଭାଂଗିପଡ଼େ। କବି ବିଦ୍ରୋହୀ ହୁଏ, ବିଦ୍ରୋହ କରି ବି ଆତ୍ମ ବିସର୍ଜନ କରେ। 'ଶେଲୀ ମୃତ୍ୟୁ' କବିତାରେ ମାନସିଂହ ଇଂରାଜୀ ରୋମାଣ୍ଟିକ୍ କବି ଶେଲୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି କହିଛନ୍ତି; ପ୍ରେମର

ବନ୍ୟାରେ ରକ୍ତ ଧାରାକୁ ଭସାଇ ଶେଲୀ ତାଙ୍କର କଳ୍ପନାର ଜଗତ ଗଢ଼ିବା ପାଇଁ ଚାହିଁଥିଲେ କିନ୍ତୁ ନିଷ୍ଠୁର ସମାଜ ତାଙ୍କର ଏହି ସ୍ୱପ୍ନକୁ ଭାଙ୍ଗିଦେଲା ।—

"କିନ୍ତୁ ଭାଂଗିଅଛି ସ୍ୱପ୍ନ—ମାନବର ଶୁଭ ଅଭିଳାଷୀ,
ମନୁଷ୍ୟର ହୀନତାରେ ନିଷ୍ପେସିତ, ସେ ସ୍ୱପ୍ନ-ବିଳାସୀ ।
ପକ୍ଷାହତ ପକ୍ଷୀ ପରି ଉଡ଼ିବାର ବାସନା ଶେଲୀର
ଅଧିକୁ ଅଧିକେ ବଢ଼େ, ହେଉପଛେ ବିକଳ ଶରୀର ।"[୧୭]

ସଂଗ୍ରାମ କରି କରି ଶେଲୀ ଶେଷରେ ମରିଯାଇଛନ୍ତି । କବି ବି ସେମିତି ମରେ— ସମାଜରେ ଦଳିତ ପତିତଙ୍କ ପାଇଁ ସଂଗ୍ରାମ କରି, ସେମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରି । ସତ୍ୟ ନ୍ୟାୟ ଲାଗି ଯୁଦ୍ଧଘୋଷଣା କରି ସେ ବାରମ୍ବାର ପ୍ରିମିଥିଅସ୍ ସାଜେ । ସେ ହୀନ ଦୁଃସ୍ଥ ଦଳିତର ବଂଧୁ ହୋଇ ପଡ଼େ :

"ସତ୍ୟ ନ୍ୟାୟ ଲାଗି ଏବେ, ଯିଏ ଯହିଁ ହୁଏ ନିର୍ଯ୍ୟାତିତ,
ସେ ଏକଜୀବନ୍ତ ଶେଲୀ—ପ୍ରିମିଥିଅସ୍ ଭୀତି—ବିବର୍ଜିତ ।
ତୁମେ ଶେଲୀ, ଦେଖାଇଛ କବି କିସ ହେବାର ଉଚିତ—
କବି ଖାଲି ନ ରଚିବ ମଦ-ଓଠ-ସୁଆଦି ସଂଗୀତ ।
ବିଦ୍ରୋହୀ ସେ, ଜଗତର ହୀନ ଦୁଃସ୍ଥ ଦଳିତର ବଂଧୁ,
ତା' ଲେଖନୀ ଅସ୍ତ୍ର ତେଜେ, ନେବ କେତ୍ନେ ଭାରା ଜନସ୍କଂଧୁ ।
ସ୍ୱାର୍ଥହୀନ, ପାପହୀନ, ସତ୍ୟ-ସଂଧ, ଉର୍ଦ୍ଧ୍ୱଗ ଜୀବନ,
ରୂପପାୟୀ, ପ୍ରେମମୟ, ନରେ-ଜୀବେ-ନିରତ-କରୁଣ ।
କବିର ଏ ଛବି ଶେଲୀ, ଦେଶେ ଦେଶେ ସାହିତ୍ୟେ ସାହିତ୍ୟେ,
ତୁମ ଲାଗି ବ୍ୟାପି ଅଛି, ଭାଷା ଆଉ ମାନବର ହିତେ ।"[୧୮]

ନିଜ ଜୀବନର ଚରମ ବ୍ୟର୍ଥତା ଭିତରେ କବି ନୂଆ ଜଗତର ମୂଳଦୂଆ ରଚନା କରେ, ଆଗାମୀ କାଳର ଶୁଭଶଂଖ ଫୁଙ୍କିଥାଏ । ମାନସିଂହ "ସେଦିନର କବିତାରେ ତଳିଆ ଜୀବ ମାନଙ୍କ ସହ ନିଜକୁ ମିଶାଇ ଦେଇଛନ୍ତି । ନିଜର ଅଧିକାରକୁ ଜାହିର କରିବା ଲାଗି, ସଂଗ୍ରାମ କରିବା ଲାଗି କବି ଆହ୍ୱାନ କରିଛନ୍ତି । ମାନସିଂହଙ୍କର ଆହ୍ୱାନ ବହୁ ସମୟରେ ଗାଂଧିବାଣୀର ଅତି ନିକଟବର୍ତ୍ତୀ ହୋଇପଡ଼ିଛି ।:—

"ହିଂସା, ଘୃଣା ନ କରି କାରେ ନ ଆଣି ମନେ କାହାର ନାଶ,
ନିଜର ମୂଲ୍ୟ ମନରେ ହେଜି ଏକତ୍ରିତେ ଜୋ'ରେ ଭାଷ ।
ବହୁତ ଭାର ପଡ଼ିବ ଖସି, ଶୋଷକ ଆସି ହୋଇବେ ସାଥୀ,
ଭୋଖ—ଦୁଖର ମାରକ ବୋଝ ହୋଇବ ଲଘୁ, ସ୍କଂଧେ ଫାଟି ।
କିନ୍ତୁ, ମନେ ରଖିଥା ସଦା, ସମୂହ ଶୁଭ ଜାତି, ଦେଶର;
ନିଜ ସୁବିଧା ଖୋଜିଲେ ଖାଲି, ତମେଇ ହେବ ଜାତିର ଶଲ ।
ସମସ୍ତେ ରେ ଲାଗିବା ଆସ ଏପରି ଗୋଟିଏ ସମାଜ ପାଇଁ,
ସକଳେ ଯହିଁ ସେବକ ଖାଲି, ହାକିମ ନାହିଁ, ସକଳେ ଭାଇ ।"[୧୯]

ରୋମାଣ୍ଟିକ କାବ୍ୟାଦର୍ଶ କବିର ସାମାଜିକ ଭୂମିକାକୁ ସ୍ୱୀକାର କରେ। ସମାଜର ମଂଗଳ ଲାଗି କବି ଭିତରେ ଆସୁଥିବା ବିଦ୍ରୋହୀ ଭାବକୁ ସେ ସମ୍ମାନ ଜଣାଏ। କିନ୍ତୁ ସେ ସବୁର ସୀମାରେଖା ବା ସ୍ପଷ୍ଟ ରୂପ ସେ କେବେ ଅଂକନ କରେ ନାହିଁ। ସେଇଥି ପାଇଁ ଶେଲୀ ନ୍ୟାୟ ଓ ସତ୍ୟର ପ୍ରଗୀତ ଗାଇଲେ ବି ରୋମାଣ୍ଟିକ କବି ହୋଇ ରହିଥିଲେ। ମାନସିଂହଙ୍କ କ୍ଷେତ୍ରରେ ମଧ୍ୟ ସେଇଆ ହିଁ ଘଟିଛି। ବୟସ ବଢ଼ିବା କ୍ରମେ ମାନସିଂହଙ୍କର ସାହିତ୍ୟାଦର୍ଶ ଲୋକଛାଡ଼ି ଲୋକୋତ୍ତରକୁ ଗତି କରିଛି। ସେ ଅତୀନ୍ଦ୍ରିୟ ଜଗତ ଭିତରେ ଶ୍ରେଷ୍ଠ କବିତାର ଉପାଦାନ ସଂଧାନ କରିଛନ୍ତି।

## ଅତୀନ୍ଦ୍ରିୟ ପ୍ରତି ଆକର୍ଷଣ– କଳା ଓ ସାହିତ୍ୟରେ ପରମ ମୂଲ୍ୟର ସଂଧାନ :

ଜୀବନର ଶେଷ ପର୍ଯ୍ୟାୟରେ ମାନସିଂହଙ୍କର ଆଦର୍ଶବାଦୀ ମନ ଏକ ଅଲୌକିକ ଶକ୍ତିର ସଂଧାନରେ ବାହାରି ପଡ଼ିଥିଲା। ଜୀବନର ସର୍ବସ୍ତରରେ ମାନସିଂହ ଏକ ଅରୂପ ଦେବତାର ପଦଧ୍ୱନି ଉତ୍କୀର୍ଣ୍ଣହୋଇ ଶ୍ରବଣ କରିବାକୁ ଚାହିଁ ବସିଥିଲେ। ବୌଦ୍ଧ ତଥା ନିରୀଶ୍ୱର ବୋଲି ନିଜକୁ ଦାବୀ କରୁଥିବା ମାନସିଂହ ପରମଶକ୍ତିର ସଂଦର୍ଶନ ପାଇଁ ଥିଲେ ଉଦ୍‌ଗ୍ରୀବ। 'ଅକ୍ଷତ', 'ଜୀବନଚିତା', 'କ୍ରୁଶ', 'ସିଂଧୁ ଓ ବିଂଦୁ', 'ଗୀତା ମହାତ୍ମ୍ୟ' ଆଦି ତାଙ୍କର ସମକାଳୀନ ଚିନ୍ତାଧାରାର ସ୍ୱାକ୍ଷର ବହନ କରେ।

କିନ୍ତୁ ଏଠାରେ ଲକ୍ଷ୍ୟ କରିବାର ବିଷୟ ହେଉଛି, ତାଙ୍କର ଧର୍ମଜିଜ୍ଞାସା କାବ୍ୟ ଜିଜ୍ଞାସାକୁ କେବଳ ପ୍ରଭାବିତ ନୁହେଁ, ବକ୍ଷ୍ୟମାଣ କାଳରେ ନିୟନ୍ତ୍ରଣ କରିବାକୁ ବି ଚେଷ୍ଟା କରିଛି। କବି ରବୀନ୍ଦ୍ର ନାଥଙ୍କ ସଂପର୍କୀତ ତାଙ୍କର ଏକ ପ୍ରବନ୍ଧରେ ଏହି ଅତୀନ୍ଦ୍ରିୟବାଦୀ ସାହିତ୍ୟଦୃଷ୍ଟି ସ୍ପଷ୍ଟ : "କବିତା ଆରାଧିତ ଓ ସମ୍ମାନିତ ହେବାର ତୃତୀୟ ଓ ଶେଷ କାରଣ ଏଇ ହୋଇପାରେ ଯେ ତାହା ମନୁଷ୍ୟକୁ ଉନ୍ନୀତ କରାଏ, ଉର୍ଦ୍ଧ୍ୱଗ କରାଏ। ଏହି ଜୀବନ ଓ ଜଗତ୍ ପ୍ରତି ନିବିଡ଼ ତୃଷ୍ଣା ଓ ମମତା ସତ୍ତ୍ୱେ, ଏହା ମଧ୍ୟ ସତ୍ୟଯେ ତାର ଅବଚେତନରେ ମନୁଷ୍ୟ ଏମାନଙ୍କ ପ୍ରତି ବିଦ୍ରୋହୀ। ଚିରକାଳ ଧରି ତେଣୁ ସେ ଏମାନଙ୍କର ବଂଧନ କାଟି ସ୍ୱାଧୀନ ହେବାର ସ୍ୱପ୍ନ ଦେଖି ଆସିଛି। ସେ ବରାବର ଗରୁଡ଼ ପରି ସୁଧାପାନ କରିବା ପାଇଁ ଇଂଦ୍ରର ବଜ୍ର ପ୍ରହାରର ଆଶଂକା ସତ୍ତ୍ୱେ, ଅନ୍ତରୀକ୍ଷ-ଆଡ଼କୁ ଧାବମାନ ହୋଇ ଚାଲିଛି। ଜଗତର ସୀମିତତା, କ୍ଷୁଦ୍ରତା, ସଂକୀର୍ଣ୍ଣତାକୁ କାଟି ମନୁଷ୍ୟର ଚିତ୍ତ ଚାହିଁ ଆସିଛି ଏକ ବଂଧନହୀନ, ସୀମାହୀନ ବିରାଟ ସତ୍ତାରେ ନିଜକୁ ମିଳାଇ ଦେବାକୁ, ଏବଂ ମନୁଷ୍ୟର ସେହି ପରମ ଦୈବତ ତୃଷ୍ଣାକୁ ଚିରକାଳ ଶାନ୍ତ କରି ଆସିଛି କେବଳ କବିତା।"[୨୦]

ମାନସିଂହଙ୍କ ଦୃଷ୍ଟିକୋଣର ଏହି ଉତ୍ତରଣ କେତେଜଣ ବିଶିଷ୍ଟ କବିଙ୍କ ଆଲୋଚନାକୁ ନିରୀକ୍ଷଣ କଲେ ସ୍ପଷ୍ଟ ଜଣାପଡ଼େ। ଖ୍ରୀ: ୧୯୩୦ ରେ ପ୍ରକାଶିତ ତାଙ୍କର ରବୀନ୍ଦ୍ରନାଥଙ୍କ କବିତା' ପ୍ରବନ୍ଧରେ, 'ରବୀନ୍ଦ୍ରନାଥଙ୍କ ସୌନ୍ଦର୍ଯ୍ୟଦୃଷ୍ଟି ତାଙ୍କୁ ବେଶି ପ୍ରଭାବିତ କରିଛି। ତାଙ୍କ ମତରେ ରବୀନ୍ଦ୍ରଙ୍କ କବିତାରେ ଏହି ସୁନ୍ଦର ବିଶ୍ୱ ସୌନ୍ଦର୍ଯ୍ୟର ଦେବତା ରୂପରେ ଅଧିଷ୍ଠିତ, ରୂପ-ରସରେ ତାହା ଉଜ୍ଜିବିତ– "ରବୀନ୍ଦ୍ରନାଥଙ୍କ କବିତାରେ ଗୋଟିଏ ମଧୁର

ଭାବ ଏଇଯେ— ଏଇ ସୁନ୍ଦର ବିଶ୍ୱକୁ ଏକ ସୌନ୍ଦର୍ଯ୍ୟ-ଦେବତା ରୂପ-ରସରେ ଉଜ୍ଜୀବିତ କରି ରଖିଛନ୍ତି। ସେଇତ ଧରଣୀରେ ଫୁଲ, ଆକାଶରେ ତାରା ଫୁଟାଏ, ଷଡ଼ଋତୁ ତାର ଲୀଳା; ଜଗତରେ ଯାହା କିଛି ସୁନ୍ଦର, ତାହା ତାହାରି କାର୍ଯ୍ୟ।''[୨୧]

ମଧୁସୂଦନଙ୍କ ସଂପର୍କିତ ଆଲୋଚନାରେ ଏହି ପରିବର୍ତ୍ତିତ-ଦୃଷ୍ଟିକୋଣ ମଧ୍ୟ ସ୍ପଷ୍ଟ। ସାହିତ୍ୟିକ ଜୀବନର ଆଦିପର୍ଯ୍ୟାୟରେ ଲିଖିତ 'ରାଧାନାଥ ଓ ମଧୁସୂଦନ' ପ୍ରବଂଧରେ ସେ ଲେଖିଥିଲେ— ''ବାକ୍ୟଂ ରସାତ୍ମକଂ କାବ୍ୟଂ; ମଧୁସୂଦନଙ୍କ ଅଧିକାଂଶ କବିତାରେ ଏହି ରସ ପଦାର୍ଥର ଅଭାବ ଲକ୍ଷିତ ହୁଏ। ରସ ଅନୁଭୂତିରୁ ଆସେ। ଅନୁଭୂତିର ସ୍ଥାନ ହୃଦୟ। ମଧୁସୂଦନଙ୍କ କବିତା ଅନେକ ଭାବରେ ହୃଦୟରୁ ନ ଆସି ମସ୍ତିଷ୍କରୁ ଜାତ ହୋଇଛି।''[୨୨] କିନ୍ତୁ ଖ୍ରୀ: ୧୯୬୦ ରେ ପ୍ରକାଶିତ 'ରବୀନ୍ଦ୍ରନାଥ' ପ୍ରବନ୍ଧରେ ସେ ଶ୍ରେଷ୍ଠତମ କବିତାର ଉଦାହରଣ ଭାବରେ 'ଋଷିପ୍ରାଣେ ଦେବାବତରଣ' କଥା ଅବତାରଣା କରିଛନ୍ତି। ତାଙ୍କ ମତରେ ସଂପୃକ୍ତ କବିତାପାଠକଙ୍କୁ ଅମର୍ତ୍ତ୍ୟ ସ୍ତରକୁ ନେଇ ଏକ ଅସୀମ ସତ୍ତା ସହିତ ତାହାର କ୍ଷୁଦ୍ର ସତ୍ତାକୁ ମିଶାଇ ଦିଏ। ଋଷିପ୍ରାଣରେ ଦେବତାତରଣ ପାଠକରି ପାଠକ ପ୍ରାଣରେ ଦିବ୍ୟ ଭାବର ପ୍ରତୀତି ଆସେ। କବିତାରେ କଥିତ ଋଷିପରି ତାହା ପାଠକର ଲୋଚନ କମଳ ହଠାତ୍ ଜ୍ୟୋତିର୍ମୟ ଆଲୋକ ସଂଦର୍ଶନ କରେ। ପ୍ରାଣରେ ବାହ୍ୟ ଅଭ୍ୟନ୍ତରର ଭେଦ କୁଆଡ଼େ ଲୁଚିଯାଏ।

ମାନସିଂହ କବିତାର ଏହି ମିଷ୍ଟିକ ଆବେଦନକୁ ତାଙ୍କ କାବ୍ୟ କବିତାରେ ବିଭିନ୍ନ ପ୍ରସଂଗରେ ଉପସ୍ଥାପିତ କରିଛନ୍ତି। 'କମଳାୟନ' କାବ୍ୟରେ ସେ ଲେଖିଛନ୍ତି ଯେ ଅବିନାଶଚନ୍ଦ୍ରଙ୍କର ପରିବାରରେ ରବୀନ୍ଦ୍ର ସଂଗୀତ ଗାନ କରାଯାଏ। ଏହି ସଂଗୀତର ପ୍ରଭାବ ଶ୍ରୋତା ହୃଦୟରେ ଯେଉଁ ଦିବ୍ୟ ଭାବରେ ସ୍ପର୍ଶ ଆଣିଥାଏ, ତାହାର ବର୍ଣ୍ଣନା କରି ମାନସିଂହ, ତାଙ୍କର ଅତୀନ୍ଦ୍ରିୟ ଭାବଧାରା ପ୍ରତି ଥିବା ଆକର୍ଷଣର ପରିଚୟ ଦେଇଛନ୍ତି—

''କରୁଣା କରଇ ଗାନ ରବୀନ୍ଦ୍ର ସଂଗୀତ
ଅତୀନ୍ଦ୍ରିୟ ଭାବେ ହୁଏ ଦ୍ରବିଭୂତ ଚିତ୍ତ,
ଆତ୍ମା ସେନ୍ହେ ଲଘୁ ହୋଇ କ୍ରମେ ଭାସିଯାଏ
ଉର୍ଦ୍ଧେ ଉର୍ଦ୍ଧେ ସଂଗୀତର ତରଂଗ ପ୍ରବାହେ,
ପାର୍ଥିବ କ୍ଷୁଦ୍ରତା ଲୁଚେ ସାର୍ବଭୌମ ଭାବ
ଶ୍ରୋତାର ମନନେ ରଚେ ପବିତ୍ର ପ୍ରଭାବ।
କମଳେ ଅଜ୍ଞାତ ଥିଲା, କରିବା ସଂଗୀତ
ଆତ୍ମାକୁ ଉଦ୍‌ବୁଦ୍ଧ, କ୍ଲିନ୍ନ ଚିତ୍ତେ ବିଶୁଦ୍ଧିତ।
ରବୀନ୍ଦ୍ରର ବାଣୀ ଆଉ କଣ୍ଠ କରୁଣର
ମିଶ୍ରେ, ପ୍ରତିଭାତ ହେଲା ନୂତନ ସଂସାର।
ମନ୍ତ୍ର-ମୁଗ୍ଧ ପରି ଶୁଣେ, ଅପେକ୍ଷାରେ ଥାଏ
ଦିନସାରା, ପ୍ରାର୍ଥନାର ମଧୁକ୍ଷଣ ଯାଏଁ।
ଅବିନାଶ କରିଥା'ନ୍ତି ପାଠ ବା ପ୍ରାର୍ଥନା;
କିଛିକ୍ଷଣ ଧ୍ୟାନେ ହୁଏ ଶେଷ ଉପାସନା।

ସଂଗୀତ, ପ୍ରାର୍ଥନା ଅବା ପାଠ ପ୍ରଭାବରେ
କମଳ ନୟନୁ ବେଳେବେଳେ ଅଶ୍ରୁ ଝରେ।''୨୩

'ଅକ୍ଷତ' କବିତାଗ୍ରନ୍ଥ ତଥା 'କ୍ରୁଶ'ର ବିଭିନ୍ନ କବିତାରେ ଏହି ଅତୀଂନ୍ଦ୍ରିୟ ଭାବର ବିଷୟ ଉପସ୍ଥାପିତ। କବି ଲୌକିକ ରୂପର ସଂଧାନ ଦେଇସାରିଲା ପରେ ତା'ର ଦୃଷ୍ଟି କ୍ରମଶଃ ଅରୂପ ଜଗତକୁ ଚାଲିଯାଏ। ଇଂନ୍ଦ୍ରିୟ ଜଗତର ଅପୂର୍ଣ୍ଣତା ଭିତରେ ସେ ଅଣନିଶ୍ୱାସୀ ହୋଇପଡ଼େ, ନିଜକୁ ଅପୂର୍ଣ୍ଣ ମନେକରେ।

''ଅପୂର୍ଣ୍ଣ ମୁଁ, ଖୋଜେ ମୋର ମଧୁର ପୂର୍ଣ୍ଣତା
ତୁମ ପାଇଁ ତେଣୁ ପ୍ରାଣେ ତୀବ୍ର ଏ ମମତା।''୨୪

ଭୂମି ମଧ୍ୟରେ ସେ ଆଉ ସୀମାବଦ୍ଧ ରହେ ନାହିଁ, ସେଥିରେ ସେ ଭୂମାକୁ ପ୍ରତ୍ୟକ୍ଷ କରେ, କବିର ଅହଂକାର ସାଧକର ଆତ୍ମଶୂନ୍ୟତା ଉପଲବ୍ଧିରେ ରୂପାନ୍ତରିତ ହୁଏ। କବି ଅନୁଭବ କରେ ତାର ଅହମିକା ପରମଶକ୍ତିର ଏକ ଇଂନ୍ଦ୍ରଜାଲ ମାତ୍ର—

''ବିରାଟ ଭୂମାରେ କରି ମୁଗ୍ଧ ନମସ୍କାର,
କହିଲି 'ମୋ ଅହମିକା ତବ ଇନ୍ଦ୍ରଜାଲ।''୨୫

ଏହି ଅତୀନ୍ଦ୍ରିୟ ସାଧନା ଫଳରେ କବି କିନ୍ତୁ ସନ୍ଥ ହୋଇଯାଇ ନାହାନ୍ତି ବା ଅତୀନ୍ଦ୍ରିୟ ଭାବ ତାଙ୍କୁ କବି ହେବାରୁ ବିରତ କରିନାହିଁ। କବି ସ୍ୱଭାବତଃ ଭିନ୍ନ ଜଗତର ଅଧିବାସୀ। ସଂସାରର କ୍ଷୁଦ୍ର ନୀଚତା ଭିତରୁ, ଇଂନ୍ଦ୍ରିୟ ଜଗତର ଆବର୍ଜନା ଭିତରୁ ସେ ଉର୍ଦ୍ଧ୍ୱରେ। ସେଇଥିପାଇଁ ପରବର୍ତ୍ତୀ ଜୀବନର ଅତୀନ୍ଦ୍ରିୟ ପ୍ରୀତି ମାନସିଂହଙ୍କୁ କବିତା ବିମୁଖ କରିନାହିଁ ବରଂ କବି ପାଇଁ ସେ ନୂତନ ଭୂମିକା ସଂଧାନ କରିଛନ୍ତି। ସେ ପରମ ପୁରୁଷଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି, ବିଶ୍ୱକବି ମାନଙ୍କ ଭିତରେ ଆଉଥରେ କବି ଭାବରେ ଅବତୀର୍ଣ୍ଣ ହେବା ପାଇଁ। ପରମ ପୁରୁଷଙ୍କର ମହିମାଗାନ ସହ ତମାନ୍ଧମାନବକୁ ପଥ ଦେଖାଇବା ହେବ ତାଙ୍କର କାର୍ଯ୍ୟ। ପଶୁତ୍ୱର ସଂହାର କରି ଦେବତ୍ୱର ପ୍ରତିଷ୍ଠା ତାଙ୍କ ଜୀବନର ହେବ ସର୍ବଶ୍ରେଷ୍ଠ ସାଧନା। ନିଜର ମୁକ୍ତିପାଇଁ ନୁହେଁ, ସନ୍ତୋଷ ବା ବିଳାସ ପାଇଁ ନୁହେଁ, ଜୀବନରେ ସତ୍ୟ-ଶିବ-ସୁନ୍ଦରର ବିକାଶ ଓ ଭଗବାନଙ୍କର ମହିମା ଗାନ ତାଙ୍କ ସାଧନାର ଲକ୍ଷ୍ୟ :

''ମାଗେ ନା ମୁଁ ନିଜମୁକ୍ତି, ସନ୍ତୋଷ, ବିଳାସ,
ହେ କବି, କରାଅ ମତେ କବି ଜନ୍ମେ ଜନ୍ମେ
ଗୀତେ ଫୁଟାଇବି ସତ୍ୟ, ଶିବର ବିକାଶ,
ଜଗାଇବି ଦେବତାର ମାନବ ମରମେ।
କବି-ହୃଦେ ବାସ ତବ, କବି ଲେଖନୀରେ
ମହିମା ତୁମ୍ଭର ସ୍ଫୁଟ ମାଟି ଧରଣୀରେ।''୨୬

ବ୍ଲେକ୍, ୱାଡ୍‌ସ୍‌ୱାର୍ଥଙ୍କ ଠାରୁ ରବୀନ୍ଦ୍ରନାଥଙ୍କ ପର୍ଯ୍ୟନ୍ତ ବହୁ ରୋମାଣ୍ଟିକ କବି ଅତୀନ୍ଦ୍ରିୟବାଦୀ। ତେଣୁ ଅତୀନ୍ଦ୍ରିୟବାଦ ଓ ରହସ୍ୟମୟ ଜଗତପ୍ରତି ମାନସିଂହଙ୍କର ଆକର୍ଷଣ, ରୋମାଣ୍ଟିକ୍ କବିତାର ଅନ୍ୟତମ ବିଭାଗ। ମାନସିଂହଙ୍କ ଜୀବନରେ ଏହି ଅତୀନ୍ଦ୍ରିୟ ଭାବ ସହ ସାୟୁଜ୍ୟ ତାଙ୍କର କବିଜୀବନ, ବା ରୋମାଣ୍ଟିକ୍ ଭାବଧାରା ସହିତ କୌଣସି

ବିରୋଧ ଘଟାଇନାହିଁ। ସେଇଥିପାଇଁ ୧୯୫୩ ମସିହାରେ ତାଙ୍କର ରଚିତ 'ଶିଳ୍ପୀବଂଦନା' କବିତାରେ କୋଣାର୍କର ବାରଶତ ଶିଳ୍ପୀ, ତାଙ୍କୁ ରୋମାଣ୍ଟିକ୍ କବିଭଳି ପ୍ରତୀତ ହୋଇଛନ୍ତି। ବାସ୍ତବ ଜୀବନର ଦୈନ୍ୟ ସେମାନଙ୍କର ଅସଲ ରୂପସୃଷ୍ଟିକୁ ମୁମୂର୍ଷୁ କରିପାରି ନାହିଁ। କୋଣାର୍କ ରାଜାର ଆଦେଶରେ ନିର୍ମିତ, ସାମନ୍ତ-ରୁଚି-ଛାଂଚରେ ଗଠିତ ଶିଳାସ୍ତୂପମାତ୍ର ନୁହେଁ; ତାହା ବାରଶତ କବିଙ୍କ ଦ୍ୱାରା ରଚିତ ଏକ ମହାକାବ୍ୟ। ସେମାନଙ୍କର ଅନନ୍ୟ ରୂପଦୃଷ୍ଟିର ତାହା ପ୍ରକାଶ :

"ଦରିଦ୍ର କୁଟୀରେ ବସି ଚୀର ପିନ୍ଧି କବି ବାରଶତ,
କେମନ୍ତେ କଳ୍ପିଲ ମନେ ଅପୂର୍ବ ଏ ରୂପ ଶତ ଶତ ?
ରାଜାର ଭୃତ୍ୟତା, ନିଜ ଦୀନତାର ବହୁ ଉର୍ଦ୍ଧ୍ୱେ ଭାସି,
ହେ ସହସ୍ର କବି, ତବ କଳ୍ପ-ସରୁ ଏ କମଳ ରାଶି
କେମନ୍ତେ ତୋଳିଲ ସତେ ? ଶିଳା ଦେହେ ଦେଇ ତାହା ଲେଖି
ପାଷାଣର ଏ କବିତା, ମୁଗ୍ଧ ବିଶ୍ୱ ପଢ଼େ ଦେଖି ଦେଖି।"[୨୭]

ମାନସିଂହଙ୍କର ଏହି ଅତୀନ୍ଦ୍ରିୟ ଦୃଷ୍ଟି ଅବଶ୍ୟ ବେଶିଦିନ ଧରି ଅକ୍ଷୁଣ୍ଣ ରହିପାରି ନଥିଲା। ଖ୍ରୀ: ୧୯୬୦ ପରେ ପରେ ସେ ପୁଣି ଆଦର୍ଶବାଦୀ ଅଥଚ ପୃଥିବୀ ସନ୍ନିହିତ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇପଡ଼ିଥିଲେ। 'ଗୀତା ମହାତ୍ମ୍ୟ' ଏହାର ଚମତ୍କାର ଦୃଷ୍ଟାନ୍ତ। ପ୍ରାଥମିକ ଜୀବନରୁ ଜୀବନର ଶେଷପର୍ଯ୍ୟାୟ ପର୍ଯ୍ୟନ୍ତ ମାନସିଂହଙ୍କ କାବ୍ୟ ଦୃଷ୍ଟିରେ ଉତ୍ତରଣ ରହିଛି, କିନ୍ତୁ ମୌଳ ଭିନ୍ନତା ନାହିଁ। କାବ୍ୟର ରଚନା ଓ ପରମ ମୂଲ୍ୟ ନେଇ ତାଙ୍କ ଦୃଷ୍ଟିକୋଣରେ କିଛିଟା ଭିନ୍ନତା ଆସିଥିଲେ ବି କଳାସୃଷ୍ଟିର ରହସ୍ୟ, ଶିଳ୍ପସୃଷ୍ଟିର ଅନନ୍ୟତା ତଥା କଳା ଉପଭୋଗର ପ୍ରକୃତ କ୍ଷେତ୍ର ନେଇ ତାଙ୍କ ମନ ଭିତରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ଦେଖାଯାଏ ନାହିଁ। 'କାଳିଦାସ ଏଣ୍ଡ ସେକ୍ସପିଅର' ବହିରେ ସେ ଲେଖିଛନ୍ତି : କବି, ନାଟ୍ୟକାର, ସଂଗୀତଜ୍ଞ, ସ୍ଥପତି ଓ ଚିତ୍ରକରର ଅଭିବ୍ୟକ୍ତିରେ ବୈଭିନ୍ନ୍ୟ ଥାଇପାରେ କିନ୍ତୁ ସେମାନେ ଉପଯୋଗ କରୁଥିବା ବସ୍ତୁ ସବୁବେଳେ ସମାନ, ତାହା ହେଲା ମଣିଷ ଓ ତାର ସ୍ୱପ୍ନ। ସମସ୍ତ ସୃଷ୍ଟିଧର୍ମୀ କଳାକାର ମାନଙ୍କର ଚରମ ଉଦ୍ଦେଶ୍ୟ ହେଲା ସୌନ୍ଦର୍ଯ୍ୟ ମଧ୍ୟ ଦେଇ ସତ୍ୟର ପ୍ରତୀତି ଓ ତାର ଉପସ୍ଥାପନ। କାଳ, ସ୍ଥାନ ଓ ପରିସ୍ଥିତିର ସୀମାବଦ୍ଧତା ଓ ଶିଳ୍ପୀର ଆପଣା ବ୍ୟକ୍ତିଗତ ପ୍ରକୃତି, ମାଧ୍ୟମର ବିଭିନ୍ନତା ପାଇଁ ତାଙ୍କୁ ବାଧ୍ୟ କରୁଥିଲେ ବି, ଏହା ମୂଳତଃ ସମାନ। ତାଙ୍କ ମତରେ ସମସ୍ତ କଳାର ଏହି ନିର୍ଯ୍ୟାସ ପ୍ରତି ଆଖିବୁଜିଦେବା ଉଚିତ ନୁହେଁ।[୨୮]

## ମାନସିଂହଙ୍କ ବିଚାରରେ କବିତା ଓ କାବ୍ୟ :

ସାହିତ୍ୟ ଆଲୋଚନାର ରହିଛି ଦୁଇଟି ଦିଗ। ସେଥିରୁ ଗୋଟିଏ ଦିଗ ହେଲା ସାହିତ୍ୟ ସଂପର୍କିତ କୌଣସି ତତ୍ତ୍ୱକୁ ପ୍ରତିଷ୍ଠା କରିବା; ତତ୍ତ୍ୱ ଆଲୋଚନା ଓ ପ୍ରତିଷ୍ଠା ଅବସରରେ କବି ଓ କାବ୍ୟକୁ ଆଲୋଚନାପରିସରଭୁକ୍ତ କରିବା। ତା'ର ଦ୍ୱିତୀୟ ଦିଗ ହେଲା— କୌଣସି ନିର୍ଦ୍ଦିଷ୍ଟ କାବ୍ୟ ବା କବିତା, କବି ବା କାବ୍ୟଧାରା ସଂପର୍କରେ ଆଲୋଚନା କରି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ବା ତତ୍ତ୍ୱରେ ଉପନୀତ ହେବା। ମାନସିଂହଙ୍କର

ସାହିତ୍ୟ ସଂପର୍କିତ ଆଲୋଚନା ମୁଖ୍ୟତଃ ଦ୍ୱିତୀୟ ଶ୍ରେଣୀର । କେତେବେଳେ ନିଜ ପୁସ୍ତକ ଓ ଅନ୍ୟ ପୁସ୍ତକର ମୁଖବଂଧ ଆକାରରେ ତଥା ଅନ୍ୟ କେତେବେଳେ କବି ଓ କାବ୍ୟଧାରାକୁ ଆଲୋଚନା କଲାବେଳେ, ସେ ସାହିତ୍ୟ ସଂପର୍କରେ ତାଙ୍କର ବିଚାରଧାରା ଉପସ୍ଥାପନ କରିଛନ୍ତି । ରବୀନ୍ଦ୍ରନାଥ, ରାଧାନାଥ, ଗୋପାଳକୃଷ୍ଣ, କାଳିଦାସ, ସେକ୍ସପିଅର, ଶାରଳାଦାସ, ଭୀମଭୋଇ, ଗଂଗାଧର ଓ ନନ୍ଦକିଶୋର ପ୍ରମୁଖଙ୍କ ସଂପର୍କିତ ମତବାଦକୁ ଉପସ୍ଥାପନ କରିଛନ୍ତି । ସାହିତ୍ୟ ସଂପର୍କରେ ଆଲୋଚନା କରୁ କରୁ, ସେ ସମଗ୍ର କଳା ଜଗତ ପ୍ରତି ଦୃଷ୍ଟିପାତ କରିଛନ୍ତି । ସାହିତ୍ୟ ପ୍ରସଙ୍ଗରେ ଚିତ୍ରକଳା ଭାସ୍କର୍ଯ୍ୟ ଓ ସଂଗୀତ ତାଙ୍କର ଆଲୋଚନା ପରିସରକୁ ପଶି ଆସିଛି । କିନ୍ତୁ ଏକଥା ମୂଳରୁ ସ୍ପଷ୍ଟ କରିଦେବା ଉଚିତ, ରବୀନ୍ଦ୍ରନାଥ ଯେଭଳି, 'ସାହିତ୍ୟ', 'ସାହିତ୍ୟ ପଥେ' ଓ 'ସାହିତ୍ୟର ସ୍ୱରୂପ' ଆଦି ଗ୍ରନ୍ଥରେ ସାହିତ୍ୟର ସଂଜ୍ଞା ପ୍ରକରଣ ସଂପର୍କରେ ଗଭୀର ତତ୍ତ୍ୱ ଉପସ୍ଥାପନ କରିଛନ୍ତି, ମାନସିଂହ ସେହିଭଳି ତାତ୍ତ୍ୱିକ ବିଚାର କରିଥିବାର ଜଣାଯାଏ ନାହିଁ । ''କବି ଓ ଅଭିଜାତ'' ପ୍ରବଂଧ କୌଣସି ତତ୍ତ୍ୱ ବ୍ୟାଖ୍ୟାନ କରିବା ଅପେକ୍ଷା ଗଳ୍ପ କହିବାରେ ନିଜର ବାହାଦୂରୀ ଦେଖାଇଛି । 'ମୁଁ କାହିଁକି ଲେଖେ' ଭିତରେ ଅବଶ୍ୟ ଆତ୍ମଜୀବନୀ ମୂଳକ ଆତ୍ମକଥା ଭିତ୍ତିରେ, ସାହିତ୍ୟ ସଂପର୍କିତ କେତେକ ସାଧାରଣ ତତ୍ତ୍ୱ ଉପସ୍ଥାପନ କରିଛନ୍ତି । ଏହି ସାଧାରଣ ପରିଚିତ ତତ୍ତ୍ୱାବଳୀ ତାଙ୍କର ବିଭିନ୍ନ କବିତା, କାବ୍ୟ ଓ ନାଟକର ପରିଦୃଷ୍ଟ । ଏ ସବୁକୁ ଧରି କାବ୍ୟ ଓ କଳା ସଂପର୍କରେ ତାଙ୍କ ବିଚାରର ପୁନର୍ଗଠନ କରାଯାଇପାରେ । କିନ୍ତୁ ତାଙ୍କର ମତାମତ ଗୁଡ଼ିକ ମୁଖ୍ୟତଃ ବିଭିନ୍ନ କବି ତଥା କାବ୍ୟର ଆଲୋଚନା ପ୍ରସଙ୍ଗରେ ଆସିଥିବାରୁ, ସଂପୃକ୍ତ କବିଙ୍କ ସଂପର୍କରେ ତାଙ୍କର ଆଲୋଚନାକୁ ପର୍ଯ୍ୟାଲୋଚନା କରିବା ଅଧିକ ନିରାପଦ ।

ରୋମାଣ୍ଟିକ କଳାତତ୍ତ୍ୱର ଭାଷାରେ କହିଲେ ମାନସିଂହଙ୍କ ବ୍ୟକ୍ତିତ୍ୱ ମୁଖ୍ୟତଃ କବିର ବ୍ୟକ୍ତିତ୍ୱ । ତାଙ୍କ ରଚିତ ଗଳ୍ପ, ଉପନ୍ୟାସ, ନାଟକ, ପ୍ରବଂଧ, ଆଲୋଚନା, ସବୁ ପ୍ରକାର ସାହିତ୍ୟ ରୂପ ଭିତର ହିଁ କବିସ୍ୱରୂପ ଫୁଟି ଉଠିଛି । ବଂଗଳା ସାହିତ୍ୟର ପ୍ରସିଦ୍ଧ ଆଲୋଚକ ସ୍ୱର୍ଗତ ମୋହିତ୍‌ଲାଲ୍ ମଜୁମଦାର ମାଇକେଲ୍ ମଧୁସୂଦନ ଦତ୍ତଙ୍କ 'ମେଘନାଦବଧ' କାବ୍ୟ ଆଲୋଚନା କରି କହିଥିଲେ ଯେ ମଧୁସୂଦନ ମୁଖ୍ୟତଃ ଗୀତିକବି । 'ମେଘନାଦବଧ' କୁ ମହାକାବ୍ୟ ରୀତିରେ ରଚନା କରିଥିଲେ ବି, ତାହା ମୁଖ୍ୟତଃ ଏକ ଗୀତିକବିର ଆତ୍ମପ୍ରକାଶରେ ପରିଣତ ହୋଇଛି । କ୍ଲାସିକ୍ ଆଦର୍ଶରେ ରଚିତ ହେଲେ ବି ଏହାର ମୂଳ ପ୍ରବୃତ୍ତି ହୋଇ ଉଠିଛି ରୋମାଣ୍ଟିକ୍ ।[୨୯] ମାନସିଂହଙ୍କ କ୍ଷେତ୍ରରେ ତାହାହିଁ ଘଟିଛି । ସେ 'ରାଜକବି ଉପେନ୍ଦ୍ର' ଭଳି ଗୀତିନାଟ୍ୟ, 'ଶାସନଚକ୍ର' ଭଳି ଏକାଂକିକା ତଥା 'ବୁଦ୍ଧ' ଭଳି ନାଟକ ରଚନା କଲାବେଳେବି, ଗୀତିକବି ମାନସିଂହ ବାରମ୍ବାର ଆମ ସମ୍ମୁଖରେ ଛିଡ଼ା ହୋଇଛନ୍ତି । 'କମଳାୟନ' ଭଳି ଅପରିଣତ କାବ୍ୟରେ ଯେଉଁ କେତୋଟି ଛତ୍ର ପାଠକଙ୍କୁ ପ୍ରଲୁବ୍ଧ କରେ, ତାହା ଗୀତିକବି ମାନସିଂହଙ୍କର ହିଁ ଆତ୍ମପ୍ରକାଶ । ସାହିତ୍ୟ ସଂପର୍କରେ ମାନସିଂହ କିଛି କହିଲାବେଳେ, ମୁଖ୍ୟତଃ ଗୀତିକବିତା ବିଷୟରେ ହିଁ କହିଛନ୍ତି । ଏଭଳିକି କୋଣାର୍କର ମୂର୍ତ୍ତିଭଳି ଭାସ୍କର୍ଯ୍ୟ ଓ ଚିତ୍ରକଳା ସଂପର୍କରେ ଆଲୋଚନା କଲାବେଳେ ଗୀତିକବିତା ହିଁ ପ୍ରଥମେ ତାଙ୍କ ମନରେ ଆସିଛି । ତେଣୁ କଳାତତ୍ତ୍ୱ ସଂପର୍କରେ

ତାଙ୍କର ସାଧାରଣ ଆଲୋଚନା ମୁଖ୍ୟତଃ କବିତାତତ୍ତ୍ୱର ହିଁ ଆଲୋଚନା । ଏହି ପ୍ରସଂଗରେ ତାଙ୍କର ରାଧାନାଥ ପ୍ରବନ୍ଧକୁ ସ୍ମରଣ କରାଯାଇପାରେ । ରାଧାନାଥ ପ୍ରବଂଧରେ ସେ କବିତାର ଉପାଦାନ ସଂପର୍କରେ ଆଲୋଚନା କରି ଲେଖିଛନ୍ତି : "କବିତାର ଶ୍ରେଷ୍ଠତାର ପ୍ରଥମ ଓ ପ୍ରଧାନ ଚିହ୍ନ ମାନବ ହୃଦୟର ଗଭୀର ଓ ଶାଶ୍ୱତ ଅନୁଭୂତିମାନଙ୍କୁ କଳ୍ପନାର ବର୍ଣ୍ଣରେ ରଂଜିତ କରି ପ୍ରକାଶ କରିବା ।"[୩୦] ସାହିତ୍ୟରେ କଳ୍ପନା ରହିଲେ ହେଁ କଳ୍ପନା ମୂଳ ନୁହେଁ । ତାଙ୍କ ମତରେ– "ଜୀବନ ହିଁ ସାହିତ୍ୟ ଜାହ୍ନବୀର ଗଂଗୋତ୍ରୀ" । ରାଧାନାଥଙ୍କ କବିତା ସଂପର୍କରେ ମାନସିଂହ ଯେଉଁ ମନ୍ତବ୍ୟ ପ୍ରକାଶ କରିଛନ୍ତି, ତାହାହିଁ ଆଦ୍ୟ ଜୀବନରେ କବିତା ସଂପର୍କରେ ମାନସିଂହଙ୍କ ବିଚାରର ଚିତ୍ର । ମାନସିଂହ ଲେଖିଛନ୍ତି : "ରାଧାନାଥଙ୍କ ରଚନାରେ ମନୋଜ୍ଞ ଭାଷା ଅଛି, କଳ୍ପନାରେ ଇଂଦ୍ରଧନୁପ୍ରଭ ବର୍ଣ୍ଣୋତ୍ସବ ଅଛି, କିନ୍ତୁ ଯାହା କବିତାର ପ୍ରାଣ, ସେହି ମାନବ ହୃଦୟର ଗଭୀର ଦ୍ୱନ୍ଦାନୁଭବ ସବୁ ନାହିଁ । ରାଧାନାଥ ଗ୍ରନ୍ଥାବଳୀ ସୁଖପାଠ୍ୟ ଭାଷାରେ ଲିଖିତ କେତେଗୁଡ଼ିଏ କିମ୍ବଦନ୍ତୀ ମାତ୍ର । ଏଥିରେ ମାନବିକତା ଆଧିଭୌତିକତାରେ ଲୟ ଲାଭ କରିଅଛି । ସତ୍ୟ ପରିବର୍ତ୍ତରେ କଳ୍ପନା ସ୍ଥାନ ମାଡ଼ିବସିଅଛି, ଇତିହାସ ପରିବର୍ତ୍ତେ କାହାଣୀ କାର୍ଯ୍ୟ କରିଅଛି । ଏଥିରେ ଫଳ ଏହା ହୋଇଅଛି ଯେ, ତାଙ୍କ କାବ୍ୟର ନାୟକ ନାୟିକା ଜୀବନ ମନୁଷ୍ୟ ନ ହୋଇ ଉଷା ଜୟନ୍ତପରି ଅତିମାନୁଷ ହୋଇ ଉଠିଅଛନ୍ତି, କିମ୍ବା ନଂଦିକା ପରି ଯନ୍ତ୍ରଚାଳିତ ପୁତ୍ତଳିକା ହୋଇ ଅଛନ୍ତି । ମନୁଷ୍ୟ ଯେଉଁ ସୁଖଦୁଃଖ ମଧ୍ୟଦେଇ ଜୀବନ୍ତ ଅତିବାହିତ କରେ, ଯେଉଁ ଅନୁଭୂତି ମଧ୍ୟଦେଇ ଜୀବନ ଉପଭୋଗ କରେ, ସେମାନଙ୍କର ଏ ସୁଖଦୁଃଖ ବା ଅନୁଭୂତି ନାହିଁ । ଏମାନଙ୍କର ସଂସାର ମନୁଷ୍ୟର ହାସ୍ୟ ଲୋତକମୟ ସଂସାରଠାରୁ ବହୁଦୂରରେ ।"[୩୧]

ମାନସିଂହଙ୍କ ବିଚାରରେ : "କବିତା ହୃଦୟର ଭାବପ୍ରକାଶ ମାତ୍ର । କ୍ରୌଂଚ ମିଥୁନ ମଧ୍ୟରୁ ଏକର ହତ୍ୟା ଦେଖି ବାଲ୍ମୀକି ଯେଉଁ ବ୍ୟଥା ଅନୁଭବ କଲେ, ତାହାର ଅଭିବ୍ୟକ୍ତିରେ ଜଗତର ପ୍ରଥମ କବିତା ସୃଷ୍ଟି ହେଲା । ବାଲ୍ମୀକିଙ୍କର ସେହି ଶ୍ଳୋକରେ ଉଚ୍ଚଚିନ୍ତା ବା ନିଗୂଢ଼ତତ୍ତ୍ୱ କିଛି ନାହିଁ– କେବଳ ଗୋଟିଏ କ୍ଷଣିକ ଅନୁଭୂତିର ପ୍ରକାଶ ମାତ୍ର । ସଭ୍ୟତାର ଜଟିଳତା ବୃଦ୍ଧି ସଂଗେ ସଂଗେ ଅବଶ୍ୟ ମନୁଷ୍ୟର ଅନୁଭୂତି ଜଟିଳ ହୋଇ ଉଠିଲା, କିନ୍ତୁ ମୂଳତଃ କବିତାର ସୃଷ୍ଟି ଅନୁଭୂତିର ଅଭିବ୍ୟକ୍ତିରୁ ।[୩୨]

ମାନସିଂହ ରାଧାନାଥ ଓ ମଧୁସୂଦନଙ୍କ କବିତା ତୁଳନା କରି କବିତା ସଂପର୍କରେ ଲେଖିଛନ୍ତି : 'ରସ ଅନୁଭୂତିରୁ ଆସେ ମସ୍ତିଷ୍କରୁ ନୁହେଁ ।' ମାନବ ହୃଦୟର ଶାଶ୍ୱତ ଭାବରାଜି କବିତାର ପ୍ରାଣବସ୍ତୁ ହୋଇଥିବାରୁ ଓ ଏହି ମହାନ୍ ସତ୍ୟକୁ କବି ଗୋପାଳକୃଷ୍ଣ ତାଙ୍କର କବିତାରେ ପ୍ରକାଶ କରିଥିବାରୁ, କବି ଗୋପାଳକୃଷ୍ଣ ମାନସିଂହଙ୍କର ଜଣେ ପ୍ରିୟ କବି । ମାନସିଂହ କବିତାରେ ଛନ୍ଦ, ଶବ୍ଦଚାତୁର୍ଯ୍ୟ ତଥା ପାଣ୍ଡିତ୍ୟକୁ ନ ଦେଖି କବିତା ମଧ୍ୟରେ ଥିବା ଭାବ, ଅନୁଭୂତି ଓ ରହସ୍ୟମୟ ଗୁଣକୁ ସର୍ବାଗ୍ରେ ଦେଖିଛନ୍ତି ।

ସଂସାରର ଜଟିଳତା ମଧ୍ୟରେ ଛଂଦିଦେଲେ କବିତାର ରମଣୀୟତା ନଷ୍ଟ ହୋଇଯାଏ । ପଲ୍ଲୀକବି ନଂଦକିଶୋରଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଯାଇ ଲେଖିଛନ୍ତି : "କବିତା ଅତ୍ୟନ୍ତ ସୁକୁମାର କଳା । ତାର ପରିପୋଷଣ ପାଇଁ ପ୍ରାୟ ସକଳ କବିଙ୍କୁ ଜନତା

ଓ ସଂସାରର ମଳିନ ସ୍ପର୍ଶରୁ ଦୂରରେ ରହିବାକୁ ପଡ଼ିଛି।''[୩୩] ତାଙ୍କ ଦୃଷ୍ଟିରେ କବିତା ଏକ ଅବଗୁଣ୍ଠନବତୀ ନାରୀ। ଗୀତିକବିତାର କବି ଗିରି-ନିର୍ଝରିଣୀ ପ୍ରାୟ ନର୍ତ୍ତନଶୀଳା ହେଲେ ମଧ୍ୟ, କବିତାର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ରକ୍ଷା କରିବା ପାଇଁ ସେ ମତ ପ୍ରକାଶ କରିଛନ୍ତି। ଖ୍ରୀ: ୧୯୫୭ ମସିହା ବେଳକୁ କବିତା ସଂପର୍କରେ ସେ କହିଛନ୍ତି ଯେ, ''କବିତା ହେଲା ରହସ୍ୟମୟୀ ସରସ୍ୱତୀ। ସେ ଯେତିକି ରହିବେ ରହସ୍ୟାବୃତା, ଯେତିକି ଅସ୍ପଷ୍ଟ, ଯେତିକି ଅବୋଧ୍ୟ, ଅଗମ୍ୟ, ଅଜ୍ଞେୟ, ସେତିକି ତାଙ୍କର ମାଧୁର୍ଯ୍ୟ ବୃଦ୍ଧି ପାଇବାର ଆଶା। କେବଳ ଇତର ସାଧାରଣ ହିଁ ଖୋଜନ୍ତି ମାନେ, ଯାହା ହେବ ସ୍ପଷ୍ଟ, ସୀମାବଦ୍ଧ, ନିର୍ଦ୍ଦିଷ୍ଟ। ପ୍ରକୃତ ସମଜଦାର ପାଠକ ନିକଟରେ କିନ୍ତୁ ପ୍ରକୃତ କବିତା ସେହି, ଯାହା ସବୁକଥା ପ୍ରକାଶ କରିବାକୁ କୁଣ୍ଠିତ, ଅନ୍ୟ କଥାରେ ଯାହା ଅବୋଧ୍ୟ, ଦୁର୍ବୋଧ୍ୟ, ଅସ୍ପଷ୍ଟ।''[୩୪]

ରବୀନ୍ଦ୍ରନାଥଙ୍କ ଶତବାର୍ଷିକୀ ଅବସରରେ ରବୀନ୍ଦ୍ର କବିତାର ଆଲୋଚନା ସମୟରେ କବିତା ତଥା କବିତାର ଧର୍ମ ସଂପର୍କରେ ସେ କରିଥିବା ଆଲୋଚନା ବିଶେଷ ପ୍ରଣିଧାନ ଯୋଗ୍ୟ। ମାନସିଂହ କହନ୍ତି: ''କବି ଏକ ସାଧାରଣ ନାଗରିକ। କିନ୍ତୁ ତାର କବିତା ଯଦି ପ୍ରକୃତ କବିତା ହୁଏ, ତେବେ ତାହା ଅସାଧାରଣ ସେଇଥିପାଇଁ ହିଁ ସମାଜରେ କବି ପ୍ରତି ସେତେ ଉନ୍ମାଦନା ନଥିଲେ ହେଁ, କବିତା ପ୍ରତି ସମ୍ମାନ ଏତେ ବେଶି। ତମେ, ଆମେ ମିଳିମିଶି କ୍ଲବ୍, କମିଟି, ଆକାଡ଼େମୀ ବସେଇ ଗୋଟିଏ ହେଲେ ପ୍ରକୃତ କବିତା ସୃଷ୍ଟିକରି ପାରିବାନି। ବସ୍ତୁତଃ ଯେଉଁ କବିତାରେ ଏଇ ମିରାକ୍ଲ ଗୁଣ ନାହିଁ, ତାହା ପଦ୍ୟମାତ୍ର। ତାଁହାର, ଯାହା ସମ୍ମାନ ତାହା କେବଳ କବିତାର ଗୋଷ୍ଠୀରେ ଜନ୍ମ ନେଇଥିବାରୁ।''[୩୫]

ରବୀନ୍ଦ୍ରନାଥଙ୍କ କବିତା ଆଲୋଚନା ଅବସରରେ କବିତାର ଅନ୍ୟତମ ଧର୍ମ ବିଷୟରେ ଉଲ୍ଲେଖ କରି ମାନସିଂହ କହନ୍ତି: ''କବିତା ସମାଦର ଲାଭ କରିବାର ଦ୍ୱିତୀୟ କାରଣ ଏଇ ହୋଇପାରେ ଯେ, ଏହା ଆମକୁ ମାୟାର ପୁଷ୍ପୋଦ୍ୟାନକୁ ନେଇଯାଏ। ଜଗତର ଅନିତ୍ୟତା ପରି, ତାର ଓତପ୍ରୋତବ୍ୟାପ୍ତ ଦୁଃଖ ମଧ୍ୟ ଆମର ଅବଚେତନାର ଏକ ଶକ୍ତିଶାଳୀ ପ୍ରଭାବ। ଆମର ଅଜ୍ଞାତସାରରେ ଆମେ ଅହରହ ଭଲମଂଦ କାମ କରିଚାଲିଛୁଁ, ହୁଏତ କେବଳ ଜୀବନର ଅନ୍ତର୍ନିହିତ ଦୁଃଖର ସମ୍ମୁଖୀନ ନ ହେବା ପାଇଁ। ...ଯାହାକିଛି ମନୁଷ୍ୟକୁ ଜୀବନର ରୂଢ଼ତା, କ୍ରୂରତା କଠୋରତାରୁ, ଅର୍ଥାତ 'ଦୁଃଖରୁ' ନେଇଯାଇପାରେ, ସେ ହେଲା ମନୁଷ୍ୟର ପ୍ରିୟ। ...ଚିରକାଳ ଧରି କବିତାର ମଧ୍ୟ ଏଇ ଏକ ଗୁଣ ଅଛି। କବିତା ଆମକୁ ଅଧା-ଜଗତ ଅଧା-କଳ୍ପନାର ଏକ ସ୍ୱପ୍ନମୟ ପୁରୀକୁ ନେଇଯାଏ ଯେଉଁଠି ସତ୍ୟଟା ଠିକ୍ ନିଷ୍ଠୁର ନୁହେଁ, କି ମିଥ୍ୟାଟା ମିଥ୍ୟାଟା ଠିକ୍ ମିଥ୍ୟାପରି ଘୃଣ୍ୟ ନୁହେଁ। ଜୀବନର ନିଷ୍ଠୁରତାକୁ ପରାଜୟ ଦେବା ପାଇଁ ଆମେ ସ୍ୱପ୍ନ ଦେଖୁ ଏଇପରି ଏକ ଜଗତର, ଯେଉଁଠି ମିଥ୍ୟାର ସ୍ପର୍ଶରେ ସତ୍ୟ ହୁଏ ପ୍ରିୟ, ସତ୍ୟର ସ୍ପର୍ଶରେ ମିଥ୍ୟା ହୁଏ ମଧୁର। କବିତା ସେହି କଳ୍ପଲୋକ।''[୩୬] ମାନସିଂହ କବିତା ସଂପର୍କରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା କାବ୍ୟ ପାଇଁ ମଧ୍ୟ ପ୍ରଯୋଜ୍ୟ। ତାଙ୍କର ପ୍ରିୟ କାବ୍ୟ ମଧ୍ୟରେ କବି କାଳିଦାସଙ୍କ କାବ୍ୟ ସକଳଗୌରବର ଅଧିକାରୀ। କାରଣ—

"ତାଙ୍କର ଭାଷା ଅତ୍ୟନ୍ତ ଶ୍ରୁତିସୁଖକର, ସରଳ ଓ ସରସ। ସଂସ୍କୃତ ଭାଷାରେ ଅନ୍ୟାନ୍ୟ କବିଙ୍କର ରସହୀନ ଶବ୍ଦକ୍ରୀଡ଼ା ତାଙ୍କ ଲେଖାରେ ଦେଖିବାକୁ ମିଳେ ନାହିଁ। ନରନାରୀର ଶାଶ୍ୱତ ଅନୁଭୂତି ସବୁ ସହଜ ସ୍ୱଚ୍ଛନ୍ଦ ଭାଷାରେ ସେ କିପରି ଦେଇ ପାରିଛନ୍ତି, ତାହା ପାଠ ନ କରିଥିବା ଲୋକଙ୍କୁ ସହଜରେ ବୁଝାଇହେବ ନାହିଁ।"[୩୭] ଏହିପରି ସରଳ ଅଥଚ ବୈଚିତ୍ର୍ୟପୂର୍ଣ୍ଣ କାବ୍ୟ କବିତା ମାନସିଂହଙ୍କର ପ୍ରିୟ ଥିଲା।

## ନାଟକ, ଗଳ୍ପ, ଉପନ୍ୟାସ :

'କାଳିଦାସ ଏଣ୍ଡ ସେକ୍ସପିଅର' ଚର୍ଚ୍ଚାନିବଂଧ, 'ନଷ୍ଟନୀଡ଼' ନାଟକର ମୁଖବଂଧ ତଥା ଓଡ଼ିଆ ସାହିତ୍ୟର ଇତିହାସରେ ମାନସିଂହ ନାଟକର ସ୍ୱରୂପ ଉପରେ କେତେକ ବିକ୍ଷିପ୍ତ ଆଲୋଚନା କରିଛନ୍ତି। ଏହି ଆଲୋଚନା ଗୁଡ଼ିକ ମୁଖ୍ୟତଃ ବିବରଣୀମୂଳକ। 'କାଳିଦାସ ଏଣ୍ଡ ସେକ୍ସପିଅର'ରେ ମାନସିଂହ ଲେଖିଥିଲେ– 'ଦେଶ ତଥା କାଳ, ସାହିତ୍ୟ ଓ ଭାସ୍କର୍ଯ୍ୟର ରୂପଗଠନକୁ ନିୟନ୍ତ୍ରିତ କରେ। ତାହାମଧ୍ୟ ଘଟେ ନାଟକ କ୍ଷେତ୍ରରେ। ନାଟକର ମୂଳଲକ୍ଷ୍ୟ ହେଲା ମାନବ ବ୍ୟକ୍ତିତ୍ୱର ଉନ୍ନୟନ। ଏହି ଦୃଷ୍ଟିରୁ ଆରିଷ୍ଟଟ୍‌ଲ ଓ ଭରତଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। କିନ୍ତୁ ପରବର୍ତ୍ତୀ କାଳରେ ଭରତଂକ ଅନୁଶାସନ ଆକ୍ଷରିକ ଭାବରେ ଅନୁସୃତ ହେବା ଫଳରେ ଭାରତୀୟ ନାଟକ ପରଂପରାମୁଖୀ ହୋଇ କାବ୍ୟଧର୍ମୀ ହୋଇ ଉଠିଲା। ତାହା ମଧ୍ୟ ଘଟିଲା ସେକ୍ସପିୟରଙ୍କ କ୍ଷେତ୍ରରେ। ଉଭୟର କିନ୍ତୁ ମୂଳଲକ୍ଷ୍ୟ ଥିଲା ରସର ପରିବେଷଣ। ପରଂପରା ଓ ପ୍ରଯୋଜନାଗତ ଆବଶ୍ୟକତା ଉଭୟ ନାଟ୍ୟକାରଙ୍କର ସୌନ୍ଦର୍ଯ୍ୟଦୃଷ୍ଟି ଓ ରସବୋଧକୁ କିନ୍ତୁ ବିକଳାଙ୍ଗ କରିପାରି ନାହିଁ।' ତେଣୁ ନାଟକ ଆଲୋଚନା କଲାବେଳେ ମୁଖ୍ୟତଃ ସେ ତାହାର କାବ୍ୟଧର୍ମ ସଂପର୍କରେ ହିଁ ଆଲୋଚନା କରିଛନ୍ତି। ତାହା ମଧ୍ୟ ଘଟିଛି ତାଙ୍କର ଉପନ୍ୟାସ ଓ ଗଳ୍ପ ଆଲୋଚନା କ୍ଷେତ୍ରରେ। ଉପନ୍ୟାସ ଓ ଗଳ୍ପ ସଂପର୍କରେ କେତେକ ମତାମତ ଦେବା ବ୍ୟତୀତ ସେ କୌଣସି ତାତ୍ତ୍ୱିକ ଆଲୋଚନା କରିପାରି ନାହାନ୍ତି। ତାଙ୍କର କବିପ୍ରାଣ ସାହିତ୍ୟର ରୂପଗତ ଆବଶ୍ୟକତାକୁ ଏକ ବଂଧନ ଭାବରେ ଗ୍ରହଣ କରିଛି, ମାଧ୍ୟମ ଭାବରେ ନୁହେଁ। ତାଙ୍କ ମତରେ– ନିପୁଣ ସ୍ରଷ୍ଟା ନାଟକ ଉପନ୍ୟାସ କାହାଣୀ ଭଳି ସାହିତ୍ୟ ରୂପର ବଂଧନକୁ ଅତିକ୍ରମ କରେ, କବିତାର ଯାହା ଚରମ ଓ ପରମ ମୂଲ୍ୟ ତାକୁ ପ୍ରକାଶ କରେ।

## ପ୍ରବନ୍ଧ ଓ ସମାଲୋଚନା :

ଶିକ୍ଷା, ଧର୍ମ, ସଂସ୍କୃତି ଓ ସାହିତ୍ୟ ସଂପର୍କରେ ମାନସିଂହ ଆଲୋଚନା କରିଛନ୍ତି ଓ ଜୀବନର ନାନା ମୌଳିକ ସମସ୍ୟା ସଂପର୍କରେ ବିଭିନ୍ନ ପ୍ରବଂଧ ରଚନା କରିଛନ୍ତି। କିନ୍ତୁ ପ୍ରବଂଧ ଓ ସମାଲୋଚନା କହିଲେ କ'ଣ ବୁଝାଯାଏ, କେତେକ ବିକ୍ଷିପ୍ତ ମତାମତ ଛାଡ଼ିଦେଲେ, ମାନସିଂହ, ସେ ସଂପର୍କରେ ସ୍ପଷ୍ଟ ଭାବରେ କିଛି କହି ନାହାନ୍ତି। ପ୍ରବଂଧର ସ୍ୱରୂପ ସଂପର୍କରେ ସେ ପ୍ରସଙ୍ଗ କ୍ରମେ କହିଛନ୍ତି ଯେ, ପ୍ରବନ୍ଧ କବିତା ଭଳି ଏକ ମୌଳିକ ସାହିତ୍ୟସୃଷ୍ଟି। କବିତାରେ କବିର ଅନୁଭୂତି ଭାଷା ମାଧ୍ୟମରେ ପ୍ରକାଶ ପାଏ, ପ୍ରବଂଧରେ ପ୍ରକାଶପାଏ ମନନ। ତେଣୁ ତାହା ମଧ୍ୟ କବିତାର ପ୍ରକାଶ ଭଳି ସ୍ୱଚ୍ଛ

ଓ ସାବଳୀଳ। ଚର୍ଚ୍ଚିତ ବିଷୟର ଗୁରୁତ୍ୱ ଓ ଚିନ୍ତାର ମୌଳିକତା ପ୍ରବଂଧକୁ କରିଥାଏ ଶୃଙ୍ଖଳିତ। ସେଇଥିପାଇଁ ଉଦ୍ଧୃତି-କଣ୍ଟକିତ ଆଲୋଚନା ପ୍ରତି ତାଙ୍କର ଗଭୀର ଅଶ୍ରଦ୍ଧ[୩୮], ସାହିତ୍ୟ ସମାଲୋଚନା ସଂପର୍କରେ ମଧ୍ୟ ତାଙ୍କର ମତାମତ ଅନୁରୂପ। ସାହିତ୍ୟ-ସମାଲୋଚନାକୁ ସେ ସାହିତ୍ୟସୃଷ୍ଟି ଭଳି ଏକ ମୌଳିକ ସାହିତ୍ୟକର୍ମ ଭାବରେ ବିଚାର କରନ୍ତି। ସାହିତ୍ୟର ଲକ୍ଷ୍ୟ ଯଦି ଜୀବନର ଅନୁଭୂତିକୁ ରସତୀର୍ଥର ପ୍ରତିମା ପରି ଗଢ଼ିବା ଠିକ୍ ସେହିପରି ସମାଲୋଚନାର ଲକ୍ଷ୍ୟ ହେଉଛି, ଏହି ପ୍ରତିମାର ସୌନ୍ଦର୍ଯ୍ୟ ଓ ଅନନ୍ୟତାକୁ ପ୍ରଜ୍ଞାର ଆଲୋକରେ ପ୍ରକାଶ କରିବା। ଏଣୁ ତାଙ୍କ ନିକଟରେ ଗବେଷଣା ବା ଏକାଡ଼େମିକ ସାହିତ୍ୟାଲୋଚନା ଶ୍ରଦ୍ଧେୟ ମନେ ହୋଇନାହିଁ।

ପ୍ରବଂଧ ରଚନା କାଳରେ ପ୍ରାବନ୍ଧିକ ନିଜର ମନନର ବୈଶିଷ୍ଟ୍ୟ ଓ ଅନୁଭୂତିର ନିର୍ଯ୍ୟାସକୁ ସମତୁଲ କରି ଏକ ପରିପୂର୍ଣ୍ଣ ତଥା ଉତ୍ତମ ଦିଙ୍‌ନିର୍ଦ୍ଦେଶକ ରଚନା ସୃଷ୍ଟିକରିବା ଆବଶ୍ୟକ। ସାହିତ୍ୟିକ ଗବେଷଣାରେ ଏହି ଗୁଣ ରହିବା ଉଚିତ କିନ୍ତୁ ଏହା ଅନ୍ୟର ମତାମତର ଖଣ୍ଡନ ମଣ୍ଡନ ଉପରେ ପ୍ରତିଷ୍ଠିତ ହୋଇଥିବାରୁ ବା କୌଣସି ଲେଖକଙ୍କର ବସ୍ତୁନିଷ୍ଠ ଆଲୋଚନା ହୋଇଥିବାରୁ ସେଥିରେ ଉଦ୍ଧୃତି ଓ ପ୍ରସଂଗ ନିର୍ଦ୍ଦେଶ ରହିବା ସ୍ୱାଭାବିକ। ଜ୍ଞାନରାଜ୍ୟରେ ପ୍ରତ୍ୟେକ ଗବେଷକ ଆପଣାର କଥା ଖୁବ୍ କମ୍ କହିଥାନ୍ତି। ବହୁ ସମୟରେ ସେ ବହୁଚର୍ଚ୍ଚିତ ବିଷୟବସ୍ତୁ ମଧ୍ୟରେ ନୂତନ ସମ୍ଭାବନା ତଥା ଅନ୍ୟ ସମୟରେ ଅଜ୍ଞାତ ତଥ୍ୟକୁ ଲୋକଲୋଚନକୁ ଆଣିଥାନ୍ତି। ଠିକ୍ ସେହିଭଳି ଡଃ ମାନସିଂହ ଯେଉଁମାନଙ୍କ ପ୍ରବନ୍ଧର ଉଚ୍ଚପ୍ରଶଂସା କରିଛନ୍ତି, ସେମାନଙ୍କର ରଚନାଗୁଡ଼ିକ ଓଡ଼ିଆ ଭାଷାରେ ସୁଲିଖିତ ରଚନା ମାତ୍ର, ବିଶ୍ୱଜ୍ଞାନରାଜ୍ୟ ପାଇଁ ସେଗୁଡ଼ିକରେ କୌଣସି ନୂତନ ସଂଦେଶ ନାହିଁ ପ୍ରତ୍ୟେକ ସାହିତ୍ୟ ବା ଭାଷା କେବଳ ପୁପୁଲାର ଏସେଜ୍ ନେଇ ସମୃଦ୍ଧ ହୁଏ ନାହିଁ , ସେହି ଭାଷାରେ ଜ୍ଞାନରାଜ୍ୟର ଯେଉଁ ମୌଳିକ ଓ ଉଚ୍ଚତମ ଚର୍ଚ୍ଚା ହୁଏ, ସେହି ଅନୁସାରେ ସେ ଭାଷା ଓ ସାହିତ୍ୟ ଆନୁପାତିକ ଭାବରେ ଉନ୍ନତ ହୁଏ। ବଂଗଳାର ଜଗଦୀଶ ଚନ୍ଦ୍ର ବସୁ, ସତ୍ୟେନ୍ ବସୁ, ନିର୍ମଳ ଚନ୍ଦ୍ର ବସୁ, ରବୀନ୍ଦ୍ର ନାଥ ଠାକୁର ଓ ରାମେନ୍ଦ୍ର ସୁନ୍ଦର ପ୍ରମୁଖ ତଥା ମରାଠୀରେ ଇରାବତୀ କାର୍ଭେ, ମାର୍ଧେକର ପ୍ରମୁଖ ଏହାର ଦୃଷ୍ଟାନ୍ତ। ବିଜ୍ଞାନ, ନୃତତ୍ତ୍ୱ ଓ ନଂଦନତତ୍ତ୍ୱ ଆଲୋଚନା କ୍ଷେତ୍ରରେ ଏମାନେ ଯେଉଁ ମୌଳିକ ଦୃଷ୍ଟିକୋଣର ପରିଚୟ ଆପଣା ମାତୃଭାଷାରେ ଲିଖିତ ପ୍ରବଂଧ ଗୁଡ଼ିକରେ ଦେଇଛନ୍ତି, ତାହା ତାଙ୍କ ଭାଷା ଓ ସାହିତ୍ୟକୁ ବିଶ୍ୱ ଗବେଷକମଣ୍ଡଳୀ ନିକଟରେ ବନ୍ଦନୀୟ କରିଛି। ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ମୌଳିକ ଆଲୋଚନା ହୋଇନାହିଁ ଦୁଃଖର ବିଷୟ ମାନସିଂହଙ୍କ ଦୃଷ୍ଟି ଏ ସବୁ ଦିଗ ପ୍ରତି ଆଦୌ ଆକର୍ଷିତ ହୋଇନାହିଁ।

## ଇତିହାସ ଓ ସାହିତ୍ୟର ଇତିହାସ :

ମାନସିଂହଙ୍କ ଜୀବନର ନାନା ଝଡ଼-ଝଂଜା ମଧ୍ୟରୁ ଇଂରାଜୀରେ ଲିଖିତ ଓଡ଼ିଆ ସାହିତ୍ୟର ଇତିହାସକୁ ନେଇ ଛିଡ଼ା ହୋଇଥିବା ବିବାଦ ଅନ୍ୟତମ। ଗତାନୁଗତିକତାରୁ ଓହରିଆସି ନୂଆବାଟ ଖୋଜିବା, ମାନସିଂହଙ୍କ ବ୍ୟକ୍ତିତ୍ୱର ଗୋଟିଏ ବିଶେଷ ଦିଗ। ମାନସିଂହଙ୍କ ମନରେ ଦୃଢ଼ୀଭୂତ ଧାରଣା ଯେ, ସାହିତ୍ୟର ଇତିହାସ ଜନ-ସନ୍ ବା

ରାଜା-ରାଣୀର କ୍ୟାଟଲଗ୍ ନୁହେଁ। ରାଜନୈତିକ ଇତିହାସ, ବା ଦେଶର ଇତିହାସ ସଂପର୍କରେ ମଧ୍ୟ ତାଙ୍କର ଧାରଣା ଅନୁରୂପ। ପ୍ରାଚୀନ ଭାରତୀୟମାନଙ୍କର ଇତିହାସ ଧାରଣା ନଥିଲା, ଏହି ସାଧାରଣ ଅଭିଯୋଗକୁ ମାନସିଂହ ମାନିବା ପାଇଁ ପ୍ରସ୍ତୁତ ନୁହନ୍ତି। ଇତିହାସ ପ୍ରସଙ୍ଗରେ ସେ କହନ୍ତି– "ଆମ୍ଭମାନଙ୍କର ଏକ ବଡ଼ ବଦନାମ୍ ଯେ, ଆମମାନଙ୍କର ଐତିହାସିକ ସଚେତନତା ନାହିଁ। ଏହା ମାନିବାକୁ ହେବ ଯେ ହିନ୍ଦୁମାନେ, ସନ ତାରିଖର ଇତିହାସକୁ ସମ୍ମାନ ଦେଇ ନାହାଁନ୍ତି। କିନ୍ତୁ ସେଥିପାଇଁ ଯେ ସେମାନେ କୌଣସି ମାରାତ୍ମକ ଭୁଲ କରିଛନ୍ତି ବୋଲି, କି ତା' ଦ୍ୱାରା ଭାରତୀୟ ସଭ୍ୟତା ନ୍ୟୂନତାବୋଧ ପ୍ରକାଶ କରିବାର ଅବସର ଅଛି ବୋଲି, ମନେ ହେଉନାହିଁ। ...ହିନ୍ଦୁର ଜୀବନଲୀଳା ସନ ତାରିଖରେ ମପାଯାଏନା, ତାହା ମପାଯାଏ ଆତ୍ମିକ ବିକାଶ ନେଇ। ତାର କାଳ ଅନନ୍ତ। ହିନ୍ଦୁର ଇତିହାସ ତେଣୁ ରାଜା-ମହାରାଜାର, ଯୁଦ୍ଧ-ସଂଧିର, ସନ-ତାରିଖର ଇତିହାସ ନୁହେଁ, ତାହା ଏକାନ୍ତରେ ଆତ୍ମାର, ଜାତୀୟ ଆତ୍ମାର ଇତିହାସ। ...ହିନ୍ଦୁ ଅନ୍ୟମାନଙ୍କ ପରି ସନ ତାରିଖର ପୂଜାରୀ ନୁହେଁ; ସେ ବିରାଟ ଓ ମହାନ୍ ଆତ୍ମାର ଅମୃତତ୍ୱର ଓ ପୂର୍ଣ୍ଣତାର କେବଳ ପୂଜାରୀ।"[୩୯]

ଇତିହାସ ପରି ସାହିତ୍ୟର ଇତିହାସରେ ମଧ୍ୟ ସେ ଜନ ଓ ସନର ତାଲିକାକୁ ଅସ୍ୱୀକାର କରିଛନ୍ତି। ତାଙ୍କ ବିଚାରରେ ସାହିତ୍ୟର ଇତିହାସ ଶୁଷ୍କ ନାମ ତାଲିକା ନ ହୋଇ ଅତି ସୁଖପାଠ୍ୟ ଓ ଶିକ୍ଷାପ୍ରଦ ଗ୍ରନ୍ଥ ହେବା ଆବଶ୍ୟକ। କାରଣ ସାହିତ୍ୟର ଇତିହାସ ହିଁ ହେବ ଯେ କୌଣସି ଜାତିର ଆତ୍ମାର ଇତିହାସ, ତାର ପ୍ରକୃତ ମର୍ମବାଣୀ।

ମାନସିଂହ ଇଂରାଜୀ ସାହିତ୍ୟର ଛାତ୍ରଥିଲେ ଓ କେତେକ ସୁନିର୍ବାଚିତ ଇତିହାସର ମୁଗ୍ଧ ପାଠକ ମଧ୍ୟ ଥିଲେ। ସେ କେଂଦ୍ର ସାହିତ୍ୟ ଏକାଡ଼େମୀକର୍ତ୍ତୃକ ଅନୁରୁଦ୍ଧ ହୋଇ ଇଂରାଜୀରେ ଓଡ଼ିଆ ସାହିତ୍ୟର ଇତିହାସ ଲେଖିବା ପୂର୍ବରୁ ଓଡ଼ିଆ ସାହିତ୍ୟର ବିଭିନ୍ନ କବିଙ୍କ ଉପରେ କେତେକ ସୁଖପାଠ୍ୟ ସମାଲୋଚନା ଲେଖିଥିଲେ। ଓଡ଼ିଆରେ ଲେଖିବା ସଂଗେ ସଂଗେ ଓଡ଼ିଶା ବାହାରେ ଓଡ଼ିଆ ସାହିତ୍ୟର ପରିଚୟ କରାଇବା ପାଇଁ ଓଡ଼ିଆ ସାହିତ୍ୟ ସଂପର୍କରେ ଇଂରାଜୀରେ ଆଲୋଚନାମାନ କରିଥିଲେ। ଖ୍ରୀ: ୧୯୩୫ ବେଳକୁ ମାଡ୍ରାସରୁ ପ୍ରକାଶିତ ଇଣ୍ଡିଆନ୍ ରିଭ୍ୟୁ ଓ ବାଂଗାଲୋରରୁ ପ୍ରକାଶିତ 'ତ୍ରିବେଣୀ' ପତ୍ରିକାରେ ଓଡ଼ିଆ ସାହିତ୍ୟ ସଂପର୍କରେ ଆଲୋଚନାସବୁ ସେ ଲେଖିଥିଲେ। ପରେ ଡଃ ନଗେନ୍ଦ୍ରଙ୍କ ସଂପାଦନାରେ ପ୍ରକାଶିତ 'ଇଣ୍ଡିଆନ୍ ଲିଟିରେଚର୍', ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ 'କଣ୍ଟେମ୍ପରାରୀ ଇଣ୍ଡିଆନ୍ ଲିଟରେଚର' (୧୯୫୭), ଓ ରାଷ୍ଟ୍ରଭାଷା ପ୍ରଚାର ସମିତି ଓ୍ୱାର୍ଦ୍ଧା ଦ୍ୱାରା ପ୍ରକାଶିତ 'ଭାରତୀୟ ବାଙ୍ମୟ' ଗ୍ରନ୍ଥରେ ମାନସିଂହ ଓଡ଼ିଆ ସାହିତ୍ୟର ଇତିହାସ ସଂପର୍କରେ ଆଲୋଚନା କରିଥିଲେ। ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ 'ହିଷ୍ଟ୍ରି ଅଫ୍ ଓଡ଼ିଆ ଲିଟରେଚର' ଓ ଓଡ଼ିଆ ଭାଷାରେ ତାର ପରିବର୍ଦ୍ଧିତ ସଂସ୍କରଣ 'ଓଡ଼ିଆ ସାହିତ୍ୟର ଇତିହାସ' ପୂର୍ବୋକ୍ତ ରଚନାକ୍ରମର ପରିଣତ ରୂପ।

ମାନସିଂହଙ୍କର ସଂପୃକ୍ତ ଇତିହାସ ଓଡ଼ିଶାର କେତେକ ସମୀକ୍ଷକଙ୍କଦ୍ୱାରା ଆଲୋଚିତ। ଏହି ଆଲୋଚନା କେତେବେଳେ ନିନ୍ଦାସୂଚକ ଓ ଅନ୍ୟ କେତେବେଳେ ପ୍ରଶଂସାବାଚକ। ନିଜ ତରଫରୁ ମାନସିଂହ ଏହାର ଯେଉଁ ପ୍ରତ୍ୟୁତ୍ତର ଦେଇଥିଲେ, ସେଥିରେ ସେ ସାହିତ୍ୟ

ଇତିହାସ କ'ଣ? ତାର ଆବଶ୍ୟକତା କ'ଣ? ଓ ତାର ରୂପରେଖ କ'ଣ ହେବା ଉଚିତ ସେ ବିଷୟରେ ଦିଙ୍‌ନିର୍ଦ୍ଦେଶ କରିଥିଲେ। ମାନସିଂହଙ୍କ କଳା, ସାହିତ୍ୟ ଓ ତାର ଇତିହାସ ସଂପର୍କରେ ଧାରଣାକୁ ଉକ୍ତ ଉତ୍ତର ସ୍ପଷ୍ଟ କରୁଥିବା ଦୃଷ୍ଟିରୁ, ସଂପୃକ୍ତ ଉତ୍ତରରେ ଅବତାରଣା କରାଯାଇଥିବା ବିଷୟ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ମତରେ: "ପ୍ରଥମ କଥା ହେଲା କୌଣସି ଜାତିର ଇତିହାସ ପରି କୌଣସି ସାହିତ୍ୟର ଇତିହାସ ମଧ୍ୟ କେବଳ ନାମ ତାରିଖର ପଂଜିକା ହୋଇ ନ ପାରେ। ଗୋଟିଏ ଜାତିର ରାଜନୈତିକ ଇତିହାସ ଅପେକ୍ଷା ସେହି ଜାତିର ସାହିତ୍ୟର ଇତିହାସ ଆହୁରି ଅଧିକ ପରିମାଣରେ ଓ ଗଭୀରତର ଭାବରେ ସେହି ଜାତିର ଆତ୍ମାର ଇତିହାସ। ତେଣୁ ସେ ଇତିହାସରେ ସେହି ଜାତିର ଆତ୍ମା ଯେଉଁମାନଙ୍କ ରଚନାରେ ପ୍ରସ୍ଫୁଟିତ ହୋଇ ପାରିଛି କେବଳ ସେହି ମାନଙ୍କ କୃତିତ୍ୱ ବର୍ଣ୍ଣିତ ହେବାର କଥା। ଯେଉଁଠାତାଇ ଲେଖକମାନଙ୍କର ତାଲିକା ଜାତୀୟ ସାହିତ୍ୟ ଇତିହାସ ହୋଇ ନ ପାରେ।"[୪୦]

ସାହିତ୍ୟ ଇତିହାସର ଦ୍ୱିତୀୟ ସର୍ତ୍ତ ହେଲା- ତାହା ମୁଖ୍ୟତଃ ଏକ ସାହିତ୍ୟ କୃତି, ସନ-ତାରିଖ, ନାମ-ଧାମର ପ୍ରାଚୁର୍ଯ୍ୟ ସାହିତ୍ୟ ଇତିହାସର ଉଦ୍ଦେଶ୍ୟକୁ ବିଡ଼ମ୍ବିତ କରେ। କାରଣ ସାହିତ୍ୟ ଏକ ନିର୍ଦ୍ଦିଷ୍ଟ କାଳରେ ସୃଷ୍ଟି ହେଲେ ହେଁ ତାହା କାଳାତୀତ। ସନ ତଥା ତାରିଖର ଦୌରାତ୍ମ୍ୟ ବହୁତ ସମୟରେ ରସବୋଧକୁ ମ୍ଳାନ କରି ଦିଏ। ସାହିତ୍ୟ ଇତିହାସର ତୃତୀୟ କଥା ହେଲା: "ସେଥିରେ ସଂପୃକ୍ତ ଜାତିର ଆତ୍ମା ମଧ୍ୟ ଫୁଟିବା ଉଚିତ। ତା ନ ହେଲେ ସେ ହେବ ଏକ ମାଦଳାପାଂଜି ମାତ୍ର"।[୪୧] କଳାସୃଷ୍ଟି ବ୍ୟାକରଣର ନିୟମକୁ ଅପେକ୍ଷା କରେ ନାହିଁ କିମ୍ବା ବାହ୍ୟ ଜଗତ ଭିତରେ କାବ୍ୟକୁ ଖୋଜିଲେ ବହୁତ ସମୟରେ ବିଭ୍ରାନ୍ତ ହେବାକୁ ପଡ଼େ। ଠିକ୍ ସେହି ଭଳି ସନ ତାରିଖର ଇତିହାସକୁ ସେ ସୁଲିଖିତ ଓ ନିଜର ଆତ୍ମାଦେଇ ରଚିତ ଏକ ଇତିହାସର ସମଧର୍ମା ନୁହେଁ ବୋଲି କହିଛନ୍ତି।

ମାନସିଂହଙ୍କର ଏଇ ତତ୍ତ୍ୱ ଭିତରେ ତାଙ୍କ ଇତିହାସର ମୌଳିକ ଦୁର୍ବଳତା ରହିଛି। ଜାତି ଭିନ୍ନ ଭିନ୍ନ ସମାଜକୁ ନେଇ ଗଠିତ କଳ୍ପିତଭାବସତ୍ତା ମାତ୍ର; କୌଣସି ଅଖଣ୍ଡ ଏକକ ବାସ୍ତବ ସତ୍ତା ନୁହେଁ। ତେଣୁ ଜାତିର ଆତ୍ମା ସାହିତ୍ୟରେ ଖୋଜିବା ଭାବବାଦିତାର ଚରମ ଉଦାହରଣ। ଇତିହାସର ଉପସ୍ଥିତିକୁ ଅସ୍ୱୀକାର କରୁଥିବା ଭାବବାଦୀ ଆଲୋଚକଙ୍କ ପକ୍ଷରେ ଏଭଳି ଉକ୍ତି ଶୋଭାପାଏ। ସାହିତ୍ୟ ମାନବିକ ସଂସ୍କୃତିର ପ୍ରକାଶ। ସଂସ୍କୃତି ମଧ୍ୟ ସ୍ୱର୍ଗରୁ ଖସିଥିବା କୌଣସି ଅଦେହୀ ସତ୍ତା ନୁହେଁ। ଏହା ସମାଜବଦ୍ଧ ମଣିଷର ବଞ୍ଚିବା ମରିବା ସଂଗ୍ରାମ ଭିତରେ ଆପଣାକୁ ବିକଶିତ କରାଇବାର ଇଚ୍ଛା ମଧ୍ୟରୁ ଜନ୍ମ ନିଏ। ପ୍ରାଥମିକ ସ୍ତରରେ ଚେତନା ବସ୍ତୁକୁ ନିୟନ୍ତ୍ରଣ କରେ ନାହିଁ, ବସ୍ତୁହିଁ ଚେତନାକୁ ସୃଷ୍ଟି କରେ। ତେଣୁ କୌଣସି ଜନଗୋଷ୍ଠୀର ବାସ୍ତବ ଇତିହାସ ଠାରୁ ତା'ର ସାହିତ୍ୟର ଇତିହାସକୁ ବିଚ୍ଛିନ୍ନ କରିହେବ ନାହିଁ। ଇତିହାସ ତ ଶୂନ୍ୟରୁ ଖସେ ନାହିଁ, ତାହା ସନ-ତାରିଖ, ସାମାଜିକ-ରାଜନୈତିକ ଘଟଣାର ଉପରେ ହିଁ ପର୍ଯ୍ୟବସିତ ହୁଏ। ମାନସିଂହ ଏ ସବୁକୁ ଅବହେଳା କରିବା ଫଳରେ, ତାଙ୍କର ସାହିତ୍ୟର ଇତିହାସ କେତେଜଣ ଓଡ଼ିଆ କବିଙ୍କ ଉପରେ ଇଂପ୍ରେସନିଷ୍ଟ ଆଲୋଚନାର ସମଷ୍ଟିରେ ପରିଣତ ହୋଇଛି।

ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ବାସକରୁଥିବା ଜନସାଧାରଣଙ୍କର ଭାଷାଗତ ଅଭିବ୍ୟକ୍ତିକୁ ଏଥିରେ ଖୋଜିଲେ ନିରାଶ ହେବାକୁ ପଡ଼େ ଦୁଃଖର ବିଷୟ ବହୁ ଆଲୋଚକ ମାନସିଂହଙ୍କର ଏହି ତତ୍ତ୍ୱଗତ ଦୁର୍ବଳତାକୁ ବୁଝି ନ ପାରି ଉପରଠାଭରିଆ ଭାବରେ କେବଳ ସନ ତାରିଖର ବିବରଣୀ ନେଇ ତାଙ୍କ ସହ ବିତର୍କ କରିବାରେ ଲାଗିଥିଲେ।

## ଶେଷକଥା :

କଳା ତଥା ସାହିତ୍ୟ, ମଣିଷର ସାଂସ୍କୃତିକ ଜୀବନର ଏକ ପ୍ରକାଶ। ସଂସ୍କୃତି ଯେଭଳି ଏକ ବାସ୍ତବ ଭିତ୍ତିରୁ ଉତ୍ସାରିତ ହେଲେ ବି ଉତ୍କର୍ଷର କଥା ହିଁ କହିଥାଏ, କଳା ବା ସାହିତ୍ୟ ସେହିପରି ଉଦ୍‌ଭୂତ ହୋଇଥିବା ଗୋଷ୍ଠୀର ମନକଥା ହିଁ ପ୍ରକାଶ କରିଥାଏ। କଳା ଓ ସାହିତ୍ୟ ପ୍ରତି ଏକ ବ୍ୟକ୍ତିର ଦୃଷ୍ଟିକୋଣ ତା'ର ସାମାଜିକ ସ୍ଥିତି ଓ ସମାଜ ପ୍ରତି ତା'ର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇଥାଏ। ମାନସିଂହ ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ବି, ସାମାଜିକ ଆଭିମୁଖ୍ୟ ଦୃଷ୍ଟିରୁ ଥିଲେ ସାମନ୍ତବାଦୀ। ସାମନ୍ତବାଦ ଅର୍ଥ ଅପେକ୍ଷା ପ୍ରତିପତ୍ତି ଓ ଆଭିଜାତ୍ୟରେ ବିଶ୍ୱାସ କରେ। ଏହି ଆଭିଜାତ୍ୟର ନିର୍ଯ୍ୟାସକୁ ଏକ କଳ୍ପିତ ଇତିହାସରୁ ହିଁ ତାହା ସଂଗ୍ରହ କରିଥାଏ। ମାନସିଂହଙ୍କ କ୍ଷେତ୍ରରେ ତାହା ଘଟିଛି। ସେ କୌଣସି ଦିନ ଜନସାଧାରଣଙ୍କ ସହ ନିଜକୁ ମିଶାଇ ପାରି ନାହାନ୍ତି। କବି ଯେ ଜଣେ ସାଧାରଣ ମଣିଷ ଓ ତାର କାବ୍ୟକବିତା ସାଧାରଣ ମଣିଷର ବିଭିନ୍ନ ଅବସ୍ଥାର ଆତ୍ମ ପ୍ରକାଶ– ଏକଥା ସେ ସ୍ୱୀକାର କରିପାରି ନାହାନ୍ତି। ସମାନ୍ତବାଦୀ ସମାଜରେ ବ୍ରାହ୍ମଣ ଧନରେ ଦରିଦ୍ର ହେଲେବି ତାକୁ ଜ୍ଞାନ ଦୃଷ୍ଟିରୁ ଉଚ୍ଚସ୍ଥାନ ଦିଆଯାଇଥାଏ। ମାନସିଂହ କବିପାଇଁ ଅନୁରୂପ ସ୍ଥାନଟିଏ ଆଜିର ସମାଜରେ ଖୋଜିଛନ୍ତି। ତାହା ପ୍ରକୃତରେ ନିଜ ସପକ୍ଷରେ ଏକ ଓକିଲାତି। ଆତ୍ମକୈନ୍ଦ୍ରିକ ହେବା ଫଳରେ ମାନସିଂହଙ୍କର କାବ୍ୟଜିଜ୍ଞାସା ବସ୍ତୁନିଷ୍ଠ ହୋଇପାରି ନାହିଁ, ଭାବବାଦୀ ହୋଇ ପଡ଼ିଛି। ସ୍ରଷ୍ଟା, ସୃଷ୍ଟି ଓ ସୃଷ୍ଟିର ପ୍ରକାଶ ଭଂଗୀ, ତା'ର ଉପାଦାନ ସବୁକୁ ସେ ଭାବବାଦୀ ଦୃଷ୍ଟିକୋଣରୁ ହିଁ ବିଚାର କରିଛନ୍ତି। ମାନସିଂହ ଇଂରାଜୀ ସାହିତ୍ୟର ଛାତ୍ରଥିଲେ ଓ ସେହି ସଂପର୍କଯୋଗୁ ରୋମାଣ୍ଟିକ୍ କବିଗଣଙ୍କ ସଂପର୍କରେ ଆସିଥିଲେ। ସଂସ୍କୃତ ସାହିତ୍ୟ ଓ ବଂଗଳା ସାହିତ୍ୟ ସହିତ ତାଙ୍କର କିଛି ପରିଚୟ ବି ଥିଲା। କିନ୍ତୁ କଳା ଓ ସାହିତ୍ୟ ସଂପର୍କରେ ଗତ ଦୁଇ ଶତାବ୍ଦୀ ଭିତରେ ହୋଇଥିବା ନାଂଦନିକ ବିଶ୍ଳେଷଣ ସେ ଘନିଷ୍ଠ ଭାବରେ ଅଧ୍ୟୟନ କରିଥିବା ଭଳି ମନେ ହୁଏ ନାହିଁ। ମାର୍କସ୍, ଡିଓ୍ୱେ, ଲୁକାସ୍, କଡ୍‌ୱେଲ ବା ପ୍ଲେଖାନଭ୍‌କ ଭଳି ବସ୍ତୁବାଦୀ ସାହିତ୍ୟ ବିଚାରକଙ୍କ ଲେଖା ତ ଦୂରର କଥା, ସେ କୁମାରସ୍ୱାମୀ, ବୋସାଂକ୍ୱେଟ, ରିଚାର୍ଡ଼ସ୍, ଇଲିୟଟ କିମ୍ବା ଭାରତୀୟ ଆଳଙ୍କାରିକ, ଆନଂଦବର୍ଦ୍ଧନ ଅଭିନବଗୁପ୍ତ ପ୍ରମୁଖଂଙ୍କ ଗ୍ରନ୍ଥ ଗୁଡ଼ିକ ଉତ୍ତମ ରୂପେ ଅଧ୍ୟୟନ କରିଥିବାର ଦୃଷ୍ଟାନ୍ତ ତାଙ୍କ ବିଚାରଧାରାକୁ ମିଳେ ନାହିଁ। ସେହିପରି ଇତିହାସ ସଂପର୍କରେ ତାଙ୍କର ଧାରଣା ଅସ୍ପଷ୍ଟ। ଧର୍ମ ଓ ଦର୍ଶନ ଆଲୋଚନା କ୍ଷେତ୍ରରେ ହେତୁବାଦକୁ ସ୍ୱୀକାର କରୁଥିବା ମାନସିଂହ, ସାହିତ୍ୟ ଆଲୋଚନା କ୍ଷେତ୍ରରେ ହେତୁବାଦକୁ ନସ୍ୟାତ୍ କରିଛନ୍ତି। କିନ୍ତୁ ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ, କଳା ଓ ସାହିତ୍ୟ

ଉପଭୋଗ କରିବା ପାଇଁ ତାଙ୍କର ଏକ ସଂସ୍କୃତ ଓ ରସଗ୍ରାହୀ ମନ ଥିଲା। ତେଣୁ ସେକ୍ସପିଅର, କାଳିଦାସ, ରବୀନ୍ଦ୍ରନାଥ, ଗୋପାଳକୃଷ୍ଣ ପ୍ରମୁଖ ଅନେକ କବି ତାଙ୍କୁ ଆକୃଷ୍ଟ କରିଛନ୍ତି ଓ ତାଙ୍କ ସଂପର୍କରେ ସେ ଇଂପ୍ରେସନିଷ୍ଟ ଆଲୋଚନା କରିଛନ୍ତି। ସାହିତ୍ୟ ସମାଲୋଚନା ଯୁକ୍ତିଗ୍ରାହ୍ୟ ହେବାକୁ ହେଲେ ତାହାକୁ ସଂହତ (ଇଣ୍ଟିଗ୍ରିଟିଭ) ହେବାକୁ ହେବ। ସେହି ସଂହତି ବା ଇଣ୍ଟିଗ୍ରେସନର ଅଭାବ ହେତୁ ମାନସିଂହଙ୍କର କାବ୍ୟଜିଜ୍ଞାସା ଅପରିପକ୍ୱ ଓ ସାହିତ୍ୟ ସମାଲୋଚନା ଖଣ୍ଡିତ।

□□

**ପ୍ରାନ୍ତଟୀକା :–**


୧- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ–୧୯୭୩)–ପ୍ରାଚୀନ ଓଡ଼ିଆ କାବ୍ୟ (ପ୍ରବଂଧ) ପୃ. ୫୭୩.

୨- ତତ୍ରୈବ ପୃ. ୫୭୪,

୩- ତତ୍ରୈବ, ପରଧର୍ମ (ପ୍ରବଂଧ) ପୃ. ୫୯୨.

୪- ତତ୍ରୈବ, ଓଡ଼ିଆରେ ଲେଖିବି କାହିଁକି ? (ପ୍ରବଂଧ) ପୃ. ୬୦୬,

୫- ତତ୍ରୈବ, ପୃ. ୬୦୭.

୬- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ-୧୯୬୪) ନିକ୍ୱଣ (କାବ୍ୟ) ପୃ. ୩୦.

୭- ମାନସିଂହ, କବି ଓ ଅଭିଜାତ (ପ୍ରବଂଧ) ରସଚକ୍ର, ପ୍ରଥମଭାଗ ତୃତୀୟ ସଂଖ୍ୟା (ବୈଶାଖ–୧୩୪୦) ପୃ. ୧.

୮- M.H. Abram's– The Mirror and the Lamp. (1976) Oxford University press, NewYork.

୯- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଭାଗ-୧୯୬୨) ଧୂପ '(କାବ୍ୟ)ର ଭୂମିକା ପୃ.ଏକଅଣା।

୧୦- "The material of a poem comes from within and the constitute expresses neither objects nor action, but of the fluid feelings of the poet himself." M.H. Abrams–The Mirror and the Lamp.

୧୧- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମଭାଗ–୧୯୬୨) 'ଧୂପ' ଭୂମିକା ପୃ.ତିନିଅଣା,

୧୨- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟଭାଗ–୧୯୬୪) 'ରାଜକବି ଉପେନ୍ଦ୍ର' ପୃ.୪୦୨.

୧୩- ତତ୍ରୈବ ପୃ.୪୨୬.

୧୪- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଭାଗ-୧୯୭୩) ଓଡ଼ିଆ ଜାତିର ବୈଶିଷ୍ଟ୍ୟ (ପ୍ରବଂଧ) ପୃ.୫୮୨.

୧୫- ତତ୍ରୈବ, ପୃ.୫୮୨-୮୩.

୧୬- ତତ୍ରୈବ, ପୃ. ୫୯୦

୧୭- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମଭାଗ-୧୯୬୨) ଶେଲୀମୃତ୍ୟୁ (କବିତା) ପୃ.୧୫୯.

୧୮- ତତ୍ରୈବ, ପୃ. ୧୬୧

୧୯- ତତ୍ରୈବ, କବିକହେ (କବିତା) ପୃ.୬୭.

୨୦- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଭାଗ–୧୯୭୩) ରବୀନ୍ଦ୍ରନାଥ (ପ୍ରବଂଧ) ପୃ.୪୧୯.
୨୧- ତତ୍ରୈବ, ରବୀନ୍ଦ୍ରନାଥଙ୍କ କବିତା (ପ୍ରବଂଧ) ପୃ. ୪୩୧
୨୨- ତତ୍ରୈବ, ରାଧାନାଥ ଓ ମଧୁସୂଦନ (ପ୍ରବଂଧ) ପୃ.
୨୩- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଭାଗ-୧୯୬୪) କମଳାୟନ (କାବ୍ୟ) ପୃ.୧୯୮.
୨୪- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ–୧୯୬୨) ପ୍ରାପ୍ତି (କବିତା) ପୃ.୪୪୩.
୨୫- ତତ୍ରୈବ, ସ୍ରଷ୍ଟାର ଯାଦୁ (କବିତା) ପୃ. ୪୮୯.
୨୬- ତତ୍ରୈବ, କବି ଗୌରବ (କବିତା) ପୃ. ୨୯୩.
୨୭- ତତ୍ରୈବ, ଶିଳ୍ପୀ-ବଂଦନା (କବିତା) ପୃ. ୨୫୪.
୨୮- "The poet, the play-wright, the musician, the sculptor, and the painter may have different ways of expression but the material they wish on is basically the same, that is man and his dreamsm. The ultimate object of all creative artists is but the apprehension and propagation of Truth, through the Joy of Beauty It is limitation of time, plate, circumstances as well as of that of the artists own personal natures that free them to choose different medium of expression. But these should never be allowed to blind to the assentials of all arts".
Manshingh, M.Kalidas and Shakesphear (1969) Page-40.
Motilal Banarasi Das, New Delhi.
୨୯- ମଜୁମଦାର, ମୋହିତ୍‌ଲାଲ କବି ଶ୍ରୀମଧୁସୂଦନ ପୃ. ୮-୧୧, ତୃତୀୟ ସଂସ୍କରଣ (୧୯୭୫) ବିଦ୍ୟୋଦୟ, କଲିକତା
୩୦- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ–୧୯୭୩) ରାଧାନାଥ'(ପ୍ରବଂଧ) ପୃ.୪୬୪.
୩୩- ତତ୍ରୈବ, ପଲ୍ଲୀକବି ନଂଦକିଶୋର (ପ୍ରବଂଧ) ପୃ-୫୦୫.
୩୪- ମାନସିଂହ, ଅନ୍ୱେଷଣ (ଉପନ୍ୟାସ) ପୃ.୩୦.
୩୫- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ–୧୯୭୩) ରବୀନ୍ଦ୍ରନାଥ (ପ୍ରବଂଧ) ପୃ.୪୧୬-୪୧୭.
୩୬- ତତ୍ରୈବ, ପୃ. ୪୧୮.
୩୭- ମାନସିଂହ, ଜୀବନୀ ଓ ପ୍ରବଂଧ; କାଳିଦାସ (ପ୍ରବଂଧ) ପୃ.୪୬.
୩୮- ମାନସିଂହ, ନବଜୀବନ ଷଷ୍ଠ ବର୍ଷ, ଏକାଦଶ ସଂଖ୍ୟା ପୃ.୬୮୩.
୩୯- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ–୧୯୭୩) ପଣ୍ଡିତ ଗୋପବଂଧୁ (ପ୍ରବଂଧ) ପୃ.୫୧୪-୫୧୫.
୪୦- ମାନସିଂହ, ଜାତୀୟ ସାହିତ୍ୟର ଇତିହାସ (ଆଲୋଚନା) ନବଜୀବନ ୭/୧୦, ପୃ ୬୪୩-୬୪୬.
୪୧- ତତ୍ରୈବ.

# ନବମ ଅଧ୍ୟାୟ

## ସଂସ୍କୃତି

# ସଂସ୍କୃତି

ମାନସିଂହ ଶିକ୍ଷା, କଳା ବା ସାହିତ୍ୟର ବିଚାର କଲାବେଳେ ବା ଓଡ଼ିଶାର ଇତିହାସ ଓ ଗୌରବଗାଥାର ପରିଚୟ ଦେଲାବେଳେ 'ସଂସ୍କୃତି'ର ବିଚାର ଭିତରକୁ ପଶିଛନ୍ତି। ତାଙ୍କ ମତରେ ଏସବୁର ଆଲୋଚନା ସଂସ୍କୃତିର ଆଲୋଚନା। ଓଡ଼ିଆ ସାହିତ୍ୟର ଇତିହାସ ରଚନା କଲାବେଳେ ଓଡ଼ିଆ ସାହିତ୍ୟକୁ ଓଡ଼ିଶାର ସାଂସ୍କୃତିକ ଜୀବନର ଅଂଶ ଭାବରେ ସେ ଗ୍ରହଣ କରିଛନ୍ତି। ତାଙ୍କର ଐତିହ୍ୟପ୍ରବଣ ଓ ଜାତି-ପ୍ରେମରେ ଉଦ୍‌ବୁଦ୍ଧ କବି-ମନ ବିଭିନ୍ନ ସମୟରେ ନାନା ପ୍ରକାର ସଂସ୍କୃତି-ସଂପର୍କିତ ଜିଜ୍ଞାସାରେ ଆଚ୍ଛନ୍ନ ହୋଇ ପଡ଼ିଛି।

କୌଣସି ଲେଖକଙ୍କର ସଂସ୍କୃତି ବିଶେଷ ବା ସଂସ୍କୃତିର ଆଲୋଚନାକୁ ପର୍ଯ୍ୟାଲୋଚନା କରିବାକୁ ହେଲେ, ସେ ସଂସ୍କୃତି ସଂପର୍କରେ କେତେକ ଅତି ସାଧାରଣ ତତ୍ତ୍ୱ ସହିତ ପରିଚିତ କି ନାହିଁ, ତାହା ଦେଖିବାକୁ ପଡ଼ିବ। ଦ୍ୱିତୀୟତଃ ଐତିହାସିକ ଯେଉଁଳି ନିଜର ସଂକୀର୍ଣ୍ଣ ଦେଶ, କାଳ ଭିତରେ ସୀମାବଦ୍ଧ ହୋଇ ନିରବଧି କାଳ ରଚନାକୁ କରିବାକୁ ଯାଇ, ନିଜ ଦେଶ କାଳର ସୀମାବଦ୍ଧତା ପ୍ରକାଶ କରିଥାଏ ; ପ୍ରତିଫଳିତ ଠିକ୍ ସେହିଭଳି ସଂସ୍କୃତିର ଆଲୋଚକ ନିଜର ଆଲୋଚନା ଭିତରେ ଆପଣା ସଂସ୍କୃତି ଓ ସାଂସ୍କୃତିକ ଜିଜ୍ଞାସାର ସୀମାବଦ୍ଧ ପ୍ରକାଶ କରିଥା'ନ୍ତି।

ଓଡ଼ିଆ ଲେଖକମାନେ ସଂସ୍କୃତିର ତାତ୍ତ୍ୱିକ ବିଚାର ବା ବିଦେଶୀ ସଂସ୍କୃତିର ବିଚାର କରିବା ତ ଦୂରର କଥା, ନିଜ ସଂସ୍କୃତିର ପରିଚୟ ମଧ୍ୟ ବହୁଦିନ ପର୍ଯ୍ୟନ୍ତ ଦେଇପାରି ନଥିଲେ। ଊନବିଂଶ ଶତାବ୍ଦୀରେ ଓଡ଼ିଶା, ବିଶେଷତଃ ପୂର୍ବ-ଓଡ଼ିଶାର ରାଜନୈତିକ ଇତିହାସ ରଚନା କରାଯିବା ସମୟରେ ଉତ୍କଳୀୟ ସଂସ୍କୃତିର ଚର୍ଚ୍ଚା ଆରମ୍ଭ କରାଯାଇଥିଲା। ବିଂଶ ଶତାବ୍ଦୀରେ ସାହିତ୍ୟ ତଥା ସ୍ଥାପତ୍ୟର ବିଚାର କରିବାକୁ ଯାଇ ପଣ୍ଡିତ ନୀଳକଂଠ ଦାସ, ନିର୍ମଳ କୁମାର ବସୁ ପ୍ରମୁଖ ଓଡ଼ିଆ ସଂସ୍କୃତିର ଚର୍ଚ୍ଚା ଆରମ୍ଭ କରିଥିଲେ। ଆଦିମ ଜନଜାତି ଗବେଷଣାର ପଥିକୃତ ଭେରିଅର୍ ଏଲ୍‌ଉଇନ୍, ନିର୍ମଳ କୁମାର ବସୁ ଓ ଶରତଚନ୍ଦ୍ର ରାୟ ଓଡ଼ିଶାର ସୀମାରେଖା ଭିତର ଥିବା ଅବହେଳିତ ମୁଣ୍ଡା, ଶବର, ଭୂୟାଁ, ତଥା ସାନ୍ତାଳମାନଙ୍କର ଜୀବନଯାପନ ବିଧି ସଂପର୍କରେ ଆଲୋକପାତ କରିଥିଲେ। ତଥାପି ଦୁଃଖର ସହିତ କହିବାକୁ ପଡୁଛି ଓଡ଼ିଶାରେ ସଂସ୍କୃତି ଗବେଷଣା ବା ଆଲୋଚନା ତାର ପ୍ରାଥମିକ ଅବସ୍ଥା ଅତିକ୍ରମ କରିପାରିନାହିଁ। ମାନସିଂହ ତାଙ୍କର 'ଦି ସାଗା ଅଫ୍ ଦି ଲ୍ୟାଣ୍ଡ ଅଫ ଜଗନ୍ନାଥ', ଓଡ଼ିଆ ସାହିତ୍ୟର ଇତିହାସ ତଥା ବିଭିନ୍ନ ପ୍ରକ୍ଷିପ୍ତ ପ୍ରବଂଧରେ ସଂସ୍କୃତି ସଂପର୍କରେ ଯେଉଁସବୁ ଆଲୋଚନା କରିଛନ୍ତି, ତାହା ହେଉଛି ରାଜନୈତିକ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜାତିର ସଂସ୍କୃତି-ଆଲୋଚନା। ମାନସିଂହଙ୍କର ଏହି ସୀମାବଦ୍ଧତା ଯେଉଁ ପରିମାଣରେ ଆମ ସଂସ୍କୃତି ଆଲୋଚନାର ସୀମାବଦ୍ଧତାକୁ ନିର୍ଦ୍ଦିଷ୍ଟ କରିଥାଏ; ଠିକ୍ ସେହିଭଳି ନିଜେ ଜନ୍ମ ଗ୍ରହଣ କରିଥିବା ପରଂପରାର ଖୋଳପା ଭିତରୁ ବାହାରି ଆସିବାରେ ତାଙ୍କର ଅସମର୍ଥତାକୁ ହିଁ ପ୍ରତିଫଳନ କରିଥାଏ।

ଜଣେ ନୃତତ୍ତ୍ୱବିତ୍ ବା ସମାଜ ବିଜ୍ଞାନୀର ଦୃଷ୍ଟିକୋଣରୁ ମାନସିଂହ ସଂସ୍କୃତିର ଆଲୋଚନା କରିନାହାନ୍ତି। ସେ ପେଶାଦାର ଐତିହାସିକ ମଧ୍ୟ ନଥିଲେ। ତାଙ୍କ ସଂସ୍କୃତି-ଜିଜ୍ଞାସା ଆତ୍ମ-ଜିଜ୍ଞାସାର ସଂପ୍ରସାରଣ ମାତ୍ର। ନିଜର ପରିଚୟକୁ ସାର୍ବିକ ଭାବେ ଜାଣିବା ପାଇଁ, ନିଜ ଅତୀତର ସଂଧାନ କରିବାକୁ ଯାଇ ସେ ସଂସ୍କୃତିର ଚର୍ଚ୍ଚା କରିଛନ୍ତି।

ପୂର୍ବରୁ କୁହାଯାଇଛି ଯେ, ମାନସିଂହ ପାରିକୁଦ ମଧ୍ୟସ୍ଥ ଏକ ଗ୍ରାମୀଣ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ପରିବାରର ବର୍ତ୍ତମାନ ଦୃଷ୍ଟିରେ ଆର୍ଥିକ ସ୍ୱଚ୍ଛଳତା ନଥିଲା ବା ନିଜ ପରିବେଶକୁ ଅତିକ୍ରମ କରି ବାହାର ଜଗତରେ ଅଧ୍ୟୟନ କରିବା ପାଇଁ ସୁଯୋଗ ଦେବାର ଆର୍ଥିକ କ୍ଷମତା ନଥିଲା, କିନ୍ତୁ ତା'ର ଆଭିଜାତ୍ୟ ଥିଲା ଦୃଢ଼ମୂଳ। ତାଙ୍କର ପାରିବାରିକ ସଂଜ୍ଞା ମାନସିଂହ ତା'ଣ ସୂଚନା। ମାନସିଂହ ଏକ କ୍ଷତ୍ରିୟ ଉପାଧି। କ୍ଷତ୍ରିୟମାନେ ରାଜ-ବଂଶଜ। ମାନସିଂହଙ୍କର ପରିବାର ପୁରୁଷାନୁକ୍ରମେ ପାରିକୁଦ ରାଜବଂଶର କର୍ମଚାରୀ ଥିଲେ। ମାନସିଂହଙ୍କ ପିତାଙ୍କ ଅମଳରୁ ସେ ମାନସିଂହ ଉପାଧିପ୍ରାପ୍ତ। ମାନସିଂହଙ୍କ ବାଲ୍ୟକାଳ କିଛିଦିନ ପାଇଁ ପାରିକୁଦ ରାଜପ୍ରାସାଦରେ ବିତିଥିଲା। ତାଙ୍କ ପ୍ରାଥମିକ ଶିକ୍ଷା ପାରିକୁଦ ଗଡ଼ରେ ହିଁ ସମାହିତ ହୋଇଥିଲା। ତେଣୁ ମାନସିଂହଙ୍କ ମନରେ, ସେ ଯେ ଅତୀତର ବୀରତ୍ୱ ଏବଂ ସାମ୍ରାଜ୍ୟ ଥିବା ଏକ ପରିବାରର ଦାୟାଦ, ଏହି ଭାବ ଚିରଦିନ ରହି ଆସିଥିଲା। ସାମନ୍ତ ପ୍ରତିଦ୍ୱନ୍ଦିତାକୁ ଘୃଣାକରେ। ଅର୍ଥର ମୋହକୁ ସେ ଅସ୍ୱୀକାର କରେ କିନ୍ତୁ ଭଲରେ ବଞ୍ଚିବା ପାଇଁ ଚାହେଁ। ମାନସିଂହ ଯେଉଁ ପରିବେଶରେ ବଢ଼ିବା ପାଇଁ ବାଧ୍ୟ ହୋଇଥିଲେ ଓ ଯେଉଁ ପରିବେଶରେ ତାଙ୍କର ବୌଦ୍ଧିକ ଜୀବନର ବିକାଶ ହୋଇଥିଲା, ତାହା ଥିଲା କଟକ ସହର ଓ ପାଟନା ସହରର ବର୍ଦ୍ଧିଷ୍ଣୁ ଓ ପ୍ରତିଯୋଗିତାମୟ ଜୀବନ; 'ମାଲୁଦ'ର ପ୍ରତିଯୋଗିତାହୀନ ଓ ସ୍ତିମିତ ସମାଜ ନୁହେଁ। ଗ୍ରାମ୍ୟ ସମାଜରେ ପ୍ରତ୍ୟେକ ବ୍ୟକ୍ତିର ଏକ ପରିଚୟ ଥାଏ। କିନ୍ତୁ ସହରରେ ସେ ପରିଚୟ ଖୋଜିବସିଲେ ହତାଶ ହେବାକୁ ହୁଏ। ମାନସିଂହ ନିଜର ଛାତ୍ର ଜୀବନରେ ଏହି ପରିଚୟ ସଂକଟର ସମ୍ମୁଖୀନ ହୋଇଥିବା ସ୍ୱାଭାବିକ। ପରିଚୟ ସଂକଟରୁ ମୁକ୍ତିପାଇଁ, ଗ୍ରାମର ଗ୍ରାମବାସୀ ସହରକୁ ଆସିଲେ, ଜାତିଭାଇ ଶୃଙ୍ଖଳା କରେ। ନିଜ ଗାଁ, ଜାତି ବା ଅଞ୍ଚଳକୁ ନେଇ ସଂଘ ଗଢ଼େ। କିମ୍ବା ନିଜ ଭିତରେ ସୁପ୍ତ ରହିଥିବା ଅଥଚ ସହରରେ ପରିଚୟ ଲାଭର ମାଧ୍ୟମ ହୋଇଥିବା ନାନା ପ୍ରତିଭାର ସଂଧାନ କରେ। ମାନସିଂହ ନିଜ ଭିତରେ ଏଇଥିପାଇଁ ବୋଧହୁଏ କବି ପ୍ରତିଭାର ହିଁ ସଂଧାନ କରିଥିଲେ। ଗ୍ରାମ୍ୟ ମଧ୍ୟବିତ୍ତର ସହରରେ ଦେଖା ଦେଉଥିବା ଆର୍ଥିକ ସଂକଟ, ପରିଚୟ ସଂକଟ ଓ ସମ୍ମାନ ସଂକଟ, ତାଙ୍କୁ ଗ୍ରାମ, ଅତୀତ ଓ ପାଶ୍ଚାତ୍ ଜୀବନ ପ୍ରତି ଆକର୍ଷିତ କରିଦିଏ। ନିଜେ ବଂଚିଥିବା ଜୀବନପ୍ରତି ତାଙ୍କ ଭିତରେ ଏକ ଉନ୍ନାସିକ ଭାବ ଆଣିଦିଏ। ମାନସିଂହଙ୍କ କ୍ଷେତ୍ରରେ ମଧ୍ୟ ତାହା ହୋଇଛି। ତାଙ୍କର ଆତ୍ମଜୀବନୀମୂଳକ ଉପନ୍ୟାସ 'ଅନ୍ୱେଷଣ'ର ପ୍ରଭୁପାଦ ଚରିତ୍ରର କ୍ରିୟାକଳାପ ଏହି ସମସ୍ତ ସଂକଟର ପ୍ରକାଶ।

କେବଳ ମାନସିଂହଙ୍କ କ୍ଷେତ୍ରରେ ସମଗ୍ର ଭାରତର ସାଂସ୍କୃତିକ-ଜୀବନ ଅତୀତପ୍ରତି ଏକ ଉନ୍ନାସିକତାରେ ଭରା । ବର୍ତ୍ତମାନର ଗ୍ଲାନିକୁ ଭୁଲି ଭବିଷ୍ୟତରେ ଉନ୍ନତ ହେବାପାଇଁ ବିବେକାନନ୍ଦଙ୍କଠାରୁ ଗାନ୍ଧୀଙ୍କ ପର୍ଯ୍ୟନ୍ତ ଆମର ସମସ୍ତ ମହାପୁରୁଷ ଆହ୍ୱାନ ଦେଇଛନ୍ତି । ପୁଂଜିବାଦୀ ଅର୍ଥନୀତି ତାର ଜୟଯାତ୍ରା ଉଡାଇ ବିଶ୍ୱସମାଜକୁ କ୍ରମଶଃ କବଳି କରିଛି । ଆଧୁନିକ ଜୀବନର ପ୍ରମୁଖ ମୂଲ୍ୟବୋଧ ସକଳ ଯଥା– ନିୟମନିଷ୍ଠ ସମାଜ, ସାମାଜିକ ଅଧିକାର, ଜାତୀୟତା, ସାମାଜିକ ଶିକ୍ଷା, ତଥା ବୈଜ୍ଞାନିକ ବିଚାରବୋଧ, ପୁଂଜିବାଦୀ ଅର୍ଥନୀତିର ପ୍ରତ୍ୟକ୍ଷ ବା ପରୋକ୍ଷ ଫଳଶ୍ରୁତି । ଇଂରେଜ ଉପନିବେଶବାଦୀ ଶାସନକଳ ଓ ଆର୍ଥନୀତିକ ବ୍ୟବସ୍ଥା ଫଳରେ ଭାରତ ପୁଂଜିବାଦର ସଂପର୍କରେ ଆସିଥିଲା । ଏହି ଔପନିବେଶିକ ପୁଂଜିବାଦୀ ଅର୍ଥନୀତି ଓ ସମାଜବ୍ୟବସ୍ଥା ଆମର ପୁରୁଣା ସାମନ୍ତତନ୍ତ୍ରକୁ ଭାଂଗି ଏକ ନୂଆ ସାମନ୍ତତତନ୍ତ୍ରର ବ୍ୟବସ୍ଥା କରିଥିଲା । ଯେଉଁମାନେ ପରିଚୟରେ ମଧ୍ୟବିତ୍ତ ବାସ୍ତବତଃ ସେମାନେ ଥିଲେ ସାମନ୍ତମନୋବୃତ୍ତି-ସଂପନ୍ନ । ମାନସିଂହଙ୍କ କ୍ଷେତ୍ରରେ ମଧ୍ୟ ତାହା ଘଟିଥିଲା । ଓଡ଼ିଶାର ଏହି ମଧ୍ୟବିତ୍ତ ଶ୍ରେଣୀର ଅଭ୍ୟୁଦୟ ବହୁ ପଛରେ ଘଟିଥିବାରୁ ଆଧୁନିକ ମାନଦଣ୍ଡରେ ତାର ବିକାଶ ମଧ୍ୟ ପଛରେ ପଡ଼ିଯାଇଥିଲା । ଆଧୁନିକ କାଳର ସଂସ୍କୃତି ମୁଖ୍ୟତଃ ମଧ୍ୟବିତ୍ତ ସଂସ୍କୃତି । ଏ ସଂପର୍କରେ ଓଡ଼ିଶାର ବିଖ୍ୟାତ ଐତିହାସିକ ସ୍ୱର୍ଗତ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତ ଉଲ୍ଲେଖ ଯୋଗ୍ୟ "ମଧ୍ୟବିତ୍ତ ଶ୍ରେଣୀ ହିଁ ସମାଜର ମେରୁଦଣ୍ଡ । ଓଡ଼ିଶାରୁ ଏହି ଶ୍ରେଣୀ ଲୋପ ପାଇଥିବାରୁ ଓଡ଼ିଆ ସଂସ୍କୃତିର ପ୍ରଗତି ଅତ୍ୟନ୍ତ ମନ୍ଥର ହୋଇ ପଡ଼ିଥିଲା ଓ ଓଡ଼ିଆମାନେ ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ଅନ୍ୟ ଭାଷାଭାଷୀମାନଙ୍କ ବହୁପଛରେ ପଡ଼ିଯାଇଥିଲେ । କାଳର କ୍ରୁର ଚକ୍ରାନ୍ତରେ ଓଡ଼ିଆମାନେ ଏହିପରି ବହୁ ପଛରେ ପଡ଼ିଥିବାବେଳେ ୧୯୩୬ ମସିହାରେ ବ୍ରିଟିଶ ସରକାରଙ୍କ ଦୟାରୁ ଦାନସ୍ୱରୂପ ସେମାନଙ୍କୁ ନୂତନ ପ୍ରଦେଶଟିଏ ମିଳିଥିଲା । ଏହା ନାମ ଓଡ଼ିଶା ପ୍ରଦେଶ ରଖାଯାଇଥିଲେ ମଧ୍ୟ ଏହା ପ୍ରାକୃତିକ ଓଡ଼ିଶାର ପ୍ରକୃତି ପ୍ରତିନିଧି ନ ଥିଲା । 'ନାହିଁମାମୁଁ ଠାରୁ କଣା ମାମୁଁ ଭଲ'– ଏହି ନୀତିରେ ଓଡ଼ିଆମାନେ ଏହାକୁ ଗ୍ରହଣ କରି ନେଇଥିଲେ, କିନ୍ତୁ ଓଡ଼ିଶା ପ୍ରଦେଶରେ ପରିଣତ ହେବା ସଂଗେ ସଂଗେ ସାଂସ୍କୃତିକ କ୍ଷେତ୍ରରେ କୌଣସି ଚମକପ୍ରଦ ପ୍ରଗତି ଘଟି ନଥିଲା । ଦୀର୍ଘ ଚାରିଶତାବ୍ଦୀର ଦାରିଦ୍ର୍ୟ, ଦୁର୍ଭିକ୍ଷ, ବନ୍ୟା, ରୋଗ, ଅଶିକ୍ଷା ଓ ହୀନମନ୍ୟତା ମଧ୍ୟରେ ନିଷ୍ପେଷିତ ଓଡ଼ିଆ ୧୯୩୬ ମସିହାରେ ପ୍ରଥମଥର ପାଇଁ ଆଖିମେଲି ଚାହିଁଥିଲା ସତ୍ୟ, କିନ୍ତୁ ପ୍ରତିବେଶୀମାନଙ୍କ ସଂଗରେ ପାଦମିଳାଇ ଚାଲିବାର ସାମର୍ଥ୍ୟ ତାର ନ ଥିଲା । ୧୯୩୬ ମସିହାରୁ ୧୯୪୭ ମସିହା ମଧ୍ୟରେ କେବଳ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା, ଯାହାକି ଓଡ଼ିଶାର ନୂତନ ସ୍ପନ୍ଦନ ଆଣି ଦେଇଥିଲା । ତାହା ହେଉଛି ୧୯୪୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍ଥାପନ । ଏହି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବା ସଂଗେ ସଂଗେ ସମ୍ବଲପୁର, ବାଲେଶ୍ୱର ଓ ପୁରୀରେ ତିନୋଟି କଲେଜ ମଧ୍ୟ ସ୍ଥାପିତ ହେବାରୁ ଓଡ଼ିଶାରେ ଉଚ୍ଚଶିକ୍ଷାର ଦାରିଦ୍ର୍ୟ କେତେକ ପରିମାଣରେ ହ୍ରାସ ହୋଇଥିଲା । ତଥାପି ସ୍ୱାଧୀନତା ପୂର୍ବରୁ ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶା କିପରି ଅନଗ୍ରସର ଥିଲା, ତାହା ଗୋଟିଏ ଉଦାହରଣରୁ ସହଜରେ ଅନୁମିତ ହେବ ।

ଖ୍ରୀ: ୧୯୪୪ ମସିହାରେ ଦେଖାଯାଇଥିଲା ଯେ ସମଗ୍ର ପ୍ରଦେଶଟିରେ ଗୋଟିଏ ସୁଦ୍ଧା ସାହିତ୍ୟ ପତ୍ରିକା ଜୀବିତ ନ ଥିଲା। ଏଣୁ ବାମଣ୍ଡା ରାଜାଙ୍କ ସାହାଯ୍ୟରେ ଡକ୍ଟର ମାୟାଧର ମାନସିଂହ 'ଶଂଖ' ନାମକ ଏକମାତ୍ର ପତ୍ରିକା ପ୍ରକାଶ କରିଥିଲେ।''[୧]

ମାନସିଂହ ତାଙ୍କର ଚାକିରୀକାଳ ମଧ୍ୟରେ ସରକାର, ରାଜା ବା ଧନୀସଂପ୍ରଦାୟ ସାହାଯ୍ୟରେ ଓଡ଼ିଶାର ସଂସ୍କୃତିକୁ ବାହାରେ ପରିଚିତ କରିବା ତଥା ଏହାର ଉତ୍କର୍ଷକୁ ପ୍ରତିଷ୍ଠା କରିବା ପାଇଁ ଉଦ୍‌ଗ୍ରୀବ ଥିଲେ। ମାନସିଂହଙ୍କ ସଂସ୍କୃତି-ଆଲୋଚନା ତେଣୁ ତାଙ୍କ ଜାତିପ୍ରେମର ଅନ୍ୟ ଏକ ପ୍ରକାଶ। ମାନସିଂହଙ୍କର ସଂସ୍କୃତି-ଜିଜ୍ଞାସା ଦୁଇଟି ରୂପରେ ପ୍ରକାଶ ପାଇଛି। ଗୋଟିଏ ହେଲା କବି ମାନସିଂହଙ୍କ ସଂସ୍କୃତି ବିଚାର, ଦ୍ୱିତୀୟଟି ହେଲା ସାହିତ୍ୟ ସଂସ୍କୃତି ପ୍ରତି ଶ୍ରଦ୍ଧାଶୀଳ ଐତିହାସିକ ମାନସିଂହଙ୍କର ସାଂସ୍କୃତିକ ଜିଜ୍ଞାସା। ଦୁଇଟି ଭିତରେ ବିରୋଧ ନାହିଁ, ବରଂ ଗୋଟିଏ ଅପରଟିର ପରିଣାମ କେବଳ। ମାନସିଂହ ଆଦ୍ୟ ବୟସରେ ଚିଲିକା ଅଞ୍ଚଳରୁ ବାହାରିଆସି, କଟକ ପୁରୀ ଭିତରେ ଗୋଟିଏ ବିରାଟ ଜାତିର ଦାୟାଦ ଭାବରେ ଯେଉଁଭଳି ନିଜକୁ ଅନୁଭବ କରିଥିଲେ, ତାରି ପ୍ରତିଫଳନ ଘଟିଛି ହେମା, ସାଧବଝିଅ, ରାଜକବି ଉପେନ୍ଦ୍ର, କୋଣାର୍କ ତଥା ମାଟିବାଣୀର ଅଜସ୍ର କବିତାରେ। କୌଣସି କିଛିର ବିଚାର କରିବାକୁ ହେଲେ ବିଚାରକଙ୍କର ବିଚାରବସ୍ତୁଠାରୁ ମାନସିକ ଦୂରତ୍ୱ ଆବଶ୍ୟକ। ବିଚାର ପାଇଁ ଆବଶ୍ୟକ ମାନସିକ ଦୂରତ୍ୱର ଅଭାବ ଘଟିଲେ, ବିଚାର୍ଯ୍ୟବସ୍ତୁ ବିଚାରକଙ୍କର ବ୍ୟକ୍ତିତ୍ୱ ସହ ଜଡ଼ିତ ହୋଇପଡ଼େ। ବିଚାର୍ଯ୍ୟବସ୍ତୁ ସଂପର୍କରେ ବିଚାରକଙ୍କର ବାଙ୍‌ମୟ-ପ୍ରକାଶ ଆବେଗପ୍ରବଣ କବିତାରେ ରୂପାନ୍ତରିତ ହୁଏ। ମାନସିଂହଙ୍କର କବିତା ଏଗୁଡ଼ିକର ଏକ ଚମତ୍କାର ଦୃଷ୍ଟାନ୍ତ। ଦ୍ୱିତୀୟ ସ୍ତରରେ ମାନସିଂହଙ୍କର ଓଡ଼ିଶା ସଂସ୍କୃତି ସଂପର୍କରେ ବିଚାର ଅଧିକ ବସ୍ତୁନିଷ୍ଠ ହେବାକୁ ବାଧ୍ୟ ହୋଇଛି। ଇଂଲଣ୍ଡ ଯାତ୍ରାପରେ ମାନସିଂହ ଯେଉଁ ମୁକ୍ତ ଦୃଷ୍ଟି ଆହରଣ କରିଛନ୍ତି, ସେଇ ମୁକ୍ତ ଦୃଷ୍ଟି ତାଙ୍କୁ ନିଜ ସଂପର୍କରେ ଓ ନିଜର ସଂସ୍କୃତି ସଂପର୍କରେ ଅଧିକ ସଚେତନ କରିଛି। ମାନସିଂହଙ୍କର ପରବର୍ତ୍ତୀ ସାଂସ୍କୃତିକ ବିଚାର ଏହିଭଳି ଏକ ସଚେତନତା-ପୁଷ୍ଟ ମାନସିକ- ଦୂରତ୍ୱର ଭାଷାଗତ ପ୍ରକାଶ। କିନ୍ତୁ ଏଠାରେ ସ୍ମରଣ ଯୋଗ୍ୟ ଯେ, ତାଙ୍କର ଅଧିକାଂଶ ଆଲୋଚନା ମନ୍ମୟଧର୍ମୀ, ତାର କାରଣ ଓଡ଼ିଶାର ସଂସ୍କୃତିକୁ ସେ ନିଜେ ଉତ୍ତରାଧିକାର ସୂତ୍ରରେ ପାଇଥିବା ଜୀବନଚର୍ଯ୍ୟାର ପରିଧି ବାହାରେ କେବେବି ଦେଖିପାରି ନାହାନ୍ତି।

ମାନସିଂହଙ୍କ ସଂସ୍କୃତି ବିଚାରର ଏହି ଦୁଇଟି ରୂପ ତାଙ୍କର ୧୯୩୬ ମସିହା ପୂର୍ବର ପ୍ରବନ୍ଧ ଓ ପରର ପ୍ରବନ୍ଧକୁ ତୁଳନାତ୍ମକ ଭାବରେ ଉପସ୍ଥାପିତ କରି ଉଭୟ ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ କରାଯାଇପାରେ। ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ରାଜନୈତିକ ଜୀବନର ପ୍ରତିଷ୍ଠା ପାଇଁ ୧୯୦୩ ମସିହା ପରେ ଯେଉଁ ସାଂସ୍କୃତିକ ଆନ୍ଦୋଳନ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିଲା, ଯୌବନରେ ମାନସିଂହ ସେଥିରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ। ସଂଗ୍ରାମ କାଳରେ ପ୍ରତ୍ୟେକ ବ୍ୟକ୍ତି, ଅନ୍ୟ ଗୋଷ୍ଠୀ ତଥା ବିରୋଧି ଜାତି ପ୍ରତି ସ୍ପର୍ଶକାତର। ମାନସିଂହଙ୍କର ସ୍ୱ-ଜାତି ମୋହ

ତାଙ୍କୁ ବଂଗ ସାହିତ୍ୟ ଓ ସଂସ୍କୃତି ପ୍ରତି କେତେକାଂଶରେ ବିଦ୍ୱେଷୀ କରି ଦେଇଥିଲା। ବଂଗଳା ଭାଷା ଓ ସଂସ୍କୃତିର ପ୍ରଭାବ ଓଡ଼ିଆ ସଂସ୍କୃତିର ସ୍ୱାତନ୍ତ୍ର୍ୟ ପ୍ରତି ହାନିକାରକ, ଏହିଭଳି ଏକ ଧାରଣା, ସେ ପରଧର୍ମ ପ୍ରବନ୍ଧରେ ଉପସ୍ଥାପିତ କରିଥିଲେ। ରବୀନ୍ଦ୍ରନାଥଙ୍କ ପ୍ରତି ଶ୍ରଦ୍ଧା ତାଙ୍କୁ ଏହି ଏକଦେଶଦର୍ଶୀ ସ୍ୱଜାତିପ୍ରୀତିରୁ ବିରତ କରିପାରି ନଥିଲା। ସବୁଜ କବିମାନେ ବଂଗଳା କବିମାନଙ୍କର ପ୍ରଭାବକୁ ସ୍ୱୀକାର କରିନେଇଥିବାରୁ ସେ ଏହାର ପ୍ରତିବାଦ କରି ଲେଖିଥିଲେ :— ‘‘ସବୁଜ ସାହିତ୍ୟ ସମିତି’ ଏହି ବଂଗ ପ୍ରଭାବ ପାଇଁ ବିଶେଷ ଭାବେ ଦାୟୀ। ଏହି ସମିତି ଯୋଗ୍ୟ ବ୍ୟକ୍ତି ମାନଙ୍କଦ୍ୱାରା ପରିଚାଳିତ ହେଉଥିଲା, କିନ୍ତୁ ଦୋଷ ଏତିକି ଯେ, ଏହି ଓଡ଼ିଶା ଦେଶର ଧୂଳି-ମାଟି ସଂଗେ ଏମାନେ ସଂପର୍କ ନ ରଖି ବଂଗାଳୀ ସମାଜର ଶିକ୍ଷିତ ସଭ୍ୟ ଭଦ୍ର ବାୟୁ ମଣ୍ଡଳରେ ଅନବରତ ବୁଲୁଥିଲେ। ଏ ଦେଶରେ ଯେ କିଆ-ପୋଲାଂଗ ଫୁଟି ଝଡ଼ି ପଡୁଛି, ସେ ଖବର ନ ରଖି ଏମାନେ ଚାମେଲି, ଗୋଲାପ, ବେଲୁଫୁଲ୍, ହାସ୍ନା-ହେନାର ଗଂଧ ଆଣି ଆମକୁ ଶୁଂଘାଇଲେ। ସାଧବଝିଅ ନଈରେ ଗାଧୋଇଲା ବେଳେ ଛିଣ୍ଡି ପଡ଼ିଥିବା ବାରହାତ ଲମ୍ବ ବାଳକୁ ସୁନା ଫରୁଆରେ ପୁରାଇ ପାଣିରେ ଭସାଇ ଦେଇ ଅନାଇ ରହିଛି, ସେ ଦୃଶ୍ୟ କବିମାନେ ଦେଖି ପାରୁ ନାହାନ୍ତି, ସେମାନେ ସବୁଜ-ପରୀ, ଆସମାନ୍‌ପରୀର ନୃତ୍ୟ ଆମକୁ ଦେଖାଉଛନ୍ତି। ଏ ଜୀବ ଏ ମାଟିରେ ପରିଚିତ ନୁହେଁ। ଏମାନଙ୍କୁ ବୁଝିବାକୁ ଓଡ଼ିଆ ଜାତିକୁ ବହୁବର୍ଷ ଟ୍ରେନିଂ ପାଇବାକୁ ହେବ। ଏ ପ୍ରକାର ସାହିତ୍ୟ ଏ ଭାଷାର କେବେହେଲେ ସମୃଦ୍ଧି ସାଧନ କରିବ ନାହିଁ; କାରଣ ଏଥିରେ ଜାତିର ପ୍ରାଣ ପ୍ରକାଶ ପାଉନାହିଁ। ପ୍ରତ୍ୟେକ ଜାତିର ଓ ପ୍ରତ୍ୟେକ ଭାଷାର ସ୍ୱତନ୍ତ୍ର ଧର୍ମ ଓ ପ୍ରାଣ ଅଛି। ଆମ ଦେଶରେ କାବ୍ୟ ଉପାଦାନ ଯଥେଷ୍ଟ ରହିଛି। ବିଚିତ୍ର ପ୍ରକୃତି, ଗାରିମାମୟ ଅତୀତ, ଉଜ୍ଜ୍ୱଳ ଭବିଷ୍ୟତ—ଏଥିରେ କ’ଣ କାବ୍ୟର ଉପାଦାନ ନାହିଁ?’’[୨] ପରବର୍ତ୍ତୀ କାଳରେ ସେ ଅପର ସଂସ୍କୃତିର ମହନୀୟତାକୁ ଉପଲବ୍ଧ କରିଛନ୍ତି। ନିଜ ସଂସ୍କୃତିକୁ ପୁଷ୍ଟ କରିବାରେ ଯଦି ଅପର ସଂସ୍କୃତିର କିଛି ଭୂମିକା ଅଛି, ତେବେ ତାହା ଗ୍ରହଣ କରିବା ପାଇଁ ଉପଦେଶ ଦେଇଛନ୍ତି। ଏପରିକି ସେ ସବୁଠାରୁ ଅଧିକ ରବୀନ୍ଦ୍ରନାଥଙ୍କୁ ଅନୁସରଣ ମଧ୍ୟ କରିଛନ୍ତି। କଲିକତାରେ ଅନୁଷ୍ଠିତ ‘ପ୍ରବାସୀ ଉତ୍କଳ ସମ୍ମିଳନୀ’(୧୯୪୧)ରେ ସଭାପତି ଅଭିଭାଷଣରେ ମାନସିଂହ କହିଥିଲେ : ‘‘ଆପଣମାନେ ଯେଉଁ ଯେଉଁ ଦେଶରେ ରହିଛନ୍ତି, ସେ ସ୍ଥାନର ଯାହାକିଛି ଶ୍ରେଷ୍ଠ ଓ ମହତ, ତାହା ଆମ କୃଷ୍ଟି ଓ ସାହିତ୍ୟରେ ପୂରେଇବାକୁ ଚେଷ୍ଟା କରନ୍ତୁ। ଆମ ଅଧୋଗତିର ଗୋଟିଏ ବଡ଼ କାରଣ, ଆମର କୂପମଣ୍ଡୁକତା। ଆମର ଚିନ୍ତାନାୟକମାନେ ଆମର ଚାରିପଟେ ହୁଡ଼ା ଦେଇ ଆମ ଜାତିକୁ ଗୋଟିଏ ବଡ଼ ଜଳାଶ୍ରୟରେ ପରିଣତ କରିବାକୁ ଚାହାନ୍ତି। ସେମାନେ ଭାବୁଛନ୍ତି, ହୁଡ଼ା ପକାଇଦେଲେ ଆମର ନିଜତ୍ୱ ରକ୍ଷା ହେବ, କିନ୍ତୁ ମୁଁ କହେ ଚାରିଆଡ଼ୁ ସିଆର କାଟି ପକାଅ, ଆମ ବିଲକୁ ଚାରିପଟର ପାଣି ଓ ପଟୁମାଟି ଆସି ତାକୁ ଉର୍ବରା କରିବ। ...ତେଣୁ ତୁମେ ଓଡ଼ିଆ, ତୁମର ନିଜତ୍ୱ କୃଷ୍ଟିକୁ ହରାଇବ ବୋଲି ଭୟକର ନାହିଁ। ତୁମେ ଅନ୍ୟର କୃଷ୍ଟିକୁ ଚିହ୍ନିଲେ, ନିଜ କୃଷ୍ଟିକୁ ଭଲଭାବରେ

ଯାଇ ବିଚାର କରିବ। ତେଣୁ ବିଦେଶରେ ଯିଏ ଯେଉଁଠି ଅଛ, ସେ ଦେଶର ସାହିତ୍ୟ ଓ ସମାଜର ଯାହା ଉତ୍କୃଷ୍ଟ, ସେ ସବୁକୁ ତନ୍ନ ତନ୍ନକରି ବିଶ୍ଳେଷଣ କର ଏବଂ ଦେଖ କାହିଁକି ସେମାନଙ୍କର ଉନ୍ନତି ହୋଇଛି ଏବଂ ଆମ ଲୋକଙ୍କୁ କୁହ, ତାଙ୍କର କେଉଁ କେଉଁ ଗୁଣ ଅନୁସରଣ କଲେ, ଆମର କଲ୍ୟାଣ ହେବ।''[୩] 'ପରଧର୍ମ' ପ୍ରବନ୍ଧ ଓ ଏ ଅଭିଭାଷଣ ଯେ ପରସ୍ପର ବିରୋଧୀ ଭାବଧାରାରେ ପରିଚାୟକ ଏଥିରେ ସଂଦେହ ନାହିଁ। ଏଥିରୁ ଅନୁମିତ ହେବ ଯେ ମାନସିଂହ ମଧ୍ୟ ଏହିପରି ଏକ ବ୍ୟକ୍ତିତ୍ୱ ଯେ ସାହିତ୍ୟ ସଂସ୍କୃତି ସଂପର୍କରେ ତଥା କୌଣସି ଚିନ୍ତାରେ ସ୍ଥିର ବା ସ୍ଥାଣୁ ନୁହନ୍ତି। ସମୟକ୍ରମେ ଓ ଅଭିଜ୍ଞତାର ଅଭିବୃଦ୍ଧିରେ ଏପରି ପରିବର୍ତ୍ତନ ସ୍ୱାଭାବିକ ମଧ୍ୟ।

## କବି ମାନସିଂହଙ୍କ ଜୀବନର ଆଦି ପର୍ଯ୍ୟାୟରେ ସଂସ୍କୃତି ଚିନ୍ତା :

ପୂର୍ବରୁ ସୂଚନା ଦିଆଯାଇଛି ଯେ, କବିର ଅନ୍ତରଂଗ ଭାବନା ଓ ଅନୁଭବର ଅନ୍ତରଂଗତା ନେଇ ଆଦ୍ୟ ଜୀବନରେ ମାନସିଂହ ଓଡ଼ିଆ ସଂସ୍କୃତିକୁ ଆପଣାର କରିଛନ୍ତି। ଓଡ଼ିଆ ସଂସ୍କୃତିର ବହୁଦିଗ, ଯଥା : ତା'ର ବୀରତ୍ୱ, ଧର୍ମ, ପର୍ବପର୍ବାଣୀ, ସମୁଦ୍ରଯାତ୍ରା ଇତ୍ୟାଦିକୁ ନେଇ ଓଡ଼ିଆ ଜୀବନର ସାମଗ୍ରିକ-ପ୍ରକାଶ। କାଳର ପ୍ରବାହରେ ଓଡ଼ିଆ ସଂସ୍କୃତିର ସେଇ ନିଜସ୍ୱରୂପ ହଜିଯାଇଛି। କିନ୍ତୁ ସଂସ୍କୃତି ସହଜରେ ମରେ ନାହିଁ। ସଭ୍ୟତା ପରି ଏହା ଦ୍ରୁତ ପରିବର୍ତ୍ତନଶୀଳ ନୁହେଁ। କର୍ପୂର ଉଡ଼ିଗଲେ ବି କନାରେ ତାହାର ମହକ କିଛିଦିନ ପର୍ଯ୍ୟନ୍ତ ରହିଆସିଥାଏ। ଉତ୍କଳୀୟ ସାମରିକ ସଂସ୍କୃତିର କ୍ଷୟିଷ୍ଣୁ ରୂପ ଓଡ଼ିଆ ପାଇକମାନଙ୍କର ଆଚାର ଚଳଣି ମଧ୍ୟରେ ପରିଦୃଷ୍ଟ। ସେ ଚଳଣିକୁ ବ୍ୟଂଗ କରିବା ଅନ୍ତରାଳରେ ମାନସିଂହଙ୍କ ମନ ମଧ୍ୟରେ ସେ ସଂସ୍କୃତି ସଂପର୍କରେ ଯେ ସ୍ପଷ୍ଟ ପ୍ରୀତି ରହିଛି, ଏ କଥା ଅସ୍ୱୀକାର କରାଯାଇ ନ ପାରେ। ରାଜ୍ୟ ଯାଇଛି, ଯୁଦ୍ଧ କ୍ଷେତ୍ରକୁ ଯାଇ ବଡ଼ିମା ଦେଖାଇବାର ଆବଶ୍ୟକତା ଆଉ ନାହିଁ ତଥାପି ଖୋର୍ଦ୍ଧା, ବାଣପୁର, ପାରିକୁଦ, ମାଲୁଦର ଖଣ୍ଡାୟତ ମନରେ, ସେ ଅହଂକାର ବସାବାନ୍ଧି ରହିଛି। ଅସ୍ଥି-କଂକାଳସାର, ଅର୍ଦ୍ଧ-ନଗ୍ନ, ଅର୍ଦ୍ଧଭକ୍ଷ ଅବସ୍ଥାରେ ଓଡ଼ିଆ ପାଇକର କଳଂକି ଲଗା ଖଣ୍ଡାଟି ଏବେବି ଦଶହରାରେ ପୂଜାଯାଏ। ଏବେ ବି କୌଳିକ ପ୍ରଥାକୁ ବଜାଏ ରଖି ଘରେ ଘରେ ଆପେ ଆପେ ଶାଢୀ ବାନ୍ଧି ହୁଅନ୍ତି। ଜେମା କାବ୍ୟରେ ମାନସିଂହ ଲେଖିଛନ୍ତି :

''ଖଣ୍ଡାଇତ ସେ ବସନ୍ତି କେତେ ଉପାଧିକ ଛନ୍ତି
ଘରେ ଘରେ ଆପେ ଆପେ ଶାଢ଼ୀ ବନ୍ଧାଣ''[୪]

ଏବର ଖଣ୍ଡାୟତଙ୍କୁ ଦେଖି ମାନସିଂହଙ୍କର ଅତୀତର ଗାଥା ମନେ ପଡ଼ିଛି। ସେ କାଳର ଗୌରବମୟ ସ୍ମୃତିକୁ ସ୍ମରଣ କରି ମାନସିଂହ ଲେଖିଚନ୍ତି :

''ଯାଇଛି ଚାଲି ସେ କାଳ ହାତେ ଧରି ତଲବାର
ଦାଣ୍ଡକୁ କୁହାଟି ଖଣ୍ଡାଇତ ଡେଇଁବା,
ଖଣ୍ଡାସନେ ମଥା ଛୁଇଁ ମଣିମାଙ୍କ ଆଗ ଭୂଇଁ
ମତ୍ତ-ହାତୀ ପରି ଖେଳି ଧସେଇ ଯିବା।''[୫]

ସମୟର ପରିବର୍ତ୍ତନ ସାଂଗରେ ସେ ଦିନ ଉଭେଇ ଯାଇଛି । ପାଇକର ପ୍ରତାପ ଅନ୍ତର୍ହିତ ହେଲେ ମଧ୍ୟ ମନ ମଧ୍ୟରେ ରହିଯାଇଛି ବୀରତ୍ୱର ଅହମିକା । 'ଜେମା' କାବ୍ୟରେ କୁହାଯାଇଛି :

"ହେଲା ନୂଆ ସରକାର ଛାଡ଼ି ତୀର ତଲବାର
ନଷ୍ଟ-ନଖ ବାଘ ପରି ହେଲେ ପାଇକେଁ,
ଗଲା ଚାଲି ରାଜ ସମ୍ମାନ
ଲଢ଼େଇ ନ କରି ହାତ କାଟିଲା ଧାନ ।"[୬]

ଓଡ଼ିଆର ବୀରତ୍ୱ ସହିତ ତା'ର ଧର୍ମଧାରଣା ଘନିଷ୍ଠ ଭାବେ ସଂପୃକ୍ତ । ତାର ନିଜସ୍ୱ ଚଳଣି ସାଂଗରେ ଧର୍ମ ଏଭଳି ମିଶି ଯାଇଛି ଯେ ତାହା ସଂସ୍କୃତିର ଅଭିନ୍ନ ଅଂଗ ହୋଇ ଉଠିଛି । ମାନସିଂହ ଓଡ଼ିଆ ଜୀବନର ଚିତ୍ର ଦେବା ବେଳେ ଓଡ଼ିଆ ମାନଙ୍କର ଧର୍ମ ବିଶ୍ୱାସକୁହିଁ ଉପସ୍ଥାପିତ କରିଛନ୍ତି । 'ସାଧବଝିଅ' କାବ୍ୟରେ ଜନଜୀବନର ଦେବତା ଶିବଂକ ପୂଜା ଏହିଭଳି ଭାବେ ସ୍ଥାନିତ । ଗ୍ରାମର ସାଧାରଣ ଜନତା ନିଃସ୍ୱ ତାର ଦେବତା ମଧ୍ୟ ନିଃସମ୍ବଳ ଶିବ । ଗ୍ରାମର କୁମାରୀମାନଙ୍କଠାରୁ ବୟସ୍କମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଶିବଙ୍କୁ ବିଭିନ୍ନ ରୂପରେ ପୂଜା କରନ୍ତି । ଭାରତର ଉପକୂଳବର୍ତ୍ତୀ ଅଂଚଳର ଏହି ବିଶିଷ୍ଟ ଉପଚାର, ବାଲୁକା ଲିଂଗ ବା ବାଲୁଂଗା ପୂଜା 'ସାଧବଝିଅ' କାବ୍ୟରେ ଉପସ୍ଥାପିତ ।

"ମାଟିର ଶିବ ଯେ
ନିତି ନିତି ପୂଜେ,
ମନାସିଲି ଦେବ ଦେବୀ,
ମାଣିକ ପ୍ରଦୀପ
ଜାଗରେ ଜାଳିଲି
ଠାକୁରାଣୀ ପଦ ସେବି ।"[୭]

'ସାଧବଝିଅ' କାବ୍ୟରେ ଲୋକଚଳଣି ଓ ଧର୍ମବିଶ୍ୱାସର ଅନ୍ୟତମ ନମୁନା ଭାବରେ ନିମ୍ନ ପଦଟିକୁ ନିଆଯାଇ ପାରେ–

"ପାଦେ କଲା ବିଶ୍ୱସ୍ତ ଯେ ମାଲୁଣୀ ଜୁହାର,
ଦୁର୍ଗାସ୍ମରି କଲେ ଦୁହେଁ ଶୁଭେ ପାଦ-ଚାର ।"[୮]

ମାନସିଂହ ନିଜର ଅନ୍ତର ମଧ୍ୟରେ ଓଡ଼ିଆ ଧର୍ମଜୀବନର ବିଶ୍ୱାସବୋଧକୁ ଛାଡ଼ିପାରି ନାହାନ୍ତି । ଜଗନ୍ନାଥ ଓଡ଼ିଆ ସାଂସ୍କୃତିକ ଜୀବନର ପ୍ରକୃତ ସାକ୍ଷୀ । ଗୋପପ୍ରୟାଣ କବିତାରେ ମାନସିଂହ ଲେଖିଛନ୍ତି :–

"ପତିତପାବନ ବାନା ଯୁଗେ ଯୁଗେ
ଶରଣ ଉତ୍କଳର,
ସେହି ବାନାତଳେ ଉତ୍କଳ ମଣି
ଜଳୁଥାଉ ଭାସ୍ୱର ।

ପତିତପାବନ ଦର୍ଶନ ବେଳେ
ନିଖିଳ ଓଡ଼ିଆ ଜାତି,
ବାଇଶି ପାହାଚେ ପାଇବ ପତିତ–
ବଂଧୁ ଚରଣ ମାଟି।"[୯]

ସେହିପରି ଜଗନ୍ନାଥଙ୍କ ବଡ଼ଦାଣ୍ଡର ଧୂଳି ବିଳାସୀ ଲୋକର ଅଂଗରେ ପଡ଼ି ତାକୁ ବିବ୍ରତ କରିଦେଇପାରେ– ମାତ୍ର ଭକ୍ତ ଧର୍ମଭାବରେ ମୋହିତ ହୋଇ କହେ– "ଏ ଧୂଳି ପଡୁ ମୋ ମୁଣ୍ଡେ ଜନ୍ମ ଜନ୍ମାନ୍ତର."[୧୦] ସଂସ୍କୃତି ଚିତ୍‌ପ୍ରକର୍ଷର ଫଳଶ୍ରୁତି। ଏହି ଚିତ୍‌ପ୍ରକର୍ଷ ପ୍ରତିଷ୍ଠା ପାଏ ନାନା ମୂଲ୍ୟାବଳୀର ପ୍ରତିଷ୍ଠା ଦ୍ୱାରା। ଓଡ଼ିଆ ଲୋକଜୀବନରେ ସତ୍ୟକଥନ ଓ ସତ୍ୟବଚନ ଭଳି ନୈତିକ ମୂଲ୍ୟମାନର ସ୍ଥାନ ଅତି ଉଚ୍ଚରେ।

"ମାଆ ତାର କଥା ଦେଇଛି
ଆଗୁଁ ଶ୍ରୀ ନୀଳାଚଳେ
ଚେଳିତାଙ୍କୁ ପୁର ସାଧବ–
ଶ୍ରେଷ୍ଠୀସୁତ ସଂଗରେ।
ସେ ଥାନ୍ତୁ ବୋଇତ ଆସିଛି
ଖୋଜି ବୁଝିବି ଠିକ,
କିପାଇଁ ଏ ମଲା କାଳେ ମୋ–
କଥା ହେବ ଅଳୀକ ?"[୧୧]

ତତ୍ ସଂଗେ ସଂଗେ ବୋଇତ–ଯାତ୍ରା ତଥା ବୋଇତ–ବନ୍ଦାଣ ମଧ୍ୟଦେଇ ଉତ୍କଳୀୟ ସଂସ୍କୃତିର ରୂପ ପ୍ରକାଶିତ।

'ମହାନଦୀର ଜ୍ୟୋସ୍ନାବିହାର' କବିତାରେ ମାନସିଂହ ଉତ୍କଳୀୟ ଆଚାର ବିଚାରକୁ ସ୍ମରଣ କରିଛନ୍ତି। ବାରବାଟୀ ସନ୍ନିକଟ ପ୍ରସ୍ତର ପାବଚ୍ଛରେ କବି ଉତ୍କଳର ଅତୀତସ୍ମିତିକୁ କଳ୍ପନା- ନେତ୍ରରେ ଅବଲୋକନ କରିଛନ୍ତି। ବେଶ- ବର୍ଣ୍ଣନା ତଥା ସାଜସଜ୍ଜା ମଧ୍ୟରେ ସଂସ୍କୃତିର ସ୍ୱରୂପ ପ୍ରକାଶିତ ହୋଇଥାଏ। ମାନସିଂହ ଲେଖିଛନ୍ତି–

"ସେ ଦିନ ଏ ଶିଳା ପରେ ଅବଗାହେ ଆସି
ସୁକୁମାରୀ ରାଜବାଳା ଆଙ୍କିଥିବ ତା'ର
ଲାକ୍ଷାରକ୍ତ ପଦଛବି,....
ସେଦିନ ସଜନୀ ମେଳେ ରୂପସୀ ମହିଷୀ
ଏକ କରେ ଦୁର୍ବାକ୍ଷତ, ଶଂଖ ଆନକରେ,
ବିଜୟୀ ପୁତ୍ରରେ ଶିରେ ମଂଗଳ ଆଶିଷି;
ବଂଦି ନେଇଥିବେ ଗୃହେ ଏହି ଶିଳା ପରେ।
ସେ ଦିନ ଏ ଶିଳାପରେ ନାଗରିକା ଶତ
ହରିଦ୍ରା ପ୍ରଲେପେ ରଂଜି କନକ ବଦନ,
ବଂଦିଥିବେ ଶଂଖ ବାଇ ରାଜାର ବୋଇତ,
କରିଛି ସେ ସିଂହଳରୁ ମୁକ୍ତା ଆନୟନ।

ସେ ଦିନ ଏ ଶିଳାପରେ ନଗର-ଜନନୀ
ଏକତ୍ରେ ପଠାଇ ପୋତେ ସନ୍ତାନ ସମରେ,
ଚାହିଁଥିବେ ଦୂର ଦିଗେ, ସେ ବୀର ରମଣୀ
ଲୁଚାଇ ଆଖିର ଲୁହ ଅପମାନ ଡରେ।''[୧୨]

ଓଡ଼ିଆ ସଂସ୍କୃତି ମୁଖ୍ୟତଃ ଗ୍ରାମ ଭିତ୍ତିକ। ମାନସିଂହ ବିଭିନ୍ନ କବିତାରେ ଓଡ଼ିଆ ଗ୍ରାମର ଚିତ୍ର ଉପସ୍ଥାପନ କଲା ଭିତରେ ନିଜର ସାଂସ୍କୃତିକ ଅବବୋଧ ପ୍ରକାଶ କରିଛନ୍ତି। ଏହି ପ୍ରସଂଗରେ ବୋଇତ ବଂଦାଣ କବିତାଟି ସ୍ମରଣ ଯୋଗ୍ୟ। ସାଧବପୁଅର ବୋଇତ ଆସିବାର ଶୁଣି, ଗ୍ରାମର ଲୋକମାନେ ବୋଇତ ଦର୍ଶନ ନିମନ୍ତେ, ତୀରରେ, ଜଳରେ ବା କେହି ବୃକ୍ଷ ତଳରେ ହୁଅନ୍ତି ଉପବିଷ୍ଟ। ଗ୍ରାମର ପ୍ରୌଢ଼ ମାନଙ୍କର ବୋଇତ ମଧ୍ୟରେ ପ୍ରବେଶ ଓ ଗୁରୁଜନଭାବଧରି ସାଧବପୁଅ ମାନଙ୍କୁ ସମ୍ବୋଧନ ପରେ ଅନ୍ୟାନ୍ୟ ଗ୍ରାମ୍ୟ ଶିଶୁମାନଙ୍କର ପ୍ରବେଶ ତଥା ପ୍ରୌଢ଼ ମାନଙ୍କର ସେମାନଙ୍କୁ ଆକଟ, ବୋଇତ ବନ୍ଦାଣଲାଗି ସୀମନ୍ତିନୀ ମାନଙ୍କର ହୁଳହୁଳୀ ଶବ୍ଦ କରି ପ୍ରବେଶ, ହସ୍ତରେ ଶୁଭ କଳସ, ଅନ୍ୟହସ୍ତରେ ବନ୍ଦାପନା ଥାଳୀ, ଅଲକ୍ତ ରଂଜିତ ପଦନଖ, ଅତୀତର ଏହି ଦୃଶ୍ୟକୁ ମାନସିଂହ ମୁଗ୍ଧ ନେତ୍ରରେ ଅବଲୋକନ କରିଛନ୍ତି। ଉତ୍କଳୀୟ ପଲ୍ଲୀଜୀବନ ଓ ଚଳଣିର ଚିତ୍ର ମାନସିଂହ ତାଙ୍କର ପଲ୍ଲୀ ସଂଧ୍ୟା କବିତାରେ ପ୍ରକାଶ କରିଛନ୍ତି।

ସଂଧ୍ୟା ଆଗମନରେ ପଲ୍ଲୀବଧୂ କାଖରେ ଗରିଆଧରି ବଳାରେ ବଳା ବଜାଇ ଚଞ୍ଚଳ ପଦରେ ଗମନ କରେ। ହାତ ଚୁଡ଼ିର ରୁଣୁଝୁଣୁ ଶବ୍ଦ ସହିତ ମିତଣୀମାନଙ୍କ ଗହଣରେ ଗମନ ତଥା କଥୋପକଥନ ଚିତ୍ରରେ ପଲ୍ଲୀଜୀବନର ଛବି ପରିସ୍ଫୁଟ। ପଲ୍ଲୀସଂଧ୍ୟାର ଅନ୍ୟତମ ଚିତ୍ର ହେଲା, ସଂଧ୍ୟାର ପ୍ରାକ୍‌କାଳରେ ମୁଣ୍ଡରେ ଠେକା ଭିଡ଼ି, କାନ୍ଧରେ ଲଂଗଳ ଧରି କୃଷକର ଗୃହକୁ ପ୍ରତ୍ୟାବର୍ତ୍ତନ ଆଗରେ ଫେରନ୍ତା ହଳ ଓ ଗୋଠବାହୁଡ଼ା ଗୋରୁପଲ୍ଲର ହମ୍ବାରଡ଼ି, ଗାଁ ଶିଶୁ ମାନଙ୍କର ଧୂଳିଘର କାଟି ବୋହୁବୋହୂକା ଖେଳ ମଧ୍ୟରେ ଉତ୍କଳୀୟ ପଲ୍ଲୀସଂସ୍କୃତିର ଚିତ୍ର ବର୍ଣ୍ଣିତ।

ଗ୍ରାମ୍ୟ ଚଳଣିର ଅନ୍ୟତମ ଦୃଶ୍ୟ, ତୁଳସୀ ଚଉରା ମୂଳରେ କୁଳବଧୂର ଦୀପ ଜାଳିବା ସମୟରେ ଗୃହର ସମସ୍ତଙ୍କର ଶୁଭ ମନାସିବା, ଗ୍ରାମ୍ୟ ଦେବାଳୟରେ ଘଣ୍ଟଘଣ୍ଟାର ଧ୍ୱନି ଶୁଣି ଦୂରାଗତ ଭକ୍ତର ମଥାନତ କରିବା ମଧ୍ୟରେ ପଲ୍ଲୀ ସାଂସ୍କୃତିକ ଜୀବନର ଚିତ୍ର ପ୍ରତିଫଳିତ। କୃଷକ ମାନଙ୍କର ବଟୁଆ ମେଲାଇ ପରସ୍ପର ମଧ୍ୟରେ କଥୋପକଥନ, ଗ୍ରାମର ଶ୍ରୋତାହୀନ ଭାଗବତ ଘରେ ଭାଗବତ ପଠନ ଇତ୍ୟାଦି ଦୃଶ୍ୟରେ ପଲ୍ଲୀଜୀବନର ସଂସ୍କୃତି ବର୍ଣ୍ଣିତ।[୧୩]

କେଶସଜା ଏକ କଳା ଯେଉଁଥିରୁ ଜାତିର ରୁଚିବୋଧର ପରିଚୟ ମିଳିଥାଏ। ମଣିଷର ଅଳଂକାର ଓ ପ୍ରସାଧନ ଭିତରେ ତାର ରମ୍ୟବୋଧ ନିହିତ। ସଂସ୍କୃତି ଏହି ରୁଚିବୋଧର ନିୟାମକ। ଓଡ଼ିଆର ବେଶ ପୋଷାକ ତଥା କେଶସଜା ମାନସିଂହଙ୍କ ନିକଟରେ ଅତିପ୍ରିୟ। ମଧ୍ୟଯୁଗୀୟ କାବ୍ୟକବିତାରେ ଏହି ଦୀର୍ଘ କେଶବର୍ଣ୍ଣନା ଭୂମିକା ଥିଲା। 'ସାଧବଝିଅ' କାବ୍ୟରେ ମାଲୁଣୀର କେଶ ବର୍ଣ୍ଣନାକୁ ଉଦାହରଣ ଭାବରେ ଗ୍ରହଣ

କରାଯାଇପାରେ। ଏହ ବର୍ଣ୍ଣନା ମଧ୍ୟରେ କବି ମାନସିଂହଙ୍କ ଉତ୍କଳୀୟ ସଂସ୍କୃତିପ୍ରୀତିର ପରିଚୟ ସ୍ପଷ୍ଟ।[୧୪]

କିଆ କେତକୀ ପୋଲାଂଗ ବନମଧ୍ୟରେ ବାଲ୍ୟକାଳ ବିତାଇଥିବା କବି ମାନସିଂହଙ୍କ ରଚନାରେ ଗ୍ରାମ୍ୟ ପ୍ରୀତି ଓ କିଆଫୁଲର ଆକର୍ଷଣ ଲକ୍ଷ୍ୟ କରିବାର କଥା। 'ଧୂପ'ର କବିଙ୍କର କେଶସଜ୍ଜା ପ୍ରତି ଆକର୍ଷଣ ତଥା ଗ୍ରାମ୍ୟ ଆଭୂଷଣର ବର୍ଣ୍ଣନାରେ ତାଙ୍କର ସଂସ୍କୃତି ପ୍ରୀତି ବର୍ତ୍ତମାନ।

କୌଣସି ଅପଶକୁନ ଦେଖିଲେ ସାଧାରଣତଃ ଲୋକମାନେ ବ୍ୟତିବ୍ୟସ୍ତ ହୋଇଉଠନ୍ତି। ମାନସିଂହଙ୍କର ମଧ୍ୟ ଅପଶକୁନ ଉପରେ ବିଶ୍ୱାସ ଥିଲା। ତେଣୁ ସେ ଜେମାର କରୁଣ ଅବସ୍ଥା ପୂର୍ବରୁ ଜେମା ମା ମୁଖରେ ଅପଶକୁନର ସ୍ୱର ଶୁଣାଇଛନ୍ତି।[୧୫]

ନୌବାଣିଜ୍ୟ ଉତ୍କଳୀୟ ସଂସ୍କୃତିର ଅନ୍ୟତମ ନମୁନା। ମାନସିଂହଙ୍କର ସଂସ୍କୃତି ସଚେତନ ପ୍ରାଣ 'ମା' ଓଡ଼ିଶା' ସମେତ ବିଭିନ୍ନ କବିତା ଓ ସାଧବ ଝିଅ କାବ୍ୟ ତଥା ବିଭିନ୍ନ ପ୍ରବଂଧରେ ଉତ୍କଳର ନୌବାଣିଜ୍ୟର ଚିତ୍ର ପ୍ରଦାନ କରିଛି।

ମଣିଷର ନିଜ ସଂସ୍କୃତି ପ୍ରତି ଅନ୍ତରଂଗତାର ପ୍ରକାଶ ତା'ର ଦେଶପ୍ରେମ ବା ଜାତୀୟତା ମଧରେ। ମଣିଷ ନିଜର ଜନ୍ମମାଟିକୁ ଭଲ ପାଇବା ଭିତର ଦେଇ ତାର ସମାଜ, ଅଧିବାସୀ, ସେମାନଙ୍କର ବୀରତ୍ୱ ତଥା ଜୀବନଚର୍ଯ୍ୟାକୁ ଭଲ ପାଇ ବସେ। ଓଡ଼ିଆ ଅତୀତରେ ତାର ଜାତିକୁ ସେମିତି ଭଲ ପାଇଥିଲା। କିନ୍ତୁ ଏଇ ଭଲପାଇବା କିଛି ସଚେତନ କ୍ରିୟା ନଥିଲା। ଇଂରେଜମାନେ ଏ ଦେଶକୁ ଆସିଲା ପରେ ଜାତୀୟ ସଚେତନତା ଭାରତୀୟ ମାନଙ୍କ ମନରେ ସୃଷ୍ଟି ହେଲା। ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ମାନସିଂହଙ୍କ ଭଳି କବି ଓ ସାହିତ୍ୟିକମାନେ ଆପଣା ସଂସ୍କୃତିର ମୁଗ୍‌ଧପ୍ରାବକ ହେବାକୁ ଚାହିଁଲେ। ତା'ର ଚାରୁକଳା, କାରୁକଳା ଓ ଜୀବନଚର୍ଯାର ବିଭିନ୍ନ ଦିଗ ଭିତରେ ଦେଶୀୟ ସଂସ୍କୃତିର ଅଭିଜ୍ଞାନ ଆବିଷ୍କାର କଲେ। ଏ ସଂପର୍କରେ ମାନସିଂହଙ୍କର ନିଜ ବକ୍ତବ୍ୟ ହେଲା: "ଇଂରେଜ ସଭ୍ୟତା ଦେଶରେ ପ୍ରବେଶ କରିବା ସଂଗେ ସଂଗେ ଦେଶର ଜାତୀୟ ଚେତନା ଜାଗ୍ରତ ହୋଇ ଉଠିଲା। ଇଂରେଜୀ ଶିକ୍ଷା ମଧ୍ୟ ନବ୍ୟ-ଶିକ୍ଷିତମାନଙ୍କର ସାହିତ୍ୟିକ ରୁଚିରେ ପରିବର୍ତ୍ତନ ଆଣିଲା। ସେମାନେ ଜାଣିଲେ, କିପରି ଇଂରେଜୀ କବିମାନେ ନିଜ କ୍ଷୁଦ୍ରଦ୍ୱୀପଖଣ୍ଡକର ପ୍ରକୃତି, ଇତିହାସ ଓ ସଭ୍ୟତା ଘେନି ପାଗଳ ହୋଇଉଠିଛନ୍ତି। ସେମାନେ ନିଜ ସାହିତ୍ୟରେ ଏହାର ଏକାନ୍ତ ଅଭାବ ଅନୁଭବ କଲାବେଳେ ରାଧାନାଥଙ୍କର କାବ୍ୟ ଉତ୍କଳର ପ୍ରକୃତି ଏବଂ ଇତିହାସକୁ ମନୋଜ୍ଞ ଭାଷାରେ ପ୍ରକାଶ କରି ସେମାନଙ୍କର ଦ୍ୱାରସ୍ଥ ହେଲା।"[୧୬]

ମାନସିଂହ ଉତ୍କଳର ସମୃଦ୍ଧ ଅତୀତକୁ ସ୍ମରଣ କରିଛନ୍ତି। ଉତ୍କଳର ସାମରିକ ଗୌରବ ତଥା କଳାସାହିତ୍ୟର ଗାରିମା ତାଙ୍କ ସୃଷ୍ଟି ମଧ୍ୟରେ ବର୍ଣ୍ଣିତ। ମା' ଓଡ଼ିଶା, କୋଣାର୍କ, ବାରବାଟୀ, ପ୍ରଭୃତି ତାଙ୍କର ଆଦ୍ୟଜୀବନର ବହୁ କବିତାରେ ଉତ୍କଳୀୟ ସଂସ୍କୃତିର ଗୌରବଗାଥା ବର୍ଣ୍ଣିତ। ଇତିହାସର କ୍ରୂର ଇଂଗିତରେ ଏଜାତି କିଭଳି ପତନୋନ୍ମୁଖ ହୋଇ ପଡ଼ିଥିଲା, ସେ କଥା ମାନସିଂହ ଉଲ୍ଲେଖ କରିଛନ୍ତି। ସେହି କବିତାମାନଙ୍କରେ

ଉତ୍କଳୀୟ ରମଣୀର ଦମ୍ଭ, ବୀରବେଶରେ ସ୍ୱାମୀଙ୍କୁ ସଜାଇଦେଇ ଯୁଦ୍ଧ କ୍ଷେତ୍ରକୁ ପଠାଇବାର ଗୌରବ ଚିତ୍ର ମାନସିଂହ ସ୍ମରଣ କରି ଅଛନ୍ତି। ଏହା କବିଙ୍କ ମନରେ ସମସାମୟିକ ଉତ୍କଳର ଆଂଦୋଳନ, ଉତ୍କଳ ସମ୍ମିଳନୀ ତଥା ସତ୍ୟବାଦୀ ଗୋଷ୍ଠୀର ପ୍ରଭାବର ଫଳଶ୍ରୁତି। ଦେଶର ବୀର ସୈନିକ କେବଳ ନୁହେଁ, ଦେଶର ସାଧବ, ବେଶକାରୀ, ମାଳୀ ମଧ୍ୟ କବିଙ୍କ ଦୃଷ୍ଟିରେ ଗୌରବର ଅଧିକାରୀ। 'ସାଧବଝିଅ' କାବ୍ୟରେ ଉତ୍କୃଷ୍ଟ ପୁଷ୍ପସଜା ନିମନ୍ତେ ମାଲୁଣୀ ହାତରେ ସାଧବପୁଅ କହିଛି—

"ମାଲୁଣୀ ତୁ ଦିଏ ମାଳାଟି
ଆଜି ନେଇ କିଶୋରୀକି ତୋର
ଯଦି ତାର ହୋଇବ ପସଂଦ
କହିବୁ ମୁଁ ମାଳୀ କଳିଂଗର।"[୧୭]

ମାନସିଂହଙ୍କର ବିଲାତ ଗମନର ପ୍ରାକ୍‌କାଳରେ ଲିଖିତ ଆଲୋଚନାଗୁଡ଼ିକରେ ସଂସ୍କୃତି ସଂପର୍କରେ କୌଣସି ବଳିଷ୍ଠ ମତାମତ ନଥିଲା। ଏଇ ସମୟରେ ସଂସ୍କୃତି ସଂପର୍କରେ ମାନସିଂହଙ୍କର ଯାହା ଧାରଣା, ତାହା କେବଳ ସାଂସ୍କୃତିକ ଜୀବନରେ ତାଙ୍କର ଅଂଶ ଗ୍ରହଣ କରିବା ଫଳରେ ସମ୍ଭବପର ହୋଇଥିଲା।

## ସାଂସ୍କୃତିକ ଚେତନାର ଦ୍ୱିତୀୟ ପର୍ଯ୍ୟାୟ :

ଅନ୍ୟାନ୍ୟ ବିଷୟ ଭଳି ସଂସ୍କୃତି କ୍ଷେତ୍ରରେ ମଧ୍ୟ ମାନସିଂହଙ୍କର ନିର୍ଦ୍ଦିଷ୍ଟ ବିଚାର ଓ ଜିଜ୍ଞାସା ଇଂଲଣ୍ଡ ରହଣି ପରେ ଆରମ୍ଭ ହୋଇଥିଲା। ଓଡ଼ିଶାର ଐତିହ୍ୟ, ସାଂସ୍କୃତିକ ପରଂପରା ଓ ବନପ୍ରାନ୍ତରକୁ ଭଲପାଇଥିବା କବି ଇଂଲଣ୍ଡ ରହଣି କାଳରେ ଜଗତର ବୈଚିତ୍ର୍ୟ ଅନୁଭବ କରିପାରିଥିଲେ। ଜୀବନର ପ୍ରାରମ୍ଭରେ ଥିବା ମୁଗ୍ଧ ଦୃଷ୍ଟି କ୍ରମଶଃ ଶାଣିତ ଓ ପରିଶୀଳିତ ହେବାକୁ ଆରମ୍ଭ କରିଥିଲା। ତାଙ୍କର ସଂସ୍କୃତି ସଚେତନ ମନ ବିଦେଶ ଯାତ୍ରା ପୂର୍ବରୁ କୌଣସି କୂଳକିନରା ପାଉ ନଥିଲା। ଗତାନୁଗତିକ ରୀତିରେ ଦେଶ ଓ ଜାତି ସଂପର୍କରେ ଉଦ୍‌ବୁଦ୍ଧ ହୋଇ ସେ, ତାଙ୍କର ସୃଷ୍ଟି ମଧ୍ୟରେ ବା ଦୃଷ୍ଟିପାତ କ୍ରମରେ ଯାହା ଆଲୋଚନା କରିଥିଲେ। ତାଙ୍କର ବିଦେଶୀ ରହଣି କାଳର ଗୋଟିଏ କଥା, ତାଙ୍କ ନିଜ ଭାଷାରେ, ଉପସ୍ଥାପିତ କଲେ ସ୍ପଷ୍ଟ ହୋଇଯିବ। ପଶ୍ଚିମ ପଥିକରେ ମାନସିଂହ ଲେଖିଛନ୍ତି: "(ମିସେସ୍ ଡାଏନା ଲାଇଂ, କଳା ବିଦ୍ୟାଳୟର ଅଧ୍ୟାପିକା) ଭାରତର କଳା, ସଂସ୍କୃତି ଓ ଜୀବନଯାପନ ପ୍ରତି ତାଙ୍କର ଶ୍ରଦ୍ଧା ଏକାବେଳେ ଅକୃତ୍ରିମ। ଅନେକ ସମୟରେ ତାଂକ ସଂଗେ ଭାରତୀୟ କଳା ସମ୍ବନ୍ଧରେ ଆଳାପ ହୁଏ। କିନ୍ତୁ ଦେଖିଲି ଓଡ଼ିଶା, ଯାହା କି ହିନ୍ଦୁ କଳାର ଶ୍ରେଷ୍ଠ ପୀଠ ତା' ସମ୍ବନ୍ଧରେ ସେ କିଛି ଜାଣନ୍ତି ନାହିଁ। ମତେ ଏ କଥା ସହ୍ୟ ହେଲା ନାହିଁ। ମୁଁ ବାରମ୍ବାର ତାଙ୍କୁ ଓଡ଼ିଶାର କଳା, ସ୍ଥାପତ୍ୟ ବିଷୟରେ କହିବାରୁ ସେ ଦିନେ କହିଲେ, 'ତୁମେ ଏ ବିଷୟରେ ଗୋଟିଏ ଟକ୍ (ଭାଷଣ) ଦିଅ। ତମେ କ'ଣ ଚାହଁ କହିଲେ ଆମେ ତା'ର ସବୁ ବନ୍ଦୋବସ୍ତ କରିଦେବୁ।' ମୁଁ କେତେକ ବହିର ନାମ ଦେଲି, ସେ ବହି

ସବୁ ଲଣ୍ଡନରୁ ମଗାଇ ଦିଆଗଲା । ସେ ସବୁ ବହିରୁ ବାଛି ବାଛି ଓଡ଼ିଶା କଳାର ଛବିତକର ସ୍ଲାଇଡ୍ କରିବାକୁ କହିଲି । ତା'ପରେ ସେ ସ୍ଲାଇଡ଼ ସାହାଯ୍ୟରେ ମୁଁ ଓଡ଼ିଶାର ମଂଦିର ଓ ମୂର୍ତ୍ତି ମାନଙ୍କ ବିଷୟରେ ଯାହା ଜାଣିଥିଲି ବା ପଢ଼ିଥିଲି, ତାକୁଇ ସମ୍ବଳ କରି ଗୋଟାଏ ଭାଷଣ ଦେଲି । ଏଇ ଭାଷଣ ପରେ ଆଉରି 'ଅନେକ ଜାଗାରୁ ନିମନ୍ତ୍ରଣ ଆସିଲା ।''[୧୮]

ଯାହା ଅନୁମାନ କରାଯାଏ ଯେ ଇଂଲଣ୍ଡ ରହଣି କାଳରେ ହିଁ ତାଙ୍କ ମନରେ କଳା ଓ ସଂସ୍କୃତି ପ୍ରତି ସଚେତନତା ଦେଖାଦେଲା । କାରଣ ୧୯୩୯ ମସିହା ପୂର୍ବରୁ ତାଙ୍କର କୌଣସି ଆଲୋଚନା ଖୁବ୍‌ବେଶୀ ତାତ୍ତ୍ୱିକ ହୋଇଥିବାର ଜଣାଯାଏ ନାହିଁ, ଯାହା ୧୯୩୯ ର ପରବର୍ତ୍ତୀ ଲେଖାରେ ଦୃଷ୍ଟିଗୋଚର ହୁଏ । ପାଶ୍ଚାତ୍ୟ ଦୃଷ୍ଟିଭଂଗୀ ହିଁ ତାଙ୍କୁ କଳା ଓ ସଂସ୍କୃତି ପ୍ରତି ଶ୍ରଦ୍ଧାଶୀଳ କରାଇଛି । ଯାହାର ଫଳ ସ୍ୱରୂପ ସେ କଳା ସଂସ୍କୃତି ସଂପର୍କରେ ଆଲୋଚନା କରିଛନ୍ତି ଓ ଚାର୍ଲସ ଫାବ୍ରୀଙ୍କ ଭଳି ବିଖ୍ୟାତ କଳା ସମାଲୋଚକଙ୍କ ଦ୍ୱାରା ଓଡ଼ିଶାର କଳା ଓ ସଂସ୍କୃତି ସଂପର୍କରେ ଆଲୋଚନା କରାଇଛନ୍ତି ।

ସଂସ୍କୃତିର ସ୍ୱରୂପ ସଂପର୍କରେ ମାନସିଂହ ଲେଖିଛନ୍ତି : ''ପ୍ରକୃତିରେ ମନୁଷ୍ୟ ଯାହା ଯୋଗ କରେ, ତାହାହିଁ ସଂସ୍କୃତି ବା ସଭ୍ୟତା । ପ୍ରକୃତି କେବଳ କଞ୍ଚାମାଲ ଯୋଗାଏ । ମନୁଷ୍ୟକୁ ବିଧାତା ଦେଇଛି ବୁଦ୍ଧି, ଅନୁଭୂତି ଓ କଳ୍ପନା ଯାହା ବଳରେ ସେ ଏଇ କଞ୍ଚାମାଲକୁ ରୂପାନ୍ତରିତ କରି ତାର ସଭ୍ୟତା ଗଢ଼େ । ନଗଣ୍ୟ, ହେୟ ପଥରରୁ ମନିଷ ସୃଷ୍ଟି କରିଛି ଅନୁପମ କୋଣାର୍କ ଓ ତାଜମହଲ, କୀଟବସାରୁ ସୃଷ୍ଟି କରିଛି ମନୋଜ୍ଞ ଚୀନାଂଶୁକ ଏବଂ ଯାହା ଗାଈ, କୁକୁରଠାରେ ସାମୟିକ ଯୌନ ସମ୍ପର୍କ ମାତ୍ର ସେଥିରୁ ବିବର୍ତ୍ତିତ ହୋଇଛି ମାନବିକ ସମାଜର ରୋମାଞ୍ଚକ ପ୍ରଣୟଲୀଳା''[୧୯] ସଂସ୍କୃତି ସୃଷ୍ଟିକରିବାର ଇଚ୍ଛା ମଣିଷର ସହଜାତ ପ୍ରବୃତ୍ତି ଏହା ଆତ୍ମିକ ଓ ମଣିଷ ସହିତ ଏହି ପ୍ରବୃତ୍ତି ଚିରବର୍ତ୍ତମାନ । ଏହାର ବାହ୍ୟ ରୂପ ସଭ୍ୟତା ।

ଭାରତୀୟ ଚଳଣିରେ ଦାନ ଦେବା ଓ ନେବା ଏକ ମହତ କର୍ମ । ଆମ ପୁରାଣ ଓ ପରଂପରା ଦାନ ସଂପର୍କରେ ଅନେକ ଉଚ୍ଚକୋଟୀର ଧାରଣା ବହନ କରି ଆସିଛି । ଦାନଗ୍ରହଣର ଏକ ଅବକ୍ଷୟ ରୂପ ହେଉଛି ଭିକ୍ଷାବୃତ୍ତି । ସାମ୍ପ୍ରତିକ ଦୃଷ୍ଟିରେ ଏହା ଅଧୋଗତିର ଲକ୍ଷଣ ହେଲେ ମଧ୍ୟ ପ୍ରାଚୀନ ଚଳଣିର ମହତ୍ତ୍ୱକୁ ମାନସିଂହଙ୍କର ଇଉରୋପୀୟ ମନ ଠିକ୍ ଭାବରେ ଧରିପାରି ନ ଥିଲା । ଏଣୁ ଆତ୍ମନିର୍ଭରଶୀଳତା ସମ୍ପର୍କରେ ସଚେତନ ମାନସିଂହଙ୍କ ମନ ଏହାକୁ ଅପସଂସ୍କୃତିର ଲକ୍ଷଣ ଭାବରେ ଗ୍ରହଣ କରିନେଇଛି । ପରଉପରେ ନିର୍ଭର କରି ଚଳିବା ଆମ ଦେଶ ଲୋକଙ୍କର ଯେଉଁ କୁଅଭ୍ୟାସ, ତାକୁ ମାନସିଂହ ନିଂଦା କରିଛନ୍ତି । ଭିକ୍ଷାବୃତ୍ତି ଆଚରିବା ବା ପୁରୁଷାନୁକ୍ରମିକ ପରଉପରେ ନିର୍ଭର କରି ଚଳିବା ଯେପରି ଅପସଂସ୍କୃତ ଜାତିର ଲକ୍ଷଣ, ସେହିପରି ଘର ପରିବାର ତଥା ଦେଶର ଖଟିଖିଆଙ୍କ ଉପରେ ନିର୍ଭର କରି ବଂଚିବା ମଧ୍ୟ ମନ୍ଦ ଅଭ୍ୟାସ । ଆତ୍ମନିର୍ଭରତା ଜାତିକୁ ମହତ କରେ ତଥା ସଂସ୍କୃତି-ସଂପନ୍ନ କରିଥାଏ ।

ମାନସିଂହ ଇଉରୋପୀୟ ସଂସ୍କୃତିର କେତେକ ଦିଗକୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ। ସେ ବିଚାର କରନ୍ତି ଯେ ଇଉରୋପୀୟ ସଂସ୍କୃତିର କଠିନ ସମୟାନୁବର୍ତ୍ତିତା, ପ୍ରତ୍ୟେକ କର୍ମରେ ନିପୁଣତା ଓ ସଦାଜାଗ୍ରତ ଦୃଷ୍ଟି, ମାନବସେବାକୁ ଶ୍ରେଷ୍ଠ ମନେ କରିବା, କଠୋର ଶୃଙ୍ଖଳାରେ ବିଶ୍ୱାସ, ହସ୍ତକର୍ମ ପ୍ରତି ଗଭୀର ଶ୍ରଦ୍ଧା ଭଳି ଗୁଣ ସହିତ ଭାରତୀୟ ଚିନ୍ତାର ଗଭୀର ଆଧ୍ୟାତ୍ମିକତାର ସମାହାର ବାପୁଜୀଙ୍କ ନିକଟରେ ଥିବାରୁ ସେ ଭାରତୀୟ ଜନତାର ଶ୍ରଦ୍ଧାର ପାତ୍ର ହୋଇ ପାରିଥିଲେ।

ଅନ୍ୟ ପକ୍ଷରେ ଇଉରୋପୀୟ ସଂସ୍କୃତିର ଅନ୍ୟାନ୍ୟ କେତେକ ଗୁଣପ୍ରତି ମାନସିଂହ ବିଶେଷ ଶ୍ରଦ୍ଧାଶୀଳ ଥିବା ପରି ମନେହୁଏ ନାହିଁ। ପ୍ରାଚୀନ ଗ୍ରୀକ୍ ସଭ୍ୟତାରୁ ଇଉରୋପୀୟ ସଭ୍ୟତାର ବିକାଶ। ଇହଜୀବନ ସର୍ବସ୍ୱ ଗ୍ରୀକ୍ ସଭ୍ୟତା ବହୁକାଳରୁ ଧ୍ୱଂସ ପାଇଥିଲେ ବି ସେହି ଆଦର୍ଶରେ ଅନୁପ୍ରାଣିତ ଇଉରୋପ ନିଜ ସହିତ ସମଗ୍ର ବିଶ୍ୱକୁ ଧ୍ୱଂସ ମୁଖକୁ ଟାଣି ନେଉଛି। ମାତ୍ର ଶାନ୍ତ ନିରୁପଦ୍ରବ ପ୍ରାଚୀନ ଭାରତୀୟ ଆଦର୍ଶ ଆଜି ମଧ୍ୟ ଜୀବନ୍ତ। କିନ୍ତୁ ଏଥିରେ କେତେକ ହାନିକର ତଥା ଗ୍ଲାନିକର ଉପାଦାନ ରହିଯାଇଛି, ଯାହା ଆମର ବ୍ୟକ୍ତିଗତ ତଥା ସାମାଜିକ ଜୀବନକୁ ପଂଗୁ ନିରାନନ୍ଦ ଓ ଛିନ୍ନ ଭିନ୍ନ କରି ପକାଉଛି। ଏଣୁ ମାନସିଂହ 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପୁସ୍ତକରେ ଆଲୋଚନା କରି ଆଶା କରିଛନ୍ତି, ବୋଧହୁଏ ଏ ଜାତିର ମୌଳିକ ଚିନ୍ତା ମଧ୍ୟରେ କିଛି ତ୍ରୁଟି ରହିଯାଇଛି ବା ଦୀର୍ଘ ଦିନର ପରାଧୀନତା, ପ୍ରାକୃତିକ ଦୁର୍ବିପାକରେ ଜାତିର ମେରୁଦଣ୍ଡ ଦୁର୍ବଳ ହୋଇଯାଇଛି। ଏଣୁ ଆର୍ଥନୀତିକ, ସାଂସ୍କୃତିକ ଓ ଶିକ୍ଷାଗତ ଅବକ୍ଷୟ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଆବଶ୍ୟକ। ଆମ ସଂସ୍କୃତି ସଂପର୍କରେ ଚର୍ଚ୍ଚାକରି ଜାତିର ଭବିଷ୍ୟତ ବଂଶଧରକୁ ସଚେତନ କରାଇବା ପାଇଁ ଶିକ୍ଷାନୁଷ୍ଠାନ ମାନଙ୍କର ଗୁରୁ ଦାୟିତ୍ୱ ରହିଛି। ମାନସିଂହ ଲେଖିଛନ୍ତି : 'ପ୍ରତ୍ୟେକ କୁଟୁମ୍ବ-ପତି ଯେପରି ଚାହାନ୍ତି ଯେ ତାଙ୍କ ପିଲେ ତାଙ୍କ ଘରର ମର୍ଯ୍ୟାଦା, ଘର ଚାଲିଚଳଣିକୁ ଯେପରି ବଜାୟ ରଖିବେ, ପ୍ରତ୍ୟେକ ଜାତି ମଧ୍ୟ ସେହିପରି ଚାହିଁବା ସ୍ୱାଭାବିକ ଓ ଉଚିତ ଯେ ସେଇ ଜାତିର ଯାହା ନିଜସ୍ୱ ସଂସ୍କୃତି ତାହା ବଂଚି ରହୁ। ୟୁରୋପର ପ୍ରତ୍ୟେକ ଜାତି ତାଙ୍କର ସ୍କୁଲ କଲେଜ ଭିତର ଦେଇ ଏଇ ଆଦର୍ଶଟିକି ଯତ୍ନର ସହିତ ବଂଚାଇ ରଖନ୍ତି। କିନ୍ତୁ ଆମେ ଆମ ସଂସ୍କୃତି ବିଷୟରେ ପାଟିକରି ଆକାଶ ଫଟାଉ ସତ, ଆମେ ଏତେ ହତଭାଗ୍ୟ ଯେ, ଆମର ବିଦ୍ୟାଳୟ ମାନଙ୍କରେ ଆମ ସଂସ୍କୃତିର ଛଦ୍ମ ପ୍ରକାଶ ମଧ୍ୟ ନାହିଁ।''[୨୦]

ଇଉରୋପୀୟ ସଭ୍ୟତାର ଗ୍ରାସରେ ଭାରତୀୟ ସଂସ୍କୃତିର ମୂଲ୍ୟବୋଧ ବଦଳି ଯାଇଛି। କମଳାୟନ କାବ୍ୟ, ଅନ୍ୱେଷଣ ଉପନ୍ୟାସ ତଥା ବିଭିନ୍ନ ପ୍ରବଂଧରେ ପଲ୍ଲୀ ସଂସ୍କୃତିର ଅବକ୍ଷୟର ଚିତ୍ର ପ୍ରଦତ୍ତ। ପଲ୍ଲୀ ଜୀବନ ଆଧୁନିକ ସହରୀ ସଭ୍ୟତାର ଗ୍ରାସରେ କ୍ରମଶଃ ଧ୍ୱଂସ ପାଇଯାଇଛି। ଗ୍ରାମର ଲୋକେ ସହରାଭିମୁଖୀ ହେଉଛନ୍ତି। ମାନସିଂହଙ୍କ ମତରେ ନବସଭ୍ୟତାର ଘାଆରେ ପଲ୍ଲୀର ସୁସ୍ଥ ଶରୀର ବିକୃତ, ତା'ର ଅନ୍ତର ପଚି ଯାଇଛି, ସହରର ବିଷରେ ପଲ୍ଲୀ ଜରଜର। ଏଠାରେ ସେ ସଂପର୍କରେ ଏତିକି କୁହାଯାଇ ପାରେ ଯେ, ଜୀବନର ଶେଷାର୍ଦ୍ଧରେ ମାନସିଂହ ଅଧିକମାତ୍ରାରେ ସଂସ୍କୃତି ସଚେତନ

ହୋଇ ପଡ଼ିଥିଲେ ଓ ସଂସ୍କୃତି ସଂପର୍କରେ ତର୍ଜମା ଆରମ୍ଭ କରିଥିଲେ। ମାନସିଂହ ସଂସ୍କୃତି ସଂପର୍କରେ ଯେତେମାତ୍ରାରେ ଗବେଷଣା କରି ନାହାନ୍ତି, ସଂସ୍କୃତିର ଅଧଃପତନ ପାଇଁ ତତୋଧିକ ବିବ୍ରତବୋଧ କରିଛନ୍ତି। ମାନସିଂହଙ୍କର ଅଧିକାଂଶ ସଂସ୍କୃତି ସଂପର୍କୀୟ ଆଲୋଚନା ଓଡ଼ିଶା କୈନ୍ଦ୍ରିକ। ଯେଉଁ ସଂସ୍କୃତି ଭିତରେ ସେ ଜନ୍ମଲାଭ କରିଥିଲେ ତା'ର ଧଳା ଓ କଳା ଉଭୟ ଦିଗରୁ ସେ ତାଙ୍କର ଆଲୋଚନା ଦ୍ୱାରା ଆଲୋକିତ କରାଇବା ପାଇଁ ଚାହିଁଛନ୍ତି।

## ଉତ୍କଳୀୟ ସଂସ୍କୃତି :

ଆଦ୍ୟଜୀବନର ଜାତୀୟ ଚେତନା ଦ୍ୱାରା ଅନୁପ୍ରେରିତ ସଂସ୍କୃତିବୋଧ ସଂପ୍ରସାରିତ ଓ ପରିଶୀଳିତ ହେଲାପରେ, ସେ ଓଡ଼ିଶାର ସଂସ୍କୃତିକୁ କିଛିଟା ଭିନ୍ନ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିଛନ୍ତି। ଯାହାକିଛି ଉତ୍କଳୀୟ ସବୁ କିଛି ସୁନ୍ଦର ଓ ମଧୁର, ତାକୁ କେବଳ ଆପଣାର କରାଯାଇ ପାରେ, ବିଚାର କରାଯାଇ ପାରେ ନାହିଁ– ଏହିପରି ଧାରଣା ତାଙ୍କର ପ୍ରାଥମିକ କବିତା ଓ ପ୍ରବନ୍ଧ ମାନଙ୍କରୁ ମିଳିଥାଏ। କିନ୍ତୁ ସଂସ୍କୃତି କହିଲେ କେବଳ ଓଡ଼ିଶାର ସଂସ୍କୃତି ନୁହେଁ ବା ନିର୍ଦ୍ଦିଷ୍ଟ ଭୂମିଖଣ୍ଡର ସଂସ୍କୃତି ନୁହେଁ, ଆଦିମ ମାନବର ଯାହା ଚିତ୍ ପ୍ରକର୍ଷ ଓ ବିକାଶର ହେତୁ ତାକୁ ସେ ମାନବ ସଂସ୍କୃତିର ମୂଳାଧାର ରୂପେ ବିଚାର କରିଛନ୍ତି। ସେ ଅନୁଭବ କରିଛନ୍ତି, ଓଡ଼ିଶାର ସଂସ୍କୃତି ଉନ୍ନତ ନିଶ୍ଚୟ କିନ୍ତୁ ନୂତନ ମୂଲ୍ୟବୋଧ ଦ୍ୱାରା ପରିଶୀଳିତ ନ ହେବା ଫଳରେ ତାହା ମ୍ଳାନ ହୋଇ ପଡ଼ିଛି। ତେଣୁ ସେ ପାଶ୍ଚାତ୍ୟ ମୂଲ୍ୟବୋଧ ପରିପ୍ରେକ୍ଷୀରେ ଓଡ଼ିଶାର ସଂସ୍କୃତି ଓ ଭାରତୀୟ ସାଂସ୍କୃତିକ ଧାରାକୁ ତୁଳନା କରିବାକୁ ଲାଗିଛନ୍ତି। ଓଡ଼ିଆ ମାନଙ୍କର ଦୈନ୍ୟ ଓ ଆର୍ଥନୀତିକ ଅଧଃପତନର କାରଣ ଅନୁସଂଧାନ କରିବାକୁ ଯାଇ ସେ ମନେ ମନେ ସିଦ୍ଧାନ୍ତ କରିଛନ୍ତି ଯେ କୂପମଣ୍ଡୁକତାହିଁ ଏ ଜାତିର ଅବକ୍ଷୟର ପ୍ରଥମ କାରଣ। ଯେତେବେଳେ ଓଡ଼ିଆ ପଥ ଅପଥ ନ ମାନି ସ୍ଥଳପଥରେ ଓ ଅଭୟ ଚିତ୍ତରେ ସାଗର ବୁକୁରେ ବୋଇତ ମେଲିଦେଇ ଯାଉଥିଲା, ସେତେବେଳେ ସେ ଥିଲା ଧନରେ ସମୃଦ୍ଧ ଓ ସାଂସ୍କୃତିକ ଜୀବନରେ ସୁସଂଗଠିତ। 'ପଶ୍ଚିମ ପଥିକ' ଭ୍ରମଣ କାହାଣୀରେ ମାନସିଂହ ସେହି କଥା ଚିନ୍ତା କରିଛନ୍ତି। ''ଆମେ ଓଡ଼ିଆ ଏ ସେଇ ମାଟିକୁ କାମୁଡ଼ି ପଡ଼ିଛୁ– ଆମର ସାହସ ନାହିଁ ଘରୁ ଗୋଡ଼ କାଢ଼ିବାକୁ, ଆମକୁ ଭାତ ମିଳିବ କୁଆଡୁ? ଖାଲି ମାଟିକୁ ଖୋଳିଲେ ମାଟି କେତେ ଦେଉଥିବ? ବୁଦ୍ଧି କି ବିଦ୍ୟାକୁ ଖୋଳିଲେ ସିନା ଅସରନ୍ତି ସଂପତ୍ତି ବାହାରନ୍ତା। ଆମ ଦେଶରେ ସେ ଚେଷ୍ଟା କାହିଁ?''[୨୧]

ସେ ଓଡ଼ିଆ ଜାତିକି କାହିଁକି ଭଲ ପାଆନ୍ତି ତାର କାରଣ ଦେଇ ଲେଖିଛନ୍ତି– ''ମୁଁ ଓଡ଼ିଆ ଜାତିକୁ ତିନୋଟି କାରଣରୁ ଭଲପାଏ।

ପ୍ରଥମ କାରଣ ଅବଶ୍ୟ ଏହି ଯେ, ମୋର ଜନନୀ ମତେ ଯେଉଁ ଭାଷା ଶିଖାଇଥିଲେ ଓଡ଼ିଆ ଜାତି ସେହି ଭାଷା କହେ। ଏହି ଭାଷା ମୋର ରକ୍ତରେ ମିଶି ଯାଇଛି। ଅନ୍ୟ ଯେତେ ଲୋକଙ୍କ ରକ୍ତରେ ଏ ଭାଷା ମିଶିଛି, ସେମାନଙ୍କ ପ୍ରତି ମୋର ଆକର୍ଷଣ ହେବା ସ୍ୱାଭାବିକ୍। ସେହିମାନେ ହିଁ ଓଡ଼ିଆ ଜାତି।

କିନ୍ତୁ ଏ ଆକର୍ଷଣ ଆକସ୍ମିକ। ମୁଁ ଯଦି ବଂଗାଳି ବା ନିଗ୍ରୋ ପରିବାରରେ ଜନ୍ମ ହୋଇଥାନ୍ତି, ତା ହେଲେ ମୋର ଆକର୍ଷଣ ଅନ୍ୟ ପ୍ରକାର ଧରିଥା'ନ୍ତା ଏବଂ ହୁଏତ ମୁଁ ଓଡ଼ିଆ ଜାତିକୁ ଘୃଣା କରିଥାନ୍ତି ବା ହୁଏତ ମୁଁ ଏ ଜାତି ସମ୍ବନ୍ଧରେ ସଂପୂର୍ଣ୍ଣ ଅନ୍ଧ ଥାଆନ୍ତି।

ଓଡ଼ିଆ ଜାତି ପ୍ରତି ମୋର ଆକର୍ଷଣର ଦ୍ୱିତୀୟ କାରଣ ଗୋଟିଏ ସ୍ୱଚ୍ଛନ୍ଦ, ଉନ୍ନତ, ସଭ୍ୟ ଜାତିର ଅଧଃପତନ। ଗ୍ରୀକ୍ ଓ ସେକ୍ସପିଅର ଟ୍ରାଜେଡ଼ି ପ୍ରତି ପାଠକ ଓ ଦର୍ଶକ ମାନଙ୍କର ଯେଉଁ ଆକର୍ଷଣ, ଏ ଆକର୍ଷଣ ତାର ଅନୁରୂପ।

ଓଡ଼ିଆ ଜାତିକୁ ମୁଁ ଭଲ ପାଇବାର ତୃତୀୟ ଓ ଶ୍ରେଷ୍ଠ କାରଣ ଏହି ଯେ, ଓଡ଼ିଆ ଜାତି ଏକ ସ୍ରଷ୍ଟାର ଜାତି। ଓଡ଼ିଆର ସ୍ୱପ୍ନ ଅଛି। ସେ ତାର ସ୍ୱପ୍ନକୁ ଏପରି ଭାବରେ ରୂପ ଦେଇ ପାରିଛି, ଯାହା କେବଳ ସଭ୍ୟତମ ମାନବହିଁ କରିପାରେ।''[୨୨]

ଯେଉଁ ଉତ୍କଳୀୟ ସଂସ୍କୃତି ମାନସିଂହଙ୍କର ଗର୍ବର ବିଷୟ, ସେ ସଂସ୍କୃତି ମହାଭାରତୀୟ ସଂସ୍କୃତିର ଅଂଶ ବିଶେଷ। ବିଭିନ୍ନ ସଂସ୍କୃତିର ମିଳନ ଘଟିଲେ ପରସ୍ପର ମଧ୍ୟରେ କିଛି କିଛି ଉତ୍ତମ ଅଂଶ ବିନିମୟ ମାଧ୍ୟମରେ ପ୍ରସାରିତ ହୋଇଥାଏ। ମାନସିଂହଙ୍କ ମତରେ ଓଡ଼ିଶାର ସଂସ୍କୃତିରେ ବିଭିନ୍ନ ପାର୍ଶ୍ୱର ସଂସ୍କୃତି ମିଶିଛି। ''ଯଦିଓ ଉତ୍କଳବାସୀର ଭାଷା ଇଣ୍ଡୋ-ଏରିଆନ୍ (ଭାରତୀୟ-ଆର୍ଯ୍ୟ) ଗୋଷ୍ଠୀର ଅନ୍ତର୍ଗତ, ଓଡ଼ିଆ ମାନଙ୍କର ଜାତୀୟଜୀବନ ଓ ସଂସ୍କୃତିର ତିନି ଚତୁର୍ଥାଂଶ ନିଶ୍ଚିତ ଭାବରେ ଦ୍ରାବିଡ଼ୀୟ। ନିମ୍ନସ୍ଥ ଏହି ନିବିଡ଼ ଦ୍ରାବିଡ଼ତା ଉପରେ ଆର୍ଯ୍ୟ-ସଂସ୍କୃତିର ଏକ ପତଳା ପଟି କେବଳ ଛାଇଦିଆଯାଇଛି ଯାହାକୁ ହିଁ କୁହାଯିବ ଓଡ଼ିଆ ସଂସ୍କୃତି। ଓଡ଼ିଆ ଗୃହମାନଙ୍କରେ ନିତ୍ୟ ବ୍ୟବହୃତ ଅନେକ ଶବ୍ଦର ମୂଳ ଦ୍ରାବିଡ଼ ଭାଷା ମାନଙ୍କରେ ହିଁ ମିଳିବ ଏବଂ ଓଡ଼ିଆ ମାନଙ୍କର ରୀତିନୀତି ଓ ବେଶଭୂଷା, ଉତ୍ତର ଭାରତୀୟ ଅପେକ୍ଷା, ଦକ୍ଷିଣଭାରତୀୟ ଛାଂଚ ସହିତ ନିକଟତର ବା ଅଧିକ ଆତ୍ମିକ।''[୨୩] ଏହା ସହିତ ଓଡ଼ିଆ ସଂସ୍କୃତିର ବିଶିଷ୍ଟତା ସେ ଜୀବନ ସାରା ଅନୁଭବ କରିଛନ୍ତି। ଅତୀତର ଆଦିମ ଅଧିବାସୀ ଓଡ୍ରମାନେ ପୂର୍ବ ଭାରତର ଏହି ରାଜ୍ୟଟିକୁ ଦେଇଛନ୍ତି ନୂତନ ପ୍ରାତିସ୍ୱିକତା। ଏହି ପ୍ରାତିସ୍ୱିକତା ତାର ଭାଷା ଓ ଚଳଣିରେ ପରିସ୍ଫୁଟ।[୨୪]

ଓଡ଼ିଶାର ସଂସ୍କୃତି କହିଲେ କେତେକ ବୁଝନ୍ତି ଜଗନ୍ନାଥ ସଂସ୍କୃତି। ଜଗନ୍ନାଥ ଓଡ଼ିଆର ଜାତୀୟ ଜୀବନକୁ ଏପରି ପ୍ରଭାବିତ କରିଛନ୍ତି ଯେ, ଜଗନ୍ନାଥଙ୍କୁ ଛାଡ଼ିଦେଲେ ସେମାନଙ୍କ ହୃଦୟରେ ଓଡ଼ିଆର ଜାତୀୟ ଜୀବନର ସ୍ଥିତି ଅସମ୍ଭବ। ମାନସିଂହଙ୍କ ଭାଷାରେ— ''ଜଗନ୍ନାଥ ମହାପ୍ରଭୁ ଏପରି ଭାବରେ ନିଜକୁ ସଂପୂର୍ଣ୍ଣ ରୂପେ ଓଡ଼ିଶାର ଅଧିବାସୀ ବା ଓଡ଼ିଆମାନଙ୍କ ସହିତ ଏପରି ସାମିଲ କରିଦେଇଥିବା ଯୋଗୁଁ ଓଡ଼ିଆମାନେ ମଧ୍ୟ ନିଜ ସଂସ୍କୃତିର ସବୁ କିଛି ଉତ୍କୃଷ୍ଟ ଜିନିଷ ଯଥା:— ନୃତ୍ୟ ଓ କାବ୍ୟ, କବିତା, ଚଳନ ପ୍ରଣାଳୀ ଓ ବିଳାସ ବ୍ୟସନ ବୋଲି ମନେ କରାଯାଉଥିବା ଅନ୍ୟାନ୍ୟ ଦ୍ରବ୍ୟ ଜଗନ୍ନାଥଙ୍କ ସେବାରେ ବିନିଯୋଗ କରିଦେଇଛନ୍ତି। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ବାହାରର ପ୍ରଭାବରେ ପ୍ରଭାବିତ ହୋଇ ନ ଥିବା ଓଡ଼ିଶାର ଜୀବନଯାପନ ପ୍ରଣାଳୀରେ,

ଯାହାକିଛି ସର୍ବୋତ୍କୃଷ୍ଟ ସେ ସବୁର ରକ୍ଷକ ହେଲେ ଜଗନ୍ନାଥ। ନିଜର ରୋଷଘରେ କଳ ତିଆରି ଚିନି, ଗୋଲ ଆଳୁ ବା ବଂଧାକୋବି ବା ବିଲାତି ବାଇଗଣ ଆଦି ନୂଆ ପ୍ରକାର ଖାଦ୍ୟ ଉତ୍ପାଦନ ସବୁର ବ୍ୟବହାର କଡ଼ାକଡ଼ି ଭାବରେ ନିଷେଧ କରିବା ଦ୍ୱାରା ଜଗନ୍ନାଥ ଭାରତ ବର୍ଷର ହିନ୍ଦୁ ଦେବ ଦେବୀଙ୍କ ମଧ୍ୟରେ ସର୍ବାପେକ୍ଷା ଅଧିକ ସ୍ୱଦେଶୀ।''[୨୫] ଜଗନ୍ନାଥ ସଂସ୍କୃତି ଭିତରେ ବହୁ ବିଶ୍ୱାସ ଓ ବହୁ ଧାର୍ମିକ ସତ୍ୟର ସମାହାର ସେ ଲକ୍ଷ୍ୟ କରିଛନ୍ତି। ବେଦରେ କୁହାଯାଇଥିବା ''ଏକଂ ସତ୍, ବିପ୍ରଃବହୁଧା ବଦନ୍ତି'' ଶ୍ଳୋକର ମୂର୍ତ୍ତିରୂପ ସେ ଜଗନ୍ନାଥଙ୍କ ଠାରେ ଲକ୍ଷ୍ୟ କରିଛନ୍ତି।[୨୬]

ଗତ ଏକଶତ ବର୍ଷ ହେଲା ଓଡ଼ିଶାର ସଂସ୍କୃତିକୁ ଜଗନ୍ନାଥ ସଂସ୍କୃତି ରୂପରେ ଅଭିହିତ କରାଯାଉଛି। ଓଡ଼ିଶା ଜାତୀୟତାର କେଂଦ୍ରବିନ୍ଦୁ ରୂପେ ଜଗନ୍ନାଥ ହିଁ ଉଭା ରହିଛନ୍ତି। ଚଳିତ ଶତାବ୍ଦୀରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସାଂସ୍କୃତିକ ଆଲୋଚନା ଜଗନ୍ନାଥଙ୍କୁ ଓଡ଼ିଶାର ପ୍ରାଣପୁରୁଷ କରିବାରେ ଆହୁରି ସହାୟକ ହୋଇଛି। ଓଡ଼ିଶା ଅତୀତରେ ସାମନ୍ତମାନଙ୍କର ଅଧିଗତ ଥିଲା। ତେଣୁ ସାମନ୍ତ ସଂସ୍କୃତି ଥିଲା ସ୍ୱୀକୃତ ସଂସ୍କୃତି। ଜଗନ୍ନାଥ ସାମନ୍ତ ଦେବତା। ଓଡ଼ିଆ ଗଜପତି ମାନଙ୍କର କ୍ଷମତାର ମାପକାଠି। କ୍ଷମତା ଶୂନ୍ୟରେ ତିଷ୍ଠି ରହିପାରେ ନାହିଁ, ସେ ଅନ୍ୟକୁ ଯେଭଳି ନିଜର କବଳିତ କରିବାକୁ ଚେଷ୍ଟା କରେ, ସେହିଭଳି ଅନ୍ୟର ସ୍ଥିତିକୁ ମଧ୍ୟ ସ୍ୱୀକାର କରିନିଏ। ଜଗନ୍ନାଥଙ୍କର ରୀତିନୀତି, ଆଚାର ଅନୁଷ୍ଠାନ ଭିତରେ ଏହି ପାରସ୍ପରିକ ଦେବା ନେବା ସ୍ପଷ୍ଟ। କିନ୍ତୁ ସେହି ଭିତ୍ତିରେ ଯଦି କୁହାଯାଏ, ଓଡ଼ିଶାର ସଂସ୍କୃତିକୁ ଜଗନ୍ନାଥ ସଂସ୍କୃତି, ତାହେଲେ ଓଡ଼ିଶାର ଅଧିକାଂଶ ଲୋକଙ୍କର କୌଣସି ସଂସ୍କୃତି ନାହିଁ ବା ସେମାନେ ଓଡ଼ିଆ ସଂସ୍କୃତିର ଅଂଶ ନୁହନ୍ତି ବୋଲି ସ୍ୱୀକାର କରିବାକୁ ପଡ଼ିବ। ସଂସ୍କୃତି ସମାଜ ଭିତରୁ ଗଢ଼ିଉଠେ, ରାଷ୍ଟ୍ରଦ୍ୱାରା ପରିଚାଳିତ ହୁଏ ନାହିଁ। କ୍ଷମତା ଭିତରୁ ସୃଜନ ଧର୍ମ ଜନ୍ମ ନିଏ ନାହିଁ, ସେହିଭଳି ରାଷ୍ଟ୍ର ଭିତରୁ ସଂସ୍କୃତି ଜନ୍ମନିଏ ନାହିଁ। ରାଷ୍ଟ୍ର ଯେତେବେଳେ ସଂସ୍କୃତି ସୃଷ୍ଟି କରିବାକୁ ଚେଷ୍ଟାକରେ, ସେତେବେଳେ ସେ କ୍ଷମତାର ପ୍ରତୀକଗୁଡ଼ିଏ ହିଁ ସୃଷ୍ଟିକରେ। ରାଷ୍ଟ୍ର ପ୍ରକୃତରେ ସଂସ୍କୃତି ସୃଷ୍ଟି କରିପାରେ ନାହିଁ; ରାଷ୍ଟ୍ରର ଏକ-କୈନ୍ଦ୍ରିକତା ସଂସ୍କୃତିର ବିଲୋପହିଁ କରିଥାଏ। ଓଡ଼ିଶାର ସଂସ୍କୃତି କ୍ଷେତ୍ରରେ ଜଗନ୍ନାଥ ଓ ଜନତା ଏହି ପାରସ୍ପରିକ ସ୍ୱୀକରଣ ଫଳରେ କେହି କାହାକୁ ଗ୍ରାସ କରିପାରି ନଥିଲେ। ବର୍ତ୍ତମାନ ସେହି ସହଯୋଗକୁ ଧ୍ୱଂସ କରିବାର ଚେଷ୍ଟା ଚାଲିଛି। ଜୀବନର ସାୟାହ୍ନ ପର୍ଯ୍ୟନ୍ତ ମାନସିଂହ ସେ ଚେଷ୍ଟାରେ ସହଯୋଗ କରିନାହାନ୍ତି।

## ସାମାଜିକ ଜୀବନ :

ଜଗନ୍ନାଥ ଧର୍ମ ଓଡ଼ିଶାର ସାଂସ୍କୃତିକ ଜୀବନର କେନ୍ଦ୍ରରୂପେ ସ୍ୱୀକୃତ ହେବାରୁ ଓଡ଼ିଶାର ସାମାଜିକ ଜୀବନ କ୍ରମଶ କ୍ଷୟିଷ୍ଣୁ ଅବସ୍ଥାରେ ପହଂଚିଛି, ଅନ୍ୟ ଭାଷାରେ ଏହା ଏକ ସାସ୍କୃତିକ ଅଧଃପତନର ଫଳ। ଓଡ଼ିଶାର ସାମାଜିକ ଜୀବନ ସଂପର୍କରେ ମାନସିଂହ ଇଂଲଣ୍ଡ ପ୍ରବାସ ପରେ ଅଧିକ ବିଚାର କରିବାକୁ ଲାଗିଲେ। ତାଙ୍କ ସିଦ୍ଧାନ୍ତକୁ

ସହାୟତା କଲାଭଳି ବିଚାରବୋଧ ସେ ପାଶ୍ଚାତ୍ୟ ଚିନ୍ତା ମଧ୍ୟରୁ ପାଇଲେ "ପ୍ରାୟ ଦୁଇ ବର୍ଷକାଳ ଇଂଲଣ୍ଡରେ ରହିବା ଫଳରେ ଏବଂ ସେ ଦେଶର ସାମାଜିକ ଜୀବନର ପ୍ରତ୍ୟକ୍ଷ ସଂପର୍କରେ ଆସିବା ଫଳରେ ଆମ ଦେଶର ସାମାଜିକ ଜୀବନ ଆଡ଼କୁ ମୋ ମନରେ କେତେଗୁଡ଼ିଏ ପ୍ରତିକ୍ରିୟା ବହୁ ଦିନରୁ ଜାତ ହୋଇଅଛି।"[୨୭]. ସମାଜକୁ ସାଧାରଣତଃ ଗୋଟିଏ ସମୁଦ୍ର ସଂଗରେ ତୁଳନା କରାଯାଇ ପାରେ, ଯେଉଁଥିରେ କି ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ନୀର ବିନ୍ଦୁ, ପ୍ରତ୍ୟେକ ଅଭିନ୍ନ ଓ ସମ୍ବନ୍ଧାନ୍ୱିତ। ମାତ୍ର ଓଡ଼ିଆ ସମାଜରେ ସେ ସତ୍ୟ ନାହିଁ। ଏଠାରେ ବ୍ୟକ୍ତି ଓ ସମାଜର ସମ୍ବନ୍ଧ ଶିଥିଳ। "ଏଠି ସମାଜ ଗୋଟିଏ ଅଭିନ୍ନ ଗୋଷ୍ଠୀ ନ ହୋଇ, ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ପରିବାର, ଗୋଷ୍ଠୀ ସମାବେଶ ମାତ୍ର। ଏଠି ବ୍ୟକ୍ତି ଓ ସମାଜ ମଧ୍ୟରେ ବର୍ଣ୍ଣ ଓ କାଷ୍ଟ ପ୍ରଭୃତିର ପାଚେରୀ ଠିଆ ହୋଇ ପରସ୍ପରକୁ ବହୁଧା ଛିନ୍ନ ବିଚ୍ଛିନ୍ନ କରି ସହସ୍ର ସହସ୍ର କ୍ଷୁଦ୍ର ବୃତ୍ତ ସୃଷ୍ଟି କରିଅଛି। ତେଣୁ ଓଡ଼ିଆ ସମାଜକୁ ମୁଁ ସମୁଦ୍ରର ଉପମାଦେଇ ପାରୁ ନାହିଁ। ବରଂ ଏହା ଏପରି ଗୋଟିଏ ଦୃଶ୍ୟ ସଂଗେ ତୁଳନା କରାଯାଇ ପାରେ– ଗୋଟିଏ ବିରାଟ ଭୂମି, ଯହିଁରେ ଜଳ ଭଣ୍ଡାର ରହିବା ପରିବର୍ତ୍ତେ ରହିଛି ଅଗଣିତ ଛୋଟ ଛୋଟ ଚୁଆ, ଯେଉଁଥିରେ ପାଣି ଏତେ ପଂକିଳ ଓ ଅଗଭୀର ଯେ ସେଠି ବଡ଼ମାଛର ଜନ୍ମ ଓ ବୃଦ୍ଧି ଅସମ୍ଭବ, ତେଣୁ ସେଠି ଅଛନ୍ତି ଓ ରହି ପାରନ୍ତି କେବଳ ଛୋଟ ମୀନ। ଫଳରେ ଓଡ଼ିଆମାନେ, ଛୋଟ ଚୁଆରେ ଚୋଟ ମୀନ ବଂଚିଲା ପରି ସଂକୁଳିତ, ଆନନ୍ଦ ବର୍ଜିତ, ସ୍ୱାଧୀନତା-ବର୍ଜିତ ଦୁଃଖମୟ ଜୀବନ ଯାପନ କରୁଅଛନ୍ତି।"[୨୮]

ଭାରତୀୟ ସଂସ୍କୃତିର ପାରିବାରିକ ଜୀବନକୁ ସେ କେତେବେଳେ ପସଂଦ କଲାବେଳେ ଅନ୍ୟସମୟରେ ଓଡ଼ିଆ ଯୌଥ ପରିବାରକୁ ନିନ୍ଦା କରିଛନ୍ତି। ଆମ ଦେଶର ନିର୍ଭରଶୀଳ ପାରିବାରିକ ଜୀବନ ହିଁ ସାଂସ୍କୃତିକ ବିପର୍ଯ୍ୟୟର ଅନ୍ୟତମ କାରଣ। ବିବାହ ସାମାଜିକ ଜୀବନର ଏକ ମୁଖ୍ୟ ଅଂଗ। ଆମ ଦେଶର "ତରୁଣ ତରୁଣୀଙ୍କୁ ଛନ୍ଦାଛନ୍ଦି କରିବାର ଦାୟିତ୍ୱ ପିତା ମାତାଙ୍କର। ପୁଅ ବା ଝିଅକୁ ବିବାହ ନ କରାଇ ପାରିଥିଲେ, ବାପା ବା ମା ଶାନ୍ତିରେ ମରିପାରନ୍ତି ନାହିଁ। ନାତି ନାତୁଣୀ ଦେଖିବା ପାଇଁ ଏକ ଅବାଂଛନୀୟ ପ୍ରୟାସ ମଧ୍ୟ ଏଥିରେ ନିହିତ। ଏକ ଚାଳତଳେ ବାପ ମା' ଓ ପୁଅ ଝିଅଙ୍କର ବଂଶ ବୃଦ୍ଧି ସମାନ ଗତିରେ ଚାଲିଛି ଏବଂ ସର୍ବ ମୁଖରେ ଆହାର ଦେବାର ଦାୟିତ୍ୱ ମୂଳ ଗୃହସ୍ତର"[୨୯] କିନ୍ତୁ ଶ୍ୱେତାଂଗ ଜାତିରେ ଏହି ବିବାହଟା ତରୁଣ ସମାଜର ନିଜ ଦାୟିତ୍ୱ। ସେମାନେ ଉପାର୍ଜନ କ୍ଷମ ହେଲେ ନିଜେ ବଛାବଛି ହୋଇ ବିବାହ କରିବେ। ଆମ ପରିବାରମାନଙ୍କର ଅଂଧ ବୁଝାମଣା ବା ଅଦୂରଦର୍ଶିତାର ଏହା କାରଣ ହୋଇପାରେ, ମାତ୍ର ଭାରତୀୟ ପରିବାରରେ ଯେଉଁ ସାଂସ୍କୃତିକ ତଥା ସାମାଜିକ ବଂଧନ ରହିଛି, ଯାହାକି ଆମ ଜଳବାୟୁ ପାଇଁ ଉପଯୋଗୀ ତଥା ଆମ ସଂସ୍କୃତିର ନିଜସ୍ୱ, ତାକୁ ପାଶ୍ଚାତ୍ୟ ନିକିତିରେ ତଉଲିବା ବିଡ଼ମ୍ବନା ମାତ୍ର। ମାନସିଂହ ସେ ଦୃଷ୍ଟିରୁ ଆମ ପାରିବାରିକ ଜୀବନକୁ ସମାଲୋଚନା କଲେ ମଧ୍ୟ ନିଜେ ଏକ ବ୍ୟବସ୍ଥିତ ଶାନ୍ତିମୟ ପାରିବାରିକ ଜୀବନ ଚାହିଁଛନ୍ତି। 'କମଳାୟନ' କାବ୍ୟରେ ଆଧୁନିକ ଜୀବନ ମଧ୍ୟରେ ଏହିପରି ଗୋଟିଏ ପରିବାର ଚାହିଁଛନ୍ତି, ଯେଉଁ ପରିବାର ମଧ୍ୟରେ କମଳର ସ୍ତ୍ରୀ ପରି ଜଣେ ସ୍ତ୍ରୀ ଲୋଡ଼ା। ଯିଏକି–

''ସ୍ନାନ ସାରି ହୁଏ ସ୍ୱାମୀ ବିନୀତ ସେବିକା।
ଘର ଲିପେ, ଚୁଲି ଧରେ, ଅନ୍ନ ଓ ବ୍ୟଂଜନ
କରାଇ, ସ୍ୱାମୀରେ ଡାକି କରାଏ ଭୋଜନ
ସ୍ୱାମୀ ପରେ ସ୍ୱାମୀ ଥାଳେ ଖାଇ ଆନନ୍ଦରେ,
ଧ୍ୟାନ କରେ, ମିଳୁ ଏହା ଜନ୍ମ ଜନ୍ମାନ୍ତରରେ।''[୩୦]

ଓଡ଼ିଶାର ସାମାଜିକ ଜୀବନ ଆଲୋଚନା କଲାବେଳେ, ସେ ଗ୍ରାମର ଥିବା ସ୍ୱୟଂସଂପୂର୍ଣ୍ଣତାକୁ ବେଳେ ବେଳେ ଉଚ୍ଚସ୍ଥାନ ଦେଇଛନ୍ତି। 'ଦି ସାଗା ଅଫ ଦି ଲ୍ୟାଣ୍ଡ ଅଫ ଜଗନ୍ନାଥ' ପୁସ୍ତକରେ ଓଡ଼ିଆ ଗ୍ରାମର ସାଂସ୍କୃତିକ ଭିତ୍ତିକୁ ସମ୍ମାନ ଜଣାଇଛନ୍ତି। ଓଡ଼ିଆ ଗ୍ରାମରେ ବହୁ ଜାତିଙ୍କର ସହାବସ୍ଥାନ ଏହାର ଜାତିପ୍ରଥାକୁ ଶିଥିଳ କରିଛି, ଏକ ସୁସ୍ଥ ସମାଜ ଜୀବନର ମୂଳଦୁଆ ଏହି ଏକକ ଗ୍ରାମ ହିଁ ସ୍ଥାପନ କରିଛି। ତା'ର ଭାଗବତ ଘର, ଚାଟଶାଳୀ, ଜୀବନଯାତ୍ରା ଓ ପାରିପାର୍ଶ୍ୱିକ ସହଯୋଗ, ଗ୍ରାମ ଜୀବନ ଦେଇ ହିଁ ଗଢ଼ିଉଠିଛି।

ମାନସିଂହଙ୍କ ମନରେ ପାଶ୍ଚାତ୍ୟ ଜଗତର ଆଧୁନିକ ମୂଲ୍ୟବୋଧ ଓ ଅତୀତ ପ୍ରତି ଆସକ୍ତି– ଉଭୟ ମଧ୍ୟରେ ଏକ ଦ୍ୱନ୍ଦ ଥିଲା। ଗ୍ରାମ୍ୟ ଜୀବନର ସୁସ୍ଥତା ତଥା ସହଯୋଗ ତାଙ୍କୁ ଆକୃଷ୍ଟ କଲାବେଳେ, ପାଶ୍ଚାତ୍ୟ ଜୀବନର ପ୍ରଗତିଶୀଳତା ତାଙ୍କୁ ପ୍ରଲୁବ୍ଧ କରିଛି। ଜୀବନ ଉପରେ ଅର୍ଥନୀତିର ପ୍ରଭାବ ସଂପର୍କରେ ସେ ସଚେତନ ନ ଥିବାରୁ ବା ଉତ୍ପାଦନବ୍ୟବସ୍ଥା ସମାଜବ୍ୟବସ୍ଥାକୁ ନିୟନ୍ତ୍ରଣ କରେ ଓ ସମାଜବ୍ୟବସ୍ଥାରୁ ସଂସ୍କୃତି ଗଢ଼ି ଉଠେ, ଏହା ସ୍ୱୀକାର କରିବାକୁ ସେ ପରାଙ୍ମୁଖ ଥିବାରୁ, ସେ ଏହି ସ୍ୱବିରୋଧର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶାର ଯୌଥ ପାରିବାରିକ ଜୀବନ କୃଷି ଭିତ୍ତିକ ସାମନ୍ତବାଦୀ ଅର୍ଥନୀତିର ଫଳଶ୍ରୁତି। ଇଉରୋପରେ ଏକକ ପରିବାର ଓ ବ୍ୟକ୍ତି ସ୍ୱାଧୀନତା ପୁଂଜିବାଦୀ ଅର୍ଥନୀତିର ବିକାଶ ସହ ସଂପୃକ୍ତ। ମାନସିଂହ ମାନସିକ ସ୍ତରରେ ଗୋଟିଏ ସହ ଜଡ଼ିତ ହୋଇଥିଲା ବେଳେ ବିଚାର କଲାବେଳେ ଅନ୍ୟଟିକୁ ଗୁରୁତ୍ୱ ଦେଇଛନ୍ତି।

**ଖାଦ୍ୟ:**

ଖାଦ୍ୟ ସାମଗ୍ରୀର ନିର୍ବାଚନ, ରଂଧନ ଓ ପରିବେଷଣ ମଧ୍ୟରେ ଜାତିର ଚଳଣି ପ୍ରକାଶ ପାଇଥାଏ। ଓଡ଼ିଆର କଳା ନୈପୁଣ୍ୟ ତାହାର ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ସହିତ ଓତଃପ୍ରୋତ ଜଡ଼ିତ। ଅତିଥିବତ୍ସଳତା ଆମ ସଂସ୍କୃତିର ଅନ୍ୟତମ ବୈଶିଷ୍ଟ୍ୟ। ଅଭାବରୁ ସ୍ୱଭାବ ନଷ୍ଟ ହେଲା ପରି, କ୍ରମାଗତ ଦାରିଦ୍ର୍ୟ, ଶୋଷଣ, ଅତ୍ୟାଚାର ଓ ପରାଧୀନତା ମଧ୍ୟରେ ଓଡ଼ିଆ ସଂସ୍କୃତିର ଅବକ୍ଷୟ ଦେଖା ଦେଇଛି। ସଂପ୍ରତି ଓଡ଼ିଶାର ରଂଧନ ଭୋଜନ ଓ ଖାଦ୍ୟ ନିର୍ବାଚନ ଅତି ନିମ୍ନମାନର ହୋଇଯାଇଛି। ମାନସିଂହ ଇଂଲଣ୍ଡ ରହଣି କାଳରେ ସେଠାକାର ସଭ୍ୟତାକୁ ତୁଳନା କରିବା ସଂଗେ ସଂଗେ ଓଡ଼ିଆ ଖାଦ୍ୟ ପ୍ରସ୍ତୁତିରେ ସଂସ୍କୃତିର ରୂପ ଦେଖି ଓଡ଼ିଆ ରଂଧନ ପ୍ରଣାଳୀର ନିନ୍ଦା କରିଅଛନ୍ତି। ସେ କହନ୍ତି– ''ଆମଦେଶର ଗୃହସ୍ଥ ଏବଂ ଗୃହିଣୀମାନଙ୍କର ଧାରଣା ନାହିଁ ଯେ, ଖାଦ୍ୟ ଜାତିର ଚରିତ୍ର ଉପରେ କ୍ରିୟା କରେ। ଆମ୍ଭମାନଙ୍କର ଘରେ ବଳଦ ପାଇଁ କୁଳୁଚି

ରଂଧା ହେଲା ପରି ଗୁଡ଼ାଏ ରଂଧା ହୁଏ। ଅନ୍ୟ ପକ୍ଷରେ ବଡ଼ ଲୋକଙ୍କ ଘରେ ରଂଧନ ଏପରି ଏକ ଜଟିଳ ପ୍ରଣାଳୀରେ ପରିଣତ ହୁଏ, ଯେଉଁଥିରେ ଶ୍ରମ ଓ ଅର୍ଥର ପ୍ରଚୁର ବ୍ୟୟ ହୁଏ, କିନ୍ତୁ ଖାଦ୍ୟରୁ ତାର ପ୍ରାଣ ଲୁପ୍ତ ପ୍ରାୟ ହୁଏ।''[୩୧] ଦାରିଦ୍ର୍ୟରୁ ବହୁ ଆହାର ଓ ଅନ୍ୟଚଳଣିର ପ୍ରଭାବରୁ ଜଟିଳ ପ୍ରଣାଳୀର ଆହାରକୁ ମାନସିଂହ ନିନ୍ଦା କରିଥିଲେ ମଧ୍ୟ, ଓଡ଼ିଆ ପଲ୍ଲୀ ଜୀବନରେ ଖାଦ୍ୟ ପ୍ରଣାଳୀର ଯେଉଁ ସ୍ୱାତନ୍ତ୍ର୍ୟ ଓ ସାଂସ୍କୃତିକ ପ୍ରବାହ ରହିଛି, ତାକୁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରିଛନ୍ତି। ଅନ୍ୱେଷଣ ଉପନ୍ୟାସରେ ଓଡ଼ିଆ ଖାଦ୍ୟ ପ୍ରଣାଳୀକୁ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ଶ୍ରୀକଣ୍ଠ ଚରିତ୍ର ମୁଖରେ ଓଡ଼ିଆର ବ୍ୟଂଜନ, କଂକଡ଼ାର ମହୁର, ଚାଉଳିଆ ପାଚୁଆର ଖଟା, ମାଛ ମଂଜିର ବରା, ନଡ଼ିଆ ଖିରି, ପୁରିକାକରା, ଛେନାପୁଳି ଇତ୍ୟାଦି ଖାଦ୍ୟ ସଂପର୍କରେ ଆଲୋଚନା କରିବା ସମୟରେ ମାନସିଂହ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ଆଜି ଓଡ଼ିଶା ବଂଗଳାର ପ୍ରଭାବରେ କ୍ରମେ ଦେହ ଓ ମନରେ ଧ୍ୱଂସ ହେବାକୁ ବସିଲାଣି। ଲୋକେ ପୂର୍ବର ଦୁଧ ଦହି, ଚହ୍ଲାଖିଆ ଅଭ୍ୟାସ ଛାଡ଼ି, ଚା'ରେ ଏବେ ବୁଡ଼ି ରହିଲେଣି। ଚୁଡ଼ାଗୁଡ଼ ନଡ଼ିଆର ପୁଷ୍ଟିକର ନିର୍ଦ୍ଦୋଶ ଖାଦ୍ୟ ପରିବର୍ତ୍ତେ ଗାଁଏ ଗାଁଏ ମିଶା ତେଲ ବା ଡାଲଡ଼ାର ଭଜା ପୁରୀ ତରକାରୀ ପକୁଡ଼ିର ଦୋକାନରୁ ଖାଇବାରେ ବ୍ୟସ୍ତ। ମାନସିଂହ ଏହାକୁ ସାଂସ୍କୃତିକ ଅବକ୍ଷୟ ତଥା ରୁଚିର ବିକାର ଅବସ୍ଥା ବୋଲି କହିଛନ୍ତି।

ଏହି ପ୍ରକାର ଖାଦ୍ୟପେୟଗତ ପରିବର୍ତ୍ତନହିଁ ଜାତୀୟ ଜୀବନର ଅଧୋଗତି ପାଇ ପଥ ଉନ୍ମୋଚନ କରିଛି। 'ସୁସ୍ଥଶରୀର' ପ୍ରବଂଧରେ ଏହି ବିଷୟ ବ୍ୟାପକ ଭାବରେ ଆଲୋଚନା କରି ମାନସିଂହ ଲେଖିଛନ୍ତି ଯେ– ଜାତୀୟ ଜୀବନର ଉନ୍ନତି କରିବାକୁ ହେଲେ– ''ଦେଶବାସୀଙ୍କର ଅନେକ ଦୁରଭ୍ୟାସ ମଧ୍ୟ ତୁରନ୍ତ ଛାଡ଼ିବା ଉଚିତ। ଦେଶରେ ଦୁଧ ଦୁଷ୍ପ୍ରାପ୍ୟ ହେବାର ପ୍ରଧାନ କାରଣ ହେଉଛି, ସହରର ଗଳି କଂଦିରେ ଗୁଡ଼ିଆ ଦୋକାନ ଓ ସେ ଦୋକାନମାନଙ୍କରେ ଦୁଧ ଜିନିଷର ମିଠାଇ ତିଆରି। ଏ ବ୍ୟାଧି ବଂଗଳାରୁ ଆସିଛି ଓଡ଼ିଶାକୁ। ଓଡ଼ିଆ ଘରର ପିଠା ପଣାରେ ବିରି, ଚାଉଳ, ନଡ଼ିଆ, ଗୁଡ଼, ଘିଅ ହିଁ ପ୍ରଧାନ ଉପାଦାନ। ଜଗନ୍ନାଥ ଦେଉଳରେବି ଏହି ବ୍ୟବସ୍ଥା, କିନ୍ତୁ ବଂଗାଳୀ ମିଠାଇର ପ୍ରଧାନ ଉପାଦାନ ହେଲା ଛେନା। ପାଂଚ ସେରେ ଖାଣ୍ଟିଦୁଧ ନଷ୍ଟକଲେ ସେରେ ଛେନା ମିଳିବ। ଆଜି କଟକର ଗୁଡ଼ିଆ ଦୋକାନକୁ ମହଣ ମହଣ ଛେନା ଯୋଗାଇବା ପାଇଁ ଓ ଚା ଦୋକାନମାନଙ୍କୁ ଦୁଧ ଯୋଗାଇବା ପାଇଁ, ଶତ ଶତ ଗାଁ ଏକାବେଳେକେ ଦୁଗ୍ଧ ଶୂନ୍ୟ। ଏ ଏକ ଜାତୀୟ ବିପତ୍ତି, ଯାହାକୁ ନାହିଁ ସରକାର, ନାହିଁ ଲୋକେ ଦୃଷ୍ଟି ଦେଉଛନ୍ତି। ମିଠେଇ ଜିନିଷଟା ସ୍ଥାୟୀ ଚିଜରେ ତିଆରି କରାଯିବାର କଥା। ଇଉରୋପୀୟମାନଙ୍କର ପିଠା ମିଠାଇ ମଧ୍ୟ ସେହିପରି। ଆମଘର ମାନଙ୍କର ଆରିଶା ପିଠା ମାସ ମାସ ଧରି ରହେ। କିନ୍ତୁ ଛେନାର ମିଠାଇ ସଦ୍ୟ କରିବ, ସଦ୍ୟ ଖାଇବ।''[୩୨]

ପ୍ରାଚୀନ ଉତ୍କଳର ଲୋକମାନେ ଏପରି ମିଶ୍ରିତ ଖାଦ୍ୟ ଖାଉ ନ ଥିଲେ। ସେମାନେ ନିଜସ୍ୱ ଖାଦ୍ୟ ଓ ସ୍ୱକୀୟ ଚିନ୍ତାରେ ଓଡ଼ିଶାର ସାଂସ୍କୃତିକ ଜୀବନକୁ ଜୀବନ୍ତ କରି ରଖିଥିଲେ। ମାନସିଂହଙ୍କ ଭାଷାରେ— ''ଯେଉଁମାନେ କୋଣାର୍କ ଗଢ଼ିଥିଲେ ସେମାନେ

ରସଗୋଲ୍ଲା ଦେଖି ନ ଥିଲେ, ବା ପୁରୀ ଓ ମାଂସ ତରକାରୀ ଚାଖି ନଥିଲେ। ଓଡ଼ିଶା ମାଟିରେ ଯାହା ଜନ୍ମୁଥିଲା, ସେହି ଭାତ, ଦୁଧ, ମାଣ୍ଡିଆ, ବିରି, ନଡ଼ିଆ, କଦଳୀ ଖାଇ ସେମାନେ ଅଦ୍‌ଭୁତକର୍ମା ହୋଇ ପାରିଥିଲେ। ଦେଶର ଧନ ଦେଶରେ ରହୁଥିଲା, ଜାତିର ସ୍ୱାସ୍ଥ୍ୟ ମଧ୍ୟ ଅକ୍ଷୁଣ୍ଣ ରହୁଥିଲା। ଆମେ ତାଙ୍କ ତୁଳନାରେ କି ଛାର। ଆମେ ତାଙ୍କରି ସାଧା ଜୀବନର ଅନୁକରଣ ନ କରିବା କାହିଁକି?''[୩୩]

## କଳା ଓ ସାହିତ୍ୟ

କଳା ଓ ସାହିତ୍ୟ ସାମାଜିକ ଓ ସୃଷ୍ଟିଧର୍ମୀ ମଣିଷର ଆତ୍ମ ପ୍ରକାଶ ହୋଇଥିବାରୁ ତାହା ସଂସ୍କୃତିର ଏକ ବିଶିଷ୍ଟ ଅଂଗ ହେବା ସ୍ୱାଭାବିକ। ଅନେକ ସମୟରେ କଳା ଓ ସାହିତ୍ୟ ଗୋଟିଏ ସମାଜର ସାଂସ୍କୃତିକ ପ୍ରତିନିଧିତ୍ୱ କରିଥାଏ। ତା'ର ଖାଦ୍ୟପେୟ, ବେଶଭୂଷା, ଆଶାଆକାଙ୍‌କ୍ଷା, ନୀତିବୋଧ ଏ ସବୁକୁ ଏକତ୍ର ପ୍ରକାଶ କରିଥାଏ। କଳା ଓ ସାହିତ୍ୟର ଅବକ୍ଷୟ ହେଲେ ସଂସ୍କୃତିର ଅବକ୍ଷୟ ହେବା ସ୍ୱାଭାବିକ। ମାନସିଂହଙ୍କ ମତରେ: ''ସାହିତ୍ୟରେ କୌଣସି ଧାରାକୁ ଜବରଦସ୍ତି, ବା ଭୁରୁଡ଼ରେ ପ୍ରଚଳିତ କରାଯାଇ ନ ପାରେ। ସାହିତ୍ୟର ରାଜ୍ୟ ହେଲା ବୋଧି ଓ ଅନୁଭବ ଜନିତ ଆନନ୍ଦର ରାଜ୍ୟ। ନଚେତ ସାହିତ୍ୟ ସୃଷ୍ଟି ହୋଇଥିଲା କାହିଁକି?''[୩୪] ଓଡ଼ିଶା ପରାଧୀନ ହେବାର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ଧର୍ମ ଓ ସଂସ୍କୃତିର ଅବକ୍ଷୟ ଦେଖାଦେଇଥିଲା। ଷୋଡ଼ଶ ଶତାବ୍ଦୀରେ ବଂଗଳାର ଧର୍ମସ୍ରୋତ ଆସି ଯେପରି ଓଡ଼ିଆର ଧର୍ମଧାରାକୁ ପ୍ରଭାବିତ କଲା, ସେହିପରି ଓଡ଼ିଆର ଦୈନନ୍ଦିନ ଜୀବନ ଓ ଚରିତ୍ରକୁ ରୂପାନ୍ତରିତ କରିଥିଲା। ଊନବିଂଶ ଶତାବ୍ଦୀରେ ବଂଗଳାର ସାହିତ୍ୟ ସ୍ରୋତ ସେହିପରି ଓଡ଼ିଆ ସାହିତ୍ୟକୁ ଦେଶାନ୍ତର କରିଦେଲା।[୩୫]

କଳା ଓ ସାହିତ୍ୟର ଅବକ୍ଷୟ ସଂଗେ ସଂଗେ ଓଡ଼ିଆର ସାଂସ୍କୃତିକ ଜୀବନରେ ଘଟିଥିବା ଅବକ୍ଷୟ ସଂପର୍କରେ ମାନସିଂହ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି। ମାନସିଂହଙ୍କ ଭାଷାରେ– ''ଆଧୁନିକ ଓଡ଼ିଆ ସମାଜ ଓ ସାହିତ୍ୟରେ ଚାରିଆଡ଼େ ବିଚାର ହୀନତା, ଗତାନୁଗତିକତା ଓ ଅଂଧ ଅନୁକରଣରେ ହିଁ ଭର୍ତ୍ତି। ଅଧିକାଂଶ ଲେଖକ ଲେଖିକ କେବଳ ବଂଗଳାକୁ ଅନୁକରଣ କରି ଆତ୍ମପ୍ରସାଦ ଅନୁଭବ କରୁଛନ୍ତି। ନିଜର ପ୍ରାଚୀନ ସାହିତ୍ୟ ଓ ପୁରାତନ ଭାଷାର ନିଜସ୍ୱ ଚରିତ୍ର ଆଲୋଚନା କରିବା ପାଇଁ ସେମାନଙ୍କର ଶକ୍ତି ବା ସ୍ପୃହା ନାହିଁ। ଓଡ଼ିଆ ଘରର ଶାଢ଼ୀ ଓ ଅଳଂକାର ଆଜି ପ୍ରସିଦ୍ଧା ଅଭିନେତ୍ରୀମାନେ ଗ୍ରହଣ କରି ସୁଖ ଅନୁଭବ କରୁଥିଲା ବେଳେ, ଶିକ୍ଷିତା ଓଡ଼ିଆ ସ୍ତ୍ରୀ ମାନେ କଲିକତି ଜହୁରୀମାନଙ୍କର ପ୍ରାଣହୀନ, ନାମହୀନ, କୁଦର୍ଶନ ଷ୍ଟାଇଲର ଭୂଷଣମାନଙ୍କୁ ଲେଟେଷ୍ଟ ଫାସନ ରୂପେ ଗ୍ରହଣକରି ଆଦର କରୁଛନ୍ତି। ଖାଣ୍ଟି ଓଡ଼ିଆ ରଂଧନ ପ୍ରଣାଳୀ ଯାହାକି ଜଗନ୍ନାଥ ମନ୍ଦିରରେ ଲକ୍ଷ୍ମୀ ଦେବୀଙ୍କର କଲ୍ୟାଣମୟ ହସ୍ତ ଏ ପର୍ଯ୍ୟନ୍ତ ବଞ୍ଚେଇ ରଖିଛି, ତାହା ଯେପରି ମୁଖରୋଚକ ସେହିପରି ବିଜ୍ଞାନସମ୍ମତ ଓ ସ୍ୱାସ୍ଥ୍ୟ କାରକ। କିନ୍ତୁ କୌଣସି ଓଡ଼ିଆ ଘରେ ସେ ତରକାରୀ ବା ପିଠାପଣା ଆଜି ଦେଖିବାକୁ ମିଳେନା। ଓଡ଼ିଆଣୀମାନେ ସେ ରଂଧନ ପ୍ରଣାଳୀ ପାସୋରି ଦେଲେଣି। ବଂଗାଳୀ ଅନୁକରଣରେ ମିଶା ସୋରିଷ ତେଲ ଓ ପୁରୀ ଲୁଚି, ଭଜାଭଜିର ଅତ୍ୟାଚାରରେ

ଓଡ଼ିଆ ଜାତି ଆଜି କ୍ରମେ ହୀନସ୍ୱାସ୍ଥ୍ୟ ଓ ରୋଗପ୍ରବଣ ହୋଇ ପଡ଼ୁଛି। ଏ ଦିଗରେ ଓଡ଼ିଆ ସାହିତ୍ୟିକ, ଲେଖକ ଓ କବିମାନଙ୍କର କର୍ତ୍ତବ୍ୟ ଅଛି ବୋଲି ମୁଁ ମନେ କରେ। ସେମାନେ ନିର୍ଭିକ ଭାବରେ ଦେଶବାସୀର ବେଶଭୂଷା, ପାନ ଭୋଜନ, କଥୋପକଥନ ଓ ଲେଖାଲେଖିର ଖାଣ୍ଟି ଓଡ଼ିଆତ୍ୱର ପ୍ରଚାର କରନ୍ତୁ।''[୩୬]

ସାହିତ୍ୟ ଓ କଳାରେ ଓଡ଼ିଆ ଜାତିର ଚିତ୍ତର ଚିତ୍ର ପ୍ରତିଫଳିତ। ସାଂପ୍ରତିକ ସାହିତ୍ୟିକମାନଙ୍କ ମଧ୍ୟରୁ ଅଧିକାଂଶ ଜାତିର ଚିତ୍ର ପ୍ରଦାନରେ ବିମୁଖ। ମାନସିଂହଙ୍କ ମତରେ ସମସାମୟିକ ସାହିତ୍ୟିକ ତଥା ଶିଳ୍ପୀମାନେ ସେହି ମନ୍ତ୍ରରେ ଦୀକ୍ଷିତ ହୁଅନ୍ତୁ। ଓଡ଼ିଆ ସାହିତ୍ୟରେ ରାଧାନାଥ ଉତ୍କଳୀୟ ସଂସ୍କୃତିର ବହିର୍ରଂଗ ହିଁ କେବଳ ପ୍ରକାଶ କଲେ, ଓଡ଼ିଆର ଅନ୍ତରଂଗ ଚିତ୍ର ତାଙ୍କ ଲେଖାରେ ଦୁର୍ଲଭ। ମାନସିଂହ କହନ୍ତି ଯେ, ଆମ୍ଭେମାନେ, ଛମାଣ ଆଠଗୁଣ୍ଠ, ମାମୁଁ ବା ଆଲେଖିକାରେ ଓଡ଼ିଆ ଜାତିର ଅବଚେତନ ମନର ଚିତ୍ର ଯେଉଁ ପ୍ରକାର ପାଉ, ତାହା ରାଧାନାଥଙ୍କ ଲେଖାରେ। ଅତୀତରେ ସାରଳା ଦାସ, ଜଗନ୍ନାଥ ଦାସ ତଥା ଓଡ଼ଆ ଜାତିର ପ୍ରାଣମଂଜିକୁ ଚିହ୍ନିପାରିଥିଲେ। ଏଣୁ ସରଳା ମହାଭାରତ ଯଥାର୍ଥରେ ଓଡ଼ିଆ ଜନଜୀବନର ଚିତ୍ର ତଥା ଓଡ଼ିଆ ସଂସ୍କୃତିର ଏହା ଦର୍ପଣ ସଦୃଶ। ଏହି ମହାଭାରତକୁ ଖାଣ୍ଟି ଓଡ଼ିଆ ଭାଷାର ରାଷ୍ଟ୍ରୀୟ ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ– ''କିନ୍ତୁ ମହାକବି ଆମର ପରିଚିତ ମାଟିର ସଂସାରକୁ ସିନା ଅମର କରିଦେଇଗଲେ, କିନ୍ତୁ ଏଇ ମାଟିର ନିମ୍ନ ଉପତ୍ୟକାରୁ, ଉପରେଥିବା ସଂସ୍କୃତିର ଓ ନିର୍ମଳ ଆଧ୍ୟାତ୍ମିକତାର ସ୍ୱର୍ଣ୍ଣ ଅଧିତ୍ୟକାକୁ ବାଟତ ଦେଖାଇଗଲେ ନାହିଁ? ସର୍ବଶ୍ରେଷ୍ଠ କଳା, ଶିଳ୍ପ ଓ କବିତା ଏଇ ମାଟିକି ନେଇ ଗଢ଼ା। କିନ୍ତୁ ସେ ସବୁର ସ୍ପର୍ଶ ଆମକୁ ଏଇ ମାଟିରେ ଲିପ୍ତ ରଖେ ନାହିଁ। ସେ ସବୁ ନେଇଯାଆନ୍ତି ଏକ ସୂକ୍ଷ୍ମ ସୁକୁମାର କଳ୍ପଲୋକକୁ।''[୩୭]

ଓଡ଼ିଶାର ସାହିତ୍ୟ, କଳା, ଭାସ୍କର୍ଯ୍ୟ ଓ ଜାତୀୟ ସଂହତି ପରସ୍ପର ପରିପୂରକ। ଅତୀତ ଓଡ଼ିଶାର ଏହି ମଧୁର ସାମଂଜସ୍ୟକୁ ମାନସିଂହ ମୁଗ୍ଧ ଭାବରେ ବର୍ଣ୍ଣନା କରିଛନ୍ତି :– ''ଓଡ଼ିଶାରେ କବିମାନେ ଓଡ଼ିଶୀ ଦେଉଳରୁ ଓ ଓଡ଼ିଶାର ସ୍ଥପତି-ଭାସ୍କରବର୍ଗ ଓଡ଼ିଶାର କାବ୍ୟରୁ ପ୍ରେରଣା ସଂଗ୍ରହ କରୁଥିଲେ। ପୁଣି, କେବଳ କାବ୍ୟ ନୁହେଁ ଓଡ଼ିଶାର ନୃତ୍ୟ, ନାଟକ ଓ ସଂଗୀତ ମଧ୍ୟ ନିଃସ୍ୟଂଦିତ ହୋଇଛି ଏହି ମନ୍ଦିର ମାନଙ୍କରୁ। ମୋଟ ଉପରେ ଓଡ଼ିଶାର ମଂଦିର ଗୁଡ଼ିକ ଓଡ଼ିଆମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ଏକ କ୍ଷୁଦ୍ର ସୁନ୍ଦର ପ୍ରତିଭୂ। ଓଡ଼ିଆମାନଙ୍କର ସ୍ୱତନ୍ତ୍ର ଭୋଜନ ପ୍ରଣାଳୀ ମଧ୍ୟ କେବଳ ସେହି ମନ୍ଦିରମାନଙ୍କରେ ହିଁ ଆମେ ଦେଖିବାକୁ ପାଇବା।''[୩୮] ସେହିପରି ଓଡ଼ିଶାର ବିଭିନ୍ନ ଲୋକ ତଥା ସାମାଜିକ ନୃତ୍ୟ, ପାଇକ ନାଚରେ ମାନସିଂହ ଓଡ଼ିଆ ସଂସ୍କୃତିର ସଂକେତ ଦେଖିପାରିଛନ୍ତି।

## ରୂପଚର୍ଚ୍ଚା :

ରୂପଚର୍ଚ୍ଚା ମଧରେ ସଂସ୍କୃତିର ପ୍ରତିଫଳନ ହୋଇଥାଏ। ନାରୀ ବା ନର ନିଜସ୍ୱ ସଂସ୍କୃତି ଅନୁସାରେ ରୂପଚର୍ଚ୍ଚା କରିଥାନ୍ତି। ଉତ୍କଳୀୟ ମଂଦିର ଗ୍ରତରେ ରୂପଚର୍ଚ୍ଚାରେ

ବ୍ୟସ୍ତଥିବା ଦର୍ପଣଧାରୀ ରମଣୀର ମୂର୍ତ୍ତି, ଉତ୍କଳୀୟ ପ୍ରସାଧନ କଳାର ନମୁନା। ଓଡ଼ିଶାର ମଧ୍ୟଯୁଗୀୟ କାବ୍ୟ କବିତାରେ ବେଶବର୍ଣ୍ଣନା ଓ ରୂପଚର୍ଚ୍ଚାର ବ୍ୟାପକ ବର୍ଣ୍ଣନା ମିଳେ। କାବ୍ୟର ନାୟିକାମାନଙ୍କୁ ରୂପଚର୍ଚ୍ଚାରେ ନିମଜ୍ଜନ କରାଇବା ଦିଗରେ ମାନସିଂହ କାର୍ପଣ୍ୟ ପ୍ରକାଶ କରି ନାହାନ୍ତି। ରୂପଚର୍ଚ୍ଚା ତଥା ପ୍ରସାଧାନ କର୍ମ ନିମନ୍ତେ ତାଙ୍କ କାବ୍ୟର ମାଲୁଣୀ ବେଶ୍ ତତ୍ପର। ତାଙ୍କର ପ୍ରେମିକା ତଥା ମାନସୀ ଜୁଡ଼ାରେ କିଆଫୁଲ ଖୋସି ପ୍ରେମିକକୁ ଅପେକ୍ଷା କରେ। ନାରୀର ଚକ୍ଷୁ ଓ କେଶ ମାନସିଂହଙ୍କୁ ଅଧିକମାତ୍ରାରେ ଆକୃଷ୍ଟ କରିଛି। ଧୂପର ଚାରୁକେଶୀ ବାଳିକା, ହେମପୁଷ୍ପର ଇରାନୀ କିଶୋରୀ ସମେତ ତାଙ୍କର ସମସ୍ତ ନାରୀ କେଶବତୀ। କବି ମାନସିଂହ ବିଦେଶଯାତ୍ରା କାଳରେ ସେହି କେଶବତୀମାନଙ୍କୁ ଅବଲୋକନ କରିକରି ଯାଇଛନ୍ତି। କେବଳ କେଶ ନୁହେଁ, ସୁନ୍ଦର ସ୍ୱାସ୍ଥ୍ୟ ସହିତ କେଶ ପ୍ରସାଧନହିଁ ମାନସିଂହଙ୍କୁ କରିଛି ରୂପ ପାଗଳ। ତେଲିଂଗୀ ରମଣୀ ମାନଙ୍କର ରମଣୀୟ ସ୍ୱାସ୍ଥ୍ୟ, ପୁଷ୍ପମଣ୍ଡିତ କୃଷ୍ଣ କେଶରାଶି, ସିଲୋନୀ ରମଣୀର ପରମ ମଂଜୁଳ ସମୃଦ୍ଧ ଚିକୁରର କବରୀ କବିପ୍ରାଣକୁ ମୁଗ୍ଧ କରିଛି। ମାନସିଂହ କହନ୍ତି– ଭାରତୀୟ ଶାଢ଼ୀ ସିଲୋନୀ ସୁଲୋଚନା ମାନଙ୍କର ପୁଂଜିଭୂତ ରୂପ ସଂପଦକୁ କିପରି ତରଂଗାୟିତ ଓ ଲୀଳାୟିତ କରିଛି ମୁଁ ଠାଏ ଠାଏ ଦେଖିଛି।[୩୯] ମାନସିଂହ ମିଶରୀୟ ନାରୀର ମୁଗ୍ଧ ଚକ୍ଷୁ ତଥା କେଶରାଶିକୁ ବୁଭୁକ୍ଷୁ ନୟନରେ ଅବଲୋକନ କରି କହନ୍ତି "କୌଣସି କୌଣସି ମିଶରିଣୀର କେଶଜାଲ କାଞ୍ଚନପ୍ରଭ ଓ ଆଖି ଆକାଶ ପରି ନୀଳ। ମୁଁ ଏ ଯାଏଁ ମିଶରିଣୀ ମାନଙ୍କର ଅଂଗର ମଧୁରତା ଅନ୍ୟତ୍ର ଦେଖିନାହିଁ। କେଶଜାଲ ରୁମାଲରେ ଆଚ୍ଛାଦନ କରି କାଞ୍ଚନ ପ୍ରଭ ଯୁଗ୍ମବେଣୀକୁ ବକ୍ଷରେ ଦୋଳାୟିତ କରି ଏମାନଙ୍କୁ ଯିବା ଆସିବାର ଦେଖି ଦେଖି ମୁଁ ଆରବ୍ୟ ରଜନୀର ରୂପପୁରୀକୁ ଚାଲିଯାଉଥିଲି।"[୪୦]

ମାନସିଂହଙ୍କ କବିମନ ଉତ୍କଳର କୋଣେ କୋଣେ ସେହିପରି ନାରୀ ନେତ୍ର ତଥା କେଶରାଶିକୁ ଖୋଜି ହତାଶ ହୋଇ ପଡ଼ିଛି। କୋଣାର୍କ ତଥା ଭଂଜଦେଶର ନାରୀମାନେ ଅବଗୁଂଠନବତୀ ଓ ଅସୂର୍ଯ୍ୟଂପଶ୍ୟା। ଉତ୍କଳର ସୁନ୍ଦରୀ ନାରୀମାନେ ରାଜପଥରେ ଗମନ କରନ୍ତି ନାହିଁ। ଗତିରେହିଁ ସୌନ୍ଦର୍ଯ୍ୟଫୁଟି ଉଠେ। ସଭ୍ୟଜାତି ମାନଙ୍କର ସୌନ୍ଦର୍ଯ୍ୟ ମଜ୍ଜାଗତ। "ଆମ ଦେଶର ନରଙ୍କ କଥା ଛାଡ଼ିଦିଅ, ନାରୀମାନେ ବି ରୂପ ସଚେତନ ନୁହନ୍ତି। ରୂପଚର୍ଚ୍ଚା ଯେ ସଂସ୍କୃତିର ଏକ ଅପରିହାର୍ଯ୍ୟ ଅଂଗ, ତାହାବି ତାଙ୍କର ଅନୁଭବର ବାହାରେ। ଏ ଦେଶରେ ବହୁ ବଡ଼ ବଡ଼ ଲୋକଙ୍କ ଘରକୁ ଯାଅ, ଦେଖିବ ଘରେ ଚାରିଆଡ଼େ ଧୂଳି ଜମା ହୋଇଛି, ଜିନିଷ ପତ୍ରର ସାଜସଜ୍ଜା ନାହିଁ"।[୪୧] ରୂପସଜ୍ଜା ମଧ୍ୟରେ ମାନସିଂହ ଓଡ଼ିଆ ସଂସ୍କୃତିର ଅବକ୍ଷୟକୁ ଦେଖିପାରିଛନ୍ତି।

## ଓଡ଼ିଆ ସଂସ୍କୃତିର ଅବକ୍ଷୟ ଓ ଭବିଷ୍ୟତ :

ଓଡ଼ିଶା ଏକ କୃଷି ପ୍ରଧାନ ଦେଶ ହେଲେବି, ବୀରତ୍ୱ ଲାଗି ତାହା ଶାସ୍ତ୍ରମାନଙ୍କରେ ପ୍ରସିଦ୍ଧ। ବୀରତ୍ୱ ସହ ତାର ଖାନ୍ତିପୂର୍ଣ୍ଣ ଜୀବନର କୌଣସି ବିରୋଧ ଘଟିନାହିଁ। ଓଡ଼ିଶାର ବନ ବିଲ ପ୍ରାନ୍ତର ଯେଉଁଳି ଏ ଜାତିକୁ ମାଟିର କବିତା ଶୁଣାଏ, କଳାକାରର ନିହାଣ

ମୁନରେ ଜାତିର ସ୍ୱପ୍ନ ସେହିଭଳି ପଥର ବୁକୁରେ ସଂଚାରିତ ହୁଏ। ମାନସିଂହ ତାଙ୍କର ବହୁ ପ୍ରବଂଧ, କବିତା ତଥା ଜୀବନର ଶେଷ ଅବସ୍ଥାରେ ଲିଖିତ ଇଂରାଜୀ ପୁସ୍ତକ 'ଦି ସାଗା ଅଫ ଦି ଲ୍ୟାଣ୍ଡ ଅଫ ଜଗନ୍ନାଥ' ରେ ଓଡ଼ିଆ ସଂସ୍କୃତିର ମହାନତା, ତା'ର ବୈଶିଷ୍ଟ୍ୟ ଓ ସୌଷ୍ଠବ ସଂପର୍କରେ ଆଲୋକପାତ କରିଛନ୍ତି। ଓଡ଼ିଆର ଧର୍ମଧାରଣା ଠାରୁ ତାର ସାହିତ୍ୟ ସୃଷ୍ଟି ପର୍ଯ୍ୟନ୍ତ, ତା'ର ପ୍ରାକୃତିକ ପରିବେଶଠାରୁ ଖାଦ୍ୟ ପେୟ ପର୍ଯ୍ୟନ୍ତ ସବୁମଧ୍ୟରେ ସେ ଗୋଟିଏ ସଂସ୍କୃତ ଜାତିର ଏକାଗ୍ର ସାଧନାହିଁ ଲକ୍ଷ୍ୟ କରିଛନ୍ତି। କିନ୍ତୁ ନିଜ ସମୟରେ ତଥା ଇତିହାସ ପୃଷ୍ଠାରେ ସେ ଯେଉଁ ଓଡ଼ିଶାକୁ ଅବଲୋକନ କରିଛନ୍ତି, ଗୋଟିକୁ ସେ ଅପରଟିର କ୍ରମପରିଣାମ ବୋଲି, ସେ କୌଣସି ପ୍ରକାର ଗ୍ରହଣ କରିପାରି ନାହାନ୍ତି। ସେ ତେଣୁ ଅନୁଭବ କରିଛନ୍ତି ଯେ ସାଂସ୍କୃତିକ ଅବକ୍ଷୟ ଫଳରେ ଏହି ରୁଚିଶୀଳ, ସ୍ୱାସ୍ଥ୍ୟବାନ, କଳାପ୍ରିୟ ଓ ବୀରଜାତି ଆଜି ପରିଣତ ହୋଇଛି ଦରିଦ୍ର, ରୁଚିହୀନ, ଭୀରୁ ଓ ମୂର୍ଖ ଜାତିରେ। ଯେଉଁ ଜାତି ନିଜର ବିଶିଷ୍ଟତା ପାଇଁ ଗର୍ବିତ ଥିଲା, ଅବକ୍ଷୟ ହେତୁ ସେହି ଜାତି ଅନ୍ୟକୁ ଅନୁକରଣ କରିବାରେ ବ୍ୟସ୍ତ। ତା'ର ଦେବତା ଆଜି ତା'ଠାରୁ ବିଚ୍ଛିନ୍ନ, ତାର ଆଧ୍ୟାତ୍ମିକଜିଜ୍ଞାସା ମଧ୍ୟ ଅନୁକରଣ ସର୍ବସ୍ୱ। ଜୀବନର ଶେଷ ଅବସ୍ଥାରେ ଲିଖିତ 'ଓଡ଼ିଆମାନେ ଦରିଦ୍ର ଓ ପଛୁଆ କାହିଁକି ?' ଶୀର୍ଷକ ଏକ ଦୀର୍ଘ ପ୍ରବଂଧରେ ସେ ଏ ସବୁର କାରଣ ଖୋଜିଛନ୍ତି ଏବଂ ମନକୁ ପାଇଲାଭଳି କେତେକ କାରଣ ମଧ୍ୟ ଉପସ୍ଥାପିତ କରିଚନ୍ତି। ଓଡ଼ିଆର ଜାତୀୟ ଜୀବନର ସର୍ବସ୍ତରରେ ଅତୀତର ଯେଉଁ ସଂହତି ଥିଲା ତାଙ୍କ ମତରେ ସେହି ସଂହତିର ବିନାଶ ଫଳରେ ହିଁ ଓଡ଼ିଆ ସାଂସ୍କୃତିକ ଜୀବନର ବିକାଶ ସମ୍ଭବପର ହୋଇ ପାରିନାହିଁ।

ମାନସିଂହଙ୍କ ସୃଷ୍ଟିରେ ଓଡ଼ିଆ ସଂସ୍କୃତିର କେନ୍ଦ୍ର ହେଉଛି ଜଗନ୍ନାଥ ମନ୍ଦିର। ଜଗନ୍ନାଥ ଓଡ଼ିଆ ଜାତିର ଆଧ୍ୟାତ୍ମିକ ତୃଷ୍ଣାକୁ କେବଳ ନିବାରିତ କରୁ ନଥିଲେ, ତାର ଖାଦ୍ୟ ପେୟ, ପ୍ରସାଧାନ ଓ ସୌନ୍ଦର୍ଯ୍ୟ ଦୃଷ୍ଟିକି ବି ନିୟମିତ କରୁଥିଲେ। ଜଗନ୍ନାଥ ବିଶ୍ୱର ଏକ ଅନୁପମ ଦେବତା, ଯାହାଙ୍କ ନିକଟରେ ବହୁ ସଂସ୍କୃତି ଓ ବହୁ ମତାଦର୍ଶର ଏକତ୍ର ମିଳନ ଘଟିଛି। ଅନନ୍ତ ଶୂନ୍ୟ ସମସ୍ତ ରଂଗକୁ ନିଶ୍ଚିହ୍ନ କରି ନୀଳରଂଗ ଧାରଣ କଲାପରି, ଜଗନ୍ନାଥ ବିଶ୍ୱର ସମସ୍ତ ବୈଶିଷ୍ଟ୍ୟକୁ ଆତ୍ମସ୍ଥ କରି ନୀଳ କଂଦରରେ ହିଁ ଅବସ୍ଥାନ କରିଛନ୍ତି। ହିନ୍ଦୁ ଦେବତା ମାନଙ୍କ ମଧ୍ୟରେ ଜଗନ୍ନାଥ ବୋଧହୁଏ ଏକମାତ୍ର ଦେବତା ଯେଉଁଠି ବର୍ଣ୍ଣାଶ୍ରମ ଧର୍ମ ଦୁର୍ବଳ, ଆଚାଣ୍ଡାଳ ବ୍ରାହ୍ମଣ ଏକପାତ୍ରରେ ଭୋଜନ କରିପାରନ୍ତି। ସେତିକି କେବଳ ନୁହେଁ, ଜଗନ୍ନାଥ ଜଣେ ଆଦର୍ଶ ଗୃହସ୍ଥ ମଧ୍ୟ। ଭାଇଭଉଣୀ ସ୍ତ୍ରୀକୁ ନେଇ ତାଙ୍କ ପରିବାର ଗଠିତ। ସେ ପରିବାର ଓଡ଼ିଆ ଯୌଥ ପରିବାରର ଏକ ଚମତ୍କାର ଚିତ୍ର। କିନ୍ତୁ ଓଡ଼ିଆ ଜାତି ଜଗନ୍ନାଥଙ୍କ ସାଂସ୍କୃତିକ ଭୂମିକାକୁ ବିସ୍ମୃତ ହୋଇ ଆଜି ତାର ସାଂସାରିକ ଅକ୍ଷମତାର ବିମୋଚନ ପାଇଁ ପୂଜାକରି ଚାଲିଛି।

ମାନସିଂହଙ୍କ ମତରେ ଓଡ଼ିଆ ଜାତିକୁ ଉନ୍ନତ କରିବାକୁ ହେଲେ, ତାର ସେହି ଅତୀତ ଜୀବନଚର୍ଯ୍ୟାକୁ ନୂତନ ଭାବଭୂମିରେ ଅବସ୍ଥାପିତ କରିବାକୁ ପଡ଼ିବ। କୌଣସି ଜାତି ଅନ୍ୟର ବେଶଭୂଷା ଖାଦ୍ୟପେୟ ତଥା ଅନ୍ୟାନ୍ୟ ସାମାଜିକ ଓ ସାଂସ୍କୃତିକ ଆଚାର ଅନୁଷ୍ଠାନକୁ ଅନୁକରଣ କରି ବଡ଼ ହୁଏ ନାହିଁ; ନିଜର ସଂସ୍କୃତିକୁ ସଜୀବ

ରଖି, ସେ ଯଦି ଆଧୁନିକ ଯୁଗ ସାଂଗରେ ପାଦମିଳାଇ ଚାଲିପାରେ ତେବେ ତାର ବିକାଶ ସମ୍ଭବ। ତାମିଲ୍‌ମାନେ ରାମାନୁଜନ୍, ରମଣ ଓ ଚନ୍ଦ୍ରଶେଖରଙ୍କ ଭଳି ବୈଜ୍ଞାନିକ, ବା ରାଧାକ୍ରିଷ୍ଣନ୍ ଓ ମହାଦେବନ୍‌ଙ୍କ ଭଳି ଦାର୍ଶନିକ ସୃଷ୍ଟି କରିଛନ୍ତି ଆପଣାର ଚଳଣିକୁ ପରିତ୍ୟାଗ କରିନୁହେଁ ଚଳଣିର ଚଉହଦୀ ଭିତରେ ରହି। ବଂଗୀୟମାନଙ୍କ କ୍ଷେତ୍ରରେ ଏ କଥାବି ଆହୁରି ଅଧିକ ପ୍ରଯୋଜ୍ୟ। ରବୀନ୍ଦ୍ରନାଥଙ୍କ ଠାରୁ ସତ୍ୟେନ୍ ବସୁଙ୍କ ପର୍ଯ୍ୟନ୍ତ ସମସ୍ତେ, ବଂଗାଳୀ ବେଶଭୂଷା ତଥା ଖାଦ୍ୟକୁ ପରିତ୍ୟାଗ କରି ନାହାନ୍ତି। ତା ଭିତରେ ରହି ହିଁ ବିଶ୍ୱ ବିଖ୍ୟାତ ହୋଇଛନ୍ତି। ପରମୁଖାପେକ୍ଷିତା ଓଡ଼ିଆ ଜାତିର ଅଧଃପତନର ପ୍ରଥମ ଓ ପ୍ରଧାନ କାରଣ।

## ଭାରତୀୟ ସଂସ୍କୃତି :

ମାନସିଂହ ଓଡ଼ିଆ ସଂସ୍କୃତିର ସଶ୍ରଦ୍ଧ ଗ୍ରାହକ ହେଲେ ହେଁ, ତାଙ୍କର ବିଚାରଧାରା ଭାରତୀୟ ସଂସ୍କୃତିର ପରିପନ୍ଥୀ ନ ଥିଲା। ଭାରତୀୟ ସଂସ୍କୃତି ବିଭିନ୍ନ ଆଞ୍ଚଳିକ ସଂସ୍କୃତିର ସମାହାର ବା ଏକତ୍ରିତ ରୂପ। ଆଂଚଳିକ ସଂସ୍କୃତି ବିକଳାଙ୍ଗ ହେଲେ ଭାରତୀୟ ସଂସ୍କୃତିର ମୌଳିକତା ରହିବା ଅସମ୍ଭବ। ତଥାପି ଭାରତୀୟ ସଂସ୍କୃତିର ସାର୍ବଜନୀନ ଆବେଦନ ବିଶ୍ୱର ବିଭିନ୍ନ ଚିନ୍ତାନାୟକଙ୍କୁ ଆକୃଷ୍ଟ କଲାପରି, ମାନସିଂହଙ୍କ ସଂସ୍କୃତି ସଚେତନ ମନକୁ ଆକୃଷ୍ଟ କରିଥିଲା। ସଂସ୍କୃତି ମଣିଷ ସହିତ ଗଡ଼ି ଗଡ଼ି ଚାଲେ, ସଂସ୍କୃତି ସଂପର୍କରେ ସଚେତନ ନହେଲେ, ସେଥିରେ ବିକାର ଭାବ ପ୍ରବେଶ କରେ। "ଇଉରୋପର ପ୍ରତ୍ୟେକ ଜାତି ତାଙ୍କ ସ୍କୁଲ କଲେଜ ଭିତର ଦେଇ ତାଙ୍କର ଏଇ (ସାଂସ୍କୃତିକ) ଆଦର୍ଶଟିକୁ ଯତ୍ନର ସହିତ ବଂଚାଇ ରଖନ୍ତି, କିନ୍ତୁ ଆମେ ଆମ ସଂସ୍କୃତି ବିଷୟରେ ପାଟିକରି ଆକାଶ ଫଟାଉ ସତ, ଆମେ ଏତେ ହତଭାଗ୍ୟ ଯେ, ଆମର ବିଦ୍ୟାଳୟମାନଙ୍କରେ ଆମ ସଂସ୍କୃତିର ଛନ୍ଦ ପ୍ରକାଶ ମଧ୍ୟ ନାହିଁ।"[୪୨]

ପ୍ରାଚୀନ ଭାରତର ଲୋକସମାଜରେ ସତ୍ୟପ୍ରତି ଗଭୀର ଅନୁରାଗଥିଲା, ସେହି ଅନୁରାଗ ଫଳରେ ଭାରତୀୟ ମସ୍ତିଷ୍କରୁ ଜଗତର ଶ୍ରେଷ୍ଠ ଦର୍ଶନ ଜାତ ହୋଇଅଛି। ସେହି ସତ୍ୟପ୍ରୀତି ଓ ନୈତିକତାହିଁ ଭାରତୀୟ ସଂସ୍କୃତିର ମହନୀୟ ଆଦର୍ଶ। ମାନସିଂହଙ୍କ ଭାଷାରେ :— "ରାବଣକୁ ମାରି ରାମଚନ୍ଦ୍ର ବୀର ହୋଇନାହାନ୍ତି, ସତ୍ୟ ଓ ଧର୍ମର ଜୟ ଓ ନାରୀର ସମ୍ମାନ ରକ୍ଷାପାଇଁ, ସେହି ରାଜକୁମାର ସାରାଜୀବନ ଯେଉଁ ଦୁଃଖ କ୍ଲେଶ ଭୋଗକଲେ, ତାହାହିଁ ରାମାୟଣ, ସେହି ଆଦର୍ଶହିଁ ତାଙ୍କ ବୀରତ୍ୱର ଶ୍ରେଷ୍ଠ ଉପାଦାନ।"[୪୩]

ପୁରୋହିତତନ୍ତ୍ର ହିଁ ଭାରତୀୟ ସାଂସ୍କୃତିକ ଜୀବନର ମୂଳଧାରା। ପୁରୋହିତଗଣର ଅତ୍ୟାଚାରରେ ଧର୍ମଭୟ ସମାଜ ମଧ୍ୟରେ ପ୍ରବେଶ କରିଥିଲା ବୋଲି ମାନସିଂହ 'ବାରବାଟୀ' ନାଟକରେ ଜଣେ ମୌଲବୀ ମୁଖରେ ପ୍ରକାଶ କରିଛନ୍ତି। ହିନ୍ଦୁ ଚଳଣି ମଧ୍ୟରେ ଥିବା ସତୀଦାହ, ଗଛତଳେ ପଥରମୂର୍ତ୍ତି ପୂଜା, ସେ ପଥରରେ ସିନ୍ଦୁର ଲଗାଇ ତା ସମ୍ମୁଖରେ ପଶୁବଳି, ଧର୍ମଶାସ୍ତ୍ରର ଏକଚାଟିଆ ଭାବ ତଥା ଅସ୍ପୃଶ୍ୟତା ଆଦି, ଭାରତୀୟ ସମାଜ ଜୀବନକୁ ପଂଗୁଳିରି ଦେଇଛନ୍ତି। ଭାରତୀୟ ଜୀବନର ଅଧଃପତନ ପାଇଁ ହିଁ ଏହି ପୁରୋହିତ-ତନ୍ତ୍ରହିଁ ଦାୟୀ।

ଭାରତୀୟ ସଂସ୍କୃତି କହିଲେ ମୂଳତଃ ହିନ୍ଦୁ ସଂସ୍କୃତିକୁ ହିଁ ବୁଝାଏ। ମାତ୍ର ବର୍ତ୍ତମାନର ସାଂପ୍ରଦାୟିକତା ଦୋଷରେ ସଂକୀର୍ଣ୍ଣ ହିନ୍ଦୁତ୍ୱ ଭାରତୀୟ ସଂସ୍କୃତିର ଆଦର୍ଶ ନୁହେଁ। ହିନ୍ଦୁ ସଂସ୍କୃତିର ଅସଲ ରୂପ ହେଉଛି ମଣିଷ ସଂସ୍କୃତି। ନାନା ଗ୍ରନ୍ଥ ନାନା ମତ ମଧ୍ୟରେ ଛନ୍ଦି ହୋଇଥିବା ହିନ୍ଦୁ ସଂସ୍କୃତିକୁ ମାନସିଂହ ଏକ ବିରାଟ ଅରଣ୍ୟ ଭାବରେ ବର୍ଣ୍ଣନା କରିଛନ୍ତି। ସେଠୁ ସହଜରେ ଲୋକେ ବାଟ ପାଇବା କଷ୍ଟ। "ଗୀତା କିନ୍ତୁ ମାତ୍ର ଅଠରଟି ବୃକ୍ଷର ଏକ ଛୋଟ ଉଦ୍ୟାନ ଦେଇ ସେହି ମହାରଣ୍ୟର ମହିମା ଆମ ଆଗେ ଯଥାର୍ଥରେ ଥୋଇ ପାରିଛନ୍ତି। ଆମେ ସେଥିରେ ଋଗ୍‌ବେଦର ପ୍ରକୃତି ପୂଜାଠାରୁ ବୌଦ୍ଧ ବେଦ-ବିରୋଧ ଓ ନୈରାତ୍ମ୍ୟ ପର୍ଯ୍ୟନ୍ତ ଏବଂ ଏପରିକି ଚୈତନ୍ୟ ଭକ୍ତମାନଙ୍କର କୀର୍ତ୍ତନ ସର୍ବସ୍ୱତା ପର୍ଯ୍ୟନ୍ତ (ସତତଂ କୀର୍ତ୍ତୟନ୍ତୋମାଂ, ୯-୧୪) ଭାରତ ବର୍ଷର ସକଳ ଧର୍ମୀୟ ଭାବ-ଭାବନାର ସାକ୍ଷାତ ପାଉଛୁ କେବଳ ନୁହେଁ, ସେମାନଙ୍କର ଆପାତ—ବିରୋଧ ତଳେ ଗଭୀର ତାତ୍ତ୍ୱିକ ଐକ୍ୟକୁ ଗ୍ରହଣ କରିନେବାରେ ଆମର ଯେ କଷ୍ଟ ହେଉନାହିଁ, ତାହାହିଁ ଗୀତାର ପରମତମ ମାଧୁର୍ଯ୍ୟ।"[୪୪]

ସମୟର କଷାଘାତରେ ବିଭିନ୍ନ ସଭ୍ୟତାର ସଂସ୍ପର୍ଶରେ ଆସି ଭାରତୀୟ ଜନ ଜୀବନରେ ଅନେକ ବ୍ୟତିକ୍ରମ ଦେଖା ଦେଇଥିଲେ ମଧ୍ୟ, ଭାରତୀୟ ସଂସ୍କୃତି ଯେ ମହାନ୍, ଏ କଥା ମାନସିଂହ ଅନୁଭବ କରିଥିଲେ। ଭାରତୀୟ ଚେତନାରେ ପାର୍ଥିବ ଜୀବନ ଓ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଏକ ଯୋଗସୂତ୍ର ରହିଥିଲା। ଅଧ୍ୟାତ୍ମିକ ମନୋବୃତ୍ତି ପାର୍ଥିବ ଜୀବନକୁ ନିୟନ୍ତ୍ରିତ କରୁଥିଲା। ବିଶ୍ୱର ମନୋଜଗତରେ ଯାହା ଅସମ୍ଭବ ବୋଲି ହେଉଥିଲା ଭାରତୀୟ ସଂସ୍କୃତିର ପରମ ପୂଜାରୀ ବାପୂଜୀ ତାକୁ ଦୃଷ୍ଟାନ୍ତ ଭାବରେ ଦେଖାଇଦେଲେ। ମାନସିଂହ କହନ୍ତି: "ଭାରତୀୟ ଚିନ୍ତାଧାରାରେ ସମଗ୍ର ପାର୍ଥିବ ଜୀବନ ଥିଲା ଏକ ଅଖଣ୍ଡ ସତ୍ତା। ଏହାହିଁ ଭାରତୀୟ ସଭ୍ୟତା ବା ସଂସ୍କୃତିର ପରମ ବୈଶିଷ୍ଟ୍ୟ ଏବଂ ଗାନ୍ଧିଙ୍କ ଜୀବନହିଁ ଏହି ଭାରତୀୟ ବୈଶିଷ୍ଟ୍ୟର ପରମ ଆଧୁନିକତମ ପ୍ରତୀକ। ସାରା ପୃଥିବୀରେ ଏବଂ ମନୁଷ୍ୟର ଦୀର୍ଘ ଇତିହାସ ଧରି ଧର୍ମ ଓ ରାଜନୀତିକୁ ସଂପୂର୍ଣ୍ଣ ଅଲଗା ଅଲଗା ବସ୍ତୁ କରି ଧରା ଯାଇଥିଲା, ଅର୍ଥାତ୍ ଧରି ନିଆଯାଉଥିଲା ଯେ ହିଂସା ବା ମିଥ୍ୟା ମନ୍ଦିରର ପାପ ହୋଇପାରେ, କିନ୍ତୁ ରାଜ୍ୟ ଶାସନ କ୍ଷେତ୍ରରେ ନୁହେଁ। ସମଗ୍ର ମାନବେତିହାସରେ ଗାନ୍ଧୀଙ୍କ ଧର୍ମ ଓ ରାଜନୀତିକୁ ନିଜ ଜୀବନରେ ଏକାକାର କରି, ଏହି ଭ୍ରାନ୍ତ ଧାରଣାକୁ ଏଇ ଈଶ୍ୱରହୀନ, ଯନ୍ତ୍ରଦାନବର ଯୁଗରେ ମଧ୍ୟ ସମୂଳେ ଅପ୍ରମାଣିତ କଲେ।"[୪୫] ଗାନ୍ଧୀଙ୍କ ଧର୍ମ ଚେତନା କେବଳ ହିନ୍ଦୁ ସଂସ୍କୃତି ବା ସାହିତ୍ୟରେ ସୀମାବଦ୍ଧ ନ ଥିଲା। ବୌଦ୍ଧ, ଖ୍ରୀଷ୍ଟିଆନ୍, ମୁସଲମାନ, ସବୁ ସଂସ୍କୃତିରୁ ସେ ତାଙ୍କର ବୁଦ୍ଧି ଓ ଆତ୍ମାପାଇଁ ଖାଦ୍ୟ ସଂଗ୍ରହ କରିଥିଲେ, ବାହାରେ ସେ ସବୁ ପ୍ରକାଶ ପାଉଥିଲା ଭାରତୀୟ ସଂସ୍କୃତିର ଚେହେରା ଧରି। ତାଙ୍କର କର୍ତ୍ତବ୍ୟବୋଧ ଥିଲା ବିସ୍ମୟକର। ତାଙ୍କର ଚିନ୍ତା ଓ କର୍ମ ଭିତରେ ଥିଲା ଏକ ମହନୀୟ ଅଭିନ୍ନତା ଯାହାକି ଏକାନ୍ତରେ ଭାରତୀୟ ସଂସ୍କୃତି।

ମାନସିଂହଙ୍କର ଶେଷ ଜୀବନର ଧର୍ମବିଚାର, ସାଂସ୍କୃତିକ ବିଚାରରେ ପରିଣତ ହୋଇଥିଲା। ମାନସିଂହ ଅନୁଭବ କରିଥିଲେ ଯେ ଭାରତୀୟ ସଂସ୍କୃତିର ବାଣୀ ହିଁ

ସାରା ବସୁଧାକୁ ଗୋଟିଏ ପରିବାର କରି ପାରିବ। ପୁନଶ୍ଚ ସେ ଅନୁଭବ କରୁଥିଲେ ଯେ, ଭାରତୀୟ ଚଳଣି ମଧ୍ୟରେ କେତେକ ଅପସଂସ୍କୃତି ପଶି ଏହାର ମହାନତାକୁ ବିକୃତ କରି ଦେଉଛି। ପଲ୍ଲୀ ଜୀବନରେ ଭାରତୀୟ ସଂସ୍କୃତିର ଆତ୍ମା ବିଦ୍ୟମାନ, ସହରୀ ସଭ୍ୟତା କ୍ରମେ ଏହାକୁ ବିକଳାଂଗ କରୁଅଛି। ଇଂରେଜ ମାନେ ଦୁଇଶହ ବର୍ଷକାଳ ଶାସନ କରି ମଧ୍ୟ ଏ ଜାତିର ମର୍ମକୁ ଭେଦି ପାରିଲେ ନାହିଁ। ନିର୍ବିଚାରରେ ଭାରତୀୟମାନଙ୍କ ଉପରେ ସେମାନଙ୍କ ଶିକ୍ଷା, ଶାସନ, ବିଚାର, ପ୍ରୟୋଗ କରି ଗ୍ରାମୀଣ ସଂସ୍କୃତିର ଧ୍ୱଂସ ପାଇଁ ଚେଷ୍ଟାକରି ମଧ୍ୟ ଏହାକୁ ପରିବର୍ତ୍ତନ କରିପାରି ନଥିଲେ। ଏ ସଂସ୍କୃତି ବହୁ ପୁରାତନ ତଥା ଦୃଢ଼। ମାନବ ସଭ୍ୟତାର ପ୍ରାଣ ଯାହା ଖୋଜେ, ସବୁ ଏଠି ଅଛି, ବଞ୍ଚିବାର ସଂଘବଦ୍ଧ ଜୀବନ, ନୃତ୍ୟ, ଗୀତ, ଚିତ୍ର, ଶିଳ୍ପ, କବିତା, ତଥା ସାହିତ୍ୟ। ଘୋର ଲଜ୍ଜାର କଥା ବିଦେଶୀ ସଭ୍ୟତାର ପ୍ରଭାବରେ ଲୋକମାନେ ଭାରତୀୟ ସଂସ୍କୃତିକୁ ଅବହେଳା କରୁଛନ୍ତି। ମାନସିଂହ କମଳାୟନ କାବ୍ୟରେ ଦୃଢ଼ ଭାବରେ ସେ ସଂପର୍କରେ ମତ ପ୍ରଦାନ କରିଛନ୍ତି।[୪୬] ଶାସନଚକ୍ର ଏକାଙ୍କିକାରେ ମଧ୍ୟ ଅନୁରୂପ ଭାବରେ ଭାରତୀୟ ସଂସ୍କୃତିର ମହନୀୟତା ସଂପର୍କରେ ଆଲୋଚନା କରିଛନ୍ତି। ଭାରତୀୟ ସଂସ୍କୃତିର ଆତ୍ମା ଯେପରି ଭାରତୀୟ ପଲ୍ଲୀରେ ବିଦ୍ୟମାନ, ଆଦିମତମ ଭାଷା ସଂସ୍କୃତରେ ମଧ୍ୟ ସେହିପରି ଲୁଚି ରହିଛି ଭାରତୀୟ ଜୀବନ ଚର୍ଯ୍ୟାର ପ୍ରାଣସଂକେତ। ମାନସିଂହ କହନ୍ତି– ସଂସ୍କୃତ ମୋ ନିକଟରେ ଅନ୍ୟ ସହସ୍ର ଭାଷାମାନଙ୍କ ପରି ଗୋଟିଏ ଭାଷା ମାତ୍ର ନୁହେଁ; ସଂସ୍କୃତ ମୋ ଜାତିର, ପାଞ୍ଚହଜାର ବର୍ଷର ସଭ୍ୟତା ଓ ସଂସ୍କୃତିର ଜୀବନ ପ୍ରତୀକ।

## ଇଉରୋପୀୟ ସଂସ୍କୃତି :

ମାନସିଂହ ଇଂଲଣ୍ଡ ଅବସ୍ଥାନ କାଳରେ ପାଶ୍ଚାତ୍ୟ ଜୀବନଧାରା ଅନୁଶୀଳନ କରି ଭାରତୀୟ ସଂସ୍କୃତିର କେତେକ ଧାରା ପ୍ରତି ବୀତସ୍ପୃହ ହେବା ସଂଗେ ସଂଗେ ପାଶ୍ଚାତ୍ୟ ସଂସ୍କୃତିର କେତେକ ଭଲ ଗୁଣକୁ ଆଦର କରିଛନ୍ତି। ମହାତ୍ମା ଗାନ୍ଧୀ ରବୀନ୍ଦ୍ରନାଥ ତଥା ଆଧୁନିକ ଭାରତର ଅନ୍ୟ ନିର୍ମାତାଗଣ ଆତ୍ମାରେ ଭାରତୀୟ ହେଲେ ହେଁ, ପାଶ୍ଚାତ୍ୟ ସଂସ୍କୃତିର କେତେକ ମହତ ଗୁଣକୁ ଜୀବନରେ ପ୍ରୟୋଗ କରିଥିଲେ। ମାନସିଂହ ମଧ୍ୟ ଅନୁରୂପ ଭାବରେ ଭାରତୀୟ ସଂସ୍କୃତି ତଥା ଉତ୍କଳୀୟ ସଂସ୍କୃତିର ବ୍ୟାଖ୍ୟାକାର ହେଲେ ମଧ୍ୟ, ଚାଲି-ଚଳଣିରେ ବେଶ ପୋଷାକରେ ପାଶ୍ଚାତ୍ୟ ଭାବଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ।

ଭାରତୀୟ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀରେ ଚାତୁରୀ ରହିଛି, ତାହା ବିଲାତ ଲୋକଙ୍କ ପାଇଁ ମଧ୍ୟ. ରୁଚିକର। ଆମର ପିଠାପଣା, ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତି ସହିତ ବିଲାତର ତୁଳନା ହୋଇ ନ ପାରେ କିନ୍ତୁ ମଣିଷର ଅଗ୍ରଗତି ତଥା ଜୀବନର ଅନ୍ୟାନ୍ୟ ମହତ କର୍ମ ପାଇଁ ଏ ପ୍ରକାର ରଂଧନ ପ୍ରଣାଳୀ ଉପଯୋଗୀ ନୁହେଁ। ଖାଦ୍ୟରେ ବିଳାସ ବ୍ୟସନ ପ୍ରାଚୀନ ଗ୍ରୀସ୍‌ର ଧ୍ୱଂସର କାରଣ ହେଲାପରି, ଆମର ଆର୍ଥନୀତିକ ଦୁର୍ବଳତା ପାଇଁ ଆମର ଖାଦ୍ୟ ପଦ୍ଧତି ହିଁ ଦାୟୀ। ମାନସିଂହଙ୍କ ଭାଷାରେ:– "ଆମର ରଂଧନ ପ୍ରଣାଳୀ ଅତ୍ୟନ୍ତ ସ୍ୱାଦକର ଓ ସୁକୁମାର ସତ, କିନ୍ତୁ ପ୍ରସ୍ତୁତ କରିବାରେ କୁଳବଧୂର

ଜୀବନ ନିଏ ଓ ଲୋଭ ଦେଖାଇ ପୁରୁଷକୁ ପେଟୁ ଓ ଅଳସୁଆ କରାଏ। ସିଧା ସିଧା ଖାଦ୍ୟ ଖାଇ ଏମାନେ (ବିଲାତ ଲୋକେ) କାମକୁ ଯିବେ। ଖରାବେଳେ ଶୋଇବା କ'ଣ ଏମାନେ ଜାଣନ୍ତି ନାହିଁ। ଆମରତ ଏଣେ ଭାତ ବଢ଼ା ହେଲା ବେଳକୁ ତେଣେ ଶେଯପରା ହେବା କଥା। ଜାତି ଏଥିରେ ବଢ଼ିବ କିପରି କହ?''[୪୭]

ମାନସିଂହ 'ପଶ୍ଚିମ ପଥିକ'ରେ ଇଂରେଜ ଜାତିର କେତେକ ବିଶିଷ୍ଟ ଗୁଣକୁ ଉଲ୍ଲେଖ କରିଛନ୍ତି, ଯାହାର ଭାରତୀୟମାନଙ୍କ ପାଇଁ ବିଶେଷ ଆବଶ୍ୟକତା ରହିଛି। ଇଂରେଜ ଜାତି ବ୍ୟକ୍ତି ସ୍ୱାଧୀନତା ଓ ବାଣୀ ସ୍ୱାଧୀନତା ପାଇଁ, ତାର ସମଗ୍ର ଇତିହାସକୁ ରକ୍ତରେ ରଂଜିତ କରି ଆସିଛି। ବାଣିଜ୍ୟ ପାଇଁ ଇଂରେଜ ଅର୍ଦ୍ଧେକ ଧରଣୀକୁ ଅଧିକାର କରିଥିଲେ ହେଁ କଠିନ ପରିଶ୍ରମ ଓ ମାନବତାବୋଧ ପାଇଁ ଇଂରେଜ ବିଶ୍ୱରେ ପରିଚିତ। ଇଂରେଜର ବଡ଼ଗୁଣ ହେଉଛି ମଜ୍ଜାଗତ ଦେଶାତ୍ମବୋଧ। ସେମାନଙ୍କ ଚରିତ୍ରର ଦ୍ୱିତୀୟ ବୈଶିଷ୍ଟ୍ୟ ହେଲା, ସ୍ୱାବଲମ୍ବଶୀଳତା ଓ କର୍ତ୍ତବ୍ୟପରାୟଣତା ସାଧାରଣ ଇଂରେଜ ଭାବପ୍ରବଣ ନୁହେଁ। ସେ ଉନ୍ମାଦନାକୁ ପସଂଦ କରେ ନାହିଁ, ଯାହା କରେ ଭାବିଚିନ୍ତି କରେ। ଭଦ୍ରତା ଓ ଭଦ୍ର ବ୍ୟବହାର ଇଂରେଜ ଜାତିର ଆଉ ଏକ ମଧୁର ବୈଶିଷ୍ଟ୍ୟ। ଆମ ଦେଶର ଆଦର୍ଶ ଯେପରି ନିରାସକ୍ତି ସେହିପରି ଇଂରେଜର ଇହ ଜୀବନର ଆଦର୍ଶ ହେଲା, ଜେଣ୍ଟଲମ୍ୟାନ୍ ହେବା। ଜେଣ୍ଟଲ୍‌ମ୍ୟାନ ଆଦର୍ଶର ମୂଳଭାବ ହେଲା, କାହାରି ମନରେ କଷ୍ଟ ନ ଦେବା। ଖେଳପଡ଼ିଆରେ ମଧ୍ୟ ଇଂରେଜର ଶୃଙ୍ଖଳା ଲକ୍ଷ୍ୟ କରିବାର କଥା। ଦ୍ୱନ୍ଦ ଯୁଦ୍ଧପରେ ଇଂରେଜ ଜେତା ଓ ବିଜେତା ସସ୍ମିତ ବଦନରେ ପରସ୍ପରର କରମର୍ଦ୍ଦନ କରି ଘରକୁ ଫେରନ୍ତି ଅଥଚ ଆମ ଭାରତବର୍ଷରେ ଫୁଟବଲମ୍ୟାଚପରି ଅବସର ବିନୋଦନରୁ ମୁଣ୍ଡଫଟାଫଟି ଆରମ୍ଭ ହୁଏ। ଇଂରେଜ ଶତ୍ରୁକୁ ମଧ୍ୟ ହସିକରି କଥା କହେ।

ମାନସିଂହ ଇଂରେଜ ଜାତିକୁ ଖୁବ୍ ଉଚ୍ଚଆସନ ଦେଲେ ମଧ୍ୟ ଇଉରୋପୀୟ ସଭ୍ୟତାକୁ ଉତ୍ପାତି ଓ କୁତ୍ସିତ ସଭ୍ୟତା ଏବଂ ଏହା ଆଧୁନିକ ବିଜ୍ଞାନ ଦ୍ୱାରା ମାନବ ସଭ୍ୟତାକୁ ନଷ୍ଟ କରୁଛି ବୋଲି ମନେ କରନ୍ତି।

## ଶେଷକଥା :

ପ୍ରଥମରୁ କୁହାଯାଇଛି, ମାନସିଂହ ଶିକ୍ଷିତ ଆଧୁନିକ ମଣିଷ ଭଳି ସହରରେ ତାଙ୍କ ଜୀବନର ଅଧିକାଂଶ ସମୟ କାଟିଛନ୍ତି। କୋଠାଘରେ ରହିଛନ୍ତି, ସରକାରୀ ଚାକିରୀ କରିଛନ୍ତି ଓ ଜୀବନରେ ନାନା ପ୍ରଗତିର ଆଶା ବି କରିଛନ୍ତି। ନଂଦଳା ଗ୍ରାମର ମାୟାଧର, ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ଓ କବି ସାହିତ୍ୟିକ ଡକ୍ଟର ମାୟାଧର ମାନସିଂହରେ ପରିଣତ ହୋଇଛନ୍ତି। ଜୀବନର ଏହି ବିକାଶ ତାଙ୍କ ସାଂସ୍କୃତିକ ଚେତନାର ବିକାଶପାଇଁ ପଥଦେଖାଇନାହିଁ। ସଂସ୍କୃତି କ୍ଷେତ୍ରରେ ସେ ସବୁବେଳେ ପଛକୁ ଚାହିଁଛନ୍ତି, ନିଜର ଚେର ଖୋଜିଛନ୍ତି ଓ ମନେ ମନେ ତାହାରି ଶକ୍ତି ପରୀକ୍ଷା କରି ତାହା ଦୃଢ଼ ବୋଲି ଧରି ନେଇଛନ୍ତି। କିନ୍ତୁ ଏହି ସଂଧାନ ଯେତେଟା କଳ୍ପନାରେ ବା ଭାବାଲୋକରେ ସମ୍ଭବ ସେହି ପରିମାଣରେ ଇତିହାସ ଭିତରଦେଇ ନୁହେଁ। ସେ ଇତିହାସକୁ ଆପଣା ମନର ଚେହେରା ଅନୁସାରେ

ଦେଖିଛନ୍ତି। ଓଡ଼ିଆ ଜାତି ବୀର ଜାତି, ଏହା ସ୍ୱୀକାର କଲାମାତ୍ରେ ଆମକୁ ମାନିବାକୁ ପଡ଼ିବ ଏହା ଏକ ନୃଶଂସ ଜାତି। ବୀରତ୍ୱ ସହ ଯୁଦ୍ଧ ଦିଗ୍‌ବିଜୟ, ଅନ୍ୟର ସ୍ୱାଧୀନତା ଅପହରଣ, ଅତୀତରେ ଘନିଷ୍ଠ ଭାବେ ଜଡ଼ିତ ଥିଲା ; ଏବେ ମଧ୍ୟ ଜଡ଼ିତ। ଯୁଦ୍ଧରେ ହେଉଥିବା ନରହତ୍ୟା ନୃଶଂସତା ଓ ଅମାନବିକତାର ଅପରନାମ ନୁହେଁକି ? ସାମନ୍ତବାଦୀ ଅର୍ଥନୀତିରେ ମଣିଷର ବିକାଶ ସୀମାବଦ୍ଧ ସାମନ୍ତମାନଙ୍କର ବ୍ୟକ୍ତିଗତ ଚରିତ୍ର ଅନୁସାରେ ସାଧାରଣ ମଣିଷର ଜୀବନଯାତ୍ରା ନିୟନ୍ତ୍ରିତ ମଧ ହୁଏ। ଓଡ଼ିଶାର ରାଜସିଂହାସନରେ ଭୌମକର ରାଜତ୍ୱରେ ଚାରିଜଣ ରାଣୀ ବସିଥିଲେ। ସେଥିରୁ ଯଦି ଆମେ ଭାବି ନେବା ଯେ ଓଡ଼ିଶାର ସଂସ୍କୃତିରେ ନାରୀ ଓ ପୁରୁଷର ସଂପତ୍ତି ଅଧିକାର ଓ ସାମାଜିକ ସମ୍ମାନ ଏକା, ତେବେ ଆମେ ଭୁଲକରି ବସିବା ନାହିଁକି ? ମାନସିଂହ ବହୁ ସମୟରେ ଏଭଳି ଭୁଲ କରି ବସୁଥିଲେ। ଭାରତର ଅଧିକାଂଶ ଦେବପୀଠ କ୍ଷମତା-ରାଜନୀତି ସହ ବା ରାଷ୍ଟ୍ରତନ୍ତ୍ର ସହ ଘନିଷ୍ଠ ଭାବରେ ଜଡ଼ିତ। ଜଗନ୍ନାଥ ଐତିହାସିକ ଆବଶ୍ୟକତା ହେତୁ, ଓଡ଼ିଆ ରାଜତନ୍ତ୍ରର ପ୍ରାଣ ପ୍ରତିଷ୍ଠାତା। ରାଜା ଉଚ୍ଚସିଂହାସନରେ ବସେ, କିନ୍ତୁ ଅପରକୁ ଘୃଣା କରି ସେ ଶାସନ ଚଳାଏ ନାହିଁ। ସେ ନୀଚତମ ବର୍ଗର ଅସ୍ପୃଶ୍ୟ ଠାରୁ ଉଚ୍ଚତମ ବ୍ରାହ୍ମଣ ଯାଏ ସମସ୍ତଙ୍କ ସ୍ଥିତିକୁ ସ୍ୱୀକାର କରେ, ରୋମାନଙ୍କ ବଂଚିବାର କ୍ଷେତ୍ର ନିର୍ଦ୍ଦିଷ୍ଟ ମଧ୍ୟ କରେ। ତା ନ ହେଲେ ରାଷ୍ଟ୍ର ବିପ୍ଳବ ଅନିବାର୍ଯ୍ୟ। ଜଗନ୍ନାଥ ରାଷ୍ଟ୍ର ସାଂଗରେ ସଂପୃକ୍ତ ଥିବାରୁ ଉଦାର ହେବାକୁ ବାଧ୍ୟ ହୋଇଛନ୍ତି। ଶ୍ରୀ ଜଗନ୍ନାଥର ସଂସ୍କୃତି ଓଡ଼ିଆ ରାଜତନ୍ତ୍ରର ସଂସ୍କୃତି। ଅତୀତରେ ସବୁଆଡ଼େ ରାଜତନ୍ତ୍ର ପ୍ରତିଷ୍ଠିତ ଥିଲା। ଲୋକମାନେ ବେଳେବେଳେ ରାଜତନ୍ତ୍ରରେ ସୁଖ ସୁବିଧାରେ ବି ରହୁଥିଲେ। କିନ୍ତୁ ବର୍ତ୍ତମାନ ଯୁଗରେ ଯଦି ରାଜତନ୍ତ୍ରକୁ ସର୍ବଶ୍ରେଷ୍ଠ ଶାସନ ପଦ୍ଧତି ବୋଲି କୁହାଯାଏ, ତାହାହେଲା ହାସ୍ୟାସ୍ପଦ ହେବାହିଁ ସାର ହେବ। ଅର୍ଥନୈତିକ ଅନଗ୍ରସରତା ଓ ସାମାଜିକ ଗୌଣତ୍ୱବୋଧ, ଆମ ଭିତରେ ସାମନ୍ତବାଦର ଯେଉଁ କେତେକ ଶେଷ ଚିହ୍ନ ଛାଡ଼ି ଯାଇଛି ତାକୁ ଆମେ ଶ୍ରଦ୍ଧାର ସହ ସ୍ମରଣ କରିବା ବା ସେଥିନେଇ କୌଳିନ୍ୟ ଦାବୀ କରିବା, ପାଶ୍ଚାତ୍‌ଗାମୀ ମାନସିକତାର ହିଁ ପରିଚୟ ଦିଏ। ଉତ୍ପାଦନ ବ୍ୟବସ୍ଥା ଓ କ୍ଷମତା ସଂଘର୍ଷରେ ଓଡ଼ିଶାର ମାନଚିତ୍ର ବଦଳିଛି। ତାକୁ ବାହାର ଲୋକ କେହି ବାଧ୍ୟ କରି ବଦଳାଇ ନାହାନ୍ତି, ଆବଶ୍ୟକତାରୁ ସେ ବାଧ୍ୟ ହୋଇ ବଦଳିଛି। ଓଡ଼ିଆ ଚଳଣିରେ ବଂଗାଳୀ ହୋଇଛି। ସଂସ୍କୃତି ବିଚାର କ୍ଷେତ୍ରରେ ମାନସିଂହଙ୍କର ରକ୍ଷଣଶୀଳ ମନହିଁ ଅତ୍ୟଧିକ ଭାବରେ ପ୍ରକାଶ ପାଇଛି। ଧର୍ମ, ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଚାହୁଁଥିବା ମାନସିଂହ ଯେ ପରିବର୍ତ୍ତନର ଚେହେରାଟା ଠିକ୍ ଠଉରାଇ ପାରି ନାହାନ୍ତି, ତାର କାରଣ ତାଙ୍କର ଏଇ ସାଂସ୍କୃତିକ ରକ୍ଷଣଶୀଳତା।

□□

ପ୍ରାନ୍ତଟୀକା :

୧- ପାଣିଗ୍ରାହୀ (ଡଃ) କୃଷ୍ଣଚନ୍ଦ୍ର- (୧୯୭୮) ମୋ ସମୟର ଓଡ଼ିଶା; ଅଷ୍ଟମ ପରିଚ୍ଛେଦ, ପୃ. ୯୨-୯୩

୨- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଭାଗ-୧୯୭୩) ପରଧର୍ମ (ପ୍ରବନ୍ଧ) ପୃ. ୬୦୩-୬୦୪

୩- ତତ୍ରୈବ, ଓଡ଼ିଆ ଜାତିର ବୈଶିଷ୍ଟ୍ୟ (ପ୍ରବନ୍ଧ) ପୃ. ୫୮୯.
୪- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ- ୧୯୬୪) ଜେମା (କାବ୍ୟ) ପୃ. ୫୯.
୫- ତତ୍ରୈବ,୬- ତତ୍ରୈବ,
୭- ତତ୍ରୈବ, ସାଧବ ଝିଅ (କାବ୍ୟ) ପୃ. ୧୩୭.
୮- ତତ୍ରୈବ, ପୃ. ୧୬୦
୯- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ-୧୯୬୨) ଗୋପପ୍ରୟାଣ (କବିତା) ପୃ.୩୪୪.
୧୦- ତତ୍ରୈବ, ତୀର୍ଥଧୂଳୀ (କବିତା) ପୃ. ୪୨.
୧୧- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ-୧୯୬୪) ସାଧବ ଝିଅ କାବ୍ୟ- ପୃ.୧୪୪.
୧୨- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ-୧୯୬୨) ମହାନଦୀରେ ଜ୍ୟୋସ୍ନାବିହାର (କବିତା) ପୃ-୩୧୪.
୧୩- ମାନସିଂହ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ-୧୯୬୨) ପଲ୍ଲୀସଂଧ୍ୟା ପୃ. ୩୨୦-୩୨୪.
୧୪- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ-୧୯୬୪) ସାଧବଝିଅ (କାବ୍ୟ) ପୃ. ୧୩୮-୩୯୦.

"ମୁଣ୍ଡରେ ଝରାକାଠି ଖୋଷାରେ ଖୋସା/ ପାଦରେ ଝୁଂପାଭରି ଦେଇଛି ଯୋଷା।
ପୃଥୁଳ ବାହୁ ଭରି କୁଟିଛି ଚିତା/ ନୟନେ ଖଂଜରୀଟ ହୋଇଛି ପୋଷା।
ନାକକେ ନୋଥ ନାକଚଣା ଆରେକେ/ ଦଣ୍ଡି-ଝଲକା ଓଠେ ବାଜି ଝଲକେ।
ଅଧର ଘନ ଲାଲ ବିଡ଼ିଆ ରାଗେ/ ଚଳଇ ନାରୀ, ପାନ, ଜାକି ଗାଲକେ।
କପାଳେ କଳାଚିତା ପରେ ଟିକିଲି/ ମହଣ ଦେଇ ଟାଣେ ଦେଇଛି କିଲି,
ମହଣ ଦେଇ ପୁଣି କାଢ଼ିଛି ମାଂଗ/ ଖେଳାଇ ଢ଼େଉ, କେଶ ଦେଇଛି ଭିଡ଼ି।
ବାହୁରେ ତାଡ଼, ଗୋଡ଼େ ପାହୁଡ଼ ବଳା/ ସରଣୀ କଂପେ ଯେବେ ଚାଲେ ଅବଳା,
ଧରଣୀ ନିଦ ଭାଂଗେ ଚରଣ ମୁଦି/ ଶିଖାଇ ତରୁଣୀଙ୍କୁ ଚଳନ କଳା।

୧୫- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ-୧୯୬୪) ଜେମା (କାବ୍ୟ) ପୃ. ୭୨.

"କହୁଁ ଲାଗେ କଂପନ ଦକ୍ଷିଣ ନୟନେ।
'ମାଆ ଲୋ' ଚିତ୍କାରି ସତୀ/ ଭୟାକୁଳେ ହୋଇ ଅତି/ ମନେ ମନେ ମନାସିଲେ କୋଟି ଦେବତା,
'ରଖ ଦିଅଁ ମୋ ପିଲାରେ/ ଶଂଖ ଚକ୍ର ଆଡୁଆଳେ'/ବୋଲି ଆତ୍ମା ଉଚ୍ଛୁଳିଲା ଜଣାଇ ବ୍ୟଥା
ଛି, ଛି, ପୋଡ଼ା ଆଖିଟା କିଆଁ/ ଥରୁଛି ଏପରି, ମୁହେଁ ପଡୁ ତା ନିଆଁ।

୧୬- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ-୧୯୭୩) ରାଧାନାଥ (ପ୍ରବଂଧ) ପୃ ୪୬୫-୬୬.
୧୭- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ-୧୯୬୪) ସାଧବ ଝିଅ (କାବ୍ୟ) ପୃ-୧୪୬.
୧୮- ମାନସିଂହ, ପଶ୍ଚିମ ପଥିକ (୧୯୬୪) ପୃ. ୧୮୪.
୧୯- ମାନସିଂହ, ଜୀବନପଥ (୧୯୫୭) ପୃ. ୧୮.

୨୦- ମାନସିଂହ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ (୧୯୫୭) ପୃ. ୬.
୨୧- ମାନସିଂହ, ପଶ୍ଚିମ ପଥିକ (୧୯୬୪) ପୃ. ୧୩୨.
୨୨- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ-୧୯୭୩) ଓଡ଼ିଆ ଜାତିର ବୈଶିଷ୍ଟ୍ୟ ପୃ.୬୮୪-୬୮୬.
୨୩- ମାନସିଂହ, ଓଡ଼ିଆ ସାହିତ୍ୟର ଇତିହାସ (୧୯୭୬) ପୃ. ୩୫.
୨୪- ମାନସିଂହ, ସାଗା ଅଫ୍ ଦି ଲ୍ୟାଣ୍ଡ ଅଫ୍ ଜଗନ୍ନାଥ (୧୯୬୯) ପୃ.୩.
୨୫- ମାନସିଂହ, ଓଡ଼ିଶା ଓ ଜଗନ୍ନାଥ (ପ୍ରବନ୍ଧ) ଉତ୍କଳ ପ୍ରସଂଗ-ନବକଳେବର ବିଶେଷାଙ୍କ (୧୯୬୯) ପୃ. ୨.
୨୬- ମାନସିଂହ, ସାଗା ଅଫ୍ ଦି ଲ୍ୟାଣ୍ଡ ଅଫ୍ ଜଗନ୍ନାଥ (୧୯୬୯)
୨୭- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ-୧୯୭୩) ଓଡ଼ିଶାର ସାମାଜିକ ଜୀବନ (ପ୍ରବନ୍ଧ) ପୃ. ୬୩୩.
୨୮- ତତ୍ରୈବ
୨୯- ମାନସିଂହ, ପଶ୍ଚିମ ପଥିକ (୧୯୬୪) ପୃ. ୨୦୧.
୩୦- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ-୧୯୬୪) କମଳାୟନ (କାବ୍ୟ) ପୃ-୨୫୭.
୩୧- ମାନସିଂହ, ପଶ୍ଚିମ ପଥିକ (୧୯୬୪) ପୃ. ୨-୩.
୩୨- ମାନସିଂହ, (କ) ଜୀବନପଥ, ପୃ. ୧୦୦ (ଖ) ସାଗା ଅଫ ଦି ଲ୍ୟାଣ୍ଡ୍ ଅଫ୍ ଜଗନ୍ନାଥ ପୃ. ୨୨-୨୩ (ଗ) ଅନ୍ୱେଷଣ, ପୃ. ୮୫-୧୦୫.
୩୩- ମାନସିଂହ, ଜୀବନପଥ (୧୯୫୭) ପୃ. ୧୦୨.
୩୪- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ) ନୂତନ କବିତାର ତନୁତ୍ୟାଗ ପୃ. ୫୬୮.
୩୫- ତତ୍ରୈବ.
୩୬- ତତ୍ରୈବ, ଓଡ଼ିଆ ସାହିତ୍ୟରେ ରୋମାଣ୍ଟିସିଜମ୍, ପୃ. ୬୨୨-୨୩.
୩୭- ମାଟିର ମହାକବି ସାରଳା ଦାସ (୧୯୭୧) ପୃ. ୫୭.
୩୮- ମାନସିଂହ, ଓଡ଼ିଆ ସାହିତ୍ୟର ଇତିହାସ (୧୯୭୬) ପୃ. ୩୮.
୩୯- ମାନସିଂହ, ପଶ୍ଚିମ ପଥିକ (୧୯୬୪) ପୃ. ୧୬.
୪୦- ତତ୍ରୈବ, ପୃ. ୫୭.
୪୧- ମାନସିଂହ, ଶିକ୍ଷାର କି, କ'ଣ ଓ କାହିଁକି? (୧୯୬୦) ପୃ. ୨୪.
୪୨- ମାନସିଂହ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ, ପୃ. ୭.
୪୩- ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ-୧୯୭୩) ଓଡ଼ିଆ ଜାତିର ବୈଶିଷ୍ଟ୍ୟ ପୃ.-୫୮୬.
୪୪- ମାନସିଂହ, ଗୀତାମହାତ୍ମ୍ୟ (୧୯୬୯) ପୃ. ୧୦୧.
୪୫- ମାନସିଂହ, ଭାରତରେ କର୍ତ୍ତବ୍ୟବୋଧ (ପ୍ରବନ୍ଧ) ନବରବି-୨/୧୧, ପୃ. ୧୧. ମଇ, ୧୯୭୨.
୪୬- ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ-୧୯୬୪) କମଳାୟନ (କାବ୍ୟ) ପୃ.-୩୦୫.
୪୭- ମାନସିଂହ, ପଶ୍ଚିମ ପଥିକ (୧୯୬୪) ପୃ. ୯୬.

# ଉପସଂହାର

## ॥ ଏକ ॥

ଅଠରଶହ ସତର ମସିହାରେ ଇଂରେଜ ଶାସକ ଓ ଓଡ଼ିଆ ପାଇକମାନଙ୍କ ମଧ୍ୟରେ ହୋଇଥିବା ସଂଗ୍ରାମ ଇଂରେଜମାନଙ୍କର ବିପୁଳ ବିଜୟରେ ହିଁ ପରିଣତି ଲାଭ କରିଥିଲା। ତା' ସହିତ ସ୍ୱାଧୀନତାର ଶେଷ ଆଶାର ସ୍ୱପ୍ନ କ୍ରମଶଃ ସମାଧି ନେବାକୁ ଆରମ୍ଭ କରିଥିଲା। ପଚାଶ ବର୍ଷ ପରେ ସେ ସ୍ୱପ୍ନ ପୁନର୍ଜାଗ୍ରତ ହୋଇ ଉଠିଥିଲା ନ'ଅଙ୍କ ଦୁର୍ଭିକ୍ଷ ଓ ଭାଷା ବିଲୋପ ଆନ୍ଦୋଳନ ଜନିତ ଶ୍ମଶାନର ଜୁଇ ମଧ୍ୟରୁ ଏକ ଭିନ୍ନ ଆଦର୍ଶ ଓ ନୂତନ ସଂଗ୍ରାମୀମାନଙ୍କୁ ଆଶ୍ରୟକରି। ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ଜାତିର ମଧ୍ୟବିତ୍ତ ବର୍ଗ ଏକ ସଂକଟର ସମ୍ମୁଖୀନ ହୋଇଥିଲା। ସେ ସଂକଟରୁ ସେମାନଙ୍କୁ ମୁକ୍ତି ଦେଇଥିଲେ ରେଭେନ୍‌ସା ଓ ବିମ୍‌ସଂକ ଭଳି ସାହେବ, ଗୌରୀଶଙ୍କରଙ୍କର ଭଳି ବଂଗଭାଷୀ ଓଡ଼ିଆ, ରଂଗଲାଲ୍‌ଙ୍କ ଭଳି ବଂଗଳାର ବିଶିଷ୍ଟ କବି ଓ ସାହିତ୍ୟିକ ଇଂରେଜମାନଙ୍କ ଅନୁସୃତ ବିଭାଗୀକରଣ ଓ ଶାସନ ନୀତି (ଡିଭାଇଡ୍ ଏଣ୍ଡ ରୁଲ ପଲିସ୍) ଅନେକାଂଶରେ ସେମାନଙ୍କୁ ସହାୟ ହୋଇଥିଲା। ଜୀବଜଗତର ନିୟମ ଅନୁସାରେ ସବଳ ଦୁର୍ବଳକୁ ଆତ୍ମସାତ୍ କରେ, ସଂସ୍କୃତି କ୍ଷେତ୍ରରେ ବି ତାହା ବେଳେ ବେଳେ ଦେଖାଯାଏ। ଯେଉଁଠି ଗୋଟିଏ ସମାଜର ସଂସ୍କୃତି କ୍ରମଶଃ ଉତ୍‌କୈନ୍ଦ୍ରିକ ହୋଇ ସଂସ୍କୃତିପ୍ରସାର ଶୋଷଣକୁ ହିଁ ଆପଣାର ପ୍ରକୃତ କାର୍ଯ୍ୟ ବୋଲି ମନେ କରୁଥାଏ, ସେଠାରେ ଏହା ଘଟିବା ସ୍ୱାଭାବିକ। କିନ୍ତୁ ମଣିଷତ ସାଧାରଣ ଜୀବଟାଏ ନୁହେଁ, ସେ ବଞ୍ଚିବା ପାଇଁ ଯେଉଁଠି ଇଚ୍ଛାକରେ, ଆତ୍ମରକ୍ଷା ପାଇଁ ଯେତେବେଳେ ପ୍ରଚୋଦନା ପାଏ, ସେତେବେଳେ ଶୋଷଣର ରାହୁଗ୍ରାସ ତାକୁ ନିଶ୍ଚିହ୍ନ କରିପାରେ ନାହିଁ। ଓଡ଼ିଆ ଜାତି କ୍ଷେତ୍ରରେ ତାହାହିଁ ଘଟିଥିଲା। ବଂଗୀୟ ମଧ୍ୟବିତ୍ତର ଶୋଷଣ-ଚକ୍ର ଓ ସାଂସ୍କୃତିକ-ରାହୁଗ୍ରାସରୁ ନିଜକୁ ମୁକ୍ତ କରିବା ପାଇଁ ସଂଗ୍ରାମ କରି କ୍ରମଶଃ ନିଜକୁ ସେ ପ୍ରତିଷ୍ଠା କରିବାକୁ ଚାହିଁଥିଲା। ଊଣେଇଶ ଶହ ଛତିଶ ମସିହା ପର୍ଯ୍ୟନ୍ତ ଓଡ଼ିଆର ଥିଲା ତାହା ଏକାନ୍ତ ଧ୍ୟାନ ଓ ସାଧନା। ମାନସିଂହଙ୍କର ଜନ୍ମ ଓଡ଼ିଆ ଜନଜୀବନର ତଥା ସାଂସ୍କୃତିକ ମୂଲ୍ୟବୋଧର ଏଇଭଳି ଏକ ଆତ୍ମ-ପ୍ରତିଷ୍ଠା ପାଇଁ ସଂଗ୍ରାମ କାଳରେ। ପ୍ରତ୍ୟେକ ସଂଧି-କାଳ ଭିତରେ ବହୁ ସଂଭାବନା ସଂଗୁପ୍ତ ଥାଏ। ସମୟ ବ୍ୟକ୍ତିକୁ କେବଳ ଜାଗରୂକ ଓ ଚଳମାନ କରେ ନାହିଁ, ତା ଭିତରେ ଥିବା ନବ ନବ ସମ୍ଭାବନା ପାଇଁ ପଥ ପରିଷ୍କାର କରେ। ସମୟର ଏହି ପ୍ରଭାବ ଫଳରେ ସୁଦୂର ପାରିକୁଦର ଅଜ୍ଞାତ ନଂଦଲା ଗ୍ରାମର ସତ୍ୟବାଦୀ ନାୟକଙ୍କ ପୌତ୍ର ଓ ପଦ୍ମଚରଣ ମାନସିଂହଙ୍କର ପୁତ୍ର, ମାୟାଧର ପାରିବାରିକ ସାହାରାହୀନ ହୋଇ ମଧ୍ୟ ନିଜ ସମୟର ସଂସ୍କୃତି କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ଓ ଖ୍ୟାତନାମା ପୁରୁଷ ହୋଇପାରିଥିଲେ।

ଭାରତବର୍ଷରେ ଇଂରେଜମାନଙ୍କର ପୁଂଜିବାଦୀ ଅର୍ଥନୀତିର ପ୍ରଚଳନ ଆଧୁନିକ କାଳର ସୂଚନା ଦେଇଥିଲା। ପୁଂଜିବାଦୀ ଅର୍ଥନୀତି ସହ ଆଧୁନିକତା ଓ ମଧ୍ୟବିତ୍ତ

ଶ୍ରେଣୀ ଘନିଷ୍ଠ ଭାବେ ଜଡ଼ିତ। ବ୍ୟକ୍ତି ତା'ର ଜନ୍ମ ନେଇ ନୁହେଁ, ତାର ପ୍ରତିଭା ଓ ସାଧନା ଫଳରେ ସେ ସମାଜରେ ପ୍ରତିଷ୍ଠା ଲାଭ କରେ। ଟଙ୍କା ଯେଉଁଭଳି କ୍ଷଣଭଙ୍ଗୁର ଓ ନିତ୍ୟଚଳମାନ, ସାମାଜିକ ମର୍ଯ୍ୟାଦାବୋଧ ସେଇଭଳି ଆଧୁନିକ ସମାଜରେ ନିତ୍ୟ ଚଳମାନ। ଆଧୁନିକ ସମାଜରେ ପ୍ରତ୍ୟେକ ବ୍ୟକ୍ତିର ସାଧନା ହେଉଛି ମଧ୍ୟବିତ୍ତ ହେବାର ସାଧନା। ଅବଶ୍ୟ ଭାରତରେ ମଧ୍ୟବିତ୍ତ ଶ୍ରେଣୀର ବିକାଶ ବିଭିନ୍ନ କାରଣରୁ ସୀମାବଦ୍ଧ ହେବାକୁ ବାଧ୍ୟ ହୋଇଥିଲା। ଔପନିବେଶିକ ଅର୍ଥନୀତି ଭାରତୀୟ ମଣିଷକୁ ପରିପୂର୍ଣ୍ଣଭାବେ 'ବ୍ୟକ୍ତି' ହେବାର କ୍ଷମତାରୁ ବଞ୍ଚିତ କରିଥିଲା। ବିଶେଷତଃ ଓଡ଼ିଶାଭଳି ଅନଗ୍ରସର ରାଜ୍ୟରେ ମଧ୍ୟବିତ୍ତର ଖୋଳପା ତଳେ ସାମନ୍ତବାଦର କଙ୍କାଳ ନୂଆ ଜୀବନପାଇଁ ପଥ ଖୋଜୁଥିଲା। ମଧୁସୂଦନ ଦାସଙ୍କ ଠାରୁ ଆରମ୍ଭ କରି ବିଶ୍ୱନାଥ କରଙ୍କ ପର୍ଯ୍ୟନ୍ତ ମାନସିଂହଙ୍କ ପୂର୍ବବର୍ତ୍ତୀ ବହୁ ଅଗ୍ରଣୀ ଓଡ଼ିଆଙ୍କ ଜୀବନକୁ ବିଶ୍ଳେଷଣ କଲେ ଆମେ ଏହି ଦ୍ୱନ୍ଦ୍ୱ ଦେଖିପାରିବା। ଓଡ଼ିଆମାନେ ପରିପୂର୍ଣ୍ଣ ଭାବରେ 'ବ୍ୟକ୍ତି' ହୋଇ ପାରନ୍ତୁ ବା ନପାରନ୍ତୁ ଅନ୍ତତଃ ଗୋଟିଏ ଦିଗରେ, ସେମାନଙ୍କ ସାଧନା ଅଖଣ୍ଡ ଓ ଧାରାବାହିକ ଥିଲା: ତାହା ହେଉଛି ନିଜ ଭାଷା ଏବଂ ସାହିତ୍ୟର ଉନ୍ନତି ଓ ରଚନା ମାଧ୍ୟମରେ ଆତ୍ମପ୍ରକାଶ କରିବାର ଇଚ୍ଛା। ଛାତ୍ର ଅବସ୍ଥାରୁ ଲେଖିବା ତଥା ଲେଖା ମାଧ୍ୟମରେ ପରିଚିତ ହେବାର ବାସନା ମାନସିଂହ ଆପଣା ସମୟରୁ ହିଁ ଲାଭ କରିଥିଲେ।

ବର୍ତ୍ତମାନ ମିଳୁଥିବା ମାନସିଂହଙ୍କ ପ୍ରଥମ ଲେଖାର ସମୟ କାଳ ୧୯୨୩ ମସିହା। ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଲେଖନୀ ଅଜସ୍ରସ୍ରାବୀ ଥିଲା। ଗଳ୍ପ, ପ୍ରବଂଧ, ଉପନ୍ୟାସ, କବିତା, କାବ୍ୟ, ନାଟକ, ସମାଲୋଚନା, ଭାଷ୍ୟ, ଟିପ୍ପଣୀ, ଅନୁବାଦ ମାଧ୍ୟମରେ ମାନସିଂହ ଏକ ବିରାଟକାୟ ଅକ୍ଷରକୀର୍ତ୍ତି ଛାଡ଼ିଯାଇଛନ୍ତି। ସଂପୃକ୍ତ ନିବଂଧର ଗତ ଛଅଟି ଅଧ୍ୟାୟରେ ଏହି ବିପୁଳ ରଚନାବଳୀକୁ ଭିତ୍ତିକରି ତାଙ୍କ ବିଚାରଧାରାର ସ୍ୱରୂପ ନିର୍ଣ୍ଣୟ କରାଯାଇଛି। ସାମଗ୍ରିକ ଭାବରେ ଅଧ୍ୟୟନ କଲେ ତାଙ୍କ ରଚନାବଳୀରେ ସ୍ପଷ୍ଟ ତିନୋଟି ସ୍ତର ଲକ୍ଷ୍ୟ କରାଯାଇପାରେ— ଲେଖକ ଜୀବନ ଆରମ୍ଭରୁ ବିଲାତ ଯାତ୍ରା ପର୍ଯ୍ୟନ୍ତ, ବିଲାତ ପ୍ରତ୍ୟାବର୍ତ୍ତନ ପରଠାରୁ ୧୯୪୮-୪୯ ପର୍ଯ୍ୟନ୍ତ ଓ ୧୯୪୯ ମସିହା ରୁ ମୃତ୍ୟୁ ପର୍ଯ୍ୟନ୍ତ। ପ୍ରତ୍ୟେକ ସ୍ତର ଭିତରେ କିଛି ବ୍ୟତିକ୍ରମ ଅବଶ୍ୟ ଲକ୍ଷ୍ୟ କରାଯାଇ ପାରେ ତଥାପି ନିଜେ ନିଜର ପରିଦୃଶ୍ୟମାନ ଜଗତ, ମାନବିକ ବିଶ୍ୱ ଓ ପରିଚିତ ସାଂସ୍କୃତିକ ଜଗତ— ଏହି ସମସ୍ତ କ୍ଷେତ୍ରରେ ସେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ବିଚାରବୋଧ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ପ୍ରୟୋଗ କରିଛନ୍ତି। ପ୍ରାରମ୍ଭିକ ଜୀବନରେ ମାନସିଂହ କବି, ଦ୍ୱିତୀୟ ସ୍ତରରେ ସାମାଜିକ ଅଂଗୀକାର-ବଦ୍ଧ ଜଣେ ବୁଦ୍ଧିଜୀବୀ ଏବଂ ତୃତୀୟ ସ୍ତରରେ ସେ ଜଣେ ତତ୍ତ୍ୱଜିଜ୍ଞାସୁ ଚିନ୍ତାନାୟକ।

ପ୍ରଥମ ଜୀବନରେ ମାନସିଂହ ଜଣେ ମୁଗ୍ଧ ଦ୍ରଷ୍ଟା। ଜୀବନକୁ, ଜଗତକୁ ଓ ଉଭୟର ପ୍ରକାଶକୁ ବିଚାର କରିବା ଅପେକ୍ଷା, ମାନସିଂହ ପ୍ରଥମେ ଭଲପାଇ ବସିଛନ୍ତି। ବିଚାର କରିବା ପାଇଁ ବିଚାର୍ଯ୍ୟ ବସ୍ତୁଠାରୁ ଯେଉଁ ମାନସିକ ଦୂରତ୍ୱ ଦରକାର, ତାହା ଏହି ସମୟରେ ମାନସିଂହଙ୍କ ଠାରେ ଦେଖାଦେଇ ନାହିଁ। କେତେବେଳେ ଇରାନୀ କିଶୋରୀର

ଗୁଲବଦନ, କେତେବେଳେ 'ଧୂପ'ର ନାୟିକା ତ ଅନ୍ୟ କେତେବେଳେ ଗାନ୍ଧୀ ଗୋପବନ୍ଧୁଙ୍କ ପରି ମହାତ୍ମାମାନଙ୍କ ପାଇଁ ତାଙ୍କ ପ୍ରାଣ ସ୍ପନ୍ଦିତ ହୋଇ ଉଠିଛି। ମଣିଷକୁ ସେ ଦେଖିଛନ୍ତି, ଆନନ୍ଦର ରସଘନ ରୂପ ହିସାବରେ, ତା' ମଧ୍ୟରେ ସେ ଲକ୍ଷ୍ୟ କରିଛନ୍ତି ଦେବତ୍ୱର ଦୀପ୍ତି। ମଣିଷ ରୂପ ନେଇ ଜନ୍ମ ନେଲେ ବି ଗାନ୍ଧୀ ଓ ଗୋପବନ୍ଧୁ ତାଙ୍କୁ ଦେବତ୍ୱର ଆଭା ନେଇ ଦେଖା ଦେଇଛନ୍ତି। ମଣିଷ ପ୍ରତି ଏଇ ଦୃଷ୍ଟିକୋଣ ତାଙ୍କ ପ୍ରକୃତି ଦୃଷ୍ଟିକୋଣକୁ ମଧ୍ୟ ସଂକ୍ରମିତ। ପ୍ରକୃତି ସେଠି ମାନବୀୟ ଅନୁଭବର ହିଁ ପ୍ରକାଶ। ଏହି ବିଚିତ୍ରବର୍ଣ୍ଣା ବିଶ୍ୱ ଭିତରେ ମଣିଷର ସ୍ରଷ୍ଟା ସୁଲଭ ମନ ଅଜସ୍ର ରୂପରେ ଆତ୍ମପ୍ରକାଶ କରେ। ତେଣୁ ମହାନଦୀରେ ସେ ଜ୍ୟୋତ୍ସ୍ନା ବିହାର ଦେଖେ, ପ୍ରକୃତି ବକ୍ଷକୁ ନୂତନ ମୂଲ୍ୟବୋଧରେ ସେ ଉଦ୍ଦୀପ୍ତ କରେ। ଭଗବାନ ମଧ୍ୟ ଏଇ ମାନବତ୍ୱର ସଂପ୍ରସାରଣ। ମଣିଷ ଭିତରେ ହିଁ ଭଗବାନ ଜନ୍ମ ନିଅନ୍ତି ବିଶ୍ୱକୁ ସୁନ୍ଦର ଓ ନିରାମୟ କରିବା ପାଇଁ। ଶିକ୍ଷା, ସଂସ୍କୃତି ତଥା ସାହିତ୍ୟ ସବୁ ମଧ୍ୟ ମାନବୀୟ କଳ୍ପନାର ଏକ ମଧୁଚକ୍ର। ଖ୍ରୀ: ୧୯୩୫ ମସିହା ପର୍ଯ୍ୟନ୍ତ ମାନସିଂହ କବି ଭାବରେ ହିଁ ଜଗତ ଓ ଜୀବନକୁ ଉପଲବ୍ଧି କରି ତାର ରୂପାୟନ କରିଛନ୍ତି। ତେଣୁ ପ୍ରାଥମିକ ଜୀବନରେ ମାନସିଂହଙ୍କର ରଚନା ଜଗତ ଅଭିବ୍ୟକ୍ତିର ମାଧୁର୍ଯ୍ୟ ଯେତିକି ମନୋମୁଗ୍ଧକର, ପାଠକର ପ୍ରାଣକୁ ଅଭିଭୂତ କରିବାରେ ତାହା ଯେତିକି ସମର୍ଥ, ବିଚାରଧାରାଗତ ନୂତନତ୍ୱର ସଂଧାନ ଦେବାରେ ତାହା ସେହି ପରିମାଣରେ ଅସମର୍ଥ।

୧୯୩୬ ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା। ଓଡ଼ିଆମାନଙ୍କର ବହୁ ଦିନର କଳ୍ପନା ସ୍ୱପ୍ନ ସଂଗ୍ରାମ, ସ୍ୱତନ୍ତ୍ର ପ୍ରଦେଶ ହେଲାପରେ ତିରୋହିତ ହେବାକୁ ବାଧ୍ୟ ହୋଇଥିଲା। ମାନସିଂହ ମନପ୍ରାଣରେ ଥିଲେ ଜଣେ ଓଡ଼ିଆ। ଓଡ଼ିଶାର ଅତୀତ ତାର ଗୌରବଗାଥା, ତାଙ୍କ କାବ୍ୟ ଜଗତକୁ ବହୁଭାବରେ ଘେରି ରହିଥିଲା। ବହୁ ସମୟରେ ମନେହୁଏ ତାଙ୍କ କାବ୍ୟ କବିତାର ପ୍ରାଥମିକ ଆବେଦନ ଉତ୍କଳୀୟ ସ୍ୱଦେଶପ୍ରେମ। ପ୍ରେମିକାର ଅବର୍ତ୍ତମାନରେ ପ୍ରେମିକ ଯେଭଳି ତାକୁ ସ୍ମରଣ କରେ, ବିରହ ବେଦନାରେ ଘାରି ହୁଏ, ସନ୍ତାନର ଅବର୍ତ୍ତମାନରେ ମାତାପ୍ରାଣ ଯେଭଳି କ୍ରନ୍ଦନ କରିଉଠେ ଓ ମାତୃହରା ଶିଶୁ ଯେଭଳି ମା' ମା' ବୋଲି ଚିତ୍କାର କରେ କବି ମାନସିଂହ ୧୯୩୬ ମସିହା ପୂର୍ବରୁ ଏହି ରୂପସୀ ଓ ଐତିହ୍ୟ ସଂପନ୍ନ ଓଡ଼ିଆ ଜାତିକୁ ନେଇ ସେହିଭଳି କାନ୍ଦିଛନ୍ତି, ସ୍ମରଣ କରିଛନ୍ତି। ତା ପାଇଁ ଆର୍ତ୍ତନାଦ ବି କରିଛନ୍ତି। କିନ୍ତୁ ସମସ୍ତ ସ୍ୱପ୍ନ ରୂପ ପାଇଗଲାପରେ, ସେହି ବାସ୍ତବ ରୂପକୁ ମଣିଷ ଯେଭଳି ପୁଣିଥରେ ଦେଖି ଭୟଭୀତ ହୋଇଉଠେ, ମାନସିଂହ ୧୯୩୬ ପରେ ଓଡ଼ିଶାକୁ ଦେଖି ଭୟଭୀତ ହୋଇ ଉଠିଛନ୍ତି। ପ୍ରେମ ଓ ପ୍ରଣୟ ବୀଣାର ଝଂକାର ମଧ୍ୟ ଏହି ସମୟବେଳକୁ ଅସ୍ପଷ୍ଟ ହୋଇ ଆସିଛି। ଅତୀତର ପ୍ରେମଜୀବନ ବିସ୍ମୃତ ହୋଇ ଆସିଛି ଘର ସଂସାରର ଜଂଜାଳ ଭିତରେ। ପ୍ରେମିକ ମାନସିଂହ ପିତା ମାନସିଂହରେ ପରିଣତ ହୋଇଛନ୍ତି। ଅପର ପକ୍ଷରେ ପ୍ରାଦେଶିକ ସ୍ୱାୟତ୍ତଶାସନ ଆଇନ ଅନୁସାରେ ଗଠିତ କଂଗ୍ରେସ ମନ୍ତ୍ରୀସଭାର ଦୁର୍ନୀତି ମାନସିଂହଙ୍କ ଆଗରେ ଗାନ୍ଧୀଙ୍କ ଆଦର୍ଶର ଅନୁଗାମୀମାନଙ୍କର ଫଂପା ରୂପକୁ ପ୍ରକାଶ କରିଦେଇଥିଲା। ତେଣୁ ଇଂଲଣ୍ଡ

ରହଣୀ କାଳରେ ସେ ସେଠାର ଜୀବନଯାତ୍ରା, ସେମାନଙ୍କର ଶ୍ରମନିଷ୍ଠା, ଶୃଙ୍ଖଳାପ୍ରିୟତା, ସମୟାନୁବର୍ତ୍ତିତା, ଉଚ୍ଚ ନୈତିକ ମୂଲ୍ୟବୋଧ ଓ ସ୍ୱାଧୀନ ଭାବରେ ବଞ୍ଚିବାର ଇଚ୍ଛା, ଏହି ସମସ୍ତ ଗୁଣାବଳୀ ଦ୍ୱାରା ଆକୃଷ୍ଟ ହୋଇଥିଲେ। ପ୍ରାଥମିକ ଜୀବନରେ ଥିବା ବହୁ ସ୍ୱପ୍ନ ଜଗତ କ୍ରମଶଃ ଭାଂଗି ଭାଂଗି ଆସୁଥିଲାବେଳେ ଏହି ନୂତନ ମୂଲ୍ୟ ସକଳ ତାଙ୍କୁ ନୂତନ ଭାବରାଜ୍ୟକୁ ଆକର୍ଷିତ କରିଥିଲା। ଜୀବନକୁ ଯେଉଁମାନେ ନୂଆ ଦିଗ୍‌ଦର୍ଶନ ଦେଇଛନ୍ତି, ସୁସ୍ଥ ଓ ସୁନ୍ଦର କରାଇଛନ୍ତି ମାନସିଂହ ସେମାନଙ୍କୁ ସମକାଳରେ ବୀର ଭାବରେ ସ୍ମରଣ କରିଛନ୍ତି। ଏହି ବୀରମାନଙ୍କ ଭିତରେ ସେ ଦାର୍ଶନିକ, ଦେଶସେବକ, କବି ପ୍ରମୁଖଙ୍କୁ ଅନ୍ତର୍ଭୁକ୍ତ କରିଛନ୍ତି। ତାଙ୍କର ଭଗବତ୍ ବିଶ୍ୱାସ ସହ ବୀରପୂଜା ମଧ୍ୟ ସଂପର୍କିତ ହୋଇ ପଡ଼ିଛି। ସାମାଜିକ ଜୀବନରେ ଥିବା ବ୍ୟଭିଚାରର ପ୍ରତିବାଦ କରିବାକୁଯାଇ ଜୀବନରେ ନୀତି ଓ ଶୃଙ୍ଖଳାର ପ୍ରତିଷ୍ଠା କରି ମଣିଷକୁ ଅମୃତଲୋକକୁ ନେଇଯିବାର ପଥ ଆବିଷ୍କାର କରିଥିବାରୁ ସେ ବୁଦ୍ଧଙ୍କ ପ୍ରତି ଶ୍ରଦ୍ଧାଶୀଳ ହୋଇ ଉଠିଛନ୍ତି। ଧର୍ମ ପିତୁଳା ପୂଜା ନୁହେଁ, ଅରୂପ ଦେବତାର ଉପାସନା ନୁହେଁ, ତାହା ଜୀବନର ଶୃଙ୍ଖଳା ଓ ସର୍ବୋଦୟ ବିକାଶ ପାଇଁ ଏକ ଶିକ୍ଷାପୀଠ। ବୁଦ୍ଧ ପ୍ରଚାରିତ ଧର୍ମ ଏହି ଭୂମିକା ନିର୍ବାହ କରିଥିବାରୁ, ସେ ବୌଦ୍ଧଧର୍ମ ପ୍ରତି କ୍ରମଶଃ ଆକୃଷ୍ଟ ହୋଇଥିଲେ। ସଂପୃକ୍ତ କାଳରେ ତେଣୁ ମାନସିଂହ ମୁଖ୍ୟତଃ ଜଣେ ଶିକ୍ଷକ ଓ ଶିକ୍ଷା ସଂପର୍କରେ ମୌଳିକ ଚିନ୍ତାବତ୍। ଶିକ୍ଷା ସଂପର୍କିତ ରାଶି ରାଶି ପ୍ରବନ୍ଧ ସେ ୧୯୩୬ ରୁ ୧୯୪୯ ମଧ୍ୟରେ ରଚନା କରିଛନ୍ତି। ଜୀବନର ଦ୍ୱିତୀୟ ପର୍ଯ୍ୟାୟରେ ମାନସିଂହ ମୁଖ୍ୟତଃ ଜଣେ କର୍ମନିଷ୍ଠ ସାମାଜିକ ମଣିଷ।

୧୯୪୮-୪୯ ପରେ ମାନସିଂହଙ୍କ ଜୀବନ କ୍ରମଶଃ ସ୍ଥିତିଶୀଳ ହେବାକୁ ଆରମ୍ଭ କରିଥିଲା। ଶିକ୍ଷା ପରାମର୍ଶଦାତା, ବିଦ୍ୟାଳୟ ନିରୀକ୍ଷକ ପ୍ରଭୃତି ଜଂଗମ ଚାକିରୀ ପରିବର୍ତ୍ତେ ସେ ଗଂଗାଧର ମେହେର କଲେଜର ଅଧକ୍ଷ ପଦ ଗ୍ରହଣ କଲେ। ୧୯୫୬ ରୁ ୧୯୬୦-୬୧ ପର୍ଯ୍ୟନ୍ତ ସରକାରୀ ଚାକିରୀ ଦୃଷ୍ଟିରୁ ତାଙ୍କର ଜୀବନ କିଛିଟା ବିଶୃଙ୍ଖଳ ହୋଇ ଥିଲେ ବି ତାହା ତାଙ୍କୁ ଭ୍ରାମ୍ୟମାଣ କରି ନଥିଲା। ମାନସିଂହଙ୍କର ଜୀବନର ବିଭିନ୍ନ ଦିଗ ସଂପର୍କରେ ବିଚାର ଏହି କାଳରେ ଦାନା ବାଂଧିବାକୁ ଆରମ୍ଭ କରିଛି। ଶିକ୍ଷା ସଂପର୍କରେ ବହୁ ପୁସ୍ତକାବଳୀ, ଗୀତାମହାତ୍ମ୍ୟ, ସାର୍ବଜନୀନ ଗୀତା, ଓଡ଼ିଆ ସାହିତ୍ୟର ଇତିହାସ, ସାଗା ଅଫ୍ ଦି ଲ୍ୟାଣ୍ଡ ଅଫ୍ ଜଗନ୍ନାଥ, ସରସ୍ୱତୀ ଫକୀରମୋହନ ପ୍ରବଂଧ ଓ ଗବେଷଣା ପୁସ୍ତକ ତଥା ସିଂଧୁ ଓ ବିଂଦୁ', 'କ୍ରୁଶ' ଭଳି କବିତା ସଂକଳନ 'ବୁଦ୍ଧ', ଭଳି ନାଟକ ସଂପୃକ୍ତ କାଳରେ ହିଁ ପ୍ରକାଶିତ ହୋଇଛି। ଜୀବନ ସଂପର୍କରେ ତଟସ୍ଥ ତଥା ବୈଚିତ୍ର୍ୟପୂର୍ଣ୍ଣ ମନୋଭାବର ଅଭାବ ଥିଲେ ବି ମାନସିଂହଙ୍କ ଏହି ରଚନାବଳୀ ପଢ଼ିଲେ ମନେ ହୁଏ ଯେ ମଣିଷ ଠାରୁ ଆରମ୍ଭ କରି ଶିକ୍ଷା ଓ ସାହିତ୍ୟ ପର୍ଯ୍ୟନ୍ତ ସବୁ ସଂପର୍କରେ ସେ ଯେଭଳି କିଛି ନୂଆ କଥା କହିବାକୁ ଚାହିଁଛନ୍ତି। ମଣିଷର ଶକ୍ତି ଯେତେବେଳେ ସ୍ତିମିତ ହୋଇଆସେ, ତାର ହାତ ଦୁଇଟାର ଶକ୍ତି ଯେତେବେଳେ କ୍ରମଶଃ

ଓ ଅଧିକ ଶକ୍ତିଶାଳୀ ହସ୍ତ ଯୁଗଳର ଉପସ୍ଥିତି ଅନୁଭବ କରେ। ମାନସିଂହ ସମକାଳରେ କ୍ରମଶଃ ଅତୀନ୍ଦ୍ରିୟବାଦୀ ହୋଇ ଉଠିଛନ୍ତି। ବୁଦ୍ଧଙ୍କର ଧମ୍ମପଦର ସରଳତା ତାଙ୍କ ଚେତନାର ଅଗ୍ରଗମନକୁ ରୋକିପାରି ନାହିଁ। ତାହା କେତେବେଳେ ସିନ୍ଧୁ ଭିତରେ, ଅନ୍ୟ କେତେବେଳେ ବିନ୍ଦୁ ଭିତରେ ଜୀବନର ଅଭିବ୍ୟକ୍ତିର ସଂଧାନ କରିଛି। ନିଜକୁ ଜଣେ ନାସ୍ତିକ ଓ ବୌଦ୍ଧ ବୋଲି ସ୍ୱୀକାର କଲାପରେ ବି ସେ ହିନ୍ଦୁଧର୍ମର ପରମ ଉପାସିତ ଗ୍ରନ୍ଥ ଶ୍ରୀମଦ୍ ଭଗବଦ୍ ଗୀତାର ଭାଷ୍ୟ ଲେଖିବସିଛନ୍ତି। କୃଷ୍ଣ, ବୁଦ୍ଧ, ଖ୍ରୀଷ୍ଟ, ନାନକ ଓ ମହମ୍ମଦ ତଥା ମହାତ୍ମାଗାନ୍ଧୀ ପ୍ରମୁଖଙ୍କୁ ସେହି ପରମ କାରୁଣିକ ଓ ଭଗବାନଙ୍କ ବିଭିନ୍ନ ରୂପ ଭାବରେ ପରିକଳ୍ପନା କରିଛନ୍ତି। ଠିକ୍ ସେହିଭଳି ଶିକ୍ଷା ସଂପର୍କରେ ତାଙ୍କର ମନୋଭାବ କ୍ରମଶଃ ଜଟିଳ ହୋଇ ପଡ଼ିଛି। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ହୋଇ ଉଠିଛନ୍ତି ଜଣେ ଉଗ୍ର ସମାଲୋଚକ। ଆଧୁନିକ ଯୁଗ ଯେଉଁ ଶିକ୍ଷା ଆବଶ୍ୟକ କରେ ସେ ଶିକ୍ଷାକୁ ସେ ଆମେରିକା ଠାରୁ ବୈଦିକ ଆଶ୍ରମ ପର୍ଯ୍ୟନ୍ତ ବିଭିନ୍ନ ଆଡ଼େ ଖୋଜିଛନ୍ତି। ଗାନ୍ଧୀଙ୍କୁ ଦେବତା ମନେ କରୁଥିବା ମାନସିଂହ, ତାଙ୍କ ଶିକ୍ଷା ବ୍ୟବସ୍ଥାକୁ ବାତିଲ କରି ଦେଇଛନ୍ତି। ଜୀବନର ଶେଷ ଭାଗରେ ସେ ଅନୁଭବ କରିଛନ୍ତି, ଇଂରେଜମାନେ ଏ ଦେଶରେ ଯେଉଁ ଶିକ୍ଷା ବ୍ୟବସ୍ଥା କରିଥିଲେ, ତାହା ବୋଧହୁଏ ଏ ଦେଶପାଇଁ ସବୁଠାରୁ ବେଶୀ ଉପଯୋଗୀ। ପରିବର୍ତ୍ତନର ଆକାଙ୍କ୍ଷା ପୁଣି ସ୍ଥିତିଶୀଳତାର ଆମନ୍ତ୍ରଣ– ଏଇ ଉଭୟ ମନୋବୃତ୍ତି ଏକ ସଂଗରେ ତାଙ୍କ ଭିତରେ ରହିଛି। ସାହିତ୍ୟ ଓ ସଂସ୍କୃତି ଆଲୋଚନା କ୍ଷେତ୍ରରେ ବି ସେ ଅନୁରୂପ ମନୋବୃତ୍ତିର ପରିଚୟ ଦେଇଛନ୍ତି। ସେ ପ୍ରଚଳିତ ଧାରାକୁ ସ୍ୱାଗତ କରିପାରି ନାହାନ୍ତି କିନ୍ତୁ ଯେଉଁ ପରିବର୍ତ୍ତନର ଇଂଗିତ ସେ ଦେଇଛନ୍ତି, ତାହା ସ୍ଥିତିସ୍ଥାପକ ଧର୍ମୀ, ଚଳନଧର୍ମୀ ନୁହେଁ। ସଂପୃକ୍ତ କାଳରେ ସେ ଆଦର୍ଶର ଚୌକାଠରୁ ମୁକୁଳି ଜୀବନର ବାସ୍ତବ ଭୂମିକୁ ସ୍ପର୍ଶ କରି ପାରି ନାହାନ୍ତି। ତେଣୁ ଆଦର୍ଶ ବାଦ ଚିହ୍ନିତ କରିଥିବା ପୂର୍ବ ନିର୍ଦ୍ଧାରିତ ରାସ୍ତାରେ କିଛିବାଟ ଗଲାପରେ ସେ ବାରମ୍ବାର ଦିଗହରା ହୋଇଛନ୍ତି।

କୌଣସି ଚିନ୍ତାନାୟକଙ୍କର ବିଚାରଧାରା ଆଲୋଚନାର ବିଶିଷ୍ଟତମ ଦିଗ ହେଲା : ତାହାର ସଂହତି ତଥା ମୌଳିକତା। ଏହି ଉଭୟ ବିଚାର ନାନା ଦିଗରୁ ଅସଂପୂର୍ଣ୍ଣ ଓ ବିତର୍କିତ ହେବାକୁ ବାଧ୍ୟ। କାରଣ ଲେଖକଙ୍କ ଚିନ୍ତାଧାରାକୁ ବେଳେବେଳେ ଆଲୋଚକଙ୍କ ନିଜସ୍ୱ ଆରୋପଣ ମଧ୍ୟରେ ନୂତନଭାବେ ଆବିଷ୍କାର କରିବାର ସମ୍ଭାବନା ଥାଏ। ମାନସିଂହଙ୍କ ବିଚାରଧାରାର ତିନୋଟିସ୍ତର ରହିଛି, ଏ କଥା ବାରମ୍ବାର ଉଚ୍ଚାରିତ। ଏଇ ତିନୋଟି ଧାରା ଭିତରେ କିଛିଟା ବିବର୍ତ୍ତନ ବି ଲକ୍ଷ୍ୟ କରିହୁଏ। ମାନସିଂହଙ୍କ ମନ ଯେଉଁଠି ବାସ୍ତବ ଜଗତର ସୀମା ସରହଦ ଭିତରକୁ ପ୍ରବେଶ କରିନାହିଁ, ସେଠାରେ ତାଙ୍କ ମତାମତର ଗତିପଥ ସରଳ। କିନ୍ତୁ ମଣିଷ, ଧର୍ମ ଓ ଭଗବାନ, ଶିକ୍ଷା ତଥା ସାହିତ୍ୟ ଭଳି ବିତର୍କିତ ବିଷୟ ଭିତରକୁ ଯେତେବେଳେ ସେ ପଶିଛନ୍ତି। ସେତେବେଳେ ବିଚାର୍ଯ୍ୟ ବିଷୟର ଜଟିଳତା, ବିରୋଧୀ ଯୁକ୍ତିର ସବଳତା ତାଙ୍କ ବିଚାରଧାରାକୁ ଜଟିଳତର କରି ପକାଇଛି। ଗୋଟିଏ ଦିଗରେ ନିଜକୁ ରେସେନାଲିଷ୍ଟ ବା ହେତୁବାଦୀ କହିଲାବେଳେ

ଅପର ଦିଗରେ ମଣିଷ, ପୃଥିବୀ ଓ ପୃଥିବୀର ସମସ୍ତ ସୃଷ୍ଟି କୌଣସି ଏକ ଅଦୃଶ୍ୟ ଶକ୍ତିଙ୍କ ଅମୋଘ ନିୟମ ଦ୍ୱାରା ଚାଳିତ, ଏହା ସେ ସ୍ୱୀକାର କରିଛନ୍ତି। ଇଂଦ୍ରିୟଭୋଗ୍ୟ ଜଗତରୁ ଇଂଦ୍ରିୟାତୀତ ଜଗତକୁ ତାଙ୍କ ଚିନ୍ତାଧାରାର ଗତି ସବୁବେଳେ ସ୍ପଷ୍ଟ ଓ ଯୁକ୍ତିଗ୍ରାହ୍ୟ ନୁହେଁ। ଇଂଦ୍ରିୟଭୋଗ୍ୟ ଭୂମି କେତେବେଳେ ଇଂଦ୍ରିୟାତୀତର ଶୂନ୍ୟ ଜଗତରେ ପରିଣତ ହୁଏ, ଭୂମି ଓ ଭୂମା ଭିତରେ ସମନ୍ୱୟ କେଉଁ ଅବସ୍ଥାରେ ଆସେ, ସ୍ଥାଣୁ କେତେବେଳେ ଚଳତ୍‌ଶକ୍ତି ସଂପନ୍ନ ହୋଇଉଠେ, ମାନସିଂହଙ୍କ ବିଚାରଧାରା ତାହା ସଂଧାନ କରିପାର ନାହିଁ। ବୁଦ୍ଧିଗ୍ରାହ୍ୟ ଭାବରେ ଓ ଅନୁଭୂତି ତଥା ଅନୁଭବର ମାପକାଠି ନେଇ ଏଇ ରହସ୍ୟକୁ ଉନ୍ମୋଚିତ କରିବା ପରିବର୍ତ୍ତେ କୌଣସି ଏକ ଅଦୃଶ୍ୟ ସତ୍ତାର ଅଲୌକିକ-କାରିଣୀ-ଶକ୍ତି ସେ ଅନୁଭବ କରିଛନ୍ତି ଏବଂ ତାର ପରିଚୟ ପାଇବା ପାଇଁ ସେ ଜୀବନ ସାରା ଘୁରିଛନ୍ତି। ମାନସିଂହଙ୍କର ଏଇ ମାନସ-ଯାତ୍ରା ଏକ ରୋମାଣ୍ଟିକ ମନର ଯାତ୍ରା। ମଣିଷ କେବଳ ବୁଦ୍ଧିର ଆକର ନୁହେଁ, ଜୀବନର ପ୍ରଗତି ପାଇଁ, ଅଜଣା ଭୂମିର ଆବିଷ୍କାର ପାଇଁ ତାର ଆଉ ଏକ ମନ ଦରକାର। ସେଇ ମନକୁ ଆମେ ରୋମାଣ୍ଟିକ ମନବୋଲି କହିଥାଉ। ମାନସିଂହଙ୍କ ବିଚାରଧାରା ତେଣୁ ସ୍ଥିର ବିଚାରବୁଦ୍ଧି, ସ୍ଥାଣୁ ଅନୁଭବ ଅପେକ୍ଷା। ନିର୍ଭର କରିଛି ଜୀବନର ଗତିଶୀଳତା ଉପରେ। ମାନସିଂହଙ୍କ ବିଚାରଧାରାରେ ତେଣୁ ତାଙ୍କ ବୁଦ୍ଧି ଅପେକ୍ଷା ହୃଦୟାନୁଭବ, ଚିତ୍ତର ବିକର୍ଷିତ ପ୍ରଜ୍ଞା ଅପେକ୍ଷା ଆବେଗର ଇଂଗିତ ଅଧିକ। ଏହି ଦୃଷ୍ଟିରୁ ସେଥିରେ ଏକ ଶୃଙ୍ଖଳା ରହିଛି।

ମାନସିଂହଙ୍କ ସମକାଳରେ ବା ତାଙ୍କ ପୂର୍ବବର୍ତ୍ତୀ କାଳରେ ଯେଉଁମାନେ ଲେଖୁଥିଲେ ସେମାନଙ୍କର ରଚନାବଳୀ ଓ ଚିନ୍ତାଜଗତସହ ମାନସିଂହଙ୍କ ଚିନ୍ତାଜଗତର ତୁଳନାତ୍ମକ ସମୀକ୍ଷା କଲାପରେ ହିଁ ତାଙ୍କର ବିଶିଷ୍ଟତା ସଂପର୍କରେ ମତ ପ୍ରଦାନ କରାଯାଇପାରେ। ଓଡ଼ିଆ ପ୍ରବଂଧ କ୍ଷେତ୍ରରେ ଦୁଇଜଣ ପ୍ରାବଂଧିକଙ୍କୁହିଁ ସେ ସ୍ୱାଧୀନ ଚିନ୍ତକ ଭାବରେ ସ୍ୱୀକାର କରିଛନ୍ତି। ସେମାନେ ହେଲେ ଜଳଂଧର ଦେବ ଓ ମୋହିନୀମୋହ ସେନାପତି। ଜଳଂଧର ଦେବଙ୍କ ସଂପର୍କରେ ସେ ଆଲୋଚନା କରି ଲେଖିଛନ୍ତି: 'ଗତ ଶତାବ୍ଦୀରେ ଆରଣ୍ୟକ ରାଜ୍ୟ ବାମଂଡ଼ାରେ ପୁଣି ରାଜବଂଶରେ ଜାତ ହୋଇ ମଧ୍ୟ ଜଳଂଧର ଦେବ ଯେଉଁ ବଳିଷ୍ଠ ସ୍ୱାଧୀନ ଚିନ୍ତା ଓ ବୈଜ୍ଞାନିକ ଦୃଷ୍ଟିକୋଣ ଦେଖାଇ ଯାଇଛନ୍ତି, ତାହା ପ୍ରକୃତରେ ବିସ୍ମୟକର। ...ଯୁକ୍ତିସିଦ୍ଧ ଆଲୋଚନାରେ ସେ ମହାକାବ୍ୟର ନାୟକ ନାୟିକାମାନଙ୍କୁ କେବଳ ଆମପରି ଭ୍ରାନ୍ତଶୀଳ ସାଧାରଣ ମନୁଷ୍ୟ ମାତ୍ର ବୋଲି ହିଁ ପ୍ରମାଣିତ କରି ଯାଇଛନ୍ତି। ଯଦିଓ ବିଶ୍ୱବିଦ୍ୟାଳୟର ଡିଗ୍ରୀ ପ୍ରାପ୍ତ ନଥିଲେ, ଚିନ୍ତା ଓ ଧାରଣାରେ ସେ ଥିଲେ ସଂପୂର୍ଣ୍ଣ ଇଉରୋପୀୟ ଓ କୌଣସି ପ୍ରକାର ରକ୍ଷଣଶୀଳ କୁସଂସ୍କାରକୁ ମାନିବାକୁ ପ୍ରସ୍ତୁତ ନଥିଲେ।'[୧]

ଜଳଂଧର ଦେବଙ୍କ ଆଲୋଚନାର ଅପାରଂପରିକତା ପ୍ରତି ମାନସିଂହଙ୍କର ଥିଲା ସବୁଠାରୁ ବଡ଼ ଆକର୍ଷଣ। ଠିକ୍ ସେହିପରି ମୋହିନୀମୋହନଙ୍କ ସହ ଏକମତ ନ ହେଲେ ବି ତାଙ୍କୁ ଜଣେ ପ୍ରଧାନ ଚିନ୍ତକ ଭାବରେ ସେ ସ୍ୱୀକାର କରିଛନ୍ତି। ବିଶ୍ୱନାଥ କରଂଙ୍କ ସଂପର୍କରେ ମାନସିଂହ ଯେଉଁ ମନ୍ତବ୍ୟ ଦେଇଛନ୍ତି ତା ଭିତରେ ନିଜର ରୂପ

ମଧ୍ୟ ଖୋଜାଯାଇ ପାରେ। ସାମାଜିକ ଅବିଚାର ଭିତରେ ସତ୍ୟବୋଧ ଓ ଭୟହୀନ ବିଚାରବୋଧ ବିଶ୍ୱନାଥଙ୍କର ଥିଲା ପରମ ସଂପଦ। ମାନସିଂହ ସଚେତନ ଭାବରେ ତାଙ୍କର ରଚନାବଳୀରେ ନିଜର ସତ୍ୟନିଷ୍ଠା, ଅକୁତୋଭୟତା ଅପାରଂପରିକ ନୂତନ ଦୃଷ୍ଟିକୋଣ ପ୍ରକାଶ କରିବାକୁ ଚାହିଁଛନ୍ତି। କିନ୍ତୁ ଏହା ମଧ ସ୍ୱୀକାର କରିବାକୁ ପଡ଼ିବ ଯେ, ଏକ ନିର୍ଦ୍ଦିଷ୍ଟ ସମୟରେ ଜଗତ ଜୀବନର ମୌଳପ୍ରଶ୍ନ ତଥା ନାନା ବିଦ୍ୟା ସଂପର୍କରେ ଏକ ବିଧିବଦ୍ଧ ଧାରଣା ମାନସିଂହଙ୍କ ମନ ଭିତରେ ରହିଥିଲା। ଯେତେବେଳେ ସେ ଏଇ ଧାରଣାର କିଛି ପ୍ରତିକୂଳ କିଛି ଦେଖୁଥିଲେ ତାହାକୁ ସେ ନିର୍ବିଚାରରେ ଆକ୍ରମଣ କରୁଥିଲେ। ସମୟକ୍ରମେ ତାଙ୍କର ଏକ ମାନସିକ ଫ୍ରେମ୍‌ର ରୂପ ବଦଳିଛି, ଧାରଣା ବି ବଦଳିଛି ମଧୁସୂଦନ, ବିଶ୍ୱନଥ, ଗୋପବନ୍ଧୁ, ନୀଳକଂଠ, ବ୍ରଜବିହାରୀ ମହାନ୍ତି, କାଳିନ୍ଦୀଚରଣ ପାଣିଗ୍ରାହୀ, ଅନ୍ନଦା ଶଙ୍କର ରାୟ ପ୍ରମୁଖ ତାଙ୍କର ପୂର୍ବବର୍ତ୍ତୀ ବା ସମସାମୟିକ ଲେଖକଙ୍କ ସହ ଏହି ଦୃଷ୍ଟିରୁ ତାଙ୍କର ଏକ ବିଶେଷ ଅମେଳ ଥିଲା। ମଧୁସୂଦନଙ୍କ ଚିନ୍ତାର ସ୍ୱରୂପ ସ୍ପଷ୍ଟ, ବିକାଶ ତା'ର ଅତ୍ୟନ୍ତ ମନ୍ଥର, ବୈଚିତ୍ର୍ୟ ସେଥିରେ ପ୍ରାୟ ନାହିଁ। ବିଶ୍ୱନାଥଙ୍କ ଚିନ୍ତାଧାରାରେ ବୈଚିତ୍ର୍ୟ ରହିଛି, କିନ୍ତୁ ବିକାଶ ନାହିଁ; ଯଦିଓ ସେଥିରେ ସ୍ପଷ୍ଟତାର ଅଭାବ ନାହିଁ। ଗୋପବନ୍ଧୁଙ୍କ ଚିନ୍ତାଧାରା ଗତିଶୀଳ ପୁଣି ସେଥିରେ ସଂହତିର ଅଭାବ ନାହିଁ; ବୃଥା ନୂତନତ୍ୱ ଦେଖାଇଥିବାର ଅହଂକାର ମଧ୍ୟ ସେଥିରେ ନାହିଁ। ଜନଜୀବନକୁ ଅନୁପ୍ରାଣିତ କଲାଭଳି ଆବେଗାୟିତ ଭାଷାରେ ତାଙ୍କର ଚିନ୍ତାଧାରା ଅଭିବ୍ୟକ୍ତ। ନୀଳକଂଠଙ୍କ ପୂର୍ବ ପର୍ଯ୍ୟନ୍ତ ଓଡ଼ିଆ ଲୋକେ ଯେ ଗଭୀର ଭାବରେ ଚିନ୍ତାକରି ପାରନ୍ତି ଏହା ଦେଖିବାକୁ ମିଳେ ନାହିଁ। ଜ୍ଞାନର ବହୁବିଧ ରୂପ ରହିଛି ଓ ସେଗୁଡ଼ିକ ଭିତରେ ଯେ ସାମଂଜସ୍ୟ କଳ୍ପନା କରାଯାଇ ପାରେ ନୀଳକଣ୍ଠଙ୍କ ପୂର୍ବ ଚିନ୍ତାନାୟକମାନେ ଏ ସଂପର୍କରେ ଖୁବ୍ ସଚେତନ ନ ଥିଲେ। ଜଳଂଧର ଦେବ ତଥା ମୋହିନୀମୋହନ ନୀଳକଣ୍ଠଙ୍କ ପୂର୍ବସୂରି। ମନେହୁଏ ନୀଳକଣ୍ଠ ଏ ଉଭୟଙ୍କ ରଚନାରେ ଓ ଚିନ୍ତାରେ ବୈପ୍ଳବିକତା ସତ୍ତ୍ୱେ ଯେଉଁ ଜ୍ଞାନ-ଦୈନ୍ୟ ଲକ୍ଷ୍ୟ କରିଥିଲେ ନିଜ ରଚନାବଳୀକୁ ତାହାର ଊର୍ଦ୍ଧ୍ୱରେ ପ୍ରତିଷ୍ଠା କରିବାକୁ ଚାହିଁଥିଲେ। ମାନସିଂହଙ୍କ ସମକାଳୀନ ଅନ୍ନଦାଶଂକର ରାୟଙ୍କର ବିଚାରର ତୀକ୍ଷଣତା ଓ ପ୍ରକାଶଭଂଗୀର ସ୍ପଷ୍ଟତା ଉଲ୍ଲେଖଯୋଗ୍ୟ। କବିତାରେ ତାଙ୍କର ଚିନ୍ତା କିଛିଟା ବିଶୃଙ୍ଖଳ ଓ ବିଭ୍ରାନ୍ତ ମନେ ହେଲେ ବି, ଖୋଲାଚିଠି ଓ ଅନ୍ୟାନ୍ୟ ପ୍ରବଂଧରେ ଅନ୍ନଦାଶଙ୍କର ଜଣେ ତୀକ୍ଷ୍ଣଧୀ ବୁଦ୍ଧିଜୀବୀର ପରିଚୟ ଦିଅନ୍ତି। ମାନସିଂହଙ୍କର ସମସାମୟିକ ଲେଖକମାନେ ହୁଏତ ମୌଳିକ ସାହିତ୍ୟ ସୃଷ୍ଟିରେ ବେଶି ଶ୍ରମ, ସମୟ ବିନିଯୋଗ କରିଛନ୍ତି କିମ୍ବା ଭାବାତ୍ମକ ମୌଳିକ ଅଳ୍ପ କେତେକ ପ୍ରବଂଧ ଲେଖିବାରେ ନିଜକୁ ନିୟୋଜିତ କରିଛନ୍ତି କିନ୍ତୁ ତର୍କ ବିଚାର ଭିତରକୁ ବେଶି ପ୍ରବେଶ କରି ନାହାନ୍ତି। ଯାହା ଫଳରେ ଓଡ଼ିଆ ଭାଷାର ବୌଦ୍ଧିକ ସ୍ତର ଉନ୍ନତ ହୋଇପାରିନାହିଁ। ମାନସିଂହଙ୍କ ପରବର୍ତ୍ତୀ ଚିତ୍ତରଂଜନ, ଗୋଲକବିହାରୀ, ବୈଦ୍ୟନାଥ ମିଶ୍ର, ସୂର୍ଯ୍ୟକାନ୍ତ ଦାସ ତଥା ଶ୍ରୀରାମଚନ୍ଦ୍ର ଦାଶ ପରିଚ୍ଛନ୍ନ ଭାଷାରେ ଜ୍ଞାନ ରାଜ୍ୟର ବିଭିନ୍ନ ମୌଳ ସମସ୍ୟା ଓଡ଼ିଆ ଜାତି ଆଗରେ ଉପସ୍ଥାପିତ କରି ଅଛନ୍ତି। କିନ୍ତୁ ଚିତ୍ତରଂଜନ ଓ ଗୋଲକ ବିହାରୀଙ୍କ ବ୍ୟତୀତ କାହାରି ବ୍ୟକ୍ତିତ୍ୱର

ଅନନ୍ୟତା ସେମାନଙ୍କ ପ୍ରବଂଧ ବା ରଚନାରେ ପରିଲକ୍ଷିତ ହୁଏ ନାହିଁ। ବସ୍ତୁବାଦୀ ବିଚାର, ନିର୍ମୋହ ତର୍କ ଓ ଜ୍ଞାନରାଜ୍ୟର ବିଭିନ୍ନ ପରିସୀମା ସହ ଘନିଷ୍ଠ ସଂପର୍କ ମାନସିଂହଙ୍କ ସମସାମୟିକ କୌଣସି ବୁଦ୍ଧିଜୀବୀଙ୍କର ଥିଲା ଭଳି ମନେହୁଏ ନାହିଁ। ତେଣୁ ମାନସିଂହଙ୍କୁ ଭାବବାଦୀ ରୋମାଣ୍ଟିକ ଓ କିଛିଟା ବିଶୃଙ୍ଖଳ ଚିନ୍ତାଧାରାର ବ୍ୟକ୍ତି କହିଲେବି, ଆମକୁ ସ୍ୱୀକାର କରିବାକୁ ହୁଏ ଓଡ଼ିଆ ଜାତି ସମ୍ମୁଖରେ ଯେତେଜଣଙ୍କ ବିଚାରଧାରା ଉପସ୍ଥାପିତ ସେମାନଙ୍କ ମଧ୍ୟରେ ମାନସିଂହଙ୍କ ବିଚାରଧାରା ବୈଚିତ୍ର୍ୟ, ମୌଳିକତା ଓ ବୈଶିଷ୍ଟ୍ୟ ଆଦି ଦିଗରୁ ଅନୁପମ।

## ।। ଦୁଇ ।।

ମନନର ଦୁଇଟି ସ୍ତର ରହିଛି: ଅବବୋଧ ଓ ବିଚାର। ବିଚାରହୀନ-ଅବବୋଧ ମନନକୁ ପଙ୍ଗୁ, ଚଳତ୍ ଶକ୍ତିହୀନ ଏବଂ ଅଂଧ-ଭାକ୍ତିକତାରେ ରୂପାୟିତ କରେ। ତେଣୁ ମନନର ବାସ୍ତବ ପରିପ୍ରକାଶ ବିଚାରବୋଧରେ। ବିଚାର କରିବାର ଶକ୍ତି ମଣିଷର ଯୁକ୍ତିଶୀଳ ମନୋବୃତ୍ତି ଓ ଆପଣା ବ୍ୟକ୍ତିସତ୍ତାର ସଚେତନ ସ୍ୱୀକୃତି ଉପରେ ନିର୍ଭରଶୀଳ। ତେଣୁ ଅବବୋଧର ଇତିହାସ ଯେତେ ଦୀର୍ଘ, ବିଚାରବୋଧର ଇତିହାସ ସେଇ ପରିମାଣରେ ଦୀର୍ଘ ନୁହେଁ। ଇତିହାସରେ ଦେଖାଯାଏ ଯେଉଁ ସମାଜରେ ବ୍ୟକ୍ତିର ବ୍ୟକ୍ତିସତ୍ତା ସ୍ୱୀକୃତ ଓ ପ୍ରତ୍ୟେକ ମଣିଷ ସ୍ୱତନ୍ତ୍ର ଓ ସ୍ୱାଧୀନ ସତ୍ତା ଭାବରେ ଗୃହୀତ, ସେଠାରେ ଦେବତା ନୁହେଁ ମଣିଷ ହିଁ ସମ୍ମାନିତ ତଥା ତାର ବିଚାରଧାରା ମୁକ୍ତ ଓ ସଂପ୍ରସାରିତ। ଏଇଭଳି ଉନ୍ନତ ସମାଜରେ ମଣିଷ ସମଷ୍ଟିର ଅଂଶ ବା ଦେବତ୍ୱର ଅବରୋହଣ ଭାବରେ ପ୍ରତିଷ୍ଠିତ ନୁହେଁ, ସେ ନିଜର ଭାଗ୍ୟବିଧାତା। ଦର୍ଶନ, ବିଜ୍ଞାନ ଓ ମାନବ-ଜିଜ୍ଞାସାର ବିବିଧ ପ୍ରକାଶ ମଧ୍ୟରେ ସେ ଆପଣାର ବିଚାର ବ୍ୟକ୍ତକରେ। ନିଜ ମୁକ୍ତିର ସାମ-ସଂଗୀତ ଗାଏ। ବିଚାରର ଅପରର ନାମ ମୁକ୍ତି ବା ସ୍ୱାଧୀନତା। ଇଉରୋପୀୟ ଇତିହାସରେ ପ୍ରାଚୀନ ଗ୍ରୀସ୍‌ର ନଗରରାଷ୍ଟ୍ର ଏଥେନ୍ସ, ଏହାର ଦୃଷ୍ଟାନ୍ତ। ପ୍ରାଚୀନ ଗ୍ରୀସ୍‌ରେ ଦାସତନ୍ତ୍ର ଥିଲେ ବି ବ୍ୟକ୍ତିର ସ୍ୱକୀୟତାକୁ, ତାର ବ୍ୟକ୍ତିତ୍ୱକୁ ସ୍ୱୀକାର କରାଯାଉଥିଲା। ଯାହାଫଳରେ ଆମେ ସକ୍ରେଟିସ୍-ପ୍ଲାଟୋ-ଆରିଷ୍ଟଟଲ୍, ଇସ୍କିଲାସ୍- ସଫୋକ୍ଲିସ୍-ଇଉରିପାଇଡ଼ିସ୍, ଏରିଷ୍ଟୋଫେନ୍-ହେରୋଡ଼ୋଟ୍ସ-ପିଥାଗୋରାସ୍‌ଙ୍କ ପରି ଅସୀମ ବ୍ୟକ୍ତିତ୍ୱ ସଂପନ୍ନ ମନୁଷ୍ୟମାନଙ୍କୁ ଦେଖିଥିଲୁ। ଇଟାଲିରେ ରେନେସାଁ ଏଇଭଳି ଏକ ବ୍ୟକ୍ତିତ୍ୱବୋଧର ଜାଗରଣ ଆଣିଥିଲା। ରେନେସାଁର ବିଖ୍ୟାତ ଐତିହାସିକ ବୁକ୍‌ହାର୍ଟ ବ୍ୟକ୍ତିତ୍ୱ, ପ୍ରାତିସ୍ୱିକତା ଓ ମାନବତ୍ୱର ଅଭିଯାନ ରେନେସାଁର ବିଶିଷ୍ଟତମ ଅବଦାନ ବୋଲି ପ୍ରତିପାଦନ କରିଛନ୍ତି।[୨] ଭାରତରେ ନାନା ସୀମିତତା ସତ୍ତ୍ୱେ ଊନବିଂଶ ଶତାବ୍ଦୀ ଏଇଭଳି ଏକ ନବଜାଗରଣର ଆଲୋକ ଆଣିଥିଲା ; ଯାହା ଫଳରେ ସମଗ୍ର ଭାରତବର୍ଷରେ ବିଗତ ଏକଶହ ବର୍ଷ ମଧ୍ୟରେ ଆମେ ବ୍ୟକ୍ତିତ୍ୱସଂପନ୍ନ ଓ ମାନବିକ ମର୍ଯ୍ୟାଦାରେ ଅଭିଷିକ୍ତ ବହୁ ମନୀଷୀଙ୍କୁ ଦେଖିବାକୁ ପାଉ। ରାମମୋହନଙ୍କ ଠାରୁ ପଣ୍ଡିତ ନେହେରୁଙ୍କ ପର୍ଯ୍ୟନ୍ତ ସମସ୍ତେ ଏଇ ବ୍ୟକ୍ତିତ୍ୱପ୍ରତିଷ୍ଠା ଅଭିଯାନର ଜଣେ ଜଣେ ସେନାନୀ। ମାନସିଂହ ସଂପୃକ୍ତ କାଳ ମଧ୍ୟରେ ଜନ୍ମ ଗ୍ରହଣ କରିଥିଲେ। ରବୀନ୍ଦ୍ର,

ଗୋପବଂଧୁ, ମହାତ୍ମାଗାନ୍ଧୀ ପ୍ରମୁଖ ମନୀଷିମାନଙ୍କ ବ୍ୟକ୍ତିତ୍ୱ ଦ୍ୱାରା ଉଦ୍‌ବୋଧିତ ହୋଇ ତାଙ୍କ ଭିତରେ ବ୍ୟକ୍ତିତ୍ୱବୋଧର ଜାଗରଣ ଘଟିଥିଲା। ମାନସିଂହଙ୍କ ବିଚାରଧାରାର ଉତ୍ସ ତାଙ୍କ ବ୍ୟକ୍ତିତ୍ୱ ଓ ତାଙ୍କ ବିଚାରଧାରାର ପ୍ରକାଶ ତାଙ୍କର ଗଦ୍ୟ।

ଆଧୁନିକ ଓଡ଼ିଆ ସାହିତ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନୂତନତ୍ୱ ହେଲା, ତାର ଗଦ୍ୟଭାଷାର ବିକାଶ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସଂଯୋଗ ଓ ସଂଘର୍ଷ ଫଳରେ ଓଡ଼ିଆର ଚିନ୍ତା ତଥା ବିଚାରବୋଧ ଦେଶ କାଳକୁ କିଛିଟା ଅତିକ୍ରମ କରି ବୈଚିତ୍ର୍ୟ ଅର୍ଜନ କରିଛି। ଓଡ଼ିଶାର ଲେଖକମାନଙ୍କର ଅନୁଭବ ଓ କଳ୍ପନା କ୍ରମଶଃ ସୂକ୍ଷ୍ମତା ଓ ଅଭାବିତ ବର୍ଣ୍ଣାଳୀ ଲାଭ କରିଛି ଚିନ୍ତାର ଜାଗରଣ ନ ଘଟିଲେ ଗଦ୍ୟ ପୁଷ୍ଟିଲାଭ କରେ ନାହିଁ। ଅପର ପକ୍ଷରେ ସମୃଦ୍ଧ ଗଦ୍ୟରଚନା ବ୍ୟତିରେକେ ଗୋଟିଏ ଜାତିର ଚିନ୍ତାର ଦୈନ୍ୟ ବିମୋଚିତ ହୁଏ ନାହିଁ। ମାନସିଂହଙ୍କ ଚିନ୍ତାକୁ ଓଡ଼ିଆ ଗଦ୍ୟରଚନା ବିକଶିତ କରିଛି ଓ ତାଙ୍କର ଚିନ୍ତାର ବିଶିଷ୍ଟତା ଓଡ଼ିଆ ଗଦ୍ୟର ସୀମାନ୍ତକୁ ପରିବ୍ୟାପ୍ତ କରିଛି। ମାନସିଂହଙ୍କ ବିଚାରଧାରା ଆଲୋଚନା କଲାବେଳେ ଗଦ୍ୟଶିଳ୍ପୀ ମାନସିଂହ ଅଲକ୍ଷ୍ୟରେ ଆମର ବିଚାରକ୍ଷେତ୍ରକୁ ପୁଣି ଆସନ୍ତି। ଚିନ୍ତା ଯେଉଁଳି ପ୍ରାଥମିକ ଭାବରେ ନିତି ଦିନିଆ ସମସ୍ୟା ସମାଧାନର ଅସ୍ତ୍ର, ଦୈନନ୍ଦିନ କାର୍ଯ୍ୟର ଦିଗ୍‌ଦର୍ଶକ, କାର୍ଯ୍ୟୋଦ୍ଧାରର ହତିଆର; ଗଦ୍ୟଭାଷା ମଧ୍ୟ ସେହିଭଳି ପ୍ରାଥମିକ ଭାବେ ଆମର ଦୈନନ୍ଦିନ କାର୍ଯ୍ୟ ସହ ସଂଯୁକ୍ତ, ଆମର କ୍ରିୟାଶୀଳ ମନର ପ୍ରକାଶ। ମନନର ଅଭିବୃଦ୍ଧି ନ ଘଟିଲେ ମଣିଷ ଯେଉଁଳି ତାର ପ୍ରାତ୍ୟହିକତାର ଊର୍ଦ୍ଧ୍ୱକୁ ଉଠିପାରେ ନାହିଁ, ନିଜ ଭିତରର ବିଶିଷ୍ଟତା ଓ ସମ୍ଭାବନାକୁ ସେ ଆବିଷ୍କାର କରିପାରେ ନାହିଁ, ତାହା ମଧ୍ୟ ଘଟେ ଗଦ୍ୟଭାଷା କ୍ଷେତ୍ରରେ। ଗଦ୍ୟ ଯେଉଁଠି ଉଦ୍ଦେଶ୍ୟହୀନ ସେଠାରେ ତାହା ଅନାବଶ୍ୟକ ବାକ୍‌ଚାତୁରୀ, ଅନ୍ତଃସାର ଶୂନ୍ୟତା ପାଇଁ ଦୁର୍ବଳ। କର୍ମଜୀବନର ବୈଚିତ୍ର୍ୟ ଓ ବିକାଶ ମଣିଷର ଅନୁଭୂତିକୁ କେବଳ ପରିବ୍ୟାପ୍ତ କରେ ନାହିଁ, ତା'ର ଚିନ୍ତାକୁ ମାର୍ଜିତ ଓ ଶାଣିତ କରେ। ଓଡ଼ିଆର ଚିନ୍ତାଜୀବନ ସଂକୁଚିତ, ତାର କର୍ମକ୍ଷେତ୍ର ସୀମିତ। ସେଥିପାଇଁ ତା'ର କଳ୍ପନାଲୋକ ମଧ୍ୟ ଦୀନ ଓଡ଼ିଆ ଗଦ୍ୟର ଧାରଣଶକ୍ତି ଦୁର୍ବଳ, ବାହ୍ୟ ଔଜ୍ଜ୍ୱଲ୍ୟ ସତ୍ତ୍ୱେ ତାର ଦୃଢ଼ତା ଅତ୍ୟନ୍ତ କମ୍। ମାନସିଂହଙ୍କର ଗଦ୍ୟରଚନା ଆଲୋଚନା କଲାବେଳେ ତାଙ୍କ ଗଦ୍ୟର ଯେଉଁ ଶିଥିଳତା, ବୈଚିତ୍ର୍ୟହୀନତା ଓ ବେଳେବେଳେ ବାକ୍‌ବାହୁଲ୍ୟ ଦେଖିବାକୁ ମିଳେ, ତାହା ତାଙ୍କର କର୍ମ ଜୀବନ ସହ ଘନିଷ୍ଠ ଭାବେ ସଂଶ୍ଳିଷ୍ଟ।

ମାନସିଂହ ଜୀବନର ଆରମ୍ଭରୁ ନିଜର ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିତ୍ୱ ସଂପର୍କରେ ସଚେତନ ଥିଲେ। 'ଧୂପ' 'ହେମଶସ୍ୟ', ଓ ହେମପୁଷ୍ପର କବିତା ଗୁଡ଼ିକରେ ମାନସିଂହଙ୍କ ଏହି ଚିନ୍ତାମାନସର ସ୍ୱାକ୍ଷର ସ୍ପଷ୍ଟ। ପ୍ରେମ-ପ୍ରଣୟ, ଦେଶପ୍ରୀତି, ରୂପାନୁଭବ, ମଣିଷ ଜୀବନର ଅତି ସାଧାରଣ ଘଟଣା। କିନ୍ତୁ ଅତି ସାଧାରଣ ଘଟଣାର ପଛଆଡ଼େ ଥିବା ବ୍ୟକ୍ତିର ବିଶିଷ୍ଟତା ପ୍ରତ୍ୟେକ ଅନୁଭବକୁ ସ୍ୱତନ୍ତ୍ର ଚାରିତ୍ରିକ ମହିମାରେ ଉଦ୍‌ଭାସିତ କରିଥାଏ। ସେଇଥିପାଇଁ ଅଜସ୍ରଲୋକ ମହାନଦୀରେ ଜ୍ୟୋତ୍ସ୍ନାବିହାର କରିଥିଲେ ବି ମାନସିଂହଙ୍କର ଜ୍ୟୋତ୍ସ୍ନାବିହାର ଏକକ; ବହୁ ପ୍ରେମିକ ସହକାର ତରୁତଳେ ପ୍ରେମଲୀଳା ରଚନା କରିଥିଲେ

ବି ମାନସିଂହଙ୍କର ପ୍ରେମ ଅନନ୍ୟ। ବ୍ୟକ୍ତିର ବ୍ୟକ୍ତିତ୍ୱ ଏକ ସାଂସ୍କୃତିକ ପରିଧି ଭିତରେ ବିକଶିତ ହୁଏ। ବ୍ୟକ୍ତି ଓ ସମାଜ ଏକ ଏକ ସାଂସ୍କୃତିକ ପରିଧି ଭିତରେ ପରସ୍ପରକୁ ପୁଷ୍ଟ କରିବାକୁ ଚେଷ୍ଟା କରନ୍ତି। ସମାଜ ତାର ପ୍ରତିଷ୍ଠିତ ମୂଲ୍ୟାବଳୀକୁ ଆରୋପ କରି ବ୍ୟକ୍ତିର ଚରିତ୍ର ଗଠନ କରେ, ବ୍ୟକ୍ତି ମଧ୍ୟ ସମାଜ ଭିତରେ ଥିବା ଦ୍ୱନ୍ଦ୍ୱକୁ ପ୍ରତ୍ୟକ୍ଷ କରି କୌଣସି ଏକ ଶକ୍ତିର ସାହାଯ୍ୟରେ ନିଜ ସମାଜକୁ ଅତିକ୍ରମ କରିବାକୁ ଚାହେଁ।[୩] ମାନସିଂହ ଯେଉଁ ଗ୍ରାମୀଣ ସମାଜରେ ଜନ୍ମ ହୋଇଥିଲେ, ସେଇ ସମାଜ ମଣିଷକୁ ସମାଜ-ସଂଗଠନର ଏକ ଅଂଶବିଶେଷ କରିବାରେ ଯେତିକି ସହାୟକ, ତାର ବ୍ୟକ୍ତିତ୍ୱକୁ ସ୍ୱୀକାର କରିବାରେ ସେହିପରି ପରାଙ୍ମୁଖ। କିନ୍ତୁ ଇଂରାଜୀ ଶିକ୍ଷାପ୍ରତି ମୋହ ଓ ଆଧୁନିକ ଜୀବନ ପ୍ରତି ଆକର୍ଷଣ, ସୁଦୂର ନଂଦଳା ଗ୍ରାମର ଏକ ସଂଖ୍ୟାଲଘୁ ଜନଗୋଷ୍ଠୀ ମନ ଭିତରେ ସୃଷ୍ଟି ହୋଇଥିଲା; ଯେଉଁମାନଙ୍କ ଠାରୁ ମାନସିଂହ ଆଧୁନିକ ହେବାର ପ୍ରେରଣା ଲାଭ କରିଥିଲେ।

୧୯୩୬ ମସିହା ପର୍ଯ୍ୟନ୍ତ ମାନସିଂହ ମୁଖ୍ୟତଃ ତାଙ୍କର ଛାତ୍ରଜୀବନ ଓ ଅଳ୍ପ କେତେ ବର୍ଷର ଉଚ୍ଚାଭିଳାଷୀ ଶିକ୍ଷକର ଜୀବନ ଅତିବାହିତ କରିଥିଲେ। ସଂପୃକ୍ତ କାଳରେ ତାଙ୍କ ଭାବ ଜୀବନରେ ଯେଉଁ ଗଭୀରତା ରହିଛି, କର୍ମ ଜୀବନରେ ସେ ପ୍ରକାର ବୈଶିଷ୍ଟ୍ୟ ନାହିଁ। ତା ସତ୍ତ୍ୱେ ସଂପୃକ୍ତ କାଳରେ ତାଙ୍କ ବ୍ୟକ୍ତିତ୍ୱର କେତେଗୁଡ଼ିଏ ବିଶିଷ୍ଟ ଦିଗ ତାଙ୍କର ଲେଖାବଳୀ ଓ ଜୀବନର ଘଟଣା ବିଶେଷରୁ ଅଭିବ୍ୟକ୍ତ ହୋଇ ପଡୁଥିଲା। ସେଗୁଡ଼ିକ ହେଲା ଅପାରଂପରିକ ବସ୍ତୁ ବ୍ୟକ୍ତି ବା ଘଟଣାକୁ ଏକାନ୍ତ ଆପଣାର କରି ବିଚାର କରିବାର ଇଚ୍ଛା ଓ ପ୍ରତ୍ୟେକ କୃତିରେ ନିଜର ବିଶିଷ୍ଟତାର ଚିହ୍ନ ଛାଡ଼ିଯିବାର ଆଗ୍ରହ।

୧୯୩୬ ପରେ ମାନସିଂହଙ୍କ ଦୃଷ୍ଟି ତଥା କର୍ମଜୀବନ ପରିବ୍ୟାପ୍ତ ହୋଇଛି। ନିଜର ସୀମିତ ପରିବେଶ ମଧ୍ୟରେ ଦେଖିଥିବା ସ୍ୱପ୍ନକୁ ବାସ୍ତବ କରିବାର ସମୟ ତାଙ୍କ ପାଇଁ ଆସିଛି। ମଣିଷ ଯେତେବେଳେ ତରୁଣ ଥାଏ ତାର ସୀମିତ ଅନୁଭୂତିକୁ ପାଥେୟ କରି ସେ ନିରବଧି ପୃଥ୍ୱୀ ଓ ବିରାଟ ବିଶ୍ୱଜଗତର ସଂହତ ରୂପ କଳ୍ପନା ମଧ୍ୟରେ ଆଣିଥାଏ। ମାନସିଂହ ପ୍ରାଥମିକ ଜୀବନରେ ଯେଉଁ ପୃଥିବୀର କଳ୍ପନା କରିଥିଲେ, ତାଙ୍କର ବାସ୍ତବ ଜୀବନରେ ସେହି ପୃଥିବୀ ପାଖରେ ସେ ପହଁଚି ପାରି ନାହାନ୍ତି। ଯେଉଁ ବ୍ୟକ୍ତି ସଂସ୍କୃତି ପିଠିରେ ଭରା ଦେଇ ଅଗ୍ରଗମନ କରୁଥାଏ, ସେ ଆପଣାର ସଂସ୍କୃତି ସହିତ ଜଡ଼ିତ ଥିଲେ ବି. ତାକୁ ଶ୍ରଦ୍ଧା କରୁଥିଲେ ବି, ପଛକୁ ଫେରି ଚାହିଁବାକୁ ଇଚ୍ଛା କରେ ନାହିଁ ବା ତା ଭିତରେ ଜଡ଼ିଯିବାକୁ ଆବଶ୍ୟକ ମନେ କରେ ନାହିଁ। ପ୍ରାଥମିକ ଜୀବନରେ ବିରାଟ ଭୂମା, ଅଗଣିତ ମାନବସନ୍ତାନ, ରୂପସୌନ୍ଦର୍ଯ୍ୟର ଅଶେଷ ପ୍ରକାଶ ମାନସିଂହଙ୍କୁ ମୁଗ୍ଧ କରିଥିଲା। ଏ ସବୁକୁ ଭଲ ପାଇବା ପାଇଁ ନିଜ ବ୍ୟକ୍ତିତ୍ୱ ଭିତରେ ସେ ସେହି ପ୍ରକାର ଶକ୍ତିର ସଂଚାର କରିଥିଲେ। ଅତୀତ ବି ତାଙ୍କୁ ଆପଣାର ମନେ ହୋଇଥିଲା, କିନ୍ତୁ ତା ସାଂଗରେ ସେ ଜଡ଼ିଯାଇ ନଥିଲେ। ମୁଗ୍ଧ ଦୃଷ୍ଟି ସେଠି ସଂକୀର୍ଣ୍ଣ ଦୃଷ୍ଟିରେ ପରିଣତ ହୋଇ ନଥିଲା। କିନ୍ତୁ ୧୯୩୬ ପରେ ତାଙ୍କ କର୍ମ ଜୀବନରେ

ପରିବ୍ୟାପ୍ତି ଘଟିଲା ସତ୍ୟ କିନ୍ତୁ ଈପ୍ସିତ କାମନାର ବାସ୍ତବ ରୂପାୟଣ ସମ୍ଭବ ନ ହେବାରୁ ତାଙ୍କର ବ୍ୟକ୍ତିତ୍ୱ ପଶ୍ଚାତ୍‌ଗାମୀ ହେଲା। ବର୍ଣ୍ଣ, ଜାତି ଓ ଧର୍ମର ସଂକୀର୍ଣ୍ଣ ଗଣ୍ଡି ଭିତରୁ କ୍ରମଶଃ ମୁକ୍ତି ଲାଭର ପ୍ରୟାସ କରୁଥିବା ଗୋଟିଏ ବ୍ୟକ୍ତି-ମାନସ ନିଜର ଅଜ୍ଞାତରେ ସେହି ବର୍ଣ୍ଣ,ଜାତି ଓ ଧର୍ମ ଭିତରେ ଆତ୍ମଗୋପନ କରିବାକୁ ଚେଷ୍ଟା କଲା। ମାନସିଂହଙ୍କ ବିଚାରଧାରା ଆଲୋଚନା କଲାବେଳେ ଦେଖାଯାଏ ଯେ, ବୃଥା ସଂକୀର୍ଣ୍ଣ ବର୍ଣ୍ଣ ଅଭିମାନ, ଓଡ଼ିଆ ଜାତୀୟତା ଓ ଧାର୍ମିକ ବିଚାରର ସଂକୀର୍ଣ୍ଣତାରୁ ତାଙ୍କ ବିଚାର ମୁକ୍ତି ପାଉନାହିଁ। ତାହା ତାଙ୍କ ବିଚାରବୋଧର ଦୁର୍ବଳତା ନୁହେଁ ବ୍ୟକ୍ତିତ୍ୱର ଦୁର୍ବଳତା, କେତେକାଂଶରେ ଓଡ଼ିଆ ସଂସ୍କୃତିର ବି ଦୁର୍ବଳତା। ପ୍ରତ୍ୟେକ ବ୍ୟକ୍ତିତ୍ୱ ଯେଭଳି ଅନ୍ୟଠାରୁ ନିଜର ସ୍ୱାତନ୍ତ୍ର୍ୟ ପ୍ରକାଶ କରେ ଏବଂ ସେଥିରେ ତାର ଯଥାର୍ଥ୍ୟ; ଠିକ୍ ସେହିଭଳି ଅନ୍ୟ ବ୍ୟକ୍ତିତ୍ୱ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନରେ ତାର ବିକାଶ ସମ୍ଭବ। ଭକ୍ତି, ଯେଭଳି ଅଂଧ, ବ୍ୟକ୍ତିତ୍ୱବିକାଶରେ ବାଧା ସ୍ୱରୂପ ଠିକ୍ ସେହିଭଳି ଶ୍ରଦ୍ଧାର ଅଭାବ ମଣିଷର ବ୍ୟକ୍ତିତ୍ୱକୁ ନିମ୍ନଗାମୀ, ସଂକୀର୍ଣ୍ଣ, ଅସହିଷ୍ଣୁ କରିବା ପାଇଁ ବାଧ୍ୟ। ପୂର୍ବ ସୂରିମାନଙ୍କ ପ୍ରତି ମାନସିଂହଙ୍କ ଶ୍ରଦ୍ଧା ଓ ସେମାନଙ୍କ ବ୍ୟକ୍ତିତ୍ୱ ସହ ମାନସିଂହଙ୍କ ବ୍ୟକ୍ତିତ୍ୱର ତୁଳନାତ୍ମକ ଅଧ୍ୟୟନ କରି ତାଙ୍କ ବ୍ୟକ୍ତିତ୍ୱର ଶ୍ରେଷ୍ଠତମ ଦିଗ ଉପରେ ଆଲୋଚନା କରାଯାଇପାରେ।

ମାନସିଂହଙ୍କ ପୂର୍ବରୁ ଓଡ଼ିଶାର ବୌଦ୍ଧିକ ଜୀବନର ଇତିହାସରେ ଗୌରୀଶଙ୍କର, ଫକୀରମୋହନ, ମଧୁସୂଦନ ଦାସ, କର୍ମବୀର, ବିଚିତ୍ରାନନ୍ଦ ଦାସ, ରାଧାନାଥ ରାୟ, ମଧୁସୂଦନ ରାଓ, ଗଂଗାଧର ମେହେର୍, ନନ୍ଦକିଶୋର ବଳ, ଜଳଂଧର ଦେବ, ସତ୍ୟବାଦୀର ବରେଣ୍ୟ ଶିକ୍ଷକ ବୃନ୍ଦ, ମୋହିନୀମୋହନ, ଗୋପାଳଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର ଓ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ ବହୁ ବ୍ୟକ୍ତିତ୍ୱ ସଂପନ୍ନ ମଣିଷ ଆବିର୍ଭୂତ ହୋଇଥିଲେ। ଏମାନଙ୍କ ଭିତରୁ ଅଧିକାଂଶଙ୍କୁ ମାନସିଂହ ତାଙ୍କର ଶ୍ରଦ୍ଧା ନିବେଦନ କରିଛନ୍ତି ଓ ପ୍ରତ୍ୟେକଙ୍କ ସଂପର୍କରେ ମାନସିଂହଙ୍କର ଏକ ବିତର୍କିତ ଦୃଷ୍ଟିଭଂଗୀ ବି ରହିଛି। ଏହି ବୁଦ୍ଧିଜୀବୀମାନଙ୍କ ଭିତରେ ସେ ଚିନ୍ତାର ଅନନ୍ୟତା ଓ କର୍ମଜୀବନର ବୈଚିତ୍ର୍ୟ ଦେଖିଛନ୍ତି। ନିଜର ମତ ପ୍ରକାଶରେ ଅକୁତୋଭୟତା ପାଇଁ ଗୌରୀଶଙ୍କର, ଫକୀରମୋହନ, ବିଶ୍ୱନାଥ କର, ନୀଳମଣି ବିଦ୍ୟାରତ୍ନ, ଜଳଂଧର ଦେବ, ମୋହିନୀମୋହନ ସେନାପତି, ଗୋପବନ୍ଧୁ ଓ ନୀଳକଂଠ ଦାସ ପ୍ରମୁଖଙ୍କର ବିଶିଷ୍ଟତା ରହିଛି ବୋଲି ଦାବୀ କରନ୍ତି। ମାନସିଂହ ଜଳଂଧର ଦେବଙ୍କୁ ସମ୍ମାନ ଦେଇଛନ୍ତି, ବିଶ୍ୱନାଥ କର ଓ ନୀଳମଣି ବିଦ୍ୟାରତ୍ନଙ୍କୁ ଶ୍ରଦ୍ଧାନିବେଦନ କରିଛନ୍ତି, ସ୍ୱାଧୀନ ଚିନ୍ତାନାୟକ ଭାବରେ ଜଳଂଧର ଦେବଙ୍କୁ ସାଲ୍ୟୁଟ ମାରିଛନ୍ତି, ଫକୀରମୋହନ ଓ ମଧୁସୂଦନ ଦାସଂକୁ ଆଧୁନିକତମ ତଥା ସବୁଠାରୁ ବିଚକ୍ଷଣ ମେଧା-ସଂପନ୍ନ ଓଡ଼ିଆ ଭାବେ ସେ ପ୍ରତିଷ୍ଠା କରିଛନ୍ତି, 'କୋଣାର୍କେ'ର କବି ନୀଳକଣ୍ଠଙ୍କର ମୃତ୍ୟୁନାହିଁ ବୋଲି ଅତି ସ୍ପଷ୍ଟ ଭାଷାରେ ବ୍ୟକ୍ତ କରିଛନ୍ତି। କିନ୍ତୁ ଗୌରୀଶଙ୍କର ବିଚିତ୍ରାନନ୍ଦ ଓ ମୋହିନୀମୋହନଙ୍କ ଆଲୋଚନା କ୍ଷେତ୍ରରେ ତାଙ୍କର ସେହିଭଳି ପରୋଦୃଷ୍ଟି ପ୍ରକାଶ ପାଇନାହିଁ। ମାନସିଂହଙ୍କର ବ୍ୟକ୍ତିତ୍ୱର ବ୍ୟାପ୍ତି ଓ ସୀମିତାକୁ ଏହା ସୂଚୀତ କରେ। ମାନସିଂହଙ୍କ ବ୍ୟକ୍ତିତ୍ୱ ସମକାଳୀନ

ଓଡ଼ିଶାର ଏକ ବିତର୍କିତ ବ୍ୟକ୍ତିତ୍ୱ ଏଥିରେ ସନ୍ଦେହ ନାହିଁ। ତାର କାରଣ, ପରମ୍ପରାର ଶଗଡ଼ ଗୁଳାରେ ଚାଲିବାକୁ ଇଚ୍ଛା କରିନାହାନ୍ତି। ଅପର ପକ୍ଷରେ ନୂଆ ପଥ ବି ସେ ପ୍ରସ୍ତୁତ କରି ନାହାନ୍ତି। ତାଙ୍କ ବିଚାରଧାରା ସଂଶୟ ସଂଦେହରେ ପୀଡ଼ିତ; କିନ୍ତୁ ନୂଆ ପଥ ଦେଖାଇବାରେ ଉଜ୍ଜ୍ୱଳ ନୁହେଁ। ତା ସତ୍ତ୍ୱେ ସ୍ୱୀକାର କରିବାକୁ ପଡ଼ିବ, ଗତ ଶହେ ବର୍ଷ ଭିତରେ ଜନ୍ମ ନେଇଥିବା ପ୍ରମୁଖତମ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ମାନସିଂହ ଅନ୍ୟତମ। ସେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ସଂପନ୍ନ ଓଡ଼ିଆ। ଗୌରୀଶଙ୍କର, ଫକୀରମୋହନ ସେନାପତିଙ୍କ ଭଳି ଚିନ୍ତାନାୟକମାନଙ୍କ ପରି ଆଗାମୀ ଯୁଗ ପାଇଁ ନିଜର ବିଚାରବୋଧ ଭିତର ଦେଇ ସେ କିଛି ନୂତନତ୍ୱ ଛାଡ଼ିଯାଇଛନ୍ତି।

—o—

**ପ୍ରାନ୍ତଟୀକା :**


୧- ମାନସିଂହ– ଓଡ଼ିଆ ସାହିତ୍ୟର ଇତିହାସ (୧୯୭୬) ଚତୁର୍ଦ୍ଦଶ ଅଧ୍ୟାୟ, ପୃ. ୩୦୪.

୨- Burckhardt, Jacob- The Civilization of the Renaissance in Italy (chapter on The 'Rise of Indivisual', (London-1945)

3- Linton Ralph– The Cultural Background of Personality pp-66-67, Routledge and Keoan Paul Ltd, London (1968).


## ଉପାଦାନ ପଂଜିକା


ପ୍ରାଥମିକ ଉପାପାନ-ପଂଜି (କ)

ଲେଖକ-ଡକ୍ଟର ମାୟାଧର ମାନସିଂହ (୧୯୦୫-୧୯୭୩)

୧୯୩୧, ଧୂପ' — ପ୍ରଗତି ସଂଘ, କଟକ
୧୯୬୫

୧୯୩୨, ପୂଜାରିଣୀ (ନାଟିକା) — ସବୁଜ ସାହିତ୍ୟ ସମିତି, କଟକ।
୧୯୬୦

୧୯୩୩ ହେମଶସ୍ୟ (କବିତା) — ପ୍ରଗତି ସଂଘ, କଟକ

୧୯୩୫ ହେମପୁଷ୍ପ(କବିତା) — ପ୍ରଗତି ସଂଘ, କଟକ

୧୯୩୬, ସାହିତ୍ୟ ପ୍ରଭା (ପାଠ୍ୟପୁସ୍ତକ) — କଟକ ଟ୍ରେଡ଼ିଂ କଂପାନୀ, କଟକ।
୧୯୪୨

୧୯୩୯ ନଷ୍ଟନୀଡ଼ (ନାଟକ) — ନବଭାରତ ଗ୍ରନ୍ଥାଳୟ, କଟକ।

୧୯୪୬ ଅକ୍ଷତ(କବିତା) — ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ।

୧୯୪୭ କମଳାୟନ (କାବ୍ୟ) — ଭାରତୀ ବିହାର କଟକ।

| | | |
|---|---|---|
| ୧୯୪୭ | ମାଟିବାଣୀ (କବିତା) | ,, |
| ୧୯୪୭, ୧୯୫୧ | କ୍ଷେମା (କାବ୍ୟ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, କଟକ। |
| ୧୯୪୭ | ଜୀବନଚିତା (କବିତା) | ଷ୍ଟୁଡେଣ୍ଟସ୍ ଷ୍ଟୋର, ବ୍ରହ୍ମପୁର। |
| ୧୯୪୭ | ଗଳ୍ପମଂଜରୀ (ପାଠ୍ୟପୁସ୍ତକ) | କଟକ ଟ୍ରେଡ଼ିଂ କଂପାନୀ, କଟକ। |
| ୧୯୪୭ | ନଂଦଂକ ଭାଗବତ (ମୁଖବନ୍ଧ) | ବୈଷ୍ଣବ ଚରଣ ନଂଦ |
| ୧୯୪୮, ୧୯୭୩ | କବି ଓ କବିତା (ସମାଲୋଚନା) | ଭାରତୀ ବିହାର, କଟକ। |
| ୧୯୪୯, ୧୯୫୭ | ଜୀବନପଥ (ପ୍ରବଂଧ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, କଟକ। |
| ୧୯୫୦ | ଗଦ୍ୟ ସଂଗ୍ରହ (ସଂ-ଶିବପ୍ରସାଦ ଦାସ) | କଟକ ଟ୍ରେଡ଼ିଂ କଂପାନୀ, କଟକ |
| ୧୯୫୧, ୧୯୭୩ | ଓଡ଼ିଆ ସମାଜ ଓ ସାହିତ୍ୟ (ପ୍ରବଂଧ) | ଭାରତୀ ବିହାର, କଟକ। |
| ୧୯୫୧ | ବୁଦ୍ଧ(ନାଟକ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, କଟକ। |
| ୧୯୫୨ | ସାହିତ୍ୟ ସୌରଭ (ସଂ-ରାମଚନ୍ଦ୍ର ମହାପାତ୍ର ଓ କାଶିନାଥ ମିଶ୍ର) | ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ |
| ୧୯୫୨ | ନୂତନ ସାହିତ୍ୟ (ସଂ-ଜୟକୃଷ୍ଣ ମିଶ୍ର ଓ ଶ୍ରୀଧର ଦାସ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, ବ୍ରହ୍ମପୁର। |
| ୧୯୫୩ | ନାଗରିକ ପାଠମାଳା (ପାଠ୍ୟପୁସ୍ତକ) | ଓଡ଼ିଶା ପବ୍ଲିଶିଂ ହାଉସ୍, କଟକ। |
| ୧୯୫୩, ୧୯୫୭ | ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, ବ୍ରହ୍ମପୁର। |
| ୧୯୫୫ | ଓଡ଼ିଆ ଜ୍ଞାନକୋଷ (ନମୁନା) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, କଟକ। |
| ୧୯୫୫ | ଦୁର୍ଭିକ୍ଷ (ନାଟିକା) | ,, |
| ୧୯୫୫, ୧୯୬୩ | ମାନସିଂହ ଚୟନ (ପ୍ରଥମ ଖଣ୍ଡ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, କଟକ। |
| ୧୯୫୫, ୧୯୬୩ | ମାନସିଂହ ଚୟନ (ଦ୍ୱିତୀୟ ଖଣ୍ଡ) | ,, |
| ୧୯୫୫ | ବାରବାଟୀ (ନାଟକ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ। |
| ୧୯୫୬ | ଗ୍ରାମୋନ୍ନତିର ରୋମାଞ୍ଚକର କାହାଣୀ(ଅନୁବାଦ) | ,, |

| | | |
|---|---|---|
| ୧୯୫୬, ୧୯୫୮ | ଜୀବନୀ ଓ ପ୍ରବଂଧ (ପ୍ରବଂଧ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ |
| ୧୯୫୬ | କ୍ରୁଶ (ସନେଟଶତକ) | ଜନଶକ୍ତି ପୁସ୍ତକାଳୟ, କଟକ। |
| ୧୯୫୭ | ଅନ୍ୱେଷଣ (ଉପନ୍ୟାସ) | କଟକ ପବ୍ଲିଶିଂ ହାଉସ୍, କଟକ। |
| ୧୯୫୭ | ଜ୍ଞାନକୋଷ ମୁଖବଂଧ (ଲେ-ନରେଂଦ୍ରନାଥ ମିଶ୍ର) | ସାମାଜିକ ଶିକ୍ଷା ବିଭାଗ, ଓଡ଼ିଶାସରକାର। |
| ୧୯୫୭ | ପଂଧପରଜା ସ୍ତୋତ୍ରମୁଖବଂଧ (ଲେ-ଗୋପୀନାଥ ମହାନ୍ତି) | ,, |
| ୧୯୫୭ | ସାମାଜିକ ଶିକ୍ଷା ନକ୍ସା ମୁଖବଂଧ (ଲେ-ଭଂଜକିଶୋର ପଟ୍ଟନାୟକ) | ,, |
| ୧୯୫୭ | ନାଗରିକ ପାଠମାଳା (ପାଠ୍ୟପୁସ୍ତକ) | |
| ୧୯୫୮, ୧୯୭୧ | ମାଟିର ମହାକବି ସାରଳା ଦାସ | ଦାସ ବ୍ରଦର୍ସ, ବ୍ରହ୍ମପୁର। |
| ୧୯୫୯, ୧୯୬୭ | ଅଥେଲୋ (ନାଟକ, ଅନୁବାଦ) | ପ୍ର ,, |
| ୧୯୬୦ | ଶିକ୍ଷାର କି, କ'ଣ ଓ କାହିଁକି ? | ,, |
| ୧୯୬୦ | ପୂଜାରିଣୀ (ନାଟିକା) | ନିଉଷ୍ଟୁଡେଣ୍ଟ ଷ୍ଟୋରସ୍, ବ୍ରହ୍ମପୁର। |
| ୧୯୬୦ | ସେ ଦିନର କବିତା (କବିତା) | ,, |
| ୧୯୬୦ | ଜାପାନର କୃଷି ଓ ଶିଳ୍ପ, ମୁଖବଂଧ (ଲେ-ଚମନ୍ଲାଲ-ଅନୁ- ବିନୋଦ୍ କାନୁନ୍‌ଗୋ) | ସାମାଜିକ ଶିକ୍ଷା ବିଭାଗ, ଓଡ଼ିଶା |
| ୧୯୬୦ | ଗଣତନ୍ତ୍ରର ଆଦର୍ଶ ସୁଇଜର ଲ୍ୟାଣ୍ଡ | ,, |
| ୧୯୬୧ | ମହିୟସୀ ନାରୀ (ଲେ-ହେମଲତା ମାନସିଂହ) | କଟକ ପବ୍ଲିଶିଂ ହାଉସ୍, କଟକ। |
| ୧୯୬୧ | ଓମାର ଗୀତିକା ମୁଖବଂଧ (ଲେ-ଜାନକୀବଲ୍ଲଭ ମହାନ୍ତି) | ରାଜହଂସ ସାହିତ୍ୟ ମଂଦିର |
| ୧୯୬୨ | ମାନସିଂହ ଗ୍ରନ୍ଥାବଳୀ (ପ୍ରଥମଖଣ୍ଡ) | ଗ୍ରନ୍ଥ ମନ୍ଦିର, କଟକ। |
| ୧୯୬୨ | କମଳାୟନ(କାବ୍ୟ) | ଆଲୋକ ସାହିତ୍ୟ ପ୍ରତିଷ୍ଠାନ, କଟକ। |
| ୧୯୬୨ | ବ୍ରଜମାଥୁରୀ (ମୁଖବଂଧ) (ଲେ-ସତ୍ୟବାଦୀ ନାୟକ) | ଗ୍ରନ୍ଥମନ୍ଦିର କଟକ। |
| ୧୯୬୩, ୧୯୭୩ | ଗୁରୁନାନକ ବାଣୀ (ଅନୁବାଦ) | ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ। |

| | | |
|---|---|---|
| ୧୯୬୩ | ପୁଷ୍ପିତା (ନାଟିକା) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋରର୍ସ, ବ୍ରହ୍ମପୁର । |
| ୧୯୬୩ | ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ (ସଂପାଦନା) | ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର । |
| ୧୯୬୪ | ,, | ,, |
| ୧୯୬୪ | ପତ୍ର ଭାରତୀ, ଅଭିମତ, (ସଂ-ଅସିତ କବି) | କଟକ ବୁକ୍‌ଷ୍ଟଲ । |
| ୧୯୬୪ | ମାନସିଂହ ଗ୍ରନ୍ଥାବଳୀ (ଦ୍ୱିତୀୟ ଖଣ୍ଡ) | ଗ୍ରନ୍ଥମନ୍ଦିର, କଟକ । |
| ୧୯୬୪, ୧୯୮୦ | ପଶ୍ଚିମ ପଥିକ (ଭ୍ରମଣ କାହାଣୀ) | ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋରସ୍, ବ୍ରହ୍ମପୁର । |
| ୧୯୬୫ | ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ (ସଂପାଦନା) ତୃତୀୟ ଖଣ୍ଡ | ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର |
| ୧୯୬୫ | ଶିକ୍ଷାବିତ୍‌ର ଗାଥା (ଆତ୍ମଜୀବନୀ) | ଓଡ଼ିଶା ବୁକ୍ ଷ୍ଟୋରସ, କଟକ । |
| ୧୯୬୫ | ସାହିତ୍ୟ ପ୍ରସୂନ (ସଂ-ଚିନ୍ତାମଣି ବେହେରା) | ଦାସ ବ୍ରଦର୍ସ, ବ୍ରହ୍ମପୁର । |
| ୧୯୬୬ | ମହତବାଣୀ (ସଂକଳନ) | ଜେ. ମହାପାତ୍ର, ଏଣ୍ଡ କୋ, କଟକ । |
| ୧୯୬୬ | ଗୁରୁଗୋବିନ୍ଦ ସିଂହ (ଅନୁବାଦ) | ଗୁରୁଗୋବିନ୍ଦ ସିଂହ ଫାଉଣ୍ଡେସନ, ସଂଜୀବ । |
| ୧୯୬୭, ୧୯୭୬ | ଓଡ଼ିଆ ସାହିତ୍ୟର ଇତିହାସ | ଗ୍ରନ୍ଥ ମଂଦିର, କଟକ । |
| ୧୯୬୭ | ସ୍ୱାଧୀନ ଭାରତର ଛାତ୍ର ସମସ୍ୟା | ଓଡ଼ିଶା ବୁକ୍ ଷ୍ଟୋର କଟକ । |
| ୧୯୬୭ | କୋଠାରୀ କମିଶନ ଓ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା | ,, |
| ୧୯୬୯ | ଗୀତା ମହାତ୍ମ୍ୟ | ଜେ. ମହାପାତ୍ର ଏଣ୍ଡ କୋ, କଟକ । |
| ୧୯୬୯ | ସାର୍ବଜନୀନ ଗୀତା (ପ୍ରଥମ ଖଣ୍ଡ) | ଜେ. ମହାପାତ୍ର ଏଣ୍ଡ କୋ, କଟକ । |
| ୧୯୬୯ | ମହାତ୍ମାଗାନ୍ଧୀଙ୍କ ଜୀବନୀ, ମୁଖବଂଧ (ଲୁଇ ଫିଶର) | ଗାନ୍ଧୀ ସାହିତ୍ୟ ସମିତି । |
| ୧୯୬୯ | ,, (ଦ୍ୱିତୀୟ ଭାଗ) | |
| ୧୯୬୯ | ବାପୁଙ୍କ ଜୀବନ ଓ ସଂଦେଶ, ମୁଖବଂଧ (ଲୁଇ ଫିଶରେ) ଅନୁ-ଶ୍ରୀମତୀ ଶାନ୍ତି ପଟ୍ଟନାୟକ, | |
| ୧୯୬୯ | [illegible] ସଂଦେଶ, ମୁଖବଂଧ ଓ ଏକ ପ୍ରବଂଧ, | ଗାନ୍ଧୀ ସାହିତ୍ୟ ସମିତି |
| ୧୯୬୯ | ଗାନ୍ଧୀ ଓ ଭାଷା ସମସ୍ୟା, ମୁଖବଂଧ (ଲେ-ଗୋକୁଳ [illegible]) | ଗାନ୍ଧୀ ସାହିତ୍ୟ |

୧୯୬୯ ଗାନ୍ଧୀ ସ୍ମୃତି ମୁକ୍ତାବଳୀ, ପ୍ର, ବିଦ୍ୟାପୁରୀ, କଟକ
ମୁଖବଂଧ(ଲେ-ବନମାଳୀ ଆଚାର୍ଯ୍ୟ
ଶର୍ମା)
୧୯୬୯ ଝରାକଳିକା, ଅଭିମତ ୧ରେ-
ଅରକ୍ଷିତ ଦାସ
୧୯୭୨ ସ୍ୱରସ୍ୱତୀ ଫକୀରମୋହନ (ଜୀବନ) ଗ୍ରନ୍ଥମନ୍ଦିର କଟକ।
୧୯୭୩ ମାନସିଂହ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ) ଗ୍ରନ୍ଥ ମନ୍ଦିର, କଟକ।
୧୯୮୧ ସାର୍ବଜନୀନ ଗୀତା (ଦ୍ୱିତୀୟ ଖଣ୍ଡ) ଜେ. ମହାପାତ୍ର, ଏଣ୍ଡ କୋ, କଟକ।
୧୯୮୧ ସାର୍ବଜନୀନ ଗୀତା (ତୃତୀୟ ଖଣ୍ଡ) ,,
ମାନସିଂହଙ୍କ ପ୍ରଣୟ ଚିଟାଉ, କଟକ ପବ୍ଲିଶିଂ ହାଉସ୍, କଟକ
(ସଂ-ସୂର୍ଯ୍ୟକାନ୍ତ ଦାସ)

## ହିନ୍ଦି

୧୯୫୧ ଭାରତୀୟ ବାଙ୍‌ମୟ ରାଷ୍ଟ୍ରଭାଷ ପ୍ରଚାର ସମିତି ୱାର୍ଦ୍ଧା।

ପତ୍ର-ପତ୍ରିକା, ମାନସିଂହଙ୍କର ରଚନା ଓ ମାନସିଂହଙ୍କ ସଂପର୍କରେ ସୂଚନା।

| | |
|---|---|
| ଆରତି | ୧/୧,୧/୨, ୧/୩, ୧/୪, ୧/୫, ୧/୬, ୧/୭ |
| ଆଲୋକ | ୧/୨, ୧/୩, ୨/୧, ୨/୨, ୨/୩, ୨/୮, ୨/୯, ୨/୧୦ |
| ଆସନ୍ତାକାଲି | ୧୦/୨, ୧୧/୭, ୧୯୭୨ ପୂଜା ସଂଖ୍ୟା |
| ଉତ୍କଳ ପ୍ରସଂଗ | ୧୯୬୯ ଜୁଲାଇ, ନବକଳେବର ବିଶେଷାଙ୍କ। |
| ଉତ୍କଳ ସାହିତ୍ୟ | ୩୦/୮, ୩୦/୧, ୩୧/୫, ୩୧/୮, ୩୨/୧, ୩୨/୩, ୩୨/୩, ୩୨/୮, ୩୨/୧୦, ୩୨/୧୨, ୩୩/୨, ୩୩/୫, ୩୩/୭, ୩୩/୮, ୩୫/୩। |

ଉତ୍କଳ ସାହିତ୍ୟ (ନୂତନ ପ୍ରସ୍ଥ-୧୯୫୬) ୨/୧୦,୧୧,୩/୭।
ଉତ୍କଳ ସାହିତ୍ୟ (ନୂତନ ପ୍ରସ୍ଥ-୧୯୭୩) ୧/୧, ୧/୨

| | |
|---|---|
| ଉର୍ଜ୍ଜନା | ୨/୧, ୨/୨, ୨/୪, ୨/୫, ୨/୬ |
| ଉଦୟ | ୧/୨ |
| କଳିଂଗ | ୧୯୬୪ ଅକ୍ଟୋବର, ୧୯୬୮ ଜାନୁୟାରୀ (ବିଶେଷାଙ୍କ.) |
| କୋଣାର୍କ | ୩/୧, ୨; ୨୭। |
| ଚତୁରଂଗ | ୧/୧୦, ୨/୫ |

ଝଂକାର ୧/୧୨, ଏପ୍ରିଲ, ମେ, ଜୁନ୍, ଅଗଷ୍ଟ, ଡିସେମ୍ବର- ୧୯୫୦. ୨/୨. ୨/୮, ୨/୯, ୧/୧୨. ଫ୍ରେବୃୟା ଏପ୍ରିଲ-୧୯୫୧.
୩/୨; ୩/୬, ୩/୧୨, ୪/୧, ୪/୫, ୪/୬, ୪/୭, ୫/୨, ୫/୫, ୫/୬, ୫/୧୦, ୬/୧, ୬/୬, ୬/୯, ୬/୧୦, ୮/୧, ୮/୫,, ୯/୧, ୯/୧୦, ୧୦/୧୦, ୧୧/୩,୧୨/୧ ୧୩/୩, ୧୩/୧୨, ୧୪/୭, ୧୫/୧୨, ୨୦/୩, ୩୦/୪, ୨୦/୬ ୨୩/୧୧, ୨୫/୮, ୨୫/୯, ୨୮/୧, ମେ- ୧୯୭୨।

ଡଗର ୪/୫, ୫/୧୯, ୬/୯, ୭/୧୨, ୮/୨୦, ୯/୧୨, ୧୦/୨୩, ୧୧/୪୬-୪୭, ୧୨/୧୫, ୧୬, ୧୭, ୧୮; ୧୩/୮, ୧୩/୨୭, ୧୪/୧, ୧୮/୯, ୧୯/୧, ୧୯/୨, ୧୯/୫, ୨୦/୧୦, ୧୧; ୨୧/୧, ୨୧/୪, ୫; ୨୧/୭, ୨୨/୧, ୨୨/୨, ୩; ୨୨/୪, ୨୨/୫, ୨୨/୬, ୨୨/୮, ୨୩/୧, ୨୪/୪, ୨୪/୧୦, ୨୫/୧, ୨୫/୨, ୩; ୨୫/୮, ୯; ୨୬/୨, ୩; ୨୭/୧୧, ୧୨, ୨୮/୩, ୪; ୨୮/୫, ୬; ୪୭/୨, ଏବଂ ୧.୮.୪୮, ୧.୧୦.୪୮, ୬.୧୦.୪୯, ୧୬.୧୨.୪୯. ସଂଖ୍ୟା

ନବଜୀବନ ୪/୪, ୫/୧୦, ୬/୬, ୬/୧୦, ୬/୧୧, ୬/୧୨, ୭/୫, ୭/୯, ୭/୧୦, ୭/୧୧, ୮/୩,୪,

ନବଭାରତ ୧/୧, ୧/୫, ୨/୨, ୨/୬,୭, ୨/୮, ୨/୯, ୨/୧୦, ୨/୧୨, ୩/୪, ୩/୫, ୪/୧, ୪/୮, ୫/୨, ୬/୮।

ନବଭାରତ (ନୂତନ ପ୍ରସ୍ଥ)–୧/୧୦, ୨/୧୧

ନବରବି ୧/୧୧, ୨/୧୦, ୩/୧, ୩/୪, ୩/୬, ୩/୭, ୩/୯, ୩/୧୦, ୩/୧୨, ୪/୨, ୪/୫, ୫/୨, ମଇ. ୧୯୭୨ ଜୁଲାଇ, ୧୯୭୨, ନଭେମ୍ବର-୧୯୭୩।

ବନଫୁଲ ୨/୫

ବିଚ୍ଛିନ୍ନା ୧/୧, ୧/୨

ଯୁଗବୀଣା ୩/୧

ରସଚକ୍ର ୧/୧, ୧/୨, ୧/୩, ୧/୪, ୧/୫, ୧/୬,

ଶଂଖ ୧/୧, ୧/୨, ୧/୩, ୧/୪, ୧/୫, ୧/୭, ୧/୯, ୧/୧୦, ୧/୧୧, ୧୨; ୨/୧

ସତ୍ୟବାଦୀ (ନବପର୍ଯ୍ୟାୟ)–୧/୮

ସମାଜ (ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା)–୧୯୬୮, ୧୯୭୦

ସମାବେଶ ଏପ୍ରିଲ, ୧୯୪୬
ସହକାର, ୪/୩. ୪/୭, ୬/୨, ୮/୧୨, ୯/୧, ୧୦/୪, ୧୦/୯, ୧୧/୪, ୧୧/୬, ୧୧/୮,୯, ୧୨/୩, ୧୨/୭, ୧୨/୮, ୧୨/୧୨, ୧୩/୪, ୧୩/୭, ୧୩/୯, ୧୩/୧୦, ୧୩/୧୧, ୧୩/୧୨, ୧୪/୪, ୧୪/୧୦, ୧୬/୨, ୧୬/୪, ୨୨/୨, ୨୩/୧, ୨୩/୩, ୨୩/୧୦, ୨୩/୧୧, ୨୬/୯
ସ୍ୱରାଜ୍ୟ ୬.୪.୧୯୭୧, ଓ ୧୪.୪.୧୯୭୧, ସଂଖ୍ୟା

## ପ୍ରାଥମିକ ଉପାଦାନ-ସୂଚି (ଗ)

1942 Citizen Education, Gopabandhu Sahitya Mandir, Cuttack.

1957 Contemporary Indian Literature, Sahitya Akademy, New Delhi.

1957 Literature in Modern Indian Languages, Publication Division, New Delhi.

1962 History of Oriya Literature, Sahitya Akademy, New Delhi.

1965 Dream's in Education, Orissa Book Store, Cuttack

1969 Kalidas and Shakespeare, Motilal Benarashi Das, New Delhi.

1971 Ripples of Mahanadi, The Minerva Associate Calcutta,

1971 The Saga of the Land of Jagannath, J. Mohapatra and co. Cuttack.

1976 Fakir Mohan Senapati,Sahitya Akademy, New Delhi.

1. Ravenshaw college centenary Volume- 1968.
2. The Revenshawvan, Vol. 1969-70.
3. The Illustruted Weekly of India Vol. 89, dt. 6.7.1967.
4. The Mahabodhi, LXXVI 1068.
5. Orissa Review Vol. XXV, No.12, 1969.
6. The Illustruted weekly of India, Vol. 82.
7. Marg, Vol. XII, No.1.
8. Marg, Vol. XIII. No.2.

## ଆନୁଷଂଗିକ ଉପାଦାନ ପଂକ୍ତି...... (କ)


| | | |
|---|---|---|
| Abrams, M.H. | 1971 | The Mirror and the Lamp', Oxford University Press, NewYork. |
| Briggs, M.S. | 1947 | Man of Taste, London. |
| Burchhardt, J. | | The Renaissance in Italy. (Tr. S.G.C. Middlemore) |
| Desai, A.R. | 1976 | Social Background of Indian Nationalism Popular Prakashan-Bombay. |
| Dhar, N. | 1973 | Vedant and Bengal Renaissance. The Minerva Associate, Calcutta. |
| Durkheim, Emile | | The Elementary Forms of The Religious Life. Translated by J.W.Swan. Free Press, New York. |
| R.C. Majumdar (Ed.) | 1981 | History and Culture of Indian people. Bharatiya Vidya Bhawan, Bombay. |
| Krober, A.L. | 1967 | Anthropoloty,. Oxford and IBH, New Delhi. |
| Kuanr, Durga Charan | 1993 | Mayadhar Mansingh, Sahitya Akademy, Delhi. |
| Linton, Ralf. | 1947 | Cultural Background of Personality Routledge and Kegan Paul, London. |
| Marx and Engels | 1964 | On Religion Progress Publishers, Moscow. |
| Mclean, G.F.(Ed) Man and Nature | 1978 | Oxford University press, New Delhi. |
| Mishra, B.B | 1978 | Indian Moddle class, Oxford University Press, London. |
| Mohanty, Nivedita | 1982 | Oriya Nationalism, Manohar, New Delhi. |
| Ray, Raja Rammohan | 1901 | English Works, Sadharan Bramho Samaj, Calcutta |

| | | |
|---|---|---|
| Ray, M.N. | 1951. 56, | Reason, Romanticism and Revolution, Vol. I and II. Renaissance Publishers, Calcutta. |
| Russel, B. | 1977 | Education and The Social Order. Unwin Paperbacks, London. |
| Samal, J.K. | 1984 | History of Education in Orissa, Punthi Pustak, Calcutta. |
| Selection from Gandhi, | 1983 (ed) | Duncan, R.–Fontana, London. |
| Sen, P.R. | 1966 | Western Influence in Bengali Literature. Academic Publisher, Calcutta. |
| Tripathy, K.B. | 1973 | A Brief Review of History of Oriya Literature, Cuttack. |
| | 1982 | A Brief History of Oriya Literature. Bijay Book Store, Berhampur. |


## ଆନୁଷଂଗିତ ଉପାଦାନ-ପଂକ୍ତି (ଖ)


| | | |
|---|---|---|
| ଘୋଷ, ବିନୟ | ୧୯୭୦ | ବିଦାସାଗର ଓ ବାଂଗାଲୀ ସମାଜ। ଓରିଏଣ୍ଟ ଲଂମ୍ୟାନ, କଲିକତା |
| | ୧୯୮୦ | ଶିକ୍ଷ ସଂସ୍କୃତି ଓ ସମାଜ (ଦ୍ୱିତୀ ସଂସ୍କରଣ) ଅରୁଣା ପ୍ରକାଶିନୀ, କଲିକତା। |
| ଚଟୋପାଧ୍ୟାୟ, ସୁଧାକର | ୧୯୬୭ | ରବୀନ୍ଦ୍ରନାଥ ଓ ଆଧୁନିକ ଭାରତୀୟ ସାହିତ୍ୟ। ଏ. ମୁଖାର୍ଜି, ଏଣ୍ଡ କୋ: କଲିକତା। |
| ଚୌଧୁରୀ, ପ୍ରବାସଜୀବନ | ୧୯୫୬ | ରବୀନ୍ଦ୍ରନାଥେର ସୌନ୍ଦର୍ଯ୍ୟ ଦର୍ଶନ। ଏ. ମୁଖାର୍ଜୀ ଏଣ୍ଡ କୋ:, କଲିକତା। |
| ଠାକୁର, ରବୀନ୍ଦ୍ରନାଥ | ୧୯୬୧ | ରବୀନ୍ଦ୍ର ରଚନାବଲୀ (ଶତବାର୍ଷିକ ସଂସ୍କରଣ) |
| ଦତ୍ତ, ଭବତୋଷ | ୧୯୮୩ | ଚିନ୍ତାନାୟକ ବଂକିମଚନ୍ଦ୍ର (ଦ୍ୱିତୀୟ ସଂ) ପ୍ୟାପିୟର୍ସ, କଲିକତା। |
| ପୋଦାର, ଅରବିଂଦ | ୧୯୬୯ | ରବୀନ୍ଦ୍ର ମାନସ (ତୃତୀୟ ସଂସ୍କରଣ) ଲେଖକ ସମବାୟ ସମିତି, କଲିକତା। |
| | ୧୯୭୫ | ବଂକିମ୍ ମାନସ (ତୃତୀୟ ସଂ) ଗ୍ରନ୍ଥ ବିତାନ, କଲିକତା। |

| | | |
|---|---|---|
| ମଜୁମ୍‌ଦାର, ମୋହିତଲାଲ୍ | ୧୯୭୫ | କବି ଶ୍ରୀମଧୁସୂଦନ– ବିଦ୍ୟୋଦୟ, କଲିକତା । |
| ରାୟ, ନିହାରରଂଜନ | ୧୯୮୬/ ୧୯୮୭ | କୃଷି, କଲଚ ର ଓ ସଂସ୍କୃତି । ଜିଜ୍ଞାସା, କଲିକତା । |
| ରାୟ, ଶିବ୍ ନାରାୟଣ | ୧୯୭୩ | କବିର ନିର୍ବାସନ ଓ ଅନ୍ୟାନ୍ୟ ଭାବନା; ପ୍ରକାଶ ଭବନ, କଲିକତା । |
| ରାୟ, ସତ୍ୟେନ୍ଦ୍ରନାଥ | ୧୯୮୦ | ରବୀନ୍ଦ୍ରନାଥେର ବିଶ୍ୱାସେର ଜଗତ, ଗ୍ରନ୍ଥାଳୟ ପ୍ରାːଲିː କଲିକତା । |
| | ୧୯୭୨ | ସାହିତ୍ୟ ତତ୍ତ୍ୱେ ରବୀନ୍ଦ୍ରନାଥ । |
| | ୧୯୭୪ | ସାହିତ୍ୟ ସମାଲୋଚନାୟ ବଂକିମ୍‌ଚଂଦ୍ର ଓ ରବୀନ୍ଦ୍ରନାଥ |
| ସେନ୍, ଅମୀୟ କୁମାର | ୧୯୪୭ | ପ୍ରକୃତିର କବି ରବୀନ୍ଦ୍ରନାଥ, ବିଶ୍ୱଭାରତୀ ଗ୍ରନ୍ଥାଳୟ, କଲିକତା । |
| ସେନ୍, ସୁକୁମୋଲ | ୧୯୮୦ | ସମାଜ ବିପ୍ଲବେ ସଂସ୍କୃତିର ପ୍ରଶ୍ନ-ଭାରତୀୟ ସମାଜ । ପି.କେ. ବାଗ୍‌ଚୀ ଏଣ୍ଡ କୋ: କଲିକତା ।। |
| ହାଲଦାର, ଗୋପାଲ | ୧୯୬୫ | ସଂସ୍କୃତିର ରୂପାନ୍ତର ; ଓରିଏଣ୍ଟ ବୁକ୍ କଂପାନୀ, କଲିକତା । |

## ଆନୁଷଂଗିକ ଉପାଦାନ-ପଂଜି- (ଗ)

| | | |
|---|---|---|
| ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର | ୧୯୭୦ | ସତ୍ୟବାଦୀ ଯୁଗ, ଦାସ ବ୍ରଦର୍ସ, ବ୍ରହ୍ମପୁର । |
| | ୧୯୮୩ | ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, (ପଂଚମ ସଂ) ଗ୍ରନ୍ଥମନ୍ଦିର, କଟକ । |
| ଆନନ୍ଦ ବର୍ଦ୍ଧନ | ୧୯୬୪ | ଧ୍ୱନ୍ୟାଲୋକ- (ଅନୁବାଦ)-ପଣ୍ଡିତ କୁଳମଣି ମିଶ୍ର; ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର । |
| କର, ବିଶ୍ୱନାଥ | ୧୯୫୧ | ବିବିଧ ପ୍ରବଂଧ (ପଂଚମ ସଂ), କଟକ । |
| | ୧୯୭୬ | ଦେଶପ୍ରାଣ ମଧୁସୂଦନ (ଦ୍ୱି.ସଂ) ଗ୍ରନ୍ଥମନ୍ଦିର, କଟକ । |
| କର, ବାଉରୀବଂଧୁ | ୧୯୮୮ | ସାହିତ୍ୟ ସାଧକ ଡକ୍ଟର ମାୟାଧର ମାନସିଂହ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର । |
| କାର୍ଲ ମାର୍କସ୍ | ୧୯୮୫ | ରାଜନୈତିକ ଅର୍ଥନୀତି ସମୀକ୍ଷା ପ୍ରତି ଅବଦାନ- (ଅନୁବାଦ-ଗୁରୁଚରଣ ପଟ୍ଟନାୟକ) ନବଯୁଗ ଗ୍ରନ୍ଥାଳୟ, କଟକ । |
| ତ୍ରିପାଠୀ, କୃଷ୍ଣଚଂଦ୍ର | ୧୯୬୯ | କୃଷ୍ଣଚଂଦ୍ର ଗ୍ରନ୍ଥାବଳୀ-ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ । |

| | | |
|---|---|---|
| ଦାଶ, କୁଞ୍ଜବିହାରୀ | ୧୯୫୮ | ଓଡ଼ିଆ ଲୋକଗୀତ ଓ କାହାଣୀ, ବିଶ୍ୱଭାରତୀ, ଶାନ୍ତିନିକେତନ। |
| | ୧୯୬୨ | (ସଂପାଦନା)- ଆଧୁନିକ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର। |
| | ୧୯୭୫ | (ସଂପାଦନା)- ସାହିତ୍ୟିକ ଅଭିଭାଷଣ, ଗ୍ରନ୍ଥମନ୍ଦିର, କଟକ। |
| | ୧୯୭୬ | ମୋ କାହାଣୀ, କଟକ। |
| | ୧୯୮୦ | ସାହିତ୍ୟ ଓ ସମାଲୋଚନା, ଓଡ଼ିଶା ବୁକ୍‌ଷ୍ଟୋର, କଟକ॥ |
| ଦାଶ, ଗଗନେନ୍ଦ୍ରନାଥ | ୧୯୮୩ | ଓଡ଼ିଆ ଭାଷା ଚର୍ଚ୍ଚାର ପରଂପରା-ଓଡ଼ିଆ ଗବେଷଣା ପରିଷଦ, କଟକ। |
| ଦାଶ, ସୂର୍ଯ୍ୟନାରାୟଣ | ୧୯୭୫ | ଉତ୍କଳମଣି ଗୋପବନ୍ଧୁ ଗ୍ରନ୍ଥମନ୍ଦିର, କଟକ। |
| ଦାଶ, ଗୋପବନ୍ଧୁ | ୧୯୬୭ | ଧର୍ମପଦ (ସପ୍ତଦଶ ସଂ) ଗୋପବଂଧୁ ସାହିତ୍ୟ ମନ୍ଦିର, କଟକ। |
| | ୧୯୭୧ | ଅବକାଶ ଚିନ୍ତା (ପଂଚମ ସଂ) |
| | ୧୯୮୦ | ଗୋପବନ୍ଧୁ ରଚନାବଳୀ (ଦ୍ୱିତୀୟ ଭାଗ) ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର। |
| ଦାସ, ଚିତ୍ତରଂଜନ | ୧୯୮୧ | ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶ ଧାରା। ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା ଭୁବନେଶ୍ୱର। |
| ଦାସ, ଦାଶରଥି | ୧୯୭୫ | ସାହିତ୍ୟ ସଂଧାନ– ଅଗ୍ରଦୂତ, କଟକ। |
| | ୧୯୮୧ | ବିବିଧ ଆଲୋଚନା, ଅଗ୍ରଦୂତ, କଟକ। |
| | ୧୯୮୩ | କାବ୍ୟ ସମ୍ବାଦ (ଦ୍ୱିତୀୟ ସଂ) ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ। |
| ଦାସ, ହରପ୍ରସାଦ | ୧୯୯୫ | ଆଧୁନିକତାର ପରଂପରା– ଭାରତ ଭାରତୀ, ସୁତାହାଟ, କଟକ। |
| ଦାସ, ନୀଳକଂଠ | ୧୯୫୮ | ଓଡ଼ିଆ ଭାଷା ଓ ସାହିତ୍ୟ (ଦ୍ୱି.ସଂ) ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, ବ୍ରହ୍ମପୁର। |
| | ୧୯୬୮ | ଶ୍ରୀମଦ୍ ଭଗବତ ଗୀତା |
| | ୧୯୭୨ | ସଂସ୍କୃତ ଓ ସଂସ୍କୃତି (ଦ୍ୱି. ସଂ) |
| | ୧୯୭୭ | ଓଡ଼ିଆ ସାହିତ୍ୟର କ୍ରମ ପରିଣାମ (ଦ୍ୱି. ସଂ) |

| | | |
|---|---|---|
| ଦାଶ, ସର୍ବେଶ୍ୱର | ୧୯୫୬ | ନାଟକ ବିଚାର, ଉତ୍କଳ ବିଶ୍ୱବିଦ୍ୟାଳୟ |
| ଦାସ, ହେମନ୍ତକୁମାର | ୧୯୮୦ | ଓଡ଼ିଆ ନାଟକର ବିକାଶଧାରା (ଦ୍ୱିତୀୟ ଖଣ୍ଡ) ସାଥିମହଲ କଟକ। |
| ଦେ, ନାରାୟଣ ମୋହନ | ୧୯୫୨ | ସାହିତ୍ୟ ଓ ସମାଲୋଚନା (ପ୍ରଥମ ଭାଗ), ଉତ୍କଳ ବିଶ୍ୱବିଦ୍ୟାଳୟ |
| | ୧୯୫୩ | ସାହିତ୍ୟ ଓ ସମାଲୋଚନା (ଦ୍ୱିତୀୟ ଭାଗ), ଉତ୍କଳ ବିଶ୍ୱବିଦ୍ୟାଳୟ |
| ଦେବ, ଜଳଂଧର | ୧୯୮୬ | ଜଳଂଧର ଦେବ ରଚନାବଳୀ (ପ୍ରଥମ) ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର। |
| ଧଳ, ରମେଶ | ୧୯୭୩ | (ସଂପାଦନା) ମାନସିଂହ ସ୍ମରଣିକା, ଏକ୍ରାମ ଥିଏଟର୍ସ, ଭୁବନେଶ୍ୱର। |
| ପଟ୍ଟନାୟକ, ଗୁରୁଚରଣ | | ଓଡ଼ିଆ ସାହିତ୍ୟର ମତି ଓ ଗତି, ନବଯୁଗ ଗ୍ରନ୍ଥାଳୟ, କଟକ। |
| ପଟ୍ଟନାୟକ, ଦେବୀ ପ୍ରସନ୍ନ | ୧୯୮୪ | ସାହିତ୍ୟ ବୀକ୍ଷା (ଦ୍ୱିତୀୟ ସଂ) ଗ୍ରନ୍ଥ ମନ୍ଦିର, କଟକ। |
| ପଟ୍ଟନାୟକ, ବୈକୁଣ୍ଠନାଥ | ୧୯୬୬ | ବୈକୁଣ୍ଠନାଥ ଗ୍ରନ୍ଥାବଳୀ (ପ୍ରଥମ ଭାଗ) ଉତ୍କଳ ସାହିତ୍ୟ-ସମାଜ, କଟକ। |
| | ୧୯୭୯ | ବୈକୁଣ୍ଠନାଥ ଗ୍ରନ୍ଥାବଳୀ (ଦ୍ୱିତୀୟ ଭାଗ), ଉତ୍କଳ ସାହିତ୍ୟ ସମାଜ, କଟକ। |
| ପଟ୍ଟନାୟକ, ସୁଧାକର | ୧୯୭୨ | ସମ୍ବାଦପତ୍ରରୁ ଓଡ଼ିଶାକଥା—ଗ୍ରନ୍ଥମନ୍ଦିର କଟକ। |
| ପଣ୍ଡା, ରାଧାଚରଣ | ୧୯୭୭ | ଚିଲିକା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ। |
| ପାଣିଗ୍ରାହୀ, କାଳିନ୍ଦୀଚରଣ | ୧୯୭୧ | କାଳିନ୍ଦୀ ରଚନାଚୟ (ପ୍ରଥମ ଭାଗ) ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍, କଟକ। |
| ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର | | ପ୍ରବଂଧ ମାନସ, କିତାବ ମହଲ, କଟକ। |
| | ୧୯୭୮ | ମୋ ସମୟର ଓଡ଼ିଶା, କିତାବ ମହଲ, କଟକ। |
| ପତି, ମଧୁସୂଦନ, ଓ ମହାପାତ୍ର, ଅଶୋକ କୁମାର | | ଆଧୁନିକ ଓଡ଼ିଆ କବିତାର ଶୈଳୀତାତ୍ତ୍ୱିକ ଆଲୋଚନା (୧୯୯୫) ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର। |
| ବଳ, ନଂଦକିଶୋର | ୧୯୬୨ | ନଂଦକିଶୋର ଗ୍ରନ୍ଥାବଳୀ (ଦ୍ୱିତୀୟ ସଂ)-ପ୍ରକାଶକ-ହେମନ୍ତ କିଶୋର ବଳ ବସନ୍ତ କିଶୋର ବଳ। |

| | | |
|---|---|---|
| ବେହେରା, ଚିନ୍ତାମଣି | ୧୯୭୫ | ବିଦଗ୍ଧ ପାଠକ, ଜଗନ୍ନାଥ ରଥ, କଟକ। |
| | ୧୯୭୬ | କାବ୍ୟ ଓ କଳାକାର (ଦ୍ୱିତୀୟ ସଂ) ଜଗନ୍ନାଥ ରଥ, କଟକ। |
| | ୧୯୮୧ | କଳାଦୃଷ୍ଟି— ବୁକ୍ସ୍ ଆଣ୍ଡ୍ ବୁକ୍ସ, କଟକ। |
| ବେହୁରା, ରାଧାଶ୍ୟାମ | | ମାନସିଂହ: ସୃଷ୍ଟି—ସମୀକ୍ଷା (୧୯୭୮) ଓଡ଼ିଶା ବୁକ୍‌ଷ୍ଟୋର, କଟକ। |
| ବୋଲଟନ୍. ଜେ. ଭି. | ୧୯୭୬ | ଦେଶ, କାଳ, ପାତ୍ର ଓ ମନୀଷୀ ଫକୀରମୋହନ। ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର। |
| ମହାନ୍ତି, ଜାନକୀବଲ୍ଲଭ (ଭରଦ୍ୱାଜ) | | ଆଧୁନିକ ଓଡ଼ିଆ କବି ଓ କାବ୍ୟଧାରା, ୧୯୭୮- ଆଧୁନିକ ଓଡ଼ିଆ ସାହିତ୍ୟ (ତୃତୀୟ ସଂ) ଗ୍ରନ୍ଥମନ୍ଦିର, କଟକ। |
| ମହାନ୍ତି, ଶ୍ରୀଚରଣ | ୧୯୮୩ | ମାନସିଂହ ମାନସ (ପ୍ରଥମ ଖଣ୍ଡ), ମନମୋହନ ମହାନ୍ତି, ଗଜପୀଠ, କଟକ। |
| ମହାନ୍ତି, ସୁରେନ୍ଦ୍ର | ୧୯୭୦ | ଶତାବ୍ଦୀର ସୂର୍ଯ୍ୟ, ଲାର୍କ ବୁକ୍‌ସ୍, କଟକ। |
| | ୧୯୭୮ | କୁଳବୃଦ୍ଧ |
| | ୧୯୭୮ | ଓଡ଼ିଆ ସାହିତ୍ୟର କ୍ରମବିକାଶ, ଅଗ୍ରଦୂତ, କଟକ। |
| ମହାପାତ୍ର, ଖଗେଶ୍ୱର | ୧୯୭୨ | ସମାଲୋଚନାର ଦିଗ ଦିଗନ୍ତ— ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ। |
| | | (ସଂପାଦକ)—ଓଡ଼ିଆ ପ୍ରବଂଧ ସଂକଳନ— ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର। |
| ମିଶ୍ର, ଗୋଦାବରୀଶ | ୧୯୭୧ | ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ— ଗ୍ରନ୍ଥ ମନ୍ଦିର, କଟକ। |
| ମିଶ୍ର, ନରେନ୍ଦ୍ରନାଥ | ୧୯୬୪ | ଆଧୁନିକ ଓଡ଼ିଆ କାବ୍ୟଧାରା (ଆଦିଯୁଗ) ବିଶ୍ୱଭାରତୀ, ଶାନ୍ତିନିକେତନ। |
| | ୧୯୭୮ | ଆଧୁନିକତା ଓ ଆଧୁନିକ ସାହିତ୍ୟ; ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ। |
| | ୧୯୭୮ | ଆଧୁନିକ ଓଡ଼ିଆ କାବ୍ୟଧାରା (ନବଜାଗରଣ ଯୁଗ) ବିଶ୍ୱଭାରତୀ ଶାନ୍ତିନିକେତନ। |
| ମିଶ୍ର, ଭାବଗ୍ରାହୀ | ୧୯୭୦ | ସାହିତ୍ୟ ଦୃଷ୍ଟି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ। |
| ରଥ, ମୃତ୍ୟୁଂଜୟ | ୧୯୭୧ | ମୃତ୍ୟୁଂଜୟ ଗ୍ରନ୍ଥାବଳୀ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ। |
| ରାଓ, ମଧୁସୂଦନ | ୧୯୬୫ | ମଧୁସୂଦନ ଗ୍ରନ୍ଥାବଳୀ, ଗ୍ରନ୍ଥମନ୍ଦିର, କଟକ। |

| | | |
|---|---|---|
| ରାୟ, ଅନ୍ନଦାଶଂକର | ୧୯୬୬ | ସବୁଜ ଅକ୍ଷର, ଦାସ ବ୍ରଦର୍ସ, କଟକ। |
| ରାୟ, ଦୁର୍ଗାଚରଣ | ୧୯୪୧ | ରାଧାନାଥ ଜୀବନୀ, କଟକ |
| ରାୟ, ରାଧାନାଥ | ୧୯୭୫ | ରାଧାନାଥ ଗ୍ରନ୍ଥାବଳୀ (ସଂ-କ୍ଷେତ୍ରବାସୀ ନାୟକ) ପୁସ୍ତକ ଭଣ୍ଡାର, ବ୍ରହ୍ମପୁର। |
| ରାୟ, ରାମଶଂକର | ୧୯୬୯ | (ସଂପାଦନା) ମନୁସ୍ମୃତି ବା ମନୁ ସଂହିତା, ଧର୍ମଗ୍ରନ୍ଥ ଷ୍ଟୋର, କଟକ। |
| ଶତପଥୀ, ନିତ୍ୟାନନ୍ଦ | ୧୯୭୭ | ଆଧୁନିକ ଓଡ଼ିଆ ସାହିତ୍ୟ, ବିଦ୍ୟାପୁରୀ, କଟକ। |
| | ୧୯୭୯ | (ସଂପାଦନା)- ମାନସିଂହ ପରିକ୍ରମା- ଓଡ଼ିଶା ପୂଜ୍ୟପୂଜା ସଂସଦ, କଟକ। |
| | ୧୯୭୯ | ସବୁଜରୁ ସାଂପ୍ରତିକ, ଗ୍ରନ୍ଥମନ୍ଦିର, କଟକ। |
| ଶତପଥୀ, ପ୍ରତିଭା | ୧୯୮୨ | କଳ୍ପନାର ଅଭିଷେକ, ଓଡ଼ିଶା ବୁକ୍ ଷ୍ଟୋର କଟକ। |
| ଶତପଥୀ, ବାଳକୃଷ୍ଣ | ୧୯୮୩ | ଆଧୁନିକ ଓଡ଼ିଆ କବିତାର ଅନ୍ତଃସ୍ୱର ଓ ଅଭିବ୍ୟକ୍ତି, ସମ୍ବଲପୁର। |
| ସାମନ୍ତରାୟ, ନଟବର | ୧୯୬୪ | ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, |
| | ୧୯୬୪ | ଗଳ୍ପ ନୁହେଁ ସମାଲୋଚନା, ଗ୍ରନ୍ଥ ମନ୍ଦିର, କଟକ। |
| | ୧୯୬୪ | ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦) ଭୁବନେଶ୍ୱର। |
| | ୧୯୭୦ | ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ। |
| | ୧୯୭୨ | ବ୍ୟାସକବି ଫକୀର ମୋହନ (ଦ୍ୱିତୀୟ ସଂ) ଭୁବନେଶ୍ୱର |
| | ୧୯୭୭ | ଓଡ଼ିଆ ସାହିତ୍ୟର ସମୀକ୍ଷା ଓ ସଂଗ୍ରହ- ଭୁବନେଶ୍ୱର |
| ସିଂହ, ରବୀନ୍ଦ୍ରନାଥ | ୧୯୬୯ | ଓଡ଼ିଆ ସାହିତ୍ୟର ଧର୍ଷଣ, କଟକ |
| | ୧୯୭୭ | ସଂସ୍କୃତିର ବୈପ୍ଲବିକ ମୂଲ୍ୟବୋଧ, ଓଡ଼ିଶା ବୁକ୍ ଷ୍ଟୋର, କଟକ। |
| | ୧୯୮୫ | ନିଃସଂଗ ପଦାତିକ |
| ସେନାପତି ଫକୀରମୋହନ | ୧୯୬୩ | ଫକୀରମୋହନ ଗ୍ରନ୍ଥାବଳୀ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ। |
| ସେନାପତି, ମୋହିନୀ ମୋହନ | ୧୯୩୯ | ବିବିଧ ପ୍ରସଂଗ, କଟକ। |

ଡକ୍ଟର ମାୟାଧର ମାନସିଂହ (୧୯୦୫-୧୯୭୩) ଓଡ଼ିଶାର ଜଣେ ବହୁ ଆୟାମବିଶିଷ୍ଟ ବ୍ୟକ୍ତିତ୍ୱ। କବି, ପ୍ରାବନ୍ଧିକ, ଶିକ୍ଷାବିଦ୍ ଓ ଚିନ୍ତାନାୟକ ଭାବରେ ଜୀବନର ବିଭିନ୍ନ ପର୍ଯ୍ୟାୟରେ ସେ ଆବିର୍ଭୂତ। ସଂପୃକ୍ତ ପୁସ୍ତକରେ ମାନସିଂହଙ୍କ ବିଚାରଧାରାର ବିଭିନ୍ନ କୋଣ ଅନୁକୋଣ ଉପରେ ଆଲୋକପାତ କରାଯାଇ ଚିନ୍ତାନାୟକ ଭାବରେ ତାଙ୍କର ମୌଳିକତା ଉପସ୍ଥାପିତ। ମାନସିଂହଙ୍କ କାବ୍ୟ କବିତା, ନାଟକ, ଉପନ୍ୟାସ, ପ୍ରବନ୍ଧାବଳୀ, ଶିକ୍ଷା ଓ ଧର୍ମ ସମ୍ବନ୍ଧୀୟ ପୁସ୍ତକାବଳୀ ତଥା ସଂପାଦକୀୟ ଆଦି ବିପୁଳ ରଚନାରାଜିକୁ ବିଶ୍ଳେଷଣ କରାଯାଇ ତାହା ଭିତ୍ତିରେ ତାଙ୍କ ଚିନ୍ତାଧାରାର ସ୍ୱରୂପ ଓ ବୈଶିଷ୍ଟ୍ୟ ଉଦ୍‌ଘାଟିତ।